ନୀଳାଚଳବାଣୀ

ଶ୍ରୀ ଦୁର୍ଗାଚରଣ ମହାନ୍ତି



ନୀଳାଚଳବାଣୀ

ନୀଳାଚଳବାଣୀ

ଶ୍ରୀ ଦୁର୍ଗାଚରଣ ମହାନ୍ତି

ପ୍ରକାଶକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ
କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ

ନୀଳାଚଳବାଣୀ

ସମ୍ପାଦନା
ଶ୍ରୀ ଦୁର୍ଗାଚରଣ ମହାନ୍ତି

ପ୍ରକାଶକ:
ନୀଳାଚଳ ସାରସ୍ୱତ ସଂଘ, ପୁରୀ
କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ

ପ୍ରାପ୍ତିସ୍ଥାନ:
ନୀଳାଚଳ ସାରସ୍ୱତ ସଂଘ, ପୁରୀ
କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ
ଏବଂ
ନୀଳାଚଳ କୁଟୀର,
ସ୍ୱର୍ଗଦ୍ୱାର, ପୁରୀ
ଏବଂ
ନିଗମ ସ୍ମୃତି କୁଟୀର
ଯୋବ୍ରା, କଟକ

୪ର୍ଥ ସଂସ୍କରଣ :
ମାଘପୂର୍ଣ୍ଣିମା, ୨୦୧୬

ଲିପି ସଂଯୋଜନା ଓ ମୁଦ୍ରଣ:
ଗୁରୁପ୍ରସନ୍ନ ପ୍ରେସ୍
ଝୋଲାସାହି, (ନିଉ କଲୋନୀ)
କଟକ-୧

ମୂଲ୍ୟ: ଏକଶତ ଟଙ୍କା ମାତ୍ର

ଜୟଗୁରୁ

ନୂତନ ସଂସ୍କରଣର ଭୂମିକା

ଓଁ ନମଃ ପରମହଂସାୟ ସଦ୍‌ଗୁରୁ ନିଗମାନନ୍ଦରୂପିଣେ
ଭକ୍ତାଭୀଷ୍ଟ ପ୍ରଦାତାରଂ ତସ୍ମୈ ଶ୍ରୀଗୁରବେ ନମଃ ।

ଯିଏ ପରମହଂସତ୍ୱ ପ୍ରାପ୍ତପୂର୍ବକ 'ସଦ୍‌ଗୁରୁ ନିଗମାନନ୍ଦ' ଭାବରେ ଆତ୍ମପ୍ରକାଶ କରିଛନ୍ତି, ଯିଏ ଭକ୍ତଜନଗଣଙ୍କ ଅଭୀଷ୍ଟପ୍ରଦାନକାରୀ, ସେହି ସଦ୍‌ଗୁରୁ ଶ୍ରୀଗୁରୁଦେବଙ୍କୁ ମୁଁ ପ୍ରଣାମ କରୁଅଛି ।

ଶ୍ରୀଶ୍ରୀ ଠାକୁରଙ୍କ ଅପାର କରୁଣାବଳରୁ 'ନିଗମ ଗ୍ରନ୍ଥମାଳା' ଷଷ୍ଠଖଣ୍ଡ 'ନୀଳାଚଳବାଣୀ' ପୁସ୍ତକ ବହୁ ବାଧାବିଘ୍ନ ମଧ୍ୟଦେଇ ପ୍ରକାଶିତ ହେଲା ।

ପାଠକମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ, ମନୁଷ୍ୟତ୍ୱ ଲାଭ କରିବାକୁ ହେଲେ ଧର୍ମଜ୍ଞାନ ଅର୍ଜନ ଏବଂ ଜ୍ଞାନ ଅର୍ଜନ କରିବାକୁ ହେଲେ ଶ୍ରୀଗୁରୁଦେବଙ୍କୁ ପ୍ରସନ୍ନ କରିବା ହେଉଛି ଶିଷ୍ୟ-ଭକ୍ତମାନଙ୍କର ପ୍ରଧାନ କର୍ତ୍ତବ୍ୟ କର୍ମ ମଧ୍ୟରେ ପରିଗଣିତ । ତାଙ୍କର ଉପଦେଶଅନୁଯାୟୀ ନିଜକୁ ଗଠନ କଲେ ସେ ପ୍ରସନ୍ନ ହୁଅନ୍ତି । ଶ୍ରୀଗୁରୁଦେବ ପ୍ରଥମେ ସେବକମାନଙ୍କର ନିଷ୍ଠାପ୍ରତି ଦୃଷ୍ଟି ଦିଅନ୍ତି । ଗୁରୁ ନିଷ୍ଠାପରାୟଣ ଶିଷ୍ୟ-ଭକ୍ତ-ମାନେ ହିଁ ତାଙ୍କର ଅତ୍ୟନ୍ତ ପ୍ରିୟ । ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ କର୍ମରେ ନିଷ୍ଠା ଏବଂ ଶ୍ରୀଗୁରୁଙ୍କ ପ୍ରତି ଅବିଚଳିତ ଶ୍ରଦ୍ଧା ହିଁ ଜ୍ଞାନଲାଭର ପ୍ରଧାନ ସହାୟ । ସଦ୍‌ଗୁରୁଙ୍କ କୃପାବଳରେ ବିନାସାଧନାରେ ମଧ୍ୟ ମନୁଷ୍ୟର ସର୍ବାର୍ଥ ସିଦ୍ଧି ହୋଇଥାଏ । ସର୍ବଶକ୍ତିମାନ ଶ୍ରୀଗୁରୁଦେବ କେନ୍ଦ୍ରରେ ଅବସ୍ଥାନ କରି ମଧ୍ୟ ତାଙ୍କ ନାମ ଓ ବିଗ୍ରହ ମାଧ୍ୟମରେ ସର୍ବବ୍ୟାପି ଭାବରେ ପ୍ରତ୍ୟେକଙ୍କ ହୃଦୟରେ ଦର୍ଶନ ଦାନ କରିଥାନ୍ତି । ଗୁରୁ ଶିଷ୍ୟଙ୍କ ମଧ୍ୟରେ ପ୍ରକୃଷ୍ଟ ସେବାଦ୍ୱାରା ହିଁ ପ୍ରକୃତ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ତେଣୁ ଶିଷ୍ୟ ଓ ଗୁରୁଭକ୍ତ ପରାୟଣ ସେବକମାନେ କେବଳମାତ୍ର ସେବାଦ୍ୱାରା ହିଁ ତାଙ୍କର ଅସ୍ତିତ୍ୱ ସ୍ୱୀକାର ପୂର୍ବକ ସେମାନଙ୍କର ସେବକ ସ୍ୱରୂପ ମଧ୍ୟଦେଇ ଶ୍ରୀଗୁରୁଙ୍କ ଲୀଳା-ବୈଚିତ୍ର୍ୟକୁ ବିଶେଷ ମାଧୁର୍ଯ୍ୟମଣ୍ଡିତ କରି ଉପଲବ୍ଧି କରିଥାନ୍ତି । ଶ୍ରୀଗୁରୁଦେବଙ୍କୁ ଉପଲବ୍ଧି କରିବା ନିମିତ୍ତ ଗୁରୁନାମର ଶରଣ ଗ୍ରହଣ କରିବାକୁ ହୁଏ । ସୁତରାଂ ଶ୍ରୀଗୁରୁଦେବଙ୍କ ଧ୍ୟାନ, ତାଙ୍କର ବିଗ୍ରହପୂଜା

ଓ ତାଙ୍କ ପ୍ରଦତ୍ତ 'ଜୟଗୁରୁ' ସିଦ୍ଧନାମ ଜପଦ୍ୱାରା ତାଙ୍କୁ ଉପଲବ୍ଧ କରାଯାଇଥାଏ । ଏହି ଉପଲବ୍ଧି ବା ଅନୁଭୂତିକୁ ସ୍ଥିର ରଖିବାକୁ ହେଲେ ଶ୍ରୀଗୁରୁଙ୍କ ପ୍ରସଙ୍ଗ ଆଲୋଚନା, ତାଙ୍କ ବିଗ୍ରହର ସେବା, ତାଙ୍କର ନାମ ଜପ ଓ ତାଙ୍କ ମୂର୍ତ୍ତିର ଧ୍ୟାନ କରିବାକୁ ହେବ । ଭକ୍ତ ହୃଦୟ ହେଉଛି ତାଙ୍କ ଲୀଳା ବିଳାସର ଉପଯୁକ୍ତ କ୍ଷେତ୍ର । ତାଙ୍କର ପ୍ରତ୍ୟକ୍ଷ ଦର୍ଶନ ନିମିତ୍ତ ସେ ନାମର ଶରଣ ନେବାକୁ ଉପଦେଶ ପ୍ରଦାନ କରିଛନ୍ତି । କାରଣ ନାମ ନାମୀ ଅଭେଦ । ଏ ସମ୍ବନ୍ଧରେ ଏହି ପୁସ୍ତକରେ ପ୍ରଦତ୍ତ ତା୬ । ୧୧ । ୧୯୩୫ ରିଖରେ ନୃପାଳ ଭାଇ ଓ ପରିଚାଳକ ଦୁର୍ଗାଚରଣ ଭାଇଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀଶ୍ରୀ ଠାକୁର ପ୍ରଦାନ କରିଥିବା ଅଭୟବାଣୀ ବିଶେଷ ପ୍ରଣିଧାନଯୋଗ୍ୟ ।

ସାରସ୍ୱତ ମଠ ପରିତ୍ୟାଗ କରି ଶ୍ରୀଶ୍ରୀ ଠାକୁର ଏକ ଅର୍ପଣନାମା (Trust Deed) ବଳରେ ଟ୍ରଷ୍ଟିମାନଙ୍କ ଉପରେ ଦାୟିତ୍ୱ ହସ୍ତାନ୍ତର ପୂର୍ବକ ଏହି ଉତ୍କଳ ପ୍ରଦେଶର ଶ୍ରୀପୁରୁଷୋତ୍ତମ ଧାମକୁ ଶେଷ ବିଶ୍ରାମସ୍ଥଳୀ ରୂପେ ବାଛିନେଇ ନିଜର ମନୋମତ ଗୋଟିଏ ମନର ମଣିଷକୁ ଖୋଜିବା ଲକ୍ଷ୍ୟରେ ଯେପରି ଦୀର୍ଘ ବାରବର୍ଷଧରି ଅପେକ୍ଷାରତ ଥିଲେ, ପରିଶେଷରେ ୧୯୩୦ ମସିହା ମାର୍ଚ୍ଚ ମାସ ତା୨୦ରିଖ ଗୁରୁବାର ଦିନର ଏକ ଶୁଭଲଗ୍ନର ଶୁଭସନ୍ଧ୍ୟାରେ ଶ୍ରୀଶ୍ରୀ ଠାକୁର ତାଙ୍କର ସେହି 'ମନର ମଣିଷ' ଦୁର୍ଗାଚରଣ ଭାଇଙ୍କୁ ଦର୍ଶନ ଦାନ ଦେଇ ଯେପରି ଅନୁଗୃହୀତ କଲେ; ସେହିପରି ଦିନେ ହଠାତ୍ ତାଙ୍କୁ ହତବାକ୍ ତଥା ବିସ୍ମୟୋତ୍ଫୁଲ୍ଲ କରି ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ତିଥି ସକାଳର ଏକ ଶୁଭ ମୁହୂର୍ତ୍ତରେ ନିଜଆଡୁ ସମସ୍ତ ଆୟୋଜନ ପୂର୍ବକ ଅଯାଚିତ ଭାବରେ ଅଭିନବ ଯୁଗଳ ମନ୍ତ୍ରରେ ଦୀକ୍ଷିତ କରି ନିଜର ଶକ୍ତିସଞ୍ଚାରିତ କରିବା ହେଉଛି ତଦୀୟ ପ୍ରକଟଲୀଳାର ଏକ ରହସ୍ୟମୟ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଦିନର ଉକ୍ତ ମନୋଗ୍ରାହୀ ମର୍ମସ୍ପର୍ଶୀ ଘଟଣାର ବିସ୍ତୃତ ବିବରଣୀ ଏହି ପୁସ୍ତକର ଯଥାସ୍ଥାନରେ ଲିପିବଦ୍ଧ ହୋଇଅଛି । ମୋଟ ଉପରେ ଶ୍ରୀଶ୍ରୀ ଠାକୁରଙ୍କ ପୁରୁଷୋତ୍ତମ ଧାମରେ ଅବସ୍ଥାନକାଳୀନ ଦିନଗୁଡ଼ିକରେ ଦୁର୍ଗାଚରଣ ଭାଇଙ୍କ ଦର୍ଶନ ପରଠାରୁ ତଦୀୟ ପ୍ରତ୍ୟକ୍ଷ ଆଦେଶରେ ନିଜର ସ୍ମୃତିରୁ ଯେତିକି ସମ୍ଭବ, ସେତିକି କପିଙ୍ଗ୍ କାଳିରେ ଦିନଲିପିଖାତାରେ ଲିପିବଦ୍ଧ କରିଥିବା ସମସ୍ତ ବିବରଣୀ ତୁଳନାତ୍ମକ ଭାବରେ ସଂଯୋଜିତ କରି 'ନିଗମ-ଗ୍ରନ୍ଥମାଳା'ର ଏହି ଅନବଦ୍ୟ ପୁସ୍ତକଟିକୁ ନିଜର ସ୍ୱଭାବସୁଲଭ ହୃଦୟଗ୍ରାହୀ

ସହଜ, ସରଳ ଓ ସାବଲୀଳ ଭାଷାରେ ଉତ୍କଳୀୟ ଭକ୍ତସମାଜକୁ ପରିବେଷଣ କରିବାରେ ସାଫଲ୍ୟ ଅର୍ଜନ କରିପାରିଛନ୍ତି ଆମର ପୂଜ୍ୟ ପରିଚାଳକ ଶ୍ରୀଯୁକ୍ତ ଦୁର୍ଗାଚରଣ ମହାନ୍ତି ମହୋଦୟ । ଶ୍ରୀଯୁକ୍ତ ପରିଚାଳକଙ୍କ ଭାଷାରେ—"ତାଙ୍କ ଉପଦେଶାବଳୀ ଏତେ ଉପାଦେୟ ବୋଧ ହେଉଥିଲା ଯେ, ତାହା କଣ୍ଠସ୍ଥ ଓ ହୃଦୟଙ୍ଗମ କରି ଘରେ ଆସି ସେଗୁଡ଼ିକ ମନେପକାଇ ସଂକ୍ଷେପରେ ନିଜ ଭାଷାରେ ଦିନଲିପିରେ ଲେଖିରଖିବାର ଇଚ୍ଛା ତାଙ୍କ କୃପାରୁ ସ୍ୱତଃ ଜାତ ହେଲା ।"

ଗୁରୁବାଦରୁ ଉର୍ଦ୍ଧ୍ୱରେ ଥାଇ ଉତ୍କଳରେ 'ଶ୍ରୀଶ୍ରୀ ଠାକୁରବାଦ'ର ପରମ ଉପାସକ ଶ୍ରୀଯୁକ୍ତ ଭାଇ କିପରି ଶ୍ରୀଶ୍ରୀ ଠାକୁରଙ୍କ ପ୍ରଦତ୍ତ ସୂଚନା ଓ ଆଦେଶ ଉପଦେଶକୁ ଶିରୋଧାର୍ଯ୍ୟ କରି ତାହାକୁ କାର୍ଯ୍ୟରେ ପ୍ରତିପାଳନ କରିବା ଉଦ୍ଦେଶ୍ୟରେ ଉତ୍କଳୀୟ ଦେଶୀୟ ରୀତି-ନୀତି ଅନୁଯାୟୀ ଶ୍ରୀଗୁରୁଦେବଙ୍କ ପୂଜା-ଉପାସନାର ଯେଉଁ ସମସ୍ତ ବିଧି-ନିୟମ ଓ ଧାରାର ବ୍ୟବସ୍ଥାପୂର୍ବକ ଆପ୍ରାଣ ଉଦ୍ୟମ କରିଛନ୍ତି, ତାହା ଏହି ପୁସ୍ତକ ବର୍ଣ୍ଣିତ ଶ୍ରୀଶ୍ରୀ ଠାକୁରଙ୍କ ସହିତ ତାଙ୍କର ଓ ଅନ୍ୟ ସତୀର୍ଥମାନଙ୍କର ଆଳାପ-ଆଲୋଚନାପ୍ରସଙ୍ଗରୁ ପାଠକମାନେ ସମ୍ୟକ୍ ଅବଗତ ହୋଇପାରିବେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପୁସ୍ତକ ସନ୍ନିବେଶିତ ସମସ୍ତ ଆଲୋଚ୍ୟ ବିଷୟଗୁଡ଼ିକ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀମୁଖ ନିଃସୃତ ଅନ୍ତରଙ୍ଗ ଆଳାପ-ଆଲୋଚନା ହୋଇଥିବା ଦୃଷ୍ଟିରୁ ଏହି 'ନୀଳାଚଳ-ବାଣୀ' ପୁସ୍ତକଟି ସମଗ୍ର ନିଗମ-ପରିକର ଭକ୍ତ ସମାଜ ତଥା ନିଗମଦର୍ଶନର ଏକ ଉପାଦାନ ପଞ୍ଜିକାଭାବେ ବିଶେଷ ସମାଦୃତ ହୋଇପାରିଛି ।

ଏତଦ୍‌ବ୍ୟତୀତ ଶ୍ରୀଶ୍ରୀ ଠାକୁରଙ୍କ ପାଳିତାକନ୍ୟା ଭାବେ ପରିଚିତା ବିଦୂଷୀ ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ ବିଶେଷ ଅନୁରୋଧକ୍ରମେ ଶ୍ରୀଯୁକ୍ତ ପରିଚାଳକ ମହୋଦୟ ନିଜର ଅଭିଜ୍ଞତାପ୍ରସୂତ "ମୋ ଦୃଷ୍ଟିରେ ଶ୍ରୀଶ୍ରୀ ଠାକୁର" ଶୀର୍ଷକ ଗୋଟିଏ ସମୟୋପଯୋଗୀ ପ୍ରବନ୍ଧ ଲେଖି ନାରାୟଣୀ ଦେବୀ କରିଥିବା ଏହି ପୁସ୍ତକର ବଙ୍ଗଳାନୁବାଦ ପୁସ୍ତକରେ ପ୍ରକାଶ ନିମିତ୍ତ ତାଙ୍କୁ ପ୍ରଦାନ କରିଥିଲେ ଏବଂ ଉକ୍ତ ପ୍ରବନ୍ଧଟିକୁ ସେ ଏହି ନୀଳାଚଳବାଣୀ ପୁସ୍ତକର ଦ୍ୱିତୀୟ ସଂସ୍କରଣରେ ସଂଯୋଜିତ କରି ଉତ୍କଳୀୟ ଭକ୍ତ ସମାଜକୁ ବିଶେଷ ଉତ୍ସାହିତ କରିଛନ୍ତି । ଶ୍ରୀଯୁକ୍ତା ନାରାୟଣୀଦେବୀ 'ନୀଳାଚଳ କୁଟୀର'ରେ ଶ୍ରୀଶ୍ରୀ ଠାକୁର ନିଜେ ଉପସ୍ଥିତ ଥିବା ଦିବସମାନଙ୍କରେ ତାଙ୍କର ପ୍ରାତ୍ୟହିକ ଦିନଚର୍ଯ୍ୟାର ଏକ କାର୍ଯ୍ୟନିର୍ଘଣ୍ଟ ଉଲ୍ଲେଖ

କରି ଶ୍ରୀଯୁକ୍ତ ପରିଚାଳକ ମହୋଦୟଙ୍କୁ ପ୍ରଦାନ କରିଥିଲେ ଏବଂ ତାହା ମଧ୍ୟ ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣରେ ଭକ୍ତମାନଙ୍କ ଅବଗତିନିମନ୍ତେ ପ୍ରଦାନ କରାଯାଇଅଛି ।

ପରିଶେଷରେ ବର୍ତ୍ତମାନ ସମୟରେ ଆଶାତିରିକ୍ତ ଭାବରେ ପୁସ୍ତକର ମୁଦ୍ରଣବ୍ୟୟ ବୃଦ୍ଧି ପାଇଥିବା ହେତୁ ସେ ସମସ୍ତଙ୍କୁ ଦୃଷ୍ଟିରେ ରଖି ଉକ୍ତ ପୁସ୍ତକର ମୂଲ୍ୟ କିଞ୍ଚିତ୍ ବର୍ଦ୍ଧିତ କରାଯାଇ ଯଥାସମୟରେ ପ୍ରକାଶ କରାଗଲା । ଆଶା, ସୁଧୀ ପାଠକବୃନ୍ଦ ଏଥିନିମିତ୍ତ କ୍ଷମା ପ୍ରଦାନ କରି ସ୍ୱକାର୍ଯ୍ୟ ସାଧନରେ ବ୍ରତୀ ହୁଅନ୍ତୁ— ଏହା ହିଁ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣତଳେ ବିନୀତ ନିବେଦନ ।

ଶ୍ରୀଶ୍ରୀ ଠାକୁର ଚରଣାଶ୍ରିତ
ସଭାପତି
କେନ୍ଦ୍ର ଆସନ-ମନ୍ଦିର ପରିଚାଳନା କମିଟି
ବୀରତୁଙ୍ଗ

ବୀରତୁଙ୍ଗ
ତା୨୨-୨-୨୦୧୬
ମାଘପୂର୍ଣ୍ଣିମା



ଶ୍ରୀ ଶ୍ରୀ ଠାକୁର

ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ମୁଁ କ'ଣ କହିବି ?

ମୁଁ ତ ସେହି ଅଧମ ଗୋବିନ୍ଦ, ଯାହାକୁ ଠାକୁର ସଦେହରେ ତଥା ଅଦେହରେ ଅଯାଚିତ କୃପା ଅବିରତ ଦେଖାଇ ଆସିଛନ୍ତି । ଯୋଗସାଧନର ସମ୍ୟକ କୌଶଳ ସ୍ୱୟଂ ଠାକୁରଙ୍କଠାରୁ ଶିକ୍ଷା କରିବାର ସୁବର୍ଣ୍ଣ ସୁଯୋଗ ପଠଦ୍ଦଶାରେ ପାଇଥିଲେ ହେଁ ସଂସାରର ଘୂର୍ଣ୍ଣିବାୟୁ ମୋତେ ସେସବୁଠାରୁ ବହୁ ଦିନ ହେଲା ବହୁ ଦୂରରେ ରଖାଇସାରିଛି । ତଥାପି ଏ ପୁସ୍ତକରେ ବର୍ଣ୍ଣିତ ଶ୍ରୀଶ୍ରୀ ଠାକୁରଙ୍କ ଉକ୍ତି ହିଁ ମୋର ଏକମାତ୍ର ଉପଚାର ହୋଇ ରହିଛି ଏବଂ ତାହା ହିଁ ଯେ ମୋତେ ତିନି ଥର ମୃତ୍ୟୁରୂପ ମହାବିଭୀଷିକାରୁ ରକ୍ଷା କରିଛି ଏହା କହିବା ବାହୁଲ୍ୟ ମାତ୍ର । ଆଜି ଏକା 'ଜୟଗୁରୁ' ମୋର ସମ୍ବଳ ।

ପୁସ୍ତକର ଭାଷା ଓ ଉପାଦେୟତା ବିଷୟରେ ମୁଁ ବା କ'ଣ କହିବି ? ଶ୍ରଦ୍ଧେୟ ଦୁର୍ଗାଚରଣ ଭାଇ ଏହାର ଲେଖକ ଓ ପୁସ୍ତକ ସନ୍ନିହିତ କଥାଗୁଡ଼ିକ ଠାକୁରଙ୍କ ଶ୍ରୀମୁଖନିଃସୃତ; ତେଣୁ ବିଷୟବସ୍ତୁ ସମ୍ପର୍କରେ କିଛି କହିବା ଅର୍ଥ ଭକ୍ତିର ଅବମାନନା ହେବ ସିନା ! ଯାହାହେଉ, ମୁଁ ଏତିକି ବୁଝିଛି, ଏ ପୁସ୍ତକ ଖଣ୍ଡି ଯେପରି ଶ୍ରୀଶ୍ରୀ ଠାକୁର ମୋରି ପାଇଁ ଶ୍ରୀମାନ୍ ଦୁର୍ଗାଭାଇଙ୍କ ଜରିଆରେ ଲେଖାଇଛନ୍ତି । ମନ ସ୍ଥିର କରିବାର ଉପାୟ, ଦଶାବତାର ତତ୍ତ୍ୱ, ଭଗବାନଙ୍କୁ ଡାକିବାର କୌଶଳ, କୃଷ୍ଣଚରିତର ମାହାତ୍ମ୍ୟ, ପାରବ୍ଧ ଖଣ୍ଡନ ଓ କୁକୁରର ମୋହ ଆଦି କଥାରେ ମୋର ବହୁଦିନର ସଂଶୟ ଯେପରି ଖଣ୍ଡିତ ହୋଇଛି, ସେଥିପାଇଁ ସେହି ଠାକୁରଙ୍କର ଅଦେହ ଇଙ୍ଗିତକୁ ଶ୍ରଦ୍ଧା କରୁଛି ।

ଜୀବନର କୋଳାହଳ ମଧ୍ୟରେ ସାହିତ୍ୟସେବାର ଯେଉଁ ଟିକକ ସୁଯୋଗ ପାଇଥାଏ, ତହିଁରୁ ଯେଉଁ ଅଭିଜ୍ଞତା ହୋଇଛି, ତହିଁରେ ଓଜନ କରି କହିପାରେ ପୁସ୍ତକର ଭାଷା ବିଷୟାନୁସାରିଣୀରୂପେ ଅପ୍ରତିଦ୍ୱନ୍ଦ୍ୱୀ ଏବଂ ଲେଖାର ଶୈଳୀ ମଧ୍ୟ ଏକ ଅନୁଧ୍ୟାନର ବସ୍ତୁରୂପେ ଦଣ୍ଡାୟମାନ । ଗଭୀର ଆଧ୍ୟାତ୍ମିକତାକୁ ସରଳ ଅଥଚ ଶୈଳୀପୂର୍ଣ୍ଣ ଭାବରେ ଚିତ୍ର କରିବାରେ ଲେଖକ ଯେପରି କୃତିତ୍ୱ ଲାଭ କରିଛନ୍ତି, ତାଙ୍କର ସେହି ପ୍ରତିଭା ଯଦି ଖଣ୍ଡେ ଦୁଇଖଣ୍ଡ କ୍ଷୁଦ୍ର ଉପନ୍ୟାସର ସଂକଳନରେ ଦେଖାଇଥାନ୍ତେ, ତେବେ କେଉଁଦିନୁ ସେ ଓଡ଼ିଶାର ଜଣେ ବଡ଼ ଲେଖକ ମଧ୍ୟରେ ପୂଜା ପାଇ ସାରନ୍ତେଣି । ଠାକୁର ଥରେ କହିଥିଲେ—ଏ ନାଟକ, ନଭେଲପ୍ଲାବିତ ଦେଶରେ ଉଦାସୀନର ବାଣୀ କିଏ ଶୁଣିବ ? ଏବଂ ତାହା ସଙ୍ଗେ ସଙ୍ଗେ ମଧ୍ୟ

ଆଶୀର୍ବାଣୀ **ଦେଇଥିଲେ** ଯେ ଦେଶରୁ ସେ ମୋହାନ୍ଧକାର ଶୀଘ୍ର ଅପାସାରିତ ହୋଇଯିବ । ଭାରତ ହିଁ ପୁଣି ଜଗଦ୍‌ଗୁରୁର ଆସନ ଗ୍ରହଣ କରିବ । ଆଜି ଦୁର୍ଗାଚରଣଭାଇଙ୍କ ଠାରେ ଗୁରୁକୃପାଲବ୍‌ଧ ସ୍ୱତଃ ଚୈତନ୍ୟ ଉଦିତ ହୋଇ 'ଠାକୁର ନିଗମାନନ୍ଦ' ଠାରୁ ଆରମ୍ଭ କରି 'ନିଗମ ଲହରୀ', 'ନୀଳାଚଳବାଣୀ' ଆଦି ବହୁ ପୁସ୍ତକ ରଚନାଦ୍ୱାରା ଉତ୍କଳର ଯେଉଁ ଅଭାବନୀୟ ଅଭାବ ମେଣ୍ଟାଇ ପାରିଛି ଓ ପାରୁଛି, ସେଥିପାଇଁ ପୁଣି ଥରେ ସେହି ଗୁରୁଦେବଙ୍କ ଆଶୀର୍ଭିକ୍ଷା କରି ମୋ କଥା ଶେଷ କରୁଛି । ଇତି ।

ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ବି.ଏ.
ସବ୍‌ଡେପୁଟି ମାଜିଷ୍ଟ୍ରେଟ୍

ଜୟଗୁରୁ

ନିବେଦନ

ଶ୍ରୀଶ୍ରୀ ଠାକୁରଙ୍କର ଅପାର କରୁଣା ବଳରୁ 'ନୀଳାଚଳବାଣୀ' ପ୍ରକାଶ କରାଗଲା । ପରମାରାଧ୍ୟତମ ଶ୍ରୀଶ୍ରୀ ଠାକୁର ମହାରାଜ ପୁରୀଧାମରେ ଅବସ୍ଥାନ କଲାଦିନୁଁ କେତେ ଯେ ଅମୀୟବାଣୀ ବିତରଣ କରିଦେଇ ଯାଇଛନ୍ତି, ସେ ସମସ୍ତ ଏଥିରେ ସ୍ଥାନ ପାଇପାରି ନାହିଁ । ଆମମାନଙ୍କ ପୂର୍ବରୁ ଯେଉଁସବୁ ଶିଷ୍ୟ-ଭକ୍ତମାନେ ଠାକୁରଙ୍କୁ ନୀଳାଚଳରେ ଦେଖି ତାଙ୍କର ଉପଦେଶବାଣୀ ଶ୍ରବଣ କରିଥିଲେ, ସେମାନେ ସେସବୁ ବିବରଣୀ ଲିପିବଦ୍ଧ କରିପାରି ନ ଥିବାରୁ ତାହା ସଂଗୃହୀତ ହୋଇପାରିଲା ନାହିଁ । ଯେଉଁସବୁ ବଙ୍ଗଦେଶୀୟ ଗୁରୁଭ୍ରାତାମାନେ ଠାକୁରଙ୍କ ସହିତ ପୁରୀ ଧାମରେ ଅବସ୍ଥାନ କରିଥିଲେ, ସେମାନଙ୍କଠାରୁ ମଧ୍ୟ ଉପଦେଶବାଣୀଗୁଡ଼ିକ ଆସିପାରି ନାହିଁ । ନୀଳାଚଳ କୁଟୀରରେ ଠାକୁର କି ଭାବରେ ଅବସ୍ଥାନ କରୁଥିଲେ, କିପରି ଲୀଳା କରିଥିଲେ, ସେସବୁ ମଧ୍ୟ ଏଥିରେ ସନ୍ନିବେଶିତ କରାଯାଇ ପାରି ନାହିଁ । କେବଳ ମୁଁ ଉପସ୍ଥିତ ଥିବା ଦିନମାନଙ୍କରେ ଯେଉଁସବୁ ଆଲୋଚନା ହୋଇଥିଲା, ତାଙ୍କର ଆଦେଶ ଅନୁସାରେ ସ୍ମୃତି ସାହାଯ୍ୟରେ ସେଥିରୁ ଯେତିକି ମୁଁ ଲେଖି ପାରିଥିଲି, ଏହି ଗ୍ରନ୍ଥରେ ସେତିକି ମାତ୍ର ଦିଆଯାଇଛି । ଉପଯୁକ୍ତ ଅବସର ଓ ସାହାଯ୍ୟ ସୁବିଧା ପାଇଲେ ଏଥିରେ ଅପ୍ରକାଶିତ ବିଷୟଗୁଡ଼ିକ ଅନ୍ୟ ପୁସ୍ତକରେ ପ୍ରକାଶ କରିବାର ବାସନା ରହିଲା ।

ଏହି ପୁସ୍ତକରେ କେତେକ ସ୍ଥଳରେ ଶ୍ରୀଶ୍ରୀ ଠାକୁରଙ୍କ ବାଣୀକୁ ବୋଧଗମ୍ୟ କରିବା ନିମିତ୍ତ 'ଆର୍ଯ୍ୟଦର୍ପଣ'ର ଅନେକ ପ୍ରବନ୍ଧର ସାହାଯ୍ୟ ଗ୍ରହଣ କରାଯାଇଅଛି । ବିଶେଷତଃ ପରିଶିଷ୍ଟ ଅଂଶଟି ସମ୍ପୂର୍ଣ୍ଣ ଭାବରେ ସନାତନ ଧର୍ମର ମୁଖପତ୍ର 'ଆର୍ଯ୍ୟଦର୍ପଣ' ନାମକ ମାସିକ ପତ୍ରିକାରୁ ଅନୁବାଦିତ ହୋଇ ଏଥିରେ ସନ୍ନିବେଶିତ କରାଯାଇଅଛି । ସେଥିପାଇଁ 'ଆର୍ଯ୍ୟଦର୍ପଣ'ର ଉକ୍ତ ପ୍ରବନ୍ଧ ଲେଖକ ଓ ସମ୍ପାଦକଙ୍କ ନିକଟରେ କୃତଜ୍ଞ ରହିଲି ।

ଉକ୍ତ ପୁସ୍ତକ ପ୍ରକାଶରେ ଯେଉଁ ଭକ୍ତମାନେ ସାହାଯ୍ୟ ସହାନୁଭୂତି ଓ ଆଗ୍ରହ ପ୍ରକାଶ କରିଛନ୍ତି, ସେମାନଙ୍କଠାରେ ମଧ୍ୟ ମୁଁ କୃତଜ୍ଞ । 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଶ୍ରୀ ବନମାଳୀ ଦାସ ଏହାର ପାଣ୍ଡୁଲିପି ସଂଶୋଧନ ଓ

ଆବଶ୍ୟକ ପରିବର୍ତ୍ତନରେ ବିଶେଷ ସାହାଯ୍ୟ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତାପାଶରେ ଆବଦ୍ଧ । ବିଶେଷ ସାବଧାନତା ସହ କାର୍ଯ୍ୟ କଲେ ମଧ୍ୟ ଅନେକ ସ୍ଥଳରେ ମୁଦ୍ରଣ ଭ୍ରମପ୍ରମାଦ ରହିଯାଇଛି । ସୁଧୀ ପାଠକମାନେ ଦୋଷାଦି ପରିତ୍ୟାଗ କରି ଭାବ ଗ୍ରହଣ କରିବେ । ଉକ୍ତ ପୁସ୍ତକବିକ୍ରିଲବ୍ଧ ମୂଲ୍ୟ ଉତ୍କଳରେ ଶ୍ରୀଶ୍ରୀ ଠାକୁରଙ୍କ ଭାବପ୍ରଚାରରେ ବ୍ୟୟିତ ହେବ ।

ପରିଶେଷରେ ନିବେଦନ, ମହାପୁରୁଷଙ୍କ ବାଣୀଗୁଡ଼ିକ ନିଜ ଭାଷାରେ ସାଧାରଣରେ ପ୍ରକାଶ କରିବା ଦାୟିତ୍ୱ ଗୁରୁତର । ଯଦି ମହାପୁରୁଷଙ୍କ ବାଣୀଗୁଡ଼ିକ ଯଥାଯଥ ପ୍ରକାଶିତ ହୋଇପାରି ନ ଥାଏ, ସେ ଦୋଷ କ୍ଷୁଦ୍ରବୁଦ୍ଧି ଲେଖକର । ତାହା ମହାପୁରୁଷଙ୍କର ଭାବ ବୋଲି ଯେପରି କେହି ମନେ ନ କରନ୍ତି । ଇତି ।

ମାର୍ଗଶୀର ଶୁକ୍ଳ ଚତୁର୍ଥୀ
ଶନିବାର, ୧୩୫୬ ସାଲ

ଶ୍ରୀଶ୍ରୀ ଠାକୁର ଚରଣାଶ୍ରିତ
ଦୁର୍ଗାଚରଣ

ସୂଚୀ

ତୃତୀୟ ସଂସ୍କରଣର ଭୂମିକା : ୫
ମୁଁ କ'ଣ କହିବି ୯
ନିବେଦନ ୧୧
ପ୍ରାରମ୍ଭିକ ୧୫
ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ ୨୫
ମୋ ଦୃଷ୍ଟିରେ ଶ୍ରୀଶ୍ରୀ ଠାକୁର ୪୪
ମୁଁ କିପରି ଠାକୁରଙ୍କୁ ପାଇଛି ୬୬
ଭାଇଙ୍କର ଦୁଇପଦ ୭୪
ଶ୍ରୀଶ୍ରୀ ଠାକୁରଙ୍କ ସହିତ ଦର୍ଶନ ସୂଚୀ ୭୭
ଶ୍ରୀଶ୍ରୀ ଠାକୁରଙ୍କ ବାଣୀ ୭୯
ବିଦାୟ ବାଣୀ : ୨୩୮
ଶ୍ରୀଶ୍ରୀ ଠାକୁରଙ୍କ ଚିଲିକା ବିହାର ୨୪୯
ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ
ପ୍ରାତ୍ୟହିକ ଦିନଚର୍ଯ୍ୟା : ୨୫୫
ବ୍ରହ୍ମାନନ୍ଦଗିରି : ୨୬୩
ଉତ୍କଳରେ ଭକ୍ତସମ୍ମିଳନୀ ଓ
ଶ୍ରୀଶ୍ରୀ ଠାକୁର : ୨୯୬
ପରିଶେଷରେ : ୩୪୯
ଶ୍ରୀଶ୍ରୀ ଠାକୁରଙ୍କ ଅବସ୍ଥାନ ସୂଚୀ : ୩୫୭
ଭକ୍ତ ପରିଚୟ : ୩୬୭
ଏଇ ସେଇ ନୀଳାଚଳ : ୩୯୧

●

ଜୟଗୁରୁ

ପ୍ରାରମ୍ଭିକ

ସେ ଆଜକୁ କୋଡ଼ିଏ ବର୍ଷ ତଳର କଥା । ଜଣେ ବନ୍ଧୁଙ୍କ ଉଦ୍ଦେଶ୍ୟହୀନ୍ ଗୋଟିଏ କର୍ମ ଯୋଗୁ ମୁଁ ଆଜି ଠାକୁରଙ୍କ ପଥର ଏକ ପଙ୍ଗୁଯାତ୍ରୀ । ସେ ସ୍ୱତଃପ୍ରବୃତ୍ତ ହୋଇ 'ଜ୍ଞାନୀଗୁରୁ' ବହିଟି ମୋତେ ପଢ଼ିବାକୁ ଦେଲେ । ମୁଁ ବହି ଫିଟାଇ ଠାକୁରଙ୍କ ପ୍ରତିକୃତି ଦେଖିଲା ମାତ୍ରକେ ଆକୃଷ୍ଟ ହୋଇପଡ଼ିଲି । ଆମୂଳାନ୍ତ ପାଠ ପରେ ତାଙ୍କର ସୁନ୍ଦର ପରିଚୟ ପାଇଲି । ଏ ଘଟଣାଟି ୧୯୨୮ ମସିହା ନଭେମ୍ବର ୧୩ ତାରିଖର ।

ଠାକୁରଙ୍କୁ ଦେଖିବାକୁ ତୀବ୍ର ପିପାସା ଜାତ ହେଲା । ତାଙ୍କ ଠିକଣା କୌଣସିଠାରେ ନାହିଁ, ଅଛି ମାତ୍ର ସାରସ୍ୱତ ମଠର; ତାହା ପୁଣି ଆସାମରେ । ସାରସ୍ୱତ ମଠ ଠିକଣାରେ ପତ୍ର ଲେଖିଲି । ଘଟଣାକ୍ରମେ ଜଣକଠାରୁ ଶୁଣିଲି, ପୁରୀ 'ନୀଳାଚଳ କୁଟୀର'ରେ ବେଳେବେଳେ ସେ ରହନ୍ତି । ଅଳ୍ପ କେତେ ଦିନ ପରେ ଠାକୁର ପୁରୀରେ ଅଛନ୍ତି ବୋଲି ନିର୍ଭରଯୋଗ୍ୟ ସମ୍ବାଦ ପାଇଲି ।

ବିଳମ୍ବ ଆଉ ସହି ହେଲାନାହିଁ । କି ଏକ ଅଜଣା ଆନନ୍ଦରେ ପ୍ରାଣ ଉଦ୍‌ବେଳିତ ହୋଇଉଠିଲା ।

୧୪-୧୨-୧୯୨୮ ତାରିଖ ଦିନ ବାହାରିଲି ଠାକୁରଙ୍କ ଉଦ୍ଦେଶ୍ୟରେ ପୂର୍ଣ୍ଣ ମନରେ, ପୂର୍ଣ୍ଣ ପ୍ରାଣରେ । ଅନନୁଭୂତ ଉନ୍ମାଦନା ମଧ୍ୟରେ ବୁଡ଼ି ରହି ବ୍ରହ୍ମପୁରଠାରୁ କେତେଗୋଟି ଷ୍ଟେସନ ଯିବା ପରେ ଗୋଟିଏ ଡବାରେ ମୋର ସେତେବେଳର ବନ୍ଧୁ ଓ ବର୍ତ୍ତମାନର ଗୁରୁଭ୍ରାତା ଦୀନବନ୍ଧୁ ଦେଓଙ୍କ ସଙ୍ଗରେ ଭାଇ ବାଲାଜୀ ରାଜୁ ଓ ତାଙ୍କ ଶ୍ୟାଳକଙ୍କ ସହିତ ଟ୍ରେନରେ ପରିଚୟ ଲାଭ ହେଲା । ସେତେବେଳେ କଥାବାର୍ତ୍ତା ଛଳରେ ବୁଝିଲି ଯେ ସମସ୍ତେ ଯାଉଛୁ ସେହି ଏକ ସ୍ଥାନକୁ, ସେତେବେଳେ ସମସ୍ତେ ଅବାକ୍ ହୋଇଗଲୁ । ଏକ ଲକ୍ଷ୍ୟରେ ଧାବିତ ଯାତ୍ରୀଙ୍କର ଅଘଟନ ଘଟନ ଭାବରେ ଏପରି ମିଳନ । ସମସ୍ତେ ବିସ୍ମୟ ଓ ଆନନ୍ଦରେ ଭାସିଗଲୁ ।

ଦେଓ ଭାଇ ମୋତେ ଯିବାର ଉଦ୍ଦେଶ୍ୟ ପଚାରିବାରୁ ମୁଁ କହିଲି, ''ଦୀକ୍ଷା ନେବାକୁ ଯାଉଛି ।'' ସେ କହିଲେ, ''ତୁମର ଦୀକ୍ଷା ଏତେ ଶୀଘ୍ର ହୋଇପାରିବ ନାହିଁ । ଆମେମାନେ ଛଅ ମାସ ହେଲା ଦୀକ୍ଷା ନେବା ଉଦ୍ଦେଶ୍ୟରେ ଯାଇ

ସେଠାରୁ ଫେରୁଛୁ । ଏଥର ମଧ ଦୀକ୍ଷା ନେବାକୁ ଯାଉଛୁ ।'' ମୋ ଉତ୍ସାହରେ ଏ ସମ୍ବାଦ ହେଲା ପ୍ରଥମ ଧକ୍କା ।

ପରଦିନ 'ନୀଳାଚଳ କୁଟୀର'ଠାରେ ପ୍ରଥମେ ଜଣେ ବ୍ରହ୍ମଚାରୀଙ୍କ ସହ ଦେଖାହେଲା । ତାଙ୍କୁ ଦେଖିବାମାତ୍ରେ ମୁଁ ମୁଗ୍ଧ ହୋଇପଡ଼ିଲି । ମୁହଁରେ ବ୍ରହ୍ମଚର୍ଯ୍ୟର ସ୍ପଷ୍ଟ ପରିଚୟ । ତାଙ୍କ ସହିତ ପଦେ ଦୁଇ ପଦ ମାତ୍ର କଥା ହେବା ପରେ ସେ କହିଲେ, ''ସନ୍ଧ୍ୟାବେଳେ ଠାକୁରଙ୍କ ଦେଖା ମିଳିବ ।'' ଆମ ସମସ୍ତଙ୍କ ଯିବା କଥା ସେ ଠାକୁରଙ୍କୁ ଜଣାଇଦେଲେ । ପରେ ଜାଣିଲୁ, ଠାକୁର ପରଦିନ ଆମ ତିନି ଜଣଙ୍କୁ ଦୀକ୍ଷା ଦେବାକୁ ଆଦେଶ କରିଛନ୍ତି । ସେଥିରେ ମୋର ଯେଉଁ ଆନନ୍ଦ ହେଲା, ଅନ୍ୟ ଯେ କୌଣସି ସମୟର ଯେ କୌଣସି ଆନନ୍ଦକୁ ତାହା ବହୁ ଗୁଣରେ ଟପି ଯାଇଥିଲା ।

ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ଅପରାହ୍ନ ପ୍ରାୟ ପାଞ୍ଚଟା ବେଳେ 'ନୀଳାଚଳ କୁଟୀର'ର ଅଗଣା ବାରଣ୍ଡାରେ ପାଇଲୁ । ତାଙ୍କର ପ୍ରଶାନ୍ତ ଗମ୍ଭୀର ମୁଖ ଦେଖିଲେ ଜଣାଯାଉଥିଲା ଯେ, ସେ କେଉଁ ଅନ୍ୟ ଏକ ଜଗତରେ ଅଛନ୍ତି । ସବୁ ଦିନର ତୀବ୍ର ପିପାସା ସେତେବେଳେ ଶାନ୍ତ ହେଲା । ସେ ଆମମାନଙ୍କ ହାଲଚାଲ ବୁଝିଲେ । ଆମେ କେତେ ପ୍ରଶ୍ନ କରି ଉତ୍ତର ପାଇଲୁ । ତାଙ୍କ ଉତ୍ତର ଅନର୍ଗଳ ବକ୍ତୃତା, ଜ୍ଞାନ ନିର୍ଗମନର ଅବିଚ୍ଛିନ୍ନ ସ୍ରୋତ; ଟିକିଏ ବିରାମ ନାହିଁ, ବିଶ୍ରାମ ନାହିଁ, ଉତ୍ତର ଶେଷରେ ମାତ୍ର ଛେଦ । ସେ ମୁଖରୁ କଥା ବାହାରିଲାକ୍ଷଣି ସଂଶୟୀ ପ୍ରାଣକୁ ଆସ୍ଥାବାନ୍ କରି ଦେଉଥିଲା । ସଂସାରର ଚିହ୍ନରା ସେ । ତେଣୁ ମୁଖମଣ୍ଡଳରେ ତାଙ୍କର ଅନ୍ତହୀନ ଗାମ୍ଭୀର୍ଯ୍ୟ ଫୁଟି ଉଠୁଥିଲା ।

ମୋର ପରିଚୟ ପାଇଲା ପରେ ମୋ ପକ୍ଷରେ ଯେତିକି ଯାହା ସୁଲଭ ଗୃହସ୍ଥ ଜୀବନର ଉପଯୋଗୀ ସାଧନା କରିବା ପାଇଁ ସେ ଉପଦେଶ ଦେଲେ । ତା ଛଡ଼ା ଅନ୍ୟ ସାଧନ-ଭଜନ ପାଇଁ ଆମମାନଙ୍କର ସମୟ ସୁବିଧା ହୋଇପାରିବ ନାହିଁ ବୋଲି କହିଲେ । ଅନ୍ୟମାନଙ୍କ ସହ ମୋର ପରଦିନ ଦୀକ୍ଷା ନେବା କଥା ଶୁଣିଲି ।

୧୯୨୮ ମସିହା ଡିସେମ୍ବର ୧୨ ତାରିଖ ।

ମାର୍ଗଶୀରର ଏ ଦିନଟି ଜୀବନ-ସରଣୀର ବିଶିଷ୍ଟ ଚିହ୍ନ, ମାଇଲ ପଥର । ସକାଳେ ଆମେ ତିନି ଜଣ ତୀର୍ଥରାଜ ମହୋଦଧିରେ ସ୍ନାନ ଓ ନିତ୍ୟକର୍ମ ଶେଷ

କରି 'ନୀଳାଚଳ କୁଟୀର'ରେ ପହଞ୍ଚିଲୁ । ମଧ୍ୟାହ୍ନ ଅତୀତ ହେବା ପରେ ପ୍ରଥମେ ଦୀନବନ୍ଧୁ ଓ ବାଲାଜୀ ଦୁହିଁଙ୍କର ଦୀକ୍ଷା ହେଲା । ତା'ପରେ ମୋର ଦୀକ୍ଷା ।

ଅପରାହ୍ନରେ ପ୍ରସାଦ ସେବା କଲୁ । ସନ୍ଧ୍ୟାବେଳେ ପୁଣି ଠାକୁରଙ୍କ ଦର୍ଶନ ମିଳିଲା । ସେ ମୋତେ ଜପର ପ୍ରଣାଳୀ ବୁଝାଇ ଦେଲେ ଏବଂ ସାଧାରଣ ଜୀବନଯାପନ ସମୟରେ ଆମମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ କେତେ ମୂଲ୍ୟବାନ୍ ଉପଦେଶ ମଧ୍ୟ ଦେଲେ । ମୋର ନାନା ପ୍ରଶ୍ନର ଉତ୍ତର ସେ ମଧ୍ୟ ଦେଇଥିଲେ । ଦୁଃଖର କଥା, ସବୁ ମୋର ମନେ ନାହିଁ । କାହାର କ'ଣ ପ୍ରଶ୍ନ ଅଛି ବୋଲି ଶ୍ରୀଶ୍ରୀଠାକୁର ଆମକୁ ପଚାରିବାରୁ ମୁଁ କହିଲି, "ଠାକୁର, ପ୍ରକୃତରେ କ'ଣ ପ୍ରେତ ଅଛନ୍ତି ?" ଉତ୍ତରରେ ଶ୍ରୀଶ୍ରୀ ଠାକୁର କହିଲେ, "ହଁ, ପ୍ରେତ ଅଛନ୍ତି । ତାହା ଦୁଇ ପ୍ରକାରର—ଗୋଟିଏ ପ୍ରେତ, ଅନ୍ୟଟି ସୂକ୍ଷ୍ମଯୋନି । ମଲା ପରେ ମନୁଷ୍ୟ କର୍ମଫଳ ଭୋଗ ପାଇଁ ଆସକ୍ତି ହେତୁ କେତେ ସମୟ ସୂକ୍ଷ୍ମ ଦେହ ଧାରଣ କରି ରହେ; ତାହା ପ୍ରେତ । ତା'ପରେ ତା'ର ଆଉ ଦେଖା ପାଇବ ନାହିଁ ।

ସୂକ୍ଷ୍ମଯୋନି କିନ୍ତୁ ଅନ୍ୟ ପ୍ରକାରର । ସେମାନେ ଘରଦ୍ୱାର କରି ଏକ ପ୍ରକାର ସମାଜରେ ବାସ କରନ୍ତି । ସନ୍ତାନାଦି ଜନ୍ମ କରନ୍ତି—ଏପରିକି ବିବାହ ଉତ୍ସବରେ ବାଦ୍ୟ ବାଜଣା ସହ ଉତ୍ସବ ମଧ୍ୟ ପାଳନ କରନ୍ତି । ବଂଶାନୁକ୍ରମେ ମନୁଷ୍ୟ ପରି ଏମାନେ ରହନ୍ତି । ମନୁଷ୍ୟ ପରି ଏମାନେ ଏକ ପ୍ରକାର ପ୍ରାଣୀ, କେବଳ ସୂକ୍ଷ୍ମଦେହୀ ।"

ଏହା ପରେ ପ୍ରେତ ଓ ସୂକ୍ଷ୍ମଯୋନି ପ୍ରଭୃତି ବିଭିନ୍ନ ବିଷୟରେ ଆଲୋଚନା ହେଲା । ଭୂତ ଭୟ ବିଷୟରେ ମୁଁ ପଚାରିବାରୁ ଶ୍ରୀଶ୍ରୀଠାକୁର କହିଲେ, "ତୁ ଦୀକ୍ଷିତ । ପ୍ରେତାତ୍ମା ତୋ ନିକଟକୁ ଆସିପାରିବ ନାହିଁ । ଯଦି ଏକାକୀ ରାତ୍ରରେ ଗଲାବେଳେ କୌଣସି ସ୍ଥାନରେ ଭୟ ଜାତ ହୁଏ, ତେବେ 'ଜୟଗୁରୁ' ଉଚ୍ଚାରଣ କରିବୁ । ତାହାହେଲେ ଭୟ ଆଉ ରହିବ ନାହିଁ କି ପ୍ରେତ କିଛି କରିପାରିବ ନାହିଁ । ସଦ୍‌ଗୁରୁଙ୍କ ଶିଷ୍ୟ ନିକଟକୁ ପ୍ରେତାତ୍ମା ଆସି ନ ପାରେ ।"

କିଛି ସମୟ ପରେ ପୁଣି କହିଲେ, "ପ୍ରେତାତ୍ମା ଦେଖା ଦେବ ତ ଦେଉ । ଭୟ କ'ଣ ? ଦେଖିଲେ ତାକୁ ପଚାର, ମୁଁ ମାଆଙ୍କ ସନ୍ତାନ, ତୁ ମାଆଙ୍କ ଚାକର; ମୋ ନିକଟକୁ ତୋର ଆସିବାର ପ୍ରୟୋଜନ କ'ଣ ? ଏ ପ୍ରଶ୍ନ କଲେ ସେ ଆଉ ରହିପାରିବ ନାହିଁ । ଭୂତ ପ୍ରେତାଦି ଶକ୍ତିଙ୍କର ଚାକର ବୋଲି

ପରିଚିତ । ସୁତରାଂ ତୁମଠାରୁ ଖୁବ୍ ନିମ୍ନରେ ସେମାନଙ୍କ ସ୍ଥାନ । ତୁମେମାନେ ଶକ୍ତିଙ୍କର ସନ୍ତାନ । ତୁମର ଅଧିକାର ତୁମେ ବୁଝିପାରିଲେ ପ୍ରେତ ଆଉ ତୁମ ପାଖ ମାଡ଼ିପାରିବ ନାହିଁ । ସେ ଦିଗରେ ତୁମର ଭୟ କରିବାର କିଛି ନାହିଁ । ନିଶ୍ଚିନ୍ତ ହୋଇ କାମ କରିଯାଅ ।''

୧୯୨୯ ମଇ ମାସରେ ମୋର ଛାତ୍ରଜୀବନର ସଙ୍ଗୀ ରଘୁନାଥ ବିଶୋଇ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ ପାଇଁ ମୋ ସହିତ ଆସିଥିଲେ । ସନ୍ଧ୍ୟାବେଳେ 'ନୀଳାଚଳ କୁଟୀର' ବାରଣ୍ଡାରେ ଠାକୁରଙ୍କ ଦର୍ଶନ ପରେ ପ୍ରଣାମ କରି ଅପେକ୍ଷା କଲୁ । ଏଥିପୂର୍ବରୁ ମୋର 'ଚିତାସାଧନା' ପାଇଁ ପ୍ରବଳ ଆଗ୍ରହ ଜାତ ହୋଇଥିଲା । ମନେ ମନେ ସେହି କଥା ଚିନ୍ତା କରୁଥାଏ । କିନ୍ତୁ ମୁଁ ଟିକିଏ ଡରୁଆ ବୋଲି ପାରିବି କି ନାହିଁ, ଏହି ସନ୍ଦେହ ମଧ୍ୟ ଥାଏ । କିଛି ସମୟ ପରେ ଠାକୁର କହିଲେ, ''ଯାହାର ଯାହା ପଚାରିବାର ଅଛି ପଚାର ।''

ମୁଁ—ମୋର 'ଚିତାସାଧନା' ପାଇଁ ବଡ଼ ଇଚ୍ଛା ଅଛି । ମୁଁ କ'ଣ ସେ ସାଧନା ପରିପାରିବି ?

ଶ୍ରୀଶ୍ରୀଠାକୁର—ବେଶ୍ ପାରିବୁ । କଲେ ହେଲା ।

ମୁଁ—ଆପଣ ଅନୁଗ୍ରହ କଲେ ସେ ସାଧନା କରନ୍ତି ।

ଶ୍ରୀଶ୍ରୀଠାକୁର—'ଚିତାସାଧନା'ରେ ଶକ୍ତି ଲାଭ ହୁଏ । ତୁ ସେ ସାଧନା କଲେ ମୁଁ ତୋର ଉତ୍ତରସାଧକ ପର୍ଯ୍ୟନ୍ତ ହୋଇପାରେ ।

ମୁଁ—ଆଜ୍ଞା, 'ତାନ୍ତ୍ରିକ ଗୁରୁ'ରେ ଅଛି ଦୀକ୍ଷା ପରେ ଶାକ୍ତ୍ୟାବିଭେଷ, ତା'ପରେ ପୂର୍ଣ୍ଣାଭିଷେକ ହେଲେ ଯାଇ ସାଧକ ବୀର ସାଧନାର ଅଧିକାରୀ ହେବେ । ମୋର ଦୀକ୍ଷା ସିନା ହୋଇଛି, ଆହୁରି ଦୁଇଟା ବାକୀ ଅଛି । ଏଥର ମୋର ଶାକ୍ତ୍ୟାଭିଷେକ କରିଦିଅନ୍ତୁ ।

ଶ୍ରୀଶ୍ରୀଠାକୁର—ତୋର ଶାକ୍ତ୍ୟାଭିଷେକ ଆଉ ଆବଶ୍ୟକ ନାହିଁ । ଦୀକ୍ଷା ସମୟରେ ମୁଁ ତୋର ମନ୍ତ୍ରାଭିଷେକ କରିଦେଇଛି । ତେଣୁ ଶାକ୍ତ୍ୟାଭିଷେକ ହୋଇଯାଇଛି । ଏଥର ପୂର୍ଣ୍ଣାଭିଷେକ ହେଲେ ହେଲା । ତା'ପରେ ଚିତାସାଧନା କରିପାରିବୁ ।

ମୁଁ—ପୂର୍ଣ୍ଣାଭିଷେକ ପାଇଁ ତ ସ୍ୱର୍ଣ୍ଣପାତ୍ର ପ୍ରଭୃତି ବହୁ ଉପାଦାନ ଓ ବହୁ ଉପକରଣ ଆବଶ୍ୟକ । ମୁଁ ଏଥିର ବ୍ୟବସ୍ଥା କରିପାରିବି ନାହିଁ । ଏହା ନ ହେଲେ କ'ଣ ମୋର ପୂର୍ଣ୍ଣାଭିଷେକ ହୋଇପାରିବ ନାହିଁ ?

ଶ୍ରୀଶ୍ରୀଠାକୁର—ଅନ୍ତତଃ ଶାସ୍ତ୍ରର ତ ତାହା ହିଁ ନିର୍ଦ୍ଦେଶ । ସ୍ୱର୍ଣ୍ଣପାତ୍ର ଯୋଗାଡ଼ କରିବାକୁ ହେବ । କିଛି ସମୟ ସମସ୍ତେ ନୀରବ ହେଲୁ ।

ପରେ ରଘୁନାଥ ଭାଇ ପ୍ରଶ୍ନ କଲେ, "ମୋର ମନ ଖୁବ୍ ଚଞ୍ଚଳ ଓ ଅସ୍ଥିର । ଚେଷ୍ଟା କଲେ ମଧ୍ୟ ତାହା ନାନା ପ୍ରଲୋଭନ ଆଡ଼କୁ ଧାଇଁଯାଉଛି । ରିପୁର ଉତ୍ତେଜନା ବଡ଼ ପ୍ରବଳ ହେଉଛି । କିପରି ରିପୁ ଜୟ କରିବି ?"

ଶ୍ରୀଶ୍ରୀଠାକୁର—ମନ ବଡ଼ ଚଞ୍ଚଳ, ତାକୁ କୌଣସି ପ୍ରକାରେ ସ୍ୱ ଆୟତ କରିପାରିବ ନାହିଁ । କେବଳ ପ୍ରାର୍ଥନା, ସତ୍‌ଶାସ୍ତ୍ର ପାଠ ଓ ସାଧୁସଙ୍ଗ ଦ୍ୱାରା ତାହା କେତେକ ପରିମାଣରେ ଶାନ୍ତ ହୋଇପାରେ ।

ରଘୁନାଥ—କାମରିପୁର ପୀଡ଼ାରୁ ରକ୍ଷା ପାଇବାକୁ ମୁଁ ବହୁତ ଚେଷ୍ଟା କରୁଛି । କିନ୍ତୁ ଟିକିଏ ହେଲେ ପାରୁନାହିଁ । କଅଣ କଲେ ସେଥିରୁ ରକ୍ଷା ପାଇପାରିବି ?

ଶ୍ରୀଶ୍ରୀଠାକୁର—କାମ ଜୟ କରିବା ସହଜ ନୁହେଁ । କାମ ରିପୁ ହେଲେ ମଧ୍ୟ ଏହା ମାନବର ଜୀବନୀଶକ୍ତି । ସାଧନା ବଳରେ ଏହାକୁ ଅନ୍ୟ ମାର୍ଗରେ ଚାଳିତ କଲେ ଜଗତର ଅଶେଷ ମଙ୍ଗଳ ସାଧିତ ହେବ । ଏହାକୁ ଜୟ କରିବାକୁ ହେଲେ ନିୟମିତ ଭାବରେ ଜପ ବା ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ ଓ ସାଧୁସେବା କରିବାକୁ ପଡ଼ିବ । ତାହାହେଲେ କେତେକାଳ ପରେ କ୍ରମେ କ୍ରମେ ତାହା ଶାନ୍ତ ହେବ । ସାତ୍ତ୍ୱିକ ଆହାର କରି ମନକୁ ସତ୍‌ଚିନ୍ତାରେ ଲଗାଇ ରଖିବାକୁ ଚେଷ୍ଟା କରିବ ।

ରଘୁନାଥ—ଆଉ କଅଣ ଅନ୍ୟ କିଛି ଉପାୟ ନାହିଁ ?

ଶ୍ରୀଶ୍ରୀଠାକୁର—କୃତ୍ରିମ ଉପାୟ ଅଛି । ଔଷଧ ବିଶେଷ ସେବନଦ୍ୱାରା କାମପ୍ରବୃତ୍ତିର ଲୋପ କରାଯାଇପାରେ । ଶାସ୍ତ୍ରରେ ଏପରି ଔଷଧ ଅଛି, ଯଦ୍ଦ୍ୱାରା କାମରିପୁ ଅଚିରେ ଦୂର ହୋଇଯିବ । କିନ୍ତୁ ତା ସଙ୍ଗେ ସଙ୍ଗେ ତୁମର ଜୀବନୀଶକ୍ତି ମଧ୍ୟ ନଷ୍ଟ ହୋଇଯିବ । ଫଳରେ ତୁମେ ଶକ୍ତିହୀନ, ଉତ୍ସାହଶୂନ୍ୟ ହୋଇଯିବ । ପୁଣି ସେ ପ୍ରବୃତ୍ତି ନଷ୍ଟ ହେବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟହାନି ଘଟିବ । ସୁତରାଂ ଔଷଧ ସେବନ କରିବା ଉଚିତ ନୁହେଁ ।

ଏହି ଗୋଟିଏ ପ୍ରଶ୍ନ ସେ ବାରମ୍ବାର କରିଥିଲେ ଏବଂ ଶ୍ରୀଶ୍ରୀଠାକୁର ଖୁବ୍ ଧୈର୍ଯ୍ୟ ଓ ସହିଷ୍ଣୁତାର ସହିତ ଶାନ୍ତଭାବରେ ସେହି ସଦ୍‌ଗ୍ରନ୍ଥ ପାଠ, ଭଗବତ୍ ପ୍ରାର୍ଥନା ଓ ସାଧୁସେବା, ପୁଣି ଶୁଭ ଚିନ୍ତା ହିଁ ଉପାୟ ବୋଲି କହିଥିଲେ । ଏ ହେଲା ମୋ ଜୀବନର ସଂକ୍ଷିପ୍ତ କାହାଣୀ ।

ଏ ପୁସ୍ତକର ମୁଖବନ୍ଧ ଲେଖିବାକୁ ମୋତେ ମୋର ବନ୍ଧୁ ଦୁର୍ଗାଭାଇ ଅନୁରୋଧ କରିଛନ୍ତି । କିନ୍ତୁ ମୁଁ ଜଣେ ଅତି କ୍ଷୁଦ୍ର; ମୋର ଜ୍ଞାନର ପରିସର ସୀମାବଦ୍ଧ । ପୁସ୍ତକବର୍ଣ୍ଣିତ ବିଷୟ ଅସୀମ, ବିରାଟ, ମହାନ୍ ।

ନିର୍ବିକଳ୍ପ ସମାଧି-ଭୂମିରୁ କେହି ପ୍ରାୟ ଫେରନ୍ତି ନାହିଁ । ଯେ ଫେରିଆସନ୍ତି, ସେ ସଦ୍‌ଗୁରୁ ରୂପରେ ଆତ୍ମପ୍ରକାଶ କରନ୍ତି । ସଦ୍‌ଗୁରୁ ସତ୍ୟଦ୍ରଷ୍ଟା । ପ୍ରଜ୍ଞାଦୃଷ୍ଟି ସାଧାରଣ ମାନବର ଉନ୍ମୀଳିତ ନ ଥାଏ । ତେଣୁ ସାଧାରଣ ମାନବ ଯେତେ ଚିନ୍ତା କରି କୌଣସି ସିଦ୍ଧାନ୍ତରେ ଉପନୀତ ହେଲେ ସୁଦ୍ଧା ସେଥିରେ ଭ୍ରମପ୍ରମାଦ ରହିବାର ଆଶଙ୍କା ଅଛି । କାରଣ ବୈଜ୍ଞାନିକ ଗବେଷଣାରେ ଆଜି ଜଣେ ଯାହା ଆବିଷ୍କାର କରୁଛନ୍ତି, କାଲି ଅନ୍ୟ ଜଣେ ବୈଜ୍ଞାନିକ ସେହି ମତକୁ ଖଣ୍ଡନ ବା ସଂଶୋଧନ କରୁଛନ୍ତି । କିନ୍ତୁ ଯାହାଙ୍କର ପ୍ରଜ୍ଞା ବା ତୃତୀୟ ନେତ୍ର ଫିଟିଯାଇଛି, ସେ ଦିବ୍ୟଦୃଷ୍ଟିରେ ସବୁ ବିଷୟ ଦେଖି ପ୍ରଚାର କରିଥାନ୍ତି । ଏହି ଭାବରେ ନୀଳାଚଳରେ ଅବସ୍ଥାନ କାଳରେ ଠାକୁର ନିଗମାନନ୍ଦଦେବଙ୍କର ବାଣୀଗୁଡ଼ିକ ଅତି ଉପାଦେୟ ଓ ଦୁର୍ଲ୍ଲଭ । ଏଥି ସହିତ ଶାସ୍ତ୍ରଜ୍ଞ ପଣ୍ଡିତଙ୍କର ଉପଦେଶର ତୁଳନା ହୋଇ ନ ପାରେ ।

ପଣ୍ଡିତ, ସାଧନ ସିଦ୍ଧ ଓ ପ୍ରଜ୍ଞାବାନ୍ ଠାକୁର ନିଗମାନନ୍ଦଙ୍କ ଭିତରେ ଯେଉଁ ବିନମ୍ର ପୁରୁଷାକାରର ପରିଚୟ ମିଳେ, ତାହା ତାଙ୍କର ତୁଙ୍ଗବ୍ୟକ୍ତିତ୍ୱର ହିଁ ନିଦର୍ଶନ । "ସବୁଠାରୁ ମୋର ଯେ ଅନ୍ତରଙ୍ଗ ଭକ୍ତ, ଯେଉଁମାନଙ୍କୁ ନେଇ ମୁଁ ସଂସାର କରୁଥିଲି, ସେମାନେ ବିଶେଷ ଭାବରେ ମୋ ସହିତ କପଟତା କଲେ । ମୋର ଧାରଣା ଥିଲା ଯେ—ମୁଁ ଗୁରୁ, ସେମାନେ ଶିଷ୍ୟ । ମୋ ସହିତ କପଟତା କରିବା ଅସମ୍ଭବ । ତେଣୁ ମୁଁ ନିଜେ ମୋ ନିଜ ଉପରେ ରାଗ କରେ । କାରଣ ମୁଁ ନିଜେ ଯଦି ଉପଯୁକ୍ତ ଗୁରୁ ହୋଇଥାନ୍ତି, ତେବେ ମୋ ନିକଟକୁ ଆସି ମଧ୍ୟ ଏମାନେ କଅଣ ଏପରି ବିଶ୍ୱାସଘାତକତା କରନ୍ତେ ?" ସିଦ୍ଧସାଧକଙ୍କର ସବୁବେଳେ ଆତ୍ମପରୀକ୍ଷାର ଦୃଷ୍ଟାନ୍ତ ସର୍ବସାଧାରଣଙ୍କୁ ବହୁତ କିଛି ଶିକ୍ଷା ଦେଇପାରେ । ଏହିପରି

ଆତ୍ମପରୀକ୍ଷା ବଳରେ ସତ୍ୟସାଧକ ମହାତ୍ମା ଗାନ୍ଧି ସତ୍ୟ ଓ ନ୍ୟାୟର ବିଜୟ-ଘୋଷଣା କରିଯାଇଛନ୍ତି ।

ଶ୍ରୀଶ୍ରୀ ଠାକୁର ଶିଷ୍ୟମାନଙ୍କୁ ଗୋଟିଏ ପ୍ରକାରର ସାଧନଶିକ୍ଷା ଦେଇ ନାହାନ୍ତି । ସେ ଚତୁର୍ବିଧ ସାଧନାରେ ସିଦ୍ଧ ଥିବାରୁ ଗୁଣ ଓ ସଂସ୍କାର ଅନୁଯାୟୀ ବିଭିନ୍ନ ଶିଷ୍ୟଙ୍କୁ ବିଭିନ୍ନ ସାଧନାରେ ଚାଳିତ କରିଛନ୍ତି । ଅନ୍ତେବାସୀ ବ୍ରହ୍ମଚାରୀମାନଙ୍କୁ ଯୋଗ, ଜ୍ଞାନ, କର୍ମ ବା ଭକ୍ତିମାର୍ଗରେ ପରିଚାଳିତ କରିଛନ୍ତି । ଗୃହସ୍ଥମାନଙ୍କୁ ଯୋଗଜ୍ଞାନମିଶ୍ରିତ ଭକ୍ତିପଥ ଦେଖାଇଛନ୍ତି । ପ୍ରବୃତ୍ତିସଂସ୍କାରବିଶିଷ୍ଟ ଶିଷ୍ୟଙ୍କୁ ସେହି ଭିତରେ କ୍ରମନିବୃତ୍ତି-ଲାଭ ପଥରେ ତାଙ୍କର ଅଜ୍ଞାତସାରରେ ଚାଳିତ କରିଛନ୍ତି । କିନ୍ତୁ ସମସ୍ତଙ୍କୁ ସ୍ପଷ୍ଟ କହିଦେଇ ଯାଇଛନ୍ତି, ‘‘ଯେତେ ସାଧନ-ଭଜନ କରୁଛ, ତାହାର ଫଳ ଯଦି ଏ ଜନ୍ମରେ ନ ହେଲା, ତେବେ ପରକାଳରେ ଫଳ ପାଇବା କଠିନ । ଯାହା କିଛି ସାଧନ କରୁଛ, ଏହି ଜନ୍ମରେ ଯଦି ସ୍ଥୂଳରେ ତାହାର କିଛି ଉପଲବ୍ଧି ନହୁଏ, ତେବେ ପରକାଳ ବା ପୁନର୍ଜନ୍ମରେ ମଧ୍ୟ ସେଥିର ଉପଲବ୍ଧି ହେବ ନାହିଁ । ବର୍ତ୍ତମାନ ଯାହା କରିବ ପରକାଳ ଓ ପରଜନ୍ମରେ ତାହାର ଫଳ ଭୋଗ କରିବ ସିନା !’’ ସାଧନା ନାମରେ ଭାବପ୍ରବଣତାରେ ଭାସି ନଯାଇ ନଗଦ କିଛି ଲାଭ କରିବାର ସେ ପକ୍ଷପାତୀ ଥିଲେ । ତେଣୁ ସମସ୍ତଙ୍କୁ ସେ ସତର୍କ କରାଇ ଦେଇଛନ୍ତି ।

ଧର୍ମାନୁଷ୍ଠାନ ଭିତରେ ଯେଉଁଠାରେ ଅନ୍ଧବିଶ୍ୱାସ ପ୍ରବେଶ କରିଥିବାର ସେ ଦେଖିଛନ୍ତି, ସେଠାରେ ତାହା ସଂଶୋଧନ କରିବାକୁ ଚେଷ୍ଟା ନ କରି ସେ ଛାଡ଼ିନାହାନ୍ତି । ଶ୍ରୀକୃଷ୍ଣ ବୃନ୍ଦାବନରେ ଇନ୍ଦ୍ରପୂଜା ପଣ୍ଡକରି ଗୋବର୍ଦ୍ଧନ ଉତ୍ସବର ପ୍ରବର୍ତ୍ତନ କରିଥିଲେ । ଗୋବତ୍ସଙ୍କୁ ଖାଦ୍ୟ ପାନୀୟ ଦେଇ ସନ୍ତୁଷ୍ଟ କରିବା ପ୍ରକୃଷ୍ଟ ଧର୍ମ ବୋଲି ଗୋପାଳଙ୍କୁ ବୁଝାଇଥିଲେ । ଠାକୁର ନିଗମାନନ୍ଦ କାଶୀରେ ଶିବଲିଙ୍ଗଙ୍କୁ କୁଣ୍ଢାଇ ଧରି ବସିବାରୁ ପୂଜକ ବ୍ରାହ୍ମଣ ରାଗରେ ଅସ୍ଥିର ହୋଇ ଶିବଲିଙ୍ଗଙ୍କୁ ମାରା କରିଦେଲୁ ବୋଲି ଅଭିଯୋଗ କଲେ । ଠାକୁର କହିଲେ, ‘‘ଯେଉଁ ଶିବଲିଙ୍ଗଙ୍କୁ ଛୁଇଁଲେ ଶତ ଶତ ପାପୀ ପବିତ୍ର ହେଉଛନ୍ତି, ସେହି ଶିବଲିଙ୍ଗ ପୁଣି ଅପବିତ୍ର ହେବେ ?’’ ଏଥିରେ ପୂଜକଙ୍କର ସ୍ଥୂଳ ବୁଦ୍ଧି ବାଧା ପାଇଲା । ସେ ନିଜର ଭ୍ରମ

ବୁଝିପାରି କ୍ଷମା ପ୍ରାର୍ଥନା କଲେ । ଏପରି ବହୁ ସ୍ଥଳରେ ବହୁ କୁପ୍ରଥାର ସେ ସଂସ୍କାର କରିଥିଲେ ।

ସୁସ୍ଥ, ସବଳ ସମାଜ ଗଠନ କରିବା ଥିଲା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ । ତେଣୁ ସେ ମଠ ଆଶ୍ରମରେ ସନ୍ନ୍ୟାସୀ ବ୍ରହ୍ମଚାରୀଙ୍କୁ କର୍ମଯୋଗରେ ଦୀକ୍ଷିତ କରିବା ସଙ୍ଗେ ସଙ୍ଗେ ଗୃହସ୍ଥ ଶିଷ୍ୟମାନଙ୍କୁ ସତ୍‌ମାର୍ଗରେ ପରିଚାଳନା କରିବାର ଉଦ୍ୟମ କରିଥିଲେ ।

ଗୃହସ୍ଥ ଉପଯୁକ୍ତ ହେଲେ ସମାଜ ସୁସ୍ଥ ହୁଏ । ସେ କହିଛନ୍ତି, ''ସରଳତା ଓ ସତ୍ୟପାଳନ ଆଦର୍ଶ ଗୃହସ୍ଥଙ୍କର ଏକାନ୍ତ କର୍ତ୍ତବ୍ୟ ।'' କିନ୍ତୁ ଗୃହିଣୀ ଉପଯୁକ୍ତ ନ ହେଲେ ଗୃହସ୍ଥଙ୍କ ପକ୍ଷରେ ଆଦର୍ଶ ରକ୍ଷା କରିବା ସହଜ ନୁହେଁ । ତେଣୁ ଜଣେ ବିଧବାଙ୍କୁ ଉପଦେଶ ଦେବାବେଳେ ସେ କହିଛନ୍ତି, ''ସ୍ତ୍ରୀର କର୍ତ୍ତବ୍ୟ ଯେ, ଯେତେ ଦିନ ସ୍ୱାମୀ ଜୀବିତ ଥିବେ, ସେତେଦିନଯାଏ ସେ ସ୍ୱାମୀଙ୍କ ମଧ୍ୟରେ ଜଗତ୍‌ସ୍ୱାମୀ ଭଗବାନଙ୍କୁ, ଗୁରୁଙ୍କୁ ପ୍ରତ୍ୟକ୍ଷ କରି ପୂଜା କରିବେ । ଆଉ ସ୍ୱାମୀଙ୍କର ସ୍ଥୂଳ ଦେହର ମୃତ୍ୟୁ ହୋଇଗଲେ ତାଙ୍କର ସ୍ୱାମୀ ଜଗତ୍‌ସ୍ୱାମୀଙ୍କ ସହିତ ମିଶିଗଲେ ଭାବି ଜଗତ୍‌ସ୍ୱାମୀ ଭଗବାନଙ୍କ ମଧ୍ୟରେ ନିଜର ସ୍ୱାମୀଙ୍କୁ, ନିଜର ଗୁରୁଙ୍କୁ, ନିଜର ଇଷ୍ଟଙ୍କୁ ଚିନ୍ତା କରି ତାଙ୍କର ପୂଜା ଅର୍ଚ୍ଚନା କରିବେ ।''

ଭଗବାନଙ୍କୁ ପାଇବା ପାଇଁ ଭକ୍ତି ଦରକାର । ଭକ୍ତିପଥ ସର୍ବସାଧାରଣଙ୍କ ପକ୍ଷରେ ଅପେକ୍ଷାକୃତ ସୁଲଭ । ବିଶେଷ କୌଣସି କୃଚ୍ଛ୍ର ସାଧନା ନ ହେଲେ ଚଳିପାରେ । ''ଭକ୍ତିପଥରେ ନାନାପ୍ରକାର ସାଧନା ପ୍ରଚଳିତ ଅଛି । ତନ୍ମଧ୍ୟରୁ ସାଧୁସଙ୍ଗ ପ୍ରଧାନ । ସଦ୍‌ଗ୍ରନ୍ଥାଦି ପାଠ ମଧ୍ୟ ସାଧୁସଙ୍ଗର ଅନ୍ତର୍ଗତ ।'' ଏପରି ସାଧନକୌଶଳର ସୂଚନା ସେ ଗୃହସ୍ଥମାନଙ୍କୁ ଦେଇଛନ୍ତି । ଯେ ବିଶ୍ୱାସ କରି ଅଭ୍ୟାସ କରନ୍ତି, ସେ ହାତେ ହାତେ ତାହାର ଜ୍ୱଳନ୍ତ ନିଦର୍ଶନ ପ୍ରତ୍ୟକ୍ଷ କରିଥାନ୍ତି । ଏହି ସାମାନ୍ୟ କଥାରେ ଭକ୍ତି ଓ ତାହା ବଳରେ ଭଗବାନ ଲାଭ ହେବା ହାସ୍ୟାସ୍ପଦ ବୋଲି ଯେଉଁ ସାଧନାକାରୀମାନେ ତାହା ପ୍ରତ୍ୟାଖ୍ୟାନ କରନ୍ତି, ତାଙ୍କର ଭୁଆଁବୁଲା ମାତ୍ର ସାର ହୁଏ । ମହାପୁରୁଷମାନେ ସାଧନ-କୌଶଳର ସଂକେତ ଦେଇଦିଅନ୍ତି । ତାହାର ମୂଳତତ୍ତ୍ୱ ଓ ଆନୁଷଙ୍ଗିକ ସାଧନା ଜାଣିବାକୁ ହେଲେ ଖୋଳିତାଡ଼ି ପ୍ରଶ୍ନ ପଚାରି ତାଙ୍କ ଭିତରୁ ବାହାର କରିବାକୁ ହୁଏ । ନ ହେଲେ ଯେତିକି ପାଇଲ ସେତିକିରେ ତୃପ୍ତ ହୋଇ ପରେ ଅନୁତାପ କରିବା ଉଚିତ ନୁହେଁ ।

ଭଗବାନ ଅତି ଦୁର୍ଲ୍ଲଭ ବସ୍ତୁ । ତାଙ୍କୁ ପାଇବା କେବଳ ଭାଗ୍ୟବାନଙ୍କ ପକ୍ଷରେ ସମ୍ଭବ । ତଥାପି ଇଚ୍ଛା କଲେ ଏବଂ ସେ ଇଚ୍ଛା ଅପ୍ରତିହତ ହେଲେ ପାଇବାର ଉପାୟ ଆପେ ଆପେ ଆସି ପହଞ୍ଚିବ । ସେହି ଉପାୟ ବଳରେ ଭଗବାନଙ୍କୁ ପାଇ ଭକ୍ତ ପୂର୍ଣ୍ଣକାମ ହୋଇପାରିବେ । ''ପ୍ରଧାନ କଥା, ଭଗବାନଲାଭ ବା ତତ୍ତ୍ୱ ଉପଲବ୍ଧି ପାଇଁ ପ୍ରାଣର ଐକାନ୍ତିକ ବ୍ୟାକୁଳତା ଓ ଗୁରୁଙ୍କ ପ୍ରତି ଅଚଳ, ଅଟଳ ବିଶ୍ୱାସ ଥିବା ଆବଶ୍ୟକ ।'' କାରଣ ଗୁରୁଙ୍କ ପ୍ରତି ବିଶ୍ୱାସ ରଖିଲେ ଗୁରୁଙ୍କ ଚିନ୍ତାଧାରାର ତରଙ୍ଗରେ ପ୍ରଭାବିତ ହୋଇ ଭକ୍ତଙ୍କର ଚିନ୍ତାଧାରା କ୍ରମେ ଊର୍ଦ୍ଧ୍ୱମୁଖୀ ହେବ ଏବଂ କେତେ ସମୟ ଏହି ଭାବରେ ନିର୍ଦ୍ଦିଷ୍ଟ ପଥରେ ଗତି କଲେ ଭଗବତ୍ ଚିନ୍ତାଧାରା ସହିତ ସଂଯୁକ୍ତ ହୋଇପାରିବ । ଏହା ଭଗବତ୍ ଦର୍ଶନ ବା ତତ୍ତ୍ୱ ଉପଲବ୍ଧି । ଯେପରି ରେଣୁ ସମ କ୍ଷୁଦ୍ର ବୀଜ ମଧ୍ୟରେ ପ୍ରକାଣ୍ଡ ବୃକ୍ଷର ମୂଳସତ୍ତା ବିଦ୍ୟମାନ, ସେହିପରି ପ୍ରଜ୍ଞାବାନ୍ ମନୀଷୀଙ୍କର ଲେଶମାତ୍ର ବାକ୍ୟସଙ୍କେତକୁ ଧରି ତାହା ପ୍ରୟୋଗ କରିପାରିଲେ ସେଥିରୁ ବିରାଟ ଭୂମାଙ୍କର ବିକାଶ ହେବା କେବଳ ସମ୍ଭବ ନୁହେଁ, ସୁନିଶ୍ଚିତ ମଧ୍ୟ । ନହେଲେ ବୈଜ୍ଞାନିକ ସତ୍ୟ ବୋଲି କିଛି ରହି ନପାରେ । କିନ୍ତୁ ସମସ୍ତଙ୍କର ଚିନ୍ତାଧାରା ଏକାପରି ନୁହେଁ । ସଂସ୍କାର ଭେଦରେ ମନର ଭାବନା ବିଭିନ୍ନ ପ୍ରକାର ଦେଖାଯାଏ । ତେଣୁ ଭକ୍ତିପଥରେ ଯାହାଙ୍କର ଶ୍ରଦ୍ଧା ନାହିଁ, ତାଙ୍କ ପାଇଁ ସେ ଅନ୍ୟ ପଥ ଦେଖାଇ ଯାଇଛନ୍ତି ।

ଭାରତ ପରାଧୀନ ଥିଲା । ଏହା ତା'ର କୃତକର୍ମର ଫଳ ବୋଲି ସ୍ୱାମୀ ବିବେକାନନ୍ଦ ପ୍ରଭୃତି ମହାପୁରୁଷମାନେ କହିଛନ୍ତି । ଠାକୁର ନିଗମାନନ୍ଦ ମଧ୍ୟ କଥାପ୍ରସଙ୍ଗରେ ଜଣେ ଶିଷ୍ୟଙ୍କୁ ଉତ୍ତର ଦେଇ କହିଛନ୍ତି—''ଏ ପାପ ବ୍ୟକ୍ତିଗତ ନୁହେଁ, ଏହା ସମଷ୍ଟିଗତ ପାପର ଫଳ । ଭାରତର ପତନ ଭଗବାନଙ୍କ ଇଚ୍ଛାରେ ହୋଇଛି । ପତନ ନ ହେଲେ ଉତ୍‌ଥାନ ଅସମ୍ଭବ । ଭାରତ ଦିନେ ଉନ୍ନତିର ଚରମ ସୀମାକୁ ଉଠିଯାଇଥିଲା । ପ୍ରାକୃତିକ ନିୟମରେ ତାହାର ପତନ ଅବଶ୍ୟମ୍ଭାବୀ ।''

''ଯୋଗୀ ଋଷିମାନେ ଇଚ୍ଛା କଲେ ମୁହୂର୍ତ୍ତକରେ ଏହାର ପରିବର୍ତ୍ତନ କରିଦେଇପାରନ୍ତେ । ମାତ୍ର ସେମାନଙ୍କ ଇଚ୍ଛା ଭଗବାନଙ୍କ ଇଚ୍ଛା ସହିତ ମିଳିତ । ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିବାକୁ ଗଲେ ଅସୁରଙ୍କ ପରି କାର୍ଯ୍ୟ କରିବାକୁ ହେବ । ତେବେ କେତେବେଳେ କଅଣ ଘଟିବ, ଯୋଗୀମାନେ ତାହାସବୁ ଜାଣନ୍ତି । ମୁଁ ଜାଣେ, ଭାରତ ଅଳ୍ପ ଦିନ ଭିତରେ ଖୁବ୍ ଉନ୍ନତ ହୋଇଉଠିବ । ପାଶ୍ଚାତ୍ୟ ଜଗତର ଜଡ଼ ବିଜ୍ଞାନର ଫଳ କଳକାରଖାନା ପାଶ୍ଚାତ୍ୟବାସୀଙ୍କୁ ଶାନ୍ତି

ଦେଇପାରିବ ନାହିଁ । ସେମାନେ ବଳେ ବଳେ ଭାରତ ଦୁଆରେ ଶାନ୍ତିର ଭିକାରି ହୋଇ ଠିଆହେବେ । ଯେପରି ଭାରତର ସମସ୍ତ ଜାତି ଦିନେ ବ୍ରାହ୍ମଣମାନଙ୍କର ପଦାନତ ଥିଲେ, ସେହିପରି ସମଗ୍ର ଜଗତ ଭାରତର ପଦାନତ ହେବ । ସ୍ୱାଧୀନତା ଆମମାନଙ୍କୁ ମାଗିବାକୁ ହେବ ନାହିଁ । ସେମାନେ ଆପେ ଆପେ ଯାଚି ସ୍ୱାଧୀନତା ଦେଇଦେବେ । ଭାରତ ସେମାନଙ୍କର ଧର୍ମଗୁରୁ ହୋଇ ରହିବ ।'' ଏଥର ଶିଷ୍ୟ ପ୍ରଶ୍ନ କଲେ, ''ଠାକୁର, ଏସବୁ କେତେ ଦିନ ପରେ ହେବ ?'' ସେ ଉତ୍ତର ଦେଇଥିଲେ, ''ଖୁବ୍ ନିକଟରେ ।''

ଏହା ୧୭।୭।୧୯୩୪ ମସିହାର ଉକ୍ତି । କିନ୍ତୁ ହାୟ, କିଏ ଜାଣିଥିଲା ଯେ, ଏହି 'ଖୁବ୍ ନିକଟରେ' ୧୯୪୭ରେ ଶେଷ ହେବ ? ମହାପୁରୁଷମାନଙ୍କର ଖୁବ୍ ନିକଟରେ ଅର୍ଥ ୫୦ କି ୧୦୦ ବର୍ଷ ହୋଇପାରେ ବୋଲି ଆମେମାନେ ମନେ କରିଥିଲୁ । କିନ୍ତୁ ସ୍ୱାଧୀନତା ସେମାନେ ଆପେ ଆପେ ଯାଚି ଦେଇଯିବେ— ଏ କଥା ଆମେ ବିଚାରକୁ ନେଇନଥିଲୁ, ବିଶ୍ୱାସ କରିବା ତ ଦୂରର କଥା । କାରଣ ଭାରତର ଏହି ସ୍ୱାଧୀନତାପ୍ରାପ୍ତି ଘଟଣାକୁ ମହାତ୍ମା ଗାନ୍ଧିଙ୍କ ସମର କୌଶଳ, ଭାରତର ଅଦମ୍ୟ ସଂକଳ୍ପ, ବ୍ରିଟିଶ ସରକାରର ଔଦାର୍ଯ୍ୟ ବା ଭାରତରେ ପ୍ରଚ୍ଛନ୍ନ ଶକ୍ତିର ଉନ୍ମେଷର ଆଭାସ ପରିଦର୍ଶନରେ ଚତୁର ବ୍ରିଟିଶ ଜାତିର ସତର୍କତା ଅବଲମ୍ବନ ବା ଆନ୍ତର୍ଜାତିକ ସଂକଟାପନ୍ନ ଅବସ୍ଥାଚକ୍ରରେ ପତିତ ବ୍ରିଟିଶ ଜାତିର ରାଜନୀତିକ କୁଶଳତା, ଯାହା କିଛି କୁହ ପଛେ, ଏହି ସ୍ୱାଧୀନତାପ୍ରାପ୍ତି ଯେ ବିନା ସଂଘର୍ଷରେ ସଂଘଟିତ ଏବଂ ଏକପ୍ରକାର ଆପୋଷରେ ସମ୍ପନ୍ନ ହୋଇଛି, ଏଥିରେ ତାଙ୍କର ଭବିଷ୍ୟତ ବାଣୀ ସଫଳ ହୋଇଛି ବୋଲି କହିବା ବାହୁଲ୍ୟ ମାତ୍ର । ସତ୍ୟଦ୍ରଷ୍ଟା ଋଷିଙ୍କର ବାଣୀ ସତ୍ୟ, ତାହା ଏଥିରୁ ଅତି ସହଜରେ ବୁଝାଯାଏ । ତେଣୁ ମହାପୁରୁଷଙ୍କ ବାକ୍ୟର ମୂଲ୍ୟର ତୁଳନା ନାହିଁ ।

ଆଜି ''ନୀଳାଚଳବାଣୀ''ରେ ସେହି ମହାପୁରୁଷଙ୍କର ଅମୃତ ଉପଦେଶ ଛତ୍ରେ ଛତ୍ରେ ପାଠକରି ଜୀବନ ନିୟମିତ, ଶୃଙ୍ଖଳିତ ଓ ସଂଯତ ହେଉ, ନାଗରିକମାନେ ଆଦର୍ଶ ଗୃହସ୍ଥ ହେଉନ୍ତୁ ଏବଂ ନାରୀ ସୁସନ୍ତାନର ଜନନୀ ହେଉନ୍ତୁ, ଅର୍ଥାତ୍ ତାଙ୍କ ଇଚ୍ଛା ଫଳ ଧାରଣ କରୁ—ଏହାହିଁ ଆମର ବାସନା ।

ରାୟଗଡ଼ା, କୋରାପୁଟ
ତା୧୯।୧୨।୧୯୪୮

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
ଈଶ୍ୱର ସାହୁ

ଜୟଗୁରୁ

ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।

ପରମାରାଧ୍ୟତମ ଶ୍ରୀଶ୍ରୀଠାକୁର ମହାରାଜଙ୍କର ଅହେତୁକୀ କୃପାରୁ 'ନୀଳାଚଳବାଣୀ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ବହୁ ବାଧାବିଘ୍ନ ମଧ୍ୟଦେଇ ପ୍ରକାଶିତ ହେଲା ।

ଶ୍ରୀଶ୍ରୀ ଠାକୁର ପରମହଂସ ନିଗମାନନ୍ଦ ସରସ୍ୱତୀଦେବ ତାଙ୍କ ଶେଷ ଜୀବନର ଲୀଳାକ୍ଷେତ୍ର ଓ ବିଶ୍ରାମସ୍ଥଳ ରୂପରେ ପୁରୀଧାମକୁ ହିଁ ବାଛି ନେଇଥିଲେ । ବହୁଦିନ ତଳର କଥା, ଶ୍ରୀଶ୍ରୀ ଠାକୁର ପରିବ୍ରାଜକ ଅବସ୍ଥାରେ ଚତୁର୍ଦ୍ଧାମ ପରିକ୍ରମା କରିବା ସମୟରେ ପ୍ରଥମେ ପୁରୀଧାମକୁ ଆସି ପୁରୀର 'ବଗଲା' ଧର୍ମଶାଳାର ୧୯ ନମ୍ବର କୋଠରିରେ ଅବସ୍ଥାନ କରିଥିଲେ । ପରେ ସିଦ୍ଧଜୀବନରେ ୧୩୧୭ ସାଲରେ (ଇଂରେଜୀ ୧୯୧୦ ମସିହା) ଦୁର୍ଗାପୁର ଆଶ୍ରମ ପ୍ରତିଷ୍ଠା ପରେ ସେହି ଆଶ୍ରମରୁ ଚିଦାନନ୍ଦ ମହାରାଜ ଓ ଭାଇ ଶ୍ରୀଯୁକ୍ତ ନୃପେନ୍ଦ୍ର ଚନ୍ଦ୍ର ରାୟ ପ୍ରଭୃତିଙ୍କ ସଙ୍ଗରେ ପୁରୀ ଆସି ସେହି ବଗଲା ଧର୍ମଶାଳାର ପୂର୍ବୋକ୍ତ କୋଠରିରେ ଅବସ୍ଥାନ କରିଥିଲେ । ନାନା କାରଣରୁ ଦୁର୍ଗାପୁର ଆଶ୍ରମ ଉଠିଯିବା ପରେ ମନୋନୀତ ଦୁଇ ଚାରି ଜଣ ସେବକଙ୍କୁ ସଙ୍ଗରେ ଧରି ବଙ୍ଗଦେଶ ବାହାରେ ସେ ଆଶ୍ରମ ସ୍ଥାପନ କରିବାକୁ ମନସ୍ଥ କଲେ । କିନ୍ତୁ ପରେ ସେ ନାନା କାରଣରୁ ପୁରୀ ଆସିବାକୁ ସ୍ଥିର କଲେ । ଏହାପରେ ସେ ୧୩୨୮ ସାଲ ଆଶ୍ୱିନ ମାସରେ ସ୍ୱାମୀ ସ୍ୱରୂପାନନ୍ଦ ମହାରାଜଙ୍କୁ ସେବକ ଭାବରେ ସଙ୍ଗରେ ଧରି ପ୍ରଥମେ ପୁରୀରେ କମଳ କାମିନୀ କୁଟୀର ନାମକ ଗୋଟିଏ ଭଡ଼ା ଘରେ ଅବସ୍ଥାନ କଲେ । ସେହିବର୍ଷ ପ୍ରଜ୍ଞାନନ୍ଦ ମହାରାଜ ମାର୍ଗଶୀର ମାସରେ ଉକ୍ତ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଥମ ଦର୍ଶନ ଲାଭ କଲେ । ଶ୍ରୀଶ୍ରୀ ଠାକୁର କାଶୀଧାମଠାରୁ ପୁରୀଧାମକୁ ଅଧିକ ପସନ୍ଦ କରିବାର ବହୁବିଧ କାରଣ ଥିଲା । ସେତେବେଳେ ପୁରୀଧାମ କାଶୀଧାମ ଅପେକ୍ଷା ଅଳ୍ପ ଜନବହୁଳ ଥିଲା । କେବଳ ସପ୍ତଫେଣୀ କଣ୍ଟାବଣ ଓ

ଝାଉଁବଣରେ ପୁରୀର ଅଧିକାଂଶ ସ୍ଥାନ ପୂର୍ଣ୍ଣ ଥିଲା । ସମୁଦ୍ରକୂଳରେ ଯେଉଁ କେତେଗୋଟି ବାସଗୃହ ଥିଲା, ସେଠାରେ ସାମୟିକ ଭାବରେ ଲୋକମାନେ ବାସ କରୁଥିଲେ । ଶ୍ରୀଶ୍ରୀ ଠାକୁର ନିଜକୁ ଗୋପନ ରଖି ବିଶ୍ରାମ କରିବାକୁ ପୁରୀକୁ ଆସିଥିଲେ । କାରଣ ସେତେବେଳେ ପୁରୀ ବ୍ୟତୀତ ଅନ୍ୟତ୍ର ଆତ୍ମଗୋପନ କରି ରହିବା ସମ୍ଭବପର ନଥିଲା । କିନ୍ତୁ ପୁରୀରେ ସେ ଶେଷ ଚତୁର୍ଦ୍ଦଶ ବର୍ଷ ଅଜ୍ଞାତବାସ ଭଳି ଗୋପନରେ କଟାଇଥିଲେ । ଏହାର କିଛି ଦିନ ପରେ ସେ ସମୁଦ୍ରର ଅନତିଦୂରସ୍ଥ 'ଗିରିକୁଟୀର' ନାମକ ସ୍ଥାନରେ ଅବସ୍ଥାନ କଲେ ।

ଜଗନ୍ନାଥଧାମର ଜଗନ୍ନାଥ ସଂସ୍କୃତି ଭାରତପ୍ରସିଦ୍ଧ । ଶ୍ରୀଜଗନ୍ନାଥ ହିଁ ଉତ୍କଳର ଗୌରବ । ଏହି ପୀଠ ଅତି ବିଚିତ୍ର । ଉତ୍କଳୀୟ ସାମାଜିକ ଜୀବନରେ ଶ୍ରୀଜଗନ୍ନାଥ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ । ତେଣୁ ଉତ୍କଳ କହିଲେ ଜଗନ୍ନାଥଙ୍କ ଦେଶକୁ ବୁଝାଇଥାଏ । ବଙ୍ଗଳା ଚୈତନ୍ୟ ଭାଗବତରେ ନୀଳାଚଳ ମାହାତ୍ମ୍ୟ ବିଷୟରେ ସ୍ୱୟଂ ବିଷ୍ଣୁ ଶିବଙ୍କୁ କହୁଛନ୍ତି—

ସେହି ସ୍ଥାନ କଥା ଶିବ କହୁଛନ୍ତି ତୁମରେ,
ସେ ପୁରୀର ମର୍ମ ମୋର କେହି ନାହିଁ ଜାଣେରେ ।
ସିନ୍ଧୁତୀରେ ବଟମୂଳେ ନୀଳାଚଳ ନାମ,
କ୍ଷେତ୍ର ଶ୍ରୀପୁରୁଷୋତ୍ତମ ଅତି ରମ୍ୟ ସ୍ଥାନ ।
ଅନନ୍ତ ବ୍ରହ୍ମାଣ୍ଡ ହେବ ସଂହାର ଯେ କାଳେ,
ତଥାପି ସେ ସ୍ଥାନର କେହି କିଛି କରିନାହିଁ ପାରେ ।
ସର୍ବକାଳ ସେଇ ସ୍ଥାନେ ଆମର ବସତି,
ନିତି ପ୍ରତିଦିନ ମୋର ଭୋଜନ ହୁଏ ତଥି ।
ସେ ସ୍ଥାନର ପ୍ରଭାବରେ ଯୋଜନ ଦଶ ଭୂମି,
ତହିଁରେ ବସନ୍ତି ଯେତେ ଜନ୍ତୁ କୀଟ କୃମି ।
ସକଳେ ଦେଖନ୍ତି ଚତୁର୍ଭୁଜ ଦେବଗଣେ,
'ଭୁବନ ମଙ୍ଗଳ କରୀ' କହନ୍ତି ଯେ ସ୍ଥାନେ ।
ନିଦ୍ରାରେ ଯେ ସ୍ଥାନେ ସମାଧିଫଳ ଲାଭ ହୁଏ,
ଶୟନେ ପ୍ରଣାମ ଫଳ ଯଥା ବେଦେ କହେ ।
ପ୍ରଦକ୍ଷିଣ ଫଳ ହୁଏ କରିଲେ ଭ୍ରମଣ,

କଥା ମାତ୍ର ଯଥା ହୁଏ ମୋହର ସ୍ତବନ ।
ନିଜ ନାମେ ସ୍ଥାନ ମୋର ଅଟେ ପ୍ରିୟତମ,
ତହିଁରେ ଯେତେକ ପ୍ରାଣୀ ସେ ମୋହର ସମ ।

ନାନାବିଧ କାରଣରୁ ଶ୍ରୀଶ୍ରୀ ଠାକୁର ଅବଶିଷ୍ଟ ଜୀବନ ପୁରୀଧାମରେ ଅତିବାହିତ କରିବାକୁ ମନସ୍ଥ କରି ସ୍ଥାୟୀ ବାସ ଉପଯୋଗୀ ସ୍ଥାନର ଅନୁସନ୍ଧାନ କଲେ । ପୂର୍ବରୁ ସେ ନାନା ସ୍ଥାନ ଭ୍ରମଣ କରି ତାଙ୍କର ମୂଳ କେନ୍ଦ୍ର ଆସାମର ସାରସ୍ୱତ ମଠକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ବର୍ତ୍ତମାନ ପୁରୀଧାମ ସେହି ସ୍ଥାନ ଅଧିକାର କଲା । ଶ୍ରୀଶ୍ରୀଠାକୁର ବହୁକାରଣରୁ ମଠରୁ ୧୩୨୮ ସାଲଠାରୁ ମହିଳା ବିଭାଗ ଉଠାଇ ଦେଇଥିଲେ । ୧୩୨୭ ସାଲ ଆଷାଢ଼ ୨୪ ଦିନ ବିମଳା ମା'ଙ୍କ ବିବାହ ପରେ ମଠରେ କୌଣସି ମହିଳାଙ୍କୁ ରଖା ନଯିବାକୁ ସ୍ଥିର ହେଲା । ପୁରୀକୁ ଆସିବାବେଳେ ସଙ୍ଗରେ ଥିଲେ ସୁର ମା, ବିମଳା ମା ଓ ସେବକ ଥିଲେ ହରିଦାସ ଓ ଭଜ ଅଶ୍ୱିନୀ ଓ ରାଜକୁମାର ବାବୁଙ୍କ ମା । ୧୩୨୯ ସାଲ ବୈଶାଖ ମାସ ୪ ଦିନ ସେ ପୁରୀ ଆସି ଭକ୍ତମାନଙ୍କ ସହିତ ପୁରୀର ଗୋଏଙ୍କା ଧର୍ମଶାଳାରେ ଅବସ୍ଥାନ କରିଥିଲେ । ପ୍ରଥମ ଦିନ ସେ ଭକ୍ତମାନଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉଦ୍ଦେଶ୍ୟରେ ମନ୍ଦିରକୁ ଯାଇଥିଲେ । ତାଙ୍କର ଜଗନ୍ନାଥ ଦର୍ଶନ ମଧ୍ୟ ଅଭିନବ । ସେ ନାଟମନ୍ଦିର ଭିତରେ ପ୍ରବେଶ କରି କିଛିକ୍ଷଣ ପର୍ଯ୍ୟନ୍ତ ଅପଲକ ଦୃଷ୍ଟିରେ ଶ୍ରୀଜଗନ୍ନାଥଙ୍କୁ ନିରୀକ୍ଷଣ କରୁଥିଲେ । ତତ୍ପରେ ଭୂମିଷ୍ଠ ପ୍ରଣାମ କରିବା ପରେ ଅନ୍ୟମାନଙ୍କୁ ପ୍ରଣାମ କରିବାକୁ ନିର୍ଦ୍ଦେଶ ଦେଉଥିଲେ । ସେମାନେ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରି ଶ୍ରୀଶ୍ରୀ ଠାକୁରଙ୍କ ପାଦସ୍ପର୍ଶ କରୁଥିଲେ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ମଧ୍ୟ ସେ ତୃପ୍ତିର ସହିତ ଭୋଜନ କରୁଥିଲେ । ମାନଗୋବିନ୍ଦ ଗୋଛିକାର ଓ ପରେ ନରସିଂହ ଗୋଛିକାରଙ୍କୁ ସେ ପଣ୍ଡା ବୋଲି ସ୍ୱୀକାର କରିଥିଲେ । ସେ ପ୍ରାୟ ପ୍ରତିଦିନ ସମୁଦ୍ରରେ ସ୍ନାନ କରୁଥିଲେ ଏବଂ ସମୁଦ୍ରକୂଳରେ ଭ୍ରମଣ କରୁଥିଲେ । ଏହାହିଁ ସେ ସମୟର ଉଲ୍ଲେଖଯୋଗ୍ୟ ଘଟଣା । ସେହିବର୍ଷ ରଥଯାତ୍ରା ପର୍ଯ୍ୟନ୍ତ ସେ ପୁରୀରେ ଅବସ୍ଥାନ କରିଥିଲେ । ଶ୍ରୀଶ୍ରୀ ଠାକୁର ରଥଯାତ୍ରା ସମୟରେ ମଙ୍ଗୁମଠ ଛାତରେ ଦଶ ଟଙ୍କା ଭଡ଼ାଦେଇ ଶ୍ରୀଜଗନ୍ନାଥଙ୍କ ପହଣ୍ଡିବିଜେ ଦର୍ଶନ କରିଥିଲେ । ପରେ ଶିଷ୍ୟମାନଙ୍କ ସହିତ ରଥଦଉଡ଼ି ଧରି ଟାଣିଥିଲେ । ରଥଯାତ୍ରା ଶେଷରେ ଶ୍ରୀଶ୍ରୀ ଠାକୁର ପୁରୀରୁ ଅନ୍ୟତ୍ର ଗମନ କରି ପୁନରାୟ ଶାରଦୀୟ ପୂଜା ପରେ ପୁରୀ ପ୍ରତ୍ୟାବର୍ତ୍ତନ କଲେ ।

୧୩୨୯ ସାଲ ଚୈତ୍ରମାସ ୧୨ ଦିନ ଶ୍ରୀଶ୍ରୀଠାକୁର ଗିରିକୁଟୀର ତ୍ୟାଗ କରି ବଙ୍ଗଦେଶକୁ ଭ୍ରମଣ ଉଦ୍ଦେଶ୍ୟରେ ବାହାରି ପୁଣି ୧୩୩୦ ସାଲ ଆଶ୍ୱିନ ୧୨ଦିନ ପୁରୀ ଆସିଲେ । ସଙ୍ଗରେ ଥିଲେ ପ୍ରଜ୍ଞାନନ୍ଦ ମହାରାଜ, ବ୍ରହ୍ମଚାରୀ ହରିଦାସ ଓ ସୁର ମା । ପୁଣି ତିନି ମାସ ଗିରିକୁଟୀରରେ ଅବସ୍ଥାନ କରିବା ପରେ ଶ୍ରୀଶ୍ରୀଠାକୁର ବଙ୍ଗଦେଶକୁ ଗଲେ । ପୁରୀରେ ବାସୋପଯୋଗୀ ଗୃହ 'ନୀଳାଚଳ କୁଟୀର' କ୍ରୟ କରିବାର ଭାର ପ୍ରଜ୍ଞାନନ୍ଦ ମହାରାଜଙ୍କ ଉପରେ ଅର୍ପଣ କଲେ । ହେମଚନ୍ଦ୍ର ରାୟ ନାମକ ଜଣେ ଭଦ୍ରବ୍ୟକ୍ତିଙ୍କଠାରୁ ପ୍ରଜ୍ଞାନନ୍ଦ ମହାରାଜ ଶ୍ରୀଶ୍ରୀଠାକୁରଙ୍କ ନାମରେ ତତ୍କାଳୀନ ଛଅ ହଜାର ଟଙ୍କା ମୂଲ୍ୟରେ ସେହି ଘରକୁ ଖରିଦ କଲେ ଏବଂ ୧୩୩୧ ସାଲ ବୈଶାଖ ମାସର ପ୍ରଥମ ଦିନ ଶ୍ରୀଶ୍ରୀଠାକୁର ଏହି ଗୃହରେ ପ୍ରବେଶ କଲେ । ଗୃହଟିର ଅନ୍ୟ କିଛି ବିଶେଷତ୍ୱ ନଥିଲେ ମଧ୍ୟ ଛାତ ଉପରେ ଥିବା ଗୃହର ନିର୍ଜ୍ଜନ ପରିବେଶ ଶ୍ରୀଶ୍ରୀଠାକୁରଙ୍କ ପକ୍ଷରେ ଅତିଶୟ ରୁଚିକର ହୋଇଥିଲା । ତଳ ମହଲାରେ ସେବକମାନେ ରହିବେ ଏବଂ ଉପରେ ସେ ଏକାକୀ ରହି ନିର୍ଜ୍ଜନତାର ଆନନ୍ଦ ଉପଭୋଗ କରିବେ, ଏହାହିଁ ଥିଲା ଶ୍ରୀଶ୍ରୀଠାକୁରଙ୍କର ଅଭିପ୍ରାୟ । କ୍ରୟମୂଲ୍ୟ ବ୍ୟତୀତ ନୀଳାଚଳ କୁଟୀରକୁ ବାସଯୋଗ୍ୟ କରିବା ନିମିତ୍ତ ଆଉ ପ୍ରାୟ ଛ'ହଜାର ଟଙ୍କା ମଧ୍ୟ ଖରଚ କରିବାକୁ ପଡ଼ିଥିଲା ।

୧୩୩୧ ସାଲରେ ସନ୍ଦୀପର ସରଯୂ ମା'ଙ୍କୁ ସଙ୍ଗରେ ଆଣି ଶ୍ରୀଶ୍ରୀଠାକୁର 'ନୀଳାଚଳ କୁଟୀର'ର ସେବାଭାର ଅର୍ପଣ କଲେ । ସେହି ବର୍ଷ ଆଷାଢ଼ ମାସରେ ଗୋଟିଏ ଅନାଥ ଶିଶୁକନ୍ୟାର ଭାର ଶ୍ରୀଶ୍ରୀଠାକୁରଙ୍କୁ ବହନ କରିବାକୁ ପଡ଼ିଲା । ଶିଶୁର ଜନ୍ମମାତ୍ରକେ ତାହାର ମା' ଇହଲୀଳା ସମ୍ବରଣ କଲେ । ପିତା ହେଲେ ସଂସାରତ୍ୟାଗୀ ବୈରାଗୀ । କୁଟୀରର ସେବିକାମାନେ ଏହି ଶିଶୁକନ୍ୟାର ଲାଳନପାଳନ ଭାର ଗ୍ରହଣ କଲେ । ଶ୍ରୀଶ୍ରୀଠାକୁର ଏହି ଶିଶୁକୁ ନିଜର କନ୍ୟାଭାବରେ ପ୍ରତିପାଳନ କରି ଦିନେ ମନ୍ତବ୍ୟ ସ୍ୱରୂପ କହିଲେ—''ଏହି କନ୍ୟାଟି ହିଁ ଚୈତନ୍ୟର ଶେଷପାତ୍ର ।'' ସେହି ଶିଶୁକନ୍ୟାର ନାମ ଶ୍ରୀମତୀ ନାରାୟଣୀ ଦେବୀ ।

୧୩୩୩ ସାଲ ଚୈତ୍ର ୧୫ ଦିନ ଶ୍ରୀଶ୍ରୀଠାକୁର ହରିଦ୍ୱାର କୁମ୍ଭମେଳାକୁ ଗମନ କଲେ । ଶ୍ରୀଠାକୁରଦାସ ବ୍ରହ୍ମଚାରୀ (ହରେନ୍‌ଦା) ସେହି ବର୍ଷ କୁଟୀରରେ ସେବକ ଭାବରେ ଯୋଗ ଦେଲେ । ହରେନ୍ ଦା ଆସିବା ପରେ ସେବକ

ହରିଦାସ ଭାଇ ତୀର୍ଥ ଭ୍ରମଣରେ ବହିର୍ଗତ ହୋଇ ଅଳ୍ପଦିନ ପରେ ଦେହତ୍ୟାଗ କଲେ ।

୧୩୩୪ ସାଲ ଭାଦ୍ରମାସ ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁର ପୁରୀଧାମରେ ଅବସ୍ଥାନ କରିଥିଲେ । ଏହି ବର୍ଷ ଶ୍ରାବଣ ମାସରେ ବସ୍ତରର ରାଜାସାହେବ ଭାଇ ଶ୍ରୀଯୁକ୍ତ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓ ଏହି 'ନୀଳାଚଳ କୁଟୀର'ରେ ଦୀକ୍ଷା ଗ୍ରହଣ କରିଥିଲେ । ଶ୍ରୀମତ୍ ସିଦ୍ଧାନନ୍ଦ ସରସ୍ୱତୀ ଓ ପ୍ରଜ୍ଞାନନ୍ଦ ମହାରାଜ ମଧ୍ୟ ପୁରୀରେ ଶ୍ରୀଶ୍ରୀଠାକୁରଙ୍କ ସହିତ ପ୍ରଥମ ସାକ୍ଷାତ କରିଥିଲେ । ଶ୍ରୀଯୁକ୍ତ ଅଦ୍ୱୈତାନନ୍ଦ ସରସ୍ୱତୀ (ନଳିନୀ ଭାଇ) ଯେ ଗୁରୁଧାମ ଉଦ୍ଧାରକାରୀ ହିସାବରେ ଭକ୍ତମାନଙ୍କ ନିକଟରେ ସୁପରିଚିତ, ସେ ମଧ୍ୟ ୧୩୨୫ ସାଲରେ ପୁରୀଧାମରେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ତାଙ୍କଠାରୁ ଉପଦେଶ ଗ୍ରହଣ କରିଥିଲେ । ରାଜାସାହେବ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓଙ୍କ ଅନୁରୋଧକ୍ରମେ ଶ୍ରୀଶ୍ରୀଠାକୁର ବସ୍ତର ଭ୍ରମଣରେ ବହିର୍ଗତ ହୋଇ ସେଠାରେ ରାଣୀ ପ୍ରଫୁଲ୍ଲକୁମାରୀଙ୍କୁ ଦୀକ୍ଷା ଦାନ କରିଥିଲେ । ବସ୍ତର ଭ୍ରମଣରୁ ଫେରି ଶ୍ରୀଶ୍ରୀଠାକୁର ପୁରୀରେ ପ୍ରାୟ ଏକ ମାସ ଅବସ୍ଥାନ କଲେ । ଏହି ସମୟରେ ଉତ୍କଳର ଭକ୍ତମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଈଶ୍ୱର ସାହୁ, ବାଲାଜୀ ରାଜୁ, ଦୀନବନ୍ଧୁ ଦେଓ ଓ ପୁରୀର ଲୋକନାଥ ମହାନ୍ତି ନାମକ ଜଣେ ଭକ୍ତ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ । ୧୩୩୬ ସାଲରେ ଶ୍ରୀଶ୍ରୀଠାକୁର ଜାମସେଦ୍‌ପୁର ଗମନ କରି ସେଠାରେ କିଛିଦିନ ଅବସ୍ଥାନ କରିବା ପରେ ତାଙ୍କର ପୂର୍ବାଶ୍ରମର ମାଉସୀ ଗୋବିନ୍ଦମୋହିନୀ (ଡାକ ନାମ ଗୋଲାପସୁନ୍ଦରୀ ଦେବୀ)ଙ୍କୁ ସଙ୍ଗରେ ଧରି ପୁରୀ ଆସିଲେ । ସେହିବର୍ଷ ସେ ଅଳ୍ପ ଦିନ ପାଇଁ ପୁରୀରେ ଥିଲେ ।

୧୩୩୮ ସାଲ, ଅର୍ଥାତ୍ ଇଂରାଜୀ ୧୯୩୨ ମସିହା ଫେବୃଆରୀ ମାସରେ କାଲନାର ଭକ୍ତ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସାହା କୁଟୀର ସଂଲଗ୍ନ ଘରେ ଅବସ୍ଥାନ କରି ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ବିବିଧ ଭକ୍ତିଭାବର ଅନୁଶୀଳନ କରୁଥିଲେ । ସେହି ବର୍ଷ ଉତ୍କଳୀୟ ଭକ୍ତମାନଙ୍କ ମଧ୍ୟରୁ ଏକାଦଶୀ, ମୋର ବାପା, ବୋଉ, ଅପା ଓ ଲକ୍ଷ୍ମୀଧର ଦାଦା ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ହୋଇଥିଲେ । ଏହି ବର୍ଷ ଶ୍ରୀଶ୍ରୀଠାକୁର ତୀର୍ଥ ଭ୍ରମଣରେ ବାହାରି ଦିନେ ମାତ୍ର ପୁରୀ ଫେରିଆସି ପୁନରାୟ ଭ୍ରମଣରେ ବାହାରିଗଲେ । ଇଂରାଜୀ ୧୯୩୪ ମସିହା ଦୋଳପୂର୍ଣ୍ଣିମା ଦିନ

ଚୈତନ୍ୟ ଭାଇ ତାଙ୍କ ସହଧର୍ମିଣୀ ମା ସୁରୁଚି ସୁନ୍ଦରୀ ଦେବୀଙ୍କ ସହ ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରୟ ଲାଭ କଲେ । ସେହିବର୍ଷ ବନମାଳୀ ଭାଇ ଶ୍ରୀଶ୍ରୀଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେହିବର୍ଷ କୁଟୀରରେ ବିଦ୍ୟୁତ୍ ଆଲୋକ ଲାଗିଲା ଏବଂ ସାନ୍ଧ୍ୟ ଭ୍ରମଣ ନିମିତ୍ତ ଗୋଟିଏ ରିକ୍ସା ବ୍ରହ୍ମଦେଶର ଆକିୟାବ୍‌ରୁ ଅଣାଗଲା । ଏହି ବର୍ଷ ଜ୍ୟେଷ୍ଠ ମାସ ତ୍ରିଲୋଚନାଷ୍ଟମୀ ଦିନ ମୋର ଓ ନୃପ ଭାଇଙ୍କର ଦୀକ୍ଷା ହୋଇଥିଲା । ସେଦିନ ଥିଲା ଶ୍ରୀଯୁକ୍ତା ନାରାୟଣୀ ଦେବୀ (ଡାକ ନାମ ମନୁ ବା ଲୀଳା)ଙ୍କର ଜନ୍ମଦିନ । ଏହି ବର୍ଷ ତା୧୭।୭।୩୪ ରିଖ ଦିନ ଶ୍ରୀଶ୍ରୀଠାକୁର ହିମାଳୟର ସାଧୁମାନଙ୍କ ମାହାତ୍ମ୍ୟ ବିଷୟରେ କହି ବନମାଳୀ ଭାଇଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯେଉଁ ଭବିଷ୍ୟତ୍‌ବାଣୀ ପ୍ରକାଶ କରିଥିଲେ, ତାହା ଯଥା ସ୍ଥାନରେ ଏହି ପୁସ୍ତକରେ ପ୍ରଦତ୍ତ ହୋଇଅଛି । ଏହି ବର୍ଷ ୨୪।୮।୩୪ ତାରିଖରେ ଶ୍ରୀଶ୍ରୀଠାକୁର ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରି ଯେଉଁ ଉପଦେଶ ଦେଇଥିଲେ ତାହା ମଧ୍ୟ ଏଥିରେ ଲିପିବଦ୍ଧ ହୋଇଅଛି । ଏହି ବର୍ଷ ଆସାମ କୋକିଳାମୁଖ ମଠରେ ଅନୁଷ୍ଠିତ ହୋଇଥିବା ଭକ୍ତ ସମ୍ମିଳନୀରେ ଶ୍ରୀଶ୍ରୀଠାକୁର ନୀଳାଚଳ ସାରସ୍ୱତ ସଂଘର ପ୍ରତିନିଧି ଭାବରେ ପୁରୀକୁ ଭକ୍ତ ସମ୍ମିଳନୀ ନିମନ୍ତ୍ରଣ କଲେ ।

୧୩୪୧ ସାଲ ଅର୍ଥାତ୍ ୧୯୩୫ ମସିହା ଅଗଷ୍ଟ ୩୧ ତାରିଖରେ ଶ୍ରୀଶ୍ରୀଠାକୁର ପୁରୀ ଆସି ସେପ୍‌ଟେମ୍ବର ୬ ତାରିଖ ଦିନ ପ୍ରଥମେ ତାଙ୍କ ଦେହରକ୍ଷା ବିଷୟ ଭକ୍ତମାନଙ୍କ ନିକଟରେ ବ୍ୟକ୍ତ କଲେ, ଅଥଚ ଆମମାନଙ୍କୁ ନେଇ ସେ ବିବିଧ ଆନନ୍ଦ କରିଥିଲେ । ତାହା ସବୁ ଏହି ପୁସ୍ତକର ଶେଷ ଅଧ୍ୟାୟରେ ଲିପିବଦ୍ଧ ହୋଇଅଛି । ପୁରୀତ୍ୟାଗର ଅଳ୍ପଦିନ ପୂର୍ବରୁ ଆମମାନଙ୍କୁ ତାଙ୍କ ଦେହରକ୍ଷା ବିଷୟ ବିଶେଷ ଭାବରେ ବ୍ୟକ୍ତ କରି ଦେହରକ୍ଷା ପରେ କିଭଳି ଆମେମାନେ ତାଙ୍କ ଭାବଧାରା ରକ୍ଷା କରିବୁଁ, ସେ ବିଷୟରେ ଯେଉଁ ଉପଦେଶ ଦେଇଥିଲେ, ତାହା ମଧ୍ୟ ଏଥିରେ ଯଥା ସ୍ଥାନରେ ସନ୍ନିବେଶିତ ହୋଇଅଛି ।

ପରମାରାଧ୍ୟ ଶ୍ରୀଶ୍ରୀଠାକୁର ମହାରାଜ ଯେଉଁସବୁ ଉପଦେଶ ଏହି ନୀଳାଚଳଧାମରେ ଆମମାନଙ୍କୁ ଲକ୍ଷ୍ୟ କରି ପ୍ରଦାନ କରିଛନ୍ତି, ତାହାର ସାରମର୍ମ ହେଲା—''ଯେଉଁମାନେ ଭଗବତ୍ ବୁଦ୍ଧିରେ ଶ୍ରୀଶ୍ରୀଠାକୁରଙ୍କୁ ସୁଖପାଇ ତାଙ୍କରି ଧ୍ୟାନ, ତାଙ୍କ ପ୍ରସଙ୍ଗ ଆଲୋଚନା ଓ ତାଙ୍କରି ନାମ ଗାନ କରିବେ, ସେମାନେ

ତାଙ୍କୁ ଲାଭକରି ଧନ୍ୟ ହେବେ । ସେ ତାଙ୍କର ଅନ୍ତର୍ଦ୍ଧାନ ପରେ ମଧ୍ୟ ନିଜେ ଗୁରୁଭାବରେ ଅଧିଷ୍ଠିତ ରହି ତାଙ୍କ ଶିଷ୍ୟ ଭକ୍ତମାନଙ୍କୁ ସେମାନଙ୍କ ଭାବାନୁଯାୟୀ ପରିଚାଳନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁଠାରେ ଉପରୋକ୍ତ ଭାବର ତିନି ଜଣ ଭକ୍ତ ଏକତ୍ର ହେବେ, ସେଠାରେ ସଂଘ ସ୍ଥାପନ କରି ତାଙ୍କରି ନାମ, ରୂପ, ଗୁଣ ଓ ଲୀଳାଦିର ଆଲୋଚନା ଏବଂ ତାଙ୍କ ମୂର୍ତ୍ତିଧାନପୂର୍ବକ ତାଙ୍କ ଅନୁଷ୍ଠାନ ରକ୍ଷା ନିମିତ୍ତ ନିଷ୍କାମକର୍ମର ଅନୁଶୀଳନ କଲେ ଚିତ୍ତ ଶୁଦ୍ଧଭାବ ଧାରଣ କରିବ । ସେହି ଶୁଦ୍ଧଚିତ୍ତ ଭକ୍ତମାନେ ଅନ୍ତରରେ ଶ୍ରୀଗୁରୁଦେବଙ୍କୁ ସ୍ଥାପନ କରି ତାଙ୍କରି ଧାନ ଓ ତାଙ୍କ ପ୍ରତିଷ୍ଠିତ ସଂଘ ମାଧ୍ୟମରେ ତାଙ୍କରି ଶ୍ରୀଚରଣ ତଳେ ଏକତ୍ର ହୋଇ ସମବେତ ବନ୍ଦନା ପ୍ରାର୍ଥନା ଜ୍ଞାପନ କଲେ ସେ ଅନ୍ତରମନ୍ଦିରରେ ଦର୍ଶନ ଦାନ କରିବେ । ଯେଉଁ ଭକ୍ତମାନେ ତାଙ୍କୁ ଭଗବତ୍‌ଜ୍ଞାନରେ ହୃଦୟାସନ ପ୍ରଦାନ କରି ତାଙ୍କ ଉପଦେଶ ଅନୁସାରେ ନିଜକୁ ପରିଚାଳିତ କରିବେ, ସେହିମାନଙ୍କୁ ହିଁ ତାଙ୍କ ଆଦର୍ଶ ଉଦ୍ଦେଶ୍ୟକୁ ରୂପ ଦେବା ନିମିତ୍ତ ସଂଘବଦ୍ଧ ହୋଇ ଉପାସନା କରିବାକୁ ହେବ । ଉପରୋକ୍ତ ଭାବରେ ଶୁଦ୍ଧଚିତ୍ତ ଭକ୍ତମାନଙ୍କ ଦ୍ୱାରା ହିଁ ପ୍ରକୃତ ସଂଘ ପ୍ରତିଷ୍ଠିତ ହେବ ।''

ଶ୍ରୀଶ୍ରୀଠାକୁର ସ୍ଥୂଳ ଦେହ ତ୍ୟାଗ କରି ଅନ୍ତର୍ଦ୍ଧାନ ହୋଇଛନ୍ତି; କାରଣ ଭକ୍ତମାନେ ତାଙ୍କୁ ବାହାରେ ନ ଖୋଜି ଅନ୍ତର-ମନ୍ଦିରରେ ଧାନ କରି ନିବିଡ଼ ଭାବରେ ତାଙ୍କୁ ଲାଭ କରିପାରିବେ । ପ୍ରତି ଭକ୍ତଙ୍କ ହୃଦୟାସନରେ ପ୍ରତିଷ୍ଠିତ ରହି ଜଣେ ଠାକୁର ବହୁଭାବରେ ଅର୍ଥାତ୍ ବିଭିନ୍ନ ଭକ୍ତଙ୍କ ବିଭିନ୍ନ ଆଧାରରେ ଆବିଷ୍ଟ ହୋଇ ବିବିଧ ଲୀଳା ସମ୍ପନ୍ନ କରିବେ । ଆମେ ବହୁ ମିଳି ଏକ ହେଲେ ଯାଇ ତାଙ୍କୁ ପ୍ରକୃତ ଭାବରେ ଲାଭ କରିପାରିବୁଁ । ଭକ୍ତମାନେ ସଂଘବଦ୍ଧ ଭାବରେ ଏକମନ ଏକପ୍ରାଣ ହୋଇ ତାଙ୍କ ଉପାସନା କଲେ, ବହୁ ମିଳି ଏକ ହେଲେ ସେ ପୁନରାୟ ସ୍ଥୂଳଭାବରେ ଆମମାନଙ୍କ ଅନ୍ତର ମନ୍ଦିରରେ ଆବିର୍ଭୂତ ହୋଇପାରିବେ । ଏକାଗ୍ରଚିତ୍ତଦ୍ୱାରା ତାଙ୍କ ଶ୍ରୀମୂର୍ତ୍ତିଙ୍କର ଧାନ, ତାଙ୍କ ସିଦ୍ଧନାମର ସ୍ମରଣ-ମନନ ଏବଂ ତାଙ୍କ ପ୍ରସଙ୍ଗ ଆଲୋଚନାଦ୍ୱାରା ସେ ସମସ୍ତଙ୍କ ଶୁଦ୍ଧ ଆଧାରରେ ନିଜକୁ ପ୍ରକାଶିତ କରିବେ । ଯେଉଁମାନେ ତାଙ୍କର ଉପରୋକ୍ତ ଇଚ୍ଛାକୁ ରୂପ ଦେଇପାରିବେ, ସେହିମାନେ ହିଁ ତାଙ୍କୁ ଉପଲବ୍ଧି କରିପାରିବେ । ସମସ୍ତଙ୍କ ଅନ୍ତରରେ ଭଗବତ୍

ଭାବରେ ଶ୍ରୀଶ୍ରୀଠାକୁରଙ୍କ ଭାବ ବା ତାଙ୍କ ମୂର୍ତ୍ତି ବିରାଜିତ ହେଲେ ଯଥାର୍ଥ ସଂଘ ପ୍ରତିଷ୍ଠିତ ହୋଇପାରିବ ଏବଂ ବହୁ ହେଲେ ମଧ୍ୟ ଆମେମାନେ ସେହି ଜଣଙ୍କର ଆସ୍ୱାଦନ ଲାଭ କରିପାରିବା ।

ପରିଶେଷରେ ଭକ୍ତମାନଙ୍କୁ ନିବେଦନ, ସମସ୍ତେ ମନେ କରିବେ, ଶ୍ରୀଶ୍ରୀ ଠାକୁର ହିଁ ଆମର ଗୁରୁ ଭଗବାନ ଏବଂ ଆମେ ସମସ୍ତେ ତାଙ୍କର ସେବକ-ସେବିକା । ତାଙ୍କୁ ସୁଖ ପାଇ, ତାଙ୍କ ଇଚ୍ଛାକୁ ରୂପ ଦେବା ହିଁ ଆମ ସମସ୍ତଙ୍କର ସାଧନ-ଭଜନ । ତେଣୁ ଆଜି ଆନନ୍ଦ ଘନମୂର୍ତ୍ତି ଅଯାଚିତ କରୁଣାମୟ ଶ୍ରୀଶ୍ରୀ ଗୁରୁଦେବଙ୍କ ଜୟ ଉଚ୍ଚାରଣ କରି ତାଙ୍କରି ମହିମା ସ୍ମରଣ ଓ ତାଙ୍କ ପାଦପଦ୍ମରେ ଧ୍ୟାନପୂର୍ବକ 'ନୀଳାଚଳବାଣୀ'ର ମୁଖବନ୍ଧ ଉପସଂହାର କରୁଅଛୁ ।

ଶ୍ରୀମତୀ ନାରାୟଣୀ ଦେବୀ ଅସୁସ୍ଥତା ମଧ୍ୟରେ ଆମମାନଙ୍କୁ ଉତ୍ସାହିତ କରିବା ନିମିତ୍ତ ନୀଳାଚଳବାଣୀର ବଙ୍ଗାନୁବାଦ, ପିଲାଙ୍କ ନିଗମାନନ୍ଦ, ଶ୍ରୀଶ୍ରୀନିଗମାନନ୍ଦ ଜୀବନ ପ୍ରସଙ୍ଗର ପ୍ରଥମ ଓ ଦ୍ୱିତୀୟ ଭାଗ ସଙ୍କଳନ ଏବଂ ଶ୍ରୀଶ୍ରୀଠାକୁରଙ୍କ ବୈଶିଷ୍ଟ୍ୟ ସମ୍ବନ୍ଧରେ ବିବିଧ ପ୍ରବନ୍ଧାବଳୀ ପ୍ରଦାନ କରି ବିଶେଷତଃ ବଙ୍ଗଭାଷାରେ ''ନୀଳାଚଳେ ଠାକୁର ନିଗମାନନ୍ଦ'' ପୁସ୍ତକ ପ୍ରଣୟନ କରି ଆମମାନଙ୍କ ମଧ୍ୟରେ ଶ୍ରୀଶ୍ରୀଠାକୁରଙ୍କ ସ୍ମୃତି ଅକ୍ଷୁଣ୍ଣ ରଖିବାକୁ ଆପ୍ରାଣ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ମଧ୍ୟ ଗୁରୁତର ଅସୁସ୍ଥତାମଧ୍ୟରେ ବିବିଧ ଭଗବତ୍ ପ୍ରସଙ୍ଗ ଏବଂ ଶ୍ରୀଶ୍ରୀଠାକୁର ପ୍ରସଙ୍ଗ ନେଇ ସେ ଆମମାନଙ୍କ ସହିତ ବିଶେଷ ଆଲୋଚନା କରିଥାନ୍ତି । ଉତ୍କଳବାସୀ ଭକ୍ତମାନଙ୍କ ପ୍ରସଙ୍ଗରେ ସେ ତାଙ୍କର 'ନୀଳାଚଳେର ଠାକୁର' ନାମକ ଛନ୍ଦୋବନ୍ଧ କବିତାରେ ଯେଭଳି ପୁରୀର ସ୍ମୃତି ଉଦ୍ଦୀପିତ ଭାବରେ ଲେଖିଛନ୍ତି, ତାହାର ଶେଷ କେତେ ପଦ ଏଠାରେ ଉଦ୍ଧାର କରିବାକୁ ମନ ସ୍ୱତଃ ଉତ୍କଣ୍ଠିତ ହେଉଛି । ସେ ଲେଖିଛନ୍ତି—

ଏଲୋ ଆଷାଢ଼େର ନବଘନଘଟା ଆନନ୍ଦ ଏଲୋ ନବ,
ଆଷାଢ଼ୀ ଶୁକ୍ଳା ଦ୍ୱିତୀୟାତିଥିତେ ରଥାରୋହଣ ଉତ୍ସବ ।
ପଥେର ପାର୍ଶ୍ୱେ ମଠେଇ ଦ୍ୱିତଲେ ଦଶଟାକା ଭେଟ ଦିୟେ,
ଶିଷ୍ୟ ସମେତ ବସେନ ଠାକୁର ଆନନ୍ଦମୟ ହୟେ ।
କ୍ରମେ ଦୁଇ ରଥ ମହାକୋଳାହଲେ ଚଲିଗେଲ ରାଜପଥେ,
ଦୀନେର ବନ୍ଧୁ ଜଗତ୍‌ବନ୍ଧୁ ଆସିଲେନ୍ ଶେଷ ରଥେ ।

ହରଷେ ଉଚ୍ଛଳ ସଶିଷ୍ୟ ତବେ ଠାକୁର ଉଠିଯା ପଡ଼ି,
ନିଜହାତେ ସେଇ ପଥେର ଉପର ଟାଣିଲେନ୍ ରଥଦଡ଼ି ।

× × ×

ଆଠାର ଆଷାଢ଼ ଛାଡ଼ି ଏଇ ବାସା ଗିରିକୁଟୀରେ ତେ ଯାଓୟା,
ପନୋର ଚୈତ୍ର ସେଇଖାନହତେ ବାଂଲା ପାନେତେ ଧାଓୟା ।
ଲୁକାୟେ ନିଜେର ମହିମା ଗରିମା ଅତି ସାଧାରଣ ସାଜେ,
କତଦିନ ତାର କେଟେ ଗେଲ ଏଇ ପ୍ରବାସେ ବିଦେଶୀ ମାଝେ ।
ଧୂଳାଭରା ଏଇ ପୁରୀର ପଥେତେ ସଚଳ ରଜତ ଗିରି,
ଦେଖେଛେ ଅନେକ ସଶ୍ରଦ୍ଧ ଭୟେ ଦୂରହତେ ଚୋଖ ଭରି ।
ତରଙ୍ଗମୟ ନୀଳ ସମୁଦ୍ର ରବିକରେ ଝଲମଲ,
ସ୍ନାନରତ ତାଁର ଉନ୍ନତ ବପୁ ବିରାଜେ ଅଚଞ୍ଚଳ ।
ସୁଦୀର୍ଘ ସେଇ ଶୁଭ୍ରଶରୀର ଢେଉ ବିଭଙ୍ଗ ମାଝେ,
ଯେନ ସୃଷ୍ଟିର ଆଦିତେ ସ୍ରଷ୍ଟା କାରଣ ସାଗରେ ରାଜେ ।
ଚାରିଧାରେ ତାଁର ମତ୍ତସିନ୍ଧୁ ଉଥଲେ ଆବେଗମୟ,
ତାର ମାଝେ ସ୍ଥିର ହିରଣ୍ୟରେତାଃ ତିନି କାହାର ଓ ନୟ ।
କତ ବୈକାଳେ ଗମ୍ଭୀର ସେଇ ଚାରୁ ବିକ୍ରମ ଗତି,
କତ ଜନ କାର ହୃଦୟ ଦୋଲାଲୋ କୌତୂହଲେତେ ଅତି ।
ତେରଶ ଏକତ୍ରିଶ ପହେଲା ବୈଶାଖ ଶୁଭଦିନ ଶୁଭକ୍ଷଣେ,
'ନୀଳାଚଳ କୁଟୀରେ'ତେ ଆସିଲେନ୍ ଠାକୁର ନିୟତିର କୋନଟାନେ ?

× × ×

ଏ କୁଟୀର ତାଁର ବିଶ୍ରାମ ସ୍ଥଳ ଦ୍ୱାଦଶ ବରଷ ଧରି,
କତ ଋତୁ ଦିଲ କତ ଉପହାର ତାଁର ଶ୍ରୀଚରଣୋପରି ।
ଭାଗ୍ୟବାନେର ସେରା ଏଇପଥ ଯେପଥ ପାତିୟା ବୁକ,
ଧରିତ ତାଁହାର ଚରଣ କମଳ ଆନନ୍ଦେ ଉତ୍ସୁକ ।
ଘନବନାନ୍ତେ ଫୋଟେଗୋ ମଦିର ସୁଗନ୍ଧଭରା ଫୁଲ,
ସନ୍ଧାନେ ତାଁର ଦୂରହତେ ଆସି ଯୋଟେନାକି ଅଳିକୁଳ ?
ସବ ଆବରଣ ସକଳ ବିଘ୍ନ ତୁଚ୍ଛ କରିୟା ମାନି,

ଗନ୍ଧ ଲୁବ୍‌ଧ ଛୁଟେ ମଧୁକର ନିଜେରେ ମିଳାୟ ଆଣି ।
ତେମନି ସୁଦୂର ବସ୍ତାର ହତେ ଅଲଖ ଆମନ୍ତ୍ରଣେ,
ମିଳିଲେନ୍ ରାଜା ରାଣୀର ସହିତ ଶ୍ରୀଗୁରୁ ଶ୍ରୀଚରଣେ ।
ମିଳିଲ ନୃପାଳ, ଲକ୍ଷ୍ମୀଧର ଆର ଗୋବିନ୍ଦ ଏକାଦଶୀ,
ଦୁର୍ଗାଚରଣ, ବନମାଳୀ ଆରୋ କତ ଯେ ଭକ୍ତ ଆସି ।
ସାଗରେର ବୁକେ ନଦୀଜଲପ୍ରାୟେ ବାଙ୍ଗାଲୀ ଗୁରୁର ପାୟେ,
ଲୁଟାଇଲ ସବ୍ ଉଡ଼ିୟା ଭକ୍ତ ସଁପେଦିଲ ପଦ ଛାୟେ ।
ପ୍ରାଦେଶିକତାର କାଳାନଳ ଆଜି ଘିରିଛେ ଭାରତ ଭୂମି,
ତାର ମାଝେ ବାଜେ ଏକତାର ବାଣୀ ଶୁଣିତେ ପାଓ କି ତୁମି ?
ଯୁଗ ଶେଷ ହତେ ବାକୀ ଦୁବସର ରିକ୍‌ସା ଏକଟି କିଣେ,
ବେଡ଼ାତେ ବାହିର ହଲେନ୍ ଠାକୁର କିଜାନି କି ଛିଲ ମନେ ?

ଅପୂର୍ବ ଶୋଭା ରିକ୍‌ସାର ପଥେ ଅପରୂପ ସେଇ କାନ୍ତି,
ବୟୋଭାରେ ନତ ତବୁ ମହିମାୟ ନୟନେ ବୁଲାୟ ଶାନ୍ତି ।
ପଶ୍ଚାତେ ତାଁର ଭକ୍ତି ବ୍ୟାକୁଳ ସରଳ ଉଡ଼ିୟା ଜନ,
ତେୟାଗି ଲଜ୍ଜା, ଦ୍ୱିଧା, ସଙ୍କୋଚ ଅନୁସରେ ପ୍ରାଣପଣ ।

ହାୟରେ ବାଂଲା ପ୍ରିୟ ସନ୍ତାନେ ବୁକେତେ ପେୟେଛ ତାଇ
ହେନ ଆକୁଳତା ପ୍ରୀତି ଓ ଶ୍ରଦ୍ଧା ବୁଝି କଭୁ ପାଓ ନାଇ ।
ଶୁଧୁ ଦୁଦିନେର ତରେ ଉଡ଼ିୟାରା ପେୟେଛିଲ ତାଁରେ ପାଶେ,
ଦୁଚାର ସନ୍ଧ୍ୟା କେଟେଛେ ତାଁ ସନେ ଗଳ୍ପେ ଆମୋଦେ ହାସେ ।
ମଙ୍ଗଳାଘାଟେ ନୌକାବିହାର, ସାଗରେର କୂଳେ ଯାଓୟା,
ଏତେଇ ତାଁଦେର ସ୍ମୃତିର ଝୋଲାୟ ଶେଷହଲ ଦେଓୟା ନେଓୟା ।

କି ସେ ପରୀକ୍ଷା ଯବେ ଗୁରୁ ଡାକି କହିଲେନ୍ ତାହାଦେର
"ବାଂଲା ବୁଝନା, କଥା ନା ବୁଝିଲେ କି ବୁଝିବେ ଆମାଦେର ?
ଯେଓ ବାଂଲାୟ ଦେଖିବେ ସେଖାନେ ଭକ୍ତସମ୍ମିଳନୀ,
ଶିଖୋ ତାହାଦେର ଆରତି ଓ ପୂଜା", ନାନା ଗୁଣ ବ୍ୟାଖ୍ୟାନି
ବାଙ୍ଗାଲୀର ଆର ବାଂଲାର ଯଶ ଉତ୍ସାହେ ଶତମୁଖେ
ବଲିୟା ଯେତେନ କତ ଅବସରେ ଉପଦେଶଛଲେ ମୁଖେ ।

ତବୁଓ ତାଦେର ଆସେନି ଦ୍ୱନ୍ଦ୍ୱ ଭକ୍ତେର ଏଇ ଦେଶ
ବିଶ୍ୱାସ ଆର ଶ୍ରଦ୍ଧାୟ ଗଡ଼ା ଗୁଣେର ନାଇତ ଶେଷ ।
ସର୍ବଶେଷେର ବତ୍ସର ଏଲୋ ନିଦାରୁନ୍ ତାଁର କଥା,
ଭୟ ହୟ ପାଛେ ଭକ୍ତହୃଦୟେ ଜାଗାଇ ପୁରାନୋ ବ୍ୟଥା !!
ସମ୍ମିଳନୀର ସୂତ୍ରେ ଗାଁଥିବେ ବାଂଲା ଓ ଉତ୍କଳ
କତ ଆଶା ଛିଲ ଭକ୍ତେର ପ୍ରାଣ ଉଲ୍ଲାସେ ଚଞ୍ଚଳ !

ଅଲକ୍ଷ୍ୟେ ଆସିୟା ହାସିଲ ନିୟତି ତିକ୍ତ କଠିନ ହାସି
ଦୁନିଆର ପାପେ ମହାରୁଦ୍ରେର ଜ୍ୱଲେ କ୍ରୋଧାଗ୍ନି ରାଶି ।
ଶତ ଖଣ୍ଡେତେ ଛିନ୍ନ ଭାରତ ଚିନିବେ ଏକେର ପଥ
ଯେଦିନ ପୂରିବେ ଐକ୍ୟପନ୍ଥୀ ଗୁରୁର ସେ ମନୋରଥ ।

ସେ ଶୁଭଦିନେର ବହୁବିଳମ୍ବ ଯେଦିନ ଗୁରୁର ବାଣୀ
ଆମୂଳ ନାଡ଼ାୟେ ଦିବେ ପୃଥିବୀତେ ବିଶ୍ୱ ଶାନ୍ତି ଆଣି ।
ତାଇ ହାୟ ହାୟ କାର୍ତ୍ତିକ ଶେଷେ ଚିରତରେ ପୁରୀ ଛାଡ଼ି
ବାଂଲାର ଛେଲେ ବାଂଲାର ପଥେ ଫିରିୟା ଦିଲେନ୍ ପାଡ଼ି ।
ଆଜୋ ମନେ ପଡ଼େ ସମୁଦ୍ରତୀରଗାମୀ ସେ ମଟରେ ବସେ
କ୍ଷୋଭେ ବଲିଲେନ୍ ''ଏ ସାଗର ଆର ଦେଖିବ କି ପୁନଃ ଏସେ

ହୁ ହୁ ରବେ ବାୟୁ ଫେଲିତେ ଛିଲ କି ବ୍ୟାକୁଳ ଦୀର୍ଘଶ୍ୱାସ
ତିନି ସାଗରେର୍ ସାଗର ତାଁହାକେ ଦେଖିୟା ମିଟାଲ ଆଶ ?
ଭାଙ୍ଗିୟା ପୁରୀର ବକ୍ଷ ପିଞ୍ଜର ଉଡ଼େଗେଲ ପ୍ରାଣପକ୍ଷୀ
ଗେଛେ ପ୍ରାଣ ଶୁଧୁ ସାକ୍ଷୀ ସ୍ୱରୂପେ ସ୍ମୃତିଟୁକୁ ଆଛେ ବାକୀ ।

କି ଜ୍ୱାଲା ସ୍ମୃତିର ଜ୍ୱଲେ ଅବିରାମ ଓଡ଼ିୟା ଭକ୍ତ ଦେର !
ସ୍ଫୁଲିଙ୍ଗ ଯେନ ଦାବାନଳ ହୟେ ବେଡ଼େ ଧରେ ତାହାଦେର !!
ଗ୍ରାମ ହତେ ଗ୍ରାମେ ବ୍ୟାପିଲ ବହ୍ନି ଘରେ ଘରେ ପଡ଼େ ସାଡ଼ା
ଶ୍ରୀଠାକୁର ନାମ 'ଜୟଗୁରୁ' ଧ୍ୱନି ଛୁଟିଲ ଆକୁଳ ପାରା ।
ଛିଲ ଜନ କୟ ଶିଷ୍ୟ ଆଜିକେ ହାଜାରେର କୋଠାପୋରେ

ଠାକୁରେର ନାମ ଏଇ ଉତ୍କଳେ ପଶିୟାଛେ ଘରେ ଘରେ ।
କେ ଦିଲ ତାଦେର ଏହେନ ପ୍ରେରଣା ? ଭୁଲି ଦେଶକାଳ ସବ୍
ସବାଇ ହୃଦୟେ ଗୁରୁର ମହିମା ସଦା କରେ ଅନୁଭବ ।
ଶୁଧୁଜାନି ଏଇ, ଏ ଶୁଧୁ ସୂଚନା ଅନାଗତ କୋନ ଯୁଗେ
ବାଂଲା ଆସାମ ଉତ୍କଳ ସବାଇ ଏକଭାବେ ଯାବେ ଡୁବେ ॥

(ଆର୍ଯ୍ୟଦର୍ପଣ— ୧୩୫୬ ସାଲ, ବୈଶାଖ-ଆଷାଢ଼)

ଏହାର ଭାବ ଅବଲମ୍ବନ କରି ଆମ ସାଧକ କବି ୰କବିଚନ୍ଦ୍ର ଗାଇଛନ୍ତି—

ନବୀନ ଆଷାଢ଼ ଆନନ୍ଦ ବିସାରି
ଆସିଲା ଜଗତେ ଶୁଭଦିନରେ
ଶୁକଳ ଦ୍ୱିତୀୟାଦିନ ବିଜେ ହେବେ
ଦେବ ଜଗନ୍ନାଥ ରଥ ଉପରେ ॥
ପଥ ପାରୁଶରେ, ମଠ ଦୋତାଲାରେ,
ଦଶ ଦଶ ଟଙ୍କା ଭେଟକୁ ଦେଇ
ଶିଷ୍ୟ ଗହଣରେ ବିଜୟ ଠାକୁର
ଚିତ୍ତେ ଅତିଶୟ ଆନନ୍ଦ ହୋଇ ॥
ବଡ଼ଦାଣ୍ଡେ ଜନ କୋଳାହଳ ଶୁଭେ
କ୍ରମେ ଦୁଇ ରଥ ଆସିଲା ଚଳି
ବିଜୟ କରିଲେ ଶେଷ ରଥଟିରେ
ଜଗତ ଜୀବନ ଶ୍ରୀବନମାଳୀ ॥
ଅତି ହରଷରେ ଶିଷ୍ୟଗଣ ତୁଲେ
ଉଠିଲେ ବସିବାଠାରୁ ଠାକୁର
ମହା ଆନନ୍ଦରେ ରଥର ଦଉଡ଼ି
ଧରି ଟଣା ଆରମ୍ଭିଲେ ଏଥର ॥
ଅଠର ଆଷାଢ଼ ଦିନ ବସା ଛାଡ଼ି
ଗିରିକୁଟୀରକୁ ଠାକୁର ଗଲେ
ଚଇତ୍ର ପନ୍ଦର ଦିନେ ସେ ଠାବରୁ
ବଙ୍ଗଳା ଦେଶକୁ ଗମନ କଲେ ॥

ନୀଳାଚଳବାଣୀ

ଆପଣା ମହିମା, ଗରିମା ଲୁଚାଇ
　　　　　　　　ଅତି ସାଧାରଣ ବେଶକୁ ଧରି
ବିଦେଶୀମାନଙ୍କ ମେଳରେ ତାଙ୍କର
　　　　　　　　କେତେ ଦିନ ବିତିଗଲା ଏପରି ॥
ଧୂଳିଭରା ଏଇ ପୁରୀ ବଡ଼ଦାଣ୍ଡେ
　　　　　　　　ବିରାଜେ ସଚଳ ରଜତ ଗିରି
ଦୂରୁ ନିରେଖନ୍ତି ଅନେକେ ଶ୍ରଦ୍ଧାରେ
　　　　　　　　ଭୟରେ ଆପଣା ନୟନ ଭରି ॥
ତରଙ୍ଗମାଳିନୀ ସାଗରର ବକ୍ଷ
　　　　　　　　ତପନ କିରଣେ କି ଝଲମଲ
ଉନ୍ନତ ବପୁଟି ସ୍ନାହାନନିରତ
　　　　　　　　ବିରାଜଇ ତହିଁ ଅଚଞ୍ଚଳ ।
ଆଦିମ ସୃଷ୍ଟି କାଳରେ ସ୍ରଷ୍ଟା
　　　　　　　　କାରଣ-ସାଗରେ ସାଜିଲା ସରି
ସୁଦୀର୍ଘ ସେଇ ଶୁଭ୍ର ତନୁଟି
　　　　　　　　ଲହରୀ ମଝିରେ ଦିଶଇ ଝଳି ॥
ତାଙ୍କ ଚଉକତି ଉଚ୍ଛୁଳେ ଅଥଳ
　　　　　　　　ମହାସାଗରର ତୁଙ୍ଗ ଲହରୀ
ମଝିରେ ତାହାର ଅଚଳ ଅଟଳ
　　　　　　　　ହିରଣ୍ୟରେତା ସେ ନୁହେଁ କାହାରି ॥
ଚାରୁ ବିକ୍ରମ ଗମ୍ଭୀର ଗତି
　　　　　　　　ସାୟାହ୍ନରେ କେତେ ଥର ନିରେଖି
ହୋଇ କୁତୂହଳୀ ବହୁଜନଙ୍କର
　　　　　　　　ଆବେଗ ରହିଲା ହୃଦୟେ ଲାଖି ॥
ତେର ଏକତ୍ରିଂଶ ସାଲ ମେଷ ମାସ
　　　　　　　　ପ୍ରଥମ ଦିବସ ଶୁଭକ୍ଷଣରେ

'ନୀଳାଚଳ କୁଟୀର'ରେ ଆଗମନ
କଲେ ସେ କାହାର ଆକର୍ଷଣରେ ? ॥
ଏହି କୁଟୀରଟି ଥିଲା ତାହାଙ୍କର
ଦ୍ୱାଦଶ ବରଷ ବିଶ୍ରାମସ୍ଥଳୀ
ଦେଲେ କେତେ ରତ୍ନ କେତେ ଉପହାର
ତାଙ୍କ ଶ୍ରୀଚରଣେ ଜଣାଇଁ ନତି ॥
ସେହି ଏକା ମହା ଭାଗ୍ୟବାନ ଯେହୁ
ଏହି ପଥେ ନିତି ଛାତି ପତାଇ
ତାଙ୍କର ଚରଣ-କମଳ ଯୁଗଳ
ଅତି ଆନନ୍ଦରେ ସେବା କରଇ ॥

× × ×

ଘନ ବନାନ୍ତରେ ଫୁଟି ମହକଇ
ସୁଗନ୍ଧରେ ଭରା ସୁମନ କଳି
ଗନ୍ଧ ଲୋଭରେ ଦୂରଦୂରାନ୍ତରୁ
ସନ୍ଧାନେ ତାର ମିଳଇ ଅଳି ॥
ଯେତେ ଆବରଣ ଯେତେକ ବିଘ୍ନ
ଅତି ତୁଚ୍ଛ ବୋଲି ହୃଦୟେ ଘେନି
ସୁବାସ-ଆଶାୟୀ ମଧୁକର ଧାଇଁ
ଆପଣାରେ ଫୁଲେ ମିଳାଏ ଆଣି ॥
ସେହିପରି ଦିନେ ଡାକରା ନ ଥାଇ
ସୁଦୂର ବସ୍ତର ରାଜଦମ୍ପତି
ପରବେଶ ହୋଇ ପ୍ରଣାମ କରିଲେ
ଠାକୁରଙ୍କ ବେନି ଚରଣ କତି ॥
ପହଞ୍ଚିଲେ ପୁଣି ନୃପାଳ, ଗୋବିନ୍ଦ
ଆଉ ଲକ୍ଷ୍ମୀଧର ଯେ ଏକାଦଶୀ
ଦୁର୍ଗାଚରଣ, ବନମାଳୀ ଆଦି
ଅନେକ ଭକତେ ସେଠାରେ ଆସି ॥

ନୀଳାଚଳବାଣୀ

ସାଗରବକ୍ଷେ ନୀଳ ଜଳ ସରି
  ବଙ୍ଗାଳୀ ଗୁରୁଙ୍କ ଚରଣପ୍ରାନ୍ତେ
ପରବେଶ ହୋଇ ଭକ୍ତି ନିବେଦିଲେ
  ଆସି କେତେ କେତେ ଓଡ଼ିଆ ଭକ୍ତେ ॥
ଭାରତ ଭୂଇଁରେ ପୂରି ରହିଅଛି
  ପ୍ରାଦେଶିକତାର ହୀନ କନ୍ଦଳ
ମଝିରେ ତାହାର ଶୁଣି କି ନ ପାର
  ବାଜେ ଏକତାର ସୁର ମଞ୍ଜୁଳ ? ॥
ଯୁଗ ଶେଷ ପାଇଁ ବାକୀ ଦି'ବରଷ
  ରିକ୍ସା ଖଣ୍ଡିଏ ଆଣିଲେ କିଣି
ଭ୍ରମଣ କାରଣେ ଠାକୁର ହୋଇଲେ—
  ବାହାର କି ଜାଣି ମନେ କି ଗୁଣି ? ॥
ଅପରୂପ ଶୋଭା ରିକ୍ସା ଉପରେ
  ଅତି ମନୋହର କାନ୍ତି ଶୋଭଇ
ବୟସର ଭାରେ ଆନତ ସେ ବପୁ
  ହେଲେ ବି ନୟନେ ଶାନ୍ତି ରାଜଇ ॥
ପଛରେ ତାଙ୍କର ଓଡ଼ିଆ ଭକତେ
  ଚାଲିଛନ୍ତି ଅନୁସରଣ କରି
ଲାଜ, ଅଭିମାନ, ସଂକୋଚ ଅବା
  ତିଳେହେଁ ମନରେ ନାହିଁ କାହାରି ॥
ବଙ୍ଗର ଏଇ ପ୍ରିୟ ସନ୍ତାନେ
  ଅନ୍ତର ମଝିରେ ଅଛନ୍ତି ପାଇ
ମନେହୁଏ ଏଡ଼େ ଆକୁଳତା, ଏଡ଼େ—
  ପୀରତି, ଶରଧା ଦେଖା ତ ନାହିଁ ॥
ସତେ କି ଦି'ଦିନ ପାଇଁକି ଓଡ଼ିଆ
  ପାଇଥିଲେ ତାଙ୍କୁ ନିଜ ପାଶରେ

ମାତ୍ର କେତୋଟି ସଞ୍ଜ ବିତିଛି
ତାଙ୍କ ତୁଲେ ନାନା ହାସ-ରସରେ ॥
ସମୁଦ୍ରକୂଳରେ ଚଲାବୁଲା ଆଉ
ମଙ୍ଗଳାଘାଟରେ ନୌକାବିହାର
ଏତିକି ଧନରେ ଥିଲା ତ ନିରତ
ଭରପୂର ସ୍ମୃତି-ପେଡ଼ି ତାଙ୍କର ॥
କଠିନ ପରଖ ପାଇଁ ଗୁରୁ ଥରେ
ସେମାନଙ୍କୁ ଡାକି ପଚାରିଦେଲେ
ନ ବୁଝ ବଙ୍ଗଳା, ନ ବୁଝିଲେ ଭାଷା
କି ବୁଝିବ ମୁହିଁ ଯାହା କହିଲେ ? ॥
ଭକ୍ତ-ସମ୍ମିଳନୀ ବିଧିବିଧାନକୁ
ଦେଖିଆସ ଯାଇ ବଙ୍ଗଳା ଥରେ
ପୂଜାରତି ରୀତି ଦେଖି ଶିଖି ଆସ
ତେବେ ସବୁ କଥା ବୁଝିବ ବଳେ ॥
ବଙ୍ଗ ଦେଶ ବଂଶ ଯଶ ଗଉରବ
ବଖାଣନ୍ତି ସେହୁ ଶତମୁଖରେ
ନାନା ଅବସରେ ଅତି ହରଷରେ
ବହୁ ଉପଦେଶ ବାଣୀ ଛଳରେ ॥
ତେବେହେଲେ ମନେ ନ ଜାଗେ ଦ୍ୱନ୍ଦ୍ୱ
ଭକତର ପରା ଦେଶଟି ଏହି
ବିଶ୍ୱାସ ଆଉ ଶରଧାରେ ଗଢ଼ା
ସୁଗୁଣଗଣର ଶେଷ ତ ନାହିଁ ॥
ଆସିଲା ସରବ ଶେଷ ବରଷଟି
ଅତି ନିଦାରୁଣ ଅଟେ ସେ କଥା
ଭୟ ଜାଗେ ମନେ ନ ପୁଣ ଭକତ—
ମନରେ ଜାଗଇ ପୁରୁଣା ବ୍ୟଥା ॥

ସମ୍ମିଳନୀର-ସୂତ୍ରେ ଗୁନ୍ଥିବେ
ବଙ୍ଗଳା ସହ ଦେଶ ଉତ୍କଳ
ଶତ ଆଶା ଥିଲା ଭକତ ପରାଣ
ଉଲ୍ଲାସଭରେ ଅତି ଚଞ୍ଚଳ ॥
ଏ କାଳରେ ତେଣେ ଅଦେଖାରେ ଥାଇ
ହସିଲା ନିୟତି କଠିନ ହସ
ଦୁନିଆଁ ପାପରେ ମହାରୁଦ୍ରଙ୍କର
କ୍ରୋଧ-ଅଗ୍ନିର କି ହେଲା ପ୍ରକାଶ ! ॥
ଶତ ଖଣ୍ଡରେ ଖଣ୍ଡ ଭାରତ
ଚିହ୍ନିବ ଜଣକ ପଥ ସେଦିନ
ଐକ୍ୟପନ୍ଥୀ ଗୁରୁଦେବଙ୍କର
ମନୋରଥ ଯେବେ ହେବ ପୂରଣ ॥
ସେ ଶୁଭଦିନର ବହୁ ବିଳମ୍ବ
ଅଛି, ଯେଉଁଦିନ ତାହାଙ୍କ ବାଣୀ
ଆମୂଳ ଦୋଳାଇ ଦେବ ମାନବର
ମନରେ ପରମା-ଶାନ୍ତି ଆଣି ॥
ବିଧିର ବିପାକେ କାର୍ତ୍ତିକ ଶେଷେ
ଚିରକାଳ ଲାଗି ଛାଡ଼ିଲେ ପୁରୀ
ବଙ୍ଗର ସୁତ ବଙ୍ଗର ପଥେ
ବଙ୍ଗଦେଶକୁ ଚାଲିଲେ ଫେରି ॥
ଆଜି ମନେପଡ଼େ ମହୋଦଧି ତୀରେ
ମୋଟରରେ ବସିଥିଲେ ସେ କହି
ଆଉ କି ସତରେ ଜୀବନ କାଳରେ
ଏ ସାଗର ତୀର ଦେଖିବି ମୁହିଁ ? ॥
ହୃଦରୁ ତାଙ୍କର ହୁ ହୁ କରି
ବହି ଯାଉଥିଲା ଦୀର୍ଘନିଃଶ୍ୱାସ

ସାଗର ତାଙ୍କର, ସେ ଯେ ସାଗରର
ନିରେଖି ସତେ କି ପୂରିଲା ଆଶ ! ॥
ପୁରୀର ବକ୍ଷ-ପିଞ୍ଜର ଭାଙ୍ଗି
ଉଡ଼ି ଚାଲିଗଲା ପରାଣ-ପକ୍ଷୀ
ପ୍ରାଣ ଯାଇଅଛି ସାକ୍ଷୀ ସ୍ୱରୂପ
ସ୍ମୃତିଟି ମାତର ରହିଛି ବାକି ॥
ସ୍ମୃତିର କି ଜ୍ୱାଳା ଜଳେ ଅବିରତ
ଓଡ଼ିଆ ଭକତ ହୃଦୟଗତେ
ସ୍ଫୁଲିଙ୍ଗ ଯେସନ ହୋଇ ଦାବାନଳ
ଘେରି ରହିଅଛି ଅନ୍ତରେ ସତେ ! ॥
ଗ୍ରାମୁଁ ଗ୍ରାମାନ୍ତରେ ବହ୍ନି ବ୍ୟାପିଗଲା
ଘରେ ଘରେ ପଡ଼ିଗଲା ଉଛୁଳା
ଠାକୁରଙ୍କ ନାମେ 'ଜୟଗୁରୁ' ବୋଲି
ପରାଣ ଆକୁଳ ଧ୍ୱନି ଶୁଭିଲା ॥
ଥିଲେ ଜଣକେତେ ଶିଷ୍ୟ-ଭକତ
ସେତେବେଳେ ସିନା ଉତ୍କଳରେ
ସେହି ଠାକୁରଙ୍କ ଶୁଭନାମ ଆଜି
ପୂରି ତ ରହିଛି ସବୁରି ଘରେ ॥
କିଏ ସତେ ତାଙ୍କୁ ଦେଲା ଏ ପ୍ରେରଣା
ଦେଶ କାଳ ସବୁ ଗଲା ପାସୋର
କରିଲେ ସକଳେ ହୃଦୟ ମଝିରେ
ଗୁରୁଙ୍କ ମହିମା କେବଳ ସାର ॥
ମନେହୁଏ ଏ ତ ସୂଚନା ମାତର
ମହାନାଟକର ଅନେକ ବାକୀ
ବଙ୍ଗଳା, ଆସାମ, ଉତ୍କଳ ଦେଶରେ
ବାନ୍ଧିବେ ଠାକୁର ପ୍ରେମର ରାକ୍ଷୀ ॥

ଶ୍ରୀମତୀ ନାରାୟଣୀ ଦେବୀ ସଂକ୍ଷେପରେ ଉତ୍କଳୀୟ ଭାବ ଓ ଶ୍ରୀଶ୍ରୀ

ଠାକୁରଙ୍କ ସହିତ ସେମାନଙ୍କର ମଧୁର ସମ୍ପର୍କ ଦୂରରୁ ଲକ୍ଷ୍ୟକରି ଯେଉଁ ଚିତ୍ର ଅଙ୍କନ କରିଛନ୍ତି, ତାହା ମଧ୍ୟ ଆମର ଚିରସ୍ମରଣୀୟ ହୋଇ ରହିବ । ମା' ସୁରମା ଦେବୀ ଯେଭଳି ମାତୃସ୍ନେହରେ ଆମମାନଙ୍କୁ ପ୍ରଥମରୁ ଆବଦ୍ଧ କରିଛନ୍ତି, ତାହା ମଧ୍ୟ ଆମ ପକ୍ଷରେ ଚିର ଅଭୁଲା ହୋଇ ରହିବ ।

ଯେଉଁମାନେ ଏହି ଗ୍ରନ୍ଥ ପ୍ରକାଶନରେ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ନିକଟରେ ଆମେ ଚିର ଋଣୀ ।

ପାଠକମାନେ ଦୋଷାଂଶ ପରିହାର କରି ସ୍ୱଧର୍ମପ୍ରତିପାଳନରେ ବ୍ରତୀ ହେଲେ ଶ୍ରମ ସାର୍ଥକ ମନେ କରିବୁ । ଜୟଗୁରୁ ।

ଝୁଲଣପୂର୍ଣ୍ଣିମା
ତା ୨୮-୮-୧୯୭୭
ବୀରତୁଙ୍ଗ, ପୁରୀ

ସମ୍ପାଦକ
ଶ୍ରୀ ଦୁର୍ଗାଚରଣ ମହାନ୍ତି

ଜୟଗୁରୁ

ମୋ ଦୃଷ୍ଟିରେ ଶ୍ରୀଶ୍ରୀଠାକୁର

ସତ୍ୟଂ ଶିବଂ ସୁନ୍ଦରଂ ପ୍ରସନ୍ନଂ ଜ୍ଞାନବିଗ୍ରହମ୍ ।
କରୁଣାନିଳୟଂ ଶାନ୍ତଂ ସଦ୍‌ଗୁରୁଂ ପ୍ରଣମାମ୍ୟହମ୍ ॥

ଆଜିକୁ ପ୍ରାୟ ୪୭ ବର୍ଷ ତଳର କଥା । ପୁରୀର ସୁବିଖ୍ୟାତ ରଘୁନନ୍ଦନ ପୁସ୍ତକାଳୟରୁ ସର୍ବପ୍ରଥମେ ଶ୍ରୀଶ୍ରୀଠାକୁରଙ୍କ ପ୍ରଣୀତ 'ଯୋଗୀଗୁରୁ' ଓ 'ପ୍ରେମିକଗୁରୁ' ପୁସ୍ତକ ପାଠ କରିବାର ସୌଭାଗ୍ୟ ଲାଭ କରିଥିଲି । ପୁସ୍ତକ ପାଠ ସଙ୍ଗେ ସଙ୍ଗେ ପ୍ରଣେତାଙ୍କ ନାମ ଓ ତାଙ୍କର ସୁନ୍ଦର ପ୍ରତିକୃତି ଦର୍ଶନ କରିବା ମାତ୍ରକେ ମନ ମଧ୍ୟରେ ଗୋଟିଏ ତୀବ୍ରଭାବର ସ୍ପନ୍ଦନ ଖେଳିଗଲା । ମନେହେଲା ଏହି ମହାପୁରୁଷ ହିଁ ଆମରି ଗୁରୁ ଓ ଆରାଧ୍ୟ ଦେବତା । ତାଙ୍କରି ଛବି ଦେଖି ମନେହେଲା ଏହି ମୂର୍ତ୍ତି ଯେପରି ଚିର ପରିଚିତ ଏବଂ ଏହାଙ୍କ ସହିତ ଯେପରି ଜନ୍ମଜନ୍ମାନ୍ତରର କୌଣସି ନିବିଡ଼ ସମ୍ପର୍କ ରହିଛି ! କିଛି ବିଚାର ବିବେଚନା ନ କରି ପୁସ୍ତକରୁ ତାଙ୍କର ମନୋରମ ପ୍ରତିକୃତି ଖଣ୍ଡି ବାହାର କରି ଆଣି ମୋ ବସାଘରେ ଆସନ ସ୍ଥାପନ କରି ସେହି ମୂର୍ତ୍ତିଙ୍କୁ ପୂଜା କରିବାକୁ ଆରମ୍ଭ କଲି । ଏହାପରଠାରୁ ସେହି ମୂର୍ତ୍ତିଙ୍କୁ ହୃଦୟାସନରେ ସ୍ଥାପନ କରି ତାଙ୍କ ବାଣୀର ସ୍ମରଣ-ମନନ କରିବାକୁ ଲାଗିଲି ।

କିଛି ଦିନ ପରେ ତାଙ୍କର ସ୍ୱହସ୍ତଲିଖିତ 'ଯୋଗୀଗୁରୁ' ପୁସ୍ତକରୁ ଜାଣିଲି ଯେ ସେ ଆସାମ ପ୍ରଦେଶର କୋକିଳାମୁଖ ସାରସ୍ୱତ ମଠରେ ଅବସ୍ଥାନ କରୁଛନ୍ତି । କେହି କିଛି ବୁଝିବାକୁ ଇଚ୍ଛା କଲେ ତାଙ୍କ ସହିତ ପତ୍ରାଳାପ କରିପାରନ୍ତି । ତଦନୁଯାୟୀ ମଠକୁ ପତ୍ର ଦେଇ ଉତ୍ତର ପାଇଲି ଯେ ସେ ବର୍ତ୍ତମାନ ମଠରେ ଏକାନ୍ତ ଭାବରେ ଅବସ୍ଥାନ କରୁଛନ୍ତି । ତାଙ୍କ ସହିତ ଦେଖାସାକ୍ଷାତ କରିବାକୁ ହେଲେ ପୁରୀର ସ୍ୱର୍ଗଦ୍ୱାରରେ ଥିବା 'ନୀଳାଚଳ କୁଟୀର' ନାମକ ସ୍ଥାନକୁ ଯାଇ ସେଠାରେ ସେବକ ଭାବରେ ଥିବା ହରେନ୍ ଦା (ଠାକୁରଦାସ ବ୍ରହ୍ମଚାରୀ, ବର୍ତ୍ତମାନ ସେବାନନ୍ଦ)ଙ୍କ ସହିତ ସାକ୍ଷାତ କରି ଶ୍ରୀଶ୍ରୀ ଠାକୁରଙ୍କ ସନ୍ଧାନ ନେଇ ତାଙ୍କ ସହିତ ସାକ୍ଷାତ କରିବାକୁ ହେବ । ଏହି ଘଟଣା ହେଲା ୧୯୨୯ ମସିହା ସେପ୍ଟେମ୍ବର ମାସର କଥା । ସେତେବେଳେ ମୁଁ ପୁରୀଜିଲ୍ଲା ସ୍କୁଲର ନବମ ଶ୍ରେଣୀର ଛାତ୍ର— ବୟସ ମାତ୍ର ୧୭ ବର୍ଷ ।

ଯଥା ସମୟରେ ପୁରୀ ନୀଳାଚଳ କୁଟୀରକୁ ଯାଇ ଉକ୍ତ ବ୍ରହ୍ମଚାରୀଙ୍କ ସହିତ ଦେଖାସାକ୍ଷାତ କଲି । ସେହି ବ୍ରହ୍ମଚାରୀଙ୍କ ମଧୁର ବ୍ୟବହାର ଓ କୁଟୀରର ସ୍ୱର୍ଗୀୟ ପରିବେଶ ଦର୍ଶନ କରି ମୁଁ ଅତିଶୟ ମୁଗ୍ଧ ହୋଇପଡ଼ିଲି । ତାଙ୍କ ସହିତ ଆଳାପ ଆଲୋଚନାରୁ ଜାଣିଲି, ଆଗାମୀ ଫାଲ୍‌ଗୁନ ମାସ ପୂର୍ବରୁ ଶ୍ରୀଶ୍ରୀ ଠାକୁର ପୁରୀ ଆସିବେ ନାହିଁ । ସେତେଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଅନ୍ୟ ଉପାୟ ନ ଦେଖି ସେହି ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଲେ ମଧ ତାଙ୍କରି ପୁସ୍ତକ ପାଠ, ତାଙ୍କ ଶ୍ରୀମୂର୍ତ୍ତି ଧ୍ୟାନ ଓ ତାଙ୍କ ବାଣୀ ସ୍ମରଣ-ମନନ କରି ସମୟ ଅତିବାହିତ କଲି ।

ସନ ୧୯୩୦ ମସିହା ମାର୍ଚ୍ଚ ମାସ । ଦୀର୍ଘ ଦିବସ ପ୍ରତୀକ୍ଷା ପରେ ଯଥା ସମୟରେ ଶ୍ରୀଶ୍ରୀ ଠାକୁରଙ୍କ ପୁରୀ ଆଗମନ ସମ୍ବାଦ ହରେନ୍ ଦା (ଶ୍ରୀ ଠାକୁରଦାସ ବ୍ରହ୍ମଚାରୀ)ଙ୍କ ଠାରୁ ପାଇଲି ସତ, କିନ୍ତୁ ଦେଖା କରିବାକୁ ଭୁଲିଗଲି । ଏହାପରେ ହଠାତ୍ ଦିନେ ଗୁରୁତର ଅସୁସ୍ଥ ଅବସ୍ଥାରେ ସ୍ୱପ୍ନାଦିଷ୍ଟ ହୋଇ ଜାଣିଲି—ସେ ପୁରୀ ଆସିଛନ୍ତି ଏବଂ ମୋତେ ସାକ୍ଷାତ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ସ୍ୱପ୍ନଦର୍ଶନର କିଛି ଦିନ ପରେ ନୀଳାଚଳ କୁଟରକୁ ଯାଇ ଜାଣିଲି ଯେ, ଶ୍ରୀଶ୍ରୀ ଠାକୁର ସେଠାରେ ଅବସ୍ଥାନ କରୁଛନ୍ତି । ସେଦିନ ଥିଲା ୧୯୩୦ ମସିହା ମାର୍ଚ୍ଚ ୨୦ ତାରିଖ ଗୁରୁବାର । ସେଦିନ ସନ୍ଧ୍ୟା ପାଞ୍ଚଟା ସମୟରେ ଶୁଭଦିନରେ ଶୁଭ ଲଗ୍ନରେ ତାଙ୍କ ସହିତ ପ୍ରଥମ ସାକ୍ଷାତ ହେଲା । ସେଦିନ ଦେଖିଲି, ଶ୍ରୀଶ୍ରୀ ଠାକୁର ଗୋଟିଏ ସୁସଜ୍ଜିତ ଚଉକୀରେ ଉପବେଶନ କରିଛନ୍ତି ଏବଂ ପାଦ ଦୁଇଟି ଗୋଟିଏ ପାଦାସନ ଉପରେ ରଖି ହୁକାର ନଳ ହାତରେ ଧରି ଗୁଡ଼ାଖୁ ଖାଉଛନ୍ତି । ପ୍ରଥମ ଦର୍ଶନ ସମୟରେ ମନରେ ଧାରଣା ହେଲା ଯେପରି ସାକ୍ଷାତ ଶିବ କର୍ପୂରଧବଳ ମୂର୍ତ୍ତିରେ ନିଶ୍ଚଳ ଭାବରେ ଉପବେଶନ କରି ଧୂମପାନରେ ରତ । ତାଙ୍କର ରୂପ ଜ୍ୟୋତିର୍ମୟ । ମନେ ହେଲା, ଯେପରି ତାଙ୍କ ସର୍ବଶରୀରରେ ଘନୀଭୂତ ଜ୍ୟୋତି ମନୁଷ୍ୟବିଗ୍ରହର ଅନ୍ତରାଳରୁ ବିଚ୍ଛୁରିତ ହେଉଅଛି ! ଦିବ୍ୟଚେତନା ଯେପରି ମାନବବିଗ୍ରହରେ ରୂପପରିଗ୍ରହ କରିଛି !! ତାଙ୍କ ଦେହରୁ ପଦ୍ମଗନ୍ଧ ପରି ସୌରଭ ବହିର୍ଗତ ହେଉଛି । ପ୍ରଥମ ଦର୍ଶନରେ ତାଙ୍କର ମୂର୍ତ୍ତି ଓ ଭାବ ଦେଖି ଏପରି ଅଭିଭୂତ ହୋଇପଡ଼ିଲି ଯେ, ଅପଲକ ନୟନରେ ତାଙ୍କର ସେହି ଅପରୂପ ରୂପ

ଦର୍ଶନ କରିବାକୁ ଲାଗିଲି । ତାଙ୍କ ପଦଯୁଗଳ ପ୍ରତି ମୋ ମନ ବିଶେଷ ଆକୃଷ୍ଟ ହେଲା । ଦେଖିଲି, ପଦତଳଦ୍ୱୟ ଯେପରି ବିକଶିତ ରକ୍ତପଦ୍ମସଦୃଶ ଲୋଭନୀୟ । ଶୁଭ୍ର ସରସୀଜଳରେ ବିକଶିତ ରକ୍ତକମଳ ଯେପରି ସୁନ୍ଦର ଦେଖାଯାଏ, ସେହିପରି ଶ୍ୱେତବସ୍ତ୍ରସଜ୍ଜିତ ପାଦାସନ ଉପରେ ତାଙ୍କର ରକ୍ତିମ ଛନ୍ଦାଚରଣ ଯୁଗଳ ଅପୂର୍ବଶୋଭା ଧାରଣପୂର୍ବକ ମନପ୍ରାଣକୁ ଆକୃଷ୍ଟ କରୁଥିଲା । କିଛିକ୍ଷଣ ଏହି ଭାବରେ କଟିଯିବା ପରେ ସେ ପ୍ରଶ୍ନ କଲେ, ''କ'ଣ ଚାହଁ ? ଉତ୍ତର ଦେବାକୁ ଯାଇ ତାଙ୍କ ପାଦତଳରୁ ଦୃଷ୍ଟି ଅପସାରଣ କରିବାମାତ୍ରେ ସର୍ବାଙ୍ଗପ୍ରତି ଦୃଷ୍ଟି ପତିତ ହେଲା । ସେତେବେଳେ ଦେଖିଲି ପ୍ରଶସ୍ତ ବକ୍ଷସ୍ଥଳ, ମୁଖଛବି ଶାନ୍ତ ଓ ଜ୍ୟୋତିର୍ମୟ, ଦେହର ବର୍ଣ୍ଣ ଉଜ୍ଜ୍ୱଳ, ମୂର୍ତ୍ତି ଭାବଗମ୍ଭୀର, ଦୃଷ୍ଟି କରୁଣାପ୍ଲୁତ ଏବଂ ରକ୍ତାଧର ସ୍ମିତହାସ୍ୟବିମଣ୍ଡିତ । କିଛି ସମୟ ଭାବମୁଗ୍ଧ ଅବସ୍ଥାରେ କଟିଗଲା ପରେ ତାଙ୍କର ମନୋହର ପଦଯୁଗଳ ପ୍ରତି ଦୃଷ୍ଟିପାତ କରି ପ୍ରଶ୍ନର ଉତ୍ତର ଦେଲି ।

'କ'ଣ ଚାହଁ' ?—ଏହି କଥା କହିବାବେଳେ ମୁଁ ତାଙ୍କର ପ୍ରଥମ କଣ୍ଠସ୍ୱର ଶ୍ରବଣ କଲି । ସେ କଣ୍ଠସ୍ୱରରେ ଏପରି ମଧୁରତା ଥିଲା ଯେ, ତାହା ଶୁଣି ମନେ ହେଲା ସେ ମୋର କେତେ ଜନ୍ମର ଅତି ଆପଣାର ଲୋକ, ତାଙ୍କର ସ୍ୱର ଆତ୍ମୀୟତାପୂର୍ଣ୍ଣ ସ୍ନେହସିକ୍ତ । କଣ୍ଠସ୍ୱର ଯେପରି ସୁମିଷ୍ଟ, ସେହିପରି ଗମ୍ଭୀର ଓ ସ୍ନେହକରୁଣାପୂର୍ଣ୍ଣ ଏବଂ ଭାବବ୍ୟଞ୍ଜକ । ମନେହେଲା, ଏ ଜୀବନରେ ଏପରି ମଧୁରବାଣୀ ଓ ସ୍ନେହପୂର୍ଣ୍ଣ ଚାହାଣି ସହିତ ମଧୁର ବ୍ୟବହାର ମୁଁ ତ ପୂର୍ବରୁ କାହାରିଠାରୁ ପାଇ ନାହିଁ !

ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ ହସହସ ବଦନରେ କହିଲେ— ''ତୁମେ ଯେଉଁସବୁ ପ୍ରଶ୍ନ କରିଛ, ସେସବୁ ଯୋଗର ଅଙ୍ଗ ବିଶେଷ । ଯୋଗସାଧନାର କେତେଗୁଡ଼ିଏ ପ୍ରାଥମିକ କ୍ରିୟାର ନିୟମିତ ଅଭ୍ୟାସ କଲା ପରେ ସେସବୁ ସାଧନାର ଅଧିକାରୀ ହେବାକୁ ପଡ଼େ ।'' ଏତିକି କହି ସେ ଶ୍ରୀଯୁକ୍ତ ଠାକୁରଦାସ ବ୍ରହ୍ମଚାରୀଙ୍କୁ ସେହି କ୍ରିୟାଗୁଡ଼ିକ ମୋତେ ଦେଖାଇଦେବାକୁ ନିର୍ଦ୍ଦେଶ ଦେଲେ ଏବଂ ମଝିରେ ମଝିରେ ଆସି ତାଙ୍କ ସହିତ ସାକ୍ଷାତ କରିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀଶ୍ରୀ ଠାକୁରଙ୍କ ସହିତ ପୁନରାୟ ସାକ୍ଷାତ କରିବାକୁ ନିର୍ଦ୍ଦେଶ ପାଇବା ମଧ୍ୟ ସୌଭାଗ୍ୟର ବିଷୟ । କାରଣ ସେତେବେଳେ ସହଜରେ ତାଙ୍କୁ ଦର୍ଶନ କରିବାର ଅନୁମତି କେହି ପାଉ ନ ଥିଲେ । ତାଙ୍କୁ ଦର୍ଶନ କରିବା ପରେ ମୋ

ଅନ୍ତରରେ ଯେଉଁ ଅନୁଭୂତି ଲାଭ ହେଲା, ତାହା ଫଳରେ ପୁନରାୟ ତାଙ୍କୁ ଦର୍ଶନ କରିବା ଓ ତାଙ୍କ ବାଣୀ ଶ୍ରବଣ କରିବା ନିମିତ୍ତ ମନ ବିଶେଷ ଆଗ୍ରହାନ୍ୱିତ ହୋଇଉଠିଲା । ଏହି ଭାବରେ ମୋର ଶ୍ରୀଶ୍ରୀ ଠାକୁରଙ୍କ ସହିତ ପ୍ରଥମ ଦର୍ଶନ ଶେଷ ହେଲା । ସେହି ଆନନ୍ଦର ସ୍ମୃତି ହୃଦୟରେ ବହନ କରି ଗୃହକୁ ପ୍ରତ୍ୟାଗମନ କଲି । ପ୍ରଥମ ଦର୍ଶନରେ ତାଙ୍କର ଗୋଟିଏ ବିଶେଷତ୍ୱ ଲକ୍ଷ୍ୟ କଲି—ତାଙ୍କର ଦର୍ଶନ, ସ୍ପର୍ଶନ ଓ ବାକ୍ୟରେ ଏଭଳି ଗୋଟିଏ ମଧୁର ଆକର୍ଷଣୀଶକ୍ତି ନିହିତ ଥିଲା ଯେ, ଯେ ଶ୍ରଦ୍ଧାର ସହିତ ଥରେ ତାଙ୍କୁ ଦର୍ଶନ କରିଛନ୍ତି ଓ ତାଙ୍କ ସହିତ ବାକ୍ୟାଳାପ କରିଛନ୍ତି, ତାଙ୍କ ମନ ସ୍ୱତଃ ତାଙ୍କୁ ବାରମ୍ବାର ଦର୍ଶନ କରିବା ନିମିତ୍ତ ଲାଳାୟିତ ହୋଇଛି ।

ଏହି ବର୍ଷ ଯେଉଁ କେତେଦିନ ଶ୍ରୀଶ୍ରୀ ଠାକୁର ପୁରୀରେ ଥିଲେ, ସେତେବେଳେ ବହୁବାର ତାଙ୍କ ସହିତ ଦୂରରୁ ସାକ୍ଷାତ ହେଲେ ମଧ୍ୟ ଘନିଷ୍ଠ ଭାବରେ ମିଶିବାର ସୌଭାଗ୍ୟ ଓ ସୁଯୋଗ ମିଳି ନ ଥିଲା । ଦୂରରୁ ତାଙ୍କର ଭାବଗମ୍ଭୀର ଆନନ୍ଦମୟ ମୂର୍ତ୍ତି ଦର୍ଶନ କରି ତାହାର ମଧୁର ସ୍ମୃତି ନେଇ ଘରକୁ ଫେରିଆସି ମୁଁ ତାଙ୍କର ସ୍ମରଣ-ମନନ ଓ ଧ୍ୟାନଧାରଣାଦି ଅଭ୍ୟାସ କରୁଥାଏ । ସେ ଯେତେବେଳେ ମା' ମାନଙ୍କୁ ସଙ୍ଗରେ ଘେନି ପଦବ୍ରଜରେ ସମୁଦ୍ରତୀରରେ ଭ୍ରମଣ କରନ୍ତି, ସେତେବେଳେ ସେ ମୂର୍ତ୍ତି ଗୁରୁଗମ୍ଭୀର ଓ ପ୍ରସନ୍ନତାବ୍ୟଞ୍ଜକ ବୋଲି ମନେ ହୁଏ । ଦୂରରୁ ତାଙ୍କୁ ଦର୍ଶନ କରି ଫେରୁଥିଲେ ମଧ୍ୟ ତାଙ୍କୁ ଥରେ ଦେଖିବାମାତ୍ରେ ଅନ୍ତରରେ ଏକପ୍ରକାର ଉତ୍ସାହ ଓ ପ୍ରେରଣା ଜାତ ହୁଏ ଏବଂ ସେହି ପ୍ରେରଣା ବଳରେ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ଉତ୍ସାହ ଆସେ । ସେ ଯେ ଜଣେ ଅସାଧାରଣ ମହାପୁରୁଷ ଏବଂ ମୋତେ ଆନ୍ତରିକ ଭାବରେ ସ୍ନେହ କରନ୍ତି, ପ୍ରଥମରୁ ମୋ ମନରେ ଏହି ଧାରଣା ବଦ୍ଧମୂଳ ହୋଇଥିଲା । ତେଣୁ ତାଙ୍କ ଆଦେଶରେ ଯୋଗାଙ୍ଗର ପ୍ରାଥମିକ କ୍ରିୟାଦି ଅଭ୍ୟାସରେ ବିଶେଷ ଭାବରେ ମନଯୋଗୀ ହେଲି । ସେ ବର୍ଷ ଶ୍ରୀଶ୍ରୀ ଠାକୁର ଅଳ୍ପ ଦିନ ନିମିତ୍ତ ପୁରୀଧାମରେ ଥିଲେ । ସେ ପୁରୀରୁ ଚାଲିଯିବା ପରେ ତାଙ୍କ ଅଭାବରେ ମନ ଅତିଶୟ ବିଷଣ୍ଣ ହୋଇଗଲେ ମଧ୍ୟ ତାଙ୍କର ଅମୀୟ ମଧୁର ସ୍ମୃତି ପ୍ରାଣକୁ ଏଭଳି ବ୍ୟାକୁଳ କଲା ଯେ, ପୁଣି କେବେ ତାଙ୍କର ଦର୍ଶନ ମିଳିବ, ସେ କେବେ ପୁଣି ପୁରୀକୁ ବାହୁଡ଼ି ଆସିବେ—ଏହି ଭାବନାରେ ମଗ୍ନ ରହି ତାଙ୍କ ପୁରୀ ଆଗମନ ପ୍ରତୀକ୍ଷାରେ ଉତ୍କଣ୍ଠିତ ହୋଇ ଅନାଇ ରହିଥାଏ ।

ଇଂରାଜୀ ୧୯୩୧ ମସିହା । ଏହି ବର୍ଷଟି ଆମ ପକ୍ଷରେ ଏକାନ୍ତ ସ୍ମରଣୀୟ । ଶ୍ରୀଶ୍ରୀ ଠାକୁରଙ୍କ ଅନୁପସ୍ଥିତି ସମୟରେ ଆମେ 'ନୀଳାଚଳ କୁଟୀର'କୁ ଯାଇ ଶ୍ରୀଶ୍ରୀ ଠାକୁରଙ୍କ ସେବକ ମଣୀନ୍ଦ୍ର ବ୍ରହ୍ମଚାରୀଙ୍କ ସାହଚର୍ଯ୍ୟ ଲାଭ କରିଥିଲୁଁ, ଯାହା ଫଳରେ ସେ ମହାଶୟ ଆମମାନଙ୍କୁ ଶ୍ରୀଶ୍ରୀ ଠାକୁରଙ୍କ ମହିମା ସମ୍ବନ୍ଧରେ ବିଶେଷ ସଚେତନ କରାଇ ଦେଇଥିଲେ । ତାଙ୍କ ସଙ୍ଗସୁଖ ଲାଭ କରି ଶ୍ରୀଶ୍ରୀ ଠାକୁରଙ୍କ ସମ୍ବନ୍ଧରେ ଆମର ଯାହା ଧାରଣା ଥିଲା, ତାଙ୍କ ସଙ୍ଗ ପ୍ରଭାବରେ ସେ ଭାବ ବିଶେଷ ଭାବରେ ବର୍ଦ୍ଧିତ ହେଲା । ଏହି ବର୍ଷ ଜାନୁୟାରୀ ୨୭ ତାରିଖରେ ମୋର ଅନ୍ତରଙ୍ଗ ପ୍ରିୟ ସତୀର୍ଥ ଶ୍ରୀଯୁକ୍ତ ନୃପାଳଜୀଙ୍କ ସହିତ ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗର ପ୍ରଥମେ ଆଲୋଚନା ଆରମ୍ଭ ହେଲା ଏବଂ ସେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରତି ବିଶେଷ ଆକୃଷ୍ଟ ହୋଇ ତାଙ୍କର ଦର୍ଶନ ନିମିତ୍ତ କଲିକତା ପତ୍ର ଦେଲେ ଏବଂ ଅଧିକାଂଶ ସମୟ ମୋ ସହିତ ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗ ନେଇ ଆଲୋଚନାରେ ଅତିବାହିତ କରୁଥିଲେ । କ୍ରମେ କ୍ରମେ ମୋର ସହପାଠୀ ଏକାଦଶୀ, ବାଞ୍ଛାନିଧି ଓ ଗୋବିନ୍ଦ ପ୍ରଭୃତି ଓ ଅନ୍ୟମାନେ ମଧ୍ୟ ଶ୍ରୀଶ୍ରୀ ଠାକୁରଙ୍କ କଥା ଶୁଣି ତାଙ୍କ ଦର୍ଶନ ପ୍ରତୀକ୍ଷାରେ ଉନ୍ମୁଖ ହୋଇପଡ଼ିଲେ । ଏହି ସମୟରେ ସମ୍ବାଦ ମିଳିଲା ଯେ, ଶ୍ରୀଶ୍ରୀ ଠାକୁର ଫେବୃୟାରୀ ୨୪ ତାରିଖରେ ପୁରୀ ଆସୁଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ଆଗମନ ସମ୍ବାଦ ପାଇ ଆନନ୍ଦରେ ପ୍ରାଣ-ମନ ପୂର୍ଣ୍ଣ ହୋଇଗଲା ଏବଂ ସମବେତ ଭକ୍ତମାନଙ୍କ ମଧ୍ୟରୁ ନୃପାଳଜୀ ପ୍ରଭୃତି ଭାଇମାନଙ୍କ ସହିତ ଷ୍ଟେସନକୁ ଯାଇ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ, ସ୍ପର୍ଶନ ଓ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଣାମ କରିବାର ସୌଭାଗ୍ୟ ଲାଭ କରିଥିଲି । ଫେବୃୟାରୀ ମାସ ୨୬ ତାରିଖ ଦିନ ସମସ୍ତ ଭକ୍ତଙ୍କୁ ନେଇ 'ନୀଳାଚଳ କୁଟୀର'ରେ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ, ସ୍ପର୍ଶନ ଓ ବାକ୍ୟାଳାପ କରିବାର ଅନୁମତି ଲାଭ କରିଥିଲୁ । ଯଥା ସମୟରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଭକ୍ତମାନଙ୍କର ଦର୍ଶନ ଲାଭ ହୋଇଥିଲା ।

ଫେବୃୟାରୀ ମାସ ୨୬ ତାରିଖ ଅପରାହ୍ନ ପାଞ୍ଚଟା ସମୟରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ସାକ୍ଷାତ ହେଲା । ସେଦିନ ଭକ୍ତମାନଙ୍କୁ ଦେଖି ସେ ଅତିଶୟ ଆନନ୍ଦିତ ହୋଇ ବିବିଧ ଉପଦେଶ ପ୍ରଦାନ କଲେ । ସେଥିରୁ ପୂର୍ବପରି ତାଙ୍କର ଘନିଷ୍ଠ ଆତ୍ମୀୟଭାବର ପରିଚୟ ମିଳିଲା । ସେ ଅପରାହ୍ନ ଭ୍ରମଣରେ ବାହାରିଲେ । ଆମେମାନେ ଆନନ୍ଦ ମନରେ ନିଜ ନିଜର ଗୃହକୁ ପ୍ରତ୍ୟାବର୍ତ୍ତନ କଲୁ । ମାର୍ଚ୍ଚ

୪ ତାରିଖ ଦୋଳପୂର୍ଣ୍ଣିମା ଦିନ ଆମେ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ଲାଭ କରିଥିଲୁ ଏବଂ ପ୍ରଥମେ ଶ୍ରୀଶ୍ରୀ ଠାକୁରଙ୍କ ପଦରେ ଫଗୁ ବା ଅବିର ଦେବାର ସୁଯୋଗ ଲାଭ କରିଥିଲୁ । କାଲନାର ଭାଇ ସଚ୍ଚିଦାନନ୍ଦ ସାହା ଏହି ସମୟରେ ପୁରୀରେ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଥିଲେ । ତାଙ୍କ ସହିତ ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗ ଆଲୋଚନା କରି ଆମେମାନେ ଯେଉଁ ଭାବରେ ଶ୍ରୀଶ୍ରୀ ଠାକୁରଙ୍କ ମହିମା ଉପଲବ୍ଧି କରିଥିଲୁ, ତାହା ମଧ୍ୟ ଅବର୍ଣ୍ଣନୀୟ । କ୍ରମେ ଉତ୍କଳର ଭକ୍ତମାନଙ୍କ ସହିତ ଶ୍ରୀଶ୍ରୀ ଠାକୁରଙ୍କର ସମ୍ବନ୍ଧ ଘନିଷ୍ଠତର ହୋଇଉଠିଲା । ଶ୍ରୀଯୁକ୍ତ ଗୋବିନ୍ଦ ଭାଇ ମାର୍ଚ୍ଚ ୧୨ ତାରିଖରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ପ୍ରଥମ ସାକ୍ଷାତ କରି ଆଳାପ ଆଲୋଚନା କରିଥିଲେ; କିନ୍ତୁ ସେଦିନର ବିବରଣୀ ଲିପିବଦ୍ଧ ହୋଇପାରି ନ ଥିଲା । ସେ ସମୟରେ ଶ୍ରୀଶ୍ରୀ ଠାକୁରଙ୍କର ଯେଉଁ ଅପୂର୍ବ ମହିମା ଦର୍ଶନ କରିଥିଲୁ, ସେ ବିଷୟ ଭାବିଲେ ଚିତ୍ତରେ ଅବର୍ଣ୍ଣନୀୟ ଭାବର ଉଦୟ ହୁଏ । ସେ ଯେତେବେଳେ କଲିକତାରୁ ପୁରୀ ପ୍ରତ୍ୟାବର୍ତ୍ତନ କଲେ; ସେତେବେଳେ ତାଙ୍କର ପ୍ରଥମ ସାକ୍ଷାତରେ ସେ ଆମମାନଙ୍କ ପ୍ରତି ଏତେ ସ୍ନେହ କରୁଣାର ଭାବ ପ୍ରଦର୍ଶନ କଲେ ଯେ, ଆମେମାନେ ବିସ୍ମୟାଭିଭୂତ ହୋଇପଡ଼ିଲୁ । ଆଜି ଦୀର୍ଘଦିନ ପରେ ସେହି ମଧୁମୟୀ ସ୍ମୃତି ମାନସପଟରେ ଉଦିତ ହେଲେ ଚିତ୍ତରେ ଅପୂର୍ବ ଆନନ୍ଦ ଭାବର ଉଦୟ ହେଉଅଛି । ଦୀର୍ଘ ପ୍ରତୀକ୍ଷା ପରେ ପୁଣି ତାଙ୍କର ରକ୍ତିମ ଚରଣଯୁଗଳରେ ପ୍ରଣିପାତ ଜଣାଇ ତାଙ୍କର ସେହି ଆନନ୍ଦଘନ ଅପରୂପ ବିଗ୍ରହ ଦର୍ଶନ କରି ଆମେ ଆତ୍ମହରା ହୋଇ ଯାଉଥିଲୁ । ତାଙ୍କ ରକ୍ତାଧରରେ ମୃଦୁହାସ୍ୟ, ନୟନରୁ ସତରେ ଯେପରି ଆଶ୍ୱାସବାଣୀ ଝରି ପଡୁଥିଲା !! ବାଣୀ କି ଅମୀୟ ମଧୁର !!! ସେ ଆମମାନଙ୍କୁ ଆଶୀର୍ବାଦ କରି ପ୍ରତିଦିନ ତାଙ୍କୁ ଦର୍ଶନ ସ୍ପର୍ଶନ କରିବା ନିମିତ୍ତ ଅନୁମତି ଦେଲେ ଏବଂ ଉତ୍କଳର ଭକ୍ତମାନଙ୍କ ଦୋଷଦୁର୍ବଳତା କେଉଁଠି, ତାହା ଦେଖାଇଦେଇ ତାଙ୍କର ଦର୍ଶନ, ସ୍ପର୍ଶନ ଓ ବାଣୀ ଶ୍ରବଣ କଲେ ଏବଂ ତାଙ୍କୁ ଟିକିଏ ସୁଖ ପାଇପାରିଲେ କିଭଳି ଗୁରୁଶକ୍ତି ଶିଷ୍ୟଭକ୍ତମାନଙ୍କ ଭିତରେ ସହଜରେ ସଞ୍ଚାରିତ ହୁଏ, ସେକଥା ବିଶେଷ ଭାବରେ ବୁଝାଇ ଦେଇଥିଲେ । ଆମ୍ଭମାନଙ୍କ ଆନ୍ତରିକଭାବ ବୁଝିପାରି ଶ୍ରୀଶ୍ରୀ ଠାକୁର ଆମମାନଙ୍କୁ ଏପରି ସୁବିଧା ସୁଯୋଗ ଦେବାରୁ ଆମ ମନ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ସେହି ଅବିସ୍ମରଣୀୟ ମୁହୂର୍ତ୍ତରେ ତାଙ୍କୁ କଳ୍ପତରୁ ବୋଲି ମନେହେଲା । ସେତେବେଳେ ଧାରଣା ହେଲା

ଯେ, ଅହରହ ଯେପରି ଏହି ଅପରୂପ ମୂର୍ତ୍ତିଙ୍କ ପଦତଳେ ଉପବେଶନ କରି ତାଙ୍କ ଉପଦେଶବାଣୀ ଶ୍ରବଣ ଏବଂ ତାଙ୍କୁ ଦର୍ଶନ, ସ୍ପର୍ଶନ କରିବାର ସୁଯୋଗ ପାଇଲେ ଆମେମାନେ ଜୀବନକୁ ଧନ୍ୟ ମନେ କରନ୍ତୁ ଏବଂ ଅଫୁରନ୍ତ ଆନନ୍ଦ ଅନୁଭବ କରିପାରନ୍ତୁ ।

ଆମେ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ, ସ୍ପର୍ଶନ ଓ ତାଙ୍କ ସହିତ ବାକ୍ୟାଳାପ କରି ଯେଭଳି ଆନନ୍ଦିତ ହେଉଥିଲୁ, ଶ୍ରୀଶ୍ରୀ ଠାକୁର ମଧ୍ୟ ଆମମାନଙ୍କୁ ପାଇ ତତୋଽଧିକ ଆନନ୍ଦ ଲାଭ କରୁଥିଲେ । ଦିନେ କଥା ପ୍ରସଙ୍ଗରେ ସେ ସ୍ପଷ୍ଟ ଭାବରେ କହିଲେ, ''ପୁରାତନ ଭକ୍ତମାନେ ଦୀକ୍ଷା ନେବା ପରେ ମୋ ସହିତ ଆଉ ସାକ୍ଷାତ କରିବାର କୌଣସି ଆବଶ୍ୟକତା ଅନୁଭବ କରୁ ନାହାନ୍ତି । ତୁମେମାନେ ଯଦି ସେପରି କରିବ ଏବଂ ମୋତେ ଦର୍ଶନ, ସ୍ପର୍ଶନ କରିବାକୁ ଏଠାକୁ ନ ଆସିବ, ତେବେ ମୁଁ ପୁରୀରେ ରହିବି କାହିଁକି ? ଏହି ଦର୍ଶନ, ସ୍ପର୍ଶନଦ୍ୱାରା ଗୁରୁଙ୍କର ଭାବ ଶିଷ୍ୟମାନଙ୍କ ଭିତରେ ସଞ୍ଚାରିତ ହେବା ଫଳରେ ଶିଷ୍ୟମାନଙ୍କ ଚିତ୍ତରେ ଗୁରୁଦେବଙ୍କ ପ୍ରତି ଭକ୍ତି ଜାତ ହୁଏ । କିନ୍ତୁ ଦୀକ୍ଷା ନେବା ପରେ ମୋ ସହିତ ନିୟମିତ ସାକ୍ଷାତ ନ କରିବା କାରଣ ଯୋଗୁଁ ଉତ୍କଳରେ କେହି ଭକ୍ତ ହୋଇପାରୁ ନାହାନ୍ତି ।

ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁର ଆତ୍ମଗୋପନପୂର୍ବକ ଅବସ୍ଥାନ କରୁଥିଲେ । ତାଙ୍କ ଅନୁମତି ବ୍ୟତୀତ କେହି ହେଲେ ଏପରିକି ନିତାନ୍ତ ଅନ୍ତରଙ୍ଗ ଭକ୍ତ ମଧ୍ୟ ଦେଖାସାକ୍ଷାତ କରିପାରୁ ନ ଥିଲେ । କିନ୍ତୁ ସେ ଅଯାଚିତ କରୁଣାବଳରେ ଆମମାନଙ୍କୁ ଭକ୍ତିଲାଭର ଉପାୟ ପ୍ରଦର୍ଶନ କରି ଆମମାନଙ୍କ ନିକଟରେ ସହଜ ଭାବରେ ଧରା ଦେଇଥିଲେ । ଯେତେବେଳେ ସେ ଆମମାନଙ୍କୁ ଉପଦେଶବାଣୀ ପ୍ରଦାନ କରୁଥିଲେ, ସେତେବେଳେ ଆମେମାନେ ତାଙ୍କର ସୌମ୍ୟ-ମୂର୍ତ୍ତି ଦର୍ଶନ କରି ମନ୍ତ୍ରମୁଗ୍ଧ ପରି ତାଙ୍କରି ବାଣୀ ଶ୍ରବଣ କରୁଥିଲୁ । ତାଙ୍କ ଉପଦେଶବାଣୀର ସାରମର୍ମ ହେଲା—ଶ୍ରୀଶ୍ରୀ ଗୁରୁଦେବଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ଓ ତାଙ୍କ ପ୍ରତି ଅହେତୁକୀ ଭକ୍ତି ଥିଲେ ସହଜରେ ଜ୍ଞାନ ଲାଭ ହୁଏ ଏବଂ ସେହି ଭକ୍ତି ତାଙ୍କ ସହିତ ମିଳାମିଶା ଅର୍ଥାତ୍ ତାଙ୍କର ଦର୍ଶନ, ସ୍ପର୍ଶନ, ତାଙ୍କ ସହିତ ବାକ୍ୟାଳାପ ଓ ତାଙ୍କର ସ୍ମରଣ ମନନ ଫଳରେ ସହଜରେ ଲାଭ ହୋଇଥାଏ । ଭକ୍ତି ଅର୍ଥ ଭଗବତ୍ ଅଭାବବୋଧ । ଏହି ଅଭାବବୋଧ ହିଁ ତାଙ୍କୁ ଅନ୍ତରରେ ଲାଭ କରିବାର ପ୍ରଧାନ ଉପାୟ । ତେଣୁ ଆମେ ତାଙ୍କୁ ଗୁରୁଭଗବାନ ଏବଂ ପିତା, ମାତା, ବନ୍ଧୁ,

ସଖା ଜ୍ଞାନରେ ସୁଖ ପାଇବାକୁ ଅଭ୍ୟାସ କରିବା ସଙ୍ଗେ ସଙ୍ଗେ ତାଙ୍କ ଶ୍ରୀମୂର୍ତ୍ତି ଦର୍ଶନସ୍ପର୍ଶନର ସୁଯୋଗ ପରିତ୍ୟାଗ କରୁ ନ ଥିଲୁ । ଏହି ବର୍ଷ ଶ୍ରୀଶ୍ରୀ ଠାକୁର ଅଧିକାଂଶ ସମୟ ପୁରୀ ଧାମରେ ଅବସ୍ଥାନ କରିଥିଲେ । ସୁତରାଂ ତାଙ୍କରି କୃପାରୁ ଆମେ ତାଙ୍କର ଦର୍ଶନ, ସ୍ପର୍ଶନ ଓ ବାକ୍ୟାଳାପର ସୁଯୋଗ ଲାଭ କଲୁ । ଫଳରେ ତାଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ଓ ଭକ୍ତିଭାବ ସଞ୍ଚାରିତ ହେବାର ସୌଭାଗ୍ୟ ଆମେ ଲାଭ କଲୁ । ପୁରୀରେ ସେ ନିର୍ଜ୍ଜନବାସ କରୁଥିଲେ ମଧ୍ୟ ଏହି ବର୍ଷ ବହୁ ଭକ୍ତ-ଶିଷ୍ୟ ଓ ସାଧୁ ସନ୍ନ୍ୟାସୀ ତାଙ୍କୁ ଦର୍ଶନ କରିବାକୁ ଆସିଥିଲେ । ଯେଉଁମାନେ ସାକ୍ଷାତକୁ ଆସୁଥିଲେ ଶ୍ରୀଶ୍ରୀ ଠାକୁର ସେମାନଙ୍କର ଆନ୍ତରିକ ଭାବ ପରୀକ୍ଷା କରି ସେମାନଙ୍କୁ ଶିକ୍ଷା ଦୀକ୍ଷା ଦେଇ ସାଧନ-ଭଜନର ସହଜ ସରଳ ପନ୍ଥା ଦେଖାଇ ଦେଉଥିଲେ । ଆମର ଠାକୁରଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିବା ହେତୁ ଶ୍ରୀଶ୍ରୀ ଠାକୁର ଯେତେବେଳେ ସେମାନଙ୍କୁ ଉପଦେଶ ଦେଉଥିଲେ, ଅଧିକାଂଶ ସମୟରେ ଆମର ତାହାସବୁ ଶୁଣିବାର ସୌଭାଗ୍ୟ ଲାଭ ହେଉଥିଲା । ଏହି ବର୍ଷ କାଲନାର ବିଶିଷ୍ଟ ଭକ୍ତ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସାହା ଏବଂ ଶ୍ରୀକୃଷ୍ଣଚନ୍ଦ୍ର ବ୍ରହ୍ମଚାରୀଙ୍କ ସାହଚର୍ଯ୍ୟରେ ଆସି ସେମାନେ ଯେଉଁ ଭାବରେ ଶ୍ରୀଶ୍ରୀ ଠାକୁରଙ୍କୁ ଶ୍ରୀଗୁରୁ ଭଗବାନ ଦୃଷ୍ଟିରେ ଦେଖି ଆଳାପ ଆଲୋଚନା ଓ ସେବାଭାବ ପ୍ରଦର୍ଶନ କରୁଥିଲେ, ସେଥିରୁ ଆମମାନଙ୍କର ଶ୍ରୀଶ୍ରୀ ଠାକୁରଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହୋଇଗଲା । ଆମେ ତାଙ୍କୁ ପ୍ରଥମେ ମହାପୁରୁଷ ଜ୍ଞାନରେ ଦର୍ଶନ କରୁଥିଲୁ । କିନ୍ତୁ ଏହି ସାଧୁଭକ୍ତମାନଙ୍କ ସଙ୍ଗସୁଖ ଲାଭ କରି ମନେ ହେଲା, ସେ କେବଳ ଜ୍ଞାନୀ, ଯୋଗୀ ନୁହନ୍ତି, ସେ ପ୍ରେମିକଶିରୋମଣି, ଆମର ପରମବନ୍ଧୁ ଏବଂ ପିତାମାତାଙ୍କ ପରି ସ୍ନେହପରାୟଣ । ସେ ଯେତେବେଳେ ଜଟିଳ ଦାର୍ଶନିକ ତତ୍ତ୍ୱଗୁଡ଼ିକୁ ଅତି ସହଜ ସରଳ ଭାଷାରେ ବୁଝାଇ ଦେଉଥିଲେ, ସେତେବେଳେ ତାଙ୍କ ଜଳଦ୍‌ଗମ୍ଭୀରବାଣୀ ଶ୍ରବଣ କରି ମନେ ହେଉଥିଲା, ସତେ ସେ ଯେପରି ଜ୍ଞାନର ଘନବିଗ୍ରହ । ଦିନକୁ ଦିନ ତାଙ୍କ ସଙ୍ଗସୁଖ ଲାଭ କରି ତାଙ୍କ ବାଣୀ ଶ୍ରବଣ ନିମିତ୍ତ ଆମ ପ୍ରାଣରେ ପ୍ରବଳ ପିପାସ ବର୍ଦ୍ଧିତ ହେବାକୁ ଲାଗିଲା । ତାଙ୍କ ଉପଦେଶାବଳୀ ଏତେ ଉପାଦେୟ ବୋଧ ହେଉଥିଲା ଯେ, ତାହା କଣ୍ଠସ୍ଥ ଓ ହୃଦୟଙ୍ଗମ କରି ଘରେ ଆସି ସେଗୁଡ଼ିକ ମନେ ପକାଇ ସଂକ୍ଷେପରେ ନିଜ ଭାଷାରେ ଦିନଲିପିରେ ଲେଖି ରଖିବାର ଇଚ୍ଛା ତାଙ୍କ କୃପାରୁ ସ୍ୱତଃ ଜାତ ହେଲା । ସେ ବିନା ପ୍ରୟୋଜନରେ ଉଦ୍ଦେଶ୍ୟହୀନ ଆଲୋଚନା

କେବେ କରୁ ନ ଥିଲେ । ନିଜ ମନକୁ ମନ ଧୀରଗମ୍ଭୀର ଭାବରେ ଆନନ୍ଦରେ ବିଭୋର ହୋଇ ସେ ନିଜ ଆସନରେ ଉପବିଷ୍ଟ ଥା'ନ୍ତି । ତାଙ୍କଠାରେ ଲେଶମାତ୍ର ଚଞ୍ଚଳତାର ଭାବ ପରିଲକ୍ଷିତ ହୁଏ ନାହିଁ । ସମୁଦ୍ରତୀରରେ ମଧ ତାଙ୍କୁ ଅବଲୀଳାକ୍ରମେ ଘଣ୍ଟା ଘଣ୍ଟା ଧରି ସ୍ଥିର-ଗମ୍ଭୀର ଭାବରେ ସୁଖାସନରେ ଉପବେଶନ କରିଥିବାର ଦେଖିଛୁ । କିନ୍ତୁ ଯେତେବେଳେ ଶିକ୍ଷାର୍ଥୀମାନେ ତାଙ୍କ ନିକଟକୁ ଉପଦେଶପ୍ରାର୍ଥୀ ହୋଇ ଆସୁଥିଲେ, ସେତେବେଳେ ତାଙ୍କର ସେହି ନିସ୍ତରଙ୍ଗ ଭାବ ମଧରେ ସ୍ୱତଃ ଜ୍ଞାନର ତରଙ୍ଗ ଉତ୍‌ଥିତ ହେଉଥିଲା । ତେଣୁ ଆମ ମନରେ ସ୍ୱାଭାବିକ ଭାବରେ ଆକାଙ୍‌କ୍ଷା ଜାଗ୍ରତ ହେଉଥିଲା ଯେ କିଭଳି ଜିଜ୍ଞାସୁ ଭକ୍ତମାନେ ତାଙ୍କ ନିକଟକୁ ଆସି ତାଙ୍କ ସହିତ ଆଧ୍ୟାତ୍ମିକ ଆଲୋଚନା କରନ୍ତୁ । ଏହି କାରଣରୁ ସୁବିଧା ସୁଯୋଗ ପାଇଲେ ସେମାନଙ୍କୁ ନେଇ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରିବାର ସୁବିଧା କରିଦେଇଥାଉଁ ଏବଂ ଭକ୍ତଭଗବାନଙ୍କ ବାଣୀ ଶ୍ରବଣ କରି ଧନ୍ୟ ହେଉ ।

ତାଙ୍କ ସହିତ ସାକ୍ଷାତର ସମୟ ନିର୍ଦ୍ଦିଷ୍ଟ ଥିଲା । ସବୁ ସମୟରେ ତାଙ୍କ ସହିତ ସାକ୍ଷାତ କରିବା ଏବଂ ଆଳାପ ଆଲୋଚନା କରିବା ସମ୍ଭବପର ନ ଥିଲା । ସକାଳ ୯ଟା ଠାରୁ ୧୦ଟା ଏବଂ ଅପରାହ୍ନ ୪ଟା ଠାରୁ ୬ଟା କିମ୍ବା ୭ଟା ପର୍ଯ୍ୟନ୍ତ ସାକ୍ଷାତ ସମୟ ନିର୍ଦ୍ଦିଷ୍ଟ ଥିଲା । ତେଣୁ ସବୁ ସମୟରେ ତାଙ୍କ ବାଣୀ ଶ୍ରବଣର ପ୍ରବଳ ଇଚ୍ଛା ଥିଲେ ମଧ ସେ ସୁଯୋଗ ସର୍ବଦା ମିଳୁ ନ ଥିଲା । ପ୍ରଥମେ ଆମେମାନେ ସାଧନ-ଭଜନର ପିପାସା ନେଇ ତାଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲୁ; କିନ୍ତୁ କ୍ରମେ ଏପରି ହେଲା ଯେ ତାଙ୍କରି ଗୁରୁଗମ୍ଭୀର ମୂର୍ତ୍ତି ଧ୍ୟାନ, ତାଙ୍କରି ନାମ 'ଜୟଗୁରୁ' ସ୍ମରଣ-ମନନ, ତାଙ୍କ ଅମୃତବାଣୀ ଶ୍ରବଣ ଓ ଆସ୍ୱାଦନ ଏବଂ ତାଙ୍କରି ସ୍ନେହମମତାପୂର୍ଣ୍ଣ ବ୍ୟବହାର ଓ ଦର୍ଶନଲାଭ କରିବାକୁ ମନପ୍ରାଣ ଉଦ୍‌ଗ୍ରୀବ ଓ ଉତ୍କଣ୍ଠିତ ହୋଇଉଠିଲା । କ୍ରମେ ଏହା ହିଁ ହେଲା ଆମର ସାଧନ-ଭଜନ ।

ସେହି ବର୍ଷ ନୀଳାଚଳ କୁଟୀରରେ ଅକ୍ଷୟ ତୃତୀୟା ଉପଲକ୍ଷ୍ୟରେ ଶଙ୍କରାଚାର୍ଯ୍ୟଙ୍କ ଜନ୍ମତିଥି ପ୍ରତିପାଳନ ନିମିତ୍ତ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜାକରି ସମସ୍ତେ ପ୍ରସାଦ ସେବନ କରିଥିଲୁ । ଏହି ସମୟରେ ମୋ ପିଉସୀ ଶ୍ରୀଯୁକ୍ତା ସୂର୍ଯ୍ୟମଣି ଦେବୀଙ୍କର ଦୀକ୍ଷା ଏହି ନୀଳାଚଳ କୁଟୀରରେ ସମ୍ପନ୍ନ ହୋଇଥିଲା ଏବଂ ମୋର

ବାପା 'ଯୋଗୀଗୁରୁ' ପାଠ କରି ଶ୍ରୀଶ୍ରୀ ଠାକୁରଙ୍କ ମହିମା ଜାଣି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ସଚ୍ଚିଦାନନ୍ଦ ଭାଇ ପ୍ରମୁଖଙ୍କ ସଙ୍ଗସୁଖ ଲାଭ କରି ଆମମାନଙ୍କ ଅନ୍ତରରେ ଦୀକ୍ଷାଲାଭର ଆଗ୍ରହ ଜାତ ହେଲା । ଆମେ ଆମ ଭାବ ପ୍ରାର୍ଥନା ଆକାରରେ ଶ୍ରୀଶ୍ରୀ ଠାକୁରଙ୍କୁ ନିବେଦନ କଲୁ । ସେ ଯଥା ସମୟରେ ଦୀକ୍ଷା ଦେବେ ବୋଲି ଆଭାସ ଦେଲେ ଏବଂ ଦୀକ୍ଷା ଦେବା ପରେ ଯେପରି ଦର୍ଶନ-ସ୍ପର୍ଶନ ବନ୍ଦ ନ ହୁଏ ସେଥିପ୍ରତି ସତର୍କ କରାଇଦେଲେ । ଏହି ବର୍ଷ ମୋର ଦାଦା ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାନ୍ତିଙ୍କର ମଧ୍ୟ ଦୀକ୍ଷା ହୋଇଥିଲା ।

ଏହି ଭାବରେ ଲୀଳାଖେଳା ଶେଷକରି ଶ୍ରୀଶ୍ରୀ ଠାକୁର ପୁରୀରୁ କୋକିଳାମୁଖ ସାରସ୍ୱତ ମଠକୁ ଗମନ କରି ପୁନରାୟ ଜୁଲାଇ ମାସ ୨୫ ତାରିଖରେ ପୁରୀ ପ୍ରତ୍ୟାବର୍ତ୍ତନ କଲେ । ସେଦିନ ବହୁ ସ୍ଥାନୀୟ ଛାତ୍ର ଏବଂ ମୋର ବାପା ଶ୍ରୀଯୁକ୍ତ ଗୁଣନିଧି ମହାନ୍ତି ଶ୍ରୀଶ୍ରୀ ଠାକୁରଙ୍କ ପ୍ରଥମ ଦର୍ଶନ ଲାଭ କଲେ । ଉକ୍ତ ଦିନ ଆମମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ତାଙ୍କର ଯେଉଁ ଜ୍ୟୋତିର୍ମୟ ତତ୍ତ୍ୱମୟୀ ମୂର୍ତ୍ତିର ପ୍ରକାଶ ହୋଇଥିଲା, ତାହାର ମହିମା ଭାଷାରେ ରୂପାୟିତ କରିବା ଅସମ୍ଭବ । ସେଦିନ ଶ୍ରୀଶ୍ରୀ ଠାକୁର ଭକ୍ତମାନଙ୍କୁ ଲକ୍ଷ୍ୟକରି ଅନର୍ଗଳ ଭାବରେ ଗୁରୁତତ୍ତ୍ୱ, ଗୁରୁନିର୍ଭରତା ଏବଂ ଗୁରୁଦେବଙ୍କଠାରେ ଶରଣାଗତି ଭାବର ମାହାତ୍ମ୍ୟ ବିଷୟରେ ଏପରି ଅପୂର୍ବ ଉପଦେଶ ଦେବାକୁ ଆରମ୍ଭ କଲେ ଯେ, ମନେହେଲା ଯେପରି ସ୍ୱୟଂ ଜଗଦ୍‌ଗୁରୁ ଶଙ୍କର ସ୍ଥୁଳବିଗ୍ରହରେ ପ୍ରକଟିତ ହୋଇ ସମସ୍ତଙ୍କୁ ତାଙ୍କର ଆଶ୍ରୟ ନେବାକୁ ଆହ୍ୱାନ କରୁଛନ୍ତି । ଏହି ଘଟଣା ଦର୍ଶନ କରି ବାପା ମଧ୍ୟ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ନେବାକୁ ଆଗ୍ରହ ପ୍ରକାଶ କରିବାରୁ ଶ୍ରୀଶ୍ରୀ ଠାକୁର ମୋ ବାପା ଓ ବୋଉ, ଉଭୟଙ୍କୁ ଦୀକ୍ଷା ଦେବାକୁ ସମ୍ମତ ହେଲେ । ଝୁଲଣ ପୂର୍ଣ୍ଣିମା ଦିନ ଭାଇ ସଚ୍ଚିଦାନନ୍ଦ ସାହାଙ୍କର ଅନୁରୋଧକ୍ରମେ ଶ୍ରୀଶ୍ରୀ ଠାକୁର ତାଙ୍କର ଜନ୍ମତିଥି ପାଳନ ନିମିତ୍ତ ସମ୍ମତି ପ୍ରଦାନ କଲେ । ଆମେ ପ୍ରଥମ ଥର ପାଇଁ ଜନ୍ମଉତ୍ସବ ଝୁଲଣ ପୂର୍ଣ୍ଣିମା ଦିନ ଭକ୍ତମାନଙ୍କ ସହିତ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ ପୂଜା ଏବଂ ଗୁରୁପୂଜା ଅନୁଷ୍ଠାନର ସୁଯୋଗ ଲାଭକରି ଧନ୍ୟ ହେଲୁ । ଶ୍ରୀଶ୍ରୀ ଠାକୁର ମଧ୍ୟ ତାଙ୍କର ପୂଜା କରିବା ନିମିତ୍ତ ଆମ୍ଭମାନଙ୍କୁ ସୁଯୋଗ ପ୍ରଦାନ କରିଥିବାରୁ ଆମେ ବିଶେଷ ଆନନ୍ଦିତ ଓ ଉତ୍ସାହିତ ହୋଇଥିଲୁଁ । ଫୁଲମାଳ ପ୍ରଭୃତିରେ ସଜ୍ଜିତ କରି ପୂଜା କରିବା ସମୟରେ ବିଗ୍ରହ ଯେପରି ଧୀର ନିଷ୍କଳ ଭାବରେ ଅବସ୍ଥାନ କରନ୍ତି, ଶ୍ରୀଶ୍ରୀ ଠାକୁର ସେହିପରି ଭାବରେ ସ୍ଥିର ନିଷ୍କଳ

ଜୀବନ୍ତ ମୂର୍ତ୍ତି ଭଳି ପ୍ରତୀୟମାନ ହେଉଥିଲେ । ସେଦିନ ପୂଜା ଶେଷରେ ମୁଁ ଯେତେବେଳେ ପ୍ରଣାମ କରି ଉଠିଲି, ସେତେବେଳେ ସ୍ନେହ ମଧୁର କଣ୍ଠରେ ଶ୍ରୀଶ୍ରୀ ଠାକୁର କହିଲେ—''ଦୁର୍ଗାଚରଣ ! ତୁ ଏତେ ଶୁଖିଲା ଦିଶୁଛୁ କାହିଁକି ? ତୋ ଦେହ କ'ଣ ଭଲ ନାହିଁ ?'' ଆମର ଧାରଣା ଥିଲା, ଶ୍ରୀଶ୍ରୀ ଠାକୁର ଏତେ ଭକ୍ତମାନଙ୍କ ମଧ୍ୟରେ ମୋ କଥା କାହିଁକି ମନେ ରଖିବେ ? ତାଙ୍କର ଏହି ସସ୍ନେହ ମଧୁରବାଣୀ ଶ୍ରବଣ କରି ମନେ ହେଲା ସେ ଆମ ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି । ସେ ଯେ ଆମମାନଙ୍କୁ କେତେ ସ୍ନେହ କରନ୍ତି ସେଦିନ ନିଃସଂଶୟ ଭାବରେ ତାହା ମୋର ହୃଦୟଙ୍ଗମ ହୋଇଥିଲା ।

ନଭେମ୍ବର ମାସରେ କାଳୀପୂଜା ଦିନ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜା କରିବାର ସୁଯୋଗ ମିଳିଥିଲା । ସେତେବେଳକୁ ଆମେ ଶ୍ରୀଶ୍ରୀ ଠାକୁରଙ୍କୁ ସହଜ ମନୁଷ୍ୟ ଭାବରେ ଦେଖିବାକୁ ଆରମ୍ଭ କରିଥିଲୁ । ସିଦ୍ଧ ମହାପୁରୁଷ ହୋଇ ମଧ୍ୟ ଯେଉଁମାନେ ସହଜ ସରଳ ମନୁଷ୍ୟ ଭାବରେ ଶିଷ୍ୟ ଭକ୍ତଙ୍କ ନିକଟରେ ଧରା ଦିଅନ୍ତି, ସେହିମାନଙ୍କୁ ସହଜ ମନୁଷ୍ୟ କୁହାଯାଏ । ଶ୍ରୀଶ୍ରୀ ଠାକୁର ସହଜ ମନୁଷ୍ୟ ଭାବରେ ଆମର ପୂଜା ଗ୍ରହଣ କରୁଥିଲେ ମଧ୍ୟ ପୂଜା ସମୟରେ ତାଙ୍କର ସେହି ଭାବ ପଛରେ ଜ୍ୟୋତିର୍ମୟ ମୂର୍ତ୍ତି, ସ୍ନେହ କରୁଣାପୂର୍ଣ୍ଣ ଲୋଚନ, ସମୁନ୍ନତ ଲଲାଟ, କୁଞ୍ଚିତ କେଶଦାମ, ସୁବଳିତ ଭୁଜଯୁଗଳ, ବିସ୍ତୃତ ବକ୍ଷଦେଶ ପ୍ରଭୃତି ମହାପୁରୁଷ ଲକ୍ଷଣ ଦର୍ଶନ କରି ସେତେବେଳେ ତାଙ୍କୁ ସାକ୍ଷାତ ନରଦେବତା ବୋଲି ମନେ ହେଉଥିଲା । ପୂଜା ଶେଷରେ ପ୍ରସାଦ ସେବନ କରି ଗୃହକୁ ପ୍ରତ୍ୟାବର୍ତ୍ତନ କଲେ ମଧ୍ୟ ତାଙ୍କର ସେହି ଲାବଣ୍ୟମୟୀ ମୂର୍ତ୍ତି ପୁନଃ ପୁନଃ ଦର୍ଶନ ନିମିତ୍ତ ପ୍ରାଣ ଉତ୍କଣ୍ଠିତ ହେଉଥିଲା । ସର୍ବଦା ତାଙ୍କର ସ୍ମୃତି ମନ ମଧ୍ୟରେ ଉଦିତ ହେବା ଫଳରେ ଅନ୍ତରରେ ତାଙ୍କ ଦିବ୍ୟଭାବର ଅନୁଭୂତି ସଙ୍ଗେ ସଙ୍ଗେ ନାନାବିଧ ଅଲୌକିକ ସ୍ୱପ୍ନାନୁଭୂତି ଏବଂ ଆଧ୍ୟାତ୍ମିକ ଅନୁଭୂତି ଲାଭ ହେଉଥାଏ । ବିବିଧ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ହେତୁ ତାଙ୍କୁ ଜଣେ ଅସାଧାରଣ ଶକ୍ତିସମ୍ପନ୍ନ ମହାପୁରୁଷ ବୋଲି ଜ୍ଞାନ ହେଲା ଏବଂ ତାଙ୍କର ଆଧ୍ୟାତ୍ମିକଶକ୍ତି ବିଷୟରେ ମଧ୍ୟ ସ୍ପଷ୍ଟ ଧାରଣା ଜାତ ହେଲା । ଏହିଭଳି ଭାବରେ ଆମମାନଙ୍କ ସହିତ ବର୍ଷତମାମ ବିବିଧ ଲୀଳା ସମ୍ପନ୍ନ କରି ଶେଷରେ ଡିସେମ୍ବର ମାସ ୨୩ ତାରିଖରେ ପୁରୀରୁ ସମ୍ମିଳନୀ ଉପଲକ୍ଷରେ ଶ୍ରୀଶ୍ରୀ ଠାକୁର କଲିକତା ଯାତ୍ରା କଲେ । ଏତିକିରେ ୧୯୩୧ ମସିହାର ଆନନ୍ଦ ଉତ୍ସବ ଶେଷ ହେଲା ।

ଶ୍ରୀଶ୍ରୀ ଠାକୁର ଭକ୍ତ ସମ୍ମିଳନୀ ଶେଷ କରି ପୁଣି ୨୬।୨।୩୨ ତାରିଖରେ ପୁରୀ ଫେରିଆସିଲେ । ଶ୍ରୀଶ୍ରୀ ଠାକୁର ଚିଲିକା ହ୍ରଦ ଦର୍ଶନ ଇଚ୍ଛାରେ ଚିଲିକା ଭ୍ରମଣରେ ବାହାରିଲେ । ଗୋଟିଏ ନୌକା ଭଡ଼ା କରି ଶ୍ରୀଶ୍ରୀ ଠାକୁର ଚିଲିକା ମଧ୍ୟସ୍ଥ କାଳୀଜାଈ ମନ୍ଦିର ଦର୍ଶନକୁ ଗମନ କଲେ । ସଙ୍ଗରେ ଥିଲେ ସୁରମା, ସରଯୁ ମା, ମନୁ, ହରେନ୍ ଦା, ଏକାଦଶୀ, ଗଣେଶ୍ୱର ପ୍ରଭୃତି ଭକ୍ତବୃନ୍ଦ । ସେଠାରେ ସ୍ନାନ ସମାପନ କରି ସେ ଯେତେବେଳେ କାଳୀମନ୍ଦିର ଭିତରେ ପ୍ରବେଶ କରି 'ତାରା' 'ତାରା' ଶବ୍ଦରେ ଯେଉଁଭଳି ଭାବରେ ଦେବୀଙ୍କୁ ଆହ୍ୱାନ କଲେ, ସେତେବେଳେ ତାଙ୍କର ସେହି ମେଘମନ୍ଦ୍ର କଣ୍ଠସ୍ୱର ନାଦସିଦ୍ଧ ଋଷିକଣ୍ଠ ବିନିଃସୃତ ବୋଲି ବୋଧହେଲା । ଯେତେଦିନଯାଏ ଆମେ ତାଙ୍କ ସଙ୍ଗସୁଖ ଲାଭ କରିଛୁଁ, ସେ କେବେ ଆମମାନଙ୍କୁ ନିରାନନ୍ଦ କିମ୍ବା ନିରାଶାବାଣୀ ଶୁଣାଇ ନାହାନ୍ତି । ଚିଲିକା ଭ୍ରମଣରେ ଯିବାବେଳେ ଆମର ଜଣେ ଗୁରୁଭାଇଙ୍କ ଅପରିଣାମଦର୍ଶିତା ଫଳରେ ଶ୍ରୀଶ୍ରୀ ଠାକୁରଙ୍କୁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲେ ମଧ୍ୟ ସେ ସେସବୁ କଷ୍ଟକୁ ଅବିଚଳିତ ଚିତ୍ତରେ ସହ୍ୟ କରିବାର ଦେଖିଛି । ସେ ଏତେ ଅସୁବିଧା ଭିତରେ ଟିକିଏ ସୁଦ୍ଧା କଷ୍ଟ ଅନୁଭବ କରିବାର ଭାବ ଦେଖାଇ ନାହାନ୍ତି । ପୂର୍ବରୁ ଶ୍ରୀ ଗଣେଶ୍ୱର ଭାଇଙ୍କୁ ଭ୍ରମଣକାଳୀନ ସମସ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସେ ତାଙ୍କର କର୍ତ୍ତବ୍ୟ ଯଥାଯଥ ଭାବରେ ସମ୍ପନ୍ନ କରିପାରି ନ ଥିଲେ । ତଥାପି ଶ୍ରୀଶ୍ରୀ ଠାକୁର ପୁରୀ ଫେରିଆସି ମନ୍ତବ୍ୟ ସ୍ୱରୂପ କହିଲେ, ''ଗଣେଶ୍ୱର ଯୋଗୁ ହିଁ ମୋର ଚିଲିକା ଭ୍ରମଣ ସମ୍ଭବ ହେଲା ।''

ଏହି ବର୍ଷ ଶ୍ରୀପଞ୍ଚମୀ, ଶିବରାତ୍ରି ଓ ଦୋଳପୂର୍ଣ୍ଣିମା ତିଥିମାନଙ୍କରେ ମଧ୍ୟ ଆମେ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜା କରି ତାଙ୍କ ଆନନ୍ଦମୟ ମୂର୍ତ୍ତି ଦର୍ଶନ କରିଛୁ । ଏହି ପୂଜା ମଧ୍ୟରେ ଦିନେ ତାଙ୍କୁ ଫୁଲମାଳ ଦେଇ ସଜାଇଦେବା ପରେ ଆମର ଜଣେ ସତୀର୍ଥ ଅବଶିଷ୍ଟ ଫୁଲଗୁଡ଼ିକ ତାଙ୍କ ପାଦ ଉପରେ ଢାଳିଦେଇ ପ୍ରଣାମ କଲେ । ସେ ଜାଣି ନ ଥିଲେ ଯେ ଫୁଲ ଭିତରେ ଫୁଲ ଗୁନ୍ଥିବା ଛୁଞ୍ଚିଟି ରହିଯାଇଛି । ଶ୍ରୀଶ୍ରୀ ଠାକୁର ଫୁଲ ମଧ୍ୟରୁ ପାଦ ଉଠାଇ ଫୁଲ ଉପରେ ସ୍ଥାପନ କରିବା ମାତ୍ରେ ଫୁଲ ମଧ୍ୟରେ ଥିବା ଛୁଞ୍ଚିର କିଛି ଅଂଶ ତାଙ୍କ ପାଦରେ ଫୁଟିଗଲା । ସେହି କୋମଳ ରକ୍ତିମ ପାଦପଦ୍ମରେ ଛୁଞ୍ଚିଟି ଫୁଟିଯିବାରେ ନିଶ୍ଚୟ ଖୁବ୍ କଷ୍ଟବୋଧ ହୋଇଥିବ । କିନ୍ତୁ ସେଥିପାଇଁ ସେ କାହାକୁ ତିରସ୍କାର ବାକ୍ୟ ନ କହି କେବଳ

ହସହସ ବଦନରେ ଆମର ତ୍ରୁଟି ଧରାଇ ଦେଇଥିଲେ । ଛୁଞ୍ଚ ଅଛି କି ନାହିଁ, ଫୁଲ ଦେବା ସମୟରେ ଆମର ଦେଖିବା ଉଚିତ ଥିଲା । ସେଦିନର ତାଙ୍କ ଆନନ୍ଦଘନ ମୂର୍ତ୍ତି ମଧ୍ୟ ଆମର ଚିର ଅବିସ୍ମରଣୀୟ ହୋଇ ରହିଛି ।

ଏହି ବର୍ଷ ମୋର ବାବା ଓ ବୋଉ ଉଭୟେ ଶ୍ରୀଶ୍ରୀ ଠାକୁରଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏଥିମଧ୍ୟରେ ଶ୍ରୀଶ୍ରୀ ଠାକୁର ନିଜେ ପ୍ରଶ୍ନ କରି ବୋଉଙ୍କର ବହୁଦିନର ପିତ୍ତଶୂଳ ରୋଗ ବିଷୟ ଅବଗତ ହୋଇ ଗୋଟିଏ ବିଶେଷ ପ୍ରକ୍ରିୟାଦ୍ୱାରା ତାଙ୍କର ସେହି ଶୂଳରୋଗ ଆରୋଗ୍ୟ କରିଥିଲେ । ଓଡ଼ିଶାରେ କେବଳ ଆମର ସମଗ୍ର ପରିବାର (ବାପା, ବୋଉ, ପିଉସୀ, ସାନଭାଇ, ଦାଦା ଓ ମୁଁ) ଶ୍ରୀଶ୍ରୀ ଠାକୁରଙ୍କର ଦୀକ୍ଷିତ ଶିଷ୍ୟ; ଏହା ହିଁ ମୋ ପ୍ରତି ତାଙ୍କର ଅହେତୁକୀ କରୁଣାର ନିଦର୍ଶନ । ଏ ମଧ୍ୟରେ ଶ୍ରୀଶ୍ରୀ ଠାକୁର ୨୪-୪-୩୨ ତାରିଖରେ ସାରସ୍ୱତ ମଠକୁ ଗମନ କଲେ । ତାଙ୍କର ଅନୁପସ୍ଥିତି ସମୟରେ ସର୍ବଦା ତାଙ୍କର ଧ୍ୟାନସ୍ତିମିତ ପ୍ରଶାନ୍ତ ଗମ୍ଭୀର ମୂର୍ତ୍ତି, କରୁଣାପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଏବଂ ସ୍ନେହମଧୁରବାଣୀ ଅନ୍ତର ମଧ୍ୟରେ ଜାଗ୍ରତ ହେଉଥାଏ । କ୍ରମେ ସେହି ମହାପୁରୁଷଙ୍କୁ 'ନରାକାର ପରଂବ୍ରହ୍ମ' ବୋଲି ଧାରଣା ଜାତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ସାକ୍ଷାତ ଗୁରୁ ଭଗବାନ ଦୃଷ୍ଟିରେ ଧ୍ୟାନ ଧାରଣା ଓ ଉପାସନା କଲେ ଯେ ଆମର ପରମ ମଙ୍ଗଳ ସାଧିତ ହେବ, ମୋ ମନରେ ଏହି ଦୃଢ଼ଧାରଣା ଜାତ ହେଲା । ତେଣୁ ତାଙ୍କ ଆଦିଷ୍ଟ ଯୋଗାଙ୍ଗର ପ୍ରାଥମିକ ସାଧନଗୁଡ଼ିକ ଅଭ୍ୟାସ କରିବା ସଙ୍ଗେ ସଙ୍ଗେ ତାଙ୍କର ଶ୍ରୀମୂର୍ତ୍ତି ଧ୍ୟାନ, ତାଙ୍କ ବାଣୀର ସ୍ମରଣ-ମନନ ଏବଂ ତାଙ୍କ ନାମ ଜପ ଓ ତାଙ୍କ ଲିଖିତ ଉପଦେଶବାଣୀ ପାଠ ଏବଂ ତାଙ୍କ ପୁରୀ ଆଗମନ ପ୍ରତୀକ୍ଷା ହିଁ ମୋର ହେଲା ସାଧନ-ଭଜନ ।

ଶ୍ରୀଶ୍ରୀ ଠାକୁର ମଠରୁ ତୀର୍ଥଭ୍ରମଣରେ ବହିର୍ଗତ ହୋଇ ୧୯୩୩ ମସିହା ମାର୍ଚ୍ଚ ମାସରେ ପୁରୀ ପ୍ରତ୍ୟାବର୍ତ୍ତନ କଲେ । ମୁଁ ଗ୍ରାମରେ ଥିଲି । ସମ୍ବାଦ ପାଇବାମାତ୍ରେ ତାଙ୍କୁ ଦର୍ଶନ କରିବା ନିମିତ୍ତ ପୁରୀ ଚାଲିଆସିଲି । ଏହି ବର୍ଷ ଶ୍ରୀଶ୍ରୀ ଠାକୁର ପୂର୍ବବର୍ଷମାନଙ୍କ ଅପେକ୍ଷା ଆମ ସହିତ ଘନିଷ୍ଠଭାବରେ ମିଶି ତାଙ୍କ ସ୍ନେହମଧୁର ବ୍ୟବହାରରେ ଆମମାନଙ୍କୁ ମୁଗ୍ଧ କଲେ । ତାଙ୍କ ନିକଟରୁ ଗଳ୍ପଛଳରେ ବିବିଧ ଉପଦେଶବାଣୀ ଶ୍ରବଣ କରି ଆମେମାନେ ମୁଗ୍ଧ ହେଲୁଁ । ଅନ୍ତରରେ ଅନୁଭବ କଲୁଁ ଯେ, ଶ୍ରୀଶ୍ରୀ ଠାକୁର ସ୍ଥୂଳ ଦେହରେ ଅବସ୍ଥାନ କରି ସହଜ ସରଳ

ଭାବରେ ଆମ ସହିତ ମିଶିଥିଲେ ମଧ୍ୟ ସେ ସର୍ବଦା ଭାବଜଗତରେ ବିଚରଣ କରୁଥାନ୍ତି । ତାଙ୍କର ତତ୍କାଳୀନ ଅପୂର୍ବ ମହିମାମଣ୍ଡିତ ଦିବ୍ୟଭାବ ଭାଷାରେ ବର୍ଣ୍ଣନାତୀତ ।

ସେ ଭ୍ରମଣକାଳରେ ସର୍ବଦା ଆତ୍ମଗୋପନ କରି ଚଳିବାକୁ ଚେଷ୍ଟା କରୁଥିଲେ ମଧ୍ୟ ତାଙ୍କର ଅପ୍ରାକୃତ ଦିବ୍ୟମୂର୍ତ୍ତି ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା । ଏହି ବର୍ଷ ଦିନେ ଶ୍ରୀଶ୍ରୀ ଠାକୁର ରଥଯାତ୍ରା ଦେଖିବାକୁ ଯାଇଥିଲେ । ରଥ ଭିଡ଼ ମଧ୍ୟରେ ଜଣେ ଭଦ୍ରବ୍ୟକ୍ତି ଆମକୁ ପ୍ରଶ୍ନ କଲେ, ''ଏ କିଏ ?'' ଶ୍ରୀଶ୍ରୀ ଠାକୁରଙ୍କ ନିଷେଧ ଥିବାରୁ ଆମେ ତାଙ୍କର ପରିଚୟ ପ୍ରଦାନ ନ କରି କହିଲୁଁ, ''ଦେଖୁଛନ୍ତି ତ ସେ ଜଣେ ଭଦ୍ରବ୍ୟକ୍ତି ।'' ସେ ଆମ ଉତ୍ତରରେ କ୍ଷାନ୍ତ ନ ହୋଇ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି ପ୍ରଶ୍ନ କଲେ—''ଆପଣଙ୍କ ନାମ ?'' ଶ୍ରୀଶ୍ରୀ ଠାକୁର ଗୁରୁଗମ୍ଭୀର ଭାବରେ ଉତ୍ତର ଦେଲେ—''ମୋର ନାମ ଗୁରୁଦାସ ।'' ଭଦ୍ରଲୋକ ଜଣକ ଅପ୍ରସ୍ତୁତ ହୋଇ ଆମକୁ କହିଲେ—''ଏହାଙ୍କୁ ଦେଖି ମୁଁ ଭାବିଥିଲି ଯେ ଏହି ମହାପୁରୁଷ ହିଁ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ।''

ସର୍ବସିଦ୍ଧି ଯେପରି ତାଙ୍କ କରତଳଗତ ଥିଲା । ଉପଦେଶ ଦେବାବେଳେ ସେ ସର୍ବଦା କହୁଥିଲେ ଯେ ତାଙ୍କର ଭକ୍ତମାନେ ତାଙ୍କ ଉପରେ ବିଶ୍ୱାସନିର୍ଭରତା ରଖିଲେ ସମସ୍ତ ପାଇପାରିବେ । ତାଙ୍କୁ ଟିକିଏ ସୁଖ ପାଇପାରିଲେ ଭକ୍ତମାନଙ୍କର କିଛି ଅଭାବ ରହିବ ନାହିଁ । ସେ କାହାକୁ ଥରକୁ ଦୁଇ ଥର ଉପଦେଶ ଦେଉ ନ ଥିଲେ । ଏହାର କାରଣ, ସେ ସରଳ ଭାବରେ ବିଶ୍ୱାସ କରୁଥିଲେ ଯେ, ଯେ ତାଙ୍କର ପ୍ରକୃତ ଭକ୍ତ, ସେ ନିଶ୍ଚୟ ଥରେ ଶୁଣିବାମାତ୍ରେ ତାଙ୍କ ଆଦେଶ ପ୍ରତିପାଳନ କରିବେ । ଏହା ହିଁ ତାଙ୍କର ଜ୍ଞାନସିଦ୍ଧ ସହଜ ସରଳ ସ୍ୱଭାବର ପରିଚୟ ।

୧୯୩୪ ମସିହାଟି ଆମମାନଙ୍କ ପକ୍ଷରେ ବିଶିଷ୍ଟ ସ୍ମରଣୀୟ ବର୍ଷ । ଏହି ବର୍ଷ ଶ୍ରୀଶ୍ରୀ ଠାକୁର ଫେବୃୟାରୀ ମାସ ୧୬ ତାରିଖରେ ପୁରୀ ଆସିଥିଲେ । ଏହି ବର୍ଷ ବନମାଳୀ ଭାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରି ଦୀକ୍ଷା ଗ୍ରହଣ କରିଥିଲେ । ବନମାଳୀ ଭାଇ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଯେଉଁସବୁ ଆଲୋଚନା କରିଥିଲେ, ତାହାର ସଂକ୍ଷିପ୍ତ ବିବରଣୀ 'ନୀଳାଚଳ ବାଣୀ' ପୁସ୍ତକରେ ପ୍ରଦତ୍ତ ହୋଇଅଛି । ଏହି ସମୟରେ ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ତାଙ୍କର ବାଣୀଗୁଡ଼ିକ ଲିପିବଦ୍ଧ କରିବାକୁ ମୋତେ ଆଦେଶ କରିଥିଲେ । ଏହି ବର୍ଷ ଲକ୍ଷ୍ୟକରି ଦେଖିଲୁ ଯେ, ଶ୍ରୀ ଶ୍ରୀ

ଠାକୁର ଯେତେବେଳେ ଯେଉଁ ବିଷୟ ନେଇ ଉପଦେଶ ଦେଉଥିଲେ, ସେହି ଉପଦେଶବାଣୀର ଭାବ ଅନୁଯାୟୀ ତାଙ୍କ ଶ୍ରୀମୂର୍ତ୍ତିର ଅପୂର୍ବ ପରିବର୍ତ୍ତନ ଘଟୁଥିଲା । ଆମେ ତାଙ୍କର ଏହି ଅଲୌକିକ ଭାବ ଦର୍ଶନ କରି ମୁଗ୍‌ଧ ହୋଇ ତାଙ୍କ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇ ପଡ଼ିଥିଲୁ । ତାଙ୍କ ଉପଦେଶବାଣୀ ଶୁଣି ମନେ ହେଉଥିଲା, ସେ ଏହି ଅନିତ୍ୟ ଜଗତରେ ବାସ କରୁଥିଲେ ମଧ୍ୟ ସେହି ନିତ୍ୟଧାମରେ ଅଧିଷ୍ଠିତ ଥାଇ, ସେହି ଧାମର ଅମୃତବାର୍ତ୍ତା ଶୁଣାଇ, ଆମମାନଙ୍କୁ ସେହି ନିତ୍ୟଧାମର ଠାକୁରଙ୍କ ଆଡ଼କୁ ଯେପରି ଆକର୍ଷଣ କରୁଛନ୍ତି । ଉପଦେଶ ପ୍ରଦାନ ଏବଂ ଦୀକ୍ଷାଦାନ କାଳରେ ତାଙ୍କ ମଧ୍ୟରେ କିଭଳି ଭାବର ଛାୟାପାତ ହେଉଥିଲା, ନିମ୍ନରେ ନିଜ ଅନୁଭୂତିରୁ ତାହାର କେତେଗୋଟି ଉଦାହରଣ ଦେଉଛି ।

ଜୁନ୍ ମାସର ୫ ତାରିଖ ତ୍ରିଲୋଚନାଷ୍ଟମୀ ଦିବସରେ ମନୁର ଜନ୍ମଦିନ ଉପଲକ୍ଷ୍ୟରେ ସେଦିନ ଆମେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରସାଦ ପାଇବାର ସୁଯୋଗ ଲାଭ କରିଥିଲୁ । ସେହି ଉତ୍ସବ ଉପଲକ୍ଷ୍ୟରେ ମୁଁ ଦୁଧ ଆଣିବା ପାଇଁ ଶ୍ରୀଶ୍ରୀ ଠାକୁରଙ୍କ ଆଦେଶରେ ପୁରୀଠାରୁ ଦଶ ମାଇଲ ଦୂରରେ ଥିବା ବାପାଙ୍କ ଚାକିରି ସ୍ଥାନ ମଦରଙ୍ଗକୁ ଯାଇ ସକାଳ ୯ ଘଣ୍ଟାରେ ଫେରିବାବେଳେ ଶ୍ରୀଶ୍ରୀ ଠାକୁର ହଠାତ୍ "ତୋର ଆଜି ଦୀକ୍ଷା ହେବ" ବୋଲି ସ୍ୱତଃପ୍ରବୃତ୍ତ ହୋଇ ଆଦେଶ ଦେଲେ । 'ନୀଳାଚଳବାଣୀ'ରେ ସେହି ଘଟଣାର ଉଲ୍ଲେଖ ଅଛି । ମୋତେ ଦେଖି ସେ ତାଙ୍କ ଆସନରୁ ଯେପରି ଅତର୍କିତ ଭାବରେ ଉଠିଆସି ଦୀକ୍ଷା ନିମିତ୍ତ ନିର୍ଦ୍ଦେଶ ଦେଲେ, ସେତେବେଳେ ମନେହେଲା ସେ ଯେପରି ସ୍ନେହକରୁଣାପରିପୂର୍ଣ୍ଣ ମୋର ଜଣେ ଆତ୍ମୀୟ !! ଏହାପରେ ଦୀକ୍ଷାଗୃହକୁ ପ୍ରବେଶ କରି ଦେଖିଲି, ଆମ ପାଇଁ ଦୁଇ ଖଣ୍ଡି ଆସନ ପଡ଼ିଛି—ମୁଁ ଓ ମୋର ସତୀର୍ଥ ନୃପାଳଭାଇଙ୍କ ପାଇଁ । ଶ୍ରୀ ଶ୍ରୀ ଠାକୁର ଖଣ୍ଡିଏ ଶ୍ୱେତବର୍ଣ୍ଣ ଗୋଲାକାର କାଶ୍ମୀରୀ କମ୍ବଳାସନରେ ଉପବେଶନ କରିଛନ୍ତି । ସେ ଯେଉଁ ଭାବରେ ଧ୍ୟାନସ୍ଥ ହୋଇ ସେଥିରେ ଉପବେଶନ କରିଥିଲେ, ସେ ଦୃଶ୍ୟ ଦେଖି ତାଙ୍କୁ ସାକ୍ଷାତ୍ ଜ୍ଞାନାଗ୍ନି ସଦୃଶ ଜଗଦଗୁରୁ ଶିବଶଙ୍କର ବୋଲି ପ୍ରତୀତି ଜାତ ହେଲା । ସେ ମୂର୍ତ୍ତି ଦେଖିଲାମାତ୍ରେ ଶିଷ୍ୟମାନଙ୍କର ଅଜ୍ଞାନଅନ୍ଧକାର ଦୂରୀଭୂତ ହୋଇଯାଏ । ସେହି ମୂର୍ତ୍ତି ଦକ୍ଷିଣାମୂର୍ତ୍ତି । ତାଙ୍କୁ ସେଦିନ ଭଳି କେବେ କାହାକୁ ଦୀକ୍ଷା ଦେବାବେଳେ ଦୀକ୍ଷାର ଆନୁଷ୍ଠାନିକ ଆୟୋଜନ ନିଜ ହାତରେ କରିବାର ଦେଖିନାହିଁ । କପାଳରେ ରକ୍ତଚନ୍ଦନର ତିଳକମଣ୍ଡିତ, ବାହୁ ଓ କଣ୍ଠରେ

ରୁଦ୍ରାକ୍ଷଧାରୀ ପୂଜାନୁଷ୍ଠାନରତ ଶ୍ରୀଶ୍ରୀ ଠାକୁରଙ୍କୁ ସେତେବେଳେ ଜଣେ ମହାକୌଳ ଆଗମାଚାର୍ଯ୍ୟ ବୋଲି ଜ୍ଞାନ ହେଲା । ଦୀକ୍ଷା ପୂର୍ବରୁ ବାହାରେ ତାଙ୍କୁ କେବଳ ଗୁରୁ ଭାବରେ ବରଣ କରିଥିଲି । କିନ୍ତୁ ଦୀକ୍ଷାଲାଭ ସମୟରେ ସେ ଯେତେବେଳେ ଗୁରୁବରଣ ସଂକଳ୍ପ କରିବା ପରେ ମନ୍ତ୍ର ପ୍ରଦାନ କରି ମସ୍ତକରେ କରସ୍ପର୍ଶ କଲେ ଏବଂ ମନ୍ତ୍ରଜପର ଆନ୍ତରିକ ଅପୂର୍ବ କୌଶଳ ପ୍ରଦାନ କଲେ, ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ସାକ୍ଷାତ୍ ଭଗବତ୍‌ମୂର୍ତ୍ତିରେ ଅନ୍ତର-ମନ୍ଦିରରେ ଦର୍ଶନ କରି ଧନ୍ୟ ହେଲି । ଦୀକ୍ଷାଦାନ ପରେ ସେ ଯେତେବେଳେ ମନ୍ତ୍ରଜପର ନାନାବିଧ ଯୌଗିକ କୌଶଳ ପ୍ରଦର୍ଶନ କରି ଗୁରୁ-ଇଷ୍ଟ ଅଭିନ୍ନ ଜ୍ଞାନରେ କିଭଳି ଅଭିନବ କୌଶଳରେ ମନ୍ତ୍ରର ସାଧନ କରି ଗୁରୁଦେବଙ୍କୁ ଇଷ୍ଟଭାବରେ ଲାଭ କରି ହେବ ତାହାର ଉପଦେଶ ଦେଲେ, ସେତେବେଳେ ତାଙ୍କର ସେହି ଆନନ୍ଦମୟ ଭାବ ଦର୍ଶନ କରି ମନେହେଲା, ସତେ ଯେପରି ଯୋଗପ୍ରବକ୍ତା ସ୍ୱୟଂ ଜଗଦ୍‌ଗୁରୁ ସଦାଶିବ ସାକ୍ଷାତ ଭାବରେ ଉପଦେଶ ଦେଇ କୃତାର୍ଥ କରୁଛନ୍ତି !! ଦୀକ୍ଷାଗ୍ରହଣ ପରେ ମନେହେଲା, ଇହକାଳ ଓ ପରକାଳର ବ୍ୟବଧାନ ଘୁଞ୍ଚାଇ ତାଙ୍କ ଶିଷ୍ୟ-ଭକ୍ତମାନେ କି ଭାବରେ ଏହି ଜଗତରେ ଅମୃତର ଆସ୍ୱାଦନ କରିପାରିବେ—ସେ ବିଷୟରେ ସେ ଜଣେ ତତ୍ତ୍ୱଜ୍ଞ ମହାପୁରୁଷ ।

ସେହି ବର୍ଷ ଆମେ ତାଙ୍କୁ ତାଙ୍କ ଜନ୍ମଦିବସ ଉପଲକ୍ଷେ ପୂଜା କରିବାକୁ ଅନୁମତି ଭିକ୍ଷା କରିଥିଲୁ । ସେଦିନ ଥିଲା ଝୁଲଣ ପୂର୍ଣ୍ଣିମା ୨୪-୮-୩୪ ତାରିଖ । ସେତେବେଳେ ସେ ଭଗବତ୍ ପ୍ରେରଣା ଅନୁଭବ କରି 'ନୀଳାଚଳ ସାରସ୍ୱତ ସଂଘ' ପ୍ରତିଷ୍ଠା ନିମିତ୍ତ ଆଦେଶ-ଉପଦେଶ ପ୍ରଦାନ କଲେ ଏବଂ 'ଆଦର୍ଶ ଗୃହସ୍ଥ ଜୀବନ ଗଠନ', 'ସଂଘଶକ୍ତିର ପ୍ରତିଷ୍ଠା' ବିଷୟରେ ଏପରି ଆବେଗପୂର୍ଣ୍ଣ ଉପଦେଶ ଦେଲେ ଯେ ସେତେବେଳେ ସେ ଭାରତବର୍ଷର ଐତିହାସିକ ସଂଘପ୍ରବର୍ତ୍ତକ ଶାକ୍ୟସିଂହ ବୁଦ୍ଧଦେବଙ୍କ ଭଳି ଆମ ଦୃଷ୍ଟିରେ ଦେଖାଯାଉଥିଲେ । ସେ ଯେତେବେଳେ ଆଦର୍ଶ ଗୃହସ୍ଥ ଜୀବନ ଗଠନ ପ୍ରସଙ୍ଗରେ କହିବାକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିକୁ କିଭଳି ଗୁରୁଜ୍ଞାନରେ ଗୃହର କର୍ତ୍ତା ଭାବରେ ଆସନରେ ସ୍ଥାପନ କରି ଆଦର୍ଶ ଗୃହସ୍ଥ ଜୀବନ ଯାପନ କରିବାକୁ ହେବ—ସେହି ଉପଦେଶ ଦେଲେ, ସେତେବେଳେ ସେ ଆଦର୍ଶ ଗୃହୀ ସ୍ୱଂୟ ଭଗବାନ ଶ୍ରୀକୃଷ୍ଣ ଏବଂ ଗୁରୁ ନାରାୟଣ ବୋଲି ପ୍ରତୀୟମାନ ହେଲେ । ଏହିସବୁ ଉପଦେଶ ଦେବା ସମୟରେ ସେ

ବାରମ୍ବାର ଗୁରୁମାହାତ୍ମ୍ୟ, ଗୁରୁଶକ୍ତିର ବୈଶିଷ୍ଟ୍ୟ, ଗୁରୁନାମର ମହିମା ଏବଂ ଆତ୍ମସମର୍ପଣ ବା ଶରଣାଗତି ଭାବ ରଖି ଶ୍ରୀଗୁରୁଦେବଙ୍କୁ କିଭଳି ସୁଖ ପାଇବାକୁ ହେବ, ସେ ବିଷୟରେ ବିଶେଷ ଗୁରୁତ୍ୱ ଦେଇ ଉପଦେଶ ଦେଉଥିଲେ ।

ସେହି ମହାପୁରୁଷଙ୍କୁ ଯେତେବେଳେ ମନୁର ହାତ ଧରି ମା'ମାନଙ୍କ ସହିତ ସମୁଦ୍ରକୂଳରେ ଭ୍ରମଣ କରିବାର ଦେଖିଛୁ, ସେତେବେଳେ ସେ ଜଣେ ରାଜର୍ଷି ବୋଲି ପ୍ରତୀତ ହେଉଥିଲେ । ଏହି ବର୍ଷ ବ୍ରହ୍ମଦେଶର ଆକିୟାବରୁ ଗୋଟିଏ ହାତଟଣା ରିକ୍‌ସା ଶ୍ରୀ ଶ୍ରୀ ଠାକୁରଙ୍କ ସମୁଦ୍ରତୀର ଓ ସହର ଭ୍ରମଣ ପାଇଁ ଅଣାଗଲା । ସେ ସେହି ରିକ୍‌ସାରେ ଉପବେଶନ କରି ଅଷ୍ଟମବର୍ଷବୟସ୍କା ଲୀଳା ମା (ମନୁ)ଙ୍କୁ କୋଳରେ ଧରିଥାନ୍ତି ଓ ଅନ୍ନଦା ବ୍ରହ୍ମଚାରୀ ରିକ୍‌ସା ଟାଣୁଥାନ୍ତି । ସେତେବେଳେ ଆମେ ତାଙ୍କୁ ବେଷ୍ଟନ କରି ଚାଲୁଥାଉ । ସେ ପୁରୀରେ ଆତ୍ମଗୋପନ କରିଥିଲେ ମଧ୍ୟ ଯେତେବେଳେ ସେ ଶୁଭ୍ରବସ୍ତ୍ର ଓ ସିଲ୍କ ପଞ୍ଜାବୀ ପରିଧାନ କରି ସୌମ୍ୟବିଗ୍ରହରେ ସୌଖୀନ ଛଡ଼ି ହାତରେ ଧରି, ମୂଲ୍ୟବାନ ଯୋତା ପିନ୍ଧି ସମୁଦ୍ରତୀରରେ ଧ୍ୟାନ କରିବାକୁ ଯା'ନ୍ତି, ସେତେବେଳେ ତାଙ୍କୁ ଜଣେ ଅଭିଜାତ ବଂଶୀୟ ରାଜା ବା ଜମିଦାର ବୋଲି ମନେ ହେଉଥିଲା । ସେ ଯେତେବେଳେ ସମୁଦ୍ରତୀରରେ ବସି ନୀରବ ନିଶ୍ଚଳ ଭାବରେ ଧ୍ୟାନସ୍ତିମିତ ଚିତ୍ତରେ ଉପବେଶନ କରୁଥିଲେ, ସେତେବେଳେ ସେ ଜଣେ ସାକ୍ଷାତ୍ ଧ୍ୟାନଯୋଗୀ ବୋଲି ଆମର ଧାରଣା ଜାତ ହେଉଥିଲା । ଉପରୋକ୍ତ ଭାବରେ ତାଙ୍କୁ ବିଭିନ୍ନ ଅବସ୍ଥାରେ ବିଭିନ୍ନ ମୂର୍ତ୍ତିରେ ଅବଲୋକନ କରି ଆମେମାନେ ପରମାନନ୍ଦ ଲାଭ କରିଛୁ ।

ସେ ଯେତେବେଳେ ନୀଳାଚଳ କୁଟୀରରେ ପତ୍ରଲିଖନରେ ବ୍ୟସ୍ତ ଥାନ୍ତି, ଆମେମାନେ ପ୍ରତୀକ୍ଷା ଗୃହର ଦ୍ୱାରଛିଦ୍ରପଥରେ ତାଙ୍କର ବିଶାଳ ପୃଷ୍ଠଭାଗ ଦର୍ଶନ କରି ନିଜକୁ ଭାଗ୍ୟବାନ୍ ଜ୍ଞାନ କରୁଥାଉଁ । ତାଙ୍କର ସେହି ସୌମ୍ୟମୂର୍ତ୍ତିର ଅବଗାହନକାଳୀନ ଛବି ମଧ୍ୟ ଦ୍ୱାରଛିଦ୍ରପଥରେ ଦେଖି ନୟନ-ମନ ସାର୍ଥକ କରିଥାଉଁ । ସେ ଦୃଶ୍ୟ ଅତିଶୟ ମନୋମୁଗ୍ଧକର । ତାଙ୍କର ସ୍ନାନ ଓ ଗାତ୍ରମାର୍ଜ୍ଜନା ମଧ୍ୟ ଅସାଧାରଣ ଭାବବ୍ୟଞ୍ଜକ ଥିଲା । ତାଙ୍କର ଏହିସବୁ ଭାବ ଅପ୍ରାକୃତ ବିଶେଷତ୍ୱ ବୋଲି ଧାରଣା ହେଉଥିଲା ।

ସେ ଯେତେବେଳେ ଗୁରୁ ଭାବରେ ଅଧିଷ୍ଠିତ ରହି ଆମମାନଙ୍କୁ ଉପଦେଶ ଦେଉଥିଲେ, ସେତେବେଳେ ଆମେ ସାଂସାରିକ ଘାତପ୍ରତିଘାତ ଭୁଲିଯାଇ ମନ୍ତ୍ରମୁଗ୍ଧ

ଭଳି ତାଙ୍କର ବାଣୀ ଶ୍ରବଣ କରିଥିଲୁ । ତାଙ୍କ ଉପଦେଶରେ ଆମ ଅନ୍ତର ମଧ୍ୟରୁ ବାସନା-କାମନାର ଦାଗ କ୍ରମେ ଲିଭି ଯାଉଥିଲା ଏବଂ ଅନିର୍ବଚନୀୟ ଆନନ୍ଦରେ ଅନ୍ତର ପୂର୍ଣ୍ଣ ହୋଇ ଉଠୁଥିଲା ।

ତାଙ୍କ ନିକଟରେ କେହି ଅନ୍ତର-ବେଦନା ନିବେଦନ କଲେ ସେ ସ୍ମିତହାସ୍ୟରେ ବରାଭୟପଦ ମୂର୍ତ୍ତିରେ ଏପରି ଆଶ୍ୱାସବାଣୀ ପ୍ରଦାନ କରୁଥିଲେ ଯେ ତାଙ୍କ ଉପଦେଶବାଣୀ ଶ୍ରବଣ କରି ଶ୍ରୋତାଙ୍କର ସମସ୍ତ ବେଦନା ଶାନ୍ତ ହୋଇ ଯାଉଥିଲା । ସେ ଯେତେବେଳେ ଯେଉଁ ଭାବର ଉପଦେଶ ଦେଉଥିଲେ, ସେହି ଭାବରେ ତନ୍ମୟ ହୋଇଯାଉଥିଲେ । ତାହାର ଉଦାହରଣ ଆମର ପରମଶ୍ରଦ୍ଧେୟ ଗୋବିନ୍ଦ ଭାଇଙ୍କର ସାକ୍ଷାତ ଗୁରୁମୂର୍ତ୍ତି ଦର୍ଶନ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଆମେ ସେତେବେଳେ ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଅନ୍ତର୍ମୁଖୀଭାବ ଅନ୍ତର୍ଯ୍ୟାମୀତ୍ୱ ଦର୍ଶନ କରି ମୁଗ୍ଧ ହୋଇଯାଇଥିଲୁ ଏବଂ ତାଙ୍କ ଉପଦେଶବାଣୀର ସାରମର୍ମ ଗ୍ରହଣ କରି ତାଙ୍କୁ ଗୁରୁ ଓ ଇଷ୍ଟଭାବରେ ବରଣ କରି ହୃଦୟାସନ ପ୍ରଦାନ କରିଥିଲୁ । ତାଙ୍କ ଉପଦେଶବାଣୀରେ ମଧ୍ୟ ବିଶେଷତ୍ୱ ଲକ୍ଷ୍ୟ କରିଥିଲୁ । ତାଙ୍କ ଉପଦେଶରେ କୌଣସି ପ୍ରକାରର ସାମ୍ପ୍ରଦାୟିକ ଭାବର ଚିହ୍ନ ସୁଦ୍ଧା ନ ଥିଲା । ସେ ମୂଳରେ ଜଗଦ୍‌ଗୁରୁଙ୍କୁ ଶ୍ରେଷ୍ଠାସନ ପ୍ରଦାନ କରି 'ସର୍ବଦେବୋମୟ ଗୁରୁ'—ଏହି ଭାବରେ ଅନ୍ୟାନ୍ୟ ଦେବଦେବୀଙ୍କ ପୂଜାପାର୍ବଣାଦି ଯଥାବିଧି ପ୍ରତିପାଳନ କରୁଥିଲେ । କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କୁ କେନ୍ଦ୍ରକରି ଆମେମାନେ ସରସ୍ୱତୀ, ଶିବ, ଅନ୍ନପୂର୍ଣ୍ଣା, ଦୁର୍ଗା, କାଳୀ, କୃଷ୍ଣ ପ୍ରଭୃତି ଦେବଦେବୀଙ୍କ ପୂଜା ସମ୍ପନ୍ନ କରୁଥିଲୁ । ଏହା ହିଁ ସାରସ୍ୱତ ମଠର ଧାରା ।

ତାଙ୍କୁ କେଉଁ ଦୃଷ୍ଟିଭଙ୍ଗୀ ନେଇ ଦେଖିଥିଲୁ, ସେ ବିଷୟରେ ଆମର ଲୀଳା ମା' ନାରାୟଣୀ ଦେବୀ ନିଜର ଅନୁଭୂତି ବର୍ଣ୍ଣନା କରି ଦି'ପଦ ଲେଖିବାକୁ ଅନୁରୋଧ କରିବାରୁ ତାଙ୍କରି ନିକଟରେ ଅବସ୍ଥାନ ସମୟରେ ଯେପରି ବୈଶିଷ୍ଟ୍ୟ ଲକ୍ଷ୍ୟ କରିଥିଲି, ସେଥିମଧ୍ୟରୁ କେତେକାଂଶ ମାତ୍ର ଏଥିରେ ବ୍ୟକ୍ତ କରିଛି । କିନ୍ତୁ ତାଙ୍କୁ ଦର୍ଶନ୍ କରିବା ମାତ୍ରକେ କାହିଁକି ଯେ ମନ ତାଙ୍କ ପ୍ରତି ଆକୃଷ୍ଟ ହେଲା, ତାହା ଆଜି ମଧ୍ୟ ମୋର ଅଜ୍ଞାତ ହୋଇ ରହିଛି । ଆଜି ସୁଦୀର୍ଘ ୪୭ ବର୍ଷ ପରେ ଭକ୍ତପରିବେଷ୍ଟିତ ଶ୍ରୀ ଶ୍ରୀ ଠାକୁରଙ୍କ ଗୁରୁଗରିମା ଚିତ୍ତରେ ଉଦିତ ହୋଇ ତାଙ୍କ କଥା ପୁନରାୟ ମନେପଡ଼ି ଚିତ୍ତ ଅଭିଭୂତ ହୋଇଯାଉଛି । ପୁଣି ମନେପଡୁଛି କି

ସେହି ମଧୁର କଣ୍ଠସ୍ୱର !! ବଚନଶୈଳୀ କି ଚମତ୍କାର !! ତା ସହିତ ତାଙ୍କର ସୁପ୍ରସନ୍ନ ଦିବ୍ୟବିଗ୍ରହ ଦେଖି ମନେ ହେଉଥିଲା ଯେପରି ସେ ସାକ୍ଷାତ୍ ସଚ୍ଚିଦାନନ୍ଦ ଘନବିଗ୍ରହ । ତାଙ୍କ ରୂପ ଦେଖିଲେ ମନେ ହେଉଥିଲା ଜ୍ଞାନ ଯେପରି ଜମାଟ ବାନ୍ଧି ତାଙ୍କ ଶରୀରରେ ଫୁଟି ଉଠୁଛି !!

ତାଙ୍କ ଚରଣଯୁଗଳର ଶୋଭା ଅବର୍ଣ୍ଣନୀୟ । ତାଙ୍କର ପାଦପଦ୍ମ ଦୁଇଟି ଅନାବୃତ ଅବସ୍ଥାରେ ଛନ୍ଦାହୋଇ ଯେତେବେଳେ ପାଦାସନ ଉପରେ ସ୍ଥାପିତ ହେଉଥିଲା, ସେହି ପଦଯୁଗଳର ଶୋଭା ଦର୍ଶନ କରି ସ୍ୱତଃ ପ୍ରଣାମ କରିବାକୁ ସମସ୍ତଙ୍କର ଇଚ୍ଛା ହେଉଥିଲା । ଏହି ବର୍ଷ କୁଟୀରରେ ବିଦ୍ୟୁତ୍ ସଂଯୋଗ ହେଲା ।

୧୯୩୪ ମସିହାର ଶେଷ ଭାଗ ଆଡ଼କୁ ସେ ବଙ୍ଗଦେଶ ଭ୍ରମଣରେ ବହିର୍ଗତ ହେଲେ ଏବଂ ଫେରିଲେ ୧୯୩୫ ମିହା ଭାଦ୍ର ମାସରେ ।

ଶେଷରେ ୧୯୩୫ ମସିହା ଆସିଗଲା । ୧୯୩୪ ମସିହା ଭକ୍ତସମ୍ମିଳନୀରେ ଶ୍ରୀଶ୍ରୀ ଠାକୁର ଆମର ପ୍ରତିନିଧି ଭାବରେ ପୁରୀକୁ ସାର୍ବଭୌମ ଭକ୍ତସମ୍ମିଳନୀ ନିମନ୍ତ୍ରଣ କରିଥିଲେ । କିନ୍ତୁ ସେ ଯେପରି ଫେବୃୟାରୀ ମାସରେ ଫେରିଆସନ୍ତି, ସେପରି ଆସିଲେ ନାହିଁ । ଦୀର୍ଘଦିନ ପ୍ରତୀକ୍ଷାରେ ରହି ରହି ଶେଷରେ ଭାଦ୍ରମାସରେ ତାଙ୍କର ଦର୍ଶନ ଲାଭ ହେଲା । ସେ ଯେତେବେଳେ ଫେରିଲେ, ଆମକୁ ସେ ସେତେବେଳେ ଗୋଟିଏ ନୂତନ ଭାବମୟ ମୂର୍ତ୍ତି ବୋଲି ବୋଧ ହେଲେ । ସେ ଅତିଶୟ ଆନନ୍ଦମୟ ମୂର୍ତ୍ତିରେ ସହଜ ଭାବରେ ଆମ ସହିତ ଏପରି ମିଶିଲେ ଯେ, ସେହି ସ୍ୱର୍ଗୀୟଭାବ ବ୍ୟକ୍ତ କରିବାର ଭାଷା ନାହିଁ । ଏଥିରେ କେବଳ ଉପଦେଶ ନୁହେଁ, ରିକ୍ସାରେ ସହରର ଅନ୍ଦିକନ୍ଦି ବୁଲି ଉପଦେଶ ଛଳରେ ହାସ୍ୟରସାତ୍ମକ ଗଳ୍ପ ପରିବେଷଣ କରିବାକୁ ଲାଗିଲେ । ଚେହେରା ମଧ୍ୟ ସର୍ବଦା ଆନନ୍ଦମୟ ଦେଖା ଯାଉଥିଲା । ହାସ୍ୟରସର ଗୋଟିଏ ଉଦାହରଣ ନିମ୍ନରେ ଦେଲି । ଦିନେ ସେ ରାଜା କୃଷ୍ଣଚନ୍ଦ୍ରଙ୍କର ସଭାସଦ୍ ଭରତଚନ୍ଦ୍ରଙ୍କର କ୍ଷୁଦ୍ର କବିତା ଆବୃତ୍ତି କରି ହାସ୍ୟରସ ସୃଷ୍ଟି କରିଥିଲେ—"ଗାଭୀତେ ଭକ୍ଷଣ କରେ ସିଂହେର ଶରୀର" ଏବଂ "କତ ବଲ ବଲ" ଗଳ୍ପ ମାଧ୍ୟମରେ । ରାଜା ବିଦୂଷକଙ୍କୁ ପ୍ରଶ୍ନ କଲେ— "ପାଦ ପୂରଣ କର—ଗାଭୀତେ ଭକ୍ଷଣ କରେ ସିଂହେର ଶରୀର ।" ଉତ୍ତରରେ ବିଦୂଷକ କହିଲେ—

''ମହାରାଜ କୃଷ୍ଣଚନ୍ଦ୍ର ନଗର ବାହିର,
ବାରୋୟାରୀ ମା ଫେଟେ ହଲେନ୍ ଫେରାର ।
ଖଡ଼୍‌ବାଂଶ ଆଦି ସବ ହଇଲ ବାହିର,
ଗାଭୀତେ ଭକ୍ଷଣ କରେ ସିଂହେର ଶରୀର ।''
ଆଉ ଦିନେ ରାଜା ବିଦୂଷକଙ୍କୁ ପ୍ରଶ୍ନ କଲେ—''କହ କତ ବଲ ବଲ ।''
ବିଦୂଷକ ଉତ୍ତର କଲେ—
''ଦମ୍ପତି କଲହେ ରାଜା ହୟେ କୋପମାନ
ରାଣୀରେ ବଲିଲ କିଛୁ ପରୁଷ ବଚନ ।
ରାଜା ବାକ୍ୟେ ସତୀ ଚକ୍ଷୁ କରି ଛଲ ଛଲ,
ବଲିୟା ଫେଲିଲେ କତ ବଲ ବଲ ବଲ ।''

ସ୍ମୃତିରୁ ଉଦ୍ଧାର କରିଥିବାରୁ କବିତାରେ ସାମାନ୍ୟ ଭୁଲ ଥାଇପାରେ । ସେ ଦୋଷ ମୋ ସ୍ମୃତିର; ଶ୍ରୀ ଶ୍ରୀ ଠାକୁରଙ୍କ ନୁହେଁ ।

ଏହି ବର୍ଷ ଅନ୍ୟାନ୍ୟ ପୂଜା ସହିତ ଦଶହରା ମହାଷ୍ଟମୀ ପୂଜା ସଙ୍ଗେ ସଙ୍ଗେ ପ୍ରାୟ ପ୍ରତ୍ୟହ ନଗର ଭ୍ରମଣ ଏବଂ ଦଶହରା ଦେବୀ ମିଳନ ଦର୍ଶନ ଉଲ୍ଲେଖଯୋଗ୍ୟ । ସାକ୍ଷୀଗୋପାଳ ଦର୍ଶନ, ମଙ୍ଗଳାପାଟପୁର ନୌକାବିହାର ପ୍ରଭୃତି ଭ୍ରମଣର ମାଧୁର୍ଯ୍ୟ ମଧ୍ୟ ଅବର୍ଣ୍ଣନୀୟ । କିନ୍ତୁ କାଳୀପୂଜା ହିଁ ଆମର ସ୍ଥୂଳଭାବରେ ଶେଷ ପୂଜା ଦିନ । ହାତରେ ହୁକାର ନଳ ଧରି ସେ ଧୀରସ୍ଥିର ଭାବରେ ଉପବେଶନ କରିଥାନ୍ତି । ହାସ୍ୟମୁଖରେ ସାମାନ୍ୟ ବଙ୍କିମ ଭଙ୍ଗୀରେ ଚେୟାରରେ ଆସୀନ ଏବଂ ଚରଣଯୁଗଳ ସମ୍ମୁଖସ୍ଥ ପାଦାସନ ଉପରେ ପ୍ରସାରିତ । ଦୃଷ୍ଟିରୁ ସ୍ନେହ କରୁଣା ଝରି ପଡୁଥିଲା । ବର୍ତ୍ତମାନ ସେ ରୂପମାଧୁରୀ ମନେ ପଡ଼ିଲା କ୍ଷଣି ହୃଦୟ ଯୁଗପତ୍ ହର୍ଷବିଷାଦରେ ପୂର୍ଣ୍ଣ ହୋଇଯାଉଛି ।

ଏହିଦିନଠାରୁ ସେ ତାଙ୍କର ଦେହତ୍ୟାଗର ଅଭିଳାଷ ବ୍ୟକ୍ତ କଲେ ଏବଂ ବିବିଧ ଉପଦେଶ ଛଳରେ ତାଙ୍କର ଦେହତ୍ୟାଗ କରିବାର କାରଣ ଓ ଦେହତ୍ୟାଗ ପରେ ଆମମାନଙ୍କର କିଭଳି ଗତି ହେବ ଏବଂ ପରେ କିଭଳି ତାଙ୍କୁ ଇଚ୍ଛା କଲେ ଆମେ ଦର୍ଶନ କରି ପାରିବୁ, ସେ ବିଷୟରେ ବିବିଧ ଉପଦେଶ ଦେଇ ଶେଷରେ ଭକ୍ତ ଡାକିଲେ ସେ ପୁନରାୟ ଫେରିଆସିବେ ବୋଲି ଆଶ୍ୱାସବାଣୀ ମଧ୍ୟ ଶୁଣାଇଲେ । ସେ ଶେଷ ପର୍ଯ୍ୟନ୍ତ ନିଜକୁ ଗୁରୁ ଭାବରେ ପ୍ରତିଷ୍ଠିତ ରଖିଥିଲେ ଏବଂ ସେହି

ଭାବରେ ତାଙ୍କ ଭକ୍ତମାନେ ତାଙ୍କୁ ପାଇବେ ବୋଲି ଯେଉଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ତାହା ମଧ୍ୟ 'ନୀଳାଚଳବାଣୀ'ରେ ଲିପିବଦ୍ଧ ରହିଛି ।

ଆମମାନଙ୍କ ନିକଟରୁ ଶେଷ ବିଦାୟ ନେଇ କଲିକତା ଯାତ୍ରା ପୂର୍ବ ପର୍ଯ୍ୟନ୍ତ ନିଜକୁ ସେ ଗୁରୁ ଭାବରେ ପ୍ରତିଷ୍ଠିତ ରଖି ଉପଦେଶାଦି ପ୍ରଦାନ କରୁଥିବା କଥା ପୂର୍ବରୁ କୁହାଯାଇଛି । ଅଥଚ ତା ମଧ୍ୟରେ ସେ ଆମମାନଙ୍କୁ ଅତି ଅତିରିକ୍ତ ଆପଣାର କରିନେଇ ଯେଉଁସବୁ ଉପଦେଶ, ଅଭୟବାଣୀ ଓ ଭବିଷ୍ୟତବାଣୀ ପ୍ରଦାନ କରିଥିଲେ, ସେସବୁ 'ନୀଳାଚଳବାଣୀ'ରେ ବିବୃତ ହୋଇଅଛି । ସେତେବେଳେ ତାଙ୍କୁ ଇହକାଳ ଓ ପରକାଳର ସାଥୀ, ପରମବନ୍ଧୁ ଭଗବାନ ବୋଲି ଧାରଣା ଜାତ ହେଲା ଏବଂ ଯେଉଁମାନେ ତାଙ୍କୁ ଭଗବତ୍ ଭାବରେ ଭଜନ କରିବେ, ସେମାନେ ତାଙ୍କୁ ସେହି ଭାବରେ ଲାଭ କରିବା କଥା ପ୍ରକାଶ କରିବାବେଳେ ସେ ଆମର ଜଣେ ପରମ ଆତ୍ମୀୟ ବୋଲି ଆମର ଧାରଣା ସ୍ପଷ୍ଟତର ହେଲା । ସେ ଶେଷ କେତେ ଦିନ ତାଙ୍କର ଦେହରକ୍ଷା ବିଷୟରେ ବିଶେଷ ଭାବରେ ଉପଦେଶ ଦେଉଥିଲେ ମଧ୍ୟ ତାଙ୍କର ଆନନ୍ଦମୟ ଶ୍ରୀମୂର୍ତ୍ତି ଦର୍ଶନ କରି କେବେ ଧାରଣା ହେଉ ନ ଥିଲା ଯେ ସେ ଏତେ ଶୀଘ୍ର ଆମମାନଙ୍କୁ ଛାଡ଼ି ଚାଲିଯିବେ । ଆମେମାନେ ସମୁଦ୍ରତୀରରେ ତାଙ୍କ ଧ୍ୟାନଗମ୍ଭୀର ମୂର୍ତ୍ତି ଦର୍ଶନ କରି ଆତ୍ମହରା ହୋଇ ପଡ଼ିଥିଲୁଁ । ରିକ୍ସାରେ ଯିବାବେଳେ ତାଙ୍କର ଅନୁଗମନ କରୁଥିଲୁ; ଏଥିରେ ଆମର ଆନନ୍ଦ ଉତ୍ସାହ ଜାଗ୍ରତ ହେଉଥିଲା । କିନ୍ତୁ ଆମେ ଯେ ତାଙ୍କ ସାଥିରେ ଥିଲେ ତାଙ୍କର ବିଶେଷ ଆନନ୍ଦ ହୁଏ ଏବଂ ସେ ଆମକୁ ଦେଖି ବିଶେଷ ଆନନ୍ଦ ଅନୁଭବ କରନ୍ତି, ତାହା ଜାଣିଲୁ ୫-୧୧-୩୫ ତାରିଖ ଦିନ । ସେ କେତେକ ଘଟଣାରୁ ମୋତେ ଲକ୍ଷ୍ୟ କରି କହିଲେ—''ଦୁର୍ଗାଚରଣ ! ତୁ କ'ଣ ମୋ ରିକ୍ସା ସଙ୍ଗରେ ଆସିବାକୁ କଷ୍ଟ ବୋଧ କରୁ ? କିନ୍ତୁ ତୁମେମାନେ ସଙ୍ଗରେ ଆସିଲେ ମୋର ବିଶେଷ ଆନନ୍ଦ ହୁଏ । ନ ଆସିବା ପର୍ଯ୍ୟନ୍ତ ମୁଁ ପଚାରୁଥାଏ ।'' ତାଙ୍କ କଥା ଶୁଣି ଅପରିସୀମ ଆନନ୍ଦ ଉତ୍ସାହରେ ମନ ପୂର୍ଣ୍ଣ ହୋଇଗଲା । ମୁଁ ମୋର ତ୍ରୁଟି ବୁଝିପାରି ଶେଷଦିନ ପର୍ଯ୍ୟନ୍ତ ତାଙ୍କ ସଙ୍ଗସୁଖତ୍ୟାଗର କଳ୍ପନା ମନକୁ ଆଣି ନାହିଁ ।

ସେହି ଦିନଠାରୁ ଶ୍ରୀଶ୍ରୀ ଠାକୁର ନାନା ଭାବରେ କେବଳ ତାଙ୍କ ଦେହରକ୍ଷା କଥା କହୁଥିଲେ । ତାଙ୍କ ସ୍ଥୂଳଦେହର ଅବିଦ୍ୟମାନତାରେ ଆମେ ଯେପରି ତାଙ୍କର

ସିଦ୍ଧନାମ 'ଜୟଗୁରୁ' ସର୍ବଦା ସ୍ମରଣ କରିପାରିବ୍ର, ତାଙ୍କୁ ଗୁରୁ ଓ ଇଷ୍ଟ ସ୍ୱରୂପରେ ସୁଖ ପାଇପାରିଲେ କି ଭାବରେ ଭକ୍ତ-ଶିଷ୍ୟଙ୍କର ସର୍ବାର୍ଥସିଦ୍ଧ ହେବ, ସେ ବିଷୟରେ ସେ ବିଶେଷ ଭାବରେ ଉପଦେଶ ପ୍ରଦାନ କରିଥିଲେ । 'ନୀଳାଚଳବାଣୀ' ପୁସ୍ତକରେ ଏହାର ପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରା ହୋଇଛି ।

ତାଙ୍କ କଥା ବିଶେଷ କରି ଆଉ କ'ଣ ଲେଖିବି ? ସେ ଯେତେବେଳେ ଶିଷ୍ୟ-ଭକ୍ତ ପରିବେଷ୍ଟିତ ହୋଇ ଧୀରସ୍ଥିର ସୌମ୍ୟ ମୂର୍ତ୍ତିରେ ଉପବେଶନ କରୁଥିଲେ, ସେତେବେଳେ ତାଙ୍କୁ ଜଣେ ସିଦ୍ଧଯୋଗୀ, ଯେତେବେଳେ ଶିଷ୍ୟ ଭକ୍ତମାନଙ୍କୁ ସ୍ୱରୂପଜ୍ଞାନ ଲାଭମୂଳକ ଉପଦେଶ ଦାନ କରୁଥିଲେ, ସେତେବେଳେ ତାଙ୍କୁ ଜଣେ ପରମଜ୍ଞାନୀ ପୁରୁଷ, ପୁଣି ଯେତେବେଳେ ଭକ୍ତମାନଙ୍କୁ ଆନନ୍ଦ-ଆଶ୍ୱାସ ବାଣୀ ଶୁଣାଇ ଆନନ୍ଦରେ ତାଙ୍କ ସହିତ ମିଶି ତାଙ୍କୁ ଟିକିଏ ସୁଖ ପାଅ ବୋଲି କହୁଥିଲେ, ସେତେବେଳେ ତାଙ୍କୁ ଜଣେ ପ୍ରେମିକ ପୁରୁଷ ବୋଲି ଧାରଣା ହେଉଥିଲା । ସେ ଥିଲେ ଏକାଧାରରେ ଆମର ଗୁରୁ, ସଖା, ପିତାମାତା, ବଂଧୁ, ଆତ୍ମୀୟ—ସବୁକିଛି । ତାଙ୍କ ସହିତ ମିଶିବା ଫଳରେ ଆମେ ତାଙ୍କୁ ଉପରୋକ୍ତ ଭାବରେ ଆତ୍ମୀୟସ୍ୱଜନ ଏବଂ ଶ୍ରୀଭଗବାନଙ୍କ ପ୍ରକଟ ବିଗ୍ରହ ରୂପରେ ଦର୍ଶନ କରୁଥିଲୁ ।

ତାଙ୍କ ସମ୍ବନ୍ଧରେ ପୂର୍ଣ୍ଣ ପରିଚୟ ଦାନ କରିବାକୁ ହେଲେ ତାଙ୍କ ଅଲୌକିକ ଜୀବନ-ପ୍ରସଙ୍ଗର ସଂକ୍ଷିପ୍ତ ଆଲୋଚନା ଏକାନ୍ତ ପ୍ରୟୋଜନ । କାରଣ ତାଙ୍କ ସିଦ୍ଧଜୀବନ, ସାଧକଜୀବନ ଏବଂ ସାଧାରଣ ଜୀବନ ମଧ୍ୟରେ ଅସଂଖ୍ୟ ବିଶେଷତ୍ୱ ଅନ୍ତର୍ନିହିତ । ସେହି ସିଦ୍ଧଜୀବନୀ ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ ସୌଜନ୍ୟରୁ ପ୍ରାପ୍ତ ହୋଇ ଏଥି ସହିତ ସଂଯୁକ୍ତ କରାଯାଇଛି । ଏତିକି କହି ବର୍ତ୍ତମାନ ପାଇଁ ପାଠକମାନଙ୍କ ନିକଟରୁ ବିଦାୟ ଗ୍ରହଣ କରୁଅଛି । ଜୟଗୁରୁ ।

ଝୁଲଣ ପୂର୍ଣ୍ଣିମା
ତା ୨୮-୮-୧୯୬୭

ଶ୍ରୀ ଶ୍ରୀ ଗୁରୁଚରଣାଶ୍ରିତ
ଦୁର୍ଗାଚରଣ

ଜୟଗୁରୁ

ମୁଁ କିପରି ଠାକୁରଙ୍କୁ ପାଇଛି

କୀଟୋପି ସୁମନସଙ୍ଗାତ୍ ଆରୋହତି ସତାଂ ଶିରଂ
ତଥା ସତ୍ ସନ୍ନିଧାନେନ ମୁର୍ଖୋଜାତି ପ୍ରବିଣତାମ୍ ॥

(ହିତୋପଦେଶ)

ସାଧୁ ଯେ ମଳୟ ପବନ,
କାଷ୍ଠକୁ କରଇ ଚନ୍ଦନ ।

(ଶ୍ରୀମଦ୍ ଭାଗବତ, ଏକାଦଶ ସ୍କନ୍ଧ)

ଏହି ନୀତିବାକ୍ୟର ସାର୍ଥକତା ମୋ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରମାଣିତ ହୋଇଅଛି । ପ୍ରଥମେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରଣୀତ 'ବ୍ରହ୍ମଚର୍ଯ୍ୟ ସାଧନ' ପୁସ୍ତକ ପାଇବା, ସାଧନସ୍ପୃହା ତ୍ୟାଗକରି ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରିତ ହେବା, ଆଶ୍ରିତ ହେବା ପରେ ପ୍ରତି ରବିବାର ଦିନ ସାଇକେଲରେ ଯାଇ ପୁରୀରେ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରିବା, ଏକାନ୍ତ ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟରେ ଆସାମ କୋକିଳାମୁଖ ମଠରେ ଠାକୁରଙ୍କ ସ୍ଥୁଳ ବିଦ୍ୟମାନତାରେ ଅନୁଷ୍ଠିତ ସାର୍ବଭୌମ ଭକ୍ତ-ସମ୍ମିଳନୀରେ ଯୋଗଦାନ କରିବା, ଠାକୁର ପୁରୀରୁ କାର୍ଯ୍ୟୋପଲକ୍ଷ୍ୟରେ ବାହାରକୁ ଗଲେ କଟକ ରେଲଷ୍ଟେସନରେ ତାଙ୍କ ଚରଣରେ ପ୍ରଣିପାତ ହେବାର ସୁଯୋଗ ପାଇବା—ସବୁ ମୂଳରେ ସେହି ଅହେତୁକ କୃପାମୟ ଠାକୁରଙ୍କ ଆକର୍ଷଣ ହିଁ ମୋ ଜୀବନର ବିଶେଷତ୍ୱ ।

ଏହା ଚଉବନ ବର୍ଷ ତଳର କଥା । ମୁଁ ୧୯୨୫ରେ ପଟ୍ଟାମୁଣ୍ଡାଇ ମଧ୍ୟଇଂରାଜୀ ବିଦ୍ୟାଳୟରୁ ମାଇନର ପାସ୍ କରି କଟକ ପ୍ୟାରୀମୋହନ ଏକାଡେମୀରେ ତତ୍କାଳୀନ ପ୍ରବେଶିକା ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲି । ସେ ବର୍ଷ ଶେଷ ପରୀକ୍ଷା ପରେ ବିଦ୍ୟାଳୟର ପୁରସ୍କାର ବିତରଣୀରେ ମୁଁ ରହୁଥିବା ଗୌରୀଶଙ୍କର ଛାତ୍ରାବାସର ଜଣେ ଛାତ୍ରବନ୍ଧୁଙ୍କଠାରୁ ଶ୍ରୀଶ୍ରୀ ଠାକୁରଙ୍କ ପ୍ରଣୀତ ବଙ୍ଗଳା ବ୍ରହ୍ମଚର୍ଯ୍ୟ ସାଧନ' ପୁସ୍ତକ ଖଣ୍ଡିକ ପାଇଲି । ପୁସ୍ତକ ଖଣ୍ଡି ଖୋଲିବାକ୍ଷଣି ପ୍ରଥମେ ତାଙ୍କ ଶ୍ରୀମୂର୍ତ୍ତି ଦର୍ଶନ କରି ତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲି । ପୁସ୍ତକବର୍ଣ୍ଣିତ

ପ୍ରଣାଳୀ ଅନୁଯାୟୀ ସାଧନ ଜୀବନଯାପନ କରିବାକୁ ଆରମ୍ଭ କଲି ଏବଂ ପୁସ୍ତକ ପ୍ରଣେତାଙ୍କ ସହିତ ସାକ୍ଷାତ୍ କରିବା ମାନସରେ ଆସାମ କୋକିଳାମୁଖ ସାରସ୍ୱତ ମଠକୁ ଚିଠି ଦେଲି । ଆସାମ ଯାଇ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମଠର ତତ୍କାଳୀନ ମହନ୍ତ ମହାରାଜାଙ୍କଠାରୁ ପତ୍ର ପାଇଲି । ମାତ୍ର ଆର୍ଥିକ ଅସ୍ୱଚ୍ଛଳତା ହେତୁ ଯାତାୟାତ ଖର୍ଚ୍ଚ ଯୋଗାଡ଼ କରି ନ ପାରିବାରୁ କେବଳ ମାତ୍ର ପତ୍ର ବିନିମୟ ହିଁ ଚାଲିଲା । ତା'ପରେ ୧୯୨୬ ମସିହା ଶେଷ ଭାଗକୁ ମଠରୁ ବଙ୍ଗଳା 'ଯୋଗୀଗୁରୁ' ପୁସ୍ତକ ମଗାଇଲି । 'ଯୋଗୀଗୁରୁ' ପାଠକରି ଜାଣିଲି ଯେ, ବିନା ଗୁରୁରେ କୌଣସି ସାଧନ-ଭଜନ କରିବା ଉଚିତ ନୁହେଁ । ସେହି ଦିନଠାରୁ କୋକିଳାମୁଖ ମଠକୁ ପତ୍ର ବିନିମୟ କରିବାରେ ଲାଗିଲି । ପତ୍ର ବିନିମୟରେ ମୋର ୧୯୩୦ ମସିହା ଯାଏ କଟିଗଲା । ୧୯୩୦ରେ ମୁଁ ମାଟ୍ରିକ୍ୟୁଲେସନ୍ ପାସ୍ ପରେ କୋଅପରେଟିଭ ଟ୍ରେନିଂ ସମାପ୍ତ କରି ବିବାହିତ ହୋଇ 'ସମାଜ' ଅନୁଷ୍ଠାନରେ ଚାକିରି କଲି ।

୧୯୩୫ ମସିହା ରଥଯାତ୍ରାର ଠିକ୍ ପରେ ମୁଁ ଅପ୍ରତ୍ୟାଶିତ ଭାବରେ କୋକିଳାମୁଖ ମଠରୁ ଚିଠି ପାଇଲି, ''ଠାକୁର ବର୍ତ୍ତମାନ ପୁରୀ ସ୍ୱର୍ଗଦ୍ୱାରସ୍ଥ 'ନୀଳାଚଳ କୁଟୀର'ରେ ଅବସ୍ଥାନ କରୁଛନ୍ତି । ଅନୁମତି ନେଇ ତାଙ୍କ ସହିତ ସାକ୍ଷାତ୍ କର ।'' ଏ ଚିଠି ଖଣ୍ଡିକ ପାଇ ମୁଁ ସଙ୍ଗେ ସଙ୍ଗେ ଠାକୁରଙ୍କଠାରୁ ଅନୁମତି ପାଇବା ପାଇଁ ଓଡ଼ିଆ ଭାଷାରେ ଖଣ୍ଡେ ଚିଠି ଲେଖି ପଠାଇ ଦେଲି । ଚିଠି ଖଣ୍ଡିକ ପଠାଇ ଦେବା ପରେ କିନ୍ତୁ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମନ ଅସ୍ଥିର ହୋଇ ଉଠିଲା । ୧୯୨୬ରୁ ଦୀର୍ଘ ସାତ ବର୍ଷ ଧରି ଯାହାଙ୍କ ଦର୍ଶନ ଆଶାରେ ଆସାମକୁ ଏତେ ପତ୍ର ବିନିମୟ କରି ଅପେକ୍ଷା କରିଥିଲି, ସେ ଏତେ ନିକଟରେ ଅଛନ୍ତି !! ତାଙ୍କ ଦର୍ଶନ ପାଇବା ପାଇଁ ମନ ଅତିଶୟ ବ୍ୟାକୁଳ ହେଲା । ପତ୍ରର ଉତ୍ତର ପାଇବା ପାଇଁ ଆଉ ଅପେକ୍ଷା କରିପାରିଲି ନାହିଁ । ପରଦିନ ରେଳ ଯୋଗେ Week end return ଟିକେଟ୍ କରି ରାତି ଗାଡ଼ିରେ ପୁରୀ ବାହାରି ଗଲି । ତତ୍‌ପରଦିନ ସକାଳେ ପୁରୀରେ ପହଞ୍ଚି ନିତ୍ୟକର୍ମ ସାରି ପଚାରି ପଚାରି ସ୍ୱର୍ଗଦ୍ୱାର ଆଡ଼କୁ ଯାଉଛି, ଏହି ସମୟରେ ଅପ୍ରତ୍ୟାଶିତ ଭାବରେ ମୋର କୌତୂହଳ ବର୍ଦ୍ଧନ କରି ଗୋଟିଏ ବାଳକ ମୋତେ 'ନୀଳାଚଳ କୁଟୀର'ର ଠିକ୍ ପାଖ ରାସ୍ତାରେ ଦେଖି ପଚାରିଲେ—''ଆପଣ କଟକରୁ ଆସିଛନ୍ତି ?

'ସମାଜ' ଅଫିସରେ କାମ କରନ୍ତି ? ଠାକୁରଙ୍କ ସହିତ ଦେଖା କରିବାକୁ ଚିଠି ଦେଇଥିଲେ ? ଉତ୍ତର ନ ପାଇ ଚାଲି ଆସିଲେ କାହିଁକି ? ଠାକୁର ଆଜି ବଙ୍ଗଳା ଭ୍ରମଣରେ ଯାଉଛନ୍ତି । ଦେଖା ହୋଇପାରିବ ନାହିଁ ।'' ମୋର ବିଶେଷ ଅନୁରୋଧରେ କହିଲେ, ''ଯଦି ଆପଣଙ୍କର ଐକାନ୍ତିକ ଆଗ୍ରହ ଥାଏ, ତେବେ ଦେଖା ହୋଇପାରେ ।'' ଏହା କହି ''ନୀଳାଚଳ କୁଟୀର'' ଘରଟି ମୋତେ ଦେଖାଇ ଦେଲେ । (ପରେ ମୁଁ ଜାଣିଲି ଯେ ଠାକୁର ଓଡ଼ିଆ ପଢ଼ି ଜାଣନ୍ତି ନାହିଁ । ତେଣୁ ତାଙ୍କ ନିକଟକୁ ଯାତାୟାତ କରୁଥିବା ଛାତ୍ରମାନଙ୍କୁ ମୋ ଚିଠି ପଢ଼ିବାକୁ ଦେଇଥିଲେ ।) ମୁଁ ଯାଇ କୁଟୀର ସମ୍ମୁଖ ବାରଣ୍ଡାରେ ବସି ରହିଲି ।

କିଛି ସମୟ ପରେ ରାତି ଅନିଦ୍ରା ହୋଇ ରେଳଗାଡ଼ିରେ କଟକରୁ ପୁରୀ ଆସିଥିବାରୁ ଓ ସଦ୍ୟସ୍ନାନ କରିଥିବାରୁ ସେଠାରେ ବସି ଟିକିଏ ତନ୍ଦ୍ରା ଆସିଗଲା । ଏହିପରି ସମୟରେ ଜଣେ ତରୁଣ ସନ୍ନ୍ୟାସୀଙ୍କ ରୁକ୍ଷ କଣ୍ଠସ୍ୱରରେ ମୋ ନିଦ ଭାଙ୍ଗିଗଲା । ସେ କୁଟୀରର ସାମନା ଦ୍ୱାରା ଖୋଲି କହିଲେ, ''କିଏ ତୁମେ ? ଏଠାରେ ବସିଛ କାହିଁକି ?'' ମୁଁ କହିଲି ''ଠାକୁରଙ୍କ ସହିତ ଟିକିଏ ଦେଖା କରିବି ।'' ସେ ମୋର ସବୁ କଥା ଶୁଣିବା ପର୍ଯ୍ୟନ୍ତ ଅପେକ୍ଷା ନକରି ''ଏଠାରେ କେହି ନାହାନ୍ତି, ଦେଖା ହୋଇପାରିବ ନାହିଁ'' ଇତ୍ୟାଦି କହି ଦ୍ୱାର ବନ୍ଦ କରି ଚାଲିଗଲେ । ପରେ ପରେ ପ୍ରାୟ ସାଢ଼େ ନଅଟା ପର୍ଯ୍ୟନ୍ତ ସେହି ସନ୍ନ୍ୟାସୀ ୩।୪ ଥର ଦ୍ୱାର ଖୋଲି ମୋତେ ସେଠାରୁ ଚାଲିଯିବା ପାଇଁ ଅତି କର୍କଶ ଭାଷାରେ ନିର୍ଦ୍ଦେଶ ଦେବାକୁ ଲାଗିଲେ । ପ୍ରଥମେ ଯେଉଁ ଛାତ୍ର ଜଣକ ମୋତେ କହିଥିଲେ ଯେ ''ଐକାନ୍ତିକ ଆଗ୍ରହ ଥିଲେ ଦେଖା ହେବ''—ମୋର ଖାଲି ସେହି କଥା ମନେ ପଡ଼ିଯାଉଥାଏ । ସନ୍ନ୍ୟାସୀ ମହାରାଜ ଯେତେ ରୁକ୍ଷ ବ୍ୟବହାର କରୁଥାନ୍ତି; ମୁଁ ଆତ୍ମପରୀକ୍ଷା କରିବାରେ ସେତିକି ଲାଗି ପଡ଼ିଥାଏ—ମୋର ଐକାନ୍ତିକ ଆଗ୍ରହ ଅଛି କି ନା ? ଶେଷରେ ଦିନ ପ୍ରାୟ ସାଢ଼େ ଦଶଟା ବେଳକୁ ସେହି ତରୁଣ ସନ୍ନ୍ୟାସୀ ଆସି କବାଟ ଫିଟାଇଲେ । ପୂର୍ବର କର୍କଶ ସ୍ୱର ବଦଳରେ ମଧୁର ସ୍ୱରରେ ମୋତେ ପଚାରିଲେ, ''ତୁମେ ଏ ପର୍ଯ୍ୟନ୍ତ ଯାଇ ନାହଁ ? କିଛି ଖାଇଛ ?'' ମୁଁ 'ନା' ବୋଲି କହିବାରୁ ସେ କହିଲେ, ''ମୁଁ ତମ କଥା ଠାକୁରଙ୍କୁ କହିଛି । ଯାଅ, ଗୁଣ୍ଡିଚା ଘରଠାରେ ଜଗନ୍ନାଥଙ୍କ ଅଭଡ଼ା ଖାଇ ଆସିବ ।'' ମୁଁ ତାଙ୍କ କଥା ଶୁଣି ଟିକିଏ ଇତଃସ୍ତତ ହୋଇ ଶେଷରେ ଆଦେଶ ପାଳନ କରି ସ୍ୱର୍ଗଦ୍ୱାରଠାରୁ

ଗୁଣ୍ଡିଚା ଘର ପର୍ଯ୍ୟନ୍ତ ଚାଲି ଚାଲି ଯାଇ (ସେ ସମୟରେ ପାଦରେ ଚାଲି ଚାଲି ଯିବା ବ୍ୟତୀତ ଅନ୍ୟ ପ୍ରକାର ଯାନବାହାନର ସୁବିଧା ନଥିଲା) ପୁଣି ଶୀଘ୍ର ଆସି 'ନୀଳାଚଳ କୁଟୀର' ନିକଟରେ ପହଞ୍ଚି ସେଠାରେ ଜଣେ ବୟସ୍କ ଭଦ୍ରବ୍ୟକ୍ତି ବସିଥିବାର ଦେଖିଲି । ସେତେବେଳକୁ ଦିନ ପ୍ରାୟ ତିନିଟା ବାଜିଯାଇଥାଏ । ଏ ହେଉଛନ୍ତି ଆମର ଭାଇ ଶ୍ରୀ ଦୁର୍ଗାଚରଣ ମହାନ୍ତିଙ୍କ ପିତା ଗୁଣନିଧି ମହାନ୍ତି । ସେ ମୋତେ ଦେଖି ବଡ଼ ସ୍ନେହପୂର୍ଣ୍ଣ ଭାବରେ ପଚାରିଲେ—''ବାପା, କାହାକୁ ଖୋଜୁଛୁ ? କେଉଁଠାରୁ ଆସିଛୁ ? ତୋ ନା କ'ଣ ?'' ମୁଁ କହିଲି—''ମୁଁ କଟକ 'ସମାଜ' ଅଫିସରେ ଚାକିରି କରେ । ମୋର ନାମ ଚୈତନ୍ୟ ଚରଣ ଦାସ । ମୁଁ ଠାକୁରଙ୍କୁ ଦେଖା କରିବାକୁ ଆସିଛି ।'' ମୋ କଥା ଶୁଣି ସେ କହିଲେ—''କେତେବେଳୁ ଆସିଲୁଣି ?'' ମୁଁ ସକାଳୁ ଆସିଲିଣି ବୋଲି କହିଲି । ସେ ପଚାରିଲେ—''କଣ ଦେଖା ହେଲାଣି ?'' ମୁଁ ତାଙ୍କୁ ସକାଳବେଳା ଘଟିଥିବା ସବୁକଥା କହିଗଲି । ତାଙ୍କୁ ମୁଁ ପଚାରିଲି—''ଆପଣ କୁଆଡ଼େ ଆସିଛନ୍ତି ?'' ସେ କହିଲେ—''ଠାକୁର ଆଜି ବଙ୍ଗଳା ଭ୍ରମଣରେ ଯିବେ । ମୁଁ ତାଙ୍କ ସହିତ ଦେଖାକରି କଥାବାର୍ତ୍ତା ହେବାକୁ ଆସିଛି । ତୁ ବ୍ୟସ୍ତ ହେଉଛୁ କାହିଁକି ? ମୁଁ ତୋତେ ଠାକୁରଙ୍କ ସହିତ ଦେଖା କରାଇଦେବି । କିଛି ଆଉ ବ୍ୟସ୍ତ ହ'ନା ।'' ମୁଁ ତାଙ୍କୁ ଆବେଗଭରା କଣ୍ଠରେ କହିଲି—''ମୋର କିଛି ଦରକାର ନାହିଁ । ଖାଲି ଟିକିଏ ଠାକୁରଙ୍କୁ ଥରେ ଦେଖି ଦେଲେ ମୋର ସବୁ ପୂର୍ଣ୍ଣ ହୋଇଯିବ ।'' ସେ କହିଲେ—''ନା, ମୁଁ ତୋତେ ଠାକୁରଙ୍କ ସହିତ କଥାବାର୍ତ୍ତା କରାଇ ଦେବି ।'' ଏପରି କଥାବାର୍ତ୍ତା ହେବା ବେଳକୁ ପ୍ରାୟ ଦିନ ୪ଟା ବାଜି ଯାଇଥିଲା ।

ଏହି ସମୟରେ ନୀଳାଚଳ କୁଟୀରର ଦ୍ୱାର ପୁଣି ସେହି ତରୁଣ ସନ୍ନ୍ୟାସୀ ଖୋଲି ମୋତେ ପ୍ରଥମେ ଠାକୁରଙ୍କ ସହିତ ଦେଖା କରିବାକୁ ଡାକିଲେ । ମୁଁ ଭିତରକୁ ପଶିଯାଇ ଠାକୁରଙ୍କ ଶ୍ରୀମୂର୍ତ୍ତି ଦର୍ଶନ କରିବାମାତ୍ରେ ତାଙ୍କ ଆଡ଼କୁ ଟାଣି ହୋଇଗଲି । ଲୁହାକୁ ଚୁମ୍ବକ ଟାଣିବା ଭଳି ମୋ ଦେହ ଟାଣି ହୋଇଗଲା । ମୁଁ ତାଙ୍କ ପାଦତଳେ ଲୋଟିପଡ଼ିଲି । ମନେ ହେଲା, ଏ'ତ ମୋର କେତେ କାଳର ଆପଣାର ଲୋକ ! ମୋର ପରିଚିତ ! ମୋର ମଥା ତାଙ୍କ ପାଦତଳେ ଲାଗିରହିଲା । ଠାକୁର ମୋ ମଥାରେ ହାତ ବୁଲାଇ କହିଲେ—''ମୁଁ ତୋ ଚିଠି ପାଇଛି । ଆଜି ମୁଁ ବଙ୍ଗଦେଶ ଅଭିମୁଖେ ଯାଉଛି । ଦୋଳ ବେଳକୁ ଫେରିଆସିବି ।

ତୁ ସେହି ସମୟକୁ ଆ ।'' ସେ ମୋ ମଥାରେ ହାତ ବୁଲାଇବାମାତ୍ରେ ମୋ ଦେହରେ ଚୁମ୍ବକ ଲାଗିଗଲା ଭଳି ଶିହରଣ ଖେଳିଗଲା । ମୁଁ ଉଠି ତାଙ୍କ ପାଖରେ ଛିଡ଼ା ହେଲି । ମୁଁ ଏପରି ମୁଗ୍ଧ ହୋଇ ଯାଇଥିଲି ଯେ, ତାଙ୍କ କଥାର ଉତ୍ତର ଦେବାର ଶକ୍ତି ମୋର ରହିଲା ନାହିଁ । ଧୀରେ ଧୀରେ ସେଠାରୁ ଆସି ବାହାର ବାରଣ୍ଡାରେ ବସିପଡ଼ିଲି । ତା'ପରେ ସେହି ବୟସ୍କ ଭଦ୍ରବ୍ୟକ୍ତି ଭିତରକୁ ଯାଇ ବହୁ ସମୟ ରହି ଫେରି ଆସିଲେ ।

ଦିନ ପ୍ରାୟ ପାଞ୍ଚଟା ପାଖାପାଖି ଦେଖିଲି, ଶ୍ରୀଶ୍ରୀ ଠାକୁର ସମୁଦ୍ର କୂଳକୁ ବୁଲି ବାହାରିଲେ ରାଜକୀୟ ବେଶରେ । ପୁସ୍ତକରେ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀମୂର୍ତ୍ତି ଦେଖି ମୁଁ ପ୍ରଥମେ ଆକୃଷ୍ଟ ହୋଇଥିଲି । ବର୍ତ୍ତମାନ ଦେଖିଲି, ଦୀର୍ଘକାୟ ବଳିଷ୍ଠ ବପୁବନ୍ତ ପୁରୁଷ, ଆଜାନୁଲମ୍ବିତ ବାହୁଯୁଗଳ, ପଦଯୁଗଳ ଅରୁଣ ରାଗରେ ରଞ୍ଜିତ, ପଦରେ ସୁନ୍ଦର ଜରିଦିଆ ନାଗରା ଜୋତା, ଦେହରେ ସିଲ୍‌କ ପଞ୍ଜାବୀ, ପକେଟରେ ପକେଟ ଘଣ୍ଟାର ସୁନାଚେନ୍ ଓହଳି ଚକ୍ ଚକ୍ ଦିଶୁଥାଏ । ହାତରେ ଅତି ସୁନ୍ଦର ଛଡ଼ି ଧରିଥାନ୍ତି । ପୂର୍ବରୁ ଦେଖିଥିବା ଶ୍ରୀମୂର୍ତ୍ତିଙ୍କୁ ମୁଁ ଭଲକରି ନିରୀକ୍ଷଣ କରିପାରି ନଥିଲି । ପ୍ରଥମ ଦର୍ଶନରେ ଖାଲି ପାଦ ଦୁଇଟି ଦେଖିଥିଲି; ମାତ୍ର ବର୍ତ୍ତମାନ ସମଗ୍ର ଶରୀରକୁ ମନୋହର ବେଶଭୂଷାରେ ଦେଖି ମୋ ଆଖି ଲାଖି ରହିଗଲା । ଆଖି ଫେରାଇ ଆଣିବାକୁ ଆଉ ସମର୍ଥ ହୋଇପାରିଲି ନାହିଁ । ତାଙ୍କ ଗହଣରେ ଗୋଟିଏ ସୁନ୍ଦର ଗୁଲଗୁଲିଆ ସାତ ଆଠ ବର୍ଷର ଝିଅ ଓ ଆଉ କେତେ ଜଣ ମାଆ ଆସିଲେ । ସଙ୍ଗରେ ଦୁଇ ତିନିଜଣ ଯାଉଛନ୍ତି ଜାଣି ମୁଁ ତାଙ୍କ ସହିତ ଯିବାକୁ ଇଚ୍ଛାକରି କୁଟୀରରେ ଥିବା ବ୍ରହ୍ମଚାରୀଙ୍କଠାରୁ ଅନୁମତି ପ୍ରାର୍ଥନା କଲି । ସେ କହିଲେ—ଯଦି ଯିବ ତେବେ ପଚାଶ ଷାଠିଏ ହାତ ବ୍ୟବଧାନରେ ଯାଇପାରିବ । ମୁଁ ତାଙ୍କଠାରୁ ଅନୁମତି ନେଇ ଠାକୁରଙ୍କ ଗହଣରୁ ଦୂରରେ ଚାଲିଲି । ସେମାନେ ଦିଗବାରିଣି ଖୁଣ୍ଟଯାଏ ଯାଇ ଗୋଟିଏ ନିର୍ଜ୍ଜନ ସ୍ଥାନରେ ଅଟକିଲେ । ସଙ୍ଗରେ ନେଇଥିବା ଖଣ୍ଡିଏ ଆସନ ନେଇ ସେଠାରୁ ଟିକିଏ ଦୂରରେ ବାଲିରେ ବିଛାଇ ଦେଲେ । ଠାକୁର ସେଠାକୁ ଯାଇ ଏକା ବସିଲେ । ଅନ୍ୟମାନେ ଦୂରରେ ବସିଲେ । ମୁଁ ସେମାନଙ୍କଠାରୁ ଆହୁରି ଟିକିଏ ଦୂରରେ ବସିଲି । ପ୍ରାୟ ଘଣ୍ଟାକ ପରେ ଠାକୁର ବସିଥିବା ସ୍ଥାନରେ ଗୋଟିଏ ଛତା ମେଲାଇଲେ ଓ ଦିଆସିଲି ଜଳାଇ ସିଗାରେଟ୍‌ରେ ଲଗାଇଲେ । ଏହା ଦେଖି ଦୂରରେ ବସିଥିବା ସମସ୍ତେ ଯାଇ ଠାକୁରଙ୍କ ପାଖରେ ପହଞ୍ଚିଲେ । ଦେଖିଲି, ସେମାନେ କୁଟୀର ଆଡ଼କୁ

ଯାଉଛନ୍ତି । ମୁଁ ଯାଇ ଠାକୁର ବସିଥିବା ସ୍ଥାନରୁ ବାଲି ନେଇ ଦେହରେ ବୋଳି ହେଲି, ମୁଣ୍ଡରେ ଲଗାଇଲି । ଦେଖିଲି, ସିଗାରେଟ୍‌ଟିରେ କେବଳ ନିଆଁ ଲାଗିଛି; ଟଣା ହୋଇ ନାହିଁ । ଏହାପରେ ସମୁଦ୍ରକୂଳ ବାଟେ ସମସ୍ତେ କୁଟୀରକୁ ଫେରିଲେ । ଠାକୁର କୁଟୀର ଭିତରକୁ ଗଲେ । ମୁଁ ତାଙ୍କୁ ପ୍ରଣାମ କରି ପ୍ରସାଦ ମାଗିଲି । ସେ ଯେଉଁ ଫଳ ପ୍ରସାଦ ଦେଲେ ସେଥିରେ ଆମ୍ବ କମଳା ଫଳ ଥିଲା । ଆନନ୍ଦରେ ପ୍ରସାଦ ସେବନ କରି ସେଠାରୁ ଫେରି ସେହି ରାତି ଗାଡ଼ିରେ କଟକ ଫେରିଆସିଲି ।

ଏହାର କିଛିଦିନ ପରେ ଦିନେ ହଠାତ୍ ସକାଳ ପ୍ରାୟ ଆଠଟା ସମୟରେ ଦୁର୍ଗାଚରଣ ଭାଇଙ୍କ ସହିତ ମୋର ସାକ୍ଷାତ୍ ହେଲା । ସେତେବେଳେ ନିମିଚଉଡ଼ିଠାରେ ପୁରୁଣା ଭଡ଼ାଘରେ 'ସମାଜ' ଅଫିସ ଥାଏ । ଫାଟକ ପାଖରେ ଜଣେ କ୍ଷୀଣକାୟ ଗୌରବର୍ଣ୍ଣ ଛାତ୍ର ମୋତେ ଦେଖି ପଚାରିଲେ, "ଏଠାରେ ଚୈତନ୍ୟ ଚରଣ ଦାସ ବୋଲି କେହି ଭଦ୍ରବ୍ୟକ୍ତି ଅଛନ୍ତି କି ?" ମୁଁ ତାଙ୍କୁ ଆପାଦମସ୍ତକ ଚାହିଁଲି ଏବଂ ତାଙ୍କୁ ତାଙ୍କର ପରିଚୟ ପଚାରିଲି । ସେ କହିଲେ, ପୁରୀ ଜିଲ୍ଲା ଗୋପରେ ତାଙ୍କ ବାସସ୍ଥଳ । ମାତ୍ର ପୁରୀ ଜିଲ୍ଲା ଗୋପରେ ମୋର କେହି ପରିଚିତ ଲୋକ ଥିବା କଥା ମନେ ପଡ଼ିଲା ନାହିଁ । ତେଣୁ ମୁଁ କହିଲି ଯେ ମୋ ନାମ ଚୈତନ୍ୟ । ମୋ କଥା ଶେଷ ହେବା ପୂର୍ବରୁ ସେ ମୋତେ କୁଣ୍ଢାଇ ପକାଇ କହିଲେ, "ମୁଁ ବାପାଙ୍କଠାରୁ ଶୁଣିଲି ଯେ ତୁମେ ଠାକୁରଙ୍କ ନିକଟକୁ ଯାଇଥିଲ ।" ଆଉ ଯାହା ଯାହା ଘଟିଥିଲା ସେସବୁ କହିଗଲେ । ମୁଁ ଜାଣିଲି ଯେ ଯେଉଁ ବୟସ୍କ ଲୋକଙ୍କ ସହିତ ମୋର ସେଦିନ 'ନୀଳାଚଳ କୁଟୀର' ଆଗ ବାରଣ୍ଡାରେ ଦେଖା ହୋଇଥିଲା, ସେ ଏହି ପିଲାଙ୍କ ବାପା ଏବଂ ପଚାରି ବୁଝିଲି ଯେ, ଏହାଙ୍କ ନାମ ଦୁର୍ଗାଚରଣ ମହାନ୍ତି । ଏ ଜଣେ ସ୍କୁଲ ଛାତ୍ର । ମୁଁ ସେତେବେଳକୁ ମାଟ୍ରିକ ପାସ୍‌କରି ବିବାହିତ ହୋଇ 'ସମାଜ' ଅନୁଷ୍ଠାନରେ ଚାକିରି କରୁଥାଏ । ହେଲେ ସେହି ଛାତ୍ର ଦୁର୍ଗାଚରଣ ଭାଇ ମୋ ସହିତ ଏଭଳି ଆତ୍ମୀୟଭାବ ଦେଖାଇଲେ ଏବଂ ତାଙ୍କୁ ପ୍ରଥମଥର ଦେଖି ମୋର ଯାହା ମନେହେଲା, ସତେ ଯେପରି ମୋର ତାଙ୍କ ସହିତ କେଉଁ କାଳର ସମ୍ପର୍କ ଅଛି । ବୟସ ବ୍ୟବଧାନ କିଛି ନାହିଁ । ଏକାବେଳକେ ନିଜର ଆପଣାର ଲୋକ । ମନଟା ମୋର ଭାବବିହ୍ୱଳ ହୋଇଗଲା । ସେ ମୋତେ ଶିଶିର କୁମାର ବସୁଙ୍କ ଲିଖିତ ଖଣ୍ଡିଏ ବଙ୍ଗଳା

'କଥାସଂଗ୍ରହ' ବହି ଓ କେତେଗୋଟି କପିଙ୍ଗ୍ କାଳିରେ ତାଙ୍କ ହାତଲେଖା ଏକ୍‌ସରସାଇଜ୍ ଖାତା ଦେଲେ । ଅଳ୍ପ ସମୟ କଥାବାର୍ତ୍ତା ପରେ ସେ କହିଲେ, "ମୁଁ ବାପାଙ୍କୁ ନ କହି ଏଠାକୁ ଚାଲିଆସିଛି । ସେ ମୋତେ ଖୋଜୁଥିବେ ।" ମୁଁ ତାଙ୍କଠାରୁ ଜାଣିଲି ଯେ ସେ ତାଙ୍କ ବାପାଙ୍କୁ କଟକ ସହର ବୁଲି ଦେଖିବାକୁ କହି ଆସିଛନ୍ତି ଓ ତଳତେଲଙ୍ଗା ବଜାର ସାମିଆ କୋଠାରେ ଅଛନ୍ତି । ମୁଁ ତାଙ୍କୁ ସଙ୍ଗରେ ନେଇ ସେଠାକୁ ଯାଇ ତାଙ୍କ ବାପାଙ୍କୁ ଦେଖି ଚିହ୍ନି ପାରିଲି । ସେ କହିଲେ, "କିରେ ! ତୁ ଅନୁକୁ (ଦୁର୍ଗାଚରଣ ଭାଇଙ୍କ ଡାକ ନାମ ଅନୁ) କିପରି ପାଇଲୁ ?" ମୁଁ କିଛି କହିବା ପୂର୍ବରୁ ଦୁର୍ଗାଚରଣ ଭାଇ କହିଲେ, "ମୁଁ ବୁଲୁ ବୁଲୁ ବାଟରେ ଏହାଙ୍କୁ ଦେଖିଲି । ସେ ଯଦି ଆଉ କିଛି ଅଧିକ ପଚାରିଥାନ୍ତେ, ତେବେ ସେ ବାପାଙ୍କ ପାଖରେ ଧରାପଡ଼ି ଯାଇଥାନ୍ତେ ଯେ କିପରି ସେ ମୋତେ ଖୋଜି ଖୋଜି 'ସମାଜ' ଅଫିସ୍‌ରେ ପହଞ୍ଚିଲେ । ଯାହାହେଉ, ବାପା ଆଉ କିଛି ନ କହି ମୋତେ କହିଲେ, "ଚୈତନ୍ୟ, ଅନୁ କଟକ ସହର ବୁଲି ଦେଖିବ ବୋଲି ମୋ ସାଙ୍ଗରେ ଆସିଛି । ମୋର ତ ବହୁତ କିଛି କାମ ଅଛି । ମୁଁ ତାକୁ କଟକ ସହର ବୁଲାଇ ଦେଖାଇ ପାରିବି କେତେବେଳେ ? ତୁ ଟିକିଏ ତାକୁ କଟକ ସହର ସବୁ ଦେଖାଇଦେବୁ । ମୁଁ ଦୁଇଦିନ ଅଛି । ତୁ ତାକୁ ଟିକିଏ ସବୁଆଡ଼ ବୁଲାଇ ଦେଖାଇବୁ । କେବଳ ଦିନରେ ଖାଇବାବେଳେ ଓ ରାତିରେ ଶୋଇବା ବେଳେ ଏଠି ଛାଡ଼ିଦେଇ ଯାଉଥିବୁ ।" ସୁଯୋଗକୁ ସେଦିନ 'ସମାଜ' ଅଫିସର କର୍ମଚାରୀମାନେ ଧର୍ମଘଟ କରି କାମ ବନ୍ଦ କରିଥାନ୍ତି ।

ଦୁର୍ଗାଚରଣ ଭାଇ ମୋ ଚିଠି ପଢ଼ିଥିଲେ । ମୋ କଥା ହରେନ୍‌ଦା (ସେହି ତରୁଣ ସନ୍ନ୍ୟାସୀ)ଙ୍କ ଠାରୁ ଶୁଣି କେବଳ ମୋ ସହିତ ଦେଖା କରିବାକୁ ଆସିଥାନ୍ତି । ଆଉ ମୋ ପାଇଁ ଠାକୁରଙ୍କ ବଙ୍ଗଳା ଜୀବନୀ ଓ ନୀଳାଚଳବାଣୀ ଆକାରରେ ଯାହା ପ୍ରକାଶିତ ହେଲା ତାହାର ମୂଳ ହାତଲେଖା କପି ଆଣିଥାନ୍ତି । ଦୁଇଦିନଯାକ ଆମେ ଆମର କାଜିବଜାରରେ ଥିବା ଭଡ଼ାଘରେ ଦିନରାତି ବସି କେବଳ ଠାକୁରଙ୍କ ପ୍ରସଙ୍ଗ ଆଲୋଚନା କଲୁ । ତାଙ୍କ କଥାରୁ ମୋର ସତେ ଯେପରି ବହୁ ପୁରାତନ ସ୍ମୃତି ପୁଣି ମନେ ପଡ଼ିଗଲା । ଠାକୁର ଆମର, ଆମେ ତାଙ୍କର—ଏହି କଥା ସ୍ପଷ୍ଟ ହୋଇଗଲା । ସେ ମୋତେ କହିଲେ, "ତୁମେ ଠାକୁରଙ୍କ ଠାରୁ ସାଧନଭଜନ ଶିକ୍ଷା କରିବ ବୋଲି ଚିଠି ଦେଇଛ । ମାତ୍ର ସାଧନପଥ ଅବଲମ୍ବନ କଲେ ତୁମେ

ଠକାମିରେ ପଡ଼ିଯିବ । ଠାକୁରଙ୍କୁ କହ, ତାଙ୍କ ଚରଣରେ ଆଶ୍ରୟ ଗ୍ରହଣ କରି ତାଙ୍କଠାରୁ ଦୀକ୍ଷା ନେବାକୁ । ମୋଠାରୁ ବୁଝିଲେ ଯେ, ମୁଁ ବିବାହିତ ଓ ମାସିକ ବାଇଶ ଟଙ୍କା ବେତନରେ 'ସମାଜ' ଅଫିସରେ ଚାକିରି କରିଛି । ସେ କହିଲେ, ''ଠାକୁର ଦୋଳପୂର୍ଣ୍ଣିମା ବେଳକୁ ପୁରୀ ଆସିଲେ ତାଙ୍କ ସହିତ ସାକ୍ଷାତ କରିବାକୁ ତୁମକୁ କହିଛନ୍ତି । ଦୀକ୍ଷା ପାଇଁ ଆନୁସଙ୍ଗିକ ନିର୍ଦ୍ଦିଷ୍ଟ ପ୍ରଣାମି ଜଣକୁ ପଚିଶ ଟଙ୍କା । ତୁମେ ତ ଦୁଇ ଜଣଙ୍କର ପଚାଶ ଟଙ୍କା ଦେବାକୁ ସକ୍ଷମ ହୋଇପାରିବ ନାହିଁ । ତୁମେ ପୁରୀ ଯାଇ ପ୍ରଥମେ ଦଶଟଙ୍କା ଠାକୁରଙ୍କୁ ଦେଇ ସସ୍ତ୍ରୀକ ଦୀକ୍ଷା ନେବାକୁ ପ୍ରାର୍ଥୀ ହେବ ।'' ଏହିଭଳି ପରାମର୍ଶ ଦେବା ପରେ ଦୁଇଦିନ ପରେ ସେ ତାଙ୍କ ବାପାଙ୍କ ସହିତ କଟକରୁ ପୁରୀ ଫେରିଗଲେ । ଯିବା ପୂର୍ବରୁ ସେ ପୁରୀରେ ଯେଉଁ ବସା ଘରେ ରହି ପଢୁଥିଲେ, ସେହି ବଳଗଣ୍ଡି ସାହିରେ ସଖୀମାତା ମଠର ଠିକଣା ମୋତେ ବତାଇ ଦେଇଗଲେ ।

ଯଥା ସମୟରେ ଦୋଳପୂର୍ଣ୍ଣିମା ପୂର୍ବଦିନ ମୁଁ ସସ୍ତ୍ରୀକ ପୁରୀରେ ଉପସ୍ଥିତ ହେଲି । ଯେପରି ଠାକୁରଙ୍କଠାରୁ ଦୀକ୍ଷା ନେଲୁ ତାହା ଏହି 'ନୀଳାଚଳବାଣୀ' ପୁସ୍ତକରେ ଯଥାସ୍ଥାନରେ ଲିପିବଦ୍ଧ ହୋଇଅଛି । ଏହା ୧୯୩୪ ମସିହା କଥା ।

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ
ଚୈତନ୍ୟ ଚରଣ ଦାସ
୨୬-୨-୭୯

ଜୟଗୁରୁ

ଧ୍ୟେୟଃ ସଦା ପରିଭବଘ୍ନମଭୀଷ୍ଟଦୋହଂ
ତୀର୍ଥାସ୍ପଦଂ ଶିବବିରଞ୍ଚିନୁତଂ ଶରଣ୍ୟମ୍ ।
ଭୃତ୍ୟାର୍ତ୍ତିହଂ ପ୍ରଣତପାଳ ଭବାବ୍ଧିପୋତଂ
ବନ୍ଦେ ମହାପୁରୁଷ ତେ ଚରଣାରବିନ୍ଦମ୍ ॥

ଆମମାନଙ୍କର ଏହି ସୁଖଦୁଃଖର ଲୀଳାଭୂମି ଆଧିବ୍ୟାଧିପ୍ରପୀଡ଼ିତ ଜନ୍ମମୃତ୍ୟୁଶୀଳ ମର୍ତ୍ତ୍ୟଲୋକକୁ ସମୟ ସମୟରେ ଜଣେ ଜଣେ ଅତି ପ୍ରାକୃତିକ ମହାମାନବ ଆଗମନ କରି ଏହି ଜଗତକୁ ନିତ୍ୟଲୋକର ଶାଶ୍ୱତ ଆନନ୍ଦବାଣୀ ଶୁଣାଇ ଦେଇଯାଆନ୍ତି । ଏହିମାନଙ୍କୁ ଆମେମାନେ ସଦ୍‌ଗୁରୁ ବା ମହାପୁରୁଷ ବୋଲି କହିଥାଉଁ ।

ଅନ୍ତର୍ଜଗତରେ ଦୁଇଟି ଶକ୍ତି ପ୍ରବୃତ୍ତି ଓ ନିବୃତ୍ତି ରୂପରେ ଅବସ୍ଥାନ କରୁଛନ୍ତି । ପ୍ରବୃତ୍ତିର ଆକର୍ଷଣରେ ଆମେମାନେ ଇନ୍ଦ୍ରିୟଗ୍ରାହ୍ୟ ଭୋଗ ଆଡ଼କୁ ଗତି କରୁଛୁ ଏବଂ ନିବୃତ୍ତିର ପ୍ରେରଣାରେ ଭୋଗ ସମୟରେ ସଂଯମ ଆସି ସଂସାରକୁ ସୁଖମୟ କରିଦେଉଛି । ଆମମାନଙ୍କର ବାହ୍ୟ ସୌରଜଗତରେ ସୌରଜଗତର କେନ୍ଦ୍ରସ୍ୱରୂପ ସୂର୍ଯ୍ୟଦେବଙ୍କର କେନ୍ଦ୍ରାଭିସାରିଣୀ ଓ ଗ୍ରହ-ଉପଗ୍ରହମାନଙ୍କର କେନ୍ଦ୍ରାପସାରିଣୀ ଶକ୍ତି ସୃଷ୍ଟି ଶୃଙ୍ଖଳା ରକ୍ଷା କରୁଅଛି । ଅନ୍ତର୍ଜଗତରେ ସେହିପରି ପ୍ରବୃତ୍ତି ଓ ନିବୃତ୍ତି ଶକ୍ତି ସାମ୍ୟ ସ୍ଥାପନ କରୁଛନ୍ତି । ପ୍ରବୃତ୍ତି ଆତ୍ମକେନ୍ଦ୍ରରୁ ଆମକୁ ବିଚ୍ୟୁତ କରିବାକୁ ଇଚ୍ଛାକରେ ଏବଂ ନିବୃତ୍ତି ଆତ୍ମକେନ୍ଦ୍ରକୁ ଆମମାନଙ୍କୁ ନେଇଯାଏ । ଏହି ନିବୃତ୍ତିଶକ୍ତି ହିଁ ଗୁରୁଶକ୍ତି । ସୂର୍ଯ୍ୟଦେବ ଯେପରି ସମଗ୍ର ସୌରଜଗତର ପ୍ରାଣ ସ୍ୱରୂପ ହୋଇ କେନ୍ଦ୍ରାଭିସାରିଣୀ ଶକ୍ତି ବଳରେ ନିଖିଳ ଜଗତକୁ ଆକର୍ଷିର କରି ଧରି ରଖିଛନ୍ତି, ସେହିପରି କେହି ଜାଣନ୍ତୁ ବା ନ ଜାଣନ୍ତୁ, ଶ୍ରୀଶ୍ରୀ ଗୁରୁଦେବ ନିବୃତ୍ତିଶକ୍ତି ବଳରେ ସମସ୍ତ ଜୀବର ଅନ୍ତର୍ଜଗତକୁ ଧାରଣ କରିଛନ୍ତି ।

ମହାପୁରୁଷ ବା ଶ୍ରୀଗୁରୁଦେବ ନିବୃତ୍ତି ଧର୍ମର ମୂର୍ତ୍ତବିଗ୍ରହ । ସେ ସର୍ବଦା ଜୀବକୁ ଆତ୍ମକେନ୍ଦ୍ର ପରମାନନ୍ଦ ଧାମକୁ ନେଇଯିବାକୁ ଚାହାନ୍ତି । ସୁତରାଂ ସଦ୍‌ଗୁରୁ ଆମର ଅନ୍ତରଙ୍ଗ ବନ୍ଧୁ । ସୃଷ୍ଟି ଆରମ୍ଭରୁ ଯେପରି ପ୍ରବୃତ୍ତି-ଧର୍ମଶୀଳ ଜୀବପ୍ରବାହ ଅବିରାମ ଗତିରେ ଚାଲିଅଛି, ସେହିପରି ନିବୃତ୍ତି-ଧର୍ମଶୀଳ ମହାପୁରୁଷମାନେ ମଧ

ଜଗତକୁ ଆସି ଏହାକୁ ପୂତ, ପବିତ୍ର ଓ ଧନ୍ୟ କରିଦେଉଛନ୍ତି । ସୃଷ୍ଟିପ୍ରବାହ ରକ୍ଷା କରିବା ନିମିତ୍ତ ପ୍ରବୃତ୍ତିର ଯେତିକି ଆବଶ୍ୟକତା ଅଛି, ସୃଷ୍ଟିକୁ ସୁନ୍ଦର, ଗୌରବାନ୍ୱିତ କରିବା ନିମିତ୍ତ ନିବୃତ୍ତିର ମଧ୍ୟ ସେତିକି ଆବଶ୍ୟକତା ଅଛି; ସୁତରାଂ ଆମେମାନେ ଦେଖିପାରିଛୁ ଯେ ଜଗତର ପ୍ରାକୃତ ଜୀବପ୍ରବାହ ପରି ଅପ୍ରାକୃତ ମହାମାନବଙ୍କର ଆଗମନ ବିଶ୍ୱପ୍ରକୃତିର ଗୋଟିଏ ସ୍ୱଭାବିକ ନିୟମ । ସେହି ହେତୁରୁ ଜଗତରେ ଯେତେବେଳେ ଯେପରି ମହାପୁରୁଷଙ୍କ ପ୍ରୟୋଜନ, ସେତେବେଳେ ସେହିପରି ମହାପୁରୁଷଙ୍କର ଆବିର୍ଭାବ ହୋଇଛି ।

ବୈଦିକ କର୍ମକାଣ୍ଡ ଚର୍ଚ୍ଚାରେ ଯେତେବେଳେ ଲୋକେ ଜ୍ଞାନର କଥା ଭୁଲି କେବଳ ମାତ୍ର କାମ୍ୟ କର୍ମରେ ରତ ହୋଇପଡ଼ିଲେ, ସେତେବେଳେ ଭଗବାନ ବୁଦ୍ଧଦେବ ଆସି ଜ୍ଞାନକାଣ୍ଡର ପ୍ରଚାର କଲେ । ବୁଦ୍ଧଦେବଙ୍କର ଅନ୍ତର୍ଦ୍ଧାନ ପରେ ଲୋକେ ତାଙ୍କ ଧର୍ମକୁ ବିକୃତ କରି ଯେତେବେଳେ ଅତ୍ୟାଚାର, ବ୍ୟଭିଚାର କରିବାକୁ ଲାଗିଲେ, ସେତକିବେଳେ ଶଙ୍କରାଚାର୍ଯ୍ୟ ଆବିର୍ଭୂତ ହୋଇ ବୈଦିକ ଜ୍ଞାନକାଣ୍ଡକୁ ନୂତନ ପ୍ରାଣମୟ ମନ୍ତ୍ରରେ ସଞ୍ଜୀବିତ କରି ତାହା ପ୍ରଚାର କଲେ । କେବଳ ମାତ୍ର ଜ୍ଞାନଚର୍ଚ୍ଚାରେ ହୃଦୟ ଶୁଷ୍କ ହୋଇଯାଏ; ତେଣୁ ପରବର୍ତ୍ତୀ କାଳରେ ପ୍ରେମର ଠାକୁର ଶ୍ରୀ ଗୌରାଙ୍ଗଦେବ ଆସି ଜଗତକୁ ପ୍ରେମାମୃତଧାରାରେ ଅଭିସିଞ୍ଚିତ କରିଦେଲେ । ପରବର୍ତ୍ତୀ ଯୁଗରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଅନ୍ଧ ହୋଇ ଯେତେବେଳେ ଲୋକେ ଜ୍ଞାନ ଓ ପ୍ରେମକୁ ତୁଚ୍ଛ ମନେକଲେ, ସେତେବେଳେ ଭଗବାନ ଶ୍ରୀ ଶ୍ରୀ ରାମକୃଷ୍ଣ ରୂପରେ ଆବିର୍ଭୂତ ହୋଇ ଜ୍ଞାନ ଭକ୍ତିର ଅପୂର୍ବ ମାହାତ୍ମ୍ୟ ପ୍ରଚାର କରି ଜଗତକୁ ବିସ୍ମିତ ଓ ମୋହିତ କରିଦେଲେ । ନବ୍ୟ ପାଶ୍ଚାତ୍ୟଶିକ୍ଷାରେ ଉଚ୍ଚଶିକ୍ଷିତ ସ୍ୱାମୀ ବିବେକାନନ୍ଦ ତାଙ୍କର ଚରଣାଶ୍ରୟ ଲାଭ କରି ପ୍ରାଚ୍ୟ ତଥା ପାଶ୍ଚାତ୍ୟଦେଶରେ ବେଦାନ୍ତ ପ୍ରଚାର କରି ଶିକ୍ଷିତ ସମାଜକୁ ନୂତନ ପ୍ରାଣ ପ୍ରଦାନ କଲେ । ଅବଶେଷରେ ଜ୍ଞାନ ଓ ପ୍ରେମର ସୁଧାଭାଣ୍ଡ ହାତରେ ଧରି ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଦେବ ଗୁରୁଭାବ ଘେନି ଜଗତରେ ଅବତୀର୍ଣ୍ଣ ହେଲେ । ଶ୍ରୀ ଶ୍ରୀ ରାମକୃଷ୍ଣଦେବ ବିଶେଷ ଭାବରେ ବୟସ୍କମାନଙ୍କ ମଧ୍ୟରେ ଧର୍ମଭାବର ପ୍ରେରଣା ଆଣିଦେଇଥିଲେ । ସ୍ୱାମୀ ବିବେକାନନ୍ଦ ଯୁବକମାନଙ୍କୁ ସେବାଧର୍ମରେ ଅନୁପ୍ରାଣିତ କରିଥିଲେ । ଶ୍ରୀ ଶ୍ରୀ ଠାକୁର ବୃଦ୍ଧ, ଯୁବକ—ଏପରିକି ଶିଶୁମାନଙ୍କ ଭିତରେ ଯେପରି ବ୍ରହ୍ମଚର୍ଯ୍ୟମୂଳକ ଧର୍ମଭାବର ସଞ୍ଚାର ହୋଇପାରିବ, ସେଥିପାଇଁ

ଆପ୍ରାଣ ଚେଷ୍ଟା କରି ଭାରତର ନାନା ସ୍ଥାନରେ ତାଙ୍କର ମତାନୁକୂଳ ମଠ, ଆଶ୍ରମ ଓ ସଂଘ ସ୍ଥାପନ କଲେ ।

ଶ୍ରୀ ଶ୍ରୀ ଠାକୁର ଏହି ଜନହିତକର ପ୍ରତିଷ୍ଠାନମାନ ରେଜେଷ୍ଟରୀ ଦାନ ପତ୍ର ଦ୍ୱାରା ଟ୍ରଷ୍ଟିମାନଙ୍କ ହାତରେ ଅର୍ପଣ କରି କର୍ମକ୍ଷେତ୍ରରୁ ଅବସର ଗ୍ରହଣ କଲେ ଏବଂ ବିଶ୍ରାମ ନିମିତ୍ତ ପୁରୀଧାମକୁ ଚାଲିଆସି ଆତ୍ମଗୋପନ କରି ସାଧାରଣ ମନୁଷ୍ୟଭାବରେ ଅବସ୍ଥାନ କରିବାକୁ ଲାଗିଲେ । ଶ୍ରୀ ଶ୍ରୀ ଠାକୁର ଏହିପରି ଭାବରେ ଅଜ୍ଞାତବାସରେ ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ନିର୍ଜନ 'ନୀଳାଚଳ କୁଟୀର'ରେ ଅବସ୍ଥାନ କରୁଥିବାବେଳେ ସନ ୧୯୨୯ ମସିହାରେ କେତେଜଣ ସ୍କୁଲ ଛାତ୍ର ତାଙ୍କର ସନ୍ଧାନ ପାଇଲେ । ସନ ୧୯୩୦ ମସିହାରେ ଛାତ୍ରମାନେ ତାଙ୍କ ଦର୍ଶନର ସୁବିଧା ପାଇଲେ ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ମିଳାମିଶା କରି ଆଳାପ ଆଲୋଚନା କରିବାର ସୁଯୋଗ ପାଇଲେ ନାହିଁ । ଏଥିପୂର୍ବରୁ ଗଞ୍ଜାମର କେତେଜଣ ବିଶିଷ୍ଟ ଭକ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ ସତ; କିନ୍ତୁ ସେମାନେ ମଧ୍ୟ ତାଙ୍କ ସହିତ ମିଳାମିଶା କରିବାର ସୁଯୋଗ ପାଇପାରି ନ ଥିଲେ । ତେଣୁ ନୀଳାଚଳ ଧାମରେ ଅବସ୍ଥାନ କରୁଥିବାବେଳେ ଆରମ୍ଭରୁ ତାଙ୍କର ପବିତ୍ର ବାଣୀଗୁଡ଼ିକ ଲିପିବଦ୍ଧ ହୋଇପାରି ନ ଥିଲା । ସନ ୧୯୩୦ ମସିହାବେଳକୁ ମୁଁ ଓ ମୋର ସହପାଠୀ ଗୋବିନ୍ଦ, ନୃପ, ଏକାଦଶୀ ପ୍ରଭୃତି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ପ୍ରତିଦିନ ଯାତାୟାତ କରିବାକୁ ଲାଗିଲୁ । ପ୍ରତ୍ୟହ ଦର୍ଶନ କରି ଆମେ ଫେରୁ । ସେହି ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ ଦ୍ୱାରା ଆଦିଷ୍ଟ ହୋଇ ତାଙ୍କ ସହିତ ଭକ୍ତମାନଙ୍କର ଯାହାକିଛି କଥୋପକଥନ ହେଉଥିଲା, ସେଥିମଧ୍ୟରୁ ଯେତିକି ଲେଖିପାରିଥିଲି ତାହା ଏହି ଗ୍ରନ୍ଥରେ ପ୍ରକାଶ କରାଗଲା ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
ଦୁର୍ଗାଚରଣ

ଜୟଗୁରୁ

ଶ୍ରୀଶ୍ରୀ ଠାକୁରଙ୍କ ସହିତ ଦର୍ଶନ ସୂଚୀ

ତା ୨୦-୩-୧୯୩୦— ଏଦିନ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଥମ ଦର୍ଶନ ଲାଭ କଲି ।

ତା ୨୧-୩-୩୦— ଦ୍ୱିତୀୟ ଦିନର ଦର୍ଶନରେ ଶ୍ରୀ ଶ୍ରୀ ଠାକୁର କହିଲେ, ‘‘ଆସନ୍ତାକାଲି ଅପରାହ୍ନରେ ଦେଖା କରିବ ।’’

ତା ୨୨-୩-୩୦— ଏଦିନ ଦର୍ଶନ କରିବାବେଳେ ପୁଣି କାଲି ଆସିବାକୁ ଆଦେଶ ମିଳିଲା ।

ତା ୨୩-୩-୩୦— ଏଦିନ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଲାଭ । ଶ୍ରୀ ଶ୍ରୀ ଠାକୁର ମୋତେ ଯୋଗ ସମ୍ବନ୍ଧରେ ବିବିଧ ଉପଦେଶ ଦାନପୂର୍ବକ ଆସନ ମୁଦ୍ରା ଶିକ୍ଷା ଦେବାକୁ ଶ୍ରୀଠାକୁରଦାସ ବ୍ରହ୍ମଚାରୀଙ୍କୁ ଆଦେଶ ଦେଲେ ।

ତା ୨୭-୧-୧୯୩୧— ନୃପ ଭାଇଙ୍କ ସହିତ ପ୍ରଥମ ସାକ୍ଷାତରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରସଙ୍ଗ ଆଲୋଚନା ଏବଂ ତତ୍‌ପରଦିନ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନର ଅନୁମତି ଲାଭ ନିମିତ୍ତ ମଠକୁ ପତ୍ରପ୍ରେରଣ ।

ତା ୧୩-୨-୩୧— ବାପା ପ୍ରଥମେ ଶ୍ରୀ ଶ୍ରୀ ଠାକୁରଙ୍କ ନିମିତ୍ତ ଫଳ ପଠାଇ ଥିଲେ ।

ତା ୨୪-୦୨-୩୧— ଏଦିନ ଶ୍ରୀ ଶ୍ରୀ ଠାକୁରଙ୍କ ପୁରୀ ପ୍ରତ୍ୟାବର୍ତ୍ତନ । ସେଦିନ ଷ୍ଟେସନକୁ ଯାଇ ଆମେ ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଅଭ୍ୟର୍ଥନା କଲୁ । ନୃପାଳଜୀ ମୋ ସଙ୍ଗରେ ଥିଲେ ।

ତା ୨୬-୨-୩୧— ଶ୍ରୀ ଶ୍ରୀ ଠାକୁରଙ୍କୁ କୁଟୀରରେ ଦର୍ଶନ କଲୁ । ବିବିଧ ପ୍ରସଙ୍ଗରେ ଆଲୋଚନା ହେଲା ।

ତା ୨-୩-୩୧— ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ଲାଭ କଲୁ । ଲକ୍ଷ୍ମୀଧର ଦାଦା ପ୍ରଥମେ ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରିଥିଲେ ।

ତା ୪-୩-୩୧ — ଦୋଳୋତ୍ସବ ଯୋଗୁଁ ଶ୍ରୀ ଶ୍ରୀ ଠାକୁରଙ୍କ ପୂଜା, ଶ୍ରୀ ଶ୍ରୀ ଠାକୁରଙ୍କ ପଦରେ ଅବିର ଦାନ ଓ ଅବିର ଖେଳ ପରେ ପ୍ରସାଦ ସେବନ କଲୁ ।

ତା ୬-୩-୩୧ — ଏଦିନ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଲାଭ ହେଲା । ସଙ୍ଗରେ କେତେଜଣ ଭକ୍ତ ଥିଲେ ।

ତା ୯-୩-୩୧ — ଆଜି ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କଲୁଁ, ବିବିଧ ବିଷୟରେ ଆଲୋଚନା ହେଲା ।

ତା ୧୨-୩-୩୧ — ଆଜି ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କଲୁ । ସଙ୍ଗରେ ଗୋବିନ୍ଦ ଭାଇ ଥିଲେ । ଆଜି ଗୋବିନ୍ଦ ଭାଇଙ୍କର ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ପ୍ରଥମ ଦର୍ଶନ ଓ ଆଳାପ ।

ତା ୧୩-୩-୩୧ — ପୁନରାୟ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ସାକ୍ଷାତରେ ପ୍ରାୟ ଘଣ୍ଟାଏ କାଳ ବିଶେଷ ଆଲୋଚନା ହୋଇଥିଲା । ସେଦିନ ଶ୍ରୀ ଶ୍ରୀ ଠାକୁର କୁତବପୁର ସ୍କୁଲ ବିଷୟ ନେଇ ବିଶେଷ ଭାବରେ ଆଲୋଚନା କରିଥିଲେ ।

ତା ୧୫-୩-୩୧ — ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଲାଭ ଓ ବାକ୍ୟାଳାପ ହୋଇଥିଲା । ସଙ୍ଗରେ ଗୋବିନ୍ଦ ଭାଇ ଥିଲେ । ଜନ୍ମାନ୍ତରୀଣ ସଂସ୍କାର ଓ କାଳନାର ସଚ୍ଚିଦାନନ୍ଦ ଭାଇଙ୍କ ସହିତ ଶରୀରର ସୁସ୍ଥତା ଓ ବାତ ବ୍ୟାଧି ସମ୍ବନ୍ଧରେ ଆଲୋଚନା ହେଲା ଏବଂ ଗୋବିନ୍ଦ ଭାଇଙ୍କ ସହିତ ଶ୍ରୀ ଶ୍ରୀ ଠାକୁର କଥା ହେବାକୁ ବୁଧବାର ଦିନ ସ୍ଥିର କଲେ ।

●

ନୀଳାଚଳବାଣୀ

୧୭-୩-୩୧

ଆଜି ଶ୍ରୀ ଶ୍ରୀ ଠାକୁର ବୁଲିବାକୁ ଗଲେ ନାହିଁ । ନୀଳାଚଳ କୁଟୀରରେ ବସି ରହିଲେ । ସଚ୍ଚିଦାନନ୍ଦ ସାହା ଢାକାର 'କାଲନା'ରୁ ଆସିଥାନ୍ତି, ଗୋବିନ୍ଦ ଓ ମୁଁ ବସିଥାଉଁ । ସଚ୍ଚିଦାନନ୍ଦଙ୍କର ବାତ ବ୍ୟାଧି ହୋଇ ଆଣ୍ଠୁ ଫୁଲିଥାଏ । ଏହା ଦେଖି ଠାକୁର କହିଲେ—

ଶ୍ରୀ ଶ୍ରୀ ଠାକୁର "ଏଇଟା ତୁମର ସାଧନବିଘ୍ନ । ତୁମେ କାଲିଠାରୁ ଯାଇ ସମୁଦ୍ର ବାଲି ଖୋଳି ଆଣ୍ଠୁ ପର୍ଯ୍ୟନ୍ତ ପୋତି ହୋଇ ବସିବ ଓ ଖାଇସାରି ବୀରାସନରେ ଦଶ ପନ୍ଦର ମିନିଟ୍ ପ୍ରତ୍ୟହ ବସିଲେ ବାତ ବ୍ୟାଧି ଭଲ ହୋଇଯିବ ।"

ଜନ୍ମାନ୍ତରୀଣ ସଂସ୍କାର—

କଥା ପ୍ରସଙ୍ଗରେ ଜନ୍ମାନ୍ତରୀଣ ସଂସ୍କାର କଥା ଉଠିଲା । ଶ୍ରୀ ଶ୍ରୀ ଠାକୁର କହିଲେ—

"ଦେଖ, ଜନ୍ମାନ୍ତରୀଣ ସଂସ୍କାର ପୂର୍ବଜନ୍ମର ଫଳ । ଯଦି କୁହ, ପିତାମାତାଙ୍କ ଗୁଣ ଅନୁସାରେ ପୁତ୍ର-କନ୍ୟାଙ୍କର ପ୍ରକୃତି ଗଠିତ ହୁଏ, ତେବେ ଗୋଟିଏ ପିତାଙ୍କର ସବୁ ସନ୍ତାନ ତ ଏକା ପ୍ରକୃତିର ହୋଇଥାନ୍ତେ; ପୁଣି ଯଦି କହିବ ଯେ 'ସଂସର୍ଗଜାଃ ଦୋଷାଗୁଣାଃ ଭବନ୍ତି', ତେବେ ଏକା ସଂସ୍କାରରେ ଲାଳିତପାଳିତ ହୋଇ ଜଣେ ବି.ଏ. ପାସ୍ କରି ନାସ୍ତିକ ହେଲା, ଅନ୍ୟ ଜଣେ ସେହି ବି.ଏ. ପାଠ ପଢ଼ି ଈଶ୍ୱରତ୍ୱ ଲାଭ କଲା କିପରି ? ମୁଁ ଦିନେ ଗୋଟିଏ ନଦୀକୂଳରେ ବୁଲୁ ବୁଲୁ ଦେଖିଲି ଯେ, ଗୋଟିଏ କଚ୍ଛପ ତାହାର ସଦ୍ୟଜାତ ଶାବକମାନଙ୍କୁ ନେଇ ଜଳରେ ପଶିଲା । କଚ୍ଛପଶାବକମାନେ ପୂର୍ବରୁ କ'ଣ କେଉଁଦିନ ପାଣିରେ ପଶିବା ଜାଣିଥିଲେ ? ମନୁଷ୍ୟର କେତେକ ଗୁଣକର୍ମ ସଂସର୍ଗ ଦୋଷରୁ ହେଲେ ମଧ୍ୟ ପ୍ରଧାନତଃ ଗୁଣକର୍ମ ଜନ୍ମାନ୍ତରୀଣ କର୍ମର ଫଳ ।

ତା ପରେ ନାନା ପ୍ରସଙ୍ଗରେ ଆଲୋଚନା ଚାଲିଲା । ଶ୍ରୀ ଶ୍ରୀ ଠାକୁର କହିଲେ—

ବେଦାନ୍ତ ପାଠର ଫଳ—

ଅନଧିକାରୀଙ୍କର ବେଦାନ୍ତ ପାଠ କରିବା ଅନୁଚିତ । ମୋର ଜଣେ ଶିଷ୍ୟ ବେଦାନ୍ତ ପାଠ କରିଥିଲା । ବର୍ତ୍ତମାନ ସେ ବେଦାନ୍ତର ଜ୍ଞାନକାଣ୍ଡ ପାଠ କରି କହୁଛି ଯେ—ସଂସାର ଯଦି ମିଥ୍ୟା, ସବୁ ଯଦି ମିଥ୍ୟା, ତେବେ ଏ ଜୀବନ ରଖି ଲାଭ କ'ଣ ? ମୁଁ ଆତ୍ମହତ୍ୟା କରିବି । ଅନଧିକାର ଚର୍ଚ୍ଚାରେ ହାତ ଦେବାରୁ ଏପରି ହେଲା ସିନା !

ତା ପରେ ଶ୍ରୀ ଶ୍ରୀ ଠାକୁର ଜଣେ ସାଧୁଙ୍କ କଥା କହିବାକୁ ଆରମ୍ଭ କଲେ—

ଶ୍ରୀ ଶ୍ରୀ ଠାକୁର—''କେତେ ଦିନ ତଳେ ଜଣେ ସାଧୁ ଆସି ଅଳ୍ପ ଦିନ ମଧ୍ୟରେ ସାଧାରଣରେ ବେଶ୍ ପରିଚିତ ହୋଇଉଠିଲେ ଓ ନାନାପ୍ରକାର ଭୋଜବାଜି କରି ଅର୍ଥ ଉପାର୍ଜ୍ଜନ କରିବାକୁ ଆରମ୍ଭ କଲେ । ନିଜେ ଭୋଜବାଜୀ ବଳରେ ଗୋଟିଏ ଅଦିନ ଫଳ ପ୍ରସ୍ତୁତ କରି ଖାଆନ୍ତି । ଲୁହାକୁ ସୁନାରେ ପରିଣତ କରନ୍ତି । ଦିନେ କେତେ ଜଣ ଭଦ୍ରଲୋକ ସାଧୁଙ୍କ ସହ ଆଳାପ କରୁଛନ୍ତି, ଏପରି ସମୟରେ ସାଧୁ ଜଣକର ଦାଢ଼ିରୁ ଗୋଟିଏ ବାଳ ଓପାଡ଼ି ନେଇ ତାକୁ ହୀରା କରିଦେଲେ । ଏହା ଦେଖି ଉପସ୍ଥିତ ଜନତା ସାଧୁଙ୍କୁ ଧନ୍ୟବାଦ ଦେବାକୁ ଲାଗିଲେ । ଏହି କଥା ଦେଖି ଆସି ମୋର ଜଣେ ଶିଷ୍ୟ ମୋ ପାଖରେ ଆପତ୍ତି କଲେ ଯେ ଆପଣ ଯଦି ହୀରା ପ୍ରସ୍ତୁତ କରିପାରନ୍ତେ, ତେବେ ବହୁ ଲୋକଙ୍କର ଉପକାର ହୁଅନ୍ତା । ମୁଁ ହସି ହସି ଉତ୍ତର ଦେଲି—ଆଚ୍ଛା, କାଲି ସେ ସାଧୁଙ୍କୁ ଜିଦ୍‌ଧରି କହିବ, ଆମ ସମସ୍ତଙ୍କର ବାଳଗୁଡ଼ିକ ନେଇ ହୀରା କରିଦିଅ; ତେବେ ଯାଇ ରହସ୍ୟ ବୁଝିପାରିବ ।

ତତ୍ପର ଦିନ ଶିଷ୍ୟଟି ସାଧୁଙ୍କ ନିକଟକୁ ଯାଇ କହିଲା, 'ସାଧୁଜୀ, ଦେଖନ୍ତୁ କାଲି ଆମଠାରୁ ଗୋଟିଏ ବାଳ ନେଇ ହୀରା କରିଦେଲେ । ଆଜି ଆମେ ଦେଶର ଉପକାର ପାଇଁ ମସ୍ତକଯାକର ସବୁ ବାଳ ପ୍ରଦାନ କରୁଛୁ, ହୀରା କରିଦିଅନ୍ତୁ । ଏହା ଶୁଣି ସାଧୁ କହିଲେ ମୋ ଗୁରୁଙ୍କର ଆଦେଶ ନାହିଁ । ଶିଷ୍ୟ କହିଲା ଯଦି ଦେଶର ଉପକାର କରିବାକୁ ଯାଇ ଗୁରୁଙ୍କ ଆଦେଶ ଲଙ୍ଘନ କରନ୍ତି, ତେବେ କ୍ଷତି କ'ଣ ହେବ ? ସାଧୁ କହିଲେ—ନର୍କକୁ ଯିବାକୁ ହେବ । ଏହା ଶୁଣି ଶିଷ୍ୟ କହିଲା—ତୁମେ ସମ୍ଭବତଃ ରାମାନୁଜଙ୍କ କଥା ଶୁଣିଥିବ । ଦେଶର

ଲୋକଙ୍କ ଉପକାର ପାଇଁ ସେ ନର୍କକୁ ଯିବାକୁ ପ୍ରସ୍ତୁତ ଥିଲେ । ଗୁରୁ ତାଙ୍କୁ ମନ୍ତ୍ର ଦେଇ କହିଥିଲେ ଯେ, ତୁ ଯଦି ଏ ମନ୍ତ୍ର ଅନ୍ୟକୁ କହୁ, ଯେ ଶୁଣିବ ସେ ସ୍ୱର୍ଗକୁ ଯିବ, କିନ୍ତୁ ତୁ ନର୍କକୁ ଯିବୁ । ଏହା ଶୁଣି ରାମାନୁଜ ଦାଣ୍ଡରେ ନାଗରା ଦେଇ ମନ୍ତ୍ର ପ୍ରଚାର କଲେ । ଗୁରୁ କହିଲେ—କିରେ, ଏପରି କାହିଁକି କରୁଛୁ ? ରାମାନୁଜ କହିଲେ ଯଦି ମନ୍ତ୍ର ଶୁଣିଲେ ଏତେ ଲୋକ ସ୍ୱର୍ଗକୁ ଯିବେ, ତେବେ ମୁଁ ଜଣେ ନର୍କକୁ ଯିବାକୁ ପ୍ରସ୍ତୁତ ଅଛି । ସେହିପରି ଯେଉଁ କାମରେ ବହୁ ଲୋକଙ୍କର ଉପକାର ହେବ, ସେଥିପାଇଁ ନର୍କକୁ ଯିବାରେ ଆପଣଙ୍କର ଆପତ୍ତି କାହିଁକି ? ସାଧୁ ଶେଷରେ ପରଦିନ ଶିଷ୍ୟର ସମସ୍ତ ବାଳ ହୀରା କରିବାକୁ ଅଗତ୍ୟା ସ୍ୱୀକୃତ ହେଲେ । ମାତ୍ର ପରଦିନ ସାଧୁଙ୍କୁ ଆଉ କେହି ଦେଖିବାକୁ ପାଇଲେ ନାହିଁ ।

ତତ୍ପରେ ଶ୍ରୀ ଶ୍ରୀ ଠାକୁର ଗୋବିନ୍ଦକୁ ପରଦିନ ଦେଖାକରି କଥୋପକଥନ ହେବା ପାଇଁ କହି ଉଠିଗଲେ ।

୧୮-୩-୩୧—ସନ୍ଧ୍ୟା ଘ୫-୩୦

ଶ୍ରୀ ଶ୍ରୀ ଠାକୁର ଆସି ବାରଣ୍ଡାରେ ବସିଲେ । ଅନ୍ୟ ଜଣେ ଭକ୍ତଙ୍କୁ (ବଗୁଡ଼ାର ହରପ୍ରସାଦ ରାୟଙ୍କୁ) ଜପର କୌଶଳ ପ୍ରଦର୍ଶନ କରୁଥିଲେ । ଗୋବିନ୍ଦ ଓ ମୁଁ ଶ୍ରୀ ଶ୍ରୀ ଠାକୁରଙ୍କୁ ପ୍ରଣାମ କଲା ପରେ ଶ୍ରୀ ଶ୍ରୀ ଠାକୁର ''କ'ଣ କହିବାର ଅଛି, କହ'' ବୋଲି କହିଲେ ।

ଗୋବିନ୍ଦ—ମୁଁ କିପରି ଈଶ୍ୱରଙ୍କ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ କରି ସେହି ସତ୍ୟକୁ ଜଗତ ସମକ୍ଷରେ ପ୍ରକାଶ କରିବି ?

ଶ୍ରୀ ଶ୍ରୀ ଠାକୁର—ଦେଖ, ତୁମେ ଯାହା କହୁଛ, ତାର ଭାବ ଅତି ଉତ୍ତମ; କିନ୍ତୁ ଆମ ସମାଜର ବର୍ତ୍ତମାନ ଯେଉଁ ଅବସ୍ଥା ତା ଭିତରେ ରହି ପ୍ରକୃତ ପଥରେ ଚଳି ହେବ ନାହିଁ । ଯେତେବେଳେ ଭାରତରେ ହିନ୍ଦୁ ରାଜାମାନେ ଥିଲେ, ସେତେବେଳେ ସମସ୍ତେ ବାଧହୋଇ ବ୍ରହ୍ମଚର୍ଯ୍ୟ ନିୟମ ପାଳନ କରି ଗୁରୁଆଶ୍ରମରେ ରହୁଥିଲେ; ନ ହେଲେ ଧର୍ମଗୁରୁଙ୍କ ଦ୍ୱାରା ଦଣ୍ଡିତ ହେଉଥିଲେ । ଗୁରୁଙ୍କ ଆଶ୍ରମରେ ବ୍ରହ୍ମଚର୍ଯ୍ୟ ପାଳନ କରି ବେଦ-ଉପନିଷଦ ପାଠ ପରେ ଯାହାଙ୍କର ଭୋଗ ଇଚ୍ଛା ଜାଗ୍ରତ ହେଉଥିଲା, ସେ ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ପୁଣି ଯାହାଙ୍କର ସନ୍ନ୍ୟାସୀ ହେବାକୁ ଇଚ୍ଛା ହେଉଥିଲା, ସେ ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରି ଜୀବନଯାପନ କରୁଥିଲେ । ସେହି ପ୍ରଥାନୁଙ୍କରେ ବର୍ତ୍ତମାନ ବ୍ରାହ୍ମଣସନ୍ତାନମାନେ

କେବଳ ବାର ଦିନ ମାତ୍ର ଏ ନିୟମ ପାଳନ କରୁଛନ୍ତି ।

ବର୍ତ୍ତମାନ ହିନ୍ଦୁ ସମାଜ ସ୍ୱେଚ୍ଛାଚାରୀ; ଅନ୍ୟାନ୍ୟ ନାନା ଧର୍ମ ସଂସ୍ପର୍ଶରେ ଆସି ଲୋକମାନଙ୍କର ମନ ଛାରଖାର ହୋଇଯାଇଛି । ତେବେ ଏପରି ସମାଜରେ ରହି ପ୍ରକୃତ ପଥ କିପରି ବା ପାଇବ ? ତୁମର ଦୁଇଟି ବାଟ । ପ୍ରଥମ ହେଲା ଗୃହତ୍ୟାଗ, ଦ୍ୱିତୀୟ ହେଲା ସଂସାରାଶ୍ରମ ।

ଗୋବିନ୍ଦ—ମୋର ପିତା ଅଛନ୍ତି, ମୁଁ ଭାବୁଛି ପିତାମାତାଙ୍କ ମୃତ୍ୟୁ ପରେ ସଂସାର ତ୍ୟାଗ କରିବି ।

ଠାକୁର—ଏ ମଧ୍ୟମ ପନ୍ଥା । ଦେଖ, ଆମମାନଙ୍କ ପୂର୍ବପୁରୁଷମାନଙ୍କ ଜୀବନ ଚାରି ଭାଗରେ ବିଭକ୍ତ ଥିଲା—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଯତିବ୍ରତ । ବ୍ରହ୍ମଚର୍ଯ୍ୟାଶ୍ରମରେ ସଂସାରର ସମସ୍ତ ବିଷୟ ଆଲୋଚିତ ହେଉଥିଲା । ସେଥିମଧ୍ୟରୁ ଯାହାଙ୍କର ଇଚ୍ଛା ହେଉଥିଲା, ସେ ସନ୍ନ୍ୟାସ ଗ୍ରହଣ କରୁଥିଲେ; ଆଉ ଅନ୍ୟମାନେ ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ତା'ପରେ କ୍ରମେ ବାନପ୍ରସ୍ଥ ଓ ଶେଷରେ ଯତି ହୋଇ ଜୀବନର ପୂର୍ଣ୍ଣତା ଲାଭ କରୁଥିଲେ । ସେହି ହେତୁ ବ୍ରତ ପରେ ବ୍ରାହ୍ମଣସନ୍ତାନ ବାର ଦିନ ପର୍ଯ୍ୟନ୍ତ ନିୟମ ପାଳନ କରନ୍ତି । ତେବେ ବର୍ତ୍ତମାନ ଅବସ୍ଥାରେ ଯେତେଦୂର ସଂଯମୀ ହୋଇପାରିବ, ସେତେ ଭଲ । ମୋ ପ୍ରଦର୍ଶିତ ଆସନ ମୁଦ୍ରାଦି ଅଭ୍ୟାସ କଲେ ଚିତ୍ତ ସ୍ଥିର ହେବ ଓ ତାହା ତୁମ ଜୀବନରେ ବହୁତ ପ୍ରକାର ସହାୟକ ହେବ ।

ଗୋବିନ୍ଦ—ଠାକୁର ! ଆପଣଙ୍କର କୃପା ପାଇଲେ ମୁଁ ସବୁ କରିପାରିବି ।

ଠାକୁର—ଯଦି କୃପା ପାଇବାକୁ ଚାହଁ, ତେବେ ଗୁରୁଙ୍କୁ ସୁଖ ପାଅ । ଭଗବାନ ହୃଦୟରେ ଅଛନ୍ତି ବୋଲି ବିଶ୍ୱାସ କର । ଯଦି ମୋ ନିକଟକୁ ଆସିବାଦ୍ୱାରା ତୁମେ ମନରେ ବଳ ପାଉଛ, ତେବେ ତାହା ତ କୃପା ! ତା'ପରେ ଦେଖ, ଯେପରି ଗୋଟିଏ ବଡ଼ ଦୀପରୁ ଅନେକ ଛୋଟ ଛୋଟ ଦୀପ ଲାଗାଇ ଦିଆଯାଏ, ସେହିପରି ଦୀକ୍ଷାଦ୍ୱାରା ଗୁରୁଶକ୍ତି ଲାଭ କରିପାରିବ । ଆଜି ଏତିକି ଥାଉ, ପ୍ରତିଦିନ ଆସୁଥିବ—ମୋ କଥା ଶୁଣୁଥିବ । କେବଳ ବହି ପଢ଼ି କେହି ଜ୍ଞାନ ଲାଭ କରି ନାହାନ୍ତି । ସାଧନପଥରେ ଚଳ, ପ୍ରକୃତ ଜ୍ଞାନ ପାଇପାରିବ । ଶାସ୍ତ୍ରର ବଚନ ନିଜ ମନ ଭିତରୁ ଉଦ୍ଭବ ହେବ । ମୁଁ ତ କୌଣସି ବହି ପଢ଼ି ନଥିଲି ।

ହରପ୍ରସାଦ ଭାଇ—ଠାକୁର ! ଯଦି ଆପଣ କୌଣସି ବହି ପାଠ କରି ନାହାନ୍ତି, ତେବେ 'ଜ୍ଞାନୀଗୁରୁ' ଗ୍ରନ୍ଥରେ ଏତେ ପୁସ୍ତକ ଆଲୋଚନା କିପରି କଲେ ?

ଶ୍ରୀ ଶ୍ରୀ ଠାକୁର—ମୁଁ 'ଯୋଗୀଗୁରୁ' ସତରେ ଦିନରେ ଓ 'ଜ୍ଞାନୀଗୁରୁ' ପୁସ୍ତକ ଏକୋଇଶି ଦିନରେ ଲେଖିଛି । ଭାବିଲି, ହିନ୍ଦୁ-ଶାସ୍ତ୍ରରୁ ପ୍ରମାଣ ଦେଲେ ଭଲ ହୁଅନ୍ତା । ତେଣୁ ଦଣ୍ଡୀ ଅବସ୍ଥାରେ ଯେଉଁ କେତେଗୁଡ଼ିଏ ଶ୍ଳୋକ ସଂଗ୍ରହ କରିଥିଲି, ତାହାରି ପ୍ରମାଣ ଉଦ୍ଧୃତ କରିବା ପାଇଁ ଶାସ୍ତ୍ରପାଠ କଲି । ସେତେବେଳେ ମୋର ମନ ଏପରି ଥିଲା ଯେ, ମୁଁ ଲେଖୁଛି ବୋଲି ମନେ ହେଉ ନ ଥିଲା । ବର୍ତ୍ତମାନ ଆଶ୍ରମ ପ୍ରଭୃତି କରିବାରେ ମନ ଏପରି ବିକ୍ଷିପ୍ତ ହୋଇଯାଇଛି ଯେ, 'ଆର୍ଯ୍ୟଦର୍ପଣ'ରେ ଗୋଟିଏ ପ୍ରବନ୍ଧ ଦେବାକୁ ମନ ହେଉ ନାହିଁ । ମୁଁ ଯଦି ଆଶ୍ରମ, ମଠ କରି ନ ଥାନ୍ତି ତେବେ ଜଗତରେ ଆହୁରି ଅନେକ କାର୍ଯ୍ୟ କରି ଯାଇଥାଆନ୍ତି । ବର୍ତ୍ତମାନ ମୋତେ ଭାରତର ଲୋକେ ଚାହୁଁଛନ୍ତି । କିନ୍ତୁ ଆଉ ଲେଖାଲେଖି କରିବା ସୁଖ ଲାଗୁ ନାହିଁ । ଏହିପରି ଭାବି ଭାବି, ଦେଶର ଦାରୁଣ ଅବସ୍ଥା ଉପଲବ୍ଧି କରି ପ୍ରାଣର ଆବେଗରେ 'ସିଦ୍ଧିଯୋଗ' ନାମକ ଖଣ୍ଡିଏ ପୁସ୍ତକ ଲେଖୁଥିଲି । ସେଦିନ ଗୁରୁ ଆବିର୍ଭୂତ ହୋଇ କହିଲେ—''ତୁ ଏ ଲେଖା ବନ୍ଦ କରିଦେ । ତୁ ଯେଉଁ ଉଦ୍ଦେଶ୍ୟରେ ଏହା ଲେଖୁଛୁ, ଲୋକେ ତାହାର ବିପରୀତ ବୁଝିବେ । ବିଭୂତିରେ ମୁଗ୍ଧ ହୋଇ କୁକାର୍ଯ୍ୟ କରିବେ ।'' ସେହିଦିନଠାରୁ ମନ ଏତେଦୂର ଖରାପ ହେଲା ଯେ, ଆଉ ଲେଖାଲେଖି ଭଲ ଲାଗୁ ନାହିଁ । ଭାବୁଛି, ଆଉ ଭଗବାନଙ୍କର ଇଚ୍ଛା ନୁହେଁ । ଏହି 'ନିଗମସୂତ୍ର' ଖଣ୍ଡିକ ଲେଖୁଛି । ଏହାହିଁ ମୋର ଶେଷ ଲେଖା । ଏତିକି କହିବା ପରେ ଖଣ୍ଡିଏ ଖାତା ଦେଖାଇ କହିଲେ— ''ଏହି ପାଣ୍ଡୁଲିପିର ନାମ ନିଗମସୂତ୍ର । ଏହାହିଁ ମୋର ଶେଷ ଲେଖା । ଏହି ହସ୍ତଲେଖା ଖାତାଟିର ନାମ ଦେଇଛି 'ନିଗମସୂତ୍ର' । ଏହି ନାମର ଦୁଇଟି ଅର୍ଥ ଅଛି । ସଧାରଣତଃ ନିଗମସୂତ୍ରର ଅର୍ଥ—ନିଗମାର୍ଥ ନିଗୂଢ଼ସୂତ୍ର ବା ବେଦର ନିଗୂଢ଼ସୂତ୍ର । ପୁଣି ନିଗମସ୍ୟ ସୂତ୍ର ଅର୍ଥାତ୍ ନିଗମାନନ୍ଦ ସ୍ୱାମୀଙ୍କ ଲିଖିତ ସୂତ୍ର ।'' ଏହା କହି ପାଣ୍ଡୁଲିପି ଖାତାଟି ନିଜେ ଦେଖାଇ ତାହାର ତତ୍ତ୍ୱ ବୁଝାଇଲେ ଏବଂ ସେଗୁଡ଼ିକ ପ୍ରାଞ୍ଜଳ ଭାବରେ ଟିପି ନେବାକୁ କହିଲେ । ସେଦିନ ଉପସ୍ଥିତ ଥିଲେ ବଗୁଡ଼ାର ହରପ୍ରସାଦ ରାୟ, କାଲ୍‌ନାର ସଚ୍ଚିଦାନନ୍ଦ ସାହା, ଶ୍ରୀକୃଷ୍ଣ ଚୈତନ୍ୟ

ବ୍ରହ୍ମଚାରୀ, ଶ୍ରୀଯୁକ୍ତ ଠାକୁରଦାସ ବ୍ରହ୍ମଚାରୀ ପ୍ରଭୃତି । ଖାତାରେ ପ୍ରଥମରୁ ଲେଖା ଥିଲା—ସୁଖଂବାଞ୍ଛତି ସର୍ବୋହି, ତଚ୍ଚ ଧର୍ମସମୁଦ୍ଭବମ୍—ଇତ୍ୟାଦି । ସେହି ଖାତାରେ ଛକ ଦିଆ ଦୁଇଟି ରଙ୍ଗୀନ୍ ଚିତ୍ର ଥିଲା । ସେଥିରେ ଥିଲା—ବିଶ୍ୱବ୍ରହ୍ମାଣ୍ଡର ଚତୁର୍ବିଂଶତି ତତ୍ତ୍ୱ । ସମଷ୍ଟି ବ୍ରହ୍ମାଣ୍ଡ ଓ ଗୋଲକ ପ୍ରଭୃତିର ଚିତ୍ର ଦେଖାଇ ଶେଷରେ ଇଷ୍ଟଦେବତାଙ୍କ ସହିତ ଗୁରୁଙ୍କର କିଭଳି ଅଭିନ୍ନତା ଅଛି, ଅଙ୍କିତ ଚିତ୍ର ସାହାଯ୍ୟରେ ତାହା ବୁଝାଇଥିଲେ ଏବଂ ସେହି ବିଶ୍ୱବ୍ରହ୍ମାଣ୍ଡର ଅନୁଭୂତି କିଭଳି ପିଣ୍ଡ ସାହାଯ୍ୟରେ ହୋଇପାରିବ, ପ୍ରତ୍ୟେକ ଚକ୍ର ସହିତ ବ୍ରହ୍ମାଣ୍ଡସ୍ଥ ସପ୍ତଲୋକର କିଭଳି ସାମଞ୍ଜସ୍ୟ ଅଛି, ସ୍ୱରଚିତ ଚିତ୍ର ସାହାଯ୍ୟରେ ବୁଝାଇ ଶେଷକୁ କହିଲେ—''ବର୍ତ୍ତମାନ ଅସ୍ପଷ୍ଟ ଭାବରେ ବୁଝୁଥିଲେ ମଧ୍ୟ ଦିନେ ଗୁରୁକୃପାରୁ ତୁମେମାନେ ଏହି ତତ୍ତ୍ୱ ସହଜରେ ହୃଦୟଙ୍ଗମ କରିପାରିବ । ତତ୍ପରେ ବ୍ରହ୍ମଚାରୀ କୃଷ୍ଣଚୈତନ୍ୟ ଉକ୍ତ ଖାତାରୁ ଚିତ୍ର ଦୁଇଟି କପି କରି ଗୋଟିଏ କପି ନିଜେ ରଖି ଅବଶିଷ୍ଟ ଗୋଟିକ ନୀଳାଚଳ କୁଟୀରରେ ରଖିଥିଲେ । ଶ୍ରୀଯୁକ୍ତ ଠାକୁରଦାସ ବ୍ରହ୍ମଚାରୀ ଓ ବଡ଼ ମା'ଙ୍କ ସୌଜନ୍ୟରୁ ମୁଁ ତାହା ପ୍ରାପ୍ତ ହୋଇଥିଲି । ତାହାର ରେଖାଚିତ୍ର ଏଥି ସହ ସଂଲଗ୍ନ କରାଯାଇଛି । ଚିତ୍ର ସମ୍ବନ୍ଧରେ ମନ୍ତବ୍ୟ ଦେଇ ଶ୍ରୀ ଶ୍ରୀ ଠାକୁର କହିଲେ—''ମୁଁ ଥରକୁ ଥର ଚିତ୍ର ଅଙ୍କନ କରି ଧ୍ୟାନରେ ଦେଖେଁ ତ ସେପରି ନୁହେଁ । ତେଣୁ ନଷ୍ଟ କରିଦିଏ । ଏହି ଭାବରେ ଧ୍ୟାନସ୍ଥ ହୋଇ ଓ କଠୋର ପରିଶ୍ରମ କରି ଏ ଚିତ୍ର ଦୁଇଟି ଅଙ୍କନ କରିଛି । ଏହି ଚିତ୍ର ଦୁଇଟିକୁ ମୁଁ ଏକ ବର୍ଷ ଧ୍ୟାନ କରି ବହୁ ପରିଶ୍ରମରେ ଅଙ୍କନ କରିଛି । ସେ ଚିତ୍ରର ରଙ୍ଗୀନ ଛାପା ଚିତ୍ର ପରେ ହେବ ।'' ସେ ଚିତ୍ର ସାହାଯ୍ୟରେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସାଧନାର ଗତି ସମ୍ବନ୍ଧରେ ବୁଝାଇବାକୁ ଯାଇ କହିଲେ—''ଖ୍ରୀଷ୍ଟାନ୍‌ମାନଙ୍କର ମାଧୁର୍ଯ୍ୟ ଭାବର ସାଧନା ହେଲେ ମଧ୍ୟ ବୈଷ୍ଣବଶାସ୍ତ୍ରର କୃଷ୍ଣ ପ୍ରେମଠାରୁ ତାହା ନିମ୍ନରେ ବୋଲି ଜାଣିବ ।'' ପୁଣି ନିତ୍ୟଲୋକର ଚିତ୍ର ଦେଖାଇ କହିଲେ—''ଏହି ଯୁଗଳମୂର୍ତ୍ତି ଏଭଳି ଭାବରେ ଅଙ୍କିତ ଯେ ଗୁରୁଭକ୍ତ ଦେଖିବେ ଗୁରୁ ଓ ଗୁରୁଶକ୍ତି, କୃଷ୍ଣଭକ୍ତ ଦେଖିବେ ରାଧାକୃଷ୍ଣ ଓ ଶିବଭକ୍ତ ଶିବଶକ୍ତି ରୂପରେ ଦେଖିପାରିବେ ।

(ଏହା କହି ନିଗମସୂତ୍ରର ପାଣ୍ଡୁଲିପି ଦେଖାଇ ବୁଝାଇଲେ ଓ ଟିପି ନେବାକୁ କହିଲେ ।)

''ଏହି 'ନିଗମସୂତ୍ର' ନାମର ଦୁଇଟି ଅର୍ଥ । ସାଧାରଣ ବୁଝିଲେ ନିଗୂଢ଼ସୂତ୍ର, ଆଉ ନିଗମସ୍ୟ ସୂତ୍ର । ଏଥିରେ ହିରଣ୍ୟଗର୍ଭ, ବିରାଟମୂର୍ତ୍ତି, ଅଷ୍ଟକୋଟି ବ୍ରହ୍ମାଣ୍ଡ, ନିତ୍ୟଲୋକର ନିତ୍ୟମୂର୍ତ୍ତି, ଭୂ, ଭୂବ, ସ୍ୱ ପ୍ରଭୃତିର ଚିତ୍ର; ମନୁଷ୍ୟର କ୍ରମମୁକ୍ତିପଥର ଚିତ୍ର ଓ ଏ ସବୁ ମନୁଷ୍ୟ ଦେହରେ କିପରି ଅଛି ତାହା ବର୍ଣ୍ଣିତ ହୋଇଅଛି । ମୁଁ ଧ୍ୟାନରେ ତତ୍ତ୍ୱ ହିସାବରେ ପ୍ରତ୍ୟକ୍ଷ କରି ଏ ଚିତ୍ର ଅଙ୍କନ କରିଛି । ଏଥିରେ ମୁସଲମାନ, ଖ୍ରୀଷ୍ଟିଆନମାନଙ୍କର ଗତି ବିଷୟ ମଧ୍ୟ ବର୍ଣ୍ଣିତ ହୋଇଅଛି ।

''ମୋର ଭାଷା ବୁଝିପାରୁ ନଥିବା ଲୋକେ ମଧ୍ୟ ମୋତେ ଏତେଦୂର ସୁଖ ପାଆନ୍ତି ଯେ, ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇଯାଏ । 'ଯୋଗୀଗୁରୁ' ହିନ୍ଦୀରେ ବାହାରିବାଦିନୁ କରାଚୀ, କୁରୁକ୍ଷେତ୍ର ପ୍ରଭୃତି ସ୍ଥାନରୁ ଭକ୍ତ ଆସୁଛନ୍ତି । ଜଣକୁ ଦେଖିଲି, ସେ ବଙ୍ଗଭାଷା ବୁଝେ ନାହିଁ କି ପଢ଼ିପାରେ ନାହିଁ; ଅଥଚ ମୋର ବଙ୍ଗଳା ବହିସବୁ କିଣିଛି । ପ୍ରତିଦିନ ବହିଗୁଡ଼ିକ ସାଥିରେ ରଖିଥାଏ, ଶୋଇବାବେଳେ ଛାତି ଉପରେ ରଖି ଶୁଏ । ତାକୁ ଏ ବିଷୟର କାରଣ ପଚାରିବାରେ ସେ କହିଲା—ଏସବୁ ଆପଣଙ୍କ ବହି । ଏଥିଯୋଗୁ ଏତେଦୂର ଶ୍ରଦ୍ଧା କରେ ।

''ମେଦିନୀପୁରର କେତେ ଜଣ ଓକିଲ ଓ ଭଦ୍ରବ୍ୟକ୍ତି ମିଳି ଗୋଟିଏ ସଭା କରି ମୋତେ ଡକାଇଥିଲେ । ମୁଁ ସେଠାକୁ ଯାଇ ଦେଖେ ତ ପ୍ରାୟ ଚାରି ପାଞ୍ଚ ହଜାର ଲୋକ ଉପସ୍ଥିତ ହୋଇ ମୋ ଆଗମନକୁ ପ୍ରତୀକ୍ଷା କରିଛନ୍ତି । ମୁଁ ବସିବା ପରେ ଜଣେ ଓକିଲ ସମାଗତ ଜନମଣ୍ଡଳୀକୁ ଲକ୍ଷ୍ୟ କରି କହିଲେ, ଆଜି ତୁମେମାନେ ଯେଉଁ ଠାକୁରଙ୍କୁ ଦେଖିବାକୁ ଏଠାରେ ଏକତ୍ର ହୋଇଅଛ, ତାଙ୍କର ମୂର୍ତ୍ତିମାନ୍ ବିଗ୍ରହ ସମ୍ମୁଖରେ ଦଣ୍ଡାୟମାନ । ଯେଉଁମାନଙ୍କର କିଛି ନେବାର ଅଛି, ଏହାଙ୍କଠାରୁ ନିଅ ।

''ମୁଁ କହିଲି—ମୁଁ ଏଠାକୁ ଆସିବି ବୋଲି କାହାକୁ କହିନାହିଁ । କେବଳ ଜଣେ ସାଧୁଙ୍କ ନାମ ଶୁଣି ତୁମେମାନେ ଯେ ଏତେ ଦୂରରୁ ଆସିଛ, ସେହି ହେତୁରୁ ମୁଁ ତୁମମାନଙ୍କୁ ଅଭିନନ୍ଦନ କରୁଛି । ମୁଁ ଯାହା ହୁଏ ପଛକେ ତୁମର ଜଣେ ସାଧୁ ପ୍ରତି ଏତେ ସମ୍ମାନ ଦେଖି ମୁଁ ବିଶେଷ ଆନନ୍ଦିତ ହେଉଅଛି । ତୁମେମାନେ କ'ଣ ମାଗିବାକୁ ହୁଏ ଜାଣ ନାହିଁ । ତୁମର ଶିକ୍ଷିତ ଓକିଲ ଭାଇମାନଙ୍କଠାରୁ ବୁଝିନିଅ—ସାଧୁଙ୍କୁ କ'ଣ ମାଗିବାକୁ ହେବ । ତାପରେ ପ୍ରାର୍ଥନା କରିବ ।

"ଏହାପରେ ମେଦିନୀପୁରର ଓଡ଼ିଆଘରର ସ୍ତ୍ରୀଲୋକମାନେ ମୋତେ ଦେଖି କ'ଣ ମନେକରି ଏତେ କାନ୍ଦିଲେ ଯେ ମୁଁ ମଧ୍ୟ ଅବାକ୍ ହୋଇଗଲି । ମୁଁ ସାଧୁବେଶ ସାଜି ନାହିଁ କିମ୍ବା ସାଧୁର ଆଚାର ବ୍ୟବହାରରେ ଚଳେ ନାହିଁ, ତଥାପି ଏତେ ଲୋକସମାଗମ ! ମୁଁ ଭାବିଥିଲି, କେବଳ ଶିକ୍ଷିତ ଜ୍ଞାନୀମାନେ ମୋତେ ସୁଖ ପାଆନ୍ତି; ମାତ୍ର ଅଶିକ୍ଷିତ ପାଷଣ୍ଡମାନେ ମୋତେ ସୁଖ ପାଇବା ଦେଖି ଭାବୁଛି, ମୁଁ ଯଦି ଆଶ୍ରମ, ମଠ କରି ନ ଥାନ୍ତି, ତେବେ ଜଗତରେ ଆହୁରି ଅନେକ କାର୍ଯ୍ୟ କରିଦେଇ ଯାଇପାରିଥାନ୍ତି ।" ସେହିଥର ଦୁଇ ଶହ ଲୋକ ସେଠାରେ ଦୀକ୍ଷା ନେଲେ ।

୧୯-୩-୩୧

ଆଜି ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ କରିଥିଲୁ ଓ ବିବିଧ ଉପଦେଶ ଶ୍ରବଣ କରିଥିଲୁ-କିନ୍ତୁ ଏହା ସବୁ ଲିପିବଦ୍ଧ ହୋଇପାରି ନାହିଁ ।

୨୦-୩-୩୧

ଆଜି ମୋର ପିଉସୀ ସୂର୍ଯ୍ୟମଣି ଦେବୀ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଥମ ଥର ପାଇଁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ ଓ ତାଙ୍କର ଦୀକ୍ଷା ପାଇଁ ଦିନ ସ୍ଥିର ହୋଇଥିଲା ।

୨୧-୩-୩୧ ସନ୍ଧ୍ୟା ଘ ୫।୩୦ରୁ ଘ ୭।୩୦

ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ପରେ ସେ ତାଙ୍କ ସାଧନ ଜୀବନ ଓ ସିଦ୍ଧିଲାଭ ସମ୍ବନ୍ଧରେ ଏବଂ ନାନା ପ୍ରସଙ୍ଗରେ ଆଲୋଚନା କରିଥିଲେ ।

ଧର୍ମର ସାର୍ବଭୌମିକତା—

ଶ୍ରୀଶ୍ରୀ ଠାକୁର—ଦେଖ, ଶାସ୍ତ୍ରଗୁଡ଼ିକ ପରସ୍ପର ଭିନ୍ନ ଭିନ୍ନ । ସେଥିରୁ ଧର୍ମତତ୍ତ୍ୱ ବାହାର କରିବା ବଡ଼ କଠିନ । ସାଂଖ୍ୟ ଯାହା କହନ୍ତି ବେଦାନ୍ତ ତାହାର ବିପରୀତ କହନ୍ତି । ତେବେ ଏତିକି ଦେଖିବା ଦରକାର—କିଏ କେଉଁଠାରେ ଦଣ୍ଡାୟମାନ ହୋଇ କେଉଁ ଲକ୍ଷ୍ୟରେ କହୁଛନ୍ତି । ପର୍ବତର ମୂଳଦେଶ ଖୁବ୍ ବିସ୍ତୃତ । ପର୍ବତ ଉପରୁ ନାନା ଦିଗରୁ ନାନା ପଥ ଯାଇଛି । ଯେ ମୂଳରୁ ଉପରକୁ ଉଠୁଛନ୍ତି ସେ ଅନ୍ୟ ଲୋକଙ୍କୁ ଦେଖିପାରୁ ନାହାନ୍ତି । ସେହି କାରଣରୁ

ସେ ତାଙ୍କର ନିଜ ପଥକୁ ଏକମାତ୍ର ପଥ ବୋଲି ଭାବୁଛନ୍ତି । କିନ୍ତୁ ସେ ଯେତେ ଯେତେ ଉପରକୁ ଉଠୁଥିବେ, ସେତେ ଅଧିକ ପଥରେ ଲୋକଙ୍କୁ ପର୍ବତ ଉପରକୁ ଉଠୁଥିବାର ଦେଖି ପାରୁଥିବେ । ଶେଷରେ ପର୍ବତ ଉପରିସ୍ଥ ଚୂଡ଼ାରେ ସମସ୍ତେ ଏକତ୍ର ହେଲାବେଳେ ଦେଖିବେ "ଏକମେବାଦ୍ୱିତୀୟମ" ।

ଏହା ପରେ ଶ୍ରୀଶ୍ରୀ ଠାକୁର ସଚ୍ଚିଦାନନ୍ଦଙ୍କ ଆଶ୍ରମ କଥା କହିଲେ—

"ମୁଁ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ଆଶ୍ରମରେ ଥିବାବେଳେ ମୋତେ ଘାସ କାଟିବାକୁ ଆଦେଶ ହେଲା । ସେ ଘାସରେ ଏକପ୍ରକାର ଛୋଟ ଛୋଟ ଜୋକ ଥାଆନ୍ତି । ମୁଁ ଜୋକ ଦେଖିଲେ ବଡ଼ ଭୟ ପାଉଥିଲି । ଦିନେ ଭାବିଲି, ମୋର ଏହି ସାମାନ୍ୟ ଜୀବକୁ ଏତେ ଭୟ କାହିଁକି ? ଏହା କହି ଗୋଟିଏ ଜୋକ ଆଣି ଦେହରେ ଲଗାଇ ବସିରହିଲି । ସେହି ଦିନଠାରୁ ମୋର ଜୋକଭୟ ଦୂର ହେଲା । କିନ୍ତୁ ଯେଉଁଦିନ ଜୋକ ଭୟ ଦୂର ହେଲା, ସେହି ଦିନଠାରୁ ଗୁରୁ ମଧ୍ୟ ମୋର ଘାସ କାଟିବା ବନ୍ଦ କରାଇଦେଲେ ।

"ସଚ୍ଚିଦାନନ୍ଦ ଧୁନି ଜାଳନ୍ତି; କିନ୍ତୁ ମୋର ଏସବୁ ଦେଖି ତାଙ୍କ ଉପରେ ମନେ ମନେ ରାଗ ହୁଏ । କହେଁ, ଏସବୁ କରି ଲାଭ କ'ଣ ? ପ୍ରତିଥର ଧୁନି କାଠ ସଜାଡ଼ିବାବେଳେ କାଠ ଉପରେ ଡେଇଁପଡ଼େ; ସେ ମନା କଲେ ମଧ୍ୟ ମାନେ ନାହିଁ । ଦିନେ କାଠକୁ ଡେଇଁପଡ଼ିବା ବେଳେ ସେ ତାଙ୍କର ସାତ ସେର ଓଜନର ଚିମୁଟାରେ ମୋ ଗୋଡ଼କୁ ଫୋଡ଼ିଦେଲେ । ଏହିପରି ନାନା କଷ୍ଟରେ ପଡ଼ି ଏକୁଟିଆ ହୋଇ ବସି କାନ୍ଦେ । ସେତେବେଳେ ମୋର ଗୁରୁଭ୍ରାତା ବ୍ରହ୍ମାନନ୍ଦ ମୋତେ ସାନ୍ତ୍ୱନା ଦେଇ କହନ୍ତି—'ଭାଇ ! କାନ୍ଦ ନାହିଁ । ଯେତେବେଳେ ଘର ଛାଡ଼ି ଆସିଛ, ସେତେବେଳେ ନିଜକୁ ମୃତ ମନେ କରିବାକୁ ହେବ । ଭୟ କର ନାହିଁ । ଏସବୁ ତୁମ ପରୀକ୍ଷା ଲାଗି ।'

ଥଟ୍ଟା ପରିହାସ—

"ସଚ୍ଚିଦାନନ୍ଦ ଏତେ ବଡ଼ ଜ୍ଞାନୀ ହୋଇ ସୁଦ୍ଧା ତାଙ୍କର ଏତେ ନିୟମ-ସଂଯମ, ଧୁନି, ଲମ୍ୱା ଲମ୍ୱା ଜଟା ମୋତେ ସୁଖକର ବୋଧ ହୁଏ ନାହିଁ । ଟିକିଏ କାମ ଖରାପ ହେଲେ ସେ ଅସଭ୍ୟ ଭାଷାରେ ଗାଳି ଦିଅନ୍ତି । ଦିନେ କହିଲେ—'ଶଳା, ମୋ ଆଶ୍ରମରୁ ବର୍ତ୍ତମାନ ବାହାରିଯାଅ ।' ଏହା ଶୁଣି ମୁଁ କହିଲି—'ଠାକୁର ! ଆମ ବଙ୍ଗଦେଶରେ ଯଦି କାହାକୁ ଶଳା ବୋଲି କହିବ, ତେବେ

କେହି ଆଉ ଗୁରୁ-ଶିଷ୍ୟ ସମ୍ପର୍କ ରଖିବେ ନାହିଁ ।' ଏହା ଶୁଣି ସେ ରାଗିଯାଇ— 'ଶାଳା, ମଛଲିଖୋର; ବାଙ୍ଗାଲୀ' ଇତ୍ୟାଦି କହି ଗାଳି ଦେବାକୁ ଲାଗିଲେ । ମୁଁ ସଙ୍ଗେ ସଙ୍ଗେ କହିଲି—'ଛତୁଖୋର ହିନ୍ଦୁସ୍ଥାନୀ' ଏହିପରି କହିବାରୁ ସେ ହସି ହସି କହିଲେ—'ଆରେ, ତୋତେ ଯୁକ୍ତିରେ କେହି ପାରିବେ ନାହିଁ ।'

''ଏହିପରି ଭାବରେ ତିନି ବରଷ କଟିଯିବା ପରେ ମୋର ଜ୍ଞାନ ସିଦ୍ଧି ହେଲା; କିନ୍ତୁ ଦାରୁଣ ପିପାସା ମେଣ୍ଟିଲା ନାହିଁ । ତେଣୁ ସଚ୍ଚିଦାନନ୍ଦଙ୍କଠାରୁ ଅନୁମତି ନେଇ ଦଣ୍ଡୀ ଅବସ୍ଥାରେ ବାହାରିଲି । ଗଲାବେଳେ ସେ କହିଲେ—'ତୁ ଯୋଗସିଦ୍ଧି ପରେ ମୋ ସହିତ ସାକ୍ଷତା କରିବୁ ।' ଯୋଗସିଦ୍ଧି ପରେ ମୁଁ କାଶୀ ଜୟ କରିବାକୁ ବାହାରିଲି । ଯୁକ୍ତିବଳରେ ଅନେକ ପଣ୍ଡିତଙ୍କୁ ପରାସ୍ତ କଲି । ଦିନେ ଜଣେ ପଣ୍ଡିତ ଶିବଲିଙ୍ଗ ଅର୍ଚ୍ଚନା କରୁଥିଲେ । ସେ ଫୁଲ ଚନ୍ଦନ ଦେଇ ଶୁଦ୍ଧଭାବରେ ପୂଜା କରୁଛନ୍ତି, ଏପରି ସମୟରେ ମୁଁ ଯାଇ ଶିବଲିଙ୍ଗକୁ କୁଣ୍ଢାଇ ପକାଇଲି । ସେ ରାଗରେ ଅସ୍ଥିର ହୋଇ କହିଲେ—'ଶିବଲିଙ୍ଗକୁ ମାରା କରିଦେଲୁ ?' ଏହା ଶୁଣି ମୁଁ କହିଲି—'ଯେଉଁ ଶିବଲିଙ୍ଗକୁ ଛୁଇଁଲେ ଶତ ଶତ ପାପୀ ପବିତ୍ର ହେଉଛନ୍ତି, ସେହି ଶିବଲିଙ୍ଗ ପୁଣି ଅପବିତ୍ର ହେବ, ଏହା ତ ଶୁଣି ନ ଥିଲି, କେବଳ କାଶୀରେ ଦେଖୁଛି ।' ପଣ୍ଡିତ ଜଣକ କହିଲେ—'ଆପଣ କ'ଣ ପରମହଂସ ?' ମୁଁ କହିଲି—'ହଁ, ତା ନ ହୋଇଥିଲେ କ'ଣ ଏପରି କରନ୍ତି ?' ତା' ପରେ ସେ ମୋ ନିକଟରେ କ୍ଷମା ପ୍ରାର୍ଥନା କଲେ ।

''ଯୋଗସିଦ୍ଧି ପରେ ନାନା ସ୍ଥାନ ଭ୍ରମଣ କରୁଥିବାବେଳେ ଶୁଣିଲି ଯେ କୁମ୍ଭମେଳାକୁ ମୋର ଗୁରୁ ସଚ୍ଚିଦାନନ୍ଦ ସ୍ୱାମୀ ଆସିଛନ୍ତି । ମୁଁ ଯାଇ ଦେଖିଲି ଯେ, ପ୍ରକାଣ୍ଡ ସିଂହାସନରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବିଜେ କରିଛନ୍ତି ଓ ପ୍ରାୟ ଶତାଧିକ ସାଧୁ ସିଂହାସନ ତଳେ ବସିଛନ୍ତି । ମୁଁ ପ୍ରଥମେ ମୋ ଗୁରୁଦେବଙ୍କୁ ପ୍ରଣାମ କରି ପରେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରଣାମ କଲି । ଏହା ଦେଖି ସମଗ୍ର ସାଧୁମଣ୍ଡଳୀ ରାଗରେ ବାଦାନୁବାଦ କରିବାକୁ ଲାଗିଲେ । ତହୁଁ ମୁଁ କହିଲି—

ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀ ଗୁରବେ ନମଃ ।

ମୋର ଗୁରୁ ହିଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ । ନିଜ ଗୁରୁ ସବୁଠାରୁ ବଡ଼ । ଯଦି ମୁଁ ମୋ ଗୁରୁଙ୍କଠାରୁ ଆଉ କାହାକୁ ବଡ଼ ବୋଲି ସ୍ୱୀକାର କରିବି, ତେବେ

ତାଙ୍କଠାରୁ ପୁଣି ଆଉ କିଏ ବଡ଼ ଅଛନ୍ତି, ଏହା ମଧ୍ୟ ସ୍ୱୀକାର କରିବାକୁ ହେବ । ଏହିପରି ଅନବସ୍ଥା ଦୋଷ ଘଟି ଅଦ୍ୱୈତବାଦ ନଷ୍ଟ ହୋଇଯିବ ।

ଏଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସନ୍ତୁଷ୍ଟ ହୋଇ ପଚାରିଲେ—''ଆଚ୍ଛା, ତୁ ଭାରତର କେଉଁ କେଉଁ ସ୍ଥାନ ଦେଖିଛୁ ?'

ମୁଁ କହିଲି—ଭାରତର ସମସ୍ତ ସ୍ଥାନ ଭ୍ରମଣ କରିଛି ।

ମହନ୍ତ ପଚାରିଲେ—''ଆଚ୍ଛା, ଏହି କୁମ୍ଭମେଳା ପରି ଆଉ ଗୋଟିଏ ସ୍ଥାନ ଅନ୍ୟତ୍ର କେଉଁଠାରେ ଦେଖିଛୁ କି ?'' ମୁଁ କହିଲି—''ହଁ, ସମାଧି ସମୟରେ ନିଜ ଦେହରେ ଏହିପରି ଆଉ ଗୋଟିଏ ସ୍ଥାନ ଥିବାର ପ୍ରତ୍ୟକ୍ଷ କରିଛି ।'' ଜଗଦ୍‌ଗୁରୁ ପୁନରାୟ ପଚାରିଲେ—''ଶାସ୍ତ୍ରରେ ଅଛି ଯେ, ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀ ବସିଛନ୍ତି । ଏ ବିଷୟରେ ତୋର ମତ କ'ଣ ?'' ମୁଁ କହିଲି—''ନା । ଗୋଟିଏ ଗଛରେ ଗୋଟିଏ ମାତ୍ର ପକ୍ଷୀ ଅଛି; କିନ୍ତୁ ଆମକୁ ସେହିପରି ଦେଖାଯାଉଛି । ତଳେ ପାଣିକୁଣ୍ଡରେ ଉପର ପକ୍ଷୀଟିର ଛାଇପଡ଼ିବାରୁ ତଳ ପାଣିକୁଣ୍ଡର ପ୍ରତିବିମ୍ବ ପକ୍ଷୀଟି ହଲଚଲ ହେଉଛି । ଯେଉଁମାନଙ୍କର ଊର୍ଦ୍ଧ୍ୱଦୃଷ୍ଟି ନାହିଁ, ସେମାନେ ତଳ ପକ୍ଷୀଟିକୁ ପ୍ରକୃତ ପକ୍ଷୀ ବୋଲି ମନେ କରନ୍ତି । କିନ୍ତୁ ଯେତେବେଳେ ଊର୍ଦ୍ଧ୍ୱକୁ ଦୃଷ୍ଟି ହେବ, ସେତେବେଳେ ଜାଣିବ ଯେ, ବୃକ୍ଷରେ ଗୋଟିଏ ମାତ୍ର ପକ୍ଷୀ ।'' ଏହା ଶୁଣି ଶଙ୍କରାଚାର୍ଯ୍ୟ ଖୁସି ହୋଇ ମୋତେ ପରମହଂସ ଉପାଧି ଦେବାକୁ ଗୁରୁଙ୍କୁ ଆଦେଶ ଦେଲେ । ତା ପରେ କାଶୀ ବାହାରିଲି । ଦେଖିଲି ସେଠାରେ ଦୁର୍ଭିକ୍ଷ । ଜଣେ ପଣ୍ଡିତଙ୍କୁ ପଚାରିଲି, କାଶୀରେ ପରା କେହି ଅଭୁକ୍ତ ରହନ୍ତି ନାହିଁ ? ସେ କହିଲେ—ଆଗନ୍ତୁକ କେହି ଅଭୁକ୍ତ ରହନ୍ତି ନାହିଁ । ମୁଁ ବିଚାରିଲି—ଆଚ୍ଛା ବେଶ୍, ମୁଁ ତ ଆଗନ୍ତୁକ; ଦେଖିବି, ଅନ୍ନପୂର୍ଣ୍ଣା କିପରି ମୋତେ ଖାଇବାକୁ ଦେବେ ? ଏହା ଭାବି ଦଶାଶ୍ୱମେଧ ଘାଟରେ ଗୋଟିଏ ନିର୍ଜ୍ଜନ ସ୍ଥାନରେ ବସିରହିଲି । ପ୍ରାୟ ଦିନ ଶେଷ ହେବାବେଳକୁ ଗୋଟିଏ ବୃଦ୍ଧା ହାତରେ ପୁଡ଼ାଟିଏ ଧରି ମୋ ପାଖରେ ତାହା ଥୋଇଦେଇ କହିଲେ—ବାବା, ମୁଁ ଗାଧୋଇ ଆସିବାଯାଏ ଏ ପୁଡ଼ାଟି ତୁମ ପାଖରେ ଥାଉ, ଫେରିଲେ ମୁଁ ନେବି । ବୃଦ୍ଧାଙ୍କୁ ଗାଧୋଇ ସାରିବା ପର୍ଯ୍ୟନ୍ତ ମୁଁ ଲକ୍ଷ୍ୟ ରଖିଥାଏ । ଏତିକିବେଳେ ମୁଁ ସମାଧିସ୍ଥ ହୋଇଗଲି । ପରେ ଧ୍ୟାନ ଭାଙ୍ଗିବାରୁ ଦେଖିଲି, ରାତ୍ରି ଅନ୍ଧକାର ହୋଇଗଲାଣି । ବୁଢ଼ୀଙ୍କ ପୁଟୁଳାଟି ଥୁଆ ହୋଇଛି । ଦିନସାରା ଅଭୁକ୍ତ ଥିବାରୁ

ପ୍ରଚଣ୍ଡ ଭୋକରେ ବୃଦ୍ଧାଙ୍କ ପୁଡ଼ାଟିରେ କ'ଣ ଅଛି ଫିଟାଇ ଦେଖେ ତ ସେଥିରେ ବର୍ଦ୍ଧମାନର ସୀତାଭୋଗ ଅଛି । ଭାବିଲି, ଏହା ଅନ୍ନପୂର୍ଣ୍ଣା ମୋତେ ଦେଇଗଲେ; ମାତ୍ର ଖାଅ ବୋଲି ତ କହି ନାହାନ୍ତି ! ଯାହାହେଉ, ଉଦରଜ୍ୱାଳା ନିବୃତ୍ତି କରିବା ଉଦ୍ଦେଶ୍ୟରେ ସୀତାଭୋଗତକ ଉଦରସ୍ଥ କରି ଉଠିପଡ଼ିଲି । ମାତ୍ର ଏତେ ରାତ୍ରିରେ ବସାକୁ ଯାଇ ନ ପାରି ଗୋଟିଏ ଚେମେଣିଆମଳପୂର୍ଣ୍ଣ ଦୁର୍ଗନ୍ଧ ଭଙ୍ଗା ଘରେ ଶୋଇଲି । ରାତ୍ରିରେ ସ୍ୱପ୍ନରେ ଦେଖିଲି—ସେହି ବୃଦ୍ଧା କହୁଛନ୍ତି, କିରେ, ସୀତାଭୋଗ ଖାଇଲୁ ! ମୁଁ ତୋତେ କେତୋଟି କଥା କହିବି । ଦେଖ, ଭଗବାନ ଅଖଣ୍ଡ ମଣ୍ଡଳାକାର । ତାଙ୍କ ପକ୍ଷରେ ଗୋଟିଏ ନାରୀମୂର୍ତ୍ତି ଧାରଣ କରିବା ତୋତେ ଏତେ ଅସମ୍ଭବ ବୋଧହେଉଛି କାହିଁକି ? ମୁଁ ଏହା ଶୁଣି କହିଲି—ମା' ତୁମେ କିଏ ? ବୃଦ୍ଧା କହିଲେ—ମୁଁ ସେହି ବ୍ୟାସଦେବଙ୍କ ଅନ୍ନପୂର୍ଣ୍ଣା, କାଶୀର ଅଧିଷ୍ଠାତ୍ରୀ ଦେବୀ । ମୁଁ ତୋତେ ସୀତାଭୋଗ ଦେଇଥିଲି ।

ମୁଁ କହିଲି—ମା' ତୁମେ ନିଜ ସ୍ୱରୂପରେ ଦେଖା ଦିଅ ।

ତହୁଁ ସେ ବୃଦ୍ଧା କହିଲେ—ଏପରି ରୂପରେ ନ ଆସିଥିଲେ ତୋର ଅବିଶ୍ୱାସ ହୋଇଥାନ୍ତା । ପରେ ମା' ନିଜ ମୂର୍ତ୍ତି ମୋତେ ଦେଖାଇଲେ । ମୋର ଆନନ୍ଦରେ ନିଦ୍ରାଭଙ୍ଗ ହେଲା ।

ଏହିପରି ପରାସ୍ତ ହୋଇ ଭାବିଲି—କାହିଁ, ମୁଁ ତ ପୂର୍ଣ୍ଣ ହୋଇନାହିଁ ! ଏତେ ସାଧନ କରି ନିର୍ବିକଳ୍ପ ସମାଧି ଲାଭ କଲି । ସବୁ ବୃଥା ହେଲା । ମୁଁ ପୂର୍ଣ୍ଣ ହୋଇପାରିଲି ନାହିଁ; ପୂର୍ଣ୍ଣ ସତ୍ୟ ଲାଭ କରିପାରିଲି ନାହିଁ । ଦିନେ ଗୁରୁ ସଚ୍ଚିଦାନନ୍ଦଙ୍କ ସହିତ ସାକ୍ଷାତ ହେଲା, ସେ ଗୌରୀ ମାଙ୍କ ସଙ୍କେତ କହିଦେଲେ । ପରେ ଗୌରୀଙ୍କଠାରୁ ଭାବତତ୍ତ୍ୱ ଶିକ୍ଷା କରି ଭାବସମାଧିମଗ୍ନ ହେଲି । ନିର୍ବିକଳ୍ପରୁ ଗୁରୁଭାବ ନେଇ ଫେରିଥିଲେ ମଧ୍ୟ ଗୁରୁ ହେବାର ବାସନା ମୋର କେବେ ନ ଥିଲା । ଶ୍ରୀ ଗୁରୁଦେବଙ୍କ ଆଦେଶ ପ୍ରତିପାଳନ କରି ଅବଶିଷ୍ଟ ଦିନଗୁଡ଼ିକ ଭଗବାନଙ୍କୁ ନେଇ କଟାଇଦେବା ହିଁ ଥିଲା ମୋର ଅଭିଳାଷ ।

ଗୁରୁଦକ୍ଷିଣା—

ଏହି ଅବସ୍ଥାରେ ଦିନେ ଗୁରୁ ସଚ୍ଚିଦାନନ୍ଦଙ୍କ ସହିତ ମୋର ଦେଖା ହେଲା । ମୋତେ ଦେଖି ସେ ଆନନ୍ଦରେ କହିଲେ—ବାବା, ଗୁରୁଦକ୍ଷିଣା କିଛି ଦେଲୁ ନାହିଁ ? ମୁଁ ସଗର୍ବରେ ଉତ୍ତର ଦେଲି—ଆପଣଙ୍କର କ'ଣ ଆବଶ୍ୟକ ? କୁହନ୍ତୁ,

ମୁଁ ଦେବି । ସଚ୍ଚିଦାନନ୍ଦ କହିଲେ—ବାବା, ତୋତେ ମୋର ଗୁରୁଭାର ବହନ କରିବାକୁ ହେବ । ଏହା ହିଁ ମୋର ଗୁରୁଦକ୍ଷିଣା । ମୁଁ ଏହା ଶୁଣି ବ୍ୟସ୍ତ ହୋଇପଡ଼ିଲି ଏବଂ ପ୍ରାର୍ଥନା କଲି—ଠାକୁର ! ଯଦି ନିତାନ୍ତ ମୋତେ ଗୁରୁଗିରି କରିବାକୁ ହେବ, ତେବେ ମୁଁ ଏ ହିନ୍ଦୁସ୍ଥାନରେ ଗୁରୁଗିରି କରିପାରିବି ନାହିଁ । ବଙ୍ଗଳାର ସମସ୍ତ ସ୍ଥାନ ମୋତେ ଜଣା, ମୋତେ ସେହିଠାରେ ଗୁରୁଗିରି କରିବାର ଆଦେଶ ଦିଅନ୍ତୁ । ଆଉ ବର୍ତ୍ତମାନ ମୋର ଯେପରି ଅବସ୍ଥା, ସେଥିରେ ମୁଁ କେଉଁଠି ରହିବି ? ସମାଜରେ କିପରି ଚଳିବି ? କାରଣ ମୁଁ ସୁନ୍ଦର ବସ୍ତୁ ଦେଖିଲାମାତ୍ରେ ମୂର୍ଚ୍ଛିତ ହୋଇଯାଉଛି । ଏହା ଶୁଣି ସେ ମୋତେ ଗାରୋହିଲ ଯୋଗାଶ୍ରମକୁ ପଠାଇଦେଲେ । ମୁଁ ସେଠାରେ 'ଯୋଗୀଗୁରୁ' ଲେଖିଲି ।

ଏହାପରେ ଜନୈକ ଶିଷ୍ୟ ପଚାରିଲେ—ଠାକୁର ! ଦେବତା ଓ ଗୁରୁଙ୍କ ଭିତରୁ କାହାକୁ ପୂଜା କରିବା ଉଚିତ ?

ଠାକୁର—ତୁମର ଗୁରୁ ଯଦି ସଗୁଣ ହୋଇଥାନ୍ତି, ତେବେ ଦେବଦେବୀ ପୂଜା କରିପାର; ନଚେତ୍ ଗୁରୁ ନିର୍ଗୁଣ ହୋଇଥିଲେ ବ୍ରହ୍ମାଦି ସମସ୍ତ ଦେବଦେବୀ ତାଙ୍କର ଆଜ୍ଞାବହ । ଦେଖ, ଗୁରୁ କେବେହେଲେ ଶିଷ୍ୟକୁ ଦୁଃଖ ଦିଅନ୍ତି ନାହିଁ । ସେ ତୁମକୁ ମଙ୍ଗଳ ପଥକୁ ସର୍ବଦା ଆକର୍ଷଣ କରୁଛନ୍ତି—ଏହା ହିଁ ସଦ୍‌ଗୁରୁଙ୍କ ବିଶେଷତ୍ୱ । ତେଣୁ ସଦ୍‌ଗୁରୁଙ୍କ ସ୍ଥାନ ସବୁଠାରୁ ଉଚ୍ଚରେ ।

ତା ୨୧-୩-୩୧

ସମ୍ମୋହନରୁ ମାୟା ଶିକ୍ଷା—

କଥା ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ—"ସମ୍ମୋହନ ବିଦ୍ୟା ଏକପ୍ରକାର ମାୟା । ମୋର ଜଣେ ଶିଷ୍ୟ ଏହି ବିଦ୍ୟାରେ ବିଶେଷ ପାରଦର୍ଶୀ ଥିଲା । ସେ ଏକାଥରକେ ବହୁ ବ୍ୟକ୍ତିଙ୍କୁ ସମ୍ମୋହିତ କରିପାରୁଥିଲା । ସେ ଦିନେ ମୋତେ ଏହି ବିଦ୍ୟାର ଶକ୍ତି ଦେଖାଇବା ନିମିତ୍ତ ପାଖୁଡ଼ାଏ କମଳା ଦେଇ ପ୍ରଶ୍ନ କଲା—"ଠାକୁର ! ଏହା କିପରି ଲାଗୁଛି ?" ମୁଁ କହିଲି—"ଏହା ଅତିଶୟ ଖଟା ।" ସେହି ଖଟା କମଳାକୁ ଉପସ୍ଥିତ ଦଶ-ବାର ଜଣଙ୍କୁ ଦେଖାଇ ସେ କହିଲା—"ଶୁଣ, ଏହି କମଳା ସ୍ୱର୍ଗରୁ ଆସିଛି । ଏହା ଏତେଦୂର ସୁମିଷ୍ଟ ଯେ କେହି କେବେ ଏପରି କମଳାର ଆସ୍ୱାଦ ପାଇ ନ ଥିବେ ।" ଏତିକି କହି ସେ କମଳା ଛଡ଼ାଇ ପ୍ରତ୍ୟେକଙ୍କୁ ସେଥିରୁ ଗୋଟିଏ ଲେଖାଏଁ କୋଷା ଦେଲା । ସେହି ଖଟା

କମଳା ଚାଖି ସେମାନେ ଆନନ୍ଦରେ ନୃତ୍ୟ କରି କହିଲେ—"ଏପରି ଆସ୍ୱାଦ ଆମେ ପୂର୍ବରୁ କେବେ ପାଇ ନ ଥିଲୁଁ ।"

କିନ୍ତୁ ସେ ବ୍ୟକ୍ତି ମାୟା କ'ଣ ବୁଝିପାରୁ ନ ଥିଲା । ସେ ଦିନେ ଗୋଟିଏ ବାଳକକୁ ସମ୍ମୋହିତ କରି ଗୋଟିଏ ଘାସପଡ଼ିଆ ଦେଖାଇ କହିଲା—"ଦେଖ ଏଇଟା ପୋଖରୀ । ଏଥିରେ ସନ୍ତରଣ କର ।" ଏତିକି ଶୁଣି ବାଳକଟି ସେହି ପଡ଼ିଆ ଜମିକୁ ପୋଖରୀ ମନେକରି ସନ୍ତରଣ କରିବାକୁ ଲାଗିଲା । ଦୂରରୁ ଦେଖି ସେତେବେଳେ ସେ ବୁଝିଲା ଯେ ଏହା ହିଁ ତ ମାୟା ! ସେ ମାୟାର ସ୍ୱରୂପ ବୁଝି ମୋ ନିକଟକୁ ଆସି ଦୀକ୍ଷା ଗ୍ରହଣ କଲା ।"

ତା ୨୨-୩-୩୧

ଆଜି ମୋ ପିଉସୀ ସୂର୍ଯ୍ୟମଣି ଦେବୀଙ୍କର ଦୀକ୍ଷା ହେଲା । ଶ୍ରୀଶ୍ରୀ ଠାକୁର ଆମମାନଙ୍କୁ ନିମ୍ନୋକ୍ତ ତତ୍ତ୍ୱମାନ ଉପଦେଶ ଛଳରେ ପ୍ରଦାନ କରିଥିଲେ ।

ସନ୍ଧ୍ୟାର ଉପକାରିତା—

ସଚ୍ଚିଦାନନ୍ଦ ଭାଇ, ମୁଁ ଓ ଅନ୍ୟାନ୍ୟ ଭକ୍ତମାନଙ୍କ ସହିତ ଶ୍ରୀଶ୍ରୀ ଠାକୁର ଆସନ ବାରଣ୍ଡାରେ ବସିଲେ । ସଚ୍ଚିଦାନନ୍ଦ ଭାଇଙ୍କୁ ବାତବ୍ୟାଧି ଆରୋଗ୍ୟ ପାଇଁ ସମୁଦ୍ରବାଲିରେ ଆଣ୍ଠୁ ପୋତି ବସିବାକୁ ଏଥିପୂର୍ବରୁ ଠାକୁର କହିଥିଲେ । ସେଥିରେ ଉପକାର ହେବାରୁ ଶ୍ରୀଶ୍ରୀ ଠାକୁର କହିଲେ—ଦେଖ, ସମୁଦ୍ରର ଜଳକଣାସିକ୍ତ ବାୟୁ (ଅମ୍ଳଜାନ) ଅତିଶୟ ହିତକର । ସେଥିରେ ଅକ୍ସିଜେନ୍ ଅଧିକ ପରିମାଣରେ ଥାଏ । ସେଥିପାଇଁ ଯକ୍ଷ୍ମାରୋଗୀମାନଙ୍କ ପକ୍ଷରେ ଏ ବାୟୁ ବିଶେଷ ପରିମାଣରେ ଉପକାରୀ । ଯେଉଁ ସ୍ଥାନର ବାୟୁରେ ଅକ୍ସିଜେନ ଅଧିକ ପରିମାଣରେ ଥାଏ, ସେଠାରେ ପ୍ରାଣୀ ସୃଷ୍ଟି ବେଶୀ ଦେଖାଯାଏ । ପୂର୍ବେ ଆମ ଦେଶରେ ଅନେକଗୁଡ଼ିଏ ସୁ-ନିୟମ ଥିଲା । ବର୍ତ୍ତମାନ ବୈଜ୍ଞାନିକ ବ୍ୟାଖ୍ୟା ହୋଇ କ୍ରମେ କ୍ରମେ ତାହା ଖରାପ ହୋଇଯାଉଛି । ପୂର୍ବକାଳରେ ପୁଷ୍କରିଣୀ କୂଳରେ ସନ୍ଧ୍ୟା କରିବାର ବ୍ୟବସ୍ଥା ଥିଲା । କାରଣ ପ୍ରାତଃକାଳରେ ଓ ସନ୍ଧ୍ୟା ସମୟରେ ବୃକ୍ଷଲତାମାନେ ବହୁତ ଅକ୍ସିଜେନ୍ ତ୍ୟାଗ କରିଥାନ୍ତି । ସେହି ହେତୁ ଏହି ସମୟରେ ଧ୍ୟାନ ଧାରଣା କଲେ ବିଶେଷ ଭାବରେ ମନୋନିବେଶ ହୁଏ ।

ଦଶ ଅବତାର ତତ୍ତ୍ୱ—

ସୃଷ୍ଟିର ଆରମ୍ଭରେ ପୃଥିବୀରେ କେବଳ ବଡ଼ ବଡ଼ ବୃକ୍ଷ ଥିଲା । ବୃକ୍ଷଗୁଡ଼ିକ ଏତେ ବଡ଼ ଥିଲା ଯେ, ମୂଳ ଯଦି ଓଡ଼ିଶାରେ, ଡାଳ ବଙ୍ଗଳାରେ । ସେହି ବୃକ୍ଷମାନଙ୍କରୁ ବହୁତ ଅକ୍‌ସିଜେନ ସୃଷ୍ଟି ହୋଇ ସେଥିରୁ ପ୍ରାଣୀସୃଷ୍ଟି ଆରମ୍ଭ ହେଲା । ଆମ ଦଶ ଅବତାରରେ କିପରି ସୃଷ୍ଟିତତ୍ତ୍ୱ ଓ ସୃଷ୍ଟିର କ୍ରମବିକାଶ ନିହିତ ଅଛି, ଦେଖ ।

ମତ୍ସ୍ୟ—ପ୍ରଥମେ ପୃଥିବୀ ଜଳରେ ପୂର୍ଣ୍ଣ ଥିଲା । ଉକ୍ତ ଅକ୍‌ସିଜେନରୁ ଯେଉଁ ଜୀବ ପ୍ରଥମରୁ ଜାତ ହେଲେ, ସେ ଜଳଚର ହେବା ସ୍ୱଭାବିକ । ତେଣୁ ଭଗବାନଙ୍କର ପ୍ରଥମ ଅବତାର ମତ୍ସ୍ୟ ।

କୂର୍ମ—ପୃଥିବୀ କ୍ରମୋନ୍ନତି ପଥରେ ଗତି କରୁଛି । ତତ୍ପରେ ଏପରି ପ୍ରାଣୀହେଲେ ଯେ ସେମାନେ ମତ୍ସ୍ୟଠାରୁ କ୍ରମଶଃ ଉନ୍ନତ । ସେମାନେ ଜଳରେ ଓ ସ୍ଥଳରେ ଉଭୟ ସ୍ଥାନରେ ରହିପାରନ୍ତି । ଏପରି ଜୀବ କୂର୍ମ । ତେଣୁ ଭଗବାନଙ୍କର ଦ୍ୱିତୀୟ ଅବତାର କୂର୍ମ ।

ବରାହ—ଜୀବ କ୍ରମେ ଉନ୍ନତି ଲାଭ କଲା । ଜଳ ଛାଡ଼ି କେବଳ ସ୍ଥଳରେ ବାସ କଲା । କିନ୍ତୁ ପଶୁ ଭାବରେ ଜଙ୍ଗଲରେ ରହିଲା । ତେଣୁ ଭଗବାନଙ୍କର ତୃତୀୟ ଅବତାର ବରାହ ।

ନରସିଂହ—ତତ୍ପରେ ଜୀବ କ୍ରମୋନ୍ନତି ପଥରେ ଗତି କରି ଅଧେ ପଶୁ ଓ ଅଧେ ମନୁଷ୍ୟ ଆକାର ଧାରଣ କଲା । ତେଣୁ ବିଷ୍ଣୁ ନରସିଂହ ଅବତାର ହୋଇ ପଶୁ ପ୍ରକୃତିର ସଂହାର କରିଥିଲେ ।

ବାମନ—ଜୀବ କ୍ରମୋନ୍ନତି ପଥରେ ପଶୁଠାରୁ ଉନ୍ନତି ଲାଭ କଲା; କିନ୍ତୁ ସମ୍ପୂର୍ଣ୍ଣ ମନୁଷ୍ୟ ହୋଇ ନ ପାରି ଖର୍ବାକାର ହେଲା । ତେଣୁ ଭଗବାନଙ୍କର ଅବତାର ବାମନ ।

ପର୍ଶୁରାମ—ମନୁଷ୍ୟ ପଶୁ ପ୍ରକୃତିକ ଅର୍ଥାତ୍ ତମୋଗୁଣବିଶିଷ୍ଟ ଥିଲା । ଭଗବାନ ନରସିଂହ ଅବତାରରେ ପଶୁପ୍ରକୃତି ବା ତମୋଗୁଣକୁ ନାଶ କରିଥିଲେ । ବଳିଙ୍କଠାରୁ ରଜୋଗୁଣର ଆରମ୍ଭ ହେଲା । ପର୍ଶୁରାମଙ୍କ ସମୟରେ ରଜୋଗୁଣ ପ୍ରବଳ ଆକାର ଧାରଣ କଲା । ସେହି ଗୁଣକୁ ନାଶ କରି ସତ୍ତ୍ୱଗୁଣ ସ୍ଥାପନ

କରିବା ନିମିତ୍ତ ଭଗବାନଙ୍କୁ ରଜୋଗୁଣରୂପୀ ପର୍ଶୁରାମଙ୍କ ଆକାର ଧାରଣ କରିବାକୁ ପଡ଼ିଲା ।

ଶ୍ରୀରାମ—ରଜୋଗୁଣର ଧ୍ୱଂସ ହୋଇ ସତ୍ତ୍ୱଗୁଣର ଆରମ୍ଭ ରାମଚନ୍ଦ୍ରଙ୍କଠାରୁ ହେଲା । ଆଦର୍ଶ ରାଜ୍ୟ, ଆଦର୍ଶ ଭ୍ରାତା, ଆଦର୍ଶ ପତ୍ନୀ ସୃଷ୍ଟି କରି ମନୁଷ୍ୟ ସମାଜରେ ସେ ରାଜା ପ୍ରଜା ସମ୍ବନ୍ଧ ସ୍ଥାପନ କରିଥିଲେ ।

ହଳଧର—ରଜୋଗୁଣର ଧ୍ୱଂସ ହୋଇ ସତ୍ତ୍ୱଗୁଣର ସ୍ଥାପନ ହୋଇଛି; ମାତ୍ର ରଜୋଗୁଣର ସମ୍ପୂର୍ଣ୍ଣ ରୂପରେ ଧ୍ୱଂସ ନ ହୋଇଥିବା ହେତୁ ବଳରାମ କର୍ଷଣ ଯନ୍ତ୍ରଦ୍ୱାରା ସତ୍ତ୍ୱଗୁଣର ଉତ୍କର୍ଷତା ସାଧନ କରିଥିଲେ । ତେଣୁ କର୍ଷଣ ଯନ୍ତ୍ର ତାଙ୍କର ଆୟୁଧ ।

ଶ୍ରୀକୃଷ୍ଣ—ହୃଦୟରେ ସତ୍ତ୍ୱଗୁଣର ସ୍ଥାପନ ହେବାରୁ ଭଗବାନ ନିଜେ କୃଷ୍ଣ ରୂପରେ ଆବିର୍ଭୂତ ହୋଇ ଭଗବାନଙ୍କ ସହିତ ସଂଯୋଗ ସାଧନ କରିବାର ଉପାୟ, ଜୀବ ଓ ଭଗବାନଙ୍କ ମଧ୍ୟରେ ସମ୍ବନ୍ଧ ଶିକ୍ଷା ଦେଲେ । ଗୋଲୋକରେ ଯେପରି ନିତ୍ୟ ବିହାର କରୁଛନ୍ତି, ତାହାର ଆଦର୍ଶ ଦେଖାଇ ମନୁଷ୍ୟର କର୍ତ୍ତବ୍ୟ ବିଷୟରେ ଭଗବାନ ଆଦର୍ଶ ଶିକ୍ଷା ଦେଇଥିଲେ ।

ବୁଦ୍ଧଦେବ—ଏହାଙ୍କଠାରୁ ତପସ୍ୟାର ଆରମ୍ଭ ହେଲା । ଜୀବ ଅହିଂସା ଓ ତପସ୍ୟାଦ୍ୱାରା କିପରି ଭଗବାନଙ୍କୁ ପାଇପାରିବ, ବୁଦ୍ଧଦେବ ଜୀବକୁ ତାହା ଶିକ୍ଷା ଦେଇଥିଲେ ।

କଲ୍କି—ଧ୍ୱଂସାବତାର ।

କଥା ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ—"ଶୁଣ, ଭଗବାନଙ୍କର କିଭଳି ଦୟା ! ସେ ଆମର ଯାହା ଆବଶ୍ୟକ ତାହା ଦେବାର ବ୍ୟବସ୍ଥା କରିଛନ୍ତି । ଯଦି ଆମେ ଆମର ପ୍ରୟୋଜନ ତାଙ୍କୁ ଜଣାଉଁ, ତେବେ ସେଥିରେ କୁଫଳ ମିଳେ । କାରଣ, ସେ କାହାରି ଇଚ୍ଛା ଅପୂର୍ଣ୍ଣ ରଖନ୍ତି ନାହିଁ । କିନ୍ତୁ ସେହି ବାସନା ଯେତେବେଳେ ପୂରଣ ହୁଏ, ସେତେବେଳେ ସମୟ ଗଡ଼ିଯାଇଥିବାରୁ ତାହା ତୁମର କୌଣସି ଦରକାରରେ ଆସେ ନାହିଁ, ବରଂ ଖରାପ ହୋଇଥାଏ । ଧର, ଶୀତଦିନରେ ଜଣେ କମ୍ବଳ ମାଗିଲା; ପୂର୍ବର ପ୍ରାର୍ଥନାଗୁଡ଼ିକ ପୂରଣ ହୋଇ କମ୍ବଳ ପ୍ରାର୍ଥନା ଆସିବାବେଳକୁ ଖରାଦିନ ହୋଇଗଲା । ଖରାଦିନରେ କମ୍ବଳ ଯେପରି କଷ୍ଟଦାୟକ, ସେହିଭଳି କଷ୍ଟ ସେତେବେଳେ ଭୋଗ କରିବାକୁ ହେଲା । ଜଣେ ଶିକ୍ଷକ ଶିକ୍ଷକତା

କରି ଅଳ୍ପ ଆୟରେ ଆନନ୍ଦରେ ଚଳୁଥିଲା । ସେ ଅଧିକ ଟଙ୍କା ପାଇଁ ପ୍ରାର୍ଥନା କରିବା ଫଳରେ ଶିକ୍ଷକତା ଛାଡ଼ି ମୁକ୍ତାରୀ କଲା । ସେଥିରୁ ଅଧିକ ଟଙ୍କା ମିଳିଲା । ମୁକ୍ତାରୀରୁ ପ୍ରଚୁର ଆୟ ହେଲା ସତ୍ୟ; ମାତ୍ର ସ୍ତ୍ରୀର ବିଳାସବ୍ୟସନ ଏତେ ବୃଦ୍ଧି ପାଇଲା ଯେ ସେ ସ୍ୱାମୀଙ୍କୁ ଆଉ ପୂର୍ବ ସ୍ନେହ ଦୃଷ୍ଟିରେ ଦେଖିଲା ନାହିଁ । କିଛି ଦିନ ଅଶାନ୍ତି ଭୋଗ କରିବା ପରେ କହିଲା—"ଠାକୁର ! ମୋର ସେହି ମାଷ୍ଟରୀ ହେଲେ ଶାନ୍ତି ଫେରିଆସନ୍ତା ।"

ଦିନେ ଜଣେ ସାଧୁ ବାଟ ଚାଲିବାକୁ କଷ୍ଟ ହେବାରୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି କହିଲେ—ଭଗବାନ, ଗୋଟିଏ ଘୋଡ଼ା ଦିଅନ୍ତୁ । ଏହିପରି କହି କହି ଯାଉଥିବାବେଳେ ସେହି ବାଟ ଦେଇ ଜଣେ ସିପାହୀ ଯାଉଥିଲେ । ଦୈବାତ୍ ତାଙ୍କ ଘୋଡ଼ୀ ଗୋଟିଏ ଶାବକ ପ୍ରସବ କଲା । କ'ଣ କରିବେ, କିପରି ଘୋଡ଼ାଛୁଆଟାକୁ ନେବେ ଭାବୁଛନ୍ତି ଏହିପରି ସମୟରେ ସାଧୁ ଭଗବାନଙ୍କୁ ଘୋଡ଼ା ପାଇଁ ପ୍ରାର୍ଥନା କରୁଥିବା କଥା ଶୁଣିପାରିଲେ । ସେ ସଙ୍ଗେ ସଙ୍ଗେ ସାଧୁଙ୍କୁ ଘୋଡ଼ା ଛୁଆଟାକୁ କାନ୍ଧରେ ବହି ତାଙ୍କ ସଙ୍ଗରେ ଯିବାକୁ ବାଧ କଲେ । ସାଧୁ ଘୋଡ଼ା ଛୁଆକୁ 'କାନ୍ଧରେ ରଖି ଭାବିଲେ, 'ଭଗବାନ, ଏପରି ଓଲଟା ବୁଝିଲ ? ମୁଁ ଘୋଡ଼ାରେ ଚଢ଼ିବି ବୋଲି ପ୍ରାର୍ଥନା କଲି; କିନ୍ତୁ ଦେଖୁଛି ମୋ ଉପରେ ଘୋଡ଼ା ଚଢ଼ିଲା ।' ତେଣୁ ଭଗବାନଙ୍କ ଇଚ୍ଛା ଉପରେ ନିର୍ଭର କରିବା ଶ୍ରେୟସ୍କର । ଭଗବାନ ତାଙ୍କ ଇଚ୍ଛା ତୁମଦ୍ୱାରା ପୂରଣ କରାଇନେବେ ।

ତା ୨୩-୩-୩୧

ଆଜି ଅପରାହ୍ନରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ସଚ୍ଚିଦାନନ୍ଦ ସାହା ନାନା ବିଷୟ ଆଲୋଚନା କଲେ । ନାନା କଥା ମଧ୍ୟରେ ଶ୍ରୀଶ୍ରୀ ଠାକୁର ଋଷିମାନଙ୍କ ମଙ୍ଗଳ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରି କହିଲେ—

ଶକୁନ୍ତଳାଙ୍କ ପ୍ରତି ଦୁର୍ବାସାଙ୍କ ଶାପ—

ଶ୍ରୀଶ୍ରୀ ଠାକୁର—ଦିନେ କେତେ ଜଣ କଲେଜ ଛାତ୍ର ହାତରେ ଖଣ୍ଡିଏ ଫଟୋ ଧରି ମୋ ନିକଟରେ ଉପସ୍ଥିତ ହେଲେ । ସେ ଫଟୋଟିରେ ଶକୁନ୍ତଳାଙ୍କ ପ୍ରତି ଦୁର୍ବାସାଙ୍କ ଶାପ ଚିତ୍ରିତ ହୋଇଥିଲା । ଶକୁନ୍ତଳା ପତିଚିନ୍ତାରେ ନିମଗ୍ନା, ଦୁର୍ବାସା କ୍ରୋଧରେ ବିଶେଷ ଉତ୍ତେଜିତ ହୋଇ ପଡ଼ିଛନ୍ତି ।

ଫଟୋଟି ଦେଖାଇ ସେମାନେ ପ୍ରଶ୍ନ କଲେ—ଠାକୁର, ଋଷିମାନେ ବ୍ରହ୍ମଜ୍ଞାନୀ ହୋଇ ଏତେ କ୍ରୋଧୀ ହୁଅନ୍ତି କାହିଁକି ? ଦେଖନ୍ତୁ, ଶକୁନ୍ତଳା ନିରୀହା, ପତିଚିନ୍ତାରେ ନିମଗ୍ନା । ସ୍ତ୍ରୀଲୋକଙ୍କର ଧର୍ମ ପତିଚିନ୍ତା । ଏଥିରେ ତାଙ୍କ ଉପରେ କ୍ରୋଧ କରି ଅଭିଶାପ ଦେବାଟା ଋଷିଙ୍କର ଅନ୍ୟାୟ ହୋଇନାହିଁ କି ?

ଶ୍ରୀଶ୍ରୀ ଠାକୁର—ବେଶ୍ ବୁଝିଛ ! ତୁମେମାନେ ଯୁବକ କି ନା, ସେହି ହେତୁ ଯୁବତୀ ପ୍ରତି ସ୍ନେହ ହେଉଛି । ମୁଁ କହେ, ଭଗବାନ ଦୁର୍ବାସାଙ୍କୁ ଶକୁନ୍ତଳାଙ୍କ ପ୍ରତି ଏ ଦଣ୍ଡ ଦେବାପାଇଁ ପଠାଇଥିଲେ; କାରଣ ଶକୁନ୍ତଳାଙ୍କ ଗର୍ଭରେ ଭରତଙ୍କର ଜନ୍ମ, ଯାହାଙ୍କ ପ୍ରଭାବରେ ଏହି ଦେଶର ନାମ ଭାରତବର୍ଷ ହୋଇଅଛି । ଏପରି ବୀର ପୁତ୍ରର ଗର୍ଭଧାରିଣୀ ହେବାପାଇଁ ଶକୁନ୍ତଳାଙ୍କର ଦେବ ଅଂଶରେ ଜନ୍ମ । ଭଗବାନ ତାଙ୍କୁ ଆଦର୍ଶ ମାତା କରିବେ ବୋଲି ଦେବ ଅଂଶରେ ଜନ୍ମ ଦେଇ କଣ୍ୱମୁନିଙ୍କ ଆଶ୍ରମରେ ପାଳିତ କରାଇଥିଲେ । ଶକୁନ୍ତଳା ସରଳା ବାଳିକା; କିଛି ଜାଣନ୍ତି ନାହିଁ, କିଛି ବୁଝନ୍ତି ନାହିଁ । ଘଟଣାକ୍ରମେ ଦିନେ କଣ୍ୱମୁନିଙ୍କ ତୀର୍ଥଯାତ୍ରା ଅବସରରେ ରାଜା ଦୁଷ୍ମନ୍ତ ଆଶ୍ରମରେ ଉପସ୍ଥିତ ହେଲେ । ଶକୁନ୍ତଳାଙ୍କ ଉପରେ ମୁନିଙ୍କଦ୍ୱାରା ଆଶ୍ରମାଗତ ଅତିଥିମାନଙ୍କ ସତ୍କାରର ଭାର ଅର୍ପିତ ଥିଲା । ତେଣୁ ଶକୁନ୍ତଳା ସାଧ୍ୟାନୁସାରେ ଅତିଥିସତ୍କାରରେ ତ୍ରୁଟି କଲେ ନାହିଁ । କିନ୍ତୁ ରାଜା ଦୁଷ୍ମନ୍ତ ଶକୁନ୍ତଳାଙ୍କ ରୂପ ଗୁଣରେ ମୁଗ୍‌ଧ ହୋଇ ଗାନ୍ଧର୍ବ ବିଧାନରେ ତାଙ୍କୁ ବିବାହ କଲେ । କିଛି ଦିନ ଆଶ୍ରମରେ ରହି ଦୁଷ୍ମନ୍ତ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିବାବେଳେ କହିଗଲେ ଯେ ତାଙ୍କୁ ରାଜଧାନୀକୁ ରାଜୋଚିତ ସମ୍ମାନ ସହକାରେ ନେଇଯିବା ନିମିତ୍ତ ସେ ଶୀଘ୍ର ବିଶ୍ୱସ୍ତ ରାଜକର୍ମଚାରୀମାନଙ୍କୁ ପ୍ରେରଣ କରିବେ ।

ଦିନ ପରେ ଦିନ ଗଡ଼ିଚାଲିଲା । ରାଜଧାନୀରୁ ଲୋକ ଆସିଲେ ନାହିଁ । ଶକୁନ୍ତଳା ଦୁଷ୍ମନ୍ତଙ୍କ ଚିନ୍ତାରେ କ୍ରମେ କ୍ଷୀଣା ହୋଇଗଲେ । ତାଙ୍କର ସେହି ପୂର୍ବ ଲାବଣ୍ୟ ଆଉ ରହିଲା ନାହିଁ । ବାଳିକାସୁଲଭ ଚପଳତା ଅନ୍ତର୍ହିତ ହୋଇଗଲା । ଅଧରରୁ ସେହି ମଧୁର ହାସ ଉଭେଇ ଗଲା । ଯେଉଁ ହରିଣ ଶିଶୁମାନଙ୍କୁ ସେ ନିଜେ ହାତରେ ଖୁଆଇ ନଦେଲେ ଜଳ ଗ୍ରହଣ କରୁ ନ ଥିଲେ, ସେମାନଙ୍କ ପ୍ରତି ଆଉ ଆଖିରେ ଚାହିଁଲେ ନାହିଁ । ଏପରିକି ଆଶ୍ରମର ବୃକ୍ଷଲତା ମୂଳରେ ଜଳ ଦେବାକୁ ମଧ ଭୁଲିଗଲେ । ସେଗୁଡ଼ିକ ଅଯତ୍ନ ହେତୁ ଶୁଷ୍କ ନୀରସ ଦିଶିଲେ । ତଥାପି ଶକୁନ୍ତଳାଙ୍କର ସେଥିପ୍ରତି ଲକ୍ଷ୍ୟ ରହିଲା ନାହିଁ । ଶକୁନ୍ତଳା ସର୍ବଦା

ଅନ୍ୟମନସ୍କା ଓ ବିଷାଦମନା । ସେ ଦୁଷ୍ମନ୍ତଙ୍କ ଚିନ୍ତାରେ ସମସ୍ତ ଭୁଲିଗଲେ । ଦିନେ ଋଷି ଦୁର୍ବାସା ଆଶ୍ରମରେ ଅତିଥି ଭାବରେ ଉପଗତ ହେଲେ; କିନ୍ତୁ ଅତିଥିସତ୍କାର କରିବ କିଏ ? କିଏ ବା ତାଙ୍କୁ ଆଦର ଅଭ୍ୟର୍ଥନା କରିବ ? ଶକୁନ୍ତଳା ସେତେବେଳେ ତ ଆଉ କଣ୍ୱମୁନିଙ୍କ ଆଶ୍ରିତା ନୁହନ୍ତି; ସେ ବର୍ତ୍ତମାନ ଦୁଷ୍ମନ୍ତଙ୍କ ରାଜମହିଷୀ । ପତିଚିନ୍ତାରେ ଶକୁନ୍ତଳା ଏତେ ବିଭୋରା ହୋଇଯାଇଥିଲେ ଯେ ଦୁର୍ବାସାଙ୍କ ଆହ୍ୱାନ ତାଙ୍କର ଶ୍ରୁତିଗୋଚର ହେଲା ନାହିଁ । ଦୁର୍ବାସା ତାଙ୍କର ଏହି ଅବଜ୍ଞାଭାବ ଦର୍ଶନ କରି ଆଉ ସ୍ଥିର ହୋଇପାରିଲେ ନାହିଁ । ସେ ଶକୁନ୍ତଳାଙ୍କୁ ଅଭିଶାପ ପ୍ରଦାନ କଲେ । ତଥାପି ଶକୁନ୍ତଳା ସେ କଥା ଜାଣିପାରିଲେ ନାହିଁ । ସେ ସେତେବେଳେ ପତିଚିନ୍ତାରେ ପାଷାଣବତ୍ ନିଶ୍ଚେଷ୍ଟା । ସଖୀମାନେ ପ୍ରମାଦ ଗଣିଲେ । ସେମାନେ ଋଷିଙ୍କୁ ଶାପବିମୋଚନ ନିମିତ୍ତ ପ୍ରାର୍ଥନା କଲେ । ଅଭିଜ୍ଞାନ ପ୍ରଦର୍ଶନରେ ଶାପ ବିମୋଚନ ହେବ ବୋଲି କହି ଦୁର୍ବାସା ସେ ସ୍ଥାନ ତ୍ୟାଗ କଲେ । ଅତିଥିସେବା-ରୂପ ସ୍ୱଧର୍ମ ତ୍ୟାଗ କରି ଶକୁନ୍ତଳା ଆତ୍ମସୁଖ କଳ୍ପନାରେ ମଗ୍ନ ରହି ଆଶ୍ରମଧର୍ମ ପାଳନ କଲେ ନାହିଁ ।

ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ନାମ ତାର କାମ
କୃଷ୍ଣେନ୍ଦ୍ରିୟ ପ୍ରୀତି ଇଚ୍ଛା ଧରେ ପ୍ରେମ ନାମ ।

ଶକୁନ୍ତଳାଙ୍କର ଏହି ଆତ୍ମେନ୍ଦ୍ରିୟ ପ୍ରୀତି କାମନା ହେତୁ ଭଗବାନ ତାଙ୍କ ପ୍ରତି ଶାସ୍ତିବିଧାନ କରିଥିଲେ ।

ଯେଉଁ ଭରତଙ୍କ ନାମାନୁସାରେ ଆମ ଦେଶର ନାମ ଭାରତବର୍ଷ ହୋଇଛି, ଶକୁନ୍ତଳା ସେହି ଭରତଙ୍କର ଗର୍ଭଧାରିଣୀ ମାତା । ଆତ୍ମସୁଖରତା, କର୍ତ୍ତବ୍ୟଭ୍ରଷ୍ଟା, କାମୁକା ରମଣୀ କେବେହେଲେ ଭରତଙ୍କ ପରି ପୁତ୍ରଙ୍କ ଗର୍ଭଧାରିଣୀ ହେବାକୁ ଯୋଗ୍ୟ ହେବେ ନାହିଁ । କାମ ହିଁ ପ୍ରେମରେ ପରିଣତ ହୋଇଥାଏ । କାମ ଯେତେବେଳେ ଆତ୍ମସୁଖରେ ନିୟନ୍ତିତ ନ ହୋଇ ଭଗବତ୍ ପ୍ରୀତି ନିମିତ୍ତ ପ୍ରଯୋଜିତ ହୁଏ, ସେତେବେଳେ ତାହାର ନାମ ପ୍ରେମ । ଶକୁନ୍ତଳା ଥିଲେ ଆଦର୍ଶ ରମଣୀ, ଭରତଙ୍କର ଯୋଗ୍ୟା ଜନନୀ । ତେଣୁ ତାଙ୍କର ସ୍ୱରୂପ ବିକାଶ ନିମିତ୍ତ ତାଙ୍କ ଉପରେ ଭଗବାନଙ୍କ ଇଚ୍ଛାରେ ଦୁର୍ବାସାଙ୍କ ଶାପ ନିକ୍ଷିପ୍ତ ହୋଇଥିଲା । ଭଗବାନ ତାଙ୍କର ପାପ ଅଶ୍ରୁଜଳରେ ଧୌତ କରାଇ ଜଗତ୍ ସମ୍ମୁଖରେ ତାଙ୍କୁ ଜଣେ ଆଦର୍ଶ ନାରୀ ଭାବରେ ଉପସ୍ଥାପିତ କରିଥିଲେ ଓ ଭାରତର ଉଚ୍ଚ ଆଦର୍ଶ ପ୍ରଦର୍ଶନ କରିଥିଲେ ।

ପ୍ରକୃତ ଉଦ୍ଦେଶ୍ୟ ନ ବୁଝି ଋଷିମାନଙ୍କୁ ଏହିପରି ନାନା କଥାରେ ଲୋକେ ସମାଲୋଚନା କରିଥାନ୍ତି । କିନ୍ତୁ ଋଷିମାନେ ସତ୍ୟର ମହିମା ପ୍ରଚାର କରନ୍ତି ।

(ଏହା କହୁ କହୁ ଋଷିମାନଙ୍କ କଥା କହିବାକୁ ଲାଗିଲେ ।)

ଶ୍ରୀଶ୍ରୀ ଠାକୁର—ଦେଖ, ଋଷିମାନଙ୍କ ଅଭିଶାପରେ ଆମର ମଙ୍ଗଳ ହୁଏ । ସତ୍ୟର ମହିମା ପ୍ରଚାରିତ ହୁଏ । ନାରଦ ସର୍ବଦା ଆମର ଉପକାରରେ ବ୍ୟସ୍ତ, ଅଥଚ ସମସ୍ତେ ତାଙ୍କୁ ନିନ୍ଦା କରନ୍ତି । ହିନ୍ଦୁମାନଙ୍କ ନିକଟରେ ଦେବର୍ଷି ନାରଦ ଓ ଦୁର୍ବାସା ବିଶେଷ ରୂପରେ ପରିଚିତ । ପୁରାଣରୁ ଜଣାଯାଏ ଯେ, ଯେଉଁଠାରେ ନାରଦ ଉପସ୍ଥିତ, ସେଠାରେ କଳହ ବିବାଦର ସୃଷ୍ଟି । ତେଣୁ ନାରଦଙ୍କୁ ଲୋକେ କଳିହା ଋଷି ବା କଳିହା ନାରଦ ବୋଲି କହନ୍ତି । ପୁଣି ଦୁର୍ବାସାଙ୍କ ନାମରେ ସେହି ଏକା ଅଭିଯୋଗ । କାହାକୁ ଶାପ ଦେଇ ଭସ୍ମ କରିବାକୁ ହେଲେ, କାହାକୁ ରାଜସିଂହାସନରୁ ବିଚ୍ୟୁତ କରିବାକୁ ହେଲେ ବା କାହାର ଅନ୍ୟ କୌଣସି ପ୍ରକାର ଅନିଷ୍ଟ ଘଟାଇବାକୁ ହେଲେ ସେଠାରେ ଦୁର୍ବାସା କିମ୍ବା ନାରଦ ଉପସ୍ଥିତ । ଅନ୍ୟକୁ କଷ୍ଟ ଦେବା, ଶାପ ଦେଇ ଭସ୍ମୀଭୂତ କରିବା ନାରଦ ଓ ଦୁର୍ବାସା ଋଷିଙ୍କର ଯେପରି କି ଜପ, ତପ ଓ ସାଧନା । ଏ ଜଗତରେ ସମସ୍ତେ ପରର ଉପକାର କରିବାକୁ ଇଚ୍ଛୁକ; କିନ୍ତୁ ଏମାନେ ଉପକାର ତ ଦୂରର କଥା—ପରର ଅନିଷ୍ଟ ଚିନ୍ତାରେ ସର୍ବଦା ବ୍ୟସ୍ତ ।

ପ୍ରଜାପତି ଦକ୍ଷ ଦେବସମାଜ ମଧ୍ୟରୁ ନିଜର ଜାମାତା ଶିବଙ୍କଦ୍ୱାରା ଅପମାନିତ ହୋଇ ଫେରିଲେ । ଆତ୍ମାଭିମାନୀ ଗର୍ବିତ ଦକ୍ଷ ଅପମାନର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଶିବହୀନ ଯଜ୍ଞର ସୂତ୍ରପାତ କଲେ । ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ନାରଦଙ୍କ ଉପରେ ନିମନ୍ତ୍ରଣର ଭାର ପଡ଼ିଲା ଓ ତାଙ୍କୁ କୈଳାସକୁ ଯିବାକୁ ପୁନଃ ପୁନଃ ନିଷେଧ କରାଗଲା । ଅନେକ ଲୋକ ଅଛନ୍ତି, ତାଙ୍କୁ ଯେଉଁ କାର୍ଯ୍ୟ କରିବାକୁ ନିଷେଧ କରାଯାଇଥିବ, ସେମାନ ସେହି କାର୍ଯ୍ୟଟିକୁ ପ୍ରଥମେ କରିବେ ।

ଦେବର୍ଷି ନାରଦ ସେହି ପ୍ରକାରର ଲୋକ । ସେ ସର୍ବପ୍ରଥମେ ଯାଇ କୈଳାସରେ ଉପସ୍ଥିତ ହେଲେ ଓ ଶିବଙ୍କୁ ଦକ୍ଷଯଜ୍ଞର ସମ୍ବାଦ ଦେଲେ । ଫଳରେ ହେଲା ସତୀଙ୍କର ଦେହତ୍ୟାଗ, ଦକ୍ଷଯଜ୍ଞ ନଷ୍ଟ ଓ ଦକ୍ଷଙ୍କର ଛାଗମୁଣ୍ଡ ପ୍ରାପ୍ତି । ପୁଣି ପାରିଜାତ ହରଣ ବ୍ୟାପାରରେ ଦେବର୍ଷି ନାରଦଙ୍କ ଦ୍ୱାରା ଇନ୍ଦ୍ର ଓ ଉପେନ୍ଦ୍ରଙ୍କ ମଧ୍ୟର ଯୁଦ୍ଧ ଲାଗିଲା ।

ବିଷ୍ଣୁଭକ୍ତ ରାଜା ଅମ୍ବରୀଶ ସସ୍ତ୍ରୀକ ଏକାଦଶୀ ବ୍ରତ କରି ପରଦିନ ଦ୍ୱାଦଶୀ ପାରଣା କରିବାକୁ ଯାଉଥିବାବେଳେ ଦୁର୍ବାସା ଋଷି ଉପସ୍ଥିତ ହୋଇ କହିଲେ— ମହାରାଜ ! ମୁଁ କ୍ଷୁଧାର୍ତ୍ତ, ମୋତେ ଭୋଜନ ଦିଅ । ମୁଁ ସ୍ନାନ କରି ଆସୁଛି । ଏହା କହି ଦୁର୍ବାସା ଚାଲିଗଲେ । ଏଣେ ଦ୍ୱାଦଶୀ ଅତୀତ ହୋଇଯାଉଥିବା ଦେଖି ରାଜା ପଣ୍ଡିତମାନଙ୍କ ବ୍ୟବସ୍ଥା ଅନୁସାରେ କୁଶାଗ୍ରରେ ବିନ୍ଦୁଏ ମାତ୍ର ଜଳପାନ କରିସାରିବା ମାତ୍ରେ କ୍ରୋଧର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଦୁର୍ବାସା ସେଠାରେ ଉପସ୍ଥିତ ହୋଇ ଶାପ ଦେବାକୁ ଉଦ୍ୟତ ହେଲେ । ସମସ୍ତେ କେତେ ବୁଝାଇଲେ; ମାତ୍ର ଦୁର୍ବାସାଙ୍କର କ୍ରୋଧ ପ୍ରଶମିତ ହେଲା ନାହିଁ । ଦୁର୍ବାସା ଅଭିଶାପ ପ୍ରଦାନ କଲେ । ଅମ୍ବରୀଶ କିଛି ଉପାୟ ନ ଦେଖି ଭଗବାନଙ୍କୁ ସ୍ମରଣ କଲେ । ଭଗବାନଙ୍କ କୃପାରୁ ଅମ୍ବରୀଶଙ୍କର କିଛି କ୍ଷତି ହେଲା ନାହିଁ । ଶେଷରେ କିନ୍ତୁ ଦୁର୍ବାସା ବିପନ୍ନ ହୋଇ ଅମ୍ବରୀଶଙ୍କ ନିକଟରେ କ୍ଷମାପ୍ରାର୍ଥନା କରି ବିପଦମୁକ୍ତ ହେଲେ ।

ଆମେମାନେ ଅଦୂରଦର୍ଶୀ, କ୍ଷୁଦ୍ରବୁଦ୍ଧି ମାନବ ନିଜକୁ ଚିହ୍ନିପାରୁ ନାହିଁ, ଦେବ ଚରିତ୍ର, ଋଷି ଚରିତ୍ର ବୁଝିବୁ ବା କିପରି ? ଆପଣା ଛାଞ୍ଚରେ ଜଗତକୁ ଦେଖୁଥାଇଁ । ଆମେ ଜଗତକୁ ନିଜ ପରି ଦେଖୁଁ । ତେଣୁ ନାରଦ ଓ ଦୁର୍ବାସାଙ୍କ ଚରିତ୍ର ଆମ ନିକଟରେ ଘୃଣ୍ୟ । ପୌରାଣିକ କାହାଣୀଗୁଡ଼ିକର ପ୍ରତ୍ୟେକଟିର ମୂଳରେ ଗଭୀର ତତ୍ତ୍ୱ ନିହିତ ଅଛି ।

ଯଦି ଦକ୍ଷଯଜ୍ଞ ସମ୍ବାଦ କୈଳାସରେ ପହଞ୍ଚି ନ ଥାନ୍ତା, ତେବେ ସତୀଙ୍କର ଆଦର୍ଶ, ସତୀଙ୍କର ଚରିତ୍ର ଲୋକଲୋଚନ ଗୋଚରୀଭୂତ ହୋଇ ନ ଥାନ୍ତା । ସତୀଙ୍କର ମର୍ଯ୍ୟାଦା କେହି ବୁଝି ନ ଥାନ୍ତେ; କେହି ସତୀଙ୍କୁ ଚିହ୍ନି ପାରି ନ ଥାନ୍ତେ । ନ୍ୟାୟ ରାଜ୍ୟରେ ଅହଂକାରକୁ ପ୍ରଶ୍ରୟ ଦିଆ ହୋଇଥାଆନ୍ତା । ତେଣୁ ନାରଦଙ୍କର କୈଳାସ ଗମନ । ପାରିଜାତ ହରଣର ଅବ୍ୟବହିତ ପରେ ସତ୍ୟଭାମାଙ୍କର ତଉଲଯଜ୍ଞ । ତଦ୍ଦ୍ୱାରା ଦେବର୍ଷି ନାରଦ ଦେଖାଇଦେଲେ ଯେ, ନାମ ଓ ନାମୀ ଅଭେଦ । ନାମୀଠାରୁ ନାମର ମାହାତ୍ମ୍ୟ ଅଧିକ । ନାମୀ ଯାହା କରିବାକୁ ଅକ୍ଷମ, ନାମ ଗୁଣରେ ତାହା ସମ୍ଭବ ହୁଏ ।

ରାଜା ଅମ୍ବରୀଶଙ୍କ ଘଟଣାରୁ ବୁଝାଗଲା ଯେ, ତୁମେ ଯେତେ ଧାର୍ମିକ ହେଲେ ମଧ୍ୟ, ଯେତେ ଜ୍ଞାନୀ ବା ଭକ୍ତ ହେଲେ ମଧ୍ୟ ପରୀକ୍ଷାରେ ନ ପଡ଼ିଲେ

ଲୋକଲୋଚନର ଗୋଚରୀଭୂତ ହେବ ନାହିଁ । ଜଗତ ତାହା ଜାଣିପାରିବ ନାହିଁ କିମ୍ବା ତୁମର ଆଦର୍ଶ ଚରିତ୍ର ସମାଜ ଶିକ୍ଷାର ସହାୟକ ହୋଇପାରିବ ନାହିଁ । ତେଣୁ ଦୁର୍ବାସା ନିଜେ ବିପନ୍ନ ହୋଇ ଭକ୍ତ ଅମ୍ବରୀଶଙ୍କ ଚରିତ୍ରକୁ ଜଗତ ସମକ୍ଷରେ ଉପସ୍ଥାପିତ କରି ତାଙ୍କ ପରି ଭଗବତ୍‌ନିର୍ଭରଶୀଳ ହେବାକୁ ଜଗତକୁ ପ୍ରବୁଦ୍ଧ କରିଥିଲେ । ଏହି ଘଟଣାରୁ ବୁଝାଗଲା ଯେ, ଭକ୍ତ ଭଗବାନଙ୍କର କେତେ ପ୍ରିୟ, କେତେ ଆଦରର ବସ୍ତୁ ।

ମୁନି ଋଷିଙ୍କ କ୍ରୋଧ ନିରର୍ଥକ ନୁହେଁ—

ବିଶ୍ୱାମିତ୍ର ଓ ହରିଶ୍ଚନ୍ଦ୍ର ପ୍ରସଙ୍ଗରେ ମଧ୍ୟ ଆମେ ଏହି ଶିକ୍ଷା ପାଇଥାଉଁ । ଏଠାରେ ହରିଶ୍ଚନ୍ଦ୍ର ଓ ଶୈବ୍ୟାଙ୍କ ଚରିତ ଜଗତ୍‌ବାସୀଙ୍କୁ ଜଣାଇବା ନିମିତ୍ତ ବିଶ୍ୱାମିତ୍ର ତ୍ୟାଗୀ ହୋଇ ମଧ୍ୟ ହରିଶ୍ଚନ୍ଦ୍ରଙ୍କର ରାଜ୍ୟଭାର ସ୍ୱହସ୍ତରେ ଗ୍ରହଣ କରି କେତେ ଅସୁବିଧା ଭୋଗ କରିଥିଲେ ।

ମୁନି ଋଷିଙ୍କ କ୍ରୋଧ ନିରର୍ଥକ ନୁହେଁ । ଜୀବର ଭବିଷ୍ୟତ ମଙ୍ଗଳ ଉଦ୍ଦେଶ୍ୟରେ ସେମାନଙ୍କର ସବୁ କାର୍ଯ୍ୟ ସଂଘଟିତ ହୋଇଥାଏ । ଜୀବର ଅନିଷ୍ଟସାଧନ କରିବା ଏମାନଙ୍କର ଉଦ୍ଦେଶ୍ୟ ନୁହେଁ । ଯେଉଁ ପ୍ରକାରରେ ହେଉ ମଧ୍ୟ ଜୀବର ଉନ୍ନତିସାଧନ ନିମିତ୍ତ ସେମାନଙ୍କର ଇଚ୍ଛା ନିୟନ୍ତ୍ରିତ ହୋଇଥାଏ । ମୁନି-ଋଷି ବା ସାଧୁ ମହାପୁରୁଷମାନେ ଏକମାତ୍ର ଭଗବାନଙ୍କ ବ୍ୟତୀତ ଆପଣାର ବୋଲି କିଛି ରଖନ୍ତି ନାହିଁ । ସେମାନଙ୍କ ଜୀବନ ଭଗବତ୍ ଚରଣରେ ଉତ୍ସର୍ଗୀକୃତ; ସୁତରାଂ ସେମାନଙ୍କର ସମସ୍ତ କାର୍ଯ୍ୟ ଜଗତ୍ ହିତରେ ନିୟୋଜିତ ହୁଏ ।

ସାଧାରଣ ଦେଖନ୍ତି ଯେ, ପିତାମାତା ସନ୍ତାନକୁ, ଗୁରୁ ଶିଷ୍ୟକୁ, ଚିକିତ୍ସକ ରୋଗୀକୁ ବଡ଼ କଷ୍ଟ ଦେଉଛନ୍ତି; କିନ୍ତୁ ପ୍ରକୃତ ପକ୍ଷରେ ଏହା ଠିକ୍ ନୁହେଁ । ସେମାନେ ଅନ୍ୟାୟରେ ଶାସ୍ତି ଦିଅନ୍ତି ନାହିଁ; ସେମାନେ ଭାବୀ ମଙ୍ଗଳ ଉଦ୍ଦେଶ୍ୟରେ ଏହା କରିଥାନ୍ତି ।

ଭାରତର ଆଦର୍ଶ—

ଭାରତର ମୂଳ ଆଦର୍ଶ ଉଚ୍ଚ । ବଂକିମବାବୁ ଶକୁନ୍ତଳାଙ୍କ ସହିତ ପାଶ୍ଚାତ୍ୟ ନାରୀର ତୁଳନା କରିବାକୁ ଯାଇ ଶକୁନ୍ତଳାଙ୍କୁ ଅଶିକ୍ଷିତା ଓ ଦୁଷ୍ମନ୍ତଙ୍କୁ ଚରିତ୍ରହୀନ ବୋଲି ପ୍ରକାରାନ୍ତରେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି; କିନ୍ତୁ ପାଶ୍ଚାତ୍ୟ ଜାତି

ସହିତ ଆମର ତୁଳନା ହୋଇପାରେ ନାହିଁ । ଯେତେ କାବ୍ୟ ଦେଖିବ, ସେଥିରେ ଭାରତର ଆଦର୍ଶ ଉଚ୍ଚରେ । କୁମାରସମ୍ଭବ ଦେଖିବ ତ ସେଥିରେ ନାୟକ ବିଶ୍ୱେଶ୍ୱର ଏବଂ ନାୟିକା ବିଶ୍ୱେଶ୍ୱରୀ । ବଙ୍କିମବାବୁ ମାନବ ଚରିତ୍ରଚିତ୍ରଣରେ ସିଦ୍ଧହସ୍ତ । ବଙ୍କିମ ଚନ୍ଦ୍ରଙ୍କ ଲିଖିତ 'କୃଷ୍ଣକାନ୍ତେର ଉଇଲ'ରେ ବର୍ଣ୍ଣିତ ଭ୍ରମର ପାଶ୍ଚାତ୍ୟ ଶିକ୍ଷାର ବାୟୁମଣ୍ଡଳରେ ପ୍ରତିପାଳିତା ଯୁବତୀ ଓ ଗୋବିନ୍ଦ ମଧ୍ୟ ଶିକ୍ଷିତ ଯୁବକ । ଭ୍ରମର ନିଜର ସ୍ୱାମୀ ଗୋବିନ୍ଦଲାଲ ନାମରେ ମିଥ୍ୟା ଅପବାଦ ଶୁଣି ଅଭିମାନରେ ଏବଂ ଉତ୍ତେଜନାବଶତଃ ବିବ୍ରତ ହୋଇ ମିଛ କଥା କହି ପିତ୍ରାଳୟକୁ ପଳାୟନ କଲା । ଗୋବିନ୍ଦ ମଧ୍ୟ ତାକୁ ତ୍ୟାଗ କରି ଅନ୍ୟ ଗୋଟିଏ ରୂପବତୀ ବିଧବା ରୁକ୍ମିଣୀ ପ୍ରେମରେ ପଡ଼ି ତାକୁ ଗ୍ରହଣ କଲା । ଯଦି ଉଭୟେ ପୁରାତନ ଆର୍ଯ୍ୟ ଶାସ୍ତ୍ରୋକ୍ତ ଶିକ୍ଷା ପାଇଥାନ୍ତେ, ତେବେ ଭ୍ରମର ଭାବିଥାନ୍ତା ଯେ, ମୋ ପତି ଅସତ୍‌ଚରିତ୍ର ହେଲେ ମଧ୍ୟ ମୋ ସତୀତ୍ୱରେ ତ କିଛି ବାଧା ଆସିବ ନାହିଁ; ଏହା ଭାବି ସେ ସ୍ୱାମୀଙ୍କ ଆନନ୍ଦରେ ମନ ଦେଇଥାନ୍ତା । ତାହା ହୋଇଥିଲେ ଗୋବିନ୍ଦ ଆଉ ରୁକ୍ମିଣୀକୁ ଗ୍ରହଣ କରି ନ ଥାନ୍ତା । ଗୋବିନ୍ଦ ଯଦି ଆର୍ଯ୍ୟ ଶାସ୍ତ୍ରୋକ୍ତ ଶିକ୍ଷା ପାଇଥାନ୍ତା, ତେବେ ସେ ଭାବିଥାନ୍ତା ଯେ, ଭ୍ରମର ମୋତେ ଛାଡ଼ିଗଲେ ମଧ୍ୟ ମୋର ଚରିତ୍ରବଳ ତ ଯିବ ନାହିଁ ! ଚରିତ୍ର ଠିକ୍ ରଖିବା ପାଇଁ ସେ ଆଉ ରୁକ୍ମିଣୀକୁ ଗ୍ରହଣ କରି ନ ଥାନ୍ତା ।

ତା ୨୪-୪-୩୧—ଅକ୍ଷୟ ତୃତୀୟା

ଆଜି ଶଙ୍କରାଚାର୍ଯ୍ୟଙ୍କ ଜନ୍ମଦିନ । ନୀଳାଚଳ କୁଟୀରରେ ଆମେମାନେ ପ୍ରସାଦ ସେବନ କଲୁ । ଶ୍ରୀଶ୍ରୀ ଠାକୁରଙ୍କ ସହିତ ନାନା ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

ଏହାପରେ ଅଳ୍ପଦିନ ମଧ୍ୟରେ ଶ୍ରୀଶ୍ରୀ ଠାକୁର ଆସାମସ୍ଥ ସାରସ୍ୱତ ମଠକୁ ଚାଲିଗଲେ । ପୁନରାୟ ଦୁଇ ତିନି ମାସ ପରେ ଫେରିଆସିଲେ ।

ତା ୫-୭-୩୧

ମୁଁ, ମୋର ପିତା, ଲକ୍ଷ୍ମୀଧର ଦାଦା, ନୃପାଳନୀ, ଗୋବିନ୍ଦ, ବାଞ୍ଛାନିଧି ଗଣେଶ୍ୱର ଏକତ୍ରରେ ଶ୍ରୀଶ୍ରୀ ଠାକୁରଙ୍କୁ ଦେଖିବାକୁ ସମବେତ ହୋଇଥିଲୁ । ଶ୍ରୀଶ୍ରୀ ଠାକୁରଙ୍କୁ ଆମର ଗୋବିନ୍ଦ ଭାଇ ପଚାରିଲେ—

ଗୋବିନ୍ଦ—ଠାକୁର ! ଆମେ ସଦ୍‌ଗୁରୁଙ୍କୁ ପୂଜା ନ କରି ଅନ୍ୟ ଦେବଦେବୀଙ୍କୁ ପୂଜା କରିବୁ କାହିଁକି ?

ଶ୍ରୀଶ୍ରୀ ଠାକୁର—(ମୃଦୁହାସ୍ୟ କରି) ତୁମ ଗୁରୁ ଯେ ସଦ୍‌ଗୁରୁ, ଏ କଥା ଜାଣିବ କିପରି ?

ଗୋବିନ୍ଦ—ଠାକୁର, ଯେ ତା'ର ଗୁରୁଙ୍କୁ ସଦ୍‌ଗୁରୁ ବୋଲି ଜାଣିପାରିଲା, ତା' ପାଇଁ ବ୍ୟବସ୍ଥା କ'ଣ ?

ମାମେକଂ ଶରଣଂ ବ୍ରଜ—

ଶ୍ରୀଶ୍ରୀ ଠାକୁର—ମୁଁ ଜାଣେ, ଯେ ଗୁରୁଙ୍କୁ ସଦ୍‌ଗୁରୁ ବୋଲି ଚିହ୍ନି ପାରିଛି, ସେ ନିଶ୍ଚୟ ଖୁବ୍ ବଡ଼ । ତାର ଅନ୍ୟ ଦେବଦେବୀ ପୂଜାର କିଛି ମାତ୍ର ଆବଶ୍ୟକତା ନାହିଁ । ମୁଁ ଅନ୍ୟ କଥା ଜାଣେ ନାହିଁ; ମୋ କଥା ମୁଁ କହୁଛି । ମୁଁ ଗୁରୁ ଖୋଜିବାକୁ ଯାଇ କିପରି ବିଡ଼ମ୍ବନା ସହ୍ୟ କରିଛି, ତାହା ତ 'ଯୋଗୀଗୁରୁ'ରେ କିଞ୍ଚିତ ପ୍ରକାଶ କରିଛି । ଯେତେଦିନଯାଏ ସଦ୍‌ଗୁରୁ ଲାଭ ହୋଇ ନ ଥିଲା, ସେତେଦିନ ପର୍ଯ୍ୟନ୍ତ ବିଡ଼ମ୍ବନା ଭୋଗ । ମୁଁ ଯେତେବେଳେ ସଦ୍‌ଗୁରୁ ଲାଭ କରି ତାଙ୍କ ଉପରେ ନିର୍ଭର କଲି, ସେତେବେଳେ ଜାଣିଲି, ଭଗବାନଙ୍କୁ ଲାଭ କରିବାକୁ ଏହାଠାରୁ ବଳି ସହଜ ବାଟ ଆଉ ନାହିଁ । ଯେତେବେଳେ ମୋର ପତନର ସମ୍ଭାବନା ହୋଇଛି, ସେତେବେଳେ ସେ ନାନା ଉପାୟରେ ରଖୁଆଳ ଗାଈ ପଛରେ ଦଉଡ଼ିଲା ପରି ମୋ ପଛରେ ରହି ଅପ୍ରତ୍ୟକ୍ଷ ଭାବରେ ମୋତେ ସତ୍‌ପଥକୁ ଟାଣି ଆଣିଛନ୍ତି ।

ସେହି ହେତୁ ମୁଁ ଜାଣିଛି, ଗୁରୁଙ୍କ ଉପରେ ନିର୍ଭର କରିପାରିଲେ ଭଗବାନଙ୍କୁ ଲାଭ କରିବା ଅତି ସହଜ । ଦେଖ, ବିଦ୍ୟାର୍ଜନ କରି ଧନ ଉପାର୍ଜନ କରିବାକୁ ବୁଦ୍ଧି ପ୍ରତିଭାର ପ୍ରୟୋଜନ, ବ୍ୟବସାୟ ନିମିତ୍ତ ମୂଳଧନ ଆବଶ୍ୟକ । କିନ୍ତୁ ଗୁରୁନିର୍ଭରଶୀଳ ବ୍ୟକ୍ତିଙ୍କର ବୁଦ୍ଧି, ପ୍ରତିଭା ବା ଦେହର ଶକ୍ତି କିଛି ନ ଥିଲେ ମଧ୍ୟ ସେ ଭଗବାନଙ୍କୁ ଲାଭ କରିପାରିବେ । ଭଗବାନଙ୍କୁ ପାଇବା ନିମିତ୍ତ ଏପରି ସହଜ ସରଳ ପଥ ଆଉ ନାହିଁ; କେବଳ ଗୁରୁଙ୍କ ଉପରେ ନିର୍ଭରତା ଆବଶ୍ୟକ । ଦେଖ, ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୁରୁ ଓ ଭଗବାନଙ୍କ ସମ୍ବନ୍ଧ କିପରି ସୁନ୍ଦର ଭାବରେ ବୁଝାଉଛନ୍ତି । ସେ ନିର୍ଭରତା ବୁଝାଇବାକୁ ଯାଇ ଯେଉଁଠାରେ ଗୁରୁଙ୍କୁ

ଲକ୍ଷ୍ୟ କରିଛନ୍ତି, ସେଠାରେ 'ଅହଂ' ଓ ଭଗବାନଙ୍କୁ ଲକ୍ଷ୍ୟ କଲାବେଳେ 'ତତ୍' ଶବ୍ଦ ବ୍ୟବହାର କରିଛନ୍ତି । ଭଗବାନଙ୍କୁ ଲକ୍ଷ୍ୟ କଲାବେଳେ କହିଛନ୍ତି—'ତତ୍ ପ୍ରସାଦାତ୍ ପରାଂ ଶାନ୍ତି ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।' ଯଦି ତାଙ୍କ ଉପରେ ନିର୍ଭର କରି ନ ପାର ତେବେ—

''ସର୍ବ ଧର୍ମ୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ ।''

ଏହି ଶ୍ଳୋକ ଶେଷ ହେବା ସଙ୍ଗେ ସଙ୍ଗେ ଶ୍ରୀଶ୍ରୀ ଠାକୁର ଗୁରୁ ଭାବରେ ଆବିଷ୍ଟ ହୋଇଗଲେ । ଗୋବିନ୍ଦ ଭାଇ ଶ୍ରୀଶ୍ରୀ ଠାକୁରଙ୍କୁ ଜ୍ୟୋତିର୍ମଣ୍ଡଳ ମଧ୍ୟବର୍ତ୍ତୀ ପଦ୍ମାସନରେ ଗୁରୁଭାବରେ ଅଧିଷ୍ଠିତ ଦେଖିପାରି ଆନନ୍ଦାଶ୍ରୁ ବିସର୍ଜନ କରୁ କରୁ ମୂର୍ଚ୍ଛିତ ହୋଇପଡ଼ିଲେ । ଶ୍ରୀଶ୍ରୀ ଠାକୁର ଭକ୍ତଙ୍କୁ କୋଳରେ ଧରି ଧୀର ସ୍ୱରରେ କହିଲେ, ଏହାର ନାମ ସମ୍ଭବତଃ ଗୋବିନ୍ଦ ।

ଠାକୁର ପୁରୀରେ ଏକାନ୍ତରେ ଥାନ୍ତି । ରଥଯାତ୍ରା ସମୟରେ ଭକ୍ତସମାଗମ ହୁଏ । ସଚ୍ଚିଦାନନ୍ଦ ସାହା ପ୍ରାୟ ସବୁଦିନେ ଥାଆନ୍ତି । ଦିନେ ରଥଯାତ୍ରା ସମୟରେ ଦୁଇଜଣ ଲଙ୍ଗୁଳି ବାବାଜୀ ଆସି ଶ୍ରୀଶ୍ରୀ ଠାକୁରଙ୍କୁ ଦେଖିବାକୁ ଚାହିଁଲେ । ସନ୍ଧ୍ୟା ପରେ ଦେଖାହୁଏ ନାହିଁ ବୋଲି ଆମେ କହିଲୁ । ତେଣୁ ପରଦିନ ପାଞ୍ଚଟା ବେଳକୁ ଆସିବାକୁ କହିବାରୁ ସେମାନେ ସେଥିରେ କ୍ରୋଧାନ୍ୱିତ ହୋଇ ଚାଲିଗଲେ । ପରଦିନ ଶ୍ରୀଶ୍ରୀ ଠାକୁରଙ୍କ ସହିତ ସେମାନଙ୍କର ସାକ୍ଷାତ ହେଲା । ସେମାନେ ଠାକୁରଙ୍କଠାରୁ ଯୋଗଶିକ୍ଷା କରିବାକୁ ଚାହିଁଲେ । ଶ୍ରୀଶ୍ରୀ ଠାକୁର ଉପଯୋଗୀ କେତେକ ଉପଦେଶ ଦେଇ ଆସନ ମୁଦ୍ରାଦି ଶିକ୍ଷା ଦେବା ନିମିତ୍ତ ଆମମାନଙ୍କୁ ନିର୍ଦ୍ଦେଶ ଦେଲେ । ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ପରେ ବାବାଜୀ ଦୁହେଁ ଭକ୍ତିବିନମ୍ର ଚିତ୍ତରେ ପ୍ରସାଦ ସେବନ କରି ଚାଲିଗଲେ । ସେଦିନ ଆଉ ଅଧିକ ଆଲୋଚନା ହୋଇ ନ ଥିଲା ।

ତା ୨୦-୭-୩୧

ଆଜି ଠାକୁର କଥା ପ୍ରସଙ୍ଗରେ ନିଜ ଜୀବନର ନାନା କଥା କହିଲେ—

ପ୍ରଥମେ ଅନ୍ଧବିଶ୍ୱାସ ଲୋଡ଼ା—

ଶ୍ରୀଶ୍ରୀ ଠାକୁର—ଦେଖ, ପ୍ରଥମରେ ସାଧନ ପଥରେ ଚଳିଲାବେଳେ ଅନ୍ଧବିଶ୍ୱାସ କରିବାକୁ ହେବ । ଧର, ଜଗନ୍ନାଥଙ୍କ ମନ୍ଦିର ତୁମେ ଦେଖିନାହିଁ ।

ଯେ ଦେଖିଛନ୍ତି ତାଙ୍କ କଥା ବିଶ୍ୱାସ କରି ସେ ଯେଉଁ ବାଟ ଦେଖାଇଦେବେ, ଅନ୍ଧବିଶ୍ୱାସରେ ସେହି ବାଟରେ ଚାଲିବାକୁ ହେବ । ଯଦି କିଛି ଦୂର ଯାଇ ବାଟରେ ବାଧା ପାଇ ଅବିଶ୍ୱାସୀ ହୁଅ, ତାହାହେଲେ ଲକ୍ଷ୍ୟସ୍ଥାନରେ ପହଞ୍ଚି ପାରିବ ନାହିଁ । ତେବେ ସାଧନର କେତେଗୁଡ଼ିଏ କୌଶଳ ଅଛି । ଅନେକେ ଆସନ କରନ୍ତି । କିନ୍ତୁ ତିନି ଚାରି ବର୍ଷ କଲେ ମଧ୍ୟ ସିଦ୍ଧିଲାଭ ହୁଏ ନାହିଁ । ଅଥଚ ଏପରି କୌଶଳ ଅଛି, ଯଦ୍ଦ୍ୱାରା ତୁମେ ଦୁଇ ଚାରି ମାସ ଭିତରେ ଆସନ ଅଭ୍ୟାସରେ ସିଦ୍ଧ ହୋଇପାରିବ । ସେ କୌଶଳସବୁ ସଦ୍‌ଗୁରୁମାନଙ୍କ ନିକଟରେ ମିଳେ । ମୁଁ ଯେତେବେଳେ ଗୁରୁ ନ ପାଇ ଅନ୍ଧବିଶ୍ୱାସରେ ବୁଲୁଥିଲି, ଅନେକ ବର୍ଷ ଆସନ ଅଭ୍ୟାସ କଲି । ମେରୁଦଣ୍ଡ ବକ୍ର ହେବା ଭୟରେ ପଛରେ ଗୋଟିଏ ଖୁଣ୍ଟ ପୋତି ମୋ ନିଜ ଦେହକୁ ଉକ୍ତ ଖୁଣ୍ଟରେ ବାନ୍ଧି କେତେ ରାତି କଟାଇ ଦେଇଛି । ମାତ୍ର ସଦ୍‌ଗୁରୁ ପାଇବା ପରେ ଜାଣିଲି ଯେ, ଆସନର କୌଶଳ ଜାଣିଲେ ଅତି ଅଳ୍ପାୟାସରେ ଆସନ ସିଦ୍ଧ ହୋଇଥାଏ ।

ବ୍ୟାଘ୍ର କବଳରେ ଠାକୁର—

ମୁଁ ଗୁରୁ ଖୋଜି ବୁଲୁଥିଲାବେଳେ ଦିନେ ଗୋଟିଏ ଜଙ୍ଗଲରେ ଯିବା ସମୟରେ ଦୂରରୁ ଦେଖିଲି, ଗୋଟାଏ ପ୍ରକାଣ୍ଡ ବାଘ ମୋ ଆଡ଼କୁ ମାଡ଼ି ଆସୁଛି । ମୁଁ ତାକୁ ଦେଖି ଭୟରେ ଅସ୍ଥିର ହୋଇ ଭାବିଲି, ପଳାଇଗଲେ ତ ବାଘ ମୋତେ ନିଶ୍ଚୟ ଖାଇବ, ତେବେ ଉପାୟ କ'ଣ ? ମୁଁ ଭଗବାନଙ୍କୁ ପାଇବାକୁ ଆସି ବାଘ ମୁହଁରେ ଜୀବନ ଦେବି ସିନା !

ମୃତ୍ୟୁକୁ ଜୟ ନ କଲେ ମଧ୍ୟ ପରଜନ୍ମରେ ବ୍ୟାଘ୍ର ହେବି ବୋଲି ଭାବି ସ୍ଥିର କଲି, ବ୍ୟାଘ୍ର ମୁଖ ନ ଦେଖି କିପରି ମରିପାରିବି । ଏହା ଭାବି ପାଖରେ ଥିବା କମ୍ବଳଟି ଘୋଡ଼ାଇ ହୋଇ ମୁହଁକୁ ଭଲକରି ବାନ୍ଧି ସେହି ବନପଥରେ ବ୍ୟାଘ୍ର ସମ୍ମୁଖରେ ଶୋଇପଡ଼ିଲି । କିଛିସମୟ ପରେ ବ୍ୟାଘ୍ର ମୋ ନିକଟକୁ ଆସୁଥିବା ଶବ୍ଦ ଶୁଣିପାରିଲି । ବ୍ୟାଘ୍ର ମୋ ନିକଟକୁ ଆସି ମୋର ସର୍ବାଙ୍ଗ ଶୁଙ୍ଘି ଦେଇ ଚାଲିଯିବାର ଶବ୍ଦ ଅନୁଭବ କଲି । ଚାରିଆଡ଼େ ପଡ଼ିଥିବା ଶୁଖିଲା ପତ୍ରର ମଚମଚ ଶବ୍ଦରୁ ବ୍ୟାଘ୍ରର ଯିବା ଆସିବା ବାରି ହେଉଥାଏ । ସେତେବେଳେ ଯେଉଁ ଯନ୍ତ୍ରଣା ହେଉଥାଏ, ତାହା ମୃତ୍ୟୁଠାରୁ ଅଧିକ କଷ୍ଟଦାୟକ । ବ୍ୟାଘ୍ର ଗଲା; ମାତ୍ର ମୋର ବିଶ୍ୱାସ ହେଲା ନାହିଁ । ଭାବିଲି, ବ୍ୟାଘ୍ର ଶିକାରୀ ଜନ୍ତୁ, କିଛି ଦୂରରେ ଲୁଚିକରି

ବସିଛି, ମୁଁ ଉଠିଲା ମାତ୍ରେ ଖାଇବ । ଏହିପରି ଚାରି ପାଞ୍ଚଘଣ୍ଟା ଯନ୍ତଣା ଅନୁଭବ କରି ପଡ଼ିଥାଏ । ସନ୍ଧ୍ୟାବେଳକୁ ସେ ବାଟେ ଯାଉଥିବା ଦୁଇଜଣ ଲୋକଙ୍କର ପାଟି ଶୁଣି ଉଠିଲି । ସେମାନେ ମୋତେ ବାଟ ଦେଖାଇ ଦେଇ କହିଲେ, ଆଉ କିଛି ଭୟ ନାହିଁ । ଆମେ ବାଘକୁ ବହୁ ଦୂରରେ ଦେଖିଆସିଛୁ । ଏହିପରି ଭାବରେ ସେଦିନ ରକ୍ଷା ପାଇଗଲି । ଏକଥା ଶେଷ କରି ଠାକୁର ଉଠିଗଲେ ।

ଏହିପରି ପ୍ରତିଦିନ ଶ୍ରୀଶ୍ରୀ ଠାକୁର ଆସନ ବାରଣ୍ଡାରେ ବସି ନାନା ପ୍ରସଙ୍ଗରେ କେତେ ଆଲୋଚନା କରନ୍ତି, ସେସବୁ ମୁଁ ଲେଖି ରଖିପାରି ନ ଥିଲି । ରଥଯାତ୍ରା ହେତୁ ଭକ୍ତସମାଗମ ହେଲା । ଚିଦାନନ୍ଦ ମହାରାଜ ମଧ୍ୟ ପୁରୀକୁ ଆସି ସମୟ ସମୟରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ନାନ ପ୍ରସଙ୍ଗରେ ଆଲୋଚନା କରନ୍ତି । ୨୫-୮-୩୧ ତାରିଖ ଦିନ ଆମେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ସାକ୍ଷାତ କଲୁ । ସେଦିନ ଠାକୁର ଚିଦାନନ୍ଦ ସ୍ୱାମୀଙ୍କ ବିଷୟ ନେଇ ଅନେକ କଥା କହିଲେ ।

ତା ୨୭-୮-୩୧—ଝୁଲଣ ପୂର୍ଣ୍ଣିମା

ଆଜି ଜନ୍ମଦିନରେ ଫୁଲମାଳ ଗୁନ୍ଥି ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କର ପୂଜା କଲୁଁ । ପ୍ରସାଦ ସେବନ, ସନ୍ଧ୍ୟାବନ୍ଦନାଦି କରି ଯେପରି ନୂତନ ଆନନ୍ଦ ଲାଭ କରିଥିଲୁ, ତାହା ଅବର୍ଣ୍ଣନୀୟ । ଶ୍ରୀଶ୍ରୀ ଠାକୁରଙ୍କ ପ୍ରିୟ ଶିଷ୍ୟ ସଚ୍ଚିଦାନନ୍ଦ ସାହା ପୂଜାରେ ଉପସ୍ଥିତ ଥିଲେ । ଏହାପରେ ପ୍ରତିଦିନ ଆମେ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ଲାଭ କରିବାର ସୁଯୋଗ ପାଇଥିଲୁ । ଦିନେ ନିଜ ଶରୀର ବିଷୟରେ ଓ ଆଉ ଦିନେ ମଠ ବିଷୟରେ ଶ୍ରୀଶ୍ରୀ ଠାକୁର ଆଲୋଚନା କରିଥିଲେ; ମାତ୍ର ଦୁର୍ଭାଗ୍ୟବଶତଃ ସେସବୁ ଲିପିବଦ୍ଧ କରାଯାଇ ପାରିନାହିଁ ।

ତା ୧୧-୧୦-୩୧

ଆଜି ଠାକୁର ନାନା ପ୍ରସଙ୍ଗରେ ଆଲୋଚନା କଲେ । ମନୋବିଜ୍ଞାନ, ଭୂତ ଓ ମନ୍ତ୍ର ଜପ, ସମାଧି, ସ୍ୱପ୍ନରହସ୍ୟ, ଦେବୀପୂଜା କଥା, ଚକ୍ଷୁଦାନ ପ୍ରସଙ୍ଗ ପଡ଼ିଲା । ଜଣେ ଶିଷ୍ୟ ପ୍ରଶ୍ନ କଲେ—

ଶିଷ୍ୟ—ଜପ ସମୟରେ ନାନାପ୍ରକାର ଚିନ୍ତା ଆସି ଉପସ୍ଥିତ ହେଉଛି । ମନ ତ ସ୍ଥିର ହେଉ ନାହିଁ ?

ମନ ସ୍ଥିର କରିବାର ଉପାୟ—

ଶ୍ରୀଶ୍ରୀ ଠାକୁର—ନାନା ପ୍ରକାର ଚିନ୍ତା ଉପସ୍ଥିତ ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ଅଭ୍ୟାସ କରୁ କରୁ ମନ କ୍ରମେ ସ୍ଥିର ହେବ । ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ କହୁଚି, ଶୁଣ—

ଜଣେ ବ୍ରାହ୍ମଣ ଗୋଟିଏ ଭୂତସାଧନ କରୁଥିଲା । କିଛିଦିନ ପରେ ଭୂତ ବର ପ୍ରଦାନ କରିବାକୁ ଉଦ୍ୟତ ହେବାରୁ ସେ ବ୍ରାହ୍ମଣ ଭୂତକୁ ବର ମାଗିଲା ଯେ, ''ମୁଁ ଯେତେବେଳେ ଯାହା କହିବି, ତୁ ତାହା କରିବୁ ।'' ଭୂତ ବ୍ରାହ୍ମଣ ସହିତ ଚୁକ୍ତି କଲା ଯେ, ମୋତେ ସର୍ବଦା କାମ ଦେଉଥିବୁ । ଯେତେବେଳେ କାମ ଦେବା ବନ୍ଦ କରିଦେବୁ, ସେତେବେଳେ ମୁଁ ତୋତେ ମାରିଦେବି । ଏହିପରି କିଛିଦିନ ଗଲା । ଲୋକଟି ଭୂତକୁ ସର୍ବଦା କାମ କରିବାକୁ ଆଦେଶ ଦେଉଥାଏ । ମାତ୍ର ଭୂତକୁ ବରାଦ ଦେଉଥିବା କାର୍ଯ୍ୟ ଯେତେ କଷ୍ଟସାଧ ହେଲେ ମଧ ଭୂତ ତତ୍କ୍ଷଣାତ୍ ସେ କାର୍ଯ୍ୟକୁ ଶେଷ କରି ପୁଣି ଅନ୍ୟ କାର୍ଯ୍ୟ କରିବାକୁ ମାଗେ । ଶେଷର ବ୍ରାହ୍ମଣ ତାକୁ ଆଉ କାମ ଦେଇପାରିଲା ନାହିଁ । ଭୂତ ବ୍ରାହ୍ମଣକୁ ମାରିବାକୁ ଗୋଡ଼ାଇଲା । ଏହି ସମୟରେ ଦୈବାତ୍ ଜଣେ ସାଧୁଙ୍କ ସହିତ ବ୍ରାହ୍ମଣର ସାକ୍ଷାତ ହେଲା । ସେ ସବୁ ବୃତ୍ତାନ୍ତ ଶୁଣି ବ୍ରାହ୍ମଣକୁ କହିଲେ—କିଛି ଚିନ୍ତା କର ନାହିଁ । ମୁଁ ଏହାର ଉପାୟ କରିଦେବି । ତୁମେ ଯାଇ ଗୋଟଏ ବାଉଁଶ ପୋତିବ । ଭୂତ କାମ ମାଗିବା ମାତ୍ରକେ ତାକୁ କହିବ, ବାଉଁଶ ଉପରକୁ ଉଠ ଓ ତଳକୁ ଖସ । ସେହି ଅନୁସାରେ ବ୍ରାହ୍ମଣ ଭୂତଟିକୁ କାର୍ଯ୍ୟରେ ନିୟୋଗ କଲା । ଭୂତ କିଛି ଦିନ ଏହିପରି କରିବା ପରେ ତାକୁ ବିରକ୍ତି ବୋଧ ହେଲା । ଅବଶେଷରେ ଭୂତ ବ୍ରାହ୍ମଣର ଶରଣାପନ୍ନ ହୋଇ ଚୁକ୍ତି କଲା ଯେ ମୋତେ ଏଣିକି କେବଳ ଦରକାର ବେଳେ କାମରେ ଲଗାଇବୁ ।

ସେହିପରି ମନ ଆମର ଗୋଟାଏ ଭୂତ । ସେ କର୍ମ ନ କରି କ୍ଷଣେ ହେଲେ ରହିପାରିବ ନାହିଁ । ମନକୁ ଯେତେ ବେଶୀ କାମ ଦେବ, ସେ ତତ୍କ୍ଷଣାତ୍ ତାହା କରି ସେଥିରୁ ଫେରିଆସି ଆଉ କିଛି ଚାହିଁବ । ଏହିପରି ଅବସ୍ଥାରେ ଯଦି ମନକୁ ରଖାଯାଏ, ସେ ସର୍ବଦା ଚଞ୍ଚଳ ହୋଇ ଆମ ଉପରେ ଅଧିକାର ଜାହିର କରି ବସିବ । ବାଉଁଶ ହେଉଛି ଆମର ମେରୁଦଣ୍ଡ । ସ୍ଥିର ଭାବରେ ସିଧା ହୋଇ

ବସିବା ଅର୍ଥ ବାଉଁଶ ପୋତିବା । ଭୂତକୁ ତଳ ଉପରକୁ ନେବା ଅର୍ଥ ମନକୁ ମନ୍ତ୍ରଜପରେ ନିୟୋଗ କରିବା । ଭୂତ ସହିତ ସନ୍ଧି କରିବା ଅର୍ଥ ମନ ବଶୀଭୂତ ହେବା । ମନ ବଶୀଭୂତ ହେଲେ ତୁମେ ତାକୁ ଇଚ୍ଛାମତେ କାର୍ଯ୍ୟରେ ନିୟୋଗ କରିପାରିବ । ଏହିପରି ନାମ ଜପ କରୁ କରୁ ଶେଷରେ ମନସ୍ଥିର ହେବ ।

ପୁନରାୟ ନାନା ପ୍ରସଙ୍ଗରେ ଆଲୋଚନା ଚାଲିଲା । କଥା ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ—

ମୃତ୍ୟୁପର ଅବସ୍ଥା—

ମୃତ୍ୟୁଟାକୁ କେହି ଭାବନ୍ତି ନାହିଁ । ଆହୁରି ମଧ୍ୟ କେତେକ ଲୋକ ପରକାଳ ସ୍ୱୀକାର କରନ୍ତି ନାହିଁ । ଦେଖ, ଏଠାରୁ କଲିକତା ଯିବାକୁ କେତେ ଆୟୋଜନ କରୁଛ; କିନ୍ତୁ ତୁମେ ଯେ କେଉଁଦିନ କେଉଁ ଅଜଣା ଦେଶକୁ ଚାଲିଯିବ ତାହାପାଇଁ ତ କିଛି ଆୟୋଜନ କରୁନାହଁ ? ବାସ୍ତବିକ୍ ମୃତ୍ୟୁ ଚିନ୍ତା ବଡ଼ ଭୟଙ୍କର । ଭାବିଲେ ଲୋକ ପାଗଳ ହୋଇଯିବ । ଜୀବନରେ ଯଦି କିଛି କଷ୍ଟ ଥାଏ ତାହା ଜନ୍ମବେଳର କଷ୍ଟ । ପ୍ରସୂତିଠାରୁ ଶତ ଗୁଣରେ କଷ୍ଟ ସନ୍ତାନ ଭୋଗ କରେ । ଜନ୍ମ ମୃତ୍ୟୁ ଭଗବାନଙ୍କ ଲୀଳା । ମୃତ୍ୟୁ ଆନନ୍ଦମୟ ଅବସ୍ଥା ହେଲେ ମଧ୍ୟ ମୃତ୍ୟୁ ପରେ ଅହଂତ୍ୱର ସ୍ମରଣ ହୁଏ ନାହିଁ । ଏହି ବିସ୍ମରଣ ଅବସ୍ଥାକୁ ପ୍ରେତ ଅବସ୍ଥା କୁହାଯାଏ । ଏହି ଅବସ୍ଥାରେ ଲୋକ ନାନାପ୍ରକାର କଷ୍ଟ ଭୋଗ କରେ । ଯମପୁର ବୋଲି ଗୋଟାଏ କିଛି ନାହିଁ । ମାତ୍ର ଏହି ପ୍ରେତ ଅବସ୍ଥାର କଷ୍ଟ ଯମପୁର ବର୍ଣ୍ଣନାଠାରୁ ମଧ୍ୟ ଭୟଙ୍କର । ପ୍ରେତ ଜୀବ ଯେତେବେଳେ ଦେଖେ ଯେ, ନିଜର ପ୍ରାଣସମ ସଞ୍ଚିତ ଅର୍ଥ ପୁତ୍ର ବ୍ୟୟ କରୁଛି, ସେତେବେଳେ ସେ କ୍ରୋଧରେ ଆତ୍ମହରା ହୋଇ ବାରଣ କରିବାକୁ ଧାବିତ ହୁଏ; କିନ୍ତୁ ଦେହ ଇନ୍ଦ୍ରିୟ ନ ଥିବାରୁ ପୁତ୍ରକୁ ବାରଣ କରିପାରେ ନାହିଁ କିମ୍ବା ତା'ର କିଛି ଅନିଷ୍ଟ ମଧ୍ୟ କରିପାରେ ନାହିଁ; ଫଳରେ ଦ୍ୱିଗୁଣ କ୍ରୋଧରେ ଜର୍ଜରିତ ହେଉଥାଏ । ଦେଖ, ଏହି ଅବସ୍ଥାଟା ଭଗବାନ ଆମକୁ ପ୍ରତିଦିନ ଦେଖାଉଛନ୍ତି । ସ୍ୱପ୍ନରେ ତୁମେ ଯାହା କର ତାହା ସ୍ୱପ୍ନରେ କରୁଛ ବୋଲି ସ୍ମରଣ କରିପାର ନାହିଁ । ସ୍ୱପ୍ନରେ ଭୋଜ କରୁଛି, ଖାଉଛ; ମାତ୍ର ତୃପ୍ତ ହେଉ ନାହଁ । ସବୁ ଇନ୍ଦ୍ରିୟର ସୁଖ ଭୋଗ କରୁଛ, ମାତ୍ର ତୃପ୍ତି ନାହିଁ । ଯଦି ଏହି ସମୟରେ ମନେ କରନ୍ତ, ଏଗୁଡ଼ିକ ସ୍ୱପ୍ନ, ତେବେ ପ୍ରତାରିତ ହୁଅନ୍ତ ନାହିଁ ।

ପ୍ରେତର ଠିକ୍ ଏହିପରି ଅବସ୍ଥା । ପ୍ରେତ ଯଦି ନିଜକୁ ମୃତ ବୋଲି ଭାବନ୍ତା, ତାହାହେଲେ ତାର ଆଉ ଦୁଃଖ ରହନ୍ତା ନାହିଁ; ସେ ଉନ୍ନତ ହୁଅନ୍ତା । ସ୍ୱପ୍ନ କ୍ଷଣସ୍ଥାୟୀ, କିନ୍ତୁ ପ୍ରେତଲୋକ ଯେ କେତେ ଦିନ, ତାହା କେହି କହିପାରିବ ନାହିଁ । ଭୋଗଇଚ୍ଛା ନ ମେଣ୍ଟିବାଯାଏ କେହି ଏ ଅବସ୍ଥା ଅତିକ୍ରମ କରିପାରିବେ ନାହିଁ । ସଦ୍‌ଗୁରୁଙ୍କ ଭିନ୍ନ ଏ ଅବସ୍ଥାରେ ଅନ୍ୟ କେହି ସାହାଯ୍ୟ କରିପାରିବେ ନାହିଁ । ତୁମମାନଙ୍କ ନିକଟରେ ଅଭିଜ୍ଞ ଶିକ୍ଷିତ ଲୋକ ଅଛନ୍ତି । ସାଧୁଙ୍କ ପାଖରେ କ'ଣ ମାଗିବାକୁ ହୁଏ, ପ୍ରଥମେ ସେମାନଙ୍କଠାରୁ ତାହା ଶିକ୍ଷା କର; ପରେ ପ୍ରାର୍ଥନା କରିବ ।

ସନ ୧୯୩୨ ମସିହା

ଜାନୁୟାରୀ ୭ ତାରିଖ ଗୁରୁବାର ଦିନ ଶ୍ରୀଶ୍ରୀ ଠାକୁର ପୁରୀ ଆସିଲେ । ଏହାର ଅଳ୍ପଦିନ ପରେ କାଲନାର ସଚ୍ଚିଦାନନ୍ଦ ସାହା ପୁରୀ ଆସି ଠାକୁରଙ୍କ କୁଟୀର ନିକଟରେ ଅବସ୍ଥାନ କରି ସାଧନ ଭଜନ କରିବାକୁ ଲାଗିଲେ । ପ୍ରତିଦିନ ଠାକୁରଙ୍କ ନିକଟକୁ ଆମେ କେତେଗୁଡ଼ିଏ ସ୍କୁଲ ଛାତ୍ର ଏକତ୍ର ହୋଇ ଯାଉ । ଗୋବିନ୍ଦ ଭାଇ ଆମମାନଙ୍କର ଅଗ୍ରଣୀ ଥାଆନ୍ତି ।

୨୪-୧-୩୨ ରବିବାର ଦିନ ଶ୍ରୀଶ୍ରୀ ଠାକୁର ଚିଲିକା ଦେଖି ଯିବାକୁ ଇଚ୍ଛା ପ୍ରକାଶ କଲେ । କ୍ରମେ ବସନ୍ତପଞ୍ଚମୀ ପୂଜା ଆସିଗଲା ।

୧୧-୨-୩୨ ଗୁରୁବାର ବସନ୍ତ ପଞ୍ଚମୀ ଦିନ ଶ୍ରୀଶ୍ରୀ ଠାକୁର ନିଜେ ଆମମାନଙ୍କୁ ନିମନ୍ତ୍ରଣ କଲେ । ଫୁଲମାଳ ପ୍ରଭୃତି ନେଇ ଆମେ ଶ୍ରୀଶ୍ରୀ ଠାକୁରଙ୍କର ପୂଜା କଲୁ । ଠାକୁର ସମସ୍ତଙ୍କ ମଝିରେ ବସି ଆମକୁ ଦୁଧ, ଚୁଡ଼ା ପ୍ରସାଦ ସେବନ କରାଇଲେ ।

୧୪-୨-୩୨ ତାରିଖ ରବିବାର ଦିନ ଠାକୁର ଆମମାନଙ୍କୁ କହିଲେ—ଦେଖ, ତୁମମାନଙ୍କ ବ୍ୟବହାରରେ ମୋତେ ଏଠାର ଲୋକେ ଜାଣିଯିବେ ଯେ, ଏ ଜଣେ ବିଶିଷ୍ଟ ବ୍ୟକ୍ତି । ମୁଁ ଏଠାରେ ଗୁପ୍ତରେ ଅଛି, ଯେପରି ମୁଁ ଧରା ନ ପଡ଼େ !

୧୯-୨-୩୨ ତାରିଖ ଶୁକ୍ରବାର ଦିନ ଶ୍ରୀଶ୍ରୀ ଠାକୁର ବଶିଷ୍ଠଙ୍କ କାମଧେନୁ ପ୍ରସଙ୍ଗରେ କହିଲେ ଯେ ତାହା ବଶିଷ୍ଠଙ୍କ ତପଃଶକ୍ତି ।

ଠାକୁରଙ୍କର ଚିଲିକା ଭ୍ରମଣ—

୨୬-୨-୩୨ ଶୁକ୍ରବାର ଦିନ ଶ୍ରୀଶ୍ରୀ ଠାକୁର ଚିଲିକା ଭ୍ରମଣ କରିବାକୁ ବାହାରିଲେ । ସଙ୍ଗରେ ମୁଁ, ସଚ୍ଚିଦାନନ୍ଦ ଭାଇ, ଜୟକୃଷ୍ଣ, ଠାକୁରଦାସ ବ୍ରହ୍ମଚାରୀ, ଏକାଦଶୀ ପ୍ରଭୃତି ଗଲୁ । ଯାହାଙ୍କ ଉପରେ ବନ୍ଦୋବସ୍ତର ଭାର ଥିଲା, ସେ ତାଙ୍କ କର୍ତ୍ତବ୍ୟରେ ଟିକିଏ ତ୍ରୁଟି କରିଥିବାରୁ ଠାକୁରଙ୍କୁ ବଡ଼ କଷ୍ଟ ହୋଇଥିଲା । ଠାକୁର ଖଣ୍ଡିଏ ନୌକା ଭଡ଼ା କରି କାଳୀଜାଇ ପର୍ଯ୍ୟନ୍ତ ଯାଇଥିଲେ । ଏକାଦଶୀ ମଙ୍ଗଧରା କାମ କରୁଥିବାର ଦେଖି ଠାକୁର ହସି ହସି କହିଲେ—''ଏକାଦଶି ! ତୁ ଆଜି ମୋର କର୍ଣ୍ଣଧାର ।''

୬-୩-୩୨ ତାରିଖ ରବିବାର ଦିନ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରି ଜାଗର ଅମାବାସ୍ୟା ଉପଲକ୍ଷ୍ୟରେ ପୂଜା କଲୁ ।

୮-୩-୩୨ ତାରିଖ ମଙ୍ଗଳବାର ଦିନ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରିବାକୁ ମୋର ବାପା, ବୋଉ, ଅପା ପ୍ରଭୃତି ଆସିଥିଲେ । ବୋଉଙ୍କ ପେଟମରା ରୋଗ କଥା ଶୁଣି ଠାକୁର ତାଙ୍କୁ ଶୀତଳୀକୁମ୍ଭକ ପ୍ରକ୍ରିୟା କରିବାକୁ ଉପଦେଶ ଦେଲେ । ଠାକୁର ମୋତେ ଶୀତଳୀକୁମ୍ଭକ ପ୍ରକ୍ରିୟା କହିଦେଇ ବୋଉଙ୍କୁ ତାହା ଶିଖାଇ ଦେବାକୁ କହିଲେ ।

୨୨-୩-୩୨ ତାରିଖ ମଙ୍ଗଳବାର ଦିନ ଦୋଳପୂର୍ଣ୍ଣିମା ଉପଲକ୍ଷ୍ୟରେ ଠାକୁରଙ୍କ ପୂଜା ହୋଇଥିଲା ।

୨୨-୪-୩୨ ତାରିଖ ଶୁକ୍ରବାର ଦିନ ଶ୍ରୀଶ୍ରୀ ଠାକୁର ମଠକୁ ଗଲେ । ନଭେମ୍ବର ମାସରେ ତୀର୍ଥ ଭ୍ରମଣରେ ବାହାରିଲେ । ଏହି ତୀର୍ଥ ଭ୍ରମଣକାରୀ ରେଳଗାଡ଼ିରେ ଦିନେ ମାତ୍ର ପୁରୀ ଆସି ପୁନରାୟ ଅନ୍ୟ ତୀର୍ଥ ଭ୍ରମଣରେ ଚାଲିଗଲେ ।

ତା ୩୦-୪-୩୩

ଜଣେ ଭକ୍ତ ଦୀକ୍ଷା ନେବା ଉଦ୍ଦେଶ୍ୟରେ ଆସିଥିଲେ । ଠାକୁରଙ୍କୁ ଦୀକ୍ଷା ଦେବାକୁ ପ୍ରାର୍ଥନା କରିବାରୁ ଶ୍ରୀଶ୍ରୀ ଠାକୁର କହିଲେ, ''ଦୀକ୍ଷାର ଉଦ୍ଦେଶ୍ୟ କ'ଣ ନ କହିଲେ ମୁଁ ତୁମକୁ ଦୀକ୍ଷା ଦେବି ନାହିଁ ।'' ଭକ୍ତଟି ନୀରବ ରହିବାରୁ ଶ୍ରୀଶ୍ରୀ ଠାକୁର ଆପଣା ମନକୁ କହିବାକୁ ଲାଗିଲେ—

ଦୀକ୍ଷାର ଉଦ୍ଦେଶ୍ୟ—

ଦେଖ, ଦୀକ୍ଷାର ଉଦ୍ଦେଶ୍ୟ ଶକ୍ତିଲାଭ ନୁହେଁ । କ୍ରିୟାର ଫଳସ୍ୱରୂପ ଶକ୍ତିଲାଭ ହୋଇପାରେ; କିନ୍ତୁ ଦୀକ୍ଷାର ଅସଲ ଉଦ୍ଦେଶ୍ୟ ଅନ୍ୟ ପ୍ରକାର । ଦୀକ୍ଷାଦ୍ୱାରା ଭଗବାନ ଲାଭ ହୋଇପାରନ୍ତି ନାହିଁ । ଭଗବାନ କୌଣସି ଶକ୍ତିର ବଶୀଭୂତ ନୁହନ୍ତି । ମନୁଷ୍ୟର ସାଧ ନାହିଁ ଯେ ସେ ଶକ୍ତିଦ୍ୱାରା ଭଗବାନଙ୍କୁ ବଶୀଭୂତ କରିପାରିବ । ମୂଷିକ ଯେତେ ଉନ୍ନତ ହେଲେ ମଧ ହସ୍ତୀକୁ ବଶ କରିପାରିବ ନାହିଁ । ଜୁଳୁଜୁଳିଆ ପୋକର ଶକ୍ତି ନାହିଁ ଯେ ସେ ନିଜ ତେଜଦ୍ୱାରା ସୂର୍ଯ୍ୟଙ୍କ ପ୍ରଭା ବିନାଶ କରିପାରିବ । ସେହିପରି ମନୁଷ୍ୟର ଶକ୍ତି ନାହିଁ ଯେ ସେ ଭଗବାନଙ୍କୁ ବଶୀଭୂତ କରିପାରିବ । ଭଗବାନଙ୍କୁ ବଶୀଭୂତ କରିବାର ଏକମାତ୍ର ଉପାୟ ବ୍ୟାକୁଳତା ।

ଯଦି ତୁମେ କେବଳ ତାଙ୍କ ନିମିତ୍ତ କାନ୍ଦିପାର, ତେବେ ସେ ତୁମର ସର୍ବାଭୀଷ୍ଟ ପୂର୍ଣ୍ଣ କରିଦେବେ । ଛୋଟ ଶିଶୁକୁ ଦେଖ, ସେ ସାମାନ୍ୟ ଟିକିଏ ଅଭାବ ବୋଧ କଲାକ୍ଷଣି କାନ୍ଦିଉଠେ । ଶିଶୁର କ୍ରନ୍ଦନ ଶୁଣିବାକ୍ଷଣି ତାହାର ମାଆ ସମସ୍ତ କାର୍ଯ୍ୟ ଭୁଲି ଏପରିକି ନିଜ ସ୍ୱାମୀଙ୍କର ବାକ୍ୟକୁ ମଧ ଅଗ୍ରାହ୍ୟ କରି ପୁତ୍ରର ଅଭାବ ପୂରଣ କରିଦିଅନ୍ତି ।

ଠିକ୍ ଏହିପରି ଯଦି ଆମେମାନେ ବିଦ୍ୟାବୁଦ୍ଧି, ଅଭିମାନ ସମସ୍ତ ଭୁଲି ଛୋଟ ଶିଶୁଟି ପରି ଭଗବାନଙ୍କ ନିକଟରେ କ୍ରନ୍ଦନ କରିପାରୁ, ତେବେ ସେ ତତ୍କ୍ଷଣାତ୍ ଆମର ଅଭାବ ମୋଚନ କରିଦେବେ; କିନ୍ତୁ ଆମେମାନେ ତାହା କରିପାରୁ ନାହୁଁ । ଆମେମାନେ କେବଳ ଅର୍ଥ ପାଇଁ କାନ୍ଦିପାରୁ ଓ ଅର୍ଥ ନିମିତ୍ତ ଜଗତର ସମସ୍ତ ଅସାଧ କାର୍ଯ୍ୟରେ ହସ୍ତକ୍ଷେପ କରିପାରୁ । କାରଣ ଜୀବନରେ ଅର୍ଥର ଅଭାବ ଆମେମାନେ ବାଲ୍ୟକାଳରୁ ଅନୁଭବ କରି ଆସୁଥାଇ । ସେଥିପାଇଁ ଅର୍ଥର ଅଭାବ ହେଲାକ୍ଷଣି କ୍ରନ୍ଦନ କରିଥାଉ; କିନ୍ତୁ ଅଶୁଦ୍ଧଚିତ୍ତ ହେତୁ ଭଗବାନଙ୍କର ଆବଶ୍ୟକତା ବୁଝିପାରୁ ନ ଥାଇ । ତେଣୁ ତାଙ୍କ ନିମିତ୍ତ ଆମର କ୍ରନ୍ଦନ ଆସିପାରେ ନାହିଁ । ଦୀକ୍ଷାଦ୍ୱାରା ଓ ମନ୍ତ୍ରର ନିୟମିତ ଜପଦ୍ୱାରା ଦମ୍ଭ ଅଭିମାନ ନଷ୍ଟ ହୋଇ ଶରଣାଗତିର ଭାବ ଆସେ ଏବଂ ଭଗବାନଙ୍କ ଅଭାବ ସହଜରେ ବୁଝିହୁଏ । ଅଭାବବୋଧ ହେଲାକ୍ଷଣି ତାଙ୍କ ନିକଟରେ କ୍ରନ୍ଦନ କରିବାର ଶକ୍ତି ଲାଭ ହୁଏ ।

ସେତେବେଳେ ଭଗବାନ ଧରା ନ ଦେଇ ରହିପାରନ୍ତି ନାହିଁ । ଦୀକ୍ଷାର ଉଦ୍ଦେଶ୍ୟ ଭଗବାନଙ୍କ ନିମିତ୍ତ ବ୍ୟାକୁଳାତା । ଦୀକ୍ଷାଦ୍ୱାରା ଏହା ବ୍ୟତୀତ ଅନ୍ୟ କିଛି ହୁଏ ବୋଲି ମୋର ବିଶ୍ୱାସ ନାହିଁ । କ୍ରିୟାର ଫଳସ୍ୱରୂପ ଶକ୍ତିଲାଭ ହୁଏ । କେତେକେ କହନ୍ତି, ମନ ସ୍ଥିର ନ ହେଲେ ଧ୍ୟାନ ଜପାଦି ବୃଥା । କିନ୍ତୁ ସେମାନେ ଏତକ ବୁଝନ୍ତି ନାହିଁ ଯେ, ମନ ସ୍ଥିର କରିବାକୁ ହେଲେ ଜପର ପ୍ରୟୋଜନ ।

ପୁଣି ଏପରି କେତେ ଲୋକ ଅଛନ୍ତି, ସେମାନେ ଭଗବାନଙ୍କ ନାମ ନେବା ନିମିତ୍ତ ସମୟର ଅଭବା ହେଉଛି ବୋଲି ଆପତ୍ତି ଦେଖାନ୍ତି । କିନ୍ତୁ ମୁଁ କହେ, ତୃଷାରେ ଯାହାଙ୍କର ପ୍ରାଣ ଆକୁଳ, ସେ କ'ଣ ଜଳର ଭଲମନ୍ଦ ବିଚାର କରିପାରନ୍ତି ? ତଥାପି ଗୁରୁ ଦୀକ୍ଷା ଦେଲାବେଳେ ପ୍ରତ୍ୟେକଙ୍କର ସମୟ ସୁବିଧା ଦେଖି ବ୍ୟବସ୍ଥା କରି ଦେଇଥାନ୍ତି । କିନ୍ତୁ ଦୀକ୍ଷା ନିମିତ୍ତ ବ୍ୟାକୁଳତା ନ ଆସିଲେ ଦୀକ୍ଷା ନେବା ଉଚିତ ନୁହେଁ । ଯେପରି କ୍ଷୁଧା ନ ଥାଇ ଭୋଜନ କଲେ ଅନିଷ୍ଟ ହୁଏ, ସେହିପରି ଅନିଚ୍ଛା ସତ୍ତ୍ୱେ ଦୀକ୍ଷା ନେଲେ ଖରାପ ହୁଏ । ଯଦି ବ୍ୟାକୁଳତା ନ ଆସେ ତେବେ ବ୍ୟାକୁଳତା ଆସିବାକୁ ପ୍ରାର୍ଥନା କର । ଭଗବାନ ଉପଯୁକ୍ତ ଗୁରୁ ପଠାଇଦେବେ । ମୁଁ ଯେତେବେଳେ ଦୀକ୍ଷା ଗ୍ରହଣ ନିମିତ୍ତ ବ୍ୟାକୁଳ ପ୍ରାଣରେ ଗୁରୁ ଖୋଜି ବୁଲୁଥିଲି, ସେତେବେଳେ ଜୀବନ ପ୍ରତି ମୋର ଭ୍ରୂକ୍ଷେପ ନ ଥିଲା । କିନ୍ତୁ ଗୁରୁ ମୋତେ ନିଜେ ଧରା ଦେଲେ । ସ୍ଥୁଳ ଦେହର ରକ୍ଷା ପାଇଁ ଓ ସୁଖ ନିମିତ୍ତ ଯେପରି ଧନର ପ୍ରୟୋଜନ, ସେହିପରି ସୂକ୍ଷ୍ମ ଦେହର ରକ୍ଷା ଓ ଶାନ୍ତି ନିମିତ୍ତ ଦୀକ୍ଷାର ପ୍ରୟୋଜନ । ପୂର୍ବେ ଶିକ୍ଷା କାଳରେ ଗୁରୁଗୃହରେ ଲୋକେ ଧନର ପ୍ରୟୋଜନୀୟତା ବୁଝିବା ସଙ୍ଗେ ସଙ୍ଗେ ଭଗବାନଙ୍କର ପ୍ରୟୋଜନୀୟତା ମଧ୍ୟ ବୁଝୁଥିଲେ; କିନ୍ତୁ ବର୍ତ୍ତମାନ ସେସବୁ ନାହିଁ । ବର୍ତ୍ତମାନ ଏକମାତ୍ର ଉପାୟ ସାଧୁସଙ୍ଗ । ସାଧୁସଙ୍ଗ ଅର୍ଥ—ସାଧୁଙ୍କ ସହିତ ବସି ରାଜନୈତିକ ଆଲୋଚନା କରିବା ନୁହେଁ । ସତ୍ କଥା ଓ ସତ୍ ପ୍ରସଙ୍ଗର ଆଲୋଚନା, ସାଧୁଙ୍କ ପ୍ରତିମୂର୍ତ୍ତି ଦର୍ଶନ ଓ ଜୀବନୀ ପାଠ ମଧ୍ୟ ସାଧୁସଙ୍ଗର ଅନ୍ତର୍ଭୁକ୍ତ ।

୭-୪-୩୩ ତାରିଖ—ମଙ୍ଗଳବାର

ଉଡ୍‌ରଫ୍ ସାହେବ—

ଆଜି କଥା ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ—ସାହେବମାନେ ନ ବୁଝି ନିନ୍ଦା କରନ୍ତି; କିନ୍ତୁ ସେମାନଙ୍କୁ ଥରେ ବୁଝାଇଦେଲେ ଅତି ସହଜରେ ବୁଝିଯାଆନ୍ତି ।

ଉଡ୍‌ରଫ୍ ସାହେବ (କଲିକତା ହାଇକୋର୍ଟର ବିଚାରପତି) ଜଣେ ଉଚ୍ଚ ଧରଣର ତାନ୍ତ୍ରିକ । ସେ ପୁରୀକୁ ତନ୍ତ୍ରଭୂଷଣ ଉପାଧି ନେବା ନିମିତ୍ତ ଆସିଥିଲେ । ସେଠାରୁ ଯାଇ ଚୈତନ୍ୟ ଲାଇବ୍ରେରୀରେ ଗୋଟିଏ ବକ୍ତୃତାରେ କହିଲେ—ତନ୍ତ୍ରରେ ଯେଉଁସବୁ ସାଧନା ଅଛି, ତାହା ଅତି ସ୍ଥୁଳ । ମୋର ମନେହୁଏ ଯେ ଏହାଠାରୁ ସୂକ୍ଷ୍ମଶକ୍ତି ମଧ୍ୟ ଅଛି । ସମ୍ଭବତଃ ହିନ୍ଦୁମାନେ ଏହା ଉପରକୁ ଉଠିପାରି ନାହାନ୍ତି । ଏହି ବକ୍ତୃତାର ଅନୁବାଦ ବିଜୟା ନାମକ ପତ୍ରିକାରେ ପ୍ରକାଶିତ ହେଲା । ବିଜୟା ଓ ଆର୍ଯ୍ୟଦର୍ପଣର ବିନିମୟ ହୁଏ । ଏହା ପାଠ କରି ମୁଁ ମୋର ଜଣେ ଶିଷ୍ୟକୁ ପତ୍ରିକାରେ ଏଥିର ପ୍ରତିବାଦ କରିବାକୁ କହି ସାହେବଙ୍କଠାକୁ ଲେଖିଲି—ସାହେବ, ତୁମେ ଭୁଲ ବୁଝିଛ । ଭଗବାନଙ୍କର ଅନନ୍ତ ଶକ୍ତି । ତାହା ମଧ୍ୟରୁ ତିନୋଟି ଶକ୍ତି ପ୍ରଧାନ—ମାୟାଶକ୍ତି, ଚିତ୍‌ଶକ୍ତି ଓ ତଟସ୍ଥାଶକ୍ତି । ପୁଣି ଚିତ୍‌ଶକ୍ତି ତିନି ଭାଗରେ ବିଭକ୍ତ—ସମ୍ବିତ୍, ସନ୍ଧିନୀ, ହ୍ଲାଦିନୀ । ତନ୍ତ୍ରରେ କେବଳ ମାୟାଶକ୍ତିର ଆଲୋଚନା ଅଛି । ଏହି ଶକ୍ତିଦ୍ୱାରା କେବଳ ସୃଷ୍ଟି, ସ୍ଥିତି, ଲୟ ହୁଏ । କିନ୍ତୁ ଚିତ୍‌ଶକ୍ତି ଭଗବାନଙ୍କର ସ୍ୱରୂପଶକ୍ତି । ଏହାର ବିଶେଷ ବିବରଣ ଆପଣ ବୈଷ୍ଣବଶାସ୍ତ୍ର ପାଠ କଲେ ଜାଣିପାରିବେ । ତାହାର ଉତ୍ତରରେ ସାହେବ ଲେଖିଲେ ଯେ ସେ ବୈଷ୍ଣବ ଶାସ୍ତ୍ର କ'ଣ ଜାଣନ୍ତି ନାହିଁ । ତାଙ୍କୁ ନାରଦପଞ୍ଚରାତ୍ର, ଷଟ୍‌ସନ୍ଦର୍ଭ ପ୍ରଭୃତି ଗ୍ରନ୍ଥ ପାଠ କରିବାକୁ ମୁଁ ଲେଖିଲି । ପରେ ସେ ପୁରୀଠାରେ ମୋ ସହିତ ସାକ୍ଷାତ କରି ବହୁ ଜଟିଳ ତତ୍ତ୍ୱର ମୀମାଂସା କରି ନେଇଥିଲେ ।

ଆଉ ଦିନେ ଜଣେ ପାଦ୍ରୀ ସାହେବ ମୋ ହାତ ଧରି ଟାଣିନେଇ ପଚାରିଲେ—

ସାହେବ—ତୁମ ସମ୍ମୁଖରେ ଯଦି କେହି ଜଣେ ସ୍ତ୍ରୀଲୋକଙ୍କ ପ୍ରତି ଅତ୍ୟାଚାର କରେ, ତେବେ ତୁମେ କ'ଣ କରିବ ?

ଠାକୁର—ତାଙ୍କୁ ରକ୍ଷା କରିବାକୁ ପ୍ରାଣପଣେ ଚେଷ୍ଟା କରିବି ।

ସାହେବ ହସି ହସି କହିଲେ—ବାଃ ବାଃ, ତୁମେ ତ ତାହାହେଲେ ଭୀଷ୍ମ ଓ ଯୁଧିଷ୍ଠିରଙ୍କଠାରୁ ବଡ଼ ?

ଠାକୁର—କିପରି ?

ସାହେବ—ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କର ବସ୍ତ୍ରହରଣ ହେଲା, ସେତେବେଳେ ଭୀଷ୍ମ, ଯୁଧିଷ୍ଠିର ପ୍ରଭୃତି ରକ୍ଷା କଲେ ନାହିଁ କାହିଁକି ?

ଶ୍ରୀଶ୍ରୀ ଠାକୁର—ତୁମ ଦେଶରେ ଯଦି ଅସହାୟ ଅବସ୍ଥାରେ ଜଣକୁ କେହି ରକ୍ଷା ନ କରନ୍ତି, ତେବେ ସେ ଆତ୍ମହତ୍ୟା କରିବେ । କିନ୍ତୁ ହିନ୍ଦୁଶାସ୍ତ୍ର କହୁଛି, ଯଦି ତୁମକୁ କେହି ରକ୍ଷା ନ କରନ୍ତି ଆତ୍ମହତ୍ୟା କରିବାର ପ୍ରୟୋଜନ ନାହିଁ । ଭଗବାନ ଅଛନ୍ତି, ତାଙ୍କ ନିକଟରେ ପ୍ରାର୍ଥନା କଲେ ସେ ରକ୍ଷା କରିବେ । ଫଳରେ ତାହା ହିଁ ହେଲା । ଏହାଦ୍ୱାରା ଭଗବତ୍‌ନିର୍ଭରତା ଶିକ୍ଷା ଦିଆଯାଇଛି ।

ଶ୍ରୀକୃଷ୍ଣଙ୍କ ନିନ୍ଦା ଓ ଠାକୁର—

ସାହେବ—ମହାଭାରତରେ ଜଣେ ଲମ୍ପଟୀ, ମିଥ୍ୟାବାଦୀ, କପଟୀ, ଗର୍ବୀ ଲୋକକୁ କାହିଁକି ଭଗବାନ ବୋଲି କୁହାଯାଇଛି ବୁଝାଯାଉ ନାହିଁ ।

ଶ୍ରୀଶ୍ରୀ ଠାକୁର—ସାହେବ, ତୁମେ ଭୁଲ ବୁଝିଛ । ତୁମେ ବିଦୁର, ଯୁଧିଷ୍ଠିର, ଅର୍ଜ୍ଜୁନ ଓ ଭୀଷ୍ମଙ୍କ ଚରିତ୍ର ପାଠ କରିଛ ?

ସାହେବ—ହଁ, ବିଦୁର ଦୀନ, ଅକିଞ୍ଚନ, ସରଳ । ଯୁଧିଷ୍ଠିର ସତ୍ୟବାଦୀ । ଅର୍ଜ୍ଜୁନ ବୀର, ଶୂର । ଭୀଷ୍ମ ଜିତେନ୍ଦ୍ରିୟ, ନୈଷ୍ଠିକ, ବ୍ରହ୍ମଚାରୀ । ଏହାଙ୍କର ଚରିତ୍ର ବଡ଼ ସୁନ୍ଦର । ଏହାଙ୍କୁ ହିଁ ଭଗବାନ କରିବା ଉଚିତ ଥିଲା । ଭୀଷ୍ମଙ୍କୁ ଭଗବାନ ନ କରି ଭୀରୁ, କାପୁରୁଷ କୃଷ୍ଣଙ୍କୁ କାହିଁକି ଭଗବାନ କରାଗଲା ?

ଶ୍ରୀଶ୍ରୀ ଠାକୁର—ଦେଖ, ଜଣେ ଦୀନ, ଅକିଞ୍ଚନ ଲୋକ ଗର୍ବୀ ଲୋକ ସହିତ ବନ୍ଧୁତା ସ୍ଥାପନ କରିପାରନ୍ତି ନାହିଁ । କିନ୍ତୁ ବିଦୁର ଶ୍ରୀକୃଷ୍ଣଙ୍କର ପରମ ବନ୍ଧୁ । ଏଥିରୁ ଜଣାଯାଉଛି, ଶ୍ରୀକୃଷ୍ଣ ଗର୍ବୀ ନୁହନ୍ତି । ଜଣେ ସତ୍ୟବାଦୀ ମିଥ୍ୟାବାଦୀ ଲୋକକୁ ଭକ୍ତି କରିପାରନ୍ତି ନାହିଁ । ତୁମର ସତ୍ୟବାଦୀ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କ ଉପଦେଶ ବ୍ୟତୀତ କିଛି କରନ୍ତି ନାହିଁ । ଏଥିରୁ ତୁମର ବୁଝିବା ଉଚିତ, ଶ୍ରୀକୃଷ୍ଣ ମିଥ୍ୟାବାଦୀ ନୁହନ୍ତି । ଜଣେ ବୀର ପୁରୁଷଙ୍କ ସହିତ କାପୁରୁଷଙ୍କର ବନ୍ଧୁତା ହୋଇପାରେ ନାହିଁ । ଅର୍ଜ୍ଜୁନଙ୍କ ପରି ବୀର ଶ୍ରୀକୃଷ୍ଣଙ୍କ ଶିଷ୍ୟ । ପୁଣି ତୁମେ ଯାହାଙ୍କୁ ଭଗବାନ ବୋଲି କହୁଛ, ସେହି ଭୀଷ୍ମ, ସେହି ଜିତେନ୍ଦ୍ରିୟ ଭୀଷ୍ମ ଶ୍ରୀକୃଷ୍ଣଙ୍କୁ ପୂର୍ଣ୍ଣ ଭଗବାନ ବୋଲି ସ୍ୱୀକାର କରି ରାଜସୂୟ ଯଜ୍ଞରେ ପୂଜା କରିଛନ୍ତି ।

ତୁମେ ଶ୍ରୀକୃଷ୍ଣଙ୍କୁ ଚିହ୍ନି ନାହଁ । ତୁମ ମତରେ ଯେଉଁ ଭୀଷ୍ମ ଭଗବାନ, ସେହି ଭୀଷ୍ମ ଯାହାଙ୍କୁ ଭଗବାନ ବୋଲି ସ୍ୱୀକାର କରିଛନ୍ତି, ତୁମେ ବିନା ବିଚାରରେ ସେହି ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ସ୍ୱୀକାର କରିପାର ।

ଏହାପରେ ସାହେବ ଖୁସିହୋଇ କହିଲେ, ମୁଁ ପୂର୍ବରୁ ଏପରି ଭାବରେ ତ ବୁଝି ନ ଥିଲି ! ଉପ୍ରେ ସାହେବ କହିଲେ, ଆପଣ ଖ୍ରୀଷ୍ଟିୟାନ୍ ହେଲେ ବଡ଼ ଭଲ ହୁଅନ୍ତା । ମୁଁ କହିଲି, ମୁଁ ଖ୍ରୀଷ୍ଟିୟାନ୍ ନୁହେଁ କି ହିନ୍ଦୁ ନୁହେଁ—ସତ୍ୟଲାଭେଚ୍ଛୁ । ଯାହାଙ୍କଠାରୁ ସତ୍ୟ ପାଇବି, ତାଙ୍କୁ ଗ୍ରହଣ କରିବା ମୋର ଧର୍ମ । ଖ୍ରୀଷ୍ଟଧର୍ମ As God ପର୍ଯ୍ୟନ୍ତ ଯାଇଛନ୍ତି । କିନ୍ତୁ ବେଦାନ୍ତ କହୁଛନ୍ତି, Be God—ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି । ତାହାହେଲେ କିଏ ଶ୍ରେଷ୍ଠ ?

ଅନ୍ୟ ସମୟରେ—

ଆଜି ଆମେ ସ୍ଥାନୀୟ ଛାତ୍ରମାନେ ଏକତ୍ର ହୋଇ ଶ୍ରୀଶ୍ରୀ ଠାକୁରଙ୍କୁ ଅନୁରୋଧ କଲୁ—ଠାକୁର ! ଆମେମାନେ ଯେତେ ଅଦୀକ୍ଷିତ ଅଛୁ ସମସ୍ତେ ଦୀକ୍ଷା ନେବାକୁ ଇଚ୍ଛା କରୁଛୁ ।

ଗୁରୁ-ଶିଷ୍ୟ ସମ୍ବନ୍ଧ—

ଶ୍ରୀଶ୍ରୀ ଠାକୁର—ସମସ୍ତେ ? ସମସ୍ତେ ନେବ ? ଦେଖୁଛି ମୋତେ ପୁରୀ ଛାଡ଼ି ପଳାଇଯିବାକୁ ହେବ । ଦେଖ, ଉତ୍କଳରେ ମୋର ଓଡ଼ିଆ ଶିଷ୍ୟ ପ୍ରାୟ ଆଠ ଜଣ ହେବେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଦକ୍ଷିଣ ଓଡ଼ିଶାର । ସେମାନେ ମୋଠାରୁ କିଛି ପାଉଛନ୍ତି ବୋଲି ତ ମୋର ବିଶ୍ୱାସ ହେଉ ନାହିଁ । କାରଣ ସେମାନେ ମୋ ସହିତ ମିଶିପାରୁ ନାହାନ୍ତି । ତେଣୁ ଭାବର ଆଦାନ-ପ୍ରଦାନ ହୋଇପାରୁ ନାହିଁ । ତୁମେମାନେ ଶୁଣିଥିବ, ମୁଁ ମୋର ବଙ୍ଗବାସୀ ଭକ୍ତମାନଙ୍କୁ କହେ ଯେ, ସହସ୍ର ସାଧକଙ୍କ ମଧ୍ୟରୁ ଜଣେ ମାତ୍ର ସିଦ୍ଧ ହୁଅନ୍ତି । ସେହି ସିଦ୍ଧ ବ୍ୟକ୍ତିଙ୍କୁ ଆଶ୍ରୟ କରି ବହୁ ଲୋକ ଉନ୍ନତ ହୋଇଯାଆନ୍ତି । ଶୁଣ, ମୁଁ ତୁମମାନଙ୍କ ପାଇଁ ସାଧନ-ଭଜନ କରିଆସିଛି । ତୁମମାନଙ୍କୁ ଆଉ ପୃଥକ୍ ଭାବରେ ସାଧନ କରିବାକୁ ହେବ ନାହିଁ କି କିଛି କରିବାକୁ ପଡ଼ିବ ନାହିଁ । ଜଣେ ଗୁରୁଙ୍କର ଶକ୍ତି ତାଙ୍କ ପରେ ତିନି ଗୁରୁଙ୍କଠାରେ ସଞ୍ଚାରିତ ହୁଏ । ନାନକଙ୍କ ପରେ ଦଶ ଗୁରୁଙ୍କ ପର୍ଯ୍ୟନ୍ତ ଗୁରୁଶକ୍ତି ଥିଲା । ଏହି ଶକ୍ତିସଞ୍ଚାରକ୍ରିୟା ଗୁରୁଙ୍କ ପ୍ରତି ଶ୍ରଦ୍ଧା ଭକ୍ତିଦ୍ୱାରା ଲାଭ ହୁଏ । ଗୁରୁଙ୍କ ସହିତ ମିଳାମିଶା, ଆଳାପ ଆଲୋଚନା କଲେ କ୍ରମେ କ୍ରମେ ପ୍ରେମ ସ୍ଥାପିତ ହୁଏ ।

ତୁମ ଉତ୍କଳୀୟ ଶିଷ୍ୟମାନଙ୍କ ସହିତ ମୋର ତ ପ୍ରେମ ସ୍ଥାପିତ ହୋଇପାରୁ ନାହିଁ । କିପରି ବା ହେବ ? ସେମାନେ ମୋ ସହିତ ଦେଖା ସୁଦ୍ଧା କରନ୍ତି ନାହିଁ । ଦେଖ, ତୁମର ଲୋକନାଥ ! ପୁରୀରେ ତାହାର ଘର । ସେ ଛଅ ମାସରେ ଥରେ ମଧ୍ୟ ମୋ ସହିତ ସାକ୍ଷାତ କରେ ନାହିଁ । ଏପରି ହେଲେ କିପରି ପ୍ରେମ ସ୍ଥାପିତ ହେବ ? ବଙ୍ଗଳାରେ ମୋର ଏପରି ଅନେକ ଶିଷ୍ୟ ଅଛନ୍ତି, ଯେଉଁମାନେ କିଛି ସାଧନ ଭଜନ କରନ୍ତି ନାହିଁ ଅଥଚ କେବଳ ମୋ ପାଇଁ ପାଗଳ । ସେମାନେ କି ସୁନ୍ଦର ଅନୁଭୂତି ପ୍ରକାଶ କରନ୍ତି ! ତୁମେମାନେ ଦୀକ୍ଷା ନେବାପରେ ଯଦି ନିୟମିତ ଭାବରେ ମୋତେ ଦର୍ଶନ କରିବାକୁ ନ ଆସିବ, ତେବେ ମୋତେ ପୁରୀ ଛାଡ଼ିବାକୁ ପଡ଼ିବ । ଗୁରୁଙ୍କ ସହିତ ଆଳାପ ଆଲୋଚନା ଓ ତାଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବାଦ୍ୱାରା ଶିଷ୍ୟଭକ୍ତଙ୍କଠାରେ ଶକ୍ତି ସଞ୍ଚାରିତ ହୋଇଥାଏ । ସେଥିରେ ଶିଷ୍ୟମାନଙ୍କ ଚିତ୍ତ ଉନ୍ନତ ହୋଇଉଠେ । ତୁମେମାନେ ଯଦି ନିୟମିତ ଭାବରେ ମୋ ସହିତ ମିଳାମିଶା, ଦର୍ଶନ ସ୍ପର୍ଶନ ନ କର, ତେବେ ମୋତେ ପୁରୀ ଛାଡ଼ି ଚାଲିଯିବାକୁ ହେବ । କାରଣ, ଲୋକେ କହିବେ—ଶ୍ରୀଶ୍ରୀ ଠାକୁର ଜଣେ ହେଲେ ଭକ୍ତ ଗଠନ କରି ଗଲେ ନାହିଁ । ଜଣକୁ ମଧ୍ୟ କିଛି କହି ଗଲେ ନାହିଁ ।

ଏହା କହି ଠାକୁର ଉଠିଗଲେ ।

୮-୪-୩୩ ତାରିଖ—ବୁଧବାର

ରୋଗର ଅଧିଷ୍ଠାତ୍ରୀ ଦେବୀ—

କଥା ପ୍ରସଙ୍ଗରେ ଜଣେ ଭକ୍ତ ପଚାରିଲେ—ଠାକୁର, ଆମ ଦେଶରେ ବସନ୍ତ ହେଲେ ମାଆଙ୍କର ଆବିର୍ଭାବ ହୁଏ ବୋଲି କହନ୍ତି, ଏହା କ'ଣ ସତ ?

ଶ୍ରୀଶ୍ରୀ ଠାକୁର—ହଁ, ଅନେକେ ଏପରି କହନ୍ତି—ତେବେ ପ୍ରତ୍ୟେକ ସ୍ଥାନରେ ମାଆ ଅଛନ୍ତି; କିନ୍ତୁ ପ୍ରତ୍ୟେକର ଯେଉଁ ସ୍ଥୁଳ ଅଂଶ, ତାହା ମାଆ ନୁହନ୍ତି । ପ୍ରତ୍ୟେକର ସୂକ୍ଷ୍ମ ଅଂଶରେ ଦେବତା ଅଛନ୍ତି । ପ୍ରତ୍ୟେକ ରୋଗରେ ମାଆଙ୍କର ଆବିର୍ଭାବ ହୁଏ । ତେବେ ଯେଉଁ ପୀଡ଼ାର ପ୍ରକୋପ ବେଶୀ, ସେହି ପୀଡ଼ାରେ ମାଆଙ୍କର ଆବିର୍ଭାବ ଅନୁଭୂତ ହୋଇଥାଏ । ତେଣୁ ମହାମାରି ସମୟରେ ମାଆଙ୍କର ଆବିର୍ଭାବ ହୁଏ ବୋଲି ଲୋକେ କହନ୍ତି । ଅଳ୍ପଦିନ ତଳେ ମୋର ଗୋଟିଏ

ଶିଷ୍ୟର ବସନ୍ତ ରୋଗ ହୋଇଥିଲା । ସେ ଯନ୍ତ୍ରଣାରେ ଅଧୀର ହୋଇ ସର୍ବଦା 'ଠାକୁର', 'ଠାକୁର' ହେଉଥାଏ । ସେ ଦିନେ ସ୍ୱପ୍ନରେ ଜଣେ ରକ୍ତବସନା ଦେବୀଙ୍କର ଦର୍ଶନ ପାଇଲା । ଦେବୀ କହିଲେ, ଏ ରୋଗ ଉପରେ ତୋ ଗୁରୁଙ୍କର ଅଧିକାର ନାହିଁ । ଏହା ଉପରେ ସମ୍ପୂର୍ଣ୍ଣ ଅଧିକାର ମୋର । କିନ୍ତୁ ତୋର ଗୁରୁଭକ୍ତି ଦେଖି ମୁଁ ସନ୍ତୁଷ୍ଟ ହୋଇଛି । ଏହା କହି ଶିଷ୍ୟ ଦେହରୁ ବସନ୍ତସବୁ ପୋଛି ପୋଟଳା ବାନ୍ଧି ନେଇ ଚାଲିଗଲେ । ପରଦିନ ସକାଳୁ ଭକ୍ତ ଦେଖିଲେ ଯେ, ସେ ସମ୍ପୂର୍ଣ୍ଣ ସୁସ୍ଥ । ଏପରି ଘଟଣା ଅନେକ ଘଟିଛି ।

ସ୍ଥୁଳ ଓ ସୂକ୍ଷ୍ମରେ ଗୁରୁଙ୍କୁ ପାଇବାର ପାର୍ଥକ୍ୟ—

ଭକ୍ତ—ଠାକୁର ! ଗୁରୁଙ୍କୁ ସୂକ୍ଷ୍ମରେ ପାଇବା ପୂର୍ବରୁ ଯଦି ଗୁରୁ ବା ଶିଷ୍ୟଙ୍କର ତିରୋଧାନ ଘଟେ, ତେବେ ଶିଷ୍ୟ କିପରି ତାଙ୍କୁ ପାଇବ ?

ଠାକୁର—ଦେଖ, ସ୍ଥୁଳ ଭାବରେ ପାଇବାଟା କିଛି ନୁହେଁ । ସୂକ୍ଷ୍ମ ଭାବରେ ପାଇବାକୁ ପ୍ରକୃତ ପାଇବା କହୁଯାଏ । ତୁମେ ବର୍ତ୍ତମାନ ଯଦି ଆଖି ବୁଜିଦିଅ, ତେବେ ମୋତେ ଦେଖିପାରିବ ନାହିଁ । ସ୍ଥୁଳଟା ଇନ୍ଦ୍ରିୟଗ୍ରାହ୍ୟ, ଏହା ପରେ ଗୋଟିଏ ଅତୀନ୍ଦ୍ରିୟ ଅନୁଭୂତି ଅଛି । ତଦ୍ୱାରା ଯାହା ଲାଭ ହୁଏ ତାହା ସୂକ୍ଷ୍ମ । ତାହାହେଲେ ଗୁରୁଙ୍କର ଦେହ ନଥିଲେ ସୁଦ୍ଧା ସେ ଅଛନ୍ତି; ଶିଷ୍ୟ ମଧ୍ୟ ଅଛି । ତେବେ ସ୍ଥୁଳରେ ନ ଦେଖିଲେ ସୂକ୍ଷ୍ମରେ ପାଇବାକୁ ଲୋଭ ହୋଇ ନ ପାରେ । ସ୍ଥୁଳରେ ଯେଉଁ ଭାବରେ ଭାବିବ, ସୂକ୍ଷ୍ମରେ ସେହି ଭାବନାନୁଯାୟୀ ଅନୁଭବ କରିବ ମାତ୍ର । ଏହାର କୌଣସି ସାଧନ ନାହିଁ । ସୁଖ ପାଇଲେ ଏହି ଭାବସବୁ ଫୁଟି ଉଠିବ ।

ଅଗ୍ନିନିର୍ବାପନ କୌଶଳ—

ଭକ୍ତ—ଠାକୁର ! 'ଯୋଗୀଗୁରୁ'ରେ ଥିବା ଅଗ୍ନିନିର୍ବାପନ କୌଶଳଟି ଆମଦ୍ୱାରା କ'ଣ ହୋଇପାରିବ ?

ଠାକୁର—ହଁ, ହୋଇପାରିବ । କିନ୍ତୁ ନାସାପାନ ଦ୍ୱାରା ଅଗ୍ନିନିର୍ବାପନଟା ହେଉଛି ଇଚ୍ଛାଶକ୍ତିର କାର୍ଯ୍ୟ । ମନ୍ତ୍ରଟି ବିଶେଷ ଫଳପ୍ରଦ । କିନ୍ତୁ ସେଥିରେ ଅଦୀକ୍ଷିତ ବ୍ୟକ୍ତିଙ୍କର ଅଧିକାର ନାହିଁ । ପୁଣି କେବଳ ଦୀକ୍ଷିତ ହେଲେ ମଧ୍ୟ ହେବନାହିଁ । ଦୀକ୍ଷା ନେବାପରେ ମନ୍ତ୍ରର ପୁରଶ୍ଚରଣ କରିବାକୁ ହେବ, ତେବେ

ଯାଇ ସେ ମନ୍ତ୍ରର କ୍ରିୟା ହେବ । ଯେଉଁମାନଙ୍କର ମନ୍ତ୍ରଚୈତନ୍ୟ ହୋଇଛି, ସେମାନଙ୍କର ସବୁ କାର୍ଯ୍ୟରେ ଅଧିକାର । ମୁଁ ସମସ୍ତଙ୍କୁ ମନ୍ତ୍ର ଦେଇଛି ସତ; କିନ୍ତୁ ଯେଉଁ ସାଧନପ୍ରଣାଳୀସବୁ ଦେଇଛି ତାହା ଯୋଗପଥସମ୍ମତ ।

ଭକ୍ତ—କେତେ ଦିନ ଚେଷ୍ଟା କଲେ ମନ୍ତ୍ରଚୈତନ୍ୟ ହେବ ?

ଠାକୁର—ଏକାନ୍ତ ଭାବରେ ଚେଷ୍ଟାକଲେ ଛଅ ମାସ ତ ବେଶୀ ସମୟ; ମାସେ ଦୁଇମାସ ଭିତରେ ମଧ ମୋ ଶିଷ୍ୟମାନଙ୍କର ମନ୍ତ୍ରଚୈତନ୍ୟ ହେବାର ଦେଖିଛି । କିନ୍ତୁ ସେ କେତେ ଦିନ ତଭାବଭାବିତ ହୋଇ ରହିବା ଆବଶ୍ୟକ ।

ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ—

ଏହା ପରେ ଗୋବିନ୍ଦ ଭାଇ ପ୍ରଶ୍ନ କଲେ—ଠାକୁର ! ଭଗବାନ ଅଛନ୍ତି, ମୋର ତ ବିଶ୍ୱାସ ହେଉ ନାହିଁ ?

ଠାକୁର—ହଁ, ନିଶ୍ଚୟ ଅଛନ୍ତି । ମାତ୍ର ଅଛନ୍ତି ବୋଲି କୌଣସି ପ୍ରମାଣ ନାହିଁ । କିନ୍ତୁ ଆମେମାନେ ଜାଣୁଛୁ, ନିଶ୍ଚୟ ଜଗତ ମୂଳରେ ଜଣେ କେହି ଅଛନ୍ତି । ତା ନ ହେଲେ ଜଗତ୍ ଚଳୁଛି କିପରି ? ତୁମେ ଦର୍ଶନଶାସ୍ତ୍ର ପାଠ କରି ଜାଣୁଥିବ, ସୃଷ୍ଟି ପ୍ରକୃତିରୁ ସମ୍ଭବ । କିନ୍ତୁ ତାହା ପ୍ରକୃତ ସତ ନୁହେଁ ।

ଚିତ୍ତଶୁଦ୍ଧି ହେବା ସଙ୍ଗେ ସଙ୍ଗେ ସମସ୍ତେ ଅନୁଭବ କରନ୍ତି ଯେ, ନିଶ୍ଚୟ ଜଗତ୍ ମୂଳରେ ଭଗବାନ ଅଛନ୍ତି । ତାହା ପୁଣି କିପରି ଭିନ୍ନ ହୋଇପାରେ, ଭଗବାନ ଅଖଣ୍ଡ ମଣ୍ଡଳାକାରରେ ଚରାଚର ବ୍ୟାପ୍ତ ହୋଇଅଛନ୍ତି । ମନୁଷ୍ୟ ଚେଷ୍ଟାକଲେ ତାଙ୍କୁ ନିଜର ମନୋମୟ ମୂର୍ତ୍ତିରେ ପାଇପାରିବ । ସେଥିପାଇଁ ପ୍ରଥମରୁ ମହାଯୋଗୀମାନଙ୍କ କଥାରେ ବିଶ୍ୱାସ କରି ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କରିବାକୁ ହେବ । ତୁମେ ତ ମୋ କଥାକୁ ବିଶ୍ୱାସ କର । ମୁଁ କହୁଛି, ଭଗବାନ ଅଛନ୍ତି ।

ଏହିପରି ନାନା ବିଷୟରେ ଆଲୋଚନା ହେବା ମଧ୍ୟରେ ଠାକୁର କହିଲେ, ଦିନେ ଜଣେ ପଣ୍ଡିତ ମୋତେ ପଚାରିଲେ, ଶଙ୍କରାଚାର୍ଯ୍ୟ ଷୋଳ ବର୍ଷରେ ଜ୍ଞାନଲାଭ କରି ବାକି ଷୋଳବର୍ଷ ଭିତରେ ଭାରତର ସମସ୍ତ ସ୍ଥାନ ଜୟ କରିଥିଲେ । ଆପଣ ତିରିଶ ବର୍ଷରେ ଜ୍ଞାନଲାଭ କରି ଦେଶରେ କ'ଣ କରିଛନ୍ତି ?

ସେକାଳ ଓ ଏକାଳ—

ମୁଁ ତାଙ୍କୁ ଉତ୍ତର ଦେଲି—ଦେଖ, ସେ ସମୟରେ ଦେଶର ଅବସ୍ଥା ସହିତ ବର୍ତ୍ତମାନ ଦେଶର ଅବସ୍ଥା ତୁଳନା କର । ସେ ସମୟରେ ଭାରତବର୍ଷରେ

ସାତଗୋଟି ବିଦ୍ୟାପୀଠ ଥିଲା । ପ୍ରତି ବିଦ୍ୟାପୀଠରେ ଜଣେ ଜଣେ ଧର୍ମଗୁରୁ ଥିଲେ । ସେମାନଙ୍କ ଅଧୀନରେ ଗୋଟିଏ ଗୋଟିଏ ପଣ୍ଡିତସଭା ଥିଲା । ସେହି ସଭାର ଆଦେଶ ଅନୁସାରେ ସମଗ୍ର ଦେଶ ଚାଳିତ ହେଉଥିଲା । ଯଦି କେହି ନୂତନ ଧର୍ମମତ ପ୍ରକାଶ କରୁଥିଲେ, ସେ ପ୍ରଥମେ ଉକ୍ତ ବିଦ୍ୟାପୀଠଗୁଡ଼ିକୁ ଜୟ କଲା ପରେ ନୂତନ ମତ ପ୍ରକାଶ କରୁଥିଲେ । ଅନ୍ୟଥା ନୂଆ ଭାବ ସାଧାରଣରେ ପ୍ରଚାର ହୋଇପାରୁ ନଥିଲା । ସେକାଳରେ ଦେଶ ଜୟ କରିବା ଅର୍ଥ ଉକ୍ତ ପଣ୍ଡିତସଭାଗୁଡ଼ିକୁ ଜୟ କରିବା । ଏହି ସଭାଗୁଡ଼ିକ ପରାସ୍ତ ହେଲେ ଦେଶ ପରାସ୍ତ ହେଲା ବୋଲି ଘୋଷଣା କରାଯାଉଥିଲା । ପ୍ରତ୍ୟେକ ସଭା ଅଧୀନରେ ଧର୍ମଗୁରୁମାନେ ଥିଲେ । ପ୍ରତ୍ୟେକ ହିନ୍ଦୁ ସେହି ଧର୍ମଗୁରୁଙ୍କ ଆଦେଶରେ ଚାଳିତ ହେଉଥିଲେ । କିନ୍ତୁ ବର୍ତ୍ତମାନର ଅବସ୍ଥା କଳ୍ପନା କର । ହିନ୍ଦୁ ରାଜାଙ୍କ ଅଭାବରୁ ହିନ୍ଦୁବଂଶ ସ୍ୱେଚ୍ଛାଚାରୀ ଓ ଉଚ୍ଛୃଙ୍ଖଳ ହୋଇ ପଡ଼ିଛନ୍ତି । ପୁଣି ନାନା ସଂପ୍ରଦାୟଭୁକ୍ତ ହୋଇ ହିନ୍ଦୁମାନେ ନିଜସ୍ୱ ହରାଇ ବସିଲେଣି । ବର୍ତ୍ତମାନ ଗୋଟିଏ ପରିବାରରେ ଥାଇ ମଧ୍ୟ ସମସ୍ତେ ଗୋଟିଏ ମତରେ ଚଳୁ ନାହାନ୍ତି । ମାତା ଯଦି ହିନ୍ଦୁ ଋଷିମାନଙ୍କ ପଥରେ ଚଳୁଛି; ପିତା ଇଂରାଜୀ ଅନୂଦିତ ହିନ୍ଦୁ ଶାସ୍ତ୍ର ପାଠ କରି ବ୍ରାହ୍ମ; ପୁତ୍ର ଇଂରାଜୀ ଦର୍ଶନଶାସ୍ତ୍ର ପାଠ କରି ନାସ୍ତିକ । ଏପରି ଅବସ୍ଥାରେ କ'ଣ କରାଯାଇପାରେ ଭାବ ଦେଖି ? ଆମ ଦେଶରେ ବର୍ତ୍ତମାନ ପ୍ରକୃତରେ ସମାଜ ନାହିଁ । ସମାଜ ଅର୍ଥ କେତୋଟି ଲୋକ ଗୋଟିଏ ନିୟମରେ ଚଳିବା । ମୁଁ ବର୍ତ୍ତମାନ ପ୍ରତି ପରିବାରର ଜଣ ଜଣ କରି ସମସ୍ତଙ୍କୁ ଜୟ କଲାବେଳକୁ ମୋତେ ବହୁତ ସମୟ ଲାଗୁଛି । ଶଙ୍କରାଚାର୍ଯ୍ୟ ମୋଟେ ଶହେ ଜଣ ପଣ୍ଡିତଙ୍କୁ ଜୟ କରିଥିଲେ । ମାତ୍ର ମୋତେ ପରିବାରସ୍ଥ ସମସ୍ତ ଲୋକଙ୍କୁ ଜୟ କରିବାକୁ ପଡୁଛି । ତେବେ ଏହା କେତେ ପରିଶ୍ରମଜନକ କାର୍ଯ୍ୟ ଓ ସମୟସାପେକ୍ଷ ଭାବ ଦେଖି !

୧୨-୪-୩୩ ତାରିଖ—ରବିବାର

ଆଜି ଗୁଣନିଧି ଭାଇଙ୍କର ଦୀକ୍ଷା ହେଲା ।

୨୯-୪-୩୩ ତାରିଖ—ବୁଧବାର

ଆଜି ଗ୍ରାମରୁ ଯାଇ ପୁରୀରେ ପହଞ୍ଚି କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କଲି ।

୩୦-୪-୩୩ ତାରିଖ—ଗୁରୁବାର

ଶ୍ରୀଶ୍ରୀ ଠାକୁର ମେଦିନୀପୁରର ଦୁଇ ଜଣ ଭକ୍ତଙ୍କୁ ଦୀକ୍ଷା ଦେଲେ ଓ ଦୀକ୍ଷା ସମ୍ବନ୍ଧରେ ବିଶେଷ ଉପଦେଶ ପ୍ରଦାନ କଲେ । ଏଦିନ ବର୍ଷା ଯୋଗୁଁ ଶ୍ରୀଶ୍ରୀ ଠାକୁର ସମୁଦ୍ରକୂଳକୁ ଭ୍ରମଣ କରିବାକୁ ଯାଇ ପାରିଲେ ନାହିଁ । ବିବିଧ ଆଲୋଚନା ମଧ୍ୟରେ ଶ୍ରୀଶ୍ରୀ ଠାକୁର ସୃଷ୍ଟି ରହସ୍ୟ; ସଂସ୍କାର କ'ଣ; ବ୍ରହ୍ମ ତ ପୂର୍ଣ୍ଣ, ତାଙ୍କର ଅଂଶ କିପରି ସମ୍ଭବ; ଯଦି ବ୍ରହ୍ମଙ୍କ ବାସନା ଅଭାବମୂଳକ ତେବେ ସେ ପୂର୍ଣ୍ଣ କିପରି; ତ୍ରିପାଦ ଅମୃତ କ'ଣ, ସୃଷ୍ଟି-ସ୍ଥିତି-ଲୟ, ସୁମେରୁ ଦାସ, ରଣଜିତ ସିଂହ, ନିର୍ଲିପ୍ତତା, ତୁକାରାମଙ୍କ କଥା ଏବଂ ସଂସାରରହସ୍ୟ ନ ଜାଣି ସଂସାର କରିବା କିପରି ଯୁଦ୍ଧବିଦ୍ୟା ନ ଜାଣି ଯୁଦ୍ଧକୁ ବାହାରି ପଡ଼ିବା ଭଳି ବିପଜ୍ଜନକ—ଏ ସମସ୍ତ ବିଷୟ ଆଲୋଚନା କରିଥିଲେ । ଏହିଦିନ ଶ୍ରୀଶ୍ରୀ ଠାକୁର ତାଙ୍କ ପିନ୍ଧିବା ବସ୍ତ୍ର ମୋତେ ପ୍ରଦାନ କରିଥିଲେ । ତାହା ବର୍ତ୍ତମାନ ସୁଦ୍ଧା ମୋ ନିକଟରେ ସଂରକ୍ଷିତ ଅଛି ।

ଏହି ମାସରେ ସମ୍ବଲପୁରର ପୀତବାସ ମିଶ୍ର ଆସିଥିଲେ । ତାଙ୍କ ଉପସ୍ଥିତିରେ ନାନା କଥା ଆଲୋଚନା ହୋଇଥିଲା । ସୃଷ୍ଟି ରହସ୍ୟ, ସଂସ୍କାର କ'ଣ, ବ୍ରହ୍ମ ପୂର୍ଣ୍ଣ ହେଲେ ତାଙ୍କଠାରୁ ଅଂଶ କିପରି ହେବ, ବ୍ରହ୍ମଙ୍କର ବାସନା ଯଦି ଅଭାବମୂଳକ ତେବେ ସେ ପୂର୍ଣ୍ଣ ହେଲେ କିପରି, ନିର୍ଲିପ୍ତତା, ତୁକାରାମଙ୍କ ଜୀବନୀ, ସୁମେରୁ ଦାସଜୀଙ୍କ ଜୀବନର ପୂର୍ବ ବିବରଣୀ ଓ ବର୍ତ୍ତମାନ ସମାଜର ଅବସ୍ଥା ପ୍ରଭୃତି ବହୁ ବିଷୟରେ ଆଲୋଚନା ହୋଇଥିଲା ।

୧-୫-୩୩ ତାରିଖ—ଶୁକ୍ରବାର

ଆଜି ଶ୍ରୀଶ୍ରୀ ଠାକୁର କୌଣସି କାର୍ଯ୍ୟ ଉପଲକ୍ଷରେ ପୁରୀର ସବ୍‌ରେଜିଷ୍ଟ୍ରାର ଅଫିସକୁ ଯାଇଥିଲେ । ତତ୍କାଳୀନ ସବ୍‌ରେଜିଷ୍ଟ୍ରାର ଠାକୁରଙ୍କର ପ୍ରକୃତ ପରିଚୟ ନ ପାଇଥିଲେ ମଧ୍ୟ ଉଚିତ ଅଭ୍ୟର୍ଥନା କରିବାକୁ ଭୁଲି ନ ଥିଲେ ।

୧୯୩୩ ମସିହାରେ ଶ୍ରୀଶ୍ରୀ ଠାକୁର ବହୁତ କଥା କହିଥିଲେ । ଦୁର୍ଭାଗ୍ୟବଶତଃ ତାହାର ଅଧିକାଂଶ ଲିପିବଦ୍ଧ ହୋଇପାରି ନାହିଁ ।

୧୬-୨-୩୪ ତାରିଖ—ଶୁକ୍ରବାର

ଆଜି ଶ୍ରୀଶ୍ରୀ ଠାକୁର ପୁରୀରେ ପହଞ୍ଚିଲେ । ପୂର୍ବରୁ ସମ୍ବାଦ ପାଇ ଆମେମାନେ ଠାକୁରଙ୍କୁ ପାଛୋଟି ଆଣିବାକୁ ପୁରୀ ଷ୍ଟେସନକୁ ଯାଇଥିଲୁ । ସେଠାରେ

ଠାକୁରଙ୍କୁ ଦର୍ଶନ କରି ପ୍ରଣାମ କଲୁ । ନୀଳାଚଳ କୁଟୀରକୁ ଆସି ସେହିଦିନ ରାତିରେ ପ୍ରସାଦ ସେବନ କଲୁ ।

୧-୩-୩୪ ତାରିଖ—ଗୁରୁବାର

ଆଜି ଚୈତନ୍ୟ ଭାଇ ଓ ଆମେମାନେ କୁଟୀରରେ ପ୍ରସାଦ ସେବନ କଲୁ ।

୨-୩-୩୪ ତାରିଖ—ଶୁକ୍ରବାର

ସାଧନପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର ଜଣେ ଗୁରୁଭଗ୍ନୀଙ୍କୁ କହିଲେ—

"ଆମ ଦେଶରେ ସ୍ୱାମୀ ସ୍ତ୍ରୀ ଏକ । ଯେତେଦିନ ଯାଏ ସ୍ୱାମୀ ଜୀବିତ ଥିବେ, ସେତେଦିନ ପର୍ଯ୍ୟନ୍ତ ସ୍ୱାମୀଙ୍କ ଦେହରେ ଭଗବାନଙ୍କୁ ଦେଖିବ ଓ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲେ ଭଗବାନଙ୍କ ଦେହରେ ସ୍ୱାମୀଙ୍କୁ ଦେଖିବ । ସ୍ୱାମୀଙ୍କର ମୂର୍ତ୍ତି ଚିନ୍ତା କରି ପ୍ରାର୍ଥନା କରିବ—ଭଗବାନ ! କେତେ ଦିନ ଆଉ ମୁଁ ତୁମଠାରୁ ଅନ୍ତର ହୋଇ ରହିବି ? ମୋତେ ତୁମ କୋଳକୁ ଟାଣିନିଅ ।

ଦେଖ, ପ୍ରଥମରୁ ମନସ୍ଥିର କରିବାନିମିତ୍ତ ନାଭି ଧ୍ୟାନ କରିବ । ଆମେମାନେ ନିଃଶ୍ୱାସ ନେଉଛୁ ଓ ଛାଡୁଛୁ, ଏହା ସ୍ୱାଭାବିକ ନିୟମ । ଏହି ନିଃଶ୍ୱାସକୁ ପ୍ରଥମରେ ଯଥାଶକ୍ତି ଟାଣି ନେଇ, କଣ୍ଠରେ ଚିବୁକ ରଖି, ଆସନ ନିୟମରେ ବସି, ଏକ ଦୃଷ୍ଟିରେ ନାଭି ଆଡ଼କୁ ଚାହିଁରହିବ ଓ ଯେତେ ସମୟ ପାରିବ ନିଃଶ୍ୱାସ ବନ୍ଦ ରଖିବ ଏବଂ ପରେ ଧୀରେ ଧୀରେ ନିଃଶ୍ୱାସ ତ୍ୟାଗ କରିବ । ଏହା ପ୍ରାଣାୟାମର ଫଳ ପ୍ରଦାନ କରିବ, ମନ କେନ୍ଦ୍ରୀକୃତ ହେବ, କୁଣ୍ଡଳିନୀର ଚୈତନ୍ୟ ହେବ । ଏହି କ୍ରିୟା ପନ୍ଦର ମିନିଟ୍ କରିସାରିବା ପରେ ଗୁରୁ ବା ଭଗବାନଙ୍କୁ ଧ୍ୟାନ କରି ଉପରୋକ୍ତ ପ୍ରାର୍ଥନା କରିବ । ତତ୍ପରେ ହୃଦୟରେ ଇଷ୍ଟଦେବତାଙ୍କ ଧ୍ୟାନପୂର୍ବକ ମନ୍ତ୍ର ଜପ ଆରମ୍ଭ କରିବ । ଏହି ପ୍ରକ୍ରିୟାଦ୍ୱାରା ମନ୍ତ୍ରର ଚୈତନ୍ୟ ହେବ ଏବଂ କ୍ରମେ କ୍ରମେ ଶରୀର ଭିତରେ ନାଦର ଅଭିବ୍ୟକ୍ତି ହେବ ।"

୩-୩-୩୪ ତାରିଖ—ଶନିବାର

ଆଜି ଚୈତନ୍ୟ ଭାଇ ଓ ତାଙ୍କ ସ୍ତ୍ରୀ ସୁରୁଚି ସୁନ୍ଦରୀଙ୍କୁ ଠାକୁର ଦୀକ୍ଷା ଦେଲେ ।

ରାତିରେ ବନମାଳୀ ଭାଇ ତାଙ୍କର ଅନ୍ୟ ଜଣେ ବନ୍ଧୁଙ୍କ ସହିତ ପ୍ରଥମେ ନୀଳାଚଳ କୁଟୀରରେ ଠାକୁରଙ୍କୁ ଦର୍ଶନ କରିଥିଲେ । ତାଙ୍କର ଠାକୁରଙ୍କୁ କିଛି

କହିବାର ଅଛି ବୋଲି କହି ଏଥିପାଇଁ ଅନୁମତି ପ୍ରାର୍ଥନା କରିଥିଲେ । ତାଙ୍କୁ ପରଦିନ ଆସି ଯାହା କହିବାର ଅଛି କହିବାକୁ ଠାକୁର କହିଥିଲେ ।

ଆଜିର ବିଶଦ ବିବରଣ ନିମ୍ନରେ ପ୍ରଦତ୍ତ ହେଲା—

ଚୈତନ୍ୟ ଭାଇଙ୍କର ସସ୍ତ୍ରୀକ ଦୀକ୍ଷା—

ଆଜି ଚୈତନ୍ୟ ଭାଇ ଓ ତାଙ୍କ ସ୍ତ୍ରୀ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ନେଲେ । ଦୀକ୍ଷା ନେବା ପରେ କାହାର କିଛି ପ୍ରଶ୍ନ ଥିଲେ ସେଥିର ମୀମାଂସା କରିନେବାକୁ ଠାକୁର କହିଲେ । ଚୈତନ୍ୟ ଭାଇଙ୍କ ସ୍ତ୍ରୀ ତାଙ୍କର କିଛି ପ୍ରଶ୍ନ ଅଛି ବୋଲି ଠାକୁରଙ୍କୁ ଜଣାଇଲେ । ସେ ସମୟରେ ନୀଳାଚଳ କୁଟୀରର ଦାଣ୍ଡଘରେ ଦର୍ଶନାର୍ଥୀମାନେ ବସୁଥିଲେ । ଠାକୁର ଆସନ ବାରଣ୍ଡାରେ ବସି ଜଣ ଜଣ କରି ସମସ୍ତଙ୍କୁ ସାକ୍ଷାତ ଦେଇ ପ୍ରଶ୍ନର ମୀମାଂସା କରିଦେଉଥିଲେ । ଦାଣ୍ଡଘରେ ଅପେକ୍ଷା କରି ବସିଥିବା ଭକ୍ତମାନେ ଅନ୍ୟ ଭକ୍ତଙ୍କ ସହିତ ଠାକୁରଙ୍କର କଥୋପକଥନ ଶୁଣିପାରୁଥିଲେ ମଧ୍ୟ ମଝିଦ୍ୱାର ବନ୍ଦ ରହୁଥିଲା । ସେମାନେ ଠାକୁରଙ୍କୁ କିମ୍ବା ଆଲୋଚନାକାରୀଙ୍କୁ ଦେଖିପାରୁ ନ ଥିଲେ । ଆଜି ମଧ୍ୟ ଚୈତନ୍ୟ ଭାଇ ପ୍ରଭୃତି ଏହି ଘରେ ବସିରହିଲେ । ପୂର୍ବରୁ ନିର୍ଦ୍ଦିଷ୍ଟ ଥିବା ଜଣେ ବଙ୍ଗଦେଶୀୟ ବିଧବା ଶିଷ୍ୟାଙ୍କର ଦର୍ଶନର ପାଳି ପ୍ରଥମେ ପଡ଼ିଲା । ସେ ତାଙ୍କର ପୁଅଙ୍କ ସହିତ ଆସିଥାନ୍ତି । ଠାକୁରଙ୍କ ନିକଟକୁ ବିଧବା ଶିଷ୍ୟା ଯାଇ ପ୍ରଣାମ କରିବାମାତ୍ରେ ଭୋ ଭୋ କରି କାନ୍ଦିଉଠିଲେ । କିଛି ସମୟ ପରେ ତାଙ୍କର କ୍ରନ୍ଦନ ବେଗ ଟିକିଏ ଶାନ୍ତ ହେବାରୁ ଠାକୁର କହିଲେ, ‘‘ତୁମର କ’ଣ କହିବାର ଅଛି କହ ।’’

ବିଧବା କାନ୍ଦି କାନ୍ଦି ଆବେଗଭରା କଣ୍ଠରେ କହିବାକୁ ଲାଗିଲେ—‘‘ଠାକୁର, ତୁମେ ଦୀକ୍ଷା ଦେଇ ମୋତେ ଉପଦେଶ ଦେଇଥିଲ ଯେ ସ୍ୱାମୀଙ୍କୁ ଗୁରୁ ଏବଂ ଇଷ୍ଟ ଭାବରେ ପୂଜା କରିବା ହେଉଛି ସ୍ତ୍ରୀଲୋକର ଧର୍ମ ଓ କର୍ତ୍ତବ୍ୟ । ଏହିପରି ଗୁରୁ ଏବଂ ଇଷ୍ଟ ଜ୍ଞାନରେ ସ୍ୱାମୀ ପୂଜା କଲେ ସର୍ବାର୍ଥ ସିଦ୍ଧ ହେବ । ମୁଁ ତାହା ହିଁ କରୁଥିଲି । ଏବେ ତୁମେ ମୋର ସେହି ଗୁରୁ, ସେହି ଇଷ୍ଟ, ସେହି ସ୍ୱାମୀଙ୍କୁ ମୋଠାରୁ ଅନ୍ତର କରିନେଲ । ମୁଁ କାହାକୁ ପୂଜା କରିବି ? ତୁମର ଏହି ବିଶ୍ରାମସ୍ଥଳ ନୀଳାଚଳ କୁଟୀରକୁ କାହାରିକୁ ଆସିବାକୁ ନିଷେଧ କରାଯାଇଥିଲେ ମଧ୍ୟ ପୂର୍ବରୁ ଅନୁମତି ନ ନେଇ ମୁଁ ମୋର ଏହି ସନ୍ଦେହ ଦୂର କରିବାକୁ ଦଉଡ଼ି ଆସିଛି ।

କ'ଣ କୁହ, ମୋର ସ୍ୱାମୀଙ୍କୁ ତ ନେଇଗଲ, ମୁଁ କାହାକୁ ପୂଜା କରିବି ?'' ଏ କଥା ବର୍ଣ୍ଣନା କରିବାବେଳେ ଶିଷ୍ୟାଟି ଆକୁଳଭାବରେ କାନ୍ଦୁଥାନ୍ତି ।

ଠାକୁର କହିଲେ, ''ଏତିକି ତ, ନା ଆଉ କିଛି କହିବାକୁ ଅଛି ? ଯାହା କହିବାର ଅଛି, ସବୁ କହ ।''

ବିଧବା ଶିଷ୍ୟାଟି କହିଲେ, ''ହଁ, ମୋର ଏତିକିମାତ୍ର କହିବାର କଥା— ମୋ ସ୍ୱାମୀଙ୍କୁ ତ ନେଇଗଲ, ମୁଁ ଏବେ କାହାକୁ ପୂଜା କରିବି ?''

ବିଧବାର କର୍ତ୍ତବ୍ୟ—

ଶ୍ରୀଶ୍ରୀ ଠାକୁର—''ହଁ, ସ୍ୱାମୀଙ୍କୁ ଗୁରୁ, ଇଷ୍ଟ ଓ ଭଗବାନ ଭାବରେ ପୂଜା କରିବାକୁ ମୁଁ ତୁମକୁ କହିଥିଲି । ତାହା ତୁମେ କରୁଥିଲ, ଏ କଥା ଶୁଣି ମୁଁ ଅତିଶୟ ଆନନ୍ଦିତ । ତୁମେ ସ୍ୱାମୀଙ୍କର ଯେ ପୂଜା କରୁଥିଲ, ତାହା ତାଙ୍କର ଜଡ଼ ଦେହକୁ ନୁହେଁ; ତାଙ୍କର ଜଡ଼ଦେହ ଭିତରେ ଯେଉଁ ଦିବ୍ୟ ପୁରୁଷ ଭଗବାନ, ତାଙ୍କୁ ସ୍ୱାମୀ, ଗୁରୁ, ଇଷ୍ଟ ଭାବରେ ପୂଜା କରୁଥିଲ । ତେଣୁ ତୁମ ସ୍ୱାମୀଙ୍କର ସେ ଜଡ଼ଦେହର ଅବସାନ ପରେ ମଧ୍ୟ ସେହି ଦିବ୍ୟପୁରୁଷଙ୍କର ପୂଜାକରିବାରେ କିଛି ବାଧା ହେବ ନାହିଁ । ଆଉ ଦେଖ—ସ୍ତ୍ରୀର କର୍ତ୍ତବ୍ୟ ଯେତେଦିନ ସ୍ୱାମୀ ଜୀବିତ ଥିବେ, ସେତେଦିନ ପର୍ଯ୍ୟନ୍ତ ସେ ସ୍ୱାମୀଙ୍କ ମଧ୍ୟରେ ଜଗତସ୍ୱାମୀ ଭଗବାନଙ୍କୁ, ଗୁରୁଙ୍କୁ ପ୍ରତ୍ୟକ୍ଷ କରି ପୂଜା କରିବ । ଆଉ ସ୍ୱାମୀଙ୍କର ସ୍ଥୂଳ ଦେହର ମୃତ୍ୟୁ ହୋଇଗଲେ, ତା'ର ସ୍ୱାମୀ ଜଗତ୍‌ସ୍ୱାମୀଙ୍କ ସହିତ ମିଶିଗଲେ ଭାବି ଜଗତ୍‌ସ୍ୱାମୀ ଭଗବାନଙ୍କ ମଧ୍ୟରେ ନିଜର ସ୍ୱାମୀଙ୍କୁ, ନିଜର ଗୁରୁଙ୍କୁ, ନିଜର ଇଷ୍ଟଙ୍କୁ ଚିନ୍ତାକରି ତାଙ୍କର ପୂଜା ଅର୍ଚ୍ଚନା କରିବ ।

ଶିଷ୍ୟା—ମୋର ଏପରି ଶକ୍ତି ନାହିଁ ଯେ, ମୁଁ ସୂକ୍ଷ୍ମଶକ୍ତି ଭଗବାନଙ୍କଠାରେ ସ୍ୱାମୀଙ୍କୁ ପ୍ରତ୍ୟକ୍ଷ କରିପାରିବି । ସ୍ଥୂଳରେ ମୁଁ ସ୍ୱାମୀଙ୍କୁ ଦେଖୁଥିଲି, ତେଣୁ ତାଙ୍କର ପୂଜା କରିବା ସହଜ ହେଉଥିଲା । ବର୍ତ୍ତମାନ ମୋର ସେହି ସ୍ଥୂଳ ସ୍ୱାମୀ ଆବଶ୍ୟକ । ତୁମେ ମୋତେ ଅନ୍ୟ କଥା ନ କହି ମୋର ସ୍ୱାମୀଙ୍କୁ ସ୍ଥୂଳ ଭାବରେ ଦିଅ, ମୁଁ ତାଙ୍କର ପୂଜା କରିବି ।

ଠାକୁର—ଆଚ୍ଛା ହେଉ, ମୁଁ ଉପାୟ କହିଦେଉଛି । ତୁମେ ତୁମ ସ୍ୱାମୀଙ୍କୁ ଠିକ୍ ପୂର୍ବଭାବରେ ଦେଖିପାରିବ । ଦୈନନ୍ଦିନ ପୂଜା ସମୟରେ ନିଜର ଇଷ୍ଟମନ୍ତ୍ର

ଜପ ଓ ମନ୍ତ୍ରାର୍ଥ ପରିଚିନ୍ତନ କରିବାବେଳେ ଇଷ୍ଟମୂର୍ତ୍ତି ଚିନ୍ତା କରିବା ପରିବର୍ତ୍ତେ ନିଜର ସ୍ୱାମୀଙ୍କର ମୂର୍ତ୍ତି ଭାବନା କରିବ । ମନ୍ତ୍ରଜପ କଲାବେଳେ ସ୍ୱାମୀଙ୍କର ରୂପ ଧ୍ୟାନ କରି ଭାବସ୍ଥ ହୋଇପାରିଲେ ମନ୍ତ୍ରର ପ୍ରତିପାଦ୍ୟ ଦେବତାର ଦେହ ରଚିତ ହେବ । ସ୍ୱୟଂ ଭଗବାନ ତୁମର ସ୍ୱାମୀ ରୂପ ପରିଗ୍ରହ କରି ତୁମ ସମ୍ମୁଖରେ ପୂର୍ବାଚରଣପରାୟଣ ହୋଇ ଦେଖାଦେବେ । କିନ୍ତୁ ସାବଧାନ ! ଏ ସ୍ୱାମୀଙ୍କର ଅଙ୍ଗସ୍ପର୍ଶ ଲାଳସା କରିବ ନାହିଁ ।

ଗୁରୁକୃପାର ଅର୍ଥ—

ଆଉ ଦେଖ, ସଂସାରରେ ଖୁବ୍ ଆନନ୍ଦରେ ଦିନ କଟାଇବାକୁ, ରୋଗଶୋକରେ ନ ପଡ଼ିବାକୁ, ଖୁବ୍ ଆରାମରେ ଓ ଆନନ୍ଦରେ ଚଳିବାକୁ ଇଚ୍ଛା କରି ଅଧିକାଂଶ ଲୋକ ବାଛି ବାଛି ସଦ୍‌ଗୁରୁଙ୍କର ଆଶ୍ରୟ ନେଇଥାନ୍ତି । କିନ୍ତୁ ଫଳ ଠିକ୍ ବିପରୀତ ହୁଏ । ସଦ୍‌ଗୁରୁ ଶିଷ୍ୟର ଜନ୍ମଜନ୍ମାନ୍ତରର ସଞ୍ଚିତ କର୍ମସକଳ ତାକୁ ଭୋଗ କରାଇବାରେ ସାହାଯ୍ୟ କରନ୍ତି ସିନା, କର୍ମଫଳ ଭୋଗରୁ ବଞ୍ଚିତ କରନ୍ତି ନାହିଁ ।

ଭଗବାନ ବା ଗୁରୁକୃପା ଅର୍ଥ ଏହା ନୁହେଁ ଯେ, ସଂସାରରେ ଖୁବ୍ ଆରାମରେ ଓ ଆନନ୍ଦରେ ସ୍ତ୍ରୀପୁତ୍ରଙ୍କୁ ଘେନି ଦିନ କଟାଇବା । ଭଗବାନ ବା ଗୁରୁକୃପାର ପ୍ରକୃତ ଅର୍ଥ ହେଉଛି—ବିଧିନିର୍ଦ୍ଧାରିତ ପ୍ରାରବ୍ଧ ଭୋଗ କରି ମଦନମରଣ ମଧ ଦେଇ ହସହସ ବଦନରେ କିପରି ତାହା ସହ୍ୟ କରି ସ୍ୱୀୟ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବ । ସଦ୍‌ଗୁରୁ ଶିଷ୍ୟକୁ ଏହି ସମସ୍ତ ସହ୍ୟ କରିବାର ଶକ୍ତି ଦେଇଥାନ୍ତି । ଏ ସଂସାରରେ ଜନ୍ମମୃତ୍ୟୁ, ରୋଗଶୋକ, ସମ୍ପଦବିପଦ ନିତ୍ୟ ଘଟଣା । ଏହାକୁ କେହି ଦୂର କରିପାରିବେ ନାହିଁ । ଶାସ୍ତ୍ରପୁରାଣରେ ବର୍ଣ୍ଣିତ କୌଣସି ଭକ୍ତ କେବେ ଏହି ପ୍ରାରବ୍ଧକୁ ଏଡ଼ିପାରି ନାହାନ୍ତି । ସୁତରାଂ ତୁମକୁ ଏସବୁର ମର୍ମ ବୁଝି ଜୀବନ ଅତିବାହିତ କରିବାକୁ ହେବ । ବର୍ତ୍ତମାନ ତୁମର ଏହି ବୈଧବ୍ୟ ତୁମର ପ୍ରାରବ୍ଧର ଫଳ । ଏହା ବୁଝି କର୍ମପଥରେ ଅଗ୍ରସର ହେଲେ ତୁମକୁ ମନସ୍ତାପ କରିବାକୁ ପଡ଼ିବ ନାହିଁ ।

ଏହିପରି ଶ୍ରୀଶ୍ରୀ ଠାକୁର ବହୁତ ପ୍ରକାର ଉପଦେଶ ଦେଇ ଉକ୍ତ ବିଧବାଙ୍କର ମନର ପରିବର୍ତ୍ତନ କରାଇଥିଲେ । ଏହାଙ୍କ ପରେ ଚୈତନ୍ୟ ଭାଇଙ୍କ ସ୍ତ୍ରୀଙ୍କୁ

ତାଙ୍କର କ'ଣ ବୁଝିବାର ଅଛି ତାକିବାରୁ ସେ ଆମକୁ କହିଲେ—'ମୋର ପ୍ରଶ୍ନସବୁର ଉତ୍ତର ଠାକୁର ତ ଦେଇ ସାରିଲେଣି । ମୁଁ ଯାହା ପଚାରିଥାନ୍ତି, ସବୁଥିର ଉତ୍ତର ଶୁଣିଗଲିଣି । ଆଉ କାହିଁକି ଯିବି ? କ'ଣ ପଚାରିବି ?' ଯାହାହେଉ ଏ କଥା ଯାଇ ଠାକୁରଙ୍କୁ କହିଦେବାକୁ ଆମେ ତାଙ୍କୁ କହିବାରୁ ସେ ଠାକୁରଙ୍କ ନିକଟକୁ ଯାଇ ତାଙ୍କର ସବୁ କଥାର ମୀମାଂସା ହୋଇଗଲାଣି ବୋଲି କହିଲେ ଏବଂ ଠାକୁରଙ୍କଠାରୁ ଆଉ କେତେକ ବିଷୟରେ ତାଙ୍କର ଯାହା ସନ୍ଦେହ ଥିଲା ତାହାସବୁ ବୁଝି ପ୍ରଣାମ କରି ଫେରିଲେ ।

ପ୍ରାରବ୍ଧ ବଳବାନ୍—

ଉପରବେଳା ଚୈତନ୍ୟ ଭାଇ, ନୃପ ଭାଇ ଓ ରବୀନ୍ଦନାଥ ବୋଲି ଜଣେ ଭକ୍ତ ଉପସ୍ଥିତ ଥିଲେ । ଶ୍ରୀଶ୍ରୀ ଠାକୁର ରବି ଭାଇଙ୍କୁ ଲକ୍ଷ୍ୟ କରି କହିଲେ—''ରବି, ତୁମେ ଯେଉଁ ପତ୍ର ଦେଇଥିଲ, ତାହାର ଉତ୍ତର ଦେଇପାରି ନାହିଁ । ମୁଁ ଯଦି ରୋଗୀକୁ ଆରୋଗ୍ୟ କରି ଦେଇପାରୁଥାନ୍ତି, ପ୍ରତିଭାହୀନକୁ ପ୍ରତିଭାବାନ୍ କରି ଦେଇପାରୁଥାନ୍ତି, ନିର୍ଦ୍ଧନକୁ ଧନବାନ୍ କରି ଦେଇପାରୁଥାନ୍ତି, ତେବେ ସମସ୍ତେ ମୋର ଶିଷ୍ୟ ହୋଇ ମୋତେ ଖାଇ ସାରନ୍ତେଣି । ମୋର ସେ ଶକ୍ତି ନାହିଁ । ଦେଖ, ଶ୍ରୀକୃଷ୍ଣ ପାଣ୍ଡବମାନଙ୍କର ପରମବନ୍ଧୁ । ଦୁର୍ବାସା ଯେଉଁଦିନ ଅତିଥିଭାବରେ ଯୁଧିଷ୍ଠିରଙ୍କର ଆଶ୍ରମରେ ଉପସ୍ଥିତ, ସେଦିନ ଦ୍ରୌପଦୀ ସ୍ମରଣ କରିବା ମାତ୍ରକେ ଆସି ଉପସ୍ଥିତ ହୋଇଗଲେ । ଶ୍ରୀକୃଷ୍ଣ ସବୁବେଳେ ପାଣ୍ଡବମାନଙ୍କର ସଖା । ଅଥଚ ଏପରି ବନ୍ଧୁ ପାଇ ମଧ ପାଣ୍ଡବମାନେ ଯେଉଁ ଲାଞ୍ଛନା ଭୋଗ କରିଛନ୍ତି, ଅନ୍ୟ କେହି ତାହା ଭୋଗ କରିଛନ୍ତି କି ? ସେମାନଙ୍କର ରାଜ୍ୟ ଗଲା, ସେମାନେ ବନବାସୀ ହେଲେ, ବିରାଟ ରାଜ୍ୟରେ ଦାସତ୍ୱ କଲେ, ଶେଷରେ ନିଜେ ଭଗବାନ ଶ୍ରୀକୃଷ୍ଣଙ୍କ ଭଣଜା ଅଭିମନ୍ୟୁ ମଲା, ଭଗବାନ ଶ୍ରୀକୃଷ୍ଣ ତାକୁ ରକ୍ଷା କରିପାରିଲେ ନାହିଁ ।

ପୁଣି ଦେଖ, ସ୍ୱୟଂ ଜଗନ୍ମାତା, ତାଙ୍କ ପିତାଙ୍କର ଛାଗମୁଣ୍ଡ, ପୁଅର ହାତୀମୁଣ୍ଡ, ସ୍ୱାମୀ ଗଞ୍ଜାଖୋର ପାଗଳ, ଶ୍ମଶାନରେ ଥାଆନ୍ତି । ସେ ତ କିଛି କରିପାରିଲେ ନାହିଁ ! ସୁତରାଂ ପ୍ରାରବ୍ଧ ବଳବାନ୍ । ପ୍ରାରବ୍ଧ ନିଶ୍ଚୟ ଭୋଗ କରିବାକୁ ହେବ । ମୋ ନିକଟକୁ କେହି ଦୀକ୍ଷା ନେବାକୁ ଆସିଲେ ଦୀକ୍ଷା ଦେବା ପୂର୍ବରୁ ମୁଁ ତାକୁ ଏସବୁ ଭଲଭାବରେ ବୁଝାଇଦିଏ ।

କିନ୍ତୁ ବର୍ତ୍ତମାନ ଶିଷ୍ୟସଂଖ୍ୟା ବୃଦ୍ଧି ହେବାରୁ ଏସବୁ କଥା ବୁଝାଇପାରୁ ନାହିଁ । ଯାହାର ଧାରଣା ମୋ ପ୍ରତି ହେବ ଯେ ମୁଁ ସବୁ ପାର୍ଥିବ କାମନା ପୂରଣ କରିଦେବି, ମୁଁ ତାକୁ ଦୀକ୍ଷା ଦିଏ ନାହିଁ ଓ ଶିଷ୍ୟ ବୋଲି ସ୍ୱୀକାର କରେ ନାହିଁ । କାରଣ ଏପରି ଧାରଣା କରି ଦୀକ୍ଷା ନେଲେ ଗୁରୁଙ୍କ ପ୍ରତି ଅବିଶ୍ୱାସ ଆସିଯିବ, ଗୁରୁଙ୍କ ପ୍ରତି ଅବିଶ୍ୱାସ ଆସିଲେ ତାଙ୍କଠାରୁ ଯାହା ଅସଲ ପ୍ରାପ୍ୟ, ଶିଷ୍ୟ ତାହା ପାଇବାରୁ ବଞ୍ଚିତ ହେବ । ପ୍ରାରବ୍ଧ ତ କଟେ ନାହିଁ, ପରନ୍ତୁ ପରକାଳର ଉନ୍ନତି ବିନଷ୍ଟ ହୋଇଯାଏ । ମୋ ପ୍ରତି ଧାରଣା ଏହିପରି । ସେମାନେ ଭାବନ୍ତି, ଗୁରୁ ତ ସାମାନ୍ୟ ରୋଗ ଭଲ କରିପାରୁ ନାହାନ୍ତି, ଭବରୋଗ ନାଶ କରିବେ କିପରି ? ଯାହାଙ୍କର ଏହିପରି ଭାବନା ଥାଏ, ତାହାର ଭାବନାନୁଯାୟୀ ଫଳଲାଭ ମଧ୍ୟ ହୁଏ । କଥିତ ଅଛି—

"ମନ୍ତ୍ରେ ତୀର୍ଥେ ଦେବେ ଦ୍ୱିଜେ ଦୈବଜ୍ଞେ ଭେଷଜେ ଗୁରୌ,
ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।"

ଅର୍ଥାତ୍—ମନ୍ତ୍ର, ତୀର୍ଥ, ଦେବ, ଦ୍ୱିଜ, ଦୈବଜ୍ଞ, ଔଷଧ ଓ ଗୁରୁଙ୍କଠାରେ ଯେ ଯେପରି ଭାବନା କରିବେ, ସେ ସେହିପରି ଫଳ ପାଇବେ । ଅନ୍ୟ କଥାରେ—ଯେପରି ଭାବ ସେପରି ଲାଭ ।

ଗୁରୁଙ୍କଠାରୁ ଶିଷ୍ୟର ଅସଲ ପ୍ରାପ୍ୟ—

ମୋର କେତେ ପ୍ରକାରର ଶିଷ୍ୟ ଅଛନ୍ତି । ମୋର କେତେ ଶିଷ୍ୟ ବାରମ୍ବାର ଫେଲ୍ ହେଉଛନ୍ତି, କେତେ ଶିଷ୍ୟ ମୂଳରୁ ପ୍ରଥମ ସ୍ଥାନ ଅଧିକାର କରି ଶିକ୍ଷାର ଶେଷ ସୀମା ପର୍ଯ୍ୟନ୍ତ ଯାଉଛନ୍ତି । ମୋର କେତେ ଗରିବ ଶିଷ୍ୟ ଅଛନ୍ତି, ପୁଣି କେତେ ଖୁବ୍ ଧନବାନ୍ ଶିଷ୍ୟ ମଧ୍ୟ ଅଛନ୍ତି । ଏଥିରୁ ବୁଝାଯାଉଛି, ଧନ ବା ଉପାଧି ପାଇବା ପାଇଁ କେହି ମୋର ଶିଷ୍ୟ ହୋଇ ନାହାନ୍ତି । ଧନ ଓ ମାନର ଅତୀତ ଏପରି ଗୋଟିଏ ବସ୍ତୁ ଅଛି, ଯାହା ସେମାନଙ୍କର ମୋଠାରୁ ପ୍ରାପ୍ୟ । ସେଥିପାଇଁ ସେମାନେ ମୋର ଶିଷ୍ୟତ୍ୱ ସ୍ୱୀକାର କରିଛନ୍ତି । ତହୁଁ ବଳି, ତହୁଁ ବଳି ଧନୀ ବା ଉପାଧିଧାରୀ ଜଗତରେ ଅଛନ୍ତି । ସୁତରାଂ ଧନ ଓ ମାନ ସହିତ ସଦ୍‌ଗୁରୁଙ୍କର କୌଣସି ସମ୍ପର୍କ ନାହିଁ । ସଦ୍‌ଗୁରୁଙ୍କର ପ୍ରଧାନ କାର୍ଯ୍ୟ ଜନ୍ମରୋଧ, ଆଉ ଯେପରି ଭବଯନ୍ତ୍ରଣା ପାଇବାକୁ ନ ହୁଏ ।

ତିନି ଜନ୍ମରେ ମୁକ୍ତି—

ରବି ଭାଇ—'ଆର୍ଯ୍ୟଦର୍ପଣ'ରୁ ଦେଖିଲି, ସଦ୍‌ଗୁରୁଙ୍କ ଶିଷ୍ୟ ହେଲେ ତିନି ଜନ୍ମରେ ମୁକ୍ତି ନିଶ୍ଚିତ ।

୧୩୩୮ ସାଲ 'ଆର୍ଯ୍ୟଦର୍ପଣ'ର ପୌଷ ଓ ମାଘ ସଂଖ୍ୟାରେ ପ୍ରକାଶିତ 'ହିମାଚଲେର ପଥେ' ପ୍ରବନ୍ଧରେ ଏ ବିଷୟରେ ଆଲୋଚନା କରାହୋଇଛି । ତାର ସାରମର୍ମ ରବି ଭାଇ ବର୍ଣ୍ଣନା କଲେ ।

ହିମାଚଳ ପଥରେ କେଦାର ମନ୍ଦିରଠାରୁ ଚାରିମାଇଲ ଦୂରରେ ନଦୀ ପାରହେବାକୁ 'ଭୈରବଝାମ୍ପ' ନାମରେ ଗୋଟିଏ ଝୁଲା ଅଛି । ଅନେକ ସାଧୁ ସନ୍ନ୍ୟାସୀ ସେହି ଝୁଲାପୋଲରୁ ନଦୀକୁ ଡେଇଁପଡ଼ି ପ୍ରାଣତ୍ୟାଗ କରନ୍ତି । ବର୍ତ୍ତମାନ ଅବଶ୍ୟ ସରକାର ଏହା ବନ୍ଦକରି ଦେଇଛନ୍ତି; କିନ୍ତୁ ସଂକଳ୍ପ କରି ଏଠାରେ ପ୍ରାଣତ୍ୟାଗ କଲେ ମୁକ୍ତିଲାଭ ହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ଏଥିପାଇଁ ହେଉ ବା ସଦ୍‌ଗୁରୁଙ୍କଠାରୁ ଦୀକ୍ଷାନେବାପରେ ହେଉ, ଅନେକ ସାଧୁ ଯାଇ ଏହିଠାରେ ପ୍ରାଣତ୍ୟାଗ କରନ୍ତି ।

''ଜନ୍ମଜନ୍ମାନ୍ତରର ସୁକୃତି ନ ଥିଲେ ବା ସଦ୍‌ଗୁରୁଙ୍କ କୃପା ନ ହେଲେ କେହି ସଦ୍‌ଗୁରୁଙ୍କ ଶିଷ୍ୟ ହୋଇପାରନ୍ତି ନାହିଁ । ସୁତରାଂ ଯେଉଁମାନେ ଥରେ ସଦ୍‌ଗୁରୁଙ୍କଠାରୁ ଦୀକ୍ଷିତ ହୁଅନ୍ତି, ଆଉ ଯେପରି କର୍ମଫଳ ବର୍ଦ୍ଧିତ ନ ହେବ, ସେହି ଉଦ୍ଦେଶ୍ୟରେ କେଦାରନାଥରେ ଥିବା 'ଭୈରବଝାମ୍ପ'ରେ ଉପସ୍ଥିତ ହୋଇ ସେମାନେ ଆତ୍ମହତ୍ୟା କରନ୍ତି । ବାସ୍ତବିକ ଯେଉଁ ମୁହୂର୍ତ୍ତରେ ପାପୀ, ତାପୀ, ସଂସାର-ଜର୍ଜରିତ ବ୍ୟକ୍ତି ସଦ୍‌ଗୁରୁଙ୍କର ଆଶ୍ରୟ ଲାଭ କରନ୍ତି, ସେହି ମୁହୂର୍ତ୍ତରେ ସଦ୍‌ଗୁରୁ ତାଙ୍କର ପୂର୍ବଜନ୍ମାର୍ଜିତ କର୍ମଫଳ ନିଜ ଦାୟିତ୍ୱରେ ବହନ କରନ୍ତି ଓ ଶିଷ୍ୟକୁ ମୁକ୍ତ କରିଦିଅନ୍ତି । ଯେଉଁମାନେ ମହା ଭାଗ୍ୟବାନ୍, ସେମାନେ ସଦ୍‌ଗୁରୁଙ୍କର ଏହି ଅନୁକମ୍ପା ବୁଝିପାରନ୍ତି । କିନ୍ତୁ ଯେଉଁସବୁ ବ୍ୟକ୍ତି ସଦ୍‌ଗୁରୁଙ୍କ କୃପାରୁ ତାଙ୍କ ଆଶ୍ରୟ ଗ୍ରହଣ କରି ମଧ୍ୟ ସଦ୍‌ଗୁରୁଙ୍କ ମହିମା ବୁଝିବାକୁ ଅକ୍ଷମ, ସେମାନଙ୍କ ମଧ୍ୟରୁ ଅନେକ ପାପତାପ ଭୟରେ ଭୈରବଝାମ୍ପକୁ ଡେଇଁ ଆତ୍ମହତ୍ୟା କରିବାର ସଂକଳ୍ପ କରିଥାନ୍ତି । ମୋର କିନ୍ତୁ ସ୍ଥିର ବିଶ୍ୱାସ ଯେ, ଯେଉଁ ମୁହୂର୍ତ୍ତରେ ମାନବ ସଦ୍‌ଗୁରୁଙ୍କ ଚରଣରେ ଆଶ୍ରୟ ଲାଭ କରେ, ସେହି ମୁହୂର୍ତ୍ତରୁ ସେ ସଦ୍‌ଗୁରୁରୂପୀ ଭଗବାନଙ୍କର ଆଶ୍ରୟ ଲାଭକରି ଧନ୍ୟ ହୋଇଯାଏ । ସଦ୍‌ଗୁରୁଙ୍କର ଶ୍ରୀଚରଣରେ ଆଶ୍ରୟଲାଭ

କରିବା ପରେ ଶିଷ୍ୟ ଯାହା କିଛି କରୁ ପଛକେ, ତାହାର ମୁକ୍ତି ଅନିବାର୍ଯ୍ୟ । ଭଗବାନ୍ ରାମକୃଷ୍ଣଦେବ କହନ୍ତି, ଧଣ୍ଡ ସାପ କାମୁଡ଼ିଲେ ସାପର କଷ୍ଟ, ଦଂଶିତ ବ୍ୟକ୍ତିର ମଧ କଷ୍ଟ । କିନ୍ତୁ ବିଷଧର ସର୍ପ କାମୁଡ଼ିଲେ ତିନି ଡାକରେ ଖତମ୍ । ମହର୍ଷି ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଜୀବନଚରିତରେ ଲେଖାଅଛି, ସେ ମଧ କହନ୍ତି— "ମାନବ ସଦ୍‌ଗୁରୁଙ୍କର ଆଶ୍ରୟ ନେଲେ ନିଶ୍ଚୟ ତିନି ଜନ୍ମରେ ମୁକ୍ତିଲାଭ କରେ ।"

ସଦ୍‌ଗୁରୁଙ୍କ ଶିଷ୍ୟ ସମ୍ବନ୍ଧରେ ଏହି ତିନି ଜନ୍ମ ବା କାହିଁକି ଭୋଗ ହୁଏ, ଏହା ବିଚାର କରି ଦେଖିବାକୁ ହେବ ।

ସଂସାରରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ନାନାପ୍ରକାର ଦୁରଭିସନ୍ଧି ହାସଲ କରିବା ଉଦ୍ଦେଶ୍ୟରେ ସଦ୍‌ଗୁରୁଙ୍କ ଚରଣରେ ଆଶ୍ରୟ ନେଇଥାଆନ୍ତି । ସେମାନେ ମନେ କରନ୍ତି, ସାଧୁ ସନ୍ନ୍ୟାସୀମାନଙ୍କ ନିକଟରୁ ଏପରି ଗୋଟିଏ ଜିନିଷ ବା ମନ୍ତ୍ର ଶିକ୍ଷା କରିବେ, ଯାହାଦ୍ୱାରା ସେମାନେ ନାନାପ୍ରକାର ସାଂସାରିକ ଉନ୍ନତି କରିବେ, ଲୋକଙ୍କୁ ବଶୀଭୂତ କରିବେ ବା ମାଲିମୋକଦ୍ଦମାରେ ଜୟଲାଭକରି ଆପଣା ଉଦ୍ଦେଶ୍ୟ ପୂରଣ କରିପାରିବେ । ସେମାନେ ଏହି ଉଦ୍ଦେଶ୍ୟ ରଖି ସଦ୍‌ଗୁରୁଙ୍କ ଚରଣରେ ଆଶ୍ରୟ ଲାଭ ପାଇଁ ଉପସ୍ଥିତ ହୁଅନ୍ତି । ସଦ୍‌ଗୁରୁ କିନ୍ତୁ ଅନ୍ତର୍ଯ୍ୟାମୀ ହୋଇ ତାଙ୍କର ହୃଦୟର ଏପରି ଦୁରଭିସନ୍ଧି ବୁଝି ମଧ ସେମାନଙ୍କୁ ଏପରି ଗୋଟିଏ ଉଚ୍ଚାଙ୍ଗ ସାଧନା ଶିକ୍ଷା ଦିଅନ୍ତି ଯେ, ଯାହାଦ୍ୱାରା ସେମାନେ ମୁକ୍ତିଲାଭ କରନ୍ତି । ଶିଷ୍ୟ କିନ୍ତୁ ପ୍ରଥମରୁ ସଦ୍‌ଗୁରୁଙ୍କ ନିକଟରେ ନିଜ ଉଦ୍ଦେଶ୍ୟ ପ୍ରକଟ କରେ ନାହିଁ ।

ଦୀକ୍ଷା ଶିକ୍ଷା ନେବାର କିଛି ଦିନ ପରେ ଯେତେବେଳେ ସେ ବୁଝିପାରେ ଯେ, ସଦ୍‌ଗୁରୁଙ୍କଦ୍ୱାରା ତାହାର ଏହିସବୁ ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ, ସେତେବେଳେ ସେ ନିଜେ ସଦ୍‌ଗୁରୁଙ୍କର ଶତ୍ରୁରୂପରେ ଦଣ୍ଡାୟମାନ ହୋଇ ନାନା ଭାବରେ ତାଙ୍କର ଅନିଷ୍ଟ କରେ । କିନ୍ତୁ ସଦ୍‌ଗୁରୁ ପରମ କରୁଣାମୟ, ପରମ ସ୍ନେହମୟ; ତେଣୁ ସେ ଅକାତରରେ ଶିଷ୍ୟମାନଙ୍କର ଉପଦ୍ରବ ସହ୍ୟ କରି ମଧ ସେମାନଙ୍କୁ ମଙ୍ଗଳପଥରେ ଚାଳିତ କରନ୍ତି । ଏହି ଭାବରେ ପ୍ରଥମ ଜନ୍ମଟି କଟିଯାଏ ।

ଶିଷ୍ୟ ପ୍ରଥମ ଜନ୍ମରେ ଏହିପରି ଭାବରେ ଶତ୍ରୁତା କଲେ ମଧ ଦ୍ୱିତୀୟ ଜନ୍ମରେ ସଦ୍‌ଗୁରୁଙ୍କ କୃପାରୁ ତାହାର ପ୍ରଥମ ଉଦ୍ଦେଶ୍ୟଗୁଡ଼ିକ ପୂର୍ଣ୍ଣ ହୋଇ ଧୀରେ ଧୀରେ ସେ ବୈରାଗ୍ୟ ଆଡ଼କୁ ଅଗ୍ରସର ହୁଏ । କିନ୍ତୁ ଏହିପରି ଭାବରେ ଅଗ୍ରସର

ହେବା ସଦ୍‌ଗୁରୁଙ୍କ ଆକର୍ଷଣରୁ ହୋଇଥାଏ । ସଦ୍‌ଗୁରୁ ଆତ୍ମାକୁ ଦୀକ୍ଷା ଦିଅନ୍ତି, ତେଣୁ ଶିଷ୍ୟ ସଦ୍‌ଗୁରୁଙ୍କ ପ୍ରଦତ୍ତ ମନ୍ତ୍ର ଜପ ନ କଲେ ମଧ୍ୟ ପାରା ବିଷ ପରି ମନ୍ତ୍ରଟି ଅନ୍ତର ମଧ୍ୟରେ ସର୍ବଦା କ୍ରିୟା କରୁଥାଏ; ଅର୍ଥାତ୍ ଆତ୍ମା ସର୍ବଦା ସଦ୍‌ଗୁରୁଙ୍କ ପ୍ରଦତ୍ତ ମନ୍ତ୍ର ଜପ କରୁଥାଏ ।

ଦ୍ୱିତୀୟ ଜନ୍ମରେ ଧୀରେ ଧୀରେ ଭୋଗ ସଙ୍ଗେ ସଙ୍ଗେ ଯେତେ ପରିମାଣରେ ଭୋଗ ପ୍ରତି ବିତୃଷ୍ଣା ଜନ୍ମୁଥାଏ, ସେହି ଅନୁପାତରେ ତାର ମନ୍ତ୍ରଚୈତନ୍ୟ ହେଉଥାଏ । କିନ୍ତୁ ଯେତେବେଳେ ଏହି ମନ୍ତ୍ରଚୈତନ୍ୟ ହେଉଥାଏ, ସେତେବେଳେ ହୁଏତ ତାହାର ମୃତ୍ୟୁ ନିକଟବର୍ତ୍ତୀ । ଏହି କାରଣରୁ ଅଥବା ଏହି ସ୍ଥୂଳ ଶରୀରରେ ନାନାପ୍ରକାର ବ୍ୟଭିଚାର କରିବା ଦୋଷରୁ ସେହି ଜନ୍ମରେ ସେ କୈବଲ୍ୟ-ମୁକ୍ତିର ଅଧିକାରୀ ନ ହେଲେ ମଧ୍ୟ ତୃତୀୟ ଜନ୍ମରେ ସେହି ବ୍ୟକ୍ତି ପୂର୍ଣ୍ଣ ଜ୍ଞାନଲାଭ କରି କୈବଲ୍ୟ ମୁକ୍ତିଲାଭ କରିଥାଏ । ସୁତରାଂ ସଦ୍‌ଗୁରୁଙ୍କ ସହିତ ଶତ୍ରୁତାଚରଣ କରି ମଧ୍ୟ ଶିଷ୍ୟର ରକ୍ଷା ନାହିଁ । ସେ ଯେତେ ବିରୁଦ୍ଧାଚରଣ କଲେ ମଧ୍ୟ ସଦ୍‌ଗୁରୁ ତାକୁ ନିଶ୍ଚୟ କୋଳକୁ ଟାଣିନେବେ । ଏହା ହେଲା ତୃତୀୟ ଜନ୍ମର କଥା । କିନ୍ତୁ ଏକଥା ଅତି ସତ ଯେ, ସଦ୍‌ଗୁରୁ ଇଚ୍ଛାକଲେ ଶିଷ୍ୟକୁ ସେହି ପ୍ରଥମ ଜନ୍ମରେ ମଧ୍ୟ କୈବଲ୍ୟ-ମୁକ୍ତିର ଅଧିକାରୀ କରାଇପାରନ୍ତି ।

ସଦ୍‌ଗୁରୁଙ୍କର ଶିଷ୍ୟ ହେବା ପରେ କାହିଁକି ଦ୍ୱିତୀୟ ଥର ଜନ୍ମ ହୁଏ, ସେ କଥା ମଧ୍ୟ ଶୁଣ । ଯେଉଁମାନେ ସଂସାରରେ ସୁଖଭୋଗ କରିବେ ଏବଂ ଭଗବାନଙ୍କୁ ଲାଭ କରିବେ, ଏହି ଦୁଇ ଉଦ୍ଦେଶ୍ୟରେ ସଦ୍‌ଗୁରୁଙ୍କ ଚରଣରେ ଆଶ୍ରୟ ନିଅନ୍ତି, ସେମାନଙ୍କର ଦୁଇ ଜନ୍ମ ଭିତରେ କାର୍ଯ୍ୟସିଦ୍ଧି ହୋଇଯାଏ । ପ୍ରଥମ ଜନ୍ମରେ ସେମାନେ ସାଂସାରିକ ସୁଖଲିପ୍ସା ହେତୁ ସଦ୍‌ଗୁରୁଙ୍କ କୃପାରୁ ନିଜର ଅବସ୍ଥାନୁଯାୟୀ ସାଂସାରିକ ସୁଖଭୋଗ କରିଥାନ୍ତି । କିନ୍ତୁ ସଙ୍ଗେ ସଙ୍ଗେ ମୁକ୍ତି ଆଡ଼କୁ ଲକ୍ଷ୍ୟ ଥିବାରୁ ଅଳ୍ପ ଅଳ୍ପ ସାଧନଭଜନ ମଧ୍ୟ କରିଥାନ୍ତି । ଫଳରେ ସାଧନଭଜନ କରୁଥିବା ହେତୁ ସାଂସାରିକ ଭୋଗ ପ୍ରତି ସେମାନଙ୍କର ବିତୃଷ୍ଣା ଜନ୍ମି ଅଳ୍ପ ଅଳ୍ପ ବୈରାଗ୍ୟ ଉଦୟ ହେବା ପରେ ଦେହତ୍ୟାଗ ହୁଏ । ପରଜନ୍ମରେ ସେମାନେ ପ୍ରଥମ ଜନ୍ମର ସାଧନଫଳ ଲାଭ କରି ଅନାୟାସରେ ତ୍ରିତାପମୁକ୍ତ ହୋଇ ତାଙ୍କ ଚରଣରେ କୁସୁମ ରୂପରେ ବିରାଜିତ ହୁଅନ୍ତି । ଏ ସମସ୍ତ କିନ୍ତୁ ସଦ୍‌ଗୁରୁଙ୍କର ଅହୈତୁକୀ କୃପାରୁ ସୁସମ୍ପନ୍ନ ହୋଇଥାଏ ।

ପୁଣି ଯେଉଁମାନେ ସଂସାରଯାତନାରେ ବିଦ୍‌ଗଧ ହୋଇ ସଂସାରର ସମସ୍ତ ଆକର୍ଷଣ ତ୍ୟାଗ କରି ଏକମାତ୍ର ମୁକ୍ତିଲାଭ ବା ଭଗବାନଙ୍କୁ ଲାଭ କରିବା ଆଶାରେ ଉଦ୍‌ଭ୍ରାନ୍ତ ଭାବରେ ସଦ୍‌ଗୁରୁଙ୍କ ଚରଣରେ ଆଶ୍ରୟ ନିଅନ୍ତି, ସଦ୍‌ଗୁରୁ ସେମାନଙ୍କର ହୃଦୟର ବ୍ୟାକୁଳତା ବୁଝି ଗୋଟିଏ ଜନ୍ମରେ ଯେପରି ସେମାନଙ୍କର ମୁକ୍ତି ହେବ ସେହିପରି ଭାବରେ ଆପଣାର କରିନିଅନ୍ତି ।

'ଆର୍ଯ୍ୟଦର୍ପଣ'ର ଲେଖାରୁ ଏହା ଉଦ୍ଧାର କରି ରବି ଭାଇ କହିଲେ— 'ସଦ୍‌ଗୁରୁଙ୍କର ଆଶ୍ରୟ ନେଲେ ତିନି ଜନ୍ମ ଭିତରେ ମୁକ୍ତି ନିଶ୍ଚିତ । ତେବେ ଆମେ ତ ମୁକ୍ତ ହୋଇଯାଇଛୁ ? ସଂସାରର ବାସନାକାମନା ଭୋଗ ପାଇଁ ପ୍ରାର୍ଥନା କରିବୁ ନାହିଁ କାହିଁକି ?

ଶ୍ରୀଶ୍ରୀ ଠାକୁର—ହଁ, ଏ କଥା 'ଆର୍ଯ୍ୟଦର୍ପଣ'ରେ ବାହାରିଛି ସତ; କିନ୍ତୁ ସଦ୍‌ଗୁରୁଙ୍କର ଶିଷ୍ୟ ହେଲେ ଯେ ତିନି ଜନ୍ମରେ ସମସ୍ତଙ୍କର ମୁକ୍ତି ହେବ, ଏ କଥା ମୁଁ ସ୍ୱୀକାର କରୁ ନାହିଁ । ଆମ ଠାକୁର (ସଚ୍ଚିଦାନନ୍ଦଜୀ) ଗୋଟିଏ ଗଳ୍ପ କହୁଥିଲେ; କହୁଛି ଶୁଣ—

'ଜଣେ ସାଧୁଙ୍କ ପାଖରେ ଗୋଟିଏ ଶିଷ୍ୟ ବହୁ ଦିନ ବାସକରିବା ପରେ ଦିନେ ଗୁରୁଙ୍କୁ କହିଲା, 'ଠାକୁର ! ମୋର ଟିକିଏ ସଂସାରର ଭୋଗ ବାସନା ଜାଗୁଛି । ସେତକ ଚରିତାର୍ଥ ନ କଲେ ମନରେ ତୃପ୍ତି ଆସୁ ନାହିଁ । ଅନୁମତି ଦେଲେ ମୁଁ କିଛି ଦିନ ସଂସାର ଭୋଗ କରି ପୁନରାୟ ଆସି ଆଶ୍ରମ କାର୍ଯ୍ୟରେ ଯୋଗଦେବି ।'

ଗୁରୁ ଅନୁମତି ଦେଇ କହିଲେ ହଁ, ସଂସାର କର, କ୍ଷତି ନାହିଁ; କିନ୍ତୁ ସାବଧାନ ! ଯେପରି ସଂସାରରେ ଭୁଲି ନ ରହୁ, ଶୀଘ୍ର ଫେରି ଆସିବୁ ।

ଶିଷ୍ୟ ଏଥିରେ ସ୍ୱୀକୃତ ହୋଇ ସଂସାର-ଆଶ୍ରମରେ ପ୍ରବେଶ କଲା ।

ଶିଷ୍ୟ ସଂସାର କଲା । ପିଲାପିଲି ହେଲେ । ଏହି ଭାବରେ ବାର ବର୍ଷ କଟିଗଲା । ଶିଷ୍ୟ ଫେରି ନ ଆସିବା ଦେଖି ଗୁରୁ ଶିଷ୍ୟଗୃହରେ ଯାଇ ଉପସ୍ଥିତ ହୋଇ ଶିଷ୍ୟଙ୍କୁ ସାଙ୍ଗରେ ଆସିବାକୁ କହିଲେ । ଶିଷ୍ୟ ଉତ୍ତର କଲା—''ଗୁରୁଦେବ, ମୋର ପିଲାମାନେ ଅଳ୍ପବୟସ୍କ, ସେମାନଙ୍କୁ ବିବାହ ଦେଇଦେଲେ ମୁଁ ଆପଣା ମନକୁ ଯାଇ ଆଶ୍ରମରେ ଉପସ୍ଥିତ ହେବି ।''

ଏହି ଭାବରେ ପୁଣି ବାର ବର୍ଷ କଟିଗଲା । ଗୁରୁଙ୍କ ମନ ପୁନରାୟ ଶିଷ୍ୟ ପାଇଁ ବ୍ୟାକୁଳ ହୋଇଉଠିଲା । ସେ ଶିଷ୍ୟଗୃହକୁ ଯାଇ ଶୁଣିଲେ ଯେ, ଶିଷ୍ୟଟି ମରିଗଲାଣି । ଗୁରୁ ଧ୍ୟାନସ୍ଥ ହୋଇ ଜାଣିଲେ ଯେ, ସେ ଦେହତ୍ୟାଗ କରି ସେହି ଗୃହରେ ଗୋଟିଏ କୁକୁର ହୋଇ ଜନ୍ମ ହୋଇଛି । ଗୁରୁ ତାଙ୍କ ଆଧ୍ୟାତ୍ମିକ ଶକ୍ତି ବଳରେ କୁକୁରରୂପୀ ଶିଷ୍ୟକୁ ପୂର୍ବ କଥା ସ୍ମରଣ କରାଇଦେଇ ସଙ୍ଗରେ ଯିବାକୁ ଆଦେଶ ଦେଲେ ।

କୁକୁରରୂପୀ ଶିଷ୍ୟ କହିଲା—ହଁ, ମୋର ସବୁ କଥା ମନେ ପଡ଼ିଲାଣି । ପୁତ୍ରମାନେ ମୋର ଅପଦାର୍ଥ । ରାତିରେ ମଲା ମଣିଷ ପରି ଶୁଅନ୍ତି । ଏମାନଙ୍କ ଘର ମୁଁ ଦସ୍ୟୁ ଆକ୍ରମଣରୁ ରକ୍ଷା କରିବାକୁ ଜଗି ରହିଛି । ଏମାନେ ଟିକିଏ ସାବଧାନ ହୋଇଗଲେ ମୁଁ ଆପଣା ମନକୁ ଆଶ୍ରମକୁ ଫେରିଯିବି ।

ଅନୁକୂଳ ଓ ପ୍ରତିକୂଳ କୃପା—

ତାହାପରେ କିଛି ଦିନ ଅତୀତ ହେଲା—କୁକୁର ଆଶ୍ରମକୁ ଫେରି ନ ଆସିବାରୁ ଗୁରୁ ପୁନରାୟ ଯାଇ ଶୁଣିଲେ, ସେ କୁକୁର ମରିଗଲାଣି । ପୁଣି ଧ୍ୟାନସ୍ଥ ହୋଇ ଜାଣିଲେ ଯେ, ସେ କୁକୁର ସାପ ହୋଇ ଟଙ୍କା ସିନ୍ଦୁକ ତଳେ ଗାତ କରି ରହିଛି । ସେ ଯୋଗବଳରେ ସାପକୁ ଡାକି ସବୁ କଥା କହିଲେ । କିନ୍ତୁ ସାପର ଚେତନା ଆଉ ଫେରିଲା ନାହିଁ । ସେ ସର୍ପର ସ୍ୱଭାବ ଅନୁଯାୟୀ ଫଁ ଫଁ କରି ଗୁରୁଙ୍କୁ କାମୁଡ଼ିବାକୁ ଗୋଡ଼ାଇଲା । ଗୁରୁ କହିଲେ, ଦେଖ ବାବା ! ଆଜି ପର୍ଯ୍ୟନ୍ତ ମୁଁ ତୋ ପ୍ରତି ଅନୁକୂଳ କୃପା କରି ଆସୁଥିଲି, ଏଥର ପ୍ରତିକୂଳ କୃପା କରିବି ।

ତା'ପରେ ଗୁରୁ ଶିଷ୍ୟର ପୁତ୍ରମାନଙ୍କୁ କହିଲେ—"ମୁଁ ଧ୍ୟାନବଳରେ ଜାଣିପାରୁଛି ଯେ, ତୁମ ଟଙ୍କା ସିନ୍ଦୁକତଳେ ଗାତ କରି ଗୋଟାଏ ସାପ ଅଛି । ତାକୁ ମାରିପକାଅ । ପୁତ୍ରମାନେ ସିନ୍ଦୁକ ତଳ ଖୋଳି ସାପଟିକୁ ବାହାର କରି ବାଡ଼େଇଲେ । ସାପ ଦରମରା ହୋଇଯିବା ଅବସ୍ଥାରେ ଗୁରୁ ଅର୍ଦ୍ଧମୃତ ସର୍ପଟିକୁ ନେଇ ଗଙ୍ଗାରେ ପକାଇବେ ବୋଲି ଶିଷ୍ୟପୁତ୍ରମାନଙ୍କୁ କହି ସେଠାରୁ ଘେନିଯାଇ ସାପରୂପୀ ଶିଷ୍ୟକୁ କହିଲେ—"କିରେ କିପରି ସଂସାର ଭୋଗକଲୁ ? ହାରାମଯାଦା !"

ତା'ପରେ ଗୁରୁ କୃପା କରି ତାକୁ ମୁକ୍ତ କରିଦେଲେ । ଏହାକୁ ପ୍ରତିକୂଳ କୃପା କୁହାଯାଏ । ମାଡ଼ ଦେଇ ମଧ୍ୟ କୃପା କରାଯାଇପାରେ ।

ତେବେ ଦେଖ—ସଦ୍‌ଗୁରୁଙ୍କର ଶିଷ୍ୟ ହୋଇ ମଧ୍ୟ ତ ତିନିଜନ୍ମରେ ମୁକ୍ତିଲାଭ ହେଲା ନାହିଁ !

ଏହିସବୁ ଦେଖି ଓ ଶୁଣି ମୁଁ ଭାବୁଥିଲି, ମୁଁ ଯଦି କେବେ ସିଦ୍ଧସାଧୁ ହୁଏ, ତେବେ ଗୁରୁଭାର କଦାପି ନେବି ନାହିଁ କିମ୍ବା ଗୁରୁଗିରି କେବେ କରିବି ନାହିଁ । କିନ୍ତୁ ଗୁରୁଋଣ ପରିଶୋଧ କରିବା ପାଇଁ ମୋତେ ଗୁରୁଭାର ନେବାକୁ ପଡ଼ିଲା ।

ଗୁରୁଭାର ନେବାବେଳେ ମୁଁ ମଧ୍ୟ ଗୁରୁଙ୍କୁ ଚୁକ୍ତିରେ ଆବଦ୍ଧ କରି ଗୁରୁଭାର ନେଇଛି । ''ମୋ ଶିଷ୍ୟ ହୋଇ କେହି ମୋର ଶତ୍ରୁତାଚରଣ କଲେ ମଧ୍ୟ ତାକୁ ମୁକ୍ତି ଦେବାକୁ ହେବ—ଏ ବିଶେଷ ଶକ୍ତି ମୋତେ ଦିଅ ।'' ଏ କଥାରେ ମୋ ଗୁରୁଦେବ ଅଙ୍ଗୀକାର କରିବାରୁ ମୁଁ ଗୁରୁଭାର ନେବାକୁ ସ୍ୱୀକୃତ ହେଲି । ଏଥିପାଇଁ କେହି ଶିଷ୍ୟ ହେବାକୁ ଆସିଲେ, ମୁଁ ମନାକରେ ନାହିଁ । କେତେକ କହନ୍ତି, 'ଠାକୁର ! ପରୀକ୍ଷା କରି ଶିଷ୍ୟ କରୁନାହଁ ?'' ମୁଁ ତ କାହାକୁ ବିପଥଗାମୀ ହେବାକୁ ଶିକ୍ଷା ଦେଉ ନାହିଁ ! ଶୁଣିଲେ ଉପକାର ହେବ, ନ ଶୁଣିଲେ ମଧ୍ୟ କ୍ଷତି ନାହିଁ । ମୁଁ କହୁଛି, ପରୀକ୍ଷା କରି ଶିଷ୍ୟ କରିବାକୁ ବସିଲେ କେହି ଜଣେ ହେଲେ ଥୟ ପଡ଼ିବେ ନାହିଁ । (କୋନ୍ ଶାଲା ଟିକ୍‌ବେ ନା)

ବନମାଳୀ ଭାଇଙ୍କର ଶ୍ରୀଶ୍ରୀ ଠାକୁରଙ୍କ ନିକଟକୁ ପ୍ରଥମ ଆଗମନ—

ଏହି ସମୟରେ ଦ୍ୱାରରେ ଶବ୍ଦ ଶୁଭିଲା । ଜଣାଗଲା, କେହି ଜଣେ ଆଗନ୍ତୁକ କଡ଼ା ଝମଝମ କରୁଛନ୍ତି । ଦ୍ୱାର ଫିଟାଇ ଦେଖିଲୁ—ପୁରୀର ସ୍ୱନାମଧନ୍ୟ ଓକିଲ ବନମାଳୀ ଦାଶ ଓ ଆଉ ଜଣେ ଭଦ୍ରବ୍ୟକ୍ତି ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ କରିବାକୁ ପ୍ରଥମ ହୋଇ ଆସିଛନ୍ତି ।

ଶ୍ରୀଶ୍ରୀ ଠାକୁର ବସିବାକୁ ଅନୁମତି ଦେଇ ପଚାରିଲେ—କ'ଣ ଆବଶ୍ୟକ ?

ବନମାଳୀ ଭାଇ—ମୋର ଟିକିଏ ଏକାନ୍ତରେ ଆପଣଙ୍କ ସହିତ କଥାଭାଷା ଅଛି । ସମୟ ଦେଲେ ଦେଖା କରିବି ।

ଶ୍ରୀଶ୍ରୀ ଠାକୁର—କାଲି ସନ୍ଧ୍ୟା ପାଞ୍ଚଟା ସମୟରେ ଆପଣ ଆସିବେ । ମୁଁ ଆପଣଙ୍କ ଅପେକ୍ଷାରେ ଥିବି ।

ବନମାଳୀ ଭାଇ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି ବିଦାୟ ନେଲେ । କିଛିସମୟ ପରେ କଥାବାର୍ତ୍ତା ବନ୍ଦ କରି ଠାକୁର ଭିତରକୁ ଉଠିଗଲେ । ଚୈତନ୍ୟ ଭାଇ ମଧ୍ୟ ଆଜି ବିଦାୟ ନେଇ କଟକ ଫେରିଗଲେ ।

୪-୩-୩୪ ତାରିଖ—ରବିବାର

ଆଜି ବନମାଳୀ ଭାଇ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ପହଞ୍ଚିବାରୁ ଠାକୁର ତାଙ୍କୁ ବସିବା ଲାଗି ଖଣ୍ଡିଏ କମ୍ବଳ ପକାଇ ଦେବାକୁ ଆଦେଶ ଦେଲେ; ମାତ୍ର ସେ ଆସନରେ ନ ବସି ପ୍ରଶ୍ନ କଲେ—

ଜ୍ଞାନପଥ ଓ ଭକ୍ତିପଥ—

ବନମାଳୀ ଭାଇ—ମୁଁ ଆଧ୍ୟାତ୍ମିକ ପଥରେ ଗତି କରିବାକୁ ଇଚ୍ଛା କରୁଛି, ମୋର କେଉଁ ପଥ ଶ୍ରେୟଃ ?

ଶ୍ରୀଶ୍ରୀ ଠାକୁର—ପଥ ହେଉଛି ଦୁଇଟି : ଜ୍ଞାନପଥ ଓ ଭକ୍ତିପଥ । ହୃଦୟର ସମସ୍ତ ବୃତ୍ତି ରହିତ ହେଲେ ବାକୀ ଯାହା ଅବଶିଷ୍ଟ ରହେ, ତାହା ଆତ୍ମା । ବିଚାରଦ୍ୱାରା ଏହାକୁ ଜାଣିବାକୁ ଜ୍ଞାନପଥ କୁହାଯାଏ । ଭଗବାନ ଅଛନ୍ତି, ଏହା ବିଶ୍ୱାସ କରି ତାଙ୍କ ଉପରେ ନିର୍ଭର କରିବାକୁ ଭକ୍ତି କୁହାଯାଏ । ଯେଉଁମାନଙ୍କର ଭକ୍ତି ବା ବିଶ୍ୱାସ ନାହିଁ, ସେମାନଙ୍କୁ ଯୋଗପଥ ଧରି ବିଶ୍ୱାସ ଆଣିବାକୁ ହୁଏ । ଯୋଗସମ୍ମତ କ୍ରିୟାପଦ୍ଧତିରେ ବିଶ୍ୱାସ ଆସେ । ଭକ୍ତିପଥରେ କେବଳ୍ ବିଶ୍ୱାସ ନେଇ ପଡ଼ିରହିବାକୁ ହୁଏ । ତୁମର ଏ ବୟସରେ ମୌଳିକ ଯୋଗସାଧନ ସମ୍ଭବ ହେବ ନାହିଁ । ତୁମ ପକ୍ଷରେ ଭକ୍ତିପଥ ଶ୍ରେୟଃ । ଭକ୍ତିପଥରେ ମଧ୍ୟ ଲୟଯୋଗର କ୍ରିୟା ଅଛି ।

ଭକ୍ତିପଥରେ ଚଳିବାକୁ ହେଲେ ପ୍ରଥମରୁ ମନ୍ତ୍ର ଗ୍ରହଣ କରିବାକୁ ହୁଏ । ପ୍ରତ୍ୟେକ ବ୍ୟକ୍ତିଙ୍କର ଆଦ୍ୟରୁ ମନ୍ତ୍ର, ଯନ୍ତ୍ର ଓ ଦେବତା ନିର୍ଦ୍ଦିଷ୍ଟ ଅଛନ୍ତି । ଏହି ଦେହକୁ ଦେବତା, ପ୍ରାଣକୁ ଯନ୍ତ୍ର କୁହାଯାଏ । ମନ୍ତ୍ର ବୀଜ ସ୍ୱରୂପ । ଏହି ବୀଜର କ୍ରିୟା ଜନ୍ମ ଜନ୍ମ ଧରି ଚାଲି ଆସୁଅଛି । କାହାର କେଉଁ ଦେବତା ବା କେଉଁ ମନ୍ତ୍ର ନିର୍ଦ୍ଦିଷ୍ଟ, ତାହା ସଦ୍‌ଗୁରୁଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷରେ ଜାଣିବା ଅସମ୍ଭବ । ତତ୍ପରେ ମନ୍ତ୍ରର ଚୈତନ୍ୟ କରିବାର ପ୍ରଣାଳୀ ମଧ୍ୟ ଅଛି । ସେହି ମନ୍ତ୍ରଚୈତନ୍ୟ ପ୍ରଣାଳୀ ଆବଶ୍ୟକ ହେଲେ ମୁଁ ଶିକ୍ଷା ଦେଇ ପାରିବି ।

କୁଣ୍ଡଳିନୀ ସମସ୍ତ ଶକ୍ତିର ଆଧାର ବା କେନ୍ଦ୍ର । ଶକ୍ତି ଓ ଶକ୍ତିମାନ୍ ଶିବଙ୍କୁ ଏକତ୍ର ଯୋଗ କଲେ ମନ୍ତ୍ରର ଚୈତନ୍ୟ ହୁଏ । ଏହି ପ୍ରଣାଳୀରେ ମୋ ଶିଷ୍ୟମାନଙ୍କୁ ମୁଁ ପରିଚାଳିତ କରିଥାଏ ।

ପ୍ରଣବ ଜପରେ ଅଧିକାର—

ବନମାଳୀ ଭାଇ—ପ୍ରଣବ ଜପରେ ମୋର କେତେଦୂର ଅଧିକାର ଅଛି ? ମୁଁ ପ୍ରଣବ ଜପ କରିପାରିବି କି ନାହିଁ ?

ଶ୍ରୀଶ୍ରୀ ଠାକୁର—ପ୍ରଣବ ବୈଦିକ ମନ୍ତ୍ର । ତେଣୁ ପ୍ରଣବ ସାଧନ କରିବାକୁ ସେହି ବୈଦିକ ଆଚାର ବ୍ୟବହାର ଆବଶ୍ୟକ । ପୁଣି ଉଚ୍ଚାରଣ ମଧ୍ୟ ଠିକ୍ ଅନୁସାରେ ହେବା ଦରକାର । ବର୍ତ୍ତମାନ ସମୟରେ ପ୍ରଣବ ଜପ କରି କେହି ଫଳ ପାଉଛନ୍ତି ବୋଲି ତ ମୋର ବିଶ୍ୱାସ ହେଉ ନାହିଁ । ତେବେ ଅନ୍ୟାନ୍ୟ ମନ୍ତ୍ର ସହିତ ପ୍ରଣବ ସେତୁମନ୍ତ୍ର ରୂପରେ ବ୍ୟବହାର ହୋଇପାରେ ।

ବନମାଳୀ ଭାଇ—ମୁଁ ତାନ୍ତ୍ରିକ ମତରେ ପୂଜା କରିପାରିବି କି ନାହିଁ ?

ଶ୍ରୀଶ୍ରୀ ଠାକୁର—ତାନ୍ତ୍ରିକ ପୂଜା କରିବାକୁ ହେଲେ ବାହ୍ୟିକ ଅନୁଷ୍ଠାନର ବିଶେଷ ପ୍ରୟୋଜନ । ସେଥିରେ ମଧ୍ୟ ଯୋଗର ଅନେକ କ୍ରିୟା ଅଛି । ତେଣୁ ତୁମ ପକ୍ଷରେ ବର୍ତ୍ତମାନ ବୟସରେ ତାନ୍ତ୍ରିକ ପୂଜା କଷ୍ଟସାଧ୍ୟ ।

ପ୍ରାରବ୍ଧ ଖଣ୍ଡନ—

ବନମାଳୀ ଭାଇ—ପ୍ରାରବ୍ଧ କ'ଣ ଖଣ୍ଡନ ହୋଇପାରେ ?

ଶ୍ରୀଶ୍ରୀ ଠାକୁର—ନା, ପ୍ରାରବ୍ଧ ଖଣ୍ଡନ ହୋଇପାରେ ନାହିଁ । ଦେଖ, ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ଜାରାଶବର ଶରବିଦ୍ଧ କଲା । ଯୀଶୁଙ୍କୁ କ୍ରୁଶରେ ବିଦ୍ଧ ହେବାକୁ ପଡ଼ିଲା । ସ୍ୱୟଂ ଜଗନ୍ମାତାଙ୍କ ପୁତ୍ରର ହାତୀମୁଣ୍ଡ ହେଲା । ଏସବୁ ପ୍ରାରବ୍ଧର ଫଳ । ଗ୍ରହମାନଙ୍କ ଯୋଗୁ ଯେ ଏପରି ଘଟେ, ତାହା ନୁହେଁ । ସେମାନେ ଦେବତା । ପ୍ରାରବ୍ଧ ଅନୁସାରେ ସେମାନଙ୍କର ସଂଯୋଗ ହୋଇଥାଏ । ଗ୍ରହ ଶାନ୍ତି କଲେ ମଧ୍ୟ କର୍ମଫଳ ନାଶ ହୁଏ ନାହିଁ । ତଥାପି ଶାନ୍ତି ସ୍ୱସ୍ତ୍ୟୟନର ଆବଶ୍ୟକତା ଅଛି । ଦୁଃଖ ତ ନିଶ୍ଚୟ ପଡ଼ିବ ! ସେ ସମୟରେ ଭଗବତ୍ ଆରାଧନାରେ ବ୍ୟସ୍ତ ଥିଲେ ପ୍ରାରବ୍ଧ ଭୋଗ କରୁଥିବା ସମୟର କଷ୍ଟଟା ଟିକିଏ ଊଣା ବୋଧ ହେବ । ସେଥିପାଇଁ ମୃତ୍ୟୁ ସମୟରେ ନାମ ଜପ କରିବାର ବ୍ୟବସ୍ଥା । ସେ ସମୟରେ ତାହା ହିଁ କର୍ତ୍ତବ୍ୟ । ତେଣୁ ମହାମାରୀ ହେଲେ ସମସ୍ତେ କୀର୍ତ୍ତନରେ ମତ୍ତ ହୁଅନ୍ତି । ମହାମାରୀ ନାଶ ଏହାର ଉଦ୍ଦେଶ୍ୟ ନୁହେଁ । ମୃତ୍ୟୁ ସମୟରେ ଭଗବାନଙ୍କ ନାମ ସ୍ମରଣ ଏହାର ଉଦ୍ଦେଶ୍ୟ । ପ୍ରାରବ୍ଧ ଭୋଗ

ସମୟରେ ଭଗବାନଙ୍କ ନିକଟରେ ପ୍ରାରବ୍ଧ ନାଶ ନିମିତ୍ତ ପ୍ରାର୍ଥନା ନ କରି ଯେପରି ଚିତ୍ତରେ ଶାନ୍ତି ଆସିବ, ସେଥିପାଇଁ ପ୍ରାର୍ଥନା କରିବା ଉଚିତ । ଅନର୍ଥକ କର୍ମଫଳ ନାଶ ନିମିତ୍ତ ପ୍ରାର୍ଥନା କରିବା ମହାଭୁଲ୍ ।

୧୩-୩-୩୪ ତାରିଖ—ମଙ୍ଗଳବାର

ବନମାଳୀ ଭାଇ, ପର୍ଶୁରାମ ବର୍ମା ପ୍ରଭୃତି କେତେ ଜଣ ଶ୍ରୀଶ୍ରୀ ଠାକୁରଙ୍କ ନିକଟକୁ ଯାଇଥିଲେ । ଆଜି ପର୍ଶୁରାମ ବର୍ମା ଅନେକ ପ୍ରଶ୍ନ ପଚାରିଥିଲେ ।

ପର୍ଶୁରାମ ବର୍ମା—ସାଧନର ପଥ କେତୋଟି ଓ ମୋର କେଉଁ ପଥ ଶ୍ରେୟଃ ?

ଶ୍ରୀଶ୍ରୀ ଠାକୁର—ସାଧନର କେବଳ ମାତ୍ର ଦୁଇଟି ପଥ—ଯୋଗ-ପଥ ଓ ଭକ୍ତିପଥ । ଜ୍ଞାନପଥ ଅଛି, କିନ୍ତୁ ସେ ପଥର କୌଣସି ସାଧନ ନାହିଁ । ତାହା ବିଚାରଲଭ୍ୟ । ଜ୍ଞାନସାଧନା ଯୋଗଶାସ୍ତ୍ରସମ୍ମତ । ଅଧିକାଂଶ ସ୍ଥଳରେ ଜ୍ଞାନର ସାଧନପଥ ଯୋଗ ଓ ଭକ୍ତିର ସାଧନପଥ ତନ୍ତ୍ର । * ଅଧିକ ବୟସରେ ଯୋଗ ସାଧନ ହୁଏ ନାହିଁ; କିନ୍ତୁ ଭକ୍ତିପଥରେ ବୟସ ପ୍ରଭୃତି ବିଚାରର ଆବଶ୍ୟକତା ନାହିଁ । ଭକ୍ତିପଥର ପ୍ରଧାନ ଅବଲମ୍ବନ ବିଶ୍ୱାସ । ଭକ୍ତିର ସାଧନ ଅଧିକାରୀ ଭେଦରେ ନାନାପ୍ରକାର ହେଲେ ମଧ୍ୟ କେହି ଛୋଟ ବା କେହି ବଡ଼ ନୁହନ୍ତି । ସମସ୍ତେ ସମାନ ! ଭକ୍ତି ପଥରେ ଭଗବାନଙ୍କୁ ଦର୍ଶନ କରାଯାଇପାରେ । ବିଶ୍ୱାସ ନ ଥିଲେ ଭକ୍ତିପଥରେ ଗତି କରିପାରିବ ନାହିଁ । ଯାହାଙ୍କର ଭକ୍ତି ନାହିଁ, ସେ ଯୋଗ ବା ଜ୍ଞାନପଥରେ ଗତି କରିପାରନ୍ତି; କିନ୍ତୁ ଯୋଗ ଓ ଜ୍ଞାନ ଅପେକ୍ଷାକୃତ କୃଚ୍ଛସାଧ୍ୟ । ଭକ୍ତି ଅପେକ୍ଷାକୃତ କୋମଳ; ତେଣୁ ଅଳ୍ପାୟାସସାଧ୍ୟ । ତେବେ ପ୍ରଧାନ କଥା ହେଉଛି, ଭଗବାନଙ୍କ କୃପା କିମ୍ବା ମହାପୁରୁଷଙ୍କ କୃପା ନ ହେଲେ ଭକ୍ତିଲାଭ ହୁଏ ନାହିଁ । ଭକ୍ତିପଥରେ ଯେଉଁସବୁ ସାଧନ ଅଛି, ତାହା ଚିତ୍ତଶୁଦ୍ଧି ନିମିତ୍ତ । ତୁମ ପକ୍ଷରେ ଭକ୍ତିପଥ ଶ୍ରେୟଃ ।

ଭକ୍ତିପଥର ସାଧନା—

ପର୍ଶୁରାମ ବର୍ମା—ଭକ୍ତିପଥର ସାଧନା କିପରି ଆରମ୍ଭ କରିବାକୁ ହୁଏ ?

---

* ନିଗମପ୍ରସାଦ-୧୦୧ପୃଷ୍ଠା ଦ୍ରଷ୍ଟବ୍ୟ

ଶ୍ରୀଶ୍ରୀ ଠାକୁର—ଭକ୍ତିପଥରେ ନାନା ପ୍ରକାର ସାଧନା ପ୍ରଚଳିତ ଅଛି । ତନ୍ମଧ୍ୟରେ ସାଧୁସଙ୍ଗ ପ୍ରଧାନ । ସଦ୍‌ଗ୍ରନ୍ଥାଦି ପାଠ ମଧ୍ୟ ସାଧୁସଙ୍ଗର ଅନ୍ତର୍ଗତ । ପ୍ରଥମେ କୌଣସି ଗୋଟିଏ ଭାବ ଧରି ଭକ୍ତିପଥର ସାଧନା ଆରମ୍ଭ କରିବାକୁ ହୁଏ । ସାଧାରଣତଃ ଭକ୍ତ ଭଗବାନଙ୍କୁ ପ୍ରଭୁ ଭାବରେ ଦେଖନ୍ତି । ସେ ବିରାଟ, ସେ ମହାନ୍, ସେ ସକଳର କର୍ତ୍ତା, ସେ ସର୍ବଶକ୍ତିମାନ୍—ଏହି ଭାବକୁ ପ୍ରଭୁଭାବ କୁହାଯାଏ । କିନ୍ତୁ ଭକ୍ତ କ୍ରମେ ଦାସ୍ୟ ଓ ସଖ୍ୟ ଭାବରେ ଭଗବାନଙ୍କୁ 'ମୋର ପ୍ରଭୁ ଓ ମୋର ସଖା' ବୋଲି ସମ୍ବୋଧନ କରିପାରନ୍ତି । ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବ ଏହି ପଥର ସାଧନକୁ ନବଧା ବିଭକ୍ତ କରିଛନ୍ତି । ସର୍ବଶେଷରେ ଆତ୍ମସମର୍ପଣ ଭାବ ।

ତୁମେ ସଦ୍‌ଗ୍ରନ୍ଥାଦି ପାଠ କରିପାର । ତଦ୍ଦ୍ୱାରା ଚିତ୍ତରେ ଭକ୍ତିର ଆକାଙ୍‌କ୍ଷା ଜାଗ୍ରତ ହେବ । ଯେତେ ଭକ୍ତିଗ୍ରନ୍ଥ ଅଛି, ସେସବୁ ପାଠ କର । ସେଥିମଧ୍ୟରୁ ସ୍ୱାମୀ ବିବେକାନନ୍ଦଙ୍କ କୃତ 'ଭକ୍ତିଯୋଗ' ଜ୍ଞାନମିଶ୍ରିତ; ଅଶ୍ୱିନୀ ବାବୁଙ୍କ 'ଭକ୍ତିଯୋଗ' ଭାବମିଶ୍ରିତ ଓ ମୋ ଲିଖିତ 'ପ୍ରେମିକଗୁରୁ' ପ୍ରେମଭକ୍ତିମିଶ୍ରିତ । ସର୍ବଶେଷରେ 'ଭାଗବତ' ସର୍ବଶ୍ରେଷ୍ଠ ଭକ୍ତିଗ୍ରନ୍ଥ । ଏସବୁ ଗ୍ରନ୍ଥ ପାଠ କରିବାଦ୍ୱାରା ଅନେକ ପ୍ରଶ୍ନର ମୀମାଂସା ହେବ । ଏହା ପାଠ କଲେ ସ୍ୱାଧ୍ୟାୟର ଫଳ ମଧ୍ୟ ଲାଭ କରିପାରିବ ।

ଭକ୍ତିପଥରେ ଜଣେ ଗୁରୁ ଆବଶ୍ୟକ । ଭକ୍ତିପଥରେ କାହିଁକି ସାମାନ୍ୟ ଲେଖାପଢ଼ାରେ ମଧ୍ୟ ଜଣେ ଗୁରୁ ଆବଶ୍ୟକ । ସନ୍ନ୍ୟାସୀମାନଙ୍କୁ ମଧ୍ୟ ଗୁରୁ କରିବାକୁ ହୁଏ । ଯେଉଁମାନେ ଭକ୍ତିପଥରେ ବିଶେଷ ଅଗ୍ରସର, ସେମାନଙ୍କ ମଧ୍ୟରୁ ଯାହାଙ୍କ ପ୍ରତି ବିଶ୍ୱାସ ଓ ଭକ୍ତି ହେବ, ସେପରି ଲୋକଙ୍କୁ ଗୁରୁ କରି ତାଙ୍କର ଆଶ୍ରୟ ନେବାକୁ ହେବ । ଭଗବାନଙ୍କର ଅନନ୍ତ ନାମ ଓ ଅନନ୍ତ ରୂପ ଅଛି । ତନ୍ମଧ୍ୟରୁ କୌଣସି ଗୋଟିଏ ନାମରେ ନିଷ୍ଠା ଥିବା ଆବଶ୍ୟକ । ଗୁରୁ ଏହି ନାମରୂପ ନିର୍ଦ୍ଦେଶ କରିଦିଅନ୍ତି । ଶିଷ୍ୟ କେବଳ ବିଶ୍ୱାସ ଧରି ଗୁରୁଦେବଙ୍କ ଉପରେ ନିର୍ଭର କରିବା କର୍ତ୍ତବ୍ୟ । ଗୁରୁ ଚିତ୍ତଶୁଦ୍ଧି କରିବା ପାଇଁ କ୍ରିୟା ଦେଇ ପରେ ଶିଷ୍ୟକୁ ଆପଣାର କରିନିଅନ୍ତି । ଗୀତା ହେଉଛି ଉପନିଷଦର ସାରାଂଶ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନାନା ପ୍ରକାର ଉପଦେଶ ଦେଇ ଶେଷରେ କହିଲେ, ''ଯଦି କିଛି ନ ପାରୁଛ ତେବେ 'ମାମେକଂ ଶରଣଂ ବ୍ରଜ' ମୋର ଶରଣ ନିଅ । ମୋତେ ପ୍ରଣାମ

କର ।'' ଅର୍ଜୁନ ଶେଷରେ ଏହି ଆତ୍ମସମର୍ପଣ-ରୂପ ଗୁରୁନିର୍ଭରତାକୁ ହିଁ ଅବଲମ୍ବନ କଲେ । ଏହି ପଥରେ ଗୁରୁ ଶିଷ୍ୟଙ୍କର ଘନିଷ୍ଠ ସମ୍ବନ୍ଧ ସ୍ଥାପିତ ହୁଏ । ଶିଷ୍ୟ ଗୁରୁଙ୍କୁ ଭଗବାନ ବୋଲି ଦେଖନ୍ତି । ଗୁରୁଙ୍କୁ ସେବା କରି ସେ ଭଗବତ୍ ସେବାର ଅଧିକାର ଅର୍ଜନ କରନ୍ତି ।

ଯେ ସଦ୍‌ଗୁରୁ, ସେ ତାଙ୍କ ଭକ୍ତମାନଙ୍କର ଭଗବାନ । କିନ୍ତୁ ଜଗଦ୍‌ଗୁରୁ ଯଥା ଚୈତନ୍ୟଦେବ, ଶ୍ରୀକୃଷ୍ଣ ପ୍ରଭୃତି ସର୍ବସାଧାରଣଙ୍କୁ କୃପା ବିତରଣ କରିପାରନ୍ତି । ସଦ୍‌ଗୁରୁ କେବଳ ତାଙ୍କର ଆଶ୍ରିତ ଶିଷ୍ୟ ଭକ୍ତମାନଙ୍କୁ କୃପା ବିତରଣ କରନ୍ତି । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଯେଉଁ ଆଦାନ ପ୍ରଦାନ ବା ଶକ୍ତିସଞ୍ଚାର କ୍ରିୟା ହୁଏ, ତାହା ଧୀରେ ଧୀରେ ହୁଏ ।

ପର୍ଶୁରାମ ବର୍ମା—ଠାକୁର ! ଗୁରୁ ସ୍ପର୍ଶଦ୍ୱାରା, ଇଚ୍ଛାଦ୍ୱାରା, ଦର୍ଶନଦ୍ୱାରା କ'ଣ ଶକ୍ତିସଞ୍ଚାର କରିପାରନ୍ତି ?

ଶ୍ରୀଶ୍ରୀ ଠାକୁର—ହଁ, ସଦ୍‌ଗୁରୁ ତାହା କରିପାରନ୍ତି । ଏହି ଶକ୍ତି ସଞ୍ଚାର କରିବା ହିଁ ତ ତାଙ୍କର ବିଶେଷତ୍ୱ । ସେ ଉପଯୁକ୍ତ କି ଅନୁପଯୁକ୍ତ ବିଚାର ନ କରି ସମଭାବରେ କୃପା ବିତରଣ କରନ୍ତି । ତେବେ ଏପରି ଶକ୍ତିସଞ୍ଚାର କ୍ରିୟା ଅନୁଭବ କରିବାକୁ ହେଲେ ଖୁବ୍ ଶକ୍ତିଶାଳୀ ଗୁରୁଙ୍କର ଆଶ୍ରୟ ନେବାକୁ ହୁଏ ।

ଗୁରୁ ଚାରି ପ୍ରକାର—

ପର୍ଶୁରାମ ବର୍ମା—ଠାକୁର ! ଗୁରୁଙ୍କ ଭିତରେ ପୁଣି ସାନ ବଡ଼ ଅଛନ୍ତି ନା କ'ଣ ?

ଶ୍ରୀଶ୍ରୀ ଠାକୁର—ହଁ, ଅଛନ୍ତି । ଗୁରୁ ଚାରି ପ୍ରକାର । ଆଦର୍ଶଗୁରୁ, ଆଚାର୍ଯ୍ୟଗୁରୁ, ସଦ୍‌ଗୁରୁ ଓ ଜଗଦ୍‌ଗୁରୁ । ଯାହାଙ୍କୁ ଆଦର୍ଶ କରି ଚଳିବାକୁ ଇଚ୍ଛା କରିବ, ସେ ହେଉଛନ୍ତି ଆଦର୍ଶ ଗୁରୁ । ଯାହାଙ୍କଠାରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରିବ, ସେ ଆଚାର୍ଯ୍ୟ ଗୁରୁ । ଯେଉଁ ଗୁରୁ ନିଜ ଶକ୍ତି ଶିଷ୍ୟଠାରେ ସଞ୍ଚାରିତ କରିଦେଇପାରନ୍ତି, ସେ ସଦ୍‌ଗୁରୁ । ସଦ୍‌ଗୁରୁ ମଧ୍ୟ ଆଚାର୍ଯ୍ୟଗୁରୁ ହୋଇପାରନ୍ତି । ଯେପରି ଜଣେ ଏମ୍.ଏ. ପାସ୍ କରିଥିବା ଉଚ୍ଚଶିକ୍ଷିତ ବ୍ୟକ୍ତି ଛୋଟ ଛୋଟ ବାଳକମାନଙ୍କୁ ଶିକ୍ଷା ଦେଇପାରନ୍ତି ଏବଂ ବୟସ୍କମାନଙ୍କୁ ମଧ୍ୟ ଶିକ୍ଷା ଦେଇପାରନ୍ତି,

ସେହିପରି ସଦ୍‌ଗୁରୁ ଆଚାର୍ଯ୍ୟଗୁରୁ ହୋଇପାରନ୍ତି । ପ୍ରଥମରେ ଚିତ୍ତଶୁଦ୍ଧିର ସାଧନ ଦେଇ ସେ ଆଚାର୍ଯ୍ୟଗୁରୁ ହୁଅନ୍ତି, ପରେ ଶକ୍ତି ସଞ୍ଚାର କରି ସଦ୍‌ଗୁରୁଙ୍କ କାର୍ଯ୍ୟ କରନ୍ତି ।

ସଦ୍‌ଗୁରୁ ପ୍ରଥମରୁ ସାଧକଙ୍କୁ ଶକ୍ତିସାଧନାର ଉପଯୋଗୀ କରିନେଇ ପରେ କୃପା କରିଥାଆନ୍ତି । ସେତେବେଳେ ଶିଷ୍ୟର ଶକ୍ତି ଧାରଣ କରିବାର କ୍ଷମତା ଜାତ ହୁଏ । ଅନ୍ୟଥା ଅସମୟରେ କୃପା କଲେ ତାହା ଫଳପ୍ରସୂ ହୁଏ ନାହିଁ । କିନ୍ତୁ ମୋର ଇଚ୍ଛା, ତୁମେମାନେ ଶୀଘ୍ର ଶୀଘ୍ର ଉନ୍ନତିଲାଭ କର । ତାହାହେଲେ ତୁମର ଓ ଦେଶର ଉପକାର ହେବ । ମୋର ବଙ୍ଗଦେଶର ଶିଷ୍ୟ-ଭକ୍ତମାନେ ଯେପରି ଶୀଘ୍ର ଶୀଘ୍ର ଉନ୍ନତି ଲାଭ କରିଛନ୍ତି, ତୁମେମାନେ ସେହିପରି ହୁଅ । ତୁମମାନଙ୍କର ଉନ୍ନତି ସଙ୍ଗରେ ମୋ ସ୍ୱାର୍ଥ ମଧ୍ୟ ନିହିତ ଅଛି । କାରଣ ତୁମେମାନେ ଠାକୁରଙ୍କ କୃପା ପାଇ ଉନ୍ନତି ଲାଭ କରିଛ ବୋଲି ସାଧାରଣରେ ପ୍ରକାଶ କରି ହତାଶ ପ୍ରାଣରେ ଆଶାର ଆଲୋକ ଜଳାଇ ଦେଇପାରିବ ! ଭକ୍ତ ସମ୍ମିଳନୀରେ ଭାବ ବିନିମୟଦ୍ୱାରା କୃପା ଉପଲବ୍ଧିର ବିବରଣ ଭକ୍ତମାନେ ପ୍ରକାଶ କରି ହତାଶ ପ୍ରାଣରେ ଆଶାର ଆଲୋକ ସଞ୍ଚାର କରାଇ ଦିଅନ୍ତି । ଭକ୍ତମାନେ ନିଜ ନିଜର ଉତ୍‌ଥାନ-ପତନର ଇତିହାସ ବ୍ୟକ୍ତ କରି ସେ ସମୟରେ କୃପା ଉପଲବ୍ଧିର ବିଷୟ ପ୍ରକାଶ କରିବାଦ୍ୱାରା ଅନେକ ଉପକାର ସାଧିତ ହୋଇଥାଏ ।

ବିରୁଦ୍ଧବାଦୀମାନେ ବଡ଼ ଭକ୍ତ—

ପର୍ଶୁରାମ ବର୍ମା—ସଂସାର ମଧ୍ୟରେ ରହି କ'ଣ ଭକ୍ତିର ସାଧନା ଚାଲିପାରେ ?

ଶ୍ରୀଶ୍ରୀ ଠାକୁର—ସାଂସାରିକ କାର୍ଯ୍ୟ ଭିତରେ ଥାଇ ମଧ୍ୟ ଭକ୍ତିସାଧନ ଚଳିପାରେ । କାରଣ ଭକ୍ତିପଥରେ ଟିକିଏ ପବିତ୍ରତା ବ୍ୟତୀତ ବିଶେଷ କିଛି କଡ଼ା ନିୟମ ନାହିଁ । ପ୍ରତ୍ୟେକ ପଥରେ କିଛି ନା କିଛି ବିଶେଷ ନିୟମ ଅଛି । ତେଣୁ କଥିତ ଅଛି—

"ଗୃହୀ ହୋ କର୍ କହେ ଜ୍ଞାନ୍,
ଭୋଗୀ ହୋ କର୍ ଲଗାଏ ଧ୍ୟାନ୍,
ଯୋଗୀ ହୋ କର୍ ଠୋକେ ଭଗ୍,

ତିନୋ ଆଦ୍‌ମୀ ମହା ଠଗ୍ ।''

ଅର୍ଥାତ୍ ଗୃହୀମାନେ ସର୍ବଦା ଦ୍ୱୈତବାଦ ନେଇ ରହନ୍ତି । ଜ୍ଞାନ ଅଦ୍ୱୈତବାଦମୂଳକ; ତେଣୁ ଗୃହସ୍ଥମାନଙ୍କର ଜ୍ଞାନ ବା ଅଦ୍ୱୈତବାଦର ଚର୍ଚ୍ଚା କରିବା ଉଚିତ ନୁହେଁ । ଭୋଗୀମାନେ ଯଦି ଧ୍ୟାନରେ ବସିବେ, ସେମାନଙ୍କ ମନରେ ସମସ୍ତ ଭୋଗ୍ୟବସ୍ତୁର ଚିନ୍ତା ଆସି ଉଦିତ ହେବ; ତେଣୁ ଏପରି ଧ୍ୟାନରେ କିଛି ଫଳଲାଭ ହେବ ନାହିଁ । ଯୋଗୀମାନଙ୍କର ଜ୍ଞାନ, ଭକ୍ତି, ବିଶ୍ୱାସ ନ ଥିଲେ ମଧ୍ୟ କିଛି କ୍ଷତି ନାହିଁ; କିନ୍ତୁ ସଂଯମ ସେମାନଙ୍କର ପ୍ରଧାନ ଅବଲମ୍ବନ । ବ୍ରହ୍ମଚର୍ଯ୍ୟହୀନ ହେଲେ ଶକ୍ତିଲାଭ ହୋଇପାରେ ନାହିଁ । ସେମାନେ ଯଦି ଅସଂଯତ ହୁଅନ୍ତି, ତେବେ ସେମାନଙ୍କୁ ମହା ଠକ ବୋଲି କୁହାଯିବ । ଭକ୍ତିପଥରେ ବିଶେଷ କିଛି କଡ଼ା ନିୟମ ନାହିଁ । କେବଳ ଆତ୍ମସମର୍ପଣ ଓ ସୁଖ ପାଇବା ଏହି ପଥର ସହାୟକ । ମୋର ଗୃହୀ ଭକ୍ତମାନଙ୍କ ମଧ୍ୟରୁ ଯେଉଁମାନେ ଉନ୍ନତ ହୋଇପାରିଛନ୍ତି, ସେମାନେ କେବଳ ମୋତେ ସୁଖ ପାଇ ଉନ୍ନତ ହୋଇଛନ୍ତି । ମୋଠାରେ ଆତ୍ମସମର୍ପଣ କରିବା ହିଁ ସେମାନଙ୍କର ଉନ୍ନତିର ପ୍ରଧାନ କାରଣ ।

ଗିରୀଶ ଘୋଷ ଏହି ଆତ୍ମସମର୍ପଣ ବଳରେ ପ୍ରଧାନ ଭୋଗୀ ହୋଇ ମଧ୍ୟ ରାମକୃଷ୍ଣଦେବଙ୍କର ଶ୍ରେଷ୍ଠ ଭକ୍ତ ହୋଇପାରିଥିଲେ । ପ୍ରଥମରୁ ଗିରୀଶ ଘୋଷ ରାମକୃଷ୍ଣଙ୍କ ବିରୁଦ୍ଧବାଦୀ ଥିଲେ ଓ ଜଣେ ପ୍ରଧାନ ନାସ୍ତିକ ଥିଲେ । କିନ୍ତୁ ଗୁରୁଦେବଙ୍କଠାରେ ଆତ୍ମସମର୍ପଣ କରି, ତାଙ୍କୁ ସୁଖ ପାଇ ସେ ଏତେ ଉନ୍ନତ ହୋଇଉଠିଲେ ଯେ, ବର୍ତ୍ତମାନ ସେ ବଙ୍ଗଳାର ଆଦର୍ଶ ଗୁରୁ ଓ ଶ୍ରେଷ୍ଠ ଭକ୍ତ । ଅନେକ କ୍ଷେତ୍ରରେ ଆସ୍ତିକମାନଙ୍କ ଅପେକ୍ଷା ନାସ୍ତିକମାନଙ୍କଦ୍ୱାରା ଅଧିକ କାର୍ଯ୍ୟ ହୋଇଥାଏ । ନାସ୍ତିକମାନେ ସର୍ବଦା ଅନୁସନ୍ଧାନରେ ବ୍ୟସ୍ତ ଥାଆନ୍ତି । ଟିକିଏ କୃପା ପାଇଲେ ଶୀଘ୍ର ଶୀଘ୍ର ଉନ୍ନତ ହୋଇଯାଆନ୍ତି । ଅନେକ ବଡ଼ ବଡ଼ ଭକ୍ତ ପ୍ରଥମେ ନାସ୍ତିକ ଥିଲେ । ମୁଁ ମଧ୍ୟ ଦିନେ ନାସ୍ତିକ ଥିଲି । ପ୍ରଥମେ ମୋର ଯେଉଁମାନେ ପ୍ରଧାନ ବିରୁଦ୍ଧବାଦୀ ଥିଲେ, ସେମାନେ ବର୍ତ୍ତମାନ ମୋର ପ୍ରଧାନ ଭକ୍ତ ମଧ୍ୟରେ ସ୍ଥାନ ପାଇଛନ୍ତି ।

ପର୍ଶୁରାମ ବର୍ମା—ଠାକୁର ! ତାହାହେଲେ ଆଜିଠାରୁ ଆପଣଙ୍କ ବିରୁଦ୍ଧବାଦୀ ହେଲେ ତ ଭଲ ହୁଅନ୍ତା ?

ଶ୍ରୀଶ୍ରୀ ଠାକୁର—ହଁ, ବିରୁଦ୍ଧବାଦୀ ହେବାଟା ଏତେ ସହଜ ନୁହେଁ । ଏହା

ଖୁବ୍ ଶକ୍ତ କାର୍ଯ୍ୟ । ସାଧାରଣ ଲୋକେ ତାହା ପାରିବେ ନାହିଁ । କାରଣ କେହି କହିପାରିବେ କି ମୁଁ ଠାକୁରଙ୍କ ନିର୍ଦ୍ଦେଶିତ ପଥରେ ଚାଲି କିଛି ପାଇଲି ନାହିଁ ? ସାଧାରଣ ଲୋକେ ଏହା କହିପାରିବେ ନାହିଁ । ମୁଁ ଜାଣେ, ତୁମର ମୋ ଉପରେ ଖୁବ୍ ଜୋର ଅଛି, କାରଣ ତୁମେ ଯେତେବେଳେ କହି ପଠାଇଲ ଯେ ମୋ ନାମ କହିଲେ ଠାକୁର ଜାଣିବେ—ମୁଁ ସେତିକିବେଳୁଁ ଜାଣିଛି, ତୁମର ମୋ ଉପରେ ଦାବୀ କେତେ ।

ସର୍ବଶେଷରେ ବନମାଳୀ ଭାଇଙ୍କୁ କହିଲେ, ‘‘ତୁମର ଦୀକ୍ଷା ନେବାର ନିର୍ଦ୍ଦିଷ୍ଟ ସମୟ ମୁଁ ଅଳ୍ପଦିନ ପରେ କହିବି ।’’

ଏହାପରେ ଠାକୁର ଉଠିଗଲେ ।

୧୯-୩-୩୪ ତାରିଖ—ସୋମବାର

ଉପରବେଳା ବନମାଳୀ ଭାଇଙ୍କ ସହିତ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରିବା ନିମିତ୍ତ ଗଲୁ । ପ୍ରଣାମ ପରେ ଶ୍ରୀଶ୍ରୀ ଠାକୁର କହିଲେ—‘‘ଭକ୍ତମାନଙ୍କ ବିଶେଷ ଅନୁରୋଧରେ ମୋତେ କଲିକତା ଯିବାକୁ ପଡୁଛି । ତୁମର ଦୀକ୍ଷା ଶନିବାର ଦିନ ନେବାର ଥିଲା; କିନ୍ତୁ ପରେ ପରିବର୍ତ୍ତନ କରି ତାହା ମଙ୍ଗଳବାର ଦିନକୁ ଠିକ୍ କରିଛି ।

ମୁଁ ତୁମକୁ ମନ୍ତ୍ର ଦେବି; କିନ୍ତୁ ସାଧନପ୍ରଣାଳୀସବୁ ଯୋଗଶାସ୍ତ୍ରସମ୍ମତ । ସେଥିରେ ବା ସେ ପୂଜାରେ ଫୁଲ ପ୍ରଭୃତି ବାହ୍ୟ ଉପଚାରର କିଛି ଆବଶ୍ୟକତା ପଡ଼ିବ ନାହିଁ । ମୁଁ ଯାହା ଦେବି ସେଥିରେ ହିଁ ତୁମର ମଙ୍ଗଳ ହେବ ।

ବନମାଳୀ ଭାଇ—ଦୀକ୍ଷା ନେବାକୁ ହେଲେ କିଛି ଖର୍ଚ୍ଚ ଲାଗିବ କି ?

ଶ୍ରୀଶ୍ରୀ ଠାକୁର—ନା, କିଛି ଖର୍ଚ୍ଚ ଲାଗିବ ନାହିଁ । ଖର୍ଚ୍ଚ ନେବାଟା ଗୃହସ୍ଥମାନଙ୍କ ମନତୁଷ୍ଟି ନିମିତ୍ତ ।

୨୦-୩-୩୪ ତାରିଖ—ମଙ୍ଗଳବାର

ବନମାଳୀ ଭାଇଙ୍କର ଦୀକ୍ଷା—ଶ୍ରୀଶ୍ରୀ ଠାକୁର ବନମାଳୀ ଭାଇଙ୍କୁ ଦୀକ୍ଷା ଦେଲେ । ଆମେମାନେ ଫୁଲମାଳ ପ୍ରଭୃତି ନେଇ ତାଙ୍କର ଦୀକ୍ଷା ସମୟରେ ଉପସ୍ଥିତ ହୋଇଥିଲୁ । ଦୀକ୍ଷା ଶେଷରେ କୁଟୀରରେ ଆମେମାନେ ପ୍ରସାଦ ସେବନ କରି ଫେରିଲୁ ।

୨୩-୩-୩୪ ତାରିଖ—ଶୁକ୍ରବାର

ଆଜି ଶ୍ରୀଶ୍ରୀ ଠାକୁର କଲିକତା ଯିବାର କଥା । ତାଙ୍କୁ ଦର୍ଶନ କରିବାକୁ ଯାଇ ମୁଁ, ବନମାଳୀ ଭାଇ, ଏକାଦଶୀ ଭାଇ ପ୍ରଭୃତି ପ୍ରଣାମ କଲାବେଳେ ଏକାଦଶୀ ଭାଇ କହିଲେ, ଠାକୁର ! ମୁଁ ଆପଣଙ୍କୁ ଭୁଲିଯାଉଛି ।

ଶ୍ରୀଶ୍ରୀ ଠାକୁର—ନା, ମୁଁ ଭୁଲିବାକୁ ଦେଲେ ସିନା ତୁମେମାନେ ମୋତେ ଭୁଲିଯିବ ! ମୁଁ କ'ଣ ତୁମକୁ ଭୁଲିବାକୁ ସୁବିଧା ଦେବି ଯେ ତୁମେ ମୋତେ ଭୁଲିଯାଇପାରିବ ? ମୁଁ ଫେରିଆସିଲେ ତୁମମାନଙ୍କ କଥା ବୁଝିବି ।

ଉପରବେଳା ଠାକୁରଙ୍କୁ ଟ୍ରେନରେ ବସାଇ ପ୍ରଣାମ କରି ବିଦାୟ ମାଗିଲାବେଳେ ମୁଁ କହିଲି—ଠାକୁର ! ଭୁଲିବେ ନାହିଁଟି ? ଠାକୁର ଆଶୀର୍ବାଦ କରି ଉତ୍ତର ଦେଲେ—'ନା' ।

୧୧-୪-୩୪ ତାରିଖ—ବୁଧବାର

ଶ୍ରୀଶ୍ରୀ ଠାକୁର କଲିକତାରୁ ପୁରୀ ଫେରିଆସିଲେ ।

୧୨-୪-୩୪ ତାରିଖ—ଶୁକ୍ରବାର

ଆଜି ସକାଳବେଳା ମୁଁ ଓ ବନମାଳୀ ଭାଇ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରି ପ୍ରଣାମ କଲୁ । ଦୀକ୍ଷା ନେବା ପରେ ବନମାଳୀ ଭାଇ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଆଜି ପ୍ରଥମେ ଦେଖାକଲେ । ସେ ତାଙ୍କର ଅନୁଭୂତି ବର୍ଣ୍ଣନା କଲେ । ସମସ୍ତ କଥା ଶୁଣି ଶ୍ରୀଶ୍ରୀ ଠାକୁର କହିଲେ—''ହଁ, ଅନୁଭୂତିଗୁଡ଼ିକ ସବୁ ଇଷ୍ଟଦେବୀଙ୍କର କୃପା । ତୁମର ଭୟ କରିବାର କିଛି କାରଣ ନାହିଁ । ଭୟଟା ଦିନେ ଆନନ୍ଦରେ ପରିଣତ ହୋଇଯିବ ।''

ଉତ୍କଳରେ ଶ୍ରୀଶ୍ରୀ ଠାକୁର—

ବନମାଳୀ ଭାଇ—ଠାକୁର ! ମୁଁ ଉତ୍କଳରେ ଆପଣଙ୍କ କଥା ପ୍ରଚାର କରିବାକୁ ଇଚ୍ଛା କରୁଛି ।

ଶ୍ରୀଶ୍ରୀ ଠାକୁର—ଦେଖ, ବଙ୍ଗଦେଶରେ ମୋର ପ୍ରଚାର ହୋଇସାରିଛି । ସେ ସ୍ଥାନରେ ମୁଁ ଯେଉଁଠାରେ ରହିଲି, ସେଠାରେ ପ୍ରତିଦିନ ଏତେ ସଂଖ୍ୟାରେ ଲୋକ ଜମା ହେଲେ ଯେ, ମୋତେ ବାଧ୍ୟ ହୋଇ ବଙ୍ଗଦେଶ ତ୍ୟାଗ କରି ପୁରୀକୁ ଆସି ଗୋପନ ଭାବରେ ରହିବାକୁ ପଡ଼ିଲା । ମୁଁ କାହାରି ସହିତ ଆଉ ସାକ୍ଷାତ କରିବି ନାହିଁ ବୋଲି ସ୍ଥିର କରି 'ଆର୍ଯ୍ୟଦର୍ପଣ' ପତ୍ରିକାରେ ତାହା ପ୍ରକାଶ କରି

ଶ୍ରୀ ଶ୍ରୀ ଠାକୁରଙ୍କର ବ୍ୟବହୃତ ରିକ୍‌ସା

ଶିଷ୍ୟ ଭକ୍ତମାନଙ୍କୁ ମଧ୍ୟ ଏଠାରେ ମୋ ସହିତ ଦେଖା କରିବାକୁ ଆସିବା ପାଇଁ ବାରଣ କରିଦେଇଛି । ଭାବିଥିଲି, କେତେ ଜଣ ଶିକ୍ଷିତ ଯୁବକ ପାଇଲେ କିଛି କାର୍ଯ୍ୟ କରିବି । ସେଥିପାଇଁ—ବାବୁଙ୍କୁ ରାଧାକୃଷ୍ଣ ତତ୍ତ୍ୱ ତିନି ଦିନ ଧରି ବୁଝାଇଲି । କିନ୍ତୁ ସେ ପଣ୍ଡିତ ହେଲେ ମଧ୍ୟ ପଲ୍ଲବଗ୍ରାହୀ; ତେଣୁ କିଛି ଉପଲବ୍ଧି କରିପାରୁ ନାହାନ୍ତି । ଅସଲ କଥା, ଗୁରୁଙ୍କୁ ସୁଖ ନ ପାଇଲେ ତାଙ୍କଠାରୁ କିଛି ପାଇବାର ଆଶା କରିବା ବୃଥା । ସେଥିପାଇଁ କହୁଛି; ମୋ ପାଇଁ ଯଦି କାହାର ପ୍ରାଣ କାନ୍ଦିବାର ଦେଖିବ, କେବଳ ସେହି ଲୋକଙ୍କୁ ମୋ ନିକଟକୁ ଆଣିପାର ।

ଗୁଣନିଧି ଭାଇ—ମୋର ଆଜି ଦୀକ୍ଷା ନେବାର ଠିକ୍ ଗୋଟିଏ ବର୍ଷ ପୂର୍ଣ୍ଣ ହେଲା ।

ଶ୍ରୀଶ୍ରୀ ଠାକୁର—ଦୀକ୍ଷା ନେବାର ତ ବର୍ଷଟିଏ ପୂରିଗଲା । କ'ଣ ଉପଲବ୍ଧି କରିପାରୁଛ ?

ଗୁଣନିଧି ଭାଇ—ହଁ, ଅନେକ ଶାନ୍ତି ମିଳିଛି; କିନ୍ତୁ କର୍ମଚାପରେ ପଡ଼ି ଆପଣଙ୍କୁ ଭୁଲିଯାଉଛି ।

ମୁଁ—ଠାକୁର ! ଆପଣ ଆସିଲେ ଆମ କଥା ବୁଝିବେ ବୋଲି ପରା କହିଥିଲେ ?

ଶ୍ରୀଶ୍ରୀ ଠାକୁର—ହଁ, ମୁଁ ବହୁତ ବୁଲାବୁଲି କରି ଆସିଛି, ଟିକିଏ ବିଶ୍ରାମ କରେ ।

ଏହି ସମୟରେ ହରେନ୍ ଦା ମୋତେ ଦୀକ୍ଷା ଦେବା ପାଇଁ ଠାକୁରଙ୍କୁ କହିବାରୁ ଠାକୁର କହିଲେ—"ସେ ତ ସବୁବେଳେ ଏହିଠାରେ; ପଢ଼ାଶୁଣା କେତେବେଳେ କରୁଛି ? (ଏହାର ଦୁଇ ଚାରି ଦିନ୍ ପରେ ଫଳ ବାହାରିଲା ଯେ, ମୁଁ ଫେଲ୍ ହୋଇଛି ।)

୧୯-୪-୩୪ ତାରିଖ—ଗୁରୁବାର

ଏଥିମଧ୍ୟରେ ଶ୍ରୀଶ୍ରୀ ଠାକୁରଙ୍କ ସାୟଂଭ୍ରମଣ ନିମିତ୍ତ କଲିକତାରୁ ଗୋଟିଏ ହାତଟଣା ରିକ୍ସା କିଣାହୋଇ ଆସିଲା ।*

---

* ଏହି ରିକ୍ସାଟି ବର୍ତ୍ତମାନ ନୀଳାଚଳ କୁଟୀର ନିକଟସ୍ଥ ସ୍ମୃତିମନ୍ଦିରରେ ଯତ୍ନ ସହକାରେ ସଂରକ୍ଷିତ କରାଯାଇଛି ।

ଶ୍ରୀଶ୍ରୀ ଠାକୁର ଆଜି ସମୁଦ୍ରକୂଳରେ ଧ୍ୟାନସ୍ଥ ହୋଇ ବସିଥିବା ଅବସ୍ଥାରେ ହଠାତ୍ ଚେତାହୀନ ହୋଇ ଆସନରେ ଢଳିପଡ଼ିଲେ । ଆମେମାନେ ସମସ୍ତେ ଧରାଧରି କରି ରିକ୍ସାରେ ବସାଇ ଠାକୁରଙ୍କୁ କୁଟୀରକୁ ଘେନିଆସିଲୁ । ଏହି ଅବସ୍ଥାରେ ଠାକୁର ପ୍ରାୟ ଘଣ୍ଟାଏ କାଳ ବିଶ୍ରାମ କରିବା ପରେ ଉଠି ବସିଲେ ଓ କ୍ଷୀଣ ସ୍ୱରରେ ଅଚୈତନ୍ୟ ଅବସ୍ଥାରେ ଅନୁଭୂତି ବର୍ଣ୍ଣନା କଲେ ।

ଠାକୁରଙ୍କ ଦେହତ୍ୟାଗର ପ୍ରଥମ ଆଭାସ—

ଶ୍ରୀଶ୍ରୀ ଠାକୁର—ଆଜି ଖାଇସାରି ଉପର ଘରେ ଶୋଇଛି । ଟିକିଏ ନିଦ୍ରା ଆସିବାରୁ ମୁଁ ସ୍ୱପ୍ନରେ ଅନୁଭବ କଲି ଯେ ମୁଁ ମଠକୁ ଗୋଟିଏ ଟ୍ରେନରେ ଯାଉଛି । ଦେହ ଦୁର୍ବଳ ଲାଗିବାରୁ ଟ୍ରେନର ଶିକୁଳି ଟାଣିଲି । ଗାଡ଼ି ବନ୍ଦ ହେଲା । ରେଳ କର୍ମଚାରୀମାନେ ମୋତେ ଲାଇନ ନିକଟସ୍ଥ ଗୋଟିଏ ଛୋଟ ଘରେ ଏକାକୀ ରଖିଦେଇ ଚାଲିଗଲେ । ମୁଁ ସେହି ଛୋଟ କୁଟୀରରେ ଦୁଆର କିଳି ବସିରହିଲି । ସେହି ସମୟରେ ଅନୁଭବ କଲି ଯେ, ମୋ ଭିତରେ ସହସ୍ର କମାଣ ଏକାବେଳକେ ଫୁଟିଲା ପରି ଭୟଙ୍କର ଶବ୍ଦ ହେଉଛି । ଏହି ସମୟରେ ପ୍ରବଳ ଝଡ଼ତୋଫାନ ଆରମ୍ଭ ହେଲା ପରି ଭିତରେ ଅନୁଭବ କଲି ଏବଂ ସମୁଦ୍ର ଗର୍ଜନ ପରି ଭୟଙ୍କର ଶବ୍ଦ ଶୁଣିପାରିଲି । କ୍ରମେ କ୍ରମେ ମସ୍ତକରୁ ତରଳ ଓ ଅଗ୍ନିମୟ ଜ୍ୟୋତି ବହିର୍ଗତ ହେବାକୁ ଲାଗିଲା । ମୁଁ ମନେକଲି, ମୋର ଦେହତ୍ୟାଗ ସମୟ ତ ଆସିଗଲା ! ତେବେ ଚାରିଆଡ଼େ ମୋର ସହସ୍ର ସହସ୍ର ଶିଷ୍ୟଭକ୍ତ ଥିବାସ୍ଥଳେ ମୁଁ ଏହି ନିର୍ଜନ କୁଟୀରରେ ଏକାକୀ ଦେହତ୍ୟାଗ କରିବି କାହିଁକି ? ଏହା ଭାବିବା ମାତ୍ରେ ଅନୁଭବ କଲି ଯେ, ନିକଟରେ କେହି ଜଣେ ଲୋକ ଅଛି । ମୁଁ ତାରା, ତାରା ବୋଲି ଡାକିବା ମାତ୍ରେ ଦୁଆର ସମ୍ମୁଖରେ ଜଣେ ପରିଚିତ ବ୍ୟକ୍ତିଙ୍କର କଣ୍ଠସ୍ୱର ଶୁଣାଗଲା । ସେ ଉତ୍ତର କଲେ—'ଚାଲ, ଯାଉଛି ।' ମୁଁ ମନେକଲି, ଦ୍ୱାର ତ ବନ୍ଦ, ଆସିବେ କିପରି ? କିନ୍ତୁ ଦେଖିଲି, ଦ୍ୱାର ବନ୍ଦ ଅଛି, ଅଥଚ ଲୀଳାମା ମୋ ସମ୍ମୁଖରେ ଉପସ୍ଥିତ ହୋଇଛନ୍ତି । ମୁଁ କିଛି ପଚାରିପାରିଲି ନାହିଁ । କିଛି ସମୟ ପରେ ଅନୁଭବ କଲି, ସେ ମୋତେ କୋଳରେ ଧରି କୌଣସି ଜାଗାକୁ ଦ୍ରୁତ ଗତିରେ ଯାଉଛନ୍ତି । ସେ ସ୍ଥାନର ମାଟି କଳା, କୌଣସି ଗଛପତ୍ର ନାହିଁ । ମୁଁ କହିଲି—ତାରା ! ମୋତେ କୁଆଡ଼େ ନେଉଛ, ରହ ।

ଏହା କହିବା ମାତ୍ରେ ସେ ପଛକୁ ଫେରିପଡ଼ିଲେ । ମୁଁ ଦେଖିଲି—ସମ୍ମୁଖରେ ଗୋଟିଏ ଉଜ୍ଜ୍ୱଳ ଗ୍ରାମ ଦେଖାଯାଉଛି । ଏହି ଅବସ୍ଥାରେ ନିଦ୍ରାରୁ ଉଠିପଡ଼ିଲି । ନିଦ୍ରାରୁ ଉଠି ଦେଖିଲି, ଚାରିଟା ବାଜିଗଲାଣି, ଶରୀର ଦୁର୍ବଳ ବୋଧ ହେଲା । ନିଃଶ୍ୱାସ ମଧ ଆଉ ବାହାରକୁ ଆସୁ ନାହିଁ; ଅନ୍ତର୍ମୁଖୀ ହୋଇଯାଉଛି । ଏହିପରି ଅବସ୍ଥାରେ ବୁଲିବାକୁ ଗଲି । ହଠାତ୍ ମସ୍ତକରେ ଦୁର୍ବଳତା ଅନୁଭବ କରିବାରୁ ବସିପଡ଼ିଲି । କିନ୍ତୁ ମସ୍ତକ ଏତେ ଗରମ ବୋଧ ହେଲାଯେ, ଆଉ ସ୍ଥିର ହୋଇ ବସି ନ ପାରି ଢଳିପଡ଼ିଲି ।

ଉପରୋକ୍ତ କଥାରୁ ଆମ୍ଭେମାନେ ବୁଝିଲୁ ଯେ, ଶ୍ରୀଶ୍ରୀ ଠାକୁର ଦେହତ୍ୟାଗ କରିବା ଅବସ୍ଥାରୁ ଫେରିଆସିଲେ ।

୨୮-୪-୩୪ ତାରିଖ—ଶନିବାର

ଶ୍ରୀଶ୍ରୀ ଠାକୁର ପ୍ରତ୍ୟହ ଉପରବେଳା ଚାରିଟାରେ ସମୁଦ୍ରକୂଳରେ ଭ୍ରମଣ କରିବା ନିମିତ୍ତ ରିକ୍‌ସାରେ ଯାନ୍ତି । ଅନ୍ନଦା ବ୍ରହ୍ମଚାରୀ ରିକ୍‌ସା ଟାଣନ୍ତି । ଆମେ ପଛେ ପଛେ ଯାଉ । ବର୍ଷାହେଲେ ଶ୍ରୀଶ୍ରୀ ଠାକୁର ବୁଲି ବାହାରନ୍ତି ନାହିଁ । ସେଦିନ ବର୍ଷା ହେଉଥିଲା । ତେଣୁ କୁଟୀରକୁ ଯିବାର ଆବଶ୍ୟକତା ନାହିଁ ବୋଲି ଭାବି ଘୁମାଇଁ ପଡ଼ିଲି । ହଠାତ୍ ଦେଖେତ ଶ୍ରୀଶ୍ରୀ ଠାକୁର ମୋ ବସାଦୁଆର ମୁହଁରେ ପହଞ୍ଚି ମୋତେ ଡାକୁଛନ୍ତି—"ଦୁର୍ଗାଚରଣ !" ଏବଂ କହୁଛନ୍ତି, "ଆଜି କୁଟୀରକୁ ଗଲୁ ନାହିଁ କାହିଁକି ?" ମୁଁ ଉତ୍ତର କଲି—"ଆଜି ବର୍ଷା ହେଉଛି, ପୁଣି ଏକାଦଶୀ । ତେଣୁ ଆପଣଙ୍କ ସହିତ ଦେଖା ହୋଇପାରିବ ନାହିଁ ଭାବି ଯିବାରେ ହେଳା କରିଛି ।" ଶ୍ରୀଶ୍ରୀ ଠାକୁର ଉତ୍ତରଦେଲେ—"ହଁ, ଆଜି ଏକାଦଶୀ, ଆଉ ବର୍ଷା ତ ହେଉଛି; କିନ୍ତୁ ବର୍ଷା କ'ଣ ଛାଡ଼ିଯିବ ନାହିଁ ? ତୁ ଗଲେ ମୁଁ ବୁଲି ବାହାରିବି ।" ମୁଁ ଏହାକୁ ସତ ବୋଲି ଭାବି ବାହାରିବାକୁ ଉଦ୍ୟତ ହେବା ବେଳକୁ ଦେଖେତ ମୁଁ ଘୁମାଇ ପଡ଼ିଛି ।

ଶୀଘ୍ର ଯାଇ କୁଟୀରରେ ପହଞ୍ଚି ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ସମୁଦ୍ରକୂଳ ଭ୍ରମଣରେ ବାହାରିଲୁ । ସେଦିନ ବର୍ଷାହୋଇ ଛାଡ଼ିଯାଇଥିଲା । ଏଭଳି ନାନା ଘଟଣା ଓ ଉପଦେଶ ଶୁଣି ମୁଁ ଦିନେ ପ୍ରଶ୍ନକଲି—"ଠାକୁର ସ୍ୱପ୍ନରେ ଅନେକ ସମୟ ସଦ୍‌ଗୁରୁଙ୍କର ଦର୍ଶନ ଓ ଉପଦେଶ ମିଳିଥିବାର ମୁଁ ବହୁବାର ଅନୁଭବ କଲିଣି । ଏପରି ଦର୍ଶନ ଓ ଉପଦେଶ କ'ଣ ପ୍ରକୃତ ସତ୍ୟ ?

ସ୍ୱପ୍ନରେ ଗୁରୁଦର୍ଶନ ମିଥ୍ୟା ନୁହେଁ—

ଶ୍ରୀଶ୍ରୀ ଠାକୁର— ଗୁରୁ ସବୁ ସମୟରେ ସତ୍ୟ, ତାଙ୍କ ଉପଦେଶ ମଧ୍ୟ ସବୁ ସମୟରେ ସତ୍ୟ । ମନୋମୟ କୋଷରେ ମନ ଅବସ୍ଥାନ କରୁଥିବା ସମୟରେ ସ୍ୱପ୍ନଗୁଡ଼ିକ ଚିନ୍ତା ଅନୁରୂପ ହୋଇଥାଏ । କିନ୍ତୁ ବିଜ୍ଞାନମୟ କୋଷରେ ମନ ଅବସ୍ଥାନ କଲାବେଳେ ଗୁରୁଦର୍ଶନ ହୁଏ । ଟିକିଏ ତନ୍ଦ୍ରା ଆସିଲେ ଯେଉଁ ସ୍ୱପ୍ନ ଦେଖ, ତାହା ପ୍ରାଣମୟ କୋଷର ସ୍ୱପ୍ନ । କିନ୍ତୁ ବିଜ୍ଞାନମୟ କୋଷରେ ଗୁରୁ ଦର୍ଶନ ଦିଅନ୍ତି ।

ମୁଁ—ଟିକିଏ ତନ୍ଦ୍ରା ଆସିବାବେଳେ ସମୟ ସମୟରେ ଗୁରୁ ଦର୍ଶନ ଓ ଉପଦେଶ ଦିଅନ୍ତି, ଏହା ତେବେ କ'ଣ ?

ଶ୍ରୀଶ୍ରୀ ଠାକୁର—ହଁ, ସେ ଆହୁରି ଉନ୍ନତ ଅବସ୍ଥା ।

ମୁଁ—ସେତେବେଳେ ଯେଉଁ ଉପଦେଶ ମିଳେ, ତାହା କ'ଣ ସତ ?

ଶ୍ରୀଶ୍ରୀ ଠାକୁର—ହଁ, ସେ ଉପଦେଶଗୁଡ଼ିକ ସତ । କିନ୍ତୁ ସ୍ୱପ୍ନରେ ଉପଦେଶଠାରୁ ଯଦି ସ୍ଥୂଳ ଗୁରୁଙ୍କ ଉପଦେଶର ଅସାମଞ୍ଜସ୍ୟ ହୁଏ, ଗୁରୁ ଯଦି ସ୍ଥୂଳ ଶରୀରରେ ଥାଆନ୍ତି, ତେବେ ସେହି ସ୍ଥୂଳଶରୀରଧାରୀ ଗୁରୁଙ୍କ ବାକ୍ୟ ଅନୁଯାୟୀ ଚଳିବାକୁ ହେବ । କାରଣ ଗୁରୁଙ୍କ ବାକ୍ୟ ସବୁ ଅବସ୍ଥାରେ ସତ୍ୟ ହେଲେ ମଧ୍ୟ ଗୁରୁ ଶିଷ୍ୟକୁ ନାନା ଭାବରେ ପରୀକ୍ଷା କରିଥାଆନ୍ତି ।

ମୋ ପାଇଁ କେହି କାନ୍ଦିଲେ ତାକୁ ମୋ ପାଖକୁ ଆଣିବ—

ମୁଁ—ଠାକୁର ! ବନମାଳୀ ଭାଇ ତ ବହୁତ ଅନୁଭୂତି ପାଉଛନ୍ତି ?

ଶ୍ରୀଶ୍ରୀ ଠାକୁର—ହଁ, ସେ ବହୁତ ଅନୁଭୂତି ପାଉଛି ବୋଲି ମୋତେ ସେଦିନ କହିଲା । ତାକୁ ଚାରିଆଡ଼େ ତା'ର ଇଷ୍ଟମୂର୍ତ୍ତି ଦେଖାଯାଉଛନ୍ତି । ଜଗନ୍ନାଥ ଦର୍ଶନକୁ ଗଲାବେଳେ ଜଗନ୍ନାଥ ମଧ୍ୟ ତାହାର ଇଷ୍ଟମୂର୍ତ୍ତିରେ ତାକୁ ଦେଖା ଦେଉଛନ୍ତି । ମୁଁ ପ୍ରଥମରୁ ମନେ କରିଥିଲି, ମୋ ଭାବ ସହିତ ତା ଭାବର ମେଳ ହେଉ ନାହିଁ । କିନ୍ତୁ ସେଦିନ ସେ ପ୍ରଥମ ସାକ୍ଷାତରେ ମୋତେ କହିଲା—ଠାକୁର, ତୁମେ ଏଠାରେ ଗୁପ୍ତଭାବରେ ଅଛ । ମୁଁ ତୁମକୁ ପ୍ରକାଶ କରିବାକୁ ଇଛା କରୁଛି । ତେଣୁ ମୁଁ କହିଲି ନା, ସେପରି ନ କରି କେବଳ ଯଦି ମୋ ନିମିତ୍ତ କାହାର ପ୍ରାଣ କାନ୍ଦିବାର ଦେଖିବୁ, ତାକୁ ମୋ ନିକଟକୁ ଆଣିପାରୁ ।

ଏହିପରି କେତେ କଥା ଆଲୋଚନା ହେବା ପରେ ଆସନ୍ତା କାଲି କୁଟୀରରେ ପ୍ରସାଦ ପାଇବାକୁ ଶ୍ରୀଶ୍ରୀ ଠାକୁର ଆମମାନଙ୍କୁ କହିଲେ ଏବଂ ଆମେ ପ୍ରଣାମ କରି ବିଦାୟ ନେଲୁ ।

୨୯-୪-୩୪ ତାରିଖ—ରବିବାର

ଆଜି ବନମାଳୀ ଭାଇ ପ୍ରଭୃତି ସମସ୍ତ ସ୍ଥାନୀୟ ଶିଷ୍ୟ-ଭକ୍ତମାନେ ସମବେତ ହୋଇ ଆସନ ବାରଣ୍ଡାରେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି ସକାଳେ ନୀଳାଚଳ କୁଟୀରରେ ପ୍ରସାଦ ସେବନ କଲୁ । ଠାକୁର ଆସନ ବାରଣ୍ଡାରେ ବସିଥିବାବେଳେ ନାନା ପ୍ରସଙ୍ଗ ଆଲୋଚନା ହୋଇଥିଲା ।

ଅସ୍ପୃଶ୍ୟତା ବର୍ଜ୍ଜନ—

ଆଜି ଅସ୍ପୃଶ୍ୟତା ବର୍ଜ୍ଜନ ବିଷୟରେ ନାନା କଥା ପଡ଼ି ମହାତ୍ମା ଗାନ୍ଧିଙ୍କ କଥା ବହୁତ ଆଲୋଚନା ହେଲା । ଶ୍ରୀଶ୍ରୀ ଠାକୁର କହିଲେ, ଅସ୍ପୃଶ୍ୟତା ବର୍ଜ୍ଜନ କରିବାକୁ ଯିବାବେଳେ ପ୍ରଥମେ ଦେଖିବା ଦରକାର ଯେ, ଅସ୍ପୃଶ୍ୟତା ବର୍ଜ୍ଜନର ଅସଲ ଉଦ୍ଦେଶ୍ୟ ଛୋଟଙ୍କୁ ବଡ଼ କରିବା । ଯେଉଁମାନେ ପତିତ, ଅସ୍ପୃଶ୍ୟ, ସେମାନଙ୍କୁ ଶିକ୍ଷା ସାହାଯ୍ୟରେ ଓ ସଂସ୍କାର ସାହାଯ୍ୟରେ ବଡ଼ କରିଦେଇ ଅନ୍ୟାନ୍ୟ ଉଚ୍ଚ ଶ୍ରେଣୀର ସମସ୍ତରକୁ ଉଠାଇବା, ସେମାନଙ୍କର ଶିକ୍ଷା, ସମାଜ ଓ ପାରିବାରିକ ଅଭାବ ଅନଟନ ମେଣ୍ଟାଇବା । କିନ୍ତୁ ବର୍ତ୍ତମାନ ଅସ୍ପୃଶ୍ୟତା ବର୍ଜ୍ଜନ ନାମରେ ଯେଉଁ ସମାଜସଂସ୍କାର ଚାଲିଛି, ସେଥିରେ ଅସ୍ପୃଶ୍ୟ ହରିଜନମାନଙ୍କର ଉପରୋକ୍ତ ଅଭାବ ଅସୁବିଧା ପ୍ରତି ପ୍ରଥମେ ନଜର ଦିଆ ନ ଯାଇ କେବଳ ଉଚ୍ଚବର୍ଣ୍ଣ ହିନ୍ଦୁମାନଙ୍କ ସଙ୍ଗରେ ଖିଆପିଆ ଓ ଉପାସନା ପ୍ରଭୃତି କରିବାକୁ କୁହାଯାଉଛି । କେବଳ ମନ୍ଦିରରେ ପ୍ରବେଶ କଲେ ସେମାନେ ଉନ୍ନତ ହୋଇଯିବେ ନାହିଁ । ଯେଉଁମାନେ ମନ୍ଦିରରେ ପ୍ରବେଶ କରିଛନ୍ତି, ସେମାନେ ମଧ୍ୟ ସମସ୍ତେ ଦେବତାଙ୍କଠାରେ ବିଶ୍ୱାସ ରଖିପାରି ନାହାନ୍ତି । ଏପରି କରିବାଦ୍ୱାରା ବଡ଼ମାନଙ୍କୁ ଛୋଟ କରି ଦିଆଯାଉଛି । ଭଗବାନଙ୍କ ଆବେଶ ଅନେକଙ୍କ ଭିତରେ ହୁଏ ବୋଲି କୁହାଯାଉଛି । କିନ୍ତୁ ଭଗବାନଙ୍କ ଆବେଶ ହେଲେ ଆଜି ଗୋଟିଏ କଥା, କାଲି ଆଉ ଗୋଟିଏ କଥା, ଏପରି ପରିବର୍ତ୍ତନ ହୁଅନ୍ତା ନାହିଁ । ଭଗବାନଙ୍କ ଆବେଶ ହେଲେ ସର୍ବଦା ସତ୍ୟ ଦର୍ଶନ ହେବ ।

୩-୫-୩୪ ତାରିଖ—ଗୁରୁବାର

ପ୍ରତିଦିନ ଠାକୁର ଉପରବେଳା ବୁଲିବାକୁ ଯାଆନ୍ତି । ସେଥିପାଇଁ ସବୁଦିନେ କଥାବାର୍ତ୍ତା ହେବାର ସୁଯୋଗ ମିଳେ ନାହିଁ । ଆଜି ଶ୍ରୀଶ୍ରୀ ଠାକୁର ବୁଲିବାକୁ ନ ଯାଇ ଆସନ ବାରଣ୍ଡାରେ ବସିଲେ । ସେଦିନ ମୋ ବାପା ଓ ବୋଉ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ ।

ପୁରଶ୍ଚରଣ ଓ ଜପସମର୍ପଣ—

ବାପା—ଠାକୁର ! "ଯୋଗୀଗୁରୁ" ପୁସ୍ତକରେ ଅଛି ଯେ ପୁରଶ୍ଚରଣ କରି ମନ୍ତ୍ର ସମର୍ପଣ କରିବାକୁ ହୁଏ । ତାହା କରିବାର ଅଧିକାର କ'ଣ ଆମର ଅଛି ?

ଶ୍ରୀଶ୍ରୀ ଠାକୁର—ନା, ତୁମମାନଙ୍କର ସେ କ୍ରିୟା କରିବାର କିଛି ଆବଶ୍ୟକତା ନାହିଁ । ସେସବୁ ତାନ୍ତ୍ରିକ କ୍ରିୟା । ସେ ପଥରେ ଚଳିଲେ ଦିନରେ ତିନି ଥର ସନ୍ଧ୍ୟା ଓ ଆହ୍ନିକ କରିବାକୁ ହେବ, କେବଳ ବାହ୍ୟ କ୍ରିୟାକାଣ୍ଡରେ ସର୍ବଦା ମାତି ରହିବାକୁ ପଡ଼ିବ । ଏସବୁ କ୍ରିୟା କଠିନ ବୋଲି ମୁଁ କେବଳ ମୋର ଦୁଇ ଚାରି ଜଣ ଶିଷ୍ୟଙ୍କୁ ଏହି କ୍ରିୟା କରିବାକୁ ଶିକ୍ଷା ଦେଇଛି । ଅନ୍ୟମାନଙ୍କୁ ମୁଁ ଅନ୍ତଃପ୍ରୟୋଗଦ୍ୱାରା ମନ୍ତ୍ରର ପୁରଶ୍ଚରଣ ଓ ଜପସମର୍ପଣ କ୍ରିୟା ଦେଇଛି । ସେହି ଅନ୍ତଃପ୍ରଣାଳୀ ଅନୁସାରେ କୁଣ୍ଡଳିନୀକୁ ଯଥା ସ୍ଥାନରେ ସ୍ଥାପନ କରିବାକୁ ହିଁ ଜପସମର୍ପଣ କୁହାଯାଏ ।

ଧ୍ୟାନରେ ଗୁରୁଦର୍ଶନ—

ବାପା—ଠାକୁର ! ଧ୍ୟାନ ସମୟରେ ମୁଁ ଆପଣଙ୍କୁ ଦେଖିପାରୁ ନାହିଁ । ଧ୍ୟାନରେ କିପରି ଆପଣଙ୍କୁ ପରିଷ୍କାର ଭାବରେ ଦର୍ଶନ କରିପାରିବି ?

ଶ୍ରୀଶ୍ରୀ ଠାକୁର—ଯାଅ, ଏଥର ଘରକୁ ଯାଇ ଧ୍ୟାନ କଲାବେଳେ ମୋତେ ଧ୍ୟାନରେ ପରିଷ୍କାର ଦେଖିପାରିବ ।

ବୋଉ—ଠାକୁର ! ମୁଁ ଦେଖିପାରିବି ଟିକି ?

ଶ୍ରୀଶ୍ରୀ ଠାକୁର—ଠାକୁରଙ୍କୁ ଦେଖିବାକୁ ହେଲେ ଅନ୍ତର ମଧ୍ୟରେ କାନ୍ଦିବାକୁ ହେବ; ଅନ୍ତର ଭିତରେ ବ୍ୟାକୁଳ ଭାବରେ ପ୍ରାର୍ଥନା କରିବାକୁ ପଡ଼ିବ । ମୁଁ

ଯେତେଦିନଯାଏ ସ୍ଥୂଳଦେହରେ ଅଛି, ସେତେଦିନ ପର୍ଯ୍ୟନ୍ତ ମୋତେ ସ୍ଥୂଳଦେହରେ ଦେଖୁଥାଅ । ପରେ ମୁଁ ଯେତେବେଳେ ଦେହତ୍ୟାଗ କରିବି, ସେତେବେଳେ ତୁମେମାନେ ମୋତେ ଅନ୍ତରରେ ଦେଖିପାରିବ ।

ଲୋଚନ ଭାଇ—ଠାକୁର ! ମୁଁ ଦେଖିପାରିବି ଟିକି ?

ଶ୍ରୀଶ୍ରୀ ଠାକୁର—ହଁ, ଦେଖିବା ପାଇଁ କାନ୍ଦି କାନ୍ଦି ଆସନ ନିକଟରେ ପ୍ରାର୍ଥନା କର । ମୁଁ ଆଶୀର୍ବାଦ କରୁଛି, ତୁମେ ନିଶ୍ଚୟ ଦିନେ ମୋତେ ପାଇବ ।

ଏହିପରି ଭାବରେ ଠାକୁରଙ୍କ ସହିତ ପ୍ରତିଦିନ ଆନନ୍ଦରେ କଟିଯାଏ । ପ୍ରାୟ ପ୍ରତି ରବିବାର ଦିନ ଚୈତନ୍ୟ ଭାଇ କଟକରୁ ଠାକୁରଙ୍କ ଦର୍ଶନ ନିମିତ୍ତ ଆସନ୍ତି । ମୁଁ, ଚୈତନ୍ୟ ଭାଇ, ବନମାଳୀ ଭାଇ ସକାଳବେଳା ଠାକୁରଙ୍କୁ ଦର୍ଶନ କରିବାକୁ ଯାଉ । ଉପରବେଳା ରିକ୍‌ସାରେ ସମୁଦ୍ର କୂଳକୁ ଠାକୁରଙ୍କୁ ବୁଲାଇବାକୁ ନେଇ ସେଠାରୁ ଠାକୁର ଫେରିଲେ ଆମେ କୁଟୀରରେ ନେଇ ଠାକୁରଙ୍କୁ ପ୍ରଣାମ କରି ବିଦାୟ ନେଉ ।

୬-୫-୩୪ ତାରିଖ—ରବିବାର

ଆଜି ସକାଳେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରିସାରି ବନମାଳୀ ଭାଇ ପଚାରିଲେ—ଠାକୁର ! ଦିନେ ଦୁଇ ଦିନ ହେବ ବ୍ୟାକୁଳତା ଟିକିଏ କମିଗଲା ପରି ଜଣାପଡୁଛି ।

ଜୀବନର ସ୍ତର—

ଶ୍ରୀଶ୍ରୀ ଠାକୁର—ହଁ ଜୀବନ କେତେଗୋଟି ସ୍ତରରେ ବିଭକ୍ତ । ମାଟି ଖୋଳିଲାବେଳେ ଯେପରି ନାନାପ୍ରକାର ସ୍ତର ବାହାରେ, ସାଧକଙ୍କୁ ସେହିପରି ଜୀବନରେ ବହୁ ସ୍ତର ଭେଦ କରି ଚଳିବାକୁ ହେବ । କିନ୍ତୁ ସବୁବେଳେ ଗୋଟିଏ ଲକ୍ଷ୍ୟଧରି ଚାଲିବା ଆବଶ୍ୟକ । ସେଥିପାଇଁ ସର୍ବଦା ମନକୁ କୌଣସି ଗୋଟିଏ ଭାବରେ ତନ୍ମୟ ରଖିବାକୁ ହେବ ।

ଶକ୍ତି ଓ ଶକ୍ତିମାନ୍ ଅଭେଦ—

ବନମାଳୀ ଭାଇ—ଇଷ୍ଟଦେବୀ ଓ ଗୁରୁଦେବଙ୍କୁ କ'ଣ ଏକ ଭାବିବାକୁ ହେବ ?

ଶ୍ରୀଶ୍ରୀ ଠାକୁର—ହଁ, ସେସବୁ ଭାବ ଖୁବ୍ ଉଚ୍ଚ । ତାହା ଅନ୍ତରରୁ ଆସିବା ଆବଶ୍ୟକ । ଶକ୍ତି ଓ ଶକ୍ତିମାନ ଅଭେଦ । ଦୁଗ୍ଧ ଓ ତାହାର ଧବଳତ୍ୱ ଯେପରି ଅଭେଦ, ଶକ୍ତି ଓ ଶକ୍ତିମାନ ସେହିପରି ଅଭେଦ । ଶାସ୍ତ୍ରରେ ଅଛି—'ବ୍ରହ୍ମ, ଦ୍ୱିଦଳ ଚଣକବତ୍' । ଚଣା ଉପରେ ଗୋଟିଏ ଆବରଣ ଥାଏ । କିନ୍ତୁ ଭାଙ୍ଗିଦେଲେ ସେଥିରୁ ଦୁଇଟି ଦଳ ବାହାରେ । ସେହିପରି ଶକ୍ତି ଓ ଶକ୍ତିମାନ୍ ଏକ ବୋଲି କଥିତ ଅଛି—

''ଶକ୍ତି ଶକ୍ତିମାନବାପି ନ ବିଭେଦ କଦାଚନ''

ପ୍ରତିମୂର୍ତ୍ତି କଥା କହନ୍ତି ଓ ଖାଆନ୍ତି—

ବନମାଳୀ ଭାଇ—ଠାକୁର ! ପ୍ରତିମୂର୍ତ୍ତି କ'ଣ କଥା କହନ୍ତି ?

ଶ୍ରୀଶ୍ରୀ ଠାକୁର—ହଁ, କହନ୍ତି । ମୋର ଅନେକ ଶିଷ୍ୟଙ୍କ ଜୀବନରେ ଏପରି ଘଟିଛି । କେତେ ଜାଗାରେ ମୋ ପ୍ରତିମୂର୍ତ୍ତି ହାତ ଉଠାଇ ଆଶୀର୍ବାଦ କରିଛନ୍ତି । ଦିନେ ମୋର ଜଣେ ଶିଷ୍ୟା କେତେଗୁଡ଼ିଏ ଲୁଚି ମୋ ପ୍ରତିମୂର୍ତ୍ତି ନିକଟରେ ଭୋଗ ଦେବା ଉଦ୍ଦେଶ୍ୟରେ ରଖି କିଛିସମୟ ଆଖିବୁଜି ବସିଲା । ଆଖି ମେଲି ଚାହିଁଲାବେଳକୁ ଦେଖିଲା ଯେ, ପ୍ରତିମୂର୍ତ୍ତି ହାତ ବଢ଼ାଇ ଲୁଚି ଖାଉଛନ୍ତି । ସତକୁ ସତ ଲୁଚି ଗଣିଲାବେଳକୁ ଖଣ୍ଡେ ଲୁଚି କମ୍ ହେବାର ଦେଖି ଶିଷ୍ୟା ଆନନ୍ଦ ଓ ଆଶ୍ଚର୍ଯ୍ୟରେ ଆତ୍ମହରା ହୋଇ ଯାଇଥିଲା ଏବଂ ପରେ ଏ କଥା ମୋ ନିକଟରେ ବର୍ଣ୍ଣନା କରିଥିଲା । ଏସବୁ କିପରି, ଯୁକ୍ତିତର୍କଦ୍ୱାରା ବୁଝାଇ ହେବ ନାହିଁ ।

ବନମାଳୀ ଭାଇ—କ୍ରିୟା ଆଦି ଅନ୍ଧକାରରେ କରିବା ଆବଶ୍ୟକ ନା ଆଲୋକରେ କରିବା ଆବଶ୍ୟକ ?

ଶ୍ରୀଶ୍ରୀ ଠାକୁର—ଅନ୍ଧକାରରେ ନିଜକୁ ବୁଡ଼ାଇଦେବାଟା ପ୍ରଶସ୍ତ ।

କଥାବାର୍ତ୍ତା ପରେ ସମସ୍ତେ ଆନନ୍ଦ ମନରେ ଫେରିଲୁ ।

୨-୬-୩୪ ତାରିଖ—ଶନିବାର

ଶ୍ରୀଶ୍ରୀ ଠାକୁର ରିକ୍ସାରେ ବୁଲି ବାହାରିଲେ । କେତେକ ସ୍ଥାନ ବୁଲି ଶେଷରେ ଯାଇ ସମୁଦ୍ରକୂଳରେ ବସିଲେ । ମୁଁ ଓ ନୃପ ଭାଇ କିଛି ଦୂରରେ ବସିଲୁ । ଅଳ୍ପ ସମୟ ପରେ ଠାକୁର ହାତ ଠାରି ଆମକୁ ପାଖକୁ ଡାକିବାରୁ ଆମେ

ଠାକୁରଙ୍କ ନିକଟକୁ ଗଲୁ । ଠାକୁର କୁଟୀର ସମ୍ପର୍କୀୟ କେତେଗୋଟି କଥା ପଚାରି ବୁଝିବାପରେ କହିଲେ—ଦେଖ, ମୁଁ କେତେକଙ୍କ ବ୍ୟବହାରରେ ଅତିଶୟ ଅଶାନ୍ତି ଭୋଗ କରୁଛି । ତେଣୁ ମୁଁ ବାହାର ଲୋକମାନଙ୍କୁ ଦେଖା କରିବାକୁ ନିଷେଧ କରି ଦେଇଛି । ମୋର ଇଚ୍ଛା, ମୁଁ ନୀଳାଚଳ କୁଟୀରକୁ ବାହାର ଲୋକଙ୍କର ଯିବା ଆସିବା ବନ୍ଦ କରି ଦେବି । କେବଳ ତୁମମାନଙ୍କୁ ନେଇ ଆନନ୍ଦରେ ରହିବି ଓ ଆନନ୍ଦ କରିବି । ବାହାରୁ ମଧ୍ୟ ସେବକ ଆଣିବି ନାହିଁ ବୋଲି ସ୍ଥିର କରିଛି । ତୁମମାନଙ୍କର କିଛି କଥା କହିବାର ଥିଲେ ମୋତେ ପରିଷ୍କାର ଭାବରେ ଜଣାଇ ଦେବ । ତୁମ୍ଭେମାନେ ମୋତେ ଅନେକ କଥା ନ କହି ଗୋପନ କର କାହିଁକି ?

ନୃପ ଭାଇ—ଠାକୁର, ଆଜି ପଚାରିବାରୁ କହିଲୁ । ନ ହେଲେ ଆମେ ଜାଣୁ, ଠାକୁର ତ ଅନ୍ତର୍ଯ୍ୟାମୀ, ସବୁ ଜାଣୁଥିବେ—ଆମର ତାଙ୍କୁ ମନକଥା ଜଣାଇବା ଆବଶ୍ୟକ କ'ଣ ?

ଶ୍ରୀଶ୍ରୀ ଠାକୁର—ହଁ, ମୁଁ ଅନ୍ତର୍ଯ୍ୟାମୀ ସତ, କିନ୍ତୁ ତାହା ବୋଲି କ'ଣ ମୁଁ ସବୁବେଳେ କେବଳ ସମସ୍ତଙ୍କର ଚିନ୍ତା କରୁଥାଏ ? ନା, ତା ନୁହେଁ, ମୁଁ ଖାଇପିଇ ବଂଭୋଳା ହୋଇ ଆତ୍ମଚିନ୍ତା ନେଇ ବିଭୋର ଥାଏ । କିନ୍ତୁ ମୁଁ ଇଚ୍ଛାକଲେ ସମସ୍ତ ଜାଣିପାରିବି । ତୁମମାନଙ୍କର କର୍ତ୍ତବ୍ୟ ମୋତେ ସବୁ କଥା ଅକପଟ ଭାବରେ ଖୋଲିକରି କହିବା । ପାଞ୍ଚ ତାରିଖ ଦିନ ମନୁର ଜନ୍ମଦିନ ପଡ଼ୁଛି । ସେଦିନ ତୁମ୍ଭମାନଙ୍କୁ ନେଇ ଆନନ୍ଦ କରିବି । ତୁମ୍ଭେମାନେ ସେଦିନ ପ୍ରସାଦ ପାଇବାକୁ ଆସିବ ।

ମୋତେ ଠାକୁର କହିଲେ—"ତୁ ବାପାଙ୍କ ପାଖକୁ ଚିଠି ଦେ, ସେ ସେଦିନ ଭଲ ଦୁଧ ପଠାଇବେ ।"

ମୁଁ କହିଲି—ଠାକୁର ! ମୁଁ ନିଜେ ଯାଉଛି । ଦୁଧ ଆଣି ଯଥା ସମୟରେ ପହଞ୍ଚାଇବି ।

ତତ୍ପରେ ଠାକୁର ରିକ୍ସାରେ ବସି ନୀଳାଚଳ କୁଟୀରକୁ ଫେରିଲେ । ଆମେ ସମସ୍ତେ ପ୍ରଣାମ କରି ବିଦାୟ ନେଇ ନିଜ ନିଜ ଘରକୁ ଫେରି ଆସିଲୁ ।

୫-୬-୩୪ ତାରିଖ—ମଙ୍ଗଳବାର

ମୋର ଓ ନୃପାଳ ଭାଇଙ୍କର ଦୀକ୍ଷା—ବାପା ସେତେବେଳେ ମଦରଙ୍ଗ* ରେ ଥାଆନ୍ତି । ମୁଁ ବାପାଙ୍କ ପାଖରୁ ଠାକୁରଙ୍କ ବରାଦ ମୁତାବକ ଦୁଧ ନେଇ ରାତାରାତି ବାହାରି ସକାଳ ୮ଟାରେ ପୁରୀରେ ପହଞ୍ଚିଲି । ନୀଳାଚଳ କୁଟୀରରେ ପହଞ୍ଚି ମାଆଙ୍କୁ ଦୁଧ ଦେବାକୁ ଖୋଜିବାବେଳେ ଦେଖିଲି, ଠାକୁର ବାହାରେ ଖଣ୍ଡିଏ ଛୋଟ ଚଉକି ଉପରେ ବସିଛନ୍ତି । ମୋତେ ଦେଖିବା ମାତ୍ରେ ଉଠିଆସିଲେ । ମୁଁ ପ୍ରଣାମ କରିସାରି ଛିଡ଼ା ହେଲି । ଶ୍ରୀଶ୍ରୀ ଠାକୁର ମୋତେ କହିଲେ—ଦୁର୍ଗାଚରଣ, ମୁଁ ଆଜି ତୋତେ ଦୀକ୍ଷା ଦେବି ବୋଲି ଠିକ୍ କରିଛି । ତୁ ସ୍ନାନ କରି ପରିଷ୍କାର ଲୁଗାପଟା ପିନ୍ଧି ଆସିବୁ । ନୃପାଳର ମଧ୍ୟ ଆଜି ଦୀକ୍ଷା ହେବ । ସେ ସବୁ ଠିକ୍ କରିସାରିଛି । ତୁମ ଦୁହିଁଙ୍କୁ ଦୀକ୍ଷାପାଇ କିଛି ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ । ମୁଁ ସବୁ ଯୋଗାଡ଼ କରିସାରିଛି । କାଲି ମୁଁ ନୃପାଳକୁ ଦୀକ୍ଷା ଦେବା କଥା କହିଲି । ସେ କହିଲା—ଦୁର୍ଗାଚରଣ ଯଦି ନ ଆସେ, ମୋର ଦୀକ୍ଷା ହେବଟି ? ମୁଁ କହିଲି, ନା ଉଭୟେ ଦୀକ୍ଷା ନେବ, ମୁଁ ତୁମ ଦୁହିଁଙ୍କର ଦୀକ୍ଷାର ସମସ୍ତ ବ୍ୟୟଭାର ବହନ କରିବି ।

ଯଥା ସମୟରେ ନୃପଭାଇ ଓ ମୁଁ ଦୀକ୍ଷାଗୃହରେ ପ୍ରବେଶ କଲୁ । ଦୁଇଜଣଙ୍କ ପାଇଁ ଦୁଇଖଣ୍ଡ ଆସନ ପଡ଼ିଥାଏ । ଠାକୁର ପୂଜାର ଆୟୋଜନ କରିସାରି ନିଜେ ଖଣ୍ଡିଏ ଆସନରେ ଧ୍ୟାନସ୍ଥ ହୋଇ ବସିଥାନ୍ତି । କିଛିକ୍ଷଣ ପରେ ଠାକୁର ଗୁରୁବରଣ, ସଂକଳ୍ପ ପ୍ରଭୃତି ଶେଷ କରି କହିଲେ—"ତୁମେମାନେ ପ୍ରଥମରେ ସଂକଳ୍ପ କରି ମୋତେ ଗୁରୁପଦରେ ବରଣ କଲ । ତୁମର ମୂଳ ଲକ୍ଷ୍ୟବସ୍ତୁ ହେଲେ ଠାକୁର; କିନ୍ତୁ ମୁଁ ଆଜି ତୁମ ଦୁହିଁଙ୍କୁ ଯୁଗଳ ମନ୍ତ୍ରରେ ଦୀକ୍ଷିତ କରିବି ।" ଏହା କହିସାରି ଆମ ଦୁହିଁଙ୍କ କାନରେ ତିନି ଥର ମନ୍ତ୍ର ଉଚ୍ଚାରଣ କରି ଠାକୁର କହିଲେ—"ଏ ମନ୍ତ୍ର କାହାକୁ କହିଲେ ଏହାର ଶକ୍ତି ନଷ୍ଟ ହୋଇଯିବ ।"

ପ୍ରଥମେ କୌଣସି ଆସନରେ ବସି ଯଥାରୀତି ନ୍ୟାସାଦି ବିଧାନ ପରେ ମସ୍ତକରେ ଗୁରୁଧ୍ୟାନ କରିବ । ତା'ପରେ ହୃଦୟରେ ଇଷ୍ଟଦେବତାଙ୍କ ଚରଣ ଯୁଗଳକୁ

---

* ପୁରୀଠାରୁ ୮ କିଲୋମିଟର ଦୂରରେ ବାଲିଘାଇ—ମାଧବ ରାସ୍ତା କଡ଼ରେ ଅବସ୍ଥିତ ।

ଲକ୍ଷ୍ୟକରି ମନ୍ତ୍ର ଜପ ଆରମ୍ଭ କରିବ । ଜପ ମନେ ମନେ ହେବା ଆବଶ୍ୟକ । ମୁଦ୍ରା ପ୍ରଭୃତି ଆଉ ଯାହା କରିବାର କଥା ଶେଷକୁ କରିବ ।

ଏହିପରି ବହୁ ବିଷୟରେ ଉପଦେଶ ଦେଇ ଠାକୁର ମନ୍ତ୍ରଚୈତନ୍ୟ, ଜପର କୌଶଳ, ଜପସମର୍ପଣାଦି ସମ୍ପର୍କରେ ଯାହା ଜ୍ଞାତବ୍ୟ ତାହା ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ଆମମାନଙ୍କୁ ବୁଝାଇଥିଲେ । ଠାକୁର ଆମ ଦୀକ୍ଷାର ସମସ୍ତ ଆୟୋଜନ ଯଥାରୀତି ନିଜ ହାତରେ କୁଟୀରର ଭୋଗଗୃହରେ କରିଥିଲେ ।

୧୧-୬-୩୪ ତାରିଖ—ମଙ୍ଗଳବାର

ଆଜି ଉପରବେଳା ଶ୍ରୀଶ୍ରୀ ଠାକୁରଙ୍କ ସହିତ କଥୋପକଥନ ହେବାର ସୁଯୋଗ ମିଳିଥିଲା । କଥାପ୍ରସଙ୍ଗରେ ଜଣେ ଶିଷ୍ୟଙ୍କ କଥା ପଡ଼ିଲା ।

ଅନ୍ତରରେ ପ୍ରାର୍ଥନା—

ବନମାଳୀ ଭାଇ ପ୍ରଶ୍ନ କଲେ—ଠାକୁର ! ଆପଣଙ୍କର ଜଣେ ଶିଷ୍ୟ ଆପଣଙ୍କର ଖୁବ୍ ପ୍ରଶଂସା କରେ । କିନ୍ତୁ ତା ସଙ୍ଗେ ସଙ୍ଗେ କହେ, ସମସ୍ତେ ଆପଣଙ୍କ କୃପା ପାଉଛନ୍ତି, ଅଥଚ ସେ ସେଥିରୁ ବଞ୍ଚିତ । ଏହାର କାରଣ କ'ଣ ?

ଶ୍ରୀଶ୍ରୀ ଠାକୁର—ତାହାର ମୋ ପ୍ରତି ଆଦୌ ବିଶ୍ୱାସ ନାହିଁ । ନାନା ଶାସ୍ତ୍ର ପାଠ କରି, ନାନା ସଂପ୍ରଦାୟରେ ମିଶି, ନାନା ପ୍ରକାର ସାଧୁଙ୍କୁ ଦେଖି ତାହାର ମତିଭ୍ରମ ଘଟିଛି । ସେ କହୁଛି, ସମସ୍ତେ ମୋ କୃପା ପାଉଛନ୍ତି, ମୋଠାରୁ ଅନୁଭୂତି ପାଉଛନ୍ତି; କିନ୍ତୁ ସେ କାହିଁକି କିଛି ପାଉନାହିଁ ? ତାହାର କାରଣ ହେଉଛି, ପ୍ରଥମରେ ସେ ତତ୍ତ୍ୱ ସମ୍ପର୍କରେ ମୋ ସହିତ ତିନି ଦିନ ଆଲୋଚନା କରି ଶେଷରେ କହିଲା—'ଠାକୁର ! ଏସବୁ ତତ୍ତ୍ୱ ପ୍ରଥମେ ମୋ ଦେହରେ ପ୍ରକାଶ କରାଇଦିଅନ୍ତୁ; ପରେ ମୁଁ ସାଧନ କରିବି ବା ଆପଣ ଯାହା କହିବେ ମାନିବି ।'' ମୁଁ କହିଲି, ''ମୁଁ ଯାହା କହୁଛି, ସାଧନ କଲେ ସେସବୁ ତତ୍ତ୍ୱ ଉପଲବ୍ଧି ହେବ । ସେ କିନ୍ତୁ ପ୍ରଥମେ ସାଧନ କରିବାକୁ ରାଜି ନୁହେଁ ।''

ମୁଁ—ଠାକୁର ! ଏହା କ'ଣ କେବେ ସମ୍ଭବ ? ସାଧନ ନକରି ଫଳ ପାଇବାକୁ ପ୍ରାର୍ଥନା କରିବା କ'ଣ ଅସମ୍ଭବ କଥା ନୁହେଁ ?

ଶ୍ରୀଶ୍ରୀ ଠାକୁର—ସାଧନ ନ କରି କେବଳ ପ୍ରାର୍ଥନାଦ୍ୱାରା ତତ୍ତ୍ୱ ଉପଲବ୍ଧି ହୋଇପାରେ, ଏହା ଏକାବେଳକେ ଅସମ୍ଭବ ନୁହେଁ ।

ମୁଁ—ତେବେ ତାହାର ନ ହେଉଛି କାହିଁକି ? ସେ ତ ଆପଣଙ୍କ ନିକଟରେ ତତ୍ତ୍ୱ ଉପଲବ୍ଧି କରିବା ପାଇଁ ପ୍ରାର୍ଥନା କରୁଛି !

ଶ୍ରୀଶ୍ରୀ ଠାକୁର—ସେ ଯେଉଁ କଥା କହୁଛି, ତା ଅନ୍ତରରେ ସେ ଭାବ ନାହିଁ । ମୁଁ ଯେ ତାକୁ ବିନା ସାଧନାରେ ସବୁ ଦେଇପାରିବି, ଏ ବିଶ୍ୱାସ ତାର ନାହିଁ । ମୋ ପ୍ରତି ବିଶ୍ୱାସ ଥିଲେ ତାର ଦମ୍ଭ ଅଭିମାନ ନଷ୍ଟ ହୋଇଯାଆନ୍ତା । ପ୍ରାର୍ଥିତ ବସ୍ତୁ ପାଇଁ ବ୍ୟାକୁଳ ଭାବରେ ସେ ମୋ ନିକଟରେ ପ୍ରାର୍ଥନା କରନ୍ତା । ପ୍ରାର୍ଥନା ମୋ ସମ୍ମୁଖରେ କରିବାର ମଧ୍ୟ ଆବଶ୍ୟକତା ନାହିଁ । ନିଜ ଘରେ ଗୁରୁଙ୍କର ଆସନ ନିକଟରେ ପ୍ରାର୍ଥନା କଲେ ନିଶ୍ଚୟ ସେ ଫଳ ପାଆନ୍ତା ।

ସେ ଯାହା ମୋ ନିକଟରେ କହୁଛି; କିନ୍ତୁ ଗୁରୁଙ୍କ ଆସନ ନିକଟରେ ଆଦୌ ପ୍ରାର୍ଥନା କରୁ ନାହିଁ । ଏଥିପାଇଁ ମୁଁ ତାକୁ ସାମାନ୍ୟ ସାଧନା କରିବାକୁ କହିଥିଲି; କିନ୍ତୁ ସେ ତାହା ମଧ୍ୟ କରିବାକୁ ରାଜି ନୁହେଁ ।

ଏସବୁ କିଛି ନ କଲେ ମଧ୍ୟ ମୋର ଦେବାର କ୍ଷମତା ଅଛି । କିନ୍ତୁ ପ୍ରାର୍ଥିତ ବସ୍ତୁ ପାଇଁ ବ୍ୟାକୁଳତା ନ ଆସିବା ପୂର୍ବରୁ ମୁଁ ଯଦି କିଛି କରେ, ତେବେ ସେ ଭିନ୍ନପ୍ରକାର ବୁଝିବ । ସେତେବେଳେ ସେ କହିବ, ଠାକୁର ମୋତେ ସମ୍ମୋହିତ କରି ଦେଉଛନ୍ତି ଏବଂ ମୋ କୃପାଦ୍ୱାରା ତାର ଯେ ଉପଲବ୍ଧି ହେଉଛି ଏହା ମଧ୍ୟ ସେ ବିଶ୍ୱାସ କରିବ ନାହିଁ । ବୋକାର ସ୍ୱପ୍ନ ଦେଖିବା ଭଳି ତାର ମୁଣ୍ଡ ପାଗ୍‌ଳ ହୋଇଯିବ ଓ ସେଭଳି ସିଦ୍ଧିଦ୍ୱାରା ତାର କିଛି ଉପକାର ହେବ ନାହିଁ । ତେଣୁ ପ୍ରଧାନ କଥା, ଭଗବାନ ଲାଭ ବା ତତ୍ତ୍ୱ ଉପଲବ୍ଧି ପାଇଁ ପ୍ରାଣର ଐକାନ୍ତିକ ବ୍ୟାକୁଳତା ଓ ଗୁରୁଦେବଙ୍କ ପ୍ରତି ଅଚଳ ଅଟଳ ବିଶ୍ୱାସ ଥିବା ଆବଶ୍ୟକ ।

୧୩-୬-୩୪ ତାରିଖ—ବୁଧବାର

ଆଜି ଶ୍ରୀଶ୍ରୀ ଠାକୁରଙ୍କୁ ସକାଳବେଳା ଦର୍ଶନ କରିବାର ସୁଯୋଗ ପାଇଥିଲୁ ।

ବାହାରର ଅନୁଭୂତି ସବୁ ଅନ୍ତରର ପ୍ରତିବିମ୍ବ—

ବନମାଳୀ ଭାଇଙ୍କୁ ଶ୍ରୀଶ୍ରୀ ଠାକୁର କହିଲେ—"ତୁମେ ବାହାରେ ଯାହା ଉପଲବ୍ଧି କରୁଛ, ତାହା ବାହାରର ନୁହେଁ; ତାହା ସବୁ ତୁମ ଅନ୍ତରର ଉପଲବ୍ଧି ।

ଲୋକେ ଯାହାସବୁ ବାହାରେ ଅନୁଭବ କରନ୍ତି ବୋଲି କହନ୍ତି, ତାହା ପ୍ରକୃତରେ ବାହ୍ୟ ଅନୁଭୂତି ନୁହେଁ; ଅନ୍ତରର ଅନୁଭୂତି । ବାହ୍ୟ ଚକ୍ଷୁ ସାହାଯ୍ୟରେ ତାହା ଅନ୍ତରରୁ ପ୍ରତିବିମ୍ବିତ ହୁଏ । ଏହାକୁ ଆଧ୍ୟାତ୍ମ୍ୟ ବିଜ୍ଞାନ କୁହାଯାଏ । ଆଖି ବୁଜିଦେଲେ ଅନ୍ଧାର ଦିଶେ । କିନ୍ତୁ କିଛିକ୍ଷଣ ଆଖି ବୁଝିରଖିବା ପରେ କ୍ରମେ କ୍ରମେ ପରିଷ୍କାର ଦେଖାଯାଏ· । ଏହି ଜ୍ୟୋତି ବାହାରର ନୁହେଁ, ଅନ୍ତରର । ସୂର୍ଯ୍ୟମଣ୍ଡଳକୁ କିଛିକ୍ଷଣ ଚାହିଁ ପରେ ଅନ୍ୟଆଡ଼େ ଦୃଷ୍ଟି ଦେଲେ ଚତୁର୍ଦ୍ଦିଗରେ ଗୋଲାକାର ଜ୍ୟୋତି ଦେଖାଯାଏ । ସେ ଜ୍ୟୋତି ବାହାରେ ଦିଶେ ସତ, ମାତ୍ର ପ୍ରକୃତରେ ତାହା ଅନ୍ତରର ଜ୍ୟୋତି ।

ମୂର୍ତ୍ତି ତିନି ପ୍ରକାର—ତତ୍ତ୍ୱମୟୀ, ଭାବମୟୀ ଓ ଚିନ୍ମୟୀ । ଯେଉଁ ମୂର୍ତ୍ତିକୁ ବିଶ୍ଳେଷଣ କଲେ ତତ୍ତ୍ୱ ବାହାରିବ, ତାହା ତତ୍ତ୍ୱମୟୀ ମୂର୍ତ୍ତି । ଭାବମୟୀ ମୂର୍ତ୍ତି ନିଜର କଳ୍ପନା ବା ଭାବ ଅନୁଯାୟୀ ଫୁଟିଉଠନ୍ତି; ମାତ୍ର ତୁମେ ଯେଉଁ ମୂର୍ତ୍ତିକୁ ଆଦୌ ଧାରଣା କରିନାହଁ ଅଥଚ ଏକପ୍ରକାର ଆନନ୍ଦମୟ ମୂର୍ତ୍ତି ଦେଖାଯାଉଛି, ତାକୁ ଚିନ୍ମୟ ମୂର୍ତ୍ତି କୁହାଯାଏ । ତୁମର ଏ ଅନୁଭୂତିସବୁ କ୍ରମେ କ୍ରମେ ଫୁଟିଉଠିବ । ମୂର୍ତ୍ତି ଦର୍ଶନ ପରେ ତାଙ୍କ ସହିତ କୌଣସି ଗୋଟିଏ ଭାବ ସ୍ଥାପନ କରିବାକୁ ହେବ ।

ବନମାଳୀ ଭାଇ—ଠାକୁର ! ମୁଁ କାହିଁକି ଆପଣଙ୍କୁ ଧ୍ୟାନରେ ଦେଖିପାରୁ ନାହିଁ ?

ଶ୍ରୀଶ୍ରୀ ଠାକୁର—(ହସି ହସି) ତୁମେ ତ ତୁମର ଅଭୀଷ୍ଟ ବସ୍ତୁକୁ ଉପଲବ୍ଧି କରିପାରୁଛ, ଆଉ ମୋର ସ୍ଥୂଳ ମୂର୍ତ୍ତିରେ ତୁମର ପ୍ରୟୋଜନ କ'ଣ ? ତେବେ ସମୟେ ସମୟେ ଦେଖିପାରିବ ।

ନେତ୍ରରଶ୍ମି ସଂଯମ—

ବନମାଳୀ ଭାଇ—ସାଧନାର ପ୍ରଥମରୁ କ'ଣ କର୍ତ୍ତବ୍ୟ ?

ଶ୍ରୀଶ୍ରୀ ଠାକୁର—ପ୍ରଥମରୁ ନାଭିକୁ ଦୃଷ୍ଟିଦେବ । ଦେଖ, ଆମ୍ଭମାନଙ୍କର ନେତ୍ରରଶ୍ମି ବିକ୍ଷିପ୍ତ ଭାବରେ ବାହାରୁଛି । ଯଦି ଏହି ବିକ୍ଷିପ୍ତ ରଶ୍ମିକୁ ସଂଯତ କରି ଗୋଟିଏ ପଦାର୍ଥ ଉପରେ ନିବଦ୍ଧ କରାଯାଆନ୍ତା, ତେବେ ତାହା ଅସୀମ ଶକ୍ତିଶାଳୀ ହୋଇଉଠନ୍ତା । ଏହାକୁ 'ତ୍ରାଟକ ଯୋଗ' କୁହାଯାଏ । ଦୃଷ୍ଟି ଯେତେବେଳେ

ନାଭି ବ୍ୟତୀତ ଅନ୍ୟ କିଛି ଦେଖିପାରିବ ନାହିଁ, ସେତିକିବେଳେ ମନ ସ୍ଥିର ହୋଇଛି ବୋଲି ଜାଣିବ । ଅର୍ଜୁନଙ୍କ ଅସ୍ତ୍ରପରୀକ୍ଷା ଦିନ ଯେତେବେଳେ ଗୁରୁ ଦ୍ରୋଣାଚାର୍ଯ୍ୟ ଗୋଟିଏ ପକ୍ଷୀ ଦେଖାଇ ତାହାର ଚକ୍ଷୁକୁ ଲକ୍ଷ୍ୟ କରି ବାଣବିଦ୍ଧ କରିବାକୁ ଆଦେଶ ଦେଲେ, ସେତେବେଳେ ପରୀକ୍ଷା ଉଦ୍ଦେଶ୍ୟରେ ସମସ୍ତଙ୍କୁ ପଚାରିଲେ—'ତୁମେମାନେ କ'ଣ ଦେଖିପାରୁଛ ?' ଉତ୍ତରରେ କିଏ କହିଲା ମୁଁ ଗଛ ଉପରେ ଗୋଟିଏ ପକ୍ଷୀ ଦେଖୁଛି । କିଏ କହିଲା ପକ୍ଷୀର ମୁଣ୍ଡ ଦେଖୁଛି ଇତ୍ୟାଦି । କିନ୍ତୁ ଅର୍ଜୁନଙ୍କୁ ଯେତେବେଳେ ପଚରାଗଲା ତୁମେ କ'ଣ ଦେଖିପାରୁଛ, ସେତେବେଳେ ଅର୍ଜୁନ କହିଲେ—''ଗୁରୁଦେବ ! ମୁଁ ପକ୍ଷୀଟିର ଚକ୍ଷୁ ବ୍ୟତୀତ ଅନ୍ୟ କିଛି ଦେଖିପାରୁ ନାହିଁ ।'' ତତ୍ପରେ ଅର୍ଜୁନ ଲକ୍ଷ୍ୟଭେଦ କଲେ । ଅନ୍ୟମାନେ ଲକ୍ଷ୍ୟ ସ୍ଥିର କରିପାରି ନ ଥିବାରୁ ଅର୍ଜୁନଙ୍କ ସହିତ ପ୍ରତିଯୋଗିତାରେ ହାରିଯାଇଥିଲେ । ସେହିପରି ଲକ୍ଷ୍ୟ ସ୍ଥିର କରିବାକୁ ହେବ ।

ଅନ୍ଧକାର ରାତ୍ରିରେ ତୁମେ ଯଦି କୌଣସି ବସ୍ତୁ ପ୍ରତି ସ୍ଥିର ଲକ୍ଷ୍ୟକରି କିଛିକ୍ଷଣ ଚାହିଁରହିବ, ତେବେ ଅଳ୍ପ ସମୟ ପରେ ସେ ସ୍ଥାନ ଆଲୋକମୟ ହୋଇଯିବ । ଏ ବିଷୟ ସାଧାରଣ ପରୀକ୍ଷା କରି ଦେଖିପାରନ୍ତି; କିନ୍ତୁ ଯେଉଁମାନଙ୍କର 'ତ୍ରାଟକ ଯୋଗ' ଅଭ୍ୟାସ ଅଛି, ସେମାନେ ଅତି ସହଜରେ ଏହା ପ୍ରତ୍ୟକ୍ଷ କରିପାରିବେ । ନାଭିଧ୍ୟାନଦ୍ୱାରା ତ୍ରାଟକ ଯୋଗର ଅଭ୍ୟାସ ମଧ୍ୟ ହୁଏ । ନାଭିଧ୍ୟାନକୁ ଉଡ୍‌ଡ଼ୀୟାନବନ୍ଧ ମୁଦ୍ରା ମଧ୍ୟ କୁହାଯାଏ । ନାଭିଠାରୁ ଗୋଟିଏ ଶିରା ବାହାରି ସୁଷୁମ୍ନାନାଡ଼ୀ ସହିତ ଯୋଗ ହୋଇଛି । ସୁତରାଂ ଉକ୍ତ ପ୍ରକ୍ରିୟାଦ୍ୱାରା ମେରୁଦଣ୍ଡ ଭିତରେ ବାୟୁ ଗମନାଗମନ କରିବା ହେତୁ କୁଣ୍ଡଳିନୀର ଚୈତନ୍ୟ ହୁଏ । ନାନା ପ୍ରକାର ଶବ୍ଦ ଶୁଣାଯାଏ । ତଦ୍ୱାରା ମନ ଲୟ ହେବାକୁ ଆରମ୍ଭ କରେ, ଚିତ୍ତ ସ୍ଥିର ହୁଏ ।

୧୦-୭-୩୪ ତାରିଖ—ମଙ୍ଗଳବାର

ଆଜି ଠାକୁରଙ୍କ ସହିତ ଜଣେ ବଙ୍ଗଦେଶୀୟ ଭକ୍ତଙ୍କର ସାକ୍ଷାତ କରିବାର ଥିବାରୁ ଆମେମାନେ ଠାକୁରଙ୍କ ଦର୍ଶନଲାଭର ସୁଯୋଗ ପାଇଥିଲୁ ।

ପୂର୍ଣ୍ଣାଭିଷେକ—

ଆଗନ୍ତୁକ ପ୍ରଶ୍ନ କଲେ—ମୋର କାମନା ବାସନା ଦୂର ହୋଇନାହିଁ । ଭୋଗବାସନା ଚରିତାର୍ଥ କରିବା ନିମିତ୍ତ ମୁଁ କିଛି କାମ୍ୟ କର୍ମ କରିବାକୁ ଇଚ୍ଛା

କରୁଛି; କିନ୍ତୁ ତନ୍ତ୍ରୋକ୍ତ ପୂର୍ଣ୍ଣାଭିଷେକ ନ ହେଲେ ତନ୍ତ୍ରର କାମ୍ୟ କର୍ମରେ ଅଧିକାର ଜନ୍ମିବ ନାହିଁ । ମୋତେ ପୂର୍ଣ୍ଣାଭିଷେକ କରି କାମ୍ୟ କର୍ମର ଅଧିକାରୀ କରିଦିଅନ୍ତୁ ।

ଶ୍ରୀଶ୍ରୀ ଠାକୁର—(କିଛିକ୍ଷଣ ନୀରବ ରହି) ଆଚ୍ଛା, ମୁଁ ଚିନ୍ତାକରି କାଲି ଏହାର ଉତ୍ତରଦେବି । ତୁମେ ମୋ ଠିକଣା କିପରି ଜାଣିଲ ଯେ ଏଠାକୁ ଆସିଲ ?

ଆଗନ୍ତୁକ—(ଶ୍ରୀଶ୍ରୀ ଠାକୁରଙ୍କ ପଦସେବା କରୁ କରୁ) ମୁଁ ତନ୍ତ୍ରୋକ୍ତ କର୍ଣ୍ଣପିଶାଚୀ ସାଧନ ଜାଣେ । ମୁଁ ଦିନେ ଯୋଗିନୀଙ୍କୁ ଗୋଟିଏ ପ୍ରଶ୍ନ କରିବାରୁ ଉତ୍ତର ମିଳିଲା, ତୁମେ ପୂର୍ଣ୍ଣାଭିଷିକ୍ତ ହୋଇ ନ ଥିବାରୁ ଏ ପ୍ରଶ୍ନର ଅଧିକାରୀ ନୁହେଁ । ତୁମେ ଉପଯୁକ୍ତ ଗୁରୁ ଅନୁସନ୍ଧାନ କରି ପୂର୍ଣ୍ଣାଭିଷିକ୍ତ ହୋଇ ତନ୍ତ୍ରୋକ୍ତ ସାଧନ କର । ମୁଁ ପଚାରିଲି, ଉପଯୁକ୍ତ ଗୁରୁ କେଉଁଠାରୁ ପାଇବି ? ଉତ୍ତର ହେଲା, ନିଗମାନନ୍ଦ ସ୍ୱାମୀଙ୍କ ଦ୍ୱାରା ତୁମର ଅଭୀଷ୍ଟ ପୂରଣ ହେବ । ମୁଁ ପ୍ରଶ୍ନ କଲି, ସେ ବର୍ତ୍ତମାନ କେଉଁଠାରେ ? ଉତ୍ତର ହେଲା, ସେ ବର୍ତ୍ତମାନ ପୁରୀରେ ଆଷାଢ଼ ଶେଷ ପର୍ଯ୍ୟନ୍ତ ଅଛନ୍ତି । ଏ କଥା ଶୁଣି ମୁଁ ଏଠାକୁ ଆସିଛି ।

ତତ୍ପରଦିନ ଶ୍ରୀଶ୍ରୀ ଠାକୁର ଉକ୍ତ ଆଗନ୍ତୁକଙ୍କୁ କହିଲେ—ମୁଁ ପ୍ରବୃତ୍ତି ମାର୍ଗରେ ଥିବା ସମୟରେ କେତେଜଣଙ୍କୁ କାମ୍ୟକର୍ମର ଦୀକ୍ଷା ଦେଇଥିଲି । ସେହି ସମୟରେ ମୁଁ ଯେଉଁମାନଙ୍କୁ ଖୁବ୍ ଉନ୍ନତ କରାଇଛି, ସେଥି ମଧ୍ୟରୁ କେତେ ଜଣ ଢାକାରେ ଅଛନ୍ତି । ସେମାନଙ୍କୁ ମହାସାମ୍ରାଜ୍ୟ ଦୀକ୍ଷା ମଧ୍ୟ ଦିଆଯାଇଥିଲା । ବର୍ତ୍ତମାନ ମୁଁ ନିବୃତ୍ତି ମାର୍ଗରେ; ତେଣୁ ପ୍ରବୃତ୍ତି ମାର୍ଗର ସାଧନା ଦେଇପାରିବି ନାହିଁ । ମୁଁ କେବଳ 'କ୍ରମଦୀକ୍ଷା' ଦେବି । ତୁମେ ମୋ ସହିତ ଢାକାରେ ସାକ୍ଷାତ କଲେ ମୁଁ ମୋର କେତେ ଜଣ ଶିଷ୍ୟ ଓ ସେଠାରେ ଥିବା ଜନୈକ କୌଳ ସାଧୁଙ୍କଦ୍ୱାରା ପୂର୍ଣ୍ଣାଭିଷେ* କରାଇ ତୁମକୁ କାମ୍ୟକର୍ମର ଅଧିକାରୀ କରାଇ ଦେବି ।

୧୩-୭-୩୪ ତାରିଖ—ଶୁକ୍ରବାର

ଆଜି ଶ୍ରୀଶ୍ରୀ ଠାକୁର ରଥଯାତ୍ରା ଦେଖିବା ପାଇଁ ରିକ୍‌ସାରେ ଯାଇଥିଲେ । ମୁଁ ଓ ଅନ୍ନଦା ବ୍ରହ୍ମଚାରୀ ଠାକୁରଙ୍କୁ ନେଇ ଯାଇଥିଲୁ । ଠାକୁର ଗୁଣ୍ଡିଚା ଘର

---

* ପୂର୍ଣ୍ଣାଭିଷେକ, ମହାସାମ୍ରାଜ୍ୟଦୀକ୍ଷା, କାମ୍ୟକର୍ମ ଓ କ୍ରମଦୀକ୍ଷା ପ୍ରଭୃତିର ବିବରଣ ଜାଣିବାକୁ ଇଚ୍ଛାକଲେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରଣୀତ 'ତାନ୍ତ୍ରିକ ଗୁରୁ' ଦ୍ରଷ୍ଟବ୍ୟ ।

ପାଖରେ ରିକ୍ସାରୁ ଓହ୍ଲାଇ ବଡ଼ଠାକୁରଙ୍କ ରଥକୁ ଟାଣିଲେ । ଫେରିବାବେଳେ ରଥଯାତ୍ରା ଭିଡ଼ ଭିତରୁ କୌଣସିମତେ ରିକ୍ସା ଟାଣି ଆଣିବା ପରେ ଠାକୁର କହିଲେ, ଅନ୍ନଦା ! ତୁ ମୋତେ ଟାଣି ଟାଣି ଉଦ୍ଧାର କଲୁ ଓ ତୁ ମଧ ଉଦ୍ଧାର ହୋଇଗଲୁ ।''

୧୫-୭-୩୪ ତାରିଖ—ରବିବାର

ଆଜି ଉପରବେଳା ଆମେ ଠାକୁରଙ୍କ ଦର୍ଶନ କରିବାକୁ ଯାଇଥିଲୁ । ଠାକୁରଙ୍କ ସହିତ ନାନ ପ୍ରସଙ୍ଗରେ ଆଲୋଚନା ହେଲା ।

ସାଧନର ଫଳ—

ଶ୍ରୀଶ୍ରୀ ଠାକୁର କହିଲେ—ଯେତେ ସାଧନ ଭଜନ କରୁଛ, ତାହାର ଫଳ ଯଦି ଏ ଜନ୍ମରେ ନ ହେଲା, ତେବେ ପରକାଳରେ ଫଳ ପାଇବା କଠିନ । ଯାହା କିଛି ସାଧନ କରୁଛ, ଏହି ଜନ୍ମରେ ଯଦି ସ୍ଥୁଳରେ ତାହାର କିଛି ଉପଲବ୍ଧି ନ ହେଲା, ତେବେ ପରକାଳ ବା ପୂର୍ନଜନ୍ମରେ ମଧ ସେଥିରେ ଉପଲବ୍ଧି ହେବ ନାହିଁ । ବର୍ତ୍ତମାନ ଯାହା କରିବ ପରକାଳ ଓ ପରଜନ୍ମରେ ତାହାର ଫଳ ଭୋଗ କରିବ ସିନା ! ସମସ୍ତେ ମନ୍ତ୍ର ଓ ନାମ ଜପ କରିଥାଆନ୍ତି; କିନ୍ତୁ ଏହି ନାମ ବା ମନ୍ତ୍ର ପରକାଳରେ ପ୍ରୟୋଜନ ହେବ କି ନାହିଁ ଜାଣିବ କିପରି ? ପ୍ରତ୍ୟେକଙ୍କର ସମ୍ପଦ ଓ ବିପଦ ଅଛି । ବିପଦ ସମୟରେ ଯଦି ସ୍ୱତଃ ନାମ ସ୍ମରଣ ନ ହେଲା, ତେବେ ତୁମର ସମସ୍ତ ଜପ ପକ୍ଷୀର ହରିନାମ ଶିକ୍ଷା ପରି ମିଥ୍ୟା । ସେହି ନାମ ବା ମନ୍ତ୍ର ଦ୍ୱାରା ତୁମର ପରକାଳରେ କିଛି କାର୍ଯ୍ୟ ହେବ ନାହିଁ । ଶୁଆ ହରିନାମ ଶିକ୍ଷା କରିଥାଏ, ସବୁବେଳେ ତୁଣ୍ଡରେ ହରିନାମ; କିନ୍ତୁ ଯେତେବେଳେ ବିରାଡ଼ି ଦେଖେ ବା ବିରାଡ଼ି ତାକୁ ଆକ୍ରମଣ କରେ, ସେତେବେଳେ ସେ ହରିଙ୍କୁ ଡାକିବା ଛାଡ଼ିଦେଇ ପକ୍ଷୀର ସ୍ୱାଭାବିକ ସ୍ୱରରେ କେଁ କେଁ ରଡ଼ି ଛାଡ଼େ । ସେହିପରି ବିପଦ ଆପଦବେଳେ ଯଦି ଇଷ୍ଟମନ୍ତ୍ର 'ଜୟଗୁରୁ' ସ୍ୱତଃ ସ୍ଫୁରଣ ନ ହେବ, ତେବେ ସେପରି ନାମଦ୍ୱାରା ତୁମର ପରକାଳରେ କିଛି ଲାଭ ହେବ ନାହିଁ । ତୁମେମାନେ ପରୀକ୍ଷା କରି ଦେଖିବ, ବିପଦବେଳେ ଯଦି ନାମ ସ୍ମରଣ କରିପାରିବ, ସେତେବେଳେ ବିପଦଟା ଆଦୌ ବିପଦ ବୋଲି ଉପଲବ୍ଧି ହେବ ନାହିଁ । ସମ୍ପଦ ସମୟରେ

ମଧ୍ଧ ନାମ ନେବା ଆବଶ୍ୟକ । ତାହାହେଲେ ବିପଦ ଆସିପାରିବ ନାହିଁ । ତେଣୁ ସମ୍ପଦରେ ବିପଦରେ ସବୁବେଳେ ନାମ ସ୍ମରଣ କରିବା ଉଚିତ । ସ୍ୱପ୍ନରେ ତାହାର ପରୀକ୍ଷା ହୁଏ ।

ମଠରେ ଜଣେ ବ୍ରହ୍ମଚାରୀ ଦେଖିଲେ ଯେ ସେ ଗୋଟିଏ ନଦୀକୂଳରେ ଥିବା କୌଣସି ଜଙ୍ଗଲରେ ବୁଲୁଛନ୍ତି । ହଠାତ୍ ଗୋଟିଏ ବାଘ ତାଙ୍କ ଆଡ଼କୁ ତୀରବେଗରେ ଦଉଡ଼ି ଆସି ତାଙ୍କୁ ଆକ୍ରମଣ କଲା । ସେ ସଙ୍ଗେ ସଙ୍ଗେ ନାମ ଜପ ଆରମ୍ଭ କରି 'ଜୟଗୁରୁ' ବୋଲି ଚିତ୍କାର କରିବା ମାତ୍ରକେ ବାଘଟି ଅନ୍ତର୍ହିତ ହୋଇଗଲା ।

ଏହିପରି ଘଟଣା ମୋର ଅନେକ ଶିଷ୍ୟ-ଭକ୍ତଙ୍କର ଘଟିଛି । ସେମାନେ ମନ୍ତ୍ର ସ୍ମରଣ କରି ଆଶ୍ଚର୍ଯ୍ୟ ଭାବରେ ବିପଦରୁ ଉଦ୍ଧାର ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଫଣୀ କିପରି ରକ୍ଷା ପାଇଲା ଶୁଣ ।

ଗୁରୁ ନିର୍ଭରତା—

ଫଣୀ ଖୁବ୍ ସନ୍ତରଣପଟୁ । ଦିନେ ମୁଁ ପୁରୀ ସମୁଦ୍ରକୂଳରେ ବସିଛି, ସେ ସମୁଦ୍ରରେ ସନ୍ତରଣ କରିବାକୁ ବାହାରିଲା । ମୁଁ ମନା କଲି । ତଥାପି ମନା ନ ମାନି ସମୁଦ୍ରରେ ପହଁରିବାକୁ ଲାଗିଲା । ନଈ ବା ହ୍ରଦରେ ପହଁରିବା ସମୁଦ୍ର ପହଁରାଠାରୁ ଟିକିଏ ଭିନ୍ନ ଧରଣର । ସମୁଦ୍ରରେ ନିମ୍ନସ୍ରୋତ (Under Current) ଥାଏ । ତାହା ଫଣୀ ଜାଣିପାରି ନ ଥିଲା । ତେଣୁ ସାଧାରଣ ଭାବରେ ପହଁରିବାକୁ ଲାଗିଲା । ଏହିପରି ପହଁରୁ ପହଁରୁ ସେ ନିମ୍ନ ସ୍ରୋତରେ ଟାଣି ହୋଇ ବହୁ ଦୂରକୁ ଚାଲିଗଲା । ଫେରିବାକୁ ଯେତେ ଚେଷ୍ଟା କରୁଥାଏ, ଆସିପାରୁ ନ ଥାଏ । ମୁଁ ଏହା ଲକ୍ଷ୍ୟ କରି ତାକୁ ଉଦ୍ଧାର କରିବାକୁ ଦୁଇ ଜଣ ନୋଳିଆ ପଠାଇଲି । ନୋଳିଆମାନେ ତା ନିକଟକୁ ଗଲେ, ମାତ୍ର ତାକୁ ଧରିବାକୁ ସାହସ କଲେ ନାହିଁ । ନୋଳିଆମାନଙ୍କର ଭାବ ଦେଖି ଫଣୀ ନିଜ ଜୀବନର ଆଶା ତ୍ୟାଗ କରିଦେଇ ଭାବିଲା ଯେ, ମରିବାକୁ ନିଶ୍ଚୟ ହେବ, ତେବେ ପରପାରର ଏକମାତ୍ର ସମ୍ବଳ ଗୁରୁନାମ ଜପ ନ କରି ଜୀବନରକ୍ଷାର ବୃଥା ଚେଷ୍ଟା କରୁଛି କାହିଁକି ? ଏହା ଭାବି ସନ୍ତରଣର ଚେଷ୍ଟା ଛାଡ଼ି ଦେଇ ସେ ମୋତେ ଧ୍ୟାନ କରି ମନ୍ତ୍ର ଜପ କରିବାକୁ ଆରମ୍ଭ କଲା । ଏହି ସମୟରେ ଦେଖିଲା, ଠାକୁର ଜ୍ୟୋତିର୍ମୟ

ମୂର୍ତ୍ତିରେ ଆବିର୍ଭୂତ ହୋଇ ତାକୁ କୂଳକୁ ଠେଲି ଦେଉଛନ୍ତି । ଶେଷରେ ସେ ଅଜ୍ଞାନ ଅବସ୍ଥାରେ ଢେଉରେ ଠେଲି ହୋଇ ଆସି କୂଳରେ ମୋ ନିକଟରେ ପଡ଼ିଗଲା । ପରେ ଡାକ୍ତରଙ୍କୁ ଡକାଇ ଚିକିତ୍ସା କରିବାରୁ ତାର ଚୈତନ୍ୟଲାଭ ହେଲା ।

ଫଣୀ ଉପରୋକ୍ତ ଅନୁଭୂତି ପ୍ରକାଶ କରିବା ପରେ ମୁଁ କହିଲି, ବାବା ତୁ ଗୁରୁ ନିର୍ଭରତା ଯୋଗୁଁ ରକ୍ଷା ପାଇଗଲୁ । କାରଣ ତୋର ଯେତେବେଳଯାଏ ନିର୍ଭରତା ନ ଥିଲା, ତୁ ଆତ୍ମରକ୍ଷା ପାଇଁ ସନ୍ତରଣ କରି ବୃଥା ଚେଷ୍ଟା କରୁଥିଲୁ, ତେଣୁ ସମୁଦ୍ରର ନିମ୍ନ ସ୍ରୋତରେ ଭାସି ଯାଉଥିଲୁ । ଗୁରୁଙ୍କ ପ୍ରତି ନିର୍ଭରତା ଆସିବା ମାତ୍ରେ ତୁ ସନ୍ତରଣ କରି ଆତ୍ମରକ୍ଷା କରିବାର ଚେଷ୍ଟା ତ୍ୟାଗ କଲୁ । ଶରୀରକୁ ନିଶ୍ଚେଷ୍ଟ କରିଦେବାରୁ ସ୍ୱାଭାବିକ ନିୟମରେ ସ୍ରୋତ ତୋତେ କୂଳକୁ ଭସାଇ ଆଣିଲା । ସମୁଦ୍ରରେ କୌଣସି ଜିନିଷ ପକାଇଦେଲେ ତାହା ପୁଣି ଯେପରି କୂଳକୁ ଫେରିଆସେ, ତୁ ସେହିପରି ଭାସି ଭାସି କୂଳରେ ଲାଗିଗଲୁ । ତେଣୁ ସର୍ବଦା ଗୁରୁଙ୍କ ଉପରେ ନିର୍ଭର କରିବା ଆବଶ୍ୟକ ।

ସ୍ୱପ୍ନ ଓ ମୃତ୍ୟୁ—

୧୩୦୪ ସାଲରେ ଦିନେ ରାତିରେ କୁମିଲ୍ଲାର ଜଣେ ଓକିଲ ସ୍ୱପ୍ନ ଦେଖିଲେ ଯେ, ଭୂମିକମ୍ପ ହେଉଛି । କମ୍ପନରେ ତାଙ୍କର ଶୋଇବା ଘର ଥରୁଛି । ସେ ଭୟରେ ଉପର ମହଲାର ତଳକୁ ଆସିବା ସମୟରେ କୋଠା ପାହାଚ ଭାଙ୍ଗି ପଡ଼ିଲା । ସେ ସେହି ଇଟା ଗଦା ତଳେ ଚାପି ହୋଇ ରହିଯାଇ ଭୟଙ୍କର ଯନ୍ତ୍ରଣା ଅନୁଭବ କରୁଛନ୍ତି, ଅଥଚ ପ୍ରାଣ ଯାଉନାହିଁ । ଏହିପରି ଅବସ୍ଥାରେ ପଡ଼ି ସେ ଗଁ ଗଁ ଶବ୍ଦ କରୁଛନ୍ତି । ତାଙ୍କର ସ୍ତ୍ରୀ ତାଙ୍କ ନିକଟରେ ଶୋଇଥିଲେ, ଗଁ ଗଁ ଶବ୍ଦ ଶୁଣି ସ୍ୱାମୀଙ୍କୁ ଜାଗ୍ରତ କରାଇଦେଲେ ।

ନିଦ୍ରାରୁ ଉଠି ଓକିଲ ମହାଶୟ ଚିନ୍ତା କରିବାକୁ ଲାଗିଲେ, ହାୟ ! ଏହି ସ୍ୱପ୍ନ ଯଦି ମହାସ୍ୱପ୍ନରେ ପରିଣତ ହୋଇଥାନ୍ତା, ତେବେ କି ଭୀଷଣ ଯନ୍ତ୍ରଣା ମୋତେ ଭୋଗ କରିବାକୁ ପଡ଼ିଥାନ୍ତା ! ସେତେବେଳେ ତ ମୋ ନିକଟରେ ସ୍ତ୍ରୀ ନ ଥାନ୍ତା ଯେ ମୋତେ ନିଦରୁ ଉଠାଇ ଦିଅନ୍ତା ! ମୃତ୍ୟୁ ପରେ ଯଦି ଏହିପରି ଅବସ୍ଥା ହୁଏ, ତେବେ ସେତେବେଳେ କିଏ ଜାଗ୍ରତ କରାଇଦେବ ? ସମ୍ଭବତଃ

ଦେହତ୍ୟାଗ ପରେ ଆତ୍ମାର ଅସ୍ତିତ୍ୱ ରହେ ଓ ତାହା ସୁଖ ଦୁଃଖ ଭୋଗ କରେ । ଏହି ମୋହନିଦ୍ରା ଭାଙ୍ଗିବାପାଇଁ ଗୁରୁକରଣ ଅବଶ୍ୟ କର୍ତ୍ତବ୍ୟ । ସେହି ଦିନଠାରୁ ସେ ଗୁରୁ ଅନ୍ୱେଷଣ କରୁ କରୁ 'ଯୋଗୀଗୁରୁ' ପୁସ୍ତକ ପାଇ ମୋ ନିକଟକୁ ଆସି ଦୀକ୍ଷିତ ହେଲେ । ସେ ପରଲୋକ ସମ୍ବନ୍ଧରେ ବହୁ ପୁସ୍ତକ ପ୍ରଣୟନ କରିଛନ୍ତି ଓ 'ଆର୍ଯ୍ୟଦର୍ପଣ'ରେ ଏ ବିଷୟରେ ପ୍ରବନ୍ଧମାନ ଦେଇଛନ୍ତି ।

ମୃତ୍ୟୁପରେ ମନୁଷ୍ୟର 'ମୁଁତ୍ୱ' ବା 'ଅହଂତ୍ୱ'ର ସ୍ମରଣ ହୁଏ ନାହିଁ । ଅର୍ଥାତ୍ ସେ ଯେ ମରିଛି, ଏ କଥା ତାର ଆଦୌ ସ୍ମରଣ ରହେ ନାହିଁ । ଯେପରି ସ୍ୱପ୍ନ ଦେଖୁଛି ବୋଲି ସ୍ୱପ୍ନ ଅବସ୍ଥାରେ ସ୍ମରଣ ହୁଏ ନାହିଁ, ମୃତ୍ୟୁ ପରେ ମଧ୍ୟ ସେହିପରି ହୁଏ । ମୃତ୍ୟୁପରେ କାମନାମୟ ଶରୀର ଧରି ସେ ଏଣେତେଣେ ବୁଲୁଥାଏ । ସେ ଯେତେବେଳେ ଦେଖେ ଯେ, ସେ ଅଛି, ତାର ପ୍ରିୟଜନମାନେ ଅଛନ୍ତି, କିନ୍ତୁ ସମସ୍ତେ ତାକୁ ଦେଖି ନ ଦେଖିଲାପରି ଭାବ ଦେଖାଉଛନ୍ତି, ପ୍ରୀତି ସମ୍ଭାଷଣ କରୁ ନାହାନ୍ତି, ସେତେବେଳେ ସେ ମନେ ମନେ ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କରେ । ଏହିପରି ଧକ୍କା ଖାଇ ଖାଇ ଶେଷରେ ତାର ଚୈତନ୍ୟ ଉଦୟ ହୁଏ । ଯମପୁର ବୋଲି କିଛି ନାହିଁ । ଏହି ଅବସ୍ଥାକୁ ବୁଝାଇବା ପାଇଁ ଯମପୁରର ଚିତ୍ର ଦିଆଯାଇଛି । ଯମ ଅର୍ଥ ନିୟମ ; ସବୁ ନିୟତି ଦ୍ୱାରା ପରିଚାଳିତ । ପ୍ରେତର କଷ୍ଟଭୋଗ ଯମପୁର ବର୍ଣ୍ଣିତ କଷ୍ଟ ଅନୁସାରେ ଅକ୍ଷରେ ଅକ୍ଷରେ ମେଳ ହୋଇଥାଏ । ଯାହାଙ୍କ ସଂସାର ପ୍ରତି ଆସକ୍ତି ଯେତେ ଅଧିକ, ସେ ସେହି ପରିମାଣରେ ଯମ ଯାତନା ଭୋଗ କରନ୍ତି । ଚୈତନ୍ୟଲାଭ ହେଲାକ୍ଷଣି ସେ କର୍ମଫଳ ଭୋଗ କରିବା ନିମିତ୍ତ ସ୍ୱର୍ଗକୁ ଗମନ କରିଥାନ୍ତି ।

ଜୀବର ଜନ୍ମଗ୍ରହଣ—

ମୁଁ—ଭଲ ମନ୍ଦ ଫଳ ତ ଜୀବ ସ୍ୱର୍ଗ ଓ ନରକରେ ଭୋଗ କଲା, ତେବେ ଆଉ କେଉଁ କର୍ମ ଭୋଗ ପାଇଁ ଜୀବ ପୁଣି ଜନ୍ମଗ୍ରହଣ କରେ ?

ଶ୍ରୀଶ୍ରୀ ଠାକୁର—କର୍ମ ତ୍ରିବିଧ—ସଞ୍ଚିତ, କ୍ରିୟମାଣ ଓ ପ୍ରାରବ୍ଧ । ଯାହା ପୂର୍ବରୁ ସଞ୍ଚିତ ଅଛି, ତାକୁ ସଞ୍ଚିତ କର୍ମ କୁହାଯାଏ । ଏହି ଜନ୍ମରେ କର୍ମ କରୁଛ ଓ ତାହାର ଫଳ ବର୍ତ୍ତମାନ ଭୋଗ କରୁଛ, ତାକୁ କ୍ରିୟମାଣ କର୍ମ କହନ୍ତି । ଯେଉଁ ସଞ୍ଚିତ କର୍ମର ଫଳଭୋଗ ଆରମ୍ଭ ହୋଇଗଲାଣି, ତାହାକୁ ପ୍ରାରବ୍ଧ କର୍ମ କୁହାଯାଏ ।

ଧର, ଜଣେ ଲୋକର ଖୁବ୍ ଭୋଗ କରିବାକୁ ଇଚ୍ଛା ହେଲା । ସେ କ୍ରିୟାମାଣ କର୍ମଦ୍ୱାରା ଭୋଗ୍ୟବସ୍ତୁ ସଂଗ୍ରହ କଲା, ଭୋଗ ବି କଲା, କିନ୍ତୁ ତୃପ୍ତ ହୋଇପାରିଲା ନାହିଁ । ସେହି ଅବସ୍ଥାରେ ସେ ମରିଗଲାପରେ ପରଲୋକସ୍ଥ ସ୍ୱର୍ଗ ଓ ନରକରେ ସେହିଗୁଡ଼ିକ ଭୋଗ କରିବ ।

ବର୍ତ୍ତମାନ କେତେକ ଭୋଗ କଲା, ପୁଣି ଆହୁରି ନୂତନ ଭୋଗର ବାସନା ଜାଗ୍ରତ ହେଲା । ସେଥିପାଇଁ ସେ କ୍ରିୟମାଣ କର୍ମଦ୍ୱାରା ଭୋଗ୍ୟବସ୍ତୁ ସଂଗ୍ରହ କଲା; ମାତ୍ର ଭୋଗ କରିବା ପୂର୍ବରୁ ଯଦି ତାହାର ଦେହ ତ୍ୟାଗ ହୋଇଗଲା ତାହାହେଲେ ସେହି ଭୋଗବାସନା ସଂଚିତ ହୋଇରହିଲା । ଏହି ସଂଚିତ କର୍ମଯୋଗୁ ପୁଣି ତାକୁ ଜନ୍ମଗ୍ରହଣ କରିବାକୁ ପଡ଼େ । ସଂଚିତ କର୍ମର ଭୋଗ ଆରମ୍ଭ ହେଲାମାତ୍ରେ ତାହା ପ୍ରାରବ୍ଧ ହୋଇଯାଏ ।

ଯେଉଁମାନେ କେବଳ ଭକ୍ତି ବ୍ୟତୀତ ଅନ୍ୟ କିଛି ଆଶା କରନ୍ତି ନାହିଁ, ସେମାନେ ପରଲୋକରେ ଏକାବେଳେକେ ନିତ୍ୟଧାମକୁ ଚାଲିଯାଆନ୍ତି । ସେମାନେ ସପ୍ତଲୋକକୁ ଅତିକ୍ରମ କରି ନିତ୍ୟଧାମକୁ ଚାଲିଯାଇ ଭଗବାନଙ୍କର ନିତ୍ୟସେବାରେ ନିଯୁକ୍ତ ହୁଅନ୍ତି । ସେମାନଙ୍କୁ ଆଉ କ୍ରମମୁକ୍ତିର ପଥରେ * ଗତି କରିବାକୁ ପଡ଼େ ନାହିଁ । କିନ୍ତୁ ଯେଉଁମାନଙ୍କର ମୁକ୍ତି ଇଚ୍ଛା କିମ୍ବା ଅନ୍ୟ କିଛି ଇଚ୍ଛା ଅଛି, ସେମାନେ କ୍ରମଅନୁଯାୟୀ ସପ୍ତଲୋକର ଫଳଭୋଗ କରି ଅବଶେଷରେ କ୍ରମମୁକ୍ତି ପଥରେ ଗମନ କରନ୍ତି । ତେଣୁ ଏହି ଜଗତରେ କେହି ଯଦି ଭକ୍ତ ହୋଇ ନ ପାରନ୍ତି, ତେବେ ସେ ପରଲୋକରେ ଭକ୍ତ ହୋଇପାରିବେ ନାହିଁ ।

---

* କ୍ରମମୁକ୍ତି ପଥର ବିଶଦ ବିବରଣ 'ପରକାଳ ପଥେ' (ଯନ୍ତସ୍ଥ) ନାମକ ପୁସ୍ତକରେ ଦ୍ରଷ୍ଟବ୍ୟ ।

ତେବେ ମୃତ୍ୟୁପରେ ଯେଉଁ ମୁକ୍ତିର କଥା ତୁମେମାନେ ଶୁଣିବାକୁ ପାଅ, ତାହାକୁ କ୍ରମମୁକ୍ତି କୁହାଯାଏ । କ୍ରମମୁକ୍ତି ପଥରେ ଯେଉଁମାନେ ଗମନ କରନ୍ତି, ସେମାନଙ୍କର ମୃତ୍ୟୁପରେ ମହର୍ଲୋକରେ ସର୍ବପ୍ରଥମେ ଜାଗରଣ ହୁଏ ଓ ଅନନ୍ତକାଳ ଧରି ଊର୍ଦ୍ଧ୍ୱକୁ ଗମନ କରି ଶେଷରେ ବ୍ରହ୍ମାଙ୍କ ସହିତ ଲୀନ ହୁଅନ୍ତି । ଏହାପରେ କଳ୍ପଶେଷରେ ବ୍ରହ୍ମାଙ୍କ ସହିତ ମୁକ୍ତିଲାଭ କରନ୍ତି ।

—ଶ୍ରୀଶ୍ରୀ ନିଗମାନନ୍ଦ କଥାସଂଗ୍ରହ ଦ୍ୱିତୀୟ ଖଣ୍ଡ

ପ୍ରଥମ ସଂସ୍କରଣ-୨୮ ପୃଷ୍ଠା—ଶ୍ରୀ ଶିଶିର କୁମାର ବସୁ ।

ମୁଁ—ଠାକୁର ! ଯେଉଁ ସପ୍ତଲୋକ କଥା ବର୍ଣ୍ଣନା କଲେ, ତାହା କାଳ୍ପନିକ ନା ଆମର ଏହି ପୃଥିବୀ ପରି ସତ୍ୟ ।

ଶ୍ରୀଶ୍ରୀ ଠାକୁର—ଏଗୁଡ଼ିକ କଳ୍ପିତ ନୁହନ୍ତି । ଠିକ୍ ଆମର ଏହି ପୃଥିବୀ ପରି ଅନୁଭବଗମ୍ୟ । ଆମେମାନେ ଆକାଶରେ ଯେପରି ଗ୍ରହ ନକ୍ଷତ୍ରଙ୍କୁ ଦେଖିପାରୁଛୁ, ସେହିପରି ସପ୍ତଲୋକର ସ୍ତରସବୁ ଗଠିତ । ପ୍ରତ୍ୟେକ ଲୋକର ପୃଥକ ସୂର୍ଯ୍ୟ, ପୃଥକ ଗ୍ରହ ନକ୍ଷତ୍ର ସବୁ ଅଛନ୍ତି । ଭଗବାନଙ୍କର ତ ଅନନ୍ତକୋଟି ବ୍ରହ୍ମାଣ୍ଡ ।

ଏହାପରେ ବିଶ୍ରାମ କରିବାକୁ ଶ୍ରୀଶ୍ରୀ ଠାକୁର ଉପରକୁ ଚାଲିଗଲେ ।

୧୭-୭-୩୪ ତାରିଖ—ମଙ୍ଗଳବାର

ଆଜି ଶ୍ରୀଶ୍ରୀ ଠାକୁର ଉପରବେଳା ସାନ୍ଧ୍ୟଭ୍ରମଣକୁ ଗଲେ ନାହିଁ । ନାନା ଆଲୋଚନା ଆରମ୍ଭ ହେଲା ।

ବନମାଳୀ ଭାଇ ପଚାରିଲେ—ଠାକୁର ! ହିମାଳୟରେ ତିନି ଚାରି ମାଇଲବ୍ୟାପୀ ଗୋଟିଏ ବିଦ୍ୟାପୀଠ ଅଛି । ସେଠାରେ ଗୁପ୍ତଭାବରେ ନାନାପ୍ରକାର ଶିକ୍ଷା ଦିଆଯାଉଅଛି । ଏହା କ'ଣ ସତ ?

ଋଷିସଂଘ—

ଶ୍ରୀଶ୍ରୀ ଠାକୁର—ନା, ହିମାଳୟରେ ସେପରି କିଛି ନାହିଁ । ଏ କଥାରେ ସତ୍ୟତା ନାହିଁ । କିନ୍ତୁ ହିମାଳୟରେ ଥିବା ଯୋଗୀ ଋଷିମାନଙ୍କର ଗୋଟିଏ ସଂଘ ଅଛି । ଯେତେବେଳେ ମୁସଲମାନମାନେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରି ହିନ୍ଦୁ ଶାସ୍ତ୍ରାଗାରମାନ ଭସ୍ମୀଭୂତ କରୁଥିଲେ, ସେତେବେଳେ ଋଷିମାନେ ସେହିସବୁ ଶାସ୍ତ୍ରକୁ ରକ୍ଷା କରିବାକୁ ଯାଇ ସେଗୁଡ଼ିକୁ ନେଇ ଗଭୀର ଅରଣ୍ୟରେ ଆଶ୍ରୟ ନେଲେ । ସେହିସବୁ ଗୁପ୍ତ ସ୍ଥାନରେ ହିନ୍ଦୁଶାସ୍ତ୍ରସକଳ ଅତି ଯତ୍ନରେ ରକ୍ଷିତ ହୋଇଅଛି । ଭାରତର ସୁଦିନ ହେଲେ ଉକ୍ତ ଶାସ୍ତ୍ରସକଳ ପୁଣି ଲୋକାଳୟକୁ ଫେରି ଆସିବ । ସେହି ଋଷିମାନେ ସମୟ ଓ ସୁବିଧା ଦେଖି ଜଣେ ଜଣେ ସାଧୁଙ୍କୁ ଆକର୍ଷଣ କରିନେଇ ଯଥାଯୋଗ୍ୟ ଶିକ୍ଷା ଦେଇ ଭାରତରେ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ସଦ୍‌ଗୁରୁରୂପେ ତାଙ୍କୁ ଲୋକାଳୟକୁ ପ୍ରେରଣ କରନ୍ତି । ବିଜୟକୃଷ୍ଣ ଗୋସ୍ୱାମୀ ମଧ୍ୟ ଏହିପରି ଭାବରେ ଆକର୍ଷିତ ହୋଇ ଶିକ୍ଷା ପାଇଥିଲେ । ମୁଁ ମଧ୍ୟ

ଆକର୍ଷିତ ହୋଇ ସୁମେରୁ ଦାସଜୀଙ୍କ ଠାରୁ ଶିକ୍ଷା ପାଇ ଫେରିଥିଲି ।

ସୁମେରୁ ଦାସଜୀଙ୍କ ପୂର୍ବଜୀବନୀ—

ମୁଁ—ଠାକୁର ! ସୁମେରୁ ଦାସଜୀ କ'ଣ ବର୍ତ୍ତମାନ ସୁଦ୍ଧା ଅଛନ୍ତି ? ତାଙ୍କର ବୟସ କେତେ ହେବ ? ସେ କିପରି ଭାବରେ ଋଷି ସଂଘରେ ଯୋଗ ଦେଲେ ?

ଶ୍ରୀଶ୍ରୀ ଠାକୁର—ହଁ, ସୁମେରୁ ଦାସଜୀ ବର୍ତ୍ତମାନ ସୁଦ୍ଧା ଅଛନ୍ତି । ତାଙ୍କର ବୟସ ଦେଢ଼ଶ ବର୍ଷରୁ ଅଧିକ ହେବ । ସୁମେରୁ ଦାସଜୀ ପ୍ରଥମରେ ରଣଜିତ ସିଂହଙ୍କର ସଭାସଦ୍ ଥିଲେ । ରଣଜିତଙ୍କ ପରେ ଦିଲୀପ ସିଂହ ଦ୍ୱିତୀୟ ଶିଖ ସମରରେ ପରାଜିତ ହେଲେ ଓ ନିର୍ବାସିତ ହୋଇ ବିଲାତ ଗଲେ । ସେତେବେଳେ ସୁମେରୁ ଦାସଜୀ ତାଙ୍କର ପ୍ରଧାନମନ୍ତ୍ରୀ ଥିଲେ । ସେ ମଧ୍ୟ ତାଙ୍କ ସହିତ ବିଲାତ ଗଲେ । ସେଠାରେ ଦିଲୀପ ସିଂହଙ୍କର ମତିଗତି ସାହେବୀ ଭାବରେ ବଦଳି ଯାଉଥିବାର ଦେଖି ସେ ଦିଲୀପଙ୍କୁ ପରିତ୍ୟାଗ କରି ଇଉରୋପର ନାନାସ୍ଥାନ ଭ୍ରମଣ କଲେ । ଶେଷରେ ଋଷିଆ ବାଟ ଦେଇ ତିବ୍ବତ ଆସି ଋଷି ସଂଘରେ ଯୋଗ ଦେଲେ । ପରେ ସେ ଯୋଗସିଦ୍ଧି ଲାଭ କରି ଗୁରୁଭାବରେ ଅବସ୍ଥାନ କଲେ ।

ନୃପଭାଇ—ଠାକୁର ! ମୁଁ ମାଡ଼ାମ୍ ବ୍ଲାଭାଟ୍‌ସ୍କିଙ୍କ ଜୀବନୀ ପଢ଼ିଥିଲି । ତାଙ୍କ ଗୁରୁଙ୍କ ନାମ ଥିଲା କୁଥମିଲାଲ ସିଂହ; ସେ ଦିଲ୍ଲୀପ ସିଂହଙ୍କର ପ୍ରଧାନମନ୍ତ୍ରୀ ଥିଲେ । ଆପଣ କହୁଛନ୍ତି ସୁମେରୁ ଦାସଜୀ ଦିଲ୍ଲୀପ ସିଂହଙ୍କର ପ୍ରଧାନମନ୍ତ୍ରୀ ଥିଲେ । ଏହା କିପରି କଥା ?

ଶ୍ରୀଶ୍ରୀ ଠାକୁର—ହଁ, ସୁମେରୁ ଦାସଜୀଙ୍କ ପୂର୍ବାଶ୍ରମର ନାମ କୁଥମିଲାଲ ସିଂହ ଥିଲା । ସେ ବ୍ଲାଭାଟସ୍କିଙ୍କୁ ସୂକ୍ଷ୍ମଭାବରେ ଦୀକ୍ଷାଦେଇ ଭାରତରେ ବ୍ରହ୍ମବିଦ୍ୟା ପ୍ରଚାର କରିବାକୁ ଆଦେଶ ଦେଇଥିଲେ । ମୁଁ ମଧ୍ୟ ପ୍ରଥମ ଅବସ୍ଥାରେ ଅଲ୍‌କଟ୍ ସାହେବଙ୍କ* ନିକଟରେ ମାନ୍ଦ୍ରାଜରେ ତିନିମାସ ରହି ତାଙ୍କଠାରୁ ଥିଓସଫି ଶିକ୍ଷା କରିଥିଲି । ମୁଁ ଅଳ୍ପ ସମୟ ଭିତରେ ପରଲୋକଗତ ଆତ୍ମା ଆନୟନ କରିପାରୁଥିଲି । ବିବେକାନନ୍ଦ, ରାମକୃଷ୍ଣ ଦେବଙ୍କ ଆତ୍ମା ମଧ୍ୟ ଅଣାଇ କଥୋପକଥନ କରିଥିଲି ।

---

* ପୂରାନାମ କର୍ଣ୍ଣେଲ୍ ହେନ୍‌ରୀ ଷ୍ଟିଲ୍ ଅଲ୍‌କଟ୍ ।

ସେମାନେ ଯାହା କହିଥିଲେ, ସେ କଥା ସବୁ ମଧ୍ୟ ସତ ହୋଇଥିଲା । ଋଷିଆର ସେନାପତିଙ୍କୁ ଦିନେ ଅଣାଇଥିଲି, ସେ ତାଙ୍କ ନିଜ ଭାଷାରେ କଥା କହିଥିଲେ । ମୁଁ ସେଗୁଡ଼ିକୁ ସେତେବେଳେ ସତ୍ୟ ବୋଲି ଭାବିଥିଲି । କିନ୍ତୁ ଯୋଗସିଦ୍ଧି ପରେ ଜାଣିଲି, ଏସବୁ ମିଥ୍ୟା । ପ୍ରକୃତ ଆତ୍ମା ଆସନ୍ତି ନାହିଁ । ମିଡ଼ିୟମ୍ ଆତ୍ମା ଅନ୍ୟ ପ୍ରଭାବରେ ସମ୍ମୋହିତ ହେବାରୁ ତା'ର ଟିକିଏ ଭବିଷ୍ୟତ ଦୃଷ୍ଟି ଖୋଲିଯାଏ । ତେଣୁ ତାର ଭବିଷ୍ୟତ ବାଣୀ ସତ୍ୟ ହୁଏ । ଯେଉଁମାନେ ଭଗବାନଙ୍କ ସହିତ ମିଶି ଯାଉଛନ୍ତି, ସେମାନେ ଏତେ ସହଜରେ ଆସିବେ କିପରି ? ମୁଁ ପରେ ଜାଣିଲି ଯେ, ଉକ୍ତ ସମ୍ପ୍ରଦାୟର ସ୍ଥାପୟିତା ମାଡ଼ାମ୍ ବ୍ଲାଭାଟ୍‌ସ୍କି ସୁମେରୁ ଦାସଜୀଙ୍କ ଶିଷ୍ୟା ଓ ମୋର ଗୁରୁଭଗ୍ନୀ ।

ନୃପଭାଇ—ଠାକୁର । ଆମର ଏଠାରେ କେତେଜଣ ମେସ୍‌ମେରିଜିମ୍ ପ୍ରକ୍ରିୟାଦ୍ୱାରା ରୋଗ ଆରୋଗ୍ୟ କରିଛନ୍ତି ?

ଇଚ୍ଛାଶକ୍ତି—

ଶ୍ରୀଶ୍ରୀ ଠାକୁର—ହଁ, ଇଚ୍ଛାଶକ୍ତି ବଳରେ ସ୍ୱାଭାବିକ ନିୟମରେ ରୋଗ ଆରୋଗ୍ୟ ହୋଇପାରେ । ସେହି ଇଚ୍ଛାଶକ୍ତି ବଳରେ ରୋଗ ଆରୋଗ୍ୟ ହୋଇପାରେ, ଅସତ୍‌ଚରିତ୍ର ବ୍ୟକ୍ତି ସତ୍‌ଚରିତ୍ର ହୋଇପାରନ୍ତି । ବର୍ତ୍ତମାନ ଅନେକ ଡାକ୍ତର ମେସ୍‌ମେରିଜିମ୍ ପ୍ରକ୍ରିୟାଦ୍ୱାରା ଅପରେସନ କରୁଛନ୍ତି । ଏହି ଇଚ୍ଛାଶକ୍ତି ବଳରେ ଦାବଦଗ୍ଧ ଆକାଶରେ ନବୀନ ନୀରଦ ସୃଷ୍ଟି କରାଯାଇପାରେ । କାଷ୍ଠକୁ ସ୍ୱର୍ଣ୍ଣରେ ପରିଣତ କରାଯାଇପାରେ । ମୋର ଜଣେ ଶିଷ୍ୟ ମୋଠାକୁ ଆସିବା ପୂର୍ବରୁ ସେ ଦୁଇଶହ ଲୋକଙ୍କୁ ସମ୍ମୋହିତ କରିପାରିବାର ଶକ୍ତି ଅର୍ଜ୍ଜନ କରିଥିଲା । ସେ ମାୟା କ'ଣ ବୁଝିପାରୁ ନଥାଏ । ଦିନେ ସେ ତା'ର ଉଦ୍ୟାନ ମଧ୍ୟରେ ଗୋଟିଏ ବାଳକକୁ ସମ୍ମୋହିତ କରି କହିଲା—ଦେଖ, ସମ୍ମୁଖରେ ପୁଷ୍କରିଣୀ । ଏହା ଶୁଣିବାମାତ୍ରେ ବାଳକଟି ଅନୁଭବ କଲା ଯେ, ପ୍ରକୃତରେ ପୁଷ୍କରିଣୀ । ତେଣୁ ସେ ହାତ ଗୋଡ଼ ବାଡ଼େଇ ପହଁରିବାକୁ ଆରମ୍ଭ କଲା । ଏହା ଦେଖି ସମ୍ମୋହନକାରୀ ହସିବାକୁ ଲାଗିଲା । କିନ୍ତୁ ସଙ୍ଗେ ସଙ୍ଗେ ସେ ଭାବିଲା, ଏହାକୁ ତ ମାୟା କୁହାଯାଏ । ଏ ବାଳକକୁ ମୁଁ ସମ୍ମୋହିତ କରିଥିବାରୁ ସିନା ସେ ମିଥ୍ୟାକୁ ସତ୍ୟ ବୋଲି ଜ୍ଞାନ କରୁଛି ! ନିଜର ସ୍ୱରୂପ ବୁଝିପାରୁ ନାହିଁ ! ସେହିପରି ଆମେ ବ୍ରହ୍ମ;

କିନ୍ତୁ ମାୟାଦ୍ୱାରା ସମ୍ମୋହିତ ହୋଇ ନିଜକୁ ଚିହ୍ନିପାରୁ ନାହୁଁ । ମିଥ୍ୟାକୁ ସତ୍ୟଜ୍ଞାନ କରୁଛୁ । ଏହା ଦେଖି ତା'ର ମନେହେଲା ଯେ କିଏ ଏହି ମାୟାର ସମ୍ମୋହନ ଦୂର କରିପାରିବ ? ସମ୍ଭବତଃ ଏହି ମାୟା ଅପନୋଦନ କରିବାପାଇଁ ଗୁରୁ ଆବଶ୍ୟକ । ସେହିଦିନଠାରୁ ସେ ଗୁରୁ ଅନ୍ୱେଷଣ କରି 'ଯୋଗୀଗୁରୁ' ପାଠ କଲାପରେ ମୋ ନିକଟକୁ ଆସି ଦୀକ୍ଷିତ ହେଲା । ସେ ଅନେକ ଭଲ ଭଲ ବହି ଲେଖିଛି ।

ଏହି ସମ୍ମୋହନ ଶକ୍ତି ସାହାଯ୍ୟରେ ସମସ୍ତ ଅସମ୍ଭବ ସମ୍ଭବ ହୋଇଥାଏ । ସମ୍ମୋହନର ଶକ୍ତି ଆମ୍ଭମାନଙ୍କର ସ୍ୱାଭାବିକ । ଜଣେ ବଡ଼ ନେତାଙ୍କ କଥାକୁ ହଜାର ହଜାର ଲୋକ ମନ୍ତ୍ରମୁଗ୍ଧ ପରି ଶୁଣୁଥାନ୍ତି । ଜଣେ ଜଣେ ମୁନିବ ଶହଶହ ଲୋକଙ୍କୁ ପରିଚାଳିତ କରୁଥିବାର ଦେଖାଯାଏ । ଏହା ମୂଳରେ ସେହି ସମ୍ମୋହନ ଶକ୍ତି ବିରାଜିତ । ଯାହାର ଚରିତ୍ର ଯେତେ ଶୁଦ୍ଧ, ସେ ଏ ଶକ୍ତିକୁ ସେହି ପରିମାଣରେ ଆୟତ୍ତ କରିପାରିଛନ୍ତି । କାରଣ ଆମମାନଙ୍କ ବିଭିନ୍ନମୁଖୀ ଇଚ୍ଛା ଯୋଗୁ କିଛି ହୋଇପାରେ ନାହିଁ; ଯଦି ଏହି ବିଭିନ୍ନମୁଖୀ ବିକ୍ଷିପ୍ତ ଇଚ୍ଛାଶକ୍ତିକୁ କେନ୍ଦ୍ରୀକୃତ କରାଯାଏ, ତେବେ ମନ ଅସୀମ ଶକ୍ତିସମ୍ପନ୍ନ ହୋଇଯିବ ।

ଭଗବାନଙ୍କଠାରେ ଏହି ସମ୍ମୋହନଶକ୍ତି ପୂର୍ଣ୍ଣମାତ୍ରାରେ ବିରାଜିତ । ମୁନି, ଋଷିମାନଙ୍କୁ ମଧ୍ୟ ଭଗବାନ ବୋଲି କୁହାଯାଇଥାଏ । ଯେପରି ଭଗବାନ ରାମକୃଷ୍ଣ, ଭଗବାନ ବଶିଷ୍ଠଦେବ ଇତ୍ୟାଦି । କାରଣ ଭଗବାନଙ୍କର ଶକ୍ତି ଏମାନଙ୍କଠାରେ ନିହିତ । ଶ୍ରୀରାମଚନ୍ଦ୍ର ପଥରକୁ ଛୁଇଁବା ମାତ୍ରକେ ତାହା ନାରୀ ମୂର୍ତ୍ତି ଧାରଣ କଲା । ତାହା ଏହି ଶକ୍ତି ପ୍ରଭାବରେ ସମ୍ଭବ ହେଲା । ଭଗ ଅଛି ଯାହାଙ୍କର ସେ ଭଗବାନ । ଭଗ ଅର୍ଥାତ୍—

ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ ବୀର୍ଯ୍ୟଶ୍ୟଯଶସ୍ୟଶ୍ରିୟଃ ।
ଜ୍ଞାନବୈରାଗ୍ୟୟୋଶ୍ଚାପି ଷଣ୍ଣାଂ ଭଗ ଇତ୍ୟଙ୍ଗନା ॥

ଅର୍ଥାତ୍ ସମଗ୍ର ଐଶ୍ୱର୍ଯ୍ୟ, ସମଗ୍ର ବୀର୍ଯ୍ୟ, ସମଗ୍ର ଯଶ, ସମଗ୍ର ଶ୍ରୀ, ସମଗ୍ର ଜ୍ଞାନ, ସମଗ୍ର ବୈରାଗ୍ୟକୁ 'ଭଗ' କୁହାଯାଏ । ଏହି ଷଡ଼୍ବିଧ ପଦାର୍ଥ ସମ୍ପୂର୍ଣ୍ଣଭାବରେ ଓ ଅପ୍ରତିହତ ରୂପରେ ଯାହାଙ୍କଠାରେ ବିଦ୍ୟମାନ, ତାଙ୍କୁ 'ଭଗବାନ' କୁହାଯାଏ ।

ଯେଉଁମାନେ ସଦ୍‌ଗୁରୁ, ସେମାନଙ୍କଠାରେ ମଧ୍ୟ ଏହି ଶକ୍ତି ପ୍ରଭୂତ ପରିମାଣରେ ଥାଏ । କିନ୍ତୁ ସେମାନେ ତାହା ପ୍ରକାଶ ନ କରି ଯଥାସାଧ୍ୟ ଗୋପନ

କରନ୍ତି । ଗୁରୁଙ୍କର ଯେଉଁ ସାମୟିକ ବିଭୂତି ପ୍ରକାଶ ହୋଇଥାଏ, ତାହା ତାଙ୍କର ଇଚ୍ଛାଧୀନ ନୁହେଁ । ସଦ୍‌ଗୁରୁ ଦେହରକ୍ଷା କରିବା ପରେ ତାଙ୍କର ସମସ୍ତ ଶକ୍ତି ଓ ବିଭୂତିର କଥା ଶିଷ୍ୟଭକ୍ତମାନେ ପ୍ରକାଶ କରନ୍ତି । ଗୁରୁଙ୍କଠାରେ ମଧ୍ୟ ସମ୍ମୋହନଶକ୍ତି ପୂର୍ଣ୍ଣମାତ୍ରାରେ ବିରାଜିତ । ଅନ୍ୟଥା ଜଣେ ଜଣେ ଗୁରୁ ହଜାର ହଜାର ଶିଷ୍ୟଙ୍କୁ ବଶୀଭୂତ କରିପାରନ୍ତେ କିପରି ? ଅନେକ ବିଦ୍ୟାବୁଦ୍ଧି ସମ୍ପନ୍ନ ଲୋକ ଗୁରୁଙ୍କ ନିକଟକୁ ଆସି ଯେ କିଛି କହିପାରନ୍ତି ନାହିଁ, ତାହା ଏହି ସମ୍ମୋହନ ଶକ୍ତି ପ୍ରଭାବରେ । କିନ୍ତୁ ଏହି ଶକ୍ତିକୁ ଲୋକଙ୍କ ଉପକାର ଦିଗରେ ପ୍ରୟୋଗ କରିବା ଆବଶ୍ୟକ ।

ଭାରତର ଉନ୍ନତି ଓ ସ୍ୱାଧୀନତା—

ବନମାଳୀ ଭାଇ—ଠାକୁର, ଆମ ଯୋଗୀଋଷିଙ୍କର ଏ ଦେଶ ଭାରତ କ'ଣ ଏହିପରି ଚିରକାଳ ପତିତ ହୋଇ ରହିଥିବ ? ଆଉ କେବେ କ'ଣ ଉନ୍ନତ ହେବ ନାହିଁ ? ଏହା ଆମର କେଉଁ ପାପର ଫଳ ?

ଶ୍ରୀଶ୍ରୀ ଠାକୁର—ଏ ପାପ ବ୍ୟଷ୍ଟିଗତ ନୁହେଁ, ଏହା ସମଷ୍ଟିଗତ ପାପର ଫଳ । ଭାରତର ପତନ ଭଗବାନଙ୍କ ଇଚ୍ଛାରେ ହୋଇଛି । ପତନ ନ ହେଲେ ଉତ୍‌ଥାନ ଅସମ୍ଭବ । ମନେକର ଚାଷଜମି; ତାହାର ଉର୍ବରାଶକ୍ତି ଅଧିକ ଥିବାବେଳେ ପ୍ରଚୁର ଶସ୍ୟ ଉତ୍ପନ୍ନ ହୁଏ । କ୍ରମେ କ୍ରମେ ତାହାର ଏ ଉର୍ବରାଶକ୍ତି କମିଯାଏ, ଶେଷରେ ଜମି ଏକାବେଳକେ ଅନୁର୍ବର ହୋଇ ଶସ୍ୟ ଉତ୍ପାଦନ କ୍ଷମତା ହରାଇ ବସେ । ଯଦି ଉକ୍ତ ଜମିକୁ ଦୁଇ ଚାରି ବର୍ଷ ପଡ଼ିଆ ରଖାଯାଏ, ତେବେ ତାହାର ଉର୍ବରାଶକ୍ତି ପୁଣି ଫେରିଆସେ । ସେହିପରି ଭାରତ ଦିନେ ଉନ୍ନତିର ଚରମ ସୀମାକୁ ଉଠିଥିଲା । ପ୍ରାକୃତିକ ନିୟମରେ ତାହାର ପତନ ଅବଶ୍ୟମ୍ଭାବୀ । ଯଦି ପତିତ ନହେବ, ତେବେ ପୁଣି ଉନ୍ନତି ହେବ ନାହିଁ । ଏ ପତନ ଭଗବାନଙ୍କ ଇଚ୍ଛାରେ ଘଟିଛି ।

ଯୋଗୀଋଷିମାନେ ଇଚ୍ଛାକଲେ ମୁହୂର୍ତ୍ତକରେ ଏହାର ପରିବର୍ତ୍ତନ କରିଦେଇ ପାରନ୍ତେ । ମାତ୍ର ସେମାନଙ୍କ ଇଚ୍ଛା ଯେ ଭଗବାନଙ୍କ ଇଚ୍ଛା ସହିତ ମିଳିତ ! ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିବାକୁ ଗଲେ ଅସୁରଙ୍କ ପରି କାର୍ଯ୍ୟ କରିବାକୁ ହେବ । ତେବେ କେତେବେଳେ କ'ଣ ଘଟିବ, ଯୋଗୀଋଷିମାନେ

ତାହା ସବୁ ଜାଣନ୍ତି । ମୁଁ ଜାଣେ ଭାରତ ଅଳ୍ପଦିନ ଭିତରେ ଖୁବ୍ ଉନ୍ନତ ହୋଇ ଉଠିବ । ପାଶ୍ଚାତ୍ୟ ଜଗତର ଜଡ଼ବିଜ୍ଞାନର ଦାନ କଳକାରଖାନା ପାଶ୍ଚାତ୍ୟବାସୀଙ୍କୁ ଶାନ୍ତି ଦେଇପାରିବ ନାହିଁ । ସେମାନେ ବଳେ ବଳେ ଭାରତ ଦୁଆରେ ଶାନ୍ତିର ଭିକାରି ହୋଇ ଠିଆ ହେବେ । ଯେପରି ଭାରତର ସମସ୍ତ ଜାତି ଦିନେ ବ୍ରାହ୍ମଣମାନଙ୍କର ପଦାନତ ଥିଲେ, ସେହିପରି ସମଗ୍ର ଜଗତ ଭାରତର ପଦାନତ ହେବ । ସ୍ୱାଧୀନତା ଆମମାନଙ୍କୁ ମାଗିବାକୁ ହେବ ନାହିଁ, ସେମାନେ ଆପେ ଆପେ ଯାଚି କରି ସ୍ୱାଧୀନତା ଦେଇ ଦେବେ । ଭାରତ ସେମାନଙ୍କର ଧର୍ମଗୁରୁ ହୋଇ ରହିବ ।

ଅନ୍ନଦା—ଠାକୁର, ଏ ସବୁ କେତେ ଦିନ ପରେ ହେବ ?

ଶ୍ରୀଶ୍ରୀ ଠାକୁର—ଖୁବ୍ ନିକଟରେ ।

ସବୁ ଭଗବାନଙ୍କ ଇଚ୍ଛାରେ ହେଉଛି—

ବନମାଳୀ ଭାଇ—ଠାକୁର ! ପାଶ୍ଚାତ୍ୟବିଜ୍ଞାନ ବଳରେ ପାଣିରୁ ଚିନି ତିଆରି ହେଲାଣି ।

ଶ୍ରୀଶ୍ରୀ ଠାକୁର—କେବଳ ପାଣିରୁ ଚିନି କାହିଁକି, ଆଲକାତରାରୁ ଗୋଟିଏ ମୂଲ୍ୟବାନ୍ ଜିନିଷ ବାହାର କରାଯାଉଛି । ଏସବୁ ସେମାନଙ୍କର ଶକ୍ତି ନୁହେଁ । ସବୁ ଶକ୍ତି ଭଗବାନଙ୍କଠାରୁ ସେମାନେ ପାଇଛନ୍ତି । ଏହା ସବୁ ଭଗବତ୍ ବିଧାନ ବଳରେ ସଂଘଟିତ ହେଉଅଛି । ତଥାପି ଜଡ଼ବିଜ୍ଞାନରେ ସେମାନେ ଶାନ୍ତି ପାଇପାରିବେ ନାହିଁ । କୌଣସି ବ୍ୟକ୍ତି ମଧ୍ୟ ଏହାର ଗତିରୋଧ କରିପାରିବ ନାହିଁ । ବିବେକାନନ୍ଦ ସ୍ୱାମୀ କହୁଥିଲେ, କଳାପାହାଡ଼ ହିନ୍ଦୁମାନଙ୍କ ପ୍ରତି ଏତେ ଅତ୍ୟାଚାର କଲା, ମୁଁ ଥିଲେ କଦାପି କରାଇଦେଇ ନ ଥାନ୍ତି । ଆରେ ବାବା ! କଳାପାହାଡ଼ର କି ଶକ୍ତି ଥିଲା ଯେ, ସେ ଏପରି ଅତ୍ୟାଚାର କରିପାରି ଥାଆନ୍ତା ! ନିଜେ ଭଗବାନ ହିନ୍ଦୁମାନଙ୍କର ଜଡ଼ବୁଦ୍ଧି ନଷ୍ଟ କରିବା ନିମିତ୍ତ ଏପରି କରିଥିଲେ ।

କାଶୀରେ ଭାସ୍କରାନନ୍ଦ ସରସ୍ୱତୀ ନାମରେ ଜଣେ ଯୋଗୀ ଥିଲେ । ଦିନେ ଲର୍ଡ଼ ଅକ୍‌ଲାଣ୍ଡ ଆଫଗାନ ସମର ଜୟ କରି ଭାସ୍କରାନନ୍ଦ ସ୍ୱାମୀଙ୍କୁ ଦେଖିବାକୁ ଯାଇଥିଲେ । ସାହେବ ନିଜର ବୀରତ୍ୱ ବର୍ଣ୍ଣନା କରି ସ୍ୱାମୀଜୀଙ୍କୁ ନିଜର ଶକ୍ତିମତ୍ତାର ପରିଚୟ ଦେଲେ । ସ୍ୱାମୀଜୀ ଧୀରଭାବରେ କହିଲେ—ତୁମର କି ଶକ୍ତି ? ସବୁ

ଭଗବାନଙ୍କ ଇଚ୍ଛାରେ ହେଉଛି । ଏହା ଶୁଣି ସାହେବ ଉପହାସ କରି ଉତ୍ତର ଦେଲେ । ସ୍ୱାମୀଜୀ ସାହେବଙ୍କୁ କହିଲେ, ଆଚ୍ଛା ତୁମର ଯଦି ଏତେ ଶକ୍ତି ଅଛି, ଏ ପେନ୍‌ସିଲ ଖଣ୍ଡିକ ଉଠାଅ ଦେଖି ! ଏହା କହି ଖଣ୍ଡିଏ ପେନ୍‌ସିଲ ମାଟିରେ ପୋତିଦେଲେ । ସାହେବ ନିଜର ସମସ୍ତ ଶକ୍ତି ବ୍ୟୟ କରି ମଧ୍ୟ ଉକ୍ତ ପେନ୍‌ସିଲ ଖଣ୍ଡିକ ଉଠାଇବାକୁ ଅକୃତକାର୍ଯ୍ୟ ହେଲେ ।

ଆଉ ଦିନେ ସ୍ୱାମୀଜୀ ଜଣେ ଶିଷ୍ୟକୁ ବୁଝାଇବା ଉଦ୍ଦେଶ୍ୟରେ ନିଜ ଦେହକୁ ଅଣୁ ଅଣୁ କରି ଉଡ଼ାଇ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।

ଏ ସମସ୍ତ ଶକ୍ତି ସଦ୍‌ଗୁରୁଙ୍କଠାରେ ପୂର୍ଣ୍ଣମାତ୍ରାରେ ଥିଲେ ମଧ୍ୟ ସେମାନେ ଭଗବାନଙ୍କ ଇଚ୍ଛାବିରୁଦ୍ଧରେ ତାହା ପ୍ରୟୋଗ କରନ୍ତି ନାହିଁ । ନକଲେ ମଧ୍ୟ ସେମାନଙ୍କର ଏସବୁ କରିବାର ଶକ୍ତି ଯଥେଷ୍ଟ ଅଛି । ସଦ୍‌ଗୁରୁ ଇଚ୍ଛା ନ କଲେ ମଧ୍ୟ ଅନେକ ସମୟରେ ଐଶ୍ୱର୍ଯ୍ୟ ପ୍ରକାଶିତ ହୋଇପଡ଼େ । ସେମାନେ ଇଚ୍ଛା କରି ଯେ ଏପରି ଐଶ୍ୱର୍ଯ୍ୟ ଦେଖାନ୍ତି ତାହା ନୁହେଁ । ତାହା ମନକୁ ମନ ଫୁଟିଉଠେ ।

ଅନ୍ନଦା—ବ୍ରହ୍ମା, ବିଷ୍ଣୁ ପ୍ରଭୃତି ଦେବତାମାନଙ୍କୁ ପୂଜା ନ କରି କେବଳ ଗୁରୁଙ୍କୁ ପୂଜା କରିହେବ ତ ?

ଶ୍ରୀଶ୍ରୀ ଠାକୁର—ଗୁରୁ ଯଦି ସଗୁଣ ହୋଇଥାନ୍ତି ତେବେ ଦେବଦେବୀ ପୂଜା ଆବଶ୍ୟକ । କିନ୍ତୁ ନିର୍ଗୁଣ ହେଲେ ଦେବଦେବୀ ପୂଜାର କିଛିମାତ୍ର ଆବଶ୍ୟକତା ନାହିଁ । ସେପରି ଗୁରୁଙ୍କର ଦେବଦେବୀ ଆଜ୍ଞାବହ ।

ପୁଣି ଦେଖ, ଗୁରୁ କେବେ କାହାକୁ ଦୁଃଖ ଦିଅନ୍ତି ନାହିଁ । ସେ ସର୍ବଦା ଜୀବକୁ ମଙ୍ଗଳପଥକୁ ଆକର୍ଷଣ କରୁଛନ୍ତି । ଏଥିପାଇଁ ସେ ସଦ୍‌ଗୁରୁ, ସେ ସବୁଠାରୁ ଶ୍ରେଷ୍ଠ ।

୨୮-୭-୩୪ ତାରିଖ—ଶନିବାର

ଆଜି ଶ୍ରୀଶ୍ରୀ ଠାକୁରଙ୍କ ସହିତ କଥାବାର୍ତ୍ତା କରିବାର ସୌଭାଗ୍ୟ ଘଟିଥିଲା । ବନମାଳୀ ଭାଇ ପଚାରିଲେ—ଠାକୁର ! ଅନ୍ତରର ଅନୁଭୂତି କ୍ରମେ କ୍ରମେ ବନ୍ଦ ହୋଇ ଆସୁଛି, ଖୋଲୁ ନାହିଁ ।

ଶ୍ରୀଶ୍ରୀ ଠାକୁର—ଅନୁଭୂତି କିଛିଦିନ ଚାପି ହୋଇ ରହୁ, ସେଥିରେ କିଛି ଯାଏ ଆସେ ନାହିଁ । ତୁମେ କ୍ରିୟା କରିଯାଅ ।

ବନମାଳୀ ଭାଇ—କ୍ରିୟା କରିବା ସମୟରେ ନିଶ୍ୱାସ ନେବା ବେଳକୁ ଟିକିଏ ବାଧା ପାଉଛି ।

ଶ୍ରୀଶ୍ରୀ ଠାକୁର—ସେଥିରେ କ୍ଷତି ନାହିଁ । ସ୍ୱାଭାବିକ ନିଶ୍ୱାସରେ କ୍ରିୟା କରିବାକୁ ହେବ । ଜପର ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ନିଶ୍ୱାସ ଛୋଟ ହୋଇ ଆସି ନାସାଭ୍ୟାନ୍ତରଚାରିଣୀ ହୋଇଯିବ । ମୋର ତ ନିଃଶ୍ୱାସ ବାହାରକୁ ଆସେ ନାହିଁ, ସର୍ବଦା ଅର୍ନ୍ତମୁଖୀ ରହିଥାଏ ।

ବନମାଳୀ ଭାଇ—ଠାକୁର, ଆପଣଙ୍କ ନିକଟକୁ ଆସିଲା ମାତ୍ରେ ମୋର କିଛି ଜ୍ଞାନ ରହେ ନାହିଁ । ଯାହା କହିବି ବୋଲି ଭାବିଥାଏ ସେ ସବୁ ପାସୋର ହୋଇଯାଏ କାହିଁକି ? ଆମ ଦ୍ୱାରା କିଛି ହେବ ନାହିଁ ବୋଲି ମୋର ଧାରଣା ।

ଶ୍ରୀଶ୍ରୀ ଠାକୁର ହସି ହସି କହିଲେ—ସେ ତ ଭଲ କଥା । ସବୁ କଥା ଗୁରୁଙ୍କୁ ଅନ୍ତର ମଧ୍ୟରେ ମନେ ମନେ ଜଣାଇବ । ସ୍ଥୁଳଭାବରେ କହିବାର କିଛି ପ୍ରୟୋଜନ ନାହିଁ । ଗୁରୁ ତୁମର ବାହାରେ ନାହାନ୍ତି । ସେ ସର୍ବଦା ତୁମ ଅନ୍ତରରେ ବୋଲି ଜାଣି ମନେ ମନେ ନିବେଦନ କଲେ ଫଳ ପାଇବ ।

୨୩-୮-୩୪ ତାରିଖ—ଗୁରୁବାର

କାଲି ଶ୍ରୀଶ୍ରୀ ଠାକୁରଙ୍କର ଜନ୍ମୋତ୍ସବ । ଆମେମାନେ ସେହି ପବିତ୍ର ଉତ୍ସବଟି ପାଳନ କରିବାକୁ ସ୍ଥିର କରି ଉତ୍ସବ ଦିନ ପୂଜା କରିବାପାଇଁ ଅନୁମତି ଦେବାକୁ ଶ୍ରୀଶ୍ରୀ ଠାକୁରଙ୍କୁ ଅନୁରୋଧ କଲୁ । ଆମପକ୍ଷରୁ ବନମାଳୀ ଭାଇ ଠାକୁରଙ୍କୁ କହିଲେ—ଠାକୁର ! କାଲି ଜନ୍ମୋତ୍ସବ; ଆମେମାନେ ଆପଣଙ୍କୁ ଏଠାରେ ପୂଜା କରିବୁ ।

ଶ୍ରୀଶ୍ରୀ ଠାକୁର—ତୁମ ଠାକୁରଙ୍କୁ ତୁମେ ପୂଜା କରିବ, ସେଥିରେ ମୋର କ'ଣ ଅଛି ? କିନ୍ତୁ ମୁଁ ଲୋକମାନଙ୍କ ସଙ୍ଗରେ ମିଳାମିଶା ଛାଡ଼ି ଦେଇଛି । ମୋର ପୂର୍ବର ସ୍ନେହଭାବ ବର୍ତ୍ତମାନ ନାହିଁ । ମୁଁ ଯେତେବେଳେ ସମାଧିରୁ ଫେରି ଲୋକାଳୟକୁ ଆସିଲି, ସେତେବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଲିଙ୍ଗନ କରୁଥିଲି, ସେମାନଙ୍କ ପ୍ରତି ମୋର ଅଗାଧ ବିଶ୍ୱାସ ଓ ସ୍ନେହ ଥିଲା । କିପରି ସେମାନଙ୍କର ମଙ୍ଗଳ ହେବ, ସେହି ଚିନ୍ତାରେ ଦିନରାତି କଟିଯାଉଥିଲା । କିନ୍ତୁ ଯେଉଁମାନଙ୍କ ପ୍ରତି ମୁଁ ଏତେ ସ୍ନେହ ଦେଖାଇଲି, ସେମାନେ ତାର ପ୍ରତିଦାନରେ ମୋ ସହିତ

ବିଶ୍ୱାସଘାତକତା କଲେ । କେହି ମୋର ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ । ସବୁଠାରୁ ମୋର ଯେ ଅନ୍ତରଙ୍ଗ ଭକ୍ତ, ଯେଉଁମାନଙ୍କୁ ନେଇ ମୁଁ ସଂସାର କରୁଥିଲି, ସେମାନେ ବିଶେଷ ଭାବରେ ମୋ ସହିତ କପଟତା କଲେ । ମୋର ଧାରଣା ଥିଲା ଯେ, ମୁଁ ଗୁରୁ; ସେମାନେ ଶିଷ୍ୟ, ମୋ ସହିତ କପଟତା କରିବା ଅସମ୍ଭବ । କିନ୍ତୁ ସେମାନଙ୍କ ବ୍ୟବହାରରେ ମୋ ହୃଦୟ କଠିନ ହୋଇଯାଉଛି । ପୂର୍ବର ସ୍ନେହ ଆଉ ନାହିଁ । ତେଣୁ ଲୋକସମାଗମ ମୋତେ ସୁଖ ଲାଗୁ ନାହିଁ । ନିର୍ଜ୍ଜନରେ ରହିବାକୁ ସର୍ବଦା ମନହେଉଛି । କିନ୍ତୁ ଯେଉଁମାନେ ନିତ୍ୟାନ୍ତ ନ ଛାଡ଼ନ୍ତି, ଆଉ କ'ଣ କରିବି, ବାଧ୍ୟହୋଇ ସେମାନଙ୍କଠାରୁ ପୂଜା ଗ୍ରହଣ କରେ । ଉପରୋକ୍ତ ସେହିମାନଙ୍କ ବ୍ୟବହାରରେ ମୁଁ ଏପରି ଅଶାନ୍ତି ବୋଧ କରୁଛି ଯେ, ପୁରୀ ଆସି ମଧ୍ୟ ଶାନ୍ତିରେ ରହିପାରିଲି ନାହିଁ । ତେଣୁ ମୁଁ ନିଜେ ନିଜ ଉପରେ ରାଗ କରେ । କାରଣ ମୁଁ ନିଜେ ଯଦି ଉପଯୁକ୍ତ ଗୁରୁ ହୋଇଥାଆନ୍ତି, ତେବେ ମୋ ନିକଟକୁ ଆସି ମଧ୍ୟ ଏମାନେ କ'ଣ ଏପରି ବିଶ୍ୱାସଘାତକତା କରନ୍ତେ ?

ମଠ କଥା ଶୁଣିଛ ? ମୋର ଏକନିଷ୍ଠ ଭକ୍ତ ଓ କର୍ମୀ ସେବକ—ବ୍ୟକ୍ତିଗତ କାରଣ ନେଇ କି ବିଭ୍ରାଟ ମଠରେ ସୃଷ୍ଟ ନ କଲା ? ଏହି ଦଶ ବାର ଦିନ ହେବ ତାହାର ମୀମାଂସା ହୋଇଛି । ଜଣେ ଶିଷ୍ୟକୁ ଏମ୍.ଏ. ପର୍ଯ୍ୟନ୍ତ ଶିକ୍ଷା ଦେଇ ମଠର ସର୍ବମୟ କର୍ତ୍ତା କଲି । ସେ ମଧ୍ୟ ବିଶ୍ୱାସଘାତକତା କରି ପ୍ରେସ୍‌ଟିକୁ ସର୍ବସ୍ୱାନ୍ତ କରିଦେଲା । ଅବଶେଷରେ କ୍ଷମା ମାଗିବାରୁ ମୁଁ ତାକୁ ଛାଡ଼ିଦେଲି । ହାଲିସହର ଆଶ୍ରମର ଜଣେ ସେବକ ଆଶ୍ରମରୁ ଯାଇ ଚାକିରି କଲାଣି । ସେବକମାନେ ମଧ୍ୟ ମୋ ସହିତ ସାକ୍ଷାତ କରାଇଦେବାକୁ ଭକ୍ତମାନଙ୍କଠାରୁ ଉତ୍କୋଚ ନେଇଥିବାର ଜଣାଯାଇଛି ।

ପ୍ରଶ୍ନ—ଏପରି ଘଟିବାର କାରଣ କ'ଣ ?

ଶ୍ରୀଶ୍ରୀ ଠାକୁର—ତା'ର କାରଣ ହେଉଛି, ସମସ୍ତେ ତ ତ୍ୟାଗବୈରାଗ୍ୟ ନେଇ ସଂସାର ତ୍ୟାଗ କରିନଥାନ୍ତି ! ସଂସାରର ନାନାପ୍ରକାର ଘାତ-ପ୍ରତିଘାତରେ ପଡ଼ି ସଂସାର ତ୍ୟାଗ କରି ଆସିଥାନ୍ତି । ଯେତେବେଳେ ଆଶ୍ରମରେ ରହି ସନ୍ନ୍ୟାସୀ ବୋଲି ଟିକିଏ ସମ୍ମାନ ପାଆନ୍ତି, ବଡ଼ଲୋକମାନେ ଭାଇ ଭାଇ ବୋଲି ସେମାନଙ୍କୁ ଆଲିଙ୍ଗନ କରନ୍ତି, ସେମାନେ ଭାବନ୍ତି, ଆମେ ଜଣେ ଜଣେ ଉଚ୍ଚପଦସ୍ଥ ହୋଇଯାଇଛୁ । ତେଣୁ ସେମାନଙ୍କର ମନ ପ୍ରବୃତ୍ତି ପଥରେ ଧାବିତ ହୁଏ ।

ଜଣେ ଗୁରୁ ଗଧ ଉପରେ ବସି ପ୍ରତିଦିନ ଶିଷ୍ୟମାନଙ୍କ ଘରକୁ ଯାଆନ୍ତି । ଲୋକମାନେ ପ୍ରଥମେ ଗଧର ପାଦପୂଜା କରି ପରେ ଗୁରୁଙ୍କୁ ବରଣ କରି ଆସନ ଦିଅନ୍ତି । ଏହା ଦେଖି ଗଧ ଭାବିଲା, ଲୋକେ ତ ମୋତେ ଏତେ ପୂଜା କରୁଛନ୍ତି, ଖାଇବାକୁ ଦେଉଛନ୍ତି, ମୁଁ ଗୋଟାଏ ବୋଝ ବୋହି ବୁଲିବି କାହିଁକି ? ଏହା ଭାବି ଗୁରୁଙ୍କୁ ଫିଙ୍ଗିଦେଇ ଶିଷ୍ୟଙ୍କ ଦୁଆରେ ଯାଇ ଉପସ୍ଥିତ ହେଲା । ଗୁରୁ ବସିଥିବାରୁ ସିନା ଗଧ ପାଦପୂଜା ପାଉଥିଲା, ବର୍ତ୍ତମାନ ଗୁରୁ ନ ଥିବାରୁ ଖାଲି ଗଧଟାଏ ଘରେ ପଶୁଥିବାର ଦେଖି ଲୋକମାନେ ଠେଙ୍ଗାରେ ଏପରି ପାହାର ଦେଲେ ଯେ, ସେ ଆଉଦିନେ ଗୁରୁଙ୍କୁ ଛାଡ଼ି କୁଆଡ଼େ ଯିବାକୁ ମନକଲା ନାହିଁ ।

ଏହା କହିବାପରେ ସ୍ନାନର ସମୟ ହୋଇଯିବାରୁ ଆମେମାନେ ବିଦାୟ ନେଇ ଫେରିଲୁ ।

୨୪-୮-୩୪ ତାରିଖ—ଶୁକ୍ରବାର

ନୀଳାଚଳ ସାରସ୍ୱତ ସଂଘର ଜନ୍ମ—

ଆଜି ଶ୍ରୀଶ୍ରୀ ଠାକୁରଙ୍କର ଜନ୍ମଦିନ । ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜାକରି ପ୍ରସାଦସେବନ କଲୁ । ଉପରବେଳା ଆମେ ଶ୍ରୀଶ୍ରୀ ଠାକୁରଙ୍କୁ ରିକ୍‌ସାରେ ନେଇ ଭ୍ରମଣ କରାଇସାରି ଫେରିଆସିଲୁ । ସଂଧ୍ୟାର ଆରତି ହେବାର କଥା । କିନ୍ତୁ ଆରତି କିମ୍ବା ସ୍ତୋତ୍ରବନ୍ଦନା ଆମଭିତରେ କାହାକୁ ଆସେ ନାହିଁ; ତେଣୁ ଅନ୍ନଦା ବ୍ରହ୍ମଚାରୀ ଆରତି କଲେ । ଆରତି ଶେଷରେ ସ୍ତୋତ୍ରବନ୍ଦନା କରାଗଲା । ପୂଜା ଆରତି କିମ୍ବା ସ୍ତୋତ୍ରବନ୍ଦନା ବିଧି ମୁତାବକ ହେଲା ନାହିଁ । ସବୁ ବିଶୃଙ୍ଖଳା, ସବୁ ଭୁଲ ହେବାର ଦେଖି ଶ୍ରୀଶ୍ରୀ ଠାକୁର ଗୁରୁଗମ୍ଭୀର ସ୍ୱରରେ କହିଲେ, ମୁଁ ଆଜି ତୁମମାନଙ୍କୁ କେତୋଟି କଥା କହିବି । ମଠ ଆଶ୍ରମ ତ୍ୟାଗ କରି ପୁରୀରେ ମୁଁ ପ୍ରାୟ ଦଶବର୍ଷ ହେବ ଗୋପନରେ ରହି ବିଶ୍ରାମ କରୁଥିଲି । ଏତେଦିନ ଏଠାରେ ଗୋପନରେ କଟାଇଦେଲି । ଏଠାରେ ମୁଁ ଆଜିପର୍ଯ୍ୟନ୍ତ ଏକପ୍ରକାର ମୃତଭାବରେ ଅବସ୍ଥାନ କରୁଥିଲି । ଅବଶେଷରେ ତୁମେମାନେ ଆସିଲ ଓ କ୍ରମେ କ୍ରମେ ତୁମମାନଙ୍କର ସଂଖ୍ୟା ବୃଦ୍ଧି ହେଲା । ଏତେଦିନ ପରେ ତୁମମାନଙ୍କୁ ଦେଖି ଆଜି ମୋ ଭିତରେ ଭଗବତ୍ ପ୍ରେରଣ ଜାଗିଉଠିଛି । ମୋର ଆଦେଶ, ତୁମେମାନେ ଶୃଙ୍ଖଳାବଦ୍ଧ ଭାବରେ ଚଳିବାକୁ ଅଭ୍ୟାସ କର । ଆଉ ପିଲାଖେଳ ପରି କାର୍ଯ୍ୟ

କର ନାହିଁ । ତୁମେମାନେ ଯଦି ମୋତେ ଆଶ୍ରୟ କଲଣି, ତେବେ ଭଲଭାବରେ ଆଶ୍ରୟ କର ।

ଦେଖ, ମୋର ଏ ଯେଉଁ ଆରତି ହୁଏ, ତାହାର ଏକମାତ୍ର ଅଧିକାର ମୁଁ ଗୃହସ୍ଥ ଶିଷ୍ୟ ଭକ୍ତଙ୍କୁ ଦେଇଛି । ସନ୍ନ୍ୟାସୀ ବ୍ରହ୍ମଚାରୀମାନଙ୍କର ସେ ଅଧିକାର ନାହିଁ । ତୁମେମାନେ ମୋତେ ପୂଜା ବା ଆରତି କରିବା ପୂର୍ବରୁ କିପରି ବିଧାନରେ ସେସବୁ କରିବାକୁ ହୁଏ, ତାହା ଶିକ୍ଷା କର । ଯଦି କେହି ବକ୍ତୃତା ବା ଅଭିନୟ କରିବାକୁ ଇଚ୍ଛା .କରନ୍ତି, ତେବେ ସେ ପ୍ରଥମରୁ ସେଥିରେ ଅଭ୍ୟସ୍ତ ହୋଇ ପରେ ଅଭିନୟ ବା ବକ୍ତୃତା କରିଥାନ୍ତି । ଏହାକୁ ଇଂରାଜୀ ଭାଷାରେ Rehearsal ଅର୍ଥାତ୍ ପୂର୍ବାନୁବୃତ୍ତି ବା ପୂର୍ବାଭିନୟ କୁହାଯାଏ ।

ଏହି ପୂର୍ବାନୁବୃତ୍ତି ନିମିତ୍ତ ତୁମେମାନେ ଯେତେ ଗୁରୁଭାଇ ଅଛ, ପ୍ରତ୍ୟେକଙ୍କ ଘରେ ଗୁରୁଙ୍କର ପ୍ରତିମୂର୍ତ୍ତି ସ୍ଥାପନ କର । ତୁମେ ଦେଶର ରୀତି ଅନୁଯାୟୀ ସେହି ପ୍ରତିମୂର୍ତ୍ତିଙ୍କ ନିକଟରେ ପୂଜାକର । ସ୍ତୋତ୍ରବନ୍ଦନା ପାଠ କର ଓ ସେଗୁଡ଼ିକର ଅର୍ଥ ବୁଝିବାକୁ ଚେଷ୍ଟାକର ।

ସପ୍ତାହ ମଧ୍ୟରେ ନିର୍ଦ୍ଦିଷ୍ଟ ଦିବସରେ ସମସ୍ତ ଭାଇ ଏକତ୍ର ମିଳିତ ହୋଇ ଯଥା ବିଧାନରେ ଆରତି, ସ୍ତୋତ୍ରବନ୍ଦନା ଓ ଆର୍ଯ୍ୟଦର୍ପଣାଦି ପାଠ କର । ସମସ୍ତେ ମିଳି ମୋର ଭାବଗୁଡ଼ିକୁ ଆଲୋଚନା କର । ଆର୍ଯ୍ୟଦର୍ପଣରେ ତ ମୋ'ରି କଥା ବାହାରେ । ଆଲୋଚନା ଶେଷରେ ପରବର୍ତ୍ତୀ ଅଧିବେଶନ ଯେଉଁ ଭାଇଙ୍କ ଘରେ ହେବାର ସ୍ଥିର ହେବ, ସେ ଅନ୍ୟ ଭାଇମାନଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିବେ ।

ତୁମେମାନେ ସ୍ୱାଧୀନ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଭାଇଙ୍କ ଘରେ ଏପରି ଅଧିବେଶନ କରିବାରେ ଅସୁବିଧା ହୋଇପାରେ । ଯଦି ଏପରି କରିବା ପାଇଁ ଅସୁବିଧା ହୁଏ, ତେବେ ଯାହାଙ୍କର ସୁବିଧା ଅଛି ସେହିପରି ଜଣଙ୍କ ଘରେ ପ୍ରତି ସପ୍ତାହରେ ସମସ୍ତେ ମିଳିତ ହୋଇପାର । ଏହାପରେ ପ୍ରତ୍ୟେକ ଭାଇଙ୍କୁ ମାସିକ କିଛି କିଛି ଚାନ୍ଦା ଦେବାକୁ ପଡ଼ିବ; ଏହି ଚାନ୍ଦାଦ୍ୱାରା ଗୋଟିଏ ପାଣ୍ଠି ଗଢ଼ି ତାହା ଦରିଦ୍ରନାରାୟଣଙ୍କ ସେବାରେ ବ୍ୟୟ କରିବ । ଏପରି କଲେ ତୁମମାନଙ୍କର ଚିତ୍ତଶୁଦ୍ଧି ହେବ । କେବଳ ଧ୍ୟାନ, ଜପ ଓ ସ୍ତୋତ୍ରବନ୍ଦନା କଲେ ଚିତ୍ତଶୁଦ୍ଧି ହୁଏ ନାହିଁ । ସେବା ସାହାଯ୍ୟରେ ମଧ୍ୟ ଚିତ୍ତଶୁଦ୍ଧି ହୋଇଥାଏ ।

ସଂଘର ଅଧିବେଶନ ପ୍ରତ୍ୟେକ ରବିବାର ଦିନ କଲେ ସୁବିଧା ହେବ । ସେଦିନ ସଂଘରେ କେବଳ ଧର୍ମାଲୋଚନା କରିବ । ପ୍ରତ୍ୟେକ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ସଂଘ ଅଛି—କାହାର ଉଦ୍ଦେଶ୍ୟ ରାଜନୀତି, କାହାର ଉଦ୍ଦେଶ୍ୟ ସମାଜସଂସ୍କାର ଇତ୍ୟାଦି । କିନ୍ତୁ ତୁମ ସଂଘର ଉଦ୍ଦେଶ୍ୟ ହେବ କେବଳ ଧର୍ମନୀତି । ଏହି ଭାବରେ ତୁମେମାନେ ସଂଘଶକ୍ତିର ପ୍ରତିଷ୍ଠା କର । ନିକଟବର୍ତ୍ତୀ ସଂଘ ଓ ସମ୍ମିଳନୀକୁ ଯାଇ ସଂଘର କାର୍ଯ୍ୟ ପରିଦର୍ଶନ କରି ସଂଘବଦ୍ଧ ହୁଅ ।

ଏହାପରେ ମୋର ଦ୍ୱିତୀୟ ଆଦେଶ ହେଉଛି, ତୁମେମାନେ ଆଦର୍ଶ ଗୃହସ୍ଥ ଜୀବନଯାପନ କର । ମୋର ଗୃହସ୍ଥ ଭକ୍ତମାନେ ତ ସମସ୍ତଙ୍କଠାରୁ ଅଧିକ ଉନ୍ନତି କରିଛନ୍ତି । ଗୃହତ୍ୟାଗୀମାନଙ୍କ ଅପେକ୍ଷା ସେମାନଙ୍କର ଧର୍ମକୁ ଅଧିକ ଭୟ ଥାଏ । ସନ୍ନ୍ୟାସୀମାନଙ୍କ ଭିତରେ ଉଚ୍ଚସ୍ତରର ଅଛନ୍ତି ସତ; କିନ୍ତୁ ଅଧିକାଂଶ ତ ତ୍ୟାଗବୈରାଗ୍ୟ ନେଇ ସଂସାର ତ୍ୟାଗ କରି ନ ଥାନ୍ତି; ତେଣୁ ଉଚ୍ଚକୁ ଉଠିପାରନ୍ତି ନାହିଁ । ପ୍ରକୃତ ତ୍ୟାଗୀଙ୍କ ସଂଖ୍ୟା ଖୁବ୍ କମ୍ । ଯେଉଁମାନଙ୍କର କିଛି ନାହିଁ ସେମାନେ ତ୍ୟାଗ କରିବେ ବା କ'ଣ ? ତ୍ୟାଗୀ ବୁଦ୍ଧଦେବ, ତ୍ୟାଗୀ ଚୈତନ୍ୟଦେବ । ସେମାନଙ୍କର ଅଛି ଅଭାବ ନ ଥିଲା । ତେଣୁ ଯାହାଙ୍କର ଥିବ ସେ ସିନା ତ୍ୟାଗ କରିପାରିବେ ?

କିନ୍ତୁ ଆମମାନଙ୍କ ଦେଶର ଅଧିକାଂଶ ସନ୍ନାସୀ ବୋଲାଉଥିବା ଲୋକ ଖାଇବାକୁ ନ ପାଇ ବା ସଂସାରଯାତ୍ରା ନିର୍ବାହ କରିବାକୁ ଅକ୍ଷମ ହୋଇ ପେଟବିକଳରେ ସଂସାର ତ୍ୟାଗ କରନ୍ତି ଓ ଭିକ୍ଷାବୃତ୍ତି ଅବଲମ୍ବନ କରି ବେଳାଏ ଖାଇ ଗଛମୂଳରେ ଭୋକ ଉପାସରେ ପଡ଼ିଥାଆନ୍ତି । ତେବେ ଗରିବ ଭିଖାରିମାନଙ୍କଠାରୁ ଏମାନଙ୍କର ପାର୍ଥକ୍ୟ ବା କ'ଣ ? ତେଣୁ ତୁମେମାନେ ଗୃହସ୍ଥାଶ୍ରମରେ ରହି ପବିତ୍ରଭାବରେ ଜୀବନଯାପନ କଲେ ତୁମ ସନ୍ତାନ ସନ୍ତତିମାନେ ଉନ୍ନତଚରିତ୍ରର ହୋଇ ଉଠିବେ । ପୁଣି ତୁମରି ଘରେ ବ୍ୟାସ, ବଶିଷ୍ଠ, ଜୈମିନି, ପାତଞ୍ଜଳିଙ୍କ ପରି ମହର୍ଷି ଜନ୍ମଗ୍ରହଣ କରିବେ । ଋଷିମାନେ କିଛି ଆପଣା ମନକୁ ବାହାରି ନାହାନ୍ତି, ସେମାନେ ତ ଗୃହସ୍ଥମାନଙ୍କର ସନ୍ତାନ ! ଅତଏବ ତୁମେମାନେ ଆଦର୍ଶ ଗୃହସ୍ଥ ଜୀବନଯାପନ କର ।

ମୋର ତୃତୀୟ ଆଦେଶ ହେଉଛି ଯେ, ତୁମେମାନେ ପରସ୍ପର ଭାବର ଆଦାନ ପ୍ରଦାନ କର । ପ୍ରତ୍ୟେକ ଭାଇ କାହାରି ନିକଟରେ କିଛି ଗୋପନ କରିବା ଉଚିତ ନୁହେଁ । ମୋ ନିକଟରେ ଯେଉଁମାନେ ଗୋପନରେ କିଛି କହିବେ

ବୋଲି ଚାହାନ୍ତି, ମୁଁ ମନେକରେ ସେମାନଙ୍କର କିଛି ସ୍ୱାର୍ଥସିଦ୍ଧିର ଆଶା ଅଛି । ଧନ ମାଗିବେ ବା ରୋଗ ଭଲ କରିଦେବା ପାଇଁ ଅନୁରୋଧ କରିବେ । ତୁମମାନଙ୍କର ସମସ୍ତ କଥା ମୋ ନିକଟରେ ଅକପଟ ଭାବରେ ଖୋଲି କହିବ । ସରଳତା ଓ ସତ୍ୟ ସର୍ବଦା ପାଳନ କରିବ । ସରଳତା ଓ ସାଧୁ ବ୍ୟବହାର ଦ୍ୱାରା ଜଣେ ସାହେବ କିପରି ଚୋରର ମନ ପରିବର୍ତ୍ତନ କରି ପାରିଥିଲେ, ଶୁଣିଥିବ । ପାଶ୍ଚାତ୍ୟ ଦେଶରେ ମଧ୍ୟ ସାଧୁ ସରଳ ଲୋକ ଅଛନ୍ତି । ସେମାନଙ୍କଠାରୁ ମଧ୍ୟ ଶିକ୍ଷା ମିଳିପାରେ । ସେମାନଙ୍କର ଭାଷା ଶିକ୍ଷା କରି ଯେ ଆମମାନଙ୍କର ଅପକାର ହୋଇଛି ତାହା ନୁହେଁ, ସେମାନଙ୍କର ମନ୍ଦ ରୀତିଗୁଡ଼ିକୁ ଅନୁକରଣ କରିବାକୁ ଯାଇ ଆମର ଯାହା କିଛି ଅପକାର ହୋଇଛି । ମୋ ନିକଟରେ ମଧ୍ୟ ତୁମେମାନେ ସରଳଭାବରେ ପ୍ରାଣଖୋଲି ସବୁ କହିବ, କିଛି ଗୋପନ କରିବ ନାହିଁ ।

ଆଉ ଗୋଟିଏ ବିଶେଷ କଥା ହେଉଛି ଯେ, ଭାବବିନିମୟ କରିବା ନିମିତ୍ତ ଭାଷା ହେଲା ପ୍ରଧାନ ଅବଲମ୍ବନ । କିନ୍ତୁ ମୁଁ ତୁମମାନଙ୍କ ଭାଷା ଭଲଭାବରେ ବୁଝିପାରୁନାହଁ । ତେଣୁ ଏହି ଭାଷା ପ୍ରତିବନ୍ଧକ ହେତୁ ଭାବର ଆଦାନ ପ୍ରଦାନ ହୋଇପାରୁ ନାହିଁ । ତୁମମାନଙ୍କ ମଧ୍ୟରୁ କେବଳ ବନମାଳୀ ଓ ନୃପାଳର କଥା ମୁଁ ଭଲଭାବରେ ବୁଝିପାରେ । ବନମାଳୀ ବିଶୁଦ୍ଧ ବଙ୍ଗଳା ଭାଷାରେ କହେ । ମୋର ଦକ୍ଷିଣ ଓଡ଼ିଶାରେ କେତେଜଣ ଶିଷ୍ୟ ଅଛନ୍ତି । ଏହି ଭାଷାପ୍ରତିବନ୍ଧକ ଯୋଗୁଁ ସେମାନେ କେହି ମୋର ଭକ୍ତ ହୋଇପାରିଲେ ନାହିଁ ।

ଯାହାହେଉ ଆଜି ମୋର ଜନ୍ମଦିନ । ଆଜି ଯେଉଁସବୁ ଆଦେଶ ଉପଦେଶ ଦେଲି ଆଶା କରୁଛି ତାହା କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିବ; ଭୁଲିଯିବ ନାହିଁ । ଯାଉଛି, ରାତି ଅନେକ ହେଲାଣି ।

ଏହା କହିବା ପରେ ଆମେମାନେ ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କଲୁ । ଶ୍ରୀଶ୍ରୀ ଠାକୁର ସମସ୍ତଙ୍କୁ ଆଶୀର୍ବାଦ କରି ବିଶ୍ରାମ ନିମିତ୍ତ ଉପରକୁ ଗଲେ ।

୨୬-୮-୩୪ ତାରିଖ—ରବିବାର

ଆଜି ଶ୍ରୀଶ୍ରୀ ଠାକୁରଙ୍କ ସହିତ ସାକ୍ଷାତ ହୋଇଥିଲା । ମୁଁ ପଚାରିଲି, ଠାକୁର ! ଆସନ କେତେ ସମୟ କରିବାକୁ ହୁଏ ।

ଶ୍ରୀଶ୍ରୀ ଠାକୁର—ତୁମମାନଙ୍କ ପକ୍ଷରେ ଘଣ୍ଟାଏ ଅଭ୍ୟାସ କଲେ ଚଳିବ । କଷ୍ଟହେଲେ ଓଲଟ ଆସନ କରି ବସିବ ।

ଏହାପରେ ଜୟକୃଷ୍ଣ ପ୍ରଭୃତି ଆସିଥିଲେ । ଠାକୁର ସେମାନଙ୍କଠାରୁ ସେବକମାନଙ୍କ ସମ୍ବନ୍ଧରେ ଅନେକ କଥା ପଚାରି ବୁଝିଲେ ।

୩୦-୮-୩୪ ତାରିଖ—ଗୁରୁବାର

ଆଜି ଜଣେ ସେବକଙ୍କ ସମ୍ପର୍କରେ ଶ୍ରୀଶ୍ରୀ ଠାକୁର କହିଲେ, ସେବକମାନଙ୍କ ବ୍ୟବହାରରେ ମୁଁ ବଡ଼ ଅଶାନ୍ତି ଭୋଗ କରୁଛି । ତୁମେମାନେ ଏସବୁ କଥା ବନମାଳୀଙ୍କୁ କହିଦେବ । ତାଭଳି ବିଜ୍ଞଲୋକ ଏସବୁ ଜାଣି ରଖିଥିବା ଭଲ । ତୁମମାନଙ୍କୁ ପିଲା ଦେଖି ସେ ମୋ ବିରୁଦ୍ଧରେ ଏପରି କହିବାକୁ ସାହସ କଲା । ନଚେତ୍ ବଙ୍ଗଳା ହୋଇଥିଲେ, ଠାକୁରଙ୍କ ବିରୁଦ୍ଧରେ କେହି କିଛି କଥା କହିବାର ଶୁଣିଥିଲେ, ସେଠାର ଭକ୍ତମାନେ ଉଚିତ ପ୍ରତିକାର କରିଥାନ୍ତେ । ଯାହାହେଉ ସେ ସେବକ ମୋ ନିକଟରେ କ୍ଷମା ଚାହିଁଛି ।

୬-୯-୩୪ ତାରିଖ—ଗୁରୁବାର

ଆଜି ସକାଳେ କଟକରୁ ଶିପ୍ରସାଦ ଦାସ ଆସିଥିଲେ । ସେ ଓ ବନମାଳୀ ଭାଇ ଠାକୁରଙ୍କ ଦର୍ଶନ ନିମିତ୍ତ ଯାଇଥିଲେ । ନାନାପ୍ରସଙ୍ଗରେ ଆଲୋଚନା ହେଲା । କଥାପ୍ରସଙ୍ଗରେ ଠାକୁର କହିଲେ—

ହିନ୍ଦୁ ଖ୍ରୀଷ୍ଟିୟାନ ହୋଇଗଲେ କିମ୍ବା ଖ୍ରୀଷ୍ଟିୟାନ ହିନ୍ଦୁ ହୋଇଗଲେ ମଧ୍ୟ ରକ୍ତମାଂସଗତ ସଂସ୍କାରର ଗୁଣ ନଷ୍ଟ ହେବ ନାହିଁ । ଜଣେ ଖ୍ରୀଷ୍ଟିୟାନ ରମଣୀ ଭଗବାନଙ୍କୁ ପୁତ୍ରରୂପେ ପାଇ ତାହାର ତତ୍ତ୍ୱ ବୁଝିବା ନିମିତ୍ତ ମୋ ନିକଟକୁ ଆସିଥିଲା । ସେ ଖ୍ରୀଷ୍ଟଙ୍କୁ ପୁତ୍ର ଭାବରେ କିପରି ଉପଲବ୍ଧି କରିବ, ମୁଁ ତାକୁ ସେହି ପ୍ରକ୍ରିୟା କହିଦେଇଥିଲି ।

ଦୈବ ଓ ପୁରୁଷକାର—

ଶିବବାବୁ—ଠାକୁର ! ଦୈବ ଓ ପୁରୁଷକାର କାହାକୁ କୁହାଯାଏ ?

ଶ୍ରୀଶ୍ରୀ ଠାକୁର—ଦୈବ ଓ ପୁରୁଷକାରର ଅଙ୍ଗାଙ୍ଗୀଭାବ । ଗୋଟିଏ ବିନା ଅନ୍ୟଟି ନିଷ୍ଫଳ । ଯେପରି ଅନ୍ଧ ଦେଖିପାରେ ନାହିଁ, ପଙ୍ଗୁ ଦେଖିପାରେ କିନ୍ତୁ

ଚାଲିପାରେ ନାହିଁ; ଅନ୍ଧ ଯଦି ପଙ୍ଗୁକୁ କାନ୍ଧରେ ବହନ କରିନିଏ, ତେବେ ସ୍ୱଚ୍ଛନ୍ଦରେ ସେମାନେ ଯାତାୟାତ କରିପାରିବେ । ଜଣେ ଅନ୍ୟ ଜଣକ ସାହାଯ୍ୟ ବିନା ଚଳିପାରେ ନାହିଁ । ସେହିପରି କେବଳ ଦୈବ୍ୟଅନୁକୂଳ ହେଲେ ଚଳିବ ନାହିଁ । ପୁରୁଷକାର ଥିବା ଆବଶ୍ୟକ । ଧର ଜଣେ ଚାଷୀ ଅବିଶ୍ରାନ୍ତ ପରିଶ୍ରମ କରି ଚାଷ କଲା, ମାତ୍ର ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଗଲା । ଏହାକୁ ଦୈବ କହନ୍ତି । ପୁଣି ଅନବରତ ବର୍ଷା ହେଲେ ମଧ୍ୟ କର୍ଷଣ ନ କଲେ ଫସଲ ହେବ ନାହିଁ, ଏହାକୁ ପୁରୁଷକାର କହନ୍ତି । ଦୈବ ଓ ପୁରୁଷକାର ଉଭୟେ ଆବଶ୍ୟକ । ଏହି ପୁରୁଷକାରରୁ ଦୈବ ଉଦ୍ଭୂତ ହୁଏ ।

ଦେବତା ଆରାଧନା—

ଶିବବାବୁ—ହିନ୍ଦୁମାନଙ୍କ ଦେବଦେବୀ ପ୍ରକୃତ ନା କାଳ୍ପନିକ ?

ଶ୍ରୀଶ୍ରୀ ଠାକୁର—ସେସବୁ କାଳ୍ପନିକ ନୁହନ୍ତି, ପ୍ରକୃତ । ଭଗବାନଙ୍କର ବିଶେଷ ବିଶେଷ ଶକ୍ତିଗୁଡ଼ିକୁ ହିଁ ହିନ୍ଦୁର ଦେବଦେବୀ କୁହାଯାଏ । ଯେପରି ବ୍ରିଟିଶ୍ ସାମ୍ରାଜ୍ୟ ବିଭିନ୍ନ କର୍ମଚାରୀଙ୍କୁ ନେଇ ଗଠିତ ଓ ଶାସିତ କିନ୍ତୁ ମୂଳରେ ଜଣେ ମାତ୍ର ରାଜା, ସେହିପରି ମୂଳରେ ଜଣେ ମାତ୍ର ଭଗବାନ । ଦେବତାମାନେ ଭଗବାନଙ୍କର ଶକ୍ତିବିଶେଷ । ଯଦି କାମ୍ୟକର୍ମ କରିବାକୁ ଇଚ୍ଛା ଥାଏ, ତେବେ ଭିନ୍ନ ଭିନ୍ନ ଶକ୍ତିଙ୍କର ଦେବତାମାନଙ୍କୁ ଆରାଧନା କଲେ ଚଳିବ । ଭଗବାନଙ୍କୁ ଉପାସନା କରିବା ଆବଶ୍ୟକ ନାହିଁ । ଯଦି ମୂଳ ଭଗବାନଙ୍କୁ ଆରାଧନା କରିବ, ତେବେ ଦେବଦେବୀଙ୍କର ଆରାଧନା କରିବାର ପ୍ରୟୋଜନ ନାହିଁ । ଦେବଦେବୀ ପୂଜା ଯୋଗୁ ହିନ୍ଦୁ ଧର୍ମର ଅସ୍ତିତ୍ୱ ରକ୍ଷା ହୋଇଆସିଛି । ମୂର୍ତ୍ତି ପୂଜାରେ କିଛିମାତ୍ର କ୍ଷତି ହୁଏନାହିଁ । ମୂର୍ତ୍ତିପୂଜା କରି ସ୍ତବ ପ୍ରଭୃତି ଦ୍ୱାରା ଦେବତାଙ୍କ ତୁଷ୍ଟି ସମ୍ପାଦନ କରି ବାଞ୍ଛିତ ଫଳଲାଭ କରିବାକୁ ଆରାଧନା କହନ୍ତି । କିନ୍ତୁ ଭଗବାନଙ୍କ ନିକଟବର୍ତ୍ତୀ ହେବାକୁ ଉପାସନା କୁହାଯାଏ । ତେଣୁ ଉପାସନା ଆରାଧନା ଭିତରେ ଏହାହିଁ ପାର୍ଥକ୍ୟ । ଦେବତାଙ୍କର ଆରାଧନା କରାହୁଏ; ମାତ୍ର ହିନ୍ଦୁ ଭଗବାନଙ୍କୁ ଉପାସନା କରେ ।

ସୂର୍ଯ୍ୟଦେବତା—

ଶିବବାବୁ—ଠାକୁର ! ଆକାଶରେ ଯେଉଁ ସୂର୍ଯ୍ୟ ଦେଖା ଯାଉଛନ୍ତି, ସେହି ସୂର୍ଯ୍ୟ କ'ଣ ସୂର୍ଯ୍ୟ ଦେବତା ?

ଶ୍ରୀଶ୍ରୀ ଠାକୁର—ନା, ନା, ଆକାଶରେ ଯେଉଁ ସୂର୍ଯ୍ୟ ଦେଖାଯାଉଛନ୍ତି, ତାହା ସୂର୍ଯ୍ୟଦେବତାଙ୍କର ସ୍ଥୂଳଦେହ । ସ୍ଥୂଳ ଦେହଟା ଦେବତା ନୁହଁନ୍ତି । ସ୍ଥୂଳର ଅନ୍ତର୍ନିହିତ ସୂକ୍ଷ୍ମ ଅଂଶକୁ ଦେବତା କୁହାଯାଏ । ଧର, ବରୁଣ—ସେ ଜଳର ଦେବତା । ବରୁଣଦେବତା କହିଲେ, ଜଳର ଅନ୍ତର୍ନିହିତ ପ୍ରାଣଶକ୍ତିକୁ ବୁଝାଇଥାଏ । ତୁମେ କହିଲେ, ତୁମେ କ'ଣ ବୁଝିବ ? ତୁମର ହାତ ଗୋଡ଼ ସ୍ଥୂଳ ଦେହକୁ କଦାପି ବୁଝିବ ନାହିଁ । ତୁମେ କହିଲେ, ତୁମର ଅନ୍ତର୍ନିହିତ ପ୍ରାଣଶକ୍ତିକୁ ବୁଝାଇବ । ତୁମର ସ୍ଥୂଳ ଦେହକୁ ବୁଝାଇବ ନାହିଁ । ସେହିପରି ସୂର୍ଯ୍ୟଦେବତା କହିଲେ ସୂର୍ଯ୍ୟଙ୍କର ଅନ୍ତର୍ନିହିତ ସୂକ୍ଷ୍ମ ଅଂଶକୁ ବୁଝାଇବ, ଯାହାକୁ କି ଆଖିରେ ଦେଖିହେବ ନାହିଁ ।

ଶ୍ରୀଶ୍ରୀ ଠାକୁର—ବର୍ତ୍ତମାନ ଦେଶର ଅବସ୍ଥା ବୁଝାଇ ଅବଶେଷରେ କହିଲେ 'ଏଇଟା ବିରୋଧର ଯୁଗ' ।

ଆଜି ଏହିପରି ବହୁ ବିଷୟରେ ଆଲୋଚନା ହେଲା । ମାତ୍ର ସବୁ ଲିପିବଦ୍ଧ କରାଯାଇ ପାରିନାହିଁ ।

୧୫-୯-୩୪ ତାରିଖ—ଶନିବାର

ଆଜି ଶ୍ରୀଶ୍ରୀ ଠାକୁର ସାନ୍ଧ୍ୟ ଭ୍ରମଣରେ ଗଲେ ନାହିଁ । ବର୍ଷା ହେଉଥିଲେ ସେ ବୁଲି ବାହାରନ୍ତି ନାହିଁ । ଆଜି ବର୍ଷା ହେଉଥିଲା । ସୁତରାଂ ଆଜି ତାଙ୍କ ନିକଟରେ ବସି ନାନାକଥା ଶୁଣିବାର ସୌଭାଗ୍ୟ ଲାଭ କରିଥିଲୁ । ଅନ୍ୟାନ୍ୟ କଥା ଭିତରେ ଠାକୁର ବନ୍ୟଜନ୍ତୁଙ୍କ କଥା ପକାଇଲେ ।

ଶ୍ରୀଶ୍ରୀ ଠାକୁର ବ୍ୟାଘ୍ର କିପରି ମନୁଷ୍ୟ ଖାଏ, ପ୍ରଥମେ ସେହି କଥା ଆରମ୍ଭ କଲେ । ଭାଲୁ ଠିଆହୋଇ ଆଲିଙ୍ଗନ କରିବା ଭଳି ମନୁଷ୍ୟକୁ ଆକ୍ରମଣ କରେ । ଶୂକର ଆକ୍ରମଣ କରିବାକୁ ଆସିବା ବେଳେ ସେ ସିଧା ଭାବରେ ଦଉଡ଼େ, ତୁମେ ଯଦି ପଛକୁ ବୁଲି ପଡ଼ିବ, ତେବେ ସେ ଦେଖିପାରିବ ନାହିଁ, ସିଧା ଦଉଡୁଥିବ । ହାତୀ ମଧ୍ୟ ସେହିପରି ବୋକା । ସିଧା ଦଉଡ଼ିପାରେ, ସହଜରେ ବୁଲିପାରେ ନାହିଁ । ସର୍ପମାନେ ଆକ୍ରମଣ କରିବା ବେଳେ ଶିକାର ଧରନ୍ତି, କିନ୍ତୁ ଆଉ ଛାଡ଼ିପାରନ୍ତି ନାହିଁ । କୁମ୍ଭୀର ସନ୍ତରଣ କରୁଥିବା ଅବସ୍ଥାରେ ମନୁଷ୍ୟକୁ ଆକ୍ରମଣ କରିପାରେ ନାହିଁ, କିନ୍ତୁ ଥରେ କାମୁଡ଼ିଲେ ଏପରି ଶାଙ୍କୁଳା ପଡ଼ିଯାଏ ଯେ, ସେ ଆଉ ଛାଡ଼ିପାରେ ନାହିଁ ।

ମୁଁ ଦିନେ ହାତୀ ଉପରେ ଚଢ଼ି ଯାଉଯାଉ ମାହୁନ୍ତର କଥା ନ ମାନି ହାତୀ ଏପରି ତୀର ବେଗରେ ଦଉଡ଼ିଲା ଯେ ସମ୍ମୁଖସ୍ଥ ଡାଳରେ ମୁଁ ପିଚି ହୋଇ ଯାଇଥାନ୍ତି । ସୌଭାଗ୍ୟକୁ ମୁଁ ଡାଳକୁ ଧରି ଓହଳି ପଡ଼ିଲି ଓ ପର୍ବତ ଉପରକୁ ଡେଇଁ ପଡ଼ିଲି । ସାପ ପ୍ରଭୃତିଙ୍କ ପାଇଁ ମନ୍ତ୍ରଯନ୍ତ୍ର ଅଛି ସତ କିନ୍ତୁ ସାପ ଧରିବା ବେଳେ ଖୁବ୍ ସାହସ ଆବଶ୍ୟକ ।

ଆଜି ଶ୍ରୀଶ୍ରୀ ଠାକୁର ବହୁତ ବିଷୟ କହିଗଲେ । କିନ୍ତୁ ସବୁ ଲିପିବଦ୍ଧ ହୋଇ ପାରିନାହିଁ ।

୨୦-୯-୩୪ ତାରିଖ—ଗୁରୁବାର

ଆଜି ଠାକୁରଙ୍କ ସହିତ ନାନା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସୁନିଆଁ ସାଲର ଆରମ୍ଭ କଥା, ବସ୍ତର ରାଜା ସାହେବଙ୍କ କଥା, ଶିଷ୍ୟଭକ୍ତ, ସେବକ ବ୍ରହ୍ମଚାରୀମାନଙ୍କ କଥା ଇତ୍ୟାଦି ବିଷୟରେ ସେ କହିଲେ । କଥା ପ୍ରସଙ୍ଗରେ ଠାକୁର କହିଲେ, ମେଦିନୀପୁରରେ ଜଣେ ଭଦ୍ରଲୋକ ଆପତ୍ତି କରିଥିଲେ—ଠାକୁର ସଦ୍‌ଗୁରୁ ସତ; କିନ୍ତୁ ଦୀକ୍ଷା ଦେଲାବେଳେ ତ ଟଙ୍କା ନିଅନ୍ତି ! ମାତ୍ର ତାଙ୍କର ବୁଝିବା ଉଚିତ, ଆମ ମନ ଯେପରି ଫଳ ମଧ୍ୟ ସେହିପରି । କମାରକୁ ଇସ୍ପାତ୍ ଫାଙ୍କି ଦେଲେ ନିଜ ଅସ୍ତ୍ରରେ ଧାର ହେବ ନାହିଁ ସିନା !

୨୯-୯-୩୪ ତାରିଖ—ସୋମବାର

ଆଜି ଶ୍ରୀଶ୍ରୀ ଠାକୁରଙ୍କୁ ନୌକାରେ ପୁରୀର ପ୍ରାନ୍ତବର୍ତ୍ତୀ ମଙ୍ଗଳାଘାଟ ନଦୀରେ ବୁଲାଇଥିଲୁ । ସଙ୍ଗରେ ମନ୍ନୁ, ଶୁକଦେବ ସେନ, ଗୁଣନିଧି ଭାଇ, ବାପା, ଲକ୍ଷ୍ମୀଧର ଦାଦା, ବନମାଳୀ ଭାଇ, ନୃପାଳ ଭାଇ, ଏକାଦଶୀ ଭାଇ ପ୍ରଭୃତି ଥାଆନ୍ତି । ନଦୀ ବର୍ଷା ଜଳରେ ପୂର୍ଣ୍ଣ ଥିଲା । ତା ପରେ ଶୁକ୍ଳପକ୍ଷର ଶୁଭ୍ର ଚନ୍ଦ୍ରାଲୋକ ପାଣି ଉପରେ ପଡ଼ି ଚକ୍ ଚକ୍ କରୁଥାଏ । ନୌକାଟି ବେଶ୍ ବଡ଼ । ମଝିରେ ଶ୍ରୀଶ୍ରୀ ଠାକୁର ବସିଥାନ୍ତି । ତାଙ୍କୁ ଘେରି ଆମେସବୁ ବସିଥାଉ । ଶ୍ରୀଶ୍ରୀ ଠାକୁର ନୌକାରେ ବସି ନାନାପ୍ରକାର ଖୁସିଗପ କରିବାକୁ ଲାଗିଲେ । କିପରି ସେ ଟ୍ରେନ୍ ସଂଘର୍ଷରୁ ରକ୍ଷା ପାଇଲେ, କିପରି ଜାହାଜରେ ଗଲାବେଳେ ଝଡ଼ରେ ଜାହାଜବୁଡ଼ିରୁ ରକ୍ଷା ପାଇଲେ; ଏହିପରି କେତେଥର ସେ ବିପଦର ସମ୍ମୁଖୀନ ହୋଇଛନ୍ତି ଇତ୍ୟାଦି ବହୁ କଥା କହିଥିଲେ । ଶିଷ୍ୟଭକ୍ତମାନଙ୍କ ବ୍ୟବହାର ସମ୍ବନ୍ଧରେ ମଧ୍ୟ ବହୁକଥା କହିଲେ ।

ଜାହାଜ ବୁଡ଼ିରୁ କିପରି ରକ୍ଷା ପାଇଥିଲେ, ସେକଥା ବର୍ଣ୍ଣନା କରି ଠାକୁର କହିଲେ— ଦିନେ ମୁଁ ଜାହାଜରେ ବସି କୌଣସି ସ୍ଥାନକୁ ଯାଉଥିଲି । ହଠାତ୍ ଝଡ଼ ତୋଫାନ ଆରମ୍ଭ ହେଲା । ପବନରେ ଜାହାଜ ଏପଟ ସେପଟ ଦୋହଲିବାକୁ ଲାଗିଲା । ପାଣି ପଶି ଅଳ୍ପ ସମୟ ଭିତରେ ଜାହାଜଟି ବୁଡ଼ିଯିବ—ଏହିପରି ମନେହେଲା । ଏହା ଦେଖି ଯାତ୍ରୀମାନେ ଏକମନ, ଏକପ୍ରାଣରେ ଭଗବାନଙ୍କୁ ଡାକିବାକୁ ଲାଗିଲେ । ମୁଁ ସେମାନଙ୍କ ମଧ୍ୟରେ ଥିଲି । ମୁଁ ସେତେବେଳେ ନିଜକୁ ଭୁଲି ସମସ୍ତେ କିପରି ଏକମନ, ଏକପ୍ରାଣହୋଇ ଭଗବାନଙ୍କୁ ଡାକୁଛନ୍ତି ଦେଖିବାକୁ ଲାଗିଲି । ଏ ଦୃଶ୍ୟ ଦେଖି ମୁଁ ସମାଧିସ୍ଥ ହୋଇଗଲି । ଏହି ସମୟରେ କେହି ଜଣେ ଯାତ୍ରୀ କହିଲେ, ଜାହାଜରେ ନିଗମାନନ୍ଦ ସ୍ୱାମୀ ଅଛନ୍ତି, ତାଙ୍କୁ ଅନୁରୋଧ କଲେ ବର୍ତ୍ତମାନ ଝଡ଼ ବୃଷ୍ଟି ବନ୍ଦ ହୋଇଯିବ । କପ୍ତାନଙ୍କ ସମେତ ସମସ୍ତେ ଆସି ମୋତେ ଡାକିବାରୁ ମୋର ଚେତନା ଆସିଲା । ମୁଁ ସେମାନଙ୍କୁ କହିଲି, ମୋତେ ମନେପକାଇ ଦେଇ ନ ଥିଲେ ମୁଁ ମଧ୍ୟ ଆଜି ତୁମମାନଙ୍କ ସଙ୍ଗରେ ଜଳରେ ବୁଡ଼ି ଯାଇଥାନ୍ତି । ଝଡ଼ତୋଫାନ ସଙ୍ଗେ ସଙ୍ଗେ ବନ୍ଦ ହୋଇଗଲା ।

ଆଜି ନୌକାଭ୍ରମଣ ଶେଷ କରି ଆନନ୍ଦରେ ଫେରିଲୁ । ଆଜିର ଏ ନୌକାଭ୍ରମଣରେ ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ର ମହାଶୟ ବିଶେଷ ସାହାଯ୍ୟ କରିଥିଲେ ।

୪-୧୦-୩୪ ତାରିଖ—ଗୁରୁବାର

ଆଜି ନୂଆ ହୋଇ ସଂଘର ଅଧିବେଶନ ହେବ । ଶ୍ରୀଶ୍ରୀ ଠାକୁର ଜଣେ ଭକ୍ତଙ୍କ ଘରେ ସଂଘ କରିବାକୁ କହିଥିଲେ । କେତେକ ଅସୁବିଧା ଯୋଗୁ ବନମାଳୀ ଭାଇଙ୍କ ଘରେ ସଂଘ ହୋଇ ନ ପାରିବାରୁ ବନମାଳୀ ଭଞ୍ଜ ନାମକ ଆଉ ଜଣେ ଭକ୍ତଙ୍କ ବସା ଘରେ ଆଜି ସଂଘର ପ୍ରଥମ ଅଧିବେଶନ ହେଲା । ଏତେ ଶୀଘ୍ର ଶ୍ରୀଶ୍ରୀ ଠାକୁରଙ୍କ ଆଦେଶ ପାଳନ କରିବାର ସୁବିଧା ପାଇଥିବାରୁ ଏବଂ ସଂଘର ପ୍ରଥମ ବୈଠକ ହେଉଥିବାରୁ ଅତି ଆନନ୍ଦରେ ନୀଳାଚଳ କୁଟୀରକୁ ସକାଳେ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ ଉଦ୍ଦେଶ୍ୟରେ ଗଲୁ । ଆଜି ଶ୍ରୀଶ୍ରୀ ଠାକୁର ଦୁଇଘଣ୍ଟାକାଳ ନାନା ପ୍ରକାର ଉପଦେଶ ଦେବାକୁ ଲାଗିଲେ । ବନମାଳୀ ଭାଇଙ୍କ ମୁଣ୍ଡରେ ଗଙ୍ଗାମୃତ୍ତିକା ଚିତା ଦେଖି ଶ୍ରୀଶ୍ରୀ ଠାକୁର ତାଙ୍କୁ ତର୍ପଣ କଥା ପଚାରିଲେ । ବନମାଳୀ ଭାଇ ପଚାରିଲେ, ଠାକୁର ! ତର୍ପଣ କରିବାର ଉଦ୍ଦେଶ୍ୟ କ'ଣ ?

ମନୁଷ୍ୟ ମରିବା ପରେ ପ୍ରେତଲୋକରେ କେତେଦିନ ଥାଏ ?
ତର୍ପଣର ଉଦ୍ଦେଶ୍ୟ—

ଶ୍ରୀଶ୍ରୀ ଠାକୁର—ତର୍ପଣର ତିନୋଟି ଉଦ୍ଦେଶ୍ୟ ଅଛି । ପ୍ରଥମ ହେଉଛି ମନୁଷ୍ୟ ମରିବା ସଙ୍ଗେ ସଙ୍ଗେ ଅଜ୍ଞାନ ହୋଇଯାଏ । ସେତେବେଳେ ତାହାର ସୁଖ ଦୁଃଖ ଜ୍ଞାନ ନ ଥାଏ । ଆଦ୍ୟଶ୍ରାଦ୍ଧଦିନ ପୂରକପିଣ୍ଡ ହୋଇଗଲେ ସେ ପ୍ରେତଦେହ ପ୍ରାପ୍ତ ହୁଏ ଓ କର୍ମଫଳ ଭୋଗ କରେ । ବାଳକ ଓ ପଶୁପକ୍ଷୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ପ୍ରେତଦେହ ଧାରଣ କରିବାକୁ ପଡ଼େ । ପ୍ରେତ ଶରୀର ଯେଉଁ ଲୋକରେ ବାସକରେ; ତାହାକୁ ଭୁବଲୋକ କୁହାଯାଏ । ଏହି ଭୁବଲୋକ ପୁଣି ଦୁଇ ଭାଗରେ ବିଭକ୍ତ—ପ୍ରେତଲୋକ ଓ ପିତୃଲୋକ । ଜୀବ ଏହି ସ୍ଥାନରେ କିଛିଦିନ ବାସ କରି କ୍ରମମୁକ୍ତି ପଥରେ ମହର୍ଲୋକ ପର୍ଯ୍ୟନ୍ତ ଗମନ କରି ସେଠାରୁ ଅଜ୍ଞାନ ହୋଇ ପୁନରାୟ ଜନ୍ମଗ୍ରହଣ କରେ । ତେବେ କେତେଦିନ ପରେ ପୁଣି ଜନ୍ମଗ୍ରହଣ କରିବ, ତାହାର ନିଶ୍ଚୟତା ନ ଥିବାରୁ ମୃତ ଆତ୍ମୀୟମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରାଯାଏ । କେହି କେହି ବାର୍ଷିକ ଶ୍ରାଦ୍ଧ ପରେ ଜନ୍ମଗ୍ରହଣ କରନ୍ତି, କାହାରି କାହାରି ଗୋଟିଏ ପୁରୁଷ ପରେ ଜନ୍ମ ହୁଏ । ତେଣୁ ହିନ୍ଦୁ ଶାସ୍ତ୍ରକାରମାନେ ଚାରି ପୁରୁଷ ପର୍ଯ୍ୟନ୍ତ ଶ୍ରାଦ୍ଧର ବ୍ୟବସ୍ଥା କରିଦେଇ ଯାଇଛନ୍ତି । ଚାରି ପୁରୁଷ ଭିତରେ ନିଶ୍ଚୟ ଜନ୍ମ ହୋଇଥାଏ । ଶ୍ରାଦ୍ଧଦ୍ୱାରା ପ୍ରେତର ଏକପ୍ରକାର ତୃପ୍ତି ହୁଏ, ତେବେ ଶ୍ରାଦ୍ଧ ଦ୍ରବ୍ୟ ଯେ ଏମାନେ ଖାଆନ୍ତି ଏପରି ନୁହେଁ । ଯଦି ତାହା ହେଉଥାଆନ୍ତା, ତେବେ କଞ୍ଚା ଖାଦ୍ୟପଦାର୍ଥ ଦିଆଯାଆନ୍ତା କାହିଁକି ? ଦ୍ରବ୍ୟଗୁଣ ଓ ଇଚ୍ଛାଶକ୍ତି ଫଳରେ ତ ମୁକ୍ତିପଥ ? ଗୋଟିଏ ପ୍ରକାର ବାଧା ଅପସାରିତ ହୁଏ ସିନା, ମାତ୍ର ମୁକ୍ତି ନିଜ ଚେଷ୍ଟା ବ୍ୟତୀତ ହୁଏ ନାହିଁ । ଯେପରି ଗୋଟିଏ ପତ୍ର ସ୍ରୋତରେ ଭାସିଯିବାବେଳେ କେଉଁଠାରେ ଯଦି ତୀରସ୍ଥିତ ତରୁ ଶାଖାରେ ଅଟକି ଯାଇଥାଏ କିମ୍ବା କୌଣସି ଆବର୍ତ୍ତରେ ପଡ଼ି ଘୂରୁଥାଏ, ସେଥିରୁ ତାକୁ ଖସାଇଆଣି ସ୍ରୋତମୁଖରେ ପକାଇଦେଲେ ତାହା ପୁଣି ଯେପରି ନିର୍ବିଘ୍ନରେ ସ୍ରୋତ ସହିତ ଭାସିଯାଇ ସମୁଦ୍ରରେ ନିପତିତ ହୁଏ, ଶ୍ରାଦ୍ଧଦ୍ୱାରା ସେହିପରି ପରଲୋକଗତ ଆତ୍ମାର ପଥର ବାଧା ଅପସାରିତ ହୁଏ ।

ଦ୍ୱିତୀୟ କଥା ହେଲା, ଆମେମାନେ ପିତାମାତାଙ୍କ ନିକଟରେ ଅନେକ ବିଷୟରେ ଋଣୀ । ସେମାନଙ୍କର ସାହାଯ୍ୟ ଲାଭ କରି ଆମେମାନେ ଦେହଧାରଣ

କରିଥାଇଁ । ଏପରିକି ସେମାନଙ୍କ ରକ୍ତ ମଧ୍ୟ ଆମମାନଙ୍କ ଶରୀରରେ ବହମାନ । ଶ୍ରାଦ୍ଧକୃତ୍ୟ ସେମାନଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଉପଯୁକ୍ତ ଅବସର । ଆମମାନଙ୍କୁ ପିତୃଋଣ, ଋଷିଋଣ ଓ ଦେବଋଣ—ଏହି ତିନି ଋଣରୁ ମୁକ୍ତ ହେବାକୁ ପଡ଼ିବ । ଶ୍ରାଦ୍ଧଦ୍ୱାରା ପିତୃଋଣରୁ ମୁକ୍ତି ମିଳିଥାଏ ।

ତୃତୀୟ ହେଉଛି, ପ୍ରତିବର୍ଷ ଏପରି କରିବା ଦ୍ୱାରା ନିଜ ମନରେ ସଂସାର ପ୍ରତି ନଶ୍ୱରଭାବ ଉଦୟ ହୁଏ । ଆମର ପିତା, ପିତାମହ, ପ୍ରପିତାମହ ପ୍ରଭୃତି ପୂର୍ବପୁରୁଷମାନେ ଆମମାନଙ୍କ ପରି ସଂସାର କରି ଯାଇଛନ୍ତି । ଆମ୍ଭେମାନେ ମଧ୍ୟ ଦିନେ ଚାଲିଯିବା—ଏହି ଭାବ ଜାଗ୍ରତ ହୁଏ । ଏହାଛଡ଼ା ଶ୍ରାଦ୍ଧଦିନମାନଙ୍କରେ ନିଷ୍ଠାପର ଭାବରେ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି ରହିବାକୁ ହୁଏ । ଏହାଦ୍ୱାରା ଚିତ୍ତର ମାଳିନ୍ୟ ନାଶ ହୋଇଥାଏ ।

ପ୍ରତ୍ୟେକ ସଂପ୍ରଦାୟ ମଧ୍ୟରେ ପିତୃପୂଜା ଅଛି । ମୁସଲମାନମାନେ ଫାତିଆ ଦିଅନ୍ତି । ଖ୍ରୀଷ୍ଟିୟାନମାନେ ଏକ ପ୍ରକାର ଚିହ୍ନ ଧାରଣ କରନ୍ତି ଅଥଚ ହିନ୍ଦୁମାନଙ୍କ ଶ୍ରାଦ୍ଧକୁ ଅନେକ ବିଦ୍ରୁପ କରି ସମାଲୋଚନା କରନ୍ତି । କାହିଁକିରେ ବାବା, ହିନ୍ଦୁ ଶ୍ରାଦ୍ଧର ଏତେ ଦୋଷ କାହିଁକି ?

କେବଳ ପ୍ରାର୍ଥନା ଦ୍ୱାରା ମଧ୍ୟ ସେମାନଙ୍କର ଉକ୍ତ ବାଧାଗୁଡ଼ିକ ଅତିକ୍ରମ କରାଯାଇ ପାରନ୍ତା । ମାତ୍ର ସମସ୍ତେ ତ ଉନ୍ନତ ହୃଦୟ ନୁହନ୍ତି ଯେ ଏହା କରିପାରିବେ । କାହାର ଯଦି ହୃଦୟ ଉନ୍ନତ ହୋଇଥାଏ, ତଥାପି ସମାଜର ଶୃଙ୍ଖଳା ରକ୍ଷା କରିବା ନିମିତ୍ତ ତାଙ୍କୁ ଶ୍ରାଦ୍ଧ କରିବାକୁ ପଡ଼ିବ । ସନ୍ନ୍ୟାସୀମାନେ ସନ୍ନ୍ୟାସ ଗ୍ରହଣ ପୂର୍ବରୁ ତିନି ଋଣରୁ ମୁକ୍ତ ହୋଇ ସାରିଲା ପରେ ସନ୍ନ୍ୟାସ ଗ୍ରହଣ କରନ୍ତି । ସେମାନଙ୍କ ଉନ୍ନତିରେ ମଧ୍ୟ ପିତୃଲୋକମାନେ ଉନ୍ନତ ହୋଇ ଯାଆନ୍ତି ।

ମୁଁ—ଠାକୁର ! ଗୁରୁ ଶିଷ୍ୟ ସମ୍ବନ୍ଧ କ'ଣ ନିତ୍ୟ ? ପୂର୍ବରୁ କ'ଣ ଏ ସମ୍ବନ୍ଧ ଅଛି ? ଏ ସମ୍ବନ୍ଧ ମୃତ୍ୟୁପରେ ରହିବ ନା କ'ଣ ?

ଗୁରୁଶିଷ୍ୟ ସମ୍ବନ୍ଧ—

ଶ୍ରୀଶ୍ରୀ ଠାକୁର—ହଁ, ଗୋଟିଏ ଭାବରେ ଗୁରୁଶିଷ୍ୟ ସମ୍ବନ୍ଧ ନିତ୍ୟ, ଅନ୍ୟ ଭାବରେ ପୁଣି ଅନିତ୍ୟ । ଯେପରି ସ୍ୱାମୀତ୍ୱ କହିଲେ ସ୍ୱାମୀଙ୍କର ସ୍ଥୁଳଦେହଟା ନୁହେଁ, ସେହିପରି ଗୁରୁତ୍ୱ କହିଲେ ଗୁରୁଙ୍କର ସ୍ଥୁଳଦେହକୁ ବୁଝାଏ ନାହିଁ ।

ସ୍ଥୂଳଦେହଟା ଅନିତ୍ୟ । ତେବେ ଯେଉଁମାନେ ଗୁରୁନିଷ୍ଠ, ଯେଉଁମାନେ ଗୁରୁଙ୍କଠାରେ ଆତ୍ମସମର୍ପଣ କରିଛନ୍ତି, ସେହିମାନଙ୍କ ସମ୍ବନ୍ଧ ନିତ୍ୟ । ଧର, ଜଣେ ଗୁରୁ— କୁଳଗୁରୁ ରୂପରେ କେତେଜଣ ଶିଷ୍ୟ କଲେ । ପୁନରାୟ ଯେତେବେଳେ ସେ ଜନ୍ମଗ୍ରହଣ କରିବେ, ସେତିକିବେଳେ ତାଙ୍କର ଗୁରୁନିଷ୍ଠ ଶିଷ୍ୟମାନେ ତାଙ୍କ ସହିତ ଜନ୍ମଗ୍ରହଣ କରିବେ । ସେମାନେ ବିନା ବିଚାରରେ ସେହି ଗୁରୁଙ୍କର ଶିଷ୍ୟତ୍ୱ ସ୍ୱୀକାର କରିବେ । ଏହିପରି ଗୁରୁନିଷ୍ଠ ଶିଷ୍ୟମାନେ ଗୁରୁଙ୍କ ସହିତ ଯିବାଆସିବା କରୁଥିବେ । ଗୁରୁ ଜୀବନ୍ମୁକ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କର ଏ ଯିବାଆସିବା ବନ୍ଦ ହେବନାହିଁ । ଗୁରୁ ଜୀବନ୍ମୁକ୍ତ ହେଲେ ସେମାନେ ମୁକ୍ତ ହୋଇଯିବେ । କିନ୍ତୁ ଯେଉଁମାନେ ଗୁରୁଙ୍କୁ ଭଗବଦ୍‌ବୁଦ୍ଧିରେ ଅର୍ଥାତ୍ ଗୁରୁ ଓ ଇଷ୍ଟ ଅଭିନ୍ନ ଏହି ଭାବରେ ଭଲପାଇ ନାହାନ୍ତି, ସେମାନେ ପରଜନ୍ମରେ ସେହିପରି ଗୁଣବିଶିଷ୍ଟ ସଦ୍‌ଗୁରୁ ଲାଭ କରିବେ । ମାତ୍ର ସେ ଗୁରୁଙ୍କୁ ଆଉ ପାଇବେ ନାହିଁ । ଯେଉଁମାନେ ଗୁରୁଙ୍କଠାରେ ଭଗବଦ୍ ସତ୍ତାର ସନ୍ଧାନ ପାଇ ଶିଷ୍ୟତ୍ୱ ସ୍ୱୀକାର କରିଛନ୍ତି, ସେମାନଙ୍କ ସମ୍ବନ୍ଧ ନିତ୍ୟ ।

ସତୀ ଓ ପତିବ୍ରତା—

ଆମମାନଙ୍କ ଦେଶରେ କହନ୍ତି ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ନିତ୍ୟ, ଅର୍ଥାତ୍ ଏ ଜନ୍ମରେ ଯେ ଯାହାର ସ୍ତ୍ରୀ ଅଛି, ପରଜନ୍ମରେ ପୁଣି ସେ ତାହାର ସ୍ତ୍ରୀ ହେବ । ଯେଉଁମାନେ ପତିବ୍ରତା, ପତି ସୁଖରେ ସୁଖୀ, ପତି ଦୁଃଖରେ ଦୁଃଖୀ, ସେମାନେ ପରଜନ୍ମରେ ସ୍ୱାମୀ ସ୍ତ୍ରୀ ଭାବରେ ମିଳିତ ହେବେ । ପତିବ୍ରତା ଓ ସତୀ ଏକ ନୁହନ୍ତି । ସତ୍‌ର ସ୍ତ୍ରୀଲିଙ୍ଗ ସତୀ । ସତ୍ ଅର୍ଥ ସାଧୁ । ଯେଉଁ ଯେଉଁ ଗୁଣ ଥିଲେ ଜଣେ ପୁରୁଷଙ୍କୁ ସାଧୁ କୁହାଯିବ, ସେହି ସେହି ଗୁଣ ଯଦି କୌଣସି ସ୍ତ୍ରୀଙ୍କଠାରେ ଦେଖାଯାଏ, ତେବେ ତାଙ୍କୁ ସତୀ କୁହାଯିବ । ସତୀ ସ୍ୱାମୀଙ୍କ ସ୍ଥୂଳଦେହ ପ୍ରତି ଲକ୍ଷ୍ୟ ରଖେନାହିଁ । ସେ ତାଙ୍କ ସ୍ୱାମୀଙ୍କ ଭିତରେ ଭଗବାନଙ୍କୁ ଦେଖିବାକୁ ଅଭ୍ୟାସ କରନ୍ତି । ତେଣୁ ସତୀଙ୍କ ମୁକ୍ତି ଅବଶ୍ୟମ୍ଭାବୀ ।

ଯଦି ଜଣେ ସ୍ତ୍ରୀଲୋକ କୌଣସି ଜୀବନ୍ମୁକ୍ତ ମହାପୁରୁଷଙ୍କ ରୂପ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ସ୍ୱାମୀ ଭାବରେ ପାଇବାକୁ ଇଚ୍ଛା କରନ୍ତି, ସେ ମୁକ୍ତ ପୁରୁଷ ତ ଆଉଥରେ ଜନ୍ମଗ୍ରହଣ କରିବେ ନାହିଁ, ସେହି ସ୍ତ୍ରୀଲୋକ ସେହିପରି ରୂପଗୁଣବିଶିଷ୍ଟ

ଜଣେ ସ୍ୱାମୀ ପାଇବ; କିନ୍ତୁ ସେ ମୁକ୍ତ ପୁରୁଷଙ୍କୁ ପାଇପାରିବ ନାହିଁ । କାରଣ ସେ ତ ତାଙ୍କୁ ସ୍ୱାମୀରୂପରେ ଅର୍ଥାତ୍ ଭଗବଦ୍ ବୁଦ୍ଧିରେ ସୁଖ ପାଇ ନାହିଁ ? ସେ ଯଦି ମୁକ୍ତପୁରୁଷଙ୍କୁ ଭଗବଦ୍ ଭାବରେ ସୁଖ ପାଇଥିବ, ତେବେ ସେ ସ୍ତ୍ରୀଲୋକ ମଧ୍ୟ ମୁକ୍ତ ହୋଇଯିବ ।

ଯେଉଁ ଶିଷ୍ୟମାନେ ଗୁରୁଦେବଙ୍କୁ ଦେଖିଲାକ୍ଷଣି ବିନା ବିଚାରରେ ସୁଖ ପାଇଥାଆନ୍ତି, ସେହିମାନଙ୍କ ସମ୍ବନ୍ଧ ପୂର୍ବରୁ ସ୍ଥାପିତ ।

ଶ୍ରୀକୃଷ୍ଣଙ୍କର ଦ୍ୱାରକାଲୀଳା—

ବନମାଳୀ ଭାଇ—ଠାକୁର, ଶ୍ରୀମଦ୍‌ଭାଗବତରେ ଅଛି ଯେ ଶ୍ରୀକୃଷ୍ଣଙ୍କର ଷୋଳ ସହସ୍ର ମହିଷୀ ଥିଲେ, ଏହା କେତେଦୂର ସତ ?

ଶ୍ରୀଶ୍ରୀ ଠାକୁର—ଶ୍ରୀକୃଷ୍ଣଙ୍କର ତିନୋଟି ଲୀଳା । ବୃନ୍ଦାବନ ଲୀଳା, ମଥୁରା ଓ ଦ୍ୱାରକା ଲୀଳା । ଶ୍ରୀକୃଷ୍ଣଙ୍କ ଜୀବନଟା ବିପରୀତ । ଶ୍ରୀକୃଷ୍ଣଙ୍କର ବୃନ୍ଦାବନରେ ଯେଉଁ ଲୀଳା, ତାହା ମାଧୁର୍ଯ୍ୟ ଭାବର ଲୀଳା । ଏହା ଆଧ୍ୟାତ୍ମିକ ଭାବ । ମଥୁରା ଓ ଦ୍ୱାରକା ଲୀଳା ଐଶ୍ୱର୍ଯ୍ୟ ଭାବରେ ପୂର୍ଣ୍ଣ । ସେଠାରେ ଶ୍ରୀକୃଷ୍ଣ ଜଣେ ଆଦର୍ଶ ଗୃହସ୍ଥ ଭାବରେ ଲୀଳା କରିଛନ୍ତି । ସ୍ତ୍ରୀ ପୁତ୍ର, ଗୃହ ସଂସାର ନେଇ ସର୍ବଦା ବ୍ୟସ୍ତ ଅଛନ୍ତି । ଏହି ଦ୍ୱାରକାରେ ଶ୍ରୀକୃଷ୍ଣଙ୍କର ଷୋଳ ସହସ୍ର ମହିଷୀ ଥିଲେ । ବର୍ତ୍ତମାନ ସୁଦ୍ଧା ଜଣେ ଜଣେ ରାଜାଙ୍କର ଦୁଇଶହ ପର୍ଯ୍ୟନ୍ତ ରାଣୀ ଅଛନ୍ତି । ତେବେ ଶ୍ରୀକୃଷ୍ଣଙ୍କ ପରି ଯୋଗେଶ୍ୱର ସମ୍ରାଟଙ୍କ ପକ୍ଷରେ ଷୋଳସହସ୍ର ମହିଷୀ ଥିବା ବିଚିତ୍ର କ'ଣ ? ତେବେ ସେମାନଙ୍କ ମଧ୍ୟରେ ଆଠଜଣ ପ୍ରଧାନ ।

ଦିନେ ନାରଦ ମନେ ମନେ ଭାବିଲେ; ଶ୍ରୀକୃଷ୍ଣଙ୍କର ଏତେ ଗୁଡ଼ିଏ ରାଣୀ ଅଛନ୍ତି, ସେ ସେମାନଙ୍କର ମନୋରଞ୍ଜନ କିପରି କରୁଛନ୍ତି । ଏହି କଥା ବୁଝିବା ଉଦ୍ଦେଶ୍ୟରେ ନାରଦ ଛଦ୍ମ ବେଶରେ ଦ୍ୱାରକାକୁ ଯାଇ ପ୍ରଥମେ ରୁକ୍ମିଣୀଙ୍କ ପୁରରେ ପ୍ରବେଶ କଲେ । ସେଠାରେ ଦେଖନ୍ତି ତ, ରୁକ୍ମିଣୀ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ ଚାଲିଛି । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ପଚାରୁଛନ୍ତି 'ରୁକ୍ମିଣୀ, ତୁମେ ମୋତେ କାହିଁକି ସୁଖ ପାଅ' ? ସ୍ୱୟମ୍ବର ସଭାରେ ଏତେ ବଡ଼ ବଡ଼ ରାଜା ଥିଲେ, ତାଙ୍କୁ ଛାଡ଼ି ମୋତେ କାହିଁକି ବରଣ କଲ ? ମୁଁ ରାଜା ନୁହେଁ, ଗଉଡ଼ ଘରେ ଲାଳିତପାଳିତ ମାତ୍ର ।'' ଏପରି କଥୋପକଥନ ଶୁଣି ସେଠାରୁ ନାଦର ସତ୍ୟଭାମା ପୁରକୁ

ଗଲେ । ସେଠାରେ ଯାଇ ଦେଖନ୍ତି ତ, ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହିତ ପଶା ଖେଳୁଛନ୍ତି । ଏହି କ୍ରମରେ ନାରଦ ଷୋଳସହସ୍ର ରାଣୀଙ୍କ ଘରକୁ ଗଲେ । ସବୁ ସ୍ଥାନରେ ଦେଖିଲେ ଯେ, ଶ୍ରୀକୃଷ୍ଣ ମହିଷୀମାନଙ୍କ ସହିତ ବିଭିନ୍ନ ପ୍ରକାର କ୍ରୀଡ଼ା କୌତୁକ କରୁଛନ୍ତି । ଅବଶେଷରେ ଦେଖିଲେ ଯେ, ରାଣୀମାନେ ଶ୍ରୀକୃଷ୍ଣଙ୍କୁ ନେଇ ନାନାପ୍ରକାର ବିବସ୍ତ୍ର କ୍ରୀଡ଼ା ମଧ୍ୟ କରୁଛନ୍ତି । ନାରଦ ଅବାକ୍ ! ମନେ ମନେ ଭାବିଲେ, ଏମାନେ ସମସ୍ତେ କ'ଣ ଶ୍ରୀକୃଷ୍ଣଙ୍କୁ ପାଇବେ !

ଏହିପରି ଭାବି ଭାବି ପୁଣି ରୁକ୍ମିଣୀଙ୍କ ପୁରକୁ ଆସିଲେ । ସେଠାରେ ଦେଖିଲେ, ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ସହିତ ତତ୍ତ୍ୱ ଆଲୋଚନା କରୁଛନ୍ତି । ଶ୍ରୀକୃଷ୍ଣଙ୍କ ପ୍ରଶ୍ନରେ ରୁକ୍ମିଣୀ ଉତ୍ତର କରୁଛନ୍ତି ଯେ, ମୁଁ ଭଗବାନଙ୍କ ବ୍ୟତୀତ ଅନ୍ୟ କାହାକୁ ଭଲ ପାଏ ନାହିଁ । ଭଗବାନ ମୋର ଲକ୍ଷ୍ୟବସ୍ତୁ । ଯେତେବେଳେ ମୁଁ ତୁମ ଭିତରେ ଭଗବତ୍ ସତ୍ତା ଅନୁଭବ କଲି, ସେତେବେଳେ ଯାଇ ମୁଁ ତୁମକୁ ପତିତ୍ୱରେ ବରଣ କଲି । ମୁଁ ତୁମକୁ ଭଗବାନ୍ ବୋଲି ଜାଣେ । ମୁଁ ତୁମର ରୂପ ଗୁଣରେ ମୁଗ୍ଧ ନୁହେଁ । ଏହା ଶୁଣି ଶ୍ରୀକୃଷ୍ଣ କହିଲେ, ଦେଖ, ତୁମେ ହିଁ ମୋତେ ପ୍ରାପ୍ତ ହେବ । ଯେଉଁମାନେ ମୋତେ ଭଗବତ ବୁଦ୍ଧିରେ ସୁଖ ନ ପାଇଁ ମୋର ଦୈହିକ ରୂପ ଗୁଣରେ ଆକୃଷ୍ଟ ହୋଇ ମୋତେ ସୁଖ ପାଉଛନ୍ତି, ସେମାନେ ମୋତେ ପାଇବେ ନାହିଁ ।

ନାରଦଙ୍କ ମନରେ ଯେଉଁ ସଂଶୟ ଜାତ ହୋଇଥିଲା, ତାହାର ମୀମାଂସା ହୋଇଗଲା । ସେ ଖୁସିହୋଇ ଚାଲିଗଲେ । ଫଳମଧ୍ୟ ତାହାହିଁ ହେଲା । ଶ୍ରୀକୃଷ୍ଣ ମୃତ୍ୟୁ ଖବର ଶୁଣି ଅଷ୍ଟମହିଷୀ ପ୍ରାଣତ୍ୟାଗ କଲେ । ଅନ୍ୟମାନଙ୍କୁ ଅସୁରମାନେ ଅପହରଣ କରି ନେଇଗଲେ ।

ଉପରୋକ୍ତ ଆଠ ଜଣ ମହିଷୀ ସତୀ ଓ ପ୍ରତିପ୍ରାଣା । ଅନ୍ୟମାନେ କାମୁକା । ସତୀ ସ୍ତ୍ରୀର ପ୍ରାଣ ସ୍ୱାମୀଙ୍କ ମୃତ୍ୟୁ ସମ୍ବାଦ ଶୁଣିବା କ୍ଷଣି ଚାଲିଯାଏ । ଜୟଦେବଙ୍କ ସ୍ତ୍ରୀଙ୍କୁ ପରୀକ୍ଷା କରିବା ପାଇଁ ମିଥ୍ୟାରେ ସ୍ୱାମୀଙ୍କର ମୃତ୍ୟୁ ସମ୍ବାଦ ଶୁଣାଇ ଦିଆଗଲା । ସେ ଶୁଣିବାକ୍ଷଣି ପ୍ରାଣତ୍ୟାଗ କଲେ । ଶେଷରେ ଜୟଦେବ ହରିନାମ ବଳରେ ତାଙ୍କୁ ପୁଣି ଜୀବଦାନ ଦେଲେ । ଜୟଦେବଙ୍କ ଗୀତଗୋବିନ୍ଦ ପଦଗୁଡ଼ିକ ମଧୁର ! କି ସୁଲଳିତ !! ନିଜେ ଶ୍ରୀକୃଷ୍ଣ 'ଦେହି ପଦପଲ୍ଲବମୁଦାରଂ' ଲେଖି ଦେଇଗଲେ ।

ନିଜେ ଶ୍ରୀରାଧା ପଦ୍ମାବତୀ ରୂପରେ ଜୟଦେବଙ୍କ ଘର ଛପର କରିବା ନିମିତ୍ତ ଘରଭିତରେ ଥାଇ ଗଣ୍ଡି ବଢ଼ାଇ ଦେଉଥିଲେ । ମା ନିଜେ କନ୍ୟା ରୂପରେ ରାମପ୍ରସାଦଙ୍କୁ ବାଡ଼ ବୁଜିବାବେଳେ ସାହାଯ୍ୟ କରୁଥିଲେ । ଭାବ ଓ ଭକ୍ତି ବଳରେ ପ୍ରତିମା ଶୀଘ୍ର ଚୈତନ୍ୟପ୍ରାପ୍ତ ହୁଅନ୍ତି । ସେ ସବୁ ବିଷୟ ଜ୍ଞାନ ବା ଯୁକ୍ତିତର୍କର ଅତୀତ । ମୁଁ ବୈଦାନ୍ତିକ ଜ୍ଞାନୀ ହୋଇ ମଧ ଏସବୁ କଥା ବିଶ୍ୱାସ କରେ । କି ପ୍ରତ୍ୟକ୍ଷ ଘଟଣା ଦେଖି ମୋର ଜ୍ଞାନ ବିଚାର ଉଭେଇଗଲା ତାହା କହୁଛି ଶୁଣ ।

ମୁଁ ପିଲାଦିନେ ଦେବଦେବୀ ବିଶ୍ୱାସ କରୁ ନ ଥିଲି । ଆମଘରେ ଦୁର୍ଗୋତ୍ସବ ହୁଏ; ମୁଁ ଦେବୀଙ୍କୁ ପ୍ରଣାମ ସୁଦ୍ଧା କରେ ନାହିଁ । ସେତେବେଳେ ମୋ ମନ ଏପରି ଥିଲା ଯେ, ମୁଁ କୌଣସି କାର୍ଯ୍ୟ ପ୍ରତ୍ୟକ୍ଷରେ ନ ଦେଖିବା ପର୍ଯ୍ୟନ୍ତ ବିଶ୍ୱାସ କରୁ ନ ଥିଲି । ମୁଁ ଭାବୁଥିଲି ମନୁଷ୍ୟ ମରିଗଲେ ସବୁ ଶେଷ ହୋଇଯାଏ । ଆହୁରି ମୁଁ ଭାବୁଥିଲି ଯେ, ଭଗବାନ ଥିଲେ ସୁଦ୍ଧା ମୋର ସେଥିରେ କିଛି ଲାଭ କ୍ଷତି ନାହିଁ । ତା'ପରେ ଏକ ପ୍ରତ୍ୟକ୍ଷ ଘଟଣା ଦେଖି ପରଲୋକରେ ବିଶ୍ୱାସ ଆସିଗଲା । ତାହାର କିଛିଦିନ ପରେ ତ ସନ୍ନ୍ୟାସୀ ହେଲି ! ଏହି ଅବସ୍ଥାରେ ମୁଁ ଭଗବାନଙ୍କ ଲୀଳାଖେଳା ସବୁ ଅସ୍ୱୀକାର କରିବସିଲି । ତୀର୍ଥାଦି ବିଶ୍ୱାସ କରେ, ମାତ୍ର ସେଗୁଡ଼ିକ ଯେ ଦେବଦେବୀଙ୍କ ଯୋଗୁ ପବିତ୍ର, ଏକଥା ବିଶ୍ୱାସ କରିପାରେ ନାହିଁ । ଏହି ଅବସ୍ଥାରେ ଦିନେ କାଶୀରେ ଉପସ୍ଥିତ ହେଲି । ବୋଧହୁଏ ୧୩୦୦ ସାଲ ହେବ । ସେହି ସମୟରେ କାଶୀରେ ଦୁର୍ଭିକ୍ଷ ପଡ଼ିଥାଏ । ନର୍ଦ୍ଦମା ଭିତରୁ ଅଇଣ୍ଠାପତ୍ରରୁ ଭାତ ଗୋଟାଇ ଲୋକେ ଖାଉଥାନ୍ତି । ଏହି ଘଟଣା ଦେଖି ମୋ ମନରେ ବଡ଼ କଷ୍ଟ ହେଲା । ମନେ ମନେ ଭାବିଲି, ସମସ୍ତେ କହନ୍ତି—କାଶୀର ଅଧିଷ୍ଠାତ୍ରୀ ଦେବୀ ନିଜେ ମା' ଅନ୍ନପୂର୍ଣ୍ଣା । ପୁଣି ପ୍ରବାଦ ଅଛି ଯେ, କାଶୀରେ କେହି ଅଭୁକ୍ତ ରହନ୍ତି ନାହିଁ । ଏଠାରେ ପୁଣି ଦୁର୍ଭିକ୍ଷ କିପରି ପଡ଼ିଲା ?

ଏହି ଯୁକ୍ତି ଧରି କାଶୀର ପଣ୍ଡିତମାନଙ୍କ ସହିତ ଯୁକ୍ତିତର୍କ କରିବାକୁ ଲାଗିଲି । ଅନେକେ କହିଲେ, କଳିକାଳରେ ଏସବୁ ମିଥ୍ୟା । ମୁଁ କହିଲି—ନା, ମନୁଷ୍ୟମାନଙ୍କ ନିମିତ୍ତ ସିନା କଳିକାଳ, ଦେବତାମାନଙ୍କର ପୁଣି କାଳ କ'ଣ ? ଶେଷରେ ଜଣେ ମହାରାଷ୍ଟ୍ରୀୟ ପଣ୍ଡିତ କହିଲେ 'କେହି ଆଗନ୍ତୁକ କାଶୀରେ ଅଭୁକ୍ତ ରହନ୍ତି ନାହିଁ ।' ମୁଁ ଭାବିଲି 'ବେଶ୍, ମୁଁ ତ ଆଗନ୍ତୁକ ! ପରୀକ୍ଷା କରି ଦେଖିବି, କିପରି ଆଗନ୍ତୁକକୁ ମାଆ ଅନ୍ନପୂର୍ଣ୍ଣା ଖାଇବାକୁ ଦେବେ !' ଏହି କଥା ଭାବି ଗଙ୍ଗା କୂଳରେ ଗୋଟିଏ

ନିର୍ଜନ ସ୍ଥାନରେ ବସିରହିଲି । କିଛିକ୍ଷଣି ପରେ ଦେଖିଲି ଜଣେ ଅତ୍ୟନ୍ତ କଦାକାର ହିନ୍ଦୁସ୍ଥାନୀ ବୃଦ୍ଧା ଗୋଟିଏ ଶାଳପତ୍ର ଦନା (ଠୋଲା) ଧରି ମୋ ନିକଟରେ ଉପସ୍ଥିତ ହୋଇ କହିଲେ "ବାବା ! ଏହି ପୁଟୁଳାଟି ତୁମ ପାଖରେ ଥାଉ; ମୁଁ ସ୍ନାନ କରି ଆସେ ।" ଏହା କହି ବୃଦ୍ଧା ପତ୍ରଠୋଲାଟି ମୋ ନିକଟରେ ରଖିଦେଇ ସ୍ନାନ କରିବାକୁ ଗଲା । ବୃଦ୍ଧା ସ୍ନାନ କରିବା ପର୍ଯ୍ୟନ୍ତ ମୋର ନଜର ଥିଲା । ତତ୍‌ପରେ ମୁଁ ଧ୍ୟାନମଗ୍ନ ହୋଇପଡ଼ିଲି । ଧ୍ୟାନ ଭାଙ୍ଗିବାବେଳକୁ ଠିକ୍ ରାତ୍ରି ଦଶଟା । ନିକଟରେ ଥିବା ଜେଲଖାନା ଘଣ୍ଟାରେ ଦଶଟା ବାଜିବାରୁ ମୁଁ ତରତର ହୋଇ ଉଠିପଡ଼ି ଯିବାକୁ ବାହାରିବାବେଳେ ଦେଖିଲି ବୃଦ୍ଧାର ସେହି ପୁଟୁଳାଟି ଥୁଆ ହୋଇଛି । ଭାବିଲି ବୃଦ୍ଧା କ'ଣ ଭୁଲିଗଲା ? ନା, ଯଦି ଭୁଲିଯାଇଥାଆନ୍ତା ତେବେ ଏତେ ସମୟ ଭିତରେ ସେ ତ ପୁଣି ବାଟରୁ ଫେରିଆସି ତା ପୁଟୁଳାଟି ନେଇଯାଇ ସାରନ୍ତାଣି ! ସେତେବେଳକୁ ମୋତେ ପ୍ରବଳ ଭୋକ ଲାଗୁଥାଏ । ଭାବିଲି ପୁଟୁଳାଟିରେ କ'ଣ ଅଛି ଦେଖେ ! ଏହା ଭାବି ପୁଟୁଳାଟି ଖୋଲି ଦେଖିଲି, ସେଥିରେ ବର୍ଦ୍ଧମାନର ଆଠଗୋଟି ସୀତାଭୋଗ ଅଛି । ହିନ୍ଦୁସ୍ଥାନୀ ବୃଦ୍ଧା କାଶୀରେ ବର୍ଦ୍ଧମାନର ସୀତାଭୋଗ ପାଇବା ଅସମ୍ଭବ । ମନେକଲି ଅନ୍ନପୂର୍ଣ୍ଣା କ'ଣ ଏହା ଦେଇଗଲେ ? ଯାହାହେଉ ସେତକ ଉଦରସ୍ଥ କରି ସେ ସ୍ଥାନରୁ ଶୀଘ୍ର ବାହାରିଯିବାକୁ ଇଚ୍ଛାକଲି । କାରଣ ଅନ୍ନପୂର୍ଣ୍ଣା ମୋତେ ସୀତାଭୋଗ ଦେଇଗଲେ ସିନା, ଖାଇବାକୁ ତ କହି ନାହାନ୍ତି ! କାଲେ ପୁଣି ଆସି ସୀତାଭୋଗତକ ମାଗିବେ !

କାଶୀରେ ଯେଉଁ ବସାରେ ଥିଲି, ଏତେ ରାତ୍ରି ପର୍ଯ୍ୟନ୍ତ ସେ ଘରର ଦ୍ୱାର ଖୋଲା ନ ଥିବ ଭାବି ଗୋଟିଏ ଭଙ୍ଗାଘରେ ସେ ରାତ୍ରିଟି ଯାପନ କଲି ! ଘରଟି ଚେମେଣି ଗନ୍ଧରେ ପୂର୍ଣ୍ଣ । କୌଣସି ପ୍ରକାରରେ ନିଦ ଆସିଗଲା । ସ୍ୱପ୍ନରେ ସେହି ବୃଦ୍ଧା ଦେଖାଦେଇ ମୋତେ କହିଲେ, "ଦେଖ ବାବା, ତୁ କିଛି ଜ୍ଞାନଲାଭ କରିନାହୁଁ । ଭଗବାନ ସର୍ବଶକ୍ତିମାନ, ଅଖଣ୍ଡମଣ୍ଡଳାକାର, ଏକଥା ତ ବୈଦାନ୍ତିକ ସତ୍ୟ । ତେବେ ଭଗବାନଙ୍କର ସ୍ଥୂଳମୂର୍ତ୍ତି ଧାରଣ ଅସମ୍ଭବ ବୋଲି ବିଚାରୁଛୁ କାହିଁକି ? ବେଦାନ୍ତରେ ତ ଅଛି ଚନ୍ଦ୍ର, ସୂର୍ଯ୍ୟ, ଜଳ ପ୍ରଭୃତିଙ୍କର ଅଧିଷ୍ଠାତ୍ରୀ ଦେବତା ଅଛନ୍ତି । ତେବେ କାଶୀରେ ନ ଥିବେ କାହିଁକି ? ବ୍ରହ୍ମଚୈତନ୍ୟ ଯଦି ଚରାଚର ବ୍ୟାପ୍ତ, ତେବେ ସ୍ଥୂଳ ପ୍ରସ୍ତର ମୂର୍ତ୍ତିରେ ସେ ଚୈତନ୍ୟଙ୍କ ଆବେଶ ନ ହେବ ବା କାହିଁକି ?

ମା'ଙ୍କଠାରୁ ଏକଥା ଶୁଣି ମୋର ଜ୍ଞାନର ଅଭିମାନ ଚାଲିଗଲା । ମୁଁ ପଚାରିଲି "ମା, ତୁମେ କିଏ ?" ବୃଦ୍ଧା ଉତ୍ତର କଲେ "ମୁଁ ଅନ୍ନପୂର୍ଣ୍ଣା, କାଶୀର ଅଧିଷ୍ଠାତ୍ରୀ ଦେବୀ । ମୁଁ ତୋତେ ସୀତାଭୋଗ ଦେଇ ଆସିଥିଲି ।" ମୁଁ କହିଲି, "ମା, ତେବେ ଏ ରୂପରେ କାହିଁକି ? ନିଜ ରୂପ ଦେଖାନ୍ତୁ ।" ବୃଦ୍ଧା କହିଲେ "କାଳେ ତୁ ଅବିଶ୍ୱାସ କରିବୁ ବୋଲି ଏ ମୂର୍ତ୍ତିରେ ଆସିଥିଲି ।" ଅନନ୍ତର ମା' ଅନ୍ନପୂର୍ଣ୍ଣା ଜ୍ୟୋତିର୍ମୟୀ ମୂର୍ତ୍ତିରେ ଆବିର୍ଭୂତା ହେଲେ । ଆନନ୍ଦରେ ମୁଁ ଉଠିପଡ଼ିଲି । ଦେଖେ ତ ଗୃହଟି ଚିମିଣିଗନ୍ଧ ପରିବର୍ତ୍ତେ ଧୂପ ଦୀପାଦି ଗନ୍ଧରେ ଆମୋଦିତ ଓ ସୁବାସିତ ହୋଇଯାଇଛି । ଏହାପରେ ସଙ୍ଗେ ସଙ୍ଗେ ସ୍ନାନ ସାରି ଅନ୍ନପୂର୍ଣ୍ଣାଙ୍କ ମନ୍ଦିରକୁ ଯାଇ ମାଆଙ୍କୁ ପ୍ରଣାମ କରି ଫେରିଲି । ଅନ୍ନପୂର୍ଣ୍ଣାଙ୍କ କଥା ଶୁଣି ଭାବିଲି, ବାସ୍ତବିକ୍ ମୁଁ ତ ପୂର୍ଣ୍ଣ ସତ୍ୟଲାଭ କରିନାହିଁ ! ତତ୍ପରେ ଗୁରୁଙ୍କ ପାଖକୁ ଯାଇ ଏକଥା ଜଣାଇବାରୁ ସେ ମୋତେ ଗୌରୀ ମାଆଙ୍କ କଥା ସ୍ମରଣ କରାଇଦେଲେ । ପରେ ଭକ୍ତିତତ୍ତ୍ୱ ଆଲୋଚନା କରି ଭାବସାଧନା ଆରମ୍ଭ କଲି ।

ତେଣୁ ଦେବଦେବୀମାନଙ୍କୁ ମୁଁ ବର୍ତ୍ତମାନ ସ୍ୱୀକାର କରେ । ମୋ ପରି ଲୋକ ନିକଟରେ କୌଣସି ସାମ୍ପ୍ରଦାୟିକତା ନାହିଁ । ବ୍ରହ୍ମଚୈତନ୍ୟଙ୍କର ବିକାଶ ଯଦି ରକ୍ତମାଂସମୟ ଜଡ଼ ଶରୀରରେ ଦେଖାଯାଏ, ତେବେ ପ୍ରସ୍ତରମୂର୍ତ୍ତିରେ ସେ ଚୈତନ୍ୟର ବିକାଶ ନ ହେବ କାହିଁକି ?

ତୈଲଙ୍ଗସ୍ୱାମୀ ତାଙ୍କ ଶିଷ୍ୟ ଉମାଚରଣଙ୍କୁ ପ୍ରସ୍ତରମୟୀ କାଳୀମୂର୍ତ୍ତିଙ୍କୁ ଚୈତନ୍ୟଶୀଳା ଭାବରେ ଦେଖାଇ ଦେଇଥିଲେ । ଭାବ ଅନୁଯାୟୀ ମୂର୍ତ୍ତିର ଶୀଘ୍ର ଚୈତନ୍ୟ ଉଦୟ ହୁଏ । ଆନନ୍ଦମୟୀ କାଳୀମୂର୍ତ୍ତି କନ୍ୟା ଭାବରେ ବର୍ତ୍ତମାନ ସୁଦ୍ଧା ଜାଗ୍ରତ ଅଛନ୍ତି । ଆନନ୍ଦମୟୀ କାଳୀମୂର୍ତ୍ତିଙ୍କ ମନ୍ଦିରରେ ଚୋର ପଶି ମାଙ୍କର ସମସ୍ତ ଅଳଙ୍କାର ନେଇଯିବା ପରେ ପୂଜକ ଦେବୀଙ୍କୁ ମନେ ମନେ କହିଲେ— "ମାଆ, ତୋର ଏତେ ମହିମା; ତଥାପି ଚୋର ତୋର ଅଙ୍ଗରୁ ଅଳଙ୍କାର ଘେନିଗଲା ?' ଦେବୀ, ପୂଜକଙ୍କୁ ସ୍ୱପ୍ନରେ କହିଲେ—"ଚୋରମାନେ ଦୁଇ ପଇସାର ଫେଣା ଆଣି କହିଲେ, ମାଆ ଏତକ ତୋପାଇଁ ଆଣିଛୁ । ତୁ ତୋର ଅଳଙ୍କାରତକ ଦେଇଦେ ! ମୁଁ ଦେଇଦେଲି ।" ଏ ସବୁର ତତ୍ତ୍ୱ ଯୁକ୍ତିତର୍କ ଦ୍ୱାରା ବୁଝିବା କଠିନ ।

ନୃପଭାଇ—ଠାକୁର ! ସ୍ୱର ଶାସ୍ତ୍ରରେ ଯେଉଁ ତତ୍ତ୍ୱବିଜ୍ଞାନ ଅଛି, ଆମପକ୍ଷରେ ସେ ସବୁର ପୃଥକ୍ ସାଧନ କରିବା କ'ଣ ଆବଶ୍ୟକ ?

ଶ୍ରୀଶ୍ରୀ ଠାକୁର—ଏସବୁ ବାଜେ କ୍ରିୟା । ଏହା ସହିତ ଆଧ୍ୟାତ୍ମିକତାର କୌଣସି ସମ୍ବନ୍ଧ ନାହିଁ । ଆଧ୍ୟାତ୍ମିକ ଜଗତରେ ଯଦି ଏ ସବୁର ଆବଶ୍ୟକତା ଥାଆନ୍ତା, ତାହାହେଲେ ମୁଁ ଏସବୁ ପ୍ରକ୍ରିୟା ତୁମମାନଙ୍କୁ କହିଥାଆନ୍ତି । ତୁମମାନଙ୍କ ପକ୍ଷରେ ଯାହାସବୁ ଆବଶ୍ୟକ, ତାହା ଯଦି ନ କହିବି, ତେବେ ମୁଁ ଗୁରୁ ହେଲି କାହିଁକି ? ଦେଖ, ସାଧନଭଜନ କରି ସିଦ୍ଧିଲାଭ କରିବା ବଡ଼ କଷ୍ଟ । ହଜାର ଜଣଙ୍କ ମଧ୍ୟରେ ଜଣକର ସାଧନ ପ୍ରତି ମନ ବଳେ । ସେହି ସାଧକମାନଙ୍କ ମଧ୍ୟରୁ ହଜାର ଜଣରେ ଜଣକର ସିଦ୍ଧିଲାଭ ଘଟେ । ଏହି ସିଦ୍ଧମାନଙ୍କ ମଧ୍ୟରୁ ଯେଉଁମାନେ ଗୁରୁ ହୋଇଛନ୍ତି, ସେହି ସଦ୍‌ଗୁରୁଙ୍କ କୃପାଦ୍ୱାରା ଦୁଇ ତିନି ହଜାର ଲୋକ ଉନ୍ନତ ହୋଇ ଉଠନ୍ତି । ମୋର ଏତେ ଗୃହସ୍ଥ ଶିଷ୍ୟ ଅଛନ୍ତି । କିନ୍ତୁ ତାଙ୍କ ଭିତରେ କେହି ଜଣେହେଲେ ସାଧନସିଦ୍ଧ ନୁହନ୍ତି । କେବଳ ଗୁରୁଦେବଙ୍କ ପ୍ରତି ବିଶ୍ୱାସ ଓ ତାଙ୍କ ଉପରେ ନିର୍ଭର କରିବା ଆବଶ୍ୟକ । ବିଶ୍ୱାସ ନ ଥିଲେ ନିର୍ଭରତା ଆସିପାରେ ନାହିଁ । ଏହି ବନମାଳୀକୁ ଦେଖୁନାହିଁ ? ଦୀକ୍ଷା·ଗ୍ରହଣ ପରଠାରୁ ସେ ଯେଉଁ ଅନୁଭୂତି ପାଇଲା, ତଦ୍ୱାରା ତାର ବିଶ୍ୱାସ ହେଲା ଯେ ଠାକୁରଙ୍କଠାରେ ଶକ୍ତି ଅଛି । ମୁଁ ସାମାନ୍ୟ କୃପା ପାଇ ଯଦି ଏତେଦୂର ଅଗ୍ରସର ହୋଇପାରୁଛି, ତେବେ ତାଙ୍କର କୃପା ପୂର୍ଣ୍ଣମାତ୍ରାରେ ପାଇଲେ ମୁଁ ନିଶ୍ଚୟ ସୁଖଶାନ୍ତିର ଅଧିକାରୀ ହୋଇପାରିବି । ଏହିପରି ବିଶ୍ୱାସ ହେବାରୁ ସେ ମୋ ଉପରେ ନିର୍ଭର କଲା । ବାସ୍ତବିକ, ଗୁରୁଙ୍କ ଉପରେ ନିର୍ଭର କରିପାରିଲେ ସୁଖଶାନ୍ତିର ଅଧିକାରୀ ହୋଇପାରିବ । ଯେଉଁଥିରେ ମନୁଷ୍ୟ ସୁଖ ଶାନ୍ତିରେ ରହିପାରେ, ତାହାକୁ ସିଦ୍ଧି କୁହାଯାଏ ।

ଯେଉଁ ବଳରେ ମନୁଷ୍ୟ ଅନ୍ୟକୁ ଭସ୍ମ କରିଦେବାର କ୍ଷମତା ଲାଭ କରିପାରିବ, ସେ ସିଦ୍ଧି ଅଲଗା । ପ୍ରକୃତ ସୁଖଶାନ୍ତି ପ୍ରଦାନହିଁ ଗୁରୁକୃପା ।

ତେବେ ଯେଉଁ ସାଧନଭଜନ କରିବାକୁ ଦିଆଯାଉଛି, ତଦ୍ୱାରା ଚିତ୍ତଶୁଦ୍ଧି ହେବ ଏବଂ ଗୁରୁଙ୍କର ଆଦେଶପାଳନ କରାଯିବ । ତାଙ୍କର ଆଦେଶ ନିଷ୍ଠାପର

ଭାବରେ ପାଳନ କରିବା ପ୍ରକୃତ ନିର୍ଭରକାରୀ ଶିଷ୍ୟଙ୍କର ଏକାନ୍ତ କର୍ତ୍ତବ୍ୟ । ଅଭ୍ୟାସ ବଳରେ ଚିତ୍ତ କ୍ରମଶଃ ଶୁଦ୍ଧ ହେବ ଓ ସ୍ଥିର ହେବ । ସାଧନ ଅଥ ଅଭ୍ୟାସ ।

ମୁଁ—ଜପ ସମୟରେ ନାନାପ୍ରକାର ଚିନ୍ତା ଆସି ଉପସ୍ଥିତ ହେଉଛି । କ'ଣ କରାଯିବ ?

ଶ୍ରୀଶ୍ରୀ ଠାକୁର—ହଁ, ଅଭ୍ୟାସ ବଳରେ ଅବାନ୍ତର ଚିନ୍ତା ସବୁ କ୍ରମଶଃ କମି ଆସିବ । ନାମ କରୁକରୁ ଶେଷରେ ମନ ସ୍ଥିର ହେବ । ଏହା କହି ଭୂତର ଗଳ୍ପ କହିଲେ । (ଏହା ଅନ୍ୟତ୍ର ଦିଆଯାଇଛି)

ଏହାପରେ ବନମାଳୀ ଭାଇଙ୍କ କଥା ପଡ଼ିଲା । ଜଣେ ଡାକ୍ତର ତାଙ୍କ କାନ ଭଲ ହେବାପାଇଁ ଅପରେସନ କରିବା କଥା ଶୁଣି ଶ୍ରୀଶ୍ରୀ ଠାକୁର କହିଲେ—ଭଗବାନଙ୍କ ଉପରେ ନିର୍ଭର କରି ଅପରେସନ କର । ଯଦି ଡାକ୍ତରଙ୍କ ମତ ଯେ ନାସିକା କର୍ଣ୍ଣ ସଂଯୋଜକ ନଳୀରେ ଶ୍ଳେଷ୍ମା ଶୁଖିଯାଇ ବାୟୁ ସଞ୍ଚାଳନରେ ବାଧା ଦେଉଛି ଏବଂ ଅପରେସନ କଲେ ଯଦି ତାହା ଭଲହେବ, ତେବେ ନାସାପାନ କଲେ ମଧ୍ୟ ଶ୍ଳେଷ୍ମା ବାହାରି ଯିବ । ତୁ ଓକିଲାତି ଛାଡ଼ିଦେଲେ କ'ଣ ଚଳିପାରିବୁ ନାହିଁ ?

ବନମାଳୀ ଭାଇ କହିଲେ, ମୁଁ କିଛି ସଞ୍ଚୟ କରିନାହିଁ । ଖାଇବାକୁ ପାଇବି କିପରି ?

୧୧-୧୦-୩୪ ତାରିଖ—ଗୁରୁବାର

ଆଜି କ୍ଷୀରୋଦନାଥ ସିଂହ ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ କରିବାକୁ ଆସିଥିଲେ । ଆମ ସହିତ ଆଜି ନାନା ବିଷୟରେ ଆଲୋଚନା ହୋଇଥିଲା । କିପରି ସଂଘ ଗଠନ ଆମେ କରିଛୁ ଓ ବିଭିନ୍ନ ସ୍ଥାନରେ ଭକ୍ତ ଥିବାରୁ କିପରି ସମଗ୍ର ଉତ୍କଳ ଓ ଉତ୍କଳ ଭାଷାଭାଷୀ ଶିଷ୍ୟଭକ୍ତଙ୍କୁ ନେଇ ଗୋଟିଏ ସଂଘ ଅନ୍ତର୍ଭୁକ୍ତ କରିଛୁ, ସେ ସମ୍ପର୍କରେ ଶ୍ରୀଶ୍ରୀ ଠାକୁରଙ୍କୁ କହିବାରୁ ଶ୍ରୀଶ୍ରୀ ଠାକୁର ଆନନ୍ଦିତ ହୋଇ ଆଶୀର୍ବାଦ କରି କହିଲେ, ବିଭିନ୍ନ ସ୍ଥାନରେ ଥିଲେ ମଧ୍ୟ ଶୀଘ୍ର ତୁମେମାନେ ଦିନେ ଗୋଟିଏ ସଂଘରେ ପରିଣତ ହୋଇଯିବ ।

୧.୨-୧୦-୩୪ ତାରିଖ—ଶୁକ୍ରବାର

ଆଜି ମୁଁ, ନୃପଭାଇ, ଲକ୍ଷ୍ମୀଧର ଦାଦା ଏବଂ ଆଉ ଜଣେ ଶ୍ରୀଶ୍ରୀ ଠାକୁରଙ୍କ ନିକଟକୁ ଯାଇଥିଲୁ । ଶ୍ରୀଶ୍ରୀ ଠାକୁର ମୋତେ ଓ ନୃପଭାଇଙ୍କୁ ଲକ୍ଷ୍ୟକରି କହିଲେ, ଦେଖ, ମୁଁ ତୁମ ଦୁହିଁଙ୍କୁ ଯେଉଁ କ୍ରିୟା ଦେଇଥିଲି, ସେଥିରେ କିଛି ପରିବର୍ତ୍ତନ କରିଦେବାକୁ ଇଚ୍ଛା କରୁଛି । ଯାହା ନ ବୁଝିପାରିବ, ତାହା ପଚାରି ମୋଠାରୁ ବୁଝିନେବ ।

ପ୍ରଥମେ ପଦ୍ମାସନ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଆସନରେ ବସି ମସ୍ତକ, ଗ୍ରୀବା, ମେରୁଦଣ୍ଡ ଠିକ୍ ସିଧା ଓ ସରଳଭାବରେ ରଖିବ । ତା'ପରେ ନିଜର ନାଭିସ୍ଥାନ ପ୍ରତି ଦୃଷ୍ଟିଦେବ । ପରେ କ୍ରମେ କ୍ରମେ ନିଃଶ୍ୱାସ ଭିତରକୁ ଟାଣିନେଇ ଖୁବ୍ ଅଳ୍ପ ସମୟ ନାଭିସ୍ଥାନରେ ବାୟୁ ଧାରଣ କରିବ ଓ ଆସ୍ତେ ଆସ୍ତେ ନିଃଶ୍ୱାସ ତ୍ୟାଗ କରିବ । ନିଃଶ୍ୱାସ ଏପରିଭାବରେ ନେବ ଓ ଛାଡ଼ିବ ଯେ, ତାହା ଯେପରି ସ୍ୱାଭାବିକ ଗତିରେ ଯାଉଛି । ଯେପରି ସଁ, ସଁ, ହେବାକୁ ନ ପଡ଼େ । ନାଭିସ୍ଥାନରେ ବାୟୁ ଧାରଣ କଲେ ତାହା ମେରୁଦଣ୍ଡକୁ ଯିବ, ସେଥିରେ କୁଣ୍ଡଳିନୀର ଚୈତନ୍ୟ ହେବ । ଏହି କ୍ରିୟା ଅଭ୍ୟାସ କଲେ ନାଦ ଶ୍ରବଣ ହେବ ଓ ମେରୁଦଣ୍ଡ ଭିତର ସିରିସିରି କରିବ । ଏହି ଲକ୍ଷଣ ପ୍ରକାଶ ପାଇଲେ ଜାଣିବ, କୁଣ୍ଡଳିନୀର ଚୈତନ୍ୟ ହୋଇଛି ।

ତା'ପରେ ଗୁରୁଧ୍ୟାନ କରିବ । ଭାବିବ, ମସ୍ତକ ଉପରେ ଗୋଟିଏ ଶତଦଳ ଶ୍ୱେତପଦ୍ମ ଅଛି । ମେରୁଦଣ୍ଡ ଯେପରି ପଦ୍ମର ନାଡ଼ ଏବଂ ମେରୁଦଣ୍ଡ ଯେଉଁଠି ଶେଷ ହୋଇଛି, ସେହିଠାରେ ପଦ୍ମଟି ଫୁଟିଛି । ସେହି ପଦ୍ମ ଉପରେ ଗୁରୁଦେବ ଜୀବନ୍ତ ମୂର୍ତ୍ତିରେ ହସ ହସ ବଦନରେ ବସିଛନ୍ତି । ସେ ପଦ୍ମର ଚାରିଆଡ଼ ଜ୍ୟୋତିର୍ମ୍ମୟ । ସେହିଠାରେ ଗୁରୁଦେବଙ୍କୁ ଚିନ୍ତାକରି ମନେ ମନେ ପ୍ରଣାମ କରିବ ଓ ମନେ ମନେ ପ୍ରାର୍ଥନା କରିବ—"ଠାକୁର ଜ୍ଞାନ ଦିଅ, ଭକ୍ତି ଦିଅ, ବିଶ୍ୱାସ ଦିଅ ।" ଏହା କହି ମନେ ମନେ ପରେ ପ୍ରଣାମ କରିବ । ପ୍ରଣାମ ଓ ପ୍ରାର୍ଥନା କରିସାରିଲା ପରେ ଯଦି ଗୁରୁଦେବ ପ୍ରତିମୂର୍ତ୍ତି ସମ୍ମୁଖରେ ଥାନ୍ତି, ତେବେ ଗୁରୁଦେବଙ୍କୁ ଆସନରେ ପ୍ରଣାମ କରି କ୍ରିୟା ଆରମ୍ଭ କରିବ । ଏହାପରେ ଜପ କରିବ ।

ଜପର କୌଶଳ * * * *

ଶେଷରେ ଜପ ସମର୍ପଣ କରିବ ।

ଜପ ସମର୍ପଣ * * * *

ଏହି କ୍ରିୟା ହେଉଛି ଜପର ବୈଜ୍ଞାନିକ କୌଶଳ । ଏହି କ୍ରିୟା ଦ୍ୱାରା ଯେ କୌଣସି ମନ୍ତ୍ର ଅକ୍ଳେଶରେ ସିଦ୍ଧି ହୋଇଯିବ । ଏହି କ୍ରିୟା ମୋର ନିଜସ୍ୱ । ସଦ୍‌ଗୁରୁଙ୍କ ଶିଷ୍ୟ ବ୍ୟତୀତ ଏ କ୍ରିୟା ଅନ୍ୟକୁ କହିବା ନିଷେଧ । ମୁଁ ଯେଉଁ ଶିଷ୍ୟମାନଙ୍କୁ ଏ ପ୍ରକ୍ରିୟା କହି ନାହିଁ, ସେମାନଙ୍କୁ ମଧ ତୁମେ ଏ କୌଶଳ କହିଦେଇପାରିବ ।

ତତ୍ପରେ ଶ୍ରୀଶ୍ରୀ ଠାକୁର ପୁନରାୟ କହିଲେ—''ଦେଖ, ଚିତ୍ତଶୁଦ୍ଧି ହେଉଛି ଅସଲ କଥା । 'ବ୍ରହ୍ମଚର୍ଯ୍ୟସାଧନ' ପୁସ୍ତକରେ ଚିତ୍ତଶୁଦ୍ଧିର ସମସ୍ତ ବିବରଣ ଦିଆଯାଇଛି । ତୁମେ ସବୁବେଳେ ବିଶ୍ୱାସ ରଖିବ ଯେ, ଭଗବାନ ଅନ୍ୟ କୌଣସିଠାରେ ନାହାନ୍ତି, ତୁମ ହୃଦୟରେ ଅଛନ୍ତି । ସବୁ ଅବସ୍ଥାରେ ସନ୍ତୁଷ୍ଟ ରହିବା ଉଚିତ । ଚିତ୍ତଶୁଦ୍ଧି ନ ହେଲେ ଜପ ଧ୍ୟାନ ସବୁ ବୃଥା । ଯେପରି ଦର୍ପଣରେ ମଇଳା ଲାଗିଲେ ମୁହଁ ଦେଖାଯାଏ ନାହିଁ, ସେହିପରି ଚିତ୍ତରେ ମଇଳା ଥିଲେ ଭଗବାନ କିମ୍ବା ଗୁରୁଙ୍କର କୃପାଲାଭ ହୋଇପାରେ ନାହିଁ । ସର୍ବଦା ମନରେ ଭାବିବ ଗୃହସଂସାର ସବୁ ଅନିତ୍ୟ, ଏକା ଆସିଛି, ଏକା ଯିବି । ଏହିପରି ଭାବନାର ନାମ ବୈରାଗ୍ୟ ।

ନୃପଭାଇ—ନାସାପାନର ଉପକାରିତା କ'ଣ ? ମୁଣ୍ଡ କୁଣ୍ଡାଇବାକୁ ହେଲେ କେଉଁ ପାନିଆ ସବୁଠାରୁ ଭଲ ?

ଶ୍ରୀଶ୍ରୀ ଠାକୁର—ନାସିକା ଦ୍ୱାରା ଜଳପାନ କଲେ ମସ୍ତିଷ୍କ ଖୁବ୍ ଥଣ୍ଡା ରହେ । କାଠପାନିଆ ବ୍ୟବହାର ସବୁଠାରୁ ଭଲ । ଖାଇସାରି ବୀରାସନରେ ବସି କାଠପାନିଆ ଦ୍ୱାରା ମୁଣ୍ଡ କୁଣ୍ଡାଇଲେ ବାତବ୍ୟାଧି ଆକ୍ରମଣ କରିପାରେ ନାହିଁ ।

ନୃପଭାଇ—ପଞ୍ଚତତ୍ତ୍ୱର ଲକ୍ଷଣ କ'ଣ ?

ଶ୍ରୀଶ୍ରୀ ଠାକୁର—ଏହିସବୁ ତତ୍ତ୍ୱ 'ଯୋଗୀଗୁରୁ'ରେ ବର୍ଣ୍ଣିତ ହୋଇଅଛି । ସେହି ପ୍ରଣାଳୀରେ ରାତି ଏକପ୍ରହର ଥାଉଁ ବୀରାସନରେ ବସି ତତ୍ତ୍ୱସବୁର ଧ୍ୟାନ କରିବ । ପ୍ରତ୍ୟେକ ତତ୍ତ୍ୱ ଧ୍ୟାନ କଲାବେଳେ ପ୍ରତ୍ୟେକ ତତ୍ତ୍ୱର ବୀଜ ମନେ ମନେ ଜପ କରି ଧ୍ୟାନ କରୁଥିବ । ଧ୍ୟାନ ଓ ଜପର ବିବରଣୀ ମଧ 'ଯୋଗୀଗୁରୁ'ରେ ବର୍ଣ୍ଣିତ ହୋଇଅଛି; କିନ୍ତୁ ତୁମକୁ ଏସବୁ କିଛି କରିବାକୁ ହେବ ନାହିଁ । ମୁଁ ଯେଉଁ କ୍ରିୟା ଦେଇଛି ତାହାହିଁ କରିବ ।

ନୃପଭାଇ—ଶଯ୍ୟାରେ ବସି କ'ଣ ଜପ କରାଯାଇପାରେ ?

ଶ୍ରୀଶ୍ରୀ ଠାକୁର—ଶଯ୍ୟାରେ ବସି ଜପ କରିବାକୁ ହେଲେ ଶଯ୍ୟାଶୁଦ୍ଧି ଆବଶ୍ୟକ । ଶଯ୍ୟାଶୁଦ୍ଧି କରିବାକୁ ହେଲେ ପ୍ରଥମରେ "ଓଁ ଆଃ ସୁରେଖେ ବଜରେଖେ, ହୂଂ ଫଟ୍ ସ୍ୱାହା" । ଏହି ମନ୍ତ୍ର ପାଠ କରି ଶଯ୍ୟା ଉପରେ ଗୋଟିଏ ତ୍ରିଭୂଜ ଅଙ୍କନ କରିବ । ସ୍ତ୍ରୀ ଦେବତାଙ୍କର ଉପାସକମାନେ ତ୍ରିଭୁଜର କୋଣ ନିମ୍ନଦିଗକୁ ଓ ପୁଂ ଦେବତା ଉପାସକଗଣ ତ୍ରିଭୁଜର କୋଣ ଉପର ଦିଗକୁ ରଖି ତ୍ରିଭୁଜଟି ଅଙ୍କନ କରିବେ । *

ପରେ 'ହ୍ରୀଂ ଆଧାରଶକ୍ତ୍ୟେ କମଳାସନାୟ ନମଃ' ଏହି ମନ୍ତ୍ରରେ ମାନସପୂଜା ଅର୍ଥାତ୍ ମନେ ମନେ ତ୍ରିଭୁଜ ଉପରେ ଫୁଲ ଚନ୍ଦନ ଦେଇ ପୂଜା କରିବ । ତତ୍‌ପରେ 'ହ୍ରୀଂ ମୃତକାୟ ନମଃ ଫଟ୍' ବୋଲି ଶଯ୍ୟା ଉପରେ (ଅର୍ଥାତ୍ ଯାହା ଉପରେ ଠିକ୍ ଆସନ କରି ବସିବାକୁ ହେବ) ତିନିଥର ହାତରେ ଆଘାତ କରିବ ଏବଂ ଫୁଟ୍‌କି ମାରି ତ୍ରିଭୁଜର ଚାରିପାଖରେ ଏବଂ ନିଜର ମସ୍ତକ ଚାରିପଟରେ ହାତ ବୁଲାଇବ । (ଦଶ ଦିଗ ବନ୍ଧନ କରିବ) ତା'ପରେ ହାତଯୋଡ଼ି ଏହି ମନ୍ତ୍ରପାଠ କରି ପ୍ରାର୍ଥନା କରିବ—

"ଓଁ ଶଯ୍ୟେ ତ୍ୱଂ ମୃତରୂପାସି ସାଧନୀୟାସି ସାଧକୈଃ
ଅତୋଽତ୍ର ଜପ୍ୟତେ ମନ୍ତ୍ରୋ ହ୍ୟସ୍ମାକଂ ସିଦ୍ଧିଦା ଭବ ।"

ଏହି ମନ୍ତ୍ରପାଠ ପୂର୍ବକ ପ୍ରାର୍ଥନା କରି ଜପରେ ନିଯୁକ୍ତ ହେବ ।

ଆଜି ଶ୍ରୀଶ୍ରୀ ଠାକୁର ମନ୍ତ୍ରଜପର ପ୍ରଣାଳୀ ପୁଣି ଆଉଥରେ ବୁଝାଇଦେଲେ । ମନ୍ତ୍ରାର୍ଥ, ମନ୍ତ୍ରଚୈତନ୍ୟ, ଯୋନିମୁଦ୍ରା ଯୋଗେ ଜପ, ଜପର କୌଶଳ, ଜପ ସମର୍ପଣ ଇତ୍ୟାଦି ବିଷୟ ବୁଝାଇ ଆଦେଶ ଦେଲେ ଯେ, ମୋର ଯେଉଁ ଶିଷ୍ୟମାନେ ମନ୍ତ୍ର ନେଇଛନ୍ତି, ଅଥଚ ଏସବୁ କୌଶଳ ମୁଁ ସେମାନଙ୍କୁ କହିପାରି ନାହିଁ, ସେହିମାନଙ୍କୁ ଏ ସବୁ ପ୍ରକ୍ରିୟା ଜଣାଇଦେବ । ଏହା ଜପର ସର୍ବଶ୍ରେଷ୍ଠ କୌଶଳ । ଏହାକୁ ଅତି

---

* ବିଶେଷ ବିବରଣ 'ଯୋଗୀଗୁରୁ' ପୁସ୍ତକରେ ଦ୍ରଷ୍ଟବ୍ୟ ।

ଗୋପନରେ ରଖିବ । ଶିଷ୍ୟ ବ୍ୟତୀତ ଅନ୍ୟମାନଙ୍କୁ ଜଣାଇଦେବ ନାହିଁ । ଏ ପ୍ରକ୍ରିୟା ଅନ୍ୟ ସାଧୁ ସନ୍ନ୍ୟାସୀମାନେ ଜାଣନ୍ତି ନାହିଁ । ଏହା ମୋର ନିଜସ୍ୱ ।*

ଏହାପରେ ନାସାପାନ, ଅଗ୍ନିସାର, ବୀରାସନର ଉପକାରିତା ବିଷୟରେ ଆଲୋଚନା କରି ନାନା କୌଶଳ କହିଦେଲେ ।

ଏହି ସମୟରେ ମୁଁ ପ୍ରଶ୍ନ କଲି—ଠାକୁର ! ଧର, ଜଣେ ନିଜଘରେ ବସି ଗୁରୁଙ୍କୁ ସ୍ମରଣ କରୁଛି, ଗୁରୁ କ'ଣ ତାହା ଜାଣିପାରିବେ ? ଯଦି ଜାଣିପାରିବେ, ତେବେ ଏଥିପାଇଁ ତାଙ୍କର ସ୍ଥୁଳ ଶରୀରରେ କିଛି କଷ୍ଟ ହେବ କି ନାହିଁ ?

ଶ୍ରୀଶ୍ରୀ ଠାକୁର—କଷ୍ଟ ତ ନିଶ୍ଚୟ ହେବ । କାରଣ ଶିଷ୍ୟର ଚିନ୍ତା ଗୁରୁଙ୍କ ହୃଦୟରେ ବାଜିଲାକ୍ଷଣି ଗୁରୁଙ୍କର ମନ ଉଦ୍‌ବିଗ୍ନ ହୋଇଉଠିବ । ଧର ଜଣେ ଶିଷ୍ୟ ଖୁବ୍ ବିପଦରେ ପଡ଼ି ଚିନ୍ତା କରୁଛି, ତାହା ତତ୍‌କ୍ଷଣାତ୍ ଗୁରୁଙ୍କ ହୃଦୟରେ ବାଜିବ । ଡାକ ଶୁଣିବାକ୍ଷଣି ତାଙ୍କର ମନ ଚଞ୍ଚଳ ହୋଇଉଠିବ । ତତ୍‌ପରେ ଗୁରୁ ଚିନ୍ତା କରି ଜାଣିପାରିବେ ଯେ କାହାର କ'ଣ ଘଟିଛି । ଚିନ୍ତାକରି ତାହାର ପ୍ରତିକାର ନ କରିବା ପର୍ଯ୍ୟନ୍ତ ଗୁରୁଙ୍କୁ ଉଦ୍‌ବେଗ ଭୋଗ କରିବାକୁ ହେବ । ଏହି ହେତୁରୁ ଗୁରୁଙ୍କର ସ୍ଥୁଳ ଶରୀରରେ କ୍ଷତି ମଧ୍ୟ ହୁଏ । କିନ୍ତୁ ଗୁରୁ ଯଦି ଜୀବନ୍ମୁକ୍ତ ହୋଇଥିବେ, ତେବେ ଚିନ୍ତା ବାଜିବାକ୍ଷଣି ତତ୍‌କ୍ଷଣାତ୍ ଆପେ ଆପେ ତହିଁର ପ୍ରତିକାର ହୋଇଯାଏ; ସେ ନିର୍ଲିପ୍ତ ରହନ୍ତି । ତେବେ ସମସ୍ତଙ୍କ ଚିନ୍ତା ଗୁରୁଙ୍କଠାରେ ପହଞ୍ଚେ ନାହିଁ । ଉଗ୍ର ଚିନ୍ତା ହେଲେ ତାହା ଶୀଘ୍ର ପହଞ୍ଚିପାରେ । ପୁଣି ସବୁ ଶିଷ୍ୟମାନେ ଗୁରୁଙ୍କୁ ଚିହ୍ନିପାରନ୍ତି ନାହିଁ । ଯେତେବେଳେ ସବୁ ଶିଷ୍ୟମାନେ ଗୁରୁଙ୍କୁ ଚିହ୍ନି ପାରିବେ, ସେତେବେଳେ ଗୁରୁ ସ୍ଥୁଳ ଶରୀର ଧାରଣ କରି ରହିପାରିବେ ନାହିଁ । ଏ ସମ୍ବନ୍ଧରେ ଗୋଟିଏ ଗପ ଅଛି । ହିନ୍ଦୁ ଭାବ ସହିତ ସାମଞ୍ଜସ୍ୟ ଅଛି ବୋଲି ଗଳ୍ପଟି ମୁସଲମାନ ଶାସ୍ତ୍ରର ହେଲେ ମଧ୍ୟ "ଆର୍ଯ୍ୟ ଦର୍ପଣ"ରେ ପ୍ରକାଶିତ ହୋଇଥିଲା । ଏହା କହି ଗଳ୍ପର ବିବରଣ କହିବାକୁ ଲାଗିଲେ ।

ବାହାରର ଗଳ୍ପ—

ଆରବ ଦେଶର ଜନୈକ ବାଦଶାହାଙ୍କ ରାଜଧାନୀରେ ହଠାତ୍ ଜଣେ ଦର୍‌ବେଶ୍‌ଙ୍କର ଆବିର୍ଭାବ ହେଲା । ରାଜଧାନୀର ବାହାରେ ଗୋଟିଏ ଆମ୍ବ

---

*ଜପର ବିବିଧ ପ୍ରକ୍ରିୟା ଓ ଧ୍ୟାନ ଏବଂ ଜପର ବୈଜ୍ଞାନିକ କୌଶଳର ସଙ୍କେତ 'ସଂସାର ପଥେ' ସାଧନା ଖଣ୍ଡରେ ବର୍ଣ୍ଣିତ ହୋଇଅଛି ।

ତୋଟାରେ ସେ ଆସନ ପକାଇ ବସିଲେ । କେହି କେତେବେଳେ ତାଙ୍କୁ କିଛି ଖାଇବାର ଦେଖିଲେ ନାହିଁ । ସେ ସର୍ବଦା ଭଗବାନଙ୍କ ଧ୍ୟାନରେ ମଗ୍ନ ରହିଥାନ୍ତି । ତାଙ୍କର ଅଲୌକିକ ଶକ୍ତି ଦେଖି ଚାରିଆଡ଼ୁ ଜନସାଧାରଣ ତାଙ୍କ ନିକଟକୁ ଆସିବାକୁ ଆରମ୍ଭ କଲେ । ସେ ଯେଉଁଠାରେ ଆସନ ରଚନା କରି ବସିଥିଲେ, ସେଠାରେ ଖରା ବର୍ଷାରୁ ରକ୍ଷା ପାଇବାପାଇଁ ତିନି ଚାରି ହାତ ଓସାରର ଗୋଟିଏ ଧଳା ଚାନ୍ଦୁଆ ଟଣା ହୋଇଥିଲା । ସେ ତାହାରି ତଳେ ବସି ନିବିଷ୍ଟ ଚିତ୍ତରେ ଧ୍ୟାନ କରୁଥିଲେ ।

ଦଳ ଦଳ ହୋଇ ଲୋକ ସାଧୁଙ୍କୁ ଦେଖିବାକୁ ଆସିଲେ । ଅନ୍ଧ ଦୃଷ୍ଟିଶକ୍ତି ପାଇବାପାଇଁ ପ୍ରାର୍ଥନା କଲେ, ରୋଗୀ ରୋଗମୁକ୍ତ ପାଇଁ ପ୍ରାର୍ଥନା କଲେ । ଫକୀରସାହେବଙ୍କ ନିମିତ୍ତ କିଏ ଅର୍ଥ, କିଏ ଲୁଗାପଟା, କିଏ ଡାଲିଚାଉଳ ପ୍ରଭୃତି ଆଣିବାକୁ ଆରମ୍ଭ କଲେ । ମାତ୍ର ସେ କୌଣସି ଜିନିଷ ଅଙ୍ଗୁଳି ଦ୍ୱାରା ମଧ୍ୟ ସ୍ପର୍ଶ କଲେ ନାହିଁ । କ୍ରମେ ଦ୍ରବ୍ୟସମ୍ଭାର ପର୍ବତାକାରରେ ଜମାହେବା ଦେଖି ସାଧୁଙ୍କ ଅନୁମତି ନେଇ କେତେକ ଲୋକ ଭୋଜୀସାମଗ୍ରୀ ରାନ୍ଧିବାରେ ଲାଗିଗଲେ । ଶତ ଶତ ଦୀନଦୁଃଖୀ ଉଦରପୂର୍ଣ୍ଣ କରି ଖାଇ ତୃପ୍ତ ହେଲେ । ଏହିପରି ପ୍ରତ୍ୟହ ସେଠାରେ ମହୋତ୍ସବ ଚାଲିଲା ।

କେତେ ରୋଗୀ ଆରୋଗ୍ୟ ହେଲେ, ପୁଣି କେତେ ବା ହେଲେ ନାହିଁ । କିନ୍ତୁ କେହି ଏହାର ଅନୁସନ୍ଧାନ ନ କରି କେବଳ ଗୋଳମାଳରେ ମାତିଗଲେ । ଜଣେ ଦୁଇଜଣ ତତ୍ତ୍ୱପିପାସୁ ଫକୀରସାହେବଙ୍କର ଧର୍ମଜ୍ଞାନ ଓ ଶକ୍ତି ଦେଖି ମୁଗ୍ଧ ହେଲେ ଓ ତାଙ୍କଠାରୁ ମନ୍ତ୍ର ନେବାକୁ ବ୍ୟାକୁଳ ହେଲେ । ସମସ୍ତେ କହିବାକୁ ଲାଗିଲେ ଫକୀରସାହେବଙ୍କ ପରି ଶକ୍ତିଶାଳୀ ଲୋକ ଦୁନିଆରେ ନାହାନ୍ତି । ତାଙ୍କଠାରୁ ମନ୍ତ୍ର ନେଲେ ଭଗବାନଙ୍କ ନିକଟକୁ ଯିବାର ବାଟ ଖୋଲିଯିବ । ସମସ୍ତେ ଏହି ଆଶାରେ ମନ୍ତ୍ର ନେଲେ । ଦୟାଳୁ ଫକୀର କାହାରିକୁ ବିମୁଖ କଲେ ନାହିଁ । କ୍ରମେ ବାଦଶାହାଙ୍କର କର୍ମଚାରୀମାନେ ମଧ୍ୟ ତାଙ୍କ ନିକଟରୁ ଦୀକ୍ଷା ନେଇ ଶିଷ୍ୟତ୍ୱ ଗ୍ରହଣ କଲେ । କଟୁଆଳଠାରୁ ଆରମ୍ଭ କରି ଉଜିର, ନାଜିର, ପାତ୍ର, ମିତ୍ର କେହି ବାଦ୍ ଗଲେ ନାହିଁ ।

ଦୁଇ ତିନିମାସ ମଧ୍ୟରେ ଫକୀର ସାହେବ ମୁକ୍ତିଦାତା, ଭୟତ୍ରାତା ରୂପରେ ଚାରିଆଡ଼େ ବିଖ୍ୟାତ ହୋଇଗଲେ । କେବଳ ବାଦଶାହା ସ୍ୱୟଂ ମନ୍ତ୍ର ଗ୍ରହଣ କରି

ନ ଥିଲେ । ସହରରେ ସମସ୍ତେ ଫକୀରଙ୍କର ଗୁଣକୀର୍ତ୍ତନ କରୁଥିବା ଶୁଣି ବାଦ୍‌ଶାହା ମଧ ଫକୀରଙ୍କ ପ୍ରତି ଆକୃଷ୍ଟ ହେଲେ ଏବଂ ଦିନେ ସେ ମନ୍ତ୍ରଗ୍ରହଣ କରିବା ଉଦ୍ଦେଶ୍ୟରେ ପାତ୍ରଅମାତ୍ୟ ପରିବେଷ୍ଟିତ ହୋଇ ଫକୀରସାହେବଙ୍କ ନିକଟରେ ଉପସ୍ଥିତ ହେଲେ । ଦୂରରୁ ଫକୀରଙ୍କର ଛୋଟ ଚାନ୍ଦୁଆଟି ଦେଖି ରାଜା ମନେ ମନେ ଭାବିଲେ—ଆହା ! ଫକୀର ସାହେବଙ୍କର ଏତେ ଶିଷ୍ୟ ! ବିଚାର ଦିନ ଏହି ଛୋଟ ଚାନ୍ଦୁଆଟି ତଳେ ଏତେ ଲୋକଙ୍କର ଜାଗା ହେବ କିପରି ? ବାଦସାହା ଏହିପରି ମନେ ମନେ ଭାବି ଫକୀରଙ୍କ ନିକଟରେ ଉପସ୍ଥିତ ହୋଇ ଯଥାବିଧି ସମ୍ମାନ କରି ତାଙ୍କଠାରୁ ଦୀକ୍ଷା ନେବାପାଇଁ ଇଚ୍ଛାପ୍ରକାଶ କଲେ । ଅନ୍ତର୍ଯ୍ୟାମୀ ଫକୀର ବାଦଶାହାଙ୍କ ମନରେ ସନ୍ଦେହ ବିଷୟ ଜାଣିପାରି କହିଲେ—ହଜୁର, କାଲି ମଧ୍ୟାହ୍ନ ସମୟରେ ଆପଣଙ୍କୁ ଦୀକ୍ଷା ଦେବି । ବିଶେଷ କୌଣସି କାରଣ ହେତୁ ଆଜି ମୁଁ ଆପଣଙ୍କୁ ଦୀକ୍ଷା ଦେଇପାରିବି ନାହିଁ । ଏହା ଶୁଣି ବାଦଶାହା ସେଦିନ ଫେରିଗଲେ ।

ମୁସଲମାନମାନଙ୍କ ଶାସ୍ତ୍ରାନୁସାରେ ମୃତ୍ୟୁପରେ ଜୀବମାନଙ୍କର ଗୋଟିଏ ଦିନ ଭଗବାନଙ୍କ ଦରବାରରେ ବିଚାର ହେବ । ସେ ଦିନ ସୂର୍ଯ୍ୟଙ୍କର ତେଜ ପ୍ରଖରରୁ ପ୍ରଖରତର ହେବ । ସେହି ରୌଦ୍ରତାପରୁ ଗୁରୁଙ୍କ ଭିନ୍ନ ଆଉ କେହି ରକ୍ଷା କରିପାରିବେ ନାହିଁ । ଶିଷ୍ୟମାନେ ସେତେବେଳେ ଗୁରୁଙ୍କର ଏହି ଛୋଟ ଚାନ୍ଦୁଆ ତଳେ ଜାଗା ହେବେ କିପରି ? ବାଦଶାହାଙ୍କ ମନରେ ଏହି ସନ୍ଦେହ ଜାତ ହୋଇଥିବାରୁ ଫକୀର ଉକ୍ତ ସନ୍ଦେହ ମୋଚନ କରିବା ନିମିତ୍ତ ରାଜାଙ୍କୁ ପରଦିନ ଆସିବାକୁ କହିଲେ ।

ସେହିଦିନ ଗଭୀର ରାତ୍ରିରେ ଫକୀରସାହେବ ନଗର ମଧ୍ୟରେ ତାଙ୍କର ଜଣେ ଶିଷ୍ୟ ଘରେ ଚୋରଙ୍କପରି ପ୍ରବେଶ କଲେ । ଘରର ଜିନିଷପତ୍ର ଏଣେତେଣେ ଫିଙ୍ଗାଫୋପଡ଼ା କରିବାକୁ ଲାଗିଲେ । ଗୃହସ୍ୱାମୀ ଶବ୍ଦ ଶୁଣି ଜାଗ୍ରତ ହେଲା ଏବଂ ଘରେ ଚୋର ପ୍ରବେଶ କରିଥିବା ବୁଝିପାରିଲା । ସେ ଦୁଆର ବନ୍ଦ କରିଦେଇ ଘରେ ଚୋର ପଶିଛି ବୋଲି ଡାକପକାଇଲା । ଦୁଇ ଚାରିଜଣ ପ୍ରତିବେଶୀ ଆସିବା ପରେ ଘର କବାଟ ଖୋଲି ଦେଖିଲେ, ସେମାନଙ୍କ ଗୁରୁ ଚୋରି କରିବାକୁ ଘରେ ପଶିଛନ୍ତି । ଫକୀରସାହେବ ସଙ୍ଗେ ସଙ୍ଗେ ଚୋର ବୋଲି ପ୍ରମାଣିତ ହେଲେ । ପରଦିନ ସକାଳୁ ଏ ସମ୍ବାଦ ସହରତମାମ ରାଷ୍ଟ୍ର

ହୋଇଗଲା । କଟୁଆଳ ମଧ୍ୟ ଫକୀରସାହେବଙ୍କ ଶିଷ୍ୟ । ଏହା ଦେଖି ରାଗରେ ଅଗ୍ନିଶର୍ମା ହୋଇଗଲେ ଏବଂ ଏତେଦିନ ପର୍ଯ୍ୟନ୍ତ ଲୋକଙ୍କ ଚକ୍ଷୁରେ ଧୂଳିପକାଇ ଫକୀର ସାଜିଛନ୍ତି ବୋଲି ତିରସ୍କାର କରି ଫକୀରସାହେବଙ୍କର ଦୁଇ ହାତ ବାନ୍ଧି ଧକ୍‌କା ମାରି ମାରି ତାଙ୍କୁ ରାଜଦରବାରକୁ ଘେନିଗଲେ । ଫକୀରସାହେବଙ୍କ ପ୍ରତି ଲୋକମାନଙ୍କର ଭକ୍ତି ମୁହୂର୍ତ୍ତକ ମଧ୍ୟରେ କୁଆଡ଼େ ଉଭେଇଗଲା । ସମସ୍ତେ ତାଙ୍କୁ ଚୋର ମନେକରି ଗାଳିଦେବାକୁ ଲାଗିଲେ ଓ ନିଜନିଜର ନିର୍ବୋଧତା ନିମିତ୍ତ ନିଜକୁ ଧିକ୍‌କାର କରିବାକୁ ଲାଗିଲେ । ଫକୀରସାହେବ ନୀରବରେ ସବୁ ସହ୍ୟ କରିଗଲେ । କ୍ରମେ ବାଦଶାହାଙ୍କ ନିକଟକୁ ଚୋରକୁ ପଠାଇବାକୁ ସ୍ଥିର ହେଲା ।

ଏହି ସମ୍ବାଦ ଶୁଣି ସହରର ବହୁଲୋକ ସେଠାରେ ଉପସ୍ଥିତ ହେଲେ । ଯେତେବେଳେ କଟୁଆଳ ଚୋରକୁ ବିଚାରାଳୟକୁ ନେବାକୁ ଉପକ୍ରମ କଲେ, ସେତେବେଳେ ଗୋଟିଏ ବୃଦ୍ଧ ଏବଂ ଗୋଟିଏ ବୃଦ୍ଧା ଆସି କାନ୍ଦି କାନ୍ଦି କହିଲେ, ‘‘ଏ ଆମମାନଙ୍କର ଗୁରୁଦେବ; ଚୋର ନୁହଁନ୍ତି ।’’ କିନ୍ତୁ ସେମାନଙ୍କର କାତର କ୍ରନ୍ଦନରେ କେହି କର୍ଣ୍ଣପାତ କଲେ ନାହିଁ । ବାଦଶାହା ଏକଥା ଶୁଣି ଏକାବେଳକେ ଅବାକ ହୋଇଗଲେ । କଟୁଆଳକୁ ଫକୀରସାହେବଙ୍କ ବନ୍ଧନ ଖୋଲିଦେବାକୁ ଆଦେଶ ଦେଇ ତାଙ୍କୁ ଏହାର କାରଣ ପଚାରିଲେ । ସେତେବେଳେ ଉପରୋକ୍ତ ଦୁଇଜଣ ଲୋକ କହିଲେ—‘‘ହଜୁର ! ଏ ଆମର ଗୁରୁ, ଚୋର ନୁହଁନ୍ତି ।’’

କାରଣ ପ୍ରତିଦିନ ତାଙ୍କ ଆସନ ନିକଟରେ ସହସ୍ର ସହସ୍ର ଲୋକ ଯେଉଁ ଅର୍ଥ ଓ ଆହାର୍ଯ୍ୟ ସାମଗ୍ରୀ ପ୍ରଦାନ କରୁଛନ୍ତି, ସେ ସେଥିରୁ କପର୍ଦ୍ଦକ ସୁଦ୍ଧା ଗ୍ରହଣ ନ କରି ସବୁ ଗରିବ ଦୁଃଖୀଙ୍କୁ ବଣ୍ଟନ କରିଦେଉଛନ୍ତି । ତାଙ୍କ ପକ୍ଷରେ ଏପରିଭାବରେ ଚୋରିକରିବା କେବେ ସମ୍ଭବପର ନୁହେଁ । ଏହା ପରେ ଫକୀର କହିଲେ ‘‘ହଜୁର ! ବିଚାରଦିନ ମୁଁ ଓ ଏହି ଦୁଇଜଣ ଲୋକଙ୍କ ପାଇଁ ମୋର ଏହି ଛୋଟ ଚାନ୍ଦୁଆ ତଳେ କ’ଣ ସ୍ଥାନ ହେବ ନାହିଁ ? ଗତ କାଲି ଆପଣ ଦୀକ୍ଷା ନେବାକୁ ଯିବାବେଳେ ଆପଣଙ୍କ ମନରେ ଏହି କଥା ନେଇ ସନ୍ଦେହ ଜାଗିଥିଲା । ତାହା ଦୂର କରିବା ନିମିତ୍ତ ମୁଁ ଏହି ଅଭିନୟ କରୁଥିଲି । ଯଦି ଆପଣଙ୍କର ବର୍ତ୍ତମାନ ମୋ ସାଧୁତାରେ ବିଶ୍ୱାସ ଅଛି, ତେବେ ମୁଁ ବର୍ତ୍ତମାନ ଆପଣଙ୍କୁ ମନ୍ତ୍ର ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ।’’ ବାଦଶାହା ଫକୀରଙ୍କୁ ଅନ୍ତର୍ଯ୍ୟାମୀ ବୋଲି

ଜାଣିପାରି ସଙ୍ଗେ ସଙ୍ଗେ ସିଂହାସନରୁ ଓହ୍ଲାଇ ଆସି ତାଙ୍କ ଚରଣତଳେ ଲୋଟି ପଡ଼ିଲେ । ଫକୀର ସାହେବ ରାଜାଙ୍କ ଦେହରେ ହାତ ବୁଲାଇ କହିଲେ, ''ବତ୍ସ ! କେବଳ ଶିଷ୍ୟ ହେଲେ ମୁକ୍ତିଲାଭ ହୁଏ ନାହିଁ । କାୟମନୋବାକ୍ୟରେ ଗୁରୁଙ୍କ ପ୍ରତି ବିଶ୍ୱାସୀ ଓ ଭକ୍ତିପରାୟଣ ହେବା ଆବଶ୍ୟକ । ଦେହ ମନ ପ୍ରାଣ ଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରିବା ଆବଶ୍ୟକ । ତେବେଯାଇ ଦୀନନାଥଙ୍କର ଦୟା ହେବ । ଦେଖିଲେ ତ, ଏହି କଟୁଆଳ ମୋର ଶିଷ୍ୟ ହୋଇ ମଧ ମୋର ହାତଗୋଡ଼ ବାନ୍ଧିବାକୁ ଦ୍ୱିଧାବୋଧ କରିନାହିଁ । ଯେଉଁମାନେ ଗୋଳମାଳରେ ମାତି, ନାମ ଯଶ ଶୁଣି ଶିଷ୍ୟ ହୁଅନ୍ତି, ସେମାନଙ୍କ ଦଶା ଏହି କଟୁଆଳଙ୍କ ପରି ହୁଏ । ଶତ ଶତ ଶିଷ୍ୟ ଥିଲେ ମଧ ଦୁଇଜଣଙ୍କ ବ୍ୟତୀତ କେହି ମୋ ପକ୍ଷ ସମର୍ଥନ କଲେ ନାହିଁ । ଗୁରୁଙ୍କ ପ୍ରତି ପ୍ରଗାଢ଼ ଅନୁରାଗ ହିଁ ମୁକ୍ତିର କାରଣ ।''

ଭାଲୁ କମ୍ବଳ ଗଳ୍ପ —

ତତ୍‌ପରେ ମଠାଶ୍ରମ କଥା ପଡ଼ିଲା । ସେହି ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ—ମୁଁ ମଠ ଆଶ୍ରମର ସମ୍ପର୍କ ତ୍ୟାଗ କରିବା ଇଚ୍ଛାକରି କେତେ ବନ୍ଦୋବସ୍ତ କଲି । କାହିଁରେ କିଛି ଫଳ ହେଲା ନାହିଁ । ଅଧ୍ୟକ୍ଷମାନେ ଆଶ୍ରମ ନିୟମ ଅନୁସାରେ ରହିପାରୁ ନାହାନ୍ତି । ମୁଁ ମଠ ଆଶ୍ରମ ତ୍ୟାଗ କରିବାକୁ ଇଚ୍ଛାକଲେ ମଧ ମଠ ଆଶ୍ରମ ମୋତେ ଛାଡୁ ନାହିଁ । ମୁଁ କମ୍ବଳକୁ ଛାଡ଼ିଦେଲିଣି; କିନ୍ତୁ କମ୍ବଳ ମୋତେ ଛାଡୁନାହିଁ । ଏହା କହି ଶ୍ରୀଶ୍ରୀ ଠାକୁର କମ୍ବଳ କଥାଟି କହିଲେ ।

ଗୋଟିଏ ନଦୀକୂଳରେ ଦୁଇଜଣ ବନ୍ଧୁ ବୁଲୁଥିଲେ । ସୁଅରେ କମ୍ବଳ ପରି ଗୋଟିଏ କଳା ଜିନିଷ ଭାସିଯାଉଥିବାର ଦେଖି, ଜଣେ ବନ୍ଧୁ କମ୍ବଳ ଖଣ୍ଡି ପାଇବା ଉଦ୍ଦେଶ୍ୟରେ ନଦୀକୁ ଡେଇଁପଡ଼ିଲେ ଏବଂ ପହଁରି ପହଁରି କମ୍ବଳକୁ ଧଇଲେ । କମ୍ବଳକୁ ଧରିବାମାତ୍ରେ କମ୍ବଳ ପରି ଦେଖାଯାଉଥିବା ଭାଲୁ ତାଙ୍କୁ ଧରିଲା । ଏହିପରି ନଦୀ ମଧ୍ୟରେ ଧରାଧରି ଲାଗିବା ଦେଖି କୂଳରେ ଥିବା ବନ୍ଧୁଟି ଡାକିଲା, ''ଆରେ ଭାଇ, କମ୍ବଳକୁ ଛାଡ଼ିଦିଅ ।'' କିନ୍ତୁ ପାଣି ଭିତରେ ଥିବା ବନ୍ଧୁଟି ଉତ୍ତର କଲା, ''ଭାଇ, ମୁଁ ତ କମ୍ବଳକୁ ଛାଡ଼ିଦେଇ ସାରିଲିଣି; କିନ୍ତୁ କମ୍ବଳ ଯେ ମୋତେ ଛାଡୁନାହିଁ !''

ଏଟା ଯେ କମ୍ବଳ ନୁହେଁ, ଗୋଟାଏ ଭାଲୁ—ଉପରକୁ କମ୍ବଳ ପରି ଦେଖାଯାଉଥିଲା । ସେ ନିଜକୁ ବଞ୍ଚାଇବା ପାଇଁ ମନୁଷ୍ୟକୁ ଧରି ପକାଇଲା ।

ମୋର ଦଶା ମଧ୍ୟ ସେହିପରି ହୋଇଛି ।

୧୪-୧୦-୩୪ ତାରିଖ—ରବିବାର

ଆଜି ଜଗନ୍ମୋହନବାବୁ ଶ୍ରୀଶ୍ରୀ ଠାକୁରଙ୍କୁ ଦେଖିବାକୁ ଆସିଥିଲେ । କଟକରୁ ଚୈତନ୍ୟ ଭାଇ ମଧ୍ୟ ଆସିଥାଆନ୍ତି । ଠାକୁର ଅଳ୍ପଦିନ ପରେ 'ଭକ୍ତ ସମ୍ମିଳନୀ'କୁ ଚାଲିଯିବେ ବୋଲି ଆମକୁ କହିଲେ । ସେଥର ସାରସ୍ୱତ ମଠରେ ସମ୍ମିଳନୀ ହେବା କଥା ମଧ୍ୟ ପଡ଼ିଲା । ଆମେ ସମସ୍ତେ ବନମାଳୀ ଭାଇଙ୍କୁ ସମ୍ମିଳନୀକୁ ଯିବାପାଇଁ କହିଲୁ । ବନମାଳୀ ଭାଇ କହିଲେ—'ଠାକୁର କହିଲେ ଯିବି ।' ଆମ୍ଭେମାନେ ଶ୍ରୀଶ୍ରୀ ଠାକୁରଙ୍କୁ କହିଲୁ—ଠାକୁର ! ଆପଣ କହିଲେ ବନମାଳୀ ଭାଇ କୋକିଳାମୁଖ ମଠରେ ଏଥର ଅନୁଷ୍ଠିତ ହେଉଥିବା ସାର୍ବଭୌମ ଭକ୍ତସମ୍ମିଳନୀକୁ ଯାଇ ଦେଖି ଆସନ୍ତେ ଓ ଆମକୁ ସମ୍ମିଳନୀ କିପରି ହୁଏ ଆସି କହନ୍ତେ । ଶ୍ରୀଶ୍ରୀ ଠାକୁର ଏକଥା ଶୁଣି କହିଲେ—ଟଙ୍କା ପଇସା କଥାରେ ମୁଁ କାହାକୁ ଆଦେଶ ଦେବି ନାହିଁ । କାହିଁକି ତୁମ୍ଭେମାନେ ନିଜେ ନିଜେ ଏଠାରେ ଥରେ ଭକ୍ତସମ୍ମିଳନୀ କରୁନାହଁ ? ଆମ୍ଭେମାନେ କହିଲୁ—ଠାକୁର ! ଆମେ ଏତେ ଟଙ୍କା କୁଆଡୁ ପାଇବୁ ?

ଶ୍ରୀଶ୍ରୀ ଠାକୁର—ଏତେ ଟଙ୍କା କ'ଣ ହେବ ? ଶହେ ଟଙ୍କା ମୋତେ ଦିଅ, ମୁଁ ସମ୍ମିଳନୀ କରିଦେବି ।

ଏହାପରେ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି ବିଦାୟ ନେଲୁ ।

୧୬-୧୦-୩୪ ତାରିଖ—ମଙ୍ଗଳବାର

ଆଜି ମହାଷ୍ଟମୀ ପୂଜା । ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜାକଲୁ । ଠାକୁରଙ୍କୁ ଭୋଗ ଦିଆଯିବା ବେଳକୁ ଦୁଧ ଆସି ପହଞ୍ଚିଲା । ବାପା ମଦରଙ୍ଗରୁ ଦୁଧ ପଠାଇଥିଲେ, କିନ୍ତୁ ଭାରୁଆ ବିଳମ୍ବରେ ପହଞ୍ଚିଲା । ଠାକୁରଙ୍କ ଭୋଜନ ସମୟ ହୋଇଯାଇଥିଲେ ମଧ୍ୟ ସେ ଉକ୍ତ ଦୁଧରେ ପରମାନ୍ନ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଆମ୍ଭମାନଙ୍କ ନିକଟରେ ବସିରହିଲେ ଏବଂ ଏହି ସମୟ ମଧ୍ୟରେ ତାଙ୍କର

ସନ୍ନ୍ୟାସ ଜୀବନ, ଗୁରୁ ଅନ୍ୱେଷଣ ପ୍ରଭୃତି ନାନା କଥାର ଅବତାରଣା ପୂର୍ବକ କଥାମୃତ ପରିବେଷଣ କରି ଆମ୍ଭମାନଙ୍କୁ ପରିତୋଷ କଲେ । ଆମମାନଙ୍କର ଏପରି ସୌଭାଗ୍ୟ କେବେ ଘଟି ନ ଥିଲା । ଭୋଜନ ସମୟ ଅତୀତ ହୋଇଯାଇଥିଲେ ମଧ୍ୟ ସମସ୍ତେ ଭୋକଶୋଷ ଭୁଲିଯାଇ ଶ୍ରୀଶ୍ରୀ ଠାକୁରଙ୍କ କଥା ଶୁଣୁଥିଲୁ ।

କଥା ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ ଆଶ୍ୱିନ ମାସରେ ମାଆଙ୍କର ପୂଜା ହୁଏ । ତାହା କନ୍ୟାଭାବର ସାଧନା । ଭାବଭକ୍ତିରେ ପ୍ରତିମା ଶୀଘ୍ର ଜାଗ୍ରତ ହୋଇ ଉଠନ୍ତି । କିନ୍ତୁ ନିଜ କୁଣ୍ଡଳିନୀ ଶକ୍ତି ଜାଗ୍ରତ ନ ହେଲେ ପ୍ରତିମାଙ୍କ ଭିତରେ କିଛି ଉପଲବ୍ଧି ହୁଏ ନାହିଁ । ଅନେକ ସ୍ଥାନରେ ଯେଉଁ ଜାଗ୍ରତ ପ୍ରତିମାସବୁ ଅଛନ୍ତି, ସେମାନେ ଭାବଭକ୍ତି ବଳରେ ପୂର୍ବରୁ ଜାଗ୍ରତ ଥିଲେ । ପୂର୍ବକାଳରେ ଦେବଦେବୀଙ୍କର ପୂଜା କିପରି ନିଷ୍ଠାର ସହିତ କରାଯାଉଥିଲା, ଦେବୀମାନେ କିପରି ଜାଗ୍ରତ ଥିଲେ ତାହାର ଗୋଟିଏ ଉଦାହରଣ କହୁଛି ଶୁଣ ।

ଭକ୍ତି ହିଁ ପୂଜାର ପ୍ରକୃତ ଉପଚାର—

ଢାକା ଜିଲ୍ଲାର ନାରାୟଣପୁରର ଅନତିଦୂରରେ କାଳିକାପୁର ଗ୍ରାମ । କାଳିକାପୁରର ଦେବାନଙ୍କ ଘର ବହୁଦିନରୁ ସେ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଥିଲା । ସେମାନେ 'ନୀଳକୋଠୀ'ରେ ଦେବାନଗିରି କରି ଯଥେଷ୍ଟ ଅର୍ଥ ସଞ୍ଚୟ କରିପାରିଥିଲେ । ନାନାଜାତି ଫୁଲ ଫଳର ପ୍ରକାଣ୍ଡ ବଗିଚା; ହାତୀ, ଘୋଡ଼ା, ବୃହତ୍ ପୁଷ୍କରିଣୀ ପ୍ରଭୃତି ପାଇଁ ସେ ଘର ସେ ଅଞ୍ଚଳରେ ଖୁବ୍ ଜଣାଶୁଣା ଥିଲା । ଉକ୍ତ ଦେବାନଙ୍କ ଘରେ ପ୍ରତିବର୍ଷ ବଡ଼ ଜାକଜମକରେ ଦୁର୍ଗାପୂଜା ହେଉଥିଲା । ସେବର୍ଷ ମଧ୍ୟ କଲିକତାରୁ ଭଲ ଯାତ୍ରାଦଳ ଆସିଥାଆନ୍ତି । ପୂଜା ଓ ଯାତ୍ରା ଦେଖିବାକୁ ବହୁ ଦୂରଦୂରାନ୍ତରରୁ ଲୋକେ ଯା'ଆସ କରୁଥାନ୍ତି । ସନ୍ଧ୍ୟା ଆରତି ହୋଇଯାଇଛି । ଯାତ୍ରାଗାନ ଆରମ୍ଭ ହେଲାବେଳକୁ ଦେବାନ ମହାଶୟ ବିନୟ ନମ୍ର ବଚନରେ ସମସ୍ତଙ୍କୁ ସମ୍ଭାଷଣ କରି ତୃପ୍ତ କରୁଛନ୍ତି । ତଥାପି ବିଷୟୀ ଲୋକ ହୋଇଥିବାରୁ ବିଷୟର ଅଭିମାନ ତ୍ୟାଗ କରିପାରୁ ନାହାନ୍ତି । ପୂଜା ବିଷୟରେ ଲୋକମୁଖରୁ ଅଜସ୍ର ପ୍ରଶଂସା ବାଣୀ ଶୁଣି ବୃଦ୍ଧ ଦେବାନଙ୍କର ମଧ୍ୟ ସେହି ଧାରଣା ହୋଇଛି ଯେ, ପ୍ରକୃତରେ ଏପରି ପୂଜା ଆଉ କାହାଘରେ ହୁଏ

ନାହିଁ । ପରଦିନ ଅଷ୍ଟମୀ ପୂଜା ପାଇଁ ଶୀଘ୍ର ଶୀଘ୍ର ବିହିତ ବ୍ୟବସ୍ଥା କରିଦେଇ ଦେବାନ ମହାଶୟ ନିଜେ ଯାଇ ଶୋଇଲେ । ଶୋଇଲାବେଳେ ମଧ୍ୟ ସେ ମନେ ମନେ ଭାବୁଥାଆନ୍ତି, ତାଙ୍କ ଘର ପୂଜା ପରି ପୂଜା ଆଉ କାହାରି ହୁଏ ନାହିଁ । ସେ ଆନନ୍ଦ ଆତିଶଯ୍ୟରେ ନିଦରେ ଶୋଇପଡ଼ିଲେ । ରାତ୍ରି ଶେଷବେଳକୁ ଦେବାନଙ୍କର ନିଦ୍ରାଭଙ୍ଗ ହେଲା । ବୃଦ୍ଧଙ୍କର ମୁଖରେ ପୂର୍ବର ସେ ପ୍ରଫୁଲ୍ଲତା ଆଉ ନ ଥିଲା । କିଏ ଯେପରି ମୁହଁରେ କାଳି ବୋଳି ଦେଇଛି । ସେ ନିଦ୍ରାଭଙ୍ଗ ପୂର୍ବରୁ ସ୍ୱପ୍ନ ଦେଖିଲେ ଯେ, ରକ୍ତବସ୍ତ୍ର ପରିହିତା ଗୋଟିଏ ଅଷ୍ଟମବର୍ଷୀୟା ସୁନ୍ଦରୀ ବାଳିକା କହୁଛନ୍ତି—"ବତ୍ସ, ତୁ ମୋର କି ପୂଜା କରୁଛୁ ? ଏହି ନାରାୟଣପୁରର ଦୁର୍ଗାପ୍ରସାଦ ଭଟ୍ଟାଚାର୍ଯ୍ୟ ମୋର ଯେପରି ପୂଜା କରେ, ସେପରି ପୂଜା କରିବାକୁ କାହାରି ସାଧ୍ୟ ନାହିଁ ।" ଏହି ସ୍ୱପ୍ନ ଦେଖି ବୃଦ୍ଧ ଦେବାନଜୀଙ୍କ ଅଭିମାନରେ ବିଶେଷ ଆଘାତ ଲାଗିଲା । ସେ ଅଞ୍ଚଳରେ ତାଙ୍କର ସମକକ୍ଷ ବ୍ୟକ୍ତି କେହି ନାହାନ୍ତି; ବିଶେଷତଃ ନାରାୟଣପୁରର ଦରିଦ୍ର ବ୍ରାହ୍ମଣମାନେ ତାଙ୍କ ଘରୁ ଭିକ୍ଷା କରି ଚଳନ୍ତି । ସେ ଗ୍ରାମରେ ପୁଣି ଦୁର୍ଗାପ୍ରସାଦ ଭଟ୍ଟାଚାର୍ଯ୍ୟ ବୋଲି ଜଣେ ଏପରି ଲୋକ କିଏ ଅଛନ୍ତି ଯେ, ସେ ଯେପରି ମା'ର ପୂଜା କରୁଛନ୍ତି, ତାଙ୍କ ପରି ପୂଜା ଆଉ କେହି କରନ୍ତି ନାହିଁ ବୋଲି ମାଆ କହିଗଲେ !

ବିଷୟାନ୍ଧ ଅହଂକାରୀ ବୃଦ୍ଧ ଦେବାନ ସ୍ୱପ୍ନକୁ ମିଥ୍ୟା ମନେକରୁଥିଲେ; କିନ୍ତୁ ଏହି ସ୍ୱପ୍ନ କଥା ଏକାବେଳକେ ମନରୁ ଉଡ଼ାଇ ଦେଇପାରିଲେ ନାହିଁ । ପରିଶେଷରେ ନିଜେ ନାରାୟଣପୁର ଯାଇ ଉକ୍ତ ଦୁର୍ଗାପ୍ରସାଦଙ୍କ ଘରେ ମାଆଙ୍କର ପୂଜା ଦେଖିଆସି ଏହାର ମୀମାଂସା କରିବାକୁ ସ୍ଥିର କଲେ । ପ୍ରାତଃକୃତ୍ୟାଦି ସମାପନ କରି ଖଣ୍ଡିଏ ଛୋଟ ନୌକାରେ ଏକାକୀ ଗୋପନରେ ନାରାୟପୁର ବାହାରିଲେ । ନାରାୟଣପୁରରେ ପହଞ୍ଚି ବହୁ ଅନୁସନ୍ଧାନ କରି ଦୁର୍ଗାପ୍ରସାଦଙ୍କ ଘରେ ପହଞ୍ଚିଲେ । ତାଙ୍କର ଘରର ଅବସ୍ଥା ଦେଖି ମନେକଲେ, ସ୍ୱପ୍ନକୁ ବିଶ୍ୱାସ କରି ଏତେଦୂର ଆସିବା ଅନ୍ୟାୟ ହୋଇଛି । ଯାହାହେଉ ଦୁର୍ଗାପ୍ରସାଦଙ୍କୁ ଥରେ ଦେଖିଯାଏ, ଏହା ଭାବି ଦୁଆରେ ଡାକିଲେ । ଡାକ ଶୁଣି ବ୍ରାହ୍ମଣର କନ୍ୟା ଜଗଦୀଶ୍ୱରୀ ବାହାରକୁ ଆସିଲେ । ବୃଦ୍ଧ ଦେବାନ ଚମକିପଡ଼ିଲେ । ଦେଖିଲେ, ସମ୍ମୁଖରେ ସୌନ୍ଦର୍ଯ୍ୟର ଘନୀଭୂତା ଗୋଟିଏ ସାକ୍ଷାତ୍ ଦେବୀମୂର୍ତ୍ତି । ଆଗନ୍ତୁକ କିଛି କଥା ନ କହି କେବଳ ତାଙ୍କ ଆଡ଼କୁ ଚାହିଁବାର ଦେଖି ଲଜ୍ଜାବିନମ୍ର-ବଦନରେ ଜଗଦୀଶ୍ୱରୀ ପଚାରିଲେ—

‘‘ବାପାଙ୍କ ସହିତ କ’ଣ ଆପଣଙ୍କର କିଛି କାର୍ଯ୍ୟ ଅଛି ?’’ ବୃଦ୍ଧଙ୍କର ଚମକ ଭାଙ୍ଗିଗଲା । ସେ ଅପ୍ରସ୍ତୁତ ହୋଇ କହିଲେ, ‘‘ମା, ତୁମର ବାପା କାହାନ୍ତି ?’’ ଜଗଦୀଶ୍ୱରୀ ଉତ୍ତର କଲେ, ‘‘ବାପା ମହାମାୟାଙ୍କ ପୂଜା କରୁଛନ୍ତି ।’’ ମୁଁ ଟିକିଏ ପୂଜା ଦେଖିବାକୁ ଇଚ୍ଛା କରୁଛି ବୋଲି ବୃଦ୍ଧ କହିବାରୁ ଜଗଦୀଶ୍ୱରୀ କହିଲେ ‘‘ଆମର କୁଳଦେବତା ଶ୍ରୀଧରଙ୍କ ମନ୍ଦିରରେ ମହାମାୟାଙ୍କ ପୂଜା ଅନୁଷ୍ଠିତ ହୁଏ । ଏହାବ୍ୟତୀତ ବହୁଦିନରୁ ଆମ ନିଜଘରେ ମଧ୍ୟ ଘଟରେ ମାଆଙ୍କର ପୂଜା ହେଉଅଛି । ସେ ପୂଜା ଅନ୍ୟ କେହି ଦେଖନ୍ତି ନାହିଁ । ତେବେ ଆପଣ ଯେତେବେଳେ ପୂଜା ଦେଖିବାକୁ ଏକାନ୍ତ ଇଚ୍ଛୁକ, ଥରେ ଦେଖି ଯାଆନ୍ତୁ, କିନ୍ତୁ ବାପାଙ୍କ ସଙ୍ଗରେ କିଛି କଥା ହେବେ ନାହିଁ ।’’

ଦୁର୍ଗାପ୍ରସାଦ ଭଟ୍ଟାଚାର୍ଯ୍ୟ ମହାଶୟ ଘଟ ନିକଟରେ ପଦ୍ମାସନରେ ବସିଛନ୍ତି । ସମସ୍ତ ଶରୀରରୁ ଯେପରି ଜ୍ୟୋତି ଝଲସିଉଠୁଛି । ମୁଖରେ ସ୍ୱର୍ଗୀୟ ଆଭା । ନୟନଯୁଗଳରୁ ଦରବିଗଳିତ ଧାରାରେ ଅନବରତ ଅଶ୍ରୁନିର୍ଗତ ହୋଇ ବକ୍ଷସ୍ଥଳ ପ୍ଲାବିତ କରୁଅଛି । ଭକ୍ତଙ୍କର ପୂଜାର ମହନୀୟ ଭାବ ଦେଖି ଦେବାନ ମହାଶୟ ଟିକିଏ ସଙ୍କୁଚିତ ହେଲେ ସତ; ମାତ୍ର ପୂଜାର ଉପଚାର ପ୍ରତି ଦୃଷ୍ଟି ପଡ଼ିବାରୁ ପୁଣି ତାଙ୍କର ଗର୍ବଭାବ ଫୁଟିଉଠିଲା । କନ୍ୟାଟି ଦେବାନ ସାହେବଙ୍କୁ ଦେବୀଙ୍କ ପ୍ରସାଦ ପାଇବାକୁ ଅନୁରୋଧ କଲେ । ମାତ୍ର ଦେବାନ ନାନାପ୍ରକାର ଆପତ୍ତି ଦେଖାଇ ପ୍ରସାଦ ସେବନ ନ କରି ପ୍ରସ୍ଥାନ କଲେ । ମନେ ମନେ ଭାବିଲେ, ମୁଁ କିଏ ଜାଣିଥିଲେ ଏ ବ୍ରାହ୍ମଣକନ୍ୟା ମୋତେ ମଞ୍ଜା ଓ ଲେଉଟିଆ ଶାଗ ଭଜାର ପ୍ରସାଦ ପାଇବାକୁ ଅନୁରୋଧ କରି ନ ଥାନ୍ତା । ମୋ ଘରେ ଏପରି କନ୍ୟାର ଅଭାବ ସତ, ମାତ୍ର ମୋ ପୂଜା ଯେ ଏହାଠାରୁ ଉତ୍କୃଷ୍ଟ, ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ଦେବାନ ମହାଶୟ ବାଟରେ ଆସିଲାବେଳେ ଚିନ୍ତା କରିବାକୁ ଲାଗିଲେ ଯେ, ମା’ ସମ୍ଭବତଃ ମୋ ମାହାତ୍ମ୍ୟ ବଢ଼ାଇବାକୁ ଏପରି ସ୍ୱପ୍ନ ମୋତେ ଦେଖାଇଲେ । ନଚେତ୍ ଏ ଦେଶରେ ମୋ ପରି ଅର୍ଥବ୍ୟୟ କରି ପୂଜା କରିବାର କାହାରି ସାଧ୍ୟ ନାହିଁ । ତେଣୁ ମା’ ଏହି ବୁଢ଼ା ସଙ୍ଗରେ ଖେଳ ଖେଳିବାକୁ ଏପରି କଲେ । ଏହିପରି ଅହଂକାର ଭାବ ହୃଦୟରେ ପୋଷଣ କରି ସେ ନୌକାରୁ ଓହ୍ଲାଇ ଆପଣା ଦେବୀମନ୍ଦିରକୁ ଚାଲିଲେ । ସେତେବେଳେ ଦେବୀଙ୍କର ଭୋଗ

ଶେଷ ହୋଇଯାଇଥିଲା । ପ୍ରଣାମ କରିସାରିବା ପରେ ପ୍ରତିମାଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କରି ବୃଦ୍ଧ ଦେଖିଲେ ଯେ ଦେବୀଙ୍କ ମୁହଁରେ ମଞ୍ଜାର ସୂତା ଓ ଶାଗ ଲାଗିଛି । ପଚାରି ବୁଝିଲେ ଯେ, ମଞ୍ଜା କିମ୍ବା ଶାଗ କିଛିହେଲେ ସେଦିନ ଭୋଗ ଦିଆଯାଇ ନାହିଁ—ମାଆଙ୍କୁ କ୍ଷୀର, ସର, ଛେନା, ପିଠା ପ୍ରଭୃତି ଯାହା ଭୋଗ ଦିଆଗଲା, ତାହା ତ କିଛି ତାଙ୍କ ମୁହଁରେ ଲାଗି ନାହିଁ ! ବୃଦ୍ଧଙ୍କର ଆଉ ବୁଝିବାକୁ ବାକୀ ରହିଲା ନାହିଁ ଯେ, ଦୁର୍ଗାପ୍ରସାଦ ହିଁ ପ୍ରକୃତ ମା'ଙ୍କର ପୂଜା କରୁଛନ୍ତି । ମା' ମଧ୍ୟ ତାଙ୍କରି ପୂଜା ଗ୍ରହଣ କରିଛନ୍ତି । ତାଙ୍କରି ଶାକାନ୍ନ ନୈବେଦ୍ୟ ଆଦରର ସହିତ ଗ୍ରହଣ କରିଛନ୍ତି । ଦେବାନ ମହାଶୟ ସେତେବେଳେ ଚିତ୍କାର କରି କାନ୍ଦି କାନ୍ଦି କହିବାକୁ ଲାଗିଲେ, 'ମା' ଗୋ ! ଏତେଦିନରେ ମୁଁ ତୋର ଭାବ ବୁଝିପାରିଲି । ମୁଁ ଧନର ଅଭିମାନରେ, ପଦର ଅଭିମାନରେ ମନେକରିଥିଲି ଯେ, ମୋ ପରି ଭକ୍ତ ଆଉ କେହି ତ୍ରିଭୁବନରେ ନାହାନ୍ତି । ମୁଁ ଶାସ୍ତ୍ର ଅନୁସାରେ ଉତ୍କୃଷ୍ଟ ବ୍ରାହ୍ମଣପଣ୍ଡିତଙ୍କ ଦ୍ୱାରା ପୂଜାକରାଇ ମନେକରୁଥିଲି, ସେହି ପୂଜା ହିଁ ପ୍ରକୃତ ପୂଜା । ସ୍ୱର୍ଣ୍ଣପାତ୍ରରେ ଅତି ପବିତ୍ରଭାବରେ ଦୁଷ୍ପ୍ରାପ୍ୟ ଉପାଦେୟ ସାମଗ୍ରୀ ନୈବେଦ୍ୟ ଦେଇ ମନେକରୁଥିଲି ଯେ, ମୁଁ ତୋତେ ମୋ ଘରେ ଆବଦ୍ଧକରି ରଖିଛି । ମା', ଆଜି ମୋର ସେ ଭ୍ରମ ଦୂର ହୋଇଗଲା । ତୁ ଯେ ଭକ୍ତବତ୍ସଳା ନାମ ଧାରଣ କରିଛୁ, ଏକଥା ଅଳୀକ ନୁହେଁ । ଭକ୍ତି ବ୍ୟତୀତ ତୋତେ କେହି ବିଷୟ ବିଭବଦ୍ୱାରା ଆବଦ୍ଧ କରିପାରନ୍ତି ନାହିଁ । ମା' କୃପା କରି ମୋ ଅଭିମାନ ଚୂର୍ଣ୍ଣ କରିଦେ ।'

ମୁହୂର୍ତ୍ତକରେ ଏ ସମ୍ବାଦ ସେ ଅଞ୍ଚଳରେ ବ୍ୟାପ୍ତ ହୋଇଗଲା । ଏ ସମ୍ବାଦ ଶୁଣିବାକୁ ଦୁର୍ଗାପ୍ରସାଦଙ୍କର ମଧ୍ୟ ବାକୀ ରହିଲା ନାହିଁ । ସେ ମା' ମା' ବୋଲି କହି ଧ୍ୟାନସ୍ଥ ହୋଇପଡ଼ିଲେ । ଦେବାନ ମହାଶୟ ନବଜୀବନ ଲାଭ କଲେ । ସେହି ଦିନଠାରୁ ଦୁର୍ଗାପ୍ରସାଦଙ୍କ ନାମ ଥୋଡ଼ ଭଟ୍ଟାଚାର୍ଯ୍ୟ * ହେଲା ।

ତତ୍‌ପରେ ଶ୍ରୀଶ୍ରୀ ଠାକୁର ଦୁର୍ଗାପ୍ରସାଦ ଓ ତାଙ୍କ କନ୍ୟା ଜଗଦୀଶ୍ୱରୀଙ୍କ ସମ୍ବନ୍ଧରେ ନିମ୍ନଲିଖିତ ପ୍ରକାରେ କହିଲେ ।

ଭକ୍ତିର ପରାକାଷ୍ଠା—

ନାରାୟଣପୁର ଗ୍ରାମରେ ଦୁର୍ଗାପ୍ରସାଦ ଭଟ୍ଟାଚାର୍ଯ୍ୟ ନାମକ ଜଣେ ନିଷ୍ଠାବାନ୍ ଭକ୍ତ ଥିଲେ । ତାଙ୍କର ପତ୍ନୀ ଶେଷ ଜୀବନରେ ଗୋଟିଏମାତ୍ର କନ୍ୟା ପ୍ରସବ କରି

---

* ମଞ୍ଜାକୁ ବଙ୍ଗଳାଭାଷାରେ ଥୋଡ଼ କହନ୍ତି ।

ପରଲୋକ ଗମନ କରିଥିଲେ । ଭଟ୍ଟାଚାର୍ଯ୍ୟ କନ୍ୟାର ନାମ ଜଗଦୀଶ୍ୱରୀ ରଖିଥିଲେ । କନ୍ୟାଟିକୁ ଭଟ୍ଟାଚାର୍ଯ୍ୟ ମହାଶୟ ଲାଳନ ପାଳନ କରି ହୈମବତୀ ଉମା ଜ୍ଞାନରେ ବିବାହ ଦେଲେ । ସେ ଜଗଜ୍ଜନନୀଙ୍କୁ ଆପଣାର କନ୍ୟାଭାବରେ ଆରାଧନା କରୁଥିଲେ । ଦୁର୍ଗାପ୍ରସାଦଙ୍କର ବାତ୍ସଲ୍ୟଭାବରେ ଆକୃଷ୍ଟ ହୋଇ ମହାମାୟା ତାଙ୍କ କନ୍ୟା ରୂପରେ ଏକାଧିକବାର ଦର୍ଶନ ମଧ୍ୟ ଦେଇଥିଲେ । ଏହି ସ୍ୱଧର୍ମନିଷ୍ଠ ବ୍ରାହ୍ମଣଙ୍କ ପ୍ରତି ମା'ଙ୍କର କିପରି କୃପା ଥିଲା, ତାହା ନିମ୍ନ ଘଟଣାରୁ ସ୍ପଷ୍ଟରୂପେ ଜଣା ପଡ଼ିବ । ଶ୍ରୀଶ୍ରୀ ଠାକୁର କହିବାକୁ ଲାଗିଲେ—

ଦୁର୍ଗାପ୍ରସାଦ ଦେବୀପୂଜାର କେତେଦିନ ପୂର୍ବରୁ କନ୍ୟାଘରକୁ ଯାଇ ପୂଜା ଉପଲକ୍ଷ୍ୟରେ କନ୍ୟାକୁ ପଠାଇଦେବାକୁ ଜ୍ୱାଇଁଙ୍କୁ କହି ଆସିଥିଲେ । ଷଷ୍ଠୀ ଦିନ ଜଗଦୀଶ୍ୱରୀଙ୍କର ସ୍ୱାମୀ ଦୁର୍ଗାପୂଜା ଉପଲକ୍ଷ୍ୟରେ ଜଣେ ଜମିଦାର ଘରକୁ ଗଲେ । ଉପରବେଳା ଜଗଦୀଶ୍ୱରୀ ପିତାଙ୍କ ଘରକୁ ଆସିବାକୁ ଆୟୋଜନ କଲେ । ଦୁଇ କୋଶ ମାତ୍ର ବାଟ, ମଝିରେ ଗୋଟିଏ ବଡ଼ ପଡ଼ିଆ । ଘରୁ ଗାଡ଼ି ଆସିଛି । ତେଣୁ ଜଗଦୀଶ୍ୱରୀ ସଙ୍ଗରେ ଅନ୍ୟ ଲୋକ ନେଲେ ନାହିଁ । ପିତୃଗୃହରୁ ଆସିଥିବା ବିଶ୍ୱାସୀ ଭୃତ୍ୟର ପେଟରେ ହଠାତ୍ ଭୟଙ୍କର ବେଦନା ଅନୁଭବ ହେବାରୁ ଅନ୍ୟ ଜଣେ ଲୋକ ଗାଡ଼ି ନେଇ ଗଲା । ଏହି କାରଣରୁ ବାହାରିବାକୁ ଟିକିଏ ଡେରିହେଲା । ଶେଷରେ ଦୁର୍ଗା ନାମ ସ୍ମରଣ କରି ନିଜର ଶିଶୁକନ୍ୟାଟିକୁ ଧରି ଜଗଦୀଶ୍ୱରୀ ଗାଡ଼ିରେ ବସିଲେ ।

ଗ୍ରାମ ଛାଡ଼ି ଗାଡ଼ି ପଡ଼ିଆ ଭିତରକୁ ଆସିଲା । ଗୋଟିଏ ଜଳାଧାର ପାର୍ଶ୍ୱଦେଇ ରାସ୍ତା । ଗାଡ଼ି ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲା । ଜଗଦୀଶ୍ୱରୀ ଗାଡ଼ିଆଳକୁ ଖୁବ୍ ଜୋରରେ ଗାଡ଼ି ଚଳାଇବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ଗାଡ଼ିଆଳ ଗୋରୁ ଦୁଇଟିକୁ ଫିଟାଇଦେଇ କହିଲା—ମା' ଠାକୁରାଣି ! ବର୍ତ୍ତମାନ ବଡ଼ ଅସମୟ ପଡ଼ିଛି, ମୁଁ ପିଲାପିଲି ନେଇ ବଡ଼କଷ୍ଟରେ ଚଳୁଛି । ତେଣୁ ସଂକଳ୍ପ କରିଛି ଯେ ତୁମର ଅଳଙ୍କାରଗୁଡ଼ିକ ନେଇ ମୋ ଦୁଃଖ ହରଣ କରିବି । ବର୍ତ୍ତମାନ ଏହି ପଡ଼ିଆରେ କେହି ନାହାନ୍ତି । ଏଇଠାରେ ତୁମକୁ ମାରିଦେଲେ କେହି ଦେଖିପାରିବେ ନାହିଁ ।

ଜଗଦୀଶ୍ୱରୀ ମହାଆନନ୍ଦରେ ପିତ୍ରାଳୟକୁ ଯାଉଥିଲେ । ଗାଡ଼ିଆଳ ମୁଖରୁ ଏହି କଥା ଶୁଣି ତାଙ୍କର ପ୍ରାଣ କମ୍ପି ଉଠିଲା । ସେ ଭୟଭୀତା ହୋଇ କହିଲେ,

ମୋତେ ମାରିବାର ପ୍ରୟୋଜନ କ'ଣ ? ମୋର ସବୁ ଅଳଙ୍କାର ତୋତେ ଦେଉଛି, ନେ । ଗାଡ଼ିଆଳ କହିଲା, ନା, ମା' ତୁମେ ଜୀବିତ ଥିଲେ, ମୁଁ ଗହଣା ହଜମ କରିପାରିବି ନାହିଁ । ତୁମକୁ ମାରିଦେଇ ମୁଁ ନିଜେ ଯାଇ କହିବି ଯେ, ଡକାୟତମାନେ ତୁମକୁ ମାରି ଗହଣା ନେଇ ଯାଇଛନ୍ତି । ଏକଥା ଠାକୁର ମହାଶୟ ଅବିଶ୍ୱାସ କରିବେ ନାହିଁ । ଜଗଦୀଶ୍ୱରୀ ବହୁତ ଯୁକ୍ତିତର୍କ କଲେ, ଅନୁନୟ ବିନୟ କରି କହିଲେ, କିନ୍ତୁ କାହିଁରେ କିଛି ଫଳ ହେଲା ନାହିଁ । ଗାଡ଼ିଆଳ ଜଗଦୀଶ୍ୱରୀଙ୍କ କୋଳରୁ କନ୍ୟାଟିକୁ ଛଡ଼ାଇ ଆଣି ଟିକିଏ ଦୂରକୁ ଫିଙ୍ଗିଦେଲା । ଜଗଦୀଶ୍ୱରୀଙ୍କୁ ଓଟାରି ନେଇ ଶଗଡ଼ ଚକରେ ବାନ୍ଧିଦେଇ ପିଟିପିଟି ମାରି ପକାଇବା ମାନସରେ ନିକଟବର୍ତ୍ତୀ ମଶାଣିକୁ ବାଉଁଶ ପାଇଁ ଗଲା । ମଶାଣିକୁ ଯାଇ ଗାଡ଼ିଆଳ ଦୁଇଟି ବାଉଁଶ ଦେଖିବାକୁ ପାଇଲା । ସେ ଆନନ୍ଦରେ ତାକୁ ଧରିବା ମାତ୍ରେ ତାହାର ଗତି ସ୍ତମ୍ଭିତ ହୋଇଗଲା । ସେ ଜଡ଼ଙ୍କ ପରି ସେହିଠାରେ ଠିଆହୋଇ ରହିଲା । ଜଗଦୀଶ୍ୱରୀ ମଧ୍ୟ କୌଣସିପ୍ରକାର ଚିତ୍କାର ନ କରି ମୃତ୍ୟୁ ନିକଟବର୍ତ୍ତୀ ଜାଣି ମା'ଙ୍କର ନାମ ଜପ କରିବାକୁ ଲାଗିଲେ । କେବଳ ମାତୃକ୍ରୋଡ଼ବିଚ୍ଛିନ୍ନ ଶିଶୁ ବାଳିକାଟି ମାଟିରେ ପଡ଼ି କ୍ରନ୍ଦନ କରୁଥାଏ ।

ଠିକ୍ ଏହି ସମୟରେ ପଡ଼ିଆର ଅନ୍ୟ ପାଖରେ ଜଣେ ପୁଲିସ ଦାରୋଗା ଜଣେ କନେଷ୍ଟବଲ ସହିତ ଗୋଟିଏ ମୋକଦ୍ଦମା ତଦନ୍ତ କରି ଫେରୁଥିଲେ । ପଡ଼ିଆର ଅପରପାର୍ଶ୍ୱରେ ଶିଶୁର କ୍ରନ୍ଦନ ଶୁଣି କର୍ତ୍ତବ୍ୟପରାୟଣ ପୋଲିସ କର୍ମଚାରୀ ଘଟଣା କ'ଣ ଜାଣିବା ଇଚ୍ଛାରେ ସେଠାରେ ଆସି ପହଞ୍ଚିଲେ । ସେ ପ୍ରଥମେ ରାସ୍ତାକଡ଼ ମଶାଣିରେ ଗାଡ଼ିଆଳକୁ ଠିଆ ହୋଇଥିବାର ଦେଖିଲେ । ଦାରୋଗା ଗାଡ଼ିଆଳ ନିକଟକୁ ଯିବାମାତ୍ରେ ଦୁଇଟି ସର୍ପ ଗାଡ଼ିଆଳ ଦେହରୁ ଖସିପଡ଼ି ପଳାଇଗଲେ ।

ଗାଡ଼ିଆଳ ଦାରୋଗାବାବୁଙ୍କର ପାଦତଳେ ପଡ଼ି ନିଜର ଦୁରଭିସନ୍ଧି କଥାସବୁ ବ୍ୟକ୍ତ କଲା । ସେ କହିଲା ଯେ, ସେ ଜଗଦୀଶ୍ୱରୀଙ୍କୁ ପ୍ରାଣରେ ହତ୍ୟା କରିବା ମାନସରେ ତାଙ୍କୁ ଶଗଡ଼ ଚକରେ ବାନ୍ଧିଦେଇ ମଶାଣିକୁ ବାଉଁଶ ପାଇଁ ଆସିଥିଲା । ଦୁଇଟା ସାପ ଏକତ୍ର ହୋଇ ଶୋଇଥିବା ଦେଖି ବାଉଁଶ ମନେକରି ଉଠାଇବା ମାତ୍ରେ ସେ ଦୁହେଁ ତା ହାତଗୋଡ଼ରେ ଛନ୍ଦି ହୋଇଗଲେ ଏବଂ ସେ ଚଳତଶକ୍ତି ରହିତ ହୋଇ ଠିଆ ହୋଇଥିଲା ।

ପୁଲିସ କର୍ମଚାରୀ ଗାଡ଼ିଆଳଠାରୁ ଏ କଥା ଶୁଣି ଗାଡ଼ି ନିକଟକୁ ଆସି ଦେଖିଲେ, କନ୍ୟାଟି ତଳେ ପଡ଼ି କାନ୍ଦୁଛି, ବଳଦ ଦୁଇଟି ଠିଆ ହୋଇଛନ୍ତି ଏବଂ ଜଗଦୀଶ୍ୱରୀ ଶଗଡ଼ ଚକରେ ବନ୍ଧା ହୋଇଛନ୍ତି । ସେ ଜଗଦୀଶ୍ୱରୀଙ୍କର ବନ୍ଧନମୋଚନ କରି କନ୍ୟାଟିକୁ ଆଣି ତାଙ୍କ କୋଳରେ ଦେଲେ ଓ ଗାଡ଼ିଆକୁ ଗୋରୁ ଯୋଚି ନାରାୟଣପୁରକୁ ଯିବାକୁ ଆଦେଶ ଦେଲେ । ଜଗଦୀଶ୍ୱରୀ ସେ ପର୍ଯ୍ୟନ୍ତ ଘଟଣା କ'ଣ କିଛି ବୁଝିପାରି ନ ଥିଲେ । ତେବେ ମା'ଙ୍କ କୃପାରୁ ଯେ ତାଙ୍କର ପ୍ରାଣରକ୍ଷା ହେଲା, ଏହା ବୁଝିବାକୁ ତାଙ୍କର ଆଉ ବାକୀ ରହିଲା ନାହିଁ ।

ଏଣେ ଦୁର୍ଗାପ୍ରସାଦ ସଂଧ୍ୟାପରେ ମାଆଙ୍କର ଆମନ୍ତ୍ରଣ ଅଧିବାସାଦି ସମ୍ପନ୍ନ କରିସାରି ଭାବିଲେ, ଏତେ ବିଳମ୍ବ ପର୍ଯ୍ୟନ୍ତ ଜଗଦୀଶ୍ୱରୀ କାହିଁକି ଆସି ନ ପହଞ୍ଚିଲା ! ଏହି ସମୟରେ ଦାରୋଗା ବାବୁ ଡାକପକାଇଲେ । ଭଟ୍ଟାଚାର୍ଯ୍ୟ ମହାଶୟ ଅସ୍ତବ୍ୟସ୍ତ ହୋଇ ଉଠିଆସି କନ୍ୟା ସହିତ ଦାରୋଗା ଓ କନେଷ୍ଟବଳଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଦାରୋଗା ବାବୁ ଆମୂଳଚୂଳ ସମସ୍ତ ଘଟଣା ବର୍ଣ୍ଣନା କଲେ । ଦୁର୍ଗାପ୍ରସାଦ ବାଳକଙ୍କ ପରି ମା', ମା' ବୋଲି ଚିତ୍କାର କରି କାନ୍ଦିବାକୁ ଲାଗିଲେ । ଦାରୋଗା ବାବୁଙ୍କର ଚିତ୍ତ ପ୍ରଥମରୁ ଦୟାରେ ପୂରିଥିଲା । ଦୁର୍ଗାପ୍ରସାଦ ଦାରୋଗା ବାବୁଙ୍କ ହାତଧରି ଗାଡ଼ିଆଳକୁ ଛାଡ଼ିଦେବାକୁ ଅନୁନୟ ବିନୟ କରିବାରୁ ପୁଲିସ କର୍ମଚାରୀ ଆଉ କିଛି ନ କରି ଗାଡ଼ିଆକୁ ଛାଡ଼ିଦେଇ ଚାଲିଗଲେ । ଦୁର୍ଗାପ୍ରସାଦ ଡାଲି ଚାଉଳ ପ୍ରଭୃତି ଦେଇ ଗାଡ଼ିଆଳକୁ ବିଦାୟ ଦେଲେ ।

ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ଶେଷ ହେଲା । ଆଜି ବିଜୟା ଦଶମୀ । ଭଟ୍ଟାଚାର୍ଯ୍ୟ ପରିବାରର ଅବସ୍ଥା ଖରାପ ହେବା ଦିନରୁ ଦୁର୍ଗାପ୍ରସାଦ ମନସୁଖରେ ମାଆଙ୍କର ପୂଜା ତିନିଦିନ ମାତ୍ର କରନ୍ତି । କେବଳ ଦଶମୀ ଦିନଟି ଯଥାଶକ୍ତି ଲୋକମାନଙ୍କୁ ଭୋଜନ କରାନ୍ତି । ତେଣୁ ଆଜି ଜଗଦୀଶ୍ୱରୀ ପିତାଙ୍କ ସଙ୍ଗରେ ଅନ୍ନବ୍ୟଞ୍ଜନ ପାକ କରୁଛନ୍ତି । ଦୁର୍ଗାପ୍ରସାଦ ଯଥାସମୟରେ ମହାମାୟାଙ୍କୁ ଦହି ଖଇ ଭୋଗ ଦେଇ ଶାସ୍ତ୍ରାନୁସାରେ ବିସର୍ଜନାଦି ସମ୍ପନ୍ନ କଲେ । ପରେ ନିମନ୍ତ୍ରିତ ଲୋକମାନଙ୍କୁ ସ୍ୱୟଂ ପରିବେଷଣ କରି ଖୁଆଇଲେ । ଯଥାସମୟରେ ଆହାରାଦି ସମ୍ପନ୍ନ ହେଲା ପରେ ସେ ଠାକୁରଙ୍କ ଘରେ ବିଶ୍ରାମ କଲେ । ଏପରି ସମୟରେ ଜଗଦୀଶ୍ୱରୀ ଦୁଆରେ ଯାଇ ଠିଆହେଲେ । ଦୁର୍ଗାପ୍ରସାଦ କ'ଣ ବୋଲି

ପଚାରିବାରୁ ସେ ଲଜ୍ଜାବିନମ୍ର ବଦନରେ କହିଲେ, ‘‘ମୋତେ ବର୍ତ୍ତମାନ ଯିବାକୁ ହେବ । ମୋର ସ୍ୱାମୀ ମୋତେ ଆଜି ଯିବାକୁ କହିଛନ୍ତି ଏବଂ ସେଥିପାଇଁ ଯାନବାହାନର ବ୍ୟବସ୍ଥା ମଧ୍ୟ କରି ଦେଇଛନ୍ତି ।’’

ଦୁର୍ଗାପ୍ରସାଦଙ୍କ ଦୁଇ ଚକ୍ଷୁରୁ ଅଶ୍ରୁଧାରା ବହିବାକୁ ଲାଗିଲା । ସେ ଗଦ୍‌ଗଦ କଣ୍ଠରେ କହିଲେ—‘‘ମାଆ, ଯେତେବେଳେ ତୋତେ ପରକୁ ଦାନ କରିସାରିଛି, ସେତେବେଳେ ମୁଁ ଆଉ ବା କ’ଣ କହିବି ? ପୁଣି ଅଳ୍ପଦିନ ପରେ ଫେରିଆସିବୁ ଯେ !’’ ଜଗଦୀଶ୍ୱରୀ ପିତାଙ୍କୁ ପ୍ରଣାମ କରି ବିଦାୟ ନେଲେ । ଦୁର୍ଗାପ୍ରସାଦ ଚାରିଆଡ଼ ଶୂନ୍ୟ ବୋଧ କଲେ । କିଛିକ୍ଷଣ ପରେ ସେ ଘଟ ଭସାଇଦେବାକୁ ନଦୀକୁ ଗଲେ । ସନ୍ଧ୍ୟାବେଳେ ଘରକୁ ଫେରିବା ପରେ ଦେଖିଲେ, କନ୍ୟା ଜଗଦୀଶ୍ୱରୀ ତାଙ୍କୁ ପ୍ରଣାମ କରୁଛନ୍ତି । ଦୁର୍ଗାପ୍ରସାଦ ପଚାରିଲେ—‘‘ମା, ତୁ ଆଜି ଉପରବେଳା ମୋଠାରୁ ବିଦାୟ ନେଇଗଲୁ, କିନ୍ତୁ ଏତେବେଳଯାଏ ତୋ ଘରକୁ ଯାଇ ନାହୁଁ ?’’

ଜଗଦୀଶ୍ୱରୀ ହସି ହସି କହିଲେ—‘‘କାହିଁ ବାପା ! ମୁଁ କେତେବେଳେ ତମଠାରୁ ବିଦାୟ ନେଇଗଲି ? ମୋର ସ୍ୱାମୀ କାଲି ସଂଧ୍ୟାରେ ଘରକୁ ଆସିବେ । ମୁଁ କାଲି ଉପରବେଳା ଗଲେ ଚଳିବ । ଆଜି ଘରକୁ ଯିବାକୁ ସେ ନିଷେଧ କରିଛନ୍ତି ।’’

ଏ ରହସ୍ୟ ବୁଝିବାକୁ ଦୁର୍ଗାପ୍ରସାଦଙ୍କର ଆଉ ବାକୀ ରହିଲା ନାହିଁ । ସେ ମାଆ ମାଆ ବୋଲି କାନ୍ଦିବାକୁ ଲାଗିଲେ । ମନେ ମନେ ଆକ୍ଷେପ କରି କହିଲେ—ମା, ତୁ କେଉଁଠି ? ଧରାଦେଇ ପୁଣି ମାୟାରେ ଆବଦ୍ଧ କରି ପଳାଇଗଲୁ ସିନା ! ଛଳନା ପରିତ୍ୟାଗ କରି ସରଳଭାବରେ କ’ଣ ଦିନେ ଦେଖା ଦେବୁ ନାହିଁ ମା ? ଥରେ ବାପା ବୋଲି ଡାକି ନିକଟକୁ ଆସିବୁ ନାହିଁ ମା !

ଦୁର୍ଗାପ୍ରସାଦ କିଛିକ୍ଷଣ ପରେ ଭାବବିହ୍ୱଳ ଅବସ୍ଥାରେ ଚଣ୍ଡୀମଣ୍ଡପରେ ପ୍ରବେଶ କରି ଗାଇବାକୁ ଲାଗିଲେ—

‘‘ନୟନ ଥାକ୍‌ତେ ଦେଖ୍‌ଲି ନା ମନ୍
କେମନ ତୋମାର କପାଲ ପୋଡ଼ା
ତନୟେ ଛଲିତେ କନ୍ୟା ରୂପେତେ
ରାମପ୍ରସାଦେର ବାଁଧଛେ ବେଡ଼ା ।’’

ଭାବଭକ୍ତିହୀନ ଅବିଶ୍ୱାସୀମାନେ ସେମାନଙ୍କ ଲୌକିକ ବିଦ୍ୟାବୁଦ୍ଧିରେ ଦୈବଲୀଳାର ଏ ରହସ୍ୟ ବୁଝିପାରିବେ ନାହିଁ । ମାଆଙ୍କର କୃପା ବ୍ୟତୀତ ତାଙ୍କ ଲୀଳା ବୁଝିବାର ସାଧ କାହାରି ନାହିଁ । ତେବେ ଏସବୁ ଘଟଣା ଏ ଯୁଗରେ କିଏ ବା ବିଶ୍ୱାସ କରିବ ? ତଥାପି ଏ ଯୁଗର ଗୋଟିଏ ଘଟଣା କହୁଛି ଶୁଣ ।

ହିନ୍ଦୁର ପୂଜା, ପିତୁଳା ପୂଜା ନୁହେଁ—

ଗଗନବାବୁ ଢାକା ଜଜ୍‌କୋର୍ଟର ଓକିଲ । ତାଙ୍କର ଜ୍ୟେଷ୍ଠ ଭ୍ରାତା ମଧ ଜଣେ ଉଚ୍ଚଶିକ୍ଷିତ ଗ୍ରାଜୁଏଟ୍ । ତାଙ୍କ ଘର ଫରିଦ୍‌ପୁର ଜିଲ୍ଲାରେ । ଦୁଇ ଭାଇ ବିଦେଶରେ ଥାଆନ୍ତି । ସେମାନଙ୍କ ଘରେ ପୁରୁଷାନୁକ୍ରମେ ଦୁର୍ଗୋତ୍ସବ ହୋଇ ଆସୁଥିଲା । ଯେଉଁଠାରେ ମାଆଙ୍କର କୃପା ହୁଏ, ସେଠାରେ ସେମାନେ ଭକ୍ତ ହୋଇଥାନ୍ତି । ଗଗନବାବୁଙ୍କ ପିତା ମଧ୍ୟବିତ୍ତ ଗୃହସ୍ଥ ଓ ଉଚ୍ଚବର୍ଣ୍ଣ ବୋଲି ଯେତେ ଦୂର ପାରନ୍ତି ନିଜ ହାତରେ ପୂଜା କରନ୍ତି । ଘରର ଅନ୍ୟାନ୍ୟ ସମସ୍ତେ ମାଆଙ୍କ ପୂଜା ବିଷୟରେ ଅଭିଜ୍ଞ ଥିବାରୁ ଓ ପୂଜା ସମୟରେ ଆସନ ନିକଟରେ ପୂଜାର ଉପଚାରାଦି ଦ୍ରବ୍ୟ ବିଧିମତେ ସଜାଇ ରଖୁଥିବାରୁ ପୁରୋହିତଙ୍କୁ କୌଣସି ଅସୁବିଧାରେ ପଡ଼ିବାକୁ ହେଉ ନ ଥିଲା । ଗୋଟିକ ପରେ ଅନ୍ୟ ଯେଉଁ ଦ୍ରବ୍ୟ ଯେପରି ପ୍ରୟୋଜନ, ଗୃହିଣୀମାନେ ପୂଜାଉପଚାରମାନ ସେହିପରି ସଜାଇ ରଖିଥାଆନ୍ତି । ଗଗନବାବୁଙ୍କ ବଡ଼ଭାଇ ସ୍ୱୟଂ ପୂଜାସ୍ଥାନରେ ଉପସ୍ଥିତ ରହି ପୂଜାର ତତ୍ତ୍ୱାବଧାନ କରନ୍ତି ।

ପୂଜାକାର୍ଯ୍ୟ ଯେପରି ଯଥାରୀତି ସମ୍ପନ୍ନ ହେବ ଓ କୌଣସି ଅଙ୍ଗହାନି ନ ଘଟିବ, ସେ ବିଷୟରେ ସେ ସତର୍କ ପ୍ରହରୀ ଭଳି ଜଗି ରହୁଥିଲେ । ଅନ୍ୟାନ୍ୟ କାର୍ଯ୍ୟର ଭାର ଅପରକୁ ଦେଇ ନିଜେ ଆମୋଦପ୍ରମୋଦ କରିବା ତ୍ୟାଗ କରି ପୂଜାର ସୁବ୍ୟବସ୍ଥା ପାଇଁ ସଜାଗ ରହୁଥିଲେ । ଏହି ଭାବରେ ବହୁକାଳ ଅତୀତ ହୋଇଗଲେ ।

ପୂଜା ଉପଲକ୍ଷ୍ୟରେ କଚେରୀ ବନ୍ଦ ହେବାରୁ ଉଭୟ ଭ୍ରାତା ପଞ୍ଚମୀ ଦିନ ଘରେ ଉପସ୍ଥିତ ହେଲେ । ତାଙ୍କୁ ଦେଖି ବୃଦ୍ଧ ପିତା ହସି ହସି କହିଲେ— "ବାବା, ଏଥର ଗ୍ରାମର ଭଟ୍ଟାଚାର୍ଯ୍ୟ (ପୁରୋହିତ)ଙ୍କୁ କହିଦେଇଛି, ସେ ଆଜି ଆସିବେ । ସେ ଜଣେ ଉପଯୁକ୍ତ ପଣ୍ଡିତ ପୁରୋହିତ; ତେଣୁ ଏଥର ତୁମକୁ ପୂଜା

ସମୟରେ ସର୍ବଦା ଉପସ୍ଥିତ ରହିବାକୁ ପଡ଼ିବ ନାହିଁ । ଏଥର ପୂଜାଦିନମାନଙ୍କରେ ତୁମେମାନେ ଆମୋଦ ପ୍ରମୋଦରେ ମଧ୍ୟ ଯୋଗ ଦେଇପାରିବ ।''

ଯଥା ସମୟରେ ପୁରୋହିତ ଆସି ଉପସ୍ଥିତ ହେଲେ । ସେ ଜଣେ ଖ୍ୟାତନାମା ଅଧ୍ୟାପକ । ଷଷ୍ଠୀଦିନ ଯଥା ନିୟମରେ ବୋଧନ ଓ ଆମନ୍ତ୍ରଣ ଅଧିବାସ ପ୍ରଭୃତି ହୋଇଗଲା । ଆଜି ସପ୍ତମୀ ପୂଜା । ସ୍ନାନ ପରେ ନବପତ୍ରିକା ସ୍ଥାପନ ହେଲା । ଗଗନବାବୁଙ୍କ ଘରର ସ୍ତ୍ରୀପୁରୁଷ ସମସ୍ତେ ସଂକଳ୍ପ ବେଳେ ଉପସ୍ଥିତ ରହିଲେ । ପୂଜା ଆରମ୍ଭ ହେଲା । ସପ୍ତମୀପୂଜାର ବିହିତ ଦ୍ରବ୍ୟାଦି ସୁବିନ୍ୟସ୍ତ ଭାବରେ ସଜାଇ ରଖାଯାଇଥିଲା । ପୁରୋହିତ ଏସବୁ ଦେଖି କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରି ପୂଜାରେ ବସିଲେ । ଇତିମଧ୍ୟରେ କୌଣସି କାର୍ଯ୍ୟ ଉପଲକ୍ଷ୍ୟରେ ଗଗନାବାବୁଙ୍କ ଭାଇଙ୍କର ବାହାରକୁ ଯିବା ଦରକାର ପଡ଼ିଲା । ଯୋଗ୍ୟ ପୁରୋହିତଙ୍କ ଉପରେ ପୂଜାର ଭାର ଦେଇ ସେ ବାହାରକୁ ଗଲେ ।

ବହୁ ସମୟ ପରେ ସେ ଟିକିଏ ଅବସର ପାଇ ସଙ୍ଗେ ସଙ୍ଗେ ପୂଜାମଣ୍ଡପକୁ ଆସି ଦେଖିଲେ ଯେ, ପୂଜା ପ୍ରାୟ ଅଧା ହୋଇଗଲାଣି । ପୂଜା ଦେଖୁ ଦେଖୁ ସହସା ସେ ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କର ମୁଖ ମଳିନ ଓ ଶରୀର କମ୍ପିତ ହେବାକୁ ଲାଗିଲା । ସେ ଦେଖିଲେ, ପ୍ରତିବର୍ଷ କଦଳୀପତ୍ରରେ ଅଞ୍ଜନ ପ୍ରସ୍ତୁତ କରି ତାଳପତ୍ରରେ ଅଞ୍ଜନ ନେଇ ଦେବୀଙ୍କ ଚକ୍ଷୁଦାନ କାର୍ଯ୍ୟ ସଂପନ୍ନ ହୁଏ । ଏବର୍ଷ ମଧ୍ୟ ଯଥା ସ୍ଥାନରେ ତାହା ରଖା ହୋଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, ପୂଜା ପ୍ରାୟ ଶେଷ ହେଲାଣି ଅଥଚ ଅଞ୍ଜନ ବ୍ୟବହାର କରାଯାଇ ନାହିଁ । ତେବେ କ'ଣ ପୁରୋହିତ ଚକ୍ଷୁଦାନ କରିବାକୁ ଭୁଲିଗଲେ ? ତାଙ୍କର ମୁଣ୍ଡ ଘୂରିଗଲା । ସେ ମନର ଆବେଗକୁ ଚାପିଦେଇ ଭୟରେ ପୁରୋହିତଙ୍କୁ ଏହାର କାରଣ ପଚାରିଲେ । ପଣ୍ଡିତେ ପ୍ରଥମେ ଟିକିଏ ସଙ୍କୁଚିତ ହୋଇ ପରେ ସଗର୍ବରେ ଉତ୍ତର ଦେଲେ ''ମୁଁ ମାଆଙ୍କର ଚକ୍ଷୁଦାନ କରିବାକୁ କଦଳୀ ଖୋଳ କାହିଁକି ବ୍ୟବହାର କରିବି ? ଆମେ ଅନ୍ୟ ଉପାୟରେ ଚକ୍ଷୁଦାନ କରିଥାଉଁ । ତୁମେମାନେ ପିଲାଲୋକ, ତାହା ଜାଣିବ କେଉଁଠୁ ? ବିଶେଷତଃ ଇଂରାଜୀ ପାଠରେ ତାହା ନାହିଁ । ମୋ ପୂଜାର ଭୁଲ୍ ଧରିବା ବିଦ୍ୟା ତୁମେ ଏପର୍ଯ୍ୟନ୍ତ ପଢ଼ି ନାହଁ ।''

ଏପରି ଅସ୍ୱାଭାବିକ ଉତ୍ତରରେ ତାଙ୍କ ମନରେ ଅତିଶୟ କଷ୍ଟ ହେଲା । ସେ ଅଗତ୍ୟା ଚୁପ୍ ରହିଗଲେ ସତ, କିନ୍ତୁ ତାଙ୍କ ମନ ମାନିଲା ନାହିଁ । ସବୁବେଳେ

ମନେ ହେଲା, "ମୁଁ କାହିଁକି ପୁରୋହିତଙ୍କ ଉପରେ ଭାର ଦେଇ ପୂଜା ଛାଡ଼ି ଅନ୍ୟତ୍ର ଗଲି ? ଏଥର ପୂଜା ଅଙ୍ଗହୀନ ହେଲା ସିନା !" ତଥାପି ଏ କଥା ସେ ଘରେ କାହାକୁ ଜଣାଇଲେ ନାହିଁ । ଏକାକୀ ନୀରବରେ ମାନସିକ ଯାତନା ଭୋଗ କରିବାକୁ ଲାଗିଲେ ଓ ସେହି ସମୟରୁ ପୂଜା ଛାଡ଼ି ଆଉ କେଉଁ ଆଡ଼କୁ ଗଲେ ନାହିଁ ।

ସପ୍ତମୀ, ଅଷ୍ଟମୀ ଗତ ହେଲା । ଆଜି ନବମୀ । ପୂଜା ଶେଷରେ ନିମନ୍ତ୍ରିତ ଲୋକ ଖାଇ ବସିଛନ୍ତି । ଗଗନବାବୁ ଓ ତାଙ୍କର ଭାଇ ତତ୍ତ୍ୱାବଧାନ କରୁଛନ୍ତି । ସହସା ଘର ଭିତରୁ କ୍ରନ୍ଦନର ରୋଳ ଉଠିଲା । ଦୁଇ ଭାଇ ଘଟଣା କ'ଣ ବୁଝିବା ପାଇଁ ଘରେ ପ୍ରବେଶ କରି ଦେଖିଲେ ଯେ, ପୂଜା ଶେଷରେ ଭୋଗ ହୋଇଗଲା ପରେ ମାଆଙ୍କ ଶରୀର ଟିକିଏ ଅସୁସ୍ଥ ବୋଧ ହେବାରୁ ସେ ପଣତକାନି ତଳେ ପକାଇ ଶୋଇପଡ଼ିଲେ । ସେହି ଅବସ୍ଥାରେ ସେ ସ୍ୱପ୍ନ ଦେଖିଲେ ଯେ, ଗୋଟିଏ ବାଳିକା ଆସି କହୁଛି—ମାଆ ! ମୋତେ ଭୋକ କରୁଛି କିଛି ଖାଇବାକୁ ଦିଅ । ଗଗନବାବୁଙ୍କ ମା କହିଲେ—ମା, ପୂଜାରେ ଏତେ ଲୋକ ଖାଉଛନ୍ତି, ତୋତେ କ'ଣ କେହି କିଛି ଦେଲେ ନାହିଁ ? ଘରେ ନାନାପ୍ରକାର ସାମଗ୍ରୀ ଥୁଆହୋଇଛି—ତୋର ଯାହା ଇଚ୍ଛା ହେଉଛି, ତାହା ନେଇ ଖାଆ । ବାଳିକା କହିଲା ନା, ମାଆ—ମୁଁ ଆଣିପାରିବି ନାହିଁ, ତୁମେ ଦିଅ । ମାଆ କହିଲେ—ମା ! ମୁଁ ବଡ଼ ପରିଶ୍ରାନ୍ତ ହୋଇ ଟିକିଏ ଶୋଇଛି, ତୁ ନିଜେ ନେଇଯାଆ ଖାଇବୁ ।

ବାଳିକା କହିଲା—ମା, ମୁଁ ଯେ ଚକ୍ଷୁହୀନା ! ତୁମେ ନିଜ ହାତରେ ନ ଦେଲେ ମୁଁ ଖାଇବି କିପରି ?

ବାଳିକାର କଥା ଶୁଣି ମାଆ କର ଲେଉଟାଇ ଦେଖିଲେ ଯେ, ଗୋଟିଏ ଦଶମ ବର୍ଷୀୟା ବାଳିକା ତାଙ୍କ ନିକଟରେ ଛିଡ଼ା ହୋଇଛି । ସେ ଅନିନ୍ଦ୍ୟସୁନ୍ଦରୀ । ମାଆ କହିଲେ—ତୋର ଯେ ସୁନ୍ଦର ଚକ୍ଷୁ ଅଛି, ଅନ୍ଧ କିପରି ହେଲୁ ? ବାଳିକା ହସି ହସି କହିଲା—ହଁ, ମୋର ଚକ୍ଷୁ ଅଛି ସତ, କିନ୍ତୁ ଦୃଷ୍ଟିଶକ୍ତି ନାହିଁ । ଏ ଚକ୍ଷୁରେ ମୁଁ କିଛି ଦେଖିପାରୁ ନାହିଁ । ଆହା ! ଏପରି ଅପରୂପ ଲାବଣ୍ୟମୟୀ ସୁନ୍ଦରୀ ବାଳିକାକୁ କି ଅପରାଧରେ ବିଧାତା ଅନ୍ଧକଲା—ଏହା ଭାବି ମାଆ କାନ୍ଦି ଉଠିଲେ । ପରେ ସେ ଦେଖିଲେ ଯେ ସେ ବାଳିକାଟି ଗୋଟିଏ ସ୍ନିଗ୍ଧ ଜ୍ୟୋତି ଆକାରରେ ଉପରକୁ ଉଠିଗଲା । ହଠାତ୍ ସେ ମାଆ ବୋଲି କାନ୍ଦି କାନ୍ଦି ଚିତ୍କାର

କରିଉଠିଲେ । ନିଦ ଭାଙ୍ଗିଗଲା । ସେ ଘରକୁ ସମସ୍ତେ ଦଉଡ଼ି ଆସି ସ୍ୱପ୍ନ ବୃତ୍ତାନ୍ତ ଶୁଣିଲେ । ମହାମାୟା ଅନ୍ଧ ରୂପରେ କାହିଁକି ଦର୍ଶନ ଦେଲେ, ଏଥିରେ ପରିବାରର ଅମଙ୍ଗଳ ହେବ; ଏହି ଆଶଙ୍କା କରି ସମସ୍ତେ କାନ୍ଦିବାକୁ ଲାଗିଲେ ।

ଗଗନବାବୁ ଏହା ଶୁଣି ଭୋ ଭୋ ହୋଇ କାନ୍ଦି ଉଠିଲେ । ପରେ କହିଲେ, "ମାଆ, ପ୍ରକୃତରେ ଏଥର ଅନ୍ୟ ବର୍ଷ ପରି ଦେବୀଙ୍କର ଚକ୍ଷୁଦାନ ହୋଇ ନାହିଁ । କେବଳ ମନ୍ତ୍ର ଉଚ୍ଚାରଣ କରି ବୋଧହୁଏ ଚକ୍ଷୁଦାନ କରାଯାଇଛି । ଅଭିଜ୍ଞ ଓ ଯୋଗ୍ୟ ପୁରୋହିତ ଦେଖି ମୁଁ ବାହାର କାମରେ ଚାଲିଗଲି, ସେହି ସମୟରେ ଏ ତ୍ରୁଟି ହୋଇଯାଇଛି । ପୂଜା ଆନନ୍ଦରେ ବାଧା ପଡ଼ିବ ବୋଲି ଏକଥା ମୁଁ କାହାରି ନିକଟରେ କହି ନ ଥିଲି, ଆଜି ମାଆ ନିଜେ ତାହା ପ୍ରକାଶ କରିଦେଇଗଲେ ।

ପରେ ମାତା ପୁତ୍ର ସମସ୍ତେ ଦେବୀଙ୍କ ନିକଟରେ କ୍ଷମାଭିକ୍ଷା କଲେ । ଅନ୍ୟମାନେ ଏ ବୃତ୍ତାନ୍ତ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ପୁରୋହିତ ମଧ୍ୟ ଭୀତ ହୋଇ ତ୍ରୁଟି ସ୍ୱୀକାର କଲେ । ଗଗନବାବୁଙ୍କ ମାତା ଏ ବିଷୟ ଏଥି ପୂର୍ବରୁ କିଛି ଜାଣି ନ ଥିଲେ । ସୁତରାଂ ସଂସ୍କାରବଶରୁ ଚିନ୍ତାଗ୍ରସ୍ତ ହୋଇ ସେ ଏପରି ସ୍ୱପ୍ନ ଦେଖି ନ ଥିଲେ ।

ହିନ୍ଦୁମାନଙ୍କ ପୂଜା ପିତୁଳା ପୂଜା ନୁହେଁ, ପିଲାଙ୍କ ଖେଳଘର ନୁହେଁ । ଭକ୍ତି ବିଶ୍ୱାସ ହରାଇ ଗୋଟିଏ ଶ୍ରେଣୀର ହିନ୍ଦୁ ଅପର ନିକଟରେ ଦୟାର ପାତ୍ର ହୋଇପଡ଼ିଛନ୍ତି । ଅନ୍ୟଥା ହିନ୍ଦୁମାନଙ୍କ ଘରେ ଏପରି ଦୈବଲୀଳା ନିତ୍ୟନୈମିତ୍ତିକ ଘଟଣା । ଆତ୍ମଚୈତନ୍ୟର ପ୍ରକାଶ ନ ହେଲେ, କେହି ଘଟରେ କି ପଟରେ ବ୍ରହ୍ମଚୈତନ୍ୟଙ୍କର ପ୍ରକାଶ କରାଇ ଯଜମାନଙ୍କର ଅଭୀଷ୍ଟ ପୂରଣ କରିପାରିବେ ନାହିଁ । ଏପରି ମହାପୁରୁଷ ଲୋକସମାଜରେ ବିରଳ ସତ; କିନ୍ତୁ ଯେଉଁମାନେ ଅଛନ୍ତି, ସେମାନେ ସାମାନ୍ୟ ଦକ୍ଷିଣା ଲୋଭରେ ଅନ୍ୟର ଉପକାର କରିବାକୁ ଅଗ୍ରସର ହୁଅନ୍ତି ନାହିଁ । ଭକ୍ତବତ୍ସଳ ଦେବ-ଦେବୀଗଣ ଭକ୍ତିବଳରେ ମନୋମୟ ମୂର୍ତ୍ତିରେ ଦର୍ଶନ ଦାନ କରନ୍ତି ଓ ଅଭୀଷ୍ଟ ପୂରଣ କରିଥାଆନ୍ତି । ଏହିଠାରେ ମଧ୍ୟ ଜଗଜ୍ଜନନୀ ଭକ୍ତର ଧାରଣା ଅନୁଯାୟୀ ଅନ୍ଧହୋଇ ଦେଖାଦେଇ ଭକ୍ତର ସମ୍ମାନ ବଢ଼ାଇଲେ ଓ ବିଶ୍ୱାସ ଦୃଢ଼ କଲେ । ପୁରୋହିତଙ୍କ ପାଣ୍ଡିତ୍ୟର ଅଭିମାନ ରସାତଳକୁ ଗଲା । ଅନ୍ୟଥା ଅନନ୍ତ ବ୍ରହ୍ମାଣ୍ଡରେ ଯେ ଏକମାତ୍ର ଚକ୍ଷୁ ସ୍ୱରୂପ, ତାଙ୍କର ଚକ୍ଷୁଦାନ

ନ ହେଲେ ଯେ ପୁଣି ସେ ଅନ୍ଧ ହେବେ, ଏକଥା କୌଣସି ଅବୋଧ ବାଳକ ମଧ୍ୟ ବିଶ୍ୱାସ କରିବ ନାହିଁ । କିନ୍ତୁ ଯାହାର ଯେପରି ଭାବ, ଯେପରି ଭକ୍ତି, ସେ ସେହିପରି ସିଦ୍ଧିଲାଭ କରନ୍ତି । ''ଯାଦୃଶୀ ଭାବନା ଯସ୍ୟ ସିଦ୍ଧି ର୍ଭବତି ତାଦୃଶୀ ।'' ମୋ ଜୀବନରେ ମଧ୍ୟ ଏହିପରି ଘଟଣା ବହୁତ ଘଟିଛି । ସେଥିମଧ୍ୟରୁ କେତୋଟି କହୁଛି, ଶୁଣ ।

ଦଶଭୂଜା ଦର୍ଶନ—

ମୋତେ ଯେତେବେଳେ ନଅ ବରଷ, ସେ ସମୟରେ ମୋର ଖୁଡ଼ୀ ଦେବୀମଣ୍ଡପରେ ସନ୍ଧ୍ୟା ଦେବାକୁ ମୋତେ ଗୋଟିଏ ପ୍ରଦୀପ ଦେଇ ପଠାଇଦେଲେ । ମୁଁ ଦେବୀମଣ୍ଡକୁ ଯାଇ ପ୍ରଦୀପ ତଳେ ଥୋଇଦେବା ପରେ ଦେଖିଲି, ସେ ସ୍ଥାନଟି ଦପ୍ କରି ଜଳି ଉଠିଲା । ସେହି ଜ୍ୟୋତି ମଧ୍ୟରେ ମାଆ ଦଶଭୂଜା ଦେବୀ ବାଳିକା ମୂର୍ତ୍ତିରେ ମୋ ଆଗରେ ଦେଖାଦେଲେ । ତାହା ଦେଖି ମୁଁ ଭୟରେ ଅଜ୍ଞାନ ହୋଇପଡ଼ିଲି । ଚୈତନ୍ୟ ଉଦୟ ହେବାରୁ ଦେଖିଲି ମୋର ଗର୍ଭଧାରିଣୀ ମାଆ ମୋତେ କୋଳରେ ଧରି ସମସ୍ତ ଘଟଣା ପଚାରୁଛନ୍ତି । ମୁଁ ସମସ୍ତ ଘଟଣା କହି ଥରିବାକୁ ଲାଗିଲି । ସ୍ନେହମୟୀ ମାତା ମୋତେ କହିଲେ— ''ବାବା, ଆମ ଘରେ ପରା ମାଆ ଅଛନ୍ତି ! ମୁଁ ଯେପରି ତୋର ମାଆ— ଦଶଭୂଜା ସେହିପରି ଜଗତର ମାଆ । ତୁ ମୋତେ ଦେଖି କ'ଣ ଭୟ କରୁ ? ସେହିପରି ଜଗତର ଯେ ମାଆ, ତାଙ୍କୁ ତୁ ଭୟ କରୁଛୁ କାହିଁକି ?''

ପ୍ରକୃତ ନାସ୍ତିକ—

ଯୌବନରେ ପଦାର୍ପଣ କଲାମାତ୍ରେ ମୋର ବାଲ୍ୟକାଳର ଧର୍ମଭାବ କୁଆଡ଼େ ଚାଲିଗଲା । ମୁଁ ଉପନୟନ ପରେ ଖୁବ୍ ସନ୍ଧ୍ୟାଆହ୍ନିକ କରୁଥିଲି । କିନ୍ତୁ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ଏ ଧର୍ମଭାବ କ୍ରମେ ଲୋପ ପାଇଲା । ଦେବଦେବୀଙ୍କୁ ମୁଁ ଆଦୌ ବିଶ୍ୱାସ କରେ ନାହିଁ କିମ୍ବା ସେମାନଙ୍କୁ ପ୍ରଣାମ ମଧ୍ୟ କରେ ନାହିଁ । ଆମ ଘରେ ଦେବୀପୂଜା ହୁଏ, କିନ୍ତୁ ମୁଁ ସେଠାକୁ ଯାଏ ନାହିଁ । କାରଣ ଗଲେ ବାପା ଓ ମାଆ ବାଧ୍ୟ କରି ମୋତେ ପ୍ରଣାମ କରିବାକୁ କହିବେ, ନ କଲେ ଅସନ୍ତୁଷ୍ଟ ହେବେ । ଆରତି ସମୟରେ ବେଶୀ ଲୋକ ଥାଆନ୍ତି । ସେତିକିବେଳେ ଯାଏ, ପ୍ରଣାମ ନ କରି ଚାଲିଆସେ । ମୁଁ ଦେବଦେବୀ ବିଶ୍ୱାସ ନ କଲେ ମଧ୍ୟ ମୋର ଅନ୍ୟ ଦିଗଟା

ଭଲ ଥିଲା । କାହା ମନରେ କଷ୍ଟ ଦେବା, ମିଥ୍ୟା କଥା କହିବା—ଏସବୁ ନ ଥିଲା । ମୁଁ ସେତେବେଳେ କାନରେ ପଇତା ଦେଇ ପରିସ୍ରା ମଧ୍ୟ କରୁ ନ ଥିଲି । ପିଲାଙ୍କ ସହିତ ଖେଳିବାବେଳେ ମଧ୍ୟ ମୋର ପଇତା ବେଳେବେଳେ ହଜିଯାଏ; ବାପା ପଚାରିଲେ ମୁଁ ବଡ଼ ଅଡୁଆରେ ପଡ଼େ—ଏହିପରି ଅବସ୍ଥା ମୋର ଥିଲା । ମୁଁ ସେତେବେଳେ ମନେ କରୁଥିଲି, ମନୁଷ୍ୟ ମରିଗଲେ ସବୁ ଶେଷ ହୋଇଯାଏ । ଈଶ୍ୱରଙ୍କୁ ଅବିଶ୍ୱାସ ନ କଲେ ମଧ୍ୟ ବିଶ୍ୱାସ କରେ ନାହିଁ, ମନେକରେ ଈଶ୍ୱର ଥିବା ନଥିବା ସଙ୍ଗେ ସମାନ । ସେଥିରେ ମୋର ଯାଏ କେତେ ଆସେ କେତେ ? ଆମେମାନେ ଈଶ୍ୱରଙ୍କ ହାତର କ୍ରୀଡ଼ନକ ମାତ୍ର । ସଂସାରରେ ଯାହାଙ୍କର ଯେ ପରିମାଣରେ ସୁବିଧା ଅଛି, ସେ ସେହି ପରିମାଣରେ ଭୋଗ କରିଯିବା ଉଚିତ । ଏହି ଭାବକୁ ପ୍ରକୃତ ନାସ୍ତିକଭାବ କୁହାଯାଏ, ମାତ୍ର ଈଶ୍ୱରଅବିଶ୍ୱାସୀଙ୍କୁ ନାସ୍ତିକ କହନ୍ତି ନାହିଁ । କାରଣ ଅନେକ ଦର୍ଶନଶାସ୍ତ୍ର ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କିଛି ନ କହିଲେ ମଧ୍ୟ ନାସ୍ତିକ ଭାବାପନ୍ନ ହୋଇ ନାହାନ୍ତି । ଆତ୍ମନାସ୍ତିକ ହିଁ ପ୍ରକୃତ ନାସ୍ତିକ ।

ଭୟଙ୍କର ଜୀବ—

ଏହିପରି ଅବସ୍ଥାରେ ଦିନେ କଲିକତାରେ ଗୋଟିଏ ନିର୍ଜନ କୋଠାଘରେ ମୋର ଜଣେ ବନ୍ଧୁ ଓ ମୁଁ ଉଭୟ ମିଳି କିଛି ଆଲୋଚନା କରୁଛୁ । ମଝିରେ ଆଲୁଅ ଥୁଆ ହୋଇଛି । ମୁଁ ଦେଖିଲି, ସମ୍ମୁଖସ୍ଥ ଗୃହରେ ଗୋଟିଏ ଭୟଙ୍କର ଜୀବ । ତାହାର ମୁଖ ଶୂରାକୃତି, ଅନ୍ୟାନ୍ୟ ସମସ୍ତ ଅବୟବ ମନୁଷ୍ୟାକାର । ସେ ଜୀବଟି ଦୁଇ ପାଦ ଓ ଦୁଇ ହାତରେ ଭରା ଦେଇ ଚାଲୁଛି । ପେଟ ସରୁଆ ହୋଇ ଝୁଲୁଛି । ଦୁଇ ବନ୍ଧୁ ଏପରି ବିକଟାକୃତି ଜୀବକୁ ଦେଖି ଭୟରେ ଚିତ୍କାର କରିଉଠିଲୁ । ଉଦ୍ୟାନରକ୍ଷକ ମାଳୀ ଆମର ପାଟି ଶୁଣି ଦଉଡ଼ି ଆସିଲା ଓ ଆମକୁ ସଙ୍ଗରେ ଆଣି ସହର ଭିତରେ ଛାଡ଼ି ଦେଇଗଲା ।

ପରଲୋକ ବିଶ୍ୱାସ—

ତତ୍ପରେ ବିଶେଷ କୌଣସି ଘଟଣା ଦେଖି ପରଲୋକରେ ମୋର ବିଶ୍ୱାସ ଜନ୍ମିଲା । ମୁଁ ସେତେବେଳେ ଓଭରସିଅର ଥାଏ । ଗୋଟିଏ ମୋକଦ୍ଦମାରେ ସାକ୍ଷ୍ୟ ଦେବା ପାଇଁ କାଗଜପତ୍ର ଠିକ୍ କରୁଛି, ହଠାତ କାଗଜ ଉପରେ ଗୋଟିଏ ଛାୟା ପତିତ ହେଲା । ଦେଖିଲି, ମୋର ଜଣେ ଆତ୍ମୀୟ ଦଣ୍ଡାୟମାନ । ଏହା

ଦେଖି ମୁଁ ଭୟଙ୍କର ପାଟି କଲି । ଭୃତ୍ୟମାନେ ଆସି କାରଣ ପଚାରିବାରୁ ମୁଁ କିଛି କହିଲି ନାହିଁ । ପରେ ଜାଣିଲି, ସେହି ଦିନ ତାହାର ମୃତ୍ୟୁ ହୋଇଥିଲା ଓ ମୃତ୍ୟୁ ପୂର୍ବରୁ ସେ ମୋତେ ଦେଖିବା ପାଇଁ ଖୁବ୍ ଆକୁଳ ହୋଇଥିଲା । ଏହି ଘଟଣା ପରେ ମୋର ବିଶ୍ୱାସ ଜନ୍ମିଲା ଯେ ମୃତ୍ୟୁ ପରେ ମଧ୍ୟ ଆତ୍ମାର ଅସ୍ତିତ୍ୱ ରହେ । ମୁଁ ଭାବିଲି ଯେ, ମୋର ସେ ଆତ୍ମୀୟ ପରଲୋକରେ ନିଶ୍ଚୟ ଅଛି; ତାକୁ କିପରି ପାଇବି । ଏହାପରେ ଥିଓସଫି ସମ୍ପ୍ରଦାୟରେ ଯୋଗ ଦେଇ ଆତ୍ମା ଓ ପରକାଳର ଗଭୀର ତତ୍ତ୍ୱ ଅନୁସନ୍ଧାନରେ ପ୍ରବୃତ୍ତ ହେଲି ।

ଥିଓସଫି ଶିକ୍ଷା—

ଅନେକ ସାଧୁ ସନ୍ନ୍ୟାସୀଙ୍କୁ ଅନୁସରଣ କରି କିଛି ଫଳ ପାଇଲି ନାହିଁ । ଶେଷରେ ମାନ୍ଦ୍ରାଜରେ କର୍ଣ୍ଣେଲ୍ ଆଲ୍‌କଟ ସାହେବଙ୍କ ନିକଟରେ ତିନି ମାସ ରହି ଆତ୍ମା ଓ ପରକାଳ ସମ୍ବନ୍ଧରେ ଆଲୋଚନା କଲି । ଅଳ୍ପଦିନ ଭିତରେ ସେମାନଙ୍କର ସମସ୍ତ ପ୍ରକାର ବିଦ୍ୟା ମୁଁ ଆୟତ୍ତ କରି ପକାଇଲି । ମୁଁ ମିଡ଼ିୟମ ସାହାଯ୍ୟରେ ଆତ୍ମା ଆଣେ । ମୋ ଦ୍ୱାରା ମେସ୍‌ମେରିଜିମ୍ (ସମ୍ମୋହନ) ଅତି ସହଜରେ ହୋଇଯାଏ । ସମୟ ସମୟରେ ନିଜେ ନିଜେ ମଧ୍ୟ ମେସ୍‌ମେରାଇଜ୍‌ଡ଼ (ସମ୍ମୋହିତ) ହୋଇଯାଏ । ପ୍ରେତାତ୍ମା ଆସି ଠିକ୍ ବଙ୍ଗଳାଭାଷାରେ କଥା କହେ । ସେତେବେଳେ ଏସବୁ ସତ୍ୟ ବୋଲି ମନେକରୁଥିଲି । ମାତ୍ର ଯୋଗସିଦ୍ଧି ପରେ ଏସବୁ ମିଥ୍ୟା ବୋଲି ଜାଣିଲି । ମିଡ଼ିୟମ ସମ୍ମୋହନକାରୀଙ୍କର ଭାବନା ଅନୁଯାୟୀ ଉତ୍ତର ପ୍ରଦାନ କରେ । ସେ ସମୟରେ ଆତ୍ମାର ଶକ୍ତି ବର୍ଦ୍ଧିତ ହୋଇଯିବାରୁ ତା'ର ଅନେକ ଭବିଷ୍ୟତ ଜ୍ଞାନ ଜାତ ହୁଏ; କିନ୍ତୁ ଏଥିରେ ମୁଁ ତୃପ୍ତି ପାଇପାରିଲି ନାହିଁ । ମୋ ଆତ୍ମୀୟ ସହିତ ପ୍ରତ୍ୟକ୍ଷ ଆଳାପ କରିବା ମୋର ଇଚ୍ଛା । ମିଡ଼ିୟମ ଭିତର ଦେଇ ଆସି କଥା କହିଲେ ସ୍ୱର ବ୍ୟତୀତ ଚେହେରା ତ ଦୃଷ୍ଟିଗୋଚର ହୁଏ ନାହିଁ ! ପ୍ରତ୍ୟକ୍ଷ ଦର୍ଶନର ଉପାୟ ଥିଓସଫି ବିଦ୍ୟାରେ ନଥିବାରୁ ସେମାନଙ୍କର ସମସ୍ତ ବିଦ୍ୟା ଆୟତ୍ତ କରି ମଧ୍ୟ ବିଫଳମନୋରଥ ହୋଇ କର୍ମସ୍ଥଳକୁ ଫେରିଆସିଲି ।

ସାଧୁ ବିଦ୍ୱେଷ—

ଆତ୍ମା ଓ ପରକାଳରେ ବିଶ୍ୱାସ ଆସିଲା ସତ; କିନ୍ତୁ ସାଧୁ ସନ୍ନ୍ୟାସୀମାନଙ୍କ ପ୍ରତି ମୋର ଘୃଣାଭାବ ଗଲା ନାହିଁ । ମୁଁ ସାଧୁ ସନ୍ନ୍ୟାସୀ ଦେଖିଲେ ଭାବେ, ଯେଉଁମାନେ ଖାଇବାକୁ ପାଆନ୍ତି ନାହିଁ, ସେମାନେ ଧର୍ମ ନାମରେ ଭଣ୍ଡାମୀ କରି

ବୁଲନ୍ତି । ତେଣୁ ସାଧୁ ସନ୍ନ୍ୟାସୀ ଦେଖିଲେ ମୋ ହାଡ଼ ଜଳିଉଠେ । କିନ୍ତୁ ମୋର ପିତା ଭାସ୍କରାନନ୍ଦ ସ୍ୱାମୀଙ୍କ ଶିଷ୍ୟ ଥିଲେ । ସେହିହେତୁ ସେ ସାଧୁ ସନ୍ନ୍ୟାସୀ ଦେଖିଲେ ଅତିଶୟ ଆଦର ଯତ୍ନ କରନ୍ତି । କିନ୍ତୁ ପିତାଙ୍କର ଏସବୁ କଥା ଦେଖି ମୋ ଦେହ ସହେ ନାହିଁ । ମୁଁ ରୀତିମତ ପ୍ରତିବାଦ କରେ । ବାପା କହନ୍ତି— ''ଆମେମାନେ ଗୃହସ୍ଥ । ସାଧୁ ସନ୍ନ୍ୟାସୀଙ୍କ ସେବା କରିବା ଆମର କର୍ତ୍ତବ୍ୟ ।'' ଦିନେ ଜଣେ ସାଧୁ ଆମଘରେ ଅତିଥି ହେଲେ । ତାଙ୍କ ମୁଣ୍ଡରେ ଖୁବ୍ ଲମ୍ବ ଲମ୍ବ ଜଟା ଥାଏ । ବାବାଜୀଙ୍କ ପ୍ରତି ପିତାଙ୍କର ଆଦର ଯତ୍ନ ଦେଖି ମୋ ଦେହ ଜଳି ଯାଉଥାଏ । କିନ୍ତୁ ବାପା ବିରକ୍ତ ହେବେ ଜାଣି ମୁଁ କିଛି କହୁ ନ ଥାଏ । କିଛିକ୍ଷଣ ପରେ ମୁଁ ସନ୍ନ୍ୟାସୀଙ୍କ ଘର ବାଟ ଦେଇ ଯିବାବେଳେ ଦେଖିଲି ସାଧୁ ଶୋଇଛନ୍ତି । ମୁଁ ଗୋଟିଏ କତୁରୀ ଧରିଥିଲି । ଏ ସୁଯୋଗ ଦେଖି ମୁଁ ଧୀରେ ଧୀରେ ବାବାଜୀଙ୍କ ନିକଟକୁ ଯାଇ ତାଙ୍କ ମୁଣ୍ଡରୁ ଗୋଟିଏ ଜଟା କାଟିଦେଇ ପଳାଇ ଆସିଲି । ସନ୍ନ୍ୟାସୀ ନିଦରୁ ଉଠି ଦେଖିଲେ ଯେ ତାଙ୍କର ଗୋଟିଏ ଜଟା କିଏ କାଟିଦେଇଛି । ସନ୍ନ୍ୟାସୀ କ୍ରୋଧରେ ପ୍ରଜ୍ୱଳିତ ହୋଇ ଏହା ଯେ କରିଛି ତାକୁ ଭସ୍ମ କରିଦେବାକୁ କହିଲେ ଏବଂ ଅଭିଶାପ ଦେବେ ବୋଲି ଧମକାଇଲେ । ଏ କାଣ୍ଡ କିଏ କରିଛି ବୋଲି ସମସ୍ତେ ପଚରା ପଚରି ହେଲେ । ମୁଁ ମଧ୍ୟ ସେଠାରେ ଥାଇ ପୂରା ସାଧୁ ସାଜିଗଲି । ମୋ ଭାବଭଙ୍ଗୀ ଦେଖି ମୋତେ କେହି ଏହା କରିଥିବାର ସନ୍ଦେହ କଲେ ନାହିଁ । ମୁଁ ପ୍ରଥମ ଜୀବନରେ ଏହିପରି ସାଧୁବିଦ୍ୱେଷୀ ଥିଲି । ମାତ୍ର ଶେଷରେ ମୋତେ ମଧ୍ୟ ଦିନେ ସେହିପରି ସାଧୁ ହେବାକୁ ପଡ଼ିଲା ।

ସ୍ୱାମୀ ପୂର୍ଣ୍ଣାନନ୍ଦ—

ଏହି ସମୟରେ କଲିକତା ସହରରେ ଧର୍ମର ପ୍ରବଳ ବାତ୍ୟା ପ୍ରବାହିତ ହେଉଥାଏ । ବିଜୟକୃଷ୍ଣ, ରାମକୃଷ୍ଣ, କେଶବଚନ୍ଦ୍ର ଓ ଥିଓସଫି ସଂପ୍ରଦାୟ ପ୍ରଭୃତି ବିଭିନ୍ନ ଧର୍ମପ୍ରଚାରକମାନେ କଲିକତାରେ ରହି ଧର୍ମ ପ୍ରଚାର କରୁଥାନ୍ତି । କିନ୍ତୁ କେହି ମୋର ପିପାସା ନିବାରଣ କରିପାରିଲେ ନାହିଁ ୀ ସେମାନେ ମୋ ପ୍ରଶ୍ନ ଶୁଣି ବିଦ୍ରୂପାତ୍ମକ କଥା କହି ବିଦାୟ ଦିଅନ୍ତି । ଦିନେ ଶୁଣିଲି, କଲିକତାକୁ ପରମହଂସ ସ୍ୱାମୀ ପୂର୍ଣ୍ଣାନନ୍ଦ ନାମକ ଜଣେ ସାଧୁ ଆସିଛନ୍ତି । ସେ ଜଣେ ଏମ୍.ଏ. ଉପାଧିଧାରୀ; ପୂର୍ବାଶ୍ରମରେ ଡଫ୍ କଲେଜର ଜଣେ ବିଜ୍ଞାନ ଅଧ୍ୟାପକ ଥିଲେ । ତାଙ୍କ ବିଷୟ

ଶୁଣି କେବଳ ସବୁ ଅକର୍ମାଯାକ ଯେ ସନ୍ନ୍ୟାସୀ ହୁଅନ୍ତି, ଏ ଭାବ ମୋର ବଦଳିଗଲା । ତେଣୁ ତାଙ୍କୁ ଦେଖିବାକୁ ମନହେଲା; ଦେଖାକଲି । ତାଙ୍କ ନିକଟକୁ ବହୁତ ବଡ଼ ବଡ଼ ପଣ୍ଡିତ ଯାଉଥାନ୍ତି । ସେମାନଙ୍କ ସହିତ କଥୋପକଥନରେ ସ୍ୱାମୀଜୀଙ୍କର ସମୟ ଚାଲିଯାଏ; ମୋତେ କଥା କହିବାକୁ ଆଉ ଅବସର ମିଳେ ନାହିଁ । ମୁଁ ମଧ୍ୟ କିଛି ପଚାରେ ନାହିଁ । କାରଣ ମୋ ପ୍ରଶ୍ନ ସମାଗତ ଜନମଣ୍ଡଳୀଙ୍କ ପ୍ରଶ୍ନଠାରୁ ସ୍ୱତନ୍ତ୍ର ଧରଣର । ତାହା ନିତାନ୍ତ ବ୍ୟକ୍ତିଗତ ଛୋଟ କଥା ।

ମୁଁ ପରର ମନକଥା କିପରି ଜାଣିବାକୁ ହୁଏ, ତାହା ଆଗରୁ ଜାଣିଥାଏ । ତେଣୁ ମନେକଲି, ସାଧୁ ସନ୍ନ୍ୟାସୀଙ୍କର ତ ଏ ଶକ୍ତି ସ୍ୱାଭାବିକ ଥିବ ! ଏ ଯଦି ପ୍ରକୃତ ସାଧୁ ହୋଇଥିବେ, ତେବେ ମୋ ମନକଥା ଜାଣି ମୋତେ ନିଶ୍ଚୟ ଆପଣା ମନକୁ ଡାକିବେ । ସୁତରାଂ ସ୍ଥିର କଲି, ପୂର୍ଣ୍ଣାନନ୍ଦ ସ୍ୱାମୀ ମୋତେ କିଛି ନ ପଚାରିବା ପର୍ଯ୍ୟନ୍ତ ମୁଁ ନିଜେ କୌଣସି କଥା କହିବି ନାହିଁ । ଏହା ଭାବି ପ୍ରତିଦିନ ତାଙ୍କ ନିକଟକୁ ଯାଏ ଏବଂ ଫେରିଆସେ । ମୋର ବିଶେଷତ୍ୱ ଏତିକି ଥିଲା ଯେ, ସମସ୍ତେ ପ୍ରଣାମ କରନ୍ତି, ମୁଁ କରେ ନାହିଁ । କାରଣ ମୁଁ ସହଜରେ କିଛି ବିଶ୍ୱାସ କରେ ନାହିଁ । ଦିନେ ସ୍ୱାମୀଜୀ ସମାଗତ ସମସ୍ତଙ୍କୁ ହଠାତ୍ ଅସମୟରେ ବିଦାୟ ଦେଇ କହିଲେ—"ଆଜି ମୋର ଅନେକ କାର୍ଯ୍ୟ ଅଛି, ଯାଅ, ଅନ୍ୟ ସମୟରେ ଆସିବ ।" ସମସ୍ତେ ଉଠିଗଲେ । ମୁଁ ମଧ୍ୟ ଉଠିଲି । ଉଠିବା ସମୟରେ ସ୍ୱାମୀଜୀ ମୋତେ କହିଲେ, "ତୁମେ ଟିକିଏ ରହ । ଏତେ ତରତର କାହିଁକି ? ତୁମ ଘର ତ ଏହି ନିକଟରେ ।" ଘର ନିକଟରେ—ଏ କଥା ତାଙ୍କ ମୁହଁରୁ ଶୁଣି ମୋ ଦେହ ଥରି ଉଠିଲା । ତତ୍ପରେ ସେ ସସ୍ନେହରେ ମୋତେ ପଚାରିଲେ, "ବାବା, ତୁମ ଭଳି ଯୁବକମାନେ ତ କେବେ ଏଠାକୁ ଆସନ୍ତି ନାହିଁ । ତୁମର କ'ଣ କଥା ଅଛି, କହ ।" ମୁଁ କହିଲି "ଶୁଣିପାରୁଛି—ଆପଣ ସମସ୍ତଙ୍କୁ ଭଗବାନଙ୍କୁ ଦେଖିବାର ଉପାୟ କହି ଦେଉଛନ୍ତି । ଭଗବାନ ତ ଦୂରର କଥା, ମୁଁ ଗୋଟିଏ ସାମାନ୍ୟ କଥା କହିବି, ଆପଣ ମୋତେ ଦେଖାଇ ଦେଇପାରିବେ କି ? ମୋର ଜଣେ ଆତ୍ମୀୟାର ପରଲୋକ ହୋଇଯାଇଛି, ମୁଁ ଜାଣୁଛି ସେ ଅଛି । ଆପଣ ତାକୁ ଦେଖାଇ ଦେଇପାରିବେ କି ?" ସ୍ୱାମୀଜୀ ତତ୍କ୍ଷଣାତ୍ ଉତ୍ତର ଦେଲେ—"ହଁ, ନିଶ୍ଚୟ ପାରିବି ।" ତତ୍ପରେ ସେ ମୋତେ ନାନା ଯୁକ୍ତିତର୍କଦ୍ୱାରା ଭଗବାନଙ୍କ ଆଡ଼କୁ ଆକୃଷ୍ଟ କରାଇଲେ । ସେ କହିଲେ, "ସେହି ଆତ୍ମୀୟାକୁ ପାଇବାକୁ

ଯେଉଁ ସାଧନା ଲୋଡ଼ା, ଭଗବାନଙ୍କୁ ପାଇବାକୁ ମଧ୍ୟ ସେହି ସାଧନା ଲୋଡ଼ା । ତେବେ ସମଷ୍ଟି ଆତ୍ମାକୁ ନ ପାଇ ବ୍ୟଷ୍ଟି ଆତ୍ମା ପ୍ରତି ତୁମେ ଏତେଦୂର ଆକୃଷ୍ଟ କାହିଁକି ? ଭଗବାନଙ୍କୁ ପାଇଲେ ତୁମର ସେହି ଆତ୍ମୀୟାକୁ ମଧ୍ୟ ତୁମେ ପାଇପାରିବ । ଯଦି କେବେଳ ଆତ୍ମୀୟାକୁ ପାଅ, ତେବେ ଭଗବାନ ମିଳିବେ ନାହିଁ । କିନ୍ତୁ ଉଭୟର ସାଧନପଥ ଏକ ।'' ତାଙ୍କ କଥାରେ ମୋ ମନ ମାନିଲା । ମୁଁ ତାଙ୍କ ସହିତ ହିମାଳୟକୁ ଯିବାକୁ ଇଚ୍ଛାକଲି । କିନ୍ତୁ ସ୍ୱାମୀଜୀ ନାନାପ୍ରକାର ବୁଝାଇ ମୋତେ କହିଲେ—''ମୁଁ ତୁମର ଗୁରୁ ନୁହେଁ; ତୁମେ ବର୍ତ୍ତମାନ ହିନ୍ଦୁ ପ୍ରଥାନୁସାରେ ଉପଯୁକ୍ତ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କର ।''

ମନ୍ତ୍ରଲାଭ—

ଏହାପରେ ମୁଁ ସ୍ୱପ୍ନରେ ମନ୍ତ୍ରଲାଭ କଲି । ମୁଁ ସେତେବେଳେ ମନ୍ତ୍ରଦାତାଙ୍କ ଆଡ଼କୁ ଦୃଷ୍ଟି ଦେଇ ନ ଥିଲି । ବହୁଦିନ ସାଧୁ ସନ୍ନ୍ୟାସୀମାନଙ୍କ ପଛରେ ଦଉଡ଼ି ଦଉଡ଼ି ସାଧୁସନ୍ନ୍ୟାସୀଙ୍କ ପ୍ରତି ମୋର ଏକପ୍ରକାର ଅବିଶ୍ୱାସ ଭାବ ଆସି ଯାଇଥିଲା । ସାଧୁ ଯେତେବେଳେ ସ୍ୱପ୍ନରେ ବିଲ୍ୱପତ୍ରଟି ମୋ ହାତକୁ ବଢ଼ାଇଦେଇ କହିଲେ ''ଏହି ମନ୍ତ୍ର ନିଅ'', ସେତେବେଳେ ମୁଁ ସତ କି ମିଛ ଜାଣିବା ପାଇଁ ଆଲୁଅ ଲଗାଇବାକୁ ଚାଲିଗଲି । ସେ କିଏ, କି ମନ୍ତ୍ର, ସେତେବେଳେ ତାଙ୍କୁ ପଚାରିପାରିଲି ନାହିଁ । ଆଲୁଅ ଲଗାଇ ଦେଖିଲି, ବିଲ୍ୱପତ୍ରରେ ଲିଖିତ ଗୋଟିଏ ଏକାକ୍ଷରୀ ମନ୍ତ୍ର । ତତ୍ପରେ ମନ୍ତ୍ରଦାତାଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କରନ୍ତେ ଦେଖିଲି, ସନ୍ନ୍ୟାସୀ ଅନ୍ତର୍ହିତ । ସେ ମନ୍ତ୍ରକୁ ଅନେକ ଲୋକଙ୍କୁ ଦେଖାଇଲି, ମାତ୍ର କେହି କିଛି କହିପାରିଲେ ନାହିଁ । କାଶୀରେ ସ୍ୱପ୍ନରେ ଜଣେ ବ୍ରାହ୍ମଣ ମୋତେ କହିଲେ— ତୋର ଗୁରୁ ତାରାପୀଠର ବାମାକ୍ଷେପା । ତାଙ୍କ ନିକଟକୁ ଗଲେ ସେ ଏହାର ଉପାୟ କହିଦେବେ । ଏହା ଶୁଣି ମୁଁ ସେ ସାଧୁଙ୍କ ନିକଟକୁ ବାହାରିଲି । ଶୁଣିଲି, ସେ ସାଧୁ ମହାପ୍ରଚଣ୍ଡ । ତାଙ୍କ ପାଖକୁ ଗଲେ ସେ ନାନାପ୍ରକାର କୁକଥା କହି ମାଡ଼ ଗାଳି ଦିଅନ୍ତି । ମୁଁ ବାଟରେ ଯିବାବେଳେ ଅନେକେ କହିଲେ, 'ପିଠିରେ ଛାଲ ବାନ୍ଧି ତାଙ୍କ ନିକଟକୁ ଯାଅ ।' ମନେ ମନେ ଭାବିଲି, ସାଧୁ ହେବକୁ ଆସି କ'ଣ ମାଡ଼ ଖାଇବାକୁ ହେବ ନା କ'ଣ ?

କିନ୍ତୁ ସେ ମୋ ପ୍ରତି ନିଷ୍ଠୁର ବ୍ୟବହାର ନ କରି ସସ୍ନେହ ବ୍ୟବହାର କଲେ । ତାଙ୍କ ନିକଟରେ ରହି ଚଉଦ ଦିନ ଭିତରେ ତନ୍ତ୍ରର ସମସ୍ତ କ୍ରିୟା

ଆୟତ୍ତ କରି ପକାଇଲି । ପରେ କର୍ମସ୍ଥଳକୁ ଫେରିଆସି କିଛିଦିନ ଶାନ୍ତିରେ କଟାଇଲି । ତାରାପୀଠରେ ବାମାକ୍ଷେପାଙ୍କ ନିକଟରେ ମୁଁ ମାଆଙ୍କର ସାକ୍ଷାତ୍ ଦର୍ଶନ ପାଇଥିଲି । ପରେ ପୁଣି ଅଶାନ୍ତି ଆରମ୍ଭ ହେଲା ।

ମୁଁ—ଠାକୁର ! ଆପଣ ତ ସାକ୍ଷାତ ଦର୍ଶନ ପାଇଥିଲେ, ପରେ ପୁଣି ଅଶାନ୍ତି କାହିଁକି ହେଲା ?

ଶ୍ରୀଶ୍ରୀ ଠାକୁର—ସାକ୍ଷାତ ଦର୍ଶନ ଓ ଆଳାପ ହେଲା ସତ, ମାତ୍ର ଧରିବାକୁ ଚେଷ୍ଟା କଲା ମାତ୍ରକେ ମୂର୍ତ୍ତିଟି ମୋ ଶରୀର ଭିତରେ ମିଶିଯାଏ; ତେଣୁ ମନେହେଲା ମୂର୍ତ୍ତି ସତ୍ୟ ନୁହେଁ । ଯଦି ସତ୍ୟ ହୋଇଥାଆନ୍ତା, ତେବେ ଛୁଇଁଲାମାତ୍ରେ ଉଭେଇ ଯାଆନ୍ତା କାହିଁକି ? ତେଣୁ ଗୁରୁ ବାମାକ୍ଷେପାଙ୍କ ନିକଟକୁ ଯାଇ କହିଲି, ''କାହି, ମୁଁ ତ କିଛି ସତ୍ୟଲାଭ କରି ନାହିଁ ? ଆପଣ କହିଥିଲେ, ତୁ ମାଆଙ୍କୁ ପାଇ ଧନ୍ୟ ହେଲୁ । ମୁଁ ମଧ୍ୟ ତୋର ଗୁରୁ ହୋଇ ଧନ୍ୟ ହେଲି—କାହିଁ, ମୋର ଅଶାନ୍ତି ତ ପୂର୍ବପରି ରହିଛି ! ମୁଁ ତାଙ୍କୁ ତ ସତ୍ୟ ସ୍ୱରୂପରେ ପାଇପାରିଲି ନାହିଁ ! ସେ କିଏ, ତାଙ୍କର ସ୍ୱରୂପ କ'ଣ, କହିଦିଅନ୍ତୁ ।'' ଏକଥା ଶୁଣି ସେ ପ୍ରଚଣ୍ଡ ରାଗରେ ମୋତେ ନାନାପ୍ରକାର ଗାଳିଦେଇ ମାଆଙ୍କ ମନ୍ଦିର ଭିତରକୁ ଚାଲିଗଲେ । କିଛିକ୍ଷଣ ପରେ ହସହସ ବଦନରେ ମନ୍ଦିରରୁ ଫେରିଆସି କହିଲେ—''ବାବା, ମୁଁ ତାନ୍ତ୍ରିକ ସାଧୁ । ତୁ ବୈଦିକ ସନ୍ନ୍ୟାସ ନେଇ ଜ୍ଞାନର ସାଧନା କଲେ ମାଆଙ୍କର ସ୍ୱରୂପ ଲାଭ କରିପାରିବୁ । ସେ ସାଧନାରେ ତୋର ସମସ୍ତ ଅଶାନ୍ତି ଦୂର ହୋଇଯିବ । ତଦ୍ଦ୍ୱାରା ଜଗତର ଅଶେଷ ମଙ୍ଗଳ ମଧ୍ୟ ସାଧିତ ହେବ ।''

ସନ୍ନ୍ୟାସୀ ଅନୁସନ୍ଧାନ—

ବାମାକ୍ଷେପାଙ୍କ ଆଦେଶରେ ବୈଦିକ ସନ୍ନ୍ୟାସୀ ଅନୁସନ୍ଧାନରେ ପ୍ରବୃତ୍ତ ହେଲି । ଅନେକ ସନ୍ନ୍ୟାସୀ ଦେଖିଲି, କିନ୍ତୁ କାହାକୁ ବିଶ୍ୱାସ କରିପାରିଲି ନାହିଁ । ଦିନେ ଶୁଣିଲି, ଜଣେ ସାଧୁ କିଛି ଖାଉ ନାହାନ୍ତି । ଏକଥା ଶୁଣି ମୋର ବିଶ୍ୱାସ ଆସିଗଲା । ତାଙ୍କ ପାଖରେ ରହି ଭୃତ୍ୟ ପରି ତାଙ୍କର ସେବା କରିବାକୁ ଲାଗିଲି । ଦିନେ ରାତିରେ ମୋ ନିଦ ଭାଙ୍ଗିଗଲା । ମୁଁ ସାଧୁ ରହିବା ଘରର ପାର୍ଶ୍ୱବର୍ତ୍ତୀ ଘରେ ଶୋଇଥିଲି । ଦେଖିଲି, ସନ୍ନ୍ୟାସୀ ଖାଉଛନ୍ତି । ଏହା ଦେଖି ମୋ ମନ ବଡ଼ ଖରାପ ହୋଇଗଲା । ମୁଁ ସକାଳୁ କାହାକୁ କିଛି ନ କହି ଲୋଟା କମ୍ବଳ ଧରି

ସେ ସ୍ଥାନ ପରିତ୍ୟାଗ କଲି । ସାଧୁଙ୍କ ଚେଲାମାନେ କହିଲେ, "କିହେ ! ସାଧୁ ହେବା କଥା କ'ଣ ଏତିକିରେ ହୋଇଗଲା କି ?" ମୁଁ ରାଗରେ କହିଲି— "ଏପରି ଭଣ୍ଡଙ୍କ ପାଖରେ ରହି ଲାଭ କ'ଣ ? ରାତ୍ରିରେ ଲୁଚାଇ ଭାତ ଖାଇବେ; କହିବେ, ମୁଁ କିଛି ଖାଏ ନାହିଁ ।" ତତ୍ପରେ ସମସ୍ତେ ମୋତେ ଚୁପ୍ କରାଇଦେଲେ । ମୁଁ ସେଠାରୁ ବିଦାୟ ନେଲି । ଏହିପରି କେତେ ଭଣ୍ଡଙ୍କ ପାଲରେ ପଡ଼ି ମୁଁ ଯେ ଅପଦସ୍ଥ ହୋଇଛି, ତା ବା ଆଉ କ'ଣ କହିବି ?

ଜ୍ୟୋତିର୍ମୟ ଜଗତ—

ତୁମେମାନେ ଯଦି ଅନ୍ଧକାର ରାତ୍ରିରେ କୌଣସି ଜିନିଷ ପ୍ରତି ଦୃଷ୍ଟି ଦେବ, ତେବେ ଦେଖିବ, ସେ ସ୍ଥାନ କ୍ରମେ କ୍ରମେ ଆଲୋକମୟ ହୋଇଯିବ । ମୋତେ ତ ଏହି ସମୟରେ ଜଗତଟା ଜ୍ୟୋତିର୍ମୟ ବୋଲି ବୋଧ ହେଲା । ଯେଣିକି ଚାହିଁଲି ସମସ୍ତଙ୍କୁ ସୁନାବର୍ଣ୍ଣ ଦେଖିଲି । ରାତ୍ରିରେ ଶୁଏ, କିନ୍ତୁ ମୋ ଆଖିକୁ ସବୁ ସୁନା ପରି ଦିଶେ । ଆଖି ବୁଜିଲେ ଜଗତଟାକୁ ଯେପରି ଦେଖେ, ମେଲା କଲେ ମଧ୍ୟ ସେହିପରି ଦେଖେ । ତେଣୁ ଦିନ ରାତି ଯେ କେତେବେଳେ ହୁଏ, ଜାଣିପାରେ ନାହିଁ । ଜଗତଟା ଏକପ୍ରକାର ସୁନ୍ଦର ବୋଧ ହେଉଥାଏ । ପ୍ରଥମେ ପ୍ରଥମେ ଏ ଅବସ୍ଥାଟା ଭଲ ଲାଗୁଥିଲା । ଏହିପରି ଅବସ୍ଥାରେ କାଶୀ ଯିବାକୁ ବାହାରିଲି । ଯେଉଁଠାକୁ ଟିକଟ କାଟିଥିଲି, ସେ ସ୍ଥାନ ବଳିଯିବାରୁ ଟିକଟ ଚେକର ମୋତେ କେଉଁଠାରେ ଓହ୍ଲାଇଦେଲେ, ତାହା ମୋର ମନେ ନାହିଁ । ମୁଁ ରେଳଲାଇନ କଡ଼ ଧରି ଚାଲି ଚାଲି ଆସି କାଶୀରେ ପହଞ୍ଚିଲି । ଟ୍ରେନ୍ ଆସିବାବେଳେ ରେଳଲାଇନରୁ କିପରି ମୁଁ ଦୂରେଇଯାଏ, ତାହା ମଧ୍ୟ ସ୍ମରଣ ନ ଥାଏ ।

କାଶୀରେ ଉପସ୍ଥିତ ହୋଇ ଦେଖିଲି, ସବୁ ସ୍ୱର୍ଣ୍ଣମୟ । ସୁନାର କାଶୀ ବାସ୍ତବିକ୍ ସୁନା ପରି ଲାଗୁଥାଏ । ଭଙ୍ଗାଘର କାନ୍ଥଗୁଡ଼ିକ ସୁନା ଭଳି ଚକ୍ ଚକ୍ ଦିଶୁଥାଏ । ଏହିପରି କିଛିଦିନ ଗଲା ପରେ ଏ ଅବସ୍ଥାଟା ମୋତେ ଟିକିଏ ବିରକ୍ତିକର ବୋଧହେଲା । ଯେତେ ଚେଷ୍ଟା କଲେ ସୁଦ୍ଧା ସେ ଅବସ୍ଥା ଯାଉ ନ ଥାଏ । ଶେଷରେ ମଣିକର୍ଣ୍ଣିକା ଘାଟରେ ଜଣେ ସାଧୁ ବସିଥିବାର ଦେଖି ତାଙ୍କ ପାଦ ଛୁଇଁ ପ୍ରଣାମ କରିବା ସଙ୍ଗେ ସଙ୍ଗେ ମୋର ସେ ଅବସ୍ଥା ଚାଲିଗଲା । ମୁଁ ସାଧୁଙ୍କ ମାହାତ୍ମ୍ୟ ବୁଝି ତାଙ୍କୁ କାରଣ ପଚାରିବାରୁ ସେ କିଛି କହିପାରିଲେ ନାହିଁ । ଏ

କଥାରେ ମନ ଖରାପ ହୋଇଗଲା । ଭାବିଲି, ଏପରି ସୁନ୍ଦର ଅବସ୍ଥା ଏତେ ଶୀଘ୍ର ଚାଲିଗଲା ! ପରେ ଜାଣିଲି—ନିଜ ଗୁରୁଙ୍କ ବ୍ୟତୀତ ଅନ୍ୟ ସାଧୁ ସନ୍ନ୍ୟାସୀଙ୍କୁ ପାଦଛୁଇଁ ପ୍ରଣାମ କରିବା ଉଚିତ ନୁହେଁ । ସେଥିରେ ଭଲ ହୋଇପାରେ, ମନ୍ଦ ମଧ୍ୟ ହୋଇପାରେ । ଦୂରରୁ ପ୍ରଣାମ କରିବା ଉଚିତ ।

କାମନା ପୂରଣ—

ମୁଁ ପିଲାଦିନେ ଗୋଟିଏ ପୁସ୍ତକରୁ ପଢ଼ିଥିଲି, 'ଯାହା ଚାହିଁବ, ତା ଅନାୟାସରେ ପାଇବ ।' ଏ କଥାଟି ମୋ ମନରେ ଦୃଢ଼ମୂଳ ହୋଇଯାଇଥିଲା । ଏହା ହିଁ ମୋ ଜୀବନରେ ବିଶେଷ କାର୍ଯ୍ୟକାରୀ ହୋଇଛି । ତେଣୁ ମୁଁ ବୁଝିଛି ଏବଂ ତୁମମାନଙ୍କୁ ମଧ୍ୟ କହୁଛି—ଯଦି କୌଣସି ବିଷୟ ପାଇବା ପାଇଁ ମନରେ ଏକାନ୍ତ ବ୍ୟାକୁଳତା ଜାତ ହୁଏ ଏବଂ ଅନ୍ୟ ସବୁ ଇଚ୍ଛାଠାରୁ ଯଦି ସେ ଇଚ୍ଛାକୁ ଉଚ୍ଚ ଆସନ ଦିଆଯାଇପାରେ, ତେବେ ସେ ବାସନା ନିଶ୍ଚୟ ପୂର୍ଣ୍ଣ ହେବ । ସ୍ୱୟଂ ଭଗବାନ ମଧ୍ୟ ଭୁଲାଇ ପାରିବେ ନାହିଁ । ମୋତେ ମଧ୍ୟ ମା ଆସି ମୋର ଗୁରୁଭକ୍ତି ଟଳାଇବାକୁ ଚେଷ୍ଟା କରିଥିଲେ ଏବଂ ମୋର ମନ୍ତ୍ର ଭୁଲ ବୋଲି କହିଥିଲେ । ମୁଁ କହିଲି, ''ଏତେଦିନଯାଏ ଦେଖା ଦେଉ ନଥିଲ କି ଭୁଲ ଧରାଇ ଦେଉ ନ ଥିଲ । ସେହି ଗୁରୁଙ୍କ ଯୋଗୁଁ ତ ମୋତେ ଦେଖାଦେଲ, ତେବେ ମୁଁ ଗୁରୁଙ୍କ କଥା ନ ମାନି ତୁମ କଥା ମାନିବି କାହିଁକି ?'' ବ୍ରହ୍ମାନନ୍ଦ ଗିରିଙ୍କୁ ମଧ୍ୟ ମା' ସେହିପରି କହିଥିଲେ ।

ବ୍ରହ୍ମାନନ୍ଦ ଗିରି—

ବ୍ରହ୍ମାନନ୍ଦ ଗିରି ମନ୍ତ୍ର ଜପ କରୁଥିବା ଅବସ୍ଥାରେ କେତେଜଣ ଯୋଗିନୀଙ୍କ ସହିତ ସାକ୍ଷାତ ହେଲା । ଯୋଗୀନୀମାନେ ଜଗଦମ୍ବାଙ୍କ ସହଚାରିଣୀ । ଦିନେ ବ୍ରହ୍ମାନନ୍ଦ ଗିରି ସେମାନଙ୍କୁ କହିଲେ—ମାଆଙ୍କୁ ପଚାରିବ, କେତେଦିନରେ ମୋର ମନ୍ତ୍ରସିଦ୍ଧି ହେବ ? ସେମାନେ କହିଲେ—ଆମେ ମାଆଙ୍କ ନିକଟରୁ ଫେରିବାବେଳେ ଏହାର ଉତ୍ତର ଦେବୁ । ଫେରିଲାବେଳେ କହିଲେ, 'ତୁମର ମନ୍ତ୍ର ଭୁଲ । ମା ଗୋଟିଏ ମନ୍ତ୍ର ଦେଇଛନ୍ତି ନିଅ ।' ଏହା କହି ଗୋଟିଏ ମନ୍ତ୍ର ଦେଇ କହିଲେ, ଏହାକୁ ଜପକଲେ ଶୀଘ୍ର ଫଳଲାଭ ହେବ । ଏକଥା ଶୁଣି ବ୍ରହ୍ମାନନ୍ଦ ଗିରି ମନ୍ତ୍ରଟିକୁ ପାଦରେ ମକଚିଦେଇ କହିଲେ—ମାଆଙ୍କର ଗୁରୁ ହେବାର ଅଧିକାର ନାହିଁ ।

ସେ ମନ୍ତ୍ରରେ ବଶୀଭୂତା । ମନ୍ତ୍ରଶକ୍ତି ବଳରେ ସେ ଆସିବାକୁ ବାଧ୍ୟ । ଗୁରୁଙ୍କ ଭୁଲ ଧରିବାର ଅଧିକାର ତାଙ୍କର ନାହିଁ ।

ତତ୍ପରେ ସେ ଯେଉଁ ସ୍ଥାନରେ ବସି ଜପ କଲେ, ମା ତାଙ୍କୁ ନିଜର ସେବକମାନଙ୍କ ଦ୍ୱାରା ସେଠାରୁ ତଡ଼ିଦେବାକୁ ଲାଗିଲେ । ଶେଷରେ ସେ ବ୍ରହ୍ମପୁତ୍ର ନଦୀ ତୀରରେ ଗୋଟିଏ ମୃତ ହସ୍ତୀର ପୂତିଗନ୍ଧମୟ ମଞ୍ଜାୟାସ୍ଥି ଅନ୍ତରାଳରେ ବସି ଜପ କରିବାକୁ ଲାଗିଲେ । ଦୁର୍ଗନ୍ଧ ହେତୁ ସେ ସ୍ଥାନକୁ କେହି ଯାଇପାରିଲେ ନାହିଁ ।

କିଛିଦିନ ଜପ କଲାପରେ ମାଆ ଗୋଟିଏ ଛୋଟୀ ରୂପରେ ଆସି ବ୍ରହ୍ମାନନ୍ଦଙ୍କୁ ଦେଖାଦେଲେ । ଗିରି ପଚାରିଲେ—"ତୁମେ କିଏ ? ତୁମ ମୂର୍ତ୍ତି ତ ମୋ ଗୁରୁପଦିଷ୍ଟ ମୂର୍ତ୍ତିଙ୍କ ସହିତ ସାମଞ୍ଜସ୍ୟ ହେଉ ନାହିଁ ?" ମା ଉତ୍ତର କଲେ— "ତୋର ମନ୍ତ୍ରରେ ଛିନ୍ନାଦି ଦୋଷ ଅଛି, ତେଣୁ ମୁଁ ଏ ରୂପରେ ଆସିଲି ।" ବ୍ରହ୍ମାନନ୍ଦ ଗିରି ସେ ମୂର୍ତ୍ତିକୁ ତଡ଼ିଦେଲେ । ଶେଷରେ ମା ନିଜ ରୂପରେ ଆସିଲେ ଏବଂ ବର ଦେବାକୁ ଅଙ୍ଗୀକାର କଲେ । ବ୍ରହ୍ମାନନ୍ଦ ଗିରି ମାଗିଲେ—"ମୋତେ ମୁକ୍ତି ପ୍ରଦାନ କର । ମା କହିଲେ—"ମୁକ୍ତି ଦେବାର କ୍ଷମତା ମୋର ନାହିଁ । ତୁ ମୋତେ ବ୍ରହ୍ମମୟୀ ଭାବରେ ଚାହିଁନାହୁଁ ।" ବ୍ରହ୍ମାନନ୍ଦ କହିଲେ—'ତେବେ ମୋର ସ୍ତ୍ରୀ ହୁଅ ।' ଦେବୀ କହିଲେ—'ମୁଁ ହର ଘରଣୀ ସତୀ । ଅନ୍ୟର ସ୍ତ୍ରୀ ହୋଇପାରିବି ନାହିଁ, ଅନ୍ୟ ବର ମାଗ ।' ବ୍ରହ୍ମାନନ୍ଦ ଉତ୍ତର କଲେ, "ଯଦି ତୁମର କିଛି ଦେବାର କ୍ଷମତା ନାହିଁ, ତେବେ ଚାଲିଯାଅ । ମୋର ବର ଲୋଡ଼ା ନାହିଁ ।" ଦେବୀ କହିଲେ—"ମୋତେ ବର ବା ଅଭିଶାପ ଦୁଇଟିରୁ ଗୋଟିଏ ନିଶ୍ଚୟ ଦେବାକୁ ହେବ ।" ବ୍ରହ୍ମାନନ୍ଦ କହିଲେ—"ତେବେ ଏହି ପଥରଖଣ୍ଡ ମୁଣ୍ଡାଇ ମୋ ସହିତ ଚାଲ ।" ଏହା ଶୁଣି ଦେବୀ କହିଲେ—"ଏହା ବ୍ୟତୀତ ଦ୍ୱିତୀୟ ଆଦେଶ ଦେଲେ ମୁଁ ଚାଲିଯିବି ।" ଏହିପରି କିଛିଦିନ ଗଲା । ବ୍ରହ୍ମାନନ୍ଦ ଗିରିଙ୍କୁ ତାଙ୍କ ଗୁରୁ ସାକ୍ଷାତ କରିବାପାଇଁ ଆଦେଶ ଦେଲେ । ବ୍ରହ୍ମାନନ୍ଦ ଯେଉଁଆଡ଼େ ଯାଆନ୍ତି, ଦେବୀ ପଥରଖଣ୍ଡ ମୁଣ୍ଡରେ ବହି ପଛରେ ଚାଲିଥାଆନ୍ତି । କିନ୍ତୁ ଗୁରୁଙ୍କ ନିକଟକୁ ନିଜର ସାଧନଐଶ୍ୱର୍ଯ୍ୟ ନେଇଯିବା ନିଷେଧ ଜାଣି ବ୍ରହ୍ମାନନ୍ଦ କହିଲେ— "ତୁମେ କିଛିସମୟ ପାଇଁ ଏହିଠାରେ ରହ; ମୁଁ ଫେରିଆସେ ।" ଏହି ଦ୍ୱିତୀୟ ଆଦେଶ ଦେବାମାତ୍ରେ ଦେବୀ ପ୍ରସ୍ତରଟି ସେଠାରେ ରଖିଦେଇ ଚାଲିଗଲେ ।

ଅନ୍ନଦା—ମା' ସନ୍ତାନଙ୍କୁ ଏପରି ବାଧା ଦିଅନ୍ତି କାହିଁକି ?

ଶ୍ରୀଶ୍ରୀ ଠାକୁର—ସମସ୍ତେ ତ ମା'; ତେବେ ବିଦ୍ୟା ଓ ଅବିଦ୍ୟା ଭେଦରେ ମା' ଦୁଇପ୍ରକାର ।

ଏହି ସମୟରେ ପରମାନ୍ନ ପ୍ରସ୍ତୁତ ହୋଇଗଲା । ମାତ୍ର ଠାକୁରଙ୍କ ଆଲୋଚନା ଚାଲିଥାଏ । କିପରି ଏହା ବନ୍ଦ କରିବାକୁ ହେବ ବିଚାରି କୁଟୀର ମା'ମାନେ 'ମନୁ' (ନାରାୟଣୀ ଦେବୀ)ଙ୍କୁ ପଠାଇଲେ । ମନୁ ଆସି ଠାକୁରଙ୍କ ଚରଣପାଖରେ ଛିଡ଼ାହୋଇ ତାଙ୍କ କୁଞ୍ଚିତ କେଶକୁ ଧୀରେ ଧୀରେ ଆଉଁସିଲେ । ଠାକୁର ମନୁମା'ଙ୍କ ପ୍ରତି ଚାହିଁବାମାତ୍ରେ ସେ କହିଲେ, ବାବା, ପରମାନ୍ନ ପ୍ରସ୍ତୁତ ହୋଇଗଲାଣି । ତା'ପରେ ଠାକୁର ଆଲୋଚନା ବନ୍ଦ କରି ଭୋଜନ ନିମିତ୍ତ ଉଠିଗଲେ ।

ଏହାପରଠାରୁ ଶ୍ରୀଶ୍ରୀ ଠାକୁର ସମ୍ମିଳନୀକୁ ଯିବା ପର୍ଯ୍ୟନ୍ତ ଆଉ ଉଲ୍ଲେଖଯୋଗ୍ୟ ଆଲୋଚନା କିଛି ହୋଇନାହିଁ । ଠାକୁର ଭକ୍ତସମ୍ମିଳନୀ ପାଇଁ ମଠକୁ ବାହାରିବାରୁ ଆମେମାନେ ସମ୍ମିଳନୀ ସମ୍ପର୍କରେ ନାନାପ୍ରକାର ପ୍ରଶ୍ନ କଲୁ । ଶ୍ରୀଶ୍ରୀ ଠାକୁର କହିଲେ—''ସମ୍ମିଳନୀ ଏତେ ଦୂରରେ ହେଉଛି, ତେଣୁ ତୁମେମାନେ ତ ସମ୍ମିଳନୀକୁ ଯାଇପାରିବ ନାହିଁ । ଆସନ୍ତାଥର ପୁରୀରେ ଯେପରି ସମ୍ମିଳନୀ ହେବ, ମୁଁ ତାହାର ବ୍ୟବସ୍ଥା କରିବି । ପୁରୀରେ ଥରେ ସମ୍ମିଳନୀ କରିବାର ଇଚ୍ଛା ମଧ୍ୟ ଭକ୍ତମାନଙ୍କର ଥିଲା । ସେମାନଙ୍କର ଇଚ୍ଛା—ଥରେ ପୁରୀରେ ଓ ଥରେ ଗୁରୁଧାମରେ ଭକ୍ତସମ୍ମିଳନୀ କରିବେ । ଏଠାରେ କେହି ଭକ୍ତ ନଥିବାରୁ ପୁରୀରେ ସମ୍ମିଳନୀ କରିବାକୁ ମୁଁ ସେମାନଙ୍କୁ ବାରଣ କରୁଥିଲି । ତୁମେମାନେ ଦୁଇଖଣ୍ଡ ପତ୍ର ଦେବ । ଖଣ୍ଡିଏ ମୋ ନାମରେ ଓ ଅନ୍ୟ ଖଣ୍ଡି ମଠର ମହନ୍ତ ପ୍ରଜ୍ଞାନନ୍ଦ ସ୍ୱାମୀଙ୍କ ନାମରେ । ମୁଁ ତୁମମାନଙ୍କର ପ୍ରତିନିଧି ହୋଇ ପୁରୀକୁ ସମ୍ମିଳନୀ ନିମନ୍ତ୍ରଣ କରିବି ଏବଂ ଯଥା ସମୟରେ ଆସି ସବୁପ୍ରକାର ସାହାଯ୍ୟ କରିବି ।

୧୮-୧୦-୩୪ ତାରିଖ—ଗୁରୁବାର

ଆଜି ଶ୍ରୀଶ୍ରୀ ଠାକୁରଙ୍କ ପୂଜା ହୋଇଥିଲା । ଆମେ ପ୍ରସାଦ ପାଇ ଉପରବେଳା ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ବୁଲିଗଲୁ । ଫେରିଆସି ଠାକୁର ରହସ୍ୟଗଳ୍ପ କହିଲେ—

''ଗୋରୁତେ ଓଟାରେ ମୃତସିଂହେର ଶରୀର; ଓ କତ ବଲ ବଲ''

''ଦମ୍ପତି କଲହେ ରାଜା ହୟେ କୋପମନ

ରାଣୀରେ ବଲିଲ କିଛୁ ପରୁଷବଚନ
ସ୍ୱାମୀବାକ୍ୟେ ସତୀ ଚକ୍ଷୁ କରି ଛଲଛଲ
ବଲିୟା ଫେଲିଲ କତ ବଲ ବଲ ବଲ ।''

ଆଉ ମଧ୍ୟ ବଦର ବଦର ଗଳ୍ପ ଓ ବଙ୍କିମବାବୁଙ୍କ ବାପାଙ୍କ କଥା କହିଲେ ।*

ଏହାର କିଛିଦିନ ପରେ ଠାକୁର ମଠକୁ ଚାଲିଗଲେ ଏବଂ ସମ୍ମିଳନୀ ନିମନ୍ତ୍ରଣପାଇଁ କିପରି ପତ୍ର ଲେଖିବାକୁ ହେବ, ବନମାଳୀ ଭାଇଙ୍କୁ ଉପଦେଶ ଦେଇଗଲେ ।

ଶ୍ରୀଶ୍ରୀ ଠାକୁର ଶ୍ରୀଘ୍ର ଫେରିଆସିବେ କହି ପୁରୀରୁ ଗଲେ; କିନ୍ତୁ ଚଞ୍ଚଳ ଫେରି ଆସିଲେ ନାହିଁ । ଚାହିଁ ଚାହିଁ ଅଗଷ୍ଟ ମାସ ଶେଷ ହେବାକୁ ବସିଲା । ଅଗଷ୍ଟ ୩୦ ତାରିଖରେ ଜାଣିଲୁ—ଆସନ୍ତା କାଲି ସକାଳୁ ଏକ୍‌ସ୍‌ପ୍ରେସ୍ ଗାଡ଼ିରେ ଶ୍ରୀଶ୍ରୀ ଠାକୁର ଆସି ପୁରୀରେ ପହଞ୍ଚିବେ ।

୩୧-୮-୩୫ ତାରିଖ—ଶନିବାର

୧୯୩୫ ସାଲ, ଆଜି ଶ୍ରୀଶ୍ରୀ ଠାକୁର ପୁରୀ ଆସିଲେ । ଆମେମାନେ ଷ୍ଟେସନକୁ ଯାଇ ଶ୍ରୀଶ୍ରୀ ଠାକୁରଙ୍କୁ ମଟରରେ ବସାଇ ନୀଳାଚଳ କୁଟୀରକୁ ପାଛୋଟି ଘେନିଆସିଲୁ । ଆନନ୍ଦରେ ମନ ପୂରିଉଠିଲା । କେତେ ଯେ କଳ୍ପନା ମନରେ ଖେଳିଗଲା ଭାଷାରେ ତାହା ବ୍ୟକ୍ତ କରିହେବ ନାହିଁ ।

ଆଜି ଉପରବେଳା ସମୁଦ୍ର ତୀରରେ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କଲୁ । ଶ୍ରୀଶ୍ରୀ ଠାକୁର ପଚାରିଲେ—''ଆଚ୍ଛା, ତୁମମାନେ ଯଦି ଏବର୍ଷ ଏଠାରେ ସମ୍ମିଳନୀ ନକର, ତେବେ କ୍ଷତି କ'ଣ ହେବ ? ନିକଟବର୍ତ୍ତୀ ସମ୍ମିଳନୀ ଦେଖି ପରେ କଲେ ଭଲ ହୁଅନ୍ତା ନାହିଁକି ?'' ଆମେମାନେ ସମ୍ମିଳନୀ ସମ୍ପର୍କରେ ବହୁଦୂର ଅଗ୍ରସର ହୋଇଥିବାରୁ ତାହା ବନ୍ଦକଲେ ଅସୁନ୍ଦର ହେବ ବୋଲି କହି ରାଜି ହେଲୁ ନାହିଁ । ଶ୍ରୀଶ୍ରୀ ଠାକୁର କହିଲେ—''ହେଉ, ତୁମମାନଙ୍କର ଯେପରି ଇଚ୍ଛା ।''

୬-୯-୩୫ ତାରିଖ—ଶୁକ୍ରବାର

ଆମେ ଆଜି ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କୁ ସାକ୍ଷାତ କଲୁ ।

---

* ଏହି ଉକ୍ତିର ପଦପୂରଣ ଅନ୍ୟତ୍ର ପ୍ରଦତ୍ତ ହୋଇଛି ।

ଶ୍ରୀଶ୍ରୀ ଠାକୁର କହିଲେ, "ଦେଖ, ଦେଶର ଶୋଚନୀୟ ଅବସ୍ଥା ବିଷୟ ଭାବିଲେ ମନେହୁଏ, ଶୀଘ୍ର ଦେହ ରକ୍ଷାକଲେ ଭଲ ହୁଅନ୍ତା । ମୋର ଯେ ସାମୟିକ ଅଶାନ୍ତି—ଏହାର କାରଣ ମଧ୍ୟ ତାହା ।" ଅନ୍ୟାନ୍ୟ କଥା ପଡ଼ିବାରୁ ବନମାଳୀ ଭାଇ ପଚାରିଲେ, "ଠାକୁର ! ଜଗନ୍ନାଥଙ୍କ ମହାପ୍ରସାଦ ଏତେ ପ୍ରସିଦ୍ଧ କାହିଁକି ! ଏହାର ପ୍ରଚଳନ ପୁରୀ ବ୍ୟତୀତ ଅନ୍ୟ କେଉଁଠି ନ ଥିବାର କାରଣ କ'ଣ ?"

ଶ୍ରୀଶ୍ରୀ ଠାକୁର—ଧର୍ମ, ଅର୍ଥ, କାମ, ମୋକ୍ଷ ନେଇ ଚାରୋଟି ଧାମ । ତନ୍ମଧ୍ୟରୁ ଦ୍ୱାରକା ଭୋଗକ୍ଷେତ୍ର, ବଦ୍ରିକା ଯୋଗକ୍ଷେତ୍ର, ପୁରୀ ମୋକ୍ଷକ୍ଷେତ୍ର । ମୁକ୍ତିଲାଭ କଲାପରେ ଯେପରି ଭେଦାଭେଦ ଭାବ ନ ଥାଏ, ଏ କ୍ଷେତ୍ରରେ ସେହିପରି ପ୍ରସାଦରେ ଭେଦାଭେଦ ଭାବ ବିଚାର ନ ଥାଏ । ଜଗନ୍ନାଥ କୌଣସି ବିଶିଷ୍ଟ ମୂର୍ତ୍ତି ନୁହନ୍ତି—ପ୍ରତୀକ ମାତ୍ର, ଯେପରି ବ୍ରହ୍ମ । ବ୍ରହ୍ମଙ୍କର କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ । ଯେ ଯେଉଁ ମୂର୍ତ୍ତିରେ ଚାହିଁବ, ସେ ତାଙ୍କୁ ସେହିପରି ମୂର୍ତ୍ତିରେ ଦେଖିପାରିବ ।

ଜଗନ୍ନାଥ ସେହିପରି ବ୍ରହ୍ମଙ୍କର ପ୍ରତୀକ । ଏପରି କି ଅନେକ ସାଧକ ଜଗନ୍ନାଥଙ୍କୁ ନିଜ ନିଜର ଇଷ୍ଟଦେବୀ ମୂର୍ତ୍ତିରେ ମଧ୍ୟ ଦେଖିଛନ୍ତି । ତେଣୁ ମହାପ୍ରସାଦ ଏତେ ପ୍ରସିଦ୍ଧି ଲାଭ କରିଛି ।

ବନମାଳୀ ଭାଇ—ଅନେକେ କହନ୍ତି, ବୁଦ୍ଧଦେବଙ୍କ ସମୟରୁ ମହାପ୍ରସାଦ ପ୍ରଚଳନ ହେଲା । ଏହା କେତେଦୂର ଠିକ୍ ?

ଶ୍ରୀଶ୍ରୀ ଠାକୁର—ଶାସ୍ତ୍ର ପ୍ରମାଣ ଦ୍ୱାରା ଦେଖାଯାଏ ଯେ ସମସ୍ତ ସଂପ୍ରଦାୟ ମହାପ୍ରସାଦକୁ ସମାନ ଭାବରେ ଆଦର କରନ୍ତି । ଏପରିକି ଶ୍ରାଦ୍ଧାଦି କାର୍ଯ୍ୟରେ ମହାପ୍ରସାଦର ପ୍ରଚଳନ ମଧ୍ୟ ଅଛି । ଦେବଦେବୀମାନଙ୍କୁ ମଧ୍ୟ ମହାପ୍ରସାଦ ନୈବେଦ୍ୟ ଦେବାର ବିଧି ଅଛି । ବୌଦ୍ଧଧର୍ମ ବିଦ୍ୱେଷୀମାନେ ମଧ୍ୟ ମହାପ୍ରସାଦକୁ ସମ୍ମାନ ପ୍ରଦର୍ଶନ କରନ୍ତି । ଏ ପ୍ରଥା ବୌଦ୍ଧଯୁଗ ପୂର୍ବରୁ ଥିଲା । ବୁଦ୍ଧଦେବଙ୍କ ଧର୍ମଚକ୍ର ପ୍ରବର୍ତ୍ତନର ମୂଳକେନ୍ଦ୍ର କାଶୀ । ସେଠାରେ ତ ପ୍ରସାଦର ପ୍ରଚଳନ ନାହିଁ ! ତେବେ ବୁଦ୍ଧଦେବଙ୍କ ସମୟରୁ ଏ ପ୍ରଥା ହେଲା ବୋଲି କିପରି କୁହାଯିବ ? ବୈଷ୍ଣବଧର୍ମ ଭିତରେ ଭେଦାଭେଦ ନ ଥିବା ଦେଖି ଅନେକେ ମନେ କରନ୍ତି ବୈଷ୍ଣବ ଧର୍ମ ବୌଦ୍ଧ ଧର୍ମର ପରିଣତି । ଶିବ, ତିବ୍ବତର ଲାମା ଓ କାଳୀ ମୂର୍ତ୍ତିଙ୍କୁ ଦେଖି ଅନେକେ କହନ୍ତି, ପୂର୍ବକାଳରେ ଭାରତର ଲୋକେ ଲୁଗା ପିନ୍ଧି

ଜାଣି ନଥିଲେ । ହସ୍ତପାଇଁ ମୂଲ୍ୟବାନ ଆଭରଣ, ମସ୍ତକପାଇଁ ମୁକୁଟ ଯେଉଁମାନେ ପ୍ରସ୍ତୁତ କରିପାରୁଥିଲେ, ସେମାନେ କ'ଣ ବସ୍ତ୍ର ପ୍ରସ୍ତୁତ କରି ଜାଣି ନ ଥିଲେ ?

ପୁରୀରେ ଭକ୍ତସମ୍ମିଳନୀ ସ୍ଥାନ ନିରୂପଣ—

ପୁରୀରେ ଆଶ୍ରମ ନ ଥିବାରୁ ଭକ୍ତସମ୍ମିଳନୀର ସ୍ଥାନ ସମ୍ବନ୍ଧରେ ଶ୍ରୀଶ୍ରୀ ଠାକୁରଙ୍କ ସଙ୍ଗେ ଆଲୋଚନା ହୋଇଥିଲା ଏବଂ ପୁରୀର ଧର୍ମ୍ମଶାଳାମାନ ସେ ଅଭାବ ପୂରଣ କରିପାରିବା କଥା ପଡ଼ିଲା । ଦଣ୍ଡୀ ପରିବ୍ରାଜକ ଅବସ୍ଥାରେ ଶ୍ରୀଶ୍ରୀ ଠାକୁର ପୁରୁଷୋତ୍ତମ କ୍ଷେତ୍ରକୁ ଆସି ବଗଲା ଧର୍ମ୍ମଶାଳାରେ ପ୍ରାୟ ଏକମାସ ଅବସ୍ଥାନ କରିଥିଲେ । ଦିନେ ଅପରାହ୍ଣରେ ରିକ୍‌ସାରେ ବସି ବୁଲିଯିବାବେଳେ ଶ୍ରୀଶ୍ରୀ ଠାକୁର ଉକ୍ତ ଧର୍ମଶାଳା ଦେଖାଇଦେବାକୁ ବାହାରିଲେ ଏବଂ ବଡ଼ଦାଣ୍ଡ ବାଟେ ବଗଲା ଧର୍ମଶାଳା ଆସି ରିକ୍‌ସାରୁ ଓହ୍ଲାଇ ଗୋଟିଏ ଘର ଦେଖାଇ କହିଲେ, ''ଏହି ଘରେ ମୁଁ ଦଣ୍ଡୀ ଅବସ୍ଥାରେ ଚାରିଧାମ ଭ୍ରମଣ କଲାବେଳେ ପ୍ରାୟ ଏକ ମାସ ରହିଥିଲି । ତୁମେମାନେ ଏହିଠାରେ ସମ୍ମିଳନୀ କରିବ ।''

ସେଦିନ ସୁନିଆଁ । ମଠ ଓ ଜମିଦାରମାନଙ୍କ ଘରକୁ ଆସୁଥିବା ଭେଟି ଭାରରେ ବଡ଼ଦାଣ୍ଡ ପୂର୍ଣ୍ଣ । ଏହା ଦେଖି ଶ୍ରୀଶ୍ରୀ ଠାକୁର କାରଣ ପଚାରିବାରୁ ତାଙ୍କୁ ସୁନିଆଁର ଭେଟି ପ୍ରଥା ବୁଝାଇ ଦିଆଗଲା । ଠାକୁର ମନେ ମନେ ଖୁସିହୋଇ ରହସ୍ୟ କରି କହିଲେ, ''ବେଶ୍ ତାହାହେଲେ ଆମର ଖଣ୍ଡିଏ ଜମିଦାରୀ କିଣାଯାଉ ?''

ମଠ ଆଶ୍ରମ ଓ ନୀଳାଚଳ କୁଟୀର—

ଆଉ ଦିନେ ବନମାଳୀ ଭାଇ ପୁରୀରେ ଗୋଟିଏ ଆଶ୍ରମ ପ୍ରତିଷ୍ଠା କରିବାପାଇଁ କହିବାରୁ ଶ୍ରୀଶ୍ରୀ ଠାକୁର କହିଲେ, ''ଦେଖ, ତୁମେମାନେ ମୋ ମୃତ୍ୟୁପରେ ମଧ୍ୟ ନୀଳାଚଳ କୁଟୀରକୁ ଆସୁଥିବ । ମୁଁ ଏହି ନୀଳାଚଳ କୁଟୀରକୁ ମାଆମାନଙ୍କୁ ଦେଇଦେଇଛି । ଏମାନଙ୍କ ପାଇଁ କିଛି ଜମିବାଡ଼ିର ବ୍ୟବସ୍ଥା କରିବା ଆବଶ୍ୟକ । ବର୍ତ୍ତମାନ ଦେଶର ଅବସ୍ଥା ଯେଉଁଆଡ଼କୁ ଗତି କରୁଛି, ସେଥିରୁ ଅନୁମିତ ହୁଏ ବ୍ୟାଙ୍କ୍‌ଗୁଡ଼ିକ କ୍ରମେ ଖରାପ ହୋଇଯିବ । ମନୁକୁ ଅନ୍ୟତ୍ର ବିବାହ ନ ଦେଇ ଗୋଟିଏ ବାଳକ ଆଣି ଏଠାରେ ରଖି ତା ସହିତ ମନୁକୁ ବିବାହ ଦେଲେ ଚଳିବ । ଗୁରୁଧାମରେ ମୋର ଆତ୍ମୀୟମାନେ ଯେପରି ଆସନ ପରିଚାଳନା

କରୁଛନ୍ତି, ସେହିପରି ନୀଳାଚଳ କୁଟୀରରେ ଏ ଆସନ ମଧ୍ୟ ମନୁର ବଂଶଧରମାନେ ପରିଚାଳନା କରିବେ । ପୁଣି ଦେଖ, ମୁଁ ଯଦି ଏହିଠାରେ ଦେହରକ୍ଷା କରେ ତେବେ ଏହି ଅଗଣା ବଗିଚାରେ ମୋର ସମାଧି ମନ୍ଦିର କରିବ; ମନୁର ବଂଶଧରମାନେ ମଧ୍ୟ ସେଠାରେ ସେବା ପୂଜାଦି କରିବେ । ଅଭାବ ହେଲେ ବେତନଭୋଗୀ ନୈଷ୍ଠିକ ବ୍ରାହ୍ମଣଙ୍କଦ୍ୱାରା ସେବା ପୂଜା କରାଯିବ ।

ତୁମେମାନେ ଆଶ୍ରମ କରିବା କଥା ଆଉ ମୋତେ କହ ନାହିଁ । ମୁଁ ଆଶ୍ରମ ମଠ ଚିନ୍ତାରେ ବ୍ୟସ୍ତ ହୋଇପଡ଼ିଛି । ମୁଁ ଚିନ୍ତାକରି ଦେଖିଛି ମୋ ପରେ ଆଶ୍ରମ ମଠର ଅବସ୍ଥା ସାଧାରଣ ମଠବାଡ଼ି ପରି ହୋଇଯିବ । ତେଣୁ ତୁମେମାନେ ଆଶ୍ରମ କରିବାରେ ମନ ନ ଦେଇ ମୋର ସ୍ମୃତିମନ୍ଦିର ପ୍ରତିଷ୍ଠା କରିପାର ।

୨୨-୯-୩୫ ତାରିଖ—ରବିବାର

ସନ୍ନ୍ୟାସୀ ମୃତଜୀବ—

ଆଜି ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ସମୁଦ୍ରକୂଳରେ ଥିବା ବାଲୁକାପ୍ରାନ୍ତର ଆଡ଼କୁ ବୁଲିବାକୁ ବାହାରିଲୁ । ବାଟରେ ଶ୍ରୀଶ୍ରୀ ଠାକୁର କହିଲେ, "ଆରେ ମୋତେ ଯେପରି ଦେଖୁଛ, ମୁଁ କ'ଣ ସବୁଦିନ ସେହିପରି ଥିଲି ? ମୁଁ ସାଧକ ଜୀବନରେ କେତେ ଯେ କଷ୍ଟ ପାଇଛି, ତୁମମାନଙ୍କୁ ବା କ'ଣ କହିବି ? ବିଶେଷତଃ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ବ୍ୟବହାର ବଡ଼ କଠୋର ଧରଣର ଥିଲା । ସେ ସବୁ କଷ୍ଟ କଥା ତୁମ ଆଗରେ କ'ଣ ବା କହିବି ? ତାଙ୍କର ନିର୍ମମ ବ୍ୟବହାର ସମୟ ସମୟରେ ବଡ଼ ଅସହ୍ୟ ହୁଏ । ମୁଁ ନିର୍ଜ୍ଜନରେ ବସି କ୍ରନ୍ଦନ କରେ । ମନେମନେ ଭାବେ, ସାଧୁ ହେବାକୁ ଆସି ପୁଣି ଏତେ ବିଡ଼ମ୍ବନା ସହ୍ୟ କରିବା ମୋ କପାଳରେ ଥିଲା ! ମଝିରେ ମଝିରେ ଆଶ୍ରମ ଛାଡ଼ି ପଳାଇବାକୁ ମଧ୍ୟ ଇଚ୍ଛା ହୁଏ । ଗୁରୁଭ୍ରାତା ବ୍ରହ୍ମାନନ୍ଦ ଭାଇ ମୋତେ ବୁଝାଇ କହନ୍ତି—"ଆରେ ଭାଇ ! କାନ୍ଦ ନାହିଁ; ସେ ତୁମକୁ ପରୀକ୍ଷା କରୁଛନ୍ତି ।" ସଚ୍ଚିଦାନନ୍ଦ ସ୍ୱାମୀଙ୍କ ଆଶ୍ରମରେ ଯେଉଁମାନେ ଥିଲେ, ସେମାନଙ୍କ ମଧ୍ୟରୁ ବ୍ରହ୍ମାନନ୍ଦ ସ୍ୱାମୀ ବୋଲି ଜଣେ ସେବକଙ୍କ ସହିତ ମୋର ବିଶେଷ ବନ୍ଧୁତା ଜନ୍ମିଥିଲା । ଅବସର ସମୟରେ ମୁଁ ତାଙ୍କ ସହିତ ଶାସ୍ତ୍ରାଲୋଚନା କରେ । ଦିନେ ସଚ୍ଚିଦାନନ୍ଦ ସ୍ୱାମୀ ମୋତେ ନାନା ପ୍ରକାର ଅକଥ୍ୟ ଭାଷାରେ ଗାଳିଦେଲେ । ଫଳରେ ମୁଁ ଆଶ୍ରମ ତ୍ୟାଗର ସଂକଳ୍ପ କରି ଗୁରୁଭ୍ରାତା

ବ୍ରହ୍ମାନନ୍ଦଙ୍କୁ କହିଲି, ''ଭାଇ ! ମୁଁ ପଛକେ ଗଛମୂଳେ ପଡ଼ି ଗୁରୁଙ୍କ ଚରଣ ଧ୍ୟାନ କରିବି, ଏଠାରେ ରହି କଦର୍ଯ୍ୟ ଗାଳି ସହ୍ୟକରି ନ ପାରି ଗୁରୁଙ୍କ ଉପରେ ଖରାପ ମନୋଭାବ ପୋଷଣ କରିବି ନାହିଁ ।'' ବ୍ରହ୍ମାନନ୍ଦ ମୋ ଗୁରୁଭକ୍ତିର ପ୍ରଶଂସା କରି କହିଲେ, ''ଦେଖ, ତୁମେ ସନ୍ନ୍ୟାସ ଗ୍ରହଣ କରିବାକୁ ଆସିଛ । ସନ୍ନ୍ୟାସୀ ହେବାକୁ ହେଲେ ତଦନୁରୂପ ଯୋଗ୍ୟତା ଅର୍ଜନ କରିବାକୁ ହେବ । ମାନ ଅପମାନ, ଲାଭ କ୍ଷତି, ଜୟ ପରାଜୟ ସବୁ ବିଷୟରେ ଉଦାସୀନ ମନୋଭାବାପନ୍ନ ନ ହେଲେ କେହି ସନ୍ନ୍ୟାସୀ ହୋଇପାରିବେ ନାହିଁ । ସନ୍ନ୍ୟାସୀ ମୃତ ଜୀବ । ତାହାର ମୃତ୍ୟୁ ଘଟିଛି । ଏହି ସଂସ୍କାର ଆଣିବାକୁ ସନ୍ନ୍ୟାସ ଗ୍ରହଣ ପୂର୍ବରୁ ସନ୍ନ୍ୟାସୀକୁ ପ୍ରଥମେ ନିଜର ଶ୍ରାଦ୍ଧ ତର୍ପଣ ପ୍ରଭୃତି କରିବାକୁ ହୁଏ । ଅଭିମାନ ନାଶ ନିମିତ୍ତ ଗୁରୁଦେବଙ୍କର ଏହିସବୁ ବ୍ୟବସ୍ଥା । ଆଶ୍ରମ ତ୍ୟାଗର ସଂକଳ୍ପ କଦାପି କର ନାହିଁ । ଶମ, ଦମ, ତିତିକ୍ଷା—ଏସବୁ ମୁହଁର କଥା ନୁହେଁ । ପରୀକ୍ଷା ଦ୍ୱାରା ଏହା ଜଣାଯାଏ । ମୁହୂର୍ତ୍ତକର ଅବିବେଚନା ଫଳରେ ନିଜର ସର୍ବନାଶ କରିବସିଲେ ପରିଣାମରେ ନିଜକୁ ଅନୁତପ୍ତ ହେବାକୁ ପଡ଼ିବ । ଗୁରୁଦେବଙ୍କ ସମସ୍ତ ବ୍ୟବହାର କେବଳ ତୁମର ବ୍ୟକ୍ତିତ୍ୱ ନାଶ ନିମିତ୍ତ ।

ମୁଁ କହିଲି, ଅକଥ୍ୟ ଭାଷାରେ ଗାଳି ନ ଦେଇ ଅନ୍ୟ ଭାବରେ କ'ଣ ତାହା କରି ହୁଅନ୍ତା ନାହିଁ ? ମୋର ମା ଭଉଣୀଙ୍କୁ ଗାଳିଦେବାର ଉଦ୍ଦେଶ୍ୟ ବା କ'ଣ ?

ବ୍ରହ୍ମାନନ୍ଦ ସ୍ୱାମୀ କହିଲେ, ''ତୁମେ ନଳିନୀକାନ୍ତ, ତୁମର ମାଆ, ତୁମର ଭଉଣୀ, ଏହିପରି 'ମୁଁତ୍ୱ' ବା ବ୍ୟକ୍ତିତ୍ୱବୋଧ ତୁମର ଅଛି ବୋଲି ତ ତୁମକୁ ଏ ଗାଳିସବୁ ବାଧୁଛି । ଅନ୍ୟର ମାଆ ଭଉଣୀଙ୍କୁ ଗାଳିଦେଲେ ତ ତୁମକୁ ବାଧନ୍ତା ନାହିଁ ? ତୁମେ ସନ୍ନ୍ୟାସୀ ହେବ; ସୁତରାଂ 'ମୁଁତ୍ୱ' ବୋଧ ଥିଲେ ସନ୍ନ୍ୟାସୀ ହୋଇପାରିବ ନାହିଁ । ସେଥିପାଇଁ ଏସବୁ ପରୀକ୍ଷା ।''

ମୁଁ ସେହି ବ୍ରହ୍ମାନନ୍ଦ ସ୍ୱାମୀଙ୍କ ସାନ୍ତ୍ୱନାରେ ସ୍ଥିର ହେଲି । ସେ ବର୍ତ୍ତମାନ ପରମହଂସ ବ୍ରହ୍ମାନନ୍ଦ ବୋଲି ପରିଚିତ । ବ୍ରହ୍ମାନନ୍ଦୀ ଭଜନ ପ୍ରଭୃତି ଅନେକ ପୁସ୍ତକ ଲେଖି ସେ ହିନ୍ଦୁସ୍ଥାନରେ ସୁ-ପରିଚିତ । ବାସ୍ତବିକ୍ ସନ୍ନ୍ୟାସ ପ୍ରଦାନ କରିବାଦିନଠାରୁ ଗୁରୁଦେବ ମୋ ସହିତ ଅତି ସୁନ୍ଦର ଓ ମଧୁର ବ୍ୟବହାର କଲେ । ସେ କହନ୍ତି, ବାରଖଣ୍ଡ ଗ୍ରାମ ପୋଡ଼ିଦେଲେ ଯେତିକି ପାପ, ଜଣକୁ ସନ୍ନ୍ୟାସ ଦେଇ ତା'ର ପତନ ହେଲେ, ଯେ ସନ୍ନ୍ୟାସ ଦେଇଥିବ, ସେହି ଗୁରୁଙ୍କର

ସେତିକି ପାପ ହେବ । ସୁତରାଂ କଠୋର ଭାବରେ ପରୀକ୍ଷା କରି ସନ୍ନ୍ୟାସ ଦେବାକୁ ହୁଏ ।

ପୁଷ୍କରଠାରେ ଗୁରୁ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ଆଶ୍ରମରେ ଖାଇବା ପିଇବା ମଧ୍ୟ ବଡ଼ କଷ୍ଟଦାୟକ । ଶୁଖିଲା ରୁଟି, ଖଟା ଓ ରାଗର ତରକାରୀ । ଖାଇଲାବେଳେ ପାଟି ଜଳି ପୋଡ଼ି ଗଲାପରି ଲାଗେ । ହରିଦ୍ରା ଖାଇ ଖାଇ ଜିଭ କଳା ପଡ଼ି ଯାଇଥାଏ । ମୁଣ୍ଡବାଳ ଅଠାପରି ଧୂସର ବର୍ଣ୍ଣ ହୋଇଥାଏ । ତାଙ୍କର ହିନ୍ଦି ଭାଷା ମଧ୍ୟ ଶୁଦ୍ଧ ନୁହେଁ; କିପରି କଡ଼ା ବୋଧହୁଏ । କେବେ ଯଦି କୌଣସି ବଙ୍ଗୀୟ ସଜ୍ଜନଙ୍କ ସହିତ ଦେଖା ହୁଏ, ତାଙ୍କ ସହିତ ଦି'ପଦ କଥା କହିଲେ ମନ ଟିକିଏ ସନ୍ତୁଷ୍ଟ ହୋଇଯାଏ ।

କିନ୍ତୁ ସୁମେରୁ ଦାସଜୀଙ୍କ ଆଶ୍ରମରେ ମୋର କୌଣସି କଷ୍ଟ ହୋଇନାହିଁ । ସେ ଆସାମର ଉତ୍ତରରେ ଥିବା ମିସ୍‌ମି ପାହାଡ଼ ଅଞ୍ଚଳରେ ରହନ୍ତି । ତାଙ୍କ ଆଶ୍ରମର ଅନତିଦୂରରେ ଲୋକବସତି ଅଛି । କିନ୍ତୁ ସେମାନେ ଜଙ୍ଗଲି ଜାତି; ସାଧୁ ସନ୍ନ୍ୟାସୀ କ'ଣ ଜାଣନ୍ତି ନାହିଁ । ସେମାନେ ମଧ୍ୟ କହିପାରିବେ ନାହିଁ ଯେ ସେଠାରେ କେଉଁ ସ୍ଥାନରେ ସାଧୁ ସନ୍ନ୍ୟାସୀ ରହନ୍ତି ବୋଲି ।

ହିମାଚଳ ପଥ ଓ ମାନସରୋବର—

ମୁଁ ସନ୍ନ୍ୟାସ ନେବାପରେ ଚାଲିଚାଲି ଚାରିଧାମ ବୁଲିଛି । ମାନସରୋବର ପର୍ଯ୍ୟନ୍ତ ଯାଇଛି । ବଦରିକାଶ୍ରମଠାରୁ ମାନସରୋବର ଯିବାକୁ ହେଲେ ପନ୍ଦର କୋଡ଼ିଏ ଦିନ ଲାଗିବ । ବାଟରେ ମଝିରେ ଚାରିପାଞ୍ଚ ଦିନ ମୋଟେ ଖାଇବାକୁ ମିଳିବ ନାହିଁ କି ରହିବାକୁ ଘର ଦୁଆର କିଛି ମିଳିବ ନାହିଁ । କେବଳ ରାସ୍ତାତମାମ ବରଫ ଜମିଥାଏ । ଏ ରାସ୍ତାରେ ଯିବାକୁ ହେଲେ ପାଞ୍ଚସାତ ଦିନର ଖାଦ୍ୟ ସାଙ୍ଗରେ ଧରି ଯିବାକୁ ହୁଏ । ବରଫ ଉପରେ ଚାଲି ଚାଲି ପାଦ ଏପରି ଥଣ୍ଡା ହୋଇଯାଏ ଯେ, ତା ଉପରେ ଖଣ୍ଡେ ରଡ଼ନିଆଁ ଥୋଇଦେଲେ ପାଦ ପୋଡ଼ିଯିବ ପଛକେ କିନ୍ତୁ ଜଣାପଡ଼ିବ ନାହିଁ ।

ବାଟରେ ଯିବା ରାସ୍ତା ମଧ୍ୟ ଅତି ବିପଦସଙ୍କୁଳ । କେଉଁଠି ଖୁବ୍ ତୀରବେଗରେ ନଦୀ ବହିଯାଉଛି, ତା'ଉପରେ ବରଫ ଜମିଛି । ଆମେମାନେ ସେ ବରଫ ଉପରେ ଚାଲି ଚାଲି ଯାଉଁ । ଆଗରେ ଜଣେ ସାଧୁ ହିଲଷ୍ଟିକ୍ (ବରଫ ଉପରେ

ଚାଲିବା ବାଡ଼ି) ଧରି ବାଟକୁ ଆଘାତ କରି କରି ଚାଲନ୍ତି । ଆମେମାନେ ତାଙ୍କ ପଛେ ପଛେ ଧୀରେ ଧୀରେ ଯାଉ । ଉପରେ ବରଫ, ତଳେ ଖରସ୍ରୋତା ନଦୀ । ନଦୀ ଉପରେ ଆମକୁ ଚାଲିବାକୁ ହୁଏ । ଯେଉଁଠାରେ ବରଫ ଟିକିଏ ପାତଳ ଥିବ, ସେଠାରେ ଯଦି ଗୋଡ଼ ପଶିଯିବ ଆଉ ବାହାରିପାରିବ ନାହିଁ, ଗୋଡ଼ ଛିଡ଼ିଯିବ । ଏଥିପାଇଁ ଆଗରେ ବାଡ଼ିଧରି ଜଣକୁ ଡିରା ମାରି ମାରି ଯିବାକୁ ହୁଏ ।

ମାନସରୋବରର ଦୃଶ୍ୟ ଅବର୍ଣ୍ଣନୀୟ ! ସେଠାରେ ପଦ୍ମଫୁଲଗୁଡ଼ିକ ଏତେ ବଡ଼ ବଡ଼ ଯେ ଗୋଟିଏ ପିଲା ଅକ୍ଲେଶରେ ଗୋଟିଏ ପଦ୍ମଫୁଲ ଉପରେ ଛିଡ଼ା ହୋଇପାରିବ । ସେଠାରେ ହଂସଗୁଡ଼ିକ ଏତେ ବଡ଼ ବଡ଼ ଯେ, ଜଣେ ମନୁଷ୍ୟ ଅକ୍ଲେଶରେ ଗୋଟିଏ ହଂସ ଉପରେ ବସି ଉଡ଼ି ଯାଇପାରିବ । ତା ଉପରକୁ କୈଳାସ ପର୍ବତର ଦୃଶ୍ୟ ଅତି ମନୋହର । ଠିକ୍ ଶିବଙ୍କ ପରି ଆକୃତି । ସେଠାରେ ହର ପାର୍ବତୀ ରହନ୍ତି । ମୁଁ ଫେରିଲାବେଳେ କାଶ୍ମୀର ବାଟଦେଇ ଫେରିଲି । ସେ ବାଟରେ ବରଫ ନାହିଁ; କିନ୍ତୁ ଅନେକ ପାହାଡ଼ ଅତିକ୍ରମ କରି ଆସିବାକୁ ପଡ଼େ ।

ମୁଁ ପରିବ୍ରାଜକ ଅବସ୍ଥାରେ ବୁଲୁଥିବାବେଳେ ଗୋଟିଏ ଗ୍ରାମରେ ତିନି ଦିନରୁ ବେଶୀ ରହେ ନାହିଁ ଓ ଜଣକ ଘରେ ଦିନକରୁ ବେଶୀ ରହେ ନାହିଁ । ଭିକ୍ଷା କରି ଆଣି ଦିନ ଦୁଇପ୍ରହର ଅତୀତ ହେଲେ ବେଳାଏ ଖାଇଦିଏ, ରାତ୍ରିରେ କିଛି ଖାଏ ନାହିଁ । ହାତରେ ଚିମୁଟା ବ୍ୟବହାର କରୁଥାଏ ।

ଗାରୋହିଲ ଯୋଗାଶ୍ରମରେ ଶ୍ରୀଶ୍ରୀ ଠାକୁର—

ଗାରୋହିଲରେ ସାଧନ ଭଜନ କଲାବେଳେ ଦିନେ ମୁଁ ଉଠି ପାଚିରୀ ବାହାରକୁ ଆସିଥିଲି । ଦେଖିଲି ଗୋଟିଏ ବାଘ ଖୁବ୍ ତୀରବେଗରେ ମୋ ପାଖ ଦେଇ ଚାଲିଗଲା । ସେହିଦିନୁ ପାଚିରୀ ବାହାରକୁ ଆସିବାକୁ ସେଠାର ଲୋକେ ମୋତେ ବାରଣ କରନ୍ତି । ମୁଁ ପାହାଡ଼ ଉପରେ ଗୋଟିଏ ଚାଳଘରେ ସାଧନ କରେ । ସେମାନେ ତଳେ ଘରଦ୍ୱାର କରିଥାଆନ୍ତି । ତଳୁ ଉପରକୁ ଆସିବାକୁ ପ୍ରାୟ ପନ୍ଦର ମିନିଟ୍ ଲାଗେ ।

ସାଧନାରେ ସିଦ୍ଧିଲାଭ କଲାପରେ ମଧ ବହୁତ ଦିନ ପର୍ଯ୍ୟନ୍ତ ମୁଁ ପାଦୁକା ବ୍ୟବହାର କରୁ ନଥିଲି । ମୋର ଭକ୍ତମାନେ ମୋତେ ବାଧ କରି ଏପରି ବେଶରେ ସଜାଇଛନ୍ତି । ସାଧନ ଜୀବନରେ ଏହିପରି ବହୁତ କଷ୍ଟ ପାଇଛି । (ଅନ୍ନଦାକୁ ଲକ୍ଷ୍ୟକରି) ତୁମେମାନେ ସନ୍ନ୍ୟାସୀ ହେବାକୁ ଆସି କି କଷ୍ଟ ବା ପାଉଛ ? ମୋ ପାଖରେ ତ ଘରଠାରୁ ଅଧିକ ଆନନ୍ଦରେ ଅଛ । ସନ୍ନ୍ୟାସୀ ଜୀବନର କଷ୍ଟ ଜାଣିବ କିପରି ?

୨୩-୯-୩୫ ତାରିଖ—ସୋମବାର

ବନମାଳୀ ଭାଇ ଏଥିମଧ୍ୟରେ ଶ୍ରୀଶ୍ରୀ ଠାକୁରଙ୍କର ସତରଶହ ଟଙ୍କାର ଗୋଟିଏ ବନ୍ଧକ ଦଲିଲ ରେଜିଷ୍ଟ୍ରୀ କରାଇଲେ । ତାହା ସୁରମା'ଙ୍କ ନାମରେ ରେଜିଷ୍ଟ୍ରୀ ହେଲା ।

ଏହି ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁର କହିଲେ, ''ମୋ ମୃତ୍ୟୁପରେ ତୁମେମାନେ ଦେଖିବ, ମୋର ଆସନ ବର୍ତ୍ତମାନ ଯେପରି ଅଛି, ଏଠାରେ ଠିକ୍ ସେହିଭଳି ସେହି ସ୍ଥାନରେ ରହିଥିବ । ସେହିପରି ଭାବରେ ସଜ୍ଜିତ ଥିବ । ଭକ୍ତମାନେ ଆସି ଦେଖିଯାଉଥିବେ । ରାମକୃଷ୍ଣଦେବ କେତେଦିନ ହେବ ଦେହତ୍ୟାଗ କଲେଣି; କିନ୍ତୁ ତାଙ୍କର ଆସନ ଏପରି ଭାବରେ ସଜ୍ଜିତ ଅଛି ଯେ, ଦେଖିଲେ ଜଣାଯିବ ସତେ ଯେପରି ସେ ବାହାରକୁ ଯାଇଛନ୍ତି, ବର୍ତ୍ତମାନ ଫେରିଆସିବେ । ତୁମ୍ଭେମନେ ସେହିପରି ମୋ ଆସନ ସଜାଇ ରଖିବ । ଏହା କଲେ ଯଥାର୍ଥରେ ମୋର ସ୍ମୃତି ରକ୍ଷା ହେବ । ଏହିଭାବରେ ଯେଉଁଠାରେ ମୋର ଆସନ ରଖାଯିବ, ତାହାହିଁ ହେବ ମୋର ସ୍ମୃତି ମନ୍ଦିର ।''

ଏହାପରେ ଦଲିଲର ଭବିଷ୍ୟତ କଥା ଉଠିଲା । ଶ୍ରୀଶ୍ରୀ ଠାକୁର କହିଲେ, ''ଦଲିଲଟଙ୍କା ଆପୋଷରେ ମିଳିବ ନାହିଁ; ମୋକଦ୍ଦମା କରିବାକୁ ହେବ; ସେଥିପାଇଁ ଆଗରୁ ଟଙ୍କା ରଖାଯାଇଅଛି । ମୁଁ ତ ନଥିବି ! ମୁଁ ଯଦି ଥାଏ ତେବେ କିଛି ଅସୁବିଧା ହେବ ନାହିଁ । ଆଚ୍ଛା, ଦେଖେଁ ବନମାଳୀ ରହିବ କି ନ ରହିବ ! ଏହି ସମୟରେ ଲକ୍ଷ୍ମୀଧର ଭାଇ ଶ୍ରୀଶ୍ରୀ ଠାକୁରଙ୍କ ଭାବଭଙ୍ଗ କରିଦେଇ କହିଲେ, ଜଣେ ଜ୍ୟୋତିଷୀ କହିଛନ୍ତି ଯେ, ''ବନମାଳୀ ଭାଇ ଆଉ ଚାରିବରଷ ବଞ୍ଚିବେ ।'' ଠାକୁର ଏକଥା ଶୁଣି କହିଲେ, ''କାହିଁ ସେ ଜ୍ୟୋତିଷୀଙ୍କୁ ଡାକିଆଣ ତ ? ମୁଁ ଦେଖିବି କିପରି ସେ ଜ୍ୟୋତିଷୀ ! ସେ କହନ୍ତୁ ମୁଁ କେବେ ମରିବି ?''

ଶ୍ରୀରାଧା ଓ ଯୋଗମାୟା—

ବନମାଳୀ ଭାଇ—ଠାକୁର ! ଯେ ଏହି ଦଲିଲ ସମ୍ପାଦନ କରି ଦେଉଛନ୍ତି ତାଙ୍କର ନାମ ବଙ୍କିମ ବାବୁ, ସେ ଗୌଡ଼ୀୟ ସଂପ୍ରଦାୟର ଜଣେ ଭକ୍ତ, ତାଙ୍କ ସହିତ ଆଲୋଚନାରୁ ଜାଣିଲି ଯେ ତାଙ୍କ ମତରେ ଶ୍ରୀକୃଷ୍ଣ ଯାହା ଇଚ୍ଛା କରନ୍ତି ଯୋଗମାୟା ତାହା ପୂରଣ କରିଦିଅନ୍ତି । ସେ ଯୋଗମାୟା କିଏ ? ରାଧା ଓ ଯୋଗମାୟା ଭିତରେ ପ୍ରଭେଦ କ'ଣ ?

ଶ୍ରୀଶ୍ରୀ ଠାକୁର—ନା, ସେ ଠିକ୍ କହି ନାହାନ୍ତି । ରାଧା କୃଷ୍ଣ ଯେଉଁ ଜଗତର ଲୋକ ସେଠାରେ ମାୟାର ଅଧିକାର ନାହିଁ । ମର୍ତ୍ତ୍ୟରେ କେବଳ ମାୟାର ଅଧିକାର । ଯେତେବେଳେ ସେ ଲୀଳାକରିବାକୁ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିଲେ ସେତେବେଳେ ସେ ଯାହା ଇଚ୍ଛା କରନ୍ତି ଯୋଗମାୟା ତାହା ପୂରଣ କରି ଦିଅନ୍ତି । କାରଣ ମର୍ତ୍ତ୍ୟଲୋକରେ ଭାବରାଜ୍ୟରେ ପଶି ଯଦି ଭାବ ଆସ୍ୱାଦନ କରିବାକୁ ହୁଏ, ତେବେ ମହାମାୟାଙ୍କ ବିନା ସାହାଯ୍ୟରେ ତାହା ଅସମ୍ଭବ । ତେଣୁ ଶ୍ରୀକୃଷ୍ଣ ଯୋଗମାୟାଙ୍କ ସାହାଯ୍ୟ ଲୋଡ଼ିଥିଲେ । ଏହି ଯୋଗମାୟା ସୃଷ୍ଟି ସ୍ଥିତି ଲୟ କାରିଣୀ, ଭୁକ୍ତି ମୁକ୍ତି ପ୍ରଦାୟିନୀ । ଏ ଦେବୀ ପ୍ରସନ୍ନା ହେଲେ ଭୋଗ ଓ ମୋକ୍ଷ ଉଭୟ ଦେଇପାରନ୍ତି । ଚଣ୍ଡୀରେ ଏହି ଦେବୀଙ୍କ ବିଷୟ ବର୍ଣ୍ଣିତ ହୋଇଅଛି ।

ସୁରଥ ଓ ସମାଧି ଦୁଇ ଜଣ ମାଆଙ୍କର ସାଧନା କରିଥିଲେ । ଜଣେ ମୁକ୍ତି ପାଇଲେ, ଆଉଜଣେ ମନୁଷ୍ୟ ହୋଇ ଜନ୍ମ ହେଲେ । ଏହି ଯୋଗମାୟା ଦ୍ୱାର ନ ଛାଡ଼ିଲେ ଭାବରାଜ୍ୟରେ ପ୍ରବେଶ ଅସମ୍ଭବ । ତେଣୁ ପ୍ରଥମରୁ ମାୟାକୁ ଜୟ କରିବାକୁ ହେବ । କେତେକ ବୈଷ୍ଣବ ଏହା ନ ବୁଝି ପ୍ରଥମରୁ ରାଧା ରାଧା ବୋଲି ପାଗଳ ହୋଇପଡ଼ନ୍ତି । କିନ୍ତୁ ଏଣେ ମାୟା ନାକଫୋଡ଼ା ବଳଦଙ୍କ ପରି ସେମାନଙ୍କୁ ବୁଲାଇ ମାରୁଥାଏ । ଆହୁରି ମଧ୍ୟ ସେମାନେ ଶକ୍ତିର ନିନ୍ଦା କରିଥାନ୍ତି । ଏକଥା ବୁଝନ୍ତି ନାହିଁ ଯେ ଶ୍ରୀକୃଷ୍ଣଙ୍କୁ ପାଇବାପାଇଁ ଶ୍ରୀରାଧାଙ୍କୁ ମଧ୍ୟ ମହାମାୟାଙ୍କ ଆରାଧନା କରିବାକୁ ପଡ଼ିଥିଲା ।

ଭଗବାନଙ୍କର ଅନନ୍ତ ଶକ୍ତି । ତନ୍ମଧ୍ୟରୁ ମାୟାଶକ୍ତି ଓ ଚିତ୍‌ଶକ୍ତି ପ୍ରଧାନ । ମାୟାଶକ୍ତି ସୃଷ୍ଟି ସ୍ଥିତି ଲୟକାରିଣୀ, ଜଗତ୍‌କର୍ତ୍ତ୍ରୀ । ସେ ଦ୍ୱାର ଛାଡ଼ି ନ ଦେଲେ ବା ତାଙ୍କର କୃପା ବ୍ୟତୀତ ମନୁଷ୍ୟ ମୁକ୍ତିଲାଭ କରିପାରେ ନାହିଁ । ଏ ଜଗତରେ ତାଙ୍କରିହିଁ ଏକମାତ୍ର ଅଧିକାର । ତେଣୁ ତାଙ୍କରି ଆରାଧନା ପ୍ରଥମ କର୍ତ୍ତବ୍ୟ । ମାୟା ପୁଣି ଚାରି ପ୍ରକାର (୧) ଯୋଗମାୟା (୨) ମହାମାୟା (୩) ମାୟା

(୪) ଅବିଦ୍ୟା । ଅବିଦ୍ୟାଯୁକ୍ତ ବ୍ରହ୍ମ ହେଉଛନ୍ତି ଜୀବ । ଅର୍ଥାତ୍ ଜୀବ ଅବିଦ୍ୟା ଦ୍ୱାରା ଆଚ୍ଛନ୍ନ ହୋଇ ଭଗବାନଙ୍କଠାରୁ ପୃଥକ ହୋଇଯାଇଛି । ମାୟାଯୁକ୍ତ ବ୍ରହ୍ମ ହେଉଛନ୍ତି ବ୍ରହ୍ମାଣ୍ଡପତି ବିଷ୍ଣୁ । ଅର୍ଥାତ୍ ବ୍ରହ୍ମାଣ୍ଡପତି ବିଷ୍ଣୁ ମାୟାଦ୍ୱାରା ଆଚ୍ଛନ୍ନ । ମହାମାୟାଯୁକ୍ତ ବ୍ରହ୍ମ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡପତି । ଅର୍ଥାତ୍ ବିଶ୍ୱବ୍ରହ୍ମାଣ୍ଡପତି ମହାମାୟାଙ୍କ ଦ୍ୱାରା ଆଚ୍ଛନ୍ନ । ଯୋଗମାୟାଯୁକ୍ତ ବ୍ରହ୍ମ ହେଉଛନ୍ତି ଭଗବାନ । ଅର୍ଥାତ୍ ଭଗବାନଙ୍କୁ ଯେ ଆଚ୍ଛନ୍ନ କରିଛନ୍ତି ସେ ଯୋଗମାୟା । ତପରେ ଚିତ୍‌ଶକ୍ତି । ଚିତ୍‌ଶକ୍ତି ପୁଣି ତିନିଭାଗରେ ବିଭକ୍ତ—ସତ୍, ଚିତ୍ ଓ ଆନନ୍ଦ । ସତ୍‌ରୁ ସମ୍ବିତ୍, ଚିତ୍‌ଶକ୍ତିରୁ ସନ୍ଧନୀ ଓ ଆନନ୍ଦରୁ ହ୍ଲାଦିନୀ ଶକ୍ତି ଉଦ୍ଭବ ହୋଇଛନ୍ତି । ଏହି ହ୍ଲାଦିନୀ ଶକ୍ତିଙ୍କୁ ରାଧା କୁହାଯାଏ । ଶ୍ରୀରାଧା ଶକ୍ତିଙ୍କର ଖୁବ୍ ସୂକ୍ଷ୍ମ ତତ୍ତ୍ୱ । ତେଣୁ ଯୋଗମାୟା ଓ ରାଧା ଏକ ନୁହନ୍ତି ।

ଶ୍ରୀକୃଷ୍ଣଙ୍କ ଜୀବନରେ ମଧ୍ୟ ଅଭାବ ଥିଲା । ସେ ରାଧାଙ୍କର ଭାବ ବୁଝିପାରି ନ ଥିଲେ । ତେଣୁ ତାଙ୍କୁ ଗୌରାଙ୍ଗ ଅବତାର ହେବାକୁ ପଡ଼ିଥିଲା । ଏହି ହିସାବରେ ଶ୍ରୀ ଗୌରାଙ୍ଗଦେବଙ୍କ ଜୀବନ ପୂର୍ଣ୍ଣଜୀବନ ।

ଆଧୁନିକ ବୈଷ୍ଣବମାନେ ରାଧାଭାବ ଆୟତ୍ତ କରିବାକୁ ନ ଯାଇ ଏକାବେଳକେ ରାଧା ପ୍ରେମରେ ବିଭୋର । ଅନେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ଯୁକ୍ତିତର୍କ ମାନନ୍ତି ନାହିଁ । ତର୍କ କରିବାକୁ ଗଲେ ତାର୍କିକ ବୋଲି କହନ୍ତି । 'ଷଟ୍‌ସନ୍ଦର୍ଭ' ବୋଲି ଜୀବ ଗୋସ୍ୱାମୀଙ୍କର ଖଣ୍ଡିଏ ଗ୍ରନ୍ଥ ଅଛି । ସେଥିରେ ଏହିସବୁ ତତ୍ତ୍ୱ ଆଲୋଚନା କରାଯାଇଛି । ଚୈତନ୍ୟଦେବଙ୍କ ସମୟରେ ଯେଉଁମାନେ ବଡ଼ ଭକ୍ତ ବୋଲି ପରିଚିତ, ସେମାନେ ସମସ୍ତେ ତତ୍ତ୍ୱଜ୍ଞ ।

ଭକ୍ତିର ପରାକାଷ୍ଠାର ନାମ ଭାବ । ରାଧା ମହାଭାବସ୍ୱରୂପିଣୀ । ରାଧାଭାବ ଠାରୁ ଗୋପୀଭାବ ଶ୍ରେଷ୍ଠ । ଏ ଭାବ ଶ୍ରେଷ୍ଠତମ ଭାବ । ଚୈତନ୍ୟଦେବ ଏହି ଭାବର ପ୍ରଚାରକର୍ତ୍ତା । ଗୋପୀମାନେ ଦ୍ରଷ୍ଟା, ନିର୍ଗୁଣ । ଗୋପୀମାନେ ରାଧାକୃଷ୍ଣଙ୍କୁ ମିଳନ କରାଇ ସେମାନଙ୍କ ଆନନ୍ଦରେ ଆନନ୍ଦିତା । ଏହା ବୈଦାନ୍ତିକ ସାକ୍ଷୀଭାବ । ''ବ୍ରହ୍ମ ସାକ୍ଷୀଚେତା, କେବଳ ନିର୍ଗୁଣଶ୍ଚ'' ଗୋପୀମାନେ ସେହିପରି ସାକ୍ଷୀ ଓ ନିର୍ଗୁଣ ଏବଂ ଲୀଳାର ଦ୍ରଷ୍ଟା ମାତ୍ର । ତେଣୁ କଥିତ ଅଛି—

ଆର ଏକ ଅଦ୍ଭୁତ ଗୋପୀ ଭାବେର ସ୍ୱଭାବ
ବୁଦ୍ଧିର ଗୋଚର ନହେ ଯାହାର ପ୍ରଭାବ ।

ଅନ୍ନଦା—ଠାକୁର, ଆମେମାନେ କି ଭାବରେ ଚଳିଲେ ମୁକ୍ତିପଥରେ ଅଗ୍ରସର ହୋଇପାରିବୁ ?

ଶ୍ରୀଶ୍ରୀ ଠାକୁର—ପ୍ରଥମେ ସାଧୁସଙ୍ଗ, ପରେ କର୍ତ୍ତବ୍ୟନିର୍ଦ୍ଧାରଣ, ତା ପରେ ଭଗବାନଙ୍କଠାରେ ଆତ୍ମ-ସମର୍ପଣ ।

ଶ୍ରୀଶ୍ରୀ ଠାକୁରଙ୍କ ଐଶ୍ୱର୍ଯ୍ୟ—

ଶିଷ୍ୟ—ଠାକୁର ଆପଣ ପୂର୍ବରୁ କହିଲେ, ମାୟାର ଏ ରାଜ୍ୟରେ ଅଧିକାର । ତାକୁ ଜୟ ନ କଲେ ମାୟା ତ ବାଧା ଦେବ ?

ଶ୍ରୀଶ୍ରୀ ଠାକୁର—ନା, ନା, ଭଗବତ୍ ଭକ୍ତଙ୍କୁ ମାୟା କିଛି କରି ପାରିବ ନାହିଁ, ବରଂ ସାହାଯ୍ୟ କରିବ । ମାୟା ନିଜେ ଭଗବାନଙ୍କ ଭକ୍ତ । ସେ ମାଆ ପରି କୋଳ କରି ନେଇ ଭଗବାନଙ୍କ ନିକଟରେ ପହଞ୍ଚାଇ ଦିଅନ୍ତି । ଏ ଜଗତ୍ ଉପରେ ତାଙ୍କରି ଏକମାତ୍ର ଅଧିକାର ହେଲେ ମଧ୍ୟ ସେ ଭଗବତ୍ ଭକ୍ତମାନଙ୍କୁ ବାଧା ନ ଦେଇ ସେମାନଙ୍କର ପଥ ପରିଷ୍କାର କରି ଦିଅନ୍ତି । ଧର ମୋ ଐଶ୍ୱର୍ଯ୍ୟର କଥା । ମୋ ସମ୍ବନ୍ଧରେ ନାନା ଲୋକ ନାନା ଐଶ୍ୱର୍ଯ୍ୟର କଥା କହନ୍ତି । କିନ୍ତୁ ମୁଁ ନିଜେ ସେସବୁ କିଛି ଜାଣେ ନାହିଁ ।

ଯୋଗେଶ୍ୱର ଗାଙ୍ଗୁଲିର ସ୍ତ୍ରୀ ବାତ ବ୍ୟାଧିରେ ପୀଡ଼ିତ ଥିଲା ଓ ରୋଗ ଆରୋଗ୍ୟର ଆଶା ତ୍ୟାଗ କରିଥିଲା । ପକ୍ଷାଘାତହେତୁ ସେ ଉଠି ବସି ପାରୁ ନ ଥିଲା । ଦିନେ ହଠାତ୍ ଦେଖାଗଲା ଯେ ତା ଶରୀର ପୀଡ଼ା ଓ ଦରଜ ସବୁ କମି ଯାଇଛି ଓ ସେ ଦ୍ୱାର ଖୋଲି ଆସି ବାହାରେ ବସିଛି । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଏହା କିପରି ହେଲା ପଚାରିବାରୁ ସେ କହିଲା, "ଗତ ରାତ୍ରିରେ ଠାକୁର ମୋ ଦେହରେ ହାତ ବୁଲାଇ ଦେଇ କହିଲେ—"ମା, ତୋତେ ଭାରି କଷ୍ଟ ହେଉଛି, ତୋ ଯୋଗୁ ମଧ୍ୟ ଯୋଗେଶ୍ୱର ଖୁବ୍ କଷ୍ଟ ଭୋଗୁଛି ।" ତା ପରେ ମୋର ନିଦ୍ରା ଭାଙ୍ଗିଗଲା । ଦେଖେ ତ ମୁଁ ସଂପୂର୍ଣ୍ଣ ସୁସ୍ଥ ।"

ଆଉ ଜଣଙ୍କର ବସନ୍ତରେ ଦେହ ପଚି ଯାଇଥିଲା । ଦିନେ ସକାଳୁ ଦେଖାଗଲା ଯେ ସେ ସଂପୂର୍ଣ୍ଣ ସୁସ୍ଥ । କିପରି ଏହା ହେଲା ପଚାରିବାରୁ ସେ କହିଲା—"ଠାକୁର ମୋ ଦେହରେ ହାତ ବୁଲାଇ ରୋଗ ଆରୋଗ୍ୟ କରିଦେଲେ ।" କିନ୍ତୁ ମୋତେ ଏସବୁ କିଛି ଜଣା ନାହିଁ ।

ନୃପ ଭାଇ—ଠାକୁର, ଆପଣ କ'ଣ ଏସବୁ କିଛି ଜାଣନ୍ତି ନାହିଁ ?

ଶ୍ରୀଶ୍ରୀ ଠାକୁର—(ହସି ହସି) ଶକ୍ତି ଗୋଟିଏ । ଶକ୍ତି ଓ ଶକ୍ତିମାନ ଅଭେଦ । ଅଭେଦ ହେଲେ ମଧ୍ୟ ଶକ୍ତି ଦ୍ୱାରା ସମସ୍ତ କାର୍ଯ୍ୟ ସାଧିତ ହୁଏ । ଧର, ମହାଦେବ; ସେ ନିଜେ ଗଞ୍ଜାଇଖାଇ ଭୋଳ, ପାଗଳ, ମାତ୍ର ତାଙ୍କର ଶକ୍ତି ସବୁ କାମ କରେ ।

ଶକ୍ତିମାନଙ୍କୁ ଆଶ୍ରୟ କରି ଶକ୍ତିର ବିକାଶ ହୁଏ । ତେଣୁ ଶକ୍ତିଙ୍କୁ ଶିବଙ୍କ ଉପରେ ଛିଡ଼ା କରାଯାଇଛି । ତତ୍ତ୍ୱତଃ ଉଭୟେ ଏକ । ବୁଝାଇବା ପାଇଁ ଭିନ୍ନ ଭିନ୍ନ କରି ଦେଖାଇ ଦିଆଯାଇଅଛି ମାତ୍ର । ଯେପରି ପୃଥିବୀ ଗୋଲ, ତାହା ପିଲାଙ୍କୁ ବୁଝାଇବା ପାଇଁ ଦୁଇଫାଳ କରି ଦିଆଯାଇଥାଏ, ସେହିପରି ଶକ୍ତିଙ୍କୁ ବୁଝାଇବାକୁ ଯାଇ ଶିବ ଓ ଶକ୍ତିଙ୍କର ବିଭେଦ କରାଯାଇଅଛି, ଅନ୍ୟଥା ଉଭୟ ଏକ ।

ଗୁରୁଦେବଙ୍କ ଶକ୍ତି ବ୍ୟଷ୍ଟିଗତ । କିନ୍ତୁ ଭଗବାନଙ୍କ ଶକ୍ତି ସମଷ୍ଟିଗତ । ଗୁରୁଦେବ ଇଚ୍ଛା କଲେ ମୁହୂର୍ତ୍ତକରେ କେବଳ ତାଙ୍କର ଅନୁଗତ ଶିଷ୍ୟ ଭକ୍ତମାନଙ୍କୁ ଉନ୍ନତ କରାଇ ଦେଇପାରନ୍ତି; ମାତ୍ର ଭଗବାନ ଇଚ୍ଛା କଲେ ଏକ ମୁହୂର୍ତ୍ତରେ ସମଗ୍ର ପୁରୀ ସହରର ଲୋକଙ୍କୁ ଉନ୍ନତ କରାଇ ଦେଇପାରିବେ । ଗୁରୁଙ୍କଠାରେ ଏପରି ଶକ୍ତି ଥିଲେ ମଧ୍ୟ ସେ ତାଙ୍କର ଭକ୍ତମାନଙ୍କ ବ୍ୟତୀତ ଅନ୍ୟ ଉପରେ ତାହା ପ୍ରୟୋଗ କରନ୍ତି ନାହିଁ । ତେଣୁ ଗୁରୁ ତାଙ୍କ ଭକ୍ତମାନଙ୍କର ଭଗବାନ; ଗୁରୁ ହିଁ କେବଳ ମୁକ୍ତିଦାତା । ମୁକ୍ତି ଦେବାର କ୍ଷମତା ଗୁରୁଙ୍କ ବ୍ୟତୀତ ଭଗବାନଙ୍କଠାରେ ନାହିଁ । ଭଗବାନ ସୁଖ ସମୃଦ୍ଧି ଦେଇପାରନ୍ତି; କିନ୍ତୁ ମୁକ୍ତି ଦେବାର କ୍ଷମତା ତାଙ୍କର ନାହିଁ । ଏକମାତ୍ର ସଦ୍‌ଗୁରୁ ଭୁକ୍ତି ଓ ମୁକ୍ତି ଉଭୟ ଦେଇପାରୁଥିବାରୁ ସେ ଭଗବାନଙ୍କଠାରୁ ମଧ୍ୟ ବଡ଼ ।

୧୩-୧୦-୩୫ ତାରିଖ—ରବିବାର

କିଛିଦିନ ହେଲା ଗଞ୍ଜାମ ଜିଲ୍ଲାର ଜଣେ ଭକ୍ତ ହନୁମାନ ସାଧନା ଉଦ୍ଦେଶ୍ୟରେ ଆସିଥାନ୍ତି । ସେହି ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଆଲୋଚନା ହୋଇଥିଲା ।

ହନୁମାନ ସାଧନା—

ମୁଁ—ଠାକୁର ! କେହି ହନୁମାନଙ୍କୁ ଇଷ୍ଟଦେବ ସ୍ୱରୂପରେ ପାଇବାକୁ ଇଚ୍ଛା କଲେ ତାହାର କେଉଁ ପଥ ଶ୍ରେୟ ଓ ସେଥିର ସାଧନ ପ୍ରଣାଳୀ କିପରି ?

ଶ୍ରୀଶ୍ରୀ ଠାକୁର—ହନୁମାନଙ୍କୁ ପାଇବାକୁ ଦୁଇଗୋଟି ପଥ ଅଛି । ପ୍ରଥମଟି ହେଉଛି ଭକ୍ତ ଭାବରେ, ଅର୍ଥାତ୍ ଭକ୍ତକୁ ଧରି ଭଗବାନଙ୍କ ନିକଟକୁ ଯିବା । ଦ୍ୱିତୀୟରେ ଆଉ ଏକ ପ୍ରକାର ହନୁମାନ ସାଧନା ଅଛି । ତାହାର ସାଧନ ପ୍ରଣାଳୀ ମୁଁ ମୋର ‘‘ତାନ୍ତ୍ରିକଗୁରୁ’’ରେ ପ୍ରକାଶ କରିଛି । ସେ ସାଧନା ଏକା ରାତ୍ରରେ ଶେଷ ହୁଏ ଓ ଗୋଟିଏ ରାତ୍ରିରେ ସିଦ୍ଧମନୋରଥ ହେବାକୁ ପଡ଼େ । ଉକ୍ତ ସାଧନାରେ ସାଧକ ଇଚ୍ଛାକଲେ ଭାରତର ସମ୍ରାଟ ହୋଇପାରେ । କିନ୍ତୁ ଏହା ପୂର୍ବରୁ ସାଧକଙ୍କର ବହୁ ବିଘ୍ନ ଉପସ୍ଥିତ ହୁଏ ।

ଜଣେ ଲୋକ ଗୋଟିଏ ପର୍ବତ ଉପରେ ବସି ହନୁମାନ ସାଧନା କରୁଥିଲା । ତାହାର ସେଦିନ ମନ୍ତ୍ରସିଦ୍ଧି ହେବାର କଥା । ହନୁମାନ ଆସିବା ପୂର୍ବରୁ ସେ ଦେଖିଲା, ସମସ୍ତ ପାହାଡ଼ ତୋଫାନରେ ଉଡ଼ିଲା ପରି ଜଣାପଡୁଛି ଓ ଗଛପତ୍ର ସବୁ ତା ଉପରେ ଶୋଇ ପଡ଼ିଛି । ସେ ଆଗରୁ ଜାଣିଥିଲା, ହନୁମାନ ଆସିବା ପୂର୍ବରୁ ଏହିପରି ଶବ୍ଦ ହୁଏ; ତଥାପି ସେ ଉଠି ଦଉଡ଼ି ପଳାଇଲା ।

ମୋର ଜଣେ ଗୁରୁଭାଇ ‘ଜୟନ୍ତୀ’ ନାମରେ ଗୋଟିଏ ସାଧନା କରୁଥିଲେ । ସେ ଜାଣିଥିଲେ ଯେ, ଏସବୁ କାମ୍ୟ କର୍ମରେ ଗୁରୁଦେବ ଅନୁମତି ଦେବେ ନାହିଁ । ନିଜେ ନିଜେ କ୍ରିୟାଦି ଶିକ୍ଷା କରି ଗୋଟିଏ ନିର୍ଜ୍ଜନ ପ୍ରାନ୍ତରରେ ବସି ସେ ଜପ କରିବାକୁ ଲାଗିଲା । ଦେବୀଙ୍କ ଆଗମନ ପୂର୍ବରୁ ନାନା ପ୍ରକାର ବିଘ୍ନ ଉପସ୍ଥିତ ହେଲା । ବ୍ୟାଘ୍ର, ଭଲ୍ଲୁକ, ସର୍ପ ଓ ନାନା ବିକଟାଳ ମୂର୍ତ୍ତି ସବୁ ତାଙ୍କୁ ଭୟ ଦେଖାଇବାକୁ ଲାଗିଲେ । ସେ ମନେକଲେ—ଏସବୁ ମାୟା, ସାଧନାରେ ବିଘ୍ନ କରିବାକୁ ଆସିଛନ୍ତି । ଏହା ଭାବି ସେ ଭୟ ନକରି ଜପରେ ମଗ୍ନ ରହିଲେ ।

କିଛି ସମୟ ପରେ ଦେଖିଲେ, କେତେଜଣ ଲୋକ ଆସି ସେ ପଡ଼ିଆରେ ବହୁତ ଖନ୍ଦା ଖୋଳିବାକୁ ଆରମ୍ଭ କରୁଛନ୍ତି । ସାଧକ ଭାବିଲେ, ଏତେ ଲୋକ ଏଠାକୁ କିପରି ଆସିଲେ ? ଏହିପରି ମନେ କରୁ କରୁ ଲୋକମାନେ ଖନ୍ଦା କାମ

ଶେଷକରି ଚାଲିଗଲେ । ତା ପରେ ଚାରି ପାଞ୍ଚଜଣ ଲୋକ ଶଗଡ଼ରେ ପାକସାମଗ୍ରୀ ସବୁ ଆଣି ଥୋଇଦେଇ ଚାଲିଗଲେ । ଏହା ଦେଖି ସାଧକ ମନେକଲେ ସମ୍ଭବତଃ ଏଠାରେ ଗୋଟିଏ ମହୋତ୍ସବ ହେବ; ବହୁଲୋକ ଭୋଜନ କରିବେ । ଏହାପରେ ଚାରି ପାଞ୍ଚଜଣ ପାଚକ ଆସି ପାକ କଲେ ଓ ଅଳ୍ପ ସମୟ ଭିତରେ ପାକ ଶେଷକରି ଥୋଇଦେଇ ଚାଲିଗଲେ । ତାହାର କିଛି ସମୟ ପରେ ଜଣେ ଅତି କ୍ଷୀଣକାୟ ବ୍ରାହ୍ମଣ ଆସି ଉକ୍ତ ରନ୍ଧା ଜିନିଷ ସବୁ ଖାଇବାକୁ ଆରମ୍ଭ କଲା । ଏହା ଦେଖି ସାଧକଙ୍କ ମନରେ ବଡ଼ କଷ୍ଟଜାତ ହେଲା । ସେ ଭାବିଲେ, ଦେଖ, ଏତେ ଲୋକଙ୍କ ଖାଦ୍ୟ ଏ ଲୋକ ଏକାକୀ ଉଚ୍ଛିଷ୍ଟ କରିଦେଉଛି ? ଏହିପରି ଭାବୁ ଭାବୁ ଦେଖିଲେ ଉକ୍ତ ଲୋକ ଅଳ୍ପ ସମୟ ମଧ୍ୟରେ ଦୁଇଶହ ଲୋକଙ୍କ ଆହାରକୁ ଖାଇ ସାରିଲାଣି । ସେ ଆଶ୍ଚର୍ଯ୍ୟ ହୋଇଗଲେ । ଟିକିଏ ଭୟ ମଧ୍ୟ ଆସିଲା, କାରଣ ସେ ବୁଝିଲେ ଯେ ଏ ଜଣେ ସାମାନ୍ୟ ବ୍ରାହ୍ମଣ ନୁହଁନ୍ତି । ଦେଖୁ ଦେଖୁ ଉକ୍ତ ବ୍ରାହ୍ମଣ ଭାତହାଣ୍ଡି ସବୁ ଖାଇ ପତ୍ରଯାକ ଖାଇବାକୁ ଆରମ୍ଭ କଲା । ଅଳ୍ପକ୍ଷଣ ମଧ୍ୟରେ ପତ୍ରରେ ତୃପ୍ତ ନ ହୋଇ ହାଣ୍ଡିର ଖପରା ପ୍ରଭୃତି ଖାଇବାକୁ ଲାଗିଲା । ଏଥି ମଧ୍ୟରେ ସାଧକଙ୍କର ଜପ ଭ୍ରମ ହୋଇ ଯାଇଥିଲା । ସାଧକ ମନେକଲେ— ଏ ସାମାନ୍ୟ ଜଣେ ଲୋକ ଦୁଇଶହ ଲୋକଙ୍କର ଅନ୍ନ ଖାଇ ପୁଣି ହାଣ୍ଡି ଖାଇଲାଣି । ଏହାପରେ ମୋତେ ଖାଇବାକୁ ହାତ ବଢ଼ାଇବ ନା କ'ଣ ? ଏହା ଭାବିବା ମାତ୍ରେ ସେ ଦେଖିଲେ, ସେ ବ୍ରାହ୍ମଣ ସାଧକଙ୍କୁ ଖାଇବାକୁ ହାତ ବଢ଼ାଉଛି । ଏଥିପୂର୍ବରୁ ସାଧକ ଭୟ କରିଥିଲେ । ଏ ଅବସ୍ଥାକୁ ସତ୍ୟ ମନେକରି ଆସନ ତ୍ୟାଗକରି ପଳାୟନ କଲେ । ଆସନ ତ୍ୟାଗ କଲାକ୍ଷଣି ଦେଖିଲେ, ସବୁ ମାୟା । ସେତେବେଳକୁ ଜପ ବିଘ୍ନ ହୋଇସାରିଲାଣି । ତେଣୁ ଅଳ୍ପଦିନ ଭିତରେ ସେ ପାଗଳ ହୋଇଗଲେ ।

ଧନିଷ୍ଠା ସାଧନ—

ମୋର ତାନ୍ତ୍ରିକ ଶିଷ୍ୟ (ଅର୍ଥାତ୍ ଯେଉଁମାନେ ତନ୍ତ୍ରର ସ୍ଥୁଳ କ୍ରିୟାଦି କରନ୍ତି) ମାତ୍ର ଦୁଇଜଣ । ବସ୍ତରର ରାଜା ଓ ସବ୍‌ଜଜ୍ ଅଶ୍ୱିନୀବାବୁ । କୌତୂହଳୀର ବଶବର୍ତ୍ତୀ ହୋଇ ଥରେ ଅଶ୍ୱିନୀ ଧନିଷ୍ଠା ସାଧନ ଆରମ୍ଭ କଲା । କିନ୍ତୁ ମୋତେ ସେ ବିଷୟରେ କିଛି ଜଣାଇଲା ନାହିଁ । ଧନିଷ୍ଠା ସାଧନରେ ଖୁବ୍ ଧନ ମିଳେ ।

ଧନ ଲୋଭରେ ସେ ଧନିଷ୍ଠା ସାଧନ ଆରମ୍ଭ କରିଦେଲା । କିନ୍ତୁ ଗୁରୁଙ୍କର ଅନୁମତି ନ ଥିବାରୁ ଅଳ୍ପଦିନ ମଧ୍ୟରେ ସାଧନବିଘ୍ନ ଉପସ୍ଥିତ ହେଲା । ସେ ଇଷ୍ଟମନ୍ତ୍ର ଜପ କଲାବେଳେ ଗୋଟିଏ ଛାୟାମୂର୍ତ୍ତି ଦେଖାଗଲା ଓ ସେ ଛାୟାମୂର୍ତ୍ତି ଦେଖି ଭୟଭୀତ ହେବାକୁ ଲାଗିଲା । ଏହିପରି କିଛିଦିନ ଅତୀତ ହେଲାପରେ ଦିନେ ମୋତେ ସେ ଏ ବିଷୟ ଜଣାଇ ପତ୍ର ଦେଲା; ମାତ୍ର ଧନିଷ୍ଠା ସାଧନ କରୁଥିବା କଥା କହିଲା ନାହିଁ । ଉତ୍ତରରେ ମୁଁ ଲେଖିଲି, ''ତୋର ଭୟର କାରଣ କିଛି ନହିଁ । କାରଣ ତୁ ସଦ୍‌ଗୁରୁଙ୍କ ଶିଷ୍ୟ । ତୋର ଅନିଷ୍ଟ କଦାପି ହେ ପାରିବ ନାହିଁ । ତୋର ତ କିଛି ଅସତ୍ ଉଦ୍ଦେଶ୍ୟ ନାହିଁ ଯେ ଇଷ୍ଟପଥରେ ବାଧା ଉପସ୍ଥିତ ହେବ ! ଭୂତ ପ୍ରେତମାନେ ମଧ୍ୟ ସଦ୍‌ଗୁରୁଙ୍କ ଶିଷ୍ୟର କୌଣସି ଅନିଷ୍ଟ ସାଧନ କରିବାକୁ ସମର୍ଥ ନୁହନ୍ତି । ସୁତରାଂ ନିର୍ଭର ରହ ।'' ଏ ପତ୍ର ପାଇ ସେ ଧନପ୍ରାପ୍ତି ଆଶାରେ ଧନିଷ୍ଠା ସାଧନ କରିବା ବିଷୟ ଉଲ୍ଲେଖ କରି ମୋତେ ପତ୍ର ଦେଲା । ମୁଁ ବିରକ୍ତ ହୋଇ ଲେଖିଲି, ''ତୁ ମାସରେ ବାରଶହ ଟଙ୍କା ବେତନ ପାଇ ମଧ୍ୟ ଧନଲୋଭ ତ୍ୟାଗ କରିପାରିଲୁ ନାହିଁ ?'' ସେ ମୋର ଏତିକି କଥାରେ ଲଜ୍ଜିତ ହୋଇ ଉକ୍ତ ଧନିଷ୍ଠା ସାଧନ ତ୍ୟାଗ କଲା । ମୁଁ ଗୋଟିଏ ପ୍ରକ୍ରିୟା କରି ତାହାର ସେ ଭୟ ଦୂର କରିଦେଲି ।

ତାନ୍ତ୍ରିକ ସାଧନାରେ ଅଧିକାର—

ତାନ୍ତ୍ରିକ ସାଧନା ସମସ୍ତେ ଭଲ ଉଦ୍ଦେଶ୍ୟ ନେଇ କରିଥାଆନ୍ତି । ସୁଶିକ୍ଷାର ଅଭାବ ହେତୁରୁ ସାଧକଙ୍କର ଯଦି ମତିଗତି ବଦଳି ଯାଇ ଭିନ୍ନ ଆକାର ଧାରଣ କରେ, ତେବେ ଜଗତର ବହୁତ ଅନିଷ୍ଟ ସାଧିତ ହୁଏ । ତେଣୁ ବହୁ ପରୀକ୍ଷା କରି ଉପଯୁକ୍ତ ସତ୍ ବ୍ୟକ୍ତିକୁ ଏ ବିଷୟରେ ସାଧନ କରିବାକୁ ଅନୁମତି ଦିଆଯାଇଥାଏ । କଳାପାହାଡ଼ ଶକ୍ତିଲାଭ କରିବା ନିମିତ୍ତ ସାଧନା କରିବାକୁ ଯିବାବେଳେ ତାହାର ଉଦ୍ଦେଶ୍ୟ ଥିଲା 'ଗୋବ୍ରାହ୍ମଣ ରକ୍ଷା ।' କିନ୍ତୁ ଅଷ୍ଟନାୟିକା ସାଧନ କରିବା ପରେ ସାମାନ୍ୟ କାରଣ ବଶରୁ ତାହାର ମତିଗତି ବଦଳି ଯାଇ ସେ କିପରି ଗୋ-ବ୍ରାହ୍ମଣ ରକ୍ଷା କଲା, ସମସ୍ତେ ଅବଗତ ଅଛ ।

ତେଣୁ ତାନ୍ତ୍ରିକ ସିଦ୍ଧି ପ୍ରାରବ୍ଧ ଉପରେ ନିର୍ଭର କରେ । ପ୍ରାରବ୍ଧରେ ନଥିଲେ କିଛି ହୋଇପାରେ ନାହିଁ । ଏ ସମ୍ବନ୍ଧରେ ଅନେକ ଗଳ୍ପ ଅଛି ।

ଜଣେ ବ୍ରାହ୍ମଣ ବାଟରେ ଯାଉ ଯାଉ ନଦୀକୂଳରେ ସାତଗୋଟି ମୋହରପୂର୍ଣ୍ଣ ଘଡ଼ି ଦେଖିଆସି ତାହାର ସ୍ତ୍ରୀକୁ କହିଲା, ଆଜି ଯାଉ ଯାଉ ନଦୀକୂଳରେ ସାତଗୋଟି ମୋହରପୂର୍ଣ୍ଣ ଘଡ଼ି ଥୁଆ ହୋଇଥିବାର ଦେଖିଲି । ସ୍ତ୍ରୀ କହିଲା, ଦେଖିଲ ଯଦି ଆଣିଲ ନାହିଁ କାହିଁକି ? ସ୍ୱାମୀ କହିଲା, ସେ ମୋହର ଯଦି ଆମର ହୋଇଥିବ ତେବେ ଭଗବାନ ଆମ ଛପର ଫାଡ଼ି ତାହା ଆମକୁ ଦେବେ । ମୁଁ ଆଣନ୍ତି କାହିଁକି ? ରାତିରେ ଏହିପରି କଥୋପକଥନ ହେଉଥିବା ସମୟରେ କେତେକ ଚୋର ଚୋରି କରିବାକୁ ଯାଉଥିଲେ । ସେମାନେ ଘରଭିତରୁ ସ୍ୱାମୀ ସ୍ତ୍ରୀଙ୍କ କଥା ଶୁଣିପାରି ଉକ୍ତ ନଦୀକୂଳରେ ଉପସ୍ଥିତ ହେଲେ । ଦେଖିଲେ ସତକୁ ସତ ସାତୋଟି ମାଠିଆ ଥୁଆ ହୋଇଛି । ମାଠିଆଗୁଡ଼ିକ ଭିତରେ ମୋହର ଓ ମୁହଁରେ ବିରୁଡ଼ି ରଖା ଯାଇଥାଏ । ଚୋରମାନେ ମୋହର ପାଇଁ ମାଠିଆ ମୁହଁରେ ହାତ ଦେବାମାତ୍ରେ ପ୍ରଥମେ ବିରୁଡ଼ିମାନେ ବାହାରି ସମସ୍ତଙ୍କୁ ମାଇଲେ । ଚୋରମାନେ ଭାବିଲେ ବ୍ରାହ୍ମଣ ତ ଆମକୁ ଆଚ୍ଛା ଠକିଲା ! ଏହା ଭାବି ବ୍ରାହ୍ମଣକୁ ଶାସ୍ତି ଦେବା ମାନସରେ ମାଠିଆ ମୁହଁ ବନ୍ଦକରି ନେଇଗଲେ । ବ୍ରାହ୍ମଣ ଶୋଇଥିବା ଘର ଚାଳ ଉପରେ ଚଢ଼ି ଚାଳ କଣାକରି ବିରୁଡ଼ି ଅଛନ୍ତି ଭାବି ସେହି ମୋହରପୂର୍ଣ୍ଣ ମାଠିଆଗୁଡ଼ିକ ପକାଇ ଦେଲେ । ସେତେବେଳକୁ ବିରୁଡ଼ିମାନେ ଉଡ଼ିଯାଇଥିଲେ, ମାଠିଆଗୁଡ଼ିକରେ କେବଳ ମୋହର ଅବଶିଷ୍ଟ ରହିଥିଲା । ଚାଳ ଉପରୁ କ'ଣ ପଡୁଥିବାର ଶୁଣି ବ୍ରାହ୍ମଣ ବ୍ରାହ୍ମଣୀ ଉଭୟଙ୍କର ନିଦ ଭାଜିଗଲା । ବ୍ରାହ୍ମଣୀ କହିଲା "ଏ କ'ଣ ?" ବ୍ରାହ୍ମଣ ହସି ହସି ଉତ୍ତର ଦେଲା, "ଭଗବାନ ପରା ଛପର ଫାଡ଼ି ଦେଉଛନ୍ତି !"

ଆଉ ଜଣେ ଦରିଦ୍ର ବ୍ରାହ୍ମଣ ଧନ ପାଇବା ପାଇଁ ମହାଦେବଙ୍କୁ ଆରାଧନା କରୁଥିଲା । ବହୁଦିନ ମହାଦେବଙ୍କୁ ଆରାଧନା କଲାପରେ ମଧ୍ୟ ତାର ଧନଲାଭ ନ ହେବାରୁ ଦିନେ ପାର୍ବତୀ ମହାଦେବଙ୍କୁ କହିଲେ, "ୟାକୁ କିଛି ଧନ ଦିଅ ।" ମହାଦେବ କହିଲେ, "ଏହାର ପ୍ରାରବ୍ଧରେ ଧନଲାଭ ନାହିଁ; ମୁଁ ବା କରିବି କ'ଣ ? ତଥାପି ତୁମେ ଯେତେବେଳେ କହୁଛ, କିଛି ଧନ ୟାକୁ ଦେଇ ଦେଖିବା ୟା ପ୍ରାରବ୍ଧରେ କ'ଣ ଅଛି !" ପରେ ମହାଦେବ ଗୋଟିଏ ସୁନାଥାଳିରେ କିଛି ମୋହର ଭର୍ତ୍ତିକରି ବ୍ରାହ୍ମଣ ଚାଲିଯାଉଥିବା ବାଟରେ ରଖିଦେଲେ । ସେହି ବାଟ ଦେଇ ଚାଲି ଆସୁ ଆସୁ ବ୍ରାହ୍ମଣ ଭାବିଲା—ଆଚ୍ଛା, ଅନ୍ଧଲୋକ ସବୁ କିପରି ବାଟ ଚାଲନ୍ତି ପରୀକ୍ଷା କରିବି । ଏହିପରି ଭାବି ଆଖିବୁଜି ଚାଲିଲା, ତେଣୁ ସୁନାଥାଳି

ଦେଖିପାରିଲା ନାହିଁ । ହର-ପାର୍ବତୀ ପ୍ରାରବ୍ଧର ଶକ୍ତି ଦେଖି ଆଶ୍ଚର୍ଯ୍ୟ ହୋଇ ଫେରିଗଲେ ।

ଉପରର ଗଳ୍ପଗୁଡ଼ିକ କହିସାରି ଶ୍ରୀଶ୍ରୀ ଠାକୁର କହିଲେ—

"ମୁଁ ପରୀକ୍ଷା କଲାପରେ ତାକୁ ହନୁମାନ ସାଧନ କରିବାକୁ ଅନୁମତି ଦେବି । ସେ ଶକ୍ତି ପାଇଲେ ଯଦି ଦେଶ ଓ ଦଶର ଉପକାରରେ ଲଗାଇ ପାରିବ ତେବେ ମୋର ଆପତ୍ତି କରିବାର କିଛି ରହିବ ନାହିଁ ।"

ଏହା କହି ଶ୍ରୀଶ୍ରୀ ଠାକୁର ଉଠିଗଲେ ।

●

ବିଦାୟ ବାଣୀ

ଶ୍ରୀଶ୍ରୀ ଠାକୁର ଏଥର ପୁରୀ ଆସିବାଦିନଠାରୁ ପ୍ରାୟ ପ୍ରତ୍ୟହ ଆମେମାନେ ତାଙ୍କୁ ରିକ୍‌ସାରେ ବସାଇ ସମୁଦ୍ରକୂଳକୁ ବୁଲାଇବାକୁ ନେଉ । ବୁଲିଯିବାବେଳେ ପ୍ରତ୍ୟହ ଶ୍ରୀଶ୍ରୀ ଠାକୁର ପୁରୀର ବିଭିନ୍ନ ଗଳିକନ୍ଦି ବାଟଦେଇ ଯାଇ ଶେଷର ସମୁଦ୍ରକୂଳରେ ବସି ଧ୍ୟାନସ୍ଥ ହୁଅନ୍ତି । ପୁନରାୟ ସନ୍ଧ୍ୟା ସମୟରେ ଆମେମାନେ ତାଙ୍କୁ ରିକ୍‌ସାରେ ଆଣି ନୀଳାଚଳ କୁଟୀରରେ ଛାଡ଼ିଦେଇ ଯାଉ । ଶ୍ରୀଶ୍ରୀ ଠାକୁର ଫେରିଆସି ସାମାନ୍ୟ ଫଳମୂଳ ଭୋଜନ କରନ୍ତି । ତା'ପରେ ଆମେମାନେ ପ୍ରସାଦ ଗ୍ରହଣ କରୁ ଓ ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗ ଆଲୋଚନା କରି କରି ଘରକୁ ଫେରିଯାଉ । ଗୋଟିଏ ଫୁଲବଗିଚା ଠିକ୍ କରାହୋଇଥାଏ । ଏକାଦଶୀ ଭାଇ ଓ ବନମାଳୀ ଭଞ୍ଜ ନାମକ ଅନ୍ୟ ଜଣେ ଭକ୍ତ ପ୍ରତିଦିନ ସେହି ବଗିଚାରୁ ମାଳତୀ ଚମ୍ପା ପ୍ରଭୃତି ଫୁଲ ତୋଳି ମାଳ ଗୁନ୍ଥି ସନ୍ଧ୍ୟାବେଳକୁ ସମୁଦ୍ରକୂଳକୁ ଆଣନ୍ତି । ଶ୍ରୀଶ୍ରୀ ଠାକୁର କୁଟୀରକୁ ଫେରିଲା ବେଳେ ତାଙ୍କୁ ଏ ମାଳ ଦିଆଯାଏ । ଯେତେବେଳେ ଶ୍ରୀଶ୍ରୀ ଠାକୁର ରିକ୍‌ସାରେ ଯାଉଥାନ୍ତି, ସେତେବେଳେ ଆମେମାନେ ପାଖରେ ଥାଉ ଏବଂ ନାନା ପ୍ରସଙ୍ଗର ଆଲୋଚନା ହୁଏ । ଶ୍ରୀଶ୍ରୀ ଠାକୁର ପ୍ରାଣଖୋଲା ଭାବରେ, ଆମମାନଙ୍କ ସହିତ ମିଶି ଗଳ୍ପ କରନ୍ତି ଓ ଖୁବ୍ ଆମୋଦ ପ୍ରମୋଦ ହୁଏ । ବିଶେଷକରି ଦେହରକ୍ଷା ପରେ ଆମମାନଙ୍କର କ'ଣ କର୍ତ୍ତବ୍ୟ ସେ ସମ୍ବନ୍ଧରେ ବରାବର ଉପଦେଶ ଦେଉଥାନ୍ତି ।

ଏହାପରେ ଆଶ୍ୱିନ ମାସ ଆସିଗଲା । ଦେବୀ ପୂଜା ସମୟରେ ଶ୍ରୀଶ୍ରୀ ଠାକୁର ପୁରୀର ପ୍ରତ୍ୟେକ ସାହିରେ ଥିବା ଦେବୀମୂର୍ତ୍ତି ଦେଖିବାକୁ ଇଚ୍ଛା କଲେ । ଆମମାନଙ୍କ ସଙ୍ଗରେ ଯାଇ ସବୁ ସାହିର ଛୋଟ ବଡ଼ ଦେବୀ ମୂର୍ତ୍ତିମାନ ଦେଖିଲେ । ବନମାଳୀ ଭାଇ ତାଙ୍କ ଘରେ ଅଷ୍ଟମୀ ପୂଜା କରିବାକୁ ଗ୍ରାମକୁ ଯାଇଥାଆନ୍ତି । ମହାଷ୍ଟମୀଦିନ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ପୂଜା କରିବାକୁ କହିବାରୁ ବନମାଳୀ ଆସିଲେ ଦଶହରା ଦିନ ପୂଜା ହେବ ବୋଲି ସେ କହିଲେ ।

ମହାଷ୍ଟମୀ ଦିନ କ୍ଷୀରୋଦ ଭାଇଙ୍କ ସ୍ତ୍ରୀ ଇଚ୍ଛାମଣି ମା'ଙ୍କର ଏବଂ ଓଡ଼ିଶାର ଅନ୍ୟ କେତେକ ଭକ୍ତଙ୍କର ଦୀକ୍ଷା ହୋଇଥିଲା ।

ଦଶହରା ଦିନ ଶ୍ରୀଶ୍ରୀ ଠାକୁର ଶ୍ରୀମନ୍ଦିର ଆଗରେ ଦେବୀ ମିଳନ ଦେଖିଥିଲେ ।

ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ରଙ୍କ ସୌଜନ୍ୟରୁ ଆମେମାନେ ଏଥିମଧ୍ୟରେ ଦିନେ ମଟରରେ ଶ୍ରୀଶ୍ରୀ ଠାକୁରଙ୍କୁ ସାକ୍ଷୀଗୋପାଳ ନେଇଥିଲୁ ।

ସେଠାରେ ମନ୍ଦିର ଓ ନାରିକେଳ, ତମାଳ, ଛୁରିଅନା, ବକୁଳ ପ୍ରଭୃତି ବୃକ୍ଷରାଜିର ସବୁଜିମା ଦର୍ଶନ କରି ଶ୍ରୀଶ୍ରୀ ଠାକୁର ଅତିଶୟ ପ୍ରୀତ ହୋଇ ଫେରିଥିଲେ ।

ଶ୍ୟାମାପୂଜା ଦିନ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କ ସକାଳବେଳା ପୂଜା ଓ ସନ୍ଧ୍ୟାବେଳେ ଆରତି କରିଥିଲୁ । ଶୁକଦେବ ସେନ, ଅନ୍ନଦା ଓ ମନୁ କୁଟୀରକୁ ଦୀପ, ମହମବତୀ ଓ ରଙ୍ଗୀନ୍ କାଗଜ ପ୍ରଭୃତିରେ ସଜାଇ ଥିଲେ । ବନମାଳୀ ଭାଇ ଆରତି କରିଥିଲେ । ଶ୍ରୀଶ୍ରୀ ଠାକୁର ଅନ୍ୟାନ୍ୟ ରେକର୍ଡ ସହ ଗୋଟିଏ ଓଡ଼ିଆ ଗୀତର ରେକର୍ଡ଼ ଶୁଣିଥିଲେ । ଶ୍ରୀଶ୍ରୀ ଠାକୁରଙ୍କୁ ସ୍ଥୁଳ ଭାବରେ ପୂଜା କରିବା ଆମର ଏହା ହେଉଛି ଶେଷଥର । ପୂଜା ଶେଷରେ ଶ୍ରୀଶ୍ରୀ ଠାକୁର କହିଲେ, "ଆଜି ମୋ ଦେହ କାହିଁକି ଭଲ ଲାଗୁନାହିଁ ।"

ଏହା କହି କିଛିକ୍ଷଣ ପରେ ଉଠି ଭିତରକୁ ଚାଲିଗଲେ ।

ଏହା ଭିତରେ ଦିନେ ଶ୍ରୀଶ୍ରୀ ଠାକୁର ରିକ୍ସାରେ ଯାଉଛନ୍ତି—ବାଟରେ ମନୁ ପଚାରିଲା, "ବାବା ! ଜଗନ୍ନାଥ କ'ଣ ଦାରୁବ୍ରହ୍ମ ?"

ଶ୍ରୀଶ୍ରୀ ଠାକୁର—ହଁ, ଜଗନ୍ନାଥ ଦାରୁବ୍ରହ୍ମ । ଆମେ ଯେଉଁ ରିକ୍ସାରେ ଯାଉଛୁ ସେଇଟା କି ବ୍ରହ୍ମ କହିପାରିବୁ ? ଏହା ରଥବ୍ରହ୍ମ । ଆମକୁ ଯେଉଁ ଅନ୍ନଦା ଟାଣୁଛି ସେ କି ବ୍ରହ୍ମ ? ସାରଥି ବ୍ରହ୍ମ । ଆଚ୍ଛା କହିଲୁ, ଗୁରୁ କି ବ୍ରହ୍ମ ? ଗୁରୁ ହେଉଛନ୍ତି ପରମବ୍ରହ୍ମ ।

୫-୧୧-୩୫ ତାରିଖ—ମଙ୍ଗଳବାର

ଆଜି ଶ୍ରୀଶ୍ରୀ ଠାକୁର ବଡ଼ଦାଣ୍ଡ ଦେଇ ଇନ୍ଦ୍ରଦ୍ୟୁମ୍ନ ସରୋବର ପର୍ଯ୍ୟନ୍ତ ଗଲେ । ବାଟରେ କହିଲେ—ଦେଖ, ବାହାରକୁ ଆସିଲେ ମୋ ମନ ବେଶ୍ ପ୍ରଫୁଲ୍ଲ ରହୁଛି; କିନ୍ତୁ ଘରଭିତରକୁ ଯିବାକ୍ଷଣି ମନ କାହିଁକି ସମାହିତ ହୋଇଯାଉଛି ।

ରାତ୍ରିରେ ନିଦ୍ରା ହେଉନାହିଁ । ସେଥିପାଇଁ ଡାକ୍ତର ଅଣାଇଥିଲି । ଡାକ୍ତର ମତଦେଲେ ଯେ ମୋ ଦେହରେ କୌଣସି ରୋଗ ନାହିଁ । ମାତ୍ର ମୋ ହୃଦୟ କାହିଁକି ଦୁର୍ବଳ ଲାଗୁଛି; ତେଣୁ ତାଙ୍କ କଥାରେ ମୋ ମନ ମାନିଲା ନାହିଁ । ଏଇଟା ମୋର ମୃତ୍ୟୁର ଲକ୍ଷଣ ।

କିଛିକ୍ଷଣ ନୀରବ ରହି ପୁଣି କହିଲେ—"ହୃଦ୍‌ଯନ୍ତ୍ର କ୍ରିୟା ରହିତ ହୋଇ ମରିବାଟା ଖୁବ୍ ସୁଖର କଥା । ଏଭଳି ମୃତ୍ୟୁ ପୁଣ୍ୟାତ୍ମା ସାଧୁ ମହାପୁରୁଷଙ୍କ ପକ୍ଷରେ ଖୁବ୍ ଭଲ । କିନ୍ତୁ ସାଧାରଣଙ୍କ ପକ୍ଷରେ ଭଲ ନୁହେଁ । ଭୁବନ ବ୍ରହ୍ମଚାରୀଙ୍କ ପିତାଙ୍କର ଏହିପରି ଅବସ୍ଥା ହୋଇଥିଲା । ମୁଁ ଦିନେ ତାଙ୍କ ଘରଠାରେ ଭୁବନକୁ କହିଲି, "ଭୁବନ ! ତୋର ପିତା ଆଉ ବଞ୍ଚିବେ ନାହିଁ । ସେ ଏକଥା ପରିବାରର ସମସ୍ତଙ୍କୁ କହିଦେବାରୁ ସମସ୍ତେ ଆସି ମୋତେ କହିଲେ, "ଠାକୁର ! ଆପଣ ଥାଉ ଥାଉ ବାବା ଚାଲିଯିବା ଭଲ ।" ମୁଁ କହିଲି, "ନା, ମୁଁ ଏଠାରେ ଥିଲେ ତାହାର ମୃତ୍ୟୁ ହେବ ନାହିଁ ।" ତା'ପରେ ମୁଁ ତାଙ୍କଘରୁ ଚାଲିଆସିବାର ଅଳ୍ପଦିନ ପରେ ଖବର ପାଇଲି ଯେ, ସେ ମରିଯାଇଛନ୍ତି । ଏହି ପ୍ରକାର ମୃତ୍ୟୁ—ଜ୍ଞାନପୂର୍ବକ ମୃତ୍ୟୁ ।

ମୋ ଭିତରର ଅବସ୍ଥା ମଧ୍ୟ ସେହି ଭୁବନର ବାପାଙ୍କ ଅବସ୍ଥା ପରି ଅନୁଭୂତ ହେଉଛି । ଏ ଅବସ୍ଥା ଯଦି ଅଳ୍ପଦିନ ଭିତରେ ଭଲ ହୋଇ ନ ଯାଏ, ତେବେ ମୋତେ ବାଧ୍ୟହୋଇ ଦେହତ୍ୟାଗ କରିବାକୁ ହେବ । ମୋ ଭିତରେ ସର୍ବଦା ଏକ ପ୍ରକାର ସ୍ପନ୍ଦନ ହେଉଛି, ଏହି ଅବସ୍ଥାଟା ମୋର ମୃତ୍ୟୁର ଲକ୍ଷଣ ।

ହୁଏତ ମୁଁ ପାଞ୍ଚ ଛଅମାସ ଭିତରେ ଦେହ ରକ୍ଷା କରିବି । ଏହା ଦେହଗତ ଧର୍ମ । ଯେତେବେଳେ ମରିବି ବୋଲି ଜାଣିପାରିବି ସେତେବେଳେ ଖୁବ୍ ଶାନ୍ତିବୋଧ ହେବ । ଠିକ୍ ଏହି ପ୍ରକାର ଅବସ୍ଥା ମୋର ବସନ୍ତ ସମୟରେ ହୋଇଥିଲା । ସେତେବେଳେ ଲୀଳାର ମାଆ ମୋର ବହୁତ ସେବାଶୁଶ୍ରୂଷା କରିଛି । ତାରି ପରାମର୍ଶରେ ଫଣୀବାବୁ ଓ ପ୍ରଜ୍ଞାନନ୍ଦ ସ୍ୱାମୀ ସେ ସମୟରେ ମୋର ସେବା କରୁଥିଲେ । ମୁଁ ସମାଧିସ୍ଥ ହୋଇଯାଉଥାଏ । କିନ୍ତୁ ଲୀଳାର ମାଆ ମୋତେ ଉଠାଇଦିଏ । ସେତେବେଳେ ତା'ର କିପରି ଗୋଟିଏ ପ୍ରବଳ ଇଚ୍ଛାଶକ୍ତି ଜାଗ୍ରତ

ହୋଇଉଠେ । ସେ ବାରମ୍ବାର କହେ, 'ଆମେ ଠାକୁରଙ୍କୁ ଚାହୁଁ, ତାଙ୍କୁ ରହିବାକୁ ହେବ ।'

ତା'ର ଏହି ପ୍ରବଳ ଇଚ୍ଛାଶକ୍ତି ପ୍ରଭାବରେ ମୋର ସମାଧି ଭଗ୍ନ ହୋଇଯାଏ । ମୁଁ ଆଜି ଧ୍ୟାନସ୍ଥ ହୋଇ ଦେଖିଲି, ମୃତ୍ୟୁର ଦୁଇ ଦ୍ୱାର ବର୍ତ୍ତମାନ ବନ୍ଦ ଅଛି ।

ଆଜି ପୁରୀର ଆସିଷ୍ଟାଣ୍ଟ୍ ସର୍ଜନ ଠାକୁରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିଲେ । ରକ୍ତଚାପ ୧୪୦ ଡିଗ୍ରୀ ହେଲା । ତାହା ଷାଠିଏ ବର୍ଷ ବୟସ୍କଙ୍କ ପକ୍ଷରେ କିଛି ନୁହେଁ ବୋଲି ଡାକ୍ତର ମତଦେଲେ । ହୃଦଯନ୍ତ୍ରରେ କିଛି ଦୋଷ ନାହିଁ, ଚେହେରା ଖୁବ୍ ଆନନ୍ଦମୟ ବୋଲି କହି ଡାକ୍ତର ଚାଲିଗଲେ; କିନ୍ତୁ ଠାକୁରଙ୍କ ମନ ଏଥିରେ ମାନିଲା ନାହିଁ ।

ସେହିଦିନ ଉପରବେଳା ରିକ୍‌ସା ସଙ୍ଗରେ ଯିବାବେଳେ ଶ୍ରୀଶ୍ରୀ ଠାକୁର ଆମକୁ କହିଲେ, "ଦୁର୍ଗାଚରଣ, ନୃପାଳ ! ତୁମେମାନେ ମୋ ରିକ୍‌ସା ସାଙ୍ଗରେ ଆସିବାକୁ କ'ଣ କଷ୍ଟବୋଧ କରୁଛ ? ତୁମେମାନେ ସଙ୍ଗରେ ଥିଲେ ମୋତେ ଖୁବ୍ ଆନନ୍ଦ ଲାଗେ । ଯେଉଁଦିନ ନ ଆସ ମୁଁ ବରାବର ପଚାରୁଥାଏ ।" ପରେ ନିଜ ଦେହକୁ ଲକ୍ଷ୍ୟକରି କହିଲେ, "ଦେଖ, ମୋ ଭିତରେ ଯେଉଁ ଅବସ୍ଥା ହେଉଛି, ଏଥିରେ ମୋର ମୃତ୍ୟୁ ହୋଇପାରେ, ଅଥବା ମୁଁ ନୂତନ ବଳ ଓ ଉତ୍ସାହ ନେଇ ପୁଣି ଜଗତରେ ଅନ୍ୟଭାବରେ କାର୍ଯ୍ୟ କରିବି ।"

ଏହା ଶୁଣି ଆମେମାନେ ପଚାରିଲୁ, "ଠାକୁର ! ଆପଣ ଯଦି ଚାଲିଯିବେ, ଆମେମାନେ କେଉଁଆଡ଼କୁ ଯିବୁ ? କ'ଣ କରିବୁ ?" ଏହାର ଉତ୍ତରରେ ଶ୍ରୀଶ୍ରୀ ଠାକୁର କହିଲେ, "କାହିକି, ମୁଁ ଯେଉଁଠାରେ ରହିବି, ତୁମେମାନେ ମଧ୍ୟ ସେହିଠାରେ ରହିବ । ଏହିପରି ଆଲୋଚନା କରୁ କରୁ ଆମେମାନେ ଠାକୁରଙ୍କ ଭ୍ରମଣ ଶେଷ କରାଇ କୁଟୀରରେ ଛାଡ଼ିଦେଇ ପ୍ରଣାମ କରି ବିଦାୟ ନେଲୁ । ଏପରି ସୁସ୍ପଷ୍ଟ ଭାବରେ ଶ୍ରୀଶ୍ରୀ ଠାକୁର ଦେହରକ୍ଷା କରିବା କଥା କହୁଥିଲେ ମଧ୍ୟ ଆମ ସ୍ଥୂଳଚକ୍ଷୁ ସମ୍ମୁଖରୁ ସେ ଏତେଶୀଘ୍ର ଚାଲିଯିବେ ବୋଲି ବିଶ୍ୱାସ କରିପାରି ନଥିଲୁ ।

୬-୧୧-୩୫ ତାରିଖ—ବୁଧବାର

ଆଜି ଶ୍ରୀଶ୍ରୀ ଠାକୁର ରିକ୍‌ସାରେ ଶଙ୍କରାଚାର୍ଯ୍ୟ ମଠଦେଇ ହରଚଣ୍ଡୀସାହିକୁ ଗଲେ । ସେଠାରୁ ବି.ଏନ୍.ଆର୍. ହୋଟେଲ ପର୍ଯ୍ୟନ୍ତ ଯାଇ ଫେରିଆସିବାବେଳେ

କହିଲେ, 'ବର୍ତ୍ତମାନ ମୋ ମନ କାହିଁକି ବେଶ୍ ପ୍ରଫୁଲ୍ଲ ଲାଗୁଛି । ମନ ଆନନ୍ଦରେ ଭାସୁଛି । ଘର ଭିତରେ ସ୍ଥିର ହୋଇ ବସିବାକ୍ଷଣି କାହିଁକି ଦୁର୍ବଳ ବୋଧ ହେଉଛି । ଆଜି ଖାଇବା ସମୟରେ ଖାଇପାରିଲି ନାହିଁ । ଭିତରକୁ ଭାତ ଗଲାନାହିଁ । ଏହା ଶୁଣି ନୃପଭାଇ କଟକର ଗିରିଧାରୀ ଜଗତୀ ବାବୁଙ୍କ ଜଳଚିକିତ୍ସା କଥା କହିବାରୁ ଠାକୁର ତାଙ୍କୁ ଡକାଇ ଚିକିତ୍ସା କରିବା ପାଇଁ ରାଜି ହେଲେ । ପରେ ଆମମାନଙ୍କୁ ଲକ୍ଷ୍ୟକରି କହିଲେ—''ଦେଖ, ମୁଁ ବିଦେହୀ ହେବାପରେ ତୁମେମାନେ ମୋତେ ଭଲ ଭାବରେ ଉପଲବ୍ଧି କରିପାରିବ । ମୁଁ ଯେଉଁ ଶକ୍ତି ନେଇ ଜଗତକୁ ଆସିଥିଲି, ମୋର ସ୍ଥୂଳଦେହ ସେ ଶକ୍ତି ଧାରଣର ଉପଯୋଗୀ ହେଲା ନହିଁ । ମୁଁ ଯେଉଁ ଦେହ ଦ୍ୱାରା ଦିନକେ ୪୭ ମାଇଲ ବାଟ ଚାଲୁଥିଲି, ଆଜି ମୋର ସେହି ଦେହରେ ମାଇଲିଏ ବାଟ ମଧ୍ୟ ଚାଲିପାରୁ ନାହିଁ । ମୁଁ ଦିନରାତି ଅବିଶ୍ରାନ୍ତ ଭାବରେ ଲୋକଙ୍କୁ ଉପଦେଶ ଦେଉଥିଲି । ଆଜି ଜଣେ କାହାକୁ କିଛି କହିବାକୁ ଗଲେ ଶ୍ୱାସରୁଦ୍ଧ ହୋଇଆସୁଛି । ମୁଁ ଏ ଯେଉଁ ଦେହଦ୍ୱାରା କାହାରି କିଛି ସେବା କରିପାରୁ ନାହିଁ, ସେ ଦେହ ରଖି ଲାଭ କ'ଣ ? ମୁଁ ଏଥର ସମାଧିସ୍ଥ ହୋଇ ଦେହତ୍ୟାଗ କରିବି କିମ୍ବା ନୂତନ ବଳ ଓ ଉତ୍ସାହ ନେଇ ଫେରିଆସି ଜଗତରେ ଅନ୍ୟ ଭାବରେ କାର୍ଯ୍ୟ କରିବି । ମୋ ଭିତରେ ଯେଉଁ ଶକ୍ତି କେନ୍ଦ୍ରୀଭୂତ ହୋଇଅଛି, ମୋ ସ୍ଥୂଳଦେହ ରକ୍ଷା ପରେ ମୋର ସେହି ଶକ୍ତି ଶିଷ୍ୟ ଭକ୍ତମାନଙ୍କ ଭିତରେ ସଞ୍ଚାରିତ ହୋଇଯିବ ।

ଯେଉଁମାନେ ମୋର ଭକ୍ତଭାବରେ ଜୀବନ କଟାଇବେ ସେମାନେ ଗୋଟିଏ ଜନ୍ମରେ ମୁକ୍ତି ପାଇବେ । ଅନ୍ୟ ଯେଉଁମାନେ ମୋ ପ୍ରଦତ୍ତ ସାଧନ କରୁଛନ୍ତି ଅଥଚ ମୋତେ ଚାହାନ୍ତି ନାହିଁ, ସେମାନେ ପୁନରାୟ ଜନ୍ମଗ୍ରହଣ କରି ଅନ୍ୟ ସଦ୍‌ଗୁରୁ ଲାଭ କରିବେ; ମୋତେ ପାଇବେ ନାହିଁ । ଯେଉଁମାନେ ମୋର ବିରୁଦ୍ଧାଚରଣ କରିବେ, ସେମାନେ ମଧ୍ୟ ତିନିଜନ୍ମରେ ମୁକ୍ତିଲାଭ କରିବେ ।

ଆମେମାନେ ପଚାରିଲୁ, ''ଠାକୁର ! ଆପଣ ଚାଲିଗଲା ପରେ ଆମେମାନେ କ'ଣ ଆପଣଙ୍କୁ ଦେଖିପାରିବୁ ?''

ଶ୍ରୀଶ୍ରୀ ଠାକୁର—ହଁ, ତୁମମାନଙ୍କର କିଛି ଚିନ୍ତା ନାହିଁ । ତୁମେମାନେ ଏହି ଭାବରେ ମୋତେ ଦେଖିପାରିବ; ଏହି ଚେହେରାରେ ମଧ୍ୟ ଦେଖିପାରିବ ।

ଯେତେବେଳେ ତୁମର କିଛି କାର୍ଯ୍ୟ ନଥିବ, ସେତେବେଳେ 'ଜୟଗୁରୁ' 'ଜୟଗୁରୁ' ବୋଲି ଜପ କରିବ । ତା ହେଲେ କିଛିଦିନ ପରେ ଏହା ଅଭ୍ୟାସରେ ପଡ଼ିଯିବ ଏବଂ ଏପରି ହେବ ଯେ ରାତିରେ ଶୋଇବାବେଳେ ମଧ୍ୟ 'ଜୟଗୁରୁ' ଜପ ଚାଲିବ । ସେତିକିବେଳେ ଦେଖିବ ସେ ନାମର କି ଆଶ୍ଚର୍ଯ୍ୟ ମହିମା ! ମୁଁ ଠିକ୍ ସେତିକିବେଳେ ତୁମମାନଙ୍କ ଭାବନା ଅନୁଯାୟୀ ତୁମ ଅନ୍ତରରେ ପ୍ରକଟିତ ହେବି ।

ନୃପ ଭାଇ—ଠାକୁର ! ଆପଣଙ୍କ ବୟସ ତ ବେଶୀ ହୋଇନାହିଁ, ମୋଟେ ସତାବନ । ଏତେ ଶୀଘ୍ର କାହିଁକି ଦେହରକ୍ଷା କରିବେ ?

ଶ୍ରୀଶ୍ରୀ ଠାକୁର—ମୋର ଏ ଦେହ ଓ ବୟସ ଭିତରେ ୧୦ ବର୍ଷ ତଫାତ୍ ଅଛି । ମୋର ୨୩ ବର୍ଷ ଠାରୁ ୩୩ ବର୍ଷ ପର୍ଯ୍ୟନ୍ତ କୌଣସି ପ୍ରକାର ଶାରୀରିକ କ୍ରିୟା ହୋଇ ନାହିଁ । ନିଶ, ଦାଢ଼ି, ନଖ, ବାଳ ପ୍ରଭୃତି କିଛି ବର୍ଦ୍ଧିତ ହୋଇ ନାହିଁ । ଦେହ ଧର୍ମ ହିସାବ ଅନୁସାରେ ମୋର ବୟସ ୫୭ ହେଲେ ମଧ୍ୟ ପ୍ରକୃତ ବୟସ ୬୭ ବର୍ଷ । ତେଇଶି ବର୍ଷ ଓ ତେତିଶ ବର୍ଷ ଭିତରେ କିଛି କ୍ରିୟା ହୋଇନାହିଁ । ଏସବୁ କଥା କାହା ଆଗରେ ପ୍ରକାଶ କରିବାର ନୁହେଁ । କାହାକୁ ମଧ୍ୟ ଏକଥା କହିବ ନାହିଁ । କହିଲେ ମଧ୍ୟ କେହି ଏକଥା ବିଶ୍ୱାସ କରିବେ ନାହିଁ ।

ଯେଉଁମାନେ ବ୍ରହ୍ମଭାବରେ ମୋତେ ପୂଜା କରିବେ, ତାଙ୍କର ବିଚାରଶକ୍ତି ଥିବା ଆବଶ୍ୟକ । ଯେଉଁମାନେ ଆତ୍ମ-ସ୍ୱରୂପରେ ମୋତେ ପାଇବାକୁ ଚାହାଁନ୍ତି, ସେମାନଙ୍କର ସଂଯମ ଭାବ ଥିବା ଦରକାର । ବ୍ରହ୍ମ ବିଚାର ଦ୍ୱାରା, ଆତ୍ମ-ସଂଯମ ଦ୍ୱାରା, ଭଗବାନ ଭକ୍ତି ଦ୍ୱାରା ଲାଭ ହୁଅନ୍ତି ।

ଯେଉଁମାନେ ମୋତେ ଭଗବାନ ଭାବରେ ପୂଜା କରିବାକୁ ଇଚ୍ଛା କରିବେ, ସେମାନଙ୍କର ଟିକିଏ ଯୋଗସାଧନ ଥିଲେ ଖୁବ୍ ସହଜରେ ମୋତେ ପାଇପାରିବେ ।

ମୋର ଏତେ ମଠ, ଆଶ୍ରମ, ଟଙ୍କା ପଇସା ଅଛି; କିନ୍ତୁ ମୋର କାହା ପ୍ରତି ଆସକ୍ତି ଆସୁ ନାହିଁ । ମୁଁ ଜାଣୁଛି, ମୁଁ ଏକା ଆସିଛି, ଏକା ଚାଲିଯିବି ।

ନୃପଭାଇ—ଠାକୁର ଆପଣ ଯେ କହିଲେ, ଶୀଘ୍ର ଚାଲିଯିବେ ବୋଲି; କିନ୍ତୁ ଆପଣଙ୍କର ତ କର୍ମ ଶେଷ ହୋଇନାହିଁ ? 'ନିଗମସୂତ୍ର' ତ ପ୍ରକାଶ ପାଇନାହିଁ ?

ଶ୍ରୀଶ୍ରୀ ଠାକୁର—ହଁ, 'ନିଗମସୂତ୍ର'ର ଚିତ୍ର ସବୁ ଅଙ୍କନ ସରିଛି, ଲେଖା ହୋଇନାହିଁ । ତାଙ୍କ ଇଚ୍ଛା ହେଲେ ତାହା ପ୍ରକାଶିତ ହେବ ।

ମୁଁ—ଠାକୁର ! ଆପଣ ତ ଦେହତ୍ୟାଗ କରିବେ ବୋଲି କହୁଛନ୍ତି, ଆପଣଙ୍କ ଗୁରୁଭାର କାହାକୁ ଦେଇଯିବେ ?

ଶ୍ରୀଶ୍ରୀ ଠାକୁର—ନା, ମୁଁ ମୋ ଗୁରୁଭାର କାହାକୁ ଦେଇଯିବି ନାହିଁ । ମୁଁ ନିଜେ ଗୁରୁ ହୋଇ ରହିଲି । ଯେଉଁଦିନ ଶୁଦ୍ଧ ଆଧାର ପାଇବି, ସେହି ଦିନ ସେହି ଶୁଦ୍ଧ ଆଧାର ଭିତରେ ମୁଁ ଆବିଷ୍ଟ ହୋଇଯିବି । ମୋର ଭକ୍ତମାନେ ମୋତେ ଏହିପରି ଭାବରେ ଦେଖିପାରିବେ ।

୯-୧୧-୩୫ ତାରିଖ—ଶନିବାର

ସନ୍ଧ୍ୟାବେଳେ ଶ୍ରୀଶ୍ରୀ ଠାକୁର କୁଟୀର ଦୁଆରେ ରିକ୍‌ସା ଉପରେ ବସି ବନମାଳୀ ଭାଇଙ୍କୁ ଦେହତ୍ୟାଗର ସମସ୍ତ ପୂର୍ବାଭାସ ଗୁଡ଼ିକ କହିଲେ । କଲିକତାରୁ ଫଣୀଭାଇ * କାଲି ଆସିବେ ବୋଲି ସେ ସୂଚନା ଦେଇଥିଲେ । ଜଗତୀ ବାବୁ କାଲି ଜଳଚିକିତ୍ସା କରିବାର କଥା ।

୧୦-୧୧-୩୫ ତାରିଖ—ରବିବାର

ଆଜି କାର୍ତ୍ତିକ ପୂର୍ଣ୍ଣିମା । କଲିକତାରୁ ଫଣୀ ଭାଇ ଆସି ପହଞ୍ଚିଲେ । ସକାଳେ ଜଗତୀ ବାବୁଙ୍କ କହିବାମତେ ଜଳଚିକିତ୍ସା କରାଗଲା । ଏହି ଜଗତୀ ବାବୁ ହେଉଛନ୍ତି କଟକର ଜଣେ ଓକିଲ ଶ୍ରୀ ଗିରିଧାରୀ ଜଗତୀ । ଗିରିଧାରୀ ବାବୁ କହିଲେ, ''ଆପଣଙ୍କର ରୋଗ କିଛି ନୁହେଁ, ମୁଁ ଏହା ସୂର୍ଯ୍ୟରଶ୍ମି ସାହାଯ୍ୟରେ ଭଲ କରିଦେବି ।''

ଆଜି କୃଷ୍ଣଗୋପାଳ ମୁଖାର୍ଜୀ ଭାଇ ଆସିଥିଲେ ।

ଶ୍ରୀଶ୍ରୀ ଠାକୁର ଉପରବେଳା ବୁଲି ବାହାରିଲେ । କିଛି ସମୟ ସମୁଦ୍ରକୂଳରେ

---

* ହାଓଡ଼ାର ଶ୍ରୀଶ୍ରୀ ଠାକୁରଙ୍କର ବିଶିଷ୍ଟ ଶିଷ୍ୟ ଓକିଲ ଶ୍ରୀ ଫଣୀ ଭୂଷଣ ମିତ୍ର ।

ବସି ଠାକୁର କୁଟୀରକୁ ଫେରିବା ବେଳେ ବାଟରେ କହିଲେ, ''ଶୁଣ, ମୋର କାହାରି ପ୍ରତି ଆସକ୍ତି ଆସୁ ନାହିଁ । ଏହି ଲୀଳାକୁ ମୁଁ ଏତେ ଶ୍ରଦ୍ଧା କରେ, ତଥାପି ତା ପ୍ରତି ଆସକ୍ତି ଆସୁ ନାହିଁ । ଏହାହିଁ ମୋର ମୃତ୍ୟୁଲକ୍ଷଣ । ମୁଁ ଏ ଦେହ ଧାରଣ କରିବାକୁ କୌଣସି ଅବଲମ୍ବନ ପାଉ ନାହିଁ ।''

୧୧-୧୧-୩୫ ତାରିଖ—ସୋମବାର

ଆଜି ଶ୍ରୀଶ୍ରୀ ଠାକୁର ଚକ୍ରତୀର୍ଥବାଟେ ଯାଇ ନଳଡଙ୍ଗା ରାଜା କୋଠି ପାରହୋଇ ସେହି ପାଖରେ ଥିବା ସହରର ଶେଷ ଘର ପର୍ଯ୍ୟନ୍ତ ଗଲେ । ସେହି ଘର ବାରଣ୍ଡାରେ ଚନ୍ଦ୍ରକିରଣ ପଡ଼ିଥିଲା । ସେଠାରେ ବସିବାକୁ କହିବାରୁ ଆମେମାନେ ଆସନ ପକାଇ ଦେଲୁ । ଶ୍ରୀଶ୍ରୀ ଠାକୁର ସେଠାରେ କିଛିସମୟ ବସିଲେ । ପରେ କୁଟୀରକୁ ଫେରିବାବେଳେ ସମୁଦ୍ରକୂଳରେ ଟିକିଏ ବିଶ୍ରାମ କଲେ । ଫଣୀ ଭାଇ ମଧ୍ୟ ସେଠାରେ ଅପେକ୍ଷା କରିଥିଲେ । ସମସ୍ତେ କିଛିସମୟ ପରେ ସେଠାରୁ କୁଟୀରକୁ ଫେରିଲୁ ।

୧୨-୧୧-୩୫ ତାରିଖ—ମଙ୍ଗଳବାର

ଆଜି ଗିରିଧାରୀ ବାବୁ ରଞ୍ଜନରଶ୍ମି ଚିକିତ୍ସା କଲେ । କିନ୍ତୁ ଫଳ କିଛି ହେଲା ନାହିଁ । ଶ୍ରୀଶ୍ରୀ ଠାକୁର କହିଲେ, ''ତାଙ୍କୁ କହି ଦିଅ, ମୁଁ ତାଙ୍କ ନିୟମରେ ତିନିଦିନ ରହିଲି, କିଛି ଫଳ ହେଲା ନାହିଁ । ବର୍ତ୍ତମାନ ମୁଁ କଲିକତା ଯାଉଛି । ଫେରି ଆସିଲେ ଯାଇ ଆଉ ଚିକିତ୍ସା କରିବି ।''

ତା ପରେ ଶ୍ରୀଶ୍ରୀ ଠାକୁର ବୁଲି ବାହାରିଲେ । ଆମେ ପାଣିକଳ ରାସ୍ତା ଦେଇ ଗଲୁ । ପାଣିକଳର ଇଞ୍ଜିନ୍ ଘର ପାଖରେ ପହଞ୍ଚିବାରୁ ନିଜେ ରିକ୍‌ସାରୁ ଅବତରଣ କରି ଶ୍ରୀଶ୍ରୀ ଠାକୁର କଳଗୁଡ଼ିକ ଦେଖିଆସିଲେ । ପରେ ଫଣୀ ଭାଇ ପ୍ରଭୃତିଙ୍କ ସହ ସମୁଦ୍ର କୂଳରେ କିଛି ସମୟ ବସି କୁଟୀରକୁ ଫେରିଲେ ।

୧୩-୧୧-୩୫ ତାରିଖ—ବୁଧବାର

ଆଜି ସକାଳେ ଆମେମାନେ କୁଟୀରକୁ ଯିବାରୁ ଶ୍ରୀଶ୍ରୀ ଠାକୁର କହିଲେ,

''ମୁଁ ଆଜି କଲିକତା ଯାଉଛି । ତୁମେମାନେ ଶୀଘ୍ର ଆସି ଜିନିଷପତ୍ର ସବୁ ନେଇ ମୋତେ ଷ୍ଟେସନରେ ପହଞ୍ଚାଇ ଦେଇ ଆସିବ ।''

ଉପରବେଳା ଶ୍ରୀଶ୍ରୀ ଠାକୁର ଠିକ୍ ପୂର୍ବପରି ରିକ୍ସାରେ ବୁଲି ବାହାରିଲେ । ବାହାରିଲାବେଳେ ବନମାଳୀ ଭାଇ ପଚାରିଲେ, ''ଠାକୁର ! କିପରି ଅଛନ୍ତି ?

ଶ୍ରୀଶ୍ରୀ ଠାକୁର ଭଲ ନାହିଁ ବୋଲି କହି ଟିକିଏ ହସିଲେ । ପରେ ବନମାଳୀ ଭାଇଙ୍କୁ କହିଲେ, ''ଏହି ନୃପାଳ—ମୋର ଯେତେ ସେବା କରିଛି, ମୁଁ ତାର ଋଣ ପରିଶୋଧ କରିପାରିବି ନାହିଁ ।'' ଏହାପରେ ବନମାଳୀ ଭାଇ ଶ୍ରୀଶ୍ରୀ ଠାକୁରଙ୍କ ଠାରୁ ଶେଷ ବିଦାୟ ନେଇ ଚାଲିଗଲେ ।

ଆଜି ଠାକୁର ରିକ୍ସାରେ ବସି ନୀଳାଚଳ କୁଟୀରରୁ ବାହାରି ଦୋଳମଣ୍ଡପ ସାହି ଦେଇ ପୋଷ୍ଟ ଅଫିସ ପାଖକୁ ଗଲେ । ପୋଷ୍ଟ ଅଫିସ ଘଣ୍ଟାରେ ୬ଟା ୩୫ ମିନିଟ୍ ବାଜିଥିବାର ଦେଖି ଅଦାଲତ ବାଟ ଦେଇ ସିଧା ବି.ଏନ୍.ଆର୍. ହୋଟେଲ ରାସ୍ତାରେ ଗଲେ । ତା'ପରେ ଷ୍ଟେସନ ଦେଇ କଲେରା ହସ୍‌ପିଟାଲ ଓ ବଡ଼ ଶଙ୍ଖ ବାଟେ ଫେରିବାବେଳେ ଶ୍ରୀଶ୍ରୀ ଠାକୁର କହିଲେ, ''ଆଜି ଟିକିଏ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେବ ।'' ମରୀଚିକୋଟ ଗଳିଦେଇ ସିଂହଦ୍ୱାରରେ ପହଞ୍ଚି ରିକ୍ସା ବନ୍ଦ କଲେ ଓ ପତିତପାବନକୁ କିଛି ସମୟ ଚାହିଁ କହିଲେ, ''ଏହି ମୋର ଜଗନ୍ନାଥଙ୍କ ଶେଷ ଦର୍ଶନ ହେଲା ।'' ସେଠାରୁ ନୀଳାଚଳ କୁଟୀରକୁ ଆସି ମୋଟରରେ ବସି ଷ୍ଟେସନକୁ ବାହାରିଗଲେ । ଆମେ ଖାଲିରିକ୍ସା ଟାଣିଟାଣି ଷ୍ଟେସନକୁ ନେଲୁ । ଷ୍ଟେସନରେ ମଟରରୁ ଓହ୍ଲାଇ ଶ୍ରୀଶ୍ରୀ ଠାକୁର ରିକ୍ସାରେ ବସି ପ୍ଲାଟଫର୍ମ ଭିତରକୁ ଗଲେ । ଶ୍ରୀଶ୍ରୀ ଠାକୁରଙ୍କ ସହିତ ସୁରମା, ମନ୍ନୁ, ଭୁପେନଭାଇ, ମାଷ୍ଟର ବାବୁ (ଶୁକଦେବ ସେନ) ଏବଂ ଫଣୀଭାଇ ପ୍ରଭୃତି କଲିକତା ଗଲେ ।

ଏହି ସମୟରେ ଶ୍ରୀଶ୍ରୀ ଠାକୁର ସମ୍ମିଳନୀ ସମ୍ପର୍କରେ କେତେକ କଥା କହିଲେ । କିନ୍ତୁ ସେଥିପ୍ରତି ଆମର ମନ ନଥାଏ । ହଠାତ୍ ଗାଡ଼ିର ହୁଇସିଲ୍ ବାଜିଲା । ଆମ୍ଭେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ଫୁଲମାଳ ପ୍ରଭୃତି ଦେଇ ତାଙ୍କର ଆଶୀର୍ବାଦ ଭିକ୍ଷା କଲୁ । ଶ୍ରୀଶ୍ରୀ ଠାକୁର ଗୋଡ଼ ଲମ୍ବାଇଦେଲେ । ଆମେ ସମସ୍ତେ ପାଦ ଛୁଇଁ ବିଦାୟ ପ୍ରଣାମ କଲୁ । ଶ୍ରୀଶ୍ରୀ ଠାକୁରଙ୍କୁ ବାହାରିଲାବେଳେ ମୁଁ

ପଚାରିଲି—''ଠାକୁର ଫେରିଆସିବେଟିକି ?''

ଶ୍ରୀଶ୍ରୀ ଠାକୁର—(ହସି ହସି) ହଁ, ନିଶ୍ଚୟ ଫେରିବି ।

ମୁଁ—ଠାକୁର ! ସମ୍ମିଳନୀ କେତେଦିନ ଥିବ ଫେରିବେ ?

ଶ୍ରୀଶ୍ରୀ ଠାକୁର—(ହସି ହସି) ସମ୍ମିଳନୀ ସାତଦିନ ଥିବ ଫେରିବି ।

ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ପୁରୀ ଏକ୍‌ସପ୍ରେସ୍ ଟ୍ରେନ୍ ଚାଲିଗଲା । ଆମେମାନେ ଖାଲିରିକ୍‌ସା ଧରି କୁଟୀରକୁ ଫେରିଆସିଲୁ । ଶ୍ରୀଶ୍ରୀ ଠାକୁର ଆମମାନଙ୍କ ପାଇଁ ଯେଉଁ ଅନ୍ନ ପ୍ରସାଦ ରଖିଯାଇଥିଲେ, ତାହା ଅନ୍ନଦା ଭାଇ ଆଣି ଆମମାନଙ୍କୁ ଦେଲେ । ମୁଁ ପ୍ରସାଦ ସେବନ କଲି ଏବଂ କିଛି ବନମାଳୀ ଭାଇଙ୍କ ପାଇଁ ନେଇଆସିଲି । ଶ୍ରୀଶ୍ରୀ ଠାକୁରଙ୍କ ରିକ୍‌ସା ସାଙ୍ଗରେ ଯିବା ଆଜିଠାରୁ ଶେଷ ହେଲା ଓ ସ୍ଥୁଳଭାବରେ ଲୀଳାଖେଳା ମଧ୍ୟ ଶେଷ ହେଲା ।

ସମ୍ମିଳନୀର ଆୟୋଜନରେ ଆମେ ଲାଗିପଡ଼ିଲୁ । ପାରିକୁଦ ରାଜାଙ୍କଠାରୁ ସୁନାର ସିଂହାସନ ଓ ତାମଯାନ ଆଣିବାର ବ୍ୟବସ୍ଥା ହେଲା । ସେହି ବ୍ୟବସ୍ଥା ବୁଝିବା ପାଇଁ ଯାଇଛୁ, ଖବର ପାଇଲୁ ଶ୍ରୀଶ୍ରୀ ଠାକୁର ନଭେମ୍ବର ୨୯ ତାରିଖ ଦିନ ମହାସମାଧି ଲାଭ କରିଛନ୍ତି ।

ତାଙ୍କର ଶେଷ ପ୍ରତିଶ୍ରୁତି ସ୍ଥୁଳଭାବରେ ସଫଳ ହୋଇ ନାହିଁ; ହୋଇଥିଲା ସୂକ୍ଷ୍ମ ଭାବରେ; ଠିକ୍ ସମ୍ମିଳନୀ ସାତଦିନ ଥାଇ । ସେ କଥା ପରେ ବର୍ଣ୍ଣିତ ହୋଇଛି ।

କିଛିଦିନ ପରେ ସୁରମା କୁଟୀରକୁ ଫେରିଆସିଲେ । ତାଙ୍କୁ ଆମମାନଙ୍କ କଥା ଠାକୁର କ'ଣ କହୁଥିଲେ ବୋଲି ପଚାରିଲୁ । ତାଙ୍କଠାରୁ ଶ୍ରୀଶ୍ରୀ ଠାକୁରଙ୍କ ମହାସମାଧିର ବିବରଣ ଶୁଣିବାକୁ ପାଇଲୁ ।

ମାଆଙ୍କ ସହ କଥାବାର୍ତ୍ତାରୁ ଜାଣିଲୁ ଯେ, ଦେହରକ୍ଷାର ଦୁଇ ତିନି ଦିନ ପୂର୍ବରୁ ଜଣେ ଭକ୍ତଙ୍କର ଖଣ୍ଡିଏ ଚିଠି ଆସିଲା କି, ପୁରୀରେ ତ ମଠ ଆଶ୍ରମ କିଛି ନାହିଁ, କିଏ ସମ୍ମିଳନୀ ଡାକିଲା ?

ଶ୍ରୀଶ୍ରୀ ଠାକୁରଙ୍କୁ ଏ ପତ୍ର ପଢ଼ି ଶୁଣାଇଦେବାରେ ଠାକୁର କହିଲେ, ''ତାଙ୍କୁ ଲେଖିଦିଅ—''ସ୍ୱୟଂ କର୍ତ୍ତା ପୁରୀକୁ ସମ୍ମିଳନୀ ଡାକିଛନ୍ତି ।''

ଆଜି ବୁଝୁଛୁ, ତାଙ୍କର ଆଶୀର୍ବାଣୀ ସତ୍ୟ ହୋଇ ଆମ ଜୀବନରେ ଫୁଟି ଉଠିଛି । ଆମର ବର୍ତ୍ତମାନ ଅଶ୍ରୁଜଳହିଁ ଏକମାତ୍ର ସମ୍ବଳ । ଅଶ୍ରୁଜଳ ବ୍ୟତୀତ ତାଙ୍କୁ ଅର୍ଘ୍ୟ ଦେବା ନିମିତ୍ତ ଆମର ଯେ ଅନ୍ୟ କିଛି ନାହିଁ ! ହେ ଭଗବାନ ! ନରଦେହ ଧାରଣ କରି ଯେତେଦିନ ଆମ ସଙ୍ଗରେ ସରଳ ଶିଶୁଟି ପରି ଲୀଳାଖେଳା କରିଥିଲ, ବାଳକସୁଲଭ ଚପଳତା ବଶରୁ ମାୟା ଭ୍ରମ ବଶତଃ କେତେ କ'ଣ ଯେ ଭୁଲ ତ୍ରୁଟି ହୋଇ ନ ଥିବ ! ତୁମର ସ୍ଥୁଳଦେହର ବିଦ୍ୟମାନତାରେ ସେଥିପାଇଁ କେଉଁଦିନ କ୍ଷମାଭିକ୍ଷା କରିନାହୁଁ । ଆଜି ସେ କଥା ମନେପଡ଼ି ଅନୁଶୋଚନା ଆସୁଛି । ହେ ଠାକୁର ! ହେ ହୃଦୟର ଦେବତା !! ହେ ଅନ୍ତରର ଶାନ୍ତିଦାତା !! ହୃଦୟର ଅନ୍ଧକାର ଦୂର କର । କିପରି ଆମେ ତୁମ ପ୍ରଦର୍ଶିତ ପନ୍ଥାରେ ଅଗ୍ରସର ହୋଇପାରିବୁ ସେଥିପାଇଁ ଆଶୀର୍ବାଦ କର ।

ଜୟଗୁରୁ ଜୟଗୁରୁ ଜୟଗୁରୁ

◆◆

ଶ୍ରୀଶ୍ରୀ ଠାକୁରଙ୍କ ଚିଲିକା ବିହାର

ନୀଳାଚଳ ଧାମରେ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁର ଯେଉଁ ଦୀର୍ଘ ବାରବର୍ଷ ଅବସ୍ଥାନ କରିଥିଲେ, ତାହା ଭିତରେ ସେ ଆମମାନଙ୍କ ସହ ୧୯୩୨ ମସିହାରେ ଚିଲିକା ଓ ୧୯୩୫ ମସିହା ଅକ୍ଟୋବର ମାସରେ ସାକ୍ଷୀଗୋପାଳ ଦର୍ଶନ ପାଇଁ ଯାଇଥିଲେ । ଶ୍ରୀଶ୍ରୀ ଠାକୁରଙ୍କର ସାକ୍ଷୀଗୋପାଳ ଦର୍ଶନ ଓ ଚିଲିକାଭ୍ରମଣର ସଂକ୍ଷିପ୍ତ ବିବରଣୀ ଏହି ପୁସ୍ତକରେ ପ୍ରଦତ୍ତ ହୋଇଅଛି । ପରିବ୍ରାଜକ ଅବସ୍ଥାରେ ଶ୍ରୀଶ୍ରୀ ଠାକୁର ବୋଧହୁଏ ଭୁବନେଶ୍ୱର ଆସି ଏକାମ୍ର କ୍ଷେତ୍ରରେ ଶ୍ରୀଲିଙ୍ଗରାଜ ମନ୍ଦିର, ବିନ୍ଦୁସରୋବର ପ୍ରଭୃତି ଦର୍ଶନ କରିଥିଲେ । ତାହାର ସୂଚନା 'ସଂଘ ସେବକ' ବିଂଶଭାଗ ଚତୁର୍ଥ ସଂଖ୍ୟାରେ ପ୍ରକାଶିତ ଶ୍ରୀ ଚନ୍ଦ୍ରଶେଖର ମିଶ୍ରଙ୍କ ବିବରଣୀ 'ଶ୍ରୀଶ୍ରୀ ଠାକୁରଙ୍କର ଉତ୍କଳ ଦେଶ ପ୍ରତି କୃପାଦୃଷ୍ଟିପାତ' ଲେଖାରେ ଦେଖିବାକୁ ମିଳେ । ଏହି ତିନି ସ୍ଥାନ ବ୍ୟତୀତ ଶ୍ରୀଶ୍ରୀ ଠାକୁର ଓଡ଼ିଶାର ଅନ୍ୟ କୌଣସି ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇ ନାହାନ୍ତି ।

୨୪-୧-୩୨ ତାରିଖ ରବିବାର ଦିନ କଥାପ୍ରସଙ୍ଗରେ ପୁରୀ ନିକଟସ୍ଥ ବିଭିନ୍ନ ଦର୍ଶନୀୟ ସ୍ଥାନର କଥା ପଡ଼ିବାରୁ ଚିଲିକା କଥା ଉଠିଲା । ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ଚିଲିକା ଭ୍ରମଣରେ ଯିବାପାଇଁ ପ୍ରସ୍ତାବ ଉଠିବାରୁ ଶ୍ରୀଶ୍ରୀ ଠାକୁର ପଚାରିଲେ ସେଠାରେ କି କି ଦର୍ଶନୀୟ ବସ୍ତୁ ରହିଛି ? ଆମେ ଶ୍ରୀଶ୍ରୀ ଠାକୁରଙ୍କୁ କହିଲୁ, ଚିଲିକା ହ୍ରଦ ପୁରୀ ଜିଲ୍ଲାର ଦକ୍ଷିଣ ପୂର୍ବରେ ଗଞ୍ଜାମ ଜିଲ୍ଲାକୁ ଲାଗି ଅବସ୍ଥିତ ଓ ଏହାର ପ୍ରାକୃତିକ ଶୋଭା ଅତି ମନୋରମ । ଚିଲିକାହ୍ରଦ ଭିତରେ କାଳିଜାଇ ପାହାଡ଼ରେ ପ୍ରସିଦ୍ଧ କାଳିଜାଇ ଦେବୀଙ୍କ ମନ୍ଦିର ଅବସ୍ଥିତ । ନୌକାରେ ସେଠାକୁ ଗଲେ ଚିଲିକା ବିହାର ସଙ୍ଗେ ସଙ୍ଗେ ଏହି ପ୍ରସିଦ୍ଧ କାଳିଜାଇ ଦେବୀଙ୍କ ମନ୍ଦିର ଦେଖିହେବ । ଏସବୁ ଶୁଣି ଶ୍ରୀଶ୍ରୀ ଠାକୁର ଚିଲିକା ଭ୍ରମଣରେ ଯିବାପାଇଁ ଆଗ୍ରହ ପ୍ରକାଶ କଲେ । ଆମମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ହରେନ୍ ଦା'ଙ୍କ ସହ ଆମର ଏ ବିଷୟରେ ପରାମର୍ଶ ଚାଲି ସବୁ ବ୍ୟବସ୍ଥା ଠିକ୍ କରାଗଲା । ସେତେବେଳେ ଚିଲିକା ଯିବାପାଇଁ ଆଜିକାଲିକା ପରି ସୁବିଧାଜନକ ରାସ୍ତା ନ ଥିଲା । ପୁରୀରୁ ଟ୍ରେନରେ ବାଲୁଗାଁ ଯାଇ ସେଠାରୁ ଚିଲିକା ଯିବା ବ୍ୟତୀତ ଅନ୍ୟ

ପଥ ନ ଥିଲା । ସ୍ଥିର ହେଲା ଦିନବେଳା ପାସେଞ୍ଜର ଗାଡ଼ିରେ ବାଲୁଗାଁ ଯାଇ ସେଠାରେ ଚିଲିକା ତୀରସ୍ଥ ଗୋଟିଏ ଭଡ଼ାଘରେ ରାତ୍ରିଯାପନ କରି, ତତ୍ପରଦିନ ନୌକାରେ ଚିଲିକା ବିହାର କରି, ସନ୍ଧ୍ୟା ଗାଡ଼ିରେ ପୁରୀ ଫେରିଆସିବାକୁ ହେବ । ଏଥିପାଇଁ ବାଲୁଗାଁ'ରେ ଭଡ଼ାଘର ଠିକ୍ କରିବା, ଷ୍ଟେସନରୁ ଭଡ଼ାଘର ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁର ଓ ମା'ମାନଙ୍କୁ ନେବାପାଇଁ ଶଗଡ଼ଗାଡ଼ି ଠିକ୍ କରିବା, ଖାଦ୍ୟପେୟର ବନ୍ଦୋବସ୍ତ କରିବା, ଚିଲିକା ଭିତରକୁ ଯିବାପାଇଁ ନୌକା ଠିକ୍ କରିବା ପ୍ରଭୃତି ଦାୟିତ୍ୱ ବାଣପୁରର ଗଣେଶ୍ୱର ମହାପାତ୍ର ଭାଇଙ୍କୁ ଦିଆଯାଇଥିଲା ।

୧୯୩୨ ମସିହା ଫେବୃୟାରୀ ୬ ତାରିଖ ଶୁକ୍ରବାର ଦିନ ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ହରେନ୍‌ଦା, ମୁଁ, ଜୟକୃଷ୍ଣ, ଗୋବିନ୍ଦ ଭାଇ, ନୃପ ଭାଇ, ଏକାଦଶୀ ଭାଇ, କାଲନାର ସଚ୍ଚିଦାନନ୍ଦ ସାହା ଭାଇ, ସୁରମା, ସରଯୁ ମା, ମନୁ ପ୍ରଭୃତି ଦିନ ଗାଡ଼ିରେ ପୁରୀରୁ ବାହାରି ସନ୍ଧ୍ୟାବେଳେ ବାଲୁଗାଁ ଷ୍ଟେସନରେ ପହଞ୍ଚିଲୁ । ଗଣେଶ୍ୱର ଭାଇ ଶ୍ରୀଶ୍ରୀ ଠାକୁରଙ୍କୁ ଷ୍ଟେସନରୁ ଭଡ଼ାଘର ପର୍ଯ୍ୟନ୍ତ ନେବାପାଇଁ ଶଗଡ଼ଗାଡ଼ି ଠିକ୍ କରିପାରି ନ ଥିବାରୁ ଶ୍ରୀଶ୍ରୀ ଠାକୁର ବାଧହୋଇ ସମସ୍ତଙ୍କ ସହିତ ଚାଲି ଚାଲି ଗଲେ । ନୃପଭାଇ ଶ୍ରୀଶ୍ରୀ ଠାକୁରଙ୍କର ତିନିସେଲିଆ ଏଭରେଡ଼ି ଟର୍ଚ୍ଚ ଜାଳୁଥାନ୍ତି ଏବଂ ସେ ସେହି ଆଲୋକରେ ଚାଲୁଥାନ୍ତି ଏବଂ ଅନ୍ୟମାନେ ତାଙ୍କ ପଛେ ପଛେ ଯାଉଥାନ୍ତି । ଧୂଳି ଏବଂ ରାସ୍ତା ଚାଲିବାରେ ତାଙ୍କର ଶ୍ୱାସକଷ୍ଟ ହେଉଥାଏ । ବାଟରେ ଗୋଟିଏ ତାଟି ନ ଥିବା ଖାଲି ଶଗଡ଼ ଯାଉଥିବାର ଦେଖି ଆମେ ତାକୁ ଅଟକାଇ ଶ୍ରୀଶ୍ରୀ ଠାକୁରଙ୍କୁ ଚିଲିକାକୂଳ ଭଡ଼ାଘରଯାଏ ନେଇଯିବା ପାଇଁ କହିବାରୁ ଶଗଡ଼ିଆ ରାଜି ହେଲା । ଶ୍ରୀଶ୍ରୀ ଠାକୁର ଖୋଲା ଶଗଡ଼ରେ ବସି ଦୁଇହାତରେ ତା'ର ଦଣ୍ଡାକୁ ଧରି ଧକଡ଼ଚକଡ଼ ହୋଇ ଚିଲିକାକୂଳ ଭଡ଼ାଘରଯାଏ ଆସିଲେ । ସେଠାରେ ରାତ୍ରିଯାପନର ବ୍ୟବସ୍ଥା ହେଲା । ରାତିରେ ସରଯୂ ମା ସୋରିଷତେଲରେ ଖେଚୁଡ଼ି କଲେ । ଆମ୍ଭେମାନେ ସମସ୍ତେ ତାହା ଖାଇଲୁ । ଶ୍ରୀଶ୍ରୀ ଠାକୁରଙ୍କ ଗହଣରେ ରାତିଟି ସୁବିଧାରେ କଟିଗଲା ।

ପରଦିନ ସକାଳେ ଉଠି ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରିଲୁ । ମୁଁ, ନୃପଭାଇ, ଏକାଦଶୀ ଭାଇ ପ୍ରଭୃତି ଚିଲିକାକୂଳର ପଙ୍କପାଣିରେ ଗାଧୋଇ ପ୍ରସ୍ତୁତ ହେଲୁ । ମା'ମାନେ ମଧ୍ୟ ତାଙ୍କର ନିତ୍ୟକର୍ମ ସାରିଲେ । ସକାଳ ପ୍ରାୟ ଆଠଟାବେଳେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ସଦଳବଳେ ଚାଲି ଚାଲି ଚିଲିକାକୂଳ ପର୍ଯ୍ୟନ୍ତ ଗଲୁ ।

ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ, ମୁଖରେ ଆନନ୍ଦର ରେଖା । ଚିଲିକା ତୀରଦେଶରେ ସାମାନ୍ୟ ପଙ୍କ, ପାଣି ଓ ଶିଉଳି ଥିଲେ ମଧ ଶ୍ରୀଶ୍ରୀ ଠାକୁର ଆମମାନଙ୍କ ସହିତ ଅତି ଉତ୍ସାହରେ ଚାଲୁଥାନ୍ତି । ଚିଲିକାକୂଳରେ ନୌକାଘାଟରେ ପହଞ୍ଚିବା ପରେ ଗଣେଶ୍ୱର ଭାଇ ଠିକ୍ କରିଥିବା ଗୋଟିଏ ବଡ଼ ନୌକା ଶ୍ରୀଶ୍ରୀ ଠାକୁର ଭଡ଼ା କଲେ ଓ ଆମେ ସମସ୍ତେ ସେହି ନୌକାରେ ଚିଲିକା ଭିତରକୁ ଗଲୁ ।

ନୌକା ଚିଲିକା ଭିତରକୁ ଆଗେଇ ଚାଲିଲା । ନୌକା ଉପରେ ଛଣଛପର କିମ୍ୱା ଛାଇହେବା ପାଇଁ କିଛି ନ ଥିଲା । କ୍ରମେ ଟାଣ ଖରାରେ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ଶ୍ରୀଶ୍ରୀ ଠାକୁର କିନ୍ତୁ ଆନନ୍ଦରେ ନୌକାର ଆଗପଟ ମଙ୍ଗ ପାଖରେ ଗୋଟିଏ ଚୌକି ଉପରେ ବସିଥାନ୍ତି ଓ ଗୁଡ଼ାଖୁ ଖାଉ ଖାଉ ଚିଲିକାର ଦୃଶ୍ୟ ଉପଭୋଗ କରୁଥାନ୍ତି । ପାଖରେ ମନୁ ବସିଥାଏ । ବେଳେବେଳେ ମନୁକୁ ଶ୍ରୀଶ୍ରୀ ଠାକୁର ହାତ ଦେଖାଇ କ'ଣ ଦେଖାଇଦେଉଥାନ୍ତି । କିଛି ସମୟ ପରେ ଆମଭିତରୁ କିଏ ଜଣେ ପଚାରିଲା 'କେତେଦୂର ଯିବା ?' ଶ୍ରୀଶ୍ରୀ ଠାକୁର ପ୍ରସନ୍ନ ମୁଖରେ ଉତ୍ତର ଦେଲେ—''ଚାଲ କେତେଦୂର ଯାଇ ହେଉଛି ଦେଖିବା !'' ଏ କଥା ଶୁଣି ଆମେ ଠିକ୍ କଲୁ କାଳିଯାଇ ପାହାଡ଼ ପର୍ଯ୍ୟନ୍ତ ଯିବା । ନାଉରୀ ତଦନୁଯାୟୀ ନୌକା ବାହିବାକୁ ଆରମ୍ଭ କଲା । ନୌକାଟିକୁ ଶୀଘ୍ର କାଳିଜାଇ ନେବାପାଇଁ ଏକାଦଶୀ ଭାଇ ମଝିରେ ମଙ୍ଗଧରି ନୌକା ବାହିବାକୁ ଲାଗିଲେ । ଏକାଦଶୀ ଭାଇକୁ ମଙ୍ଗଧରା କାମ କରୁଥିବାର ଦେଖି ଶ୍ରୀଶ୍ରୀ ଠାକୁର ତାଙ୍କୁ ଲକ୍ଷ୍ୟକରି ହସି ହସି କହିଲେ—''ଏକାଦଶି ! ମୁଁ ଭବସାଗରରେ ତୋର କର୍ଣ୍ଣଧାର; କିନ୍ତୁ ଆଜି ତୁ ମୋର କର୍ଣ୍ଣଧାର ।''

ବାଲୁଗାଁ'ରୁ ବାହାରିବାର ଦୁଇ-ତିନି ଘଣ୍ଟା ପରେ ନୌକା କାଳିଜାଇ ଦ୍ୱୀପରେ ଲାଗିଲା । ଶ୍ରୀଶ୍ରୀ ଠାକୁର ନୌକାରୁ ଓହ୍ଲାଇ ସେଠାରେ ଦୁଇଟି ପଥରରେ ଗୋଡ଼ ଦେଇ ନିଜ ପତଳା ପିତଳ ଡାଳରେ ପାଣି ନେଇ ଦେହରେ ଢାଳି ସ୍ନାନ କାର୍ଯ୍ୟ ସମାପନ କଲେ । ତା'ପରେ ଶ୍ରୀଶ୍ରୀ ଠାକୁର କାଳିଜାଇ ମନ୍ଦିର ଭିତରେ ପ୍ରବେଶ କରି 'ତାରା' 'ତାରା' ବୋଲି କହି ଅତି ଉଚ୍ଚକଣ୍ଠରେ ଦେବୀଙ୍କୁ ଆହ୍ୱାନକଲେ । ଶ୍ରୀଶ୍ରୀ ଠାକୁରଙ୍କର ସେହି ମେଘମନ୍ଦ୍ର କଣ୍ଠସ୍ୱରରେ ସେହି ନିର୍ଜ୍ଜନ ଦ୍ୱୀପ ଝଙ୍କୃତ ହୋଇ ଉଠିଲା । ଆମେ ସମସ୍ତେ କାଳିଜାଇ ଦେବୀ ମନ୍ଦିର ଦର୍ଶନ

କଲୁ । ଖରାରେ ଯାଇ ସମସ୍ତଙ୍କୁ ଖୁବ୍ ଶୋଷ ହେଉଥାଏ । ସେ ଦ୍ୱୀପରେ ପିଇବା ପାଣି ମିଳେ ନାହିଁ । ସାଙ୍ଗରେ ଯାହା ମୁଢ଼ି ଏବଂ ପାଣି ଯାଇଥିଲା ତାହା ପର୍ଯ୍ୟାପ୍ତ ନ ଥିଲା । ଆମେ ସମସ୍ତେ ସେହି ମୁଢ଼ି ଖାଇ ପାଣି ପିଇ କାଳିଜାଇ ଦ୍ୱୀପରୁ ଫେରିଲୁ ।

ଫେରିବା ବେଳେ ନୌକାରେ ପାଲ ବନ୍ଧା ହେଲା । ଅନୁକୂଳ ପବନ ଦ୍ୱାରା ନୌକା ଏତେ ଦ୍ରୁତ ଗତିରେ ଆସିଲା ଯେ, ପ୍ରାୟ ଅଧଘଣ୍ଟାଏ ମଧ୍ୟରେ ଆମେ ବାଲୁଗାଁରେ ପହଞ୍ଚିଗଲୁ । ଫେରିବା ପରେ ସେହି ଭଡ଼ା ଘରେ ରୋଷାଇର ବନ୍ଦୋବସ୍ତ ହେଲା । ଦିନ ପ୍ରାୟ ତିନିଟା ବେଳକୁ ଶ୍ରୀଶ୍ରୀ ଠାକୁରଙ୍କୁ ଖେଚୁଡ଼ି ଭୋଗ ଦିଆ ହେଲା । ଆମେ ସମସ୍ତେ ପ୍ରସାଦ ପାଇଲୁ । ତା'ପରେ କିଛି ସମୟ ବିଶ୍ରାମ କରି ସନ୍ଧ୍ୟା ଗାଡ଼ିରେ ପୁରୀ ଫେରି ଆସିଲୁ ।

ବାଲୁଗାଁଠାରେ ଚିଲିକା ଭ୍ରମଣର ସମସ୍ତ ବ୍ୟବସ୍ଥା କରିବାକୁ ଗଣେଶ୍ୱର ଭାଇଙ୍କୁ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ସେ ତାଙ୍କର ସେହି କର୍ତ୍ତବ୍ୟ ଯଥାଯଥ ଭାବରେ ସମ୍ପନ୍ନ କରିପାରି ନ ଥିବାରୁ ଶ୍ରୀଶ୍ରୀ ଠାକୁର ଓ ଅନ୍ୟମାନଙ୍କୁ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତଥାପି ଶ୍ରୀଶ୍ରୀ ଠାକୁର ପୁରୀ ଫେରିଆସି ମନ୍ତବ୍ୟ ସ୍ୱରୂପ କହିଥିଲେ, ''ଗଣେଶ୍ୱର ଯୋଗୁଁ ହିଁ ମୋର ଚିଲିକା ଭ୍ରମଣ ସମ୍ଭବ ହେଲା ।''

◆◆

ନୀଳାଚଳ କୁଟୀରରେ
ଶ୍ରୀଶ୍ରୀ ଠାକୁରଙ୍କ
ପ୍ରାତ୍ୟହିକ ଦିନଚର୍ଯ୍ୟା

ପ୍ରାତ୍ୟହିକ ଦିନଚର୍ଯ୍ୟା

ସକାଳ	ଘ ୫ ଣ୍ଟାରୁ	ଘ ୬ ଣ୍ଟା	ଅଙ୍ଗ ସମ୍ବାହନ
ସକାଳ	ଘ ୬ ଣ୍ଟାରୁ	ଘ ୬-୩୦ଣ୍ଟା	ତମାଖୁ ସେବନ
ସକାଳ	ଘ ୬-୩୦ଣ୍ଟାରୁ	ଘ ୭ ଣ୍ଟା	ଶୌଚାଚାର
ସକାଳ	ଘ ୭ ଣ୍ଟାରୁ	ଘ ୭-୩୦ଣ୍ଟା	ପ୍ରାତଃକୃତ୍ୟ ଦନ୍ତ ମାର୍ଜନ ଇତ୍ୟାଦି
ସକାଳ	ଘ ୭-୩୦ଣ୍ଟାରୁ	ଘ ୮ ଣ୍ଟା	ପ୍ରାତଃଭୋଜନ (ଜଳଯୋଗ)

ଶୀତ, ଗ୍ରୀଷ୍ମ, ବର୍ଷା ଆଦି ଋତୁଭେଦରେ ଏହି ସମୟସୂଚୀ ସାମାନ୍ୟ ପରିବର୍ତ୍ତିତ ହୋଇଥାଏ । ସାଧାରଣତଃ ୮ଟାରୁ ୯ଟା ମଧ୍ୟରେ ସକାଳ ଜଳଯୋଗ ଶେଷକରି ଶ୍ରୀଶ୍ରୀ ଠାକୁର ତଳ ମହଲାର ପୂର୍ବପାର୍ଶ୍ୱସ୍ଥ ପ୍ରକୋଷ୍ଠରେ ଥିବା ବଡ଼ ମେଜ ନିକଟରେ ଚୌକିରେ ବସି ଚିଠିପତ୍ରର ଉତ୍ତର ପ୍ରଦାନ କରନ୍ତି । ଏହି ସମୟରେ ଦୈନନ୍ଦିନ ଆୟବ୍ୟୟ ହିସାବ ବା ଅନ୍ୟାନ୍ୟ ଅର୍ଥ ସମ୍ପର୍କୀୟ କାର୍ଯ୍ୟ କରନ୍ତି । ତା'ପରେ ସମୟ ଥିଲେ କିଛି ସମୟ ସମ୍ବାଦପତ୍ର ପାଠ କରନ୍ତି । କେବେ କେବେ ଅସମୟରେ କୌଣସି ଜିଜ୍ଞାସୁ ଆଗତ ହେଲେ ବିଶେଷ ପ୍ରୟୋଜନରେ ତାଙ୍କ ସହିତ ଉତ୍ତରପାର୍ଶ୍ୱସ୍ଥ ଆସନବାରଣ୍ଡାରେ ବସି ଆଳାପ ଆଲୋଚନା କରିଥାନ୍ତି ।

ନୀଳାଚଳ କୁଟୀର ଠିକଣାରେ ସାପ୍ତାହିକ 'ବସୁମତୀ' ଓ ମାସିକ 'ଭାରତବର୍ଷ' ପତ୍ରିକା ଆସୁଥିଲା । ଶ୍ରୀଶ୍ରୀ ଠାକୁର ସକାଳେ ଓ ମଧ୍ୟାହ୍ନ ଭୋଗପରେ ଏହି ପତ୍ର ପତ୍ରିକା ତନ୍ନତନ୍ନ କରି ପାଠ କରୁଥିଲେ । ସାପ୍ତାହିକ 'ବସୁମତୀ' ସେତେବେଳେ ବେଶ୍ ବଡ଼ ଆକାରର ଥିଲା । ପ୍ରତ୍ୟହ ଗୋଟିଏ ଦୁଇଟି ପୃଷ୍ଠା ପଢ଼ି ଆଦ୍ୟନ୍ତ ଶେଷ କରନ୍ତି ।

ପୂର୍ବାହ୍ନ ଦଶଟାବେଳେ ଉତ୍ତରପାର୍ଶ୍ୱସ୍ଥ ବାରଣ୍ଡାରେ ତୈଳମର୍ଦ୍ଦନ ନିମିତ୍ତ ଶ୍ରୀଶ୍ରୀ ଠାକୁରଙ୍କ ବସିବାପାଇଁ ଗୋଟିଏ ଚୌକି ପକାଯାଏ । ଶ୍ରୀଶ୍ରୀ ଠାକୁର ତା ଉପରେ ବସନ୍ତି ଓ ସେବକମାନେ ପ୍ରାୟ ୪୫ ମିନିଟ ବା ଏକଘଣ୍ଟା ପର୍ଯ୍ୟନ୍ତ ତାଙ୍କ ଶ୍ରୀଅଙ୍ଗରେ ତୈଳମର୍ଦ୍ଦନ କରନ୍ତି । ଏହି ସମୟ ମଧ୍ୟରେ ଶ୍ରୀଶ୍ରୀ ଠାକୁର ନିବିଷ୍ଟ ଚିତ୍ତରେ ସମ୍ବାଦପତ୍ର ପାଠ କରନ୍ତି । ଲେଖାପଢ଼ା ସମୟ ବ୍ୟତୀତ ଶ୍ରୀଶ୍ରୀ ଠାକୁର ଅନ୍ୟ ସମୟରେ ଚଷମା ବ୍ୟବହାର କରନ୍ତି ନାହିଁ । ଯେତେବେଳେ ମସ୍ତକରେ

ତେଲ ଲଗାଇବାପାଇଁ ଜଟାଗୁଡ଼ିକ ଖୋଲା ହୁଏ, ସେତେବେଳେ ସେ ବାଧହୋଇ ଚଷମା ଖୋଲି କାଗଜ ରଖିଦିଅନ୍ତି ।

ତା'ପରେ ସେହି ବାରଣ୍ଡାର ଗୋଟିଏ ପ୍ରାନ୍ତରେ (ଛୋଟ କୋଠରି ନିକଟରେ) ଚୌକି ପକାଇ ଦୁଇଟି ବଡ଼ ବଡ଼ ବାଲଟିରେ ସ୍ନାନ ନିମନ୍ତେ ଜଳ ଦିଆଯାଏ । ଶ୍ରୀଶ୍ରୀ ଠାକୁର ନିଜ ବ୍ୟବହୃତ ଢାଳରେ ଜଳ ନେଇ ମୁଣ୍ଡରେ ଢାଳୁ ଢାଳୁ ଗମ୍ଭୀର ସ୍ୱରରେ 'ଓଁ ଗାଙ୍ଗ୍ୟଂ ବାରି ମନୋହାରୀ' ଇତ୍ୟାଦି ଗଙ୍ଗାସ୍ତବ ଓ 'ଜପଜୀ'ର କେତୋଟି ପଦ ପାଠ କରି କରି ସ୍ନାନ କରନ୍ତି । ପ୍ରାୟ ଏକ ବାଲଟି ପାଣି ଢଳା ସରିଗଲେ ନିଜେ ନିଜେ ଗାତ୍ରମାର୍ଜନା କରନ୍ତି । ସ୍ନାନପୂର୍ବରୁ ତେଲ ଘଷା ପରେ ଶ୍ରୀଶ୍ରୀ ଠାକୁରଙ୍କ କେଶଖୋଷା ବନ୍ଧାହୋଇଥାଏ । ଗାତ୍ରମାର୍ଜନ ପରେ ସେହି ଖୋଷା ଖୋଲିଦେଇ ସେ ଆଉ ଏକ ବାଲଟି ପାଣିରେ ସ୍ନାନ ସମାପନ କରନ୍ତି ।

ସ୍ନାନ ଶେଷକରି ଶ୍ରୀଶ୍ରୀ ଠାକୁର ଗାମୁଛାରେ ନିଜ ଦେହ ପୋଛି ହୋଇ ସେବକମାନଙ୍କ ହାତକୁ ଗାମୁଛା ବଢ଼ାଇଦିଅନ୍ତି । ସେମାନେ ମୁଣ୍ଡର କେଶ କେତେକାଂଶରେ ପୋଛିନେଲାପରେ ଶ୍ରୀଶ୍ରୀ ଠାକୁର ଛିଡ଼ାହୋଇ ନିଜେ ଗାମୁଛାରେ ଶରୀରର ଗୁପ୍ତ ଅଙ୍ଗ ଓ ନିମ୍ନକୁ ପୋଛିହୋଇ ଶୁଷ୍କ ବସ୍ତ୍ର ବେଢ଼ାଇହୋଇ ଆର୍ଦ୍ରବସ୍ତ୍ର ତ୍ୟାଗ କରନ୍ତି । ତା'ପରେ ସେବକମାନେ ପାଦ ପୋଛିଦେବା ପରେ କଠାଉ ପିନ୍ଧି ଆସି ଚୌକିରେ ଉପବେଶନ କରନ୍ତି । ସେତେବେଳେ ଶୁଖିଲା ଗାମୁଛାରେ ଭଲଭାବରେ ତାଙ୍କର ମୁଣ୍ଡ ପୋଛାହୁଏ । ଘନକୃଷ୍ଣ କେଶଗୁଚ୍ଛ ପୃଷ୍ଠଦେଶରେ ଖେଳାଇ ହୋଇ ପଡ଼ିଥାଏ । ଅର୍ଦ୍ଧମୁକୁଳିତ ଥାଏ ନୟନ-ଯୁଗଳ, ସତେ ଯେପରି ଠାକୁର ଧ୍ୟାନମଗ୍ନ ! କି ସୁନ୍ଦର ଆନନ୍ଦମୟ ମୂର୍ତ୍ତି ସେତେବେଳେ ତାଙ୍କର !! ସେବକମାନେ ହୁକାର ନଳଟି ବାମ ହସ୍ତରେ ଧରାଇଦିଅନ୍ତି, ସେଇଟି ସେଇଭାବରେ ହିଁ ଧରାହୋଇଥାଏ । ଦକ୍ଷିଣ ହସ୍ତଟି ଅଳସଭଙ୍ଗୀରେ କୋଳଉପରେ ରହିଥାଏ । ଛୋଟ ଚୌକିରେ ବାମପାଦ ଉପରେ ଦକ୍ଷିଣ ଶ୍ରୀଚରଣ ରଖିଥାନ୍ତି ।

ଏଣେ ସେବକମାନେ ତାଙ୍କ କେଶକୁ ଭଲକରି ପ୍ରସାଧନ କରି ସାତଟି ଜଟା ପକାଇଦିଅନ୍ତି । ଯୋଗମାୟା ଦେବୀ ଏହିଭାବରେ ତାଙ୍କର କେଶବିନ୍ୟାସର

ବ୍ୟବସ୍ଥା କରିଥିଲେ । ସେ ସମୟରେ ବଙ୍ଗଳାର ଅଧିକାଂଶ ଅଭିଜାତ ପରିବାରରେ ଏହିଭଳି କେଶବିନ୍ୟାସ ପ୍ରଚଳିତ ଥିଲା ।

ସାଢ଼େ ଏଗାରଟାରୁ ବାରଟା ମଧ୍ୟରେ ଶ୍ରୀଶ୍ରୀ ଠାକୁର ମଧ୍ୟାହ୍ନ ଭୋଗରେ ବସନ୍ତି । ବିଶେଷ କାରଣରୁ ବା ଉତ୍ସବାଦିରେ ଏଥିରେ ଅଳ୍ପାଧିକ ବିଳମ୍ବ ଘଟିଥାଏ ।

ଶ୍ରୀଶ୍ରୀ ଠାକୁର ଏତେ କମ୍ ଖାଆନ୍ତି ଯେ, ତାହା ପ୍ରତ୍ୟକ୍ଷ ଦର୍ଶକ ବ୍ୟତୀତ ଅନ୍ୟ କେହି ବିଶ୍ୱାସ କରିବେ ନାହିଁ । ତାଙ୍କର ଆହାର ଅତି ସାତ୍ତ୍ୱିକ ଏବଂ ସାଧାରଣ ମଧ୍ୟବିତ୍ତ ଗୃହସ୍ଥର ଉପଯୋଗୀ । ଜଳଖିଆ ମଧ୍ୟରେ ଚୂଡ଼ା, ମୁଢ଼ି ପ୍ରଭୃତି ସାଧାରଣ ଖାଦ୍ୟୋପକରଣ ତାଙ୍କର ପ୍ରିୟ ଥିଲା । ସବୁପ୍ରକାର ଡାଲି, ଶାଗ, ଭାତ ସହିତ ଏକ ସଙ୍ଗରେ ସିଝିଥିବା ପରିବା ଭର୍ତ୍ତା, ଚଡ଼ଚଡ଼ି ଓ ଖଟା ହେଲା ଠାକୁରଙ୍କର ସବୁଠାରୁ ପ୍ରିୟ । ଡାଲି ମଧ୍ୟରେ ବିରିଡାଲି ଓ ସବୁ ପ୍ରକାର ଖଟା ମିଶା ଡାଲି (ପତଳା ଡାଲି, ମିଠା ପଡ଼ିବ ନାହିଁ ଏବଂ କଞ୍ଚାଲଙ୍କା ଦିଆଯାଇଥିବ) ଖୁବ୍ ଭଲପାଆନ୍ତି । କଞ୍ଚା ଆମ୍ବ, କଞ୍ଚା ତେନ୍ତୁଳି, ଓଉ ଓ ଜଳପାଇ ଇତ୍ୟାଦି ଯେଉଁ ସମୟରେ ଯେଉଁ ଖଟା ମିଳେ, ସବୁ ପ୍ରକାର ଖଟା ଡାଲିରେ ପକାଇ ଖାଇବାକୁ ପସନ୍ଦ କରନ୍ତି । ଶାଗ ମଧ୍ୟରେ କଳମ, ନେଉଟିଆ, କୋଶଳା, ସାରୁ ନଡ଼ା ଓ ପାଳଙ୍ଗଶାଗ ତାଙ୍କର ପ୍ରିୟ । ପାଳଙ୍ଗ ଶାଗର ଏକପ୍ରକାର ବିଶେଷ ଧରଣର ରନ୍ଧନପ୍ରଣାଳୀ ଶ୍ରୀଶ୍ରୀ ଠାକୁର ନିଜେ ଯୋଗାମୟା ଦେବୀଙ୍କୁ ଶିଖାଇ ଦେଇଥିଲେ । ବିରିବଡ଼ି, ଭଜା ବିରିଜାଇ, ଅଦା, ହେଙ୍ଗୁ ଓ ସାମାନ୍ୟ ଘିଅ ଦେଇ ଏହି ବ୍ୟଞ୍ଜନ ରନ୍ଧନ କରାଯାଏ । ପାଳଙ୍ଗ ଶାଗର ଏହି ବ୍ୟଞ୍ଜନଟି ଅତି ସୁସ୍ୱାଦୁ ।

ଗ୍ରୀଷ୍ମକାଳରେ ଏକପ୍ରକାର ଅଦ୍ଭୁତ ଖାଦ୍ୟ ତାଙ୍କର ପସନ୍ଦ ଥିଲା । ବେଶୀ ଗରମ ପଡ଼ିଲେ କେବେ କେବେ ଶ୍ରୀଶ୍ରୀ ଠାକୁର ଭାତରେ ପାଣି ଢାଳି ସେଥିରେ କାଗଜିଲେମ୍ବୁର ପତ୍ର ପକାଇ ବୁଟଛତୁର ଭର୍ତ୍ତା ଲଗାଇ ଖାଆନ୍ତି । ଏହି ବୁଟଛତୁ ପାଣି, ତେଲ, ଲୁଣ ଓ କଞ୍ଚାଲଙ୍କା ଦେଇ ଆଳୁଭର୍ତ୍ତା ପରି ତିଆରି କରାଯାଏ । ସମ୍ଭବତଃ ଛତୁ ଏହିଭାବରେ ଖାଇବା ପରିବ୍ରାଜକ ଅବସ୍ଥାରେ ତାଙ୍କର ଅଭ୍ୟାସ ହୋଇଯାଇଥିଲା । ପନିପରିବା ମଧ୍ୟରେ ସାରୁ, କଞ୍ଚାକଦଳୀ, କଦଳୀଭଣ୍ଡା, ମଞ୍ଜା, ଲାଉ, ପାଣିକଖାରୁ, ଟୁସିକଲରା ଓ ବାଇଗଣ—ଏଇଗୁଡ଼ିକ ଶ୍ରୀଶ୍ରୀ ଠାକୁରଙ୍କର ଅଧିକ ପ୍ରିୟ ଥିଲା ।

ଖେଚୁଡ଼ି ତାଙ୍କର ଅତି ପ୍ରିୟ ଖାଦ୍ୟ । ବିଶେଷକରି ବିରିଜାଇ ପଡ଼ି ହୋଇଥିବା ଖେଚୁଡ଼ି ସେ ଭାରି ଭଲପାଆନ୍ତି । ଜଗନ୍ନାଥଙ୍କର ମହାପ୍ରସାଦରେ ଯେଉଁ ହରଡ଼ଡ଼ାଲି ହୁଏ, ତାହା ଖାଇବାକୁ ମଧ ସେ ଖୁବ୍ ଭଲପାଆନ୍ତି । ଗୋଟିଏ କଥାରେ ଘିଅ, ତେଲ, ମସଲା, ରାଗ, ଗରମମସଲା—ଏ ସବୁ ଜିନିଷ ସେ ବେଶୀ ପସନ୍ଦ କରୁ ନ ଥିଲେ । ଅର୍ଥାତ୍ ରାଜସିକ ଖାଦ୍ୟରେ ତାଙ୍କର ଅଧିକ ରୁଚି ନ ଥିଲା । ଭକ୍ତ ଓ ସେବକମାନଙ୍କର ଆଗ୍ରହରେ ମଝିରେ ମଝିରେ ବିଶେଷ ଖାଦ୍ୟସାମଗ୍ରୀର ଆୟୋଜନ କରାଯାଏ ଏବଂ ଉତ୍ସବାଦିରେ ଷୋଡ଼ଶ ଉପଚାରରେ ଭୋଗ ହୋଇଥାଏ ସତ୍ୟ କିନ୍ତୁ ଉପରେ ଯାହା ବର୍ଣ୍ଣନା କରାଗଲା ତାହା ହିଁ ଥିଲା ତାଙ୍କର ଦୈନନ୍ଦିନ ଆହାରର ତାଲିକା ।

ମଧ୍ୟାହ୍ନ ଭୋଗ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁର ନିମ୍ନ ପ୍ରକୋଷ୍ଠରେ ଅବସ୍ଥାନ କରନ୍ତି । ଶେଷ ଦୁଇ ବର୍ଷ (୧୩୪୦ ସାଲ ଠାରୁ ୧୩୪୨ ସାଲ) ସେ ସ୍ନାନ ନିମିତ୍ତ ପ୍ରାୟ ୧୦ଟାବେଳେ ତଳକୁ ଆସନ୍ତି ଏବଂ ଭୋଗ ନ ହେବା ପର୍ଯ୍ୟନ୍ତ ଉତ୍ତରପାର୍ଶ୍ୱସ୍ଥ ବାରଣ୍ଡାରେ ବସନ୍ତି ।

ମଧ୍ୟାହ୍ନ ଭୋଗ ପରେ ହସ୍ତମୁଖ ଧୌତ କରି ଥରେ ପରିସ୍ରା କରିବାକୁ ଯାଆନ୍ତି । ତା'ପରେ ମଝିଘରେ ଥିବା ଚେୟାର (ଚୌକି) ଯହିଁରେ ତାଙ୍କୁ ବାହାରେ ବସିବାକୁ ଦିଆଯାଏ, ତା' ଉପରେ ପାଞ୍ଚ ସାତ ମିନିଟ ବସିସାରି ଉପରକୁ ଯାଇ ବାରଣ୍ଡାରେ ଥୁଆହୋଇଥିବା ଚୌକି ଉପରେ ଦୁଇ ତିନି ମିନିଟ୍ ବିଶ୍ରାମ କରିଥାନ୍ତି । ଶ୍ୱାସ ହେତୁ ପାହାଚରେ ଉଠିବା ପୂର୍ବରୁ ଓ ପରେ ତାଙ୍କୁ ଏଭଳି ବିଶ୍ରାମ ନେବାକୁ ହେଉଥିଲା ।

ତତ୍ପରେ ଶୟନ କକ୍ଷକୁ ଯାଇ ଛୋଟ ଖଟ ଉପରେ ପ୍ରାୟ ଘଣ୍ଟାଏ ଧରି ବୀରାସନ କରନ୍ତି । ସେତେବେଳେ ତାଙ୍କୁ ପାନ ଓ ହୁକାରେ ଗୁଡ଼ାଖୁ ଦିଆଯାଏ । ତାହା ସେବନ କରୁଥିବା ବେଳେ ପୁଣି ଚିଠି ଓ ପତ୍ରପତ୍ରିକା ପଢ଼ନ୍ତି । ଅପରାହ୍ନ ଦୁଇଟାବେଳେ ବଡ଼ ରୂପା ଗ୍ଲାସରେ ଗିଲାସେ ଜଳ ପାନ କରି ବଡ଼ ପଲଙ୍କ ଉପରେ ଶୟନ କରନ୍ତି ।

ଅପରାହ୍ନ ସାଢ଼େ ତିନିଟା ମଧରେ ଉଠି ଗୁଡ଼ାଖୁ ଖାଇ ପୁଣି ଚାରିଟା କିମ୍ବା ସାଢ଼େ ଚାରିଟା ସମୟରେ ପାଇଖାନା ଯାଆନ୍ତି । ତତ୍ପରେ ହସ୍ତ ମୁଖ ପ୍ରକ୍ଷାଳନ କରି ଗୁଡ଼ାଖୁ ଖାଆନ୍ତି । ସନ୍ଧ୍ୟା ପ୍ରାୟ ପାଞ୍ଚଟାବେଳେ ସମୁଦ୍ରତୀରକୁ ସାନ୍ଧ୍ୟ ଭ୍ରମଣ

ନିମିତ୍ତ ଯାଇ ସାଢ଼େ ଛଅଟା କିମ୍ବା ସାତଟାବେଳେ ଫେରି ଆସନ୍ତି । ରିକ୍‌ସା କିଣା ହେବା ପୂର୍ବରୁ ସେ ପଦବ୍ରଜରେ ସମୁଦ୍ର ତୀରକୁ ଯିବା ଆସିବା କରୁଥିଲେ । ତା'ପରେ କିଛି ଫଳ ଓ ମିଷ୍ଟାନ୍ନ ଖାଇ ଶ୍ରୀଶ୍ରୀ ଠାକୁର ଉପରକୁ ଯାଆନ୍ତି । ଯେଉଁଦିନ ଶ୍ରୀଶ୍ରୀ ଠାକୁର ବୁଲି ନ ଯାଆନ୍ତି, ସେଦିନ ଛାତ ଉପରେ ଚେୟାରରେ ଉପବେଶନ କରନ୍ତି । କିନ୍ତୁ ଦର୍ଶନାର୍ଥୀ କେହି ଥିଲେ ଶ୍ରୀଶ୍ରୀ ଠାକୁର ଛାତରେ ନ ବସି ତଳେ ବାରଣ୍ଡାରେ ବସି ଗଳ୍ପ କରନ୍ତି ବା ଉପଦେଶ ପ୍ରଦାନ କରନ୍ତି ।

ସାଧାରଣତଃ ସନ୍ଧ୍ୟା ଭୋଗ ପରେ ଶ୍ରୀଶ୍ରୀ ଠାକୁର ରାତି ନଅଟା ପର୍ଯ୍ୟନ୍ତ ଉପର ବାରଣ୍ଡାରେ ଛୋଟ ଖଟରେ ଅଥବା ଗ୍ରୀଷ୍ମକାଳ ହୋଇଥିଲେ ଶୀତଳ ପଟି ପକାଇ ସେହି ବିଛଣାରେ ଗୋଲ ତକିଆକୁ ଆଉଜି ଅର୍ଦ୍ଧଶାୟିତ ଭାବରେ ଚିତ୍ ହୋଇ ନିଜ ଭାବରେ ମଗ୍ନ ଥାଆନ୍ତି ।

ଅପରାହ୍ନରେ ନିଦ୍ରାରୁ ଉଠି ଶ୍ରୀଶ୍ରୀ ଠାକୁର ଜଟାଗୁଡ଼ିକୁ ନିଜେ ଖୋଷା ଭଳି ଏକତ୍ର ବାନ୍ଧି ଦେଇଥାଆନ୍ତି । ସନ୍ଧ୍ୟାରେ ବିଶ୍ରାମ ସମୟରେ ସେବକମାନେ ଅଙ୍ଗ ସମ୍ବାହନ ପୂର୍ବକ କେଶ ପ୍ରସାଧନ କରି ଦୁଇଟି ବେଣୀ କରି ପଶ୍ଚାତ୍ ଦିଗରେ ଖୋଷା ଭଳି କରି ଦିଅନ୍ତି ।

ରାତ୍ର ନଅଟାରୁ ସାଢ଼େ ନଅଟା ମଧ୍ୟରେ ରାତ୍ରି ଭୋଗ ହୁଏ । ରାତ୍ରିରେ କେବଳ ଦୁଇ ତିନି ପଟ ରୁଟି ଖାଆନ୍ତି—ଡାଲି ତରକାରୀ ଖୁବ୍ ସାମାନ୍ୟ । ଏହା ଛଡ଼ା ମଧ୍ୟାହ୍ନ ଅନ୍ନ ଭୋଗ ସମୟରେ ଅଧସେର ଓ ରାତ୍ରିରେ ଅଧସେର କ୍ଷୀର ପାନ କରନ୍ତି । ବିଶେଷ କୌଣସି ଫଳ ମିଷ୍ଟାନ୍ନ ଥିଲେ ରାତ୍ରିରେ ତା ଗ୍ରହଣ କରନ୍ତି । ରାତିରେ ମଧ୍ୟ ତଳ ମହଲାରେ ଥିବା ଭୋଗ ଘରେ ବସି ଭୋଗ ଗ୍ରହଣ କରନ୍ତି ।

ତତ୍ପରେ ଉପର ବାରଣ୍ଡାରେ କିଛିକ୍ଷଣ ବୀରାସନରେ ବସିସାରି ଅଧାଶୁଆ ଅବସ୍ଥାରେ ପାନ ଓ ଗୁଡ଼ାଖୁ ଖାଆନ୍ତି । ପ୍ରାୟ ରାତ୍ରି ଏଗାରଟା ପାଖାପାଖି ଗିଲାସେ ଜଳପାନ କରି ଶଯ୍ୟା ଗ୍ରହଣ କରନ୍ତି । ସାଧାରଣତଃ ରାତ୍ରି ଦୁଇଟା ଅଢ଼େଇଟା ପରେ ତାଙ୍କର ନିଦ୍ରାଭଙ୍ଗ ହୋଇଥାଏ । ଅବଶିଷ୍ଟ ରାତ୍ରି ସେ ଆତ୍ମମଗ୍ନ ଥାଆନ୍ତି । ଶ୍ରୀଶ୍ରୀ ଠାକୁର ଯେ ନିଦ୍ରିତ ନୁହଁନ୍ତି, ତାହା ସେବକମାନେ ତାଙ୍କର ପାର୍ଶ୍ୱପରିବର୍ତ୍ତନ ଓ ପଦସଞ୍ଚାଳନରୁ ଜାଣି ପାରନ୍ତି । ଭୋର ହେଲା ବେଳକୁ କୌଣସି ଜଣେ ସେବକ ଆସି ତାଙ୍କର ଅଙ୍ଗସମ୍ବାହନ କରୁଥିଲେ ।

ଦିବା-ରାତ୍ର ମଧ୍ୟରେ ତାଙ୍କୁ ଚାରିଥର ଜଳପାନ କରିବାର ଦେଖାଯାଏ । ଦିନ ବେଳା ଦୁଇଥର ପାଇଖାନା ଯାଆନ୍ତି ଓ ରାତ୍ରିରେ ଆହାରାନ୍ତେ ଦୁଇଥର ପ୍ରସ୍ରାବ କରି ଯାଆନ୍ତି । ଏତଦ୍‌ବ୍ୟତୀତ ରାତ୍ରିରେ ଥରେ ଉଠି ପ୍ରସ୍ରାବ କରିସାରି ଜଳପାନ କରନ୍ତି । କ୍ୱଚିତ୍ ତାଙ୍କୁ ଅସମୟରେ ଶୌଚ ଯିବା ବା ପ୍ରସ୍ରାବ କରିବାର ଦେଖାଯାଏ ନାହିଁ ।

ଶ୍ରୀଶ୍ରୀ ଠାକୁର ଏକାଦଶୀ ପାଳନ କରୁଥିଲେ । ସେଦିନ ଦିନବେଳା ଗିଲାସେ ସରବତ୍ ଓ ରାତ୍ରିରେ ଏକ ଗ୍ଲାସ ସରବତ୍ ବ୍ୟତୀତ ଅନ୍ୟକିଛି ଗ୍ରହଣ କରୁ ନ ଥିଲେ ।

ମୋଟାମୋଟି ଏହାହିଁ ଥିଲା ଶ୍ରୀଶ୍ରୀ ଠାକୁରଙ୍କର ନୀଳାଚଳ କୁଟୀରରେ ପ୍ରାତ୍ୟହିକ ଦିନଯାତ୍ରାର ବିବରଣୀ ।*

◆◆

* ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ ସୌଜନ୍ୟରୁ ପ୍ରାପ୍ତ ।

ପରିଶିଷ୍ଟ

[ଶ୍ରୀଶ୍ରୀ ଠାକୁର ତାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିବା ସମୟରେ ଗତ ଜନ୍ମରେ ସେ ବ୍ରହ୍ମାନନ୍ଦ ଗିରି ରୂପରେ ଜନ୍ମଗ୍ରହଣ କରିଥିବା କଥା ଓ ବ୍ରହ୍ମାନନ୍ଦ ଗିରିଙ୍କର ଗୁରୁନିଷ୍ଠା ସମ୍ପର୍କରେ ଯାହା କହିଥିଲେ ତାହା 'ଆର୍ଯ୍ୟଦର୍ପଣ'ରୁ ସଂଗୃହୀତ ହୋଇ ଏହି ପରିଶିଷ୍ଟ ଖଣ୍ଡରେ ସନ୍ନିବେଶିତ କରାଗଲା ।]

ବ୍ରହ୍ମାନନ୍ଦ ଗିରି

ଶ୍ରୀଶ୍ରୀ ଠାକୁର ତାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିବା ସମୟରେ ପ୍ରସିଦ୍ଧ ତାନ୍ତ୍ରିକସାଧୁ ବ୍ରହ୍ମାନନ୍ଦ ଗିରିଙ୍କ ଗୁରୁନିଷ୍ଠା ବିଷୟରେ କହିଥିଲେ ଏବଂ ସେ ବ୍ରହ୍ମାନନ୍ଦ ଗିରି ଥିଲେ ବୋଲି ପ୍ରକାଶ କରିଥିଲେ । ତେଣୁ ପାଠକମାନଙ୍କର କୌତୂହଳ ନିବାରଣ କରିବା ପାଇଁ ବ୍ରହ୍ମାନନ୍ଦ ଗିରିଙ୍କର ସଂକ୍ଷିପ୍ତ ଜୀବନୀ ୧୩୫୧ ସାଲ 'ଆର୍ଯ୍ୟଦର୍ପଣ'ରୁ ସଂଗୃହୀତ ହୋଇ ଏଠାରେ ସନ୍ନିବେଶିତ ହେଲା ।

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ରାଜା ଗଣେଶ ନାମକ ଜଣେ ହିନ୍ଦୁ ନରପତି ସ୍ୱାଧୀନ ଭାବରେ ଦକ୍ଷିଣପଶ୍ଚିମ ବଙ୍ଗଳାରେ ରାଜତ୍ୱ କରୁଥିଲେ । ସେ ବିଶେଷ ଧାର୍ମିକ ଓ ଗୁଣଗ୍ରାହୀ ଥିଲେ । ଏଥିପାଇଁ ତାଙ୍କ ରାଜତ୍ୱକାଳରେ ଦେଶରେ ଅନେକ ନିଷ୍ଠାବାନ୍ ପଣ୍ଡିତ ବ୍ରାହ୍ମଣ ବାସ କରୁଥିଲେ । ଗଙ୍ଗା ନଦୀର ପଶ୍ଚିମତୀରସ୍ଥ ସମସ୍ତ ଭୂଭାଗ ରାଜା ଗଣେଶଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏହି ସମୟରେ ବର୍ତ୍ତମାନ ତ୍ରିବେଣୀର ଅନତିଦୂରରେ ବାଗହାଟ ନାମକ ଗୋଟିଏ ପ୍ରସିଦ୍ଧ ଗ୍ରାମ ଥିଲା । ଏହି ଗ୍ରାମରେ ବହୁ ବ୍ରାହ୍ମଣ ପଣ୍ଡିତ ବାସ କରୁଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ତନ୍ତ୍ର ସାଧନାରେ ବିଶେଷ ଦକ୍ଷତା ଅର୍ଜନ କରିଥିଲେ । ଏହି ଗ୍ରାମର ଶିବଶମ୍ଭୁ ଭଟ୍ଟାଚାର୍ଯ୍ୟ ମହାଶୟଙ୍କ ଗୃହରେ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ, ଅନୁମାନ ସନ ୧୫୩୬-୪୦ ଖ୍ରୀଷ୍ଟାବ୍ଦରେ ସୁପ୍ରସିଦ୍ଧ ସାଧକ ବ୍ରହ୍ମାନନ୍ଦ ଗିରି ଜନ୍ମଗ୍ରହଣ କରିଥିଲେ ।

ବ୍ରହ୍ମାନନ୍ଦଙ୍କ ମାତାଙ୍କ ନାମ ଥିଲା ଦିଗମ୍ବରୀ ଦେବୀ । ଏ ଜଣେ ଅସାମାନ୍ୟା ରୂପବତୀ ଥିଲେ । ଏହି ରୂପହିଁ ତାଙ୍କ ପକ୍ଷରେ କାଳସ୍ୱରୂପ ହୋଇଥିଲା । ବ୍ରହ୍ମାନନ୍ଦଙ୍କ ବାଲ୍ୟକାଳର ନାମ ଥିଲା ବ୍ରଜଗୋପାଳ ଭଟ୍ଟାଚାର୍ଯ୍ୟ । ବ୍ରଜଗୋପାଳଙ୍କ ଜନ୍ମପରେ ମୁସଲମାନ ଦସ୍ୟୁମାନେ ତାଙ୍କର ମାତା ଦିଗମ୍ବରୀ ଦେବୀଙ୍କୁ ଅପହରଣ କରି ନେଇଯାଇଥିଲେ ।

ରାଜା ଗଣେଶଙ୍କ ମୃତ୍ୟୁପରେ ଦେଶର ଏହି ଅଂଶରେ ରାଜତ୍ୱ ନେଇ ଗୋଳମାଳ ଉପସ୍ଥିତ ହେଲା ଏବଂ ପାର୍ଶ୍ୱବର୍ତ୍ତୀ ହିନ୍ଦୁ ଓ ମୁସଲମାନ ଭୂସ୍ୱାମୀମାନେ ତାହା ଆପଣା ଆପଣା ଅଧିକାରଭୁକ୍ତ କରିନେଲେ । ସେହି ସମୟରେ ଉତ୍ପୀଡ଼ନ ଭୟରେ ଅନେକ ବ୍ରାହ୍ମଣ ସନ୍ତାନ ଏହି ସ୍ଥାନର ବାସଭୂମି ପରିତ୍ୟାଗ କରି ଅନ୍ୟତ୍ର

ପଳାଇଯିବାକୁ ବାଧ୍ୟ ହୋଇଥିଲେ । ଶିବଶମ୍ଭୁ ଭଟ୍ଟାଚାର୍ଯ୍ୟ ମହାଶୟ ପତ୍ନୀ ଅପହରଣର ଅଳ୍ପକାଳ ପରେ ଏକମାତ୍ର ପୁତ୍ର ବ୍ରଜଗୋପାଳକୁ ସଙ୍ଗରେ ଘେନି ତୀର୍ଥଯାତ୍ରା କଲେ । ପିତାପୁତ୍ର ତୀର୍ଥ ପର୍ଯ୍ୟଟନ କରି ଅବଶେଷରେ କାଶୀଧାମରେ ଉପସ୍ଥିତ ହେଲେ । ଭଟ୍ଟାଚାର୍ଯ୍ୟ ମହାଶୟ ବ୍ରଜଗୋପାଳ ସହ କାଶୀଧାମରେ ସ୍ଥାୟୀ ବସବାସ କରିବେ ବୋଲି ସ୍ଥିର କଲେ ।

ବାଳକ ବ୍ରଜଗୋପାଳର ଦ୍ୱାଦଶବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଶିକ୍ଷାର କୌଣସି ବ୍ୟବସ୍ଥା ହୋଇପାରି ନ ଥିଲା । ବର୍ତ୍ତମାନ ସ୍ୱୟଂ ପିତା, ପୁତ୍ରର ଶିକ୍ଷାଭାର ଗ୍ରହଣ କଲେ । ପ୍ରତ୍ୟହ ପ୍ରାତଃକାଳରେ ଓ ସନ୍ଧ୍ୟା ସମୟରେ ସେ ପୁତ୍ରକୁ ଶିକ୍ଷା ଦେବାରେ ଲାଗିଲେ । ଅବଶିଷ୍ଟ ସମୟ ଭଗବାନଙ୍କ ନାମ ନେଇ କୌଣସି ପ୍ରକାରରେ ଦିନ କଟାଇଥିଲେ । କିନ୍ତୁ ପଢ଼ାପଢ଼ିରେ ବ୍ରଜଗୋପାଳର ମନ ଆଦୌ ଲାଗିଲା ନାହିଁ । ତେଣୁ ପିତାଙ୍କ ମନରେ ଶାନ୍ତି ନ ଥିଲା । ଅପ୍ରତ୍ୟାଶିତ ଭାବରେ ପତ୍ନୀହରା ଏବଂ ଜୀବନର ଶାନ୍ତିହରା ହୋଇ ଶୀଘ୍ର ଶିବଶମ୍ଭୁ ବୃଦ୍ଧ ଜରାଗ୍ରସ୍ତ ହୋଇପଡ଼ିଲେ । ବ୍ରଜଗୋପାଳକୁ ୧୫ ବର୍ଷ ବୟସବେଳେ ହଠାତ୍ ବୃଦ୍ଧ ଦିନେ ଦେହତ୍ୟାଗ କଲେ ।

ପିତାଙ୍କର ଦେହତ୍ୟାଗ ପରେ ବ୍ରଜଗୋପାଳ ସମ୍ୟକ ଶିକ୍ଷା ଅଭାବରେ କ୍ରମେ ଉଚ୍ଛୃଙ୍ଖଳ ହୋଇଉଠିଲା । ଏଣେ ପିତୃ ପରିତ୍ୟକ୍ତ ସାମାନ୍ୟ ଅର୍ଥ ଯେତେବେଳେ ଶେଷ ହୋଇଗଲା, ସେତେବେଳେ ବ୍ରଜଗୋପାଳ ଅର୍ଥାଭାବରେ ବିଶେଷ ଚିନ୍ତିତ ହୋଇପଡ଼ିଲା । ଅଭିଭାବକଶୂନ୍ୟ ବ୍ରଜଗୋପାଳ ଅଭାବରେ ପଡ଼ି ବଦମାସ ଗୁଣ୍ଡାଙ୍କ ଦଳଭୁକ୍ତ ହେଲା । ବ୍ରଜଗୋପାଳର ସୁନ୍ଦର ଚେହେରା ଓ ହୃଷ୍ଟପୁଷ୍ଟ ଦେହ ଦେଖି ଗୁଣ୍ଡାମାନେ ତାକୁ ସାମାନ୍ୟ ଅର୍ଥ ବିନିମୟରେ ସେମାନଙ୍କ କାର୍ଯ୍ୟସିଦ୍ଧିର ସହାୟକରୂପେ ନିୟୋଗ କଲେ । ଆଦିକବି ମହର୍ଷି ବାଲ୍ମୀକିଙ୍କ ପରି ଯେ ଉତ୍ତରକାଳରେ ମହାସାଧକ ଓ ସିଦ୍ଧମହାପୁରୁଷ ହେବେ, ପ୍ରଥମ ଯୌବନରେ ସେ ଅତି ଜଘନ୍ୟ ପାରିପାର୍ଶ୍ୱିକ ଅବସ୍ଥାରେ ପଡ଼ି ଉଚ୍ଛୃଙ୍ଖଳ ଜୀବନଯାପନ କରିବାକୁ ଆରମ୍ଭ କଲେ ।

ଶ୍ରୀ ଭଗବାନଙ୍କର ସୂକ୍ଷ୍ମଶକ୍ତି କିପରି ଘୋର ପ୍ରତିକୂଳ ଅବସ୍ଥାରୁ ମଧ୍ୟ ଜୀବକୁ ସାଧନ-ମାର୍ଗର ଅତି ଉନ୍ନତ ସ୍ତରକୁ ଉନ୍ନୀତ କରିଦିଏ, ତାହା ସାଧାରଣ ମାନବ ପକ୍ଷରେ ସଂପୂର୍ଣ୍ଣ ଅବୋଧ । ଏକମାତ୍ର ମହାପୁରୁଷମାନଙ୍କ ଜୀବନରେ

ଏହିପ୍ରକାର ଘଟଣାର ବୈଶିଷ୍ଟ୍ୟ ଦେଖାଯାଏ । ତେଣୁ ପ୍ରତ୍ୟେକ ମହାପୁରୁଷଙ୍କ ଜୀବନ ସାଧାରଣ ମାନବଙ୍କର ଆଲୋଚ୍ୟ ବିଷୟ ହୋଇଥାଏ । ସେଥିରୁ ସାଧାରଣ ଜନ ସମାଜ ସେମାନଙ୍କ ସାଧନ-ପଥର ବହୁ ନିର୍ଦ୍ଦେଶ ପାଇଥାଆନ୍ତି । ଯାହା ହେଉ ନିମ୍ନଲିଖିତ ସାମାନ୍ୟ ଘଟଣାରୁ ଏହି ମହାପୁରୁଷଙ୍କ ଜୀବନର ଗତି ପରିବର୍ତ୍ତିତ ହୋଇଗଲା ।

ଏହି ସମୟରେ ବ୍ରଜଗୋପାଳ ଅସତ୍ ସଂସର୍ଗରେ ପଡ଼ି ଏତେ ଉଚ୍ଛୃଙ୍ଖଳ ହୋଇଯାଇଥିଲା ଯେ, ସେ ଦିନେ ଏକ ଅପ୍ରୀତିକର ପରିସ୍ଥିତିରେ ଗର୍ଭଧାରିଣୀ ମାତା ଦିଗମ୍ବରୀଙ୍କ ସଂସ୍ପର୍ଶରେ ଆସିଥିଲା ।

ଏହି ଘଟଣାରେ ବ୍ରଜଗୋପାଳ ଶୋକରେ ଅଧୀର ହୋଇ ପଚାରିଲା— ''ମା, ମୁଁ ତୋର ଏତେ ନିକଟରେ ଥାଇ ମଧ୍ୟ ତୋତେ ମାଆ ବୋଲି ଚିହ୍ନିପାରିଲି ନାହିଁ କାହିଁକି ?'' ଦିଗମ୍ବରୀଦେବୀ ଉତ୍ତର ଦେଲେ, ''ବାପ, ଏ ଜଗତ ମହାମାୟାଙ୍କ ପ୍ରଭାବରେ ପରିଚାଳିତ । ତାଙ୍କରି ମାୟା ପ୍ରଭାବରେ କେହି କାହାକୁ ଚିହ୍ନିପାରନ୍ତି ନାହିଁ ।'' ବ୍ରଜଗୋପାଳ ଏକଥା ଶୁଣି କ୍ରୋଧାନ୍ୱିତ ହୋଇ କହିଲା— ''ମା ! ମୋର ପ୍ରତିଜ୍ଞା ଶୁଣ—ଯେଉଁ ମହାମାୟାର ପ୍ରଭାବରେ ପୁତ୍ର ସୁଦ୍ଧା ତାହାର ଗର୍ଭଧାରିଣୀ ମାଆକୁ ଚିହ୍ନିପାରୁ ନାହିଁ, ସେହି ମହାମାୟାଙ୍କୁ ସ୍ୱୀ ରୂପରେ ନ ପାଇବାଯାଏ ମୁଁ ଆଉ କୌଣସି କାର୍ଯ୍ୟ କରିବି ନାହିଁ ।'' ଏହି ଘଟଣାର କିଛିଦିନ ପରେ ଦିଗମ୍ବରୀ ଦେବୀ ଦେହରକ୍ଷା କରିଥିଲେ ।

ଏହି ଘଟଣା ପରଠାରୁ ବ୍ରଜଗୋପାଳଙ୍କ ହୃଦୟରେ ଦାରୁଣ ଜ୍ୱାଳା ଉପସ୍ଥିତ ହେଲା । ସେ ଉପଯୁକ୍ତ ଗୁରୁ ଅନୁସନ୍ଧାନରେ ପ୍ରୟାଗ କୁମ୍ଭମେଳାକୁ ଗମନ କଲେ । ବ୍ରଜଗୋପାଳ ବହୁ ସାଧୁ-ସନ୍ନ୍ୟାସୀଙ୍କ ଅନୁସରଣ କରି ଅବଶେଷରେ ଶ୍ରୀମତ୍ ମାଧବାନନ୍ଦ ଗିରିଙ୍କର ଆଶ୍ରୟ ଗ୍ରହଣ କଲେ । ସେ ବିବିଧ ଉପଦେଶ ପ୍ରଦାନ କରି ଯୁବକ ବ୍ରଜଗୋପାଳଙ୍କ ତାପିତ ପ୍ରାଣରେ ଶାନ୍ତିର ଅମୀୟ ବାରି ସେଚନ କଲେ । କିଛିଦିନ ପରେ ବ୍ରଜଗୋପାଳ ଯଥାରୀତି ଦୀକ୍ଷିତ ହୋଇ ଉକ୍ତ ଗିରି ମହାରାଜଙ୍କ ଶିଷ୍ୟ ଓ ସେବକ ରୂପରେ ପରିଗଣିତ ହେଲେ । ପ୍ରାୟ ପାଞ୍ଚବର୍ଷ ସେ ଗୁରୁସେବାନିରତ ରହି ଶାସ୍ତ୍ରଜ୍ଞାନ ଓ ସାଧନମାର୍ଗରେ ଯଥେଷ୍ଟ ଉନ୍ନତି ଲାଭ କରି ଶେଷରେ 'ବ୍ରହ୍ମାନନ୍ଦ ଗିରି' ଏହି ଗୁରୁଦତ୍ତ ନାମ ଗ୍ରହଣ କଲେ ।

ଏହିପରି ଭାବରେ ଅଜସ୍ର ଗୁରୁକୃପା ଲାଭ ହେଲେ ମଧ ବ୍ରହ୍ମାନନ୍ଦଙ୍କର ପୂର୍ବକଥା ସ୍ମୃତିପଥରେ ଉଦିତ ହୋଇ ଦାରୁଣ ପୀଡ଼ା ଦେଉଥାଏ । ଅବଶେଷରେ ଗୁରୁଦେବଙ୍କ ଆଦେଶ ଅନୁସାରେ ସୁପ୍ରସିଦ୍ଧ ଆଗମ ବାଗୀଶ ''ନାଗଭଟ୍ଟ''ଙ୍କ ଶିଷ୍ୟ ତ୍ରିପୁରାନନ୍ଦଙ୍କ ନିକଟରୁ ତତ୍ତ୍ୱ ସାକ୍ଷାତ୍‌କାର କରିବାର ମାନସରେ କୌଳସାଧନା ନିମିତ୍ତ ସେ ତାନ୍ତ୍ରିକ ଦୀକ୍ଷା ଗ୍ରହଣ କଲେ । ଏହି ନାଗଭଟ୍ଟ କଳିଯୁଗରେ ତାନ୍ତ୍ରିକସାଧନା ଯେ ଯୁଗୋପଯୋଗୀ ଏବଂ ଆଶୁଫଳପ୍ରଦ, ତାଙ୍କ ଶିଷ୍ୟମାନଙ୍କ ଦ୍ୱାରା ତାହା ପ୍ରମାଣ କରିଥିଲେ । କଥିତ ଅଛି ଯେ, ଏହି ମହାତ୍ମା ଦୁଇଶହବର୍ଷ ଜୀବିତ ଥିଲେ । ତ୍ରିପୁରାନନ୍ଦଙ୍କ ନିକଟରୁ ତାନ୍ତ୍ରିକଦୀକ୍ଷା ଗ୍ରହଣ କଲାପରେ ବ୍ରହ୍ମାନନ୍ଦ ସାଧନର ଅନୁକୂଳ ସ୍ଥାନ ସନ୍ଧାନ କରିବାକୁ ଲାଗିଲେ ।

ବ୍ରହ୍ମାନନ୍ଦ ମହାମାୟାଙ୍କ ଉଦ୍ଦେଶ୍ୟରେ ଗୁରୁଦତ୍ତ ମନ୍ତ୍ର ଜପ କରୁଥିବାବେଳେ ଦିନେ କେତେଜଣ ଯୋଗିନୀଙ୍କ ସହ ତାଙ୍କର ସାକ୍ଷାତ ହେଲା । ବ୍ରହ୍ମାନନ୍ଦ ପଚାରିଲେ, ''ଆପଣମାନେ କିଏ ?'' ସେମାନେ ଉତ୍ତର କଲେ, ''ଆମ୍ଭେମାନେ ଜଗଦମ୍ବା ମହାମାୟାଙ୍କ ସହଚରୀ !'' ବ୍ରହ୍ମାନନ୍ଦ କହିଲେ, ''ଆପଣ ମାଆଙ୍କୁ ପଚାରିବେ ଯେ କେବେ ତାଙ୍କର ଦର୍ଶନ ମିଳିବ ।'' ସେମାନେ ପଚାରିବେ ବୋଲି ସ୍ୱୀକୃତି ଦେଇ ଚାଲିଗଲେ । କିଛିଦିନ ପରେ ସେମାନେ ଫେରିବାବେଳେ ବ୍ରହ୍ମାନନ୍ଦ ପଚାରିଲେ, ''ମାଆ କେବେ ଦର୍ଶନ ଦେବେ ବୋଲି କହିଲେ ?'' ଯୋଗିନୀମାନେ ବିଲ୍ୱପତ୍ରରେ ଲିଖିତ ଗୋଟିଏ ମନ୍ତ୍ର ବ୍ରହ୍ମାନନ୍ଦଙ୍କ ହସ୍ତରେ ପ୍ରଦାନ କରି କହିଲେ—''ଏହି ମନ୍ତ୍ରକୁ ମାଆ ଦେଇ କହିଛନ୍ତି—ତୁମର ଗୁରୁଦତ୍ତ ମନ୍ତ୍ରରେ ଛିନ୍ନାଦି ଦୋଷ ଅଛି । ଏହି ବିଲ୍ୱପତ୍ର ଲିଖିତ ମନ୍ତ୍ର ଜପ କଲେ ଶୀଘ୍ର ମାଆଙ୍କର ଦର୍ଶନ ମିଳିବ ।'' ଏ କଥା ଶୁଣି ବ୍ରହ୍ମାନନ୍ଦ କ୍ରୋଧରେ ବିଲ୍ୱପତ୍ରକୁ ଗୋଡ଼ରେ ଦଳିଦେଇ କହିଲେ—''ଯାଅ ! ମାଆଙ୍କୁ କହିବ ମୋ ଗୁରୁଦତ୍ତ ମନ୍ତ୍ର ଭୁଲ୍ ହୋଇ ନ ପାରେ ! ମା'ଙ୍କର ଗୁରିଗିରି କରିବାର ଅଧିକାର ନାହିଁ । ସେ ଗୁରୁଦତ୍ତ ମନ୍ତ୍ରଶକ୍ତିରେ ହିଁ ଦର୍ଶନ ଦେବାକୁ ବାଧ୍ୟ ।'' ଏହାପରେ ଯୋଗିନୀମାନେ ଉଭେଇଗଲେ । ପରେ ବ୍ରହ୍ମାନନ୍ଦ ଯେଉଁ ପୀଠସ୍ଥାନମାନଙ୍କରେ ମନ୍ତ୍ର ଜପ କରିବାର ଆୟୋଜନ କଲେ, ଦେବୀ ସେଠାରେ ବିଘ୍ନ ଉତ୍ପାଦନ କରାଇବାକୁ ଲାଗିଲେ । ତେଣୁ ବ୍ରହ୍ମାନନ୍ଦ ସାଧନାର ଅନୁକୂଳ ସ୍ଥାନ ସନ୍ଧାନ କରିବାକୁ ବାହାରିଲେ ।

ସେହି ସମୟରେ ସମ୍ରାଟ ଆକବର ଦିଲ୍ଲୀ ସିଂହାସନରେ ବସିଥାଆନ୍ତି । ସେତେବେଳେ ଯେଉଁ କେତେ ଜଣ ଭୂସ୍ୱାମୀ ମୋଗଲ ପ୍ରଭୁତ୍ୱ ଅସ୍ୱୀକାର କରି ସ୍ୱାଧୀନ ଭାବରେ ରାଜତ୍ୱ କରୁଥିଲେ, ତନ୍ମଧ୍ୟରେ ବିକ୍ରମପୁରର କେଦାର ରାୟ ଅନ୍ୟତମ । ବ୍ରହ୍ମାନନ୍ଦ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ବିକ୍ରମପୁରର ରାଜଧାନୀ ଶ୍ରୀପୁରରେ ଉପସ୍ଥିତ ହେଲେ । ଏହି ସମୟରେ କେଦାର ରାୟଙ୍କ ଜ୍ୟେଷ୍ଠତାତଙ୍କର ପୁତ୍ର ଚାନ୍ଦ ରାୟ ବିକ୍ରମପୁରର ରାଜା ଥିଲେ । ଶ୍ରୀପୁରକୁ ଆସି ବ୍ରହ୍ମାନନ୍ଦ ରାଜପୁରୋହିତମାନଙ୍କ ସାହାଯ୍ୟରେ ରାଜଭ୍ରାତୃଦ୍ୱୟଙ୍କ ସହିତ ପରିଚିତ ହେଲେ । ବ୍ରହ୍ମାନନ୍ଦଙ୍କୁ ଶକ୍ତିଶାଳୀ କୌଳ ସାଧୁ ଜାଣି ଚାନ୍ଦ ରାୟ ଓ କେଦାର ରାୟ ତାଙ୍କର ସାଧନ ଭଜନରେ ଯେପରି ବିଘ୍ନ ନ ହେବ, ସେହିପରି ବନ୍ଦୋବସ୍ତ କରିଦେଲେ ।

ବ୍ରହ୍ମାନନ୍ଦ ନଦୀତୀରବର୍ତ୍ତୀ ଶ୍ମଶାନ ନିକଟରେ ଗୋଟିଏ ଜନବିରଳ ସ୍ଥାନକୁ ସାଧନକ୍ଷେତ୍ର ରୂପରେ ନିର୍ବାଚନ କଲେ । ସେ ଅଳ୍ପକାଳ ମଧ୍ୟରେ ଆବଶ୍ୟକୀୟ ଦ୍ରବ୍ୟାଦି ସଂଗ୍ରହ କରି ଗଭୀର ସାଧନାରେ ମଗ୍ନ ହେଲେ । ଦେଶ, କାଳ, ପାତ୍ରର ଶୁଭ ଯୋଗାଯୋଗରେ ବ୍ରହ୍ମାନନ୍ଦଙ୍କର ଅତି ସତ୍ୱର ମନ୍ତ୍ରଚୈତନ୍ୟ ହେଲା । ସେହି ମହାଶ୍ମଶାନରେ ସେ ଏକାକୀ ଉପବିଷ୍ଟ । ଚତୁର୍ଦ୍ଦିଗରେ ଅମାନିଶାର ଗଭୀର ଅନ୍ଧକାର । ବିଶ୍ୱସଂସାର ନିଦ୍ରିତ; ଜାଗ୍ରତ ଏକମାତ୍ର ସାଧକ ବ୍ରହ୍ମାନନ୍ଦ । ବାହାରୁ ଜଣାଯାଉଅଛି, ଯେପରି ତାଙ୍କର ବାହ୍ୟଚୈତନ୍ୟ ନାହିଁ । କିନ୍ତୁ ବାହ୍ୟଚୈତନ୍ୟ ନଥିଲେ ମଧ୍ୟ ଅନ୍ତରରେ ସେ ଜାଗ୍ରତ । ଗୁରୁଦତ୍ତ ମହାମନ୍ତ୍ର ଜପ ଆପଣା ଶକ୍ତିରେ ସବେଗରେ ଚାଲୁଅଛି, ମୁହୂର୍ତ୍ତେ ହେଲେ ବିରାମ ନାହିଁ । ପାଠକଗଣ ! ଏହି ଅବସ୍ଥାରେ ବାହ୍ୟ ଚୈତନ୍ୟ ନ ଥିଲେ ମଧ୍ୟ, ଇନ୍ଦ୍ରିୟବର୍ଗ ନିଷ୍କ୍ରିୟ ହେଲେ ମଧ୍ୟ, ଚିତ୍ତ ସମଧିକ ପ୍ରଶାନ୍ତ ଓ ଅନ୍ତଃକରଣ ଅଧିକତର ଜାଗ୍ରତ ଥାଏ । କେଜାଣି କୌଣସି ଶୁଭ ମୁହୂର୍ତ୍ତରେ ପ୍ରାଣର ଦେବତା ଆସି ସାଧକକୁ ନିଦ୍ରିତ ଦେଖି ଫେରିଯିବେ ! ଏହି ଅବସ୍ଥାରେ ହିଁ ଅତୀନ୍ଦ୍ରିୟ ଦର୍ଶନ ହୋଇଥାଏ । ସାଧକଙ୍କର ମୃତ ଆତ୍ମୀୟସ୍ୱଜନ, କେତେ ତିରୋହିତ ମହାପୁରୁଷ, କେତେ ଦେବଦେବୀ ଆସି ଦେଖାଦିଅନ୍ତି । ସାଧକଙ୍କୁ ସାଧନରୁ ନିବୃତ୍ତ ହେବାକୁ ଅନୁରୋଧ କରନ୍ତି । କେତେ ଭୀତି ପ୍ରଦର୍ଶନ କରି ସାଧକଙ୍କୁ ସଂକଳ୍ପଚ୍ୟୁତ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ଏଗୁଡ଼ିକ ସେହି ମହାମାୟାଙ୍କର ପରୀକ୍ଷା । ମାଆ ଖେଳନା ଦେଇ ସନ୍ତାନକୁ ଭୁଲାଇବାକୁ ଚେଷ୍ଟା କରନ୍ତି । ଯେଉଁ ସାଧକମାନେ ଖେଳଣା ଦେଖି ଭୁଲିଯାନ୍ତି

ନାହିଁ, ନାମ ଜପ ବନ୍ଦ କରନ୍ତି ନାହିଁ, କେବଳ ସେହିମାନେ ମାଆଙ୍କର ସ୍ୱରୂପ ମୂର୍ତ୍ତିର ଦର୍ଶନ ପାଇଁ ଧନ୍ୟ ହୁଅନ୍ତି ।

ବ୍ରହ୍ମାନନ୍ଦ ଧ୍ୟାନମଗ୍ନ । ଅବିରାମ ମନ୍ତ୍ରଜପ ଚାଲିଛି । ସାଧକ ସହସା ଶୁଣିପାରିଲେ, ଚତୁଃପାର୍ଶ୍ୱରେ କିଏ ଯେପରି ହିଁ ହିଁ ହୋଇ ହସୁଛି । ଥରେ ଚକ୍ଷୁ ଉନ୍ମୀଳନ କରି ଦେଖିଲେ—କାହିଁ, କେହି ତ ନାହାନ୍ତି ? ସାଧକ ପୁଣି ଧ୍ୟାନସ୍ଥ ହୋଇ ମନ୍ତ୍ରଜପରେ ନିମଗ୍ନ ହେଲେ । ସହସା ଭୀଷଣ ଭୂମିକମ୍ପ ଓ ସଙ୍ଗେ ସଙ୍ଗେ ଝଡ଼ ବୃଷ୍ଟି ଏବଂ ଅଶନିପାତ ଆରମ୍ଭ ହେଲା । ସାଧକ ପୁଣି ବିଚଳିତ ହେଲେ । ଦେଖିଲେ ଚାରିଆଡ଼େ ପ୍ରବଳ ବାରିବର୍ଷଣ ହେଉଅଛି, ମାତ୍ର ତାହା ତାଙ୍କ ଦେହ ସ୍ପର୍ଶ କରୁ ନାହିଁ । ସେ ବୁଝିଲେ ଏହା ମଧ୍ୟ ମହାମାୟାଙ୍କ ଛଳନା । ପୁନରାୟ ଉତ୍ସାହର ସହିତ ସେ ଜପରେ ନିମଗ୍ନ ହେଲେ ।

ପୁଣି ଦେଖିଲେ ତାଙ୍କର ଗର୍ଭଧାରିଣୀ ଜନନୀ ଦିଗମ୍ବରୀ ଦେବୀ ସମ୍ମୁଖରେ ଦଣ୍ଡାୟମାନା । ସେ ସାଧନାରୁ ନିବୃତ୍ତ ହେବାକୁ କହୁଛନ୍ତି । ସାଧକ ଦୃଢ଼ ସ୍ୱରରେ କହିଲେ 'ଦୂରହୁଅ ! ଗୁରୁ ଉପଦିଷ୍ଟ ଜଗଜ୍ଜନନୀ ମୂର୍ତ୍ତିରେ ଦେଖା ନ ଦେଲେ ମୋ ନିକଟରୁ ଚାଲିଯା, ସାଧନ ବିଘ୍ନ କରନା । ସହସା, ସେ ମୂର୍ତ୍ତି ଅନ୍ତର୍ହିତ ହୋଇଗଲା । ସାଧକ ପୁନରାୟ ଜପରେ ବସିବାମାତ୍ରେ ଚିତ୍ତଚାଞ୍ଚଲ୍ୟ ଉପସ୍ଥିତ ହେଲା । ସେ ଦେଖିଲେ ପ୍ରଭାତ ହୋଇଯାଇଛି । ଚାରିଆଡ଼ ସୂର୍ଯ୍ୟକିରଣ ଦ୍ୱାରା ଉଦ୍ଭାସିତ । କେତେଜଣ ଗଉଡ଼ ଗୋରୁ ଚରାଇବାକୁ ସେହିବାଟେ ଯାଉଛନ୍ତି । ନଦୀରେ ନୌକା ଚାଲିଛି । ସ୍ନାନାର୍ଥୀମାନେ କ୍ରମେ କ୍ରମେ ନଦୀକୂଳରେ ପହଞ୍ଚିଯାଇଛନ୍ତି । ବ୍ରହ୍ମାନନ୍ଦ ମନେକଲେ ସକାଳ ହୋଇଗଲାଣି । ତେଣୁ "ଶ୍ରୀଗୁରୁ" ସ୍ମରଣ କରି ଉଠିବାକୁ ଉପକ୍ରମ କଲେ । ଗୁରୁନାମ ସ୍ମରଣ କଲାମାତ୍ରକେ ସହସା ସେ ଦୃଶ୍ୟପଟ ଅନ୍ତର୍ହିତ ହୋଇଗଲା । ସାଧକ ଦେଖିଲେ ଗଭୀର ଅନ୍ଧକାର ମଧ୍ୟରେ ସେ ଏକାକୀ ବସିଅଛନ୍ତି । ସେ ମନେ ମନେ ବିରକ୍ତ ହେଲେ ମଧ୍ୟ ଦୃଢ଼ନିଷ୍ଠାର ସହିତ ପୁନରାୟ ମନ୍ତ୍ର ଜପରେ ନିମଗ୍ନ ହେଲେ ।

ଏହି ଭାବରେ କେତେ ସମୟ ଅତୀତ ହୋଇଗଲା । ସହସା ରମଣୀକଣ୍ଠର ଆହ୍ୱାନରେ ସେ ଆଖି ମେଲାକଲେ । ସେ ଦେଖିଲେ, ଗୋଟିଏ ଖଞ୍ଜ ବୃଦ୍ଧା ତାଙ୍କ ସମ୍ମୁଖରେ ଦଣ୍ଡାୟମାନା । ରମଣୀ ପ୍ରଶ୍ନ କଲେ, "ବାବା ! ମୋତେ ଡାକୁଛୁ କାହିଁକି ?" ସାଧକ ଉତ୍ତର କଲେ, "ନା, ମୁଁ ତୁମକୁ ତ ଡାକୁ ନାହିଁ ?" ବୃଦ୍ଧା

କହିଲେ, "ମୋତେ ଡାକିବା ଭଳି ମନେହେଲା ଯେ !" ବ୍ରହ୍ମାନନ୍ଦ କହିଲେ, "ବୁଢ଼ି ! ମୁଁ ମୋର ଇଷ୍ଟଦେବୀଙ୍କୁ ଡାକୁଛି, ତୋତେ ନୁହେଁ ।" ବୃଦ୍ଧା କହିଲେ, "ବତ୍ସ ! ମୁଁ ତୋର ଇଷ୍ଟଦେବୀ, ଜଗଜ୍ଜନନୀ । ତୋ ଗୁରୁ ନିର୍ଦ୍ଦିଷ୍ଟ ମନ୍ତ୍ରରେ ଦୋଷ ଅଛି, ତେଣୁ ମୋତେ ଏପରି ବିକଳାଙ୍ଗ ଭାବରେ ଦର୍ଶନ କରୁଛୁ ।" ବ୍ରହ୍ମାନନ୍ଦ ଉତ୍ତର କଲେ, "ମୋ ଇଷ୍ଟଦେବୀ ମୋ ଗୁରୁନିର୍ଦ୍ଦିଷ୍ଟ ମୂର୍ତ୍ତିରେ ନିଶ୍ଚୟ ଆସିବେ । ତୁ ଶୀଘ୍ର ଏ ସ୍ଥାନ ତ୍ୟାଗ କର ।" ଏହାପରେ ସେ ମୂର୍ତ୍ତି ଉଭେଇଗଲା ।

ବ୍ରହ୍ମାନନ୍ଦ ଅତିଶୟ ବିସ୍ମିତ ହୋଇପଡ଼ିଲେ । ସେ ଭାବିଲେ ଜଗଜ୍ଜନନୀଙ୍କ ଦର୍ଶନଲାଭ ସହଜ ନୁହେଁ । ପଦେ ପଦେ ଛଳନାର ଅନ୍ତ ନାହିଁ, ପରୀକ୍ଷାର ଶେଷ ନାହିଁ । ସେ ପୁନରାୟ ଉତ୍ସାହର ସହିତ ଜପରେ ନିମଗ୍ନ ହେଲେ ।

ସାଧକ ଧ୍ୟାନରେ ନିମଗ୍ନ । ଦେହ ନିସ୍ପନ୍ଦ, ଶ୍ୱାସପ୍ରଶ୍ୱାସ ବହୁଛି କି ନାହିଁ ସନ୍ଦେହ । ତେବେ କ'ଣ ଦେହରେ ପ୍ରାଣ ନାହିଁ ? ଦେଶ, କାଳ, ପାତ୍ର ଭେଦ ବା ରହିଲା କେଉଁଠି ? ଏହି ଅବସ୍ଥାରେ ଆତ୍ମଚୈତନ୍ୟ ବିଶ୍ୱଚୈତନ୍ୟ ସତ୍ତାରେ ମିଶିଯାଇ ଏକ ହୋଇଯାଏ । ସାଧକର ସ୍ଥୁଳଦେହ ଅଚେତନ ହେଲେ ମଧ୍ୟ ଅନ୍ତରରେ ପୂର୍ଣ୍ଣ ଚେତନାର ସହ ମନ୍ତ୍ର ଜପ ଚାଲୁଥାଏ । ଏହାକୁ ମନ୍ତ୍ରଚୈତନ୍ୟ ଅବସ୍ଥା କୁହାଯାଏ । ଏହି ସମୟରେ ଜ୍ଞେୟ ଓ ଜ୍ଞାତା ଯେ ଅଭେଦ, ଏହାର ପୂର୍ଣ୍ଣ ଅନୁଭୂତି ଲାଭ ହୁଏ । ଏହି ଅବସ୍ଥାରେ ସାଧକ ଦେଖିଲେ, ତାଙ୍କ ନାଶାପଥରୁ ଗୋଟିଏ ଜ୍ୟୋତିଃସୂତ୍ର ବହିର୍ଗତ ହେଉଅଛି । ଏହି ଜ୍ୟୋତିଃସୂତ୍ର କ୍ରମେ ଚାରିଆଡ଼କୁ ପରିବ୍ୟାପ୍ତ ହୋଇଯାଉଛି । ସାଧକ ଜ୍ୟୋତିଃସମୁଦ୍ରରେ ନିମଗ୍ନ ହେଲେ । କ୍ରମେ ଏହି ଜ୍ୟୋତିଃସମୁଦ୍ରର ମଧ୍ୟଭାଗ ଯେପରି ଗାଢ଼ରୁ ଗାଢ଼ତର ହୋଇ ଉଠିଲା । ପରିଶେଷରେ ଜଳ ଉପରେ ତୁଷାର ଭାସିଲାପରି ଗୋଟିଏ ମନୋରମ ରମଣୀମୂର୍ତ୍ତି ଏହି ଜ୍ୟୋତିଃସମୁଦ୍ରରେ ଭାସିଉଠିଲେ । ସାଧକ ଚକ୍ଷୁ ମୁଦ୍ରିତ କରି ଧ୍ୟାନମଗ୍ନ ଥିଲେ ମଧ୍ୟ ଏ ମୂର୍ତ୍ତିଙ୍କର ସ୍ୱରୂପ ଓ ଆଗମନ ପ୍ରତ୍ୟକ୍ଷ କରିପାରିଲେ । ଏହିଠାରେ ହିନ୍ଦୁଧର୍ମର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ହିନ୍ଦୁମାନେ ଯେ କେବେ ଜଡ଼ର ପୂଜା କରନ୍ତି ନାହିଁ—ଏହାହିଁ ତାର ପ୍ରମାଣ । ପ୍ରଥମରୁ ସାଧନାର ସୁବିଧା ନିମିତ୍ତ ଜଡ଼ଦ୍ୱାରା ଜଡ଼ ମୂର୍ତ୍ତି ଗଠନ କରି ପୂଜା କରାଯାଏ । ପରେ ନିଷ୍ଠା ଗାଢ଼ ହେଲେ ଆଉ ଜଡ଼ପ୍ରତିମାର ପ୍ରୟୋଜନ ହୁଏ ନାହିଁ । ସେତେବେଳେ ସାଧକ ଆପଣା

ମାନସପଟରେ ମାନସୀ ପ୍ରତିମା ଗଢ଼ି, ମାନସ ଉପାଦାନରେ ଏହାଙ୍କର ସେବା ପୂଜା ସମ୍ପନ୍ନ କରନ୍ତି । ଏଥିପାଇଁ କୌଣସି ବହିର୍ବସ୍ତୁର ପ୍ରୟୋଜନ ହୁଏ ନାହିଁ । ଏହି ଅବସ୍ଥା ଯେ କେତେ ପ୍ରାଣମୟ, କେତେ ଆନନ୍ଦମୟ ତାହା ଚିନ୍ତା କରନ୍ତୁ ଦେଖି ! ଏହିଠାରେ ମଧ୍ୟ ଶେଷ ନୁହେଁ । ଏହାକୁ ତାନ୍ତ୍ରିକ ସିଦ୍ଧି କୁହାଯାଏ । ଏହାର ପର ଅବସ୍ଥା ଆହୁରି ଅଧିକ ମନୋରମ, ଆହୁରି ଅଧିକ ଚିତ୍ତପ୍ରସାଦଦାୟକ । ଏହି ଅବସ୍ଥାରେ ମାନସିକ କ୍ରିୟା ମଧ୍ୟ ନିଷ୍ପନ୍ଦ ହୋଇଯାଏ । ଏହି ଅବସ୍ଥାରେ ଚୈତନ୍ୟ ଦ୍ୱାରା ଚୈତନ୍ୟମୂର୍ତ୍ତି ଗଠିତ ହୋଇ ଚୈତନ୍ୟ ଚକ୍ଷୁରେ ଦର୍ଶନ ଓ ଚୈତନ୍ୟମୟ ଉପଚାରରେ ପୂଜା ହୁଏ । ଏହାହିଁ ଆତ୍ମଦର୍ଶନ । ଏହି ଅବସ୍ଥା ହେଲେ ସାଧାରଣ ସାଧକଙ୍କ ଦେହ ନଷ୍ଟ ହୋଇଯାଏ । କିନ୍ତୁ ଭଗବାନଙ୍କ ଇଚ୍ଛାରେ କେତେଜଣଙ୍କର ଏହି ଅବସ୍ଥା ଲାଭ ପରେ ମଧ୍ୟ ଦେହ ରହିଥାଏ । ସେହିମାନେ ହିଁ ଜୀବନ୍ମୁକ୍ତ । ଏହିସବୁ ମହାତ୍ମାମାନେ ବିବିଧ ଜନହିତକର କାର୍ଯ୍ୟରେ ଜୀବନର ଅବଶିଷ୍ଟ କାଳ ଅତିବାହିତ କରନ୍ତି । ସେମାନଙ୍କ ଶରୀର ଭଗବତ୍ ଇଚ୍ଛା ପରିଚାଳିତ ଯନ୍ତ୍ର ସ୍ୱରୂପ ହୋଇଯାଏ ।

ସାଧକ ବ୍ରହ୍ମାନନ୍ଦ ଜ୍ଞାନଚକ୍ଷୁ ସାହାଯ୍ୟରେ ଦେଖିଲେ ଯେ ତାଙ୍କର ଗୁରୁପଦିଷ୍ଟ ଇଷ୍ଟମୂର୍ତ୍ତି ସମ୍ମୁଖରେ ଦଣ୍ଡାୟମାନ । ଗୀତାରେ ମଧ୍ୟ ଅଛି ''ଦିବ୍ୟଂ ଦଦାମିତେ ଚକ୍ଷୁଃ'' । ଗୁରୁ କୃପାବଳରେ ଯେଉଁମାନଙ୍କର ଜ୍ଞାନଚକ୍ଷୁ ଉନ୍ମୀଳିତ ହୋଇଅଛି, ସେହିମାନେ ହିଁ ଭଗବାନଙ୍କର ସ୍ୱରୂପ ଦର୍ଶନ ଲାଭ କରନ୍ତି । ଅନ୍ୟଥା ଭଗବାନ ତ ସର୍ବଦା ଆମ ନିକଟରେ ଅଛନ୍ତି । କେବଳ ଜ୍ଞାନଦୃଷ୍ଟି ଅଭାବରୁ ଆମେ ତାଙ୍କ ଦର୍ଶନରୁ ବଞ୍ଚିତ ହୋଇଥାଉ ସିନା ! ସାଧକ ନିର୍ବାକ୍ ନିଷ୍ପନ୍ଦ ଭାବରେ ସେହି ମହିମାମୟୀ ଜଗଜ୍ଜନନୀଙ୍କ ମୂର୍ତ୍ତି ଦର୍ଶନ କରିବାକୁ ଲାଗିଲେ । ତାଙ୍କର ଦର୍ଶନ ମାତ୍ରକେ—

''ଭିଦ୍ୟତେ ହୃଦୟ ଗ୍ରନ୍ଥୀ ଛିଦ୍ୟନ୍ତେ ସର୍ବ ସଂଶୟାଃ
କ୍ଷୀୟନ୍ତେ ତସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ।''

ତାଙ୍କର ରାଜୀବଚରଣ ଦର୍ଶନ ମାତ୍ରକେ ଜୀବର ହୃଦୟଗ୍ରନ୍ଥି ଭିନ୍ନ ହୋଇଯାଏ, ସମସ୍ତ ସଂଶୟ ଛିନ୍ନ ହୋଇଯାଏ ଏବଂ ପ୍ରାରବ୍ଧ ବ୍ୟତୀତ ସମସ୍ତ ଶୁଭାଶୁଭ କର୍ମଫଳ ନଷ୍ଟ ହୋଇଯାଏ । ଏକମାତ୍ର ପ୍ରାରବ୍ଧ ଭୋଗ ନିମିତ୍ତ ତାଙ୍କୁ କିଛିଦିନ ଦେହଧାରଣ କରିବାକୁ ପଡ଼େ ଓ ସାଧାରଣ ଲୌକିକ ଆଚରଣ କରିବାକୁ

ହୁଏ । ତେଣୁ ଦେଖିବାକୁ ମିଳେ ଭକ୍ତପ୍ରବର ପ୍ରହ୍ଲାଦ ଓ ଧ୍ରୁବ ଶ୍ରୀ ଭଗବାନଙ୍କ ଦର୍ଶନ ପାଇ ମଧ ପ୍ରାରବ୍ଧ କ୍ଷୟ ନିମିତ୍ତ ରାଜ୍ୟଭୋଗ କରିଥିଲେ ।

ବ୍ରହ୍ମାନନ୍ଦ ମାଆଙ୍କର ରୂପସାଗରରେ ଏକାବେଳକେ ନିମଗ୍ନ ହୋଇଗଲେ । ଜଗଜ୍ଜନନୀ ତାଙ୍କର ପଦସ୍ପର୍ଶ କରାଇ ସାଧକଙ୍କର ବାହ୍ୟଚୈତନ୍ୟ ଫେରାଇ ଆଣିଲେ । ସାଧକ ଚକ୍ଷୁ ମେଲି ଚାହିଁଲେ । ସେ ଚୈତନ୍ୟଚକ୍ଷୁରେ ଅନ୍ତରରେ ଯେଉଁ ମୂର୍ତ୍ତି ଦେଖୁଥିଲେ, ତାଙ୍କୁ ପୁଣି ବାହ୍ୟଚକ୍ଷୁରେ ଦେଖିବାକୁ ପାଇଲେ । ମାଆ କହିଲେ—''ବ୍ରହ୍ମାନନ୍ଦ ! ମୁଁ ଆସିଛି, ବର ପ୍ରାର୍ଥନା କର ।'' ବ୍ରହ୍ମାନନ୍ଦ କହିଲେ—''ମୁଁ କିଛି ମାଗୁ ନାହିଁ ।''

କି ଆଶ୍ଚର୍ଯ୍ୟ ! ଯାହାଙ୍କ ଦର୍ଶନ ଆଶାରେ ଏତେ କଠୋର ତପସ୍ୟା, ସେହି ଆରାଧ୍ୟା ଦେବୀ ସମ୍ମୁଖରେ ଆବିର୍ଭୂତା ହୋଇ ସ୍ୱେଚ୍ଛାରେ ବର ପ୍ରାର୍ଥନା କରିବାକୁ କହିଲାବେଳେ ସାଧକ କହୁଛନ୍ତି—''ମୁଁ କିଛି ଚାହେଁ ନାହିଁ ?'' କିନ୍ତୁ ଏଥିରେ ଆଶ୍ଚର୍ଯ୍ୟର ବିଷୟ କିଛି ନାହିଁ । ଇଷ୍ଟଦର୍ଶନ ମାତ୍ରକେ ସବୁ ସାଧକଙ୍କ ମନରେ ଏହି ପ୍ରକାରର ନିସ୍ପୃହତା ଆସେ । ସେହି ଅବସ୍ଥାରେ ଚାହିଁବାର କିଛି ନ ଥାଏ । ଶ୍ରୀମଦ୍ ଭାଗବତରେ ଅଛି, ବାଳକ ଧ୍ରୁବ ବର ପ୍ରାର୍ଥନା ନ କରି କହୁଛି—ହେ ଦେବ ! ମୁଁ ଅସାର ପାର୍ଥିବ ସମ୍ପଦ ଲୋଭରେ ତପନିରତ ହୋଇ ମୁନିଶ୍ରେଷ୍ଠମାନଙ୍କ ଅଗମ୍ୟ ତାଦୃଶ ଦୁର୍ଲ୍ଲଭ ବସ୍ତୁ ତୁମକୁ ପ୍ରାପ୍ତ ହୋଇଅଛି । ଯେପରି ତୁଚ୍ଛ କାଚଖଣ୍ଡ ପାଇବାକୁ ଯାଇ ମହାମଣି ମିଳିଥାଏ, ସେହିପରି ମୁଁ ତୁମକୁ ପାଇ କୃତାର୍ଥ ହୋଇଛି । ଅନ୍ୟ ବରରେ ମୋର ପ୍ରୟୋଜନ ନାହିଁ ।

ବର ପ୍ରାର୍ଥନା ନ କଲେ ମଧ ଭଗବଦ୍ ଦର୍ଶନ କେବେହେଲେ ବିଫଳ ହୁଏ ନାହିଁ । ତେଣୁ ଜଗଜ୍ଜନନୀ ବ୍ରହ୍ମାନନ୍ଦଙ୍କୁ ପୁନରାୟ ବର ପ୍ରାର୍ଥନା କରିବାକୁ କହିଲେ ।

ବ୍ରହ୍ମାନନ୍ଦ କହିଲେ—''ମୋତେ ମୁକ୍ତି ପ୍ରଦାନ କର ।'' ଦେବୀ ଉତ୍ତର କଲେ—''ତୁ ମୋତେ ଯେ ଭାବରେ ସାଧନା କରିଛୁ, ସେ ଭାବରେ ମୁକ୍ତି ଦେବାର କ୍ଷମତା ମୋର ନାହିଁ । ଅନ୍ୟ ବର ପ୍ରାର୍ଥନା କର ।'' ବ୍ରହ୍ମାନନ୍ଦଙ୍କର ବାହ୍ୟଚୈତନ୍ୟ ପୂର୍ଣ୍ଣମାତ୍ରାରେ ଫେରି ଆସିଥିଲା । ସେ ପୂର୍ବ କଥା ସ୍ମରଣ କରି କହିଲେ—ମୁଁ ମୋର ଗର୍ଭଧାରିଣୀଙ୍କ ପ୍ରତି ଆସକ୍ତ ହୋଇ ପଡ଼ିଥିଲି । ଏହି ଆସକ୍ତିର ପ୍ରଣୋଦକ କିଏ ? ତୁ ନୋହୁଁ କି ? ମୁଁ ସେହି ଆସକ୍ତିର ମୂଳୋତ୍ପାଟନ

ଉଦ୍ଦେଶ୍ୟରେ ତୋତେ ପତ୍ନୀ ରୂପରେ ପାଇବାକୁ ଇଚ୍ଛା କରୁଛି । ''ବ୍ରହ୍ମାନନ୍ଦ ଗିରିର୍ଗିରୀନ୍ଦ୍ର ତନୟା ବକ୍ତ୍ରାମୃତଂ ବାଞ୍ଛତି'' ଦେବୀ ଉତ୍ତର କଲେ—''ମୁଁ ହର ଘରଣୀ ସତୀ ! ମୁଁ ଏ ଭାବରେ ତୋର ମନୋବାଞ୍ଛା ପୂର୍ଣ୍ଣ କରିପାରିବି ନାହିଁ । ତୋର ପୂର୍ବ ଜନ୍ମର କର୍ମଫଳ ହେତୁ ସେପରି ଘଟିଥିଲା । ମୁଁ ତୋର ଅବିଚଳିତ ଗୁରୁଭକ୍ତିରେ ସନ୍ତୁଷ୍ଟ ହୋଇ ତୋତେ ଦେଖା ଦେଇଛି । ଜଗତରେ ନାରୀ ମାତ୍ରକେ ହିଁ ମୋର ବିକାଶ । ମୁଁ ବିଭିନ୍ନ ଆଧାରରେ ଦୁହିତା, ବନିତା ଓ ମାତା ରୂପରେ ଆତ୍ମପ୍ରକାଶ କରିଥାଏ । ତୋର ପ୍ରାର୍ଥନା ଅନ୍ୟଭାବରେ ପୂରଣ ହେବ । ମୋର ଏ ଚିନ୍ମୟ ରୂପ ସ୍ଥୂଳ ଇନ୍ଦ୍ରିୟଗ୍ରାହ୍ୟ ହେବ ନାହିଁ ।

ତୁ ରାଜା କମଳ ରାଜ୍ୟକୁ ଗମନ କର । ସେଠାରେ ଗୋମତୀ ନଦୀ ତୀରରେ ତପୋବନ ସଦୃଶ ଗୋଟିଏ ସ୍ଥାନ ଅଛି । ମୁଁ ତୋର ଭୋଗ୍ୟୋପଯୋଗୀ ନାରୀଦେହ ଧାରଣ କରି ସେଠାରେ ଅବସ୍ଥାନ କରିବି । ତୁ ଏଠାରେ କର୍ତ୍ତବ୍ୟ ଶେଷକରି ଯଥାସମୟରେ ମୋ ସହିତ ମିଳିତ ହେବୁ । ଏ ପ୍ରାର୍ଥନା ବର୍ତ୍ତମାନ ପୂରଣ ହେବନାହିଁ । ଅନ୍ୟ ବର ପ୍ରାର୍ଥନା କର ।''

ବ୍ରହ୍ମାନନ୍ଦ କହିଲେ—''ଲୋକେ ତୋତେ ଦୟାମୟୀ କହନ୍ତି । କିନ୍ତୁ ମୁଁ ସେହି ଦୟାମୟୀଙ୍କର ଦୟାର ଯେଉଁ ନିଦର୍ଶନ ଦେଖିଲି, ସେଥିରୁ ବୁଝିଲି, ଆଉ କେହି ତୋତେ ଦୟାମୟୀ ବୋଲି ଡାକିବେ ନାହିଁ । ପଦେ ପଦେ ପ୍ରତାରଣା, ପଦେ ପଦେ ଛଳନା । ସାଧକକୁ ସାଧନଚ୍ୟୁତ କରିବା ନିମିତ୍ତ ଏତେ ପ୍ରଲୋଭନ କାହିଁକି ? ସାଧକ ପ୍ରତି ଛଳନା ଓ ଉତ୍‌ପୀଡ଼ନ କ'ଣ ତୋର ଦୟାର ନିଦର୍ଶନ ?''

ଦେବୀ ହସ ହସ ବଦନରେ କହିଲେ—''ସତ କହିଛୁ, ଏଗୁଡ଼ିକ ମଧ୍ୟ ମୋର ଦୟାର ନିଦର୍ଶନ । କାରଣ ପ୍ରବର୍ତ୍ତକ ସାଧକ ନିୟମିତ ସାଧନ ଆରମ୍ଭ କଲାକ୍ଷଣି କିଛି ଫଳ ପାଇବାକୁ ଚାହେଁ । ଯଦି କିଛି ଅତିନ୍ଦ୍ରିୟ ଦର୍ଶନ ବା ଶ୍ରବଣ ନ କରେ ତେବେ ଆଉ ସାଧନରେ ଅଗ୍ରସର ହେବାକୁ ଚାହେଁ ନାହିଁ । ଏହା ଗୁରୁ ବା ଇଷ୍ଟ ନିଷ୍ଠାର ଲକ୍ଷଣ ନୁହେଁ । ସାଧକକୁ ସ୍ଥିର ଲକ୍ଷ୍ୟରେ ଦୃଢ଼ସଂକଳ୍ପର ସହିତ ଗତି କରିବାକୁ ହେବ । ନିଷ୍ଠାର ସହିତ ସାଧନ ଆରମ୍ଭ କଲେ ଅତି ସତ୍ୱର ଜ୍ୟୋତିଦର୍ଶନ ହେବ ବା ଧ୍ୱନି ଶୁଣାଯିବ (ନାଦ ସ୍ଫୁରଣ ହେବ) । ଏସବୁ ମୋର ଲୀଳା । ସାଧକମାନଙ୍କର ସାଧନସ୍ପୃହା ବଢ଼ାଇବା ମାନସରେ ମୁଁ ଏହିଭାବରେ ସେମାନଙ୍କୁ ଉତ୍ସାହ ଦାନ କରିଥାଏ । ସାଧନପଥରେ ଯେଉଁସବୁ ବିଘ୍ନ କଥା

କହିଲୁ, ତାହାର ମଧ୍ୟ ସାର୍ଥକତା ଅଛି । ଏହା ମଧ୍ୟ ମୋର ଗୋଟିଏ ଆନନ୍ଦଲୀଳା । ସାମାନ୍ୟ ଅନୁଭୂତିରେ ସାଧକମାନଙ୍କ ମନରେ ଅହଙ୍କାର ଜାତ ହୁଏ । ସେହି କାରଣରୁ ସେମାନେ ଆଘାତ ପାଆନ୍ତି । ମୁଁ ସର୍ବଦା ସାଧକମାନଙ୍କୁ ହାତ ଧରି ଅଗ୍ରସର କରାଇନିଏ । ସେମାନଙ୍କର ଆତ୍ମଶକ୍ତି ଉଦ୍‌ବୁଦ୍ଧ କରିବା ଇଚ୍ଛାରେ ମଝିରେ ମଝିରେ ପୁଣି ହାତ ଛାଡ଼ିଦିଏ । ସେଥିରେ ହୁଏତ ସେମାନେ ସାମାନ୍ୟ ଆଘାତ ପାଆନ୍ତି, କିନ୍ତୁ ଏହାଦ୍ୱାରା ସେମାନେ ସାଧନପଥରେ କେତେକ ପରିମାଣରେ ଅଗ୍ରସର ହୋଇଥାନ୍ତି । ମୁଁ ପୁନରାୟ ସେମାନଙ୍କ ହାତଧରି ସେମାନଙ୍କର ସବୁ ବ୍ୟଥା ବେଦନା ଭୁଲାଇଦେଇ ସାଧନପଥର ବନ୍ଧୁର ସୋପାନଗୁଡ଼ିକ ପାର କରାଇଦିଏ । ଏହିପରି ଉତ୍‌ଥାନ ପତନହିଁ ସଜୀବତାର ଲକ୍ଷଣ । ସାମାନ୍ୟ ପାର୍ଥିବ ସମ୍ପଦ ଲାଭ ନିମିତ୍ତ ଜୀବ କେତେ କଷ୍ଟ ସ୍ୱୀକାର ନ କରୁଛି ? ପୁଣି ପରମାର୍ଥ ଲାଭ କ'ଣ ଏତେ ଅନାୟାସ ଲବ୍‌ଧ ? ନା, ତା ନୁହେଁ । ସେଥିପାଇଁ ଅବିଚଳିତ ଅଧ୍ୟବସାୟ ପ୍ରୟୋଜନ । "ନାୟମାତ୍ମା ବଳହୀନେନ ଲଭ୍ୟଃ" । ଭଗବାନଲାଭ ଅନାୟାସସାଧ୍ୟ ହେଲେ ଭଗବାନଙ୍କ ମୂଲ୍ୟ କମିଯିବ । ଜନ୍ମଜନ୍ମାନ୍ତରୀଣ କର୍ମଫଳରେ ଦେହବଦ୍ଧ ଜୀବ ମନେକରେ, ନିର୍ଦ୍ଦୟ ଭଗବାନ ତାକୁ ତ୍ରିତାପ ତାପରେ ତାପିତ କରୁଛନ୍ତି । କିନ୍ତୁ ତାହା ଠିକ୍ ନୁହେଁ । ଜୀବକୁ ଦେହମୁକ୍ତ କରିବା ନିମିତ୍ତ, ତାକୁ ସ୍ୱ ସ୍ୱରୂପରେ ପହଞ୍ଚାଇଦେବା ପାଇଁ ଭଗବାନଙ୍କର ଯେ କେତେ ବ୍ୟାକୁଳତା, ତାହା ଜୀବ ବୁଝିପାରେ ନାହିଁ । ଡିମ୍ବସ୍ଥ ପକ୍ଷୀ ଶାବକର ଡିମ୍ବ ଭାଙ୍ଗି ବହିର୍ଗମନ ହେବାପରି ଦେହମୁକ୍ତ ହେଲେ ଅତି ବିସ୍ତୀର୍ଣ୍ଣ ମନୋରମ ଜଗତ ଯେ ତାହା ସମ୍ମୁଖରେ ଉଦ୍‌ଭାସିତ ହୋଇଉଠିବ, ଜୀବ ଏହା ବୁଝିପାରେ ନାହିଁ । ପକ୍ଷୀ ମାତା ସନ୍ତାନର ମଙ୍ଗଳ ନିମିତ୍ତ ଡିମ୍ବ ଉପରେ ବସି ଉତ୍ତାପ ଦେଇଥାଏ । ସେହିପରି ମୁଁ ମଧ୍ୟ ଜୀବର ପରମମଙ୍ଗଳ ନିମିତ୍ତ ଦୁଃଖ ଓ ବୈରାଗ୍ୟ ରୂପରେ କେବେ କେବେ ତା ସମ୍ମୁଖରେ ଉପସ୍ଥିତ ହୁଏ । ଏଥିରେ ମୋର ନିଷ୍ଠୁରତାର କୌଣସି ନିଦର୍ଶନ ନାହିଁ । ଏହା ପରମ ସ୍ନେହକାରୁଣ୍ୟର ନିଦର୍ଶନ । ଜୀବର ପ୍ରତ୍ୟେକ ବାସନା ପୂରଣ କରିବା ନିମିତ୍ତ ମୁଁ ତାହାର ଈପ୍‌ସିତ ବସ୍ତୁରୂପରେ ତାହା ସମ୍ମୁଖରେ ଉପସ୍ଥିତ ହୁଏ । ଜୀବ ବାସନା-କଳୁଷିତ ମନରେ ପ୍ରତି ବସ୍ତୁରେ ମୋର ଦର୍ଶନଲାଭ କରିପାରେ ନାହିଁ । ସେଥିପାଇଁ ଭୋଗଶେଷରେ ସେହି ବସ୍ତୁର ଅସାରତା ଉପଲବ୍‌ଧି କରି ପୁଣି କୌଣସି ନୂତନ ବସ୍ତୁ ଆକାଙ୍‌କ୍ଷା କରେ । ଏହି

ଭାବରେ ଜୀବ ଜନ୍ମାନ୍ତରର ସୃଷ୍ଟି କରେ । ମୋ ଆଡ଼କୁ ଫେରି ଚାହେଁନାହିଁ । ତୁ କ୍ରମେ ସେହିସବୁ ତତ୍ତ୍ୱକୁ ହୃଦୟଙ୍ଗମ କରିବାକୁ ସମର୍ଥ ହେବୁ । ବର୍ତ୍ତମାନ ଅନ୍ୟ ବର ପ୍ରାର୍ଥନା କର ।

ବ୍ରହ୍ମାନନ୍ଦ ଜଗନ୍ମାତାଙ୍କର ଉପରୋକ୍ତ ଉପଦେଶାବଳୀ ଶ୍ରବଣ କରି ମଧ୍ୟ ଟିକିଏ ହେଲେ ତରଳିଗଲେ ନାହିଁ । ସେ ରୁକ୍ଷ ସ୍ୱରରେ କହିଲେ, ଯଦି ତୋର କିଛି ଦେବାର କ୍ଷମତା ନାହିଁ, ତେବେ ମୋ ନିକଟରୁ ଚାଲିଯାଅ ।'' ଦେବୀ କହିଲେ, ''ମୋର ଦର୍ଶନ କେବେହେଲେ ବିଫଳ ହେବ ନାହିଁ । ତୋତେ ବରପ୍ରାର୍ଥନା କରିବାକୁ ପଡ଼ିବ । ନଚେତ୍ ମୋତେ ବାଧହୋଇ କିଛି ଦେବାକୁ ହେବ, ଯାହାକି ତୋ ପକ୍ଷରେ ହୁଏତ ଅଭିଶାପ ସ୍ୱରୂପ ହୋଇପାରେ ।

ଏ କଥା ଶୁଣି ବ୍ରହ୍ମାନନ୍ଦ କହିଲେ, ''ଯଦି ଏପରି କଥା ତେବେ ମୁଁ ଯେଉଁ ପ୍ରସ୍ତର ଆସନ ଉପରେ ବସି ଜପ କରୁଥିଲି, ତାକୁ ଧରି ମୋ ସଙ୍ଗେ ସଙ୍ଗେ ଚାଲ ।'' ଏହା କହି ସେ ଉଠିପଡ଼ିଲେ । ଦେବୀ କହିଲେ, ''ହଁ ତାହାହିଁ ହେବ । କିନ୍ତୁ ଦ୍ୱିତୀୟଥର ଆଦେଶ ଦେଲେ ଅର୍ଥାତ ମୋତେ ରହ ବୋଲି କହିଲେ ମୁଁ ଆଉ ଯିବିନାହିଁ ।'' ଏହା କହି ସେ ଅନ୍ତର୍ହିତ ହୋଇଗଲେ ଓ ଅଲକ୍ଷିତ ଭାବରେ ପ୍ରସ୍ତର ଖଣ୍ଡ ନେଇ ସାଧକଙ୍କର ଅନୁଗମନ କରିବାକୁ ଲାଗିଲେ ।

ପ୍ରଭାତ ହୋଇଗଲା । ସେହି ତେଜପୂର୍ଣ୍ଣ ଧାବମାନ ସନ୍ନ୍ୟାସୀ ପଛେ ପଛେ ଶୂନ୍ୟମାର୍ଗରେ ପ୍ରସ୍ତରଖଣ୍ଡ ଦେଖି ସର୍ବସାଧାରଣଙ୍କର ଦୃଷ୍ଟି ସେଥିପ୍ରତି ଆକୃଷ୍ଟ ହେଲା । ଏହିପରି ସେ ବୁଲି ବୁଲି କ୍ରମେ ଢାକାରେ ଉପସ୍ଥିତ ହେଲେ । ସେଠାରେ ଶୁଣିଲେ, ଢାକାର ରମଣା କାଳୀମନ୍ଦିରରେ ତାଙ୍କର ଗୁରୁଦେବ ଅବସ୍ଥାନ କରୁଛନ୍ତି ଓ ସେ ବ୍ରହ୍ମାନନ୍ଦଙ୍କୁ ଦେଖିବାକୁ ଡାକିଛନ୍ତି । ଗୁରୁଦେବଙ୍କ ନିକଟକୁ ସାଧନ ଐଶ୍ୱର୍ଯ୍ୟ ନେଇ ଗଲେ ଅପରାଧ ହେବ ଭାବି ସେ ଦେବୀଙ୍କୁ ମନ୍ଦିର ଦ୍ୱାରରେ ରହିବାକୁ କହିଲେ । ଦେବୀ ତତ୍କ୍ଷଣାତ୍ ପ୍ରସ୍ତରଖଣ୍ଡ ସେହି ସ୍ଥାନରେ ସ୍ଥାପନ କରି କହିଲେ, ''ମୋର ପ୍ରତିଶ୍ରୁତି ପାଳନ ହୋଇଗଲା । ଏଥର ମୁଁ ଯାଉଛି ।'' ସେହି ମନ୍ଦିର ପ୍ରାଙ୍ଗଣରେ ଦେବୀଙ୍କ ଦ୍ୱାରା ପରିତ୍ୟକ୍ତ ସୁବୃହତ୍ ପ୍ରସ୍ତରଖଣ୍ଡ ଆଜି ମଧ୍ୟ ରହିଅଛି ।

ବ୍ରହ୍ମାନନ୍ଦ ଏହି ସ୍ଥାନରେ କିଛିଦିନ ଅବସ୍ଥାନ କଲାପରେ ଜଗଦାନନ୍ଦ ନାମରେ ଗୋଟିଏ ବ୍ରାହ୍ମଣ ବାଳକକୁ ତନ୍ତ୍ରୋକ୍ତ ପଦ୍ଧତିକ୍ରମେ ଦୀକ୍ଷିତ କରି ସନ୍ନ୍ୟାସ ପ୍ରଦାନ

କଲେ ଏବଂ ତାଙ୍କୁ ପୂର୍ଣ୍ଣାନନ୍ଦ ନାମ ଦେଲେ । ଏହି ପୂର୍ଣ୍ଣାନନ୍ଦ ହିଁ ଶ୍ରେଷ୍ଠ ତାନ୍ତ୍ରିକ ସାଧକ ଓ ତନ୍ତ୍ରାଚାର୍ଯ୍ୟ ରୂପରେ ଭାରତର ସର୍ବତ୍ର ପ୍ରସିଦ୍ଧିଲାଭ କରିଥିଲେ । ପୂର୍ଣ୍ଣାନନ୍ଦଙ୍କ ସାଧନବଳରେ ଆକୃଷ୍ଟ ହୋଇ ପୂର୍ବ ଓ ଉତ୍ତରବଙ୍ଗର ବହୁ ପରିବାର ତାଙ୍କୁ ଗୁରୁରୂପରେ ବରଣ କରିଥିଲେ । ସିଦ୍ଧପୁରୁଷ ବୋଲି ଯେଉଁ ସମସ୍ତ ସ୍ଥାନରେ ସେ ବାସ କରୁଥିଲେ, ତାହା ସିଦ୍ଧିପୀଠ ନାମରେ କଥିତ । ନବଦ୍ୱୀପର ପଶ୍ଚିମରେ 'ବ୍ରାହ୍ମଣୀତଲାର ଘାଟ', ପୂର୍ବସ୍ଥଳୀର 'ବୁଡ଼ାମାର ଘାଟ' ପୂର୍ଣ୍ଣାନନ୍ଦଙ୍କ ଦ୍ୱାରା ସ୍ଥାପିତ । ଗୁରୁ ଶିଷ୍ୟ ଉଭୟେ ତନ୍ତ୍ରାଲୋଚନା ପୂର୍ବକ କାମାକ୍ଷା ପୀଠର ସ୍ଥାନ ନିର୍ଦ୍ଦେଶ କରି କାମାକ୍ଷାର ଉଦ୍ଧାର଼ସାଧନ କରିଥିଲେ । ବ୍ରହ୍ମାନନ୍ଦ ଗିରି 'ଶାକ୍ତାନନ୍ଦ ତରଙ୍ଗିଣୀ ଓ ତାରା ରହସ୍ୟ' ନାମକ ଦୁଇଖଣ୍ଡି ପ୍ରସିଦ୍ଧ ଗ୍ରନ୍ଥ ରଚନା କରିଥିଲେ ।

ପୂର୍ଣ୍ଣାନନ୍ଦ ୧୫୭୧ ଖ୍ରୀଷ୍ଟାବ୍ଦର ଆଶ୍ୱିନ ମାସରେ 'ଶାକ୍ତକ୍ରମ' ନାମକ ଗ୍ରନ୍ଥ ରଚନା କଲେ ଓ ୧୫୭୭ ଖ୍ରୀଷ୍ଟାବ୍ଦରେ ଶ୍ରୀତତ୍ତ୍ୱଚିନ୍ତାମଣି' ନାମକ ବିଖ୍ୟାତ ତନ୍ତ୍ରନିବନ୍ଧ ରଚନା କରିଥିଲେ । ଏଥିରେ ଶ୍ରୀବିଦ୍ୟାର ଉପାସନା ପଦ୍ଧତି ଲିଖିତ ଅଛି । ସୁପ୍ରସିଦ୍ଧ 'ଷଟ୍‌ଚକ୍ର ନିରୂପଣ' ଏହି ଗ୍ରନ୍ଥର ଷଷ୍ଠ ପ୍ରକାଶ ମାତ୍ର । ପୁନଶ୍ଚ 'ଶ୍ୟାମାରହସ୍ୟ' ଗ୍ରନ୍ଥରେ କାଳୀଉପାସକମାନଙ୍କର ଆଚାର ଅନୁଷ୍ଠାନ ଲିପିବଦ୍ଧ ଅଛି । ପୂର୍ଣ୍ଣାନନ୍ଦଙ୍କ ରଚିତ ଅପରାପର ଗ୍ରନ୍ଥ 'କକାରାଦି କାଳୀ ସହସ୍ର ନାମ', କାଳିକାଦି ସହସ୍ର ନାମ', 'ସ୍ତୁତିରନ୍ ଟୀକା', 'କାଳିକା ରହସ୍ୟ', 'ଗଦ୍ୟବଲ୍ଲରୀ', 'ତତ୍ତ୍ୱାନନ୍ଦ ତରଙ୍ଗିଣୀ', 'ବାମକେଶ୍ୱର ତନ୍ତ୍ରର ମହାତ୍ରିପୁରସୁନ୍ଦରୀ ମନ୍ତ୍ର', 'ନାମ ସହସ୍ର' ଓ 'ସୁଭୋଗ ଦର୍ପଣ' ଇତ୍ୟାଦି ।

ଅଷ୍ଟାଦଶ ଶତାବ୍ଦୀରେ କାଳୀ ଚରଣ ସିଦ୍ଧାନ୍ତ ନାମକ ବିଖ୍ୟାତ ବୈଦାନ୍ତିକ ଓ ତାନ୍ତ୍ରିକ ପଣ୍ଡିତ ପୂର୍ଣ୍ଣାନନ୍ଦଙ୍କ କୃତ ବହୁ ଗ୍ରନ୍ଥର ଟୀକା ରଚନା କରିଥିଲେ । ତାଙ୍କ ଲିଖିତ ଟୀକା ସମୂହ ମଧ୍ୟରେ 'ଷଟଚକ୍ର ନିରୂପଣ'ର ଟୀକା ହିଁ ପ୍ରଧାନ ।

ଏହା ପରେ ବ୍ରହ୍ମାନନ୍ଦ ବଙ୍ଗଦେଶ ବିକ୍ରମପୁରର ତତ୍‌କାଳୀନ ସ୍ୱାଧୀନ ରାଜା କେଦାର ରାୟଙ୍କ ରାଜଧାନୀ ଶ୍ରୀପୁରକୁ ଆସିଲେ । ରାଜା କେଦାର ରାୟ ସ୍ୱୟଂ ତାଙ୍କ ନିକଟରୁ ଦୀକ୍ଷା ଗ୍ରହଣ କଲେ । ତାଙ୍କର ଜ୍ୟେଷ୍ଠ ତାତ ମଧ୍ୟ ସାଧନ ଭଜନ ସମ୍ବନ୍ଧରେ ବ୍ରହ୍ମାନନ୍ଦଙ୍କ ନିକଟରୁ ଉପଦେଶ ନେଲେ । ଏହି ସମୟରେ ରାଜପରିବାରର ଅନେକେ ତାଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିଥିଲେ ।

ରାଜା କେଦାର ରାୟ ଦଶମହାବିଦ୍ୟାର ମନ୍ଦିର ପ୍ରତିଷ୍ଠା କରିଥିଲେ । ବ୍ରହ୍ମାନନ୍ଦ ଗିରି ଯେ କେଦାର ରାୟଙ୍କ ଗୁରୁ ଥିଲେ, ସେ ସମ୍ବନ୍ଧରେ ଲଘୁଭାରତରେ ଲିଖିତ ଅଛି—

" କେଦାରଗୁରୁ ସନ୍ନ୍ୟାସୀ ବ୍ରହ୍ମାନନ୍ଦଗିରିସ୍ତଦା,
ଶିଳାମାବାହୟତ୍ ପ୍ରେମ୍ଣା ତାରୋମା ନାୟକାଦ୍ୱୟମ୍" ।

ଅର୍ଥାତ୍ କେଦାର ରାୟଙ୍କ ଗୁରୁ ବ୍ରହ୍ମାନନ୍ଦଗିରି ତାରା ଦେବୀଙ୍କୁ ଶିଳା ବହନ କରାଇଥିଲେ । ବ୍ରହ୍ମାନନ୍ଦ ତାଙ୍କ ଶିଷ୍ୟ କେଦାର ରାୟଙ୍କ ସନ୍ନିଧାନରେ ଉପସ୍ଥିତ ହୋଇ ଅଗ୍ନିତପ୍ତ ସୁରାପାନ କରି ନିଜ ମାହାତ୍ମ୍ୟ ଦେଖାଇ ଥିଲେ । ଗୁରୁ ସୁରାପାୟୀ—କେଦାରଙ୍କର ଏହି ତାପଦାୟିନୀ ମନୋଭ୍ରାନ୍ତି ଦୂର କରିବା ନିମିତ୍ତ ବ୍ରହ୍ମାନନ୍ଦ ନିଜ ମୂତ୍ର ଦ୍ୱାରା ଗୋଟିଏ ବୃକ୍ଷ ଦଗ୍ଧ କରିଥିଲେ । କଥିତ ଅଛି, ଗୁରୁଦେବଙ୍କୁ ମଦ୍ୟପାୟୀ ବୋଲି ସନ୍ଦେହ କରି ରାଜା ପରୀକ୍ଷା କରିବା ମାନସରେ ମଦ୍ୟପାନ ସମୟରେ ଉପସ୍ଥିତ ହୋଇ ପଚାରିଲେ—"ଏ କ'ଣ ? ବ୍ରହ୍ମାନନ୍ଦ କହିଲେ, ଦୁଗ୍ଧ ।" ରାଜା କହିଲେ—"ସର ପଡ଼ିବ ?" ବ୍ରହ୍ମାନନ୍ଦ ଉତ୍ତର ଦେଲେ—ହଁ ।" ରାଜା ପଚାରିଲେ "ଲହୁଣୀ ହେବ ? ବ୍ରହ୍ମାନନ୍ଦ ଉତ୍ତର ଦେଲେ "ହଁ, ହେବ ।" ରାଜା ଏହା ପରୀକ୍ଷା କରି ସତ୍ୟତା ଉପଲବ୍ଧ କଲେ, ମାତ୍ର ଲହୁଣୀରୁ ଘୃତ ନ ବାହାରିବାରୁ ରାଜା ସନ୍ଦେହ କରି ପୁନଃରାୟ କାରଣ ପଚାରିଲେ । ବ୍ରହ୍ମାନନ୍ଦ କହିଲେ, "ତୁମେ ଘୃତ ହେବ ବୋଲି କହି ନ ଥିଲ ତ ?" ତତ୍ପରେ ସେ ସୁରାପାନ କରିସାରି ଶିଷ୍ୟର ଧାରଣା ଦୂରୀଭୂତ କରିବାପାଇଁ ମୂତ୍ର ତ୍ୟାଗ କରିଥିଲେ । ସେହି ମୂତ୍ରଧାର ଦ୍ୱାରା ନିକଟସ୍ଥ ଗୋଟିଏ ବୃକ୍ଷ ଦଗ୍ଧ ହୋଇଯାଇଥିଲା । ସେହି ଦିନଠାରୁ ଉକ୍ତ ସ୍ଥାନର ନାମ 'ପୋଡ଼ାଗାଛ' ବୋଲି ପ୍ରସିଦ୍ଧି ଲାଭ କରିଅଛି ।

ତତ୍ପରେ ବ୍ରହ୍ମାନନ୍ଦ ରାଜାଙ୍କ ଉପରେ ଟିକିଏ ବିରକ୍ତି ପ୍ରକାଶ ପୂର୍ବକ ଶ୍ରୀପୁର ତ୍ୟାଗ କଲେ । ରାଜା ତାଙ୍କୁ ପରୀକ୍ଷା କରିଥିବାରୁ ସେ ବିରକ୍ତ ହୋଇଥିଲେ । ବ୍ରହ୍ମାନନ୍ଦ ଚାଲିଯିବାର କିଛିଦିନ ପରେ ଶ୍ରୀପୁରରେ ଅଶାନ୍ତି ଘୋଟି ଆସିଲା । କିଛିଦିନ ପରେ କେଦାର ରାୟ ପୂଜାନିରତ ଥିବାବେଳେ ମୋଗଲ ସେନାପତି ମାନସିଂହଙ୍କ ଅନୁଚରମାନଙ୍କ ଦ୍ୱାରା ନିହତ ହୋଇଥିଲେ । କଥିତ ଅଛି, କେଦାର ରାୟଙ୍କ ଛିନ୍ନ ମୁଣ୍ଡ ଭୂଲୁଣ୍ଠିତ ହୋଇ ମଧ୍ୟ "ଛିନ୍ନମସ୍ତେ ନମସ୍ତେ"

ଏହି ଇଷ୍ଟନାମ ଉଚ୍ଚାରଣ କରୁଥିଲା । ଶ୍ରୀଗୁରୁଦେବଙ୍କ ପ୍ରତି ସାମାନ୍ୟ ଅବଜ୍ଞା ରୂପ ଅପରାଧରେ ଅଚିରେ ରାଜ୍ୟର ପତନ ଘଟିଲା ।

କେଦାର ରାୟଙ୍କ ପରେ ତାଙ୍କର ରାଣୀ କିଛି ଦିନ ଯୁଦ୍ଧ ଚଳାଇ ପରେ ସନ୍ଧି କଲେ । ସନ୍ଧି ସର୍ତ୍ତ ଅନୁସାରେ ରାଣୀ ଶ୍ରୀପୁରର ଅଧୀଶ୍ୱରୀ ହେଲେ ।

ଏଣେ ବ୍ରହ୍ମାନନ୍ଦ ଗିରି ଦେବୀଙ୍କ କଥା ସ୍ମରଣ କରି ଗୋମତୀ ନଦୀ ତୀରବର୍ତ୍ତୀ ସ୍ଥାନରେ ଭ୍ରମଣ କରି କୁମିଲା ସହରଠାରୁ ଅଦୂରବର୍ତ୍ତୀ ମୟନାମତୀ ପାହାଡ଼ରେ ଆସି ଉପସ୍ଥିତ ହେଲେ । ପୂର୍ବେ ଏହି ଗୋମତୀ ନଦୀ ପର୍ବତର ନିକଟବର୍ତ୍ତୀ ଥିଲା । ବର୍ତ୍ତମାନ ଏହା ପ୍ରାୟ ଦୁଇ ମାଇଲ ଦୂରକୁ ଚାଲିଯାଇଛି । ବୌଦ୍ଧ ଯୁଗରେ ମଧ୍ୟ ଏହି ପାହାଡ଼ ବୌଦ୍ଧ ସନ୍ନ୍ୟାସୀମାନଙ୍କର ବିହାରକ୍ଷେତ୍ର ଥିଲା । ରାଣୀ ମୟନାମତୀଙ୍କ ନାମାନୁସାରେ ଏହି ସ୍ଥାନର ନାମ ମୟନାମତୀ ହୋଇଅଛି । ମୟନାମତୀ ଓ ଲାଲମତୀ ନାମରେ ଦୁଇ ଭଉଣୀ ଥିଲେ । ଏମାନେ ନାଥ ସଂପ୍ରଦାୟର ପ୍ରବର୍ତ୍ତକ ମୀନନାଥଙ୍କ ଶିଷ୍ୟ ଗୋରକ୍ଷନାଥଙ୍କର ମନ୍ତ୍ରଶିଷ୍ୟା ଥିଲେ । ଗୋରକ୍ଷନାଥ ନିଜେ ଏଠାରେ ସିଦ୍ଧିଲାଭ କରିଥିଲେ । ଶିଷ୍ୟାଦ୍ୱୟ ମଧ୍ୟ ଯଥେଷ୍ଟ ସାଧନଶକ୍ତିସମ୍ପନ୍ନା ଥିଲେ । ରାଣୀ ମୟନାମତୀଙ୍କର ଏକମାତ୍ର ପୁତ୍ର ଗୋବିନ୍ଦଚନ୍ଦ୍ର ସନ୍ନ୍ୟାସ ଗ୍ରହଣ କରିଥିଲେ ।

ମୟନାମତୀ ପାହାଡ଼କୁ ଆସି ବ୍ରହ୍ମାନନ୍ଦ ଖୁବ୍ ଆନନ୍ଦ ଉପଲବ୍ଧି କରିଥିଲେ । ସେ ଦେଖିଲେ, ପ୍ରକୃତରେ ସ୍ଥାନଟି ମନୋରମ । ବ୍ରହ୍ମାନନ୍ଦ କିପରି ଜଗଜ୍ଜନନୀଙ୍କ ସାକ୍ଷାତ ପାଇବେ, ସେହି କଥା ଚିନ୍ତା କରିବାକୁ ଲାଗିଲେ । କିଛିକ୍ଷଣ ନଦୀକୂଳ ଦେଇଯିବା ପରେ ସେ ଗୋଟିଏ ଘାଟରେ ଆସି ଉପସ୍ଥିତ ହେଲେ । ବିଶେଷ ଲକ୍ଷ୍ୟ କରି ଦେଖିଲେ ଯେ, ନଦୀର ଅପର ତୀରରେ ଗୋଟିଏ ଘାଟ ଅଛି । ଏହା ଗୋଟିଏ ଯାତାୟାତ ନୌକାଘାଟ ବୋଲି ମନେ ହେଲା । ସେ ହସ୍ତପଦ ଧୌତ କରି ବିଶ୍ରାମ ନେଲେ । ବସି ବସି ଚିନ୍ତା କରିବାକୁ ଲାଗିଲେ, ଘାଟ ଯଦି ଅଛି, ତେବେ ନିକଟରେ ନିଶ୍ଚୟ ଜନବସତି ଅଛି । ଏହିପରି ଚିନ୍ତାକରି ଗଭୀର ଧ୍ୟାନମଗ୍ନ ହୋଇଗଲେ । ସହସା ଦେଖିଲେ ଖଣ୍ଡିଏ ନୌକା ଅପରପାରିରୁ ତାଙ୍କ ଆଡ଼କୁ ଆସୁଛି । ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ, ନୌକାରେ କୌଣସି ଆରୋହୀ ନାହିଁ । ନାବିକ ଏକାକୀ । ପୁଣି ସେ ନାବିକ ପୁରୁଷ ନୁହେଁ—ଯୁବତୀ । ଅପୂର୍ବ ଲାବଣ୍ୟବତୀ ।

କ୍ରମେ ନୌକା ନିକଟସ୍ଥ ହେଲା । ତୀରରେ ଲାଗିଗଲା । ବ୍ରହ୍ମାନନ୍ଦ ଦେଖିଲେ ଯେ, ନାବିକ ପୁରୁଷ ଲୋକ ନୁହେଁ, ଗୋଟିଏ ଷୋଡ଼ଶୀ ଯୁବତୀ । ଯୁବତୀ ଦେହରୁ ସୌନ୍ଦର୍ଯ୍ୟର ଉତ୍ସ ପ୍ରବାହିତ ହେଉଅଛି । ପରିହିତ ବସନାଞ୍ଚଳ କଟିଦେଶରେ ବେଷ୍ଟିତ । ଯୁବତୀ ହସ୍ତରେ କାତ ଧରି ନୌକା ଉପରେ ମନୋହର ଠାଣିରେ ଦଣ୍ଡାୟମାନା । କି ଅପୂର୍ବ ସେ ମୂର୍ତ୍ତି । ଆଲୁଳାୟିତ ଭ୍ରମରକୃଷ୍ଣ କେଶଦାମ ପୃଷ୍ଠଦେଶରେ ପତିତ ହୋଇଅଛି । ତାମ୍ବୁଳରାଗ ରଞ୍ଜିତ ଅଧରରେ ମୃଦୁ ମୃଦୁ ହସ । ସେ ହସରେ ଭୁବନ ଆନନ୍ଦରେ ମାତି ଉଠୁଛି । ରମଣୀ ହସି ହସି ଡାକ ପକାଇଲେ—"ପଥିକ ! ପାରି ହେବ କି ?" କି ଅପୂର୍ବ ବାକ୍ୟଭଙ୍ଗି ! କି ଅଦୃଷ୍ଟପୂର୍ବ ରୂପଧାରୀ !! ବ୍ରହ୍ମାନନ୍ଦ ନିର୍ବାକ୍ ନିଷ୍ପନ୍ଦ ଭାବରେ ସେହି ଅପରୂପ ରୂପମାଧୁରୀ ଦର୍ଶନ କରିବାକୁ ଲାଗିଲେ । ରମଣୀ ମଧୁର ହାସ୍ୟ ସହିତ ପୁନରାୟ ପ୍ରଶ୍ନ କଲେ, "ପଥିକ ! ପାରି ହେବ ?" ବ୍ରହ୍ମାନନ୍ଦ ଉତ୍ତର କଲେ—"ତୁମେ କିଏ ?" ଉତ୍ତର ହେଲା "ମୁଁ କେଉଟୁଣୀ ।" ଆଶ୍ଚର୍ଯ୍ୟ ! ଏପରି ରୂପ କି ସାମାନ୍ୟ କେଉଟୁଣୀଠାରେ ସମ୍ଭବ ? ଏ ରୂପ ଯେ ମନୁଷ୍ୟକୁ ଆତ୍ମହରା କରିପକାଉଛି ! ବ୍ରହ୍ମାନନ୍ଦ ଦୃଢ଼ ସ୍ୱରରେ ପଚାରିଲେ—"ତୁମର ନିବାସ କେଉଁଠାରେ ? ତୁମେ କାହାର ସ୍ତ୍ରୀ ?" ମଧୁର ହାସ୍ୟସହିତ ରମଣୀ ଉତ୍ତର କଲେ—"ଆହେ ପଥିକ ଠାକୁର ! ତୁମେ ତ ପାରି ହେବା ଲୋକ, ମୋର ସାତ ପୁରୁଷର ପରିଚୟ ନେଇ ସାରିଲେ ପାରି ହେବ ନା କ'ଣ ? ଆଚ୍ଛା ଶୁଣ, ଏହି ଯେଉଁ ବଡ଼ ପାହାଡ଼ ଦେଖାଯାଉଛି, ସେହି ପାହାଡ଼ ନିକଟରେ ମୋର ଘର । ମୋର କେହି ନାହାନ୍ତି । ଏହି ଘାଟରେ ପାରି କରିବା ହେଲା ମୋର ବ୍ୟବସାୟ; ଏବେ ହେଲା ତ ? ଆସ ପାରି ହେବ ।" ବ୍ରହ୍ମାନନ୍ଦ କହିଲେ—"ମୁଁ ତ ପାରି ହେବାପାଇଁ ତୁମକୁ ଡାକି ନାହିଁ ?"

ରମଣୀ—କଥାର ଭଙ୍ଗି ଶୁଣ ! ସମସ୍ତେ କ'ଣ ମୋତେ ଡାକନ୍ତି ? ମୋତେ ନ ଡାକିଲେ ମଧ୍ୟ ଆସିବାକୁ ପଡ଼େ । ମୋ ଘାଟରେ ବସିଲେ ହିଁ ମୁଁ ଜାଣିପାରେ ଯେ ଏହି ଲୋକ ନିଶ୍ଚୟ ପାରି ହେବା ଉଦ୍ଦେଶ୍ୟରେ ବସିଛି ।

ବ୍ରହ୍ମାନନ୍ଦ ନିର୍ବାକ୍ ନିଷ୍ପନ୍ଦ ନେତ୍ରରେ ସେହି ମହିମାମଣ୍ଡିତା ରମଣୀ ମୂର୍ତ୍ତିଙ୍କୁ ନିରୀକ୍ଷଣ କରିବାକୁ ଲାଗିଲେ । ସେ ବସିବାଠାରୁ ଉଠିଲେ ନାହିଁ । ଯେଉଁଠାରେ ଥିଲେ ସେହିଠାରେ ବସିରହି କେବଳ ରମଣୀଟିର ରୂପ ମାଧୁରୀରେ ବୁଡ଼ିରହିଲେ ।

ଦେଶ, କାଳ, ପାତ୍ର ଜ୍ଞାନ ଓ ପାରିପାର୍ଶ୍ୱିକ ଅବସ୍ଥା——ସବୁ ବିସ୍ମୃତ ହୋଇଗଲେ । ରମଣୀ ତାଙ୍କୁ ଏପରି ଭାବସ୍ଥ ଦେଖି ନୌକାରୁ ଅବତରଣ କଲେ ଏବଂ ତାଙ୍କର ହାତ ଧରି ଆକର୍ଷଣ କରି କହିଲେ "ଆହେ ପଥିକ ଠାକୁର, ଆସ ! ବେଳ ଚାଲିଯାଉଛି ଯେ ! ଆର ପାରିକୁ ଯିବ ପରା !"

ବ୍ରହ୍ମାନନ୍ଦ ଆଶ୍ଚର୍ଯ୍ୟ ହୋଇ କହିଲେ—"ଏ କ'ଣ ? ତୁମେ ମୋତେ ପାରି କରିବା ନିମିତ୍ତ ଏତେ ବ୍ୟସ୍ତ କାହିଁକି ? ପୁଣି ହାତ ଧରି ଟଣାଟଣି କରିବାର କାରଣ ବା କ'ଣ ?" ରମଣୀ ଅତି ସପ୍ରତିଭ ଭାବରେ ଉତ୍ତର କଲେ—"ଏଥିରେ ପୁଣି ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ମୁଁ କେତେ ଲୋକଙ୍କ ହାତ ଧରି, ପାଦ ଧରି, କୋଳ କରି, କାନ୍ଧରେ ବସାଇ ପ୍ରତିଦିନ ତ ପାରି କରୁଛି ! ତୁମେ ପାରି ହେବ ବୋଲି ହାତ ଧରି ଉଠାଇଲି ବୋଲି ଆଶ୍ଚର୍ଯ୍ୟ ହେଉଛ କାହିଁକି ? ଉଠ, ଚାଲ ପାରିହେବ ।"

ରମଣୀଙ୍କ ଆହ୍ୱାନରେ ବ୍ରହ୍ମାନନ୍ଦ ମନ୍ତ୍ରମୁଗ୍ଧଭଳି ଉଠି ଠିଆହେଲେ ଓ ମନ୍ତ୍ରଚାଳିତ ପରି ରମଣୀର ହାତଧରି ନୌକା ଉପରକୁ ଉଠିଲେ । ନୌକାରେ ବସି ବ୍ରହ୍ମାନନ୍ଦ ରମଣୀକୁ ପଚାରିଲେ, "ନିକଟରେ କୌଣସି ଲୋକାଳୟ ଅଛି କି ?" ରମଣୀ କହିଲେ—"ହଁ, ମୋ ଘର ନିକଟରେ ଆହୁରି ଅନେକ ଲୋକଙ୍କ ଘର ଅଛି । ଏଠାରୁ ପ୍ରାୟ ଏକ କୋଶ ହେବ ।"

କ୍ରମେ ନୌକା କୂଳରେ ଲାଗିଲା । ରମଣୀ ହିଁ ନୌକା ବହିଆଣିଲେ । ଉଭୟେ ଅବତରଣ କଲେ । ବ୍ରହ୍ମାନନ୍ଦ ସେହି ରମଣୀଙ୍କର ଅନୁଗମନ କରିବାକୁ ଲାଗିଲେ । କ୍ରମେ ଉଭୟେ ଗୋଟିଏ ପାହାଡ଼ ଉପରେ ଉପସ୍ଥିତ ହେଲେ । ଏହାହିଁ ଏହି ରମଣୀଙ୍କର ପୂର୍ବ ବର୍ଣ୍ଣିତ ଗୃହ । ଦୁଇ-ତିନି ବଖରା ମାତ୍ର ଘର । ଗୋଟିଏ ଶୋଇବା ଘର, ଅପରଟି ରନ୍ଧନଶାଳା ଓ ଭଣ୍ଡାର ଘର ରୂପରେ ବ୍ୟବହୃତ । ଛୋଟ ହେଲେ ମଧ ଖୁବ୍ ପରିଷ୍କାର ପରିଚ୍ଛନ୍ନ, ଚାରିଆଡ଼େ ବିବିଧ ଫଳ ପରିପୂର୍ଣ୍ଣ ବୃକ୍ଷରାଜି । ଗୋଟିଏ ଛୋଟ ଗୃହସ୍ଥ ପରିବାର ଉପଯୋଗୀ କୌଣସି ବ୍ୟବସ୍ଥାର ଅଭାବ ନ ଥିଲା । ଅଗଣାରେ ଉପସ୍ଥିତ ହୋଇ ରମଣୀ କହିଲେ "କିହେ ଠାକୁର ! କେଉଁ ଆଡ଼କୁ ଯିବ ?" ବ୍ରହ୍ମାନନ୍ଦ କହିଲେ, "ଆପାତତଃ ଏହିଠାରେ ରାତ୍ରିଯାପନ କରିବି ।"

ରମଣୀ—ଏ କି କଥା ବ୍ରାହ୍ମଣ ଠାକୁର ! ମୋ ଘରେ ଯେ କେହି ପୁରୁଷ ଲୋକ ନାହାନ୍ତି ! ଲୋକେ କ'ଣ କହିବେ ?

ବ୍ରହ୍ମାନନ୍ଦ—ସେ ଅଭାବ ମୁଁ ପୂରଣ କରିବି । ଏଠାରେ ତ କେହି ଲୋକ ବର୍ତ୍ତମାନ ଆମକୁ ଦେଖିପାରୁ ନାହାନ୍ତି !

ରମଣୀ—ବେଶୀ ଲୋକ ଏଠାରେ ନ ଥିଲେ ମଧ ପାଞ୍ଚ ଛ'ଘର ଲୋକ ଏହାର ଚତୁର୍ଦ୍ଦିଗରେ ବାସ କରନ୍ତି । କିଛି ଦୂରରେ ଦୁର୍ଗାପୁର ଗ୍ରାମ, ସେଠାରେ ବହୁ ଲୋକଙ୍କ ବାସ ଓ ଆମର ଜମିଦାରଙ୍କ ଘର ।

ବ୍ରହ୍ମାନନ୍ଦ—ଆଚ୍ଛା, କାଲି ଜମିଦାରଙ୍କ ସହିତ ଦେଖାକରି ସେଠାରେ ସ୍ଥାୟୀ ବାସର ବ୍ୟବସ୍ଥା କରିବା ।

ରମଣୀ—ତୁମେ କେଉଁଠାକୁ ଯିବ କିଛି କହିଲ ନାହିଁ ଯେ ?

ବ୍ରହ୍ମାନନ୍ଦ—ମୁଁ ଜଣକର ସନ୍ଧାନରେ ଏଠାକୁ ଆସିଛି । ସେ ଏହିଠାରେ କେଉଁଠି ଲୁଚିଅଛି । ତେଣୁ ମୋତେ ଏଠାରେ ଅନ୍ତତଃ ତା'ର ସାକ୍ଷାତ ନ ପାଇବା ପର୍ଯ୍ୟନ୍ତ ରହିବାକୁ ହେବ ।

ରମଣୀ—ତାହାହେଲେ ଆଜି କ'ଣ ନିତାନ୍ତ ଏଠାରେ ରହିବ ?

ବ୍ରହ୍ମାନନ୍ଦ—ସନ୍ଧ୍ୟା ତ ହୋଇଗଲାଣି, କେଉଁଠାରେ ତ ପୁଣି ରହିବାକୁ ହେବ ? ଏଠାରେ ରହିଲେ କ୍ଷତି କ'ଣ ?

'ତେବେ ଘର ପିଣ୍ଡାକୁ ଆସି ବସ ।'—ଏହା କହି ରମଣୀ ଘରୁ ଖଣ୍ଡେ ମଣିଣା ଆଣି ବସିବାକୁ ଦେଲେ । ବ୍ରହ୍ମାନନ୍ଦ ସେଥିରେ ବସିଲେ ।

ବ୍ରହ୍ମାନନ୍ଦ ବସି ବସି ଦେଖିଲେ, ରମଣୀ ଅତି ସତ୍ୱର ବିବିଧ ଗୃହକର୍ମ କରି ପକାଉଛନ୍ତି । କ୍ରମେ ଗୋ-ସେବା, ଗୋ-ଦୋହନ ଶେଷକରି ରମଣୀ ସନ୍ଧ୍ୟାଦୀପ ଲଗାଇଲେ । ତୁଳସୀ ମୂଳରେ ପ୍ରଦୀପ ଦେଲେ । ପରେ ରନ୍ଧନ ଗୃହକୁ ଯାଇ ରନ୍ଧନର ଆୟୋଜନ କଲେ । ସମସ୍ତ ଆୟୋଜନ ସଂପୂର୍ଣ୍ଣ ହେଲାପରେ ବ୍ରହ୍ମାନନ୍ଦଙ୍କୁ ଡାକି କହିଲେ, "ଠାକୁର, ଆସ, ଭାତ ରାନ୍ଧିବ, ଡାଳ ନିଅ, ମୁହଁ ହାତ ଧୋଇଆସ ।" ବ୍ରହ୍ମାନନ୍ଦ ହାତଗୋଡ଼ ଧୋଇ ଗୃହରେ ପ୍ରବେଶ କଲେ । ଆୟୋଜନର ଶୃଙ୍ଖଳା ଦେଖି ସେ ବଡ଼ ପ୍ରୀତ ହେଲେ ।

ଅତିଶୀଘ୍ର ରନ୍ଧା ଶେଷ ହୋଇଗଲା । ଉଭୟେ ଖିଆପିଆ କରି ଶୟନ କଲେ । ରମଣୀ ଗୃହରେ ଓ ଅତିଥି ବାରଣ୍ଡାରେ ଶୟନ କଲେ । ଦ୍ୱାର ମେଲା ରହିଲା ।

ଶଯ୍ୟା ଗ୍ରହଣ କରି ବ୍ରହ୍ମାନନ୍ଦ ରମଣୀର ପରିଚୟ ଜିଜ୍ଞାସା କଲେ । ରମଣୀ ଯେଉଁ ପରିଚୟ ଦେଲେ ତାହାର ସାରମର୍ମ ହେଲା ଯେ, ତାଙ୍କର ସଂସାରରେ କେହି ନାହାନ୍ତି । ପିତା ଦୀନନାଥ । ସେ ଏହି ଘାଟରେ ପାରିକରି ଜୀବିକା ନିର୍ବାହ କରୁଥିଲେ । ଅଳ୍ପଦିନ ହେବ ଦେହରକ୍ଷା କରିଛନ୍ତି । ନିକଟ ଆତ୍ମୀୟ କେହି ନାହାନ୍ତି, ଜ୍ଞାତିମାନେ ଘାଟରେ ପାରି କରନ୍ତି ଓ ସେ ନିଜେ ମଧ୍ୟ ମଝିରେ ମଝିରେ ପାରି କରିଥାନ୍ତି । ପିତୃମାତୃହୀନ ବୋଲି ବର୍ତ୍ତମାନ ସୁଦ୍ଧା ବିବାହ କରିନାହାନ୍ତି ।

ଏଥର ବ୍ରହ୍ମାନନ୍ଦ ଆତ୍ମପରିଚୟ ପ୍ରଦାନ କଲେ । ପରିଚୟ ପ୍ରଦାନ କାଳରେ ଏଠାକୁ ଆସିବାର ଉଦ୍ଦେଶ୍ୟ ସମ୍ବନ୍ଧରେ ସତ୍ୟ ଗୋପନ କରିବାରୁ ରମଣୀ ହଠାତ୍ କହିଉଠିଲେ, "ନା ଠାକୁର ! 'ବ୍ରହ୍ମାନନ୍ଦଗିରିର୍ଗିରୀନ୍ଦ୍ରତନୟାବକ୍ତ୍ରାମୃତଂ ବାଞ୍ଛତି' କେଉଁ କଥାଟା ତୁମର ଠିକ୍ ?" ଏହି ଶ୍ଳୋକାଂଶ ଶୁଣି ବ୍ରହ୍ମାନନ୍ଦ ଚମକିପଡ଼ିଲେ । ଭାବିଲେ ତାଙ୍କର ଗୋପନ କଥା ତ କେହି ଜାଣନ୍ତି ନାହିଁ ! ଏ ରମଣୀ କିପରି ଜାଣିଲେ ? ଏ କ'ଣ ସର୍ବଜ୍ଞାତା ନା ମୋର ବାସନା ପୂରଣ କରିବା ନିମିତ୍ତ ଜଗଜ୍ଜନନୀ ଏହି ମୂର୍ତ୍ତି ଧାରଣ କରିଛନ୍ତି ? ଜୀବର ଅନ୍ୟାୟ ଦାବୀ ପୂରଣ କରିବା ନିମିତ୍ତ ମାଆ ମହାମାୟା କେତେ କୁତ୍ସିତ ମୂର୍ତ୍ତି ବା ଧାରଣ ନ କରନ୍ତି ! ବ୍ରହ୍ମାନନ୍ଦଙ୍କୁ ଚିନ୍ତାକୁଳ ଦେଖି ରମଣୀ କହିଲେ, "ନିତ୍ୟୈବ ସା ଜଗନ୍ମୂର୍ତ୍ତିଃ" । ଆଉ ବ୍ରହ୍ମାନନ୍ଦଙ୍କର ସନ୍ଦେହ ରହିଲା ନାହିଁ । ବ୍ରହ୍ମାନନ୍ଦ ଗୃହରୁ ଉଠିଯିବାବେଳେ ରମଣୀ ତାଙ୍କର ହସ୍ତଧାରଣ କରି କହିଲେ "ସାଧକ, ଆସ, ତୁମର କୌଣସି ବାସନା ଅପୂର୍ଣ୍ଣ ରହିବ ନାହିଁ ।" ଏହା କହି ତାଙ୍କୁ ଆପଣା କୋଳକୁ ଟାଣିନେଇ ବସାଇଲେ । ରମଣୀ ଦେହ ପରଶ ମାତ୍ରକେ ବ୍ରହ୍ମାନନ୍ଦଙ୍କର ଅନବରତ ନୟନବାରି ବର୍ଷଣ ହେବାକୁ ଲାଗିଲା । ଆଉ ବାକ୍ୟସ୍ଫୂର୍ତ୍ତି ହେଲା ନାହିଁ । ସେ ନିଷ୍ପନ୍ଦଭାବରେ ବସି ରହିଲେ; ଯେପରି ତାଙ୍କର ଅଙ୍ଗ ସଞ୍ଚାଳନ ଶକ୍ତି ତିରୋହିତ ହୋଇଯାଇଛି । ବ୍ରହ୍ମାନନ୍ଦ ନିଦ୍ରିତ କି ଜାଗ୍ରତ କିଛି ସ୍ଥିର କରିପାରିଲେ ନାହିଁ । ରମଣୀ ଚିର ପରିଚିତାଙ୍କ ପରି ସସ୍ନେହରେ ତାଙ୍କ ଦେହରେ ହାତ ବୁଲାଇବାକୁ ଲାଗିଲେ ।

ଏତେ ଆଦର, ଏତେ ଯତ୍ନ, ଏତେ ଶୁଶ୍ରୂଷା, ବ୍ରହ୍ମାନନ୍ଦ ଜୀବନରେ କେବେ ଅନୁଭବ କରି ନ ଥିଲେ । ଏହି ଅବସ୍ଥାରେ ରମଣୀ କହିଲେ, ''ଠାକୁର ! ତୁମେ ବଡ଼ ବିଚଳିତ ହୋଇପଡ଼ିଛ । ମୁଁ ଗୋଟିଏ ଗପ କହୁଛି, ଶୁଣ ।''

ରମଣୀ ଗଳ୍ପ ଆରମ୍ଭ କଲେ—ଗୋଟିଏ ସ୍ଥାନରେ ଜଣେ ବ୍ରାହ୍ମଣ ଥିଲେ । ତାଙ୍କର ବ୍ରାହ୍ମଣୀ ଓ ଅନେକଗୁଡ଼ିକ ପିଲାପିଲି ଥିଲେ । ବେଶ୍ ସୁଖସ୍ୱାଚ୍ଛନ୍ଦ୍ୟରେ ତାଙ୍କର ଜୀବନ କଟିଯାଉଥିଲା । କିନ୍ତୁ ଏକାଭଳି ଜୀବନଯାପନ ତ କାହାକୁ ସୁଖ ଲାଗେ ନାହିଁ ! ସମସ୍ତେ ନୂତନର ଆସ୍ୱାଦ ପାଇବାକୁ ଚାହାଁନ୍ତି । ଦିନେ ବ୍ରାହ୍ମଣଙ୍କର ଗୋଟାଏ ଖିଆଲ୍ ହେଲା । ସେ ବ୍ରାହ୍ମଣୀ ଓ ପିଲାମାନଙ୍କୁ ଡାକି କହିଲେ, ଦେଖ, ଏଠାରେ ତ ଆମେ ବହୁକାଳ ହେଲା ପରମ ସୁଖରେ ଅଛୁ; ଚାଲ ଥରେ ଅନ୍ୟ ସ୍ଥାନରୁ ବୁଲିଆସିବା । ସ୍ଥାନାନ୍ତର ଯିବା କଥା ଶୁଣି ସମସ୍ତେ ଅତିଶୟ ଉତ୍ସାହର ସହିତ ରାଜି ହୋଇଗଲେ । କିନ୍ତୁ କେଉଁଠାକୁ ଯିବାକୁ ହେବ ? ଅବଶେଷରେ ବ୍ରାହ୍ମଣ ପ୍ରସ୍ତାବ କଲେ, ବ୍ରାହ୍ମଣୀ ତା ବାପଘରକୁ ଯାଉ । ପିଲାମାନେ ମାମୁଘରକୁ ଯାଆନ୍ତୁ । ପରେ ବ୍ରାହ୍ମଣ କେତେଦିନ ଛାଡ଼ି ତା ଶ୍ୱଶୁର ଘରକୁ ଯିବ । ସମସ୍ତଙ୍କୁ ଦିନ କେତୁଟାରେ ନାନାସ୍ଥାନ ବୁଲି ଫେରିଆସିବାକୁ ହେବ । ବାଳକ ବାଳିକାମାନେ ଏହି କଥା ଶୁଣି ହସିଉଠିଲେ । କହିଲେ, ତାହାହେଲେ ତ ସମସ୍ତେ ଗୋଟିଏ ସ୍ଥାନରେ ଯାଇ ମିଳିତ ହେବା ! ବ୍ରାହ୍ମଣ ଟିକିଏ ନିର୍ବୋଧଙ୍କ ପରି ଛଳନା କରି କହିଲେ, ତା ହେବ କିପରି ? କିଏ ଯିବ ବାପଘରକୁ, କିଏ ଯିବ ମାମୁଁଘରକୁ, ପୁଣି ଅନ୍ୟ କିଏ ଯିବ ଶ୍ୱଶୁରଘରକୁ । ଗୋଟିଏ ଜାଗାକୁ ତ କେହି ଯିବେ ନାହିଁ ! ଏଥିରେ ସମସ୍ତେ ହସିଉଠିଲେ । ଏହିପରି ହାସ୍ୟଜନକ ପ୍ରସ୍ତାବ ଅଚିରେ କାର୍ଯ୍ୟରେ ପରିଣତ ହେଲା । ଗୃହିଣୀ ଅତିଶୀଘ୍ର ତାଙ୍କ ବାପଘରକୁ ଚାଲିଗଲେ । ପିଲାମାନେ ମଧ୍ୟ ମାମୁଁଘରକୁ ଗଲେ । ଗୃହିଣୀ ବାପଘରକୁ ଆସି ବେଶ୍ ହସି ଖେଳି ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ କରିବାକୁ ଲାଗିଲେ । ବିଶେଷ କାର୍ଯ୍ୟ କିଛି ନଥିବାରୁ ଗୃହିଣୀ ମଧ୍ୟ ବାପାଙ୍କ ଆଦର ଯତ୍ନ ପାଇ ଆଳସ୍ୟ ଓ ଆମୋଦ ସହକାରେ ଦିନ କଟାଇବାକୁ ଲାଗିଲେ । ପିଲାମାନେ ମଧ୍ୟ ବାପ ମାଆଙ୍କ ଶାସନ ଅଭାବରୁ ଚଗଲା ହୋଇଗଲେ । ମନଇଚ୍ଛାରେ ନାନା ଖେଳ କୌତୁକରେ ମାତିଲେ । ଘରକଥା ପାସୋରି ପକାଇଲେ । ଆନନ୍ଦରେ କାଳ ଯାପନ କରି ବାପାଙ୍କ କଥା ମଧ୍ୟ ଭୁଲିଗଲେ । ବ୍ରାହ୍ମଣ ଦେଖିଲେ, ପିଲାମାନେ ଆନନ୍ଦରେ ରହି

ତା କଥା ଟିକିଏ ମନେପକାଉ ନାହାନ୍ତି କିମ୍ୱା ତାଙ୍କର ଯେ ଘର ଅଛି, ଏକଥା ପାସୋରି ଯାଉଛନ୍ତି । ଅଗତ୍ୟା ସେ ଶ୍ୱଶୁରଘରକୁ ବାହାରିଲେ । ଶ୍ୱଶୁରଘରକୁ ଆସି ବ୍ରାହ୍ମଣ ଦେଖିଲେ ପିଲାଙ୍କର ଘରକୁ ଯିବାର ଇଚ୍ଛା ଆଦୌ ନାହିଁ । ଘରକଥା ସମସ୍ତେ ଭୁଲିଗଲେଣି । ମାମୁଁଘରକୁ ନିଜ ଘର ବୋଲି ମନେକରି ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳାତିପାତ କରୁଛନ୍ତି । ବହୁ ସମୟ ଧରି ବୁଝାଇବା ପରେ ଗୃହିଣୀ ଘରକୁ ଯିବାକୁ ରାଜି ହୋଇଗଲା । ଗୃହିଣୀ ପିଲାମାନଙ୍କୁ ବୁଝାଇବାପାଇଁ ବ୍ରାହ୍ମଣକୁ ଯଥାସାଧ୍ୟ ସାହାଯ୍ୟ କରିବ ଓ ପିଲାମାନଙ୍କୁ କୋଳକରି ଘରକୁ ନେଇଯିବ ବୋଲି ପ୍ରତିଶ୍ରୁତି ମଧ ଦେଲା । ବ୍ରାହ୍ମଣ ଏଥର ପିଲାମାନଙ୍କୁ ବୁଝାଇବାକୁ ଲାଗିଲେ— ବାପ ଧନ, ଘରକୁ ଚାଲ; ଏ ଘର ତୁମର ନୁହେଁ । ତୁମ ଘର ଏହାଠାରୁ ବଳି ସୁନ୍ଦର । ଏହି ସଂସାରଠାରୁ ବଳି ଆନନ୍ଦମୟ; ଚାଲ, କାହିଁକି ଏଠାରେ ବିଦେଶରେ ରହି କଷ୍ଟ ପାଉଛ ?

ରମଣୀ ଗଳ୍ପ କହୁଥିଲାବେଳେ ବ୍ରହ୍ମାନନ୍ଦ ନିରୁତ୍ତର ଥିଲେ । ତାଙ୍କୁ ସେହି ଅବସ୍ଥାରେ ଦେଖି ରମଣୀ କହିଲେ—"କିହୋ ଗୋସାଇଁ ଠାକୁର ! ଶୋଇପଡ଼ିଛ କି ?"

ବ୍ରହ୍ମାନନ୍ଦ ଜାଗ୍ରତ ଥିଲେ । ସେ ରମଣୀଙ୍କର ବଚନଭଙ୍ଗୀ ଓ ଗଳ୍ପର ପ୍ରତ୍ୟେକ କଥା ବେଶ୍ ମନଯୋଗ ଦେଇ ଶୁଣୁଥିଲେ । ସେ ପଚାରିଲେ "ସେ ବ୍ରାହ୍ମଣ କିଏ ? କେଉଁଠି ସେ ଅଛନ୍ତି ? ତୁମର ଗଳ୍ପ କିପରି ରହସ୍ୟମୟ ବୋଲି ମୋତେ ବୋଧ ହେଉଛି । ସତ କହ, ତୁମେ କିଏ, ମୁଁ କିଏ ?"

ରମଣୀ ଠୋ ଠୋ ହୋଇ ହସିଉଠିଲେ । ସେ ହସରେ କି ମାୟା ଥିଲା କେଜାଣି, ସହସା ସେ ଗୃହ ମଧ୍ୟରେ ଯେପରି ସ୍ୱପ୍ନାଲୋକ ସୃଷ୍ଟି ହୋଇଗଲା । ରମଣୀ ହସ ହସ ବଦନରେ କହିଲେ—"ସେ ବ୍ରାହ୍ମଣ ତୁମେ; ଆଉ ସେ ବ୍ରାହ୍ମଣୀ ହେଉଛି ମୁଁ । ଏହି ଜଗତବାସୀ ଆମମାନଙ୍କର ସନ୍ତାନ । ଚାଲ ସେମାନଙ୍କୁ ଘରକୁ ନେଇଯିବା ।"

ରମଣୀ ଏହି କଥା କହୁ କହୁ ଉଚ୍ଚ ସ୍ୱରରେ ହସିଉଠିଲେ । ସେ ହସରେ ବ୍ରହ୍ମାନନ୍ଦ ଭୀତ, ତ୍ରସ୍ତ ଓ ଚମକିତ ହୋଇପଡ଼ିଲେ । ରମଣୀଙ୍କ ନିକଟରୁ ପଳାଇଯିବାକୁ ଚେଷ୍ଟା କଲେ, ମାତ୍ର ପାରିଲେ ନାହିଁ । ଅଳ୍ପକ୍ଷଣ ପରେ ରମଣୀ ମୃଦୁ ମଧୁର ହାସ୍ୟ କରି ବ୍ରହ୍ମାନନ୍ଦଙ୍କୁ ଅତି ଆଦର ସହକାରେ ନିଜ ନିକଟକୁ

ଟାଣିନେଲେ । କହିଲେ, ''ଠାକୁର, ଆଉ କାହିଁକି ? ଏଥର ତୁମର ଇଚ୍ଛା ଅନୁସାରେ ସଂସାର କରିବାକୁ ଆରମ୍ଭ କର, ମୁଁ ତୁମ ନିମିତ୍ତ ଏଠାରେ ଅପେକ୍ଷା କରି ରହିଛି ।''

ବ୍ରହ୍ମାନନ୍ଦ କହିଲେ—ସବୁ ବୁଝିଲି, କିନ୍ତୁ ତୁମକୁ ବିବାହ କରିବା ମଧ୍ୟ ଗୋଟିଏ ସମସ୍ୟାର ବିଷୟ । ସମାଜରେ ବାସ କରିବାକୁ ହେଲେ, ଜାତିଧର୍ମ ମାନିବାକୁ ହେବ । ତୁମେ କାହିଁକି ବ୍ରାହ୍ମଣ କୁଳରେ ଜାତ ହେଲ ନାହିଁ ? ତାହା ହୋଇଥିଲେ ତ ବିବାହରେ କୌଣସି ଅନ୍ତରାୟ ସୃଷ୍ଟି ହୋଇନଥାନ୍ତା !

ରମଣୀ—ଠାକୁର ! ମୋର କ'ଣ କୌଣସି ଜାତି ଅଛି ? ମୋ ନିକଟରେ ବ୍ରାହ୍ମଣ, ଚଣ୍ଡାଳ ସବୁ ସମାନ । ତୁମର ମଧ୍ୟ କିଛି ବାଧା ନାହିଁ । ତୁମେ ତ ସନ୍ନ୍ୟାସୀ । ସନ୍ନ୍ୟାସୀଙ୍କର ପୁଣି ଜାତିବିଚାର କାହିଁକି ? ବ୍ରହ୍ମାନନ୍ଦ ଚମକି ପଡ଼ିଲେ—ପ୍ରକୃତରେ ସେ ସନ୍ନ୍ୟାସୀ, ତାଙ୍କର ଜାତି ବିଚାର ନାହିଁ; କିନ୍ତୁ ସନ୍ନ୍ୟାସୀ ହୋଇ ପୁଣି ବିବାହ କରି ସଂସାରୀ ହେବେ ବା କିପରି ? ଏପରି କଲେ ଲୋକେ ନିଶ୍ଚୟ ନିନ୍ଦା କରିବେ । ଉପରନ୍ତୁ ଧର୍ମଭ୍ରଷ୍ଟ ହେବାକୁ ପଡ଼ିବ । ସେ ଏହିଭାବରେ ନାନା ଚିନ୍ତା କରିବାକୁ ଲାଗିଲେ । ତାଙ୍କୁ ନିରୁତ୍ତର ଦେଖି ରମଣୀ କହିଲେ ''ଠାକୁର ଭାବୁଛ କ'ଣ ? ତୁମର କୌଣସି ଆଶ୍ରମର ସାଧନା ପୂର୍ଣ୍ଣ ହୋଇ ନାହିଁ । ମନରେ ବାସନାକାମନାର ଲେଶମାତ୍ର ଥିଲେ ସନ୍ନ୍ୟାସର ଅଧିକାର ଜାତ ହୁଏ ନାହିଁ । ବିବାହ ତୁମକୁ ନିଶ୍ଚୟ କରିବାକୁ ହେବ । ସଂସାରାଶ୍ରମର ଆସକ୍ତି ମେଣ୍ଟାଇ ଦେଇ ସଂସ୍କାରର ବାହାରକୁ ଯିବାକୁ ପଡ଼ିବ । ତାହାହେଲେ ଯାଇ ତୁମେ ପ୍ରକୃତ ସନ୍ନ୍ୟାସର ଅଧିକାରୀ ଆପଣା ମନକୁ ହୋଇଯିବ । ତୁମେ ଯେ ସନ୍ନ୍ୟାସୀ, ଏକଥା ଭୁଲିଯାଅ । ବ୍ରାହ୍ମଣର ଜନ୍ମଗତ ସଂସ୍କାର ଯଦି ଭୁଲି ନ ପାରୁଛ ତେବେ ବିଶେଷ କିଛି କ୍ଷତି ନାହିଁ । ବ୍ରାହ୍ମଣମାନେ ତ ସର୍ବ ବର୍ଣ୍ଣର କନ୍ୟା ବିବାହ କରିପାରନ୍ତି । ଏହା ଶାସ୍ତ୍ରସମ୍ମତ ବିଧାନ । ଲୌକିକ ସମର୍ଥନ ଲାଭ ନିମିତ୍ତ ଯାହା ଯାହା ପ୍ରୟୋଜନ, ମୁଁ ସେ ସବୁର ବ୍ୟବସ୍ଥା କରିବି । ସେଥିପାଇଁ ତୁମର କୌଣସି ଚିନ୍ତା ନାହିଁ ।''

ବ୍ରହ୍ମାନନ୍ଦ ସବୁ ଶୁଣି କହିଲେ—''ବେଶ୍ ମୁଁ ତୁମର ଉପଦେଶ ଅନୁସାରେ ଚଳିବି ।''

ରମଣୀ ପୁନରାୟ କହିଲେ—"ଶୁଣ, ବିବାହପରେ ତୁମକୁ ସଂସାରର କୌଣସି ଚିନ୍ତା କରିବାକୁ ପଡ଼ିବ ନାହିଁ । ପ୍ରାଣଭରି ସଂସାର ଉପଭୋଗ କରିଯିବ । କିନ୍ତୁ ଗୋଟିଏ କଥା ସ୍ମରଣ ରଖିଥିବ, ମୋତେ କେବେ ଅନାଦର କରିବ ନାହିଁ । ମୁଁ କେବେ କୌଣସିଦିନ ତୁମର ଅନାଦର ସହ୍ୟ କରିପାରିବ ନାହିଁ । ଅନାଦର କଲେ ମୁଁ ଚାଲିଯିବି—ଏକଥା ଯେପରି ସ୍ମରଣ ଥାଏ ।

ବ୍ରହ୍ମାନନ୍ଦ ସେଥିରେ ସମ୍ମତ ହୋଇ କହିଲେ, "ତୁମକୁ କ'ଣ ବୋଲି ଡାକିବି ?" ରମଣୀ କହିଲେ—"ମୋ ନାମ ପାର୍ବତୀ । ବର୍ତ୍ତମାନ ମଧ୍ୟ ମୁଁ ପର୍ବତବାସିନୀ, ତେଣୁ ପାର୍ବତୀ ବୋଲି ମୋତେ ଡାକିବ । ମୋର ଡାକନାମ 'ପାରୁ' । ତୁମେ ମଧ୍ୟ ସେହି ନାମରେ ଡାକିବ । ଯାଅ, ବର୍ତ୍ତମାନ ଟିକିଏ ଶୋଇପଡ଼ିବ । କାଲି ଅନେକ କାର୍ଯ୍ୟ ଅଛି ।" ବ୍ରହ୍ମାନନ୍ଦ ଯାଇ ନିଜର ନିର୍ଦ୍ଦିଷ୍ଟ ଆସନରେ ନିଦ୍ରାଭିଭୂତ ହୋଇପଡ଼ିଲେ । ଜଗନ୍ମାତା ମଧ୍ୟ ନିଜର ନରଲୀଳାର ରଙ୍ଗୀନ କଳ୍ପନା ନେଇ ନିଦ୍ରିତା ହେଲେ ।

ଉଭୟେ ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ଯଥାରୀତି ପ୍ରାତଃକୃତ୍ୟ ସମାପନ କଲେ । ପାର୍ବତୀ ଗ୍ରାମର ଜଣେ ଯୁବକକୁ ଡାକିଆଣି କହିଲେ—"ଏହାଙ୍କ ସଙ୍ଗରେ ତୁମକୁ ଦୁର୍ଗାପୁର ଯିବାକୁ ହେବ । ସେଠାରେ ଆମ ଜମିଦାର ମହାଶୟ ବାସ କରନ୍ତି । ସେ ସମାଜପତି । ଆମ ବିବାହରେ ତାଙ୍କର ଅନୁମତି ଆବଶ୍ୟକ । ଏହି ମୋହରଟି ସଙ୍ଗରେ ନିଅ । ତାଙ୍କୁ ଭେଟି ଦେଇ ସମସ୍ତ କଥା ଜଣାଇବ । ସେ ଯେପରି ଆଦେଶ ଉପଦେଶ ଦେବେ, ସେହି କଥା ଅନୁସାରେ କାର୍ଯ୍ୟ କରିବାକୁ ହେବ । ତାଙ୍କୁ କହିବ, ମୁଁ ଏ ବିବାହରେ ସମ୍ମତ ଅଛି । ତାହା ହେଲେ ଆପତ୍ତି କରିବାର କିଛି ରହିବ ନାହିଁ ।" ବ୍ରହ୍ମାନନ୍ଦ ସତ୍ୱର ପ୍ରସ୍ତୁତ ହୋଇ ଯୁବକଟି ସହିତ ଦୁର୍ଗାପୁର ଅଭିମୁଖରେ ଯାତ୍ରା କଲେ ।

ବଙ୍ଗଳା ଦେଶର କୁମିଲା ସହରର ଅନତିଦୂରରେ ଦୁର୍ଗାପୁର ଗ୍ରାମ ଏବେ ମଧ୍ୟ ବିଦ୍ୟମାନ ଅଛି । ସେହିଠାରେ ବ୍ରହ୍ମାନନ୍ଦ ଉପସ୍ଥିତ ହେଲେ । କିଛି ସମୟ ପରେ ସମାଜପତି ଜମିଦାର ମହାଶୟ ବୈଠକଖାନାକୁ ଆସି ଆସନ ଗ୍ରହଣକଲେ । କ୍ରମେ କ୍ରମେ ବ୍ରାହ୍ମଣ, ପାଇକ, ପଣ୍ଡିତ, ପ୍ରଜା, ଚାଟୁକାର, ପ୍ରାର୍ଥୀ ଇତ୍ୟାଦିରେ ଗୃହ ପରିପୂର୍ଣ୍ଣ ହୋଇଗଲା । ପରେ ଜଣକୁ ଜଣ ନିଜ ନିଜ ପ୍ରାର୍ଥନା ଜଣାଇଲେ । ଜମିଦାର ମହାଶୟ ମଧ୍ୟ ଆଦେଶ, ଉପଦେଶ, ପୁରସ୍କାର ଇତ୍ୟାଦି ଦେଇ କ୍ରମେ

ସମସ୍ତଙ୍କୁ ବିଦାୟ ଦେବାକୁ ଲାଗିଲେ । ବ୍ରହ୍ମାନନ୍ଦ ହିଁ ଆଗନ୍ତୁକମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ଅପରିଚିତ । ତେଣୁ ପ୍ରଥମରେ ଜମିଦାରଙ୍କ ଦୃଷ୍ଟି ତାଙ୍କରି ଉପରେ ପଡ଼ିବାରୁ ସେ ପାର୍ବତୀଙ୍କ ପ୍ରଦତ୍ତ ଭେଟି ମୋହରଟି ଦେଇ ନିଜର ବକ୍ତବ୍ୟ ପ୍ରକାଶ କଲେ ।

ସମସ୍ତ ବିଷୟ ଅବଗତ ହୋଇ ସମାଜପତି ମହାଶୟ କହିଲେ—''କିହୋ ଗୋସେଇଁ ଠାକୁର ! ତୁମେ କ'ଣ କେଉଁଠାରେ ବ୍ରାହ୍ମଣ କନ୍ୟା ପାଇଲ ନାହିଁ ଯେ, ଦିନୁ କେଉଟ ଝିଅକୁ ବିବାହ କରିବାକୁ ମନସ୍ଥ କରିଛ ?'' ବ୍ରହ୍ମାନନ୍ଦ ପୁରାଣର ପରାଶର-ମତ୍ସ୍ୟଗନ୍ଧା କାହାଣୀ ଅବତାରଣା କରି ଅବଶେଷରେ କହିଲେ— ''ଏ ବିବାହରେ ପାରୁର ସମ୍ମତି ଅଛି । ଆଉ କେଉଁଠି ମୁଁ ମନୋମତ ପାତ୍ରୀ ପାଇଲି ନାହିଁ ।'' ଜମିଦାର ମହାଶୟ ସଭାସଦମାନଙ୍କ ସହ ପରାମାର୍ଶ କରି ସ୍ଥିର କଲେ ଯେ, ଏ ବିବାହରେ ସମ୍ମତି ଦେବାକୁ ତାଙ୍କର ଆପତ୍ତି ନାହିଁ । କିନ୍ତୁ କେଉଟୁଣୀ କନ୍ୟାଠାରୁ ବ୍ରାହ୍ମଣର ଅନ୍ନ, ଜଳ ଗ୍ରହଣ ପ୍ରଚଳନ କରିବାକୁ ହେଲେ ଅନ୍ୟ ଗ୍ରାମର ପ୍ରାୟ ଶତାଧିକ ବ୍ରାହ୍ମଣଙ୍କୁ ପରିତୋଷ ସହକାରେ ଭୋଜନ କରାଇବାକୁ ହେବ ଏବଂ ସେହି ବ୍ରାହ୍ମଣମାନଙ୍କୁ ଗୋଟିଏ ଗୋଟିଏ ମୋହର ଦକ୍ଷିଣା ପ୍ରଦାନ କରିବାକୁ ହେବ । ବ୍ରହ୍ମାନନ୍ଦ ସମାଜପତିଙ୍କ ପ୍ରସ୍ତାବରେ ରାଜି ହେଲେ ଏବଂ ବିବାହର ଲିଖିତ ଅନୁମୋଦନ ପତ୍ର ଘେନି ଫେରି ଆସିଲେ । ପାର୍ବତୀ ସମସ୍ତ ସମ୍ବାଦ ଶୁଣି ପୁଲକିତ ହେଲେ ।

ନିର୍ଦ୍ଦିଷ୍ଟ ଦିନରେ ଯଥାରୀତି ବିବାହ ସମ୍ପନ୍ନ ହୋଇଗଲା । ସମାଜପତି ଜମିଦାର ଖୁସି ଥିବାରୁ କୌଣସି ଅସୁବିଧା ଭୋଗ କରିବାକୁ ହୋଇ ନ ଥିଲା । ଶାସ୍ତ୍ରୀୟ ସଂସ୍କାର ଦ୍ୱାରା ପାର୍ବତୀ ବ୍ରାହ୍ମଣ ପତ୍ନୀ ହେଲେ ।

ଭୋଜନ ଶେଷରେ ବ୍ରାହ୍ମଣମାନେ ବିଦାୟ ହୋଇଗଲେ । କ୍ରମେ ପଲ୍ଲୀସ୍ଥ ଅନ୍ୟାନ୍ୟଙ୍କର ଭୋଜନ ଶେଷ ହେଲା । କିଏ କହିଲା, ଗୋସେଇଁ ଠାକୁର ବାଳିକା ରୂପରେ ମୁଗ୍ଧ ହୋଇ ଯଥାସର୍ବସ୍ୱ ବ୍ୟୟ କରି ବିବାହ କଲେ । ଅନ୍ୟ କେହି କେହି କହିଲେ ଯେ, ଦିନୁ ବେହେରାର ତ ବହୁତ ଟଙ୍କା ଥିଲା, ସେ ସବୁ ତାର ଏହି ଝିଅଟି ପାଇଛି । ସେଥିରୁ କିଛି ଖରଚ କରି ବିବାହ କଲା ।

ବ୍ରହ୍ମାନନ୍ଦ ପାର୍ବତୀଙ୍କ ସହିତ ସେହିଠାରେ ବାସ କରିବାକୁ ଲାଗିଲେ । ପ୍ରାୟ ପାଞ୍ଚବର୍ଷ ଏହିପରି ଭାବରେ ଦାମ୍ପତ୍ୟ ଜୀବନଯାପନ କରିବା ଫଳରେ

ତାଙ୍କର ଗୋଟିଏ କନ୍ୟା ଓ ଗୋଟଏ ପୁତ୍ର ସନ୍ତାନ ଜନ୍ମ ହେଲା । ଏହି ପାଞ୍ଚବର୍ଷ ଭିତରେ କୌଣସି ବିଶେଷ ଘଟଣା ଘଟି ନ ଥିଲା । ବ୍ରହ୍ମାନନ୍ଦ ସ୍ୱରୂପ ଭୁଲିଯାଇ ସଂସାରାଶକ୍ତିରେ ନିମଜ୍ଜିତ ହୋଇ ମହାମାୟାଙ୍କ ସହିତ ମାୟାବିମୋହିତ ଭାବରେ ଘରକରଣା କରିବାକୁ ଲାଗିଲେ ।

ସହସା ଦିନେ ସେହି କୁଟୀର ଦୁଆରେ ଜଣେ ଅତିଥି ଆସି ଉପସ୍ଥିତ ହେଲେ । ଅତିଥି ବିଶେଷ ଆଗ୍ରହରେ ଆତିଥ୍ୟ ଗ୍ରହଣ କଲେ । ଏହି ଅତିଥି ସାମାନ୍ୟ କେହି ନୁହନ୍ତି । ଏ ହେଉଛନ୍ତି, ବ୍ରହ୍ମାନନ୍ଦ ଗିରିଙ୍କ ଶିଷ୍ୟ ପୂର୍ଣ୍ଣାନନ୍ଦ ଗିରି । ପୂର୍ଣ୍ଣାନନ୍ଦ ଗୁଟିକାସିଦ୍ଧ ଥିଲେ । ଏହା ପ୍ରଭାବରେ ସାଧକ ଅନ୍ୟର ଅଦୃଶ୍ୟ ଭାବରେ ଶୂନ୍ୟମାର୍ଗରେ ଯଦୃଚ୍ଛା ଗମନାଗମନ କରିବାକୁ ସମର୍ଥ ହୁଅନ୍ତି । କିନ୍ତୁ ଗୁରୁ ବା କୌଣସି ସିଦ୍ଧ ମହାପୁରୁଷଙ୍କ ଆସନ ଅତିକ୍ରମ କରିବାର ସାଧ ନଥାଏ । ପୂର୍ଣ୍ଣାନନ୍ଦ ଏହି ସିଦ୍ଧି ପ୍ରଭାବରେ ଶୂନ୍ୟମାର୍ଗରେ କାମାକ୍ଷା ଯାଉଥିଲେ । ପଥ ମଧ୍ୟରେ ବ୍ରହ୍ମାନନ୍ଦ ସ୍ୱାମୀଙ୍କ ଗୃହ ଅତିକ୍ରମ କଲାବେଳେ ମନ୍ତ୍ରପ୍ରଭାବ କ୍ଷୁଣ୍ଣ ହେବାରୁ ସେ ଅବତରଣ କରିବାକୁ ବାଧ ହେଲେ । ସେ ନିଶ୍ଚୟ କରି ଜାଣିଲେ ଯେ, ଏଠାରେ କେହି ଜଣେ ସିଦ୍ଧ ମହାପୁରୁଷ ଅବସ୍ଥାନ କରୁଛନ୍ତି । ସୁତରାଂ ତାଙ୍କ ସହିତ ସାକ୍ଷାତ କରି ଯିବାଟା ସମୀଚୀନ ବୋଧ କଲେ । ପୂର୍ଣ୍ଣାନନ୍ଦ ସେ ଗୃହ ଦ୍ୱାରରେ ଉପସ୍ଥିତ ହୋଇ ଗୃହସ୍ୱାମୀଙ୍କର ପରିଚୟ ଗ୍ରହଣ କଲେ । ନିଜର ପରମଆରାଧ୍ୟ ଗୁରୁଦେବ ହିଁ ଉକ୍ତ ଗୃହର ମାଲିକ ବୋଲି ଅବଗତ ହେଲାକ୍ଷଣି ସେ ଅତିଶୟ ଆଶ୍ଚର୍ଯ୍ୟ ହୋଇଗଲେ । ପରେ ଧ୍ୟାନବଳରେ ଅବଗତ ହେଲେ ଯେ, ତାଙ୍କର ଗୁରୁଦେବ ମହାମାୟାଙ୍କ ପ୍ରଭାବରେ ସାମାନ୍ୟ ପୁରୁଷଙ୍କ ପରି ସଂସାରଧର୍ମରେ ମଜ୍ଜି ଯାଇଛନ୍ତି । ସେ ଆହୁରି ମଧ୍ୟ ଅବଗତ ହେଲେ ଯେ, ତାଙ୍କର ସଂସାରାଶକ୍ତି ଖଣ୍ଡନ କରିବା ମାନସରେ ସ୍ୱୟଂ ମହାମାୟା ବନିତା ବେଶରେ ବ୍ରହ୍ମାନନ୍ଦଙ୍କୁ ସଂସାରୀ କରିଛନ୍ତି । ପୂର୍ଣ୍ଣାନନ୍ଦ ଅତିଶୟ କୌତୂହଳୀ ବୋଧକରି ସ୍ୱେଚ୍ଛାରେ ଏହି ଦମ୍ପତିଙ୍କର ଆତିଥ୍ୟ ଗ୍ରହଣ କଲେ । ବ୍ରହ୍ମାନନ୍ଦ ପ୍ରଥମରୁ ପୂର୍ଣ୍ଣାନନ୍ଦଙ୍କୁ ଚିହ୍ନିପାରିଲେ ନାହିଁ । ଏଥିରେ ପୂର୍ଣ୍ଣାନନ୍ଦ ଆଦୌ ଖୁସି ହେଲେ ନାହିଁ । ସେ ଗୋଟିଏ ବଟପତ୍ରରେ ସିଦ୍ଧମନ୍ତ୍ର ଲେଖି ବ୍ରହ୍ମାନନ୍ଦଙ୍କୁ ପଢ଼ିବାକୁ ଦେଲେ । ଏହି ମନ୍ତ୍ର ପାଠ କଲାମାତ୍ରେ ବ୍ରହ୍ମାନନ୍ଦଙ୍କର ଦିବ୍ୟଜ୍ଞାନ ଉଦୟ ହେଲା । ସେ ନିଜର ପୂର୍ବାପର ସାଧନ ଜୀବନ କଥା ସ୍ମରଣ କରି ଅତିଶୟ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ତା'ପରେ ସେ ନିଜର

ପ୍ରିୟ ଶିଷ୍ୟ ପୂର୍ଣ୍ଣାନନ୍ଦଙ୍କୁ କୋଳରେ ଧରି ଅବିରଳ ଧାରାରେ ଅଶ୍ରୁବର୍ଷଣ କରିବାକୁ ଲାଗିଲେ । କ୍ରମେ ହୃଦୟର ଆବେଗ ପ୍ରଶମିତ ହେଲାକ୍ଷଣି ଉଭୟେ ଆସନ ଗ୍ରହଣ କଲେ ଏବଂ ବିଚ୍ଛେଦକାଳୀନ ଘଟଣାବଳୀ ପରସ୍ପର ପରସ୍ପର ନିକଟରେ ବ୍ୟକ୍ତ କରିବାକୁ ଲାଗିଲେ । ପାର୍ବତୀଦେବୀ ସ୍ୱାମୀଙ୍କ ପ୍ରିୟ ଶିଷ୍ୟ ପୂର୍ଣ୍ଣାନନ୍ଦଙ୍କୁ ଯଥୋଚିତ ପାନ ଭୋଜନ ଓ ସେବା ଶୁଶ୍ରୂଷାରେ ଆପ୍ୟାୟିତ କଲେ ।

କଥିତ ଅଛି, ଏହି ସମୟରେ ପୂର୍ଣ୍ଣାନନ୍ଦ ପାର୍ବତୀଦେବୀଙ୍କୁ ଜିଜ୍ଞାସା କଲେ ଯେ, ସେ ଆଉ କେତେଦିନ ବ୍ରହ୍ମାନନ୍ଦଙ୍କୁ ଆବଦ୍ଧ କରି ରଖିବେ । ଉତ୍ତରରେ ପାର୍ବତୀଦେବୀ କହିଲେ, ''ଅତି ସତ୍ୱର ତାଙ୍କର ସଂସାରାଭିନୟ ଶେଷ ହୋଇଯିବ ।'' ଏହି ସମୟରେ ଦେବୀ ପୂର୍ଣ୍ଣାନନ୍ଦଙ୍କୁ ''ଶ୍ୟାମାପୂଜା'' ସମ୍ପର୍କରେ ଖଣ୍ଡିଏ ଗ୍ରନ୍ଥ ରଚନା କରିବାକୁ ପ୍ରତ୍ୟକ୍ଷ ଆଦେଶ ଦେଲେ । ତାଙ୍କର ଆଦେଶରେ ପୂର୍ଣ୍ଣାନନ୍ଦ ''ଶ୍ୟାମା ରହସ୍ୟ'' ନାମକ ଖଣ୍ଡିଏ ପ୍ରସିଦ୍ଧ ତାନ୍ତ୍ରିକ ଗ୍ରନ୍ଥ ରଚନା କରିଥିଲେ । ଏହି ଗ୍ରନ୍ଥ ଅଦ୍ୟାପି ଖଣ୍ଡିଏ ପ୍ରାମାଣିକ ଗ୍ରନ୍ଥ ରୂପରେ ସାଧକସମାଜରେ ପ୍ରଚଳିତ ଅଛି । ଏହିପରି ଭାବରେ କେତେ ଦିନ ଗୁରୁ ଗୃହରେ ଅବସ୍ଥାନ କଲାପରେ ପୂର୍ଣ୍ଣାନନ୍ଦ ଭ୍ରମଣରେ ବାହାରି ପଡ଼ିଲେ ।

ପୂର୍ଣ୍ଣାନନ୍ଦଙ୍କ ପ୍ରସ୍ଥାନ ପରେ ବ୍ରହ୍ମାନନ୍ଦଙ୍କର ସଂସାରାଶକ୍ତି କ୍ରମେ ହ୍ରାସ ହେବାକୁ ଲାଗିଲା । ସେ ବର୍ତ୍ତମାନ ପୂର୍ବ ଜ୍ଞାନ ଫେରି ପାଇଅଛନ୍ତି । ତଥାପି ମଧ୍ୟେ ମଧ୍ୟେ ମହାମାୟାଙ୍କ ପ୍ରଭାବରେ କିଛିକାଳ ନିମିତ୍ତ ଅଭିଭୂତ ହୋଇପଡୁଛନ୍ତି । ସଂସାରର କୌଣସି କାର୍ଯ୍ୟରେ ତାଙ୍କର ଆଉ ଆସକ୍ତି ରହିଲା ନାହିଁ । ସର୍ବଦା ଅନ୍ୟମନସ୍କ ଭାବରେ କ'ଣ ଚିନ୍ତା କରିବାକୁ ଲାଗିଲେ । ଏହି ଭାବରେ କିଛିଦିନ ଅତିବାହିତ ହୋଇଗଲା । ସହସା ଦିନେ ଗୋଟିଏ ଅପ୍ରତ୍ୟାଶିତ ଘଟଣାରେ ତାଙ୍କର ସଂସାରବନ୍ଧନ ଚିରଦିନ ପାଇଁ ଛିନ୍ନ ହୋଇଗଲା । ଘଟଣାଟି ନିମ୍ନରେ ଦିଆଗଲା ।

ଦିନେ ବ୍ରହ୍ମାନନ୍ଦ ଭୋଜନରେ ବସିଛନ୍ତି । ପାର୍ବତୀଦେବୀ ସ୍ୱାମୀଙ୍କ ନିକଟରେ ବସି ବ୍ୟଜନ କରୁଛନ୍ତି । ଅଦୂରବର୍ତ୍ତୀ ପଲ୍ଲୀ ଗ୍ରାମରେ କିଏ ଜଣେ ଇଲିଶ ମାଛ ଭାଜୁଥିଲା । ସେଦିନ ଆହାର୍ଯ୍ୟରେ କୌଣସି ମତ୍ସ୍ୟ ନ ଥିଲା । ମତ୍ସ୍ୟଗନ୍ଧରେ ବ୍ରହ୍ମାନନ୍ଦଙ୍କ ମନରେ ଇଲିଶ ମାଛ ଖାଇବାର ଇଚ୍ଛା ଜାତ ହେଲା । ସେ ତତ୍କ୍ଷଣାତ୍ ପାର୍ବତୀଦେବୀଙ୍କୁ ନିଜର ମନୋବାସନା ବ୍ୟକ୍ତ କଲେ । ମହାମାୟା ସାମାନ୍ୟ ନାରୀ ମୂର୍ତ୍ତିରେ ଅବସ୍ଥାନ କରୁଥିଲେ ମଧ୍ୟ ବ୍ରହ୍ମାନନ୍ଦଙ୍କ କ୍ଷୁଦ୍ର ବୃହତ୍ ସବୁପ୍ରକାର

ବାସନା ଚରିତାର୍ଥ କରିବାକୁ ସର୍ବଦା ବ୍ୟଗ୍ର ଥିଲେ । ସଂସାରର ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟାଦି କେଉଁଠାରୁ ଆସେ, ଗୃହସ୍ୱାମୀ ବ୍ରହ୍ମାନନ୍ଦ ତାହା କିଛିହେଲେ ଜାଣନ୍ତି ନାହିଁ । ତାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟରେ ଟିକିଏ ମାତ୍ର ତ୍ରୁଟି ହେଲେ ସେ ପାର୍ବତୀ ଦେବୀଙ୍କୁ ଅନୁଯୋଗ କରନ୍ତି । ଗୃହିଣୀ ମଧ୍ୟ ଯଥାସାଧ୍ୟ ସ୍ୱାମୀଙ୍କ ଅଭିଳାଷ ପୂରଣରେ ତ୍ରୁଟି କରୁ ନଥିଲେ । ଏଥିପାଇଁ ତାଙ୍କୁ କେବେ କେବେ ସାମାନ୍ୟ ଐଶ୍ୱର୍ଯ୍ୟ ପ୍ରୟୋଗ କରିବାକୁ ପଡୁଥିଲା । ଆଜି ତାହାହିଁ ଘଟିଲା । ବ୍ରହ୍ମାନନ୍ଦଙ୍କର ଇଲିଶ ମାଛଭଜା ଖାଇବା ବାସନା ଜାଗିବା ମାତ୍ରେ ପାର୍ବତୀଦେବୀ ସେହିଠାରେ ଉପବିଷ୍ଟା ଥାଇ ମଧ୍ୟ ନିଜର ଦକ୍ଷିଣହସ୍ତ ଗବାକ୍ଷ ପଥରେ ପ୍ରସାରିତ କରିଦେଇ ମୁହୂର୍ତ୍ତକ ମଧ୍ୟରେ ଗରମ ଇଲିଶ ମାଛଭଜା ଆଣି ବ୍ରହ୍ମାନନ୍ଦଙ୍କ ଭୋଜନ ପାତ୍ରରେ ରଖିଦେଲେ । ଗୃହିଣୀଙ୍କର ଏପରି କାର୍ଯ୍ୟରେ ବ୍ରହ୍ମାନନ୍ଦ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ଗୃହିଣୀଙ୍କୁ ରୁଷ୍ଟ ଭାବରେ ପ୍ରଶ୍ନ କଲେ, ''ମାଛ କେଉଁଠାରୁ ଆଣିଲ ? ଗୃହିଣୀ କହିଲେ, ''ନିକଟବର୍ତ୍ତୀ ପଠାଣଘର ବୋହୂ ମାଛ ଭାଜୁଥିଲା, କେତେଖଣ୍ଡ ନେଇଆସିଲି ।'' ବ୍ରହ୍ମାନନ୍ଦ ସେତେବେଳକୁ ମାଛରୁ କେତେକାଂଶ ମୁହଁରେ ଦେଇସାରିଥିଲେ । ଏହି ମତ୍ସ୍ୟ ଜଣେ ମୁସଲମାନର ଅଇଁଠା ହାଣ୍ଡିରୁ ଆସିବା କଥା ଜାଣି ସେ ଅଗ୍ନିଶର୍ମ୍ମା ହୋଇ ଉଠିଲେ ଏବଂ ମୁହୂର୍ତ୍ତକ ମଧ୍ୟରେ ପାର୍ବତୀ ଦେବୀଙ୍କ ଗଣ୍ଡଦେଶରେ ଚପେଟାଘାତ କଲେ । ପାର୍ବତୀ ଦେବୀ କୌଣସି କଥା କହିଲେ ନାହିଁ । ତାଙ୍କ ଦେହ ବାତାହତ ଲତାପରି କମ୍ପିବାକୁ ଲାଗିଲା । ବ୍ରହ୍ମାନନ୍ଦ ଭୋଜନ ଅସମାପ୍ତ ରଖି ଉଠିପଡ଼ିଲେ । ସେ ଆଚମନ କରିସାରି ପୁନରାୟ ଗୃହରେ ପ୍ରବେଶ କରି ଦେଖିଲେ ଯେ, ପାର୍ବତୀ ଦେବୀ ସେହି ସ୍ଥାନରେ ବସିଛନ୍ତି । ଦେହ ଘନ ଘନ କମ୍ପିତ ହେଉଅଛି । ଦେବୀ ଅଙ୍ଗୁଳି ସଙ୍କେତ କରି ବ୍ରହ୍ମାନନ୍ଦଙ୍କୁ ନିକଟକୁ ଆସିବାକୁ ଇଙ୍ଗିତ କଲେ । ବ୍ରହ୍ମାନନ୍ଦ ନିକଟକୁ ଆସିବାରୁ ପାର୍ବତୀଦେବୀ ଜଳଦଗମ୍ଭୀର ସ୍ୱରରେ କହିଲେ, ''ଶୁଣ ବ୍ରହ୍ମାନନ୍ଦ ! ତୁମର ପୂର୍ବ ପ୍ରତିଶ୍ରୁତି ସ୍ମରଣ କର । ମୋର ସ୍ଥୂଳଦେହ ସହିତ ଏ ଜନ୍ମ ନିମିତ୍ତ ତୁମର ସମ୍ପର୍କ ଛିନ୍ନ ହୋଇଗଲା । ତୁମର ପ୍ରାର୍ଥନା ପୂରଣ କରିବା ମାନସରେ ମୁଁ ଏହି ଭୋଗୋଚିତ ଦେହ ଧାରଣ କରିଥିଲି । ଏ ଦେହ ବର୍ତ୍ତମାନ ନଷ୍ଟ ହୋଇଯିବ । ମୋ ଦେହ ନାଶହେବା ପରେ ତୁମକୁ ଦାରୁଣ ଆଘାତ ଲାଗିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଥିରେ ମଧ୍ୟ ପ୍ରୟୋଜନ ଅଛି ବୋଲି ଜାଣିବ । ମୋ ପରେ ତୁମପକ୍ଷରେ ସଂସାରରେ

ରହିବା ସମ୍ଭବ ହେବ ନାହିଁ । ସେଥିପାଇଁ ମୁଁ କେତେଗୁଡ଼ିଏ ଆଦେଶ ଓ ନିର୍ଦ୍ଦେଶ ଦେଉଛି ଶୁଣ ।''

ବ୍ରହ୍ମାନନ୍ଦ ସ୍ଥିର ନିଶ୍ଚଳଭାବରେ ପାର୍ବତୀ ଦେବୀଙ୍କୁ ଚାହିଁଥିଲେ । ବର୍ତ୍ତମାନ ତାଙ୍କ ଦେହତ୍ୟାଗ କଥା ଶୁଣି କାନ୍ଦି ଉଠିଲେ । ସେ ପାର୍ବତୀଙ୍କୁ କୋଳାଗ୍ରତ କରିବାକୁ ଯିବାବେଳକୁ ଦେବୀଙ୍କର ସ୍ପନ୍ଦନହୀନ ଦେହ ତାଙ୍କ ଉପରେ ନିପତିତ ହେଲା । ସେ ସେହି ଦେହକୁ କୋଳରେ ଧାରଣ କରି କାନ୍ଦି ଉଠିଲେ । ବ୍ରହ୍ମାନନ୍ଦଙ୍କ ପାଟି ଶୁଣି ପୁତ୍ର, କନ୍ୟା ଦୁହେଁ ଦୌଡ଼ି ଆସିଲେ । ସେମାନେ ମଧ୍ୟ କାନ୍ଦିବାକୁ ଲାଗିଲେ । ବ୍ରହ୍ମାନନ୍ଦ ତାହାପରେ ପାର୍ବତୀ ଦେବୀ ଶୂନ୍ୟରୁ କହୁଥିବାର ଶୁଣିଲେ—ସ୍ଥିର ହୁଅ ବ୍ରହ୍ମାନନ୍ଦ ! ବର୍ତ୍ତମାନ ଲୋକେ ଆସି ପହଞ୍ଚିଯିବେ; ମୋ ଆଦେଶ ଶୁଣ । ଏ ଘରେ ଯଥେଷ୍ଟ ଅର୍ଥ ଗଚ୍ଛିତ ଅଛି, ଏ ସମସ୍ତ ଅର୍ଥ ସମାଜପତିଙ୍କୁ ଦେଇ କହିବ ଯେ, ସେ ଯେପରି ବାଳକ ବାଳିକା ଦୁଇଟିଙ୍କୁ ପାଳନ କରିବେ ଏବଂ ଏମାନଙ୍କୁ ବ୍ରାହ୍ମଣସମାଜରେ ସ୍ଥାନ ଦେବେ ।

''ତୁମେ ବର୍ତ୍ତମାନ ସନ୍ନ୍ୟାସ ଆଶ୍ରମରେ ପ୍ରବେଶ କର । ତୁମର ମଙ୍ଗଳ ନିମିତ୍ତ ମୁଁ ତୁମକୁ ସଂସାରକୁ ଆକର୍ଷଣ କରି ଆଣିଥିଲି । ସେ ପ୍ରୟୋଜନ ସିଦ୍ଧ ହୋଇଅଛି । ଏଥିରେ ତୁମର ସନ୍ନ୍ୟାସ ଧର୍ମର ହାନି ହେବ ନାହିଁ । ବର୍ତ୍ତମମାନ କିଛିଦିନ ତୀର୍ଥଭ୍ରମଣ କରି ଚିତ୍ତଶୁଦ୍ଧି କର । ଜୀବନର ଅବଶିଷ୍ଟ କାଳ ତପସ୍ୟାରେ କଟାଇଦିଅ । ଆଉ ତୁମେ ବର ପ୍ରାର୍ଥନା କରିବା ସମୟରେ ମୋତେ କିଛିଦିନ ଗୋଟିଏ ପ୍ରସ୍ତର ବହନ କରାଇଥିଲ; ତେଣୁ ପରବର୍ତ୍ତୀ ଜନ୍ମରେ ତୁମେ ବାଲ୍ୟକାଳରେ ଅଜ୍ଞାନ ଭାବରେ ଜୀବନଯାପନ କରିବ । ଏଥିପାଇଁ ଦୁଃଖିତ ହେବ ନାହିଁ । କାରଣ କର୍ମମାତ୍ରକେ ନିଶ୍ଚୟ କିଛି ଫଳ ଅଛି । ତେବେ ଏହା ତୁମର ମହାସୌଭାଗ୍ୟର ପୂର୍ବାଭାସ ମାତ୍ର । ତତ୍ପରେ ମୁଁ ତୁମକୁ ଦେହମୁକ୍ତ କରାଇ ଦେବି । ପରବର୍ତ୍ତୀ ଜନ୍ମରେ ତୁମେ ବଙ୍ଗଦେଶରେ କର୍କଟକ୍ରାନ୍ତି ନିକଟବର୍ତ୍ତୀ ନଦୀୟା ଜିଲ୍ଲାର କୌଣସି ଗ୍ରାମରେ ଜନ୍ମଗ୍ରହଣ କରିବ ଏବଂ ମୋର ସାକ୍ଷାତ ପାଇବ । ସେହି ଜନ୍ମରେ ମୁଁ ତୁମର ସବୁ ଅପୂର୍ଣ୍ଣତା ଦୂର କରିଦେବି । ତୁମେ ଜଗତରେ ସାର୍ବଭୌମ ଗୁରୁହେବ ଏବଂ ସନାତନ ଧର୍ମ ପ୍ରଚାର ଦ୍ୱାରା ଜଗଦ୍‌ଗୁରୁଙ୍କ ଭୁବନ-ମଙ୍ଗଳ କାର୍ଯ୍ୟରେ ଆତ୍ମନିୟୋଗ କରିବ । ଏହି ଜନ୍ମରେ ଯେଉଁମାନେ ତୁମ ସମ୍ପର୍କରେ ଆସିଛନ୍ତି, ସେମାନେ ସମସ୍ତେ ତୁମର ଲୀଳା ସହଚର ରୂପରେ

ଜନ୍ମଗ୍ରହଣ କରିବେ । ଗୁରୁ ହେବା ମାତ୍ରକେ ତୁମର ବହୁ ଜନ୍ମର ସ୍ମୃତି ଜାଗରୁକ ହେବ । ତୁମର ସ୍ମୃତିବିଜଡ଼ିତ ବିଶେଷ ବିଶେଷ ସ୍ଥାନରେ ଜଗଦ୍‌ଗୁରୁଙ୍କ ଆସନ ପ୍ରତିଷ୍ଠା କରି ସନାତନ ଧର୍ମପ୍ରଚାର ଓ ସଂରକ୍ଷଣର ସହାୟତା କରିବ । ଭୟ ନାହିଁ, ମୁଁ ସର୍ବଦା ତୁମ ସଙ୍ଗରେ ରହିବି । ଯାଉଛି, ଦେଖ, ଲୋକେ ଆସିଗଲେଣି ।''

ପାର୍ବତୀଙ୍କ ମୃତଦେହ ଯଥାରୀତି ସଂସ୍କାର କରାଗଲା । ସନ୍ଧ୍ୟା ପୂର୍ବରୁ ସେହି ସ୍ୱର୍ଣ୍ଣଲତା ଗୋମତୀତୀରରେ ଭସ୍ମୀଭୂତ ହୋଇଗଲା । ସମାଜପତି ସମ୍ବାଦ ପାଇ ତତ୍‌କ୍ଷଣାତ୍ ବ୍ରାହ୍ମଣ ପଠାଇ ଦେଇଥିଲେ । ଖୁବ୍ ସମାରୋହ ସହକାରେ ପାର୍ବତୀ ଦେବୀଙ୍କ ଅନ୍ତେଷ୍ଟିକ୍ରିୟା ସମାପନ ହେଲା । ବ୍ରହ୍ମାନନ୍ଦ ଗୃହର ସମସ୍ତ ଅର୍ଥ ସହ ପୁତ୍ର କନ୍ୟା ଦୁଇଟିଙ୍କୁ ସମାଜପତିଙ୍କ ଜିମା କରିଦେଲେ । ସମାଜପତିଙ୍କ ଚେଷ୍ଟାରେ ସନ୍ତାନ ଦୁଇଟି ବ୍ରାହ୍ମଣ ସମାଜରେ ଗୃହୀତ ହେଲେ । ପୁତ୍ରଟି ରମଣାକାଳୀଙ୍କର ସେବାୟତ ଭାବରେ ନିଯୁକ୍ତ ହେଲେ ଏବଂ ଗିରିଉପାଧି ଗ୍ରହଣ କଲେ । ଏହି ବଂଶର ଶେଷପୁରୁଷ ମଙ୍ଗଳଗିରି କିଛିବର୍ଷ ପୂର୍ବେ ଦେହତ୍ୟାଗ କରିଛନ୍ତି । ତାଙ୍କ ପୌତ୍ରଗଣ ବର୍ତ୍ତମାନ ସୁଦ୍ଧା ତ୍ରିପୁରା ଜିଲ୍ଲାରେ ଜୟମଣ୍ଡପ ପ୍ରଗଣା ଅନ୍ତର୍ଗତ ଉଦାଇଦପୁର ଗ୍ରାମରେ ବାସ କରୁଛନ୍ତି । କନ୍ୟାଟିର ବିବାହ ଦୁର୍ଗାପୁରରେ ହୋଇଥିଲା ।

ପୁତ୍ର କନ୍ୟା ଦୁହିଁଙ୍କ ବ୍ୟବସ୍ଥା କରିଦେଇ ବ୍ରହ୍ମାନନ୍ଦ ସଂସାରବନ୍ଧନରୁ ମୁକ୍ତ ହେଲେ । ଗତ ପାଞ୍ଚବର୍ଷ ଧରି ତାଙ୍କ ଜୀବନ ଉପରେ ଯେପରି ଗୋଟିଏ ଆନନ୍ଦମଧୁର ସ୍ୱପ୍ନର ଅଭିନୟ ହୋଇଗଲା ! ଏହି ସ୍ୱପ୍ନରେ ଖୁବ୍ ଆନନ୍ଦ ଥିଲା । କିନ୍ତୁ ତାର ବାସ୍ତବାଂଶ ସ୍ମୃତିପଟରେ ଉଦିତ ହେବା ମାତ୍ରକେ ବ୍ୟଥାରେ ହୃଦୟ ଭରିଯାଉଥିଲା । ପରେ ବ୍ରହ୍ମାନନ୍ଦ ତପସ୍ୟା କରି ଦେହତ୍ୟାଗ କଲେ ।

ଜଗଜ୍ଜନନୀଙ୍କର ଭବିଷ୍ୟତ ବାଣୀ କି ଭାବରେ ସତ୍ୟ ହୋଇଅଛି, ସାଧକ ବ୍ରହ୍ମାନନ୍ଦ ପରବର୍ତ୍ତୀ ଜନ୍ମରେ କେଉଁଠାରେ କି ଭାବରେ ଜନ୍ମଗ୍ରହଣ କରିଥିଲେ, ମାଆ ମଧ୍ୟ କି ଭାବରେ ତାଙ୍କୁ ଜୀବନ୍ମୁକ୍ତ କରାଇଥିଲେ, କେଉଁ କେଉଁ ଭାଗ୍ୟବାନ୍ ତାଙ୍କର ଆଶ୍ରୟ ଗ୍ରହଣ କରିଥିଲେ, ତାହା ଆମର ଆଲୋଚ୍ୟ ବିଷୟ ନୁହେଁ, କିମ୍ବା ଅନୁମାନ ଦ୍ୱାରା ସିଦ୍ଧାନ୍ତ କରିବା ଅସମ୍ଭବ । ତେବେ ଆମେମାନେ ଏତିକି ମାତ୍ର ଜାଣିଛୁଁ ଯେ ବଙ୍ଗଳା, ବିହାର, ଆସାମ ଓ ଓଡ଼ିଶାର ଧର୍ମଗୁରୁ, ସାରସ୍ୱତମଠ ଓ ଆଶ୍ରମମାନଙ୍କର ପ୍ରତିଷ୍ଠାତା, 'ବ୍ରହ୍ମଚର୍ଯ୍ୟସାଧନ', 'ଯୋଗୀଗୁରୁ', 'ଜ୍ଞାନୀଗୁରୁ',

'ତାନ୍ତ୍ରୀକଗୁରୁ' ଓ 'ପ୍ରେମିକଗୁରୁ' ପ୍ରଭୃତି ବହୁ ଅଭିନବ ଧର୍ମଗ୍ରନ୍ଥାବଳୀର ପ୍ରଣେତା ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଦେବ, ତାଙ୍କର ଗୁରୁଦେବ ମହାଯୋଗୀ ସୁମେରୁ ଦାସଜୀ ମହାରାଜଙ୍କଠାରୁ ପ୍ରଥମେ ଜାଣିଲେ ଯେ, ସେହି ଦେଶପ୍ରସିଦ୍ଧ ବ୍ରହ୍ମାନନ୍ଦଗିରି ହିଁ ଏହି ଜନ୍ମରେ ନିଗମାନନ୍ଦ ହୋଇ ଜନ୍ମଗ୍ରହଣ କରିଛନ୍ତି ଓ ମାଆ ସ୍ୱୟଂ ସୁଧାଂଶୁବାଳା ରୂପରେ ଜନ୍ମଗ୍ରହଣ କରିଥିଲେ ।

ମୟନାମତୀ ପାହାଡ଼ରେ ଯେଉଁ ସ୍ଥାନରେ ପାର୍ବତୀ ଦେବୀଙ୍କର ଆବାସ ଥିଲା, ବର୍ତ୍ତମାନ ସେହି ସ୍ଥାନରେ ସାରସ୍ୱତମଠ ପକ୍ଷରୁ ମୟନାମତୀ ଆଶ୍ରମ ଶ୍ରୀଶ୍ରୀ ଠାକୁର ପ୍ରତିଷ୍ଠା କରିଛନ୍ତି । ପୂର୍ବ ସ୍ମୃତି ସ୍ୱରୂପ ଶ୍ରୀଶ୍ରୀ ଠାକୁର ଲୋକାଳୟକୁ ଆସି ଦୁର୍ଗାପୁରରେ ପ୍ରଥମେ ଆଶ୍ରମ ନିର୍ମାଣ କରିଥିଲେ । ପରେ ଶ୍ରୀଶ୍ରୀ ଠାକୁରଙ୍କ ଠାରୁ ଆମେ କଥାପ୍ରସଙ୍ଗରେ ବ୍ରହ୍ମାନନ୍ଦ ଗିରିଙ୍କ ଜୀବନୀର କିୟଦଂଶ ଶୁଣିଥିଲୁ । ସେଦିନ ମଧ୍ୟ ସେ ତାଙ୍କ ପୂର୍ବ ଜୀବନର ସୂଚନା ଦେଇଥିଲେ । ପ୍ରସିଦ୍ଧ କେଦାର ରାୟ ମଧ୍ୟ ବର୍ତ୍ତମାନ ଉତ୍କଳରେ ଜଣେ ରାଜବଂଶରେ ଜନ୍ମଗ୍ରହଣ କରିଛନ୍ତି ଓ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛନ୍ତି ବୋଲି ଶ୍ରୀଶ୍ରୀ ଠାକୁର ପ୍ରକାଶ କରିଥିଲେ । ସେ ଏହି ଜନ୍ମରେ ଶ୍ରୀଶ୍ରୀ ଠାକୁରଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ।

ବର୍ତ୍ତମାନ ଯୁଗରେ ଆମେମାନେ ସାଧୁ, ଗୁରୁ ବା ଦେବତାଙ୍କ ଠାରେ ବିଶ୍ୱାସ ହରାଇ ବସିଛୁ । ଆଗେ ସେପରି ନ ଥିଲା । ସେତେବେଳେ ବିଶ୍ୱାସ ବଳରେ ମନୁଷ୍ୟ ଦେବତାଙ୍କୁ ନିକଟରେ ପାଉଥିଲା । ଦେବତାମାନେ ମଧ୍ୟ ସେପରି ଦୁର୍ଲ୍ଲଭ ନ ଥିଲେ । ସେମାନେ ଆମମାନଙ୍କ ସହିତ କୌଣସି ସମ୍ବନ୍ଧ ସୂତ୍ରରେ ଆବଦ୍ଧ ରହି ଲୀଳା କରୁଥିଲେ । ପୌରାଣିକ ଯୁଗରେ ଦେଖିବାକୁ ମିଳେ, ରାଜା ଦଶରଥ ଦେବରାଜ ଇନ୍ଦ୍ରଙ୍କୁ ସାହାଯ୍ୟ ଦେବା ନିମିତ୍ତ ଆମନ୍ତ୍ରିତ ହୋଇଥିଲେ । ଦେବରାଜଙ୍କ ତୁଷ୍ଟି ନିମିତ୍ତ ଅର୍ଜ୍ଜୁନ ନିବାତକବଚଙ୍କୁ ସଂହାର କରିଥିଲେ । ଦେବଲୋକଙ୍କ ସହିତ ମର୍ତ୍ତ୍ୟର ବହୁଲୋକଙ୍କର ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥିଲା—ଯେପରି ଶାନ୍ତନୁ-ଗଙ୍ଗା, ଅଗ୍ନି-ସ୍ୱାହା, ପୁରୁରବା-ଉର୍ବଶୀ । ଦମୟନ୍ତୀ ସ୍ୱୟମ୍ବରରେ ମଧ୍ୟ ଦେବତାମାନେ ପ୍ରାର୍ଥୀ ଥିଲେ । ଆମେମାନେ ବିଶ୍ୱାସ ହରାଇ ବସିଛୁ ବୋଲି ଦେବତାଙ୍କ ଠାରୁ କ୍ରମେ କ୍ରମେ ଦୂରରେ ରହିଛୁ । ତାହା ଫଳରେ ସ୍ୱର୍ଗ ମର୍ତ୍ତ୍ୟ ମଧ୍ୟରେ ଗୋଟିଏ ଦୁର୍ଲଙ୍ଘ୍ୟ ପ୍ରାଚୀର ଛିଡ଼ା ହୋଇ ଯାଇଛି । ନରଲୋକ ଓ ଦେବଲୋକର ପାର୍ଥକ୍ୟ ଖୁବ୍ ଅଧିକ ନୁହେଁ । ଦେବତାମାନଙ୍କ କୃପାଲାଭ

ଆଦୌ କଠିନ ନୁହେଁ । କିନ୍ତୁ ବ୍ରହ୍ମ ବା ତତ୍‌ଶକ୍ତିଙ୍କ କୃପାଲାଭ ଟିକିଏ କଠିନ ହୋଇପାରେ, କାରଣ ତାହା ଏକମାତ୍ର ଗୁରୁକୃପାସାପେକ୍ଷ । ଦେବତାମାନେ ମନୁଷ୍ୟଙ୍କ ଠାରୁ କିଞ୍ଚିତ ଅଧିକ ଶକ୍ତିସମ୍ପନ୍ନ ଉନ୍ନତ ଧରଣର ଜୀବ । ସେମାନେ ମୁକ୍ତିଲାଭ କରିବାକୁ ଇଚ୍ଛା କଲେ ନରଦେହ ଧାରଣ କରି ଧରାଧାମକୁ ଆସନ୍ତି । ଏଠାରୁ ମହାଶକ୍ତିଙ୍କ କୃପା ଲାଭ କରି ଭୂଃ, ଭୂବଂଃ, ସ୍ୱଃ ପ୍ରଭୃତି ଲୋକ ଭେଦ କରି ତାହା ଊର୍ଦ୍ଧ୍ୱକୁ ଗତି କରିଥାନ୍ତି ଏବଂ କ୍ରମମୁକ୍ତିପଥରେ ଉନ୍ନୀତ ହୋଇଥାନ୍ତି । ସେମାନଙ୍କର ଆଉ ପୁନର୍ଜନ୍ମ ହୁଏ ନାହିଁ । ସ୍ୱର୍ଲୋକ ଊର୍ଦ୍ଧ୍ୱକୁ ନ ଉଠିଲେ ଭୋଗଶେଷରେ ପୁନରାୟ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ହୁଏ ।

କଥିତ ଅଛି, ସାଧକ ଅବସ୍ଥାରେ ବ୍ରହ୍ମାନନ୍ଦ କାମାକ୍ଷା ଯାଇ ମାଆଙ୍କ ନାଟମନ୍ଦିରରେ ଅହର୍ନିଶ ତପସ୍ୟା କଲେ । ବ୍ରହ୍ମାନନ୍ଦଙ୍କ ସାଧନାରେ ବିଘ୍ନ ଉତ୍ପାଦନ କରିବା ଅଭିପ୍ରାୟରେ ଭଗବତୀ କାମାକ୍ଷା ଦେଶର ରାଜାଙ୍କୁ ସ୍ୱପ୍ନରେ କହିଲେ, ‘‘ବ୍ରହ୍ମାନନ୍ଦ ମୋ ନାଟମନ୍ଦିରରେ ନିରାହାରରେ ରହି ଦିବସତ୍ରୟବ୍ୟାପୀ ଉତ୍କଟ ତପସ୍ୟା କରୁଅଛି । ତୁମେ ସେଠାରୁ ତାକୁ ତଡ଼ିଦିଅ, ନଚେତ ସେ ମୋତେ ବଡ଼ କଷ୍ଟ ଦେବ ।’’

ବ୍ରହ୍ମାନନ୍ଦଙ୍କର ଧ୍ୟାନ ଭଙ୍ଗହେବା ପରେ ରାଜାଙ୍କ ଆଦେଶରେ ସେ କାମାକ୍ଷା ମନ୍ଦିର ପରିତ୍ୟାଗ କରି ଚାଲିଗଲେ । ଦିବାଭାଗରେ ଅନ୍ୟତ୍ର ରହି ପରେ ରାତ୍ରିରେ ସମସ୍ତଙ୍କର ଅଜ୍ଞାତରେ ଆସି ମନ୍ଦିର ମଧ୍ୟରେ ତପସ୍ୟା କରିବାକୁ ଲାଗିଲେ । ଏଥର ପୁଣି ଦେବୀ ରାଜାଙ୍କୁ ପ୍ରତ୍ୟାଦେଶ କଲେ ଯେ, ବ୍ରହ୍ମାନନ୍ଦ ଯେପରି କାମାକ୍ଷା ମନ୍ଦିରର ସୀମାରେ ପ୍ରବେଶ କରି ନ ପାରିବେ, ରାଜାଙ୍କୁ ସେଥିର ବ୍ୟବସ୍ଥା କରିବାକୁ ହେବ । ଏଥର ରାଜାଙ୍କଠାରୁ ଦେବୀଙ୍କର ନୂତନ ଆଦେଶ କଥା ଶୁଣି ବ୍ରହ୍ମାନନ୍ଦ କ’ଣ କରିବେ ବିଚାରି ବଡ଼ ସମସ୍ୟାରେ ପଡ଼ିଗଲେ । ସେ ଭାବିଲେ, ‘‘ଦେବୀ ଯେତେବେଳେ ବାରମ୍ବାର ସ୍ୱପ୍ନରେ ମୋ କଥା ରାଜାଙ୍କୁ କହୁଛନ୍ତି, ତେବେ ମୋ କଥା ତ ତାଙ୍କର ନିଶ୍ଚୟ ସ୍ମରଣ ଅଛି । ତାହାହେଲେ ଆଉ ଚିନ୍ତା କ’ଣ ? ମୋତେ ନିଶ୍ଚୟ ତପସ୍ୟା କରିବାକୁ ହେବ ।’’

ଏହିପରି ଭାବି ସେ ଅନ୍ୟ ସ୍ଥାନରେ ଯାଇ ତପସ୍ୟା କରିବାକୁ ମନସ୍ଥ କରି ବହୁ ଅନୁସନ୍ଧାନ ପରେ କାମାକ୍ଷା ପାହାଡ଼ରେ ଗୋଟିଏ ମୃତ ହସ୍ତୀ ଦେଖିପାରି ସେହି ପୂତିଗନ୍ଧମୟ ମୃତହସ୍ତୀର ଅନ୍ତରାଳରେ ବସି ତପସ୍ୟା କରିବାକୁ ଲାଗିଲେ ।

ଦେବୀଙ୍କ ଆଦେଶରେ ରାଜା ବ୍ରହ୍ମାନନ୍ଦଙ୍କୁ ସେଠାରୁ ମଧ୍ୟ ତଡ଼ିଦେଲେ । ଅବଶେଷରେ ଗୋଟିଏ ମଳମୂତ୍ରପୂର୍ଣ୍ଣ ଅତିଶୟ ଦୁର୍ଗନ୍ଧ ସ୍ଥାନରେ ବ୍ରହ୍ମାନନ୍ଦ ବସି ଜପରେ ନିରତ ହେଲେ । ଏହିଠାରେ ହିଁ ଜପ କରି ଶେଷରେ ବ୍ରହ୍ମାନନ୍ଦ ସିଦ୍ଧିଲାଭ କରିଥିଲେ ।

ଯାହାହେଉ, ଯେଉଁଠାରେ ମହାପୁରୁଷ ବ୍ରହ୍ମାନନ୍ଦ ଗିରି ଗୃହସ୍ଥ ଭାବରେ ବାସ କରିଥିଲେ, ମୟନାମତୀ ପାହାଡ଼ର ଠିକ୍ ସେହି ସ୍ଥାନରେ ଶ୍ରୀଶ୍ରୀ ଠାକୁର ମହାରାଜ ସ୍ମୃତିରକ୍ଷା ନିମିତ୍ତ ମୟନାମତୀ ଆଶ୍ରମ ସ୍ଥାପନ କରିଥିଲେ । ଗୁରୁଙ୍କ ଆଦେଶ ପାଇଲାମାତ୍ରେ ସେ ସର୍ବପ୍ରଥମେ ଏହି ମୟନାମତୀର ଅଦୂରବର୍ତ୍ତୀ ଦୁର୍ଗାପୁର ଗ୍ରାମରେ ପ୍ରଥମ କରି ଆଶ୍ରମ ନିର୍ମାଣ କରିଥିଲେ । ଦୁର୍ଗାପୁରରୁ ଆସାମର କୋକିଳାମୁଖ ମଠକୁ ଯିବାପରେ ମଧ୍ୟ ଏହି ସ୍ଥାନ ପ୍ରତି ତାଙ୍କର ସ୍ୱାଭାବିକ ଆକର୍ଷଣଥିଲା । ଏହାପରେ ୧୩୨୫ ସାଲର ଭାଦ୍ର ୧୮ ଦିନ ସାରସ୍ୱତମଠ ଠାରୁ ଲିଖିତପତ୍ର ଅନୁସାରେ ଉପରୋକ୍ତ ମୟନାମତୀ ଆଶ୍ରମ ଜମି କିଣା ଯାଇଥିଲା । ପରେ ସାରସ୍ୱତ ମଠର ପ୍ରାକ୍ତନ ମହନ୍ତ ଶ୍ରୀମତ୍ ସ୍ୱାମୀ ଆତ୍ମାନନ୍ଦ ମହାରାଜ ଏକାକୀ କଠୋର ଓ ପ୍ରାଣପଣ ପରିଶ୍ରମ କରି ଏବଂ ନାନାବିଧ ବାଧାବିଘ୍ନ ଅତିକ୍ରମ କରି ଏହି ମୟନାମତୀର ଆଶ୍ରମର ବହୁ ଉନ୍ନତି ସାଧନ କରିଥିଲେ ।

(ବ୍ରହ୍ମାନନ୍ଦ ଗିରିଙ୍କ ଜୀବନ କାହାଣୀ ସମ୍ପର୍କରେ ନାନା ଧରଣର କିମ୍ବଦନ୍ତୀ ରହିଛି । ତାଙ୍କର ଜନ୍ମ, କର୍ମ ଓ ଜୀବନ ସମ୍ପର୍କରେ ବିଭିନ୍ନ ମତ ଶୁଣାଯାଏ । ପ୍ରସିଦ୍ଧ ଐତିହାସିକ ଯୋଗେନ୍ଦ୍ରନାଥ ଗୁପ୍ତ ତାଙ୍କର 'କେଦାର ରାୟ' ପୁସ୍ତକରେ ବ୍ରହ୍ମାନନ୍ଦ ଗିରିଙ୍କର ଯେଉଁ ସଂକ୍ଷିପ୍ତ ଜୀବନୀ ଦେଇଛନ୍ତି, ସେଥିରେ ବ୍ରହ୍ମାନନ୍ଦ ଗିରିଙ୍କ ଜନ୍ମ ସମ୍ପର୍କରେ ନିମ୍ନଲିଖିତ ବୃତ୍ତାନ୍ତ ରହିଛି—

''କିମ୍ବଦନ୍ତୀ ଏହିପରି ଯେ, ବ୍ରହ୍ମାନନ୍ଦଙ୍କ ଜନନୀ ଅତ୍ୟନ୍ତ ରୂପବତୀ ଥିଲେ । ତାଙ୍କର ଏହି ରୂପ ହିଁ କାଳ ହୋଇଥିଲା । ସେ ସମୟରେ ମୁସଲମାନ ରାଜତ୍ୱ । ଲୋକଙ୍କର ଘରେ ଅର୍ଥ ଓ ସୁନ୍ଦରୀ ସ୍ତ୍ରୀ ଥିଲେ ଆଉ ଶାନ୍ତି ନାହିଁ । ବ୍ରହ୍ମାନନ୍ଦଙ୍କ ମାତାଙ୍କ ସୌନ୍ଦର୍ଯ୍ୟ ଖ୍ୟାତି ଚାରିଆଡ଼େ ବ୍ୟାପ୍ତ ହୋଇଥିଲା । ମୁସଲମାନ ନବାବ ଏକଥା ଶୁଣି ଦିନେ ରୂପର ମୋହରେ ବ୍ରହ୍ମାନନ୍ଦଙ୍କ ପିତାଙ୍କ ଅନୁପସ୍ଥିତିରେ ଦସ୍ୟୁ ଲଗାଇ ତାଙ୍କୁ ଅପହରଣ କରିନେଲେ । ସେତେବେଳେ ବ୍ରହ୍ମାନନ୍ଦଙ୍କ ଜନନୀ ପୂର୍ଣ୍ଣ

ଗର୍ଭବତୀ । ବାଟରେ ଗୋଟିଏ ତିଳ କିଆରୀରେ ସେ ଗୋଟିଏ ପୁତ୍ର ସନ୍ତାନ ପ୍ରସବ କରିଥିଲେ । ଏହି ପୁତ୍ର ହିଁ ବ୍ରହ୍ମାନନ୍ଦ । ସେହି କ୍ଷେତ୍ରରୁ କ୍ଷେତ୍ରସ୍ୱାମୀ ତିଳଗଛଗୁଡ଼ିକ ଅଳ୍ପଦିନ ହେଲା କାଟି ନେଇଥିବାରୁ ତା'ର ଅଗ୍ରଗୁଡ଼ିକ ସୁତୀକ୍ଷ୍ଣ କଣ୍ଟକ ସଦୃଶ ବିଦ୍ୟମାନ ଥାଏ । ଗୋଟିଏ ସେଥିରୁ ନବପ୍ରସୂତ ଶିଶୁଟିର ଲଲାଟରେ ବିଦ୍ଧ ହେଲା । ଦସ୍ୟୁଗଣ ବଳପୂର୍ବକ ତାଙ୍କ ଜନନୀଙ୍କୁ ଟାଣି ନେଇଗଲେ । ନବଜାତ ସନ୍ତାନଟି ଅସହାୟ ଭାବରେ କ୍ଷେତ୍ର ମଧ୍ୟରେ ପଡ଼ି ରହିଥାଏ । ପିତା ଗୃହକୁ ଫେରି ସବୁ ଶୁଣି ପ୍ରତିବେଶୀମାନଙ୍କ ସହାୟତାରେ ତିଳ କ୍ଷେତ୍ରରୁ ସନ୍ତାନକୁ ଉଦ୍ଧାର କରି ଲାଳନପାଳନ କଲେ । କାଳକ୍ରମେ ଏକ ଅପ୍ରୀତିକର ପରିସ୍ଥିତିରେ ନିଜର ଜନନୀଙ୍କ ସହିତ ବ୍ରହ୍ମାନନ୍ଦଙ୍କର ସାକ୍ଷାତ ହୁଏ । ବ୍ରହ୍ମାନନ୍ଦଙ୍କର ଲଲାଟସ୍ଥିତ କ୍ଷତ ଚିହ୍ନ ଦେଖି ତାହାର କାରଣ ଜିଜ୍ଞାସ କରି ମାତା ବ୍ରହ୍ମାନନ୍ଦଙ୍କୁ ନିଜର ପୁତ୍ର ବୋଲି ଚିହ୍ନି ପାରିଥିଲେ । ମାତାଙ୍କର ଏହି ଦୁରବସ୍ଥା ତାଙ୍କ ସରଳ ହୃଦୟରେ ଦାରୁଣ ଆଘାତ ପ୍ରଦାନ କରିଥିଲା । ସେ ଅତି ଦୁଃଖରେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୋଇଗଲେ ।

ଉତ୍କଳରେ ଭକ୍ତ-ସମ୍ମିଳନୀ ଓ ଶ୍ରୀଶ୍ରୀ ଠାକୁର

ଶ୍ରୀଶ୍ରୀ ଠାକୁର ମହାରାଜ ତାଙ୍କର ଶିଷ୍ୟ ଭକ୍ତମାନଙ୍କ ମଧ୍ୟରେ ଆଦର୍ଶ ଗୃହସ୍ଥ ଜୀବନଗଠନ, ସଂଘଶକ୍ତି ପ୍ରତିଷ୍ଠା ଓ ଭାବବିନିମୟ ନିମିତ୍ତ ପ୍ରତିବର୍ଷ ବଡ଼ଦିନ ଛୁଟିରେ ଭକ୍ତସମ୍ମିଳନୀର ବ୍ୟବସ୍ଥା କରିଛନ୍ତି ।

ଭକ୍ତସମ୍ମିଳନୀର ପ୍ରବର୍ତ୍ତକ ସ୍ୱୟଂ ଶ୍ରୀଶ୍ରୀ ଠାକୁର । ଏହି ସମ୍ମିଳନୀ ଶ୍ରୀଶ୍ରୀ ଠାକୁରଙ୍କର ପ୍ରାଣର ଅନୁଷ୍ଠାନ । ଭକ୍ତମାନଙ୍କର ମିଳନ ଦେଖିବା ନିମିତ୍ତ ଶ୍ରୀଶ୍ରୀ ଠାକୁରଙ୍କ ପ୍ରାଣର ଆବେଗ ଯେ କେତେଦୂର ଥିଲା ତାହା ସମସ୍ତେ ଉପଲବ୍ଧି କରିଛନ୍ତି । ସଂସାର ତାପରେ ବିଦଗ୍ଧ, ଦୁଃଖକଷ୍ଟରେ ନିର୍ଯ୍ୟାତିତ ଠାକୁରଙ୍କର ଗୃହସ୍ଥ ସନ୍ତାନମାନେ ଯେପରି ଅମୃତର ଆସ୍ୱାଦନ ଲାଭ କରିପାରିବେ, ସେଥିପାଇଁ ଶ୍ରୀଶ୍ରୀ ଠାକୁର ଏହା ପ୍ରବର୍ତ୍ତନ କରିଥିଲେ ।

ସାରସ୍ୱତ ମଠ ଓ ଆଶ୍ରମ ସମୂହର ତତ୍ତ୍ୱାବଧାରକ ଋଷିମାନଙ୍କୁ ମଧ୍ୟ ସେ କହିଛନ୍ତି, ''ପ୍ରତିବର୍ଷ ବଡ଼ଦିନ ଛୁଟିରେ ଗୋଟିଏ ଗୋଟିଏ ବିଭାଗରେ ମୁଁ ଭକ୍ତସମ୍ମିଳନୀ ନାମରେ ଗୋଟିଏ ସମ୍ମିଳନୀର ପ୍ରଚଳନ କରିଅଛି । ଯେପରି ଏହି ସମ୍ମିଳନୀରେ ମୋର ଶିଷ୍ୟଭକ୍ତ ଓ ସାଧାରଣଙ୍କ ମଧ୍ୟରେ ମୋ ଭାବର ବହୁଳ ପ୍ରଚାର ହୁଏ ଓ ଯେପରି ବିଭିନ୍ନ ବିଭାଗରେ ଏହି ସମ୍ମିଳନୀ ସୂଚାରୂରୂପେ ସମ୍ପନ୍ନ ହୁଏ, ଋଷିମାନେ ସେ ସମ୍ପର୍କରେ ବିଶେଷ ଯତ୍ନବାନ ହେବେ ।'' ଭକ୍ତସମ୍ମିଳନୀରୁ ଯେଉଁ ଅମୃତର ଉଦ୍ଭବ ହେବ, ତାହା ପାନ କରି ଶିଷ୍ୟ ଭକ୍ତବୃନ୍ଦ ଏବଂ ଜଗଦ୍‌ବାସୀ ଅମୃତତ୍ତ୍ୱ ଲାଭ କରନ୍ତୁ, ଏହାହିଁ ହେଲା ଶ୍ରୀଶ୍ରୀ ଠାକୁରଙ୍କ ପ୍ରାଣର ଆକାଙ୍‌କ୍ଷା ।

୧୩୩୮ ସାଲର ହାଲିସହର ଭକ୍ତସମ୍ମିଳନୀରେ ସମବେତ ଭକ୍ତମାନଙ୍କୁ ଲକ୍ଷ୍ୟକରି ଶ୍ରୀଶ୍ରୀ ଠାକୁର କହିଥିଲେ, ''ଷୋଳବର୍ଷ ପୂର୍ବେ ଏହି ସମ୍ମିଳନୀର ସୂତ୍ରପାତ । କୋକିଳାମୁଖ ମଠରେ ଏହାର ପ୍ରଥମ ଅଧିବେଶନ ହୁଏ । ସେ ବର୍ଷ ସମ୍ମିଳନୀରେ ଭାବର ପ୍ରଥମ ବିକାଶ । ସେହିଦିନଠାରୁ ଏହି ସମ୍ମିଳନୀ ପୂର୍ଣ୍ଣରୁ ପୂର୍ଣ୍ଣତର ହୋଇ ଚାଲିଆସୁଛି । ସମ୍ମିଳନୀକୁ ଆସିବା ନିମିତ୍ତ ମୁଁ କାହାକୁ ଡାକେ ନାହିଁ, କାହାକୁ ଅନୁରୋଧ କରେ ନାହିଁ । ତୁମେମାନେ କେତେ ବାଧାବିଘ୍ନ ଅତିକ୍ରମ କରି ଏହି ସମ୍ମିଳନୀକୁ ଆସିଛ । ତୁମେମାନେ କଷ୍ଟକୁ କଷ୍ଟ ବୋଲି ଗ୍ରହଣ କର ନାହିଁ; ବାଧାବିଘ୍ନକୁ ବାଧାବିଘ୍ନ ବୋଲି ମନେକର ନାହିଁ । ଏଠାକୁ

ଯେ ଆସିବାକୁ ହେବ, ଏପରି କୌଣସି ଧରାବନ୍ଧା ନିୟମ ନାହିଁ । ତଥାପି ତୁମେମାନେ ପ୍ରାଣର ଆକର୍ଷଣରେ ଏହି ସମ୍ମିଳନୀକୁ ଆସ । ବର୍ଷକ ପରେ ଅତି ଆପଣାର ଲୋକଙ୍କ ସଙ୍ଗସୁଖ ଲାଭ କରି ପରସ୍ପର ସୁଖ ଦୁଃଖ ଓ ବ୍ୟଥା ବେଦନାର ଆଲୋଚନା ଦ୍ୱାରା ଯେଉଁ ଆନନ୍ଦର ବିକାଶ ହେଉଅଛି, କେବଳ ତାହାରି ଆକର୍ଷଣରେ ତୁମେମାନେ ସମ୍ମିଳନୀକୁ ଚାଲିଆସ । ଜଗତରେ ଯଦି ମୁଁ ଆଉ କିଛି କରିଯାଇନଥାନ୍ତି ତା'ହେଲେ ଏହି ସମ୍ମିଳନୀ ହିଁ ମୋର ସ୍ମୃତିରକ୍ଷା କରିଥାଆନ୍ତା । ଦେଶରେ ଆଉ କେବେ ଏପରି ଧର୍ମାଧିବେଶନର ପ୍ରଚେଷ୍ଟା ହୋଇନାହିଁ । ଏହାପରେ ଅବଶ୍ୟ ଅନେକେ ଏହାର ଆଦର୍ଶ ଗ୍ରହଣ କରିଛନ୍ତି । ମୋର ମଠ ଆଶ୍ରମମାନ ଯଦି ଆଉ ଅନ୍ୟ କୌଣସି କାର୍ଯ୍ୟରେ ନ ଲାଗି କେବଳ ଏଇ ସମ୍ମିଳନୀର କ୍ଷେତ୍ର ରୂପରେ ରହିବ, ତେବେ ତାହାହିଁ ଯଥେଷ୍ଟ ହେବ । ଏଣିକି ତୁମେମାନେ ସମ୍ମିଳନୀର ପ୍ରଥମ ଦିନରେ ହିସାବକିତାବ ପ୍ରଭୃତି ବିଷୟରେ ଆଲୋଚନା କର, ତା'ପର ଦିନମାନଙ୍କରେ କେବଳ ଆନନ୍ଦ କର । ଆନନ୍ଦ ହିଁ ମୋର ଲକ୍ଷ୍ୟ । ଆନନ୍ଦକୁ ଲକ୍ଷ୍ୟକରି ଏହି ସମ୍ମିଳନୀର ପ୍ରତିଷ୍ଠା । ସମ୍ମିଳନୀରେ ତୁମେମାନେ ନିଜ ନିଜର ବ୍ୟଥା ବେଦନା ଜଣାଇବ । ତୁମର ପୁଞ୍ଜୀଭୂତ ପ୍ରଶ୍ନରାଶି ମୋ ନିକଟରେ ଉପସ୍ଥାପିତ କରିବ । ମୁଁ ସବୁ ମୀମାଂସା କରିଦେବି ।'' ଉପରୋକ୍ତ ଉକ୍ତିରୁ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ଭକ୍ତସମ୍ମିଳନୀ ଯେ କ'ଣ ଥିଲା ତାହା ସ୍ପଷ୍ଟଭାବରେ ଜଣାପଡ଼େ ।

ଶ୍ରୀଶ୍ରୀ ଠାକୁରଙ୍କ ସହିତ ଆମ୍ଭେମାନେ ୧୯୩୪ ମସିହା ମାର୍ଚ୍ଚ ମାସଠାରୁ ଡିସେମ୍ବର ପର୍ଯ୍ୟନ୍ତ ଏକାଦିକ୍ରମେ ଦୀର୍ଘ ନଅମାସ କାଳ କଟାଇବାର ସୌଭାଗ୍ୟ ଲାଭ କରି ଭକ୍ତସମ୍ମିଳନୀ ବିଷୟ ତାଙ୍କ ଶ୍ରୀମୁଖରୁ ଓ ତାଙ୍କ ଭକ୍ତମାନଙ୍କ ମୁଖରୁ ଶୁଣିବାକୁ ପାଇଥିଲୁ । ସେବର୍ଷ ଭକ୍ତସମ୍ମିଳନୀ ସାରସ୍ୱତ ମଠରେ ଅନୁଷ୍ଠିତ ହେଉଥିବାରୁ ଆମମାନଙ୍କ ମଧ୍ୟରୁ କେହି ଜଣେ ଥରେ ଭକ୍ତସମ୍ମିଳନୀ ଦେଖିଆସିବା ପାଇଁ ସମସ୍ତଙ୍କର ପ୍ରବଳ ଇଚ୍ଛା ଜାଗିଲା ।

ଶ୍ରୀଶ୍ରୀ ଠାକୁରଙ୍କ ସହିତ ଆଳାପ ଆଲୋଚନାରୁ ଆମ୍ଭେମାନେ ସର୍ବପ୍ରଥମେ ଭକ୍ତସମ୍ମିଳନୀର ନାମ ଶୁଣିଥିଲୁ । ୧୩୩୮ ସାଲର ଭକ୍ତସମ୍ମିଳନୀ ହାଲିସହରରେ ହୋଇଥିଲା ଏବଂ ଶ୍ରୀଶ୍ରୀ ଠାକୁର ପୁରୀରୁ ଯାଇ ସେଥିରେ ଯୋଗ ଦେଇଥିଲେ । ସେଠାରୁ ଫେରିଆସି ପୁରୀରେ ଅବସ୍ଥାନ କଲେ । କାଲନା ଜିଲ୍ଲାର ସଚ୍ଚିଦାନନ୍ଦ

ସାହା ମଧ୍ୟ ତାଙ୍କ ସହିତ ପୁରୀରେ ଅବସ୍ଥାନ କରୁଥାନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ସହିତ ଭକ୍ତମାନଙ୍କର କିପରି ମଧୁରମିଳନ ହୁଏ, ତାହା ସଚ୍ଚିଦାନନ୍ଦ ଭାଇଙ୍କଠାରୁ ଶୁଣିବାକୁ ପାଇଲୁ । 'ଆର୍ଯ୍ୟଦର୍ପଣ'ରେ ସେହି ସମ୍ମିଳନୀର ବିବରଣୀ ''ସମ୍ମିଳନୀ ଚିଠି'' ନାମକ ପ୍ରବନ୍ଧରେ ପ୍ରକାଶିତ ହେଲା । ସେଥିରେ ସମ୍ମିଳନୀ ଯେ କିପରି ଜିନିଷ ତାହା କେତେକ ପରିମାଣରେ ବୁଝିବାକୁ ପାଇଲେ ମଧ୍ୟ କୌଣସି ସମ୍ମିଳନୀକୁ ଯାଇ ଦେଖିଆସିବା ଆମମାନଙ୍କ ପକ୍ଷରେ ସେ ସମୟରେ ଅସମ୍ଭବ ବ୍ୟାପାର ଥିଲା । ୧୩୩୯ ଓ ୧୩୪୦ ସାଲରେ ମଧ୍ୟ ସମ୍ମିଳନୀ ନାମ ଶୁଣିଲୁ । ୧୩୪୦ ସାଲରେ ଜଳପାଇଗୁଡ଼ିର ଜୋଡ଼ପାକଡ଼ିଠାରେ ସମ୍ମିଳନୀ ହେଉଥାଏ । ମାତ୍ର ପାରିପାର୍ଶ୍ୱିକ ପରିସ୍ଥିତି ଯୋଗୁ ସେଥିରେ ଯୋଗଦେବା ଆମମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ହେଲା । ୧୩୪୧ ସାଲରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ବହୁଦିନ ମିଳାମିଶା ଓ ରିକ୍‌ସାରେ ଠାକୁରଙ୍କ ସହିତ ବୁଲିଯିବାବେଳେ ମଧୁର ଆଳାପ କରିବାର ସୌଭାଗ୍ୟଲାଭ କଲୁ । ବନମାଳୀ ଭାଇଙ୍କ ଆଗମନ ପରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଭକ୍ତମାନଙ୍କ ମିଳନ କ୍ରମଶଃ ଆହୁରି ମଧୁର ହୋଇଉଠିଲା । ୧୩୪୧ ସାଲରେ ସାରସ୍ୱତ ମଠରେ ଅନୁଷ୍ଠିତ ହେଉଥିବା ଭକ୍ତସମ୍ମିଳନୀର ବିଜ୍ଞାପନ 'ଆର୍ଯ୍ୟଦର୍ପଣ'ରେ ପ୍ରକାଶିତ ହେଲା । ସୁଦୂର ଆସାମକୁ ଯିବାକୁ ହେଲେ କେବଳ ଯାତାୟାତ ରେଳଭଡ଼ା ସେକାଳରେ ଷାଠିଏ ଟଙ୍କା ଲାଗିବା କଥା ଶୁଣି ଆମେମାନେ ନିଜେ ସମ୍ମିଳନୀରେ ଯୋଗଦେବା ଆଶା ତ୍ୟାଗ କରି ସମ୍ମିଳନୀ ଦେଖିଆସିବା ପାଇଁ ଆମର ବନମାଳୀ ଭାଇଙ୍କୁ ପଠାଇବାକୁ ମନେ ମନେ ସ୍ଥିର କଲୁ । ସେତେବେଳକୁ ନୀଳାଚଳ ସାରସ୍ୱତ ସଂଘର ପ୍ରତିଷ୍ଠା ହୋଇଥାଏ । ସମସ୍ତେ ବନମାଳୀ ଭାଇଙ୍କୁ କହିଲୁ ''ଆପଣ ଥରେ ସାରସ୍ୱତ ମଠରେ ଭକ୍ତସମ୍ମିଳନୀ ଦେଖି ଆସନ୍ତୁ ।'' ବନମାଳୀ ଭାଇଙ୍କଠାରୁ ଉତ୍ତର ମିଳିଲା—ଶ୍ରୀଶ୍ରୀ ଠାକୁରଙ୍କ ଆଦେଶ ହେଲେ ଯିବି ।

ପରଦିନ କଥାପ୍ରସଙ୍ଗରେ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ନିବେଦନ କଲୁ—''ଠାକୁର, ସାରସ୍ୱତ ମଠକୁ ଯାଇ ଭକ୍ତସମ୍ମିଳନୀ ଦେଖିଆସିବାକୁ ଆମର କାହାରି ଶକ୍ତି ନାହିଁ । ବନମାଳୀ ଭାଇଙ୍କୁ ଆପଣ ଆଦେଶ ଦେଲେ ସେ ସମ୍ମିଳନୀକୁ ଯିବେ ଓ ସମ୍ମିଳନୀର ଆନନ୍ଦ ଉପଭୋଗ କରି ଆସି ତାହା ଆମମାନଙ୍କୁ ପରିବେଷଣ କରିବେ ।

ଶ୍ରୀଶ୍ରୀ ଠାକୁର—(ଚୁପ୍ ଚୁପ୍ କରି) ଏସବୁ ଟଙ୍କା ପଇସାର କଥା, ମୁଁ କିପରି ଆଦେଶ ଦେବି ? ତା'ର ଇଚ୍ଛାହେଲେ ସେ ଯିବ । ମୁଁ ଆଦେଶ ଦେଇପାରିବି ନାହିଁ ।

ଏକଥା ଶୁଣି ଆମେମାନେ ପୁନରାୟ କହିଲୁ, ''ନା, ଠାକୁର ! ତାଙ୍କର କିଛି ଅସୁବିଧା ନାହିଁ; ଆପଣ କହିଲେ ସେ ଯିବେ ।''

ଶ୍ରୀଶ୍ରୀ ଠାକୁର—ମୁଁ କାହିଁକି କାହାକୁ ଯିବାକୁ କହିବି ? ତୁମେମାନେ ଯଦି ସମ୍ମିଳନୀ ଦେଖିବାକୁ ଏତେ ଅଗ୍ରହାନ୍ୱିତ, ତେବେ ଏହିଠାରେ ସମ୍ମିଳନୀ କରୁନାହଁ କାହିଁକି ?

ମୁଁ—ଠାକୁର ! ଆମର ଅର୍ଥାଭାବ ବୋଲି ତ ଆମଭିତରୁ କେହି ସମ୍ମିଳନୀ ଦେଖିବାକୁ ସମର୍ଥ ହୋଇପାରୁନାହୁଁ; ଆଉ ଆମେ ପୁଣି ଏତେ ଟଙ୍କା କେଉଁଠୁ ପାଇବୁ ଯେ ଏଠି ଭକ୍ତସମ୍ମିଳନୀ କରିବୁ ? ଆମପକ୍ଷରେ ଏହା ଅସମ୍ଭବ ।

ଶ୍ରୀଶ୍ରୀ ଠାକୁର—ତୁମେମାନେ ଅସମ୍ଭବ ବୋଲି ତ କହୁଛ ! ଆଚ୍ଛା, ଯଦି ମୋତେ ଶହେ ଟଙ୍କା ଦେଇପାରିବ ତେବେ ମୁଁ ନିଜେ ସମସ୍ତ ଆୟୋଜନ କରି ଏଠାରେ ଭକ୍ତ ସମ୍ମିଳନୀ କରିଦେବି ।

ଏତିକିରେ ସେ ଦିନର ଆଲୋଚନା ଶେଷ ହେଲା । କିଛି ଦିନ ଚାଲିଗଲା । ସମ୍ମିଳନୀ ବିଷୟରେ ଶ୍ରୀଶ୍ରୀ ଠାକୁର ଯେଉଁ କଥା କହିଲେ, ସେହି ସମ୍ପର୍କରେ ଆମ ଭିତରେ ଆଲୋଚନା ହେଲା । ଅନେକେ କହିଲେ, ଶହେ ଟଙ୍କାରେ ସମ୍ମିଳନୀ ହୋଇପାରିବ ନାହିଁ । ଅନ୍ତତଃ ପାଞ୍ଚଶହ ଟଙ୍କା ଆବଶ୍ୟକ । ତଥାପି ଆମ ମନ ମାନିଲା ନାହିଁ । ଆମେ ଭାବିଲୁ, ଶ୍ରୀଶ୍ରୀ ଠାକୁରଙ୍କ ବାକ୍ୟ ତ ନିଶ୍ଚୟ ସତ୍ୟ ହେବ । ଆମେ ଯେକୌଣସିମତେ ଶହେ ଟଙ୍କା ସଂଗ୍ରହ କଲେ ହେଲା । ଏହା ସ୍ଥିର କରି ଦିନେ ଶ୍ରୀଶ୍ରୀ ଠାକୁରଙ୍କୁ କହିଲୁ, ଠାକୁର ଆପଣ କହିଥିଲେ, ଶହେ ଟଙ୍କା ଦେଲେ ସମ୍ମିଳନୀ କରିଦେବେ । ଆମେ ଶହେ ଟଙ୍କା ଦେବୁ । ସମ୍ମିଳନୀ କିପରି ହେବ ଆପଣ ତା'ର ବ୍ୟବସ୍ଥା କରି ଦିଅନ୍ତୁ ।

ଶ୍ରୀଶ୍ରୀ ଠାକୁର—ହଁ, ତୁମେମାନେ ଯଦି ଶହେ ଟଙ୍କା ଯୋଗାଡ଼ କରିପାରିବ ତେବେ ସମ୍ମିଳନୀ ହେବ । କାରଣ ଭକ୍ତମାନଙ୍କର ଥରେ ପୁରୀରେ ଭକ୍ତସମ୍ମିଳନୀ କରିବାକୁ ଇଚ୍ଛା ଥିଲା । ସେତେବେଳେ ମୁଁ ମନା କରିଥିଲି । କାରଣ ପୁରୀରେ

ତ କେହି ଭକ୍ତ ନ ଥିଲେ ! ବର୍ତ୍ତମାନ ସେମାନେ ଏଥିରେ ଆନନ୍ଦରେ ରାଜି ହୋଇଯିବେ ।

ମୁଁ—ସମ୍ମିଳନୀକୁ ତ ଯିବାକୁ ବନମାଳୀ ଭାଇଙ୍କୁ ଆଦେଶ ଦେଲେ ନାହିଁ; ତେବେ ଆମ ପକ୍ଷରୁ କିଏ ସାରସ୍ୱତ ମଠରୁ ପୁରୀକୁ ସମ୍ମିଳନୀ ନିମନ୍ତ୍ରଣ କରିବ ?

ଶ୍ରୀଶ୍ରୀ ଠାକୁର—ମୁଁ ଶୀଘ୍ର ସମ୍ମିଳନୀ ଉପଲକ୍ଷ୍ୟରେ ମଠକୁ ଯାଉଛି । ତୁମେ ଆଉ ଅଳ୍ପ ଦିନ ପରେ ଦୁଇ ଖଣ୍ଡି ନିମନ୍ତ୍ରଣ ପତ୍ର ଲେଖିବ । ଖଣ୍ଡିଏ ମଠର ମହନ୍ତଙ୍କ ନାମରେ, ଖଣ୍ଡିଏ ମୋ ନାମରେ । ସେଥିରେ ମୋତେ ତୁମର ପ୍ରତିନିଧି ଭାବରେ କ୍ଷମତା ଦେଇ ପତ୍ର ଦେବ । ମୁଁ ତୁମ ସଂଘର ପ୍ରତିନିଧି ହିସାବରେ ନିଜେ ଭକ୍ତସମ୍ମିଳନୀ ପୁରୀକୁ ଆହ୍ୱାନ କରିବି ।

ଶ୍ରୀଶ୍ରୀ ଠାକୁରଙ୍କ ଆଦେଶ ଅନୁଯାୟୀ ଆମେମାନେ କାର୍ଯ୍ୟ କଲୁ । ଆମମାନଙ୍କ ଚୈତନ୍ୟ ଭାଇ ସେ ବର୍ଷ ସମ୍ମିଳନୀକୁ ଯାଇଥିଲେ ସତ, କିନ୍ତୁ ପୂର୍ବରୁ ତାଙ୍କର ଯିବାର ସ୍ଥିରତା ନ ଥିବାରୁ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶାନୁଯାୟୀ ସମ୍ମିଳନୀର କିଛି ଦିନ ପୂର୍ବରୁ ଶ୍ରୀଶ୍ରୀ ଠାକୁରଙ୍କୁ ଆମର ପ୍ରତିନିଧି କରି ଭକ୍ତସମ୍ମିଳନୀ ପୁରୀକୁ ଡାକିବା ପାଇଁ ସାରସ୍ୱତ ମଠ ଠିକଣାରେ ପତ୍ର ପ୍ରେରଣ କଲୁ ।

ଚୈତନ୍ୟ ଭାଇଙ୍କଠାରୁ ସମ୍ମିଳନୀର ଆନନ୍ଦ ସମ୍ବାଦ ଯାହା ପାଇଲୁ, ୧୩୪୨ ସାଲ 'ଆର୍ଯ୍ୟ ଦର୍ପଣ'ରେ ପ୍ରକାଶିତ ''ସମ୍ମିଳନୀର ସ୍ମୃତି'' ଶୀର୍ଷକ ପ୍ରବନ୍ଧ ପଢ଼ି, ତାହା ଆହୁରି ପରିଷ୍କାର ହୋଇଗଲା । ସେଥର ମଠରେ ହୋଇଥିବା ଭକ୍ତସମ୍ମିଳନୀ ଆନନ୍ଦର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା । ସମ୍ମିଳନୀରେ ଭକ୍ତମାନେ ଶ୍ରୀଶ୍ରୀ ଠାକୁରଙ୍କୁ ନେଇ କିପରି ଆନନ୍ଦ କରିଥିଲେ, ସେଥିର କିଞ୍ଚିତ ଆଭାସ ଏଥିରୁ ମିଳିବ ।

ଶ୍ରୀଶ୍ରୀ ଠାକୁର ପୌଷ ମାସର ସଂକ୍ରାନ୍ତି ଦିନ ମଠରେ ପହଞ୍ଚି ଆନନ୍ଦର ଉତ୍ସ ଖୋଲିଦେଲେ । ସମସ୍ତଙ୍କ ପ୍ରାଣରେ ଅଭିନବ ଚେତନା ସଞ୍ଚାରିତ ହେଲା । ଏହି ଆନନ୍ଦ ମେଳାର ପ୍ରଧାନ ଉପକରଣ ଥିଲା, ପ୍ରାଚୀନ ସ୍ମୃତିବିଜଡ଼ିତ ଗୋଟିଏ ଚତୁଷ୍ଚକ୍ର ଯାନ । ତାହା ଏପରିଭାବରେ ତିଆରି ଯେ, ସମତଳ ପଥରେ ରଥପରି ଟଣାଟାଇପାରିବ, ପୁଣି ପ୍ରୟୋଜନ ପଡ଼ିଲେ ବିମାନ ପରି ଚାରିଜଣ କାନ୍ଧରେ ବହି ନେଇ ଯାଇ ପାରିବେ । ପୂର୍ବେ ଯେତେବେଳେ ଶ୍ରୀଶ୍ରୀ ଠାକୁର ମଠରେ ସ୍ଥାୟୀଭାବରେ ରହୁଥିଲେ, ମଠର ଅନ୍ତେବାସୀ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ସେବକମାନେ

ପ୍ରତିଦିନ ଶ୍ରୀଶ୍ରୀ ଠାକୁରଙ୍କୁ ଏହି ରଥରେ ବସାଇ ବୁଲାଇ ଆଣୁଥିଲେ । ଶ୍ରୀଶ୍ରୀ ଠାକୁର ସେଥିରେ ପ୍ରଚୁର ଆନନ୍ଦ ପାଉଥିଲେ ଏବଂ ସେବକମାନେ ମଧ୍ୟ ଆତ୍ମପ୍ରସାଦ ଲାଭ କରୁଥିଲେ । ସେଥି ସଙ୍ଗେ ସଙ୍ଗେ କେତେ ଉପଦେଶ, କେତେ ଅଭୟବାଣୀ, କେତେ ଆନନ୍ଦବାର୍ତ୍ତା ଶ୍ରୀଶ୍ରୀ ଠାକୁର ଭକ୍ତମାନଙ୍କୁ ଶୁଣାଉଥିଲେ ଏବଂ କେତେ ଭଙ୍ଗିରେ ଯେ କେତେ ଅଭିନୟ ହେଉଥିଲା, ତାହା ବର୍ଣ୍ଣନା କରିବାର ଭାଷା ନାହିଁ ।

ଚୈତନ୍ୟ ଭାଇଙ୍କ ବର୍ଣ୍ଣନାରୁ ଜାଣିଲୁ ଯେ, ପ୍ରଥମେ ଯେଉଁ ଦିନ ନୀଳାଚଳ କୁଟୀରରେ ମଠ ସମ୍ମିଳନୀ ବିଷୟ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଆଲୋଚନା ହୋଇଥିଲା, ସେହି ସମୟରେ ତାଙ୍କର ସାରସ୍ୱତ ମଠ ଠାରେ ସେଥର ହେଉଥିବା ଭକ୍ତସମ୍ମିଳନୀ ଦେଖିବାକୁ ପ୍ରବଳ ଇଚ୍ଛା ଜାତ ହେଲା । ନାନାପ୍ରକାର ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ଶେଷରେ ସେ ଜୟଗୁରୁ ନାମ ଧରି ସମ୍ମିଳନୀ ଅଭିମୁଖେ ବାହାରିପଡ଼ିଲେ । ଶ୍ରୀଶ୍ରୀ ଠାକୁରଙ୍କ ଅପାର କୃପାରୁ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଅନ୍ୟ ବହୁ ସମ୍ମିଳନୀ ଯାତ୍ରୀଙ୍କ ସହିତ ସେ କୋକିଳାମୁଖ ମଠ ପାଖରେ ରେଳରୁ ଓହ୍ଲାଇଲେ । ପ୍ରାଣମତାଣିଆ ଜୟଗୁରୁ ଧ୍ୱନିରେ ମଠାୟତନ ମୁଖରିତ ହୋଇଉଠିଲା । ଭକ୍ତମାନେ ନିତ୍ୟକର୍ମ ଶେଷ କରି ପ୍ରସାଦ ସେବନ କଲେ । ପରେ ନିଜ ନିଜର ନିର୍ଦ୍ଦିଷ୍ଟ ସ୍ଥାନରେ ଆସନ ପକାଇ ବିଶ୍ରାମ କଲେ । ଆଶ୍ଚର୍ଯ୍ୟର ବିଷୟ, କେହି ଶୋଇଲେ ନାହିଁ । ତିନି ଚାରି ରାତି ଅନିଦ୍ରା, ଗାଡ଼ିରେ ଖାଇବା ପିଇବାର ଅନିୟମିତତାରେ ମଧ୍ୟ କାହାରି ଆଖିକୁ ନିଦ ଆସିଲା ନାହିଁ । ଦୁଇ ଚାରି ଜଣ ଏକତ୍ର ବସି ଚୁପ୍ ଚୁପ୍ କରି କ'ଣ କଥାବାର୍ତ୍ତା ହେଉଥିବା ଦେଖି ଚୈତନ୍ୟ ଭାଇ ସେମାନଙ୍କ ନିକଟକୁ ଗଲେ । ଯେଉଁଠାକୁ ଗଲେ, ଶୁଣିଲେ ଶ୍ରୀଶ୍ରୀ ଠାକୁରଙ୍କ କଥା । କିଏ କିପରି ଶ୍ରୀଶ୍ରୀ ଠାକୁରଙ୍କଠାରୁ କି କୃପା ପାଇଛି, ଶ୍ରୀଶ୍ରୀ ଠାକୁର କେଉଁଠାକୁ ଯାଇ କ'ଣ କରିଥିଲେ ଇତ୍ୟାଦି ବିଷୟରେ ସବୁଠାରେ ଆଲୋଚନା ଚାଲିଛି । ଚୈତନ୍ୟ ଭାଇ ପାଞ୍ଚ ସାତ ଦଳଙ୍କ ନିକଟକୁ ଯାଇ ଠାକୁରଙ୍କ ବିଷୟରେ ଓ ସମ୍ମିଳନୀ ବିଷୟରେ ବିଭିନ୍ନ ଅଭିନବ ବିଷୟର ଆଲୋଚନା ଶୁଣିବାକୁ ପାଇ ମନେ ମନେ ଭାବିଲେ, ମୁଁ ତ ଜଣେ, ସବୁଠାରୁ କଥା କିପରି ଶୁଣିବି ? ମୁଁ ଯଦି ଚାଳିଶ ପଚାଶ ଜଣ ହୋଇଥାଆନ୍ତି, ସବୁ ଘରେ ଦଳ ଦଳ ହୋଇ ଭକ୍ତମାନେ ଶ୍ରୀଶ୍ରୀ ଠାକୁରଙ୍କ ବିଷୟରେ ଯାହା ଆଲୋଚନା କରୁଛନ୍ତି, ତାହା ଶୁଣନ୍ତି ସିନା !

ଏହିପରି ଭାବରେ ସମୟ ଅତୀତ ହେଲା । ପ୍ରାୟ ଦିନ ତିନିଟା ବେଳକୁ ଦେଖାଗଲା ସମସ୍ତେ କେଉଁ ଆଡ଼କୁ ଯାଉଛନ୍ତି । ସେ ମଧ୍ୟ ସେମାନଙ୍କ ସହିତ ପ୍ରସ୍ତୁତ ହୋଇ ବାହାରିଲେ । ଆସି ଦେଖନ୍ତି ତ, ଶ୍ରୀଶ୍ରୀ ଠାକୁର ମଠ ପ୍ରାଙ୍ଗଣରେ ଗୋଟିଏ ସ୍ଥାନରେ ଚଉକିରେ ବସିଅଛନ୍ତି । ଭକ୍ତମାନେ ଜଣ ଜଣକରି ପ୍ରଣାମ କରୁଛନ୍ତି । ଏହାପରେ ଗୋଟିଏ ଚତୁଶ୍ଚକ୍ରବିଶିଷ୍ଟ ଯାନ ଆସି ତାଙ୍କ ପାଖରେ ରହିଲା । ତାହା ଦେଖିବାକୁ ଠିକ୍ ଦୋଳବିମାନ ପରି । ଚାରିପାଖରେ କାନ୍ଧେଇବାକୁ ବାଉଁଶ ଥାଏ ଏବଂ ତଳେ ଟାଣିବାକୁ ଚକ ମଧ୍ୟ ଥାଏ । କ୍ରମେ ମଠକୁ ଆସିଥିବା ପୁରୁଷ ଓ ମହିଳା, ପିଲା ସମେତ ସମସ୍ତ ଭକ୍ତ ସେଠାରେ ଉପସ୍ଥିତ ହେଲେ । ଖୋଳ କରତାଳ, ମେଘା, ଶଙ୍ଖ, ଘଣ୍ଟା ଘେନି ଭକ୍ତମାନେ ପ୍ରସ୍ତୁତ ହୋଇପଡ଼ିଲେ । ଶେଷରେ ଗୋଟିଏ ପେଟ୍ରୋମାକ୍ସ ଲାଇଟ୍ ଘେନି ହାଲି ସହରର ଅମୂଲ୍ୟ ଦାସ ଭାଇ ଆସିଲେ । ଏସବୁ ଦେଖି ଚୈତନ୍ୟ ଭାଇ ପ୍ରଥମେ କିଛି ବୁଝିପାରୁ ନ ଥାନ୍ତି । କାହାକୁ କିଛି ପଚାରିବାର ଅବକାଶ ମଧ୍ୟ ନ ଥାଏ । ହଠାତ୍ ବାଦ୍ୟ ବାଜି ଉଠିଲା । 'ଜୟଗୁରୁ' କୀର୍ତ୍ତନ ଆରମ୍ଭ ହୋଇଗଲା । ଶ୍ରୀଶ୍ରୀ ଠାକୁରଙ୍କୁ ଭକ୍ତମାନେ ସଜ୍ଜିତ ବିମାନରେ ଆଣି ବସାଇଲେ । ଭକ୍ତମାନେ ଯେଉଁଠାରେ ଟ୍ରେନରୁ ଓହ୍ଲାଇ ମଠକୁ ଆସିଥିଲେ, କୀର୍ତ୍ତନ ପଟୁଆର ସେହିଠାରୁ ଶ୍ରୀଶ୍ରୀ ଠାକୁରଙ୍କୁ ଘେନି ଚାଲିଲା ଏବଂ ପରେ ରେଳ ଲାଇନ ପାରହୋଇ ବ୍ରହ୍ମପୁତ୍ର କୂଳରେ ଥିବା ଦୁର୍ଭେଦ୍ୟ ବନ ଭିତରକୁ ପଶିଲା । ଉଲ୍ଲସିତ ଭକ୍ତମାନଙ୍କର ଉଦ୍ଦଣ୍ଡ କୀର୍ତ୍ତନ ଚାଲିଥାଏ । ମଝିରେ ମଝିରେ ଉଚ୍ଚ କଣ୍ଠରେ "ଶ୍ରୀଶ୍ରୀ ଗୁରୁମହାରାଜ କି ଜୟ", "ସାରସ୍ୱତ ମଠ କି ଜୟ", "ଭକ୍ତ ସମ୍ମିଳନୀ କି ଜୟ" ପ୍ରଭୃତି ଆନନ୍ଦ ଧ୍ୱନି ଚାଲିଥାଏ ।

କ୍ରମେ ପଟୁଆରର ବେଗ ଏପରି ବଢ଼ିଗଲା ଯେ, ପଟୁଆରରେ ଥିବା ମାଆ ପିଲାଛୁଆମାନଙ୍କୁ ଦୌଡ଼ିବାକୁ ପଡ଼ିଲା । ଦୁର୍ଭେଦ୍ୟ କଣ୍ଟକାକୀର୍ଣ୍ଣ ବନପଥ; କାହାରି ପାଦରେ ପାଦୁକା ନାହିଁ । ଯେଉଁମାନେ କେବେହେଲେ ବିନା ପାଦୁକାରେ ପାଦେ ହେଲେ ଯାଇ ନ ଥିବେ ସେହିପରି ରାଜା, ଜମିଦାରଙ୍କଠାରୁ ଆରମ୍ଭ କରି ଅସୂର୍ଯ୍ୟମ୍ପଶ୍ୟା କୁଳବଧୂ ସମେତ ପାଞ୍ଚ ଛଅ ବର୍ଷଠାରୁ ଆରମ୍ଭ କରି ବର୍ଷେ, ଦୁଇ ବର୍ଷର ପିଲା ପର୍ଯ୍ୟନ୍ତ ଏହି ଗହଣରେ ଥାଆନ୍ତି । ଏହିପରି ଭାବରେ କଣ୍ଟକାକୀର୍ଣ୍ଣ ବନପଥରେ ପଟୁଆର ଚାଲିଲା । ରାତି ପ୍ରାୟ ନଅଟା ବେଳକୁ ପଟୁଆର ଆସି ପୁଣି ମଠରେ ପହଞ୍ଚିଲା । ମଠରେ ପହଞ୍ଚି ଠାକୁରଙ୍କୁ ମଠ ଚାରିପଟେ ବୁଲାଇ

ଶେଷରେ ସମ୍ମିଳନୀ ପାଇଁ ପ୍ରସ୍ତୁତ ହୋଇଥିବା ମଣ୍ଡପଠାରେ ଆସି ପହଞ୍ଚି କୀର୍ତ୍ତନ ବନ୍ଦ ହେଲା । ତା'ପରେ ଶ୍ରୀଶ୍ରୀ ଠାକୁର ନିଜ ହାତରେ ଭକ୍ତମାନଙ୍କୁ ପ୍ରସାଦ ବତରଣ କଲେ ।

ପୌଷ ଏଗାର ଦିନ ସମ୍ମିଳନୀର ପ୍ରଥମ ଦିବସ :

ରାତ୍ରି ଠିକ୍ ତିନିଟାବେଳକୁ ଘଣ୍ଟା ବାଜିଉଠିଲା । ଭକ୍ତମାନେ ଶଯ୍ୟା ତ୍ୟାଗକରି ପ୍ରାତଃକୃତ୍ୟ ସମାପନ କରିବାକୁ ବାହାରି ପଡ଼ିଲେ । ସଙ୍ଗେ ସଙ୍ଗେ ଆସନ ବାରଣ୍ଡାରେ ଅନ୍ତେବାସୀ ବ୍ରହ୍ମଚାରୀମାନେ 'ରତନଆସନେ ବସି ଗୌରୀଶଙ୍କର' ଗାନ ଆରମ୍ଭ କରିଦେଲେ । ପରେ ନିର୍ଦ୍ଦିଷ୍ଟ ସମୟରେ ସ୍ତୋତ୍ରବନ୍ଦନା ଇତ୍ୟାଦି ସମାପ୍ତ ହେଲା । ଏଠାରେ ଏହି ସମୟରେ ଦିନରାତି ସବୁବେଳେ କୁହୁଡ଼ି ଓ ବର୍ଷା ଲାଗିଥାଏ । କେବଳ ଦିନ ଏଗାରଟାଠାରୁ ତିନିଟା ପର୍ଯ୍ୟନ୍ତ କଅଁଳିଆ ଖରା ପଡ଼େ; ଅନ୍ୟ ସମୟରେ ଆକାଶ ମେଘାଚ୍ଛନ୍ନ ଥାଏ । ଶୀତରେ ଗୋଡ଼ହାତ କେମ୍ପା ହୋଇ ଯାଉଥାଏ, ତଥାପି ଏହି ଶୀତରେ ଭୋର ପାଞ୍ଚଟା ପୂର୍ବରୁ ଉଠି ସମସ୍ତେ ସ୍ନାନାଦି ନିତ୍ୟକର୍ମ ସମାପନ କରିଥିଲେ । ଘଣ୍ଟା ବାଜିବାରୁ ଭକ୍ତମାନେ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହେଲେ । ଠିକ୍ ଛଅଟାବେଳକୁ ପୂର୍ବ ବର୍ଣ୍ଣିତ ସେହି ବିମାନରେ ଶ୍ରୀଶ୍ରୀ ଠାକୁରଙ୍କୁ ବସାଇ କେତେଜଣ ଭକ୍ତ ସମ୍ମିଳନୀ ସ୍ଥାନକୁ ବହିଆଣିଲେ । ଶ୍ରୀଶ୍ରୀ ଠାକୁର ଆସନ ଗ୍ରହଣ କଲାପରେ ସମବେତ ଭକ୍ତମଣ୍ଡଳୀ ସ୍ତୋତ୍ରବନ୍ଦନା ପାଠ କଲେ ଓ 'ଜୟଗୁରୁ' କୀର୍ତ୍ତନ କଲା ପରେ ଶ୍ରୀଶ୍ରୀ ଠାକୁର ସଭାର ଉଦ୍‌ବୋଧନ କରି କହିଲେ, ''ପ୍ରଜ୍ଞାନନ୍ଦ ! (ସେ ସମୟର ମହନ୍ତ) ମୋର ପ୍ରତିନିଧି ରୂପେ ସଭାର କାର୍ଯ୍ୟ ପରିଚାଳନା କରିବ ।''

ତତ୍ପରେ ଶ୍ରୀମତ୍ ସ୍ୱାମୀ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜ ପ୍ରତିନିଧି ସଭାପତିର ଆସନ ଗ୍ରହଣ କରି ଅଭ୍ୟର୍ଥନା ସମିତିର ସଭାପତି ଭାବରେ ଗୋଟିଏ ସୁଦୀର୍ଘ ପ୍ରାଣସ୍ପର୍ଶୀ ଅଭିଭାଷଣ ପାଠ କରି ଭକ୍ତମାନଙ୍କୁ ଅଭିନନ୍ଦିତ କଲେ । ଶ୍ରୀଗୁରୁଙ୍କର ସ୍ୱରୂପ, ଶିଷ୍ୟଙ୍କର କର୍ତ୍ତବ୍ୟ, ପ୍ରାଚୀନଯୁଗରେ ଆଦର୍ଶ, ଆମମାନଙ୍କର ଲକ୍ଷ୍ୟ, ଭକ୍ତସମ୍ମିଳନୀର ଉଦ୍ଦେଶ୍ୟ, ମଠର ଅତୀତର ଇତିହାସ, ମଧ୍ୟଯୁଗର ବିଶୃଙ୍ଖଳତା ପରେ ପୁଣି କିପରି ଧୀରେ ଧୀରେ ତାହା ବର୍ତ୍ତମାନ ଅବସ୍ଥାରେ ଉପନୀତ ହୋଇଛି ଏବଂ ଗୁରୁଶକ୍ତିର ଉଜ୍ଜ୍ୱଳ ମହିମାରେ ବିଶୃଙ୍ଖଳତାର ଯୁଗ ଅତିକ୍ରମ କରି ଧ୍ୱଂସ ସ୍ତୂପ ରୂପରେ କିପରି ନୂତନ ସୌଧ ଗଠିତ ହୋଇଅଛି; ସେଥିର ଏକ ଧାରାବାହିକ ଇତିହାସ ଏହି ଅଭିଭାଷଣରେ ସେ ବର୍ଣ୍ଣନା କରିଥିଲେ । ଅଭିଭାଷଣ

ପାଠ ହେବା ପରେ ଶ୍ରୀଶ୍ରୀ ଠାକୁର କହିଲେ, ''ଅଭିଭାଷଣଟି ବେଶ୍ ସୁନ୍ଦର ହୋଇଛି । ମାତ୍ର ଏଥିର ଗୋଟିଏ ଦୁଇଟି ସ୍ଥାନ ସମ୍ବନ୍ଧରେ ମୋର ଆପତ୍ତି କରିବାର ଅଛି । ଗୋଟିଏ ସ୍ଥାନରେ 'ଠାକୁର ଅବତୀର୍ଣ୍ଣ' ହେବା କଥା ଉଲ୍ଲେଖ ଅଛି । କିନ୍ତୁ ତୁମର ଏକଥା ବୁଝିବା ଉଚିତ ଯେ, ତୁମମାନଙ୍କ ଠାକୁର ଅବତାର ନୁହଁନ୍ତି; ମନୁଷ୍ୟ ଗୁରୁ ବା ସଦ୍‌ଗୁରୁ । ତା'ପରେ ଶ୍ରୀଶ୍ରୀ ଠାକୁର ଅବତାର ଓ ସଦ୍‌ଗୁରୁଙ୍କର ପ୍ରାର୍ଥକ୍ୟ ବିଷୟରେ ବିଷଦ୍‌ଭାବରେ ବୁଝାଇ ଦେଲେ ଓ କହିଲେ, ''ସମଷ୍ଟିଭାବରେ ଗୋଟିଏ ଧାରା ପରିବର୍ତ୍ତନ କରିବା ଏବଂ ଗୋଟିଏ ନୂତନ ଭାବର ପ୍ରତିଷ୍ଠା କରିବା ହେଉଛି ଅବତାରଙ୍କର କାର୍ଯ୍ୟ ଏବଂ ଅବତାରଙ୍କର ପ୍ରଚାରିତ ସେହି ଭାବ ବା ଧାରାକୁ ବ୍ୟଷ୍ଟି ଜୀବନରେ ପ୍ରତିଫଳିତ କରିବା ସଦ୍‌ଗୁରୁଙ୍କ କାର୍ଯ୍ୟ । ତୁମମାନଙ୍କ ଠାକୁର ସଦ୍‌ଗୁରୁ, ଅବତାର ନୁହଁନ୍ତି—ଏକଥା ଯେପରି ସର୍ବଦା ସ୍ମରଣ ରହେ ।''

ତା'ପରେ ସମ୍ମିଳନୀର ନିୟମ ଅନୁଯାୟୀ ଆଲୋଚ୍ୟ ବର୍ଷ ମଧ୍ୟରେ ଯେଉଁ ଗୁରୁଭ୍ରାତା ଓ ଭଗ୍ନୀମାନଙ୍କର ମୃତ୍ୟୁ ହୋଇଛି ସେମାନଙ୍କର ଗୁରୁନିଷ୍ଠା, ସାଧନଜୀବନ, ଆଶ୍ରମପ୍ରୀତି ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା ହୋଇ ସେମାନଙ୍କର ମହନୀୟ ମୃତ୍ୟୁର ବିବରଣ ଦିଆଗଲା । ଯାହାଙ୍କ କଥା ଶୁଣିଲୁ ତାଙ୍କର କିଛି ନା କିଛି ବିଶେଷତ୍ୱ ଥିବାର ଉପଲବ୍ଧି କଲୁ । ମୃତ୍ୟୁ ସମୟରେ କାହାରି ଚିତ୍ତଚାଞ୍ଚଲ୍ୟ ହୋଇ ନାହିଁ । ସମସ୍ତେ 'ଜୟଗୁରୁ' ନାମ ସ୍ମରଣପୂର୍ବକ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ଆଦେଶରେ ପରଲୋକଗତ ସତୀର୍ଥମାନଙ୍କ ଆତ୍ମାର ପାରଲୌକିକ ମଙ୍ଗଳ ନିମିତ୍ତ ଭକ୍ତମାନେ ଏକମିନିଟ୍‌କାଳ 'ଜୟଗୁରୁ' ମହାମନ୍ତ୍ର ଜପ କଲେ । ଗତବର୍ଷ ଭକ୍ତସମ୍ମିଳନୀର କାର୍ଯ୍ୟ ବିବରଣୀ ପାଠ ହେବା ପରେ ମଠ ଓ ଆଶ୍ରମ ସମୂହର ଆୟ ବ୍ୟୟ ଏବଂ କାର୍ଯ୍ୟ ବିବରଣୀ ପଠିତ ହୋଇ ଗୃହୀତ ହେଲା । ଆଗାମୀ ବର୍ଷ ପାଇଁ ପ୍ରୟୋଜନ ଅନୁସାରେ ସଦସ୍ୟନିର୍ବାଚନ କରି ଦିନ ପ୍ରାୟ ଗୋଟାକବେଳେ ସଭା କାର୍ଯ୍ୟ ଶେଷ ହେଲା ।

ଉପରବେଳା ଭକ୍ତମାନେ ଶ୍ରୀଶ୍ରୀ ଠାକୁରଙ୍କୁ ପୂର୍ବଦିନ ପରି ରଥରେ ବସାଇ କୀର୍ତ୍ତନ ପଟୁଆରରେ ନେଇ ମଠର କୃଷିଶାଳା, ଗୋଶାଳା ପ୍ରଭୃତି ବୁଲାଇଥିଲେ । ସନ୍ଧ୍ୟାବେଳକୁ ଶ୍ରୀଶ୍ରୀ ଠାକୁରଙ୍କୁ ଘେନି ଭକ୍ତମାନେ ମଠକୁ ଫେରିଆସିଲେ । ରଥରୁ ଅବତରଣ କରି ଶ୍ରୀଶ୍ରୀ ଠାକୁର ଆସନ ବାରଣ୍ଡାରେ ବସିଲେ । କୀର୍ତ୍ତନ

ଚାଲିଥାଏ । ସଙ୍ଗେ ସଙ୍ଗେ କିଏ କେତେ ଭଙ୍ଗିରେ ନର୍ତ୍ତନ କରୁଥାନ୍ତି ତାର ଇୟତ୍ତା ନାହିଁ । ଯେ କେବେ ଜୀବନରେ ନାଚି ନ ଥିଲା, ସେ ଆଜି ନାଚିଲା । ଯେ ସବୁଦିନେ ଲାଜୁକ, ତା'ର ଆଜି ଲାଜ ଛାଡ଼ିଗଲା । ଏହିପରି ଭାବରେ ରାତ୍ରି ନଅଟା ପର୍ଯ୍ୟନ୍ତ କୀର୍ତ୍ତନ ଚାଲିଲା । ଏପରି ଭାବରେ ପ୍ରାଣସ୍ପର୍ଶୀ ସ୍ୱରରେ 'ଜୟଗୁରୁ' କୀର୍ତ୍ତନ ହେଲା ଯେ ଅବଶେଷରେ ଶ୍ରୀଶ୍ରୀ ଠାକୁର ବସିବା ସ୍ଥାନରୁ ଉଠିଆସି ଭକ୍ତମାନଙ୍କ ମଧ୍ୟରେ 'ଜୟଗୁରୁ ଜୟଗୁରୁ' କହି ନାଚିବାକୁ ଲାଗିଲେ । ସେତେବେଳେ ଶ୍ରୀଶ୍ରୀ ଠାକୁରଙ୍କର ଯେ କି ମଧୁର ଭାବ, କି ସୁନ୍ଦର ପ୍ରେମ ଢଳ ଢଳ ମୂର୍ତ୍ତି ପ୍ରତ୍ୟକ୍ଷୀଭୂତ ହେଲା, ତାହା ଭାଷାରେ ବ୍ୟକ୍ତ କରିବା ଅସମ୍ଭବ । ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କୁ ଛୁଇଁ ପ୍ରଣାମ କରିବାରେ ବ୍ୟସ୍ତ ହୋଇପଡ଼ିଲେ । କିନ୍ତୁ ହଠାତ୍ ଦେଖାଗଲା ଯେ ପ୍ରଜ୍ଞାନନ୍ଦ ମହାରାଜ କେଉଁଆଡ଼ୁ ଦୌଡ଼ିଆସି ପହଞ୍ଚିଯାଇ କୀର୍ତ୍ତନ ବନ୍ଦ କରିଦେଲେ ଏବଂ ଶ୍ରୀଶ୍ରୀ ଠାକୁରଙ୍କୁ ଦୁଇ ତିନିଜଣ କୁଣ୍ଢାଇ ଘରକୁ ନେଇଗଲେ । ମୁହୂର୍ତ୍ତକ ମଧ୍ୟରେ ସବୁ ନୀରବ ହୋଇଗଲା । ପରସ୍ପର କଥାବାର୍ତ୍ତାରୁ ଜଣାଗଲା ଯେ, କୀର୍ତ୍ତନରେ ନାଚିବା ସମୟରେ ଶ୍ରୀଶ୍ରୀ ଠାକୁରଙ୍କର ଭାବସମାଧି ହୋଇଯାଇଥିଲା । ଏକଥା ପ୍ରଜ୍ଞାନନ୍ଦ ସ୍ୱାମୀ କିପରି ଜାଣିପାରି ଦୌଡ଼ିଆସି ଏ ବ୍ୟବସ୍ଥା କଲେ । ଦୁଇ ତିନିଘଣ୍ଟା ପରେ ସମାଧିଭଙ୍ଗ ହେଲା ବୋଲି ଜଣାଗଲା ।

ପୌଷ ବାରଦିନ ସମ୍ମିଳନୀର ଦ୍ୱିତୀୟ ଦିବସ :

ପୂର୍ବଦିନ ପରି ରାତ୍ରି ତିନି ଘଣ୍ଟାବେଳକୁ ଘଣ୍ଟା ବାଜିଲା ଏବଂ ଅନ୍ତେବାସୀ ସେବକ ବ୍ରହ୍ମଚାରୀଙ୍କର ସମ୍ମିଳିତ ପ୍ରଭାତୀ ବନ୍ଦନା ଗାନ ଆରମ୍ଭ ହେଲା । ଭକ୍ତମାନେ ପୂର୍ବଦିନପରି ଯଥା ସମୟରେ ନିଜ ନିଜ ନିତ୍ୟକର୍ମ ସମାପନ କଲେ । ସମ୍ମିଳନୀ ମଣ୍ଡପସ୍ଥ ଶ୍ରୀଶ୍ରୀ ଗୁରୁବ୍ରହ୍ମଙ୍କ ଆସନରେ ପୂଜା ଆରତି ହେଲା । ଦିନ ପ୍ରାୟ ନଅଟା ସମୟରେ ଶ୍ରୀଶ୍ରୀ ଠାକୁର ସଭାମଣ୍ଡପରେ ଉପସ୍ଥିତ ହୋଇ କହିଲେ, 'କାର୍ଯ୍ୟକାରୀ ସଭା ଶେଷ ହୋଇଯାଇଛି । ଆଜି କେବଳ ଭାବବିନିମୟ ଓ ଧର୍ମାଲୋଚନାର ଦିନ । ଯଦି କାହାର କିଛି ପଚାରିବାର ଥାଏ, ତା ହେଲେ ମୋତେ ପଚାରିପାର, ମୁଁ ସଂଶୟ ନିରାକରଣ କରିଦେବି । ତାହା ପୂର୍ବରୁ ମୁଁ ମୋର କେତୋଟି ବକ୍ତବ୍ୟ କହି ରଖୁଛି, ଶୁଣ ।

''ବର୍ତ୍ତମାନ ଗୃହସ୍ଥମାନଙ୍କ ପକ୍ଷରେ ବଡ଼ କଠିନ ଯୁଗ ପଡ଼ିଛି । ଏହି ଯୁଗକୁ ସବୁ ପ୍ରକାରରେ ବିରୋଧ ଯୁଗ ବୋଲି କୁହାଯିବ । ରାଷ୍ଟ୍ରରେ, ସମାଜରେ,

ପରିବାରରେ ସର୍ବତ୍ର ବିରୋଧ । ବିରୋଧ ନ ଥାଇ ଏପରି ସ୍ଥାନ ନାହିଁ । ସ୍ତ୍ରୀ ସ୍ୱାମୀର କଥାରେ ଚଳୁ ନାହିଁ । ସବୁଠାରେ ବିରୋଧ ଆଉ ଅସାମଞ୍ଜସ୍ୟ । ଏଣେ ସମାଜ ସଂସ୍କାରର ପ୍ରଚଣ୍ଡ ପ୍ରୟାସ ଚାଲିଛି । ଏସବୁ ମୁଣ୍ଡ ନ ଥାଇ ମୁଣ୍ଡବ୍ୟଥା ପରି ହେଉଛି । ବର୍ତ୍ତମାନ ଆମର ସମାଜ ବୋଲି କିଛି ନାହିଁ । ତେବେ କାହାକୁ ସଂସ୍କାର କରିବ ? ବରଂ ଯେତିକି ଶୃଙ୍ଖଳା ଥିଲା ସଂସ୍କାରକଙ୍କ ହାତରେ ସେତକ ମଧ୍ୟ ବିଶୃଙ୍ଖଳ ହୋଇଯାଉଛି । ବର୍ତ୍ତମାନ ସୁଦ୍ଧା ଠିକ୍ ପଥ ନିର୍ବାଚିତ ହୋଇପାରି ନାହିଁ । ଠିକ୍ କେଉଁ ବାଟରେ ଗତି କଲେ ଜୀବନର ଶ୍ରେୟଲାଭ ହେବ ତାହା ଆବିଷ୍କୃତ ହୋଇ ନାହିଁ । କେବଳ ହାଟମଧ୍ୟରେ ହରିବୋଲ ପକାଇଲା ପରି ଗଡ୍‌ଡାଳିକା ପ୍ରବାହରେ ଆମ ଦେଶ ଲୋକେ ନିତ୍ୟ ନୂତନ ମତବାଦ ପଛରେ ଧାବିତ ହେଉଛନ୍ତି । ଶାନ୍ତି ନାହିଁ; ଆନନ୍ଦ ନାହିଁ । କେବଳ ଗୋଳମାଳିଆ ମତବାଦ ପଛରେ ଦଉଡ଼ି ଦଉଡ଼ି ଖୁବ୍ ହଇରାଣ ହେବାକୁ ପଡୁଛି ।

‘‘ଏପରି କ୍ଷେତ୍ରରେ ମୋର ଉପଦେଶ ଏହି ଯେ, ତୁମେମାନେ ଏହି ସର୍ବବିଧ ବିରୋଧରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିରପେକ୍ଷ ରଖିବ । ସପକ୍ଷରେ ରହିବ ନାହିଁ କିମ୍ବା ବିପକ୍ଷରେ ମଧ୍ୟ ରହିବ ନାହିଁ । ନିଜର ନୀତି ବଜାୟ ରଖି ଅଧିକାଂଶ ଯେଉଁ ପଥରେ ଯିବେ, ତୁମେମାନେ ସେହି ପଥରେ ଚଳିବ ।

‘‘ପୂର୍ବକାଳରେ ହିନ୍ଦୁମାନଙ୍କ ଘରେ ଶାନ୍ତି ଓ ଆନନ୍ଦ ଥିଲା; ପ୍ରେମ ଓ ପ୍ରୀତି ବିରାଜୁଥିଲା । କିନ୍ତୁ କାଳର ଅପ୍ରତିହତ ପ୍ରଭାବରେ ସେ ସବୁ ଲୋପ ପାଇବାକୁ ବସିଲାଣି । ତା ସ୍ଥାନରେ ଅଶାନ୍ତି, ନିରାନନ୍ଦ, ହିଂସା, ଦ୍ୱେଷ ଆସିଗଲାଣି । ପୁଣି ଯେପରି ଘରେ ଘରେ ଶାନ୍ତି ଓ ଆନନ୍ଦ ଫେରି ଆସେ, ସେଥିପାଇଁ ତୁମେମାନେ ବିଶେଷ ଭାବରେ ଚେଷ୍ଟା କର । ଗୃହସ୍ଥାଶ୍ରମ ପୁନଃପ୍ରତିଷ୍ଠା ହିଁ ମୋ ଜୀବନର ପ୍ରଧାନ ଉଦ୍ଦେଶ୍ୟ । ପ୍ରାଚୀନ ଋଷିପ୍ରବର୍ତ୍ତିତ ପଥରେ ଚଳି ପୁଣି ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ, ଏହାହିଁ ମୋର ଆଶା ଏବଂ ଆଶୀର୍ବାଦ । ସମାଜସ୍ରୋତରେ ନିଜକୁ ଭସାଇ ଦିଅ ନାହିଁ । ସନ୍ତାନସ୍ନେହରେ ଅନ୍ଧ ହେବା ଉଚିତ ନୁହେଁ । ସନ୍ତାନ ସ୍ନେହରେ ଅନ୍ଧ ହୋଇ ସେମାନଙ୍କ ଅନ୍ୟାୟ ଦାବିକୁ ପ୍ରଶ୍ରୟ ଦେଇ କେତେଜଣ ଆସି ଯେ ମୋ ପାଖରେ ଦୀର୍ଘନିଃଶ୍ୱାସ ତ୍ୟାଗ କରୁଛନ୍ତି ତାହାର ସୀମା ନାହିଁ । ଏସବୁ ପୁରୁଷତ୍ୱର ପରିଚାୟକ ନୁହେଁ । ପ୍ରବାହରେ ନିଜକୁ ଭସାଇ ନ ଦେଇ ବୁଝିଶୁଝି ବାଟ ଚାଲିବାକୁ ହେବ । ସ୍ତ୍ରୀ ପୁତ୍ର ସମ୍ବନ୍ଧରେ ମଧ୍ୟ ବିଶେଷ ଦୃଢ଼ଭାବ ପୋଷଣ କରିବାକୁ ପଡ଼ିବ । ଏହାହିଁ ମୋର ଉପଦେଶ ।’’

ଶ୍ରୀଶ୍ରୀ ଠାକୁରଙ୍କର ଉପରୋକ୍ତ କଥା ଶୁଣି ତେଜପୁରର କୈଳାସ ସରକାର ଭାଇ କହିଲେ, ''ଆମେମାନେ ସମାଜରେ ରହୁ । ଚାକିରି ବାକିରି କରୁଛୁ । ହୁଏତ ଉଚ୍ଚ ରାଜକର୍ମଚାରୀ ଆସିଅଛନ୍ତି; ତାହା ଭୋଜିକୁ ନିମନ୍ତ୍ରଣ ହେଲା । ସେଠାରେ କିଛି ଖିଆପିଆ ନ କଲେ ତ ସମ୍ମାନ ରହିବ ନାହିଁ, ପରନ୍ତୁ କର୍ତ୍ତୃପକ୍ଷଙ୍କର ରୋଷଦୃଷ୍ଟିରେ ପଡ଼ିବାକୁ ହେବ ।''

ଶ୍ରୀଶ୍ରୀ ଠାକୁର—ଏହା ହେଉଛି ତୁମର ଦୁର୍ବଳତା । ଟି ପାର୍ଟିରେ ଯୋଗଦେଲେ ଯେ ଖିଆପିଆ କରିବାକୁ ହେବ, ଏହାର କୌଣସି ଅର୍ଥ ନାହିଁ । ପାର୍ଟିରେ ଯୋଗ ଦେଇ ସେଠାରେ କିଛି ନ ଖାଇଲେ ଯେ କର୍ତ୍ତୃପକ୍ଷଙ୍କ ରୋଷ ଦୃଷ୍ଟିରେ ପଡ଼ିବାକୁ ହେବ, ତାହା ମୁଁ ସ୍ୱୀକାର କରେ ନାହିଁ । ଥରେ ବଡ଼ଲାଟଙ୍କ ସଭାକୁ ବରିଶାଲର ଅଶ୍ୱିନୀବାବୁଙ୍କୁ ନିମନ୍ତ୍ରଣ ହୋଇଥିଲା । ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ଥିଲା—ସମସ୍ତଙ୍କୁ ସାହେବୀ ପୋଷାକ ପିନ୍ଧି ଯିବାକୁ ହେବ । ଅଶ୍ୱିନୀବାବୁ ସେ ନିମନ୍ତ୍ରଣ ପତ୍ର ପ୍ରତ୍ୟାଖ୍ୟାନ କରି ଜାତୀୟ ପୋଷାକରେ ଯିବାକୁ ହେଲେ ଯିବେ ନତୁବା ଯିବେ ନାହିଁ ବୋଲି କହି ପଠାଇଲେ । କର୍ତ୍ତୃପକ୍ଷମାନେ କୌଣସି ପ୍ରକାରେ ଏଥିରେ ରାଜି ହେଲେ ନାହିଁ; ଅବଶେଷରେ ଲାଟସାହେବଙ୍କ କାନକୁ ସେ କଥା ଗଲା । ଅଶ୍ୱିନୀବାବୁଙ୍କ ସ୍ୱଦେଶପ୍ରୀତି ଏବଂ ଜାତିନିଷ୍ଠା ଦେଖି ସେ ତାଙ୍କୁ ଜାତୀୟ ପୋଷାକରେ ସଭାକୁ ଆସିବାକୁ ସାଦର ନିମନ୍ତ୍ରଣ ଜଣାଇଦେଲେ । ତେଣୁ ଦେଖ, ସବୁଠାରେ ସତ୍‌ସାହସର ପ୍ରୟୋଜନ । ସତ୍‌ସାହସ ଅବଲମ୍ବନ କଲେ, ଧର୍ମନିଷ୍ଠ ହେଲେ ବରଂ ରାଜପୁରୁଷମାନଙ୍କର ଶ୍ରଦ୍ଧା ଅର୍ଜନ କରିପାରିବ । ସେମାନେ ମନୁଷ୍ୟତ୍ୱର ସମ୍ମାନ ଆଗ ଦିଅନ୍ତି ।

ଏହାପରେ ସଦ୍‌ଗୁରୁ ଓ ଜଗଦ୍‌ଗୁରୁଙ୍କ ବିଷୟରେ ଶ୍ରୀଶ୍ରୀ ଠାକୁର କହିବାପରେ କିଛିକ୍ଷଣ ନୀରବ ରହି କହିଲେ, ''ମନେକର ମୁଁ ଆଜି କଳ୍ପତରୁ ସାଜିଛି । ତୁମେମାନେ ଯେ ଯାହା ମାଗିବ, ମୁଁ ଆଜି ତୁମମାନଙ୍କୁ ତାହା ଦେବି । କିନ୍ତୁ ପ୍ରାର୍ଥନା ଗୋଟିଏ ହେବ । ଯାହା ମାଗିବ ତାହା ବୁଝି ବିଚାରି ମାଗିବ । ମାଗିବାଟା ଯଦି ଠିକ୍ ହୋଇଥାଏ. ତେବେ ମୁଁ ତାହା ତୁମକୁ ନିଶ୍ଚୟ ପ୍ରଦାନ କରିବି ।''

ଶ୍ରୀଶ୍ରୀ ଠାକୁର ଏକଥା କହିବା ପରେ କିଛିସମୟ ଅପେକ୍ଷା କଲେ । କିନ୍ତୁ ଭକ୍ତମାନେ କେହି କିଛି ଉତ୍ତର ନ ଦେବାରୁ ସେ ଜଣ ଜଣ କରି ଡାକି ସେମାନଙ୍କ ପ୍ରାର୍ଥନା କ'ଣ ବୋଲି ପଚାରିଥିଲେ ।

ହରପ୍ରସାଦ ଭାଇ—ଦିନେ ସନ୍ଧ୍ୟା କରିବା ସମୟରେ ଦେଖିଲି—ଆପଣ ଜଗଜ୍ଜନନୀଙ୍କୁ କୋଳରେ ଧରି ବସିଅଛନ୍ତି । ମୁଁ ସେହିଭାବରେ ଆପଣଙ୍କୁ ପାଇବାକୁ ଇଚ୍ଛା କରୁଛି ।

ଶ୍ରୀଶ୍ରୀ ଠାକୁର—ଆଚ୍ଛା, ଏହାର ଉତ୍ତର ମୁଁ ପରେ ଦେଉଛି । ବର୍ତ୍ତମାନ ଆଉ ଯାହାର ଯାହା ବକ୍ତବ୍ୟ ଅଛି କହିଯାଅ ।

ଇନ୍ଦ୍ରନାରାୟଣ ଭାଇ—ଆପଣଙ୍କ ପାଦପଦ୍ମରେ ଯେପରି ମତି ରହେ ।

କୈଳାସ ଭାଇ—ଆପଣଙ୍କୁ ଯେପରି ଦେଖିପାରୁଛି, ଆପଣଙ୍କ ସଙ୍ଗରେ ଯେପରି କଥାବାର୍ତ୍ତା କରୁଛି, ସେହି ପ୍ରକାରରେ ମୁଁ ମାଆଙ୍କୁ ପାଇବାକୁ ଇଚ୍ଛା କରୁଛି ।

ଜନୈକ ଭକ୍ତ—ମୁକ୍ତି ଆବଶ୍ୟକ କରୁଛି ।

ଯତୀନ ଭାଇ—ଆପଣଙ୍କ ଉପରେ ଯେପରି ନିର୍ଭରତା ରହେ ।

ରାମପଦ ଭାଇ—ମୁଁ ଯେପରି ହାରମୋନିୟମ, ଆପଣ ମୋତେ ଯେପରି ଇଚ୍ଛା ସେପରି ବଜାଇବେ; ଏହାହିଁ ମୋର କାମନା ।

ପଣ୍ଡିତ ଭାଇ—ଶେଷ ଦିନର ବ୍ୟବସ୍ଥା କରିବେ ।

ତରଣୀ ଭାଇ—ବିଶ୍ୱାସ ଆବଶ୍ୟକ ।

ଜନୈକ ଭକ୍ତ—ଠାକୁରଙ୍କ ସ୍ମୃତି ଯେପରି ଚିରକାଳ ଯାଗରୁକ ରହେ ।

ଏହିପରି ଅନେକ କଥା ଅନେକେ କହିଲେ । ଏହିପରି ଭକ୍ତମାନେ କହୁଥିବା ମଧ୍ୟରେ ଶ୍ରୀଶ୍ରୀ ଠାକୁର କହିଲେ, ଗୋଟିଏ ଜିନିଷକୁ ଦୁଇଥର କେହି ମାଗିବେ ନାହିଁ; ଅର୍ଥାତ୍ ଜଣେ ଯାହା ମାଗୁଛି ଆଉ ଜଣକର ଯଦି ତାହାହିଁ କାମ୍ୟ ହୁଏ, ତେବେ ତାକୁ ଆଉ ଉଠିବାକୁ ହେବ ନାହିଁ । ଜଣକ ପ୍ରତି ଯେଉଁ ଉତ୍ତର ଦିଆଯିବ, ସେହି ଉତ୍ତର ମଧ୍ୟ ଅନ୍ୟ ପ୍ରତି କାର୍ଯ୍ୟକାରୀ ହେବ । ସମସ୍ତଙ୍କ ପ୍ରାର୍ଥନା ଶେଷ ହେଲାପରେ ଶ୍ରୀଶ୍ରୀ ଠାକୁର ଉତ୍ତର ଦେବାକୁ ଆରମ୍ଭ କଲେ ।

ଇନ୍ଦ୍ରନାରାୟଣ ଭାଇଙ୍କୁ ପଚାରିଲେ—ତୁମେ କ'ଣ ପ୍ରାର୍ଥନା କରିଥିଲ ? ଭାଇ କହିଲେ, "ଆପଣଙ୍କ ଚରଣରେ ଯେପରି ସଦାସର୍ବଦା ମତି ଥାଏ ।" ଶ୍ରୀଶ୍ରୀ ଠାକୁର କହିଲେ, ଆଚ୍ଛା, ସର୍ବଦା ମତି ରହିବ ।

କୈଳାସ ଭାଇଙ୍କୁ ଲକ୍ଷ୍ୟ କରି ଶ୍ରୀଶ୍ରୀ ଠାକୁର କହିଲେ, ତୁମେ ଯେଉଁ ମାଆଙ୍କୁ ଚାହିଁଛ, ସେ କିପରି ? ଚାରି ହାତ ଅଛି ତ ? ସେ ଲୋଳଜିହ୍ୱା,

ନୃମୁଣ୍ଡମାଳିନୀ ତ ? କୈଳାସ ଭାଇ କହିଲେ, 'ହଁ' । ଶ୍ରୀଶ୍ରୀ ଠାକୁର କହିଲେ, ଏହା ତୁମର ଅନ୍ୟାୟ ଦାବୀ । ଏହି ଭାବରେ ମାଆଙ୍କୁ କେହି ପାଇପାରନ୍ତି ନାହିଁ । ତାଙ୍କୁ ଯଦି ଉପରୋକ୍ତ ମୂର୍ତ୍ତିରେ ପାଇବାକୁ ଚାହଁ, ତୁମକୁ ସେହିପରି ଛୁଆ ହେବାକୁ ପଡ଼ିବ । ବାଘୁଣୀକୁ ଯଦି ମାଆ ବୋଲି ଡାକିବ, ତେବେ ନିଜେ ବାଘଛୁଆ ପରି ନିର୍ଭୀକ ହେବା ଆବଶ୍ୟକ । ନତୁବା ନିଜର ବିପଦ ଘଟିବ । ବର୍ତ୍ତମାନ ତୁମେ ଯେପରି ଭାବରେ ମୋ ସହିତ କଥାବାର୍ତ୍ତା କରୁଛ, ସେହି ଅବସ୍ଥାରେ ମାଆଙ୍କୁ ସେପରି ମୂର୍ତ୍ତିରେ ପାଇପାରିବ ନାହିଁ । ସେ ମୂର୍ତ୍ତି ଦେଖିଲେ ତୁମେ ଭୟରେ ଥରହର ହୋଇପଡ଼ିବ ।

କୈଳାସ ଭାଇ—ନା, ଠାକୁର, ମୁଁ ଭୟ କରିବି ନାହିଁ ।

ଶ୍ରୀଶ୍ରୀ ଠାକୁର—ସେ ଭୟଙ୍କରୀ ମୂର୍ତ୍ତିରେ ମାଆଙ୍କ ଦର୍ଶନ କଲେ ତୁମେ କ'ଣ, ତୁମର ଚଉଦ ପୁରୁଷ ଭୟରେ ଥରହର ହୋଇଉଠିବେ । ନୃମୁଣ୍ଡମାଳିନୀ, ବିକଟବଦନ, ଲମ୍ବୋଦରୀ ମାଆଙ୍କ କଥା ଛାଡ଼ିଦେଲେ ମଧ୍ୟ ମୁଁ ନିଜେ ତୁମକୁ ଏପରି ଭୟ ଦେଖାଇପାରେ ଯେ ଯେଉଁଥିରେ କି ତୁମେ ଅସମ୍ଭାଳ ହୋଇପଡ଼ିବ । ସୁତରାଂ ଅସମ୍ଭବ ପ୍ରାର୍ଥନା ପୂରଣ କରିବା ଅସମ୍ଭବ । ଶିଶୁ ନ ବୁଝି ସାପକୁ ଧରିବାପାଇଁ ଯଦି ଦାବୀ କରେ ପିତା କ'ଣ ତାହା ପୂରଣ କରନ୍ତି ? ସେହିପରି ତୁମର ଦାବୀ ମଧ୍ୟ ମୁଁ ପୂରଣ କରିପାରିବି ନାହିଁ । ପ୍ରଥମେ ମାଆଙ୍କୁ ଚିହ୍ନ, ମାଆଙ୍କ ତତ୍ତ୍ୱ ବୁଝ, ପ୍ରକୃତ ଶିଶୁ ହୁଅ, ତା'ପରେ ତାଙ୍କୁ ପାଇବ ।

ଯେ ମୁକ୍ତି ପ୍ରାର୍ଥନା କରିଥିଲେ ଶ୍ରୀଶ୍ରୀ ଠାକୁର ତାଙ୍କୁ କହିଲେ, "ମୁକ୍ତି କାହାକୁ କହନ୍ତି ଜାଣ କି ? ପ୍ରଥମେ ବନ୍ଧନଜ୍ଞାନଟା ପ୍ରସ୍ଫୁଟିତ ହେଉ, ତା'ପରେ ମୁକ୍ତି । ନିଜର ସ୍ୱରୂପ ଅବସ୍ଥା ଫେରିପାଇବା ନିମିତ୍ତ ପ୍ରାଣରେ ଆକୁଳତା ନ ଆସିଲେ ମୁକ୍ତି ପ୍ରଦାନ କଲେ ମଧ୍ୟ ତୁମେ ତାହା ଉପଲବ୍ଧି କରିପାରିବ ନାହିଁ । ମୁକ୍ତି ଚାହିଁବାଟା ଶୁଣାଶୁଣି କଥା । ଏ ତୁମର ପ୍ରାଣର କଥା ନୁହେଁ । ଯେଉଁଦିନ ମୁକ୍ତି ନିମିତ୍ତ ପ୍ରାଣ ବ୍ୟାକୁଳ ହୋଇ ଉଠିବ, ସେହିଦିନ ହିଁ ମୁଁ ତୁମକୁ ମୁକ୍ତି ଦେବି । ବ୍ୟାକୁଳତା ନ ଆସିବା ପୂର୍ବରୁ ମୁଁ ମୁକ୍ତି ଦେବି ନାହିଁ ।"

ଯତୀନ ଭାଇ ନିର୍ଭରତା ମାଗିଥିଲେ । ଶ୍ରୀଶ୍ରୀ ଠାକୁର ତାଙ୍କୁ କହିଲେ, "ଆଚ୍ଛା, ତୁମକୁ ନିର୍ଭରତା ପ୍ରଦାନ କଲି ।" ରାମପଦ ଭାଇଙ୍କୁ କହିଲେ, "ମୁଁ

ତୁମକୁ ବଜାଉଛି ।'' ଯେଉଁ ଭାଇ ଶେଷ ଦିନର ବ୍ୟବସ୍ଥା କରିବାକୁ କହିଥିଲେ, ତାଙ୍କୁ କହିଲେ, ''ଆଚ୍ଛା, ଶେଷଦିନର ବ୍ୟବସ୍ଥା ଅର୍ଥ କ'ଣ ?''

ଭକ୍ତ—ଆଉ ଯେପରି ପୁନର୍ଜନ୍ମ ନ ହୁଏ ।

ଶ୍ରୀଶ୍ରୀ ଠାକୁର—ପୁନର୍ଜନ୍ମ ନ ହେଲେ କି ଅବସ୍ଥାରେ ରହିବାକୁ ଇଚ୍ଛା କରୁଛ ?

ଭକ୍ତ—ଆପଣଙ୍କ ପଦରେ ଲୀନ ହୋଇ ରହିବାକୁ ଇଚ୍ଛା କରୁଛି । ସୁଖ ଦୁଃଖର ଅନୁଭୂତି ମୋର ଯେପରି ନ ରହିବ ।

ଶ୍ରୀଶ୍ରୀ ଠାକୁର—ସୁଖ ଦୁଃଖର ଅନୁଭୂତି ନ ଥିବାଟା କ'ଣ ଭଲ ଅବସ୍ଥା ? ଏହା ଗାଢ଼ ସୁଷୁପ୍ତିର ଅବସ୍ଥା । କିନ୍ତୁ ସେହି ଅବସ୍ଥାଟା କ'ଣ କାମ୍ୟ ? ମୁଁ ଏହା ଅପେକ୍ଷା ଆହୁରି ବଡ଼ ଜିନିଷ ତୁମମାନଙ୍କୁ ଦେବାକୁ ବସିଛି । ତେଣୁ ତୁମର ଉଚିତ, ମୋ ଉପରେ ସମସ୍ତ ଭାର ଦେଇ ନିର୍ଭର କରି ବସିରହିବା ।

ତାରିଣୀ ଭାଇ ବିଶ୍ୱାସ ମାଗିଥିଲେ । ଉତ୍ତରରେ ଶ୍ରୀଶ୍ରୀ ଠାକୁର କହିଲେ, ''ଆଚ୍ଛା ! କ୍ରମଶଃ ହେବ ।'' ଯେ ସ୍ମୃତିରେ ଜାଗରୂକ ରହିବା କଥା ମାଗିଥିଲେ, ତାଙ୍କୁ କହିଲେ, ''ଆଚ୍ଛା, ତୁମ ଭିତରେ ମୁଁ ଚିରକାଳ ଯାଗରୂକ ରହିବି ।'' ହରପ୍ରସାଦଭାଇଙ୍କୁ ପ୍ରଶ୍ନ କଲେ, ତୁମର କ'ଣ ପ୍ରଶ୍ନ ଥିଲା ? ତୁମର ମାଆ କିପରି ବୁଝାଇଦିଅ । ହରପ୍ରସାଦ ଭାଇ କହିଲେ, ''ନା, ମୁଁ ବୁଝାଇ ପାରିବି ନାହିଁ ।'' ଉତ୍ତରରେ ଶ୍ରୀଶ୍ରୀ ଠାକୁର କହିଲେ, ''ପ୍ରଥମେ ବୁଝ, ପରେ ପାଇବ ।'' ହରପ୍ରସାଦ ଭାଇ କହିଲେ, ''ବୁଝିଲେ ତ ମାଆ ମିଳିଯିବେ, ଆଉ ମାଗିବାକୁ ପଡ଼ିବ ନାହିଁ ।'' ଶ୍ରୀଶ୍ରୀ ଠାକୁର ଟିକିଏ ହସିଲେ ମାତ୍ର ।

ଏହିପରି ଭାବରେ ଶ୍ରୀଶ୍ରୀ ଠାକୁର ସମସ୍ତଙ୍କର ମନୋମତ ପ୍ରାର୍ଥନା ଜାଣିସାରି କହିଲେ, ''ମାଗି ମାଗି ତୁମେମାନେ ନଷ୍ଟ ହୋଇଯାଉଛ । ତୁମର ଭଲମନ୍ଦ ସବୁ ପ୍ରାର୍ଥନା ଭଗବାନଙ୍କ ନିକଟରେ ଫାଇଲ୍ ହୋଇ ରହୁଛି । ପ୍ରତିକୂଳଟା ଯେପରି ତୁମର ପ୍ରାର୍ଥନା, ଅନୁକୂଳଟା ମଧ୍ୟ ସେହିପରି ତୁମର ପ୍ରାର୍ଥନା । ତେଣୁ କହୁଛି, ଯାହା ଚାହୁଁଛ ତାହାର ସ୍ୱରୂପ ନ ବୁଝିବା ପର୍ଯ୍ୟନ୍ତ ତୁମେମାନେ କିଛି ପ୍ରାର୍ଥନା କର ନାହିଁ । ସଂକଳ୍ପ ଅର୍ଥ ହେଉଛି ପ୍ରତିଜ୍ଞା । ମୋତେ ଯେତେବେଳେ ସଂକଳ୍ପ କରି ତୁମେମାନେ ଗୁରୁ ବୋଲି ବରଣ କରି ନେଇଛ, ସେତେବେଳେ ଶିଷ୍ୟର ଯହିଁରେ ମଙ୍ଗଳ ହେବ ଗୁରୁ ତାହା ନିଶ୍ଚୟ କରିବେ । ବିଶ୍ୱାସଟା ବଡ଼ ଜିନିଷ ଏବଂ ପ୍ରଥମ

ପ୍ରାର୍ଥନୀୟ । ବିଶ୍ୱାସ ଯଦି ନ ହୁଏ, ତାହାହେଲେ ନିର୍ଭରତା ଆସି ନ ପାରେ । ଗୁରୁଙ୍କ ପାଖରେ ଏହି ତିନିଗୋଟି ପ୍ରାର୍ଥନା ଜଣାଇବାକୁ ହେବ—''ମୁଁ କିଛି ଜାଣେ ନାହିଁ, ତୁମଠାରେ ମୋର ଯେପରି ବିଶ୍ୱାସ ଜନ୍ମେ ଏବଂ ତୁମଠାରେ ମୁଁ ଯେପରି ସମ୍ପୂର୍ଣ୍ଣ ନିର୍ଭର କରିପାରେ ।' ତା'ପରେ ପୁଣି ଶ୍ରୀଶ୍ରୀ ଠାକୁର କହିଲେ, ''ଶାସ୍ତ୍ରାନୁଯାୟୀ ଯଦି ମାଗିବାକୁ ଇଚ୍ଛାକର ତାହାହେଲେ ମଧ୍ୟ ମୁଁ ତୁମକୁ ଗୋଟିଏ ଲକ୍ଷ୍ୟ ଧରାଇ ଦେଉଛି । ଉପନିଷଦର ସାର ହେଉଛି ଗୀତା । ମୁଁ ମଧ୍ୟ ଗୀତାର ପକ୍ଷପାତୀ । ତୁମ ହୃଦୟରେ ସେ ଅଛନ୍ତି । ସେହି ହୃଦ୍‌ଦେଶରେ ଅଧିଷ୍ଠିତ ଈଶ୍ୱରଙ୍କର ଶରଣାଗତ ହୁଅ; ତାଙ୍କ ନିକଟରେ ନିରବଚ୍ଛିନ୍ନ ଶାନ୍ତି ଏବଂ ନିତ୍ୟସ୍ଥାନ ପ୍ରାର୍ଥନା କର । ହୃଦୟସ୍ଥଙ୍କୁ ନବୁଝି ପାରିଲେ, ''ମାମେକଂ ଶରଣଂ ବ୍ରଜ'' । ହୁଏତ ଭଗବାନଙ୍କର ଶରଣାପନ୍ନ ହୁଅ, ନତୁବା ଗୁରୁଙ୍କର ଶରଣାପନ୍ନ ହୁଅ । ହୃଦୟସ୍ଥ ଭଗବାନଙ୍କଠାରେ ଅଥବା ଗୁରୁଙ୍କଠାରେ ବିଶ୍ୱାସ ହେଉ । ଏହା ଅପେକ୍ଷା ବଡ଼ ପ୍ରାର୍ଥନା ଆଉକିଛି ନାହିଁ । ଏହିପରି ବହୁତ ବୁଝାଇ ଶେଷରେ ମନ୍ତବ୍ୟ ସ୍ୱରୂପ କହିଲେ, ''ତୁମମାନଙ୍କର ପ୍ରଥମ ପ୍ରାର୍ଥନା ହେବ 'ବିଶ୍ୱାସ ଦିଅ' । ବିଶ୍ୱାସ ଆସିଲେ ସଙ୍ଗେ ସଙ୍ଗେ ନିର୍ଭରତା ଆସିଯିବ । ନିର୍ଭରତା ଆସିଲେ ପ୍ରାର୍ଥନା ପୂରଣ ହେବାକୁ ଆଉ ବିଳମ୍ବ ହେବ ନାହିଁ । ସାଧନଜଗତରେ ନିର୍ଭରତାର ସ୍ଥାନ ସବୁଠାରୁ ଉଚ୍ଚରେ । ତେଣୁ ମୋର ଶେଷ ବକ୍ତବ୍ୟ, ବିଶ୍ୱାସର ଅଟଳ ଭିତ୍ତିରେ ଚିତ୍ତ ସଂସ୍ଥାପିତ କରି ତୁମେମାନେ ମୋ ଉପରେ ନିର୍ଭର କର; ମୋ ଉପରେ ସବୁ ଭାର ଛାଡ଼ିଦିଅ । ତୁମମାନଙ୍କୁ ପ୍ରାର୍ଥନା କରିବାକୁ ପଡ଼ିବ ନାହିଁ । ତୁମମାନଙ୍କର ଯହିଁରେ ମଙ୍ଗଳ ହେବ ମୁଁ ତାହାର ବ୍ୟବସ୍ଥା କରିବି ।'' ଏହିପରି ଭାବରେ ଉପଦେଶ ଦେଇ ପ୍ରାୟ ୧୦।୩୦ ମିନିଟ୍ ସମୟରେ ଶ୍ରୀଶ୍ରୀ ଠାକୁର ଆସନ ତ୍ୟାଗ କଲେ । ଠାକୁର ଯିବାପରେ ସଭାର କାର୍ଯ୍ୟ କିଛିକ୍ଷଣ ପାଇଁ ବନ୍ଦ ରହିଲା ।

ବିରତି ପରେ ଶ୍ରୀମତ୍ ସ୍ୱାମୀ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜ ଭକ୍ତସମ୍ମିଳନୀର ଉଦ୍ଦେଶ୍ୟ ବିଶଦ ଭାବରେ ବର୍ଣ୍ଣନା କରି ଗୃହୀ ଏବଂ ତ୍ୟାଗୀର ସମ୍ପର୍କ ବୁଝାଇଦେଲେ । ଶ୍ରୀମତ୍ ସ୍ୱାମୀ ଚିଦାନନ୍ଦ ମହାରାଜ ପ୍ରଭୃତି ମୁଷ୍ଟିଭିକ୍ଷା ସଂରକ୍ଷଣର ସାରବତ୍ତା ବିଷୟ ବୁଝାଇଥିଲେ ।

ନୀଳାଚଳ ସାରସ୍ୱତ ସଂଘର ସଭାପତି ଶ୍ରୀଯୁକ୍ତ ବନମାଳୀ ଦାଶ ଓକିଲ ଆସନ୍ତାବର୍ଷ ପୁରୀଧାମକୁ ଭକ୍ତସମ୍ମିଳନୀ ଆହ୍ୱାନ କରି ଯେଉଁ ପତ୍ର ଦେଇଥିଲେ

ତାହା ପାଠ କରାଗଲା । ଏହି ସଭା ସର୍ବସମ୍ମତିକ୍ରମେ ଉକ୍ତ ଆହ୍ୱାନ ଗ୍ରହଣ କଲେ ଏବଂ ସମ୍ମିଳନୀର ଏକବିଂଶ ବାର୍ଷିକ ଅଧିବେଶନ ପୁରୁଷୋତ୍ତମ ଧାମରେ ଅଧିଷ୍ଠିତ ହେବାର ସ୍ଥିର ହେଲା ।

ତତ୍ପରେ ଭକ୍ତମାନଙ୍କ ମଧ୍ୟରେ ପରସ୍ପର ଭାବ ବିନିମୟ, ଅଭିବାଦନ ଓ ପ୍ରେମାଲିଙ୍ଗନ ହୋଇ ସେଦିନ ସଭା ସାଙ୍ଗହେଲା । 'ଜୟଗୁରୁ' କୀର୍ତ୍ତନ ମଧ୍ୟରେ ଭକ୍ତମାନେ ପରସ୍ପରକୁ ପ୍ରେମାଲିଙ୍ଗନ କଲେ । ଏହା ଏକ ଅଭିନବ ମଧୁର ଦୃଶ୍ୟ । ଏହା ଏପରି ଅନ୍ତରର ସହିତ ଅନୁଷ୍ଠିତ ହେଲା ଯେ, ଏଥିରେ ମାଧୁର୍ଯ୍ୟ ଏବଂ ଗାମ୍ଭୀର୍ଯ୍ୟ ଅପୂର୍ବ ସୁଷମାରେ ଫୁଟିଉଠିଲା ।

ଉପରବେଳା ପ୍ରାୟ ତିନିଟାବେଳେ ଭକ୍ତମାନେ ଶ୍ରୀଶ୍ରୀ ଠାକୁରଙ୍କୁ ବିମାନରେ ଘେନି, କୀର୍ତ୍ତନ ପଟୁଆର କରି ମଠାୟତନର ଚାରିଆଡ଼େ ବୁଲାଇଥିଲେ । ପଟୁଆର ଫେରିବାପରେ ସମ୍ମିଳନୀ ମଣ୍ଡପରେ ଶ୍ରୀଶ୍ରୀ ଠାକୁରଙ୍କୁ ବିମାନରେ ବସାଇ ଉଦ୍ଦଣ୍ଡ ଜୟଗୁରୁ କୀର୍ତ୍ତନ ଆରମ୍ଭ କରାଗଲା ।

ପୌଷ ତେର ଦିନ ସମ୍ମିଳନୀର ତୃତୀୟ ଦିବସ :

ଯଥା ସମୟରେ ଗାତ୍ରୋତ୍ଥାନ କରି ଭକ୍ତମାନେ ନିତ୍ୟକର୍ମାଦି ସମାପନ କଲେ । ଶ୍ରୀଶ୍ରୀଗୁରୁଙ୍କର ଆସନରେ ପୂଜାରତି ଓ ସ୍ତୋତ୍ରବନ୍ଦନାଦି ହେବାପରେ ଦିନ ପ୍ରାୟ ନଅଟାବେଳେ ସମ୍ମିଳନୀ ମଣ୍ଡପରେ ବଗୁଡ଼ାର ହରପ୍ରସାଦ ରାୟ ଭାଇଙ୍କ ସଭାପତିତ୍ୱରେ ଗୋଟିଏ ସାଧାରଣ ସଭାର ଅଧିବେଶନ ହେଲା । ଏହି ସଭାରେ ଶ୍ରୀମତ୍ ସତ୍ୟଚୈତନ୍ୟ ବ୍ରହ୍ମଚାରୀ ମହାରାଜ ପ୍ରଭୃତି ଉପସ୍ଥିତ ସାଧାରଣ ତଥା ଭକ୍ତବୃନ୍ଦଙ୍କୁ ଅଭିନନ୍ଦନ କରି ପ୍ରବନ୍ଧ ପାଠ କଲେ ଓ ବକ୍ତୃତା ଦେଇଥିଲେ ।

ଆଜି ରାତିରେ ଆନନ୍ଦ ସଭା ହେବ ବୋଲି ଭକ୍ତମାନେ ଶ୍ରୀଶ୍ରୀ ଠାକୁରଙ୍କୁ ବେଶୀଦୂର ବୁଲାଇବାକୁ ନ ନେଇ ଶୀଘ୍ର ଫେରିଆସିଲେ । ଶ୍ରୀଶ୍ରୀ ଠାକୁର ସମ୍ମିଳନୀ ମଣ୍ଡପରେ ଆସନ ଗ୍ରହଣ କଲାପରେ ଖୋଳ କରତାଳ, କାଂସର ଘଣ୍ଟା, ମେଘା ପ୍ରଭୃତି ବିବିଧ ବାଦ୍ୟର ଏକତ୍ର ସମାବେଶରେ ତାଳେ ତାଳେ ବଗୁଡ଼ାର ଗୋବିନ୍ଦ ପୁତତୁଣ୍ଡ ଭାଇ ନୃତ୍ୟ ସହ ଶ୍ରୀଶ୍ରୀ ଠାକୁରଙ୍କୁ ଆରତି କଲେ । ତା'ପରେ ଗୋଟିଏ ସାତ ଆଠ ବରଷର ପିଲା ମଧ୍ୟ ସେହିପରି ନୃତ୍ୟପରାୟଣ ହୋଇ ଆରତି କଲା । ଏହାପରେ ଆନନ୍ଦ ସଭା ଆରମ୍ଭ ହେଲା । ଆନନ୍ଦ ସଭାରେ ସଭାପତି ନିର୍ବାଚିତ

ହେବାପରେ ଶ୍ରୀଶ୍ରୀ ଠାକୁର ପ୍ରଥମେ ଭକ୍ତମାନଙ୍କୁ ବୁଝାଇ କହିଲେ, ''ଆଜିପର୍ଯ୍ୟନ୍ତ ତିନି ଦିନ ହେଲା ତୁମେମାନେ ଏକପ୍ରକାର ସଙ୍କୋଚ ଭାବରେ ନିୟମ ଶୃଙ୍ଖଳା ମାନି ମୋ ସହିତ ଚଳୁଥିଲ । ମୁଁ ଗୁରୁ, ତୁମେମାନେ ଶିଷ୍ୟ ଭକ୍ତ—ଏହିପରି ବ୍ୟବହାର କରି ଆସୁଥିଲ । କିନ୍ତୁ ବର୍ତ୍ତମାନ ସେହିସବୁ ସଙ୍କୋଚ, ସେ ଗୁରୁ ଶିଷ୍ୟ ବ୍ୟବଧାନ ଦୂର କରିଦେଇ ଆନନ୍ଦ ଉପଭୋଗ କରିବାକୁ ହେବ । ବର୍ତ୍ତମାନ ଯେ ଯେତେ ଭାବରେ ନିର୍ଦ୍ଦୋଷ ଆନନ୍ଦ ଦେଇପାରେ, ତାହା ଦେବାକୁ କୁଣ୍ଠିତ ବା ସଙ୍କୋଚ ବୋଧ କରିବ ନାହିଁ ।'' ଏହା କହି ଶ୍ରୀଶ୍ରୀ ଠାକୁର ପ୍ରଥମେ ଦୁଇ ତିନୋଟି ହାସ୍ୟରସାତ୍ମକ ଗଳ୍ପ କହି, ଭକ୍ତମାନଙ୍କୁ ହସାଇ ଆନନ୍ଦ ବିତରଣ କଲେ । ତା'ପରେ ଭକ୍ତମାନଙ୍କ ମଧ୍ୟରୁ ଯେ ଯେପରି ପାରିଲା ଗଳ୍ପ ଛଳରେ, ଅଭିନୟ ଛଳରେ, ମୁଖଭଙ୍ଗୀ ପ୍ରଭୃତି ଛଳରେ ଆନନ୍ଦ ପରିବେଷଣ କଲେ । ଶେଷରେ ରାତ୍ରି ପ୍ରାୟ ଏଗାରଟାବେଳେ ଏ ଅନୁଷ୍ଠାନ ସାଙ୍ଗ ହେଲା । ଶ୍ରୀଶ୍ରୀ ଠାକୁର କହିଲେ, ''ଅନେକ ରସିକ ଭକ୍ତଙ୍କ ଅନୁପସ୍ଥିତି ହେତୁ ଆଜି ଆନନ୍ଦସଭା ବିଶେଷ ଭାବରେ ସାଫଲ୍ୟମଣ୍ଡିତ ହୋଇପାରିଲା ନାହିଁ ।''

ପୌଷ ଚଉଦ ଦିନ ରବିବାର । ଆଜି ଭକ୍ତମାନେ ବିଦାୟ ହୋଇ ଯିବାର କଥା । ପ୍ରସାଦ ସେବନାନ୍ତେ ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କ ଠାରୁ ବିଦାୟ ନେବାକୁ ବାହାରିଲେ । ଚୈତନ୍ୟ ଭାଇ ମଧ୍ୟ ପ୍ରସ୍ତୁତ ହେବାକୁ ଲାଗିଲେ । ଏହି ସମୟରେ ଶ୍ରୀଯୁକ୍ତ ଠାକୁର ଦାସ ବ୍ରହ୍ମଚାରୀ ଆସି ତାଙ୍କୁ କହିଲେ, ଲୁଗାପଟା ବର୍ତ୍ତମାନ ବାନ୍ଧ ନାହିଁ । ଶ୍ରୀଶ୍ରୀ ଠାକୁର କାହିଁକି ତୁମକୁ ଡାକୁଛନ୍ତି । ଏହା ଶୁଣି ଚୈତନ୍ୟ ଭାଇ ଶ୍ରୀଶ୍ରୀ ଠାକୁରଙ୍କ ନିକଟକୁ ଗଲେ । ଶ୍ରୀଶ୍ରୀ ଠାକୁର ସେତେବେଳେ ଦରବାର ଘର ବାରଣ୍ଡାରେ ବସିଥାଆନ୍ତି । ଜଣ ଜଣ ହୋଇ ସାଷ୍ଟାଙ୍ଗ ପ୍ରଣାମ କରି ବିଦାୟ ନେଉଥାନ୍ତି । କିଛି ସମୟ ସେଠାରେ ଛିଡ଼ାହେବା ପରେ ସମସ୍ତେ ବିଦାୟ ନେଇ ସାରିଲାରୁ ଚୈତନ୍ୟ ଭାଇ ପ୍ରଣାମ କରି ଛିଡ଼ା ହେଲେ । ଶ୍ରୀଶ୍ରୀ ଠାକୁର କହିଲେ, ''ମୁଁ ତୁମକୁ କାହିଁକି ଡାକୁଥିଲି ଜାଣ ?'' ଚୈତନ୍ୟ ଭାଇ, 'ନା ଜାଣେ ନାହିଁ' ବୋଲି କହିବାରୁ ଶ୍ରୀଶ୍ରୀ ଠାକୁର କହିଲେ ''ସମ୍ମିଳନୀରେ ଆନନ୍ଦ ପାଇଲଟିକି ?'' ଉତ୍ତରରେ ଚୈତନ୍ୟ ଭାଇ କହିଲେ, ''ଆଜ୍ଞା ହଁ ।'' ଶ୍ରୀଶ୍ରୀ ଠାକୁର କହିଲେ, ''ଆଚ୍ଛା ! ଏ ଯେଉଁ ଆନନ୍ଦ ପାଇଲ ଏ ସବୁ କଥା ବନମାଳୀ, ଦୁର୍ଗାଚରଣ ପ୍ରଭୃତିଙ୍କୁ କହିବ ।'' ଚୈତନ୍ୟ ଭାଇ କହିଲେ, ''ନା ଠାକୁର ! ମୁଁ

ଯେଉଁ ଆନନ୍ଦ ପାଇଲି ତାହା ଭାଷାରେ ପ୍ରକାଶ କରିପାରିବି ନାହିଁ ।'' ଶ୍ରୀଶ୍ରୀ ଠାକୁର କହିଲେ, ''ନା, ତୁମକୁ କହିବାକୁ ହେବ । ଯେତିକି ପାରିବ ସେତିକି ନିଶ୍ଚୟ ଦୁର୍ଗାଚରଣ ପ୍ରଭୃତିଙ୍କୁ କହିବ । ମୁଁ ଏହି କଥା କହିବି ବୋଲି ତୁମକୁ ଡାକିଥିଲି । ତୁମେ ଆଜି ଯାଇପାର ।''

ଏହାପରେ ଭକ୍ତମାନେ ଆସି ଯେଉଁଠାରେ ଗାଡ଼ିରୁ ଓହ୍ଲାଇଥିଲେ, ସେଠାରେ ଏକତ୍ରିତ ହେଲେ । ଗାଡ଼ି ଆସି ପୂର୍ବପରି ଷ୍ଟେସନ ନ ହୋଇଥିଲେ ମଧ୍ୟ ଗେରୁଆ ପତାକା ପୋତା ହୋଇଥିବା ସ୍ଥାନରେ ରହିଲା । ସେତେବେଳର ଦୃଶ୍ୟ ଅତି ଅଭିନବ । ଆଶ୍ରମରୁ ଅନ୍ତେବାସୀ, ସେବକ, ବ୍ରହ୍ମଚାରୀ ତଥା ମଠର ମହନ୍ତ ମହାରାଜ ପ୍ରଭୃତି ରେଳଲାଇନ୍ କଡ଼ରେ ଅଶ୍ରୁସଜଳ ନୟନରେ ଛିଡ଼ାହୋଇ ଥାଆନ୍ତି । ଯେଉଁ ପ୍ରଜ୍ଞାନନ୍ଦ ମହାରାଜ ଅତିଶୟ ରୁକ୍ଷ ବୋଲି ପରିଚିତ, ସେ ପ୍ରଥମେ ଭୋ ଭୋ ହୋଇ କାନ୍ଦି ପକାଇଲେ । ଏ ଦୃଶ୍ୟ ଦେଖି ସମସ୍ତେ କାନ୍ଦିବାକୁ ଲାଗିଲେ । ଅତିଶୟ ପ୍ରିୟଜନଙ୍କଠାରୁ ବିଦାୟ ନେଲାବେଳେ ଯେପରି ହୃଦୟଭେଦୀ କ୍ରନ୍ଦନରୋଳ ଉଠିଥାଏ, ସେହି ଦୃଶ୍ୟ ଦେଖା ଯାଇଥିଲା । ଗାଡ଼ି ଚାଲିଲା, କିନ୍ତୁ ଗାଡ଼ିରେ ବସିଥିବା ଯାତ୍ରୀ ତଥା ରେଳଲାଇନ୍ କଡ଼ରେ ଛିଡ଼ା ହୋଇଥିବା ସେବକ ବ୍ରହ୍ମଚାରୀମାନେ କାନ୍ଦିବାରେ ବ୍ୟସ୍ତ । କାହାରି ମୁହଁରେ କଥା ନାହିଁ । ବେଦନାଭରା ବିଦାୟ ସମ୍ଭାଷଣ ସୂଚକ 'ଜୟଗୁରୁ' ଧ୍ୱନି ମଧ୍ୟରେ ଗାଡ଼ି ଛାଡ଼ିଲା ଏବଂ ନିକଟବର୍ତ୍ତୀ ଷ୍ଟେସନରେ ଅଟକିଲା । ସେଠାରେ କେତେ ଜଣ ଓହ୍ଲାଇ ବିଦାୟ ନେଲେ । ପ୍ରାୟ ପ୍ରତି ଷ୍ଟେସନରେ ଏହିପରି ଜଣେ ଦୁଇଜଣ ଗାଡ଼ିରୁ ଓହ୍ଲାଇ ଅନ୍ୟମାନଙ୍କ ଠାରୁ ବିଦାୟ ନେଉଥାଆନ୍ତି । ବିଦାୟ ନେଲାବେଳେ ଗାଡ଼ିରେ ବସିଥିବା ଆରୋହୀ ଓ ବିଦାୟ ନେଉଥିବା ଯାତ୍ରୀ ଉଭୟେ ଭୋ ଭୋ ହୋଇ କାନ୍ଦି ପରସ୍ପର ଠାରୁ ବିଦାୟ ନେଉଥାଆନ୍ତି । ବାସ୍ତବିକ ସାଂସାରିକ ସମ୍ପର୍କରେ ଭାଇ ବନ୍ଧୁ ଆତ୍ମୀୟ ସ୍ୱଜନ କାହାଠାରୁ କେହି ବିଦାୟ ନେଉଥିବାବେଳେ ଏପରି ପ୍ରାଣ ଖୋଲି ବେଦନାଭରା ଅନ୍ତରରେ ବିଦାୟ ନେବା କ୍ୱଚିତ୍ ଦେଖା ଯାଇଥାଏ । ସାଂସାରିକ ବନ୍ଧନରେ ମଳିନତା ଅଛି, କିନ୍ତୁ ଏ ବନ୍ଧନ ନିର୍ମଳ, ଏଥିରେ କୌଣସି ପ୍ରକାର ଆବିଳତାର ଚିହ୍ନ ନାହିଁ । ସମ୍ମିଳନୀକୁ କିଏ କେତେ ଦୂରରୁ ଆସି ଥାଆନ୍ତି । ଏକ ଜାତିର ତ ନୁହଁନ୍ତି; ପୁଣି ଜଣେ ରାଜରାଜେଶ୍ୱର ସମ୍ଭ୍ରାନ୍ତ ପରିବାରର ଓ ଅନ୍ୟ ଜଣେ ନଗଣ୍ୟ ଦୀନହୀନ କୃଷକ । କିନ୍ତୁ ସମସ୍ତଙ୍କ ପ୍ରାଣର ଆକାଙ୍କ୍ଷା ଏକ

ଥିବାରୁ, ସମସ୍ତେ ଏକ ସୂତ୍ରରେ ଗ୍ରଥିତ ହୋଇ ଥିବାରୁ ଏକ ପରିବାରଭୁକ୍ତ ପରି ସମସ୍ତେ ହୃଦୟଙ୍ଗମ କରୁଥିଲେ । ଏତେ ଲୋକଙ୍କ ସମାଗମରେ ମଧ୍ୟ ଛୋଟ ଛୋଟ ପିଲାଗୁଡ଼ିକ ବାପାମାଆଙ୍କୁ ଛାଡ଼ି ନିର୍ବିଘ୍ନରେ ଏଣେତେଣେ ବୁଲୁଥାଆନ୍ତି । ଶେଷଦିନ ଜଣେ ଭାଇ ଶ୍ରୀଶ୍ରୀ ଠାକୁରଙ୍କୁ କହିଲେ, ''ଆମେ ଏହି ମଠରେ ସବୁଦିନ ରହିବୁ । ଏ ଆନନ୍ଦ ଛାଡ଼ି ଯିବାକୁ ମନ ବଳୁ ନାହିଁ । ଆପଣ କ'ଣ ଆମ ଏ କେତେଜଣଙ୍କୁ ଖାଇବାକୁ ଦେଇପାରିବେ ନାହିଁ ?'' ଶ୍ରୀଶ୍ରୀ ଠାକୁର କହିଲେ, ''ହଁ, ତା ହୋଇପାରେ, କିନ୍ତୁ ତୁମେ ଯେଉଁଳି ଭାବରେ ଆନନ୍ଦ ଉପଭୋଗ କରୁଛ, ତାହା ଦେଖି ମାଆ ମୋ ସାଙ୍ଗରେ ଅଳି ଲଗାଇଛନ୍ତି ଯେ, ତୁମମାନଙ୍କର ପ୍ରାରବ୍ଧ ଭୋଗ ହେବାରେ ବ୍ୟାଘାତ ଘଟୁଛି । ମାଆ ମୋତେ କହିଲେ, 'ତୁ ତୋର ଶିଷ୍ୟ ଭକ୍ତମାନଙ୍କୁ ଯେପରି ଆନନ୍ଦରେ ରଖାଇଛୁ ସେଥିରେ ମୁଁ ସେମାନଙ୍କ ପ୍ରାରବ୍ଧଭୋଗ କରାଇପାରୁ ନାହିଁ ।' ଆଉ ଯଦି ତୁମେମାନେ ଏହିଭଳି ଭକ୍ତସମ୍ମିଳନୀ ଆନନ୍ଦ ସବୁବେଳେ ଉପଭୋଗ କରିବ; ତା ହେଲେ ଏ ସଂସାର ଆଉ ରହିବ ନାହିଁ ।''

ଏହିପରି କ୍ରମେ କ୍ରମେ ଜଣ ଜଣକ ଠାରୁ ବିଦାୟ ନେଇ ଶେଷରେ ଚୈତନ୍ୟ ଭାଇ ଆସି କଟକରେ ପହଞ୍ଚିଲେ । ତାଙ୍କ ଠାରୁ ସମ୍ମିଳନୀର ଆନନ୍ଦବାର୍ତ୍ତା ପାଇ ଏବଂ 'ଆର୍ଯ୍ୟଦର୍ପଣ' ପତ୍ରିକାରେ ପ୍ରକାଶିତ ସମ୍ମିଳନୀର ବିବରଣୀ ପାଠ କରି ଆସନ୍ତା ସମ୍ମିଳନୀ ଆୟୋଜନ କାର୍ଯ୍ୟରେ ଆମେମାନେ ଆହୁରି ଅଧିକ ମାତ୍ରାରେ ପ୍ରେରଣା ପାଇଲୁ । ସେହିଦିନ ଠାରୁ ଆମେମାନେ ଆଗାମୀ ପୁରୀ ଭକ୍ତସମ୍ମିଳନୀ ପ୍ରତି ଅଧିକ ମନଯୋଗ ଦେଲୁ ଓ ଶ୍ରୀଶ୍ରୀ ଠାକୁରଙ୍କ ଆଦିଷ୍ଟ ଅର୍ଥ ସଂଗ୍ରହ ପାଇଁ ଭକ୍ତମାନଙ୍କଠାରୁ ପ୍ରତିଶ୍ରୁତି ନେଲୁ । ଶ୍ରୀଶ୍ରୀ ଠାକୁରଙ୍କ ଆଗମନକୁ ଚାହିଁ ରହିବା ଏଣିକି ଆମର ପ୍ରଧାନ କାମ ହେଲା ।

ଶ୍ରୀଶ୍ରୀ ଠାକୁରଙ୍କ ପୁରୀ ପ୍ରତ୍ୟାଗମନ—

ଶ୍ରୀଶ୍ରୀ ଠାକୁର ଶ୍ରାବଣ ମାସ ଜନ୍ମୋତ୍ସବ ଶେଷ କରି ପୁରୀ ଫେରି ଆସିଲେ । ସେହି ଦିନ ଅପରାହ୍ନରେ ଶ୍ରୀଶ୍ରୀ ଠାକୁର ବୁଲିବାକୁ ଯାଇ ସମୁଦ୍ର କୂଳରେ ବସିଛନ୍ତି ଏବଂ ଆମେମାନେ ତାଙ୍କ ପାଖରେ ବସିଛୁ, ଏହି ସମୟରେ ଶ୍ରୀଶ୍ରୀ ଠାକୁର କହିଲେ, ''ଏଥର ତୁମମାନଙ୍କର ଏଠାରେ ଭକ୍ତସମ୍ମିଳନୀ ବନ୍ଦ

ଥାଉ । ତୁମେମାନେ ନିକଟବର୍ତ୍ତୀ କୌଣସି ଭକ୍ତସମ୍ମିଳନୀରେ ଯୋଗ ଦେଇ ଆଉ ଥରେ ଦେଖିଲା ପରେ ଏଠାରେ ଭକ୍ତସମ୍ମିଳନୀ କରିବ ।''

ବନମାଳୀ ଭାଇ କହିଲେ, ''ଠାକୁର ! ସମ୍ମିଳନୀର ଆୟୋଜନ ବହୁଦୂର ଆଗେଇ ଯାଇଛି । ଏତେବେଳେ ସମ୍ମିଳନୀ କାହିଁକି ବନ୍ଦ କରିବୁ ?''

ଶ୍ରୀଶ୍ରୀ ଠାକୁର କହିଲେ, ''ହଉ, ତୁମମାନଙ୍କର ଯାହା ଇଚ୍ଛା ।'' ସେଦିନ କାହିଁକି ଯେ ଶ୍ରୀଶ୍ରୀ ଠାକୁର ପ୍ରଥମରୁ ଏ କଥା କହିଲେ, ଆମେମାନେ ସେତେବେଳେ ସେ କଥା ବୁଝିପାରି ନ ଥିଲୁ ।

ଭକ୍ତସମ୍ମିଳନୀର ସ୍ଥାନ ନିର୍ବାଚନ—

ପ୍ରତିଦିନ ସମ୍ମିଳନୀ ବିଷୟରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ କିଛି କିଛି କଥାବାର୍ତ୍ତା ହୁଏ । ଶ୍ରୀଶ୍ରୀ ଠାକୁରଙ୍କୁ ରିକ୍‌ସାରେ ବସାଇ ସମୁଦ୍ରକୂଳେ ବୁଲାଇଲା ବେଳେ ସମ୍ମିଳନୀ କଥା ମଧ୍ୟ ପଡ଼େ । ଶ୍ରୀଶ୍ରୀ ଠାକୁର ମାତ୍ର ଶହେ ଟଙ୍କା ପର୍ଯ୍ୟନ୍ତ ଯୋଗାଡ଼ କରି ଦେବାକୁ କହିଥାନ୍ତି । ଆମେମାନେ ଭାବିଲୁ, ସମ୍ମିଳନୀରେ ଅନ୍ତତଃ ପାଞ୍ଚଶହ ଭକ୍ତ ଯୋଗଦେବେ । ଅନ୍ୟାନ୍ୟ ସମ୍ମିଳନୀ ପରି ସେମାନଙ୍କ ପାଇଁ ସେହି ଟଙ୍କାରୁ କୁଟାଘର ପ୍ରସ୍ତୁତ କରିବାକୁ ପଡ଼ିବ । କଥା ପ୍ରସଙ୍ଗରେ ଏହି କଥା ଶ୍ରୀଶ୍ରୀ ଠାକୁରଙ୍କୁ ଜଣାଇବାରୁ ସେ କିପରି ବଗଲା ଧର୍ମଶାଳାକୁ ଯାଇ ସମ୍ମିଳନୀର ସ୍ଥାନ ନିର୍ଦ୍ଦେଶ କରି ଦେଇଥିଲେ ତାହା ଅନ୍ୟତ୍ର ବର୍ଣ୍ଣିତ ହୋଇଅଛି ।

ସମ୍ମିଳନୀ ବିଜ୍ଞାପନ—

ଦିନେ ଆମେ ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କ ଆହ୍ୱାନରେ ନୀଳାଚଳ କୁଟୀରକୁ ଗଲୁ । ଶ୍ରୀଶ୍ରୀ ଠାକୁର ଖଣ୍ଡିଏ ଲେଖା ବନମାଳୀ ଭାଇଙ୍କୁ ଦେଖାଇ କହିଲେ, ଆଗାମୀ ସମ୍ମିଳନୀ ପାଇଁ ତାଙ୍କରି ନାମ ଦେଇ 'ଆର୍ଯ୍ୟଦର୍ପଣ' ଅଫିସ୍‌କୁ ବିଜ୍ଞାପନ ପଠାଉଛନ୍ତି । ଏହା କହି ଶ୍ରୀଶ୍ରୀ ଠାକୁର ଚିଠା କରିଥିବା ବିଜ୍ଞାପନଟି ପଢ଼ି ଶୁଣାଇ ଦେଲେ । ବିଜ୍ଞାପନଟି ଏହି—

ଭକ୍ତ ସମ୍ମିଳନୀ

ଭକ୍ତସମ୍ମିଳନୀର ବିଂଶ ବାର୍ଷିକ ଅଧିବେଶନର ସିଦ୍ଧାନ୍ତ ଅନୁଯାୟୀ ବର୍ତ୍ତମାନ ବର୍ଷରେ 'ନୀଳାଚଳ ସାରସ୍ୱତ ସଂଘ'ର ତତ୍ତ୍ୱାବଧାନରେ ପୁରୀ ଧାମରେ ପୌଷ

ମାସର ୧୧, ୧୨, ୧୩ ଦିନ ମୁତାବକ ଇଂରାଜୀ ଡିସେମ୍ବର ୨୭, ୨୮, ୨୯ ତାରିଖ ମାନଙ୍କରେ ଭକ୍ତସମ୍ମିଳନୀର ଏକବିଂଶ ବାର୍ଷିକ ଅଧିବେଶନ ହେବ । ଆମେମାନେ ଆମମାନଙ୍କ ଶ୍ରଦ୍ଧାସ୍ପଦ ଗୁରୁଭ୍ରାତା ଓ ଭଗିନୀମାନଙ୍କୁ ଭକ୍ତସମ୍ମିଳନୀରେ ଯୋଗଦାନ ପୂର୍ବକ ଏହାକୁ ସାଫଲ୍ୟମଣ୍ଡିତ କରିବା ନିମିତ୍ତ ନିମନ୍ତ୍ରଣ କରି ସାଦର ଆହ୍ୱାନ କରୁଅଛୁ ।

ପ୍ରଚଳିତ ବିଧି ଅନୁଯାୟୀ ଭକ୍ତ ସମ୍ମିଳନୀର ବ୍ୟୟଭାର ନିର୍ବାହ ନିମିତ୍ତ ବାଳକ ବାଳିକାମାନଙ୍କ ବ୍ୟତୀତ ପ୍ରତ୍ୟେକ ପୁରୁଷ ଓ ମହିଳାମାନଙ୍କୁ ପାଞ୍ଚ ଟଙ୍କା କରି ସାହାଯ୍ୟ କରିବାକୁ ହୁଏ । ସମ୍ମିଳନୀରେ ଯୋଗଦାନେଚ୍ଛୁ ଗୁରୁଭ୍ରାତା ଓ ଗୁରୁ ଭଗିନୀଗଣ ମାର୍ଗଶୀର ମାସର ତୃତୀୟ ସପ୍ତାହ ମଧ୍ୟରେ ପ୍ରତ୍ୟେକଙ୍କର ଦେୟ ପାଞ୍ଚ ଟଙ୍କା ପ୍ରେରଣ କରି ନାମ ତାଲିକାଭୁକ୍ତ କରିବେ । ଅନ୍ତତଃପେକ୍ଷ ମାର୍ଗଶୀର ମାସ ମଧ୍ୟରେ ସମସ୍ତଙ୍କ ନାମ ତାଲିକାଭୁକ୍ତ ହେବା ଏକାନ୍ତ ବାଞ୍ଛନୀୟ । କାରଣ ପୁରୀରେ ଆମର କୌଣସି ଆଶ୍ରମ ନାହିଁ । ଭକ୍ତ ସଂଖ୍ୟାନୁପାତରେ ପୁରୀରେ ପାଞ୍ଚ ଦିନ ନିମିତ୍ତ ଗୋଟିଏ ବସା ଘର ଓ ଶ୍ରୀଶ୍ରୀ ଜଗନ୍ନାଥ ଦେବଙ୍କ ମହାପ୍ରସାଦର ବ୍ୟବସ୍ଥା କରିବାକୁ ହେବ । ସୁତରାଂ ମାର୍ଗଶୀର ମାସ ମଧ୍ୟରେ ଭକ୍ତସଂଖ୍ୟା ଏବଂ ସେମାନଙ୍କ ଦେୟ ସାହାଯ୍ୟ ଟଙ୍କା ନ ପାଇଲେ ବ୍ୟବସ୍ଥାପକମାନଙ୍କୁ ବିଶେଷ ଅସୁବିଧାରେ ପଡ଼ିବାକୁ ହେବ, ଏଥିରେ ସନ୍ଦେହ ନାହିଁ । ଏହି ଅବସ୍ଥା କଥା ସ୍ମରଣ କରି ସମସ୍ତେ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେବେ ।

ଆଉ ଗୋଟିଏ କଥା ଯେ, ପୌଷ ଦଶ ଦିନ ପୂର୍ବରୁ କେହି ଆସିଲେ ସମ୍ମିଳନୀ ପକ୍ଷରୁ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରିବା ସମ୍ଭବପର ହେବ ନାହିଁ ବୋଲି ସ୍ମରଣ ରଖିବେ । ପରିଶେଷରେ ସବିନୟ ନିବେଦନ, ପୂର୍ବରୁ ନାମ ତାଲିକାଭୁକ୍ତ ନ କରି ହଠାତ୍ ଆସି କେହି ଅନୁଷ୍ଠାତାମାନଙ୍କୁ ବିବ୍ରତ କରିବେ ନାହିଁ । ଆଶାକରୁ ଏ ଅନୁରୋଧକୁ କେହି ଅଗ୍ରାହ୍ୟ କରିବେ ନାହିଁ ।

ନିମ୍ନଲିଖିତ ଠିକଣାରେ ନୀଳାଚଳ ସାରସ୍ୱତ ସଂଘର ସଭାପତିଙ୍କ ନିକଟକୁ ପ୍ରତ୍ୟେକ ଟ.୫ କରି ପଠାଇ ନିଜ ନିଜର ନାମ ତାଲିକାଭୁକ୍ତ କରିବେ । କେହି କୌଣସି ବିଷୟ ଜାଣିବାକୁ ଇଚ୍ଛାକଲେ ରିପ୍ଲାଇ କାର୍ଡ଼ ଦ୍ୱାରା ତାଙ୍କୁ ପତ୍ର ଦେବେ ।

ଶ୍ରୀଯୁକ୍ତ ବନମାଳୀ ଦାଶ, ବି.ଏଲ

ଓକିଲ ପୁରୀ (ଓଡ଼ିଶା)

ସମ୍ମିଳନୀ ବିଜ୍ଞାପନ ଶୁଣି ବନମାଳୀ ଭାଇ କହିଲେ, ‘‘ଠାକୁର ! ବିଜ୍ଞାପନର ଲେଖା ଟିକିଏ କଡ଼ା ବୋଧ ହେଉଛି ।’’

ଶ୍ରୀଶ୍ରୀ ଠାକୁର—‘‘ସେ ଦାୟିତ୍ୱ ମୋର । ତୁମକୁ ଏଥିପାଇଁ କେହି କିଛି କହିବେ ନାହିଁ । ଏହା ନ ହେଲେ ତୁମେମାନେ ଶୃଙ୍ଖଳାରକ୍ଷା କରିପାରିବ ନାହିଁ । ବହୁ ଭକ୍ତ ଆସିଯିବେ ଓ ତୁମମାନଙ୍କୁ ବିବ୍ରତ କରି ପକାଇବେ । ଆହୁରି ମଧ୍ୟ ସେ ସମୟରେ ମୁଁ ନୀଳାଚଳକୁଟୀରରେ ରହିବି ନାହିଁ । ତୁମେମାନେ ମୋତେ ଶୋଭାଯାତ୍ରାରେ ସମ୍ମିଳନୀକୁ ନେଇଯିବ । ମୁଁ ସେହିଠାରେ ତିନି ଦିନ କଟାଇବି । ଏଠାରେ ରହିଲେ ସମସ୍ତଙ୍କ ଆକର୍ଷଣ ଏହି କୁଟୀରରେ ରହିବ । ମୁଁ ମଧ୍ୟ ଭକ୍ତମାନଙ୍କ ସହିତ ଜଗନ୍ନାଥଙ୍କ ମହାପ୍ରସାଦ ପାଇବି । କାରଣ ମୋର ଯଦି ପୃଥକ ଭୋଗ ହୁଏ, ଭକ୍ତମାନେ ସେହି ପ୍ରସାଦ ପାଇବାକୁ କହିବେ । ତେଣୁ ମୁଁ ମହାପ୍ରସାଦ ପାଇବି । ତୁମେମାନେ ସେ ବିଷୟରେ ନିଶ୍ଚିନ୍ତ ରହ । ସମ୍ମିଳନୀର ସମସ୍ତ ବ୍ୟବସ୍ଥା ମୁଁ କରିବି ।’’

ଆମେମାନେ ଆନନ୍ଦରେ ବିଦାୟ ନେଇ ନିଜ ନିଜ ଘରକୁ ଫେରିଲୁ । ବିଜ୍ଞାପନଟି ୧୩୪୨ ସାଲ କାର୍ତ୍ତିକ ସଂଖ୍ୟା ଆର୍ଯ୍ୟଦର୍ପଣରେ ପ୍ରକାଶିତ ହେଲା ।

କିଛିଦିନ ପରେ ଶ୍ରୀଶ୍ରୀ ଠାକୁର ଦେହରକ୍ଷା କରିବାକୁ ସ୍ଥିର କରି ପୁରୀରୁ ବିଦାୟ ହୋଇ ଯିବାର ବିବରଣ ପୂର୍ବରୁ ଦିଆଯାଇଛି । ବିଦାୟ ବେଳେ ପଚାରିବାରୁ କେବଳ ଏକତିକିମାତ୍ର କହିଗଲେ ଯେ, ସମ୍ମିଳନୀର ସାତଦିନ ପୂର୍ବରୁ ଆସିବେ ।

ଶ୍ରୀଶ୍ରୀ ଠାକୁର ପୁରୀରୁ ଯିବାର କିଛିଦିନ ପରେ ସମ୍ବାଦ ପାଇଲୁ ଯେ, ମାର୍ଗଶୀର ତେରଦିନ ଶୁକ୍ରବାର (୨୯ ନଭେମ୍ବର ୧୯୩୫) ଦିବା ଘ. ୧ ।୧୫ ମିନିଟ୍ ସମୟରେ ୪୫ ।୧ ନମ୍ବର ବିଡ଼ନଷ୍ଟ୍ରିଟର ଭଡ଼ାଘରେ ପରମାରାଧ୍ୟତମ ଶ୍ରୀଶ୍ରୀ ଠାକୁର ମହାରାଜ ତାଙ୍କର ପ୍ରାଣପ୍ରିୟ ଶିଷ୍ୟ ଭକ୍ତମାନଙ୍କ ସହିତ ସ୍ଥୂଳ ସମ୍ପର୍କ ତ୍ୟାଗ କରି ବ୍ରହ୍ମନିର୍ବାଣ ଲାଭ କରିଅଛନ୍ତି । ତାଙ୍କର ପୂତ ଶରୀରକୁ ହାଲି ସହରସ୍ଥ ଦକ୍ଷିଣ ବଙ୍ଗଳା ସାରସ୍ୱତ ଆଶ୍ରମରେ ସମାଧି ଦିଆଯାଇଛି ।

ଏହି ମର୍ମନ୍ତୁଦ ଦୁଃସମ୍ବାଦ ପାଇ ବନମାଳୀ ଭାଇ ଓ ମୁଁ କଲିକତା ଗଲୁ ଏବଂ ଯେଉଁ ବିଡ଼ନଷ୍ଟ୍ରିଟ ଗୃହରେ ଶ୍ରୀଶ୍ରୀ ଠାକୁର ସମାଧିସ୍ଥ ହୋଇ ଦେହରକ୍ଷା କରିଥିଲେ ସେଠାକୁ ଯାଇଥିଲୁ । ଶ୍ରୀଶ୍ରୀ ଠାକୁର ନିଜର ଅସୁସ୍ଥତା ବିଷୟ କାହାକୁ ନ ଜଣାଇ ରୋଗକୁ କେବଳମାତ୍ର ନିମିତ୍ତ କରି ମହାସମାଧି ଲାଭ କରିଥିବାରୁ

ତାଙ୍କର ଅନ୍ତରଙ୍ଗ ସନ୍ନ୍ୟାସୀ ତଥା ଗୃହୀଭକ୍ତମାନେ ପ୍ରାଣରେ ତୀବ୍ର ବେଦନା ଅନୁଭବ କରୁଥିଲେ ଏବଂ ଭକ୍ତମାନେ ଉପସ୍ଥିତ ଥିଲେ ଶ୍ରୀଶ୍ରୀ ଠାକୁର ସମାଧିସ୍ଥ ହୋଇ ଦେହରକ୍ଷା କରିପାରି ନ ଥାନ୍ତେ ବୋଲି ଦୃଢ଼ଭାବରେ ବ୍ୟକ୍ତ କଲେ । ଅବଶେଷରେ ଦେହରକ୍ଷା କରିବାର ଦଶମ ଦିବସରେ ସେହି ବିଡ଼ନଷ୍ଟ୍ରିଟ୍ ଗୃହରେ ଟ୍ରଷ୍ଟିମାନଙ୍କର ଗୋଟାଏ ବିଶେଷ ବୈଠକ ହୋଇ ନିମ୍ନଲିଖିତ ସିଦ୍ଧାନ୍ତ ଗୃହୀତ ହେଲା—''ଭକ୍ତସମ୍ମିଳନୀର ବିଗତ ବିଂଶ ବାର୍ଷିକ ଅଧିବେଶନର ସିଦ୍ଧାନ୍ତ ଅନୁଯାୟୀ ଚଳିତ ବର୍ଷ 'ନୀଳାଚଳ ସାରସ୍ୱତ ସଂଘ' ତତ୍ତ୍ୱାବଧାନରେ ପୁରୀଧାମରେ ଏହି ସମ୍ମିଳନୀର ଏକବିଂଶ ବାର୍ଷିକ ଅଧିବେଶନ ହେବାର ସ୍ଥିର ହୋଇଥିଲା ଏବଂ ଉଦ୍ୟୋକ୍ତାମାନେ ପୂର୍ଣ୍ଣ ଉଦ୍ୟମରେ ଏଥର ଆୟୋଜନ ମଧ୍ୟ କରିଥିଲେ । କିନ୍ତୁ ଶ୍ରୀଶ୍ରୀ ଠାକୁରଙ୍କ ଆକସ୍ମିକ ତିରୋଧାନ ପରେ ଏବଂ ବିଶେଷତଃ ହାଲି ସହର ଆଶ୍ରମରେ ତାଙ୍କର ପୂତ ଶରୀରକୁ ସମାଧି ଦିଆହୋଇଥିବାରୁ ସଭାର ବିଶେଷ ଅଧିବେଶନରେ ସର୍ବସମ୍ମତିକ୍ରମେ ଆଗାମୀ ସମ୍ମିଳନୀ ଏହି ପୂତ ସମାଧି-ପୀଠ ହାଲି ସହର ଆଶ୍ରମରେ ହେବାର ସ୍ଥିର ହେଲା ।''

ଆସାମ ବଙ୍ଗୀୟ ସାରସ୍ୱତ ମଠର ଟ୍ରଷ୍ଟିମାନେ ଏବଂ ଉପସ୍ଥିତଥିବା ହରପ୍ରସାଦ ଭାଇ ପ୍ରଭୃତି ଅନ୍ତରଙ୍ଗ ଭକ୍ତମାନେ ସମ୍ମିଳନୀର ସ୍ଥାନ ପରିବର୍ତ୍ତନମୂଳକ ନିର୍ଦ୍ଧାରଣ କରିବା ପୂର୍ବରୁ ବନମାଳୀ ଭାଇଙ୍କୁ ଆପତ୍ତି ନ କରିବାକୁ ଅନୁରୋଧ କରିଥିଲେ ଏବଂ ହାଲି ସହର ଆଶ୍ରମରେ ସମାଧି ଦିଆଯାଇଥିବାରୁ ଶିଷ୍ୟ ଭକ୍ତମାନଙ୍କ ପ୍ରାଣ ସେଠାକୁ ସ୍ୱାଭାବିକ ଭାବରେ ଆକୃଷ୍ଟ ହେବ ଜାଣି ପୁରୀ ସମ୍ମିଳନୀ ସେ ବର୍ଷ ସ୍ଥଗିତ ରଖିବାକୁ ସ୍ଥିର କରିଥିଲେ । ଦେହରକ୍ଷା ପରେ ଉକ୍ତ ଗୃହରେ ସୁସଜ୍ଜିତ ଏବଂ ପୂଜିତ ଶ୍ରୀଶ୍ରୀ ଠାକୁରଙ୍କ ଶଯ୍ୟା ଆସନକୁ ପ୍ରଣାମ କରି ଆମେମାନେ ଭଗ୍ନ ମନୋରଥ ହୋଇ ପୁରୀକୁ ଫେରିଲୁ । ହାଲି ସହର ସମ୍ମିଳନୀ ଦେଖିବା ନିମିତ୍ତ ପ୍ରାଣ ବ୍ୟାକୁଳ ହେଲା । ଯଥା ସମୟରେ ଆମେମାନେ ସମ୍ମିଳନୀରେ ଯୋଗଦାନ କଲୁ ଏବଂ ସେଠାରେ ଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶ କଥା ଭକ୍ତମାନଙ୍କୁ ଜଣାଇ ପରବର୍ତ୍ତୀ ବର୍ଷ ପାଇଁ ପୁରୀକୁ ଭକ୍ତସମ୍ମିଳନୀ ନିମନ୍ତ୍ରଣ କଲୁ । ଶ୍ରୀଶ୍ରୀ ଠାକୁର ବଙ୍ଗଳାରୁ ପୁରୀକୁ ଫେରିବାପରେ ପ୍ରଥମଦିନ ସମୁଦ୍ରକୂଳରେ 'ନିକଟବର୍ତ୍ତୀ କୌଣସି ଭକ୍ତସମ୍ମିଳନୀ ଥରେ ଦେଖି ପୁରୀରେ ସମ୍ମିଳନୀ କରିବାକୁ' କାହିଁକି କହିଥିଲେ, ଆଜି ହାଲି ସହର ସମ୍ମିଳନୀରୁ ଫେରିବାବେଳେ ତାହା ବୁଝିପାରିଲୁ । ସମ୍ମିଳନୀ

ସାତଦିନ ଥାଇ ଆସିବେ ବୋଲି କହିଥିବା କଥା କିପରି ସତ୍ୟ ହେବ ଦେଖିବାକୁ କେବଳ ବାକୀ ରହିଲା । କିଛିଦିନ ପରେ ସୁରମା ପୁରୀକୁ ଫେରିଲେ । ଶ୍ରୀଶ୍ରୀ ଠାକୁର ଆମମାନଙ୍କ ପ୍ରତି କିପରି ଭାବ ରଖି ସମ୍ମିଳନୀର ଆୟୋଜନ କରୁଥିଲେ, ତାହା ମାଆଙ୍କଠାରୁ ଶୁଣିଲୁ ।

ଭକ୍ତସମ୍ମିଳନୀ ଆୟୋଜନରେ ଆମମାନଙ୍କର ଉଦାସୀନ ଭାବ ଦେଖି ଅନ୍ନଦା ବ୍ରହ୍ମଚାରୀ ସମୟେ ସମୟେ ଶ୍ରୀଶ୍ରୀ ଠାକୁରଙ୍କୁ ଚେତାଇଦେଇ କହୁଥିଲେ, "ଠାକୁର ! ଏମାନେ କିଛି କରୁନାହାନ୍ତି, ସମ୍ମିଳନୀ କିପରି ହେବ ?" ଆଉଥରେ ମହାସମାଧିର କିଛିଦିନ ପୂର୍ବରୁ ଜଣେ ଭକ୍ତ କଲିକତାରେ ପ୍ରଶ୍ନ କଲେ, "ପୁରୀରେ ଆଶ୍ରମ ନ ଥାଇ ଭକ୍ତସମ୍ମିଳନୀ କିଏ ଡାକିଲା ?" "ସ୍ୱୟଂ କର୍ତ୍ତା ପୁରୀକୁ ସମ୍ମିଳନୀ ଆହ୍ୱାନ କରିଛନ୍ତି" ବୋଲି ଠାକୁର ଜୋରଦେଇ କହିଲେ । ଉପରୋକ୍ତ କଥାରୁ ଶ୍ରୀଶ୍ରୀ ଠାକୁରଙ୍କର ଆମମାନଙ୍କ ପ୍ରତି ଅଜସ୍ର କୃପା ଓ ଆଶୀର୍ବାଦର ପ୍ରମାଣ ପାଇଁ ଆମେମାନେ ଦ୍ୱିଗୁଣ ଉତ୍ସାହରେ ସମ୍ମିଳନୀ କାର୍ଯ୍ୟରେ ଲାଗିଗଲୁ ।

୧୩୪୨ ସାଲ କାର୍ତ୍ତିକ ସଂଖ୍ୟା ଆର୍ଯ୍ୟଦର୍ପଣରେ ପୁରୀ ସମ୍ମିଳନୀ ପାଇଁ ଶ୍ରୀଶ୍ରୀ ଠାକୁର ବନମାଳୀ ଭାଇଙ୍କ ନାଁରେ ଯେଉଁ ବିଜ୍ଞାପନ ପ୍ରକାଶ କରିଥିଲେ ଅବିକଳ ସେହି ଭାଷାରେ ପୁରୀଠାରେ ଡକାଯାଇଥିବା ଭକ୍ତସମ୍ମିଳନୀର ଦ୍ୱାବିଂଶ ବାର୍ଷିକ ଅଧିବେଶନ ପାଇଁ ବନମାଳୀ ଭାଇଙ୍କ ନାଁରେ ଏକ ବିଜ୍ଞାପନ ୧୩୪୩ ସାଲ ମାର୍ଗଶୀର ସଂଖ୍ୟା ଆର୍ଯ୍ୟଦର୍ପଣରେ ପ୍ରକାଶିତ ହେଲା ।

ଭକ୍ତସମ୍ମିଳନୀ ନିକଟ ହୋଇଆସିଲା । ଠିକ୍ ସାତଦିନ ପୂର୍ବ ରାତିରେ ମୁଁ ଟିକିଏ ତନ୍ଦ୍ରାଭିଭୂତ ଅବସ୍ଥାରେ ଦେଖିଲି, ଶ୍ରୀଶ୍ରୀ ଠାକୁର ସ୍ଥୂଳ ଶରୀରରେ ମୋ ସମ୍ମୁଖରେ ଦଣ୍ଡାୟମାନ । ଦେହତ୍ୟାଗ ପରେ ସ୍ଥୂଳଶରୀରେ କିପରି ଉପସ୍ଥିତ ହେଲେ ବୋଲି ମୁଁ ପଚାରିବାରୁ, ଶ୍ରୀଶ୍ରୀ ଠାକୁର କହିଲେ, "ଦେଖ, ମୋର ସ୍ଥୂଳଦେହ ନ ଥିଲେ ମଧ୍ୟ ମୁଁ ଅଛି, ମୁଁ ମରି ନାହିଁ । ତେବେ ଯେଉଁ ପ୍ରତିଶ୍ରୁତି ଦେଇଥିଲି ତାହା ରକ୍ଷା କରିବା ନିମିତ୍ତ ମୁଁ ସମ୍ମିଳନୀର ସାତ ଦିନ ଆଗରୁ ଆସି ପହଞ୍ଚିଛି ।" ଏହା ଶୁଣି ମୁଁ ପଚାରିଲି, "ଠାକୁର ପୂର୍ବେ ଯେପରି ଆପଣଙ୍କର ସହିତ ସମୁଦ୍ରକୂଳରେ ଭ୍ରମଣ କରୁଥିଲୁ ଆପଣଙ୍କ ବର୍ତ୍ତମାନର ଏ ମୂର୍ତ୍ତି ସହିତ ସେହିପରି କରିପାରିବୁଟି ?"

ଶ୍ରୀଶ୍ରୀ ଠାକୁର—ହଁ ହୋଇପାରିବ । ତାହାହେଲେ ଚାଲ ସମୁଦ୍ରକୂଳରେ ବୁଲି ଆସିବା । ତୁମେମାନେ ମୋ ଦେହରକ୍ଷା ପରେ କିଏ କିପରି ମନ କଷ୍ଟ କରିଛ ମୁଁ ସବୁ ଜାଣେ । ମୁଁ ପୂର୍ବରେ ଯେପରି ଥିଲି, ବର୍ତ୍ତମାନ ସେହିପରି ଅଛି । ପ୍ରୟୋଜନ ହେଲେ ମୋତେ ଡାକିଲେ ମୁଁ ଦର୍ଶନ ଦେବି ।'' ଏହାପରେ ଶ୍ରୀଶ୍ରୀ ଠାକୁର କିଛିକ୍ଷଣ ଭ୍ରମଣ କରିବା ପରେ ଅନ୍ତର୍ଦ୍ଧାନ ହେଲେ ।

ଏହି ଘଟଣା ପରେ ବୁଝାଗଲା ଯେ, ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିଶ୍ରୁତି ସବୁ ସତ୍ୟ । ସ୍ଥୁଳ, ସୂକ୍ଷ୍ମ ଓ କାରଣ ଅବସ୍ଥାରେ ସେ ସମାନ ଭାବରେ ବିରାଜିତ । ଏହି ଘଟଣାରୁ ବୁଝିଲୁ, ଶ୍ରୀଶ୍ରୀ ଠାକୁର ଅଛନ୍ତି । ତାଙ୍କୁ ସ୍ମରଣ କଲେ, ଭକ୍ତ ଯେଉଁ ଭାବରେ ଚାହିଁବ, ସେହି ଭାବରେ ତାଙ୍କ ସହିତ ଲୀଳାଖେଳା ବର୍ତ୍ତମାନ ମଧ୍ୟ କରିପାରିବ । ଗୁରୁ ସବୁ ସମୟରେ ସତ୍ୟ, ତାଙ୍କର ଉପଦେଶ ମଧ୍ୟ ସବୁ ସମୟରେ କାର୍ଯ୍ୟକାରୀ ।

ଭକ୍ତ ସମ୍ମିଳନୀର ଦ୍ୱାବିଂଶ ବାର୍ଷିକ ଅଧିବେଶନ—

୧୩୪୩ ସାଲରେ ପୁରୀଠାରେ ହୋଇଥିବା ସାର୍ବଭୌମ ଭକ୍ତ ସମ୍ମିଳନୀର ଦ୍ୱାବିଂଶ ବାର୍ଷିକ ଅଧିବେଶନ ଓଡ଼ିଶାରେ ପ୍ରଥମ ସାର୍ବଭୌମ ଭକ୍ତ ସମ୍ମିଳନୀ । ଜଣେ ପ୍ରତ୍ୟକ୍ଷଦର୍ଶୀ ଭକ୍ତ * ପୁରୀ ଭକ୍ତସମ୍ମିଳନୀ ବିଷୟରେ ଆର୍ଯ୍ୟଦର୍ପଣରେ 'ନୀଳାଚଳପଥେ' ନାମକ ପ୍ରବନ୍ଧରେ ଯାହା ବର୍ଣ୍ଣନା କରିଥିଲେ, ସେଥିରୁ କିୟଦଂଶ ନିମ୍ନରେ ଦିଆଗଲା । ପୁରୀ ଭକ୍ତସମ୍ମିଳନୀ କିପରି ପୂର୍ଣ୍ଣ ସଫଳତାର ସହିତ ସୁସମ୍ପନ୍ନ ହୋଇଥିଲା ତାହା ଏଥିରୁ ଜଣାଯିବ ।

''ଦିନ ଗୋଟାକବେଳେ ହାବଡ଼ା ଷ୍ଟେସନ ପୁରୀ ପାସେଞ୍ଜର୍ ଗାଡ଼ିରେ ଆମେ ବତିଶ ଜଣ ଭକ୍ତ ପୁରୀ ଅଭିମୁଖେ ଯାତ୍ରାକଲୁ । ଏକମନ, ଏକପ୍ରାଣ, ଏକଲକ୍ଷ୍ୟ ଥିବା ଏହି ସମ୍ମିଳିତ ଯାତ୍ରୀଦଳ ଭିତରକୁ କାହାର ପ୍ରବେଶ କରିପାରିବା ସମ୍ଭବପର ନ ଥିଲା । ଆନନ୍ଦପୂର୍ଣ୍ଣ 'ଜୟଗୁରୁ' ଧ୍ୱନିମୁଖରିତ ଏହି ପ୍ରକୋଷ୍ଠ ଅଭ୍ୟନ୍ତରକୁ ଆଉକେହି ପ୍ରବେଶ କରିବାକୁ ସାହସ କଲେ ନାହିଁ । ଆମେମାନେ

* ପ୍ରତ୍ୟକ୍ଷଦର୍ଶୀ ଶ୍ରୀମତ୍ ଶକ୍ତିଚୈତନ୍ୟ ବ୍ରହ୍ମଚାରୀ (ସିଦ୍ଧାନନ୍ଦ ସରସ୍ୱତୀ) । ପ୍ରବନ୍ଧଟି ପୁସ୍ତକାକାରରେ ମଧ୍ୟ ପ୍ରକାଶିତ ହୋଇଛି । ସମ୍ମିଳନୀର ସଂକ୍ଷିପ୍ତ ବିବରଣୀ ୧୩୪୩ ସାଲ ପୌଷ ସଂଖ୍ୟା ଆର୍ଯ୍ୟଦର୍ପଣରେ ମଧ୍ୟ ପ୍ରକାଶିତ ହୋଇଥିଲା ।

ନିର୍ବିବାଦରେ, ନିରୁଦ୍‌ବେଗରେ, ଆନନ୍ଦ ସହକାରେ 'ଜୟଗୁରୁ' ନାମ-ମାହାତ୍ମ୍ୟ କୀର୍ତ୍ତନ କରି କରି ପ୍ରତି ଷ୍ଟେସନରେ ଜୟଧ୍ୱନି ଦେଇ ଦେଇ, ନୀଳାଚଳ ପଥରେ ଅଗ୍ରସର ହେବାକୁ ଲାଗିଲୁ । ସମ୍ମିଳନୀର ଭୂମିକାରୂପେ ସଂକ୍ଷିପ୍ତ ଭାବରେ ଆମେ ସ୍ତୋତ୍ରବନ୍ଦନା, ଗାନକୀର୍ତ୍ତନ, ବକ୍ତୃତା, ଆନନ୍ଦସଭା ପ୍ରଭୃତି ସମ୍ମିଳନୀର ଯାବତୀୟ ଆନନ୍ଦ ଉପଭୋଗ ଏହି ଯାତ୍ରାପଥରେ କରନେଲୁ । ସେ ଯେ କି ଆନନ୍ଦ, ତାହା ଭୁକ୍ତଭୋଗୀ ଭିନ୍ନ କେହି ଉପଲବ୍ଧି କରିପାରିବେ ନାହିଁ ।

ରେଳବାଇ ଧର୍ମଘଟ ହେତୁ ଗାଡ଼ି ଦୁଇ ତିନିଘଣ୍ଟା ବିଳମ୍ବରେ ପହଞ୍ଚିଲା । ଆମେମାନେ ନିଜ ନିଜ ଜିନିଷପତ୍ର ଗୋଟିଏ ଗାଡ଼ିରେ ଲଦିଦେଇ ଜୟଗୁରୁ ନାମ ମାହାତ୍ମ୍ୟ କୀର୍ତ୍ତନ କରି କରି ଚାଲିଲୁ । ଏହି ସେହି ପୁରୀଧାମ, ଯେଉଁଠାରେ ଶ୍ରୀଶ୍ରୀ ଜଗନ୍ନାଥ ସ୍ୱାମୀ ପୁରୁଷୋତ୍ତମ ରୂପେ ଅଧିଷ୍ଠିତ ରହି ଆସମୁଦ୍ରହିମାଚଳ ଭାରତର ହିନ୍ଦୁ ନରନାରୀଙ୍କୁ ତାଙ୍କ ଆଡ଼କୁ ଆକର୍ଷଣ କରୁଛନ୍ତି—ଏହି ସେହି ପୁରୁଷୋତ୍ତମକ୍ଷେତ୍ର, ଯେଉଁଠାରେ ପୁରୁଷୋତ୍ତମଙ୍କ ପ୍ରଭାବ ଜାତି, କୁଳ, ମାନର ସଂକୀର୍ଣ୍ଣ ଗଣ୍ଡି ଅତିକ୍ରମ କରି ମାନବ ମାତ୍ରକେ ଏକ ଅଦ୍ୱୈତ ମିଳନ ଭୂମିରେ ସମ୍ମିଳିତ କରୁଅଛି—ଏହି ସେହି ନୀଳାଚଳକ୍ଷେତ୍ର, ଯେଉଁଠାରେ ଅନନ୍ତ ନୀଳାମ୍ବୁଧି ଅନନ୍ତ ନୀଳାକାଶରେ ମିଶି ତଟସ୍ଥ ଭକ୍ତର ପ୍ରାଣରେ ଅନନ୍ତର ଆଭାସ ଜାଗ୍ରତ କରିଦିଏ । ବୌଦ୍ଧଧର୍ମ ପରିପ୍ଲାବିତ ପୂର୍ବଭାରତରେ ସନାତନ ଧର୍ମର ପୁନଃପ୍ରତିଷ୍ଠା କଳ୍ପେ ଆଚାର୍ଯ୍ୟ ଶଙ୍କର ଗୋବର୍ଦ୍ଧନ ମଠ ପ୍ରତିଷ୍ଠା କରି ବୈଦିକ ଧର୍ମର ବିଜୟ ବୈଜୟନ୍ତୀ ଏହିଠାରେ ଉଡ଼ାଇଥିଲେ । ଅନୁଭୂତିଶୂନ୍ୟ ଶୁଷ୍କ ନୀରସ ଜ୍ଞାନଚର୍ଚ୍ଚାରେ ଜର୍ଜ୍ଜରିତପ୍ରାଣ ଦେଶବାସୀଙ୍କ ପ୍ରାଣରେ ପ୍ରେମର ପ୍ଲାବନ ବୁହାଇଦେଇ ମହାପ୍ରଭୁ ଶ୍ରୀଗୌରାଙ୍ଗଦେବ ଏହି କ୍ଷେତ୍ରରେ ପ୍ରେମର ବନ୍ୟା ପ୍ରବାହିତ କରିଦେଇଥିଲେ । ପ୍ରଭୁପାଦ ବିଜୟକୃଷ୍ଣ ଗୋସ୍ୱାମୀ (ଜଟିଆବାବା), ଭକ୍ତକୁଳ ଚୂଡ଼ାମଣି ଶ୍ରୀ ରାଧାଚରଣ ଦାସ ବାବାଜୀ ଏହି ଧାମକୁ ସେମାନଙ୍କର ଶେଷ ଲୀଳାସ୍ଥଳୀରୂପେ ବରଣ କରି ନେଇଥିଲେ । ଆମମାନଙ୍କ ହୃଦୟର ଆରାଧ୍ୟଦେବତା ମଧ୍ୟ ଏହି ପୁରୁଷୋତ୍ତମ ଧାମକୁ ଶେଷ ବିଶ୍ରାମସ୍ଥଳରୂପେ ବାଛି ନେଇଥିଲେ । ଏହି ଧାମକୁ ଶତ ଶତ ନମସ୍କାର ! ଏହାର ପ୍ରତି ଧୂଳିକଣା, ଆକାଶ, ବାୟୁ ସେମାନଙ୍କର ପଦରେଣୁ ସ୍ପର୍ଶରେ, ସେମାନଙ୍କର ଭାବର ସମ୍ମିଶ୍ରଣରେ ପବିତ୍ରୀକୃତ ହୋଇଅଛି । ଏଠାକୁ ଆସିଲେ ଯେପରି ସେମାନଙ୍କର ଭାବ, ସେମାନଙ୍କ ପ୍ରେରଣା ଓ ସେମାନଙ୍କ ସ୍ମୃତିରେ ହୃଦୟ ପୂରିଉଠେ ।

ସମ୍ମିଳନୀକ୍ଷେତ୍ର କେଉଁଠାରେ ଜଣା ନ ଥିବାରୁ ଏବଂ ଆଗରୁ ଚିଠିପତ୍ର ନ ଦେଇ ସମ୍ମିଳନୀର ବହୁପୂର୍ବରୁ ଆସି ପହଞ୍ଚିଯାଇଥିବାରୁ ଉଦ୍ୟୋକ୍ତାମାନଙ୍କ ପକ୍ଷରୁ କେହି ଷ୍ଟେସନରେ ଉପସ୍ଥିତ ନ ଥିଲେ । ଯାହାହେଉ ଶେଷରେ 'ନୀଳାଚଳ କୁଟୀର' ଅଭିମୁଖରେ ଯାତ୍ରା କଲୁ । ଆମ ଦଳ କିଛିଦୂର ଅଗ୍ରସର ହେବାପରେ ଆମ ଭିତରୁ ଜଣେ 'ଭାଇ' ବଡ଼ଦାଣ୍ଡର ଡାହାଣପଟେ ଗୋଟିଏ ଧର୍ମଶାଳା ଦେଖାଇ କହିଲେ, ''ଗତବର୍ଷ ଏହିଠାରେ ସମ୍ମିଳନୀ ହେବାର କଥା ଥିଲା । ଶ୍ରୀଶ୍ରୀ ଠାକୁର ନିଜେ ସମ୍ମିଳନୀ ପାଇଁ ଏହି ସ୍ଥାନ ବାଛିଥିଲେ ।'' ତାଙ୍କର ଏହି କଥା ଶୁଣି ମନେହେଲା ''ଏଥର କ'ଣ ଆଉ ଏଠାରେ ସମ୍ମିଳନୀ ହେବନାହିଁ ? ଠାକୁରଙ୍କ ଅଭିପ୍ରାୟ କ'ଣ ଆଉ ପୂର୍ଣ୍ଣ ହେବ ନାହିଁ ?'' କାରଣ ଅଳ୍ପଦିନ ପୂର୍ବେ ସମ୍ବାଦ ମିଳିଥିଲା ଯେ, ଗତବର୍ଷର ସମ୍ମିଳନୀ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଧର୍ମଶାଳାଟି ଏଥର ମିଳିବାର ସମ୍ଭାବନା ନାହିଁ । ତେଣୁ ବୋଧହୁଏ ବାଧହୋଇ ଅନ୍ୟଠାରେ ସମ୍ମିଳନୀ କରାଯାଉଛି । ଏହିସବୁ କଥା ଭାବି ଭାବି ଜୟଗୁରୁ କୀର୍ତ୍ତନ କରି ଚାଲିଛୁଁ; ହଠାତ୍ ଆମମାନଙ୍କ ଓଡ଼ିଶାବାସୀ ସତୀର୍ଥଭାଇମାନେ ଜୟଗୁରୁ ସମ୍ଭାଷଣ ଜଣାଇ ଆମର ଗତିରୋଧ କରି କହିଲେ, ''ଆପଣମାନେ ଫେରନ୍ତୁ । ସମ୍ମିଳନୀ ସ୍ଥାନ ଯେ ପଛରେ ଛାଡ଼ି ଆସିଲେ ! ଗଲାବର୍ଷ ଶ୍ରୀଶ୍ରୀଠାକୁର ଯେଉଁ ଧର୍ମଶାଳାରେ ସମ୍ମିଳନୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏଥର ସମ୍ମିଳନୀ ମଧ୍ୟ ସେହିଠାରେ ହେବାର ଠିକ୍ ହୋଇଅଛି ।'' ଏକଥା ଶୁଣିଲାକ୍ଷଣି ଆନନ୍ଦରେ ହୃଦୟ ପୂରିଉଠିଲା । ବୁଝିଲୁ ଶ୍ରୀଶ୍ରୀ ଠାକୁରଙ୍କ ଇଚ୍ଛାର ଗତିରୋଧ କରିବ ଏପରି ସାଧ୍ୟ ଜଗତରେ କାହାରି ନାହିଁ । ତାଙ୍କ ଇଚ୍ଛାରେ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ । ସମ୍ମିଳନୀକ୍ଷେତ୍ର ଅନୁସନ୍ଧାନରେ 'ନୀଳାଚଳ କୁଟୀର' ପଥରେ ଆମେମାନେ ଅଗ୍ରସର ହେଉଥିଲୁ । ସହସା ଅର୍ଦ୍ଧପଥରେ ମାର୍ଗର ସନ୍ଧାନ ପାଇବା ତାଙ୍କର ଅହୈତୁକୀ କୃପା ଭିନ୍ନ ଆଉ କ'ଣ ହୋଇପାରେ ? ଆନନ୍ଦରେ ସେହି ଧର୍ମଶାଳା ଆଡ଼କୁ ଚାଲିଲୁ । ଯାଇ ଦେଖିଲୁ, ପ୍ରକାଣ୍ଡ ଧର୍ମଶାଳା ପତ୍ର ପୁଷ୍ପରେ ସୁଶୋଭିତ, ବିସ୍ତୃତ ପ୍ରାଙ୍ଗଣ; ଶ୍ରେଣୀବଦ୍ଧଭାବରେ ଅନେକଗୁଡ଼ିଏ ପ୍ରକୋଷ୍ଠ ସେଥିରେ ଅଛି, ଯହିଁରେ କି ଅନ୍ତତଃ ଦୁଇଶହ ଭକ୍ତ ଅବସ୍ଥାନ କରିପାରିବେ । ଆମେମାନେ ଆଗ ଆସିଥିବାରୁ ଏହି ଦୋମହଲା ଧର୍ମଶାଳା କୋଠାରେ ଆସ୍ଥାନ ଜମାଇ ରହିଲୁ । ପରିଷ୍କୃତ ପରିଚ୍ଛନ୍ନ ସୁବିସ୍ତୃତ ସ୍ଥାନ । ସର୍ବପ୍ରକାର ବ୍ୟବସ୍ଥାର ସାମଞ୍ଜସ୍ୟପୂର୍ଣ୍ଣ ସମାବେଶ

ଦେଖି ଆମେମାନେ ମୁଗ୍ଧ ହୋଇଗଲୁ । ବିଜ୍ଞାପିତ ଦିନର ବହୁପୂର୍ବରୁ ଆସିଥିଲେ ମଧ୍ୟ ଆମମାନଙ୍କୁ କୌଣସି ପ୍ରକାର ଅସୁବିଧାରେ ପଡ଼ିବାକୁ ହୋଇ ନ ଥିଲା ।

ସମ୍ମିଳନୀ ଉଦ୍ୟୋକ୍ତାମାନଙ୍କ ପକ୍ଷରୁ ଆମମାନଙ୍କ ପାଇଁ ମହାପ୍ରସାଦର ବନ୍ଦୋବସ୍ତ ହୋଇଗଲା । ଏଠାରେ ରନ୍ଧାବଢ଼ାର କୌଣସି ପ୍ରୟୋଜନ ନାହିଁ । ଯଥାସମୟରେ ମହାପ୍ରସାଦ ଆସି ପହଞ୍ଚିଯାଏ । ମହାପ୍ରସାଦରେ ତ ସ୍ପର୍ଶଦୋଷ ନାହିଁ !

ଆମମାନଙ୍କ ବାସସ୍ଥାନ ନିକଟରେ ନରେନ୍ଦ୍ର ସରୋବର । ସମସ୍ତେ ମିଶି ସେଠାରେ ସ୍ନାନ କରିବାକୁ ଗଲୁ । ସରୋବରଟି ବେଶ୍ ସୁନ୍ଦର ଓ ସୁବିସ୍ତୃତ । ଉତ୍ତର ଦିଗରେ ପ୍ରଭୁପାଦ ବିଜୟକୃଷ୍ଣ ଗୋସ୍ୱାମୀଙ୍କର ସମାଧି ମନ୍ଦିର ଓ ବିସ୍ତୃତ ଆଶ୍ରମ । ଯଥାସମୟରେ ମହାପ୍ରସାଦ ଆସି ଉପସ୍ଥିତ ହେଲା । ସେହି ଭାରବାହୀମାନେ ମଧ୍ୟ ପରିବେଷଣ କଲେ । ସେମାନେ ଯେ କି ଜାତି ତାହା ଜାଣିବାର ପ୍ରୟୋଜନ ନାହିଁ । ଜାତିକୂଳର ଗର୍ବ ଅହଙ୍କାର ଏଠାରେ ବିଚୂର୍ଣ୍ଣିତ । ମାନ ଅଭିମାନ ସ୍ଥାନ ଏଠାରେ ନାହିଁ । ଏହାହିଁ ଜଗନ୍ନାଥଙ୍କର ମାହାତ୍ମ୍ୟ । ଜଗନ୍ନାଥ କ୍ଷେତ୍ରରେ ପ୍ରବେଶ କଲେ ପ୍ରକୃତିଗତ ବୈଷମ୍ୟ, ଆଭିଜାତ୍ୟର ଗର୍ବ ଆତ୍ମପ୍ରଭାବ ବିସ୍ତାର କରିପାରେ ନାହିଁ । ସେଠାରେ ସବୁ ଏକ । ଏକ ଜାତି, ଏକ ମନ, ଏକ ପ୍ରାଣ । ଗୁଣାତୀତ ଅବସ୍ଥାରେ ନିର୍ଗୁଣ ଭୂମିକାରେ ସଗୁଣ ନିର୍ଗୁଣର ସନ୍ଧିସ୍ଥଳ, ସାନ୍ତ ଅନନ୍ତର ସଂଯୋଗଭୂମି ଏହି ପବିତ୍ର ଧାମ ସର୍ବଜାତିର, ସର୍ବଗୁଣର, ସର୍ବଭାବର ସମ୍ମିଳନୀ କ୍ଷେତ୍ର ।

ଆଜିକାଲି ଅସ୍ପୃଶ୍ୟତା ଦୂରୀକରଣର ଆନ୍ଦୋଳନ ଚାରିଆଡ଼େ ପ୍ରବଳଭାବରେ ଚାଲୁଛି । ଚାରିଆଡ଼େ ଆଜି ମହାମିଳନର ଜୟଗାଥା ବିଘୋଷିତ ହେଉଛି । କିନ୍ତୁ ଏଠାରେ ସେ ଆନ୍ଦୋଳନର କୌଣସି ପ୍ରୟୋଜନ ନାହିଁ । ବିନା ଆନ୍ଦୋଳନରେ, ବିନା ପ୍ରଚାରରେ ସ୍ମରଣାତୀତ କାଳରୁ ଏହି କ୍ଷେତ୍ର ମହାମିଳନର ବାଣୀ ପ୍ରଚାର କରି ଆସୁଛି । ସେ ଯେପରି ଉଦାର କଣ୍ଠରେ ବିଶ୍ୱବାସୀଙ୍କୁ ଆହ୍ୱାନ କରୁଛି— ଭ୍ରାନ୍ତ ମାନବ ! ଗୁଣବୈଷମ୍ୟ ଭିତରେ ଅବସ୍ଥାନ କରି ଗୁଣସାମ୍ୟାବସ୍ଥା କାମନା କରୁଛ ? ବିରୋଧ ବିଭେଦ ରାଜ୍ୟରେ ବାସ କରି, ଚାହୁଁଛ ବିରୋଧର ନିରସନ ? ଏକପ୍ରାଣତା ? ତାହା କ'ଣ କେବେ ସମ୍ଭବପର ? ଚାଲି ଆସ ଏହି ପୁରୁଷୋତ୍ତମ ଧାମକୁ, ନିର୍ଗୁଣ ଭୂମିକୁ । ଏଠାରେ କୌଣସି ବିଭେଦ ନାହିଁ, ବୈଷମ୍ୟ ନାହିଁ; ସବୁ ଏକାକାର ।

ଅନ୍ତରର ଗୁଣ ସାମ୍ୟାବସ୍ଥାର ବାହ୍ୟପ୍ରକାଶ ଶ୍ରୀଶ୍ରୀ ଜଗନ୍ନାଥ ଧାମ । ସେଠାକୁ ଗଲେ ମନୁଷ୍ୟର କିପରି ଅବସ୍ଥା ହୁଏ, ତାହାର ପରିଚୟ ଏହି ଧାମରେ ମିଳେ ।

ଆମ ସମ୍ମିଳନୀରେ ମଧ୍ୟ ଆମେମାନେ ତାହା ହିଁ ଅନୁଭବ କରୁଅଛୁ । ଶ୍ରୀଶ୍ରୀ ଠାକୁର ଆମର ପୁରୁଷୋତ୍ତମ ଓ ଏହି ସମ୍ମିଳନୀ ହିଁ ପୁରୁଷୋତ୍ତମ କ୍ଷେତ୍ର । ଏଠାରେ ଜାତି, କୁଳ, ଗର୍ବ, ଅଭିମାନର ସ୍ଥାନ ନାହିଁ । ଶ୍ରୀଶ୍ରୀ ଠାକୁର କହିଛନ୍ତି, ''ଦେଖ, ଗୁରୁଙ୍କ ନିକଟରେ କୌଣସି ଜାତିବିଚାର ନାହିଁ; ସାମାଜିକ ବିଧି ନିଷେଧ ନାହିଁ । କାରଣ ଗୁରୁ ଯେ ନିର୍ଗୁଣ ! ସବୁ ପ୍ରକାର ଗୁଣ ତାଙ୍କଠାରେ ବିଲୀନ ।'' ତେଣୁ ଶାସ୍ତ୍ରକାରମାନେ ଘୋଷଣା କରିଛନ୍ତି, 'ମନ୍ନାଥଃ ଶ୍ରୀ ଜଗନ୍ନାଥ, ମଦ୍‌ଗୁରୁ ଶ୍ରୀ ଜଗଦ୍‌ଗୁରୁଃ' । ଗୁରୁଧାମ ଏବଂ ଜଗନ୍ନାଥ ଧାମ ଏକ । ସେଠାରେ କିଛି ପ୍ରଭେଦ ନାହିଁ ।

ମହାନନ୍ଦରେ ମହାପ୍ରସାଦ ଗ୍ରହଣ କରି ବିଶ୍ରାମ କଲୁ । ଶୁଣିଲୁ ସମ୍ମିଳନୀରେ ମଧ୍ୟ ରନ୍ଧାବଢ଼ା ନ ହୋଇ ମହାପ୍ରସାଦର ବ୍ୟବସ୍ଥା ହୋଇଛି । ଏଥିରେ ସମ୍ମିଳନୀ କାର୍ଯ୍ୟରେ ଯଥେଷ୍ଟ ସମୟ ମିଳିବ ଏବଂ ସମସ୍ତେ ନିଶ୍ଚିନ୍ତ ମନରେ ଏଥିରେ ଯୋଗ ଦେଇପାରିବେ । ସବୁ ତାଙ୍କରି କୃପା !

ନୀଳାଚଳ କୁଟୀର

ବିଶ୍ରାମ କରି ସାରିବା ପରେ ଉପରବେଳା ଶ୍ରୀଶ୍ରୀ ଠାକୁରଙ୍କ ଶେଷ ବିଶ୍ରାମସ୍ଥଳ 'ନୀଳାଚଳ କୁଟୀର' ଅଭିମୁଖରେ ଯାତ୍ରା କଲୁ । ଜୀବନର ଶେଷ ବାର ବର୍ଷ ଏହି କୁଟୀରରେ ସେ କଟାଇ ଯାଇଅଛନ୍ତି । ପ୍ରବନ୍ଧଲେଖକ ପ୍ରଥମେ ସନ୍ନ୍ୟାସ ଗ୍ରହଣର ଅନୁମତି ନେବା ନିମିତ୍ତ ଏଠାକୁ ଆସିଥିଲେ । କିନ୍ତୁ ଆଶ୍ରମ ଜୀବନଯାପନ କଲା ପରେ ଏଠାକୁ ଆସିବାର ସୌଭାଗ୍ୟ ତାଙ୍କର ଆଉ ଘଟି ନ ଥିଲା । ୧୩୪୨ ସାଲ ମଠ ଭକ୍ତ ସମ୍ମିଳନୀରେ ଯେତେବେଳେ ଉତ୍କଳବାସୀ ଭକ୍ତମାନଙ୍କ ପକ୍ଷରୁ ପତିନିଧି ଭାବରେ ଠାକୁର ନିଜେ ପୁରୀ ସମ୍ମିଳନୀର ଆହ୍ୱାନ କଲେ, ସେତିକିବେଳେ ଆନନ୍ଦରେ ପ୍ରାଣ ନାଚି ଉଠିଥିଲା ଯେ ତାଙ୍କର ସାଗରତୀର ଆବାସସ୍ଥଳୀରେ ପୁଣି ତାଙ୍କୁ ଦେଖିବି ବୋଲି, ପୁଣି ତାଙ୍କ ସହିତ ସମୁଦ୍ର ଭ୍ରମଣକୁ ବାହାରି ତାଙ୍କର ଉପଦେଶାମୃତ ପାନ କରିବି ବୋଲି । ବର୍ଷ ତମାମ ଏହି ଆନନ୍ଦ କଳ୍ପନାରେ ବିଭୋର ଥିଲି । କିନ୍ତୁ ଦୂରଦୃଷ୍ଟି ଫଳରେ ଅଥବା ବ୍ୟକ୍ତିଗତ କିମ୍ବା ସମଷ୍ଟିଗତ

କୌଣସି ଅପରାଧର ଶାସ୍ତି ସ୍ୱରୂପ ଆମେମାନେ ଅକାଳରେ ତାଙ୍କୁ ହରାଇ ବସିଲୁ । ବିଜୟା ପୂର୍ବରୁ ସୁନାର ପ୍ରତିମାଙ୍କୁ ବିସର୍ଜନ ଦିଆଗଲା ।

ଆଜି ତାଙ୍କର ଲୀଳାନିକେତନ, ତାଙ୍କର ସ୍ମୃତିବିଜଡ଼ିତ ଆବାସଭୂମି ଦେଖିବାକୁ ଯାଉଛୁ । କିନ୍ତୁ ଆଜି ଯଦି ସେ ସ୍ଥୁଳ ଶରୀରରେ ସମ୍ମିଳନୀରେ ଉପସ୍ଥିତ ଥାଆନ୍ତେ, ତା ହେଲେ ଆମମାନଙ୍କୁ ଦେଖି ସେ ଯେତେ ଆନନ୍ଦ ହେଉଥାଆନ୍ତେ, ସେ ଆନନ୍ଦର ପ୍ରତିଘାତରେ ଆମମାନଙ୍କ ହୃଦୟ କିପରି ଭାବରେ ନୃତ୍ୟ କରୁଥାଆନ୍ତା, କିପରି ଯେ ଆମେମାନେ ଆନନ୍ଦସାଗରରେ ଭାସୁଥାଆନ୍ତୁ ତାର ତୁଳନା କ'ଣ କେଉଁଠି ମିଳିବ ?

"ଗୋପିକାଦର୍ଶନେ କୃଷ୍ଣେର ଯେ ଆନନ୍ଦ ହୟ,
ତା ହଇତେ କୋଟିଗୁଣ ଗୋପୀ ଆସ୍ୱାଦୟ ।"

ବୈଷ୍ଣବ କବିଙ୍କର ଏହି ଶ୍ଳୋକର ତାତ୍ପର୍ଯ୍ୟ ଯଥାର୍ଥ ରୂପରେ ତାଙ୍କ ନିକଟକୁ ଗଲେ ଫୁଟିଉଠେ । ସେ ସ୍ଥୁଳଭାବରେ ଅନନ୍ତ ହୋଇଥିଲେ ମଧ୍ୟ ତାଙ୍କର ସ୍ମୃତି ଆମ ଅନ୍ତରରେ ସର୍ବଦା ଜାଗରୂକ ଥିବ ।

ନୀଳାଚଳ କୁଟୀରର ସଦର ଦ୍ୱାରର ପାର୍ଶ୍ୱବର୍ତ୍ତୀ ସ୍ତମ୍ଭରେ ମର୍ମର ପଥରରେ ଲେଖା ଅଛି 'ନୀଳାଚଳ କୁଟୀର' । ପ୍ରଣତ ହୋଇ ପବିତ୍ର ଧୂଳିକଣା ଶିରରେ ଧାରଣ କରି ଆମେମାନେ ଭିତରେ ପ୍ରବେଶ କଲୁ । ଗୃହାୟତନ ଅତି ଛୋଟ । ତାର ଅଗଣାଟି ମଧ୍ୟ ଛୋଟ; କିନ୍ତୁ ଏତିକି ଭିତରେ କିପରି ଯେ ତା'ର ସୌନ୍ଦର୍ଯ୍ୟ, କିପରି ଯେ ସେ ପ୍ରାଙ୍ଗଣର ପରିପାଟୀ, ତାହା ବର୍ଣ୍ଣନା କରି ହେବ ନାହିଁ । ଏହି ଗୃହର ପରିପାଟୀ, ସୌନ୍ଦର୍ଯ୍ୟ, ପରିଷ୍କାର ପରିଚ୍ଛନ୍ନତା ଦେଖିଲେ ଶ୍ରୀଶ୍ରୀ ଠାକୁରଙ୍କର ସୌନ୍ଦର୍ଯ୍ୟପ୍ରୀତି, ସୁରୁଚିପ୍ରିୟତା ଏବଂ ସ୍ୱଚ୍ଛହୃଦୟର ପରିଚୟ ଯଥେଷ୍ଟ ମିଳେ ।
"ଅତୁଳନ ସେ ରୂପେ ଗୁଣେ, ତୁଳନା ନାହିଁ ଭୁବନେ ।"

ନୀଳାଚଳ କୁଟୀରର ଚତୁର୍ଦ୍ଦିଗ ଦେଖିବାକୁ ଲାଗିଲୁ । ଛୋଟ ଦୋମହଲା କୋଠା । ତଳେ ବଡ଼ ବଡ଼ ଦୁଇଟି କୋଠରୀ । ରାସ୍ତା ନିକଟକୁ ଗୋଟିଏ ଛୋଟ ବୈଠକଖାନା । ଏଠାରେ ଦର୍ଶନାର୍ଥୀ ଭକ୍ତବୃନ୍ଦ ତାଙ୍କ ଦର୍ଶନ ଆଶାରେ ବସି ରହୁଥିଲେ । ତାକୁ ଲାଗିକରି ଗୋଟିଏ ସୁପ୍ରଶସ୍ତ ବାରଣ୍ଡା । ଏହିଠାରେ ବସି ଶ୍ରୀଶ୍ରୀ ଠାକୁର ସମାଗତ ଜିଜ୍ଞାସୁ ଭକ୍ତମାନଙ୍କୁ ଉପଦେଶାମୃତ ପରିବେଷଣ କରୁଥିଲେ । ତାଙ୍କର ସ୍ମୃତି ଏହି ଗୃହର ପ୍ରତି ଧୂଳିକଣାରେ ପରିପୂର୍ଣ୍ଣ । ଏହି

ବାରଣ୍ଡା କାନ୍ଥରେ ଶ୍ରୀଶ୍ରୀ ଠାକୁରଙ୍କ ନାନା ଅବସ୍ଥାର ପ୍ରତିକୃତି ବିଦ୍ୟମାନ । ସେ ମଧ୍ୟରେ ଗୋଟିଏ ବଡ଼ ତୈଳଚିତ୍ର । * ତାକୁ ଦେଖିଲେ ମନେହୁଏ, ଯେପରି ଶ୍ରୀଶ୍ରୀ ଠାକୁର ପ୍ରକୃତରେ ବସିଅଛନ୍ତି । ସେହି ପ୍ରତିକୃତିର ସମ୍ମୁଖରେ ଠାକୁରଙ୍କର ବ୍ୟବହୃତ ପୁଷ୍ପଚନ୍ଦନ ଚର୍ଚ୍ଚିତ ପାଦୁକାଦ୍ୱୟ । ଆମେମାନେ ସାଷ୍ଟାଙ୍ଗ ପ୍ରଣାମ କଲୁ ।

ତାଙ୍କରି କଥା ଭାବୁ ଭାବୁ ଆମେମାନେ ଉପର ମହଲାର ଶୟନକକ୍ଷକୁ ଗଲୁ । ଯାଇ ଦେଖିଲୁ ପୂର୍ବର ସେହି ବ୍ୟବହୃତ ଆସନ, ସେହି ଶଯ୍ୟା, ସେହି ଚୌକି, ଟେବୁଲ, ତାଙ୍କର ବ୍ୟବହୃତ ସମସ୍ତ ବସ୍ତୁ ଠିକ୍ ପୂର୍ବପରି ସଜାହୋଇ ରହିଛି । ପାଦୁକା, ଦଣ୍ଡ, ସମସ୍ତ ଅକ୍ଷୁଣ୍ଣଭାବରେ ଯଥାସ୍ଥାନରେ ସଜ୍ଜିତ ଅଛି । ମନେହେଲା ଶ୍ରୀଶ୍ରୀ ଠାକୁର ଯେପରି ଏହିକ୍ଷଣି ଆସନ ତ୍ୟାଗ କରି ବାହାରକୁ ଯାଇଛନ୍ତି, ବର୍ତ୍ତମାନ ଫେରିଆସିବେ । ତାଙ୍କର ଅଙ୍ଗଗନ୍ଧରେ ବର୍ତ୍ତମାନ ସୁଦ୍ଧା ସେ ଗୃହଟି ପୂରିଉଠୁଛି । ତାଙ୍କର ପୁଣ୍ୟ ସ୍ମୃତି ବର୍ତ୍ତମାନ ମଧ୍ୟ ପ୍ରତି ବସ୍ତୁରେ ନିବିଡ଼ ଭାବରେ ବିଜଡ଼ିତ ।

ସ୍ତବ୍ଧ ହୋଇ ଶ୍ରୀଶ୍ରୀ ଠାକୁରଙ୍କ କଥା ଭାବିବାକୁ ଲାଗିଲୁ । ଏହି ଗୃହଟି ତାଙ୍କର ଚିର ଆଦରଣୀୟ ବିଶ୍ରାମସ୍ଥଳ ଥିଲା । ଆସାମ, ବଙ୍ଗଳା ପ୍ରଭୃତିର ନାନାସ୍ଥାନ ଭ୍ରମଣ କରି ଶେଷରେ ସେ ଏହି ସ୍ଥାନକୁ ବିଶ୍ରାମ କରିବା ପାଇଁ ଚାଲିଆସୁଥିଲେ ଏବଂ ବର୍ଷର ଅଧିକାଂଶ ସମୟ ଏଠାରେ ରହୁଥିଲେ । ମନେହେଲା, ବୋଧହୁଏ ଏଇଥିପାଇଁ ଏହି ପ୍ରକୋଷ୍ଠକୁ ଆସି ତାଙ୍କର ଅମୀୟ ସ୍ପର୍ଶ ଏପରି ନିବିଡ଼ଭାବରେ ଅନୁଭବ କରିହେଲା । ଅନ୍ୟ କୌଣସି ସ୍ଥାନରେ ଏପରି ଅନୁଭୂତି ମିଳ ନ ଥିଲା । ଏଠାକୁ ଆସି ତାଙ୍କର ସ୍ମୃତି ହୃଦୟ ମଧ୍ୟରେ ଦାଉ ଦାଉ ହୋଇ

---

* ୧୩୪୨ ସାଲରେ ଶ୍ରୀଶ୍ରୀ ଠାକୁର ତାଙ୍କର ପ୍ରିୟ ଶିଷ୍ୟ ନାରାୟଣ ଦାସ ନନ୍ଦୀ ଭାଇଙ୍କୁ କୁଟୀର ପାଇଁ ଗୋଟିଏ ସୁବୃହତ୍ତ ତୈଳଚିତ୍ର ପ୍ରସ୍ତୁତ କରାଇବାକୁ କହିଥିଲେ । ଶ୍ରୀଶ୍ରୀ ଠାକୁର ଦେହରକ୍ଷା କରିବା ପରେ ସେହି ବର୍ଷ ପୌଷ ମାସରେ ନାରାୟଣ ଭାଇ ସେହି ତୈଳଚିତ୍ରଟି (ବ୍ରାକେଟ୍ ସହ) କୁଟୀରରେ ସ୍ଥାପନ କରିଥିଲେ । ଚିତ୍ରଟି ଆସନ ବାରଣ୍ଡାର ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାପିତ କରିବା ଶ୍ରୀଶ୍ରୀ ଠାକୁରଙ୍କର ନିର୍ଦ୍ଦେଶ ଥିଲା ।

ଜଳିଉଠିଲା । ତାଙ୍କର ଭାବ, ତାଙ୍କର ପ୍ରେରଣା, ହୃଦୟର ପ୍ରତି ତନ୍ତ୍ରୀରେ ଆଘାତ କରି ଗୋଟିଏ କରୁଣ ରାଗିଣୀର ଝଙ୍କାର ତୋଳିଦେଲା । ଜମାଟ ବାନ୍ଧି ରହିଥିବା ହୃଦୟବ୍ୟଥା ବିରହାତାପ ସ୍ପର୍ଶରେ ଅଶ୍ରୁଆକାରରେ ଝରିପଡ଼ିଲା । ଆମେମାନେ ସମସ୍ତେ ତନ୍ମୟ ହୋଇଗଲୁ ।

ଶ୍ରୀଶ୍ରୀ ଠାକୁରଙ୍କ ସ୍ମୃତିକୁ ହୃଦୟରେ ଧରି ଉନ୍ମୁକ୍ତ ଛାତ ଉପରକୁ ଆସି ଦେଖିଲୁ, ଅଦୂରରେ ଦିଗନ୍ତପ୍ରସାରିତ ସୁନୀଳ ବାରିଧି ଆପଣା ହୃଦୟରେ ଅନନ୍ତ ଲୀଳାଲହରୀ ଖେଳାଇଦେଇ ଅନନ୍ତ କୋଳରେ ମିଶିଯାଇଛି । ସୀମା ନାହିଁ, ଅସୀମ, ଅପାର । ସେଦିନ ଚନ୍ଦ୍ରପକ୍ଷ ରାତି ହୋଇଥିବାରୁ ଚନ୍ଦ୍ରକିରଣ ନିପତିତ ସମୁଦ୍ରର ଦୃଶ୍ୟ ଅତୀବ ମନୋରମ ହୋଇଥିଲା । ତରଙ୍ଗଭଙ୍ଗରେ ଲକ୍ଷ ଲକ୍ଷ ଚନ୍ଦ୍ରଲେଖା ଯେପରି କୂଳରେ ଆସି ଅଜାଡ଼ି ହୋଇ ପଡୁଥାଏ । ଗୋଟିଏ ସୀମାରେ ସେମାନଙ୍କର ତଟପ୍ରୀତି, ଅନ୍ୟ ସୀମାରେ ଅସୀମ ସହିତ ନିବିଡ଼ ସଂଯୁକ୍ତି । ସାନ୍ତ ଅନନ୍ତର ଅପୂର୍ବ ଲୀଳାବିଳାସ ଦେଖି ମୁଗ୍ଧ ନ ହୋଇ ରହିପାରିଲୁ ନାହିଁ । ପ୍ରାଣେ ପ୍ରାଣେ, ମର୍ମେ ମର୍ମେ ଅନୁଭବ କଲୁ ଯେ, କାହିଁକି ଶ୍ରୀଶ୍ରୀ ଠାକୁର ଏହି ନିର୍ଜନ ବେଳାଭୂମିରେ ତାଙ୍କର ଶେଷ ବିଶ୍ରାମନିବାସ ରଚନା କରିଥିଲେ । କାହିଁକି ସେ ସୁଦୂର ବଙ୍ଗଦେଶ ପରିତ୍ୟାଗକରି ଏହି ଦୂରଦେଶକୁ ଆଗ୍ରହରେ ଧାଇଁ ଆସୁଥିଲେ । ଆଜି ଅନେକଆଡ଼େ ବୁଲି ଦେଖିବାକୁ ସଂକଳ୍ପ କରିଥିଲୁ; କିନ୍ତୁ ଏହି ନୀଳାଚଳ କୁଟୀରରେ ଏତେ ବିଳମ୍ବ ହୋଇଗଲା ଯେ, ଆଉ ଅନ୍ୟତ୍ର ଯାଇ ନ ପାରି ବାସସ୍ଥାନକୁ ଫେରିଯିବା ପଥରେ ଜଗନ୍ନାଥ ମନ୍ଦିର ଦର୍ଶନ କରି ସମ୍ମିଳନୀ ମଣ୍ଡପକୁ ଫେରିଆସିଲୁ ।

ପରଦିନ ସକାଳେ ଆମେମାନେ ସମୁଦ୍ର ସ୍ନାନକୁ ବାହାରିଲୁ । ସୁବିସ୍ତୃତ ସମୁଦ୍ର ତଟରେ ନାନପ୍ରକାର ସ୍ନାନାର୍ଥୀଙ୍କର ବିପୁଳ ସମାବେଶ । କେହି କେବଳ ଜଳସ୍ପର୍ଶ କରି ଚାଲିଯାଉଛି, କିଏ ଦୁଇ ତିନିହାତ ଭିତରକୁ ଯାଇ ଲହଡ଼ିର ଧକ୍କାରେ ପଡ଼ିଯାଉଛି । କିଏ ବା ଆଉ ଟିକିଏ ଭିତରକୁ ଯାଇ ଭୟରେ ପୁଣି ପଳାଇଆସୁଛି । କିନ୍ତୁ ଯେଉଁମାନେ ଅଭିଜ୍ଞ, ସେମାନେ କେବଳ ଢେଉ ପାରହୋଇ ଆନନ୍ଦରେ ସମୁଦ୍ର ସ୍ନାନ କରିପାରୁଛନ୍ତି । ଆମ ଦଳରେ ଅଭିଜ୍ଞ ପରିଚାଳକ ଥିବାରୁ ଆମେ ଶୀଘ୍ର ଢେଉ ପରେ ଢେଉ ପାର ହୋଇ, କେତେବେଳେ ବୁଡ଼ି,

କେତେବେଳେ ଉଠି, ଉତ୍ତାଳ ତରଙ୍ଗମାଳା ଅତିକ୍ରମ କରି, ନିସ୍ତରଙ୍ଗ ଜଳରାଶିରେ ପ୍ରବେଶ କଲୁ । ସେ କି ଆନନ୍ଦ, କି ଉଲ୍ଲାସ, କି ଉନ୍ମାଦନା—ତାହା ଭାଷାରେ ବ୍ୟକ୍ତ କରି ହେବ ନାହିଁ । ଆମେ ସୁସ୍ପଷ୍ଟ ଅନୁଭବ କଲୁ ଯେ, ଉପରେ ଯେପରି ତରଙ୍ଗମାଳା ସମୁଦ୍ରବକ୍ଷରୁ ତଟାଭିମୁଖେ ପ୍ରବାହିତ ହେଉଅଛି, ଠିକ୍ ସେହିପରି ସମୁଦ୍ରର ନିମ୍ନଦେଶରେ ତଟଭୂମିରୁ ସମୁଦ୍ର ଅଭ୍ୟନ୍ତରକୁ ଗୋଟିଏ ପ୍ରଖର ସ୍ରୋତ ଅବିଶ୍ରାନ୍ତ ଭାବରେ ବହିଚାଲିଛି । ଏହାକୁ ଭିତର କାହାଳୀ ବା Under current କହନ୍ତି । ଏହି ଭିତର କାହାଳୀ ତତ୍ତ୍ୱ ନ ଜାଣି ସମୁଦ୍ର ସ୍ନାନ କରିବାକୁ ଆସି କେତେ ଯେ ବିପଦରେ ପଡ଼ନ୍ତି, ତାହାର ଇୟତ୍ତା ନାହିଁ । ଅବଶ୍ୟ ନୋଳିଆମାନେ ଭିତର କାହାଳୀରେ ପଡ଼ିଲେ ଉଦ୍ଧାର କରିଥାନ୍ତି । କିନ୍ତୁ ଏହି ଭିତର କାହାଳୀରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ସବୁବେଳେ ଉପରେ ଭାସିବା । ଏହିପରି ବିପଦ ପଡ଼ିଲେ ଉଦ୍ଧାରଲାଭ ନିମିତ୍ତ ଶରୀରର ଜୋର ନ ଖଟାଇ ଯଦି ସମ୍ପୂର୍ଣ୍ଣଭାବରେ ଆତ୍ମସମର୍ପଣ କରିବ, ତା' ହେଲେ ସମୁଦ୍ର ପୁଣି ତାକୁ ଯଥାସମୟରେ ଢେଉରେ ଠେଲିଆଣି କୂଳରେ ପହଞ୍ଚାଇଦେବ । ସଂସାର ସହିତ ଏହି ସମୁଦ୍ରର ଉପମା ଖୁବ୍ ମିଳେ । ତେଣୁକରି ସାଧାରଣ କଥାରେ ଲୋକେ କହନ୍ତି ସଂସାର-ସମୁଦ୍ର । ସମୁଦ୍ର ସ୍ନାନର କୌଶଳ ନ ଜାଣି ସମୁଦ୍ରସ୍ନାନ କରିବାକୁ ଗଲେ ଅନଭିଜ୍ଞତାବଶତଃ ଯେପରି ପ୍ରତ୍ୟେକ ତରଙ୍ଗାଘାତରେ ସ୍ନାନାର୍ଥୀକୁ ବିବ୍ରତ ହେବାକୁ ପଡ଼େ, ଏହି ସଂସାରରେ ମଧ୍ୟ ସେହିପରି ଉପଯୁକ୍ତ ଶିକ୍ଷା ଲାଭ ନ କରି ସଦ୍‌ଗୁରୁଙ୍କ ନିକଟରୁ ସଂସାର ପରିଚାଳନାର କୌଶଳ ଶିକ୍ଷା ନ କରି ସଂସାରରେ ପ୍ରବେଶ କଲେ, ସଂସାରୀକୁ ରୋଗ, ଶୋକ, ବିରହ, ବିଚ୍ଛେଦ ଓ ଅଭାବ ଅଭିଯୋଗରୂପ ସଂସାର-ସମୁଦ୍ରର ପ୍ରତ୍ୟେକ ତରଙ୍ଗାଘାତରେ ବ୍ୟତିବ୍ୟସ୍ତ ହେବାକୁ ପଡ଼ିବ । ସମୁଦ୍ରବକ୍ଷରେ ଯେପରି କୌଣସି ଦିନ ତରଙ୍ଗର ଅଭାବ ନାହିଁ, ସଂସାରରେ ମଧ୍ୟ ସେହିପରି ନାନା ଘାତ-ପ୍ରତିଘାତର କୌଣସିଦିନ ବିରାମ ଘଟେ ନାହିଁ । ସମୁଦ୍ରସ୍ନାନର କୌଶଳ ଶିକ୍ଷା କରି ତରଙ୍ଗପରେ ତରଙ୍ଗ ଅତିକ୍ରମ କରି ଯେପରି ସ୍ନାନାର୍ଥୀ ନିସ୍ତରଙ୍ଗ ଜଳରାଶିରେ ସ୍ନାନ ସମାପନ କରେ, ସେହିପରି ଗୃହସ୍ଥଧର୍ମ ପରିଚାଳନାର ଯଥୋପଯୁକ୍ତ ଶିକ୍ଷାରେ ଶିକ୍ଷିତ ହୋଇ ସଂସାରାଶ୍ରମୀ ମଧ୍ୟ କୌଶଳକ୍ରମେ ସଂସାରର ଯାବତୀୟ ଘାତପ୍ରତିଘାତକୁ ଉପେକ୍ଷା କରି ଅବିକଳଚିତ୍ତରେ ଆପଣା କର୍ତ୍ତବ୍ୟ ପାଳନ କରିଯାଏ । ଏଥିପାଇଁ ପୂର୍ବକାଳରେ ଗୁରୁଗୃହରେ ରହି ସଂସାର ଯାତ୍ରା

ନିର୍ବାହୋପଯୋଗୀ ଶିକ୍ଷାଲାଭ କରି ପରେ ଯାଇ ସମସ୍ତେ ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । କିନ୍ତୁ କାଳର କୁଟିଳ ପ୍ରଭାବରେ ସେ ଭାବଧାରା, ସେ ରୀତିନୀତି ଭାରତ ବକ୍ଷରୁ ଚିରଦିନପାଇଁ ବିଲୁପ୍ତ ହୋଇଯାଇଛି । ତେଣୁ ଆଜି ଘରେ ଘରେ ରୋଗ ଶୋକ, ଆଧି ବ୍ୟାଧି; ଘରେ ଘରେ ସଂସାରଲାଞ୍ଛିତ, ଦୁଃଖପ୍ରପୀଡ଼ିତ, ଘାତ-ପ୍ରତିଘାତ ଜର୍ଜ୍ଜରିତ ଗୃହସ୍ଥର କାତର ଧ୍ୱନି ! ସମୁଦ୍ର ମଧ୍ୟରେ ବିପଦରେ ପଡ଼ିଲେ ଯେପରି ଆତ୍ମସମର୍ପଣ ବ୍ୟତୀତ ଅନ୍ୟ ଗତି ନାହିଁ, ସେପରି ସଂସାରରେ ବିପଦରେ ପଡ଼ିଲେ ଏକାନ୍ତ ମନରେ ତାଙ୍କୁ ଡାକିଲେ, ଏକାନ୍ତ ଭାବରେ ତାଙ୍କର ଶରଣ ନେଲେ, ସେ ବିପନ୍ନକୁ ନିଶ୍ଚୟ ବିପଦରୁ ଉଦ୍ଧାର କରିବେ । ତେଣୁ ଗୀତାର ଉକ୍ତି:

'ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ,
ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।'
—ଶ୍ରୀମଦ୍ ଭଗବତ୍ ଗୀତା, ୧୮ ।୬୨

ତାଙ୍କରି ସ୍ମୃତିରେ ହୃଦୟ ପୂର୍ଣ୍ଣ କରିବାକୁ ଏବଂ ତାଙ୍କରି ଭାବ ହୃଦୟରେ ଭରିନେବାକୁ ଆଜି ମଧ୍ୟ ସ୍ନାନ ସାରି ନୀଳାଚଳ କୁଟୀରକୁ ଆସିଲୁ । ଆଜି ଆମମାନଙ୍କର ଭାଇ ଶ୍ରୀଶ୍ରୀ ଠାକୁରଙ୍କ ସ୍ମୃତିବିଜଡ଼ିତ ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ଚିହ୍ନ ଆମମାନଙ୍କୁ ତନ୍ନ ତନ୍ନ କରି ବୁଲାଇ ଦେଖାଇଲେ । କେଉଁଠାରେ ଶ୍ରୀଶ୍ରୀ ଠାକୁର ମୁଖଧୌତ କରନ୍ତି, କେଉଁଠାରେ ସ୍ନାନ କରନ୍ତି, କେଉଁଠାରେ ଭୋଗରେ ବସନ୍ତି, ରୋଷଘର, ଭୋଗଘର, ଭଣ୍ଡାରଘର ପ୍ରଭୃତି ସମସ୍ତ ସ୍ଥାନ ଆମେ ଦେଖିବାର ସୌଭାଗ୍ୟ ଲାଭ କଲୁ । କାଲି ରାତିରେ ବେଶି କିଛି ବୁଲି ଦେଖିପାରି ନ ଥିଲୁ । ଆଜି ଦେଖିଲୁ, ଆଲୋକ ଏବଂ ବାୟୁ ସଞ୍ଚାଳନ ନିମିତ୍ତ ସ୍ୱତନ୍ତ୍ର ଡାଇନାମା ଖଞ୍ଜାହୋଇ ଏଠାରେ ତଡ଼ିତ୍‌ପ୍ରବାହର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସେସବୁ ଠିକ୍ ପୂର୍ବପରି ଆଜି ମଧ୍ୟ ସଜାହୋଇ ରହିଛି । ଏଠାରେ ଦେଖିଲୁ, ତାଙ୍କର ପ୍ରିୟ ରିକ୍‌ସା ଖଣ୍ଡିକ ଅବ୍ୟବହୃତ ଅବସ୍ଥାରେ ଭଗ୍ନହୃଦୟରେ ଗୃହକୋଣରେ ପଡ଼ିରହିଅଛି । ଶୁଣିଲୁ, ପ୍ରତିଦିନ ଅପରାହ୍ଣରେ ଶ୍ରୀଶ୍ରୀ ଠାକୁର ଏହି ରିକ୍‌ସାରେ ବସି ସମୁଦ୍ରର ତୀରେ ତୀରେ ନୀଳାଚଳର ପଥେ ପଥେ ବହୁ ଦୂର ଦୂରାନ୍ତର ଯାଇ ବୁଲିଆସନ୍ତି । ଆମର ଅନ୍ନଦା ଭାଇ ତାଙ୍କରି

ପ୍ରଦତ୍ତ ସାଜସଜ୍ଜାରେ ସଜ୍ଜିତ ହୋଇ ରିକ୍‌ସା ଖଣ୍ଡି ପୂର୍ଣ୍ଣ ଆବେଗରେ ଟାଣୁଥାଆନ୍ତି ଏବଂ ପଛେ ପଛେ ଆମର ଓଡ଼ିଶାବାସୀ ଭକ୍ତପ୍ରବର—ଭାଇ ଶ୍ରୀଶ୍ରୀ ଠାକୁରଙ୍କର ସୁଧାବୋଳା ବାଣୀ ଶୁଣି ଶୁଣି ଏବଂ ତାଙ୍କୁ କେତେ କଥା ଶୁଣାଇ ଶୁଣାଇ ରିକ୍‌ସାର ପଛେ ପଛେ ଚାଲୁଥାନ୍ତି । ପୁରୀନିବାସୀ ତଥା ପୁରୀପ୍ରବାସୀ ଜନସାଧାରଣଙ୍କ ସବିସ୍ମୟ ଅପଲକ ଦୃଷ୍ଟି ଏହି ସୁଶୋଭିତ ରିକ୍‌ସାର ବିଶିଷ୍ଟ ଆରୋହୀଙ୍କ ପ୍ରତି ପ୍ରତିଦିନ ଆକୃଷ୍ଟ ହୋଇଥାଏ । ଶୁଣିଲୁ, ରୋଗ ଚିକିତ୍ସା ଛଳରେ ପୁରୀ ପରିତ୍ୟାଗ କରିବାର ପ୍ରାୟ ଘଣ୍ଟାକ ପୂର୍ବରୁ ମଧ୍ୟ ସେ ଏହି ରିକ୍‌ସାରେ ଚଢ଼ି ବୁଲିବାକୁ ଯାଇ ଥିଲେ ଓ ଜଗନ୍ନାଥଙ୍କ ଶ୍ରୀମନ୍ଦିର ସମ୍ମୁଖସ୍ଥ ସିଂହଦ୍ୱାର ନିକଟରେ ନୀଳାଚଳନାଥଙ୍କଠାରୁ ଚିରଦିନ ପାଇଁ ବିଦାୟ ଘେନିଆସିଥିଲେ ।—ଭାଇଙ୍କଠାରୁ କେତେ ଗଳ୍ପ, କେତେ କଥା ଯେ ଶୁଣିଲୁ, ତାଙ୍କ ଶେଷଜୀବନର କେତେ କାହାଣୀ ଯେ ସେ ଆମ ଆଗରେ କହିଲେ, ତା'ର ଇୟତ୍ତା ନାହିଁ । ସେ ସବୁ ଶୁଣୁ ଶୁଣୁ, ନାନାକଥା ଭାବୁ ଭାବୁ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରକୋଷ୍ଠ ଅଭିମୁଖେ ଉପରକୁ ଗଲୁ । ସେତେବେଳେ କେବଳ ମାତ୍ର ନିତ୍ୟପୂଜା ଶେଷ ହୋଇଥାଏ । ଧୂପ ଅଗୁରୁର ସୁଗନ୍ଧରେ ଗୃହଟି ଆମୋଦିତ ! ପ୍ରାଣେ ପ୍ରାଣେ ଶ୍ରୀଶ୍ରୀ ଠାକୁରଙ୍କ ନିବିଡ଼ସ୍ପର୍ଶ ଅନୁଭବ କଲୁ ! ତାଙ୍କର ମହାପ୍ରସ୍ଥାନ କଥା ତନ୍ମୟ ହୋଇ ଶୁଣିବାକୁ ଲାଗିଲୁ ! ଅନ୍ତରର ଅନ୍ତରତମ ପ୍ରଦେଶରେ ତାଙ୍କରି ରୂପଗୁଣ ଅନୁଧ୍ୟାନ କରିବାରେ ମଗ୍ନ ହୋଇଗଲୁ । ଯେତେବେଳେ ଏହି ଧ୍ୟାନ ଭାଙ୍ଗିଲା, ସେତେବେଳେ ଦିନ ପ୍ରାୟ ଦଶଟା ଉପରେ ହେଲାଣି । ଶୀଘ୍ର ଶ୍ରୀଶ୍ରୀ ଠାକୁରଙ୍କ ପ୍ରସାଦ ଗ୍ରହଣ କରି ସେହି ପବିତ୍ର ଭୂମିକୁ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖରେ ଚାଲିଲୁ ।

ତତ୍ପରଦିନ ପୁରୀର ନାନାସ୍ଥାନ ଭ୍ରମଣ କରି ସନ୍ଧ୍ୟାବେଳକୁ ଫେରି ଆସି ଦେଖିଲୁ, ସମ୍ମିଳନୀର ଉଦ୍‌ଯୋଗ ଆୟୋଜନ ସବୁ ଶେଷ ହୋଇଯାଇଛି । ଆସନ ସ୍ଥାପିତ ହୋଇଛି । ସାଜସଜ୍ଜାର କୌଣସି ଅଭାବ ନାହିଁ । ଏହା ଦେଖି କର୍ମକର୍ତ୍ତାମାନଙ୍କର ପ୍ରଶଂସା ନ କରି ରହିହେଲା ନାହିଁ । ସେମାନଙ୍କ ଉଦ୍‌ଯୋଗ ଆୟୋଜନ ସବୁ ପ୍ରଥମରୁ ଆମକୁ ମୁଗ୍ଧ କରିଥିଲା ।

ସମ୍ମିଳନୀର ପ୍ରଥମ ଦିବସ—

ପୌଷ ଏଗାର ଦିନ ଶନିବାର । ଆଜି ସମ୍ମିଳନୀର ପ୍ରଥମ ଦିନ । ପ୍ରଭାତୀ କୀର୍ତ୍ତନ ଆରମ୍ଭ ହେଲା । ଗାନ ଶେଷ ହେବା ସଙ୍ଗେ ସଙ୍ଗେ ଆମେମାନେ

ଖୋଳ କରତାଳ ବାଦ୍ୟ ସହିତ 'ନୀଳାଚଳ କୁଟୀର' ଉଦ୍ଦେଶ୍ୟରେ ନୀଳାଚଳ ପଥରେ 'ଜୟଗୁରୁ' କୀର୍ତ୍ତନ ସହ ବାହାରିପଡ଼ିଲୁ । ଉଦ୍ଦେଶ୍ୟ, ନୀଳାଚଳ କୁଟୀରରୁ ଶ୍ରୀଶ୍ରୀ ଠାକୁରଙ୍କୁ ସମ୍ମିଳନୀ ମଣ୍ଡପକୁ ଆଣିବା । ଆଜି ଯଦି ଶ୍ରୀଶ୍ରୀ ଠାକୁର ସ୍ଥୂଳଦେହରେ ଥାଆନ୍ତେ, ତାହାହେଲେ ତ ଆମେମାନେ ଠିକ୍ ଏହିଦିନ, ଏହିପରି ଭାବରେ ଶ୍ରୀଶ୍ରୀ ଠାକୁରଙ୍କୁ ବରଣ କରି ଆଣିଥାଆନ୍ତୁ ! ସେ ସ୍ଥୂଳରେ ନ ଥିଲେ ମଧ ଠିକ୍ ସ୍ଥୂଳରେ ଥିଲାପରି ତାଙ୍କରି ପ୍ରତିମୂର୍ତ୍ତିକୁ ତାଙ୍କରି ପ୍ରତୀକ ମନେକରି ଭାବର ଉପାଦାନରେ ମୂର୍ତ୍ତିର ପ୍ରାଣପ୍ରତିଷ୍ଠା କରି ଆମେମାନେ ଠିକ୍ ସ୍ଥୂଳ ମୂର୍ତ୍ତିପରି ଶ୍ରୀଶ୍ରୀ ଠାକୁରଙ୍କୁ ଘେନି ବାହାରିଲୁ । ସଙ୍ଗେ ସଙ୍ଗେ ମଟରଗାଡ଼ିର ବନ୍ଦୋବସ୍ତ ହୋଇଗଲା । ତାହା ପତ୍ରପୁଷ୍ପରେ ପରିଶୋଭିତ ହେଲା । ହୁଳହୁଳି ଏବଂ 'ଜୟଗୁରୁ' ଧ୍ୱନିସହ ଶ୍ରୀଶ୍ରୀ ଠାକୁରଙ୍କ ବୃହତ୍ ପ୍ରତିକୃତିକୁ ମଟର ଉପରେ ସ୍ଥାପିତ କରାଗଲା ଓ ଗୋଟିଏ ସୁବୃହତ୍ ଛତ୍ର ମସ୍ତକ ଉପରେ ଧାରଣ କରାଗଲା । ସମ୍ମୁଖରେ ପତାକାଶ୍ରେଣୀ, ମଧ୍ୟରେ ମଟରଗାଡ଼ି, ପଶ୍ଚାତରେ କୀର୍ତ୍ତନୋନ୍ମତ୍ତ ଭକ୍ତବୃନ୍ଦଙ୍କର ବିଜୟଉଲ୍ଲାସ । 'ଜୟଗୁରୁ' କୀର୍ତ୍ତନସହ ଆମେମାନେ ସମ୍ମିଳନୀ ମଣ୍ଡକୁ ଶ୍ରୀଶ୍ରୀ ଠାକୁରଙ୍କୁ ଘେନିଆସିଲୁ । ଶ୍ରୀଶ୍ରୀ ଠାକୁରଙ୍କୁ ଆସନରେ ବସାଇଦେବାପରେ ସଙ୍ଗେ ସଙ୍ଗେ ସ୍ତୋତ୍ରବନ୍ଦନା ଆରମ୍ଭ ହୋଇଗଲା । ସେ ଜୀବନ୍ତ ଓ ପ୍ରାଣବନ୍ତ ଅନୁଷ୍ଠାନର କଥା ଜୀବନରେ ଭୁଲିହେବ ନାହିଁ । ଏହିସବୁ ଘଟଣା ଏପରି ପ୍ରାଣବନ୍ତ ଭାବରେ ଅନୁଷ୍ଠିତ ହୋଇଥିଲା ଯେ, ସର୍ବଦା ମନେହେଲା ଯେପରି ଶ୍ରୀଶ୍ରୀ ଠାକୁର ଅଛନ୍ତି । କୌଣସି ମୁହୂର୍ତ୍ତରେ ଠାକୁର ଯେ ନାହାନ୍ତି, ଏପରି ଚିନ୍ତା କରିବାର ଅବକାଶ ରହିଲା ନାହିଁ । ମନେ ହେଲା, ସତେ ଯେପରି ସେ ନୀଳାଚଳ କୁଟୀରରୁ ସମ୍ମିଳନୀକୁ ଆସିଲେ । ଠିକ୍ ଏହି ଭାବ ପୋଷଣ କରିଥିବାରୁ ସମ୍ମିଳନୀ ମଣ୍ଡପ ନିକଟରେ ଶ୍ରୀଶ୍ରୀ ଠାକୁରଙ୍କ ପାଇଁ ଗୋଟିଏ ବିଶ୍ରାମକକ୍ଷ ନିର୍ଦ୍ଦିଷ୍ଟ କରାଗଲା । ଯଥାରୀତି ଆସନସ୍ଥାପନ କାର୍ଯ୍ୟ ସମାପ୍ତ ହେଲା । ଭୋଗରାଗର ବ୍ୟବସ୍ଥା ହୋଇଗଲା । ଠିକ୍ ଏହି ସମୟରେ ଭକ୍ତକଣ୍ଠରୁ ନିଃସୃତ ହେଲା—

ସ୍ଥୂଳ ଦେହ ତାଙ୍କ ନ ଦିଶଇ ବୋଲି
ଭାବୁଛ ଠାକୁର ନାହିଁ ?
ଶାସ୍ତ୍ରର ନିୟମ—ଗୁରୁ ଲୋପ କଥା
ତୁଣ୍ଡରେ ନ ଧର ଭାଇ ।

ନୀଳାଚଳବାଣୀ

ପଞ୍ଚ ଭୂତେ ଗଢ଼ା ଦେହ ସିନା ନାହିଁ
ଅଛନ୍ତି ସେ ସବୁଠାରେ,
ବାରତା ତାଙ୍କର ଏବେବି ତ ଶୁଭେ
ସ୍ୱପନର ମୂର୍ଚ୍ଛନାରେ ।
ଆଜିବି ଠାକୁର ପ୍ରତି ଘରେ ଘରେ
ଦେଉଛନ୍ତି କେତେ ଶିକ୍ଷା,
ଆରତର କାନେ ଆଜିବି ଦିଅନ୍ତି
ମୁକତି-ମନ୍ତର ଦୀକ୍ଷା ।
ନେତ୍ର ପରିଧୀରେ ଦିଶନ୍ତିନି ସିନା
ଅଛି ସବୁ ଆଗପରି,
ସ୍ଥୂଳ ଜଗତର ଜ୍ୱାଳାରୁ କେବଳ
ଗଲେ ସିଏ ଅପସରି ।
ଆଜିବି ତାଙ୍କର କରୁଣା-ଚାହାଣି
ଭକତର ସାଥେ ଥାଏ,
ପ୍ରଣତ ସେବକ ବୁଝିଅଛି ତାହା
ମିଛ ନୁହେଁ—ମିଛ ନୁହେଁ ।
'ଅଛନ୍ତି ଠାକୁର'—ଏହି ଭାବନାକୁ
ସମ୍ବଳ କରି ଭାଇ,
ତାଙ୍କରି ସେବାରେ ମନ-ସୁମନକୁ
ଅଧୀରେ ଦିଅ ଲୋଟାଇ ।
ଆଶାର ଦିହୁଡ଼ି ଲିଭାଇ ଦିଅନା
ମିଛ ଭୟଭ୍ରାନ୍ତି ଧରି
ନିଶ୍ଚିତ ବିଜୟ ତୁମ ଭାଗ୍ୟ ଲେଖା
(ଗାଅ) 'ଜୟଗୁରୁ' ପ୍ରାଣ ଭରି ।
ଗୁରୁ ରୂପ ହେଜ, ଗୁରୁ ପାଦ ଭଜ
ଗୁରୁନାମ କର ସାର,

ଜୟଗୁରୁ ଗାଇ ଏ ଭବ-ସାଗରୁ
ହୋଇଯାଅ ତୁମେ ପାର ।
ଜୟଗୁରୁ ଜୟ, ଜୟଗୁରୁ ଜୟ
ଜୟଗୁରୁ ଜୟ ବୋଲ,
ଶ୍ରୀଗୁରୁ ଚରଣେ ମନକୁ ନିବେଦି
ମିଳନର ପଥେ ଚାଲ ।

ଦିନ ପ୍ରାୟ ଅଢ଼େଇଟାବେଳେ ସମସ୍ତେ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହୋଇ ସମବେତ କଣ୍ଠରେ, ଆବାହନ ସଙ୍ଗୀତ, ବନ୍ଦନା ଗୀତ ଓ ଶେଷରେ ସ୍ତୋତ୍ର ପାଠ କଲୁ । କୀର୍ତ୍ତନ ସ୍ତୋତ୍ରର ସେହି ସ୍ୱରଲହରୀ ଧର୍ମଶାଳାର ଧର୍ମାୟତନକୁ ମୁଖରିତ କରିଦେଇଥିଲା । ସମବେତ କଣ୍ଠୋତ୍‌ଥିତ ସେହି ମଧୁର ତାନ ନୀଳାଚଳର ଆକାଶ ଏବଂ ବାୟୁକୁ ପୂର୍ଣ୍ଣ କରିଦେଇ କେଉଁ ଏକ ଅଜଣା ସୁଦୂରଦେଶକୁ ଭାସି ଚାଲିଗଲା ।

କୀର୍ତ୍ତନ ଓ ସ୍ତୋତ୍ରବନ୍ଦନା ପରେ ଦିନ ପ୍ରାୟ ତିନିଟା ସମୟରେ ପ୍ରଥମ ଦିନର ସଭାକାର୍ଯ୍ୟ ଆରମ୍ଭ ହେଲା । ଆମମାନଙ୍କ ସମ୍ମିଳନୀର ସ୍ଥାୟୀ ସଭାପତି ହେଉଛନ୍ତି ଶ୍ରୀଶ୍ରୀ ଠାକୁର । ତାଙ୍କୁ ସଭାପତିରୂପେ ଆହ୍ୱାନ କରି ତାଙ୍କର ପ୍ରତିନିଧି ରୂପରେ ମହନ୍ତ ଶ୍ରୀମତ୍ ସ୍ୱାମୀ ଚିଦାନନ୍ଦ ମହାରାଜ ପ୍ରତିନିଧି ସଭାପତି ଆସନ ଗ୍ରହଣ କରିଥିଲେ । ତା'ପରେ ନୀଳାଚଳ୍ ସାରସ୍ୱତ ସଂଘର ସଭାପତି ଶ୍ରୀଯୁକ୍ତ ବନମାଳୀ ଦାଶ ଅଭ୍ୟର୍ଥନା ସମିତିର ସଭାପତିରୂପେ ସମସ୍ତଙ୍କୁ ଅଭ୍ୟର୍ଥିତ ଓ ଅଭିନନ୍ଦିତ କରିବାକୁ ଛିଡ଼ାହେଲେ । ସେ ବିନୟନମ୍ର ଭାବରେ ଭାବଗଦ୍‌ଗଦ କଣ୍ଠରେ କହିବାକୁ ଲାଗିଲେ "ମୁଁ ଓଡ଼ିଶାବାସୀ । ଓଡ଼ିଆ ହେଉଛି ମୋର ମାତୃଭାଷା । ବଙ୍ଗଳା ଭାଷା ସାମାନ୍ୟ କିଛି ଜାଣିଥିଲେ ମଧ୍ୟ ସଭାରେ ବକ୍ତୃତା କରିବା ପାଇଁ ତାହା ଯଥେଷ୍ଟ ନୁହେଁ । ତେଣୁ ବଙ୍ଗଳା ଭାଷାରେ ମୋର ବକ୍ତବ୍ୟ ପ୍ରକାଶ କରିବାର ପ୍ରଗଲ୍‌ଭତା ନ କରି ମୁଁ ଯାହା କହିବି, ଓଡ଼ିଆ ଭାଷାରେ ହିଁ କହିବି । ହୁଏତ ଏହା ଆପଣମାନଙ୍କର ବୁଝିବା ପକ୍ଷରେ ଟିକିଏ ଅସୁବିଧାଜନକ ହୋଇପାରେ; କିନ୍ତୁ ତାହାହେଲେହେଁ ମୋର ଅନ୍ୟ ଉପାୟ ନାହିଁ । ତେଣୁ ଆଶାକରେ ମୋର ଏହି ଅନିଚ୍ଛାକୃତ ତ୍ରୁଟି ଆପଣମାନେ ସରଳ ଅନ୍ତଃକରଣରେ ମାର୍ଜନା କରିବେ ।" ତା' ପରେ ସେ ଆରମ୍ଭ କଲେ ଓଡ଼ିଆ ଭାଷାରେ ତାଙ୍କର

ବକ୍ତବ୍ୟ । ଏପରି ଧୀରଭାବରେ, ଏପରି ସ୍ପଷ୍ଟ ଭାବରେ ଏବଂ ଏପରି ସହଜ ଓ ସରଳ ଭାଷାରେ ସେ କହିବାକୁ ଲାଗିଲେ ଯେ, ଆମମାନଙ୍କ ମଧ୍ୟରୁ କାହାରି ଜଣକ ପକ୍ଷରେ ହେଲେ ବୁଝିବାର ବିନ୍ଦୁମାତ୍ର ଅସୁବିଧା ହେଲା ନାହିଁ । ତାଙ୍କର ଏହି ବକ୍ତୃତା ଦ୍ୱାରା ବୁଝିଲୁ, ବାହାରୁ ଦେଖିବାକୁ ଗଲେ ଦେଶଭେଦରେ, ଆମ ଭିତରେ ପରସ୍ପର ମଧ୍ୟରେ ଗୋଟିଏ ପ୍ରକୃତିଗତ, ଭାଷାଗତ ବୈଷମ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅନ୍ତରରେ ସର୍ବତ୍ର ଗୋଟିଏ ସାମ୍ୟର ସ୍ରୋତ ସମଭାବରେ ବିରାଜମାନ । ଏହି ସାମ୍ୟ ସୂତ୍ରାବଲମ୍ବନ କରି ଆଜି ଆମେ ଏକ ହୋଇଛୁ । ଏହି ସାମ୍ୟସୂତ୍ରକୁ ଅବଲମ୍ବନ କରି ମାଳାକାର ଶ୍ରୀଶ୍ରୀ ଠାକୁର ଆମମାନଙ୍କର ଆସାମ, ବଙ୍ଗଳା, ବିହାର, ଓଡ଼ିଶା ପ୍ରଭୃତି ବିଭିନ୍ନ ଦେଶଜାତ ବିଭିନ୍ନ ପୁଷ୍ପରାଜିକୁ ଗୋଟିଏ ଅଖଣ୍ଡ ମାଲ୍ୟରେ ଗ୍ରଥିତ କରିଅଛନ୍ତି । ସାମ୍ୟ, ମୈତ୍ରୀ, ଉଦାରତାର ପ୍ରକୃଷ୍ଟ ନିଦର୍ଶନ ସ୍ୱରୂପ ଏହି ମାଲ୍ୟ ଯେଉଁଦିନ ଦେଶାମାତୃକାର ପ୍ରକୃତ ପୂଜାରେ ଉତ୍ସର୍ଗୀକୃତ ହେବ, ସେହି ଦିନ ମାଲ୍ୟକାରଙ୍କର ତୃପ୍ତି, ଆନନ୍ଦ ଏବଂ ସାର୍ଥକତା ।''

ବନମାଳୀ ଭାଇ କହିଲେ, ''ଆପଣମାନେ ବହୁ ଦୂର ଦୂରାନ୍ତରରୁ ବହୁ କଷ୍ଟ ସ୍ୱୀକାର କରି ଆମମାନଙ୍କ ଆହ୍ୱାନରେ ଏଠାରେ ସମ୍ମିଳିତ ହୋଇଅଛନ୍ତି । ସେଥିପାଇଁ ଆପଣମାନଙ୍କ ନିକଟରେ ଆମେମାନେ କୃତଜ୍ଞ । ଆପଣମାନେ ଯେ ଆପଣମାନଙ୍କର ଉତ୍କଳବାସୀ ମୁଷ୍ଟିମେୟ ଭ୍ରାତୃବୃନ୍ଦଙ୍କ ପ୍ରାଣର ଆକର୍ଷଣରେ ନିଜର ଶତ ବାଧାବିଘ୍ନ ଉପେକ୍ଷା କରି ଏତେ ଦୂରଦେଶକୁ ଆସି ସମବେତ ହୋଇଅଛନ୍ତି, ସେଥିପାଇଁ ଆମେ କୃତକୃତାର୍ଥ । ଏହି ଶୁଭ ସମ୍ମିଳନୀର ସଂଯୋଗକାରୀ ଶ୍ରୀଶ୍ରୀ ଠାକୁରଙ୍କ ଚରଣରେ ପ୍ରାଣର ଭକ୍ତି-ପୁଷ୍ପାଞ୍ଜଳି ଅର୍ପଣ କରି ମୁଁ ଆପଣମାନଙ୍କୁ ଏହି ସମ୍ମିଳନୀ କ୍ଷେତ୍ରକୁ ଆହ୍ୱାନ କରୁଛି । ଆଜି ଆମମାନଙ୍କର ଆନନ୍ଦର ଦିନ । ଆଜି ଆମମାନଙ୍କର କଳ୍ପନା ବାସ୍ତବରେ ପରିଣତ ହେଲେ ମଧ୍ୟ ତଥାପି ଦୁଃଖ ଓ ବେଦନା ହୃଦୟର ଅନ୍ତଃସ୍ଥଳକୁ, ମର୍ମର ଅଭ୍ୟନ୍ତରକୁ ପ୍ରପୀଡ଼ିତ କରି ସର୍ବଦା ଅନ୍ତରକୁ ଆନ୍ଦୋଳିତ କରୁଅଛି । ତାହା ହେଉଛି ଆମମାନଙ୍କର ପ୍ରାଣପ୍ରିୟ ଠାକୁରଙ୍କର ବିରହ । ସବୁ ଅଛି; କିନ୍ତୁ ଆଜି ସେ ନାହାନ୍ତି । ଦେହ ଅଛି, କିନ୍ତୁ ପ୍ରାଣ ନାହିଁ । ତାଙ୍କର ଶେଷଜୀବନର ଲୀଳାସ୍ଥଳ ଏହି ନୀଳାଚଳ ଧାମରେ ଭକ୍ତିସମ୍ମିଳନୀ କରି ଭକ୍ତମାନଙ୍କୁ ନେଇ ଆନନ୍ଦ କରିବେ—ଏହା ହିଁ ଥିଲା ତାଙ୍କ ପ୍ରାଣର ଅଭିପ୍ରାୟ । ଏଥିପାଇଁ ସେ ମଠସମ୍ମିଳନୀ ପରେ ଏଠାରେ ସମ୍ମିଳନୀ

ହେବା କଥା ଉତ୍‌ଥାପନ କରିଥିଲେ । ତଦନୁଯାୟୀ ମଠସମ୍ମିଳନୀରେ ଆମମାନଙ୍କ ପକ୍ଷରୁ ସେ ନିଜେ ଏଠାକୁ ସମ୍ମିଳନୀ ଆହ୍ୱାନ କରିଥିଲେ । ଏପରିକି କାର୍ତ୍ତିକ ମାସର 'ଆର୍ଯ୍ୟଦର୍ପଣ'ରେ ଏଠା ସମ୍ମିଳନୀର ବିଜ୍ଞାପନ ପ୍ରକାଶିତ ହୋଇଥିଲା । ଏହି ବିଜ୍ଞାପନର ଲେଖକ ସ୍ୱୟଂ ଶ୍ରୀଶ୍ରୀ ଠାକୁର । ଏଥିରୁ ବୁଝାଯିବ ଯେ, ଉତ୍କଳରେ ବିଶେଷତଃ ପୁରୀଧାମରେ ଭକ୍ତସମ୍ମିଳନୀ କରିବାକୁ ତାଙ୍କର କି ପ୍ରକାର ଆଗ୍ରହ ଥିଲା । ସେ ଭକ୍ତମାନଙ୍କୁ ନେଇ ସମୁଦ୍ରବକ୍ଷରେ ଭ୍ରମଣ କରିବାକୁ ମଧ୍ୟ କଳ୍ପନା କରିଥିଲେ । ଭକ୍ତମାନେ ଥିଲେ ତାଙ୍କର ପ୍ରାଣ । ଭକ୍ତମାନଙ୍କର ପ୍ରାଣ ଆଡ଼କୁ ଦୃଷ୍ଟିଦେଇ ସେ କେବଳ ତାଙ୍କରି ଆନନ୍ଦ ବିଧାନର ପରିକଳ୍ପନାରେ ବିଭୋର ରହୁଥିଲେ । ତାଙ୍କର କଳ୍ପନା ସେ ବର୍ଷ ଆଉ ରୂପପରିଗ୍ରହ କରି ପାରିଲା ନାହିଁ । ଆଜି ଭିନ୍ନ ରୂପରେ ତାହା ରୂପପରିଗ୍ରହ କଲା । ତେଣୁ ମୁଁ ତାଙ୍କରି ଉଦ୍ଦେଶ୍ୟରେ ପ୍ରଣତ ହୋଇ କହୁଛି, ''ହେ ଠାକୁର ! ଆପଣ ଆମର ଏ ଶୁଭ ସମ୍ମିଳନୀକୁ ସାର୍ଥକ କରାନ୍ତୁ । ଆପଣଙ୍କର ଆଶୀର୍ବାଦ ଆମ ଉପରେ ଅଜସ୍ର ଧାରାରେ ବର୍ଷିତ ହେଉ ।''

ବନମାଳୀ ଭାଇଙ୍କର ଅଭିଭାଷଣଟି ସମସ୍ତଙ୍କ ହୃଦୟକୁ ସ୍ପର୍ଶ କଲା । ସମସ୍ତେ ଠାକୁରଙ୍କ ଭାବରେ ତନ୍ମୟ ହୋଇଗଲେ । ଏହି ଅଭିଭୂତ ଭାବ କଟିଗଲାପରେ ଅନୁପସ୍ଥିତ ଭକ୍ତମାନଙ୍କର ପତ୍ର ପାଠ କରାଗଲା ।

ତା'ପରେ ଆଲୋଚ୍ୟ ବର୍ଷରେ ଯେଉଁସବୁ ଗୁରୁ ଭ୍ରାତା ଓ ଭଗିନୀମାନେ ଦେହ ତ୍ୟାଗ କରିଅଛନ୍ତି, ସେମାନଙ୍କର ଗୁରୁନିଷ୍ଠା, ସାଧନଜୀବନ ଏବଂ ମୃତ୍ୟୁକାଳୀନ ଅବସ୍ଥା କଥା ଆଲୋଚନା କରି ସେମାନଙ୍କର ପାରଲୌକିକ ଆତ୍ମାର ମଙ୍ଗଳକାମନା କରି 'ଜୟଗୁରୁ ମହାମନ୍ତ୍ର' ଜପ କରାହେଲା । ଶ୍ରୀଶ୍ରୀ ଠାକୁର ଏହି ପ୍ରଥା ସମ୍ମିଳନୀରେ ପ୍ରବର୍ତ୍ତନ କରିଯାଇଅଛନ୍ତି । ତାହାର ସୂକ୍ଷ୍ମ ଆଲୋଚନା କଲେ ଜଣାଯାଏ ଯେ, ଯେଉଁମାନେ ଏହି ସ୍ଥୂଳ ଜଗତ୍ ପରିତ୍ୟାଗ କରି ପରଲୋକକୁ ଚାଲିଯାଇ ଅଛନ୍ତି, ସେମାନଙ୍କ ସହିତ ଆମମାନଙ୍କ ସମ୍ପର୍କ ଯେ ବିଚ୍ଛିନ୍ନ ହୋଇ ନାହିଁ ବା କୌଣସି ସମୟରେ ହୋଇପାରିବ ନାହିଁ; ଆମମାନଙ୍କର ଏହି ଅନୁଷ୍ଠାନ ତାହାର ପୂର୍ଣ୍ଣ ଦ୍ୟୋତକ । ଧନ୍ୟ ଠାକୁର ! ଧନ୍ୟ ତୁମର ମହିମା ! ତୁମେ ଏହିପରି ଭାବରେ ଇହ-ପରକାଳରେ ଆମମାନଙ୍କୁ ଗୋଟିଏ ସୂତ୍ରରେ ଯୋଗ କରି ରଖିଛ ।

ତତ୍ପରେ ଟ୍ରଷ୍ଟି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ଗତବର୍ଷର ରିପୋଟ ପାଠ କରିଥିଲେ । ତା'ପରେ ମଠାଶ୍ରମାଦିର କାର୍ଯ୍ୟବିବରଣୀ ପାଠ ହୋଇ ସାରିଲା ପରେ ଶ୍ରୀମତ୍ ଶକ୍ତି ଚୈତନ୍ୟ ବ୍ରହ୍ମଚାରୀ ମହାରାଜ 'ଆର୍ଯ୍ୟଦର୍ପଣ' ଗ୍ରହଣ ସମ୍ପର୍କରେ ଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶ ଶୁଣାଇଲେ । 'ଆର୍ଯ୍ୟଦର୍ପଣ'-ଗ୍ରହଣ, ମୁଷ୍ଟିଭିକ୍ଷା ସଂରକ୍ଷଣ, ସଂଘରେ ଯୋଗଦାନ ପ୍ରଭୃତି ଶ୍ରୀଶ୍ରୀ ଠାକୁରଙ୍କ ଅପରାପର ନିର୍ଦ୍ଦେଶ ସମ୍ବନ୍ଧରେ ମଧ୍ୟ ସେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିବା ଅଭିପ୍ରାୟରେ କହିଥିଲେ । ଏହାପରେ ପ୍ରତିନିଧି ସଭାପତି ଶ୍ରୀମତ୍ ସ୍ୱାମୀ ଚିଦାନନ୍ଦଜୀ ମହାରାଜ ପୁରୀର ବୈଶିଷ୍ଟ୍ୟ, ମଠ ଆଶ୍ରମ ସ୍ଥାପନର ଇତିହାସ ଏବଂ ଉଦ୍ଦେଶ୍ୟାଦି ବର୍ଣ୍ଣନା କରି ଗୋଟିଏ ସୁଚିନ୍ତିତ, ସୁବିସ୍ତୃତ ଏବଂ ସୁଲିଖିତ ପ୍ରବନ୍ଧ ପାଠ କରିଥିଲେ । ତାହାର କେତେକାଂଶ ନିମ୍ନରେ ପ୍ରଦତ୍ତ ହେଲା—

"ଆଜି ଭକ୍ତ ସମ୍ମିଳନୀର ଦ୍ୱାବିଂଶ ବାର୍ଷିକ ଅଧିବେଶନ । ଶ୍ରୀଶ୍ରୀ ଠାକୁରଙ୍କ ଶୁଭ ଇଚ୍ଛାର ଆକର୍ଷଣରେ ଆକୃଷ୍ଟ ହୋଇ ଆସାମ, ବଙ୍ଗଳା, ବିହାର, ଓଡ଼ିଶା, ସୁଦୂର ବ୍ରହ୍ମଦେଶ ଏବଂ ଭାରତର ବିଭିନ୍ନ ସ୍ଥାନରୁ ଆମେ ଆମର ଉତ୍କଳବାସୀ ଭ୍ରାତାଗଣଙ୍କ ଆହ୍ୱାନରେ ଆସି ସମ୍ମିଳିତ ହୋଇଅଛୁ । x x x ଏହି ପବିତ୍ର ଧାମ ପୁରୁଷୋତ୍ତମ କ୍ଷେତ୍ରକୁ ଆମ ଜୀବନର ଏକମାତ୍ର ଆରାଧ୍ୟ ଦେବତା ପରମ ପ୍ରେମାସ୍ପଦ ଶ୍ରୀଶ୍ରୀ ଠାକୁର ବାର, ତେର ବର୍ଷ ହେଲା ନୀଳ ସିନ୍ଧୁତୀରରେ ନୀଳାଚଳରେ, ନୀଳାଚଳ କୁଟୀରରେ ଭକ୍ତଗଣ ପରିବୃତ୍ତ ହୋଇ ବିରାଜିତ ଥିଲେ । ସେ ଜନକୋଳାହଳଠାରୁ ଦୂରରେ ଗୁପ୍ତ ଭାବରେ ନିଭୃତରେ ନିର୍ଜ୍ଜନରେ ଅବସ୍ଥାନ କରିବା ପାଇଁ ଏହି ଧାମରେ ପଦାର୍ପଣ କରିଥିଲେ । କିନ୍ତୁ ସୂର୍ଯ୍ୟ, ମେଘର ଆଢୁଆଳରେ କେତେକ୍ଷଣ ବା ଲୁଚି ରହିପାରେ ? ନାନା ସ୍ଥାନରୁ ରାଜା, ମହାରାଜା, ଜମିଦାର, ତ୍ୟାଗୀ ପ୍ରଭୃତି ଶତ ଶତ ଭକ୍ତଗଣ ଆସି ତାଙ୍କଠାରୁ ଏଠାରେ ଶିକ୍ଷାଦୀକ୍ଷା ଗ୍ରହଣ କଲେ । ଉତ୍କଳବାସୀଙ୍କ ମଧ୍ୟରୁ ବି ତାଙ୍କର ଅନେକ ଶିଷ୍ୟଭକ୍ତ ହୋଇଗଲେ—ଯାହାଫଳରେ ଆମେମାନେ ଆଜି ଏହି ପୁଣ୍ୟଧାମରେ ସମ୍ମିଳିତ ହୋଇଅଛୁ । ଏହି ପୁରୁଷୋତ୍ତମ ଧାମରେ ତାଙ୍କର ପ୍ରିୟ ଭକ୍ତଗଣଙ୍କୁ ସମ୍ମିଳନୀ ଉପଲକ୍ଷ୍ୟରେ ଏକତ୍ର କରି ଆନନ୍ଦ ଲୀଳା କରିବା ପାଇଁ ଶ୍ରୀଶ୍ରୀ ଠାକୁରଙ୍କର ଏକାନ୍ତ ଇଚ୍ଛା ଥିଲା ।

ଆମର ହୃଦୟ ଦେବତାଙ୍କର ବିନାଶ ନାହିଁ । ସେ ଅବିନାଶୀ—ସର୍ବସାକ୍ଷୀ ପୁରୁଷୋତ୍ତମ । ସେ ସବୁ ସମୟରେ ବିଦ୍ୟମାନ । ବର୍ତ୍ତମାନ ବି ସେ ଆମମାନଙ୍କ ଭିତରେ ଉପସ୍ଥିତ ଅଛନ୍ତି । ଏହା ଅତି ସତ୍ୟ କଥା, ଏଥିରେ ସନ୍ଦେହ ନାହିଁ ।

ରାତ୍ରି ପ୍ରାୟ ସାଢ଼େ ସାତଟା ସମୟରେ ସଭାକାର୍ଯ୍ୟ ବନ୍ଦ ହେଲା । ତା'ପରେ ଶ୍ରୀଶ୍ରୀ ଠାକୁରଙ୍କ ଆସନରେ ସନ୍ଧ୍ୟାରତି, ସ୍ତୋତ୍ରବନ୍ଦନା ପରେ 'ଜୟଗୁରୁ' ମହାନାମ କୀର୍ତ୍ତନରେ ସେ ସ୍ଥାନ ଆଲୋଡ଼ିତ ହୋଇଉଠିଲା ।

ଦ୍ୱିତୀୟ ଦିବସ—

ପୌଷ ବାର ଦିନ ରବିବାର । ପୂର୍ବାହ୍ଣରେ ସମାଗତ ମହିଳା ଭକ୍ତବୃନ୍ଦଙ୍କର ଐକାନ୍ତିକ ଇଚ୍ଛା ଏବଂ ଆଗ୍ରହରେ ପୂର୍ବତନ ସମ୍ମିଳନୀମାନଙ୍କ ପ୍ରଥାନୁଯାୟୀ ଶ୍ରୀଶ୍ରୀ ଠାକୁରଙ୍କର ଆସନ ସମ୍ମୁଖରେ ଗୋଟିଏ ମହିଳାସଭାର ଅଧିବେଶନ ହୋଇଥିଲା । ବଙ୍ଗଳା ଏବଂ ଓଡ଼ିଶାର ବହୁ ମହିଳା ଭକ୍ତ ଏଥିରେ ଯୋଗଦାନ କରି ଶ୍ରୀଶ୍ରୀ ଠାକୁରଙ୍କ ଜୀବନକଥା; ଉପଦେଶ ଏବଂ ଗୁରୁପଦିଷ୍ଟ କର୍ତ୍ତବ୍ୟ ସମ୍ବନ୍ଧରେ ବିଶେଷ ଭାବରେ ଆଲୋଚନା କରିଥିଲେ ।

ନିବେଦନ ସଙ୍ଗୀତ, ସ୍ତୋତ୍ର ବନ୍ଦନା ପାଠ ହେଲାପରେ ଦିନ ପ୍ରାୟ ସାଢ଼େ ତିନି ଘଣ୍ଟା ସମୟରେ ଦ୍ୱିତୀୟ ଦିନର ସଭାକାର୍ଯ୍ୟ ଆରମ୍ଭ ହେଲା । ଆଜି ପରସ୍ପର ଭାବବିନିମୟ ଏବଂ ଧର୍ମାଲୋଚନାର ଦିନ । ଏହା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ସମ୍ପର୍କରେ କିମ୍ବା କୌଣସି ହିସାବପତ୍ର ବିଷୟରେ ଆଲୋଚନା ହେବା କଥା ନୁହେଁ । ଆଜି କେବଳ ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗ; ଭାବର ଆଦାନ ପ୍ରଦାନ । ତେଣୁ ସଭାପତି ମହାରାଜଙ୍କ ଆଦେଶ କ୍ରମେ 'ଜୀବନୀ ଓ ବାଣୀ'ରୁ ଶ୍ରୀଶ୍ରୀ ଠାକୁର ୧୩୪୧ ସାଲ ମଠ ଭକ୍ତ-ସମ୍ମିଳନୀର ଦ୍ୱିତୀୟ ଦିନ ସମବେତ ଭକ୍ତବୃନ୍ଦଙ୍କୁ ଲକ୍ଷ୍ୟକରି ଯେଉଁ ଉପଦେଶବାଣୀ ବିତରଣ କରିଥିଲେ, ତାହା ଶ୍ରୀମତ୍ ସତ୍ୟଚୈତନ୍ୟ ବ୍ରହ୍ମଚାରୀ ପଢ଼ି ଭକ୍ତମାନଙ୍କୁ ଶୁଣାଇଥିଲେ । 'ଜୀବନୀ ଓ ବାଣୀ' ପୁସ୍ତକରେ ତାଙ୍କର ବାଣୀଗୁଡ଼ିକ ଏପରି ଅବିକୃତଭାବରେ ସଂକଳିତ ହୋଇଅଛି ଯେ ତାହା ଶୁଣି ମନେହେଲା ସତେ ଯେପରି ଶ୍ରୀଶ୍ରୀ ଠାକୁର ସ୍ୱୟଂ ତାଙ୍କ ଆସନରେ ଅଧିଷ୍ଠିତ ରହି ତାଙ୍କର ଚିରନ୍ତନ ଅମୀୟ ବାଣୀ ଭକ୍ତମାନଙ୍କୁ ଶୁଣାଉଅଛନ୍ତି । ଏହି ବାଣୀ ଶୁଣି ସମସ୍ତଙ୍କ ପ୍ରାଣରେ ଆଶା ଏବଂ ଆନନ୍ଦର ସଞ୍ଚାର ହୋଇଗଲା । ଠାକୁର ଯେ ଆମମାନଙ୍କୁ ଛାଡ଼ିଯାଇ ମଧ ଛାଡ଼ିନାହାନ୍ତି, ଏହି ଧାରଣା ସମସ୍ତଙ୍କ ହୃଦୟରେ ବଦ୍ଧମୂଳ ହୋଇଥିଲା ।

ଭକ୍ତସମ୍ମିଳନୀର ଉଦ୍ଦେଶ୍ୟ ବର୍ଣ୍ଣନା ପ୍ରସଙ୍ଗରେ ଶ୍ରୀମତ୍ ଶକ୍ତି ଦାଦା ମହାରାଜ କହିଲେ, ''ଆଜି ଆମେମାନେ ଏତେଗୁଡ଼ିଏ ପ୍ରାଣ ଯେଉଁ ସମ୍ମିଳନୀ ଉପଲକ୍ଷ୍ୟରେ ଏକତ୍ର ସମ୍ମିଳିତ ହୋଇଥାଉଁ, ସେହି ସମ୍ମିଳନୀର ଆଜି ହେଉଛି ଦ୍ୱାବିଂଶ ବାର୍ଷିକ ଅଧିବେଶନ । ଏହାର ନାମ ଭକ୍ତସମ୍ମିଳନୀ କାହିଁକି ହେଲା ନା, ଯେଉଁମାନେ ଠାକୁରଙ୍କ ଭକ୍ତ, ତାଙ୍କରି ଭଜନା କରନ୍ତି, ତାଙ୍କୁ ଭଲପାଆନ୍ତି, ଗୋଟିଏ କଥାରେ ତାଙ୍କରି ଆପଣାର ଲୋକ—ସେମାନେ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ହାତରୁ ମୁକ୍ତ ହୋଇ ସମ୍ୟକ୍ ଭାବରେ ମିଳିତ ହେବେ, ଠାକୁରଙ୍କର ଲକ୍ଷ୍ୟ ଉଦ୍ଦେଶ୍ୟକୁ ପାଥେୟ କରି ଜୀବନକୁ ପରିଚାଳିତ କରିବା ପାଇଁ ଶକ୍ତି ସଞ୍ଚୟ କରିବେ; ଆଦର୍ଶତ୍ୟାଗୀ ଏବଂ ଆଦର୍ଶ ଗୃହୀଙ୍କର ଜୀବନର ଆଦର୍ଶ ବିଷୟକ ଆଲୋଚନା କରି ପରସ୍ପର ପରସ୍ପର ସହିତ ଭାବବିନିମୟ ସହାୟତାରେ ସଂଘଶକ୍ତିର ପ୍ରତିଷ୍ଠା କରି ଠାକୁରଙ୍କର ଅମୂର୍ତ୍ତ ଇଚ୍ଛାକୁ ମୂର୍ତ୍ତ କରି ଗଠନ କରିପାରିବେ ।''

ଶ୍ରୀଶ୍ରୀ ଠାକୁରଙ୍କର ଉଦ୍ଦେଶ୍ୟ ଥିଲା, ସନାତନ ଧର୍ମର ପୁନଃ ପ୍ରତିଷ୍ଠା । ସର୍ବଧର୍ମ ସମନ୍ୱୟ, ଅସାମ୍ପ୍ରଦାୟିକ ଭାବରେ ସତ୍ୟଧର୍ମର ପ୍ରଚାର, ସତ୍‌ଶିକ୍ଷାର ବିସ୍ତାର ଏବଂ ତ୍ୟାଗୀ ଓ ଗୃହୀଙ୍କର ପରସ୍ପର ସମ୍ମିଳନ । ଶ୍ରୀଶ୍ରୀ ଠାକୁର ଖଡ଼କୁସୁମାଠାରେ ପ୍ରଥମ ସମ୍ମିଳନୀରେ କହିଥିଲେ, ''ଯଦି ଭାରତର କେଉଁଦିନ ଉନ୍ନତି ସାଧିତ ହୁଏ, ତେବେ ତାହା ଏହି ଗୃହୀ ଓ ତ୍ୟାଗୀଙ୍କର ପରସ୍ପର ସମ୍ମିଳନରେ ହିଁ ସମ୍ଭବ ହେବ । 'ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ' । ଶ୍ରୀଶ୍ରୀ ଠାକୁରଙ୍କର ସେହି ବାଣୀ ପ୍ରତି ଲକ୍ଷ୍ୟ କରି ଆମେମାନେ ଯେପରି ପରସ୍ପର ମିଳିତ ହୋଇପାରିବା, ତାହାର ପ୍ରଚେଷ୍ଟା କରିବା ଆମମାନଙ୍କର ଏକମାତ୍ର କର୍ତ୍ତବ୍ୟ । ଗୃହୀ ଓ ତ୍ୟାଗୀଙ୍କର ପୁଣ୍ୟ ସମ୍ମେଳନରେ ଭାରତ ପୁଣି ପୂର୍ଣ୍ଣ ଗୌରବରେ ଅଧିଷ୍ଠିତ ହେଉ, ଏହା ଆମେ ଚାହୁଁ । ଆଜି ଆମେମାନେ ଶ୍ରୀଜଗନ୍ନାଥ କ୍ଷେତ୍ରରେ ସମ୍ମିଳିତ ହୋଇଅଛୁ, ଶ୍ରୀଗୁରୁଧାମରେ ସମ୍ମିଳିତ ହୋଇଅଛୁ । ଏଠାରେ ବିରୋଧ ବିସମ୍ବାଦର କୌଣସି ପ୍ରଶ୍ନ ଆସି ନ ପାରେ । 'ବିରୋଧଗୁଣବୈଷମ୍ୟେ' । ଗୁଣର ଯେଉଁଠରେ ବିରତି ସେଠାରେ ବିରୋଧ ହୋଇ ନ ପାରେ । ଗୁରୁ ନିର୍ଗୁଣ, ଗୁରୁଧାମ ତ୍ରିଗୁଣାତୀତ, ଶ୍ରୀଜଗନ୍ନାଥ କ୍ଷେତ୍ର ମିଳନଭୂମି । ଆମେମାନେ ଏହି ପବିତ୍ର ମିଳନଭୂମିରେ ସମ୍ମିଳିତ ହୋଇଅଛୁ । ସମସ୍ତ ବିରୋଧଭାବ ପରିହାର କରି ଏକପ୍ରାଣରେ ଶ୍ରୀଗୁରୁ ଚରଣରେ ସମ୍ମିଳିତ ହେବାକୁ ଆସି ଯଦି ଆମେମାନେ

ବିରୋଧ କରିବାକୁ ଯିବା ଅଥବା କୌଣସି କାରଣରୁ ତାଙ୍କର ମିଳନସୂତ୍ରକୁ ଛିନ୍ନ କରିବାକୁ ଯିବା, ତା'ହେଲେ ସେଥି ସଙ୍ଗେ ସଙ୍ଗେ ତାଙ୍କର ହୃଦୟ ଶତଧା ବିଦୀର୍ଣ୍ଣ ହୋଇଯିବ ନାହିଁକି ?''

''ଠାକୁର ଅଛନ୍ତି, ସେ ମରିନାହାନ୍ତି । ସେ ଆଜି ଦ୍ରଷ୍ଟାର ଆସନରେ ବସି ଆମମାନଙ୍କର ସକଳ ବ୍ୟାପାରକୁ ପ୍ରତ୍ୟକ୍ଷ କରୁଅଛନ୍ତି । ଯଦି ଆମେମାନେ ମନେକରୁ ଯେ, ସେ ନାହାନ୍ତି—ତାହାହେଲେ ବୁଝିବାକୁ ହେବ ଆମେମାନେ ଆଜିପର୍ଯ୍ୟନ୍ତ ଯେଉଁ ସ୍ତୋତ୍ର ପାଠ କରୁଥିଲୁ ତାହା ବୃଥା ।

''ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁ ବ୍ରହ୍ମ ନମାମ୍ୟହମ୍ ।''

ଅନ୍ୟଥା ଆମେମାନେ ଠାକୁରଙ୍କର ଶିଷ୍ୟ, ତାଙ୍କର ଭକ୍ତ, ତାଙ୍କୁ ଆନନ୍ଦ ଦେବା ହେଉଛି ଆମମାନଙ୍କର କାର୍ଯ୍ୟ । କିନ୍ତୁ ସେ ସ୍ଥୁଳରେ ଥିବାବେଳେ ଆମେମାନେ ତାଙ୍କୁ ଆନନ୍ଦ ଦେଇପାରି ନାହୁଁ । ଆମମାନଙ୍କର ଅନ୍ତରର କଳୁଷକାଳିମାର ସୁତୀବ୍ର ହଳାହଳ ସମସ୍ତ ତାଙ୍କ ଉପରେ ଢାଳିଦେଇଛୁ । ସେ ଥିଲେ ନୀଳକଣ୍ଠ, ତେଣୁ ଆମମାନଙ୍କର ଦେଇଥିବା ଏହି ସମସ୍ତ ବିଷକୁ କଣ୍ଠରେ ଧାରଣ କରି ସେ ଆମମାନଙ୍କୁ ଅମୃତବିତରଣ କରି ଯାଇଅଛନ୍ତି । ସେହି ଅମୃତଶକ୍ତିରେ ଅମର ହୋଇ ଅମିତ ତେଜରେ ଆଜି ଆମେମାନେ ତାଙ୍କର ବାଣୀ ଅନୁସରଣ କରି ଚାଲିବା । ତାଙ୍କର ଅପୂର୍ଣ୍ଣ ଆକାଙ୍‌କ୍ଷାକୁ ପୂର୍ଣ୍ଣ କରିବା, ଜଗତ୍ ଦୁଆରେ ସେହି ଅମୃତବାର୍ତ୍ତା, ଭ୍ରାତୃପ୍ରେମ ବିତରଣ କରିବା । ଏହା ଯଦି ଆମେମାନେ କରିପାରୁ ତା'ହେଲେ ଯାଇ ତାଙ୍କ ପ୍ରାଣରେ ଆନନ୍ଦ ଏବଂ ଶାନ୍ତିର ସଞ୍ଚାର ହେବ; ଆମମାନଙ୍କ ଶିରରେ ତାଙ୍କର ଅଜସ୍ର କରୁଣାଧାରା ବର୍ଷିତ ହେବ ।''

''ଆମମାନଙ୍କର ଗୃହସ୍ଥ ଜୀବନ ବହୁଦିନ ହେଲା ମ୍ଳାନ ହୋଇଯାଇଛି । ସେହି ଗୃହସ୍ଥାଶ୍ରମକୁ ପୁନରୁଜ୍ଜ୍ୱଳ କରି ଗଢ଼ିବାକୁ ହେବ । ଗୃହସ୍ଥାଶ୍ରମ ହେଉଛି ସମସ୍ତ ଆଶ୍ରମର ମୂଳ । ଗୃହୀ, ବ୍ରହ୍ମଚାରୀ, ବାନପ୍ରସ୍ଥ, ସନ୍ନ୍ୟାସୀ, ସମସ୍ତେ ଏହି ଗୃହସ୍ଥାଶ୍ରମରୁ ହିଁ ଉଦ୍‌ଭୂତ ହୋଇଥାଆନ୍ତି । କେହି ଭୂଇଁ ଫଟାଇ ଜନ୍ମନ୍ତି ନାହିଁ । ସମସ୍ତେ ଆବିର୍ଭୂତ ହୁଅନ୍ତି ପିତାମାତାଙ୍କର ଅଙ୍କ ଆଲୋକିତ କରି । ଦେଶକୁ ପୁଣି ଜାଗ୍ରତ କରିବାକୁ ହେଲେ ଆଦର୍ଶ ସନ୍ତାନର ଆବିର୍ଭାବ ଏକାନ୍ତ ପ୍ରୟୋଜନ; ଆଉ ସେହି ଆଦର୍ଶ ସନ୍ତାନକୁ ଜନ୍ମ ଦେବାକୁ ହେଲେ ପିତାମାତାଙ୍କୁ ମଧ୍ୟ ଆଦର୍ଶ ଗୃହସ୍ଥ

ହେବାକୁ ହେବ । ଋଷିମାନେ ଥିଲେ ଆଦର୍ଶ ଗୃହସ୍ଥ । ତେଣୁ ତାଙ୍କରି କୁଟୀର ପ୍ରାଙ୍ଗଣରେ ଦେବସନ୍ତାନମାନଙ୍କର ଆବିର୍ଭାବ ହେଉଥିଲା । ଯେପରି ପ୍ରାଚୀନ ଋଷିଯୁଗର ଭାବାନୁସରଣରେ ପୁଣି ଦେଶରେ ଆଦର୍ଶ ଗୃହସ୍ଥାଶ୍ରମର ପ୍ରତିଷ୍ଠା ହେବ— ଏହା ଥିଲା ଠାକୁରଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଆମେମାନେ ତାଙ୍କର ଉଦ୍ଦେଶ୍ୟପଥରେ କେତେଦୂର ପରିଚାଳିତ ହୋଇପାରିଛୁ ଆଜି ତାହାର ହିସାବ ନିକାଶର ଦିନ । ଆଜି ଆମେମାନେ ଆମମାନଙ୍କର କୃତକର୍ମର ହିସାବ ନିକାଶ କରି, ପରସ୍ପର ଜ୍ଞାନର ଆଦାନ ପ୍ରଦାନ କରି, ସଂଘଶକ୍ତିର ପ୍ରତିଷ୍ଠା କରିବା, ମହାଶକ୍ତିଙ୍କର ଉଦ୍‌ବୋଧନ କରିବା, ତାଙ୍କର ଚିରନ୍ତନ ଆଶାକୁ ପରିପୂର୍ଣ୍ଣ କରିବା, ଏହା ହେଉଛି ଆମମାନଙ୍କର କର୍ତ୍ତବ୍ୟ । ଆସ, ଆମେମାନେ ସମସ୍ତେ ଏକତ୍ର ମିଳିତ ହୋଇ ତାଙ୍କର ମହାନ୍ ଉଦ୍ଦେଶ୍ୟ ସମ୍ପୂରଣ କରିବାକୁ ଆତ୍ମାହୁତି ପ୍ରଦାନ କରିବା ।''

ତା'ପରେ ସୁରେନ୍ଦ୍ରମୋହନ ଦାଶଗୁପ୍ତ ଭାଇ ଉଠି କହିଲେ, ''ଆଜି ଆମେମାନେ ଯେଉଁ ସମ୍ମିଳନୀ ଉପଲକ୍ଷ୍ୟରେ ଏଠାରେ ସମ୍ମିଳିତ ହୋଇଥାଇ, ସେହି ସମ୍ମିଳନୀର ପ୍ରଥମ ଉଦ୍‌ବୋଧନ ୧୩୨୨ ସାଲରେ ଆସାମ ସାରସ୍ୱତ ମଠରେ ହୁଏ । ଶ୍ରୀଶ୍ରୀ ଠାକୁର ଟେଲିଗ୍ରାମ କରି ଏ ସମ୍ବାଦ ଆମମାନଙ୍କୁ ଜଣାନ୍ତି । ଆମେ ଚାରିଜଣ ସେ ସମ୍ମିଳନୀରେ ଉପସ୍ଥିତ ହୋଇଥିଲୁ । ଚାରିଜଣଙ୍କ ମଧ୍ୟରୁ ଜଣେ ପରଲୋକ ଗମନ କଲେଣି । ବାକୀ ଆମେ ତିନିଜଣ ଆଜି ମଧ୍ୟ ଅଛୁ । ସେଦିନ ସମ୍ମିଳନୀର ଉଦ୍‌ବୋଧନ ହୁଏ । ପରବର୍ତ୍ତୀ ଭାଓ୍ୱାଲର ପ୍ରଥମ ସମ୍ମିଳନୀରେ ତାହା ଚୈତନ୍ୟଲାଭ କରେ । ତା'ପରେ କ୍ରମଶଃ ଉତ୍ତରୋତ୍ତର ତାହା ସମୃଦ୍ଧ ହୋଇ ଚାଲିଛି । କୋକିଳାମୁଖ ମଠରେ ଯେଉଁଦିନ ଏହାର ପ୍ରଥମ ଅଧିବେଶନ ହୁଏ, ସେହିଦିନ ହିଁ ଶ୍ରୀଶ୍ରୀ ଠାକୁର ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ, ''ଆଦର୍ଶ ଗୃହସ୍ଥଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଓ ଭାବବିନିମୟ ମୋର ଏହି ସମ୍ମିଳନୀର ଉଦ୍ଦେଶ୍ୟ ।'' ସୁଦୀର୍ଘ କୋଡ଼ିଏ ବର୍ଷ ଧରି ସେ ପ୍ରତି ସମ୍ମିଳନୀରେ ଉପସ୍ଥିତ ରହି ଆମମାନଙ୍କ ମଧ୍ୟରେ ଏହି ବାଣୀ ବିତରଣ କରୁଥିଲେ, ଯାହାଦ୍ୱାରା କି ଆମେମାନେ ତାଙ୍କର ଆଦର୍ଶକୁ ବାସ୍ତବରେ ରୂପ ଦେଇପାରୁ । ଏଥିପାଇଁ ସେ ଆମମାନଙ୍କୁ ଉଦ୍‌ବୁଦ୍ଧ କରିଯାଇଛନ୍ତି । କିନ୍ତୁ ଆମେମାନେ ଏପରି ଦୁର୍ଭାଗା, ଏପରି କର୍ମବିମୁଖ ଯେ ଆଜିପର୍ଯ୍ୟନ୍ତ ତାଙ୍କର ସେହି ଆଦର୍ଶକୁ ରୂପ ଦେଇପାରି ନାହୁଁ । ସେ ଦ୍ୱାରେ ଦ୍ୱାରେ ବୁଲି ଆମମାନଙ୍କୁ ଉନ୍ନତ କରିବାପାଇଁ, ମହତ୍

କରିବା ପାଇଁ କେତେ କାନ୍ଦିଗଲେ ! ଆମେମାନେ ତାଙ୍କର ସେ କ୍ରନ୍ଦନର ପ୍ରତିଦାନ ଦେଇପାରି ନାହୁଁ । ଆଜି ଆମମାନଙ୍କର ସେହି ସମୟ ଆସିଛି । ତାଙ୍କ ବିରହରେ କାନ୍ଦି କାନ୍ଦି ଆଜି ଆମମାନଙ୍କୁ ତାଙ୍କରି ଆଦର୍ଶର ଅନୁଧ୍ୟାନ କରି ଜୀବନପାତ କରିବାକୁ ହେବ, ଆମମାନଙ୍କୁ ଆଦର୍ଶ ଗୃହୀ ହେବାକୁ ହେବ, ଧର୍ମଜଗତରେ ସଂଘଶକ୍ତିର ପ୍ରତିଷ୍ଠା କରିବାକୁ ହେବ, ଭାବବିନିମୟଦ୍ୱାରା ପରସ୍ପରକୁ ସମୃଦ୍ଧ କରିବାକୁ ହେବ ।''

ତା'ପରେ ଭାବବିନିମୟ ଆରମ୍ଭ ହେଲା । ଉପସ୍ଥିତ ଭକ୍ତବୃନ୍ଦଙ୍କ ମଧ୍ୟରେ ଅନେକେ ଉଠି ନିଜ ନିଜ ଜୀବନରେ ଶ୍ରୀଶ୍ରୀ ଠାକୁରଙ୍କ କୃପା ଉପଲବ୍ଧିମୂଳକ ଘଟଣାର ବିବୃତି ଦେଇ ଭାବର ଆଦାନପ୍ରଦାନ କଲେ । ଗୁରୁ ଭ୍ରାତା ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କର 'ଜୟଗୁରୁ ମହାମନ୍ତ୍ର' ଶକ୍ତିରେ ପୁନର୍ଜୀବନ ଲାଭ, ମେଘନାଦ ଭାଇଙ୍କର ଠାକୁରଙ୍କ କୃପାରୁ ଆରୋଗ୍ୟଲାଭ, ଇନ୍ଦ୍ରନାରାୟଣ ସାଧୁଖାଁଙ୍କର ଠାକୁରଙ୍କ ପାଦୋଦକ ଦ୍ୱାରା ସର୍ବରୋଗ ଆରୋଗ୍ୟ କାହାଣୀ, ବିଜନବିହାରୀ ଗୁପ୍ତଙ୍କର ସଂକୀର୍ତ୍ତନ ମଧ୍ୟରେ ଠାକୁରଙ୍କର ପ୍ରତ୍ୟକ୍ଷ ଦର୍ଶନ; ବିହାରୀ ପଣ୍ଡାଙ୍କର ସ୍ୱପ୍ନଯୋଗରେ ପରୀକ୍ଷାର ପ୍ରଶ୍ନ ଅବଗତି ସମସ୍ତଙ୍କର ଚିତ୍ତାକର୍ଷଣ କରିଥିଲା । ଶ୍ରୀବିପିନବିହାରୀ ଗୁପ୍ତ, ରାଖାଲଚନ୍ଦ୍ର ପାଲ, କ୍ଷୀରୋଦନାଥ ସିଂ, ଦ୍ୱାରିକାନାଥ ଦାସ, ଦୁର୍ଗାଚରଣ ମହାନ୍ତି ପ୍ରଭୃତି ଭକ୍ତଗଣ ମଧ୍ୟ ନିଜ ନିଜ ଜୀବନରେ ଶ୍ରୀଶ୍ରୀ ଠାକୁରଙ୍କର ସ୍ନେହ, କରୁଣା ଓ କୃପା ଉପଲବ୍ଧିର ବିଷୟ ବର୍ଣ୍ଣନା କରି ଭାବବିନିମୟ କରିଥିଲେ ।

ତା'ପରେ ପରିଚୟ ଆରମ୍ଭ ହେଲା । ଗୋଟିଏ ବିଶେଷ ଦ୍ୱନ୍ଦ୍ୱର ବିଷୟ ସମାଧାନ ପରେ ଆନନ୍ଦ ସଭାର ଅଧିବେଶନ ବସିଲା । ମୁହୂର୍ତ୍ତକ ପୂର୍ବରୁ ଯେଉଁ ଦ୍ୱନ୍ଦ୍ୱ ବିଷୟରେ ଯେଉଁମାନଙ୍କ ମଧ୍ୟରେ ଖୁବ୍ କଟୁ ସମାଲୋଚନାମୂଳକ ବାକ୍ୟର ଆଦାନ ପ୍ରଦାନ ହେଉଥିଲା, ବର୍ତ୍ତମାନ ପୁଣି ସେମାନେ କୋଲାକୋଳି ହୋଇ ପରସ୍ପରକୁ ପ୍ରେମରେ ଆଲିଙ୍ଗନ କରି ଆନନ୍ଦସଭାର ଉଦ୍‌ବୋଧନ କଲେ । ସେହି ପ୍ରାଣଖୋଲା ହସ, ସେହି ହାସ୍ୟରସାତ୍ମକ ଅଭିନୟ ଭଙ୍ଗୀ, ସେହି ବ୍ୟଙ୍ଗପୂର୍ଣ୍ଣ ଗାନ ଓ ବକ୍ତୃତା ଦର୍ଶନ ଓ ଶ୍ରବଣ କରି କେହି କହିପାରିବ ନାହିଁ ଯେ, ଅଳ୍ପସମୟ ପୂର୍ବରୁ ଏମାନଙ୍କ ମଧ୍ୟରେ କୌଣସି ମତବିରୋଧ ବା ମତାନ୍ତର ହୋଇଥିଲା । ଶ୍ରୀଶ୍ରୀ ଠାକୁର ତ ନିଜେ ଉପଦେଶ ଦେଇ ଯାଇଛନ୍ତି—ତୁମମାନଙ୍କ ମଧ୍ୟରେ ମତାନ୍ତର

ହୋଇପାରେ, କିନ୍ତୁ ସାବଧାନ, ମନାନ୍ତର ଯେପରି ନ ହୁଏ । ଆଜି ଠାକୁରଙ୍କର ସେହି ଉପଦେଶକୁ ଆନନ୍ଦସଭାର ସେହି ଆନନ୍ଦ ମୁହୂର୍ତ୍ତରେ ମୂର୍ତ୍ତ ହେବାର ଦେଖି ବାସ୍ତବିକ ହୃଦୟ ଆନନ୍ଦରେ ପୂରିଉଠିଲା । ଆମେମାନେ ବିଭିନ୍ନ ଆକୃତି ପ୍ରକୃତିସମ୍ପନ୍ନ ହେଲେ ମଧ୍ୟ ଶ୍ରୀଶ୍ରୀ ଠାକୁର ଆମ ସମସ୍ତଙ୍କ ମଧ୍ୟରେ ସୂତ୍ରାତ୍ମାରୂପରେ ରହି ପରସ୍ପର ସହିତ ପରସ୍ପରର ଚିରମିଳନ ସଂଘଟନ କରି ରଖିଅଛନ୍ତି—ଏ ବୋଧ ଦୃଢ଼ତର ହେଲା । ଏହି ସଭା ଶେଷ ହେଲାବେଳକୁ ରାତ୍ରି ପ୍ରାୟ ଦୁଇପ୍ରହର ଅତୀତ ହୋଇଯାଇଥିଲା ।

ତୃତୀୟ ଦିବସ—

ପୌଷ ତେର ଦିନ ସୋମବାର । ଆଜି ସାଧାରଣ ସଭାର ଅଧିବେଶନ । ନିଜ ନିଜ ଆଭ୍ୟନ୍ତରୀଣ ବ୍ୟାପାର କାଲି ଶେଷ ହୋଇଯାଇଛି । ଆଜି ସର୍ବସାଧାରଣଙ୍କୁ ନିମନ୍ତ୍ରଣ କରି ଆଣି ସେମାନଙ୍କ ମଧ୍ୟରେ ମଠାଶ୍ରମର ଉଦ୍ଦେଶ୍ୟ ପ୍ରଚାର କରି ଶ୍ରୀଶ୍ରୀ ଠାକୁରଙ୍କର ଭାବଧାରା ବିତରଣ କରିବାକୁ ହେବ । ନିବେଦନ ଗାନ ଏବଂ ସ୍ତୋତ୍ରପାଠ ପରେ ଦିନ ପ୍ରାୟ ଚାରିଟାବେଳେ ସାଧାରଣ ସଭାର କାର୍ଯ୍ୟ ଆରମ୍ଭ ହେଲା । ପୁରୀଧାମବାସୀ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ । ସର୍ବସମ୍ମତିକ୍ରମେ ପୁରୀ ସଂସ୍କୃତ କଲେଜର ଅଧ୍ୟାପକ ଓଡ଼ିଶାର ପ୍ରଥିତଯଶା ପଣ୍ଡିତ ଶ୍ରୀଯୁକ୍ତ ମାୟାଧର ତର୍କପଞ୍ଚାନନ ମହୋଦୟ ସଭାପତି ଆସନ ଅଳଂକୃତ କରିଥିଲେ । ଶ୍ରୀମତ୍ ଶକ୍ତି ଚୈତନ୍ୟ ବ୍ରହ୍ମଚାରୀ ସାରସ୍ୱତ ମଠର ଉଦ୍ଦେଶ୍ୟ, ଆଦର୍ଶ ଓ ମତବାଦ ଏବଂ କର୍ମଧାରା ସମ୍ବନ୍ଧରେ ଗୋଟିଏ ମନୋଜ୍ଞ ବକ୍ତୃତା ଦେଇଥିଲେ ।

ମନୁଷ୍ୟ ସ୍ୱରୂପତଃ କ'ଣ, ସେ କ'ଣ ଚାହେଁ, କିପରି ତାର ଉନ୍ନତି ହେବ—ଏସବୁ ଜଟିଳ ତତ୍ତ୍ୱର ଅବଲମ୍ବନରେ ଯୋଗାନନ୍ଦ ହଂସ ମହାରାଜ ଗୋଟିଏ ସୁଦୀର୍ଘ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ ।

ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଭାଇ କହିଲେ, "ବାରବର୍ଷ ପୂର୍ବେ ପୁରୀଧାମରେ ଯେଉଁ ଗୌରବରବିଙ୍କର ଉଦୟ ହୋଇଥିଲା, ଗତବର୍ଷ ତାହା ଅସ୍ତମିତ ହୋଇଛି । କିନ୍ତୁ ତାଙ୍କର ଆଭା ବର୍ତ୍ତମାନ ସୁଦ୍ଧା ଆମମାନଙ୍କ ପ୍ରାଣକୁ ଅନୁରଞ୍ଜିତ କରି ରଖିଛି । ସେ ଆସାମରେ ମଠ ସ୍ଥାପନ କରିଛନ୍ତି, ବଙ୍ଗଳାର ବିଭିନ୍ନ ସ୍ଥାନରେ

ଆଶ୍ରମ ସ୍ଥାପନ କରିଛନ୍ତି, କିନ୍ତୁ ଉତ୍କଳରେ ସେହିପରି କିଛି କରି ନାହାନ୍ତି । କେବଳ ରଖିଯାଇଛନ୍ତି ମୁଷ୍ଟିମେୟ କେତୋଟି ଦୀନହୀନ ଭକ୍ତ ପ୍ରାଣ । ଏମାନଙ୍କର ସାମର୍ଥ୍ୟ ନାହିଁ ଯେ, ଏମାନେ ଏଠାରେ ଆଖିକୁ ଦିଶିଲାଭଳି କେତେକ ଅନୁଷ୍ଠାନ ଗଢ଼ିପାରିବେ । ଆପଣମାନଙ୍କୁ ଅନୁରୋଧ, ତାଙ୍କର ବିଜୟପତାକା ଉତ୍କଳରେ ଉଡ୍‌ଡ୍ରୀୟମାନ କରାନ୍ତୁ ।''

ଶ୍ରୀମତ୍ ପୂର୍ଣ୍ଣଚୈତନ୍ୟ ବ୍ରହ୍ମଚାରୀ ମହାରାଜ କହିଲେ, ''ଜଗତରେ ଶାନ୍ତି ଓ ଆନନ୍ଦ ବିତରଣ ନିମିତ୍ତ ଠାକୁର ଆସିଥିଲେ । ସେ କୃଚ୍ଛ୍ର ସାଧନଦ୍ୱାରା ତନ୍ତ୍ର, ଜ୍ଞାନ, ଯୋଗ, ପ୍ରେମରେ ସିଦ୍ଧିଲାଭ କରି ଜଗତ ଆଗରେ ତାହା ଲାଭ କରିବାର ସହଜ ପନ୍ଥା ଉନ୍ମୁକ୍ତ କରିଯାଇଅଛନ୍ତି । ସେ କହନ୍ତି, 'ଶଙ୍କରଙ୍କର ମତ ଓ ଗୌରାଙ୍ଗଙ୍କର ପଥ' ଅବଲମ୍ବନ କରି ତୁମେମାନେ ସହଜରେ ଅଭୀଷ୍ଟ ବସ୍ତୁ ଲାଭ କରିପାରିବ । ଭକ୍ତିପଥରେ ଜ୍ଞାନଲାଭ କରିବା ହିଁ ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ । ଜ୍ଞାନଭକ୍ତିର ସମନ୍ୱୟ ନ ହେଲେ ପ୍ରେମର ଉଦୟ ହୁଏ ନାହିଁ । ପ୍ରେମ ନ ଆସିଲେ କେହି ପ୍ରକୃତ ଆନନ୍ଦର ଅଧିକାରୀ ହୋଇପାରିବ ନାହିଁ । ସମସ୍ତେ ସଂସାର ଛାଡ଼ି ସନ୍ନ୍ୟାସୀ ହୋଇ ଯାଆନ୍ତୁ—ଏ ଉଦ୍ଦେଶ୍ୟ ତାଙ୍କର ନ ଥିଲା ।'' ସେ କହୁଥିଲେ, ''ପ୍ରାଚୀନ ଋଷି ଯୁଗର ଆଦର୍ଶରେ ଗୃହସ୍ଥ ଜୀବନଯାପନ କରି ଗୃହସ୍ଥାଶ୍ରମରେ ରହି ତୁମେମାନେ ଅମୃତତ୍ତ୍ୱ ଲାଭ କର ।''

ସମବେତ ଜନମଣ୍ଡଳୀ ପକ୍ଷରୁ ପୁରୀ ସଂସ୍କୃତ କଲେଜର ବେଦାନ୍ତ ଶାସ୍ତ୍ର ଅଧ୍ୟାପକ ପଣ୍ଡିତ ଭଜକୃଷ୍ଣ ମିଶ୍ର ଶ୍ରୀଶ୍ରୀ ଠାକୁରଙ୍କର ଆଦର୍ଶ ଓ ଭାବଧାରାକୁ ଅଭିନନ୍ଦିତ କରି ବେଦାନ୍ତର ମତବାଦ ସମ୍ବନ୍ଧରେ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କରିଥିଲେ । ତତ୍ପରେ ପୁରୀର ପ୍ରବୀଣ ଓକିଲ ଶ୍ରୀଯୁକ୍ତ ଗତୀଶ୍ୱର ମିଶ୍ର ଶ୍ରୀଶ୍ରୀ ଠାକୁରଙ୍କ ଉପଦେଶ, ବାକ୍ୟ ଏବଂ କାର୍ଯ୍ୟ ମଧ୍ୟରେ ଯେ ଅପୂର୍ବ ସାମଞ୍ଜସ୍ୟ ଥିଲା, ବାସ୍ତବ ଘଟଣାର ଉଲ୍ଲେଖ କରି ତାହା ପ୍ରକାଶ କରିଥିଲେ । ସେ କହିଲେ, ''ଆଠ ଦଶ ବର୍ଷ ଧରି ମୁଁ ତାଙ୍କ ସଂସ୍ପର୍ଶରେ ଆସିଛି । ତାଙ୍କର ଆଚାର ଆଚରଣ ବୁଝିଛି । ସେ ଜଣେ ମହାମାନବ ଏବଂ ତାଙ୍କର ବାକ୍ୟ ଓ କାର୍ଯ୍ୟ ମଧ୍ୟରେ ଯେ ଅପୂର୍ବ ସାମଞ୍ଜସ୍ୟ ଥିଲା, ତାହା ମୁଁ ହୃଦୟଙ୍ଗମ କରିଛି । ଆମମାନଙ୍କ ସାମାନ୍ୟ ଅନୁରୋଧରେ ସେ ଚାରି ପାଞ୍ଚଟି ଟୋଲ୍ ଛାତ୍ରଙ୍କୁ ତିନି ଚାରିବର୍ଷ ଯାଏ ଆହାର ପ୍ରଦାନ କରୁଥିଲେ । ସେ ନିଜେ ଏକାଦଶୀ କରନ୍ତି । କିନ୍ତୁ ଏକାଦଶୀ ଦିନମାନଙ୍କରେ

ମଧ୍ୟ ଛାତ୍ରମାନଙ୍କ ପାଇଁ ପୃଥକ ଭାବରେ ଆହାରାଦିର ବ୍ୟବସ୍ଥା କରିବାକୁ ଭୁଲନ୍ତି ନାହିଁ । ସେ ଥିଲେ ଜଣେ ସହଜ ମନୁଷ୍ୟ । ତେଣୁ ସାଧୁଗିରିର କୌଣସି ଆଡ଼ମ୍ବର ନ ଦେଖାଇ ସେ ସାଧାରଣ ବେଶଭୂଷାରେ ଚାଲବୁଲ କରୁଥିଲେ ।

ସର୍ବଶେଷରେ ସଭାପତି ମହୋଦୟ ସୁଦୀର୍ଘ ଦୁଇଘଣ୍ଟା ଧରି ଅନର୍ଗଳ ଭାବରେ ଭାବଗଦ୍‌ଗଦ କଣ୍ଠରେ ଶ୍ରୀଶ୍ରୀ ଠାକୁରଙ୍କୁ ସଦ୍‌ଗୁରୁ ଏବଂ ସାଧନସିଦ୍ଧ ମହାପୁରୁଷ ବୋଲି ସ୍ୱୀକାର କରିନେଇ ଷଡ଼୍‌ଦର୍ଶନ ଏବଂ ଭକ୍ତିଶାସ୍ତ୍ରର ଅପୂର୍ବ ସାମଞ୍ଜସ୍ୟ ବିଧାୟକ ଗୋଟିଏ ପାଣ୍ଡିତ୍ୟପୂର୍ଣ୍ଣ ହୃଦୟଗ୍ରାହୀ ବକ୍ତୃତା ପ୍ରଦାନ କରିଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗରେ ସେ କହିଲେ, "ଯେଉଁ ମହାତ୍ମାଙ୍କୁ ଲକ୍ଷ୍ୟ କରି ଆଜି ଏହି ସଭାର ଅଧିବେଶନ, ତାଙ୍କ ଜୀବନୀ ସମ୍ବନ୍ଧରେ ମୋର ବିଶେଷ ଅଭିଜ୍ଞତା ନ ଥିଲେ ମଧ୍ୟ ତାଙ୍କର ପୁସ୍ତକାଦି ପାଠ କରି ମୋର ଏତିକି ଧାରଣା ହୋଇଛି ଯେ, ସେ ଥିଲେ ଜଣେ ମହାସାଧନସିଦ୍ଧ ମହାପୁରୁଷ । ତାଙ୍କ କର୍ମଜୀବନ, ସାଧକଜୀବନ, ଗୁରୁ ଅନ୍ୱେଷଣ ବାସ୍ତବରେ ରୋମାଞ୍ଚକର ଘଟଣାରେ ପୂର୍ଣ୍ଣ । ସେ ଯେଉଁ କୃଚ୍ଛ୍ର ସାଧନା କରି ବହୁ କଷ୍ଟ ସ୍ୱୀକାର ପୂର୍ବକ ସିଦ୍ଧିର ସୌଧରେ ଉପନୀତ ହୋଇଛନ୍ତି, ସବିକଳ୍ପ ନିର୍ବିକଳ୍ପ ସମାଧି ଲାଭ କରିଛନ୍ତି, ତାହା ବର୍ତ୍ତମାନ ଯୁଗରେ ବିରଳ ଏବଂ ଅସମ୍ଭବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମସ୍ତେ ମୁହଁରେ ବ୍ରହ୍ମ ବ୍ରହ୍ମ ବୋଲି କହିଥାଆନ୍ତି, କିନ୍ତୁ କେତେଜଣ ସେହି ବ୍ରହ୍ମଙ୍କୁ ଉପଲବ୍ଧି କରିଛନ୍ତି, ବ୍ରହ୍ମସାକ୍ଷାତ୍‌କାର ଲାଭ କରିଛନ୍ତି ? କେବଳ ଜାଣିଲେ ବା ଶୁଣିଲେ କେହି ଜ୍ଞାନୀ ହୁଅନ୍ତି ନାହିଁ, ସିଦ୍ଧପୁରୁଷ ହୁଅନ୍ତି ନାହିଁ ବା ସଦ୍‌ଗୁରୁ ହୁଅନ୍ତି ନାହିଁ । ସ୍ୱାମୀ ନିଗମାନନ୍ଦ କେବଳ ଅପରାବିଦ୍ୟା ଅଧିଗତ କରି ନାହାନ୍ତି । ସେ ପରାବିଦ୍ୟାକୁ ଆୟତ୍ତ କରି ଚରମତତ୍ତ୍ୱର ସାକ୍ଷାତ୍‌କାର ମଧ୍ୟ ଲାଭ କରିଛନ୍ତି । ତେଣୁ ତାଙ୍କୁ ବର୍ତ୍ତମାନ ଯୁଗର ସଦ୍‌ଗୁରୁ ବୋଲି କହିବାକୁ କେହି ବିନ୍ଦୁ ମାତ୍ର ସଙ୍କୋଚ ବୋଧ କରିବେ ନାହିଁ । ନିଗମୋବେଦଃ ତତ୍ ପ୍ରତିପାଦ୍ୟଃ ଆନନ୍ଦଂ, ତଂ ଯୋ ଜାନାତି ସ ହିଁ ନିଗମାନନ୍ଦଃ ! ସେହି ନିଗମାନନ୍ଦଙ୍କ ଉଦ୍ଦେଶ୍ୟରେ ମୁଁ ଭକ୍ତିଅର୍ଘ୍ୟ ଅର୍ପଣ କରୁଅଛି । ଏହାପରେ ଆମମାନଙ୍କର ମଇମନସିଂହର ଓକିଲ ପ୍ରସନ୍ନ ଭାଇ ସଭାପତି ଓ ସମବେତ ଭଦ୍ରମଣ୍ଡଳୀଙ୍କୁ ଧନ୍ୟବାଦ ପ୍ରଦାନ କରିବା ପରେ ରାତି ପ୍ରାୟ ନଅଟା ସମୟରେ ସଭା ଭଙ୍ଗ ହୋଇଥିଲା । ତତ୍ପରେ 'ଜୟଗୁରୁ' ମହାନାମର ଧ୍ୱନିରେ ନୀଳାଚଳର ଆକାଶ ମୁଖରିତ ହେଲା ।

ବିଦାୟ ଦିବସ—

ପୌଷ ଚଉଦ ଦିନ ମଙ୍ଗଳବାର । ଆଜି ବିଦାୟ ଦିନ । ଶ୍ରୀଶ୍ରୀ ଠାକୁରଙ୍କୁ ଆମେମାନେ ପ୍ରଥମ ଦିନ ମହାସମାରୋହରେ ଶୋଭାଯାତ୍ରା କରି ନୀଳାଚଳ କୁଟୀରରୁ ଘେନି ଆସିଥିଲୁ ; ପୁଣି ଆଜି ତାଙ୍କୁ ସେହି ଭାବରେ ନେଇ କୁଟୀରରେ ପହଞ୍ଚାଇ ଦେବାକୁ ହେବ । ତେଣୁ ସକାଳୁ ସୁସଜ୍ଜିତ ଗୋଟିଏ ମଟର ଗାଡ଼ିରେ ପୂର୍ବପରି ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିକୃତିକୁ ବସାଇ ସମ୍ମୁଖରେ ବିଜୟ ନିଶାଣ ଏବଂ ପଶ୍ଚାତ୍‌ଭାଗରେ ସଂକୀର୍ତ୍ତନମତ୍ତ ଭକ୍ତ ମଣ୍ଡଳୀଙ୍କୁ ନେଇ ମହାଆନନ୍ଦରେ ମହାଉଲ୍ଲାସରେ ଆମେମାନେ ବାହାରିପଡ଼ିଲୁ ନୀଳାଚଳପଥରେ । ଖୋଳ କରତାଳ, ମେଘା ପ୍ରଭୃତି ବିବିଧ ବାଦ୍ୟ ସହଯୋଗରେ 'ଜୟଗୁରୁ' ମହାନାମର ଗୁରୁଗମ୍ଭୀର ନିଃସ୍ୱନ ନୀଳାଚଳର ଆକାଶକୁ ମୁଖରିତ କରି ପକାଇଲା । ଅବିଶ୍ରାନ୍ତ ଭାବରେ 'ଜୟଗୁରୁ' ମହାନାମର କୀର୍ତ୍ତନ, ଉଦ୍ଦଣ୍ଡ ନର୍ତ୍ତନ, ମଧ୍ୟେ ମଧ୍ୟେ ହୁଙ୍କାର, ନୀଳାଚଳବାସୀ ଜନମଣ୍ଡଳୀଙ୍କର ଉତ୍ସୁକ ଦୃଷ୍ଟି ଆକର୍ଷଣ କରିଥିଲା । ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ କୀର୍ତ୍ତନ ଏପରି ଭାବରେ ଘନୀଭୂତ ହୋଇଗଲା ଯେ, ବାହାରର ଲୋକମାନେ ମଧ୍ୟ ଏଥିରେ ଯୋଗଦାନ ନ କରି ସ୍ଥିର ରହିପାରିଲେ ନାହିଁ । କେହି କେହି ଆସି ଆମ କାନ୍ଧରୁ ଖୋଳ କାଢ଼ିନେଇ ଉଦ୍ଦଣ୍ଡ ଭାବରେ ନୃତ୍ୟ ସହିତ ବାଦ୍ୟ ବଜାଇବାକୁ ଲାଗିଲେ । ସେ ଦୃଶ୍ୟ ଯେଉଁମାନେ ଦେଖିନାହାନ୍ତି, ସେମାନେ କଳ୍ପନାରେ ତାହାର ଶତାଂଶର ଏକାଂଶ ସୁଦ୍ଧା ଧାରଣା କରିପାରିବେ ନାହିଁ ।

ତା'ପରେ ଆମମାନଙ୍କର ଶୋଭାଯାତ୍ରା କ୍ରମେ ଅଦାଲତ ପଥରେ ଅଗ୍ରସର ହେବାକୁ ଲାଗିଲା । ପୋଷ୍ଟଅଫିସ ପାଖରେ ପହଞ୍ଚିଯାଇଛୁ, ହଠାତ୍ ଦେଖାଗଲା ମଟରର ଗତି ରୁଦ୍ଧ ହୋଇଯାଉଛି । କାହିଁକି ଏପରି ହେଲା, କାରଣ ଅନୁସନ୍ଧାନ କରି ଏବଂ ନିଜେ ପ୍ରତ୍ୟକ୍ଷ କରି ଜାଣିଲୁ ଯେ ଶ୍ରୀଶ୍ରୀ ଠାକୁରଙ୍କ ବିରାଟ ପ୍ରତିକୃତିର ଯେଉଁ ଅଂଶ ଛତ୍ରଦ୍ୱାରା ଆବୃତ ନ ଥିଲା, ସେହ ଅଂଶ ଅର୍ଥାତ୍ ନାଭିଠାରୁ ପଦତଳ ପର୍ଯ୍ୟନ୍ତ ଅନାବୃତ ଅଂଶ ସୌରତାପରେ ଘର୍ମାକ୍ତ ହୋଇଉଠିଛି । ରୌଦ୍ରତାପରେ ଯେପରି ଜୀବନ୍ତ ମନୁଷ୍ୟର ଗାତ୍ର ଘର୍ମାକ୍ତ ହୋଇଯାଏ, ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିକୃତି ମଧ୍ୟ ଠିକ୍ ସେହିପରି ଭାବରେ ଘର୍ମାକ୍ତ ହୋଇଅଛି । କେବଳ ଯେ ଘର୍ମାକ୍ତ ହୋଇଥିଲା, ତାହା ନୁହେଁ; ସ୍ୱେଦବିନ୍ଦୁ ଝରଝର ହୋଇ ଝରି ପଡୁଥିବାର ମଧ୍ୟ

ଦେଖାଗଲା । ମସ୍ତକରୁ ମଧ୍ୟ ବିନ୍ଦୁ ବିନ୍ଦୁ ସ୍ୱେଦଜଳ ଆକାରରେ ଝରିପଡୁଛି ଏବଂ ପୁନରାୟ ବିନ୍ଦୁ ବିନ୍ଦୁ ଜଳ ଜମାହୋଇ ଯାଉଛି । ଏ ଦୃଶ୍ୟ ଦେଖି ଆମେମାନେ ଆଉ ସ୍ଥିର ହୋଇ ରହିପାରିଲୁ ନାହିଁ । ଶ୍ରୀଶ୍ରୀ ଠାକୁରଙ୍କର ପ୍ରତ୍ୟକ୍ଷ ଆବିର୍ଭାବ ଆମେମାନେ ମର୍ମେ ମର୍ମେ ଉପଲବ୍ଧି କଲୁ । ସାଧାରଣ ଫଟୋ ଜ୍ଞାନ କରି ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିକୃତିର କେବଳ ଶିରୋଦେଶ ଆମେମାନେ ଛତ୍ରଦ୍ୱାରା ଆଚ୍ଛାଦିତ କରିଥିଲୁ । ବ୍ୟଜନର ମଧ୍ୟ କୌଣସି ବ୍ୟବସ୍ଥା କରି ନ ଥିଲୁ । ବୋଧହୁଏ ସେଇଥିପାଇଁ ଶ୍ରୀଶ୍ରୀ ଠାକୁର ଆମମାନଙ୍କ ତ୍ରୁଟି ଦର୍ଶାଇ ଦେଇ ଭୁଲ୍ ସଂଶୋଧନ କରିବାକୁ ଏ ଲୀଳାଭିନୟ ଦେଖାଇ କହିଲେ—"ଆରେ ! ମୁଁ ମରି ନାହିଁ, ମୁଁ ଅଛି, ମୁଁ ଅଛି ।" ଠାକୁରଙ୍କର ଏହି ଅବସ୍ଥା ସନ୍ଦର୍ଶନ କରି ଆମେମାନେ ଅତିଶୀଘ୍ର ସମୁଦ୍ରକୂଳ ରାସ୍ତା ଧରି ନୀଳାଚଳକୁଟୀରରେ ଆସି ପହଞ୍ଚିଲୁ । ଅତି ସନ୍ତର୍ପଣରେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିକୃତିକୁ ମଟରରୁ ଆଣି କୁଟୀର ପ୍ରାଙ୍ଗଣରେ ତାଙ୍କର ନିର୍ଦ୍ଦିଷ୍ଟ ଆସନରେ ବସାଇ ବ୍ୟଜନ କରିବାରୁ ପାଞ୍ଚ ସାତ ମିନିଟ୍ ପରେ କ୍ରମେ କ୍ରମେ ସ୍ୱେଦ ଅଦୃଶ୍ୟ ହେଲା । ଆମେମାନେ ଅବାକ୍ ହୋଇଗଲୁ । ଭାବିଲୁ, କି ଅଭିନୟ ଠାକୁର ଦେଖାଇ ନ ଗଲେ ! ତାଙ୍କର ଲୀଳା ଏବଂ ପ୍ରତିଶ୍ରୁତି ବିଷୟ ଭାବି ଆନନ୍ଦରେ ହୃଦୟ ପୂରି ଉଠିଲା । "ମୁଁ ପ୍ରତ୍ୟକ୍ଷଭାବରେ ଉପସ୍ଥିତ ହୋଇ ସମ୍ମିଳନୀ କାର୍ଯ୍ୟ ପରିଚାଳନା କରିବି ।"—କାଳେ ଠାକୁରଙ୍କର ଏହି ପ୍ରତିଶ୍ରୁତିରେ ଆମମାନଙ୍କର ତିଳେହେଲେ ଅବିଶ୍ୱାସ ରହିଯିବ; ତେଣୁ ସେ ଆମମାନଙ୍କ ଆଖିରେ ଅଙ୍ଗୁଳି ଗେଞ୍ଜି ଏ ଅଭିନୟ ଦେଖାଇ ଦେଇଗଲେ ।

ଏ ଘଟଣାକୁ ଅବଲମ୍ବନ କରି ଆମମାନଙ୍କ ବନମାଳୀ ଭାଇ 'ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି, "ସଭାମଣ୍ଡପରେ ପୂଜିତ ହେଉଥିବା ପରମହଂସଦେବଙ୍କର ସୁବୃହତ୍ ନିର୍ଜୀବ ତୈଳଚିତ୍ର ଅବିଶ୍ୱାସୀ ହୃଦୟର ସଂଶୟ ଦୂର କରିବାପାଇଁ ଯେଉଁ ଲୀଳା ପ୍ରଦର୍ଶନ କଲେ, ଅନ୍ୟ କୌଣସି ଭକ୍ତସମ୍ମିଳନୀରେ ସେପରି କେବେ ଘଟି ନ ଥିଲା । ଉତ୍କଳରେ ଶାଶ୍ୱତ ସନାତନ ଧର୍ମର ତଦୀୟ ଭାବଧାରା ପ୍ରଚାର କରିବାକୁ ଗୁରୁଦେବ ତଦ୍ୱାରା ସଙ୍କେତ ଦେଲେ ବୋଲି କ୍ଷଣକ ପାଇଁ ଅନୁଭବ କଲେ ସୁଦ୍ଧା ଜୀବନ୍ତ ପ୍ରେରଣା ଆମମାନଙ୍କ ମନରେ ପରେ ଜାଗ୍ରତ ହେଲା ନାହିଁ । ବୋଧହୁଏ କ୍ଷେତ୍ର ପ୍ରସ୍ତୁତ ହୋଇ ନ

ଥିବାରୁ ଏହି ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରି ଗୁରୁଦେବ ଶ୍ରୀଶ୍ରୀ ଠାକୁର ଏତେକାଳ ବସି ରହିଥିଲେ ।''

ତାଙ୍କରି ସୁପବିତ୍ର ଜୀବନକାହାଣୀ ଓ ତାଙ୍କର ସୁସ୍ପଷ୍ଟ ନିର୍ଦ୍ଦେଶାନୁସାରେ ତଦୀୟ ଭାବଧାରା ଉତ୍କଳଭାଷାରେ ପ୍ରକାଶ କରିବା ଦିନଠାରୁ ତାଙ୍କରି ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ କିପରି ଆକାର ଧାରଣ କରିଅଛି ଏବଂ ତାହା କ୍ରମୋନ୍ନତିପଥରେ କିପରି ଗତିକରି ପରେ 'ଉତ୍କଳ ପ୍ରାଦେଶିକ ଭକ୍ତସମ୍ମିଳନୀ'ରେ ପରିଣତ ହୋଇଅଛି, ତାହାର ସୁବିସ୍ତୃତ ବିବରଣୀ ଯଥାସମୟରେ ପ୍ରକାଶିତ ହେବ । ବର୍ତ୍ତମାନ ଆମେମାନେ ଆମମାନଙ୍କର ଦୁର୍ବଳତା ବେଶ ବୁଝିପାରୁଛୁ । ଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶିତ ପଥରେ ଗତିକରିବା ଯେ କିପରି କଷ୍ଟସାଧ୍ୟ, ତାହା ମଧ୍ୟ ମର୍ମେ ମର୍ମେ ଉପଲବ୍ଧି କରୁଛୁ । ପଦେ ପଦେ ସ୍ଖଳନର ଆଶଙ୍କା, ପଦେ ପଦେ ଲାଞ୍ଛନା, 'କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା ।'

ଶ୍ରୀଶ୍ରୀ ଠାକୁରଙ୍କର କର୍ମ କରିବାକୁ ଗଲେ ଆମମାନଙ୍କୁ ତଦ୍‌ଭାବଭାବିତ ହେବାକୁ ପଡ଼ିବ । ଶ୍ରୀଶ୍ରୀ ଠାକୁରଙ୍କ ଭାବପ୍ରଚାର ପିଲାଖେଳ ନୁହେଁ । ତାଙ୍କର ପ୍ରେରଣା, ତାଙ୍କର କୃପା ନ ହେଲେ ତ ଏହା ଆଦୌ ସମ୍ଭବ ନୁହେଁ; ପରନ୍ତୁ ତାଙ୍କର କୃପା ଓ ପ୍ରେରଣା ହେଲେ ମଧ୍ୟ ଆମମାନଙ୍କୁ ତାହା ଧାରଣ କରିବାପାଇଁ ତପସ୍ୟାନିରତ ହେବାକୁ ହେବ । ସମସ୍ତ ବାଧାବିଘ୍ନ, ସମସ୍ତ ଅଶାନ୍ତିକୁ ଅତିକ୍ରମ କରି, ଶ୍ରୀଶ୍ରୀ ଠାକୁରଙ୍କର କୃପାରେ ବଳୀୟାନ୍ ହୋଇ ବୀରଦର୍ପରେ କର୍ତ୍ତବ୍ୟପଥରେ ଅଗ୍ରସର ହେବାକୁ ହେବ । ବର୍ତ୍ତମାନ ଶ୍ରୀଶ୍ରୀ ଠାକୁରଙ୍କ କୃପା ହେଉଛି, ଆମମାନଙ୍କ ଜୀବନର ଏକମାତ୍ର ସମ୍ବଳ । ଅନ୍ୟ ବୈଷୟିକ ବଳ, ବୈଷୟିକ ସାହାଯ୍ୟ ସହାନୁଭୂତି, ଶ୍ରୀଶ୍ରୀ ଠାକୁରଙ୍କର କାର୍ଯ୍ୟରେ ସହାୟକ ହେବାର ଯୋଗ୍ୟ ନୁହେଁ । ଗଙ୍ଗାଜଳରେ ଗଙ୍ଗାପୂଜାପରି ତାଙ୍କରି କୃପାରେ ହିଁ ତାଙ୍କରି କାର୍ଯ୍ୟ ସାଧିତ ହେବ ।

ଜୟଗୁରୁ ! ଜୟଗୁରୁ !! ଜୟଗୁରୁ !!!

◆◆

ପରିଶେଷରେ

ନୀଳାଚଳବାଣୀର ପ୍ରଥମ ସଂସ୍କାରଣ ବହୁଦିନରୁ ନିଃଶେଷ ହୋଇ ଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପ୍ରକାଶ କରିପାରି ନ ଥିଲୁ । ଶ୍ରୀଶ୍ରୀ ଠାକୁରଙ୍କ ଅହେତୁକୀ କୃପାବଳରେ ବହୁ ବାଧାବିଘ୍ନ ମଧ୍ୟଦେଇ ବର୍ତ୍ତମାନ ନୀଳାଚଳବାଣୀର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେଲା । ପାଠକମାନଙ୍କୁ ଏହା ସ୍ମରଣ ରଖିବା ନିମିତ୍ତ ସୂଚାଇ ଦିଆଯାଉଛି ଯେ, ଶ୍ରୀଶ୍ରୀ ଠାକୁର ନୀଳାଚଳଧାମରେ ଅବସ୍ଥାନ କରୁଥିବାବେଳେ ନିଜକୁ ସର୍ବଦା ଗୋପନ ରଖିବାକୁ ଚେଷ୍ଟା କରୁଥିଲେ । ତେଣୁ ତାଙ୍କର ଯେତେ ପରିଚିତ ଓ ଯେତେ ଅନ୍ତରଙ୍ଗ ଭକ୍ତ ହୋଇଥିଲେ ମଧ୍ୟ ତାଙ୍କ ସହିତ ଦେଖାକରିବାପାଇଁ ଓ ତାଙ୍କ ସହିତ ବାକ୍ୟାଳାପ କରିବାପାଇଁ ଦର୍ଶନାର୍ଥୀମାନଙ୍କୁ ପୂର୍ବରୁ ଅନୁମତି ନେବାକୁ ପଡୁଥିଲା । ଆମମାନଙ୍କ ସହିତ ତାଙ୍କର କିଛିଦିନ ମିଳାମିଶା ହେବାପରେ ତାଙ୍କ ସହିତ ଦେଖାସାକ୍ଷାତର କଟକଣା କେତେକ ପରିମାଣରେ କୋହଳ ହୋଇଥିଲା । ତାଙ୍କୁ ବାରମ୍ବାର ସାକ୍ଷାତ କରି ପ୍ରଣାମ କରିବାଦ୍ୱାରା ତାଙ୍କ ଶ୍ରୀଅଙ୍ଗର ସ୍ପର୍ଶ ଏବଂ ତାଙ୍କ ସହିତ ବାକ୍ୟାଳାପଦ୍ୱାରା ଭାବବିନିମୟ କରିବାକୁ ସେ ନିର୍ଦ୍ଦେଶ ଦେଉଥିଲେ । ସେ କହୁଥିଲେ 'ଗୁରୁଦେବଙ୍କ ଧ୍ୟାନ, ତାଙ୍କର ଦର୍ଶନ ସ୍ପର୍ଶନ ଓ ବାକ୍ୟାଳାପ ଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ କରେ ଏବଂ ସେହି ଶୁଦ୍ଧ ଚିତ୍ତରେ ତାଙ୍କ ଭାବଧାରା ସହଜରେ ପ୍ରତିଫଳିତ ହୋଇଥାଏ । ତାଙ୍କର ଉପଦେଶ ଶାସ୍ତ୍ରସମ୍ମତ ହେଲେ ମଧ୍ୟ ପ୍ରକାଶ ଭଙ୍ଗୀରେ ନିଜସ୍ୱ ବୈଶିଷ୍ଟ୍ୟ ବିଦ୍ୟମାନ ଥିଲା ।

ଭକ୍ତମାନଙ୍କ ସହିତ ତାଙ୍କରି ପ୍ରସଙ୍ଗ ଆଲୋଚନା ଦ୍ୱାରା ସହଜରେ ଚିତ୍ତ ଶୁଦ୍ଧଭାବ ଧାରଣ କରିଥାଏ । ସାଧନା ସମ୍ବନ୍ଧରେ ଆମମାନଙ୍କ ମନରେ ବିବିଧ ଭ୍ରାନ୍ତ ଧାରଣା ବିଦ୍ୟମାନ । ତେଣୁ ସେ କହୁଥିଲେ 'ମୋ ନିମିତ୍ତ କର୍ମ କଲେ ସହଜରେ ଚିତ୍ତ ଶୁଦ୍ଧଭାବ ଧାରଣ କରିବ । ସେହି ଶୁଦ୍ଧଚିତ୍ତରେ ଆତ୍ମଜ୍ଞାନର ସ୍ଫୁରଣ ହେବ ।' ସେହି ଚିତ୍ତଶୁଦ୍ଧିକର ସାଧନା ନିମିତ୍ତ ସେ ଆଦର୍ଶ ଗୃହସ୍ଥ-ଜୀବନ-ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଓ ଭାବବିନିମୟର ଅଭ୍ୟାସପାଇଁ ସଂଘସ୍ଥାପନ କରି ସେହି ଭାବର ଅନୁଶୀଳନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସତ୍ୟସ୍ୱରୂପ ଗୁରୁଦେବଙ୍କ ବାକ୍ୟ ସର୍ବଦା ସତ୍ୟ । ଗୁରୁବାକ୍ୟ ଓ ଶାସ୍ତ୍ରବାକ୍ୟ ସତ୍ୟ ଉପରେ

ପ୍ରତିଷ୍ଠିତ—ଏହି ବିଶ୍ୱାସକୁ ସେ ଶ୍ରଦ୍ଧା ବୋଲି ଅଭିହିତ କରିଛନ୍ତି । ସଦ୍‌ଗୁରୁଙ୍କ ଉପାସନାରେ ଚିତ୍ତ ସହଜରେ ଶୁଦ୍ଧଭାବ ଧାରଣ କରେ । ଶ୍ରୀଶ୍ରୀ ଠାକୁରଙ୍କ ବାଣୀକୁ ବିଶ୍ୱାସ କରି ତାଙ୍କୁ ଭଗବତ୍ ଜ୍ଞାନରେ ଉପାସନା କରିପାରିଲେ ସହଜରେ ଚିତ୍ତ ଶୁଦ୍ଧଭାବ ଧାରଣ କରିବ । ଏହି ଦେହ ଭଗବାନଙ୍କର ମନ୍ଦିର—ଏହି ବାକ୍ୟକୁ କଦର୍ଥ କରି ଆତ୍ମସ୍ୱରୂପଙ୍କୁ ଅର୍ଥାତ୍ ମନ୍ଦିରାଧିଷ୍ଠିତ ଦେବତାଙ୍କୁ ଭୁଲିଯାଇ କେବଳ ମନ୍ଦିରକୁ ପୂଜାକରି ସମସ୍ତେ ବିଫଳ ମନୋରଥ ହେଉଛନ୍ତି ।

ବିଶ୍ୱର ପ୍ରତ୍ୟେକ ବସ୍ତୁ ହିଁ ତାଙ୍କର ଅଧିଷ୍ଠାନ କ୍ଷେତ୍ର । ଅନ୍ତରସ୍ଥିତ ଭଗବତ୍ ଶକ୍ତିକୁ ଉପଲବ୍ଧି କରି ନ ପାରିଲେ ମାନବର ଏକ ପ୍ରକାର ମୃତ୍ୟୁ ଘଟେ । ତାଙ୍କର ପୂଜା ଅର୍ଥ ତାଙ୍କୁ ସୁଖ ପାଇ, ତାଙ୍କ ବାଣୀ ଓ ତାଙ୍କର ନାମ ରୂପକୁ ସ୍ମରଣ ମନନ କରିବା । ତାଙ୍କ ବାଣୀର ଅନୁଶୀଳନ ଦ୍ୱାରା କିଭଳି ସହଜରେ ତାଙ୍କର ଗୁଣରାଶି ଭକ୍ତମାନଙ୍କ ଅନ୍ତରରେ ପ୍ରବେଶ କରେ, ତାହାର ବିବିଧ ଉପଦେଶ ସେ ପ୍ରଦାନ କରିଛନ୍ତି । ସମସ୍ତ ଦୈନନ୍ଦିନ କର୍ମ ମାଧ୍ୟମରେ ଭଗବତ୍ ନାମ ସ୍ମରଣକୁ ଅବ୍ୟାହତ ରଖି ସେହି ନାମକୁ ଜାଗ୍ରତ କରିବା ନିମିତ୍ତ ନୟମିତ ଅଭ୍ୟାସକୁ ସେ ସାଧନା ନାମରେ ଅଭିହିତ କରିଛନ୍ତି । ତାଙ୍କ ପ୍ରଦତ୍ତ ସିଦ୍ଧ ନାମ କିଭଳି ସ୍ୱପ୍ନ ଓ ସୁଷୁପ୍ତି ମଧ୍ୟରେ ସ୍ମରଣ ରହିପାରିବ, ସେ ସମ୍ବନ୍ଧରେ ସେ ବିଶେଷ ଉପଦେଶ ପ୍ରଦାନ କରିଛନ୍ତି । ଶ୍ରୀଶ୍ରୀ ଠାକୁରଙ୍କ ଧ୍ୟାନ, ତାଙ୍କ ବାଣୀର ସ୍ମରଣ ମନନ କଲେ ଏବଂ ତାଙ୍କ ନିର୍ଦ୍ଦେଶିତ ପଥରେ ଗତି କଲେ ଚିତ୍ତ ସହଜରେ ଶୁଦ୍ଧ ହୋଇଥାଏ । ଶ୍ରୀଶ୍ରୀ ଠାକୁରଙ୍କ ପ୍ରସଙ୍ଗ ଆଲୋଚନାକୁ ସେ ଭାବବିନିମୟ ବୋଲି କହିଅଛନ୍ତି । ଆଦର୍ଶ ଗୃହସ୍ଥ ଜୀବନ ଗଠନ କରିଥିବା ଗୃହସ୍ଥମାନଙ୍କୁ ନେଇ କିଭଳି ସଂଘଶକ୍ତି-ପ୍ରତିଷ୍ଠା ପୂର୍ବକ ଭାବବିନିମୟ ଅର୍ଥାତ୍ ଭଗବତ୍ ପ୍ରସଙ୍ଗ ଆଲୋଚନା କରାଯାଏ ଏବଂ ତଦ୍ୱାରା ଅନ୍ତରରୁ କିଭଳି ଭୟ ଭାବନା ଦୂର ହୋଇଯାଏ, ତାହା ଶ୍ରୀଶ୍ରୀ ଠାକୁର ତାଙ୍କ ବିବିଧ ଉପଦେଶରେ ବ୍ୟକ୍ତ କରିଅଛନ୍ତି । ଆମେମାନେ ସ୍ଥୁଳ ବ୍ୟାବହାରିକ ଜଗତରେ ବାସ କରୁଥିଲେ ମଧ୍ୟ ଆମ ଜୀବନ ସେହି ସୂକ୍ଷ୍ମଲୋକର ସତ୍ତାଙ୍କଦ୍ୱାରା ନିୟନ୍ତ୍ରିତ ହେଉଅଛି । ତେଣୁ ଏହି ଜଗତରେ ଥାଇ ସେହି ମୂଳ ସତ୍ତାଙ୍କ ସହିତ ଯୋଗସୂତ୍ର ରକ୍ଷା କରି କର୍ମ କଲେ ଚିତ୍ତ ସହଜରେ ଶୁଦ୍ଧଭାବ ଧାରଣ କରିବ । ଅଶୁଦ୍ଧ ଚିତ୍ତ ହିଁ ଭୌତିକ ସମ୍ପଦ ପ୍ରତି ଆକୃଷ୍ଟ ହୋଇଥାଏ । ଏହି ହେତୁରୁ ବର୍ତ୍ତମାନର ସମାଜ ଜଡ଼ବାଦ ଆଡ଼କୁ ଆକର୍ଷିତ ହେଉଅଛି ।

ମହାପୁରୁଷଙ୍କ ବାଣୀ ପ୍ରତି ଆକୃଷ୍ଟ ହୋଇ ପୂର୍ବସଂସ୍କାରବର୍ଜ୍ଜନ ପୂର୍ବକ କିଭଳି ସତ୍ ପଥରେ ଗତି କରିବାକୁ ପଡ଼େ, ତାହାର ବିବିଧ ଉପଦେଶ ଶ୍ରୀଶ୍ରୀ ଠାକୁର ପ୍ରଦାନ କରିଛନ୍ତି ।

ବର୍ତ୍ତମାନ ଯେଉଁ ମହାପୁରୁଷଙ୍କ ଆଲୋଚନା ଏହି ପୁସ୍ତକରେ କରାଯାଇଛି, ସେହି ମହାପୁରୁଷ ଆଜକୁ ଶହେ ବର୍ଷ ପୂର୍ବେ ଅର୍ଥାତ୍ ୧୨୮୭ ସାଲ ବା ୧୮୮୧ ଖ୍ରୀଷ୍ଟାବ୍ଦ ଝୁଲଣପୂର୍ଣ୍ଣିମା ତିଥିରେ ଅବିଭକ୍ତ ବଙ୍ଗଳାର ନଦୀୟା ଜିଲ୍ଲା ଅନ୍ତର୍ଗତ କୁତବପୁର ଗ୍ରାମରେ ଭୁବନମୋହନ ଭଟ୍ଟାଚାର୍ଯ୍ୟଙ୍କ ପୁତ୍ର ରୂପରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ମାଣିକ୍ୟ ସୁନ୍ଦରୀ ଦେବୀ । ପିତା ମାତା ଏହି ପୁତ୍ରର ନାମ ଦେଇଥିଲେ ନଳିନୀକାନ୍ତ । ବାଲ୍ୟକାଳରେ ନଳିନୀକାନ୍ତ ଥିଲେ ନିର୍ଭୀକ, ସ୍ପଷ୍ଟବାଦୀ ଓ ବୁଦ୍ଧିମାନ । ବାଲ୍ୟ ଜୀବନରେ ସେ ସମବୟସ୍କମାନଙ୍କ ସହିତ ମିଶି ନିଜେ ସେମାନଙ୍କ ନେତୃତ୍ୱ ଗ୍ରହଣ କରି ସେମାନଙ୍କୁ ସତ୍ ପଥରେ ପରିଚାଳିତ କରୁଥିଲେ । ମାତା ମାଣିକ୍ୟ ସୁନ୍ଦରୀଙ୍କର ମୂଳ ନାମ ଥିଲା ଯୋଗେନ୍ଦ୍ର ମୋହିନୀ । ବାଲ୍ୟକାଳରେ ନଳିନୀକାନ୍ତଙ୍କର ବିଦ୍ୟାଶିକ୍ଷା ସମୟରେ ଶିବଙ୍କ ଗୃହିଣୀ ସତୀଙ୍କ ପ୍ରତି ତାଙ୍କର ଅବିଚଳିତ ଶ୍ରଦ୍ଧା ଥିଲା । ଯେଉଁ ଯାତ୍ରାଭିନୟରେ ହରଗୌରୀ ପ୍ରସଙ୍ଗ ଥିଲା, ସେ ଶ୍ରଦ୍ଧାର ସହିତ ତାହା ଦର୍ଶନ କରୁଥିଲେ । ମାତା ଯୋଗେନ୍ଦ୍ର ମୋହିନୀ ନଳିନୀକାନ୍ତଙ୍କୁ ଅତିଶୟ ସ୍ନେହଚକ୍ଷୁରେ ଦର୍ଶନ କରୁଥିଲେ ଏବଂ ନଳିନୀକାନ୍ତ ମଧ୍ୟ ଏକନିଷ୍ଠ ମାତୃଭକ୍ତ ଥିଲେ । ଏକାଦଶ ବର୍ଷ ବୟଃକ୍ରମ କାଳରେ ତାଙ୍କର ଉପନୟନ ସଂସ୍କାର ସମ୍ପନ୍ନ ହେଲା । ଉପନୟନ ପରଠାରୁ ସେ ନିୟମିତ ସନ୍ଧ୍ୟାଗାୟତ୍ରୀ ଉପାସନାର ଅଭ୍ୟାସ କରୁଥିଲେ । ଏହି ସମୟରେ ସହସା ବିସୂଚିକା ରୋଗରେ ଆକ୍ରାନ୍ତ ହୋଇ ମାତୃଦେବୀ ଇହଧାମ ତ୍ୟାଗ କଲେ । ଯଥା ସମୟରେ ସମ୍ବାଦ ନ ପାଇବା ହେତୁ ମା'ଙ୍କ ସହିତ ନଳିନୀକାନ୍ତଙ୍କର ଶେଷ ସାକ୍ଷାତ ହୋଇପାରିଲା ନାହିଁ । ମୃତ୍ୟୁ ସମୟରେ ମା' କହିଗଲେ—''ନଳିନୀକୁ କହିବ, ମୁଁ ତାକୁ ଜଗନ୍ମାତାଙ୍କ କୋଳରେ ସମର୍ପଣ କରି ଦେଇଗଲି ।'' ସେ ମା'ଙ୍କ ଉପଦେଶ ଅନୁସାରେ ଯେତେ ପ୍ରାର୍ଥନା କଲେ ମଧ୍ୟ ମା'ଙ୍କ ଦର୍ଶନ ଲାଭ କରିପାରିଲେ ନାହିଁ । ଏହି ଭାବରେ ସେ ମାତୃଦର୍ଶନରୁ ବଞ୍ଚିତ ହୋଇ ଭାବିଲେ—''ପରକାଳ କିମ୍ବା ପୁନର୍ଜ୍ଜନ୍ମ ବୋଲି କିଛି ନାହିଁ, କିମ୍ବା ଭଗବାନଙ୍କ ସହିତ ମାନବର କୌଣସି ଘନିଷ୍ଠ ସମ୍ବନ୍ଧ ନାହିଁ । ସତ୍‌ଭାବରେ ଜୀବନଯାପନ ଓ ସତ୍ୟ ପାଳନ ହିଁ ମାନବର

କର୍ତ୍ତବ୍ୟ । ପୂଜାପାଠ ଦ୍ୱାରା ତାଙ୍କର ଉପାସନା କରିବା ଅପେକ୍ଷା ଆଦର୍ଶ ଜୀବନଯାପନ ପୂର୍ବକ ତାଙ୍କର ସେବା କରିବା ମାନବ ଜୀବନର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ।'' ବାହ୍ୟିକ ଭାବରେ ଦେବତାଙ୍କ ପ୍ରତି ତାଙ୍କର ଭକ୍ତି ନ ଥିଲେ ମଧ ଭକ୍ତିମୂଳକ ସଙ୍ଗୀତ ଶ୍ରବଣ କରି ସେ ମୁଗ୍ଧ ହୋଇ ଯାଉଥିଲେ । ମେହେରପୁର ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ନଳିନୀକାନ୍ତ ଢାକାରେ ଏକ ସର୍ଭେସ୍କୁଲରେ ଅଧ୍ୟୟନ କରି ଓଭରସିଅରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ସପ୍ତଦଶବର୍ଷ ବୟସରେ ନଳିନୀକାନ୍ତଙ୍କର ଦେବୀ ସୁଧାଂଶୁବାଳାଙ୍କ ସହିତ ଶୁଭପରିଣୟ ସମ୍ପନ୍ନ ହେଲା । ବିବାହ ପରେ ନଳିନୀକାନ୍ତ ସତ୍‌ପଥରେ ଅର୍ଥାର୍ଜ୍ଜନ ପୂର୍ବକ ଆଦର୍ଶ ଗୃହସ୍ଥଜୀବନଯାପନ କରିବାକୁ ଲାଗିଲେ । ଦିନେ ରାତ୍ରିରେ ତାଙ୍କର ତତ୍କାଳୀନ କର୍ମସ୍ଥଳ ନାରାୟଣପୁର କଚେରୀରେ ସେ କାର୍ଯ୍ୟବ୍ୟସ୍ତ ଥିବା ସମୟରେ ସୁଧାଦେବୀଙ୍କ ଛାୟା-ମୂର୍ତ୍ତି ଦର୍ଶନ କରି ପରେ କୁତବପୁର ଯାଇ ଜାଣିଲେ ଯେ ସୁଧାଦେବୀଙ୍କର ଠିକ୍ ସେହି ସମୟରେ ହିଁ ପରଲୋକ ହୋଇଯାଇଛି ।

ସୁଧାଦେବୀଙ୍କ ପରଲୋକ ଗମନ ପରେ ତାଙ୍କ ଛାୟାମୂର୍ତ୍ତିଙ୍କ ସହିତ ବାରମ୍ବାର ସାକ୍ଷାତ ହେତୁ ପରଲୋକର ଅସ୍ତିତ୍ୱ ସମ୍ବନ୍ଧରେ ନଳିନୀକାନ୍ତଙ୍କର ବିଶ୍ୱାସ ଦୃଢ଼ ହେଲା । ସେ ମୃତ୍ୟୁ ଓ ପରଲୋକ ତତ୍ତ୍ୱ ଆଲୋଚନା ନିମିତ୍ତ ଥିଓସଫି ସମ୍ପ୍ରଦାୟର ମୂଳକେନ୍ଦ୍ର ଆଦ୍ୟାରକୁ ଗମନ କଲେ ଏବଂ ଅତ୍ୟଳ୍ପଦିନ ମଧ୍ୟରେ ସେହି ବିଦ୍ୟା ଶିକ୍ଷା କରି ମିଡ଼ିଅମ୍ ସାହାଯ୍ୟରେ ଆତ୍ମା ଆନୟନପୂର୍ବକ କଥୋପକଥନ କଲେ ମଧ ସେଥିରେ ସେ ତୃପ୍ତ ହୋଇପାରିଲେ ନାହିଁ । ତେଣୁ ତାଙ୍କର ସାକ୍ଷାତ୍‌ଦର୍ଶନ ନିମିତ୍ତ ହିନ୍ଦୁ ସନ୍ନ୍ୟାସୀମାନଙ୍କ ଅନୁସନ୍ଧାନରେ ବ୍ରତୀ ହେଲେ । ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ସହିତ ସାକ୍ଷାତ୍ କରି ତାଙ୍କ ଉପଦେଶ ଅନୁସାରେ ସେ ସଦ୍‌ଗୁରୁ ଅନ୍ୱେଷଣରେ ପ୍ରବୃତ୍ତ ହେଲେ ଏବଂ ସଦ୍‌ଗୁରୁଙ୍କ ପ୍ରାପ୍ତି ନିମିତ୍ତ ଶ୍ରୀ ଭଗବାନଙ୍କ ନିକଟରେ କାତରଭାବେ ପ୍ରାର୍ଥନା କଲେ ।

ଦିନେ ସ୍ୱପ୍ନରେ ହଠାତ୍ ସେ ଦେଖିଲେ ଯେ ଜଣେ ସନ୍ନ୍ୟାସୀ ତାଙ୍କୁ ବିଲ୍ୱପତ୍ରରେ ଲିଖିତ ଏକାକ୍ଷରୀ ମନ୍ତ୍ର ଦାନ କରୁଛନ୍ତି ଏବଂ ମନ୍ତ୍ରଦାନ ପରେ ସେହି ସାଧୁ ଅଦୃଶ୍ୟ ହୋଇଯାଇଛନ୍ତି । ସେ ବହୁ ଅନୁସନ୍ଧାନ କରି ମଧ ପ୍ରାପ୍ତ ମନ୍ତ୍ରର ତତ୍ତ୍ୱାଦି ଅବଗତ ହୋଇପାରିଲେ ନାହିଁ । ସେହି ଅନୁସନ୍ଧାନରେ ସେ ଭ୍ରମଣ କରୁଥିବାବେଳେ ଦିନେ କାଶୀଧାମରେ ଜଣେ ବୃଦ୍ଧବ୍ରାହ୍ମଣ ତାଙ୍କୁ ସ୍ୱପ୍ନରେ ସାକ୍ଷାତ

ଦେଇ କହିଲେ, ''ବାବା ! ତୁମର ଗୁରୁ ହେଉଛନ୍ତି ତାରାପୀଠର ବାମାକ୍ଷେପା ।''

ତତ୍ପରେ ନଳିନୀକାନ୍ତ ବାମାକ୍ଷେପାଙ୍କ ଉପଦେଶାନୁଯାୟୀ ସାଧନା କରି ଜଗନ୍ମାତା ତାରାଦେବୀଙ୍କୁ ସୁଧାଂଶୁବାଳାଙ୍କ ମୂର୍ତ୍ତିରେ ଦର୍ଶନ କରି ବାକ୍ୟାଳାପ କଲେ ମଧ୍ୟ ତାଙ୍କୁ ସ୍ପର୍ଶ କରିବାକୁ ସମର୍ଥ ହୋଇପାରିଲେ ନାହିଁ । ତେଣୁ ତାଙ୍କ ମନରେ ଅଶାନ୍ତି ଜାତ ହେଲା । ତତ୍ପରେ ପୁନରାୟ ବାମାକ୍ଷେପାଙ୍କ ଆଦେଶରେ ସେ ସନ୍ନ୍ୟାସୀଗୁରୁ ଅନୁସନ୍ଧାନରେ ବହିର୍ଗତ ହେଲେ ।

ବହୁ ଅନୁସନ୍ଧାନ ପରେ ପୁଷ୍କର ତୀର୍ଥବାସୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ସାକ୍ଷାତ ଲାଭ କରି ନଳିନୀକାନ୍ତ ତାଙ୍କରି ଚରଣାଶ୍ରିତ ହେଲେ । ତାଙ୍କ ସମୀପରେ ତିନିବର୍ଷରୁ କିଛି ଅଧିକ ସମୟ ଅବସ୍ଥାନ କରି ଶାସ୍ତ୍ରର ନିଗୂଢ଼ ଅର୍ଥ ଅନାୟାସରେ ହୃଦୟଙ୍ଗମ କରିବାକୁ ସକ୍ଷମ ହୋଇଥିବାରୁ ଗୁରୁଦେବ ତାଙ୍କୁ ସନ୍ନ୍ୟାସ ପ୍ରଦାନ ପୂର୍ବକ ତାଙ୍କର ନାମ ରଖିଲେ 'ନିଗମାନନ୍ଦ' । ତତ୍ପରେ ସନ୍ନ୍ୟାସ ନିୟମ ଅନୁସାରେ ସେ ଚତୁର୍ଦ୍ଧାମ ଭ୍ରମଣ କଲାପରେ କିପରି ବେଦାନ୍ତ ତତ୍ତ୍ୱକୁ ନିଜ ଭିତରେ ଉପଲବ୍ଧି କରିବେ, ସେହି ଉଦ୍ଦେଶ୍ୟରେ ସେ ଗୁରୁଦେବଙ୍କ ଆଜ୍ଞାରେ ଯୋଗସାଧନ ନିମିତ୍ତ ଯୋଗୀଗୁରୁ ଅନୁସନ୍ଧାନରେ ବହିର୍ଗତ ହେଲେ । ଶେଷରେ ବହୁ ଅନୁସନ୍ଧାନ ପରେ ସ୍ୱାମୀ ନିଗମାନନ୍ଦ ଯୋଗୀଗୁରୁ ସୁମେରୁ ଦାସ ମହାରାଜଙ୍କ ସାକ୍ଷାତ୍‌ଲାଭ କରି ତାଙ୍କଠାରୁ ଯୋଗସାଧନର ରହସ୍ୟ ଶିକ୍ଷା କଲେ ଏବଂ ତାଙ୍କ ଆଦେଶରେ ଲୋକାଳୟକୁ ଆସି ପାବନାଜିଲାର ହରିପୁର ଗ୍ରାମରେ ଷଟ୍‌କର୍ମ ସାଧନାରେ ବ୍ରତୀ ହେଲେ । ସାଧନାରେ ବିବିଧ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବାରୁ ସେ ହରିପୁର ତ୍ୟାଗ କରି କାମାକ୍ଷା ଯାତ୍ରା କଲେ ଏବଂ ଯଜ୍ଞେଶ୍ୱର ବିଶ୍ୱାସ ନାମକ ଜଣେ ଉଚ୍ଚ ରାଜକର୍ମଚାରୀଙ୍କ ଗୃହରେ ଅବସ୍ଥାନ ପୂର୍ବକ ଯୋଗସାଧନା ଅଭ୍ୟାସ କରି ଯୋଗର ସବିକଳ୍ପ ସମାଧିଲାଭ କଲେ । ତତ୍ପରେ କାମାକ୍ଷାଧାମରେ ନିର୍ବିକଳ୍ପ ସମାଧି-ମଗ୍ନ ହୋଇ 'ମୁଁ ଗୁରୁ' ଏହି ଭାବ ବା ସ୍ୱରୂପଜ୍ଞାନ ଧରି ସମାଧିରୁ ଆବର୍ତ୍ତନ କଲେ । ଯୋଗ ସାଧନା ପରେ ସ୍ୱାମୀ ନିଗମାନନ୍ଦ ବୁଝିଲେ ଯେ ତାଙ୍କ ଜ୍ଞାନର ପୂର୍ଣ୍ଣତା ଆସିଯାଇଛି । ସେହି ପୂର୍ଣ୍ଣତାର ଅଭିମାନ ବହନ କରି ନିଗମାନନ୍ଦ କାଶୀଧାମରେ ଉପନୀତ ହେଲେ । କାଶୀଧାମର ଅଧିଷ୍ଠାତ୍ରୀ ଦେବୀ ମା' ଅନ୍ନପୂର୍ଣ୍ଣା ତାଙ୍କ ଭିତରେ ଅପୂର୍ଣ୍ଣ ବୋଧର ଜାଗରଣ କରାଇ କହିଲେ, ''ତୁମେ ବ୍ରହ୍ମଜ୍ଞାନ ଲାଭ

କଲେ ମଧ ଅବରବ୍ରହ୍ମଜ୍ଞାନ ବା ଭକ୍ତିପଥର ଜ୍ଞାନ ତୁମର ଲାଭ ହୋଇନାହିଁ ।'' ତା'ପରେ ନିଗମାନନ୍ଦ ପ୍ରେମସିଦ୍ଧା ଗୌରୀ ମା'ଙ୍କଠାରୁ ପ୍ରେମ ସାଧନା ଶିକ୍ଷା କରି ଭଗବତ୍‌ପ୍ରେମରେ ବିଭୋର ହୋଇଗଲେ । ପ୍ରେମସିଦ୍ଧି ପରେ ଦେବୀ ତାଙ୍କୁ ଲକ୍ଷ୍ମୀମୂର୍ତ୍ତିରେ ଦର୍ଶନ ଦେଇ କହିଲେ ''ଜଗଦ୍‌ଗୁରୁ ଶିବହିଁ ମହାଶକ୍ତିଙ୍କର ଭର୍ତ୍ତା । ତୁମେ ଶିବସ୍ୱରୂପ । ତେଣୁ ତୁମେ ସାର୍ବଭୌମ ଗୁରୁ । ଜଗଦ୍‌ବାସୀ ତୁମର ସନ୍ତାନ ସନ୍ତତି । ତେଣୁ ତୁମେ ଜଗଦ୍‌ବାସୀଙ୍କୁ ସ୍ୱରୂପଜ୍ଞାନ ପ୍ରଦାନ କର ।'' ସଚ୍ଚିଦାନନ୍ଦ ମଧ ଗୁରୁଦକ୍ଷିଣା ସ୍ୱରୂପ ଉପଯୁକ୍ତ ଶିଷ୍ୟଙ୍କ ହସ୍ତରେ ଗୁରୁଭାର ଅର୍ପଣ ପୂର୍ବକ ତାଙ୍କୁ ଗୁରୁପଦରେ ପ୍ରତିଷ୍ଠିତ କଲେ ।

ଶ୍ରୀଶ୍ରୀ ଠାକୁର ସଦ୍‌ଗୁରୁ ରୂପରେ ଲୋକାଳୟରେ ପଦାର୍ପଣ କରି ପ୍ରତ୍ୟକ୍ଷ କଲେ ଯେ ସାଧନା କରିବାର ଶକ୍ତି, ଉଦ୍ୟମ, ସାହସ, ଧୈର୍ଯ୍ୟ, ତିତିକ୍ଷା, ସଂଯମ ଓ ଅଧବସାୟ ଜନସାଧାରଣଙ୍କଠାରେ ନାହିଁ । ତେଣୁ ସେ ଗୃହସ୍ଥମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ପୁସ୍ତକ ପ୍ରଣୟନ ଏବଂ ଶିକ୍ଷା ଓ ପ୍ରଚାର ନିମିତ୍ତ ମଠାଶ୍ରମ ପ୍ରତିଷ୍ଠାରେ ମନୋନିବେଶ କଲେ ।

ଶ୍ରୀଶ୍ରୀ ଠାକୁର ଯେତେବେଳେ ଗୁରୁଭାବରେ ଲୋକାଳୟକୁ ଆଗମନ କଲେ ସେତେବେଳେ ଦେଶର ଅବସ୍ଥା ଅତୀବ ଶୋଚନୀୟ ଥିଲା । ସେପରି ଅବସ୍ଥାରେ ସେ ତ୍ୟାଗବୈରାଗ୍ୟର ବାଣୀ ପ୍ରଚାର ନ କରି ତାଙ୍କର ଅଲୌକିକ ଶକ୍ତି ପ୍ରୟୋଗ କରିବାକୁ ଆରମ୍ଭ କଲେ । ତାଙ୍କ ତପଃଶକ୍ତି ପ୍ରଭାବରେ ବହୁ ନିର୍ଦ୍ଧନ ଧନର ସନ୍ଧାନ ପାଇଲେ; ନିଃସନ୍ତାନ ବ୍ୟକ୍ତିଗଣ ସନ୍ତାନ ଲାଭ କଲେ ଏବଂ ବହୁ ଜଟିଳ ରୋଗଗ୍ରସ୍ତ ବ୍ୟକ୍ତି ନିରାମୟ ହେଲେ । ଏହିଭାବରେ ସେ ଦେଶରେ ଜଣେ ଉଚ୍ଚଶକ୍ତିସମ୍ପନ୍ନ ସାଧୁରୂପରେ ପରିଚିତ ହେଲେ । ପରେ ଯୋଗୀରାଜ ସୁମେରୁଦାସ ମହାରାଜଙ୍କ ଉପଦେଶକ୍ରମେ ବିଭୂତି ପ୍ରଦର୍ଶନ ତ୍ୟାଗପୂର୍ବକ ଅବସ୍ଥାନ ନିମିତ୍ତ ବଙ୍ଗଦେଶ ଛାଡ଼ି ଉତ୍କଳର ପୁରୀଧାମରେ ରହିବାକୁ ଲାଗିଲେ ।

ନିର୍ଜ୍ଜନବାସ ସମୟରେ କିଭଳି ଉତ୍କଳୀୟ ଭକ୍ତମାନେ ତାଙ୍କର ସନ୍ଧାନ ଲାଭକରି ତାଙ୍କ ସହିତ ମିଶି ଆଧାତ୍ମିକ ସାଧନପଥରେ ଅଗ୍ରସର ହେଲେ, ତାହାର ବିବରଣୀ ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି ।

ସେ ଦେହରକ୍ଷା କରି ମଧ କିଭଳି ଭକ୍ତମାନଙ୍କ ଭିତରେ ରହି ସେମାନଙ୍କୁ ପରିଚାଳିତ କରୁଛନ୍ତି, ତାହାର ବିବିଧ ବୃତ୍ତାନ୍ତ ମଧ ଏଥିରେ ସନ୍ନିବେଶିତ ହୋଇଅଛି ।

ଯୁଗ-ସଂକଟ କାଳରେ ଆଧ୍ୟାତ୍ମିକ ମହାପୁରୁଷଙ୍କର ଆବିର୍ଭାବ ଘଟିଥାଏ । ତାଙ୍କରି ଉପଦେଶବାଣୀକୁ ଶ୍ରଦ୍ଧା ଓ ନିଷ୍ଠାର ସହିତ ପ୍ରତିପାଳନ କଲେ ମାନବଜୀବନରେ କିଭଳି ସତ୍ୟଲାଭ ହୁଏ, ତାହାର ବିବିଧ ଉପଦେଶ ତାଙ୍କ ବାଣୀରେ ସେ ପ୍ରଦାନ କରିଛନ୍ତି । ସେ ଲୋକହିତ ନିମିତ୍ତ ବିବିଧ ପ୍ରତିଷ୍ଠାନ ସ୍ଥାପନ କରି ସେହିସବୁ ପ୍ରତିଷ୍ଠାନକୁ ଗୋଟିଏ ଟ୍ରଷ୍ଟବୋର୍ଡ଼ ହାତରେ ଉତ୍ସର୍ଗ କରି ଅବଶିଷ୍ଟ ଜୀବନ ପୁରୀଧାମରେ ଅତିବାହିତ କରିବାକୁ ଲାଗିଲେ । ଏହି ପୁରୀଧାମରେ ଅବସ୍ଥାନ କରୁଥିବା ସମୟରେ ସେ ଆମମାନଙ୍କୁ ବିଭିନ୍ନ ସମୟରେ ଯେଉଁ ଉପଦେଶମାନ ପ୍ରଦାନ କରୁଥିଲେ, ତାହା ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି । କିଭଳି ନରାକାର ପରଂବ୍ରହ୍ମ ସଦ୍‌ଗୁରୁଙ୍କ ଉପାସନା କଲେ ସହଜରେ ଜ୍ଞାନଲାଭ ହୁଏ, ମୁଖ୍ୟତଃ ସେହିସବୁ ଉପଦେଶ ସେ ପ୍ରଦାନ କରିଛନ୍ତି । ସେ ଅଲୌକିକ ଶକ୍ତିଶାଳୀ ମହାପୁରୁଷ ହେଲେ ମଧ କିଭଳି ଯୋଗବିଭୂତିକୁ ସଂଯତ କରି ଆମମାନଙ୍କ ସହିତ ସହଜଭାବରେ ମିଶି ଆଦର୍ଶ ଗୃହସ୍ଥଜୀବନ ଗଠନପୂର୍ବକ ସଂଘଶକ୍ତିର ପ୍ରତିଷ୍ଠା କରି ଭାବବିନିମୟ ନିମିତ୍ତ ଉପଦେଶ ଦେଇ 'ନୀଳାଚଳ ସାରସ୍ୱତ ସଂଘ' ପ୍ରତିଷ୍ଠା କରିଥିଲେ, ତାହା ସବୁ ଏହି ଗ୍ରନ୍ଥରେ ବିବୃତ ହୋଇଅଛି । ସେ ଆମମାନଙ୍କଠାରୁ ବିଦାୟ ନେଇ କଲିକତାରେ ଦେହରକ୍ଷାର ପୂର୍ବପର୍ଯ୍ୟନ୍ତ ଆମମାନଙ୍କ ନିମିତ୍ତ ବିବିଧ ଅମୂଲ୍ୟ ଉପଦେଶ ବାଣୀ ପ୍ରଦାନ କରିଛନ୍ତି ଏବଂ 'ଜୟଗୁରୁ' ନାମକୁ କିଭଳି ସିଦ୍ଧ ଯୁଗମନ୍ତ୍ରଭାବରେ ଆମମାନଙ୍କୁ ପ୍ରଦାନ କରି ତାହାର ସାଧନ ଭଜନ ଶିକ୍ଷା ଦେଇଛନ୍ତି, ତାହା ମଧ ଏହି ଗ୍ରନ୍ଥରେ ସ୍ଥାନ ଲାଭ କରିଛି ।

ଶ୍ରୀଶ୍ରୀ ଠାକୁରଙ୍କ ଅନ୍ତର୍ଦ୍ଧାନର ପ୍ରାୟ ସାତବର୍ଷ ପରେ ତାଙ୍କର ଜୀବନୀ ପ୍ରଥମେ 'ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ' ନାମରେ ଉତ୍କଳଭାଷାରେ ପ୍ରକାଶିତ ହେବାପରେ ସେହି ପୁସ୍ତକ ପାଠ କରି ଭକ୍ତମାନେ ତାଙ୍କ ବାଣୀର ସନ୍ଧାନ କରିଥିଲେ । ସେହି ଭକ୍ତମାନଙ୍କ ଉଦ୍ଦେଶ୍ୟରେ ୧୯୪୮ ଖ୍ରୀଷ୍ଟାବ୍ଦରେ 'ନୀଳାଚଳ ବାଣୀ' ପୁସ୍ତକର ପ୍ରଥମ ପ୍ରକାଶନ ହୋଇଥିଲା । ଅତି ଅଳ୍ପଦିନ ମଧରେ ତାହା ଶେଷ ହୋଇଯାଇଥିଲେ ମଧ ବିବିଧ ପ୍ରତିକୂଳ ପରିସ୍ଥିତି ହେତୁ ତାହାର ପୁନଃ ପ୍ରକାଶନ ହୋଇପାରି ନ ଥିଲା । ବଙ୍ଗବାସୀ ଭାଇମାନଙ୍କ ଆଗ୍ରହ ହେତୁ ଶ୍ରୀଯୁକ୍ତା ନାରାୟଣୀ ଦେବୀ ମଧ ବଙ୍ଗଭାଷାରେ ଏହି ପୁସ୍ତକ ପ୍ରକାଶ କରିଛନ୍ତି ।

ପରିଶେଷରେ ପ୍ରାର୍ଥନା ''ହେ ଠାକୁର ! ଆମମାନଙ୍କର ତୁମପ୍ରତି ଅଚଳା ଶ୍ରଦ୍ଧା ଭକ୍ତି ରହୁ ଏବଂ ବାହୁରେ ଅପୂର୍ବ କର୍ମକୁଶଳତା ଜାତ ହେଉ । ତୁମରି ବାଣୀହିଁ ଆମ ଜୀବନର ପଥପ୍ରଦର୍ଶକ ହେଉ । ଆମେ ଶ୍ରୀଗୁରୁଦେବଙ୍କ ସେବାଲକ୍ଷ୍ୟରେ କିଭଳି ଯଥାର୍ଥ ସେବକ ଜୀବନର ଅନୁଶୀଳନ କରିପାରିବୁ ଆମମାନଙ୍କୁ ସେହିଭାବରେ ଗଠନ କରିନିଅ । ଆମେ ଅମୃତର ସନ୍ତାନ ବୋଲି ଆମର ଦୃଢ଼ ଧାରଣା ଜାତ ହେଉ ।''

ଶ୍ରୀଶ୍ରୀ ଗୁରୁଦେବଙ୍କ ଶ୍ରୀଚରଣ କମଳରେ ଏତିକି ପ୍ରାର୍ଥନା କରି ବର୍ତ୍ତମାନ ପାଠକମାନଙ୍କ ନିକଟରୁ ବିଦାୟ ଗ୍ରହଣ କରୁଅଛୁ । ଜୟଗୁରୁ ।

ବୀରତୁଙ୍ଗ
ମାଘପୂର୍ଣ୍ଣିମା
ତା ୧୮-୨-୧୯୮୧

ଶ୍ରୀ ଦୁର୍ଗାଚରଣ ମହାନ୍ତି
ସମ୍ପାଦକ
ନୀଳାଚଳ ସାରସ୍ୱତ ସଂଘ,
ପୁରୀ

ଶ୍ରୀଶ୍ରୀ ଠାକୁରଙ୍କର ଅବସ୍ଥାନ ସୂଚୀ

୧୩୧୬ ସାଲ:

ପୌଷ ୧୬ଦିନ ଶୁକ୍ରବାର ରାତ୍ରିରେ ଶାନ୍ତି ଆଶ୍ରମର ଅଧିଷ୍ଠାତା ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ଦୁର୍ଗାପୁର ଶୁଭାଗମନ କରିଛନ୍ତି । ସେଠାରୁ ଯଥାଶୀଘ୍ର ଢାକା ରାଜଫୁଲବାଡ଼ିୟା ଯିବେ । ଚୈତ୍ର—ପରମାରାଧ୍ୟ ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ବର୍ତ୍ତମାନ ଭକ୍ତମାନଙ୍କ ସହିତ କାମାକ୍ଷା ଧାମରେ ଅବସ୍ଥାନ କରିଛନ୍ତି । ସେ ବୈଶାଖ ୧୫ ଦିନ ମଧ୍ୟରେ ଆଶ୍ରମରେ ପଦାର୍ପଣ କରିବେ ।

୧୩୧୭ ସାଲ :

ଆଶ୍ୱିନ ୨୯ ଦିନ କୁମିଲା ଦୁର୍ଗାପୁର ଶାନ୍ତି ଆଶ୍ରମରୁ ଆଠ ଜଣ ଶିଷ୍ୟଙ୍କ ସହ ଶ୍ରୀଶ୍ରୀ ଠାକୁର ତୀର୍ଥ ଭ୍ରମଣରେ ବାହାରି ପୁରୀ ଓ ଉତ୍ତର ଭାରତର ବିଭିନ୍ନ ତୀର୍ଥସ୍ଥାନ ଦର୍ଶନ କରି ମାର୍ଗଶୀର ୧୪ ଦିନ ଢାକା ଫେରି ଆସନ୍ତି । ଏହି ସମୟରେ କିଛିଦିନ ଶ୍ରୀଶ୍ରୀ ଠାକୁର ବଲଧାର ଜମିଦାର ଶ୍ରୀଯୁକ୍ତ ନରେନ୍ଦ୍ର ନାରାୟଣ ରାୟଚୌଧୁରୀଙ୍କ ବାସଭବନରେ ଅବସ୍ଥାନ କରନ୍ତି । ପରେ ଦୁର୍ଗାପୁର ଶାନ୍ତି ଆଶ୍ରମ ବନ୍ଦ କରିଦେଇ ଶ୍ରୀଶ୍ରୀ ଠାକୁର ଢାକା ଗେଣ୍ଡାରିୟାରେ ଆଶ୍ରମ ସ୍ଥାପନ କରି ଅବସ୍ଥାନ କରନ୍ତି ।

୧୩୧୮ ସାଲ :

ମାଘ ୧୪ ଦିନ ଶ୍ରୀଶ୍ରୀ ଠାକୁର ସ୍ୱରୂପାନନ୍ଦଙ୍କ ସହ ଆସାମ ଶିବସାଗର ଜିଲ୍ଲାର କୋକିଳାମୁଖ ଜାଗା ଦେଖିବାକୁ ଯାଇ ଜାଗାଟି ମନଃପୂତ ହେବାରୁ ସେଠାରେ ରହିଗଲେ ।

୧୩୧୯ ସାଲ :

ବୈଶାଖ ୭ ଦିନ ଅକ୍ଷୟତୃତୀୟା ତିଥିରେ ଶ୍ରୀଶ୍ରୀ ଠାକୁର ସ୍ୱହସ୍ତରେ କୋକିଳାମୁଖଠାରେ ଗୁରୁବ୍ରହ୍ମ ଆସନ ପ୍ରତିଷ୍ଠା କଲେ । ନିମ୍ନ ଆସାମ ଓ ଉତ୍ତର ବଙ୍ଗର ଭକ୍ତମାନଙ୍କ ଅନୁରୋଧକ୍ରମେ ଶ୍ରୀଶ୍ରୀ ଠାକୁର ଭକ୍ତମାନଙ୍କ ସହିତ ଭାଦ୍ରମାସରେ ସେଠାକୁ ଯାତ୍ରା କଲେ । ପୌଷ ୯ ଦିନ ଦୁଇ ଜଣ ସେବକଙ୍କ ସହିତ ଶ୍ରୀଶ୍ରୀ

ଠାକୁର ଆଶ୍ରମରୁ ବହିର୍ଗତ ହୋଇ ଆସାମ ବଙ୍ଗଳା ରେଳପଥ ଯୋଗେ ବଦରପୁର ଓ ଚାନ୍ଦପୁର ବାଟ ଦେଇ ଢାକାରେ ପଦାର୍ପଣ କଲେ । ଏହି ସମୟରେ ତାଙ୍କୁ ନାରାୟଣଗଞ୍ଜ, ବାରଦୀ, ରଘୁନାଥପୁର ପ୍ରଭୃତି ସ୍ଥାନକୁ ମଧ ଯିବାକୁ ପଡ଼ିଥିଲା । ଶ୍ରୀଶ୍ରୀ ଠାକୁର ମାଘ ୨୦ ଦିନ ରାତ୍ରିରେ ଢାକାରୁ ବାହାରି ମୟମନସିଂହ ଡାକଗାଡ଼ି ଯୋଗେ ଜମାଲପୁର ଷ୍ଟେସନରେ ପହଞ୍ଚି ସେଠାରୁ ଘୋଡ଼ାଗାଡ଼ି ସାହାଯ୍ୟରେ ସାହାବାଜ୍‌ପୁର ଅଞ୍ଚଳରେ ଉପନୀତ ହୋଇଥିଲେ । ସାହାବାଜ୍‌ପୁରରେ ମାତ୍ର ୬ ଦିନ ଅବସ୍ଥାନ କରି ଜଗନ୍ନାଥଗଞ୍ଜ, ଫୁଲଛଡ଼ି, ବୋନାରପାଡ଼ା, ପାର୍ବତୀପୁର ପ୍ରଭୃତି ସ୍ଥାନ ଭ୍ରମଣକରି ମାଘ ୨୯ ଦିନ ସରସ୍ୱତୀ ପୂଜାଦିନ ସନ୍ଧ୍ୟା ସମୟରେ ଦୀନାଜ୍‌ପୁରଠାରେ ଉପନୀତ ହୋଇଛନ୍ତି । ଫାଲ୍‌ଗୁନ ୫ ତାରିଖରେ ଶ୍ରୀଶ୍ରୀ ଠାକୁର ରାୟଗଞ୍ଜରେ ପଦାର୍ପଣ କରି ୮ ତାରିଖରେ ସେଠାରୁ ବାହାରି ଗୌହାଟୀ ଓ ଲ୍ୟାମଡ଼ିଂ ଦେଇ ୧୨ ତାରିଖରେ କୋକିଳାମୁଖ ଶାନ୍ତି ଆଶ୍ରମକୁ ଫେରି ଆସିଛନ୍ତି । ବୈଶାଖ ମାସ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁର ଏହିଠାରେ ହିଁ ଅବସ୍ଥାନ କରିବେ ।

୧୩୨୦ ସାଲ :

ଆଷାଢ଼ ମାସରେ ଶ୍ରୀଶ୍ରୀ ଠାକୁର ଜନ୍ମଭୂମି ଦର୍ଶନ କରିବାକୁ ଯାଇ କୁତବପୁର ଗ୍ରାମରେ ଅବସ୍ଥାନ କରୁଛନ୍ତି । ଶ୍ରାବଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ—ଏହି ଚାରିମାସ ଶ୍ରୀଶ୍ରୀ ଠାକୁର ଶାନ୍ତି ଆଶ୍ରମରେ ଅବସ୍ଥାନ କରିଛନ୍ତି । ମାର୍ଗଶୀର ୨୧ ତାରିଖରେ ଶ୍ରୀଶ୍ରୀ ଠାକୁର ମହାରାଜ ବୋଧାନନ୍ଦ ଭାଇ, ଅତୁଳ ଭାଇ ଓ ରାମ ଭାଇଙ୍କ ସହ କାଶୀ ଅଭିମୁଖେ ଯାତ୍ରା କରିଛନ୍ତି । ମାଘ ୨୨ ତାରିଖରେ ଶ୍ରୀଶ୍ରୀ ଠାକୁର କାଶୀରୁ ପ୍ରତ୍ୟାବର୍ତ୍ତନ କରି ମଠରେ ପହଞ୍ଚିଛନ୍ତି । ଫାଲ୍‌ଗୁନ୍ ଓ ଚୈତ୍ର ଏହି ଦୁଇ ମାସ ଯାକ ମଧ ଶ୍ରୀଶ୍ରୀ ଠାକୁର କୋକିଳାମୁଖ ମଠରେ ଅବସ୍ଥାନ କରିଛନ୍ତି ।

୧୩୨୧ ସାଲ :

ବୈଶାଖ ଓ ଜ୍ୟେଷ୍ଠ—ଏହି ଦୁଇ ମାସ ଶ୍ରୀଶ୍ରୀ ଠାକୁର ମଠରେ ଅବସ୍ଥାନ କରିଛନ୍ତି । ଜ୍ୟେଷ୍ଠ ୨୯ ଦିନ ଶ୍ରୀଶ୍ରୀ ଠାକୁର ମଠରୁ ବହିର୍ଗତ ହୋଇ ଶିଲଚର, କୁମିଲ୍ଲା, ନାରାୟଣଗଞ୍ଜ, ଢାକା, ଧୀତପୁର (ମୟମନସିଂହ), ବଗୁଡ଼ା ପ୍ରଭୃତି

ସ୍ଥାନ ଭ୍ରମଣ କରି ଶ୍ରାବଣ ୯ ତାରିଖରେ ମଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଭାଦ୍ରମାସ ସାରା ଶ୍ରୀଶ୍ରୀ ଠାକୁର ମଠରେ ହିଁ ଅବସ୍ଥାନ କରିଛନ୍ତି । ଚୈତ୍ର ମାସରେ ଶ୍ରୀଶ୍ରୀ ଠାକୁର ମହାରାଜ ହରିଦ୍ୱାର କୁମ୍ଭମେଳା ଉଦ୍ଦେଶ୍ୟରେ ଯାତ୍ରା କରି କାଶୀରେ ଅବସ୍ଥାନ କରୁଛନ୍ତି ।

୧୩୨୨ ସାଲ :

ବୈଶାଖ ୨୫ ତାରିଖ ଦିନ ଶ୍ରୀଶ୍ରୀ ଠାକୁର ହରିଦ୍ୱାରରୁ ପ୍ରତ୍ୟାବର୍ତ୍ତନ କରି ମଠରେ ପଦାର୍ପଣ କରିଛନ୍ତି । ମାର୍ଗଶୀର ମାସରେ ଶ୍ରୀଶ୍ରୀ ଠାକୁର କାଶୀଧାମରେ ଅବସ୍ଥାନ କରିଥିଲେ । ପୌଷମାସରେ କାଶୀରୁ ପ୍ରତ୍ୟାବର୍ତ୍ତନ କରି ଶ୍ରୀଶ୍ରୀ ଠାକୁର ମହାରାଜ ମଠରେ ଉପସ୍ଥିତ ଅଛନ୍ତି ।

୧୩୨୩ ସାଲ :

ଶାରଦୀୟା ପୂଜା ପରେ ଶ୍ରୀଶ୍ରୀ ଠାକୁର ଭ୍ରମଣରେ ବାହାରି ଉତ୍ତର ବଙ୍ଗର ଡୋମରା, ବଗୁଡ଼ା, ପୁଁଠିଆ, ରଙ୍ଗପୁର ପ୍ରଭୃତି ସ୍ଥାନ ପରିଭ୍ରମଣ କରି ମାର୍ଗଶୀର ମାସରେ ମଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

୧୩୨୪ ସାଲ :

ମାର୍ଗଶୀର ମାସରେ ଶ୍ରୀଶ୍ରୀ ଠାକୁର ମହାରାଜ ପ୍ରୟାଗ ଧାମରେ ହେଉଥିବା କୁମ୍ଭମେଳା ଉଦ୍ଦେଶ୍ୟରେ ଯାତ୍ରା କରି ବଙ୍ଗ ଦେଶ ପରିଭ୍ରମଣ କରି କାଶୀଧାମରେ ଅବସ୍ଥାନ କରୁଛନ୍ତି । ଫାଲ୍‌ଗୁନ ମାସ ୨୧ ତାରିଖ ଦିନ ବଙ୍ଗ ଓ ଯୁକ୍ତପ୍ରଦେଶର ନାନା ସ୍ଥାନ ଭ୍ରମଣ କରି ମଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

୧୩୨୫ ସାଲ :

ସାରସ୍ୱତ ମଠାଧୀଶ ପୂଜ୍ୟପାଦ ପରମହଂସ ଦେବ ଆସାମ ଓ ବଙ୍ଗଦେଶର ନାନା ସ୍ଥାନ ପରିଭ୍ରମଣ ଉଦ୍ଦେଶ୍ୟରେ ମାର୍ଗଶୀର ମାସରେ ବହିର୍ଗତ ହୋଇଛନ୍ତି । ମାଘ ମାସରେ ଭ୍ରମଣ ଶେଷରେ ମଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

(୧୩୨୬ ସାଲଠାରୁ ୧୩୨୮ ସାଲ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁରଙ୍କର ଅବସ୍ଥାନ ସୂଚୀ 'ଆର୍ଯ୍ୟଦର୍ପଣ'ରେ ପ୍ରକାଶିତ ହୋଇନାହିଁ ।)

ଶ୍ରୀଶ୍ରୀ ଠାକୁରଙ୍କର ପୁରୀଧାମରେ ଅବସ୍ଥାନ

୧୩୨୮ ସାଲ :

ଆଶ୍ୱିନ ମାସରେ ସ୍ୱରୂପାନନ୍ଦଜୀଙ୍କୁ ସେବକ ଭାବରେ ସଙ୍ଗରେ ଧରି ଅଶ୍ୱିନୀ ବାବୁ ନେଇଥିବା ଭଡ଼ା ଘରେ ଅବସ୍ଥାନ କରିଥିଲେ ।

୧୩୨୯ ସାଲ :

ବୈଶାଖ ୪ ତାରିଖରେ ଶ୍ରୀଶ୍ରୀ ଠାକୁର ମହାରାଜ ହରିଦାସ ବ୍ରହ୍ମଚାରୀ, ଅଶ୍ୱିନୀ ଦେ, ବିମଳା ଦାସୀ, ସୁରବାଳା ଦେବୀ ଓ ରାଜକୁମାର ଭାଇଙ୍କ ମାତାଙ୍କ ସହିତ ପୁରୀରେ ପଦାର୍ପଣ କରି ଗୋୟେଙ୍କା ଧର୍ମଶାଳାରେ ୧୪ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କଲେ । ତା'ପରେ ୧୫ ତାରିଖରେ ଚକ୍ରତୀର୍ଥ ନିକଟସ୍ଥ 'କମଳ-କାମିନୀ-ମନ୍ଦିର' ନାମକ ଗୋଟିଏ ଭଡ଼ାଘରେ ଅବସ୍ଥାନ କଲେ । କିନ୍ତୁ କେତେକ ବିଶେଷ ଅସୁବିଧା ଯୋଗୁଁ ଶ୍ରୀଶ୍ରୀ ଠାକୁର ଉକ୍ତ ଭଡ଼ାଘର ପରିତ୍ୟାଗ କରି ଫ୍ଲାଗଷ୍ଟାପ୍ ନିକଟବର୍ତ୍ତୀ ୩ ନମ୍ବର 'ଗିରିଗୁଟୀର' ଭଡ଼ା ଘରେ ଆଷାଢ଼ ମାସ ୧୮ ତାରିଖରୁ ରହିଲେ । ଶ୍ରୀ ସୁରେନ୍ଦ୍ରନାଥ ବନ୍ଦୋପାଧ୍ୟାୟ ନାମକ ଜଣେ ବଙ୍ଗବାସୀ କଣ୍ଟ୍ରାକ୍ଟର ଏହି ଘରର ମାଲିକ ଥିଲେ । ମାର୍ଗଶୀର ମାସରେ ଶ୍ରୀଶ୍ରୀ ଠାକୁର ଭ୍ରମଣ ଉଦ୍ଦେଶ୍ୟରେ ବଙ୍ଗଦେଶ ଯାତ୍ରା କଲେ । ସାର୍ବଭୌମ ଭକ୍ତ ସମ୍ମିଳନୀର ଅଷ୍ଟମ ବାର୍ଷିକ ଅଧିବେଶନ ଉପଲକ୍ଷେ ଶ୍ରୀଶ୍ରୀ ଠାକୁର ପୌଷ ୧୧, ୧୨ ଓ ୧୩ ତାରିଖ ଭାଓ୍ୱାଲ ସାରସ୍ୱତ ଆଶ୍ରମରେ ଅବସ୍ଥାନ କରି ପୁରୀ ପ୍ରତ୍ୟାବର୍ତ୍ତନ କଲେ । ପୁରୀଠାରେ ମାଘ ଓ ଫାଲ୍‌ଗୁନ ମାସ ସାରା ରହି ଚୈତ୍ର ୧୬ ଦିନ ଶ୍ରୀଶ୍ରୀ ଠାକୁର ମେଦିନୀପୁର, ବାଙ୍କୁଡ଼ା, ହାବଡ଼ା ପ୍ରଭୃତି ସ୍ଥାନକୁ ଭ୍ରମଣ ଉଦ୍ଦେଶ୍ୟରେ ଯାତ୍ରା କଲେ ।

୧୩୩୦ ସାଲ :

ବୈଶାଖ ୪ ତାରିଖରେ ଶ୍ରୀଶ୍ରୀ ଠାକୁର ମଠରେ ପଦାର୍ପଣ କରିଛନ୍ତି । ମଠରେ କିଛିଦିନ ରହି ଶ୍ରୀଶ୍ରୀ ଠାକୁର ଆଷାଢ଼ ମାସରେ ଶ୍ରୀହଟ, ଚଟ୍ଟଗ୍ରାମ, କୁମିଲ୍ଲା, ମୟମନସିଂହ ପ୍ରଭୃତି ସ୍ଥାନ ପରିଭ୍ରମଣ କରି ଢାକା ଜୟଦେବପୁର ସାରସ୍ୱତ ଆଶ୍ରମରେ ଅବସ୍ଥାନ କଲେ । ଶ୍ରାବଣ ମାସରେ ଶ୍ରୀଶ୍ରୀ ଠାକୁର ଭାଓ୍ୱାଲ୍ ଆଶ୍ରମରୁ ବାହାରି ଢାକା, ବାଲିୟାଟୀ, ମାଦାରୀପୁର ପ୍ରଭୃତି ଅଞ୍ଚଳ ଭ୍ରମଣ କରି

ପୁନରାୟ ଢାକା ଫେରିଆସିଲେ । ଆଶ୍ୱିନ ମାସ ୧୨ ଦିନ ଶ୍ରୀଶ୍ରୀ ଠାକୁର ପୁରୀ ଫେରିଆସିଥିଲେ । ସଙ୍ଗରେ ଥିଲେ ପ୍ରଜ୍ଞାନନ୍ଦ ମହାରାଜ, ବ୍ରହ୍ମଚାରୀ ହରିଦାସ ଓ ସୁରମା । ମାର୍ଗଶୀର ମାସ ଶେଷଆଡ଼କୁ ଶ୍ରୀଶ୍ରୀ ଠାକୁର ହରିଦାସ ବ୍ରହ୍ମଚାରୀ ଓ ସୁରମାଙ୍କୁ ନେଇ ନବଦ୍ୱୀପ ଯାତ୍ରା କଲେ । ପୌଷ ୧୧, ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ସାର୍ବଭୌମ ଭକ୍ତସମ୍ମିଳନୀର ନବମ ବାର୍ଷିକ ଅଧିବେଶନ ଉପଲକ୍ଷେ ଶ୍ରୀଶ୍ରୀ ଠାକୁର ବଗୁଡ଼ାର ଶ୍ରୀଶ୍ରୀ ଗୌରାଙ୍ଗ ସେବାଶ୍ରମରେ ଉପସ୍ଥିତ ଥିଲେ । ୧୭ ତାରିଖରେ ଶ୍ରୀଶ୍ରୀ ଠାକୁର ମଠକୁ ପ୍ରତ୍ୟାବର୍ତ୍ତନ କଲେ । ଫାଲ୍‌ଗୁନ ୨୪ ତାରିଖରେ ଶ୍ରୀଶ୍ରୀ ଠାକୁର ଉତ୍ତରବଙ୍ଗ ଭ୍ରମଣରେ ବାହାରି କୁଚବିହାର, ଆଲିପୁର, ଦୁଆର, ସୈଦପୁର, ଜଳପାଇଗୁଡ଼ି ପ୍ରଭୃତି ସ୍ଥାନ ଭ୍ରମଣ କରି ଚୈତ୍ର ଶେଷଆଡ଼କୁ ହାବଡ଼ା ୨୦୩ ନମ୍ବର ପଞ୍ଚାନନ ତାଲା ରୋଡ଼ରେ ଶ୍ରୀଯୁକ୍ତ ଫଣୀଭୂଷଣ ମିତ୍ରଙ୍କ ବାସଭବନରେ ଅବସ୍ଥାନ କଲେ ଓ ସେଠାରୁ ପୁରୀ ଫେରି ଆସିଲେ ।

ନୀଳାଚଳ କୁଟୀରରେ ଅବସ୍ଥାନ

୧୩୩୧ ସାଲ :

ବୈଶାଖ ୧ ଦିନ ଶ୍ରୀଶ୍ରୀ ଠାକୁର 'ନୀଳାଚଳ କୁଟୀର'ର ପ୍ରଜ୍ଞାନନ୍ଦ ମହାରାଜ ଓ ହରିଦାସ ବ୍ରହ୍ମଚାରୀଙ୍କ ସହିତ ଗୃହପ୍ରବେଶ କଲେ । ଆଷାଢ଼ ଓ ଭାଦ୍ରବ ଏହି ଦୁଇ ମାସ ନୀଳାଚଳ କୁଟୀରରେ ଅବସ୍ଥାନ କରି ଆଶ୍ୱିନ ୮ ତାରିଖରେ ଶ୍ରୀଶ୍ରୀ ଠାକୁର ମଠ ଅଭିମୁଖେ ଯାତ୍ରା କରି ୧୫ ତାରିଖରେ ମଠରେ ପଦାର୍ପଣ କଲେ । କାର୍ତ୍ତିକ ମାସଟି ମଠରେ କଟାଇ ମାର୍ଗଶୀର ୯ ତାରିଖରେ ବଙ୍ଗଦେଶ ଅଭିମୁଖେ ଯାତ୍ରା କରି ଶ୍ରୀହଟ୍ଟର ଜଗତ୍ ସୀ, ସନ୍ଦ୍ୱୀପ, ଚଟ୍ଟଗ୍ରାମ ଓ ଢାକା ଜୟଦେବପୁର ଆଶ୍ରମ ଭ୍ରମଣ କରି ମୟମନସିଂହ ଗଲେ । ପୌଷ ୧୧, ୧୨ ଓ ୧୩ ତାରିଖରେ କୁମିଲ୍ଲା ମୟନାମତୀ ଆଶ୍ରମରେ ଅନୁଷ୍ଠିତ ସାର୍ବଭୌମ ଭକ୍ତସମ୍ମିଳନୀରେ ଶ୍ରୀଶ୍ରୀ ଠାକୁର ଉପସ୍ଥିତ ଥିଲେ । ପୌଷ ୧୪ ତାରିଖରେ ପୁରୀ ଅଭିମୁଖେ ଯାତ୍ରା କଲେ । ମାଘ, ଫାଲଗୁନ ଓ ଚୈତ୍ର ମାସ ସାରା ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରିଛନ୍ତି ।

୧୩୩୨ ସାଲ :

ବୈଶାଖ ଓ ଜ୍ୟେଷ୍ଠ ମାସସାରା ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରିଥିଲେ । ଆଷାଢ଼ ମାସରେ ଏହିଠାରେ ଶ୍ରୀଶ୍ରୀ ଠାକୁରଙ୍କର ମନ୍ତ୍ରଶିଷ୍ୟ

ଶ୍ରୀ ସୁରେଶଚନ୍ଦ୍ର ଚଟ୍ଟୋପାଧ୍ୟାୟ ତାଙ୍କର ପତ୍ନୀ ବିୟୋଗ ପରେ ଦୁଇମାସର ଶିଶୁକନ୍ୟାଟିକୁ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣ ତଳେ ଅର୍ପଣ କରିଥିଲେ । ଏହି କନ୍ୟାଟି ଆମ୍ଭମାନଙ୍କର ସୁପରିଚିତା ଶ୍ରଦ୍ଧେୟା 'ନାରାୟଣୀ ଦେବୀ' ବା 'ମନୁ ମା' । ଆଷାଢ଼ ୨୯ ତାରିଖରେ ଶ୍ରୀଶ୍ରୀ ଠାକୁର ମଠ ଅଭିମୁଖରେ ଯାତ୍ରା କରି ବଙ୍ଗଦେଶର କେତେକ ସ୍ଥାନରେ ପରିଭ୍ରମଣ ଶେଷକରି ଶ୍ରାବଣ ୧୫ ତାରିଖରେ ମଠରେ ପଦାର୍ପଣ କଲେ । ଆଶ୍ୱିନ ୧୮ ତାରିଖରେ ମଠରୁ ବାହାରି ଶ୍ରୀଶ୍ରୀ ଠାକୁର ଶ୍ରୀହଟ୍ଟ, ମୟନାମତୀ, ଚଟ୍ଟଗ୍ରାମ ପ୍ରଭୃତି ସ୍ଥାନ ଭ୍ରମଣ କରି ଢାକାରେ ଅବସ୍ଥାନ କଲେ । ସେଠାରୁ ଫେରି କାର୍ତ୍ତିକ ୨୧ ତାରିଖରେ 'ନୀଳାଚଳ କୁଟୀର'ରେ ପଦାର୍ପଣ କଲେ । ପୌଷ ୯ ଦିନ ଶ୍ରୀଶ୍ରୀ ଠାକୁର ସାର୍ବଭୌମ ଭକ୍ତସମ୍ମିଳନୀ ଉପଲକ୍ଷେ ହାଲିସହର ସାରସ୍ୱତ ଆଶ୍ରମରେ ଥିଲେ । ଫାଲ୍‌ଗୁନ ଓ ଚୈତ୍ର ମାସସାରା ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରିଥିଲେ ।

୧୩୩୩ ସାଲ :

ବୈଶାଖ ଶେଷଆଡ଼କୁ ଶ୍ରୀଶ୍ରୀ ଠାକୁର ଭ୍ରମଣରେ ବାହାରି ବୈଶାଖ ୨୯ ତାରିଖରେ ମଠରେ ପଦାର୍ପଣ କରିଥିଲେ । ମଠରେ କିଛିଦିନ ଅବସ୍ଥାନ କରି ଶ୍ରୀଶ୍ରୀ ଠାକୁର ଆଷାଢ଼ ୨୯ ତାରିଖରେ ଶିଲଂ ଅଭିମୁଖେ ଯାତ୍ରା କଲେ । ସେଠାରେ ୧୦।୧୨ ଦିନ ରହି କଲିକତା, ଦେଓଘର ଓ କୃଷ୍ଣନଗର ଦେଇ ଶ୍ରୀଶ୍ରୀ ଠାକୁର ଭାଦ୍ରବ ମାସରେ ପୁରୀ ଫେରିଆସିଲେ । କାର୍ତ୍ତିକ ମାସରେ ଶ୍ରୀଶ୍ରୀ ଠାକୁର ତାଙ୍କର ଜନ୍ମଭୂମି କୁତବପୁର ଗ୍ରାମକୁ ଶୁଭାଗମନ କରନ୍ତି । ସେଠାରୁ ମାର୍ଗଶୀର ୫ ତାରିଖରେ ମଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପୌଷମାସରେ ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରକୁ ଫେରିଆସି ସେଠାରୁ ମାଘ ୩ ତାରିଖରେ ବାହାରି ତମଲୁକ ଯାଇଥିଲେ । ଚୈତ୍ର ୧୫ ଦିନ ଶ୍ରୀଶ୍ରୀ ଠାକୁର ସଶିଷ୍ୟେ କୁମ୍ଭମେଳା ଉପଲକ୍ଷେ ହରିଦ୍ୱାର ଯାତ୍ରା କଲେ ।

୧୩୩୪ ସାଲ :

ଶ୍ରୀଶ୍ରୀ ଠାକୁର ବୈଶାଖଠାରୁ ଆଶ୍ୱିନ ମାସ ପର୍ଯ୍ୟନ୍ତ ନୀଳାଚଳ କୁଟୀରରେ ଅବସ୍ଥାନ କରିଥିଲେ । ଶ୍ରାବଣ ମାସରେ ବସ୍ତର ରାଜ୍ୟର ରାଜା ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓ ଏଠାରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷାଗ୍ରହଣ କଲେ । କାର୍ତ୍ତିକ ମାସରେ

ଶ୍ରୀଶ୍ରୀ ଠାକୁର ପୁରୀରୁ ବାହାରି କଲିକତା, କୃଷ୍ଣନଗର, ଡାକା, ଆଜମିରଗଞ୍ଜ ପ୍ରଭୃତି ସ୍ଥାନ ଭ୍ରମଣ ପରେ ଜୟଦେବପୁର ସାରସ୍ୱତ ଆଶ୍ରମରେ ପଦାର୍ପଣ କଲେ । ମାର୍ଗଶୀର ୧୦ ତାରିଖ ଦିନ ଶ୍ରୀଶ୍ରୀ ଠାକୁର ମଠରେ ପଦାର୍ପଣ କରି ମାଘ ମାସ ୧୩ ତାରିଖ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିଥିଲେ । ସେଥର ମଠରେ ଭକ୍ତସମ୍ମିଳନୀ ହୋଇଥିଲା । ମାଘ ୧୪ ତାରିଖରେ ଶ୍ରୀଶ୍ରୀ ଠାକୁର ମଠରୁ ମୟନାମତୀ ଆଶ୍ରମ ଅଭିମୁଖେ ଯାତ୍ରା କରିଥିଲେ । ମୟନାମତୀ ଓ ଚଟ୍ଟଗ୍ରାମ ଭ୍ରମଣ କରି ଶ୍ରୀଶ୍ରୀ ଠାକୁର ଫାଲ୍‌ଗୁନ ମାସରେ ପୁରୀ ଫେରିଆସିଥିଲେ । ଚୈତ୍ର ମାସ ସାରା ଶ୍ରୀଶ୍ରୀ ଠାକୁର ପୁରୀରେ ହିଁ ଥିଲେ ।

୧୩୩୫ ସାଲ :

ବୈଶାଖ ମାସ ଅକ୍ଷୟତୃତୀୟା ତିଥିରେ ହାଲିସହରସ୍ଥ ଦକ୍ଷିଣ ବଙ୍ଗଳା ସାରସ୍ୱତ ଆଶ୍ରମରେ ବିଭାଗୀୟ ଭକ୍ତସମ୍ମିଳନୀର ଅଧିବେଶନ ହୋଇଥିଲା । ଶ୍ରୀଶ୍ରୀ ଠାକୁର ପୁରୀରୁ ଯାଇ ସେଠାରେ ଉପସ୍ଥିତ ଥିଲେ । ସମ୍ମିଳନୀ ପରେ ସେ ପୁରୀ ପ୍ରତ୍ୟାବର୍ତ୍ତନ କରି ଶ୍ରାବଣ ମାସ ପର୍ଯ୍ୟନ୍ତ ରହି ଭାଦ୍ରବମାସରେ ଗୁରୁଧାମ ଜନ୍ମୋତ୍ସବରେ ଯୋଗଦେବା ପାଇଁ ଯାଆନ୍ତି । ଭାଦ୍ର ୨୬ ତାରିଖରେ ପୁରୀ ଫେରିଆସି ଆଶ୍ୱିନ ୨୯ ତାରିଖରେ ବସ୍ତର ରାଜା ଓ ରାଣୀଙ୍କ ଏକାନ୍ତ ଆଗ୍ରହରେ ଶ୍ରୀଶ୍ରୀ ଠାକୁର କଲିକତା ଦେଇ ବସ୍ତର ଯାତ୍ରା କରନ୍ତି । କାର୍ତ୍ତିକ ଶେଷଆଡ଼କୁ ଶ୍ରୀଶ୍ରୀ ଠାକୁର ବସ୍ତର ଭ୍ରମଣ ଶେଷକରି କଲିକତା ଦେଇ ପୁରୀ ଫେରିଆସିଥିଲେ ଓ ପ୍ରାୟ ମାସେ ପର୍ଯ୍ୟନ୍ତ ନୀଳାଚଳ କୁଟୀରରେ ଅବସ୍ଥାନ କରିଥିଲେ । ଗଞ୍ଜାମର ଈଶ୍ୱର ସାହୁ, ବାଲାଜୀ ରାଜୁ ଓ ଦୀନବନ୍ଧୁ ଦେଓ ଏହି ସମୟରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ନୀଳାଚଳ କୁଟୀରରେ ଦୀକ୍ଷାଗ୍ରହଣ କରିଥିଲେ । ମାର୍ଗଶୀର ମାସ ଶେଷ ଆଡ଼କୁ ଶ୍ରୀଶ୍ରୀ ଠାକୁର ପୁରୀଠାରୁ ବାହାରି ମଧ୍ୟବଙ୍ଗଳା ସାରସ୍ୱତ ଆଶ୍ରମ, ଜୟଦେବପୁର ଡାକାରେ ଅନୁଷ୍ଠିତ ଚତୁର୍ଦ୍ଦଶ ବାର୍ଷିକ ସାର୍ବଭୌମ ଭକ୍ତିସମ୍ମିଳନୀରେ ଯୋଗଦାନ କରନ୍ତି ଓ ତା'ପରେ ସେଠାରୁ ମଠକୁ ଯାଇ ସେଠାରେ କିଛିଦିନ ଅବସ୍ଥାନ କରି ବଙ୍ଗଦେଶର କେତେକ ଜାଗା ଭ୍ରମଣାନ୍ତେ ଚୈତ୍ର ୧୦ ଦିନ ପୁରୀ ଫେରିଆସନ୍ତି ।

୧୩୩୬ ସାଲ :

ବସ୍ତରର ରାଜଦମ୍ପତି ଓ ଅନ୍ୟାନ୍ୟ ସେବକ-ସେବିକାଙ୍କ ସହ ଶ୍ରୀଶ୍ରୀ ଠାକୁର ଦାର୍ଜିଲିଂ ଯାଇ କିଛିଦିନ ସେଠାରେ ଅବସ୍ଥାନ କରନ୍ତି । କାର୍ତ୍ତିକ ମାସ ବେଳକୁ

ଦାର୍ଜିଲିଂରୁ ଫେରି ଶ୍ରୀଶ୍ରୀ ଠାକୁର ବସ୍ତର ରାଜାସାହେବଙ୍କ କଲିକତାର ୮୨, ଲ୍ୟାନ୍‌ସଡ଼ାଉନ୍ ରୋଡ଼ ଭଡ଼ାଘରେ କିଛିଦିନ ଅବସ୍ଥାନ କରିଥିଲେ । ପୌଷ ୭ ତାରିଖରେ କଲିକତାରୁ ଶ୍ରୀଶ୍ରୀ ଠାକୁର ବଗୁଡ଼ା ଯାଇ ସେଠାରେ ପଞ୍ଚଦଶ ବାର୍ଷିକ ସାର୍ବଭୌମ ଭକ୍ତସମ୍ମିଳନୀରେ ଯୋଗଦାନ କରନ୍ତି । ଫାଲଗୁନ ମାସରେ ଶ୍ରୀଶ୍ରୀ ଠାକୁର ଜାମସେଦ୍‌ପୁର ଯାଇ ସେଠାରେ ସାତ ଆଠଦିନ ରହି ହାବଡ଼ା ଫେରି ସେଠାରୁ ଗୁରୁଧାମ ଯାଆନ୍ତି । ସେଠାରୁ ଶ୍ରୀଶ୍ରୀ ଠାକୁର ତାଙ୍କର ପୂର୍ବାଶ୍ରମର ମାଉସୀ ଗୋବିନ୍ଦମୋହିନୀଙ୍କୁ ସଙ୍ଗରେ ଧରି ଚୈତ୍ର ୪ ଦିନ ପୁରୀରେ ପହଞ୍ଚିଥିଲେ ।

୧୩୩୭ ସାଲ :

ବୈଶାଖ ମାସରେ ଶ୍ରୀଶ୍ରୀ ଠାକୁର ଭ୍ରମଣୋଦ୍ଦେଶ୍ୟରେ ପୁରୀରୁ ବହିର୍ଗତ ହୋଇ ଯୋଡ଼ ପାକଡ଼ୀ, କୁଚବିହାର, ଆଲିପୁର, ଦୁୟାର ଓ ବଗୁଡ଼ା ଭ୍ରମଣ କରି ହାଓଡ଼ା ଫେରିଆସନ୍ତି । ବୈଶାଖ ୧୮ ଦିନ ଅକ୍ଷୟତୃତୀୟା ଦିନ ଶ୍ରୀଶ୍ରୀ ଠାକୁର ବଗୁଡ଼ା ଆଶ୍ରମ ଅଧୀନରେ ଏକ ଶାଖା ଆଶ୍ରମର ପ୍ରତିଷ୍ଠା ସମ୍ପାଦନ କରିଥିଲେ । କଲିକତାରୁ ବସ୍ତର ରାଜାସାହେବଙ୍କ ସହ ଜ୍ୟେଷ୍ଠ ୩ ତାରିଖରେ ଶ୍ରୀଶ୍ରୀ ଠାକୁର ଶିଲଂ ଯାଇ ସେଠାରେ କିଛିଦିନ ଅବସ୍ଥାନ କରିଥିଲେ । ଜ୍ୟେଷ୍ଠ ଶେଷ ଆଡ଼କୁ ଶିଲଂରୁ କଲିକତା ଫେରି ଆଷାଢ଼ ମାସ ପ୍ରାରମ୍ଭରେ ଶ୍ରୀଶ୍ରୀ ଠାକୁର ପୁରୀ ଫେରିଆସନ୍ତି । ଶ୍ରାବଣ ୨୪ ତାରିଖ ଝୁଲଣ ପୂର୍ଣ୍ଣିମା ଏବଂ ଜନ୍ମୋତ୍ସବ ଉପଲକ୍ଷେ ଶ୍ରୀଶ୍ରୀ ଠାକୁର କୁତବପୁର ଶ୍ରୀଶ୍ରୀ ଗୁରୁଧାମ ଯାତ୍ରା କରିଥିଲେ । ସେଠାରୁ ଫେରି ହାଓଡ଼ାରେ କିଛିଦିନ ଅବସ୍ଥାନ କରି ମାର୍ଗଶୀର ମାସରେ ଶ୍ରୀଶ୍ରୀ ଠାକୁର ମଠରେ ପଦାର୍ପଣ କରନ୍ତି । ସେଠାରୁ ପୌଷ ମାସରେ ପୂର୍ବ ବଙ୍ଗଳା ସାରସ୍ୱତ ଆଶ୍ରମ ମୟନାମତୀରେ ଅନୁଷ୍ଠିତ ହେଉଥିବା ଭକ୍ତ ସମ୍ମିଳନୀରେ ଉପସ୍ଥିତ ଥିଲେ । ମାଘ ୧୮ ତାରିଖ ଦିନ ଶ୍ରୀଶ୍ରୀ ଠାକୁର ଖଡ଼କୁସୁମା ବିଭାଗୀୟ ସମ୍ମିଳନୀର ଅଧିବେଶନରେ ଉପସ୍ଥିତ ଥିଲେ । ଫାଲଗୁନ ଶେଷଆଡ଼କୁ ପୁରୀ ଫେରିଆସି ଚୈତ୍ରମାସ ସାରା ଶ୍ରୀଶ୍ରୀ ଠାକୁର ସେଠାରେ ଥିଲେ ।

୧୩୩୮ ସାଲ :

ବୈଶାଖ ମାସ ସାରା ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରିଛନ୍ତି । ବୈଶାଖ ଶେଷରେ ମଠ ସଂକ୍ରାନ୍ତ ଜରୁରୀ କାର୍ଯ୍ୟୋପଲକ୍ଷେ ଶ୍ରୀଶ୍ରୀ

ଠାକୁର କୋକିଳାମୁଖ ଯାତ୍ରା କରନ୍ତି ଓ ଆଷାଢ଼ ମାସରେ ସେଠାରୁ ପୁରୀ ଫେରିଆସନ୍ତି । ମାର୍ଗଶୀର ମାସ ପର୍ଯ୍ୟନ୍ତ କୁଟୀରରେ ଅବସ୍ଥାନ କରି ପୌଷ ୧୧, ୧୨ ଓ ୧୩ ତାରିଖରେ ହାଲିସହରରେ ଅନୁଷ୍ଠିତ ସାର୍ବଭୌମ ଭକ୍ତସମ୍ମିଳନୀରେ ଯୋଗାଦନା କରିଥିଲେ । ସମ୍ମିଳନୀ ପରେ ପୁରୀ ଫେରି ଆସି କୁଟୀରରେ ଅବସ୍ଥାନ କରିଥିଲେ ବର୍ଷର ଅବଶିଷ୍ଟ ଅଂଶ । ଫାଲଗୁନ ମାସରେ ଇଂ ୨୬/୩/୧୯୩୨ ତାରିଖ ଦିନ ଶ୍ରୀଶ୍ରୀ ଠାକୁର ମହାରାଜ କୁଟୀରର ମା'ମାନଙ୍କ ସହ ତାଙ୍କର କତିପୟ ଉତ୍କଳୀୟ ଭକ୍ତମାନଙ୍କୁ ସଙ୍ଗରେ ନେଇ ଚିଲିକା ଭ୍ରମଣରେ ଯାଇଥିଲେ ।

୧୯୩୯ ସାଲ :

ବୈଶାଖ ମାସରେ ଶ୍ରୀଶ୍ରୀ ଠାକୁର ମଠାଭିମୁଖେ ଯାତ୍ରା କରିଥିଲେ । ବୈଶାଖ ୧୭ ଓ ୧୮ ତାରିଖରେ ତିସ୍ତା, ରାଜପୁର ବ୍ରହ୍ମଚର୍ଯ୍ୟାଶ୍ରମରେ ଅନୁଷ୍ଠିତ ବିଭାଗୀୟ ଭକ୍ତସମ୍ମିଳନୀରେ ଶ୍ରୀଶ୍ରୀ ଠାକୁର ଉପସ୍ଥିତ ଥିଲେ । ଜ୍ୟେଷ୍ଠମାସରେ ଶ୍ରୀଶ୍ରୀ ଠାକୁର ସାରସ୍ୱତ ମଠରେ ଅବସ୍ଥାନ କରିଥିଲେ । ଶ୍ରାବଣ ୩୧ ତାରିଖ ଝୁଲଣ ପୂର୍ଣ୍ଣିମା ତିଥିରେ ଜନ୍ମୋତ୍ସବ ଉପଲକ୍ଷେ ଶ୍ରୀଶ୍ରୀ ଠାକୁର ଗୁରୁଧାମରେ ଉପସ୍ଥିତ ଥିଲେ । ଆଶ୍ୱିନ ମାସରେ ଶ୍ରୀଶ୍ରୀ ଠାକୁର ହାଲିସହର ଆଶ୍ରମରେ ଅନୁଷ୍ଠିତ ବିଭାଗୀୟ ଭକ୍ତସମ୍ମିଳନୀରେ ଉପସ୍ଥିତ ଥିଲେ । କାର୍ତ୍ତିକ ୧୯ ତାରିଖ ଦିନ କଲିକତାରୁ ଶ୍ରୀଶ୍ରୀ ଠାକୁର ଭାରତ ଭ୍ରମଣୋଦ୍ଦେଶ୍ୟରେ ମେହେର କମ୍ପାନୀ ତୀର୍ଥଯାତ୍ରୀ ସ୍ପେଶାଲ ଟ୍ରେନ୍ ଯୋଗେ ଯାତ୍ରା କରି ପୌଷ ୧୫ ତାରିଖରେ କଲିକତା ପ୍ରତ୍ୟାବର୍ତ୍ତନ ପରେ ତାଙ୍କର ଶିଷ୍ୟ ଶ୍ରୀ ସୁଧୀରଞ୍ଜନ ରାୟଙ୍କ ବେଲଘରିଆ ବାସଭବନରେ ଅବସ୍ଥାନ କରିଥିଲେ । ୧୬ ତାରିଖରେ ଶ୍ରୀଶ୍ରୀ ଠାକୁରଙ୍କୁ ଭୀଷଣ ବସନ୍ତ ରୋଗ ଆକ୍ରମଣ କରିଥିଲା । ମାଘ ମାସ ସାରା ଶ୍ରୀଶ୍ରୀ ଠାକୁର ବେଲଘରିଆରେ ଅବସ୍ଥାନ କରି ଫାଲ୍‌ଗୁନ ମାସରେ ନୀଳାଚଳ କୁଟୀରକୁ ଫେରିଆସିଥିଲେ ।

୧୩୪୦ ସାଲ :

ବୈଶାଖ ଓ ଜ୍ୟେଷ୍ଠମାସରେ ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରିଥିଲେ । ଆଷାଢ଼ ମାସରେ ଶ୍ରୀଶ୍ରୀ ଠାକୁର କଲିକତା ଯାଇ ସୁଧୀରରଞ୍ଜନ ଭାଇଙ୍କର ବେଲଘରିଆସ୍ଥିତ ବାସଭବନରେ ଅବସ୍ଥାନ କରିଥିଲେ । ଝୁଲଣ ପୂର୍ଣ୍ଣିମା

ତିଥିରେ ଶ୍ରୀଶ୍ରୀ ଠାକୁର ଶ୍ରୀଶ୍ରୀ ଗୁରୁଧାମରେ ଉପସ୍ଥିତ ଥିଲେ । ଭାଦ୍ରବ ମାସରେ ସେଠାରୁ ବେଲଘରିଆ ପ୍ରତ୍ୟାବର୍ତ୍ତନ କରିଥିଲେ । କାର୍ତ୍ତିକ ୧୦ ଓ ୧୧ ତାରିଖରେ ଶ୍ରୀଶ୍ରୀ ଠାକୁର ଘଡ଼ିସାର୍ ସାରସ୍ୱତ ସଂଘର ଭକ୍ତସମ୍ମିଳନୀରେ ଉପସ୍ଥିତ ଥିଲେ । ମାର୍ଗଶୀର ମାସରେ ଶ୍ରୀଶ୍ରୀ ଠାକୁର ଫରିଦ୍‌ପୁର, ନୂଆଖାଲି, ଚଟ୍ଟଗ୍ରାମ, କୁମିଲ୍ଲା ଓ ଶ୍ରୀହଟ୍ଟ ଜିଲ୍ଲାର କେତେଗୋଟି ସ୍ଥାନ ଭ୍ରମଣ କରି ମଠରେ ପଦାର୍ପଣ କଲେ । ପୌଷ ୧୧, ୧୨ ଓ ୧୩ ତାରିଖରେ ଜଲପାଇଗୁଡ଼ି ସାରସ୍ୱତ ଆଶ୍ରମରେ ଅନୁଷ୍ଠିତ ସାର୍ବଭୌମ ଭକ୍ତସମ୍ମିଳନୀରେ ଉପସ୍ଥିତ ଥିଲେ । ମାଘ ୭ ତାରିଖରେ ଶ୍ରୀଶ୍ରୀ ଠାକୁର ବେଲଘରିଆ ଫେରିଆସିଥିଲେ । ମାଘ ୨୮ ତାରିଖରେ ହାଲିସହର ଆଶ୍ରମରେ ଅନୁଷ୍ଠିତ ବିଭାଗୀୟ ସମ୍ମିଳନୀରେ ଶ୍ରୀଶ୍ରୀ ଠାକୁର ଉପସ୍ଥିତ ଥିଲେ । ଫାଲ୍‌ଗୁନ ମାସରେ ଶ୍ରୀଶ୍ରୀ ଠାକୁର ପୁରୀ ଫେରିଆସିଥିଲେ କିନ୍ତୁ ଚୈତ୍ର ମାସରେ ଖଡ଼କୁସୁମା ଆଶ୍ରମ, ଧୁଲାଡ଼ାଙ୍ଗୀ, ମାନୁଷମୁଡ଼ିଆ ପରିଭ୍ରମଣ କରି ବେଲଘରିଆରେ ଅବସ୍ଥାନ କରିଥିଲେ ।

୧୩୪୧ ସାଲ :

ବୈଶାଖ ଠାରୁ ଆଶ୍ୱିନ ମାସ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଥିଲେ । କାର୍ତ୍ତିକ ମାସରେ କଲିକତା ଯାତ୍ରା କରି ବେଲଘରିଆରେ ଅବସ୍ଥାନ କରିଥିଲେ । ମାର୍ଗଶୀର ମାସ ୭ ତାରିଖରେ ଶ୍ରୀଶ୍ରୀ ଠାକୁର ବଗୁଡ଼ା ଓ ଅନ୍ୟାନ୍ୟ କେତେକ ସ୍ଥାନ ପରିଭ୍ରମଣାନ୍ତେ ମଠରେ ପଦାର୍ପଣ କରିଛନ୍ତି ଓ ସେଠାରେ ପୌଷମାସ ସାରା ରହନ୍ତି । ମାଘ ୧୮ ତାରିଖରେ ଶ୍ରୀଶ୍ରୀ ଠାକୁର ମଠରୁ ଯାତ୍ରା କରି ବେଲଘରିଆରେ ଅବସ୍ଥାନ କରୁଛନ୍ତି । ଫାଲଗୁନ ୬ ତାରିଖରେ ସେଠାରୁ ପୂର୍ବବଙ୍ଗ ଭ୍ରମଣରେ ବହିର୍ଗତ ହୋଇ ଚୈତ୍ରମାସରେ ପୂର୍ବବଙ୍ଗର ବିଭିନ୍ନ ସ୍ଥାନରେ ଅବସ୍ଥାନ କରନ୍ତି ।

୧୩୪୨ ସାଲ :

ଶ୍ରୀଶ୍ରୀ ଠାକୁର ଜଲପାଇଗୁଡ଼ି ଆଶ୍ରମ ଓ ରାଜପୁର ସଂଘାଶ୍ରମ ହୋଇ ବୈଶାଖ ୨୦ ତାରିଖ ଦିନ ମଠରେ ପଦାର୍ପଣ କରନ୍ତି । ଜ୍ୟେଷ୍ଠ ମାସ ସାରା ମଠରେ କଟାଇ ଆଷାଢ଼ ୧୩ ତାରିଖରେ ମଠରୁ ବାହାରି ବେଲଘରିଆରେ ଅବସ୍ଥାନ କରିଥିଲେ । ଶ୍ରାବଣ ମାସରେ ଶ୍ରୀଶ୍ରୀ ଠାକୁର ଦୀଘଲକାନ୍ଦି ଭ୍ରମଣ କରି

ଜନ୍ମୋତ୍ସବ ସମୟରେ କୁତବପୁରଠାରେ ପଦାର୍ପଣ କରିଛନ୍ତି । ଭାଦ୍ରବ ମାସରେ ଶ୍ରୀଶ୍ରୀ ଠାକୁର ପୁରୀ ଫେରିଆସି କୁଟୀରରେ ଅବସ୍ଥାନ କରିଥିଲେ । କାର୍ତ୍ତିକ ୨୭ ତାରିଖରେ ଶ୍ରୀଶ୍ରୀ ଠାକୁର ଚିକିତ୍ସା ପାଇଁ କଲିକତା ଅଭିମୁଖେ ଯାତ୍ରା କଲେ । କଲିକତାରେ ଶ୍ରୀଶ୍ରୀ ଠାକୁର ପ୍ରଥମେ ବେଲଘରିଆ ସୁଧୀରଞ୍ଜନ ଭାଇଙ୍କ ବାସଭବନରେ ଅବସ୍ଥାନ କରିଥିଲେ । ସେଠାରେ ମାତ୍ର ଦୁଇଦିନ ରହି ୨୯ ତାରିଖରେ ବିଡ଼ନଷ୍ଟ୍ରୀଟର ଭଡ଼ାଘରକୁ ଆଗମନ କରିଥିଲେ । ମାର୍ଗଶୀର ମାସ ୧୩ ତାରିଖ ଶୁକ୍ରବାର ଦିବା ୧-୧୫ ମିନିଟ୍‌ରେ ଶ୍ରୀଶ୍ରୀ ଠାକୁର ଆମ ସ୍ଥୁଳ ଚକ୍ଷୁରୁ ଅନ୍ତର୍ହିତ ହେଲେ ।

ଭକ୍ତ ପରିଚୟ

ଏହି ପୁସ୍ତକରେ ଯେଉଁସବୁ ବଙ୍ଗୀୟ ଓ ଉତ୍କଳୀୟ ଶିଷ୍ୟଭକ୍ତଙ୍କର ନାମୋଲ୍ଲେଖ ରହିଛି, ପାଠକମାନଙ୍କର ଅବଗତି ନିମିତ୍ତ ସେମାନଙ୍କର ସଂକ୍ଷିପ୍ତ ପରିଚୟ ନିମ୍ନରେ ପ୍ରଦତ୍ତ ହେଲା ।

(୧) ୰ଚିଦାନନ୍ଦ ସରସ୍ୱତୀ :

ଶ୍ରୀଶ୍ରୀ ଠାକୁରଙ୍କର ଆଦି ସେବକ ଓ ପ୍ରଥମ ସନ୍ନ୍ୟାସୀ ଶିଷ୍ୟ । ଶ୍ରୀଶ୍ରୀ ଠାକୁର ତାଙ୍କୁ ଖଡ଼କୁସୁମାସ୍ଥିତ ପଶ୍ଚିମ ବଙ୍ଗଳା ସାରସ୍ୱତ ଆଶ୍ରମର ଅଧ୍ୟକ୍ଷରୂପେ ନିଯୁକ୍ତ କରିଥିଲେ । ୧୩୩୦ ସାଲରୁ ୧୩୪୨ ସାଲ ମାର୍ଗଶୀର ମାସ ପର୍ଯ୍ୟନ୍ତ ସେ ସେଠାରେ ଥିଲେ । ପରେ ୧୩୪୨ ସାଲରୁ ୧୩୪୮ ସାଲ ପର୍ଯ୍ୟନ୍ତ ଚିଦାନନ୍ଦ ମହାରାଜ ଆସାମ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ପଦରେ ଅଧିଷ୍ଠିତ ଥିଲେ । ନୀଳାଚଳ ସାରସ୍ୱତ ସଂଘ ତତ୍ତ୍ୱାବଧାନରେ ପୁରୀଠାରେ ଅନୁଷ୍ଠିତ ପ୍ରଥମ ସାର୍ବଭୌମ ଭକ୍ତସମ୍ମିଳନୀରେ ସେ ସଭାପତିତ୍ୱ କରିଥିଲେ । ବଙ୍ଗଳା ୧୩୭୦ ସାଲ ଭାଦ୍ର ମାସରେ (୧୯।୮।୧୯୬୩) ଚିଦାନନ୍ଦ ମହାରାଜ ଶିଲଂଠାରେ ଦେହତ୍ୟାଗ କଲେ ।

(୨) ୰ ପ୍ରଜ୍ଞାନନ୍ଦ ସରସ୍ୱତୀ :

ଶ୍ରୀଶ୍ରୀ ଠାକୁରଙ୍କର ଅନ୍ୟତମ ସନ୍ନ୍ୟାସୀ ଶିଷ୍ୟ । ୧୩୨୯ ସାଲରେ ପ୍ରଜ୍ଞାନନ୍ଦ ମହାରାଜ ଗିରି କୁଟୀର ଓ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କର ସେବକରୂପେ ଅବସ୍ଥାନ କରିଥିଲେ । ୧୩୪୦ ସାଲରେ ଶ୍ରୀଶ୍ରୀ ଠାକୁର ତାଙ୍କୁ ଆସାମ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ପଦରେ ଅଧିଷ୍ଠିତ କରିଥିଲେ । ସେ

ଶ୍ରୀଶ୍ରୀ ଠାକୁରଙ୍କର ବିବିଧ ଉପଦେଶାବଳୀ ତାଙ୍କ ପ୍ରଣୀତ 'ଶ୍ରୁତିସ୍ମୃତି' ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଭୁବନେଶ୍ୱର ଗୌତମ ନଗରଠାରେ 'ଶ୍ରୀଶ୍ରୀ ନିଗମାନନ୍ଦ' ମଠ ସ୍ଥାପନ ପୂର୍ବକ ସେଠାରେ ସେ ଶେଷ ଜୀବନ କଟାଇଥିଲେ ।

(୩) ୰ ଯୋଗେଶ୍ୱର ଗାଙ୍ଗୁଲୀ :

ଶ୍ରୀଶ୍ରୀ ଠାକୁରଙ୍କର ଅନ୍ୟତମ ପ୍ରାଚୀନ ଗୃହୀଶିଷ୍ୟ ପୂର୍ବବଙ୍ଗର ତରା ଗ୍ରାମର ଅଧିବାସୀ ଥିଲେ । ସେ 'ଗୁରୁତତ୍ତ୍ୱାମୃତସିନ୍ଧୁ' ଓ ସଦ୍‌ଗୁରୁ ନିଗମାନନ୍ଦ କଥା' ପୁସ୍ତକର ପ୍ରଣେତା । ୧୯୪୫ ସାଲରେ ପୁରୀଠାରେ ଅନୁଷ୍ଠିତ ସାର୍ବଭୌମ ଭକ୍ତ ସମ୍ମିଳନୀରେ ଯୋଗେଶ୍ୱର ଭାଇ ଯୋଗଦାନ କରିଥିଲେ ।

(୪) ୰ ହରିପ୍ରସାଦ ରାୟ :

ପୂର୍ବବଙ୍ଗ ବଗୁଡ଼ା ସହରର ଅଧିବାସୀ । ଶ୍ରୀଶ୍ରୀ ଠାକୁରଙ୍କର ଅନ୍ୟତମ ପ୍ରବୀଣ ଗୃହୀଶିଷ୍ୟ । ବଗୁଡ଼ାସ୍ଥ ଉତ୍ତର ବଙ୍ଗଳା ସାରସ୍ୱତ ଆଶ୍ରମ ସହିତ ହରପ୍ରସାଦ ଭାଇ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ । ଶ୍ରୀଶ୍ରୀ ଠାକୁର ଭକ୍ତ ଶିଷ୍ୟମାନଙ୍କ ପାଖକୁ ଦେଇଥିବା କେତେଗୁଡ଼ିଏ ଚିଠିର ସଂକଳନ କରି ସେ 'ଶ୍ରୀଶ୍ରୀ ଠାକୁରେର ଚିଠି' ନାମ ଦେଇ ଉତ୍ତର ବଙ୍ଗଳା ସାରସ୍ୱତ ଆଶ୍ରମ ତରଫରୁ ପ୍ରକାଶର ବ୍ୟବସ୍ଥା କରିଥିଲେ ।

(୫) ୰ ସଚ୍ଚିଦାନନ୍ଦ ସାହା :

ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ କାଲନାର ଅଧିବାସୀ ଥିଲେ । ସେ ଶ୍ରୀଶ୍ରୀ ଠାକୁରଙ୍କର ଏକନିଷ୍ଠ ଗୃହୀଶିଷ୍ୟ । ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରୁଥିବା ସମୟରେ ସେ କୁଟୀର ନିକଟସ୍ଥ 'ଜ୍ୟୋତି ନିବାସ'ରେ ରହି ସାଧନ ଭଜନ କରୁଥିଲେ । ସେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଚିଲିକା ଭ୍ରମଣରେ ସଙ୍ଗୀ ହୋଇଥିଲେ । ସେ ସେତେବେଳେ ନୀଳାଚଳ କୁଟୀରକୁ ଯାତାୟାତ କରୁଥିବା ଉତ୍କଳୀୟ ଭକ୍ତଶିଷ୍ୟମାନଙ୍କ ସହ ଅତି ଘନିଷ୍ଠ ଭାବରେ ମିଶିଥିଲେ ।

(୬) ୰ ଅଶ୍ୱିନୀ କୁମାର ଦାଶଗୁପ୍ତ :

ଶ୍ରୀଶ୍ରୀ ଠାକୁରଙ୍କର ପ୍ରବୀଣ ଅନ୍ତରଙ୍ଗ ଗୃହୀଶିଷ୍ୟ । ଆଦି ନିବାସ ପୂର୍ବ ବଙ୍ଗର କୁମିଲ୍ଲା । ସେ ସବ୍‌ଜଜ୍ ଥିଲେ । ଢାକାର ସିଦ୍ଧେଶ୍ୱରୀ ରମଣାଠାରେ ବାସଗୃହ ନିର୍ମାଣ କରି ବସବାସ କରୁଥିଲେ । ଶ୍ରୀଶ୍ରୀ ଠାକୁର ଏହି ବାସଗୃହର

ନୀଲାଚଳ କୁଟୀରରେ ଭକ୍ତ ପରିବେଷ୍ଟିତ ଶ୍ରୀ ଶ୍ରୀ ଠାକୁର

ନାମକରଣ କରିଥିଲେ 'ସାରସ୍ୱତ କୁଞ୍ଜ' । ୧୩୨୬ ସାଲରେ ସେ ଓ ତାଙ୍କର ସହଧର୍ମିଣୀ କୁଞ୍ଜବାଳା ଶ୍ରୀଶ୍ରୀ ଠାକୁରଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଅଶ୍ୱିନୀ ଭାଇଙ୍କ ପରିବାର ପ୍ରତି ଶ୍ରୀଶ୍ରୀ ଠାକୁରଙ୍କର ବିଶେଷ ସହୃଦୟତା ଥିଲା । ଏହି ପୁସ୍ତକରେ ସନ୍ନିବେଶିତ 'ଭକ୍ତ ପରିବେଷ୍ଟିତ ଶ୍ରୀଶ୍ରୀ ଠାକୁର' ଫଟୋଚିତ୍ରରେ ଅସ୍ତ୍ରୀକ ଅଶ୍ୱିନୀ ଭାଇ ଓ ତାଙ୍କ ପରିବାରର କେତେଜଣଙ୍କୁ ଦେଖିବାକୁ ମିଳେ । ୧୩୩୪ ସାଲରେ ସେ ଦେହତ୍ୟାଗ କଲେ ।

(୭) ଠାକୁରଦାସ ବ୍ରହ୍ମଚାରୀ (ହରେନ୍ ଦା) :

ହରେନ୍ ଦା ଶ୍ରୀଶ୍ରୀ ଠାକୁରଙ୍କର ଉତ୍କଳୀୟ ଭକ୍ତମାନଙ୍କ ନିକଟରେ ସୁପରିଚିତ । ଆଦିନିବାସ ପୂର୍ବବଙ୍ଗର କୁମିଲ୍ଲା । ମୟନାମତୀ ଆଶ୍ରମରେ ସେବକ ଭାବରେ କିଛିଦିନ ରହିବା ପରେ ୧୩୩୩ ସାଲରେ ସେ ନୀଳାଚଳ କୁଟୀରକୁ ଆସିଥିଲେ । ଶ୍ରୀଶ୍ରୀ ଠାକୁର ତାଙ୍କୁ 'ଠାକୁର ଦାସ ବ୍ରହ୍ମଚାରୀ' ନାମ ପ୍ରଦାନ କରିଥିଲେ । ବର୍ତ୍ତମାନ ହରେନ୍ ଦା 'ସ୍ୱାମୀ ସେବାନନ୍ଦ ସରସ୍ୱତୀ' ନାମରେ ପରିଚିତ ଓ ଖଡ଼କୁସୁମା ପଶ୍ଚିମ ବଙ୍ଗଳା ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ । ଶ୍ରୀଶ୍ରୀ ଠାକୁରଙ୍କ ନିକଟକୁ ଆସୁଥିବା ଉତ୍କଳୀୟ ଛାତ୍ରମାନଙ୍କର ଶ୍ରୀଶ୍ରୀ ଠାକୁରଙ୍କ ସହ ସାକ୍ଷାତ୍ ଓ ଆଳାପାଦିରେ ହରେନ୍ ଦା ସହାୟତା କରିଥିଲେ ।

(୮) ଅନ୍ନଦା ବ୍ରହ୍ମଚାରୀ :

ଜନ୍ମସ୍ଥାନ ପଶ୍ଚିମ ବଙ୍ଗର ମେଦିନୀପୁର ଜିଲ୍ଲାରେ । ପୂର୍ବାଶ୍ରମର ନାମ ଅନ୍ନଦା ବିଶ୍ୱାସ । ୧୩୩୯ ସାଲରେ ସେ ନୀଳାଚଳ କୁଟୀରକୁ ସେବକରୂପେ ଆସିଥିଲେ । ଅନ୍ନଦା ଭାଇଙ୍କର ବିଭିନ୍ନ ସେବା ଭିତରେ ଶ୍ରୀଶ୍ରୀ ଠାକୁରଙ୍କୁ ଗୁଡ଼ାଖୁ ସଜାଇ ଦେବା ଏବଂ ରିକ୍ସାରେ ବୁଲାଇ ନେବା ମୁଖ୍ୟ ସେବା ଥିଲା ।

(୯) ମଣୀନ୍ଦ୍ର ବ୍ରହ୍ମଚାରୀ :

ପୂର୍ବବଙ୍ଗ ଶ୍ରୀହଟ୍ଟର ତଦାନୀନ୍ତନ ବାଳକ ବ୍ରହ୍ମଚାରୀ । ୧୩୩୩ ସାଲରେ ଖଡ଼କୁସୁମା ଆଶ୍ରମରେ ସେବକ ଥିଲେ । ପରେ ୧୩୩୪ ସାଲରେ କିଛିଦିନ ପାଇଁ ନୀଳାଚଳ କୁଟୀରକୁ ସେବକ ହୋଇ ଆସି ପୁନର୍ବାର ଖଡ଼କୁସୁମା ଆଶ୍ରମକୁ ଫେରି ଯାଇଥିଲେ ।

(୧୦) ✓ ଫଣୀଭୂଷଣ ମିତ୍ର :

ଶ୍ରୀଶ୍ରୀ ଠାକୁରଙ୍କର ଏକନିଷ୍ଠ ଅନ୍ତରଙ୍ଗ ଗୃହୀ ଶିଷ୍ୟ । ହାବଡ଼ାର ଖ୍ୟାତନାମା ଓକିଲ ଥିଲେ । ତାଙ୍କ ପରିବାର ସହିତ ଶ୍ରୀଶ୍ରୀ ଠାକୁରଙ୍କର ବିଶେଷ ସହୃଦୟତା ଥିଲା । ତାଙ୍କର ୨୦୩ ନମ୍ବର ପଞ୍ଚାନନତାଲା ରୋଡ୍‌ର ତତ୍କାଳୀନ ବାସଭବନ ଥିଲା ଶ୍ରୀଶ୍ରୀ ଠାକୁରଙ୍କର ଭ୍ରମଣକାଳୀନ ବିଶ୍ରାମସ୍ଥଳୀ ଏବଂ ଶ୍ରୀଶ୍ରୀ ଠାକୁରଙ୍କର ଅନ୍ତରଙ୍ଗ ଲୀଳାର ଅନ୍ୟତମ ପୀଠସ୍ଥଳୀ । ତାଙ୍କର ସହଧର୍ମିଣୀ ସନ୍ତୋଷବାଳା ଶ୍ରୀଶ୍ରୀ ଠାକୁରଙ୍କର 'ବଡ଼ ଝିଅ' ବୋଲି ପରିଚିତା ଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ଦ୍ୱାରା ନିଯୁକ୍ତ ଆସାମ ବଙ୍ଗୀୟ ସାରସ୍ୱତ ମଠର ୧୧ ଜଣ ମୂଳ ଟ୍ରଷ୍ଟୀଙ୍କ ଭିତରେ ଫଣୀ ଭାଇ ଥିଲେ ଅନ୍ୟତମ । ସେ ଥରେ ପୁରୀ ସମୁଦ୍ରକୁ ସ୍ନାନ କରିବାକୁ ଯାଇ ଭିତର କାହାଳୀରେ ପଡ଼ି ଜୀବନ ବିପନ୍ନ ହେବା ସମୟରେ କିପରି ଶ୍ରୀଶ୍ରୀ ଠାକୁରଙ୍କ କୃପା ଉପଲବ୍ଧି କରିଥିଲେ ତାହା ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି । ୧୩୫୯ ସାଲରେ ଖଡ଼କୁସୁମା ଭକ୍ତସମ୍ମିଳନୀ କ୍ଷେତ୍ରରେ ସେ ମୃତ୍ୟୁବରଣ କରିଥିଲେ ।

(୧୧) ଶୁକଦେବ ସେନ :

ଫଣୀମିତ୍ର ଭାଇଙ୍କ ଭଣଜା । ନୀଳାଚଳ କୁଟୀରରେ ସେ ଶ୍ରୀଶ୍ରୀ ଠାକୁରଙ୍କ ଦ୍ୱାରା ନିର୍ବାଚିତ ମନୁର ଗୃହ ଶିକ୍ଷକ ଥିଲେ । ଯୁଦ୍ଧ ବିଭାଗ ଚାକିରିରୁ ଅବସର ଗ୍ରହଣ କରି ସେ ବର୍ତ୍ତମାନ ନୂଆଦିଲ୍ଲୀ କାଳିବାଡ଼ିରେ ସୁପରଭାଇଜର ରୂପରେ ଅବସ୍ଥାନ କରୁଛନ୍ତି । ଖଡ଼କୁସୁମା ଆର୍ଯ୍ୟଦର୍ପଣରେ ପ୍ରକାଶିତ 'ପଥେର ଗୁରୁ' ପ୍ରବନ୍ଧରେ ଅତି ହୃଦୟସ୍ପର୍ଶୀ ଭାଷାରେ ସେ ଶ୍ରୀଶ୍ରୀ ଠାକୁରଙ୍କର ସ୍ମୃତିଚାରଣ କରିଛନ୍ତି । ସେ ନିକଟରେ ଓଡ଼ିଶା ଆସି ନୀଳାଚଳ କୁଟୀର, ଭୁବନେଶ୍ୱର ଆସନ ମନ୍ଦିର ଓ ବୀରତୁଙ୍ଗ ବୁଲି ଦେଖି ଯାଇଛନ୍ତି ।

(୧୨) ✓ ସୁରେନ୍ଦ୍ର ମୋହନ ଦାଶଗୁପ୍ତ :

ଶ୍ରୀଶ୍ରୀ ଠାକୁରଙ୍କର ଅନ୍ତରଙ୍ଗ ଗୃହଶିଷ୍ୟ । ସେ ପୂର୍ବବଙ୍ଗ ବଗୁଡ଼ାର ଅଧିବାସୀ ଥିଲେ । ତାଙ୍କ ପ୍ରଣୀତ 'ଆଚାର୍ଯ୍ୟ ପ୍ରସଙ୍ଗ' ପୁସ୍ତକରେ ଅତି ମର୍ମସ୍ପର୍ଶୀ ଭାଷାରେ ସେ ଶ୍ରୀଶ୍ରୀ ଠାକୁରଙ୍କର ଲୀଳା-ସ୍ମୃତି ବର୍ଣ୍ଣନା କରିଛନ୍ତି ।

(୧୩) ৺ ପୂର୍ଣ୍ଣଚୈତନ୍ୟ ବ୍ରହ୍ମଚାରୀ (ପୂର୍ଣ୍ଣାନନ୍ଦ ସରସ୍ୱତୀ)

ମେଦିନୀପୁର ଜିଲ୍ଲା, କାଁଥି ଅଞ୍ଚଳରେ ଜନ୍ମ । ୧୩୩୨ ସାଲରେ ସେ ଶ୍ରୀଶ୍ରୀ ଠାକୁରଙ୍କ ଦ୍ୱାରା ନୀଳାଚଳ କୁଟୀରରେ ଅଭିଷିକ୍ତ ହୋଇଥିଲେ । ସେ ଆନନ୍ଦ ନଗର ଆଶ୍ରମର ଅଧ୍ୟକ୍ଷ ଓ ଆସାମ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ଥିଲେ । ୧୩୮୫ ସାଲ ଚୈତ୍ର ମାସରେ ଆନନ୍ଦ ନଗର ଆଶ୍ରମରେ ତାଙ୍କର ଦେହାନ୍ତ ହୋଇଛି ।

(୧୪) ৺ ସତ୍ୟଚୈତନ୍ୟ ବ୍ରହ୍ମଚାରୀ (ସତ୍ୟାନନ୍ଦ ସରସ୍ୱତୀ)

ପୂର୍ବବଙ୍ଗର ତ୍ରିପୁରା ଜିଲ୍ଲାର କାଳିକଚ୍ଛ ଗ୍ରାମରେ ଜନ୍ମ । ପୂର୍ବାଶ୍ରମର ନାମ ଅବନୀକୁମାର ତଳପତ୍ର । ସତ୍ୟାନନ୍ଦ ମହାରାଜ ଦୀର୍ଘଦୀନ ଧରି ହାଲିସହରସ୍ଥ ଦକ୍ଷିଣ ବଙ୍ଗଳା ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ଥିଲେ ଓ ଆର୍ଯ୍ୟଦର୍ପଣ ପତ୍ରିକାର ସମ୍ପାଦକ ଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ସମ୍ବଳିତ ବହୁ ପୁସ୍ତକ ସେ ପ୍ରଣୟନ କରିଛନ୍ତି । ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ସେ ବହୁବାର ଯୋଗଦାନ କରି ଉତ୍କଳୀୟ ଭକ୍ତମାନଙ୍କୁ ଶ୍ରୀଶ୍ରୀ ଠାକୁରଙ୍କର ବାଣୀ ଶୁଣାଇଛନ୍ତି । ୧୯୭୭ ମସିହା ଅଗଷ୍ଟ ୧୫ ତାରିଖ ଦିନ କଲିକତାରେ ତାଙ୍କର ଦେହାନ୍ତ ହେଲା ।

(୧୫) ଶକ୍ତି ଚୈତନ୍ୟ ବ୍ରହ୍ମଚାରୀ (ସିଦ୍ଧାନନ୍ଦ ସରସ୍ୱତୀ)

ପଶ୍ଚିମବଙ୍ଗ ପୁରୁଲିଆ ଜିଲ୍ଲା ସାତୁଡ଼ି ଥାନା ଅନ୍ତର୍ଗତ ମୁରାଡ଼ୀ ଗ୍ରାମରେ ୧୩୧୧ ସାଲରେ ଜନ୍ମ । ୧୩୨୭ ସାଲରେ ସେ ପ୍ରଥମେ କୋକିଳାମୁଖ ମଠର ସେବକ ଭାବରେ ଯୋଗଦାନ କରିଥିଲେ । କିନ୍ତୁ ପରେ ଗୃହକୁ ଫେରିଯାଇ କଟକ ମେଡ଼ିକାଲ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ୧୩୩୧ ସାଲରେ ପୁରୀଠାରେ ଶ୍ରୀଶ୍ରୀ ଠାକୁରଙ୍କୁ ପୁନରାୟ ଦର୍ଶନ କରି ତାଙ୍କ ନିର୍ଦ୍ଦେଶକ୍ରମେ ବଗୁଡ଼ା ଉତ୍ତର ବଙ୍ଗଳା ସାରସ୍ୱତ ଆଶ୍ରମରେ ସେବକ ରୂପେ ଯୋଗଦାନ କଲେ । ପରବର୍ତ୍ତୀ ସମୟରେ ସେ ଦୀର୍ଘଦିନ ଧରି ଏହି ଆଶ୍ରମର ଅଧ୍ୟକ୍ଷ ଥିଲେ । ସନ୍ନ୍ୟାସ ଗ୍ରହଣ ପରେ ସେ ସ୍ୱାମୀ ସିଦ୍ଧାନନ୍ଦ ସରସ୍ୱତୀ ନାମରେ ପରିଚିତ । ବର୍ତ୍ତମାନ ସେ କୁଚବିହାର ଜିଲ୍ଲାର ନିଗମ ନଗର ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ଅଛନ୍ତି । ସେ ବହୁଦିନ ଧରି ସାରସ୍ୱତ ମଠ ପ୍ରଚାର ବିଭାଗର ମଧ୍ୟ ଅଧ୍ୟକ୍ଷ ଥିଲେ । ସତ୍ୟାନନ୍ଦଜୀ ମହାରାଜଙ୍କ ମୃତ୍ୟୁ ପରେ ସିଦ୍ଧାନନ୍ଦ ମହାରାଜ ଆର୍ଯ୍ୟଦର୍ପଣ ପତ୍ରିକାର ସମ୍ପାଦକ

ଅଛନ୍ତି । ତାଙ୍କର ବହୁ ପ୍ରବନ୍ଧ କବିତା ଆର୍ଯ୍ୟଦର୍ପଣ ପତ୍ରିକାରେ ପ୍ରକାଶିତ ହୋଇଅଛି । ଶ୍ରୀଶ୍ରୀ ଠାକୁରଙ୍କର ଜୀବନୀ ଓ ବାଣୀ ବିଷୟକ ବହୁ ଗ୍ରନ୍ଥର ସେ ରଚୟିତା । ସେ 'ଛନ୍ଦେ ନିଗମାନନ୍ଦ' ପୁସ୍ତକରେ ଶ୍ରୀଶ୍ରୀ ଠାକୁରଙ୍କ ଜୀବନୀ ପଦ୍ୟାକାରରେ ପ୍ରକାଶ କରିଛନ୍ତି । ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ସିଦ୍ଧାନନ୍ଦ ମହାରାଜ ବହୁବାର ଯୋଗଦାନ କରି ଭକ୍ତ ସମାଜକୁ ଶ୍ରୀଶ୍ରୀ ଠାକୁରଙ୍କ ବାଣୀ ଶୁଣାଇ ଅନୁପ୍ରାଣିତ କରିଛନ୍ତି ।

(୧୭) କୈଳାସଚନ୍ଦ୍ର ସରକାର :

ଶ୍ରୀଶ୍ରୀ ଠାକୁରଙ୍କର ପ୍ରାଚୀନ ଗୃହୀ ଶିଷ୍ୟ । ଶିକ୍ଷକ ଚାକିରିରୁ ଅବସର ଗ୍ରହଣ କରି ସେ ବର୍ତ୍ତମାନ ଆସାମର ତେଜପୁରସ୍ଥ ନିଜ ବାସଭବନରେ ଅବସ୍ଥାନ କରୁଛନ୍ତି ।

(୧୮) ୰ ଇନ୍ଦ୍ର ନାରାୟଣ ସାଧୁ ଖାଁ :

ଶ୍ରୀଶ୍ରୀ ଠାକୁରଙ୍କ ଏକନିଷ୍ଠ ମନ୍ତ୍ର ଶିଷ୍ୟ । କଲିକତା ଉଲ୍‌ଟାଡାଙ୍ଗାର ଅଧିବାସୀ । ତାଙ୍କର ସୋରିଷ ତେଲ ବ୍ୟବସାୟ ଥିଲା । ଶ୍ରୀଶ୍ରୀ ଠାକୁରଙ୍କର ବ୍ୟବହାର ନିମନ୍ତେ ନୀଳାଚଳ କୁଟୀରକୁ ସେ ନିୟମିତ ସୋରିଷତେଲ ପଠାଉଥିଲେ । ଶେଷଜୀବନ ସେ ହାଲିସହର ଆଶ୍ରମରେ ବାନପ୍ରସ୍ଥୀ ସେବକ ରୂପେ ଅତିବାହିତ କରିଥିଲେ ।

(୧୯) ଯତୀନ୍ଦ୍ରମୋହନ ବନ୍ଦୋପାଧ୍ୟାୟ :

ଜନ୍ମସ୍ଥାନ ଢାକା ଜିଲ୍ଲାର ମହାଦେବପୁର ଗ୍ରାମ । ୧୩୧୬ ସାଲରେ ସେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଥମ ଦର୍ଶନ କଲେ । ୧୩୨୬ ସାଲରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ସହିତ ତାଙ୍କର ସ୍ମୃତି 'ଶ୍ରୀଶ୍ରୀ ଠାକୁର ପ୍ରସଙ୍ଗ' ନାମରେ ସେ ଆର୍ଯ୍ୟଦର୍ପଣ ପତ୍ରିକାରେ ପ୍ରକାଶ କରିଥିଲେ ।

(୨୦) ସୁରବାଳା ଦେବୀ (ସୁର ମା')

ଶ୍ରୀଶ୍ରୀ ଠାକୁରଙ୍କର ଅନ୍ତରଙ୍ଗ, ପ୍ରାଚୀନ, ତ୍ୟାଗୀ ସନ୍ନ୍ୟାସୀ ଶିଷ୍ୟ ସ୍ୱରୂପାନନ୍ଦ ମହାରାଜଙ୍କ କନିଷ୍ଠା କନ୍ୟା । ୧୩୧୨ ସାଲ ଜ୍ୟେଷ୍ଠ ମାସରେ ସେ ପୂର୍ବବଙ୍ଗର ମୟମନସିଂହରେ ଜନ୍ମଗ୍ରହଣ କରିଥିଲେ । ୬ ବର୍ଷ ବୟସରେ ସେ ପିତାମାତାଙ୍କ ସହ ଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀଚରଣାଶ୍ରୟ ଲାଭ କରି ସାରସ୍ୱତ ମଠ କୋକିଳାମୁଖରେ

ସେବିକା ଜୀବନ ଯାପନ କରୁଥିଲେ । ୧୩୨୮ ସାଲରେ ଶ୍ରୀଶ୍ରୀ ଠାକୁର ତାଙ୍କୁ ସନ୍ନ୍ୟାସ ପ୍ରଦାନ କରି ନାମ ଦେଇଥିଲେ ସୁରଧୁନୀ ସରସ୍ୱତୀ । ୧୩୩୧ ସାଲ ଜ୍ୟେଷ୍ଠମାସଠାରୁ ଶେଷ ପର୍ଯ୍ୟନ୍ତ ସେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଧାନ ସେବିକା ହିସାବରେ ନୀଳାଚଳ କୁଟୀରରେ ଅବସ୍ଥାନ କରୁଥିଲେ । ମନୁକୁ (ଲୀଳା) ସେ ଅତି ଶୈଶବରୁ ଲାଳନପାଳନ କରିଛନ୍ତି । ସୁର ମା' ନୀଳାଚଳ ସାରସ୍ୱତ ମହିଳା ସଂଘର ସଭାନେତ୍ରୀ । ବର୍ତ୍ତମାନ ସେ ଭୁବନେଶ୍ୱର ଶ୍ରୀଶ୍ରୀ ନିଗମାନନ୍ଦ ଆସନ ମନ୍ଦିରରେ ଅବସ୍ଥାନ କରୁଛନ୍ତି । ଉତ୍କଳୀୟ ଭକ୍ତ ସମାଜରେ ସେ 'ବଡ଼ ମା' ବୋଲି ପରିଚିତା । ସେ ଶ୍ରୀଶ୍ରୀ ଠାକୁରଙ୍କର ଏକନିଷ୍ଠ ସେବିକା ଓ ଅତ୍ୟନ୍ତ ଗୁରୁଗତପ୍ରାଣା ।

(୨୧) ৺ ଡାକ୍ତର ମା' (ଅବନୀ କୁମାରୀ)

ଗ୍ରାମ ପଶ୍ଚିମବଙ୍ଗର ବାରାଶାତ୍ । ସ୍ୱାମୀଙ୍କ ନାମ ଡାଃ ଲକ୍ଷ୍ମଣଚନ୍ଦ୍ର କୁଳାଡ଼ି ପ୍ରଥମରୁ ସେମାନେ କୁଳଗୁରୁଙ୍କ ନିକଟରେ ଦୀକ୍ଷିତ ହୋଇଥିଲେ । ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ତାଙ୍କୁ ମନ୍ତ୍ରାଭିଷିକ୍ତ କରିଥିଲେ । ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଅବସ୍ଥାନ କରୁଥିବା ସମୟରେ ଡାକ୍ତର ଭାଇ ସସ୍ତ୍ରୀକ ଜ୍ୟୋତିନିବାସ ଭଡ଼ାଘରେ ବାସ କରୁଥିଲେ । ୧୩୩୬ ସାଲରେ ଡାକ୍ତର ଭାଇ ମୃତ୍ୟୁ ବରଣ କରିବାପରେ ବିଧବା ଡାକ୍ତର ମା' ନୀଳାଚଳ କୁଟୀରରେ ସେବିକା ଭାବରେ ଅବସ୍ଥାନ କଲେ । ଖଡ଼କୁସୁମା ଆଶ୍ରମରେ ତାଙ୍କର ଦେହାନ୍ତ ହୋଇଥିଲା ।

(୨୨) ৺ ସରଯୂ ମା':

ପୂର୍ବବଙ୍ଗର ସନ୍ଦ୍ୱୀପରେ ଜନ୍ମ । ସେ ବାଲ୍ୟବିଧବା ଥିଲେ । ୧୩୩୧ ସାଲ ଫାଲ୍‌ଗୁନ୍ ମାସରେ ନୀଳାଚଳ କୁଟୀରକୁ ସେବିକା ଭାବରେ ଆସିଥିଲେ । ୧୩୩୯ ସାଲରେ ଆସାମ ମଠରେ ଶ୍ରୀଶ୍ରୀ ଠାକୁର ତାଙ୍କୁ ସନ୍ନ୍ୟାସ ପ୍ରଦାନ କରିଥିଲେ । କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କର ଭୋଗରନ୍ଧନ ସରଯୂମା'ଙ୍କର ପ୍ରଧାନ ସେବା ଥିଲା । ପରବର୍ତ୍ତୀ ଜୀବନରେ ସେ କିଛିଦିନ ଭୁବନେଶ୍ୱରରେ ଅତିବାହିତ କରିଥିଲେ । ପୁରୀ ନୀଳାଚଳ କୁଟୀରରେ ୧୯୬୩ ମସିହାରେ ଜନ୍ମୋତ୍ସବ ଦିନ ତାଙ୍କର ଦେହାବସାନ ହୋଇଥିଲା ।

(୨୩) ବିମଳା ମା':

ମେଦିନୀପୁର କାନ୍ଥି ଅଞ୍ଚଳର ଜାନୁବସାନ ଗ୍ରାମରେ ଜନ୍ମ । ୧୩୨୦ ସାଲର ପ୍ରବଳ ବନ୍ୟାରେ ସ୍ୱରୂପାନନ୍ଦ ମହାରାଜ ଓ ଯୋଗାନନ୍ଦ ମହାରାଜ ପ୍ରଭୃତି

ବିମଳା ମା'ଙ୍କୁ ତାଙ୍କର ବିଧବା ମା ଓ ଦୁଇଟି ଛୋଟ ଛୋଟ ଭାଇଙ୍କ ସହିତ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ । ସେହି ୩ ବର୍ଷ ବୟସରୁ ବିମଳା ମା' ଆସାମ ମଠରେ ପ୍ରତିପାଳିତା ହୋଇ ଆସିଥିଲେ । ଶ୍ରୀଶ୍ରୀ ଠାକୁର ତାଙ୍କୁ ଅତି ସ୍ନେହ କରୁଥିଲେ । ୯ ବର୍ଷ ବୟସରେ ଧରଣୀଧର ମାଇତି ନାମକ ଜଣେ ବାଳକ ସହିତ ଶ୍ରୀଶ୍ରୀ ଠାକୁର ତାଙ୍କର ବିବାହ ପ୍ରଦାନ କରିଥିଲେ । ବର୍ତ୍ତମାନ ବିମଳା ମା' ସପରିବାରେ ଶ୍ୱଶୁରଘର ମେଦିନୀପୁର ଭୁବତକାଲୁଆ ଗ୍ରାମରେ ବାସ କରୁଛନ୍ତି ।

(୨୪) ଂ ମନୁ (ଲୀଳା, ନାରାୟଣୀ ଦେବୀ)

ସେ ଶ୍ରୀଶ୍ରୀ ଠାକୁରଙ୍କର ଆଦରର ପାଳିତା କନ୍ୟା । ୧୩୩୨ ସାଲ ଜ୍ୟେଷ୍ଠମାସ ତ୍ରିଲୋଚନାଷ୍ଟମୀ ତିଥିର ପୁରୀ ଧାମରେ ତାଙ୍କର ଜନ୍ମ । ପିତା ସୁରେଶଚନ୍ଦ୍ର ଚଟ୍ଟୋପାଧ୍ୟାୟ, ମାତା ସବିତା ଦେବୀ । ସେମାନେ ଯଶୋହର ଜିଲ୍ଲାର ଅଧିବାସୀ ଏବଂ ଶ୍ରୀଶ୍ରୀ ଠାକୁରଙ୍କର ଦୀକ୍ଷିତ ଶିଷ୍ୟ ଶିଷ୍ୟା । ମାତାଙ୍କ ମୃତ୍ୟୁ ପରେ ତାଙ୍କର ପିତା ତାଙ୍କୁ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ସମର୍ପଣ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ସୁର ମା'ଙ୍କ ଦ୍ୱାରା ସେ ଆଜୀବନ ଲାଳିତାପାଳିତା । ଆସାମ ମଠରେ ୧୩୩୯ ସାଲରେ ଶ୍ରୀଶ୍ରୀ ଠାକୁର ତାଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ । ଇତିହାସରେ ସେ ଏମ୍.ଏ. ଡିଗ୍ରୀଧାରିଣୀ । ଶ୍ରୀଶ୍ରୀ ଠାକୁରଙ୍କ ଜୀବନୀ ଓ ଲୀଳା ସମ୍ପର୍କରେ ତାଙ୍କର ବହୁ ଗବେଷଣା ପ୍ରସୂତ ମୂଲ୍ୟବାନ ତଥ୍ୟ ସମ୍ବଳିତ ଗ୍ରନ୍ଥ, ପ୍ରବନ୍ଧ, କବିତା ପ୍ରକାଶିତ ହୋଇଅଛି । ଶ୍ରୀଶ୍ରୀ ଠାକୁରଙ୍କର ନୀଳାଚଳ ଧାମର ଅମୀୟ ସ୍ମୃତି ସେ ତାଙ୍କର 'ନୀଳାଚଳେ ଠାକୁର ନିଗମାନନ୍ଦ' ପୁସ୍ତକରେ ଲିପିବଦ୍ଧ କରିଯାଇଛନ୍ତି ।

ମନୁ ମା' ନୀଳାଚଳ ସାରସ୍ୱତ ମହିଳା ସଂଘର ଉପସଭାନେତ୍ରୀ ଥିଲେ । ଗତ ୧୯୭୬ ମସିହା ଜାନୁୟାରୀ ମାସରେ ସେ କଲିକତାରୁ ଚିକିତ୍ସା ନିମିତ୍ତ ଆସି ଭୁବନେଶ୍ୱର ଶ୍ରୀଶ୍ରୀ ନିଗମାନନ୍ଦ ଆସନ ମନ୍ଦିରରେ ଅବସ୍ଥାନ କରୁଥିଲେ । ୧୯୮୦ ମସିହା ଫେବୃୟାରୀ ୨୬ ତାରିଖରେ ତାଙ୍କର ଦେହାନ୍ତ ହେଲା । ତାଙ୍କ ରଚିତ 'ଶ୍ରୀଶ୍ରୀ ନିଗମାନନ୍ଦ ଜୀବନ ପ୍ରସଙ୍ଗ' 'ପିଲାଙ୍କ ନିଗମାନନ୍ଦ' ଓ ସଂଘ-ସେବକରେ ପ୍ରକାଶିତ ବହୁ ପ୍ରବନ୍ଧ ବିଶେଷ କରି 'ରୂପଲାଗି ଆଖି ଝୁରେ' 'ପ୍ରାତଃ ସ୍ମରଣୀୟା' ପ୍ରବନ୍ଧମାଳା ଭକ୍ତ ସମାଜରେ ବିଶେଷ ଭାବରେ ସମାଦୃତ ହୋଇଅଛି ।

ଉତ୍କଳୀୟ ଭକ୍ତ

(୧) ৺ ବନମାଳୀ ଦାଶ :

ପୁରୀ ଜିଲ୍ଲାର ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗ୍ରାମରେ ବ୍ରାହ୍ମଣ ପରିବାରରେ ଜନ୍ମ । ପିତା ଭାଗବତ ଦାଶ ଓ ମାତା ଚମ୍ପାମଣି ଦେବୀ । ସେ ବି.ଏ.ବି.ଏଲ୍ ପାସ୍ କରି ପୁରୀରେ ଓକିଲାତି କରୁଥିଲେ ଓ ଦୀର୍ଘଦିନ ଧରି ପୁରୀ ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ ଥିଲେ । ୧୯୩୪ ମସିହା ମାର୍ଚ୍ଚ ୩ ତାରିଖ ଶନିବାର ଦିନ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ପ୍ରଥମ ଦର୍ଶନ ଲାଭ କରନ୍ତି । ସେହି ମାସ ୨୦ ତାରିଖରେ ସେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କଲେ । ବନମାଳୀ ଭାଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଅନୁବର୍ତ୍ତୀ ଓ ଯଶସ୍ୱୀ କଂଗ୍ରେସକର୍ମୀ ଥିଲେ । ୧୯୩୪ ମସିହା ଝୁଲଣ ପୂର୍ଣ୍ଣିମା ଦିନ ଶ୍ରୀଶ୍ରୀ ଠାକୁରଙ୍କ ଜନ୍ମତିଥିରେ ନୀଳାଚଳ ସାରସ୍ୱତ ସଂଘ ସ୍ଥାପିତ ହେବା ପରେ ବନମାଳୀ ଭାଇ ଦୀର୍ଘଦିନ ଧରି ୧୯୬୪ ମସିହା ପର୍ଯ୍ୟନ୍ତ ଏହାର ସଭାପତି ଥିଲେ । ସେ ଶ୍ରୀଶ୍ରୀ ଠାକୁରଙ୍କର ଅନ୍ୟତମ ଅନ୍ତରଙ୍ଗ ଉତ୍କଳୀୟ ଶିଷ୍ୟ । ୧୯୩୬ ମସିହାରେ ପୁରୀଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳର ପ୍ରଥମ ସାର୍ବଭୌମ ଭକ୍ତ ସମ୍ମିଳନୀର ଆୟୋଜନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ଅଭ୍ୟର୍ଥନା ସମିତର ସଭାପତି ଥିଲେ । ସେ ମଧ୍ୟ ଓଡ଼ିଆ ଭାଷାରେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଥମ ଜୀବନୀକାର । ତାଙ୍କ ଦ୍ୱାରା ଲିଖିତ ଶ୍ରୀଶ୍ରୀ ଠାକୁରଙ୍କ ସଂକ୍ଷିପ୍ତ ଜୀବନୀ ''ସ୍ୱାମୀ ନିଗମାନନ୍ଦ ପରମହଂସ'' ୧୩୪୩ ସାଲରେ ବୃଷ ସଂଖ୍ୟା 'ନବଭାରତ'ରେ ପ୍ରକାଶିତ ହୋଇଥିଲା । ସେ ଶ୍ରୀଶ୍ରୀ ଠାକୁରଙ୍କ ସମ୍ବନ୍ଧରେ ପାଣ୍ଡିତ୍ୟପୂର୍ଣ୍ଣ କେତେଗୋଟି ପ୍ରବନ୍ଧ ଓ କେତେଗୋଟି ସୁନ୍ଦର କବିତା ରଚନା କରିଥିଲେ । ତାଙ୍କ ରଚିତ କେତେଗୋଟି ଚିତ୍ତାକର୍ଷକ କବିତା 'ନିଗମଲହରୀ' ପୁସ୍ତକରେ ପ୍ରକାଶିତ ହୋଇଅଛି । ସେ କିଛିଦିନ ଧରି ଆସାମ-ବଙ୍ଗୀୟ ସାରସ୍ୱତ ମଠର ଟ୍ରଷ୍ଟ୍ ସଭାର ସଦସ୍ୟ ଥିଲେ । ୧୯୬୪ ମସିହା ଝୁଲଣ ପୂର୍ଣ୍ଣିମା ପରଦିନ ତାଙ୍କର ନିଜର ଜନ୍ମତିଥିରେ (୨୪ ଅଗଷ୍ଟ ୧୯୬୪) ସେ ପୁରୀ ସ୍ମୃତି ମନ୍ଦିରରେ ୮୧ ବର୍ଷ ବୟସରେ ଦେହତ୍ୟାଗ କଲେ ।

(୨) ଦୁର୍ଗାଚରଣ ମହାନ୍ତି :

ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ଗ୍ରାମରେ ୧୯୧୨ ମସିହା କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ଜନ୍ମ । ପିତା ଗୁଣନିଧି ମହାନ୍ତି । ମାତା ସୁନ୍ଦରମଣି ଦେବୀ । ଉଭୟେ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ । ପୁରୀ ଜିଲ୍ଲା ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ସମୟରେ ୧୯୨୯ ସାଲ ସେପ୍ଟେମ୍ବର ମାସରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ତାଙ୍କର ପ୍ରଥମ ଦର୍ଶନ ହୋଇଥିଲା । ୧୯୩୪ ମସିହା ଜୁନ୍ ୫ ତାରିଖ ଦିନ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷାଲାଭ କରିଥିଲେ । ବନମାଳୀ ଭାଇଙ୍କ ପରି ସେ ଉତ୍କଳୀୟ ଭକ୍ତ ଶିଷ୍ୟଙ୍କ ମଧ୍ୟରେ ବିଶେଷ ଅନ୍ତରଙ୍ଗ । ପ୍ରଥମରୁ ସେ ଉତ୍କଳରେ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ପ୍ରଚାର ନିମିତ୍ତ ଆପ୍ରାଣ ଚେଷ୍ଟା କରିଆସିଛନ୍ତି । ସେ ବର୍ତ୍ତମାନ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ଓ ପରିଚାଳକ ଅଛନ୍ତି । ତାଙ୍କ ପ୍ରଣୀତ 'ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ', 'ନୀଳାଚଳବାଣୀ', 'ସଂସାର ପଥେ', 'ନିଗମତତ୍ତ୍ୱ', 'ନିଗମ ଉପଦେଶ', 'ଭକ୍ତି ସମ୍ମିଳନୀ', ପ୍ରଭୃତି ବହୁଗ୍ରନ୍ଥ ଉତ୍କଳରେ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବହିତ କରିପାରିଛି । ଏହାଛଡ଼ା ଶ୍ରୀଶ୍ରୀ ଠାକୁରଙ୍କ ସ୍ୱରଚିତ 'ଯୋଗୀଗୁରୁ', 'ତାନ୍ତ୍ରିକ ଗୁରୁ', 'ଜ୍ଞାନୀଗୁରୁ', 'ପ୍ରେମିକ ଗୁରୁ' ଓ 'ବ୍ରହ୍ମଚର୍ଯ୍ୟ ସାଧନ' ପୁସ୍ତକଗୁଡ଼ିକ, ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀଙ୍କ ପ୍ରଣୀତ ଶ୍ରୀଶ୍ରୀ ନିଗମାନନ୍ଦ କଥାମୃତ, ନାରାୟଣୀ ଦେବୀଙ୍କ ରଚିତ ଶ୍ରୀଶ୍ରୀ ନିଗମାନନ୍ଦ ଜୀବନ ପ୍ରସଙ୍ଗ ଓ ଶ୍ରୀ ଶିଶିରକୁମାର ବସୁଙ୍କ ସମ୍ପାଦିତ ଶ୍ରୀଶ୍ରୀ ନିଗମାନନ୍ଦ କଥା ସଂଗ୍ରହ' ପ୍ରଭୃତି ପୁସ୍ତକାବଳୀ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି । ତାଙ୍କ ରଚିତ 'ସତୀ ଚରିତମାଳା' ମହିଳା ଭକ୍ତମାନଙ୍କୁ ଆଦର୍ଶ ନାରୀ ଜୀବନଯାପନରେ ଅନୁପ୍ରାଣିତ କରିଅଛି । ତାଙ୍କ ଲିଖିତ 'ଭଗବାନ ଶଙ୍କରାଚାର୍ଯ୍ୟ' ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ପୁରସ୍କାରପ୍ରାପ୍ତ । ସେ ଓଡ଼ିଆ ଭାଷାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ସଂଘ ସେବକ'ର ସମ୍ପାଦକ ଅଛନ୍ତି । ସେ ଶ୍ରୀଶ୍ରୀ ଠାକୁରଙ୍କର ବିଶିଷ୍ଟ ଅନ୍ତରଙ୍ଗ ଉତ୍କଳୀୟ ଶିଷ୍ୟ ଓ ଏକନିଷ୍ଠ ସେବକ । ତାଙ୍କର ପ୍ରଚେଷ୍ଟାରେ ବୀରତୁଙ୍ଗ ଗ୍ରାମରେ ସତ୍‌ଶିକ୍ଷା ବିସ୍ତାର ନିମନ୍ତେ 'ସାରସ୍ୱତ ବିଦ୍ୟାପୀଠ' ସ୍ଥାପିତ ହୋଇପାରିଛି । ଦୁର୍ଗାଚରଣଭାଇ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ଆୟୋଜନ ଓ ପରିଚାଳନା, ନୀଳାଚଳ କୁଟୀର ଓ ସ୍ମୃତିମନ୍ଦିରର ସୁରକ୍ଷା ଓ ଉତ୍କଳରେ ଶ୍ରୀଶ୍ରୀ

ଠାକୁରଙ୍କ ଭାବଧାରା ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କରି ପ୍ରେରଣାରେ ଉତ୍କଳରେ ବହୁ ଆସନମନ୍ଦିର ପ୍ରତିଷ୍ଠିତ ହୋଇପାରିଛି । ଶ୍ରୀଶ୍ରୀ ଠାକୁରଙ୍କ ଉତ୍କଳୀୟ ଭକ୍ତମାନଙ୍କ ମଧ୍ୟରେ ସେ ଅତି ପ୍ରିୟ ଓ 'ଭାଇ' ନାମରେ ପରିଚିତ ।

(୩) ଁ ଗୁଣନିଧି ମହାନ୍ତି :

ଦୁର୍ଗାଚରଣ ଭାଇଙ୍କ ପିତା । ତାଙ୍କ ପିତାଙ୍କ ନାମ ଅଭିରାମ ମହାନ୍ତି । ଜନ୍ମ ୧୨୯୯ ସାଲ (୧୮୯୨ ମସିହା) । ଶ୍ରୀଶ୍ରୀ ଠାକୁର ପୁରୀରେ ଅବସ୍ଥାନ କରୁଥିବା ସମୟରେ ସେ ଗୋପ ଥାନା ନାଗପୁର ନିକଟବର୍ତ୍ତୀ ମଦରଙ୍ଗ ଗ୍ରାମରେ ତହସିଲଦାର କାର୍ଯ୍ୟ କରୁଥିଲେ । ସେ ୧୯୩୨ ମସିହାର ଜାନୁୟାରୀ ୩୧ ତାରିଖ ଦିନ ଶ୍ରୀଶ୍ରୀ ଠାକୁରଙ୍କ ସହ ପ୍ରଥମ ଦର୍ଶନ ଲାଭକରି ଆଳାପ ଆଲୋଚନା କରିଥିଲେ । ସେହି ବର୍ଷ ସସ୍ତ୍ରୀକ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷାଲାଭ କଲେ । ୧୯୩୬ ମସିହା ମାଘ ୫ ଦିନ ଶୁକ୍ଳା ନବମୀରେ ୪୪ ବର୍ଷ ବୟସରେ ପୁରୀଠାରେ ତାଙ୍କର ଦେହାବସାନ ହେଲା ।

(୪) ଁ ସୁନ୍ଦରମଣି ଦେବୀ :

ଦୁର୍ଗାଚରଣ ଭାଇଙ୍କ ମା' (ବୋଉ) । ୧୯୩୨ ମସିହାରେ ସ୍ୱାମୀ ଗୁଣନିଧି ମହାନ୍ତିଙ୍କ ସହିତ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ଏକନିଷ୍ଠ ସେବିକା ହିସାବରେ ସେ ନୀଳାଚଳ ସାରସ୍ୱତ ସଂଘର ଭାଇ ଓ ମା'ମାନଙ୍କ ନିକଟରେ ସୁପରିଚିତା । ସେ ବୀରତୁଙ୍ଗ ଗ୍ରାମରେ ଥିବା କେନ୍ଦ୍ର ଆସନ ମନ୍ଦିରର ସେବାପୂଜାରେ ମୁଖ୍ୟ ଭୂମିକା ନେଇଥିଲେ । ଦୀର୍ଘଦିନ ଧରି ନୀଳାଚଳ ସାରସ୍ୱତ ମହିଳା ସଂଘର ସଭାନେତ୍ରୀରୂପେ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ ଜନ୍ମୋତ୍ସବର ପରଦିନ ମହିଳା ସଂଘର ପୂଜାଦି ପରିଚାଳନା କରୁଥିଲେ । ୭୯ ବର୍ଷ ବୟସରେ ୧୯୭୨ ମସିହା ଜୁଲାଇ ୨୯ ତାରିଖ ଦିନ ବୀରତୁଙ୍ଗଠାରେ ତାଙ୍କର ଦେହାବସାନ ହେଲା ।

(୫) ଁ ସୂର୍ଯ୍ୟମଣି ଦେବୀ :

ଦୁର୍ଗାଚରଣ ଭାଇଙ୍କ ବିଧବା ପିଉସୀ । ୧୯୩୨ ମସିହାରେ ପୁରୀଠାରେ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରି ନିଷ୍ଠାର ସହିତ ଜୀବନ ଅତିବାହିତ କରିଥିଲେ । ଦୁର୍ଗାଚରଣ ଭାଇଙ୍କର ପିତାଙ୍କ ପରଲୋକରେ ସେ ତାଙ୍କ ସଂସାରର

ସମସ୍ତ କର୍ତ୍ତବ୍ୟ ଯଥାଯଥ ଭାବରେ ସମ୍ପନ୍ନ କରି ଦୁର୍ଗାଚରଣ ଭାଇଙ୍କୁ ଶ୍ରୀଶ୍ରୀ ଠାକୁରଙ୍କର କାର୍ଯ୍ୟ ସାଧନରେ ଉତ୍ସାହିତ କରିଥିଲେ । ୧୯୫୪ ମସିହାରେ ବୀରତୁଙ୍ଗଠାରେ ତାଙ୍କର ମୃତ୍ୟୁ ହୋଇଥିଲା ।

(୬) ✓ ଲକ୍ଷ୍ମୀଧର ମହାନ୍ତି :

ଦୁର୍ଗାଚରଣ ଭାଇଙ୍କର ଦାଦା (ପିତାଙ୍କ ସାନଭାଇ) । ବୀରତୁଙ୍ଗ ଗ୍ରାମରେ ଜନ୍ମ । ୧୯୩୨ ମସିହାରେ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେ ନିଷ୍ଠାବାନ୍ ଭକ୍ତ ଓ ଅମାୟିକ ସେବକ ଥିଲେ । ପୁରୀରେ ଶ୍ରୀଶ୍ରୀ ଠାକୁରଙ୍କ ରିକ୍‌ସା ଚଳାଇବାରେ ଅନ୍ନଦା ବ୍ରହ୍ମଚାରୀଙ୍କ ସାହାଯ୍ୟକାରୀ ଥିଲେ । ୧୯୪୯ ମସିହାରେ ତାଙ୍କର ବୀରତୁଙ୍ଗଠାରେ ଦେହାବସାନ ହୋଇଥିଲା ।

(୭) ଶ୍ରୀବତ୍ସ ଚରଣ ମହାନ୍ତି :

ଦୁର୍ଗାଚରଣ ଭାଇଙ୍କ ସହୋଦର ସାନଭାଇ । ବୀରତୁଙ୍ଗ ଗ୍ରାମରେ ୧୯୧୩ ମସିହାରେ ଜନ୍ମ । ୧୯୩୫ ମସିହାରେ ସେ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେ ବହୁଦିନ ଧରି ବୀରତୁଙ୍ଗରେ ପୋଷ୍ଟମାଷ୍ଟର ଥିଲେ । ବର୍ତ୍ତମାନ ବୀରତୁଙ୍ଗ ବିଭାଗୀୟ ଅଫିସ ହୋଇଥିବାରୁ ସେ ମଧ୍ୟ ସେଥିରେ ଅନ୍ୟତମ କର୍ମଚାରୀ ଅଛନ୍ତି ।

(୮) ଚୈତନ୍ୟ ଚରଣ ଦାସ :

କଟକ ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କେଶପୁର ଗ୍ରାମରେ ୧୯୦୮ ମସିହା କୁମାରପୂର୍ଣ୍ଣିମୀ ଦିନ ଜନ୍ମ । ପିତା ବଂଶୀଧର ମହାନ୍ତି । ସେ ଜନ୍ମର ଅଳ୍ପଦିନ ପରେ ମାଟିଆ ଗ୍ରାମର ତାଙ୍କ ମାମୁଁ କାଶୀନାଥ ଦାସଙ୍କର ପୋଷ୍ୟପୁତ୍ର ହୋଇ ଆସିଥିଲେ । ବିଦ୍ୟାଳୟରେ ପାଠ ପଢୁଥିବାବେଳେ ସେ କଂଗ୍ରେସ ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ 'ସତ୍ୟବାଦୀ ପ୍ରେସ' ଓ 'ସମାଜ' ଅନୁଷ୍ଠାନର ସେ ଜଣେ ପୁରୁଣା କର୍ମୀ । ୧୯୩୪ ମସିହା ଦୋଳପୂର୍ଣ୍ଣିମୀ ଦିନ ସେ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କଦ୍ୱାରା ସସ୍ତ୍ରୀକ ଦୀକ୍ଷିତ ହୋଇଥିଲେ । ସେ ଏକନିଷ୍ଠ ଭକ୍ତ, ନୀରବ

କର୍ମୀ ଏବଂ ଉତ୍କଳରେ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ପ୍ରସାର କାର୍ଯ୍ୟରେ ଦୁର୍ଗାଚରଣ ଭାଇଙ୍କର ପ୍ରଧାନ ସହକାରୀ । 'ନୀଳାଚଳ ସାରସ୍ୱତ ସଂଘ' ଦ୍ୱାରା ପ୍ରକାଶିତ ସମସ୍ତ ଓଡ଼ିଆ ପୁସ୍ତକ ଓ ତ୍ରୈମାସିକ ପତ୍ରିକା 'ସଂଘ-ସେବକ' ପ୍ରକାଶନରେ ଚୈତନ୍ୟ ଭାଇଙ୍କର ସକ୍ରିୟ ସହଯୋଗିତା ବିଦ୍ୟମାନ । ସେ ବର୍ତ୍ତମାନ 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି । ସେ କିପରି ଶ୍ରୀଶ୍ରୀ ଠାକୁରଙ୍କର ଚରଣାଶ୍ରୟ ଲାଭ କଲେ ତାହାର ଏକ ବିବରଣୀ ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି ।

(୯) ৺ ସୁରୁଚି ସୁନ୍ଦରୀ ଦେବୀ :

ଚୈତନ୍ୟ ଭାଇଙ୍କ ସହଧର୍ମିଣୀ ଓ ଶ୍ରୀଶ୍ରୀ ଠାକୁରଙ୍କର ମନ୍ତ୍ରଶିଷ୍ୟା । ଜନ୍ମ ୧୯୧୨ ମସିହା ଇନ୍ଦୁ ପୂର୍ଣ୍ଣିମା, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତାତନା ଗ୍ରାମରେ । ପିତା ବିନୋଦଶ୍ୟାମ ମହାନ୍ତି, ମାତା କୁସୁମ ଦେବୀ । ସେ ଓଡ଼ିଶାରେ ଶ୍ରୀଶ୍ରୀ ଠାକୁରଙ୍କର ଏକନିଷ୍ଠ ମହିଳା ଭକ୍ତ ଥିଲେ । ସେ ଦକ୍ଷତାର ସହିତ ସଂସାର କାର୍ଯ୍ୟ ସମ୍ପାଦନ କରି ଚୈତନ୍ୟ ଭାଇଙ୍କୁ ଶ୍ରୀଶ୍ରୀ ଠାକୁରଙ୍କ କାର୍ଯ୍ୟ ସାଧନରେ ସହାୟତା କରୁଥିଲେ । ୧୯୭୭ ମସିହା ନଭେମ୍ବର ୨୨ ତାରିଖ (କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ) ଦିନ କଟକଠାରେ ତାଙ୍କର ଦେହାନ୍ତ ହେଲା ।

(୧୦) ৺ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ :

ପୁରୀ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ପୁତନା ଗ୍ରାମରେ ୧୩୧୯ ସାଲ ଶ୍ରାବଣ ଶୁକ୍ଳ ଅଷ୍ଟମୀ ତିଥିରେ (୧୯୧୨ ମସିହା ଅଗଷ୍ଟ ମାସ) ଜନ୍ମ । ପିତାଙ୍କ ନାମ ବାସୁଦେବ ପଟ୍ଟନାୟକ, ମାତାଙ୍କ ନାମ ମୁକ୍ତାମାଳି । ସେ ଖୋର୍ଦ୍ଧା ଥାନା ଅନ୍ତର୍ଗତ 'ଦଧିମାଛ ଗାଡ଼ିଆ' ଗ୍ରାମର ମଉସା ଶ୍ୟାମସୁନ୍ଦର ପଟ୍ଟନାୟକ ଓ ମାଉସୀ ନକ୍ଷତ୍ରମାଳିଙ୍କର ପୋଷ୍ୟପୁତ୍ର ହୋଇ ଆସିଥିଲେ । ୧୯୩୧ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବାବେଳେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଥମ ଦର୍ଶନ ଲାଭ କରିଥିଲେ । ୧୯୩୪ ମସିହା ଅକ୍ଟୋବର ମାସ ଦଶହରା ଦିନ ପୁରୀ ନୀଳାଚଳ କୁଟୀରରେ ସେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କରିଥିଲେ । ସେ ବି.ଏ. ପାସ୍ କରି ଓଡ଼ିଶା ସରକାରଙ୍କ ବିଭିନ୍ନ ପଦବୀରେ କାର୍ଯ୍ୟ କରି ଡେପୁଟୀ ମାଜିଷ୍ଟ୍ରେଟ୍ ହିସାବରେ ୧୯୬୯ ମସିହାରେ ଅବସର ଗ୍ରହଣ କରିଥିଲେ । କିଛିଦିନ ସେ ଲିଙ୍ଗରାଜ ମନ୍ଦିରର ପରିଚାଳକ ଥିଲେ । ୧୯୭୭ ମସିହା ଜାନୁୟାରୀ

୨୯ ତାରିଖ ଦିନ ତାଙ୍କର ଭୁବନେଶ୍ୱରଠାରେ ଦେହାବସାନ ହେଲା । ତାଙ୍କର ଶ୍ରୀଶ୍ରୀ ଠାକୁରଙ୍କ ସମ୍ପର୍କରେ କେତେଗୁଡ଼ିଏ ସୁନ୍ଦର କବିତା 'ନିଗମ ଲହରୀ'ରେ ପ୍ରକାଶିତ ହୋଇଅଛି ।

(୧୧) ନୃପାଳ ଜୀ :

୧୯୧୪ ମସିହାରେ ପୁରୀ ସହରରେ ଜନ୍ମ । ପିତାଙ୍କ ନାମ ଗୋପାଳ ଜୀ । ବାସ ସ୍ଥାନ ଗୋପ । ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବାବେଳେ ଶ୍ରୀଶ୍ରୀ ଠାକୁରଙ୍କର ସାକ୍ଷାତ ଲାଭ କରିଥିଲେ । ୧୯୩୨ ମସିହା ଫେବୃୟାରୀ ମାସରେ ଶ୍ରୀଶ୍ରୀ ଠାକୁରଙ୍କ ସହ ପ୍ରଥମ ଦର୍ଶନ । ୧୯୩୪ ମସିହା ଜୁନ୍ ୫ ତାରିଖ ଦିନ ଦୁର୍ଗାଚରଣ ଭାଇଙ୍କ ସହିତ ନୃପାଳ ଭାଇ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କରିଥିଲେ । ସେ ନିଷ୍ଠାର ସହିତ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ଓ ଲୀଳା ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ ପ୍ରଣୟନରେ ବ୍ରତୀ ହୋଇଛନ୍ତି । ତାଙ୍କ ପ୍ରଣୀତ 'ଭକ୍ତି କୁସୁମ', 'ପରମ ପୁରୁଷ' 'ଆସ ହେ ଫେରି', 'ବରଣ ଘେନ ବନ୍ଦନୀୟ', 'କୁଣ୍ଡଳିନୀ ଆବାହନ' ପ୍ରଭୃତି ପୁସ୍ତକାବଳୀ ଭକ୍ତ ସମାଜରେ ବିଶେଷ ସମାଦୃତ । ସେ କବି ଓ ସୁଲେଖକ । ତାଙ୍କର ଅନେକ କବିତା ଓ ପ୍ରବନ୍ଧ 'ଆର୍ଯ୍ୟଦର୍ପଣ' ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଅଛି ।

(୧୨) ୰ ଈଶ୍ୱର ସାହୁ :

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିଟକବର୍ତ୍ତୀ ଲାଞ୍ଜିପାଲୀ ଗ୍ରାମରେ ୧୮୯୫ ଖ୍ରୀଷ୍ଟାବ୍ଦ ଜୁଲାଇ ୧୮ ତାରିଖରେ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ । ପିତା ରାମଚନ୍ଦ୍ର ସାହୁ । ୧୯୨୮ ମସିହା ଡିସେମ୍ବର ୧୨ ତାରିଖ ଦିନ ନୀଳାଚଳ କୁଟୀରରେ ସେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କରିଥିଲେ । ସେ ନିଷ୍ଠାବାନ୍, ଅମାୟିକ, ସରଳ, କର୍ମଦକ୍ଷ ଓ ଅନାଡ଼ମ୍ବର ପ୍ରକୃତିର ଭକ୍ତ ଥିଲେ । ଗଞ୍ଜାମ ଜିଲ୍ଲାର ସମବାୟ ଆନ୍ଦୋଳନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଶିକ୍ଷକରୂପେ ସେ ଜୀବନର ଅଧିକାଂଶ ସମୟ ଅତିବାହିତ କରିଥିଲେ । ଈଶ୍ୱର ଭାଇ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ସମ୍ବଳିତ ବହୁ ପ୍ରାର୍ଥନା, ବନ୍ଦନା, ଭକ୍ତି ସଙ୍ଗୀତ ଓ ପ୍ରବନ୍ଧ ରଚନା କରିଯାଇଛନ୍ତି । 'ନିଗମ ଲହରୀ', 'ସଂଘ-ସେବକ' ଓ 'ନିଗମ

ସଙ୍ଗୀତ'ରେ ତାଙ୍କର ବହୁ ସଙ୍ଗୀତ ପ୍ରକାଶିତ ହୋଇଅଛି । ସେ ମଧ୍ୟ ଅନେକଗୁଡ଼ିଏ ପୁସ୍ତକର ପ୍ରଣେତା ଥିଲେ । ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଚାଣକ୍ୟ', 'ଭକ୍ତି ବିଜ୍ଞାନ', 'ସମବାୟ ଆନ୍ଦୋଳନ', 'ଶ୍ରୀକୃଷ୍ଣ', 'ତରୁଣର ସ୍ୱପ୍ନ', 'ଧର୍ମ', 'ପାର୍ବତୀ', 'ଭାଗ୍ୟ' ପ୍ରଭୃତି ପୁସ୍ତକ ପ୍ରଧାନ । ୧୯୬୭ ମସିହା ଅଗଷ୍ଟ ୨୮ ତାରିଖ ଜନ୍ମାଷ୍ଟମୀ ଦିନ ବ୍ରହ୍ମପୁରଠାରେ ତାଙ୍କର ଦେହାବସାନ ହେଲା । ସେ କିପରି ଶ୍ରୀଶ୍ରୀ ଠାକୁରଙ୍କର ଚରଣାଶ୍ରିତ ହେଲେ ତାହା ସେ ଏହି ପୁସ୍ତକରେ ସନ୍ନିବେଶିତ 'ପ୍ରାରମ୍ଭିକ' ଲେଖାରେ ବର୍ଣ୍ଣନା କରିଛନ୍ତି ।

(୧୩) ୰ଗୁଣନିଧି ପଟ୍ଟନାୟକ :

ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଅସରଫିପୁର ଗ୍ରାମରେ ୧୨୯୨ ସାଲ ଜ୍ୟେଷ୍ଠ କୃଷ୍ଣ ତୃତୀୟା ତିଥିରେ ତାଙ୍କ ଜନ୍ମ । ପିତା ଦିବ୍ୟସିଂହ ପଟ୍ଟନାୟକ, ମାତା କନକ ଦେବୀ । ସେ ୧୯୩୩ ମସିହା ପଣାସଂକ୍ରାନ୍ତି ଦିନ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଉତ୍କଳରେ ଶ୍ରୀଶ୍ରୀ ଠାକୁରଙ୍କ ଭାବଧାରା ପ୍ରସାରରେ ଦୁର୍ଗାଚରଣ ଭାଇଙ୍କୁ ସେ ବହୁଭାବରେ ଅନୁପ୍ରାଣିତ କରିଥିଲେ । ୧୯୭୮ ମସିହା ଜାନୁୟାରୀ ୧୧ ତାରିଖ ଦିନ ୯୫ ବର୍ଷ ବୟସରେ ଏରବଙ୍ଗଠାରେ ତାଙ୍କର ଦେହାନ୍ତ ହେଲା ।

(୧୪) ଏକାଦଶୀ ହରିଚନ୍ଦନ :

ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନାର କାଣ୍ଡଗୋଦା ଗ୍ରାମରେ ୧୯୦୮ ମସିହା ମାର୍ଗଶୀର ମାସ ଶୁକ୍ଳା ଏକାଦଶୀ ତିଥିରେ ଜନ୍ମ । ପିତା ସାଧୁଚରଣ ହରିଚନ୍ଦନ, ମାତା ମୂଳୀ ଦେଈ । ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବା ସମୟରେ ଶ୍ରୀଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସି ୧୯୩୫ ମସିହାରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେ ପ୍ରତିଦିନ ଶ୍ରୀଶ୍ରୀ ଠାକୁରଙ୍କ ପାଇଁ ନିଜେ ଗୁନ୍ଥି ଫୁଲମାଳ ନୀଳାଚଳ କୁଟୀରକୁ ଆଣୁଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ହାତଟଣା ରିକ୍ସା ଚଳାଇବାରେ ଅନ୍ନଦା ବ୍ରହ୍ମଚାରୀଙ୍କୁ ସହାୟତା କରୁଥିଲେ । ସେ ଶ୍ରୀଶ୍ରୀ ଠାକୁରଙ୍କର ଚିଲିକା ଭ୍ରମଣର ଅନ୍ୟତମ ସଙ୍ଗୀ ଥିଲେ । ଶ୍ରୀଶ୍ରୀ ଠାକୁରଙ୍କ କୃପା ସମ୍ପର୍କରେ ତାଙ୍କର ବହୁ ଅନୁଭୂତି ରହିଛି । ସେ ବର୍ତ୍ତମାନ ପୁରୀ ସହରର ମାର୍କଣ୍ଡେଶ୍ୱର ସାହିରେ ଅବସ୍ଥାନ କରୁଛନ୍ତି ।

(୧୫) ୰ କ୍ଷୀରୋଦନାଥ ସିଂହ :

କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ପର୍ବହଂସ ଗ୍ରାମରେ କ୍ଷତ୍ରିୟ ପରିବାରରେ ତାଙ୍କ ଜନ୍ମ । ୧୯୩୪ ମସିହା ଅକ୍ଟୋବର ମାସ ଦଶହରା ଦିନ ନୀଳାଚଳ କୁଟୀରରେ ସେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କରିଥିଲେ । ସେ ପୁଲିସ୍ ବିଭାଗରେ ସବ୍‌ଇନିସ୍‌ପେକ୍ଟର୍ ଥିଲେ । ଅବସର ଗ୍ରହଣ ପରେ ଶ୍ରୀଶ୍ରୀ ଠାକୁରଙ୍କ ସେବାପୂଜାରେ ନିଜକୁ ନିୟୋଜିତ ରଖିଥିଲେ । ୧୯୭୦ ମସିହା ଫେବୃୟାରୀ ୧୦ ତାରିଖ ଦିନ ୭୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା ।

(୧୬) ଇଚ୍ଛାମଣି ଦେବୀ :

କ୍ଷୀରୋଦ ଭାଇଙ୍କର ସହଧର୍ମିଣୀ ଓ ଶ୍ରୀଶ୍ରୀ ଠାକୁରଙ୍କର ମନ୍ତ୍ରଶିଷ୍ୟା । ୧୯୩୫ ମସିହା ଆଶ୍ୱିନ ମାସ ଦୁର୍ଗାଷ୍ଟମୀ ଦିନ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ । ସେ ନିଷ୍ଠାବତୀ ମହିଳା ଭକ୍ତ । ସେ ଶ୍ରୀଶ୍ରୀ ଠାକୁରଙ୍କ ଜୀବନୀ ଓ ଲୀଳାସମ୍ବନ୍ଧୀୟ ଅନେକଗୁଡ଼ିଏ କବିତା ଲେଖିଛନ୍ତି । ତାଙ୍କର କବିତାଗୁଡ଼ିକ 'ଶ୍ରୀଗୁରୁ କୃପାଞ୍ଜଳି' ଓ 'ଶ୍ରୀଗୁରୁ ପ୍ରେମାଞ୍ଜଳି' ପୁସ୍ତକରେ ପ୍ରକାଶିତ ହୋଇଅଛି ।

(୧୭) ୰ କମଳଲୋଚନ ପାଢ଼ୀ :

ଗଞ୍ଜାମ ଜିଲ୍ଲାର କମାଗଡ଼ ଗ୍ରାମରେ ଜନ୍ମ । ୧୯୩୪ ମସିହାରେ ପୁରୀଠାରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କରିଥିଲେ । ନୀଳାଚଳ କୁଟୀରର ବିଦ୍ୟୁତିକରଣରେ ସେ ବିଶେଷ ସାହାଯ୍ୟ କରିଥିଲେ । ସେ ନିଷ୍ଠାବାନ ଭକ୍ତ ଏବଂ ଯୋଗଶାସ୍ତ୍ରର ଷଟ୍‌କର୍ମ ଏବଂ ଖେଚରୀମୁଦ୍ରା ସାଧନରେ ବିଶେଷ ପାରଦର୍ଶୀ ଥିଲେ । କୋରାପୁଟ ଜିଲ୍ଲାର ମାଛକୁଣ୍ଡଠାରେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ । ୧୯୬୭ ମସିହା ମାଘ ମାସରେ ତାଙ୍କର ଦେହାନ୍ତ ହୋଇଛି । ସେ ଭକ୍ତ ସମାଜରେ 'ଲୋଚନ ଭାଇ' ନାମରେ ପରିଚିତ ଥିଲେ ।

(୧୮) ୰ ବୃନ୍ଦାବନ ପଟ୍ଟନାୟକ :

ପୁରୀ ଜିଲ୍ଲାର ଦଧିମାଛଗାଡ଼ିଆ ଗ୍ରାମରେ ଜନ୍ମ । ୧୯୩୪ ମସିହାରେ ସେ ପୁରୀରେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ୧୯୬୮ ମସିହାରେ ତାଙ୍କର ଦେହାନ୍ତ ହୋଇଅଛି ।

(୧୯) ବାଲାଜୀ ରାଜୁ :

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଗ୍ରାମରେ ୧୯୦୬ ମସିହାରେ ଜନ୍ମ । ପିତାଙ୍କ ନାମ ଭି: ମାଗତା ରାଜୁ । ୧୯୨୮ ସାଲ ଡିସେମ୍ବର ୧୨ ତାରିଖ ଦିନ ପୁରୀ ନୀଳାଚଳ କୁଟୀରରେ ସେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କରିଥିଲେ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ । ଗଞ୍ଜାମରେ ଶ୍ରୀଶ୍ରୀ ଠାକୁରଙ୍କର ଭାବଧାରା ପ୍ରସାରରେ ସେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି । ବର୍ତ୍ତମାନ ସେ ନିଜ ଗ୍ରାମରେ ଶ୍ରୀଶ୍ରୀ ଠାକୁରଙ୍କ ସେବାପୂଜାସହ ଆଦର୍ଶ ଗୃହସ୍ଥ ଜୀବନ ଯାପନ କରୁଛନ୍ତି ।

(୨୦) ୰ ଦୀନବନ୍ଧୁ ଦେଓ :

ଗଞ୍ଜାମ ଜିଲ୍ଲାର ଅଧିବାସୀ । ୧୯୨୮ ମସିହା ଡିସେମ୍ବର ୧୨ ତାରିଖ ଦିନ ବାଲାଜୀ ଭାଇଙ୍କ ସହ ଆସି ସେ ପୁରୀ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ ।

(୨୧) ୰ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓ :

ମୟୁରଭଞ୍ଜର ଭଞ୍ଜ ରାଜବଂଶରେ ଜନ୍ମ ଏବଂ ଲାଲ୍ ସାହେବ ନାମରେ ପରିଚିତ ଥିଲେ । ସେ ତତ୍‌କାଳୀନ ବସ୍ତର ରାଜ୍ୟର ରାଜପୁତ୍ରୀ ପ୍ରଫୁଲ୍ଲକୁମାରୀଙ୍କୁ ବିବାହ କରି ବସ୍ତରର ରାଜା ହୋଇଥିଲେ । ହାଓଡ଼ା ଫଣିମିତ୍ର ଭାଇଙ୍କ ବାସଭବନରେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ତାଙ୍କର ପ୍ରଥମ ଦର୍ଶନ ହୋଇଥିଲା । ୧୯୨୭ ମସିହା ଶ୍ରାବଣ ମାସରେ ସେ ଶ୍ରୀଶ୍ରୀ ଠାକୁରଙ୍କଠାରୁ ନୀଳାଚଳ କୁଟୀରରେ ଦୀକ୍ଷା ଲାଭ କରିଥିଲେ । ଶ୍ରୀଶ୍ରୀ ଠାକୁରଙ୍କ ବସ୍ତର ଭ୍ରମଣବେଳେ ୧୯୨୮ ମସିହା ଆଶ୍ୱିନ ମାସରେ ରାଣୀ ପ୍ରଫୁଲ୍ଲକୁମାରୀ ଶ୍ରୀଶ୍ରୀ ଠାକୁରଙ୍କଠାରୁ ଦୀକ୍ଷା ଲାଭ କଲେ । ଶ୍ରୀଶ୍ରୀ ଠାକୁରଙ୍କୁ ସେ ଶିଲଂ ଓ ଦାର୍ଜିଲିଂ ପ୍ରଭୃତି ସ୍ଥାନରେ ନେଇ ଭ୍ରମଣ କରାଇଥିଲେ । ଆର୍ଯ୍ୟଦର୍ପଣ ପତ୍ରିକାରେ ତାଙ୍କର ବହୁ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ସେ ବହୁଦିନ ଧରି ପାର୍ଲାମେଣ୍ଟର ସଦସ୍ୟ ଥିଲେ । ୧୯୫୯ ମସିହାରେ ଦିଲ୍ଲୀଠାରେ ତାଙ୍କର ଦେହାନ୍ତ ହୋଇଥିଲା ।

(୨୨) ୰ ବନମାଳୀ ଭଞ୍ଜ :

ପୁରୀ ଜିଲ୍ଲା ବୀରତୁଙ୍ଗ ଗ୍ରାମରେ ଜନ୍ମ । ସେ ଅବିବାହିତ ଥିଲେ । ପୁରୀରେ ଅନେକ ଦିନ ଧରି ଯାତ୍ରୀ ଗୁମାସ୍ତା କାର୍ଯ୍ୟ କରୁଥିଲେ । ସେ ଶ୍ରୀଶ୍ରୀ

ଠାକୁରଙ୍କର ଜଣେ ନିଷ୍ଠାବାନ୍ ଭକ୍ତ । କେତେ ବର୍ଷ ହେଲା ତାଙ୍କର ଦେହାନ୍ତ ହୋଇଯାଇଛି ।

(୨୩) ଜଗନ୍ମୋହନ ପଟ୍ଟନାୟକ :

ଖୋର୍ଦ୍ଧା ଥାନାର ଦଧିମାଛଗାଡ଼ିଆ ଗ୍ରାମରେ ଜନ୍ମ । ସେ ଗୋପ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶ୍ରୀଶ୍ରୀ ଠାକୁରଙ୍କର ଜନୈକ ଅନୁଗାମୀ ଭକ୍ତ ଥିଲେ ।

(୨୪) ପୀତବାସ ମିଶ୍ର :

ସମ୍ବଲପୁର ସହର ଝାରୁଆପଡ଼ାରେ ୧୯୦୭ ମସିହା ଫେବୃୟାରୀ ୨ ତାରିଖରେ ଜନ୍ମ । ପିତା—ରାମଚନ୍ଦ୍ର ମିଶ୍ର, ମାତା—ଶ୍ରୀମତୀ ମିଶ୍ର । ସେ କଟକରେ ଏଲ୍.ଏମ୍.ପି ପଢୁଥିବାବେଳେ ପୁରୀଠାରେ ୧୯୨୯ ମସିହାରେ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଥମ ଦର୍ଶନ ଲାଭ କରିଥିଲେ । ସେ ସୁଦକ୍ଷ ଡାକ୍ତର । ସମ୍ବଲପୁରରେ ସେ ବର୍ତ୍ତମାନ ଅବସରକାଳୀନ ଜୀବନଯାପନ କରୁଛନ୍ତି ।

(୨୫) ରଘୁନାଥ ବିଶୋଇ :

ଗଞ୍ଜାମ ଜିଲ୍ଲାର ଟାଙ୍ଗଣାପଲ୍ଲୀର ଜନୈକ ଭକ୍ତ । ପୁରୀ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କର ଦର୍ଶନ ଲାଭ କରିଥିଲେ ।

(୨୬) ଜଗନ୍ନାଥ ମିଶ୍ର :

ପୁରୀର ଜଣେ ଜମିଦାର ଓ ଶ୍ରୀଶ୍ରୀ ଠାକୁରଙ୍କର ଅନୁରାଗୀ ଭକ୍ତ । ଶ୍ରୀଶ୍ରୀ ଠାକୁରଙ୍କର ସାକ୍ଷୀଗୋପାଳ ଦର୍ଶନ ଓ ମଙ୍ଗଳାଘାଟ ନଦୀରେ ନୌକା ବିହାରରେ ସହାୟତା କରିଥିଲେ ।

(୨୭) ଗଣେଶ୍ୱର ମହାପାତ୍ର :

ପୁରୀ ଜିଲ୍ଲା ବାଣପୁର ଗ୍ରାମର ଜନୈକ ଭକ୍ତ । ସେ ଶ୍ରୀଶ୍ରୀ ଠାକୁରଙ୍କ ଚିଲିକା ଭ୍ରମଣରେ ସାହାଯ୍ୟ କରିଥିଲେ ।

(୨୮) ଶିବପ୍ରସାଦ ଦାସ :

କଟକର ଜନୈକ ଜମିଦାର । ଶ୍ରୀଶ୍ରୀ ଠାକୁରଙ୍କ ଅନୁରାଗୀ ଭକ୍ତ ।

(୨୯) ୰ ପର୍ଶୁରାମ ବର୍ମା :

ପୁରୀ ସହରର ଅଧିବାସୀ ଥିଲେ । ୧୮୮୯ ଖ୍ରୀଷ୍ଟାବ୍ଦରେ ମାଲୁଦ୍‌ଠାରେ ତାଙ୍କର ଜନ୍ମ । ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ପୁରୀଠାରେ ଅବସରକାଳୀନ ଜୀବନଯାପନ କରୁଥିବା ସମୟରେ ୧୯୭୨ ମସିହା ଜୁନ୍ ୨୦ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି ।

(୩୦) ଜଗନ୍ନାଥ ମହାନ୍ତି :

ଶ୍ରୀଶ୍ରୀ ଠାକୁରଙ୍କର ଜନୈକ ପୁରୀ ବାସୀ ଭକ୍ତ ।

(୩୧) ବାଞ୍ଛାନିଧି :

ପୁରୀର ତତ୍‌କାଳୀନ ଛାତ୍ର ଓ ଭକ୍ତ ।

(୩୨) ଗିରିଧାରୀ ଜଗତି :

କଟକର ଜନୈକ ଓକିଲ ଓ ଜଳ ଚିକିତ୍ସକ ।

(୩୩) ଲୋକନାଥ ମହାନ୍ତି :

ପୁରୀ ସହରବାସୀ ଶ୍ରୀଶ୍ରୀ ଠାକୁରଙ୍କର ଜନୈକ ମନ୍ତ୍ରଶିଷ୍ୟ । ସେ ନୀଳାଚଳ କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କ ଚରଣାଶ୍ରୟ ଲାଭ କରିଥିଲେ ।

◆◆

ନୀଳାଚଳ କୁଟୀର

ଶ୍ରୀଶ୍ରୀ ଠାକୁର କେଉଁ ପରିସ୍ଥିତିରେ ପୁରୀଧାମକୁ ଆସି ସେଠାରେ ସ୍ଥାୟୀ ବାସ କରିବାର ବ୍ୟବସ୍ଥା କଲେ ତାହା ଏହି ପୁସ୍ତକର ମୁଖବନ୍ଧରେ ବର୍ଣ୍ଣିତ ହୋଇଅଛି । ବଙ୍ଗାବ୍ଦ ୧୩୩୦ ସାଲରେ ଶ୍ରୀଶ୍ରୀ ଠାକୁର ପୁରୀ ମୋଚିସାହି ନିକଟସ୍ଥ ୩ ନମ୍ବର ଗିରୀକୁଟୀର ଭଡ଼ାଘରେ ଅବସ୍ଥାନ କରୁଥିବା ସମୟରେ ପୁରୀରେ ଗୋଟିଏ ସ୍ଥାୟୀ ବାସଗୃହ କିଣିବାର ପ୍ରସ୍ତାବ କଲେ । ସେତେବେଳେ ଗିରୀକୁଟୀର ଭଡ଼ାଘରେ ବ୍ରହ୍ମଚାରୀ ପ୍ରଜ୍ଞାଚୈତନ୍ୟ (ପ୍ରଜ୍ଞାନନ୍ଦ ମହାରାଜ) ସେବକ ହିସାବରେ ରହୁଥିଲେ । ଶ୍ରୀଶ୍ରୀ ଠାକୁର ପ୍ରଜ୍ଞାଚୈତନ୍ୟଙ୍କୁ ପୁରୀରେ ଉପଯୁକ୍ତ ଜାଗାରେ ଗୋଟିଏ ବାସଗୃହର ସନ୍ଧାନ ନେବାକୁ ଆଦେଶ ଦେଲେ । ପ୍ରଜ୍ଞାଚୈତନ୍ୟ ଯେଉଁସବୁ ଗୃହ କ୍ରୟ କରିବା ନିମିତ୍ତ ବାଛିଲେ ତା ମଧ୍ୟରେ ନୀଳାଚଳ କୁଟୀର ଥିଲା ଅନ୍ୟତମ । ଶ୍ରୀଶ୍ରୀ ଠାକୁର ପୁରୀର ବିଭିନ୍ନ ସ୍ଥାନରେ ଥିବା ଏହି ସବୁ ଗୃହଗୁଡ଼ିକ ନିଜେ ଦେଖିବାପରେ ନୀଳାଚଳ କୁଟୀରକୁ ପସନ୍ଦ କଲେ । ଗୃହଟିର ଅବସ୍ଥିତି ଶ୍ରୀଶ୍ରୀ ଠାକୁରଙ୍କୁ ନିଶ୍ଚିତଭାବରେ ସୁଖକର ବୋଧହେଲା । ସେତେବେଳେ ନୀଳାଚଳ କୁଟୀର ସମ୍ମୁଖରେ ବିଶେଷ କୌଣସି ଘରବାଡ଼ି ନ ଥିଲା । କୁଟୀରରୁ ବିଶେଷତଃ ଏହାର ଛାତ ଉପରୁ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ଅନନ୍ତବାରିଧି ଖୁବ୍ ସ୍ପଷ୍ଟ ଭାବରେ ପରିଦୃଶ୍ୟମାନ ହେଉଥିଲା । ମହାସାଗରର ଅପରୂପ ଶୋଭା ଓ ପ୍ରଶାନ୍ତି ଏହିଠାରୁ ଖୁବ୍ ଭଲଭାବରେ ଦେଖିହେବ ଓ ଉପଲବ୍ଧି କରିହେବ । ଏହି ଗୃହର ଅବସ୍ଥିତି ଅନ୍ୟ ଗୋଟିଏ ଦିଗରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ଜଗନ୍ନାଥ ମନ୍ଦିରଠାରୁ ବାଲିସାହି ଭିତର ଦେଇ ଯେଉଁ ରାସ୍ତାଟି ସ୍ୱର୍ଗଦ୍ୱାର ପାର୍ଶ୍ୱରେ ସାତଲହଡ଼ି ମଠ ପର୍ଯ୍ୟନ୍ତ ଯାଇଥିଲା, ସେହି ରାସ୍ତାଉପରେ ଅପେକ୍ଷାକୃତ ଏକ ଉଚ୍ଚ ଜାଗାରେ ନୀଳାଚଳ କୁଟୀରର ଅବସ୍ଥିତି । ଅନତିଦୂରରେ ବାମପାର୍ଶ୍ୱରେ ଶ୍ରୀଗୌରାଙ୍ଗଦେବଙ୍କ ଗମ୍ଭୀରା ଲୀଳାସ୍ଥଳୀ ରାଧାକାନ୍ତ ମଠ ଓ ଦକ୍ଷିଣ ପାର୍ଶ୍ୱରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ସୁପ୍ରସିଦ୍ଧ ଗୋବର୍ଦ୍ଧନ ମଠ । ଶଙ୍କର ଓ ଗୌରାଙ୍ଗଙ୍କର ଏହି ଦୁଇ ଲୀଳାପୀଠର ମଧ୍ୟବର୍ତ୍ତୀସ୍ଥଳରେ ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କର ପଥର ପୃଷ୍ଟପୋଷକ ଶଙ୍କର-ଗୌରାଙ୍ଗଙ୍କ ମିଳିତ ବିଗ୍ରହରୂପୀ ସଦ୍‌ଗୁରୁ ନିଗମାନନ୍ଦଙ୍କର ନିତ୍ୟ ବାସସ୍ଥଳୀରୂପେ ନୀଳାଚଳ କୁଟୀର ସତେ ଯେପରି ପୂର୍ବରୁ ସୁପରିକଳ୍ପିତ ହୋଇ ବିରାଜମାନ କରୁଥିଲା । ଶ୍ରୀଶ୍ରୀ ଠାକୁରଙ୍କର ନିର୍ଜନ ବାସର ପ୍ରକୃଷ୍ଟ ସ୍ଥାନରୂପେ ନୀଳାଚଳ କୁଟୀର ବିବେଚିତ ହେଲା ।

ଠାକୁର କବିତାରେ ଲେଖିଛନ୍ତି—

ଏ ପଥ ଯାଇଛି ଗୋବର୍ଦ୍ଧନର ପୁଣ୍ୟାୟତନ ପାଶେ
ଏ ପଥେ କି ଗୋରା ଯାଆନ୍ତି ନିୟତ ମିଳିବାରେ ହରିଦାସେ ?
ତୋଟା ଗୋପୀନାଥେ ରହିଥିଲେ ପ୍ରଭୁ ବିରହ ବ୍ୟାକୁଳ ହୋଇ
ଭକ୍ତମିଳିତ ଦେବତା ସାଥେ କି ଯାଆନ୍ତି ଏ ପଥ ଦେଇ ?
ରୂପ ସନାତନ ପ୍ରତାପରୁଦ୍ର ସାର୍ବଭୌମ ପରିକର
ରାୟଙ୍କ ସଙ୍ଗରେ ଯାଆନ୍ତି ଏ ପଥେ ନୟନେ ଅଶ୍ରୁଧାର ?
କେତେ ଜୋଛନାରେ ଏ ପଥର ଧୂଳି କୀର୍ତ୍ତନେ ନାମଗାନେ
ଶିହରି ଉଠିଛି ଝାଉଁ-ମର୍ମରେ କେ କହିବ, କେବା ଜାଣେ ?

ଶ୍ରୀଶ୍ରୀ ଠାକୁର ଏହି ଗୃହଟି କ୍ରୟ କରିବା ନିମିତ୍ତ ପ୍ରଜ୍ଞାଚୈତନ୍ୟଙ୍କୁ (ପ୍ରଜ୍ଞାନନ୍ଦ ମହାରାଜଙ୍କୁ) ଭାର ଦେଇ ନବଦ୍ୱୀପ ଯାତ୍ରା କଲେ । ନୀଳାଚଳ କୁଟୀରର ସ୍ୱତ୍ୱାଧିକାରୀ ମାଲିକ ଥିଲେ ହେମଚନ୍ଦ୍ର ରାୟ ନାମକ ଜଣେ ଲବ୍ଧପ୍ରତିଷ୍ଠ ବଙ୍ଗାଳୀ ଭଦ୍ରଲୋକ । ସେହି ଭଦ୍ରବ୍ୟକ୍ତିଙ୍କଠାରୁ ଛଅ ହଜାର ଟଙ୍କା ଦେଇ ପ୍ରଜ୍ଞାନନ୍ଦ ମହାରାଜ ଶ୍ରୀଶ୍ରୀ ଠାକୁରଙ୍କ ନାମରେ ନୀଳାଚଳ କୁଟୀର କ୍ରୟ କଲେ । ଏହି ଗୃହ କ୍ରୟ କରିବାପାଇଁ ଆବଶ୍ୟକ ଦଲିଲ ପତ୍ର ସମ୍ପାଦନ ଓ ରେଜିଷ୍ଟ୍ରି ପ୍ରଭୃତି କରିବାରେ ଶ୍ରୀଶ୍ରୀ ଠାକୁରଙ୍କର ବିଶିଷ୍ଟ ଶିଷ୍ୟ ହାବଡ଼ାର ଶ୍ରୀଯୁକ୍ତ ଓକିଲ ହେମଚନ୍ଦ୍ର ଘୋଷ ଭାଇ ବିଶେଷ ସାହାଯ୍ୟ କରିଥିଲେ ।

୧୩୧୩ ସାଲ ପହିଲା ବୈଶାଖ ଦିନ ଶ୍ରୀଶ୍ରୀ ଠାକୁର ନୀଳାଚଳ କୁଟୀରରେ ଗୃହପ୍ରବେଶ କଲେ । ସାଙ୍ଗରେ ଥିଲେ ପ୍ରଜ୍ଞାନନ୍ଦ ମହାରାଜ, ବ୍ରହ୍ମଚାରୀ ହରିଦାସ ପ୍ରଭୃତି । ନୀଳାଚଳ କୁଟୀର ସେତେବେଳେ ବାସୋପଯୋଗୀ ନ ଥିଲା । ବୈଶାଖ ୩ ତାରିଖ ଦିନ ନୀଳାଚଳ କୁଟୀରରୁ ଲେଖା ଖଣ୍ଡିଏ ଚିଠିରେ ଶ୍ରୀଶ୍ରୀ ଠାକୁର ଲେଖିଥିଲେ, "ଗୃହଟି ମୋର ବେଶ୍ ମନୋମତ ହୋଇଛି । ତେବେ ବର୍ତ୍ତମାନ ପ୍ରାୟ ଟ. ୨୦୦୦ ଖର୍ଚ୍ଚ କରି ଗୃହଟିରେ ଥିବା ବିଭିନ୍ନ ଅଭାବ ଦୂର କରିବାକୁ ହେବ । ବେଶ୍ ଆନନ୍ଦରେ ଅଛି ।" (ଶ୍ରୀଶ୍ରୀ ଠାକୁରେର ଚିଠି ୨ୟ ଖଣ୍ଡ ୭୦ ନମ୍ବର) । ଘର ହିସାବରେ ନୀଳାଚଳ କୁଟୀର ଗୋଟିଏ ମାମୁଲି ଘର । ଘରଟିର କୌଣସି ଗଠନ-ସୌଷ୍ଠବ ନ ଥିଲା । ଘରତୋଳାରେ କୌଣସି ସୁଚିନ୍ତିତ ଯୋଜନା ନ ଥିଲାପରି ମନେହୁଏ । ବାହାରୁ ରାସ୍ତା ଉପରୁ ଘରଟିର ମଧ୍ୟ ବିଶେଷ କୌଣସି ସୌନ୍ଦର୍ଯ୍ୟ ଆଖିରେ ପଡୁ ନଥିଲା । ବାସଯୋଗ୍ୟ ଘର କେବଳ ତିନୋଟି ଥିଲା ।

ଉତ୍ତର ଓ ଦକ୍ଷିଣ ପଟକୁ ଲମ୍ବା ଲମ୍ବା ଖୋଲା ବାରଣ୍ଡା ଥିବାରୁ ବର୍ଷାର ଛାଟ ଆସି ଘର ଭିତର ଓଦା କରୁଥିଲା । ପୂର୍ବଦିଗର କୋଠରିଟି ଛଡ଼ା ଅନ୍ୟ କୋଠରି ଗୁଡ଼ିକ ଦିନରେ ମଧ୍ୟ ବେଶ୍ ଅନ୍ଧକାରାଚ୍ଛନ୍ନ ରହୁଥିଲା । ରନ୍ଧନ ଘରଟି ଏପରି ସ୍ଥାନ୍ରେ ଥିଲା ଯେ ଦକ୍ଷିଣା ପବନ ହେଲେ ଧୂଆଁ ଆସି ଘର ଭିତରେ ପ୍ରବେଶ କରୁଥିଲା । ଗୃହଟିର ବହୁ ଅଭାବ ଓ ଦୋଷତ୍ରୁଟି ଥିଲେ ମଧ୍ୟ ଶ୍ରୀଶ୍ରୀ ଠାକୁର ଏହି ଘରଟିକୁ ପସନ୍ଦ କରିବାର ପ୍ରଧାନ କାରଣ ଏହାର ଅବସ୍ଥିତି ଓ ଛାତ ଉପରର ସେହି ନିର୍ଜ୍ଜନ କୋଠରିଟି । ଦୋତାଲା ଉପରେ ବେଶୀ ଘର ରହିବାଟା ଶ୍ରୀଶ୍ରୀ ଠାକୁରଙ୍କର ଅଭିପ୍ରେତ ନ ଥିଲା । ତଳେ ସେବକ ଓ ମା'ମାନେ ରହିବେ ଓ ଛାତ ଉପରର ସେହି କୋଠରିଟିରେ ନିର୍ଜ୍ଜନରେ ଏକା ରହିବାପାଇଁ ଅନୁକୂଳ ହେବ ବୋଲି ଶ୍ରୀଶ୍ରୀ ଠାକୁର ଏଇ ଘରଟିକୁ ସ୍ଥିର କଲେ । ଘରଟିର ଦକ୍ଷିଣ ପାଖଟି ପୂରାପୂରି ଖୋଲା । ପୂର୍ବପାଖର ଝରକା ଦେଇ ଦିଗନ୍ତ-ବିସ୍ତୃତ ସମୁଦ୍ର ଆଖିରେ ପଡ଼ିଥାଏ । ପଶ୍ଚିମପାଖ ଝରକା ଦେଇ ଚାହିଁଦେଲେ ଶ୍ରୀଜଗନ୍ନାଥ ମନ୍ଦିର ସ୍ପଷ୍ଟ ଦେଖାଯାଏ । ଛାତଉପରୁ ପୁରୀ ସହରର ଅଧିକାଂଶ ସ୍ଥାନ ଓ ସମ୍ମୁଖସ୍ଥ ସମୁଦ୍ରର ଶୋଭା ଆଖିରେ ପଡ଼େ । ସାଗରମୁଖୀ ଏହି ଗୃହଟିର ପରିବେଶ ଓ ଉପରଲିଖିତ କେତେକ ସୁବିଧା ହେତୁ ଶ୍ରୀଶ୍ରୀ ଠାକୁର ଏହି ଗୃହଟି ପସନ୍ଦ କରି ଏଠାରେ ଦୀର୍ଘ ବାରବର୍ଷ କଟାଇବାକୁ ସୁଖକର ମଣିଥିଲେ ।

ଶ୍ରୀଶ୍ରୀ ଠାକୁର ଯେତେବେଳେ ପ୍ରଥମେ ନୀଳାଚଳ କୁଟୀର କିଣିଲେ ସେତେବେଳେ ନୀଳାଚଳ କୁଟୀର ବର୍ତ୍ତମାନ ପରି ନଥିଲା । ବଗିଚାପଟ କୂଅ କିମ୍ବା ବର୍ତ୍ତମାନର ଉଚ୍ଚ ପାଚିରିଟି ନ ଥିଲା । ବର୍ତ୍ତମାନ ଯେଉଁଠାରେ ବଗିଚା ଅଛି, ସେଠାରେ ଥିଲା ବାଲି ଆଉ ବାଉଁଶର ସ୍ତୂପ । ଅତି କମ୍ ଉଚ୍ଚର ଗୋଟିଏ ପାଚିରି ନୀଳାଚଳ କୁଟୀର ଜମିର ସୀମା ନିର୍ଦ୍ଦେଶକରୁଥିଲା । ଭିତରର ପାଇଖାନା (ଯେଉଁଟିକୁ ଶ୍ରୀଶ୍ରୀ ଠାକୁର ବ୍ୟବହାର କରୁଥିଲେ) ତାହା ଜଙ୍ଗଲରେ ପୂର୍ଣ୍ଣଥିଲା । ମା'ମାନଙ୍କ ପାଇଁ ସ୍ନାନ ଓ ଶୌଚାଗାରର କୌଣସି ବ୍ୟବସ୍ଥା ନଥିଲା । ଘରର ଚଟାଣ ସିମେଣ୍ଟଦ୍ୱାରା ନିର୍ମିତ ହୋଇ ନଥିବାରୁ ଆବଡ଼ା ଖାବଡ଼ା ଥିଲା । ଛାତଟି ମଧ୍ୟ ଟାଇଲରେ ଗୋବର ଓ ମାଟି ଲେପ ଦିଆହୋଇ ତିଆରି ହୋଇଥିଲା । ଉତ୍ତର ଓ ଦକ୍ଷିଣରେ ଥିବା ବାରଣ୍ଡା ଦୁଇଟି ମଧ୍ୟ ସିମେଣ୍ଟ କରା ହୋଇ ନ ଥିଲା । ବର୍ତ୍ତମାନ ଯେଉଁଟି ଭୋଗଘର, ତାହା ପାଖରେ ଛାତ ଉପରକୁ ଯିବାପାଇଁ ଗୋଟିଏ ଖୋଲା ସିଡ଼ି ଥିଲା, ବର୍ଷାବେଳେ ଭିଜି ଭିଜି ଛାତ ଉପରକୁ ଯିବାକୁ ହେଉଥିଲା ।

ଡାହାଣପଟ ଛାତରେ ସିଡ଼ି ଶେଷକୁ ଗୋଟିଏ ସିମେଣ୍ଟର ଚଉତରା ଥିଲା । ବାଁ ପଟର ଛାତ ଗଡ଼ାଣିଆ ଓ ଢାଲୁ ଥିଲା । ଉପର ଛାତରେ ଠାକୁରଙ୍କ ଘରକୁ ଲାଗି ଯେଉଁ ଦୁଇଟି ଛୋଟ ଛୋଟ ଘର, ତା' ମଧ୍ୟରୁ ସାମନାପାଖ ଛୋଟ ଘରଟି ପୂର୍ବରୁ ନଥିଲା । ତଳ ମହଲାର ଦୁଇ ପାଖରେ ଥିବା ବାରଣ୍ଡା ଦୁଇଟି ଉପରେ କୌଣସି ଛାତ ନଥିଲା । ମୋଟାମୋଟି ସ୍ୱଚ୍ଛନ୍ଦରେ ରହିଲାଭଳି ଘରଟି ବିଶେଷ ଉପଯୋଗୀ ନଥିଲା । ବର୍ତ୍ତମାନ ଯେଉଁଠାରେ ସ୍ୱର୍ଗଦ୍ୱାର ପୋଲିସ ଫାଣ୍ଡି ଅଛି, ସେଠାରୁ ଗୋବର୍ଦ୍ଧନ ମଠ ପର୍ଯ୍ୟନ୍ତ ଯେଉଁ ରାସ୍ତାଟି ଯାଇଥିଲା, ସେହି ଲାଇନରେ ଫାଣ୍ଡି (ଏମାରମଠ ଘର) ପରେ ନୀଳାଚଳ କୁଟୀର, ଆନନ୍ଦ ଭବନ ଓ କାଶିମ୍ ବଜାର, ମହାରାଜାଙ୍କର ଦୁଇଟି କଚେରୀ ଘର (ବଡ଼ ଓ ଛୋଟ—ଜ୍ୟୋତି ନିବାସ, ଯାହା ବର୍ତ୍ତମାନ ହସ୍‌ପିଟାଲ ହୋଇଅଛି)—ଏହି ପାଞ୍ଚଗୋଟି ଘର ଥିଲା । ଅବଶିଷ୍ଟ ଅଞ୍ଚଳ କେବଳ ଝାଉଁ ଗଛ ଓ ନାଗଫେଣୀ କଣ୍ଟାରେ ପୂର୍ଣ୍ଣ ଥିଲା । ବର୍ତ୍ତମାନ ଯେଉଁଠି ସ୍ମୃତିମନ୍ଦିର ଓ ଭକ୍ତନିବାସ ହୋଇଛି, ତାହା ନାଗଫେଣୀ କଣ୍ଟା ଓ ଝାଉଁଗଛରେ ପୂର୍ଣ୍ଣ ଥିଲା । ସେଠାରେ ଶ୍ରୀଶ୍ରୀ ଠାକୁରଙ୍କ ରିକ୍‌ସା ରହିବା ପାଇଁ ଗୋଟିଏ ଚାଳଘର ତିଆରି ହୋଇଥିଲା । ନୀଳାଚଳ କୁଟୀର ପାଖରେ ମଧ୍ୟ ଝାଉଗଛର ସାଇଁ ସାଇଁ ଶବ୍ଦ ଦିବାରାତ୍ରି ସବୁ ସମୟରେ ଶୁଣାଯାଉଥିଲା । ରାସ୍ତାର ଶେଷପ୍ରାନ୍ତ ଗୌରବାଟ ସାହି ସାଙ୍ଗରେ ମିଶିଥିଲା । ଯମେଶ୍ୱର ତୋଟା ପରେ ପରେ ଜଙ୍ଗଲିଆ ଜାଗାର ଆରମ୍ଭ । ସେହି ଅଞ୍ଚଳରୁ ଅନେକ ସମୟରେ ହେଟାବାଘ ଓ ଶୃଗାଳ ନୀଳାଚଳ କୁଟୀର ଆଡ଼କୁ ଚାଲି ଆସୁଥିଲେ ଏବଂ ଏହିସବୁ ଜନ୍ତୁ ନୀଳାଚଳ କୁଟୀରରେ ପ୍ରବେଶ କରିବା ସହଜ ଥିଲା । ଦିନେ କୁଟୀରର ଖୋଲା ସିଡ଼ିଦେଇ ଗୋଟିଏ ପାଗଳ ମଧ୍ୟ ଉପର ଘରେ ପ୍ରବେଶ କରିଥିଲା । ସେତେବେଳେ କୁଟୀରରେ ଭୋଗର ଘର ନଥିଲା । ରନ୍ଧାଘର ପାଖରେ ଥିବା ଘରଟିରେ ଭୋଗ ଦିଆହେଉଥିଲା ଓ ଭୋଗର ଜିନିଷପତ୍ର ରହୁଥିଲା । ଅନେକ ସମୟରେ ପାତିମାଙ୍କଡ଼ମାନେ ଆସି ସେହି ଘରୁ ଶ୍ରୀଶ୍ରୀ ଠାକୁରଙ୍କ ଭୋଗସାମଗ୍ରୀ, ଫଳ, ପରିବା ଓ ଡାଲି ଚାଉଳ ଠୁଙ୍ଗା ନେଇ ଯାଉଥିଲେ । ଏସବୁ ଦେଖି ଶ୍ରୀଶ୍ରୀ ଠାକୁର ପ୍ରଥମେ ଘରର ନିରାପତ୍ତାର ବ୍ୟବସ୍ଥା କରିବାକୁ ମନସ୍ଥ କଲେ । ନୀଳାଚଳ କୁଟୀରର ରୂପ ଦିନକୁଦିନ ବଦଳିବାକୁ ଲାଗିଲା । ପ୍ରଜ୍ଞାନନ୍ଦ ମହାରାଜ, ସେବକ ହରିଦାସ ଭାଇ ଓ ହରେନ୍‌ଦାଙ୍କ ଦ୍ୱାରା କୁଟୀରର ଭଙ୍ଗା ଗଢ଼ା କାମ ଚାଲିଲା । ବଗିଚା ଭିତରେ କୂଅ ଖୋଳା, ଛାତର କଡ଼ି ବଦଳା, ପାଇଖାନା ଚାରିପଟେ

ଘେର ଦେବା ଇତ୍ୟାଦି ପ୍ରାଥମିକ ପ୍ରୟୋଜନଗୁଡ଼ିକ ପ୍ରଜ୍ଞାନନ୍ଦ ମହାରାଜ କରାଇଥିଲେ । ବାହାରର ଖୋଲା ସିଡ଼ିଟି .ମଧ୍ୟ ମରାମତି ହୋଇ ଘର ଭିତରକୁ ନିଆଗଲା । ଭୋଗଘର ତିଆରି ହେଲା । ଖୋଲା ଛାତ ଉପରେ ବାଡ଼ ଦିଆଗଲା । ଉଚ୍ଚ ପାଚିରି ଦିଆ ହୋଇ ଘରଟି ଘେରା ହେଲା ।*

ନୀଳାଚଳ କୁଟୀରକୁ ଶ୍ରୀଶ୍ରୀ ଠାକୁର ସବୁ ସମୟରେ ଗୃହସ୍ଥଘର ବୋଲି ଉଲ୍ଲେଖ କରୁଥିଲେ । ଏହା ଆଶ୍ରମ ନ ଥିଲା । ତେଣୁ ଶ୍ରୀଶ୍ରୀ ଠାକୁର କୁଟୀରକୁ ସାରସ୍ୱତ ମଠର କର୍ତ୍ତୃତ୍ୱାଧୀନରେ ରଖି ନଥିଲେ କିମ୍ବା ସାରସ୍ୱତ ମଠର ଟ୍ରଷ୍ଟ ଡିଡ଼୍‌ରେ ଶ୍ରୀଶ୍ରୀ ଠାକୁର କୁଟୀରର ନାମୋଲ୍ଲେଖ କରି ନଥିଲେ । କିନ୍ତୁ କୁଟୀର ସମ୍ପର୍କରେ ଶ୍ରୀଶ୍ରୀ ଠାକୁର ଗୋଟିଏ ଉଇଲ୍ ସମ୍ପାଦନ କରିଯାଇଥିଲେ । ଉକ୍ତ ଉଇଲ୍‌ରେ ନୀଳାଚଳ କୁଟୀରର ଭବିଷ୍ୟତ ପରିଚାଳନା ସୁସ୍ପଷ୍ଟ ଭାବରେ ଲିଖିତ ଥିଲା । ଶ୍ରୀଶ୍ରୀ ଠାକୁରଙ୍କର ସ୍ଥୁଳ ଦେହତ୍ୟାଗ ପରେ ସୁର ମା' ଓ ନାରାୟଣୀ ଦେବୀ କୁଟୀରର ସୁରକ୍ଷାର ଦାୟିତ୍ୱ ନେଇଥିଲେ । ୧୯୬୨ ମସିହାରେ ନାରାୟଣୀ ଦେବୀ ଗୋଟିଏ ଦତ୍ତପତ୍ର ସମ୍ପାଦନ କରି ନୀଳାଚଳ କୁଟୀରର ଦାୟିତ୍ୱ 'ନୀଳାଚଳ ସାରସ୍ୱତ ସଂଘ' ହସ୍ତରେ ସମର୍ପଣ କରିଥିଲେ ।

ନୀଳାଚଳ ସାରସ୍ୱତ ସଂଘ ନୀଳାଚଳ କୁଟୀରର ଦାୟିତ୍ୱ ନେବାପରେ କୁଟୀରର ଜୀର୍ଣ୍ଣ ସଂସ୍କାର କରିବାକୁ ଅଗ୍ରସର ହେଲେ । ବାରଣ୍ଡା ଉପରେ ଛାତ ନିର୍ମାଣ, ଚଟାଣର ମରାମତି, ଗୃହର ସୌନ୍ଦର୍ଯ୍ୟବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଇଥିଲା । କୁଟୀରରେ ଥିବା ଶ୍ରୀଶ୍ରୀ ଠାକୁରଙ୍କ ବ୍ୟବହୃତ ଦ୍ରବ୍ୟାଦିର ସୁରକ୍ଷାର ବ୍ୟବସ୍ଥା କରାଗଲା । ଉପଯୁକ୍ତ ସେବକ ନିଯୁକ୍ତକରି କୁଟୀରରେ ଶ୍ରୀଶ୍ରୀ ଠାକୁରଙ୍କର ଦୈନନ୍ଦିନ ସେବାପୂଜାର ବ୍ୟବସ୍ଥା ହେଲା । ଶ୍ରୀଶ୍ରୀ ଠାକୁର ତାଙ୍କର ଶୟନକକ୍ଷ ଯେପରି ଭାବରେ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇ ଯାଇଥିଲେ ତାହା ଏହି ପୁସ୍ତକରେ ଲିପିବଦ୍ଧ ହୋଇଅଛି । ତାହା ଠିକ୍ ସେହିପରି ଭାବରେ ରକ୍ଷା କରିବାର ବ୍ୟବସ୍ଥା କରାଯାଇଛି । ପ୍ରତିବର୍ଷ ଝୁଲଣ ପୂର୍ଣ୍ଣିମାଦିନ ଏଠାରେ ଶ୍ରୀଶ୍ରୀ ଠାକୁରଙ୍କର ଜନ୍ମୋତ୍ସବ ପାଳିତ ହୋଇ ଆସୁଅଛି । ଶ୍ରୀଶ୍ରୀ ଠାକୁର ଯେଉଁ ସ୍ଥାନରେ ବସି ଭକ୍ତଶିଷ୍ୟମାନଙ୍କୁ ଦର୍ଶନ ଦାନ ଓ ଉପଦେଶ ଦେଉଥିଲେ, ସେହି ବାରଣ୍ଡା ଉପରେ ଛାତ ନିର୍ମିତ ହୋଇ ବସିବା ଜାଗାକୁ ମାର୍ବଲ ପଥରରେ ଚିହ୍ନିତ

* ଶ୍ରୀଯୁକ୍ତା ସୁରବାଳା ଦେବୀ ଓ ନାରାୟଣୀ ଦେବୀଙ୍କ ସୌଜନ୍ୟରୁ ପ୍ରାପ୍ତ ।

କରାଯାଇଛି ଏବଂ ସେହି ପ୍ରକୋଷ୍ଠରେ ଶ୍ରୀଶ୍ରୀ ଠାକୁରଙ୍କର ଥିବା ବୃହଦାକାର ତୈଳଚିତ୍ର ବିଗ୍ରହକୁ ପୂଜା କରାଯାଉଅଛି । ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ଭକ୍ତ ଶିଷ୍ୟ ଓ ଅନୁରାଗୀମାନେ ଶ୍ରୀଶ୍ରୀ ଠାକୁରଙ୍କୁ ଦର୍ଶନ କରିବା ନିମିତ୍ତ ନୀଳାଚଳ କୁଟୀରକୁ ଆସୁଛନ୍ତି । ନୀଳାଚଳ ଧାମର ଶ୍ରୀଶ୍ରୀ ଠାକୁରଙ୍କର ଏହି ନିତ୍ୟ ବାସସ୍ଥଳୀ ନୀଳାଚଳ କୁଟୀର ସୁରକ୍ଷିତ ହୋଇ ଶ୍ରୀଶ୍ରୀ ଠାକୁରଙ୍କର ଅଗଣିତ ଭକ୍ତସନ୍ତାନଙ୍କ ପାଇଁ ଚିରଦିନ ବିରାଜିତ ରହିଥାଉ—ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣ ତଳେ ଏହି ପ୍ରାର୍ଥନା ନିବେଦନ କରୁଅଛୁ ।

(ଆମମାନଙ୍କର ପରମଶ୍ରଦ୍ଧେୟ ସ୍ୱର୍ଗୀୟ ଗୁରୁଦାସ ଭାଇ (କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ) ନୀଳାଚଳ ଧାମରେ ଶ୍ରୀଶ୍ରୀ ଠାକୁରଙ୍କ ଅବସ୍ଥାନ ସମ୍ପର୍କରେ ଲେଖିଥିବା ଗୀତିକାଟି ନିମ୍ନରେ ଉଦ୍ଧୃତ କରାଗଲା—ସମ୍ପାଦକ)

ଏଇ ସେଇ ନୀଳାଚଳ

ଓଡ଼ିଆ ଦେଶର ମହାପ୍ରଭୁ ସେଇ ବଙ୍ଗର ଯିଏ ଗୋରା
ସତତ ଏ ଦେଶ ବେଦ-ସୂର୍ଯ୍ୟ-ଶଙ୍କର ଭାବେ ଭୋଳା ।
ଶଙ୍କର ମତ, ଗଉରାଙ୍ଗପଥ ଯେ' ଦେଶ ଜନତା ବରେ
ନିଜ ମତ ପଥ ମିଳନ ସେଠାବେ ହେରି ଅତି ଆନନ୍ଦରେ
ଥାପିଲେ ଠାକୁର ପ୍ରିୟ ଆସ୍ଥାନ ସଂଘ ମହୋଜ୍ଜ୍ୱଳ
ଏଇ ସେଇ ନୀଳାଚଳ ।୧।

ସାଲ ତ୍ରୟୋଦଶ ପୂରି ଉନତ୍ରିଂଶ ବରଷ ସେଦିନ ଚଳେ
ବଇଶାଖ ମାସ ଚତୁର୍ଥ ଦିବସ ମହାଶୁଭ ଲଗନରେ
ମହାସାଗରର ଊର୍ମି ମଧୁର ମନ୍ଦ୍ର କଣ୍ଠେ ସତେ
ଡାକଦେଲା ଆସ ସନ୍ନ୍ୟାସୀ ଆସ ଏଇ ବାଲୁଚର ପଥେ
କାନରେ ଗୁପତେ ବାଜିଲା ତୀର୍ଥ ଦେବତାର ମନ୍ତର
ଏଇ ସେଇ ନୀଳାଚଳ ।୨।

ବଇଶାଖ ଗଲା ଜ୍ୟେଷ୍ଠ ବିତିଲା ଆଷାଢ଼େ ବରଷେ ଘନ
ରଥେ ବିଜେ ହେଲେ ପତିତପାବନ ଶୁକଳ ଦ୍ୱିତୀୟା ଦିନ ।
ମଙ୍ଗୁ ମଠର ଛାତରେ ଠାକୁର ଦଶମୁଦ୍ରା ଭଡ଼ା ଦେଇ
ଶିଷ୍ୟ ଗହଣେ ଦେବ ଦରଶନ ସାରିଲେ ବିଭୋଳ ହୋଇ
ଗଲା ତାଳଧ୍ୱଜ, ଦର୍ପଦଳନ, ହେଲା ନନ୍ଦିଘୋଷ ବେଳ
ଏଇ ସେଇ ନୀଳାଚଳ ।୩।

ହରିବୋଲ ଧ୍ୱନି ଉଚ୍ଛୁଳେ ପତିତପାବନ ପତାକା ଉଡ଼େ
ବଡ଼ଦାଣ୍ଡେ ଯେତେ ଉଚ୍ଛୁର ହେଉଛି ତେତିକି ଗହଳି ବଢ଼େ
ନୀରଧାର ଭରା ଗଣ୍ଡେ ଠାକୁର ରଥ ସମ୍ମୁଖେ ଯାଇ
ଟାଣିଲେ ରଥର ଦଉଡ଼ି ଆନନ୍ଦେ ପ୍ରଭୁ ଜୟଗୀତି ଗାଇ
ପଛରେ ପଛରେ ଶିଷ୍ୟ ଭକତେ ଗଲେ ରଚି ମଙ୍ଗଳ
ଏଇ ସେଇ ନୀଳାଚଳ ।୪।
ପରବାସୀ ହୋଇ ପରଦେଶୀ ସେହି ପରମ ନିଗମାନନ୍ଦ
କାଳ ବିତାଇଲେ ସାଧାରଣ ବେଶେ ଭକତେ ଦେଇ ଆନନ୍ଦ ।
କେହି ନ ଚିହ୍ନିବେ, କେହି ନ ଜାଣିବେ ଯେତିକି ଭାବିଲେ ମନେ
ଦିବ୍ୟତେଜ ବପୁ ଦେଖିଣ ବିସ୍ମୟେ ତେତିକି ଚାହିଁଲେ ଜନେ ।
ସୁହାସ ବଦନେ, କରୁଣ ନୟନେ କି ମାଧୁରୀ ସତେ ଠୁଳ
ଏଇ ସେଇ ନୀଳାଚଳ ।୫।
ସାଗର ଡାକିଲା କୋଳକୁ ଆଦରେ ଢେଉ ଦେଲା ଶିର ଧୋଇ
ଆଦି ସୃଷ୍ଟିର କାରଣ ବାରିରେ ସତେ ଦିବ୍ୟ ତନୁ ଏଇ,
ଚଉକତି ମତ୍ତ ଜଳଧି ଘେରରେ ଥାଇ ସେ କାହାରି ନୁହେଁ
ସବୁରି ପୁଣି ସେ ଶୁଭ ମନାସଇ ସବୁରି ମନରେ ଥାଏ
ସବୁରି ଅନ୍ତରେ ବାସ କରି ତାର କୋଟିଏ କେଶରୀ ବଳ
ଏଇ ସେଇ ନୀଳାଚଳ ।୬।
ମାନୀ ରବି ଯେବେ ଦାନୀପଣେ ଚଳେ ପଶ୍ଚିମ ଘନ ମୁଖେ
ଫେନ ମୁକୁଟିଆ ଲହରୀ ସରାଗେ ଖେଳଇ ସାଗର ବୁକେ
ତଟ ବାହୀପଥେ ସେଇ କମନୀୟ ମୂର୍ତ୍ତିର ଗତି ହେରି
ଦର୍ଶକଜନ ଚିତ୍ତ ଉଠଇ କୌତୂହଳରେ ଭରି
ସଞ୍ଜ ପବନ ପୁଲକ ବିତରେ ନାଚେ ଅନ୍ତର ଥଳ
ଏଇ ସେଇ ନୀଳାଚଳ ।୭।
ସାଧୁ ହରିଦାସେ ମିଳନ ମାନସେ ଯେ ପଥରେ ଦିନେ ଗୋରା
ତୋଟା ଗୋପୀନାଥ ପାଶୁଁ ଗମୁଥିଲେ ହୋଇ ପ୍ରେମ ମତୁଆରା
ରୂପ ସନାତନ ରାୟ ରାମାନନ୍ଦ ସାର୍ବଭୌମ ଆଦି
ପ୍ରେମରେ ବିଭୋର ହୋଇ ନାଚୁଥିଲେ କେବେ ହସି କେବେ କାନ୍ଦି
ଶଙ୍କର ଯହିଁ ଥାପିଥିଲେ ମୁଦେ ମଠ ଆସ୍ଥାନ ଥଳ
ଏଇ ସେଇ ନୀଳାଚଳ ।୮।

ଦିବ୍ୟ ଦୃଷ୍ଟି ଘେନି ସେହି ପଥ ମିଳନ ସ୍ଥଳେ ଠାକୁର
ଛଅଟି ସହସ୍ର ମୁଦ୍ରା ବିନିମୟେ କ୍ରୟ କଲେ ଏକ ଘର ।
ସାଗର ବେଳାରେ ଆଜି ବିରାଜଇ ସେ 'ନୀଳାଚଳ କୁଟୀର'
ଚୌଦ ବରଷର କର୍ମଭୂମି ଏ ନିଗମ ଆନନ୍ଦଙ୍କର
ମଧୁକର ସିନା ମଧୁ ଠାବକରେ ଖୋଜି କାହିଁ ଶତଦଳ
ଏଇ ସେଇ ନୀଳାଚଳ ।୯।

ବହୁ ଗୁଣୀ ଜ୍ଞାନୀ ପାଶରୁ ଦୂରରୁ ଆସି ଠାକୁରଙ୍କ ପାଶ
ବାଢ଼ିଲେ ଚରଚା ଆହରିଲେ ମଧୁ ମେଣ୍ଟାଇ ମନ ପିଆସ ।
ସୁଦୂର ବସ୍ତର ରାଜନ ମିଳିଲେ ରାଣୀ ତୁଲେ ସେଠାବରେ
ଗୁରୁପଦେ ବରି ପୂଜିଲେ ପୟର ମନରେ ଭକତି ଭରେ ।
ସନ୍ଧାନ ପାଇ, କୁଟୀରେ ଭକତେ ବଢ଼ିଲେ ବେଳକୁ ବେଳ
ଏଇ ସେଇ ନୀଳାଚଳ ।୧୦।

ଗୋବିନ୍ଦ, ନୃପାଳ, ଚଇତନ୍ୟ, କ୍ଷୀର, ଲକ୍ଷ୍ମୀଧର, ଏକାଦଶୀ,
ଦୁର୍ଗାଚରଣ, ବନମାଳୀ ଆଦି ଭକତେ ମିଳିଲେ ଆସି ।
ଗିରିଝର ଯେହ୍ନେ ଅଥଳ ସାଗର ମିଳନକୁ ମନାସଇ
ଉତ୍କଳୀ ଭକତେ ମିଳିଲେ କୁଟୀରେ ଠାକୁରଙ୍କ ସେବାଧାୟୀ
ଲୁଟାଇଲେ ଶିର ପ୍ରୀତି ଭକତିରେ ପାସୋରି ନାନା ଜଞ୍ଜାଳ
ଏଇ ସେଇ ନୀଳାଚଳ ।୧୧।

ବଙ୍ଗରେ ସିନା ନିଗମାନନ୍ଦ ଜନମ ଲଭିଲେ ସତେ
ଗୁଣୀ ସାଧକଙ୍କୁ ଯଥାମାନ୍ୟ ଦେଇ ଉତ୍କଳୀୟ ଭକତେ
ନଉକା-ବିହାର କାଳରେ ଏକଦା ଭକ୍ତଜନର ମେଳେ
ମଙ୍ଗଳାଘାଟେ କହିଲେ ଠାକୁର ହସି ହସି ଭାବ ଭୋଳେ
ବଙ୍ଗଳା ମୋର ଭାଷା ବୋଲି କେହି ମନରେ କିଛି ନ ଭାଳ
ଏଇ ସେଇ ନୀଳାଚଳ ।୧୨।

ଭାଷାବୋଧ ନୁହେଁ ବଡ଼କଥା, ଭାବ ବୁଝିବାଟି ହେଲା ମୂଳ
ବଙ୍ଗଳା ଓଡ଼ିଆ ଭାଷା ବୁଝାବୁଝି ପାଇଁକି ନୁହଁ ବିକଳ,
ଜାଣେ ମୁଁ ଭଜନ ପୂଜନ ଗୁଣରେ ଉତ୍କଳୀଏ ବଳିୟାନ
ଗଉରାଙ୍ଗ ଆସି ପୂଜା ପାଇଁ ଯହିଁ ପ୍ରଭୁ ବୋଲି ଆଜି ଧନ୍ୟ ।
ବୁଝି ମୁଁ ଆସିଛି ଗୁଣୀଜନ ପୂଜା ଜାଣେ ଏହି ଉତ୍କଳ
ଏଇ ସେଇ ନୀଳାଚଳ ।୧୩।

ଜନମ ଦିନରେ ଭେଟିଲେ ତାହାଙ୍କୁ ଭକତମଣ୍ଡଳୀ ଥରେ
ହସ ହସ ହୋଇ କହିଲେ ଠାକୁର ସେଦିନ ଅତି ଆଦରେ ।
ବଙ୍ଗରୁ ମୁହିଁ ଆସିଲି ବିଚାରି ଗୋପନେ ରହିବି ବୋଲି
ଆଜି ଏ ମିଳନେ କହିବି ବିଚାରେଁ ଅନ୍ତର ମୋର ଖୋଲି
ଏତେଦିନ ଯାହା ଲୁଚାଇ ରଖିଛି ହେଲା ତା ପ୍ରକାଶକାଳ
ଏଇ ସେଇ ନୀଳାଚଳ ।୧୪।

ଭକତିଧାରାର ପ୍ରଚାର ପାଇଁକି ବିଚାରୁଛି ମୋର ମନ
'ନୀଳାଚଳ ସାରସ୍ୱତ ସଂଘ' ନାମେ ଗଢ଼ ଏକ ଅନୁଷ୍ଠାନ,
ମାଧ୍ୟମେ ତା'ର ଆତ୍ମ-ଗଠନ କର ରାଧା ଅନୁସରି
ସବୁରି ଧରମେ କରମେ ମନନେ ସାମ୍ୟଟି ସାର କରି
ଏକ ହେଉ ମନ, ସାଧନ ପୂଜନ, କରି ଚିର ସମ୍ବଳ
ଏଇ ସେଇ ନୀଳାଚଳ ।୧୫।

ନିଷ୍ଠାରେ ରହି, ଆଦର୍ଶ ଗୃହସ୍ଥ ଜୀବନ ଗଠନ କର
ସଂଘବଦ୍ଧ ହୁଅ ମନରୁ ସକଳ ସନ୍ଦେହ କରି ଦୂର ।
ଭାବ ବିନିମୟ ପାଇଁ କି ନିରତ ହୋଇଥାଅ ତତପର,
ଏ ତିନି ସତ୍ୟବାଣୀର ସାଧନ ଜୀବନ ହେଉ ସାର ।
ଚିନ୍ତା ସତତ, କର ହେ ସରବେ ଜଗତର ମଙ୍ଗଳ
ଏଇ ସେଇ ନୀଳାଚଳ ।୧୬।

ଭକତେ କହିଲେ, ଆସାମେ ବସୁଛି ଭକତଙ୍କ ସମ୍ମିଳନୀ
ଦେଖିବାକୁ ମନ ବଳଇ ସବୁରି ଠାକୁରଙ୍କ ଆଜ୍ଞା ଘେନି ।
'ଯିବା ଲୋଡ଼ା କିସ' ଉତ୍କଳେ କର ସମ୍ମିଳନୀ ଆବାହନ
ଆସାମେ ଯାଇ ମୁଁ ପ୍ରତିନିଧି ରୂପେ କରିବି ହେ ନିମନ୍ତ୍ରଣ ।
କହିଲେ ଠାକୁର ଆସିବେ ଭକତେ ହୋଇବେ ଉତ୍କଳେ ଠୁଳ
ଏଇ ସେଇ ନୀଳାଚଳ ।୧୭।

ଯାହା କହିଗଲେ ତାହା କରି ତହିଁ ଓଡ଼ିଶାକୁ ବାହୁଡ଼ିଲେ
ବରଷକ ପରେ ସମ୍ମିଳନୀ ପାଇଁ ବ୍ୟବସ୍ଥା କର ବୋଇଲେ ।
ଏଡ଼େବଡ଼ ସିଦ୍ଧ ପୁରୁଷ ବୋଲି ସେ ଆନେ ନପାରନ୍ତୁ ବାରି
ଏତେ ଭାଳି ମନେ ସଦା ସାବଧାନେ ଦିନ ନେଉଥାନ୍ତି ହରି
ରସିକ ବର ସେ ରସରାଜଙ୍କର ଅନୁଗତ ଚିରକାଳ
ଏଇ ସେଇ ନୀଳାଚଳ ।୧୮।

ଯେତେ ରୂପ ଥାଇ ଯେତେ ବେଶ ହୋଇ
ଯେତେ ଘୋଡ଼ାଇଲେ ହେଲେ
ଭସ୍ମ ଆଚ୍ଛାଦିତ ଅଗ୍ନିର ତେଜ କି ଲୁଚି ରହିପାରେ ଭଲେ ?
ରିକ୍‌ସାରେ ବସି ଭ୍ରମଣ କାଳରେ ତାହାଙ୍କୁ ଭେଟିଛି ଯିଏ,
ବେଶ ପରିପାଟୀ ଦେଖି ସେ କହିବ ଅସଲ ନାଗରଟିଏ ।
ଚିହ୍ନରା ଗରାଖ ବାରେ ସିନା କିଏ ରସାଳ କେ ମହାକାଳ
ଏଇ ସେଇ ନୀଳାଚଳ ।୧୯।

ବରଷ ପୂରଣ ପାଇଁକି ଅଳପ କାଳ ବାକି ରହିଥାଏ
ଠାକୁର କହିଲେ ଶରୀର ତାଙ୍କର ଅବସନ୍ନ ବୋଧହୁଏ ।
ଏ ସମ୍ବାଦ ପାଇ ବଙ୍ଗରୁ ଭକତେ ତୁରନ୍ତ ଆସିଲେ ଧାଇଁ,
ସ୍ୱାସ୍ଥ୍ୟ ପରଖ ପାଇଁ ଠାକୁରଙ୍କୁ ବଙ୍ଗଳାକୁ ନେବାପାଇଁ
ଓଡ଼ିଶା ଭକତେ ଶୁଣି ବିଚାରିଲେ ଦଇବର ଏ କି ଖେଳ
ଏଇ ସେଇ ନୀଳାଚଳ ।୨୦।

ସ୍ଥିର ହେଲା ଯହୁଁ ବଙ୍ଗଳା ଯିବାର ପୁରୀରେ ଭକତ ବୃନ୍ଦ
କେବେ ବାହୁଡ଼ିବେ ବୋଲି ପଚାରିଲେ ହୋଇ ଅତି କାନ୍ଦ କାନ୍ଦ ।
ଠାକୁର କହିଲେ, ବିଚାରୁଛି ଯେଉଁ ଶକ୍ତି ଘେନି ଆସିଥିଲି
ଏ ମୋ ସ୍ଥୂଳ ଦେହ ତାହା ବହିବାରେ ଉପଯୋଗୀ ନୁହେଁ ବୋଲି ।
ମନେ ଭାଲେ ତେଣୁ ବାହୁଡ଼ିବି ଘେନି ତହି ପାଇଁ ନବ ବଳ,
ଏଇ ସେଇ ନୀଳାଚଳ ।୨୧।

ଦେଖିବ ସେକାଳେ 'ମୁଁ' ମଲେ ନିଶ୍ଚୟ ବାହୁଡ଼ି ଆସିବି ପୁଣି,
ଭଲରୂପେ ସେବେ ଦେଖାଚାହାଁ ହେବ ଏକଥା ରଖିଥା ଜାଣି ।
ଅବସର ବେଳେ 'ଜୟଗୁରୁ' ଜପି ଅନୁଭବରେ ବାରିବ,
ଶୟନ ସମୟେ ସେନାମ ଜପୁଛ ଏକଥା ଆନ ନୋହିବ ।
ଏ ରୂପେ 'ମୁଁ' ଫୁଟି ଦିଶିବ ନିଶ୍ଚୟ ଆସିଯିବ ସେହି କାଳ
ଏଇ ସେଇ ନୀଳାଚଳ ।୨୨।

ଆହୁରି କହିଲେ ଚଳାଅ ଉତ୍ସାହେ ସମ୍ମିଳନୀ ଆୟୋଜନ
ସମାଧିସ୍ଥ ହେବି ବୋଲି ଅନୁକ୍ଷଣ ବିଚାରୁ ଅଛି ମୋ ମନ ।
ଯେଉଁ ରୂପେ ହେଉ ତୁମ୍ଭ ସନ୍ନିଧିକୁ ବାହୁଡ଼ିବି ସାତଦିନେ,
ଯାହା ମୁଁ କହୁଛି ତାହା ମୁଁ କରିବି ଆନ ନ ବିଚାର ମନେ
ସ୍ଥୂଳ ରୂପେ ଅବା ସୂକ୍ଷ୍ମ ରୂପେ ନିଶ୍ଚେ ହେବ ସେ ମିଳନକାଳ
ଏଇ ସେଇ ନୀଳାଚଳ ।୨୩।

ରବି ଥାଉଁ ଥାଉଁ ନଭରେ ସେଦିନ ଅନ୍ଧାର ଘେରିଲା ସତେ,
ଦରିଆ ପବନ ଅଚଳ ହେବାର ସମାନ ହେଲା ପରତେ ।
ଝାଉଁବଣେ ଆଉ ଚଳ ଚଞ୍ଚଳ ପତର ଦୋଳନ ନାହିଁ,
ଓଡ଼ିଆ ଭକତ ତୁଣ୍ଡରୁ କାହାରି କଥାପଦେ ନ ଫୁଟଇ ।
ଅପାସୋରା ହୋଇ ରହିଛି ରହିବ ସେଦିନ ବିଦାୟ ବେଳ
ଏଇ ସେଇ ନୀଳାଚଳ ।୨୪।

ପୁରୀରୁ ବିଦାୟ ଦିନ ସାୟାହ୍ନରେ ନିତିଦିନ ରୀତି ଧରି,
ରିକ୍‌ସାରେ ବସି ଦରିଆ କୂଳର ପଥେ ବାହାରିଲେ ବୁଲି ।
କୁଟୀର ବାହୁଡ଼ା ପଥରେ ଠାକୁର କହିଲେ ଭକତଗଣେ
ମନ ହେଉଅଛି ଟିକିଏ ମୋହର ଜଗନ୍ନାଥ ଦରଶନେ ।
ସିଂହ ଦୁଆରରେ ଅଟକି ରହିଲା ରିକ୍‌ସାଟି କିଛିକାଳ
ଏଇ ସେଇ ନୀଳାଚଳ ।୨୫।

ପତିତପାବନେ ଅନାଇ ରହିଲେ ଅନିମେଷ ନୟନରେ,
କହିଲେ ଠାକୁର କଥା ଦୁଇପଦ ତହୁଁ କିଛିକାଳ ପରେ ।
ଏହି ମୋର ଆଜି ଜଗନ୍ନାଥଙ୍କର ଶେଷ ଦରଶନ ହେଲା,
ଦଣ୍ଡେ ଆଉ ତହି ଉଛୁର ନ କରି ପଥରେ ରିକ୍‌ସା ଗଲା ।
ଏ ବାଣୀ ଶ୍ରବଣେ ଭକତଙ୍କ ଆଖି ନୀରେ ହେଲା ଛଳଛଳ
ଏଇ ସେଇ ନୀଳାଚଳ ।୨୬।

ଦିନ ଦିନ କରି ସାତଦିନ ଗଲା ଚାହିଁ ବାହୁଡାଣି ପଥ,
ଗଲା ପୁତ୍ର ଆଉ ବାହୁଡ଼ି ନଇଲା ଅଫେରା ରୁକୁଣାରଥ ।
କାନ୍ଦିଲେ ଯଶୋଦା, କାନ୍ଦିଲେ ଗୋପୀଏ, ଅନ୍ଧକାର ବୃନ୍ଦାବନ
ପରମ ପୁରୁଷ ଖେଳ କେ ବୁଝିବ ଗତି ତା ଅତି ଗହନ ।
ଏ ଦୁନିଆଁ ପରା ରଙ୍ଗ ଭୂମି ତା'ର ଚଉଦିଗେ ତା'ର ଖେଳ
ଏଇ ସେଇ ନୀଳାଚଳ ।୨୭।

ବୃନ୍ଦାବନେ ଯେବେ ନିତି ନିତ୍ୟଲୀଳା ରଚୁଥାଆନ୍ତେ ସେ ବସି,
ଗୀତା ଦିବ୍ୟଜ୍ଞାନ କାହୁଁ ପାଇଥାନ୍ତେ ସତେ ଏ ମରତବାସୀ ।
ଜଣକର ସେ'ତ ଧରାବନ୍ଧା ନୁହେଁ ଜଗତର ଗୁରୁ ସେ ଯେ,
ଅଙ୍ଗିଲା କରିବ ଜଗତେ କେ ତାକୁ କୋଳାଇ ଧରିବ ସେ ଯେ ।
ଚିଦାନନ୍ଦମୟ ଅକ୍ଷୟ ଅବ୍ୟୟ ବ୍ୟାପ୍ତ ସେ ଯେ ଚରାଚର
ଏଇ ସେଇ ନୀଳାଚଳ ।୨୮।

ଅଶନି ପଡ଼ିଲା ସରି ସମ୍ବାଦ ମିଳିଲା ନୀଳାଚଳରେ,
ଦେହରକ୍ଷା କଲେ ଠାକୁର ଏକାଳେ ନଗରୀ କଲିକତାରେ ।
ଧାଇଁଲେ ବିକଳେ ଦୁର୍ଗାଚରଣ ଭାଇ, ବନମାଳୀ ଭାଇ,
କି କରିବେ କିବା ହେବ ଭଳିବାର ଶକତି ତିଳେହେଁ ନାହିଁ ।
କଲିକତାଠାରେ ଭକତ ସମାଜେ ପଡ଼ିଲା ବହୁ ବିଚାର
ଏଇ ସେଇ ନୀଳାଚଳ ।୨୯।

ସିଦ୍ଧାନ୍ତ ହୋଇଲା ଦେବଙ୍କର ସମାଧିପୀଠ ସ୍ଥଳରେ,
ଭକ୍ତସମ୍ମିଳନୀ ବସିବ ସେ ବର୍ଷ ଆଶ୍ରମ ହାଲିସହରେ ।
ତହିଁ ପରବର୍ଷ ଭକ୍ତସମ୍ମିଳନୀ ପୁରୁଷୋତ୍ତମେ ବସିବ
ଇଚ୍ଛା କରିଥିଲେ ଠାକୁର ଯେପରି ସେହିପରି କାର୍ଯ୍ୟ ହେବ ।
ସେହି କଥାଭଳି ପୁରୀ ସମ୍ମିଳନୀ ଆୟୋଜିଲେ ଭକ୍ତଜନ
ଏଇ ସେଇ ନୀଳାଚଳ ।୩୦।

ଦିନ ଦିନ କରି କାଳ ଗଡ଼ିଗଲା ଭକତ ସମାଜ ଯେତେ,
ସମ୍ମିଳନୀ ଲାଗି କଲେ ଆୟୋଜନ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରେ ।
ନିକଟ ହୋଇଲା 'ଭକ୍ତସମ୍ମିଳନୀ' ବାକି ଆଉ ସାତଦିନ,
ଦୁର୍ଗାଚରଣ ଭାଇ ଶୋଇଥିଲେ ତନ୍ଦ୍ରାଘେରା ନୟନ ।
ନିଶାନ୍ତ ସପନେ ହେରିଲେ ସେଦିନ ଠାକୁରଙ୍କୁ ଅବିକଳ
ଏଇ ସେଇ ନୀଳାଚଳ ।୩୧।

ପୁଚ୍ଛାକଲେ ଦୁର୍ଗାଭାଇ ଠାକୁରଙ୍କୁ ଏ ତ ବଡ଼ ଆଚମ୍ବିତ,
ସ୍ଥୁଳ ଶରୀରରେ କିପରି ଆପଣ ଆସି ହେଲେ ଉପଗତ !
ସହାସ୍ୟ ବଦନେ କହିଲେ ଠାକୁର ସ୍ଥୁଳ ଦେହ ସିନା ନାହିଁ,
ବିଚାର ନ କର ମରିଛି ବୋଲି ମୁଁ ତୁମ ମଧ୍ୟେ ଅଛି ରହି ।
କହିଥିଲି ପରା ଫେରି ଆସିବି ମୁଁ, ସେ କଥା କି ଭୁଲିଗଲ,
ଏଇ ସେଇ ନୀଳାଚଳ ।୩୨।

ମହାସମାରୋହେ 'ଭକ୍ତସମ୍ମିଳନୀ' ବସିଲା ପୁରୀ ସହରେ
ବଙ୍ଗଳା ବିହାର ନାନା ପ୍ରାନ୍ତରୁ ଭକତେ ଆସି ମିଳିଲେ ।
କୁଟୀରରୁ ବିଜେ କରାଇ ଭକତେ ଠାକୁରଙ୍କ ପ୍ରତିକୃତି,
ମଣ୍ଡପେ ଥାପିଲେ ସିଂହାସନେ ନେଇ ଜଣାଇ ପ୍ରୀତିପ୍ରଣତି ।
ସମ୍ମିଳନୀ ଶେଷେ ବାହୁଡ଼ାଇ ନେଲେ ପ୍ରତିଦିନ ପ୍ରାତଃକାଳ
ଏଇ ସେଇ ନୀଳାଚଳ ।୩୩।

ଅର୍ଦ୍ଧପଥେ ବଡ଼ଦାଣ୍ଡେ ଯେତେବେଳେ ବିଜେ କରିଲେ ଠାକୁର
ଏ କି ଆଚମ୍ବିତ ପ୍ରତିକୃତି ପଟେ ଦେଖାଦେଲା ବିନ୍ଦୁ ଝାଳ ।
ପଡ଼ିଥିଲା ଖରା ଶ୍ରୀଅଙ୍ଗରେ ତାହା କାହାରି ମନରେ ନାହିଁ,
ଝୁରିପଡ଼ିଗଲା ଏ କି ହେଲା ବୋଲି ସଭିଏଁ ରହିଲେ ଚାହିଁ ।
ବିଚାରି ମାନସେ କରିଦେଲେ ବେଗେ ତହିଁ ଛତ୍ର ଆଡୁଆଳ
ଏଇ ସେଇ ନୀଳାଚଳ ।୩୪।

ବିଦେହୀର ଦେହ ବାରି ଭକ୍ତବୃନ୍ଦ ପୋଛିଦେଲେ ଶ୍ରମ ଝାଳ
ଠାକୁରଙ୍କ ସେହି ପ୍ରଶାନ୍ତ ବଦନ ସେଇ ନେତ୍ର ଢଳଢଳ ।
ଆଖି ଆଗେ ଆଗେ ସଚଳ ପ୍ରତିମା ସମାନ ଉଠଇ ଫୁଟି,
ମୁଖେ ଭାଷା ନାହିଁ ବିଜେ କରାଇଲେ ନେଇ ନୀଳାଚଳ କୁଟୀ ।
ତାଙ୍କରି ଆଦେଶ ତାଙ୍କରି କରୁଣା ଘେନି ବଢ଼ିଗଲା ଦଳ
ଏଇ ସେଇ ନୀଳାଚଳ ।୩୫।

ତିନି ସତ୍ୟବାଣୀ ତାଙ୍କ ଶ୍ରୀମୁଖର ଗୁରୁ-ଉପଦେଶ ଯାହା,
ଗୀତାଭାଷ୍ୟ ସରି ଅମୃତ ବିତରେ ଆଜି ଏ ଜଗତେ ତାହା ।
ନାହିଁ ଭେଦ ଜ୍ଞାନ ଭାବ ବିନିମୟ ଭକତମଣ୍ଡଳୀ ମନେ,
ସେ କାଳୁଁ ଭକତ ସମ୍ମିଳନୀ ବସେ ଉତ୍କଳରେ ଶୁଭଦିନେ ।
ଭିକ୍ଷା ଏତିକି ତାଙ୍କରି ଆଶିଷ ନିରତ ହେଉ ସଫଳ
ଏଇ ସେଇ ନୀଳାଚଳ ।୩୬।

◆◆◆

ଜୟଗୁରୁ

ନୀଳାଚଳ ସାରସ୍ୱତ ସଂଘ, ପୁରୀ

କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗଙ୍କ ଦ୍ୱାରା ପ୍ରକାଶିତ

ପୁସ୍ତକ-ସୂଚୀ

ନିଗମ ଗ୍ରନ୍ଥମାଳା

- * ଶ୍ରୀଶ୍ରୀଠାକୁର ନିଗମାନନ୍ଦ
- ଶ୍ରୀଶ୍ରୀଠାକୁର ନଗମାନନ୍ଦ (ହିନ୍ଦୀ)
- ନିଗମ-ଲହରୀ
- ନିଗମ-ତତ୍ତ୍ୱ
- ନିଗମ ଉପଦେଶ
- ନୀଳାଚଳବାଣୀ
- ସଂସାର-ପଥେ (ଭାବନା)
- ସଂସାର-ପଥେ (ସିଦ୍ଧିଯୋଗ)
- ସଂସାର-ପଥେ (ସାଧନା)
- ସଂସାର-ପଥେ (ସଂଗ୍ରାମ)
- ଭକ୍ତ-ସମ୍ମିଳନୀ
- * ସାରସ୍ୱତ ସଂଘନୀତି
- ସତୀଚରିତମାଳା (୧,୨,୩ ଏକତ୍ର)
- ଶ୍ରୀଶ୍ରୀ ନିଗମାନନ୍ଦ କଥାମୃତ (୧,୨)
- ଶ୍ରୀଶ୍ରୀ ନିଗମାନନ୍ଦ କଥାସଂଗ୍ରହ (୧,୨)
- ତତ୍ତ୍ୱମାଳା
- ବେଦାନ୍ତ-ବିବେକ
- ପ୍ରେମିକଗୁରୁ—ଏକ ଅଧ୍ୟୟନ
- ଶ୍ରୀଶ୍ରୀ ଗୁରୁଗୀତା
- ସାରସ୍ୱତ ପନ୍ଥା
- ସାରସ୍ୱତ ଦୀକ୍ଷା
- ନାମାମୃତ (୧ମ, ୨ୟ,୩ୟ)
- ନିରାଜନା
- ସାରସ୍ୱତ ସତୀ ନୀତି
- ପ୍ରଣତି ଶତକ(୧,୨,୩,୪,୫ ଏକତ୍ର)
- ପ୍ରାର୍ଥନା ଶତକ
- ନିଗମ-ସଙ୍ଗୀତ

ସାଧୁଚରିତମାଳା

- * ଭଗବାନ ଶଙ୍କରାଚାର୍ଯ୍ୟ

(ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାରପ୍ରାପ୍ତ)

ଶ୍ରୀମତୀ ନାରାୟଣୀ ଦେବୀଙ୍କ ପ୍ରଣୀତ

- ଶ୍ରୀଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ (୧ମ, ୨ୟ)
- ପିଲାଙ୍କ ନିଗମାନନ୍ଦ
- ନୀଳାଚଳବାଣୀ (ବଙ୍ଗଳା)

ସାରସ୍ୱତ ଗ୍ରନ୍ଥମାଳା

* ବ୍ରହ୍ମଚର୍ଯ୍ୟ ସାଧନ (ଓଡ଼ିଆ)
* ଯୋଗୀଗୁରୁ (ଓଡ଼ିଆ)
* ଜ୍ଞାନୀଗୁରୁ (ଓଡ଼ିଆ)
* ତାନ୍ତ୍ରିକଗୁରୁ (ଓଡ଼ିଆ)
* ପ୍ରେମିକଗୁରୁ (ଓଡ଼ିଆ)

ଉତ୍କଳରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଓ ଭାଇ ଦୁର୍ଗାଚରଣ (୧ମ,୨ୟ,୩ୟ,୪ର୍ଥ)

ପୁରାତନ ସଂଘ-ସେବକ—ବର୍ଷ ପ୍ରତି ଟ୮୦.୦୦

* ଚିହ୍ନିତ ପୁସ୍ତକମାନ ଡି.ପି.ଆଇଙ୍କ ନଂ 27983 (471) Dated 23.9.59 ଓ ନଂ 37154(58) Dated 28.12.71 ବିଜ୍ଞାପନ ଦ୍ୱାରା ପ୍ରାଇଜ୍-ଲାଇବ୍ରେରୀ ପୁସ୍ତକ ରୂପେ ଗୃହୀତ ।

ଅନ୍ୟାନ୍ୟ ସହଯୋଗୀ ପୁସ୍ତକ

ଶ୍ରୀଗୁରୁ

ଭାଇ

ଶ୍ରୀଶ୍ରୀଠାକୁର ନିଗମାନନ୍ଦ (ଜନ୍ମଲୀଳା ଓ ବାଲ୍ୟଲୀଳା)

ସଂଘସେବୀର ଆଦର୍ଶ ଓ ଆଚରଣ ବିଧି

ନୀଳାଚଳ ସାରସ୍ୱତ ସଂଘ ଇତିହାସ

ଆଦର୍ଶ ଗୁରୁପ୍ରାଣ ଦୁର୍ଗାଚରଣ ଭାଇ

ସାର୍ବଭୌମ ଗୁରୁ ଶ୍ରୀଶ୍ରୀ ଠାକୁର ଓ ପରିଚାଳକ

ଯୋଗାଯୋଗ ଠିକଣା

Nilachala Saraswata Sangha, Puri

Kendra Asana Mandira, Biratunga

At/P.O.- Biratunga, Dist-Puri

Pin-752116